ପଣ୍ଡିତ ବିଷ୍ଣୁଶର୍ମା ବିରଚିତ

ପଞ୍ଚତନ୍ତ୍ର

ପଣ୍ଡିତ ବିଷ୍ଣୁଶର୍ମା ବିରଚିତ

ପଞ୍ଚତନ୍ତ୍ର

[ପାଞ୍ଚଟିଯାକ ତନ୍ତ୍ର ଏକତ୍ର – ସମ୍ପୂର୍ଣ୍ଣ ଗ୍ରନ୍ଥ ।]

ଅନୁବାଦକ

ଅଧ୍ୟାପକ ଶ୍ରୀଧର ଦାସ

ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ–୨

ପ୍ରକାଶକ : ମନୋଜ କୁମାର ମହାପାତ୍ର
ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ-୨

ମୁଦ୍ରକ : ତପନ କୁମାର ମହାପାତ୍ର
ଅପ୍ରତିମା ଅଫ୍‌ସେଟ୍ ପ୍ରିଣ୍ଟସ୍
ସୂତାହାଟ, କଟକ - ୭୫୩ ୦୦୧
ଦୂରଭାଷ: (୦୬୭୧) ୨୨୦୪୧୪୮

ସମସ୍ତ ମୂଳ ଶ୍ଲୋକ ସହ
ପରିବର୍ଦ୍ଧିତ ଓ ପରିମାର୍ଜିତ
ନୂତନ ସଂସ୍କରଣ ୨୦୦୧
ଦ୍ୱିତୀୟ ମୁଦ୍ରଣ ୨୦୦୯
ତୃତୀୟ ମୁଦ୍ରଣ ୨୦୧୩

ମୂଲ୍ୟ : ଟ. ୨୭୦.୦୦

ପ୍ରିୟ ଶ୍ରୀଧରବାବୁ,

ସଂସ୍କୃତ ସାହିତ୍ୟ ସମ୍ଭାର ଗ୍ରନ୍ଥମାଳାରେ ସଂସ୍କୃତ ସାହିତ୍ୟର ମହତ୍ତ୍ୱପୂର୍ଣ୍ଣ ଗ୍ରନ୍ଥମାନ ଓଡ଼ିଆ ଭାଷାରେ ପ୍ରକାଶକରି ଆମ ସାହିତ୍ୟକୁ ସମୃଦ୍ଧ କରିବାର ପରିକଳ୍ପନା ଆପଣଙ୍କର ଥିଲା । ଏ ଉଦ୍ୟମ ଆରମ୍ଭ କରିଦେଇ ଆପଣ ଆରପାରିକୁ ଚାଲିଗଲେ ।

ଆପଣଙ୍କ ସ୍ମୃତିରେ ମୋର ଏ ଗ୍ରନ୍ଥ ଉତ୍ସର୍ଗ କରୁଛି ।

ଆପଣଙ୍କର

ଶ୍ରୀଧର ଦାସ

ପ୍ରକାଶକୀୟ

ସଂସ୍କୃତ ସାହିତ୍ୟର ଲୋକପ୍ରିୟ ଗ୍ରନ୍ଥ **'ପଞ୍ଚତନ୍ତ୍ର'**ର ଏହି ପରିମାର୍ଜିତ ଓ ପରିବର୍ଦ୍ଧିତ ନୂତନ ସଂସ୍କରଣ ଓଡ଼ିଶାର ପାଠକମାନଙ୍କୁ ଦେଇପାରିଥିବାରୁ ଆମେ ଆନନ୍ଦିତ । ବହିଟିକୁ ନିର୍ଭୁଲ କରିବା ପାଇଁ ଡକ୍ଟର ଭଗବାନ ପଣ୍ଡା, ପଣ୍ଡିତ ଶ୍ରୀ ସୁରେନ୍ଦ୍ରନାଥ ଆଚାର୍ଯ୍ୟ ଓ ପ୍ରବୀଣ ପ୍ରୁଫ୍-ସଂଶୋଧକ ଶ୍ରୀ ତ୍ରିଲୋଚ଼ନ ଦ୍ୱିବେଦୀ ଆମକୁ ବହୁଭାବେ ସାହାଯ୍ୟ କରିଛନ୍ତି । ସେମାନଙ୍କର ଏ ଉଦାରତା ପାଇଁ ଆନ୍ତରିକ କୃତଜ୍ଞତା ଜଣାଉଛୁ । ତାହା ବ୍ୟତୀତ ଡକ୍ଟର ଭଗବାନ୍ ପଣ୍ଡା **'ପଞ୍ଚତନ୍ତ୍ର'** ଗ୍ରନ୍ଥ ସମ୍ପର୍କରେ ବହୁ ଜ୍ଞାତବ୍ୟ ବିଷୟର ସୂଚ଼ନା ଦେଇ ଏକ ଉପାଦେୟ ମୁଖବନ୍ଧ ଲେଖି-ଦେଇଛନ୍ତି । ତାହାଙ୍କର ଏ ସହଯୋଗ ପାଇଁ ମଧ୍ୟ ଆମେ କୃତଜ୍ଞ ।

ଗ୍ରନ୍ଥଟି ପାଠକଙ୍କଦ୍ୱାରା ଆଦୃତ ହେଲେ ଆମେ ଆନନ୍ଦିତ ହେବୁ ।

ବିନୀତ

ପ୍ରକାଶକ

ମୁଖବନ୍ଧ

ଭାରତର ସଂସ୍କୃତ ସାହିତ୍ୟ ଇତିହାସରେ **ପଞ୍ଚତନ୍ତ୍ର** ଏକ ଅତୁଳନୀୟ ଉପାଦେୟ ଗ୍ରନ୍ଥ ରୂପେ ଗୃହୀତ ହୋଇଛି । ବିଗତ ପ୍ରାୟ ପନ୍ଦରଶହ ବର୍ଷ ଧରି ଏହି ଗ୍ରନ୍ଥ ସମଗ୍ର ପୃଥିବୀରେ ଭାରତୀୟବିଦ୍ୟାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଆସିଛି । ମହାଭାରତ ଓ ରାମାୟଣ ପରି ପଞ୍ଚତନ୍ତ୍ର ଏହି ସୁଦୀର୍ଘକାଳ ମଧ୍ୟରେ ବହୁଧା ପରିବର୍ଦ୍ଧିତ, ପରିମାର୍ଜିତ ଓ ସଂଯୋଜିତ ହୋଇଆସିଛି । ବିଦେଶୀ ପଣ୍ଡିତମାନଙ୍କ ମତ ଅନୁସାରେ ପଞ୍ଚତନ୍ତ୍ରର ମୂଳରୂପ କାଳର କରାଳ ଗର୍ଭରେ ଲୀନ ହୋଇ ସାରିଥିଲେ ବି ଉପଲବ୍ଧ ବିବିଧ ପାଠ ଆଧାରରେ ଏହା ଭାରତ ଓ ଭାରତ ବାହାରେ ବିଭିନ୍ନ ସଂସ୍କରଣରେ ପ୍ରକାଶିତ ହୋଇଆସୁଛି । ତେଣୁ ପଞ୍ଚତନ୍ତ୍ରର ଉପାଦେୟତା କିପରି ଥିଲା ଓ ଏବେ ବି କିପରି ଅଛି ତାହା ସହଜରେ ଅନୁମେୟ ।

ସମଗ୍ର ପୃଥିବୀରେ ବାଇବେଲ ପରେ ପଞ୍ଚତତନ୍ତ୍ର ହିଁ ସର୍ବାଧିକ ଲୋକପ୍ରିୟତା ଅର୍ଜନ କରିଛି । ଭାରତର ସବୁ ଭାଷାରେ ତଥା ପୃଥିବୀର ପ୍ରାୟ ପଚାଶଟି ପ୍ରସିଦ୍ଧ **ଓ ପ୍ରଧାନ ଭାଷାରେ ଏହାର ଦୁଇଶହରୁ ଅଧିକ ସଂସ୍କରଣ ଅଦ୍ୟାବଧି ପ୍ରକାଶ** ପାଇସାରିଛି । ଖ୍ରୀଷ୍ଟୀୟ ଷଷ୍ଠ ଶତାବ୍ଦୀ (୫୩୧ – ୫୭୯ ଖ୍ରୀଷ୍ଟାବ୍ଦ) ମଧ୍ୟରେ ଏହା ପ୍ରଥମେ ପହ୍ଲବୀ ଭାଷାରେ ଅନୂଦିତ ହୋଇ 'କରଟକଦମନକ କଥା' ନାମରେ ପ୍ରକାଶ ପାଇଥିଲା । ଏହା ବର୍ତ୍ତମାନ ଉପଲବ୍ଧ ନୁହେଁ । ପଞ୍ଚତନ୍ତ୍ରର ସାଂପ୍ରତିକ ସଂସ୍କରଣଗୁଡ଼ିକ ସିରିଆ ଭାଷାର ଅନୁବାଦ (୫୭୦ ଖ୍ରୀ: ଅ:) ଓ ପାର୍ଶୀ ଅନୁବାଦ (୭୫୦ ଖ୍ରୀ : ଅ:) ଉପରେ ଆଧାରିତ ବୋଲି ଗବେଷକମାନେ ମତ ପ୍ରଦାନ କରନ୍ତି । ପଞ୍ଚତନ୍ତ୍ରର ଅନ୍ୟ ପ୍ରସିଦ୍ଧ ନାମ ହେଉଛି ତନ୍ତ୍ରାଖ୍ୟାୟିକା, ପଞ୍ଚାଖ୍ୟାନକ, ପଞ୍ଚାଖ୍ୟାନୋଦ୍ଧାର ଓ ପଞ୍ଚୋପାଖ୍ୟାନ । ଜୈନସାଧୁ ପୂର୍ଣ୍ଣଭଦ୍ର (୧୧୯୯ ଖ୍ରୀ: ଅ:) ଓ ମେଘବିଜୟ (୧୬୬୦ ଖ୍ରୀ: ଅ:) ଏହାର ସଂସ୍କାର ଓ ପରିବର୍ତ୍ତନ କରିଥିବା ଜଣାଯାଏ । କାଶ୍ମୀର ଅଞ୍ଚଳରେ ପ୍ରଚଳିତ 'ତନ୍ତ୍ରାଖ୍ୟାୟିକା' ମୂଳ ପଞ୍ଚତନ୍ତ୍ରର ଅଧିକ ନିକଟବର୍ତ୍ତୀ ବୋଲି ଆଲୋଚକମାନେ ମତ ଦେଇଛନ୍ତି । ସେ ଯାହାହେଉ, କବି ସୋମଦେବଙ୍କ (୧୦୮୧ ଖ୍ରୀ : ଅ:) 'କଥାସରିତସାଗର', କ୍ଷେମେନ୍ଦ୍ରଙ୍କ (୧୦୯୦ ଖ୍ରୀ: ଅ:) 'ବୃହତ୍କଥାମଞ୍ଜରୀ', ନାରୟଣଙ୍କ (୧୩୭୫ ଖ୍ରୀ: ଅ:) 'ହିତୋପଦେଶ', ଅନନ୍ତଭଟ୍ଟଙ୍କ 'ପଞ୍ଚୋପାଖ୍ୟାନ' ପ୍ରଭୃତି ଗ୍ରନ୍ଥକୁ ପଞ୍ଚତନ୍ତ୍ରର ରୂପରୂପାନ୍ତର ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ।

ପଣ୍ଡିତ ବିଷ୍ଣୁଶର୍ମା –

ପଞ୍ଚତନ୍ତ୍ର ଆରମ୍ଭରେ ଦେବଦେବୀଙ୍କ ଉଦ୍ଦେଶ୍ୟରେ ରଚିତ ମଙ୍ଗଳାଚରଣ ପରେ ଗ୍ରନ୍ଥକାର କହିଛନ୍ତି –

ସକଳାର୍ଥଶାସ୍ତ୍ରସାରଂ ଜଗତି ସମାଲୋକ୍ୟ ବିଷ୍ଣୁଶର୍ମ୍ମେଦମ୍ ।
ତନ୍ତ୍ରୈଃ ପଞ୍ଚଭିରେତଚ୍ଚକାର ସୁମନୋହରଂ ଶାସ୍ତ୍ରମ୍ ।।

ଏହି ଶ୍ଳୋକରୁ ପଣ୍ଡିତ ବିଷ୍ଣୁଶର୍ମା ଆଲୋଚ୍ୟ ପଞ୍ଚତନ୍ତ୍ର ଗ୍ରନ୍ଥ ରଚନା କରିଥିବା ଜଣାଯାଏ । କିନ୍ତୁ ବୈଦେଶିକ ପଣ୍ଡିତମାନେ ଗ୍ରନ୍ଥକାରଙ୍କ ନାମ ସମ୍ବନ୍ଧରେ ସନ୍ଦେହ ପୋଷଣ କରିଥିବା ଦେଖାଯାଏ । ସେମାନେ ବିଚାରିଥିଲେ ବିଷ୍ଣୁଶର୍ମା ଜନୈକ ବ୍ୟକ୍ତି ବିଶେଷଙ୍କ ନାମ ହେବା ସମ୍ଭବ ନୁହେଁ । ଏପରି ସନ୍ଦେହ କରିବାର କାରଣ କଣ ଥିଲା ତାହା ସେହିମାନେ ଜାଣନ୍ତି । ଯଦି ବିଷ୍ଣୁଶର୍ମା ଓଡ଼ିଆ ନ ହୋଇ ବଙ୍ଗବାସୀ, ବିହାରୀ, ମୈଥିଳୀ, କାଶ୍ମୀରୀ ବା ଅନ୍ୟ କୌଣସି ପ୍ରଦେଶବାସୀ କବି ହୋଇଥାନ୍ତେ, ତେବେ ତାଙ୍କ ନାମ ଓ ଗ୍ରାମ ବିଷୟରେ କାହାରି ସନ୍ଦେହ କରିବାର ଅବକାଶ ନଥିଲା । ଭାରତୀୟ ଆଲୋଚକମାନଙ୍କ ମଧ୍ୟରୁ କେତେକ ବିଷ୍ଣୁଶର୍ମାଙ୍କୁ କାଶ୍ମୀରବାସୀ କହିଲାବେଳେ ଆଉ କେତେକ ତାଙ୍କୁ କର୍ଣ୍ଣାଟକବାସୀ ବା ଗୁଜରାଟୀ ବୋଲି କହନ୍ତି । ପଞ୍ଚତନ୍ତ୍ରର ୧୯୧୯ ମସିହାରେ ପ୍ରକାଶିତ କଲିକତା ସଂସ୍କରଣ ମୁଖବନ୍ଧରେ ଜୀବାନନ୍ଦ ବିଦ୍ୟାସାଗରଙ୍କ ପୌତ୍ର ପଞ୍ଚାନନଶର୍ମା ଇଂରେଜ ପଣ୍ଡିତମାନଙ୍କ ମତକୁ ସମର୍ଥନ ଜଣାଇ ଶେଷରେ କହିଛନ୍ତି – ''କିଏ ଏହି ପଞ୍ଚତନ୍ତ୍ର କେବେ ରଚନା କରିଥିଲେ ତାହା କେହି କହିପାରିବ ନାହିଁ । ଏହା ୪୭୬ରୁ ୫୭୯ ଖ୍ରୀଷ୍ଟାବ୍ଦ ମଧ୍ୟରେ ରଚିତ ହୋଇଥିବାର ଅନୁମାନ କରାଯାଏ ।'' କିନ୍ତୁ ଅଧିକାଂଶ ଗବେଷକ ବିଷ୍ଣୁଶର୍ମାଙ୍କୁ ଦାକ୍ଷିଣାତ୍ୟବାସୀ ବୋଲି ସ୍ୱୀକାର କରିଛନ୍ତି । ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଐତିହାସିକ ଡକ୍ଟର ଦିନେଶଚନ୍ଦ୍ର ସରକାର, ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଡକ୍ଟର ନବୀନକୁମାର ସାହୁ, ଡକ୍ଟର ଶରତ୍‌ଚନ୍ଦ୍ର ବେହେରା ପ୍ରମୁଖ ବିଷ୍ଣୁଶର୍ମା ପ୍ରାଚୀନ କଳିଙ୍ଗ ବା ଉତ୍କଳର ଅଧିବାସୀ ଥିଲେ ବୋଲି ପ୍ରମାଣିତ କରିଛନ୍ତି । ଏହା ଭାରତୀୟ ଇତିହାସ କଂଗ୍ରେସଦ୍ୱାରା ସମର୍ଥିତ ଓ ଗୃହୀତ ହୋଇଛି ।

ବିଶ୍ୱବିଖ୍ୟାତ 'ପଞ୍ଚତନ୍ତ୍ର' ଗ୍ରନ୍ଥର ପ୍ରଣେତା ପଣ୍ଡିତ ବିଷ୍ଣୁଶର୍ମା ଥିଲେ ଓଡ଼ିଶାର ବରପୁତ୍ର । ସେ ଦକ୍ଷିଣ ଓଡ଼ିଶାର ଅଧିବାସୀ ଥିଲେ । ଏହି ପଞ୍ଚତନ୍ତ୍ରର କଥାମୁଖରେ ବର୍ଣ୍ଣିତ ରାଜା ଅମରଶକ୍ତିଙ୍କ ଯଶସ୍ୱୀ ପୁତ୍ର ଅନନ୍ତଶକ୍ତି ଥିଲେ ପ୍ରବଳ ପରାକ୍ରମଶାଳୀ ମାଠରବଂଶୀୟ ରାଜା ଅନନ୍ତଶକ୍ତିବର୍ମା । ପଣ୍ଡିତ ବିଷ୍ଣୁଶର୍ମା ସେହି ଅନନ୍ତଶକ୍ତି ବର୍ମାଙ୍କ (୪୨୦-୪୫୦ ଖ୍ରୀ: ଅ:) ରାଜସଭାର ସଭାପଣ୍ଡିତ ଥିଲେ । ଶ୍ରୁତି ଓ ସ୍ମୃତିଶାସ୍ତ୍ରରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ଅଗ୍ନିଷ୍ଟୋମାଦି ଯଜ୍ଞଦ୍ୱାରା ସେ ସକଳ ଶାସ୍ତ୍ର ପାରଂଗତ ହୋଇପାରିଥିଲେ । କେବଳ ବିଷ୍ଣୁଶର୍ମା ନୁହନ୍ତି, ତାଙ୍କ ପୁତ୍ର ପୃଥିବୀ ଶର୍ମା ଓ ନାତି ଭବ ଶର୍ମା କିପରି ମହାପଣ୍ଡିତ ଥିଲେ ତାହା ପୃଥିବୀ ମହାରାଜଙ୍କ (୬୦୦ ଖ୍ରୀ: ଅ:) ପ୍ରଦତ୍ତ ତାଣ୍ଡିବାଡ଼ ଗ୍ରାମ ତାମ୍ରପତ୍ର ଅଭିଲେଖରୁ ସୂଚିତ ହୁଏ । × × ×

ଶ୍ରୁତି-ସ୍ମୃତିପାରାଦ୍ଭୂଦଶ୍ଚିତ ଯଥାବଦନୁଷ୍ଠିତାଗ୍ନିଷ୍ଟୋମାଦି କ୍ରିୟା ପୂତାତ୍ମନୋ ବିଷ୍ଣୁଶର୍ମ୍ମଣଃ ପୌତ୍ରାୟ ଅସକୃଦିଜ୍ୟାପ୍ରୟୋଗପରାୟମାଣଦ୍ରବିଣ ସୂଚିତତତ୍ତ୍ୱସେନସ୍ୟ ସମୃଦ୍ଧେଃ ସହସ୍ରବିଦ୍ୟାଧ୍ୟୟନ ପ୍ରବଚନବ୍ୟାଖ୍ୟାନଶାଳିନଃ ପୃଥ୍ୱୀଶର୍ମ୍ମଣ ପୁତ୍ରାୟ ବେଦବେଦାଙ୍ଗ-ନ୍ୟାୟୋପନିଷଦ୍ ଯୋଗାବବୋଧ ନିର୍ମଳୀକୃତ ବୁଦ୍ଧୟେ ବିବିଧା-ଧ୍ୱରାବଭୃଥାମ୍ଭଃ ପବିତ୍ରୀକୃତବିଗ୍ରହାୟ ଦେବପିତୃମନୁଷ୍ୟସମର୍ଚ୍ଚନସମାନୀତରାତ୍ରିଂଦିବାୟ କୋଣ୍ଡମଞ୍ଚ-ଗ୍ରାମନିବାସିନେ ତ୍ରିସହସ୍ରବିଦ୍ୟାୟ ବଂଶତି ବ୍ୟାଖ୍ୟାନାୟ କାମକାୟନସ (କାତ୍ୟାୟନସ) ଗୋତ୍ରାୟ ଛନ୍ଦୋଗସବ୍ରହ୍ମଚାରିଣେ ଭବଶର୍ମ୍ମଣେ । (Inscriptions of Orissa, Vol. I, Part-II, P.-48-50)

ଏହି ଉଦ୍ଧୃତିରୁ ସ୍ପଷ୍ଟ ଜଣାଯାଏ ଯେ ମାଠରବଂଶୀୟ ପୃଥିବୀରାଜ ବିଷ୍ଣୁଶର୍ମ୍ମାଙ୍କ ନାତି ଓ ପୃଥ୍ୱୀଶର୍ମାଙ୍କ ପୁଅ ଭବଶର୍ମାଙ୍କୁ ଗ୍ରାମଦାନ ଦେଇଥିଲେ । ପଣ୍ଡିତ ଭବଶର୍ମ୍ମା କୋଡ଼ିଏଟି ଗ୍ରନ୍ଥ ଉପରେ ବ୍ୟାଖ୍ୟା ରଚନା କରିଥିଲେ । ବେଦବେଦାଙ୍ଗନ୍ୟାୟ-ଉପନିଷଦ୍ ଯୋଗ ବିଦ୍ୟାରେ ତାଙ୍କର ଅଗାଧ ପାଣ୍ଡିତ୍ୟ ଥିଲା । ନାନାବିଧ ଶ୍ରୌତଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ ଓ ମନୁଷ୍ୟଯଜ୍ଞ (ସମାଜସେବା) କରି ସେ ବହୁ ବିଦ୍ୟାରେ ପାରଦର୍ଶୀ ହୋଇପାରିଥିଲେ । ଭବଶର୍ମାଙ୍କ ପିତା ପୃଥ୍ୱୀଶର୍ମା ବିଭିନ୍ନ ଶ୍ରୌତଯଜ୍ଞରେ ପୌରୋହିତ୍ୟ କରୁଥିଲେ, ବିଭିନ୍ନ ଶାସ୍ତ୍ର ବ୍ୟାଖ୍ୟା କରି ବୁଝାଉଥିଲେ ଓ ସଭାରେ ପ୍ରବଚନ ଦେଉଥିଲେ । ଭବଶର୍ମାଙ୍କ ପିତାମହ ଓ ପୃଥ୍ୱୀଶର୍ମାଙ୍କ ପିତା ପଣ୍ଡିତ ବିଷ୍ଣୁଶର୍ମ୍ମା ଯେପରି ଅଗାଧ ପାଣ୍ଡିତ୍ୟର ଅଧିକାରୀ ଥିଲେ ତାହା ତାଙ୍କ ପ୍ରଣୀତ 'ପଞ୍ଚତନ୍ତ୍ର'ରୁ ପ୍ରମାଣିତ ହୋଇଥାଏ । ବୈଦେଶିକମାନେ, ବିଶେଷକରି ଇଂରେଜମାନେ, ଇତିହାସ ରଚନା କଲାବେଳକୁ ଓଡ଼ିଶା ଏକ ସ୍ୱାଧୀନ ରାଜ୍ୟ ଥିଲା । ଇଂରେଜମାନେ ଓଡ଼ିଶା ଆସିଲେ ୧୮୦୩ ମସିହାରେ । ତେଣୁ ବୈଦେଶିକ ଇଂରେଜ ପଣ୍ଡିତମାନଙ୍କର ବିଷ୍ଣୁଶର୍ମାଙ୍କ ସମ୍ବନ୍ଧରେ କୌଣସି ସ୍ପଷ୍ଟ ଧାରଣା ନଥିଲା । ସେମାନଙ୍କୁ ଅନୁସରଣ କରିଥିବା ଭାରତୀୟ ଆଲୋଚକମାନେ ମଧ୍ୟ 'ଅନ୍ଧେନୈବ ନୀୟମାନା ଯଥାନ୍ଧାଃ' ନ୍ୟାୟରେ ସତ୍ୟ ପ୍ରକାଶ କରିପାରିନାହାନ୍ତି ବା ସତ୍ୟ ପ୍ରକାଶ ପାଇଁ କୁଣ୍ଠିତ ହୋଇଛନ୍ତି । ଏହା ଓଡ଼ିଶା ପକ୍ଷରେ ଏକ ଦୁର୍ଭାଗ୍ୟର ବିଷୟ । ଓଡ଼ିଶାରେ କେବଳ ବିଷ୍ଣୁଶର୍ମା ନୁହନ୍ତି, ନାଟ୍ୟକାର ମୁରାରି ମିଶ୍ର, ଅଭିଧାନକାର ପୁରୁଷୋତ୍ତମଦେବ, ନାଟ୍ୟକାର କୃଷ୍ଣମିଶ୍ର, କବିରାଜ ଜୟଦେବ, ଟୀକାକାର ଶ୍ରୀଧରସ୍ୱାମୀ, ବଳଦେବ ବିଦ୍ୟାଭୂଷଣ ପ୍ରଭୃତି ପଣ୍ଡିତ, କବି, ମନୀଷୀଗଣ ଅନ୍ୟାନ୍ୟ ପ୍ରଦେଶବାସୀ ରୂପେ ପରିଚିତ ଓ ସେସବୁ ଅଞ୍ଚଳରେ ପୂଜିତ ହେଉଥିଲେ ମଧ୍ୟ, ନିଜ ଜନ୍ମଭୂମିର ଦାୟାଦମାନଙ୍କଦ୍ୱାରା ଅବହେଳିତ ହୋଇଆସୁଛନ୍ତି । ଏ ବିଷୟରେ ପ୍ରତ୍ୟେକ ଓଡ଼ିଆ ଆଲୋଚକ ଯଥାର୍ଥ ପଦକ୍ଷେପ ନେବା ବାଞ୍ଛନୀୟ ।

ପଞ୍ଚତନ୍ତ୍ର – ପଞ୍ଚତନ୍ତ୍ର ପାଞ୍ଚୋଟି ତନ୍ତ୍ରରେ ବିଭକ୍ତ । ତନ୍ତ୍ରର ଅର୍ଥ ସିଦ୍ଧାନ୍ତ, ପ୍ରଧାନ, ପ୍ରବନ୍ଧ ଶ୍ରୁତିଶାଖାବିଶେଷ, ରାଷ୍ଟ୍ର, କାରଣ, ବ୍ୟବହାର, ନିୟମ ଇତ୍ୟାଦି । ଶିବୋକ୍ତ ଚତୁଃଷଷ୍ଟି ଶାସ୍ତ୍ରକୁ ମଧ୍ୟ ତନ୍ତ୍ର କୁହାଯାଏ । ତନ୍ମଧ୍ୟରେ ପଞ୍ଚତନ୍ତ୍ରରେ ପ୍ରଯୁକ୍ତ ତନ୍ତ୍ରକୁ ସିଦ୍ଧାନ୍ତ, ଭାଗ ବା ଖଣ୍ଡରୂପେ ଗ୍ରହଣ କରାଯାଇପାରେ । ପାଞ୍ଚଟି ତନ୍ତ୍ରରେ ପାଞ୍ଚଟି ସିଦ୍ଧାନ୍ତ ସନ୍ନିବେଶିତ ଅଛି । ଯଥାକ୍ରମେ ସେଗୁଡ଼ିକ ହେଲା– ମିତ୍ରଭେଦ, ମିତ୍ରସଂପ୍ରାପ୍ତି ବା ମିତ୍ରଲାଭ, କାକୋଲୂକୀୟ ଅର୍ଥାତ୍ ବିଗ୍ରହ ଓ ସନ୍ଧି, ଲବ୍‌ଧପ୍ରଣାଶ ଅର୍ଥାତ୍ ପ୍ରାପ୍ତ ଅର୍ଥର ବିନାଶ ଓ ଅପରୀକ୍ଷିତକାରକ ଅର୍ଥାତ୍ ଅପରିଣାମଦର୍ଶିତା ବା ଅବିଚାରିତ କର୍ମର ପରିଣତି । ଏହି ଭାଗଗୁଡ଼ିକରେ ଯଥାକ୍ରମେ ବାଇଶ, ଛଅ, ସତର, ପନ୍ଦର ଓ ପନ୍ଦର ଏପରି ସର୍ବମୋଟ ପଞ୍ଚସ୍ତରିଟି କଥା ଓ ପ୍ରାୟ ବାରଶହ ଉପାଦେୟ ଶ୍ଳୋକ ସନ୍ନିବେଶିତ ଅଛି । ବିଭିନ୍ନ ସଂସ୍କରଣ ଅନୁସାରେ କଥାର ନାମ ଓ ସଂଖ୍ୟା ତଥା ଶୋକସଂଖ୍ୟାରେ ବିଭିନ୍ନତା ଥିବାର ପରିଲକ୍ଷିତ ହୁଏ । ତଥାପି ମୋଟାମୋଟି ଭାବେ ପଞ୍ଚତନ୍ତ୍ରର କଳେବର ଏହିପରି ଗଠିତ ହୋଇଛି ।

ପୃଥିବୀର ଧର୍ମଦର୍ଶନ କ୍ଷେତ୍ରରେ ଶ୍ରୀମଦ୍‌ଭଗବଦ୍‌ଗୀତା, ଧମ୍ମପଦ, ବାଇବେଲ ଓ କୋରାନ୍ ଗ୍ରନ୍ଥ ପରି ଭାରତୀୟବିଦ୍ୟାର ସାରସମ୍ପଦ ପଞ୍ଚତନ୍ତ୍ରରେ ହିଁ ଏକତ୍ରୀକୃତ ହୋଇଛି । ସଂକ୍ଷେପରେ ହେଲେ ବି ପଞ୍ଚତନ୍ତ୍ରର ବିଭିନ୍ନ କାହାଣୀ ମଧ୍ୟରେ ଧର୍ମ ଓ ଦର୍ଶନ, ଧର୍ମଶାସ୍ତ୍ର ଓ ସମାଜଶାସ୍ତ୍ର, ଅର୍ଥଶାସ୍ତ୍ର ଓ ନୀତିଶାସ୍ତ୍ର, ଶାସନ ଓ ବ୍ୟବହାରଠାରୁ ଆରମ୍ଭକରି ଜାତି, ବର୍ଣ୍ଣ, ଧର୍ମ, ଲିଙ୍ଗ ଓ ବୟସ ନିର୍ବିଶେଷରେ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟେକର କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ଯେପରି ସରଳ ଭାବରେ ବୁଝାଇଦିଆଯାଇଛି ତାହାର ଉଦାହରଣ ସମଗ୍ର ପୃଥିବୀରେ ବିରଳ । ପଶୁପକ୍ଷୀଙ୍କ ମାଧ୍ୟମରେ ମାନବଜୀବନର ମୂଲ୍ୟବୋଧକୁ ତନ୍ନତନ୍ନ କରି ବିଶ୍ଳେଷଣ କରିବାରେ ବିଷ୍ଣୁଶର୍ମାଙ୍କର ପାଣ୍ଡିତ୍ୟ କିପରି ଥିଲା ତାହା କଳ୍ପନା କରିହେବ ନାହିଁ । ସାରକଥା, ମିତକଥା, ଯୁକ୍ତିଯୁକ୍ତକଥା, ଦେଶ, କାଳ ଓ ପାତ୍ରୋପଯୋଗୀ କଥାରେ ହିଁ ପଞ୍ଚତନ୍ତ୍ର ଶ୍ରେଷ୍ଠ ସମ୍ମାନ ଲାଭ କରିଛି । ପଞ୍ଚତନ୍ତ୍ର ଅଧ୍ୟୟନ ଦ୍ୱାରା ଯେ କେହି ବ୍ୟକ୍ତି ଭାରତୀୟବିଦ୍ୟାରେ ପାରଦର୍ଶିତା ଅର୍ଜନ କରିପାରିବେ ଏଥିରେ ସନ୍ଦେହ ନାହିଁ ।

ପଞ୍ଚତନ୍ତ୍ରର କଥାମୁଖରେ ଦୁଷ୍ଟ, ଦୁର୍ଦ୍ଦାନ୍ତ, କୁପଥଗାମୀ ଯୁବକ ଓ ଅଯୋଗ୍ୟ ରାଜପୁତ୍ରମାନଙ୍କୁ ମାତ୍ର ଛ'ମାସ ମଧ୍ୟରେ ଶାନ୍ତ, ସୁଶୀଳ, ସତ୍ପଥଗାମୀ, ସର୍ବଶାସ୍ତ୍ରକୁଶଳ ଓ ସୁଯୋଗ୍ୟ ରାଜପୁତ୍ର ରୂପେ ଗଢ଼ିବାପାଇଁ ବିଷ୍ଣୁଶର୍ମା ଯେଉଁ ଶପଥ ନେଇଥିଲେ ଆଲୋଚ୍ୟ ଗ୍ରନ୍ଥ ସେହି ଶପଥର ଫଳ । ସହଜରେ, ଅଳ୍ପ ସମୟ ମଧ୍ୟରେ ସଂସ୍କୃତ ଶିକ୍ଷା ଓ ଶାସ୍ତ୍ରଜ୍ଞାନ ଅର୍ଜନ କରିବାପାଇଁ ପଞ୍ଚତନ୍ତ୍ର ଏକ ଅତୁଳନୀୟ ଗ୍ରନ୍ଥ । ଓଡ଼ିଆ ପାଠକ ଏ ଗ୍ରନ୍ଥଦ୍ୱାରା ବିଶେଷ ଉପକୃତ ହେବେବୋଲି ମୋର ବିଶ୍ୱାସ ।

ଭଗବାନ ପଣ୍ଡା

ସୂଚୀପତ୍ର

୧ ।	ମିତ୍ରଭେଦ	୫–୧୩୪
୨ ।	ମିତ୍ରପ୍ରାପ୍ତି	୧୩୫–୧୯୦
୩ ।	କାକୋଲୁକୀୟ	୧୯୨–୨୬୩
୪ ।	ଲବ୍ଧପ୍ରଣାଶ	୨୬୪–୩୦୧
୫ ।	ଅପରୀକ୍ଷିତକାରକ	୩୦୨–୩୪୦

—

ପଞ୍ଚତନ୍ତ୍ର

ପଞ୍ଚତନ୍ତ୍ର

କଥାମୁଖ

ବ୍ରହ୍ମାରୁଦ୍ରଃ କୁମାରୋ ହରିବରୁଣଯମା ବହ୍ନିରିନ୍ଦ୍ରଃ କୁବେର-
ଶ୍ଚନ୍ଦ୍ରାଦିତ୍ୟୌ ସରସ୍ୱତ୍ୟୁଦଧିଯୁଗନଗା ବାୟୁରୁର୍ବୀଭୁଜଙ୍ଗାଃ ।
ସିଦ୍ଧା ନଦ୍ୟୋଽଶ୍ୱିନୌଶ୍ରୀର୍ଦିତିରଦିତିସୁତା ମାତରଶ୍ଚଣ୍ଡିକାଦ୍ୟା
ବେଦାସ୍ତୀର୍ଥାନି ଯଜ୍ଞା ଗଣବସୁମୁନୟଃ ପାନ୍ତୁ ନିତ୍ୟଂ ଗ୍ରହାଶ୍ଚ ॥ ୧ ॥

ନିର୍ବିଘ୍ନରେ ଗ୍ରନ୍ଥପରିସମାପ୍ତି ନିମନ୍ତେ ରଚୟିତା ପ୍ରଥମେ ମଙ୍ଗଳାଚରଣ କରୁଅଛନ୍ତି ।

ବ୍ରହ୍ମା, ଶିବ, କାର୍ତ୍ତିକେୟ, ବିଷ୍ଣୁ, ବରୁଣ, ଯମ, ଅଗ୍ନି, ଇନ୍ଦ୍ର, କୁବେର, ଚନ୍ଦ୍ର, ସୂର୍ଯ୍ୟ, ସରସ୍ୱତୀ, ସମୁଦ୍ର, ଯୁଗଚତୁଷ୍ଟୟ (ସତ୍ୟ, ତ୍ରେତା, ଦ୍ୱାପର, କଳି), ପର୍ବତ, ବାୟୁ, ପୃଥିବୀ, ବାସୁକି ଆଦି ସର୍ପ, କପିଳ ପ୍ରଭୃତି ସିଦ୍ଧ, ଗଙ୍ଗା ଆଦି ନଦୀ, ଯମଳ ସ୍ୱର୍ବୈଦ୍ୟ ଅଶ୍ୱିନୀକୁମାର, ଲକ୍ଷ୍ମୀ, ଦିତିପୁତ୍ର ଦୈତ୍ୟଗଣ, ଅଦିତିପୁତ୍ର ଦେବଗଣ, ଚଣ୍ଡିକାଦି ମାତୃଗଣ, ବେଦଚତୁଷ୍ଟୟ (ଋକ୍, ଯଜୁ, ସାମ, ଅଥର୍ବ), କାଶୀ, ନୀଳାଚଳ ପ୍ରଭୃତି ତୀର୍ଥ, ଅଶ୍ୱମେଧ, ରାଜସୂୟାଦି ଯଜ୍ଞ, ପ୍ରମଥାଦି ଗଣ, ଅଷ୍ଟବସୁ (ଧର, ଧ୍ରୁବ, ସୋମ, ବିଷ୍ଣୁ, ଅନିଳ, ଅନଳ, ପ୍ରତ୍ୟୁଷ, ପ୍ରଭାସ), ବ୍ୟାସପରାଶରାଦି ମୁନି, ନବଗ୍ରହ (ରବି, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ ଓ କେତୁ)– ଏମାନେ ଆମ୍ଭମାନଙ୍କୁ ନିତ୍ୟ ରକ୍ଷାକରନ୍ତୁ । ୧ ।

ମନବେ ବାଚସ୍ପତୟେ ଶୁକ୍ରାୟ ପରାଶରାୟ ସସୁତାୟ ।
ଚାଣକ୍ୟାୟ ଚ ବିଦୁଷେ ନମୋଽସ୍ତୁ ନୟଶାସ୍ତ୍ରକର୍ତ୍ତୃଭ୍ୟଃ ॥ ୨ ॥

ମନୁ, ବୃହସ୍ପତି, ଶୁକ୍ରାଚାର୍ଯ୍ୟ, ପୁତ୍ର (ବ୍ୟାସଦେବ)ଙ୍କ ସହିତ ପରାଶର ମୁନି, ବିଦ୍ୱାନ୍ ଚାଣକ୍ୟ ତଥା ଅନ୍ୟାନ୍ୟ ନୀତିଶାସ୍ତ୍ରପ୍ରଣେତାମାନଙ୍କୁ ମୋର ନମସ୍କାର । ୨ ।

ସକଳାର୍ଥଶାସ୍ତ୍ରସାରଂ ଜଗତି ସମାଲୋକ୍ୟ ବିଷ୍ଣୁଶର୍ମେଦମ୍ ।
ତନ୍ତ୍ରୈଃ ପଞ୍ଚଭିରେତଚ୍ଚକାର ସୁମନୋହରଂ ଶାସ୍ତ୍ରମ୍ ॥ ୩ ॥

ଏହି ଜଗତ୍‌ରେ ପରିଦୃଷ୍ଟ ସକଳ ଅର୍ଥଶାସ୍ତ୍ରର ସାରତତ୍ତ୍ୱକୁ ସମ୍ୟକ୍ ଆଲୋଚନା କରି ବିଷ୍ଣୁଶର୍ମା ପାଞ୍ଚଟି ତନ୍ତ୍ରବିଶିଷ୍ଟ ଏହି ମନୋଜ୍ଞ ଶାସ୍ତ୍ରକୁ ରଚନା କରୁଛନ୍ତି । ୩ ।

ଏ ସମ୍ବନ୍ଧରେ ଗୋଟିଏ କଥା ଶୁଣାଯାଏ –

ଦାକ୍ଷିଣାତ୍ୟ ଜନପଦରେ ମହିଳାରୋପ୍ୟ ବୋଲି ଗୋଟିଏ ନଗର ଅଛି । ସେଠାରେ ଅମରଶକ୍ତି ନାମରେ ଜଣେ ରାଜା ଥିଲେ । ସେ ଯାଚକମାନଙ୍କ ପକ୍ଷରେ କଳ୍ପବୃକ୍ଷସଦୃଶ

ଥିଲେ। ତାଙ୍କ ଚରଣଯୁଗଳ ପ୍ରସିଦ୍ଧ ରାଜାମାନଙ୍କ ମୁକୁଟସ୍ଥିତ ମଣିର ଦ୍ୟୁତିଦ୍ୱାରା ଉଦ୍‌ଭାସିତ ହେଉଥିଲା। ସେ ସକଳ କଳାବିଦ୍ୟାରେ ପାରଙ୍ଗମ ଥିଲେ। ତାଙ୍କର ବହୁଶକ୍ତି, ଉଗ୍ରଶକ୍ତି ଓ ଅନନ୍ତଶକ୍ତି ନାମରେ ତିନୋଟି ନିତାନ୍ତ ମୂର୍ଖ ପୁତ୍ର ଥିଲେ। ସେହି ପୁତ୍ରମାନଙ୍କୁ ଶାସ୍ତ୍ର ଅଧ୍ୟୟନରେ ପରାଙ୍‌ମୁଖ ହେବାର ଦେଖି ରାଜା ମନ୍ତ୍ରୀମାନଙ୍କୁ ଡକାଇ କହିଲେ, "ହେ ମନ୍ତ୍ରିଗଣ! ତୁମେମାନେ ଜାଣ ଯେ ମୋର ପୁତ୍ରମାନେ ଶାସ୍ତ୍ରବିମୁଖ ଓ ବିବେକଶୂନ୍ୟ। ତେଣୁ ସେମାନଙ୍କୁ ଦେଖିଲେ ଏ ବିଶାଳ ରାଜ୍ୟ ମଧ୍ୟ ମୋତେ ସୁଖକର ମନେହେଉନାହିଁ। ଅଥବା ଯଥାର୍ଥରେ କୁହାଯାଇଅଛି–

ଅଜାତମୃତମୂର୍ଖେଭ୍ୟୋ ମୃତାଜାତୌ ସୁତୌ ବରମ୍।
ଯତସ୍ତୌ ସ୍ୱଳ୍ପଦୁଃଖାୟ ଯାବଜ୍ଜୀବଂ ଜଡ଼ୋ ଦହେତ୍ ॥ ୪ ॥

ଜାତ ହୋଇନଥିବା, ଜନ୍ମ ହୋଇ ମରିଥିବା ଓ ମୂର୍ଖ– ଏହି ତିନି ଶ୍ରେଣୀର ପୁତ୍ରମାନଙ୍କ ମଧ୍ୟରେ ଜନ୍ମ ହୋଇନଥିବା ପୁତ୍ର ଓ ଜନ୍ମ ହୋଇ ମରିଥିବା ପୁତ୍ର– ଏ ଦୁହେଁ ଏକପ୍ରକାର ଭଲ। କାରଣ, ଏ ଦୁହେଁ ଅଳ୍ପ ଦୁଃଖ ଦିଅନ୍ତି; କିନ୍ତୁ ମୂର୍ଖ ପୁତ୍ର ଜୀବନସାରା ସନ୍ତାପ ଦେଉଥାଏ। ୪।

ବରଂ ଗର୍ଭସ୍ରାବୋ ବରମୃତୁଷୁ ନୈବାଭିଗମନଂ
ବରଂ ଜାତଃ ପ୍ରେତୋ ବରମପି ଚ କନ୍ୟୈବ ଜନିତା।
ବରଂ ବନ୍ଧ୍ୟା ଭାର୍ଯ୍ୟା ବରମପି ଚ ଗର୍ଭେଷୁ ବସତି-
ର୍ନ ଚାବିଦ୍ୱାନ୍ ରୂପଦ୍ରବିଣଗୁଣଯୁକ୍ତୋଽପି ତନୟଃ ॥ ୫ ॥

ବରଂ ଗର୍ଭସ୍ରାବ ହେବା ଭଲ, ଋତୁକାଳରେ ସ୍ତ୍ରୀ-ସହବାସ ନ କରିବା ଭଲ, ଜନ୍ମମାତ୍ରେ ସନ୍ତାନ ମରିଯିବା ଭଲ, ପୁତ୍ର ନ ଜନ୍ମି କନ୍ୟା ଜନ୍ମ ହେବା ଭଲ, ଭାର୍ଯ୍ୟା ବନ୍ଧ୍ୟାହେବା ଭଲ, ସନ୍ତାନ ଗର୍ଭରେ ରହିଥିବା ଭଲ; କିନ୍ତୁ ରୂପ-ବିଭବାଦିଗୁଣଯୁକ୍ତ ପୁତ୍ର ମୂର୍ଖ ହେବା ଭଲ ନୁହେଁ। ୫।

କିଂ ତୟା କ୍ରିୟତେ ଧେନ୍ୱା ଯା ନ ସୂତେ ନ ଦୁଗ୍‌ଧଦା।
କୋଽର୍ଥଃ ପୁତ୍ରେଣ ଜାତେନ ଯୋ ନ ବିଦ୍ୱାନ୍ନ ଭକ୍ତିମାନ୍ ॥ ୬ ॥

ଯେଉଁ ଗାଈ ସନ୍ତାନ ପ୍ରସବ କରେନାହିଁ କି ଦୁଗ୍ଧ ଦିଏନାହିଁ, ସେଭଳି ଗାଈରେ କି ପ୍ରୟୋଜନ? ସେହିପରି ଯେ ବିଦ୍ୱାନ୍ ନୁହେଁ କି ଦେବଦେବୀ ଓ ଗୁରୁଜନ ପ୍ରଭୃତିଙ୍କୁ ଭକ୍ତି କରେନାହିଁ, ସେପରି ପୁତ୍ର ରହି ଲାଭ କଣ? ।୬।

ବରମିହ ବା ସୁତମରଣଂ ମା ମୂର୍ଖତ୍ୱଂ କୁଳପ୍ରସୂତସ୍ୟ।
ଯେନ ବିବୁଧଜନମଧ୍ୟେ ଜାରଜ ଇବ ଲଜ୍ଜତେ ମନୁଜଃ ॥ ୭ ॥

ଏ ସଂସାରରେ ପୁତ୍ରର ମରଣ ବରଂ ଭଲ; କିନ୍ତୁ କୁଳରେ ଜନ୍ମିଥିବା ପୁତ୍ର ମୂର୍ଖ ହେବା ଭଲ ନୁହେଁ। କାରଣ, ଏଭଳି ପୁତ୍ରଯୋଗେ ମନୁଷ୍ୟ ବିଦ୍ୱାନ୍ ଲୋକଙ୍କ ସମାଜରେ ଜାରଜ ପୁତ୍ର ସଦୃଶ ଲଜ୍ଜିତ ହୋଇଥାଏ। ୭।

ଗୁଣିଗଣଗଣନାରମ୍ଭେ ନ ପତତି କଠିନୀ ସସମ୍ଭ୍ରମା ଯସ୍ୟ।
ତେନାମ୍ବା ଯଦି ସୁତିନୀ ବଦ ବନ୍ଧ୍ୟା କୀଦୃଶୀ ଭବତି ॥ ୮ ॥

ଗୁଣୀ ଲୋକମାନଙ୍କର ଗଣନା ଆରମ୍ଭରେ ଯାହା ନାମରେ ଖଡ଼ିଗାର ପଡ଼େନାହିଁ, ତାହା ଯୋଗେ ଯଦି ମାତା ପୁତ୍ରବତୀ ବୋଲାଏ, ତେବେ କେଉଁ ପ୍ରକାର ନାରୀଙ୍କୁ ବନ୍ଧ୍ୟା ବୋଲି କୁହାଯିବ ? । ୮ ।

ତେଣୁ ଏମାନଙ୍କର ଯେପରି ବୁଦ୍ଧିର ବିକାଶ ହେବ ସେଥିର କୌଣସି ଉପାୟ ସ୍ଥିର କର। ଏଠାରେ ମୋଦ୍ୱାରା ପ୍ରଦତ୍ତ ବୃତ୍ତି ଭୋଗକରୁଥିବା ପାଞ୍ଚଶତ ପଣ୍ଡିତ ଅଛନ୍ତି। ସେମାନଙ୍କଦ୍ୱାରା ମୋର ମନୋରଥ ଯେପରି ସଫଳ ହେବ, ତହିଁର ଉପାୟ କର।'' ତହୁଁ ଜଣେ ପଣ୍ଡିତ କହିଲେ, ''ଦେବ, ବାରବର୍ଷଯାଏ ବ୍ୟାକରଣ ଅଧ୍ୟୟନ କରିବାକୁ ହୁଏ। ତତ୍ପରେ ମନୁ ପ୍ରଭୃତି ଶର୍ମଶାସ୍ତ୍ର, ଚାଣକ୍ୟାଦି ନୀତିଶାସ୍ତ୍ର, ବାତ୍ସ୍ୟାୟନାଦି କାମଶାସ୍ତ୍ର ଅଧ୍ୟୟନ କରାଯାଏ। ତାହାପରେ ବୁଦ୍ଧିର ପ୍ରକାଶ ହୁଏ।'' ଏହାପରେ ସେମାନଙ୍କ ମଧ୍ୟରୁ ସୁମତି ନାମକ ଜଣେ ମନ୍ତ୍ରୀ କହିଲେ, ''ଏ ମାନବ-ଜୀବନ ଅନିତ୍ୟ ଓ ଶବ୍ଦଶାସ୍ତ୍ର(ବ୍ୟାକରଣ)ରେ ଜ୍ଞାନ ଅର୍ଜିବାକୁ ବହୁତ କାଳ ଲାଗେ। ତେଣୁ ଏହି ରାଜପୁତ୍ରମାନଙ୍କର ପ୍ରବୋଧନ ନିମନ୍ତେ କୌଣସି ସଂକ୍ଷିପ୍ତ ଶାସ୍ତ୍ରର ବିଚାର କରନ୍ତୁ। କାରଣ କଥିତ ଅଛି–

ଅନନ୍ତପାରଂ କିଲ ଶବ୍ଦଶାସ୍ତ୍ରଂ ସ୍ୱଳ୍ପଂ ତଥାୟୁର୍ବହବଶ୍ଚ ବିଘ୍ନାଃ।
ସାରଂ ତତୋ ଗ୍ରାହ୍ୟମପାସ୍ୟ ଫଲ୍‌ଗୁ ହଂସୈର୍ଯଥା କ୍ଷୀରମିବାମ୍ବୁମଧ୍ୟାତ୍ ॥ ୯ ॥

ଶବ୍ଦଶାସ୍ତ୍ର ଅନନ୍ତ; ମନୁଷ୍ୟର ଆୟୁ ଅଳ୍ପ। ତେଣୁ ହଂସ ଯେପରି ଜଳ ମଧ୍ୟରୁ କେବଳ ଦୁଗ୍ଧକୁ ଗ୍ରହଣ କରି ଜଳକୁ ତ୍ୟାଗ କରେ, ସେହିପରି ସାରତତ୍ତ୍ୱକୁ ଗ୍ରହଣ କରି ଅସାର ବିଷୟକୁ ତ୍ୟାଗ କରିବା ଉଚିତ। ୯ ।

ଏଠାରେ ବିଷ୍ଣୁଶର୍ମା ନାମରେ ଜଣେ ବ୍ରାହ୍ମଣ ଅଛନ୍ତି। ସେ ସକଳ ଶାସ୍ତ୍ରରେ ପାରଙ୍ଗମ; ଛାତ୍ରସମାଜରେ ତାଙ୍କର ଯଶ ଅଛି। ଆପଣ ପୁତ୍ରମାନଙ୍କୁ ତାଙ୍କରି ପାଖେ ଅର୍ପଣ କରନ୍ତୁ। ସେ ନିଶ୍ଚୟ ଅତି ଶୀଘ୍ର ସେମାନଙ୍କୁ ବୁଦ୍ଧିମାନ୍ କରିଦେଇ ପାରିବେ।''

ରାଜା ଏହା ଶୁଣି ବିଷ୍ଣୁଶର୍ମାଙ୍କୁ ଡକାଇ କହିଲେ, ''ହେ ମହାଭାଗ, ମୋ ପ୍ରତି ଅନୁଗ୍ରହ କରି ଆପଣ ମୋର ଏହି ପୁତ୍ରମାନଙ୍କୁ ଶୀଘ୍ର ଅର୍ଥଶାସ୍ତ୍ରରେ ଅସାଧାରଣ ବିଦ୍ୱାନ୍ କରିଦିଅନ୍ତୁ। ତାହାହେଲେ ମୁଁ ଆପଣଙ୍କୁ ଶହେଟି ଶାସନ ଜାଗିରି ଦେବି।'' ତହୁଁ ବିଷ୍ଣୁଶର୍ମା ରାଜାଙ୍କୁ କହିଲେ, ''ରାଜନ୍, ମୋର ସତ୍ୟ ବାକ୍ୟ ଶୁଣନ୍ତୁ। ମୁଁ ଶହେ ଶାସନର ଜାଗିରି ମୂଲ୍ୟରେ ସୁଦ୍ଧା ବିଦ୍ୟା ବିକ୍ରୟ କରି ପାରିବି ନାହିଁ। ତଥାପି ଆପଣଙ୍କର ଏହି ପୁତ୍ରମାନଙ୍କୁ ଛଅ ମାସ ମଧ୍ୟରେ ଯଦି ନୀତିଶାସ୍ତ୍ରଜ୍ଞ କରି ନ ପାରିବି, ତେବେ ମୋର ନିଜ ନାମ ତ୍ୟାଗ କରିବି। ଅଧିକ କହିବାରେ କି ପ୍ରୟୋଜନ ! ମୋର ଦୃଢ଼ ବାଣୀ ଶୁଣନ୍ତୁ। ଧନଲୋଭରେ ମୁଁ କହୁନାହିଁ। ମୋତେ ଅଶୀ ବର୍ଷ ବୟସ ହେଲାଣି। ମୋର ଇନ୍ଦ୍ରିୟମାନେ ଶିଥିଳ ହୋଇଗଲେଣି। ମୋର ଅର୍ଥରେ କିଛି ପ୍ରୟୋଜନ ନାହିଁ। କିନ୍ତୁ ଆପଣଙ୍କ ପ୍ରାର୍ଥନା ପୂରଣ କରିବାପାଇଁ ମୁଁ (ଶିକ୍ଷାଦାନରୂପକ) ସରସ୍ୱତୀ ବିନୋଦ କରିବି। ଆଜି ଦିନଟି ଆପଣ ଲେଖିରଖନ୍ତୁ। ଯଦି ଛଅ ମାସ ମଧ୍ୟରେ ଆପଣଙ୍କ ପୁତ୍ରମାନଙ୍କୁ ନୀତିଶାସ୍ତ୍ରରେ ଅସାଧାରଣ ଜ୍ଞାନଶୀଳ

କରି ନ ପାରେ, ତେବେ ଆପଣଙ୍କଦ୍ୱାରା ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇ ମୁଁ ମୋକ୍ଷପଥ ଦେଖିବି ନାହିଁ।''

ଅନନ୍ତର ରାଜା ବିଷ୍ଣୁଶର୍ମାଙ୍କର ଏହି ଅସମ୍ଭବ ପ୍ରତିଜ୍ଞା ଶୁଣି ମନ୍ତ୍ରୀମାନଙ୍କ ସହିତ ଆନନ୍ଦିତ ତଥା ବିସ୍ମୟାନ୍ୱିତ ହୋଇ ଆଦରରେ ନିଜର ପୁତ୍ରମାନଙ୍କୁ ତାଙ୍କ ହସ୍ତରେ ଅର୍ପଣ କରି ଶାନ୍ତିଲାଭ କଲେ।

ବିଷ୍ଣୁଶର୍ମା ରାଜପୁତ୍ରମାନଙ୍କୁ ନେଇ ସେମାନଙ୍କ ନିମନ୍ତେ ମିତ୍ରଭେଦ, ମିତ୍ରପ୍ରାପ୍ତି, କାକୋଲୂକୀୟ, ଲବ୍ଧପ୍ରଣାଶ ଓ ଅପରୀକ୍ଷିତକାରକ ଏହି ପାଞ୍ଚୋଟି ତନ୍ତ୍ର ରଚନା କରି ସେମାନଙ୍କୁ ପଢ଼ାଇଲେ। ସେମାନେ ମଧ୍ୟ ଏହି ପଞ୍ଚତନ୍ତ୍ର ଅଧ୍ୟୟନ କରି ଛଅ ମାସରେ ବିଷ୍ଣୁଶର୍ମା ଯେପରି କହିଥିଲେ, ସେହିପରି ଅସାଧାରଣ ଜ୍ଞାନୀ ହୋଇଗଲେ। ତଦବଧି ଏହି ପଞ୍ଚତନ୍ତ୍ର ନାମକ ନୀତିଶାସ୍ତ୍ର ବାଳକମାନଙ୍କର ଜ୍ଞାନପ୍ରାପ୍ତି ନିମନ୍ତେ ସଂସାରରେ ପ୍ରସିଦ୍ଧ ହୋଇଅଛି। ଅଧିକ କହିବା ଅନାବଶ୍ୟକ –

ଅଧୀତେ ଯ ଇଦଂ ନିତ୍ୟଂ ନୀତିଶାସ୍ତ୍ରଂ ଶୃଣୋତି ଚ।
ନ ପରାଭବମାପ୍ନୋତି ଶକ୍ରାଦପି କଦାଚନ॥ ୧୦॥

ଯେଉଁ ଲୋକ ଏହି ନୀତିଶାସ୍ତ୍ରକୁ ନିତ୍ୟ ଅଧ୍ୟୟନ ବା ଶ୍ରବଣ କରେ, ସେ ଦେବରାଜ ଇନ୍ଦ୍ରଙ୍କ ନିକଟରେ ମଧ୍ୟ କଦାପି ପରାଜିତ ହୁଏ ନାହିଁ। ୧୦।

□ □ □

ମିତ୍ରଭେଦ

କଥା-ପ୍ରସ୍ତାବନା

ବର୍ତ୍ତମାନ ମିତ୍ରଭେଦ ନାମକ ପ୍ରଥମ ତନ୍ତ୍ର ଆରମ୍ଭ ହେଉଅଛି। ଏହାର ପ୍ରଥମ ଶ୍ଲୋକ ହେଉଛି –

ବର୍ଦ୍ଧମାନୋ ମହାନ୍ ସ୍ନେହଃ ସିଂହଗୋବୃଷୟୋର୍ବନେ।
ପିଶୁନେନାତିଲୁବ୍ଧେନ ଜମ୍ବୁକେନ ବିନାଶିତଃ।। ୧ ।।

ବନରେ ଗୋଟିଏ ସିଂହ ଓ ଗୋଟିଏ ବଳଦ ମଧ୍ୟରେ ଯେଉଁ ପ୍ରଗାଢ଼ ସ୍ନେହ ବୃଦ୍ଧି ପାଉଥିଲା, ତାହା ଦୁଷ୍ଟ ଓ ଲୋଭୀ ଶୃଗାଳଦ୍ୱାରା ବିନଷ୍ଟ ହୋଇଥିଲା। ୧ ।

ଏ ବିଷୟରେ ଶୁଣାଯାଏ –

ଦାକ୍ଷିଣାତ୍ୟ ଜନପଦରେ ମହିଳାରୋପ୍ୟ ନାମରେ ଗୋଟିଏ ନଗର ଅଛି। ସେଠାରେ ସ୍ୱଧର୍ମରେ ରହି ପ୍ରଚୁର ଅର୍ଥ ଅର୍ଜନ କରିଥିବା ବର୍ଦ୍ଧମାନ ନାମକ ଜଣେ ବଣିକପୁତ୍ର ବାସକରୁଥିଲେ। ଦିନେ ରାତିରେ ଶଯ୍ୟାରେ ଶୋଇଥିବା ସମୟରେ ସେ ଚିନ୍ତା କଲେ – ‘‘ଯେତେ ଧନ ଥିଲେ ବି ଅଧିକ ଅର୍ଥପାଇଁ ଉପାୟ ଚିନ୍ତା କରିବା ଉଚିତ। କାରଣ ଶାସ୍ତ୍ରରେ କୁହାଯାଇଛି –

ନ ହି ତଦ୍‌ବିଦ୍ୟତେ କିଞ୍ଚିଦ୍‌ଯଦର୍ଥେନ ନ ସିଦ୍ଧ୍ୟତି।
ଯତ୍ନେନ ମତିମାଂସ୍ତସ୍ମାଦର୍ଥମେକଂ ପ୍ରସାଧୟେତ୍।। ୨ ।।

ସଂସାରରେ ଏପରି କିଛି ନାହିଁ, ଯାହା ଧନଦ୍ୱାରା ସିଦ୍ଧ ହୋଇ ନ ପାରିବ। ତେଣୁ ବୁଦ୍ଧିମାନ୍ ଲୋକ ଅତି ଯତ୍ନରେ କେବଳ ଧନ ଉପାର୍ଜନ କରିବା ବିଧେୟ। ୨ ।

ଯସ୍ୟାର୍ଥାସ୍ତସ୍ୟ ମିତ୍ରାଣି ଯସ୍ୟାର୍ଥାସ୍ତସ୍ୟ ବାନ୍ଧବାଃ।
ଯସ୍ୟାର୍ଥାଃ ସ ପୁମାନ୍ ଲୋକେ ଯସ୍ୟାର୍ଥାଃ ସ ଚ ପଣ୍ଡିତଃ।।୩।।

ଯାହା ପାଖରେ ଧନ ଥାଏ, ଲୋକେ ତାର ମିତ୍ର ହୁଅନ୍ତି। ଯାହାର ଧନ ଥାଏ, ଲୋକେ ତାର ବନ୍ଧୁ ହୁଅନ୍ତି। ଯାହାର ଧନ ଅଛି, ସେ ସଂସାରରେ ଯଥାର୍ଥ ପୁରୁଷ। ଯାହାର ଧନ ଅଛି, ସେ ହିଁ ପଣ୍ଡିତ ବୋଲି ପରିଚିତ ହୁଏ।୩।

ନ ସା ବିଦ୍ୟା ନ ତଦ୍ଦାନଂ ନ ତଚ୍ଛିଳ୍ପଂ ନ ସା କଳା।
ନ ତତ୍ ସ୍ଥୈର୍ଯ୍ୟଂ ହି ଧନିନାଂ ଯାଚକୈର୍ଯନ୍ନ ଗୀୟତେ।। ୪ ।।

ଯାଚକମାନେ ଧନୀଲୋକମାନଙ୍କର ଯେଉଁ ବିଦ୍ୟା, ଯେଉଁ ଦାନ, ଯେଉଁ ଶିଳ୍ପ, ଯେଉଁ କଳା, ଯେଉଁ ସ୍ଥୈର୍ଯ୍ୟର ପ୍ରଶଂସା ଗାନ କରନ୍ତି ନାହିଁ, ସେ ବିଦ୍ୟା ବିଦ୍ୟା ନୁହେଁ; ସେ ଦାନ ଦାନ ନୁହେଁ; ସେ ଶିଳ୍ପ ଶିଳ୍ପ ନୁହେଁ; ସେ କଳା କଳା

ନୁହେଁ; ସେ ସ୍ଥୈର୍ଯ୍ୟ ସ୍ଥୈର୍ଯ୍ୟ ନୁହେଁ। ୪।

ଇହ ଲୋକେ ହି ଧନିନାଂ ପରୋଽପି ସ୍ୱଜନାୟତେ।
ସ୍ୱଜନୋଽପି ଦରିଦ୍ରାଣାଂ ସର୍ବଦା ଦୁର୍ଜନାୟତେ॥ ୫॥

ଏ ସଂସାରରେ ଅନାତ୍ମୀୟ ଲୋକ ମଧ୍ୟ ଧନୀମାନଙ୍କର ଆତ୍ମୀୟ ହୋଇଯାନ୍ତି; କିନ୍ତୁ ଦରିଦ୍ରମାନଙ୍କର ଆତ୍ମୀୟମାନେ ସୁଦ୍ଧା ସେମାନଙ୍କୁ ଦୁର୍ଜନଭଳି ବ୍ୟବହାର ଦେଖାଇଥାନ୍ତି। ୫।

ଅର୍ଥେଭ୍ୟୋଽତି ପ୍ରବୃଦ୍ଧେଭ୍ୟଃ ସଂବୃତ୍ତେଭ୍ୟସ୍ତତସ୍ତତଃ।
ପ୍ରବର୍ତ୍ତନ୍ତେ କ୍ରିୟାଃ ସର୍ବାଃ ପର୍ବତେଭ୍ୟ ଇବାପଗାଃ॥ ୬॥

ଯେପରି ପର୍ବତରୁ ନଦୀମାନେ ବାହାରି ସକଳ କାର୍ଯ୍ୟ ସମ୍ପନ୍ନ କରନ୍ତି, ସେହିପରି ଇତସ୍ତତଃ ସଂଗୃହୀତ ଧନ ବୃଦ୍ଧିପ୍ରାପ୍ତ ହୋଇ ମନୁଷ୍ୟର ସକଳ କାର୍ଯ୍ୟ ସାଧନ କରେ। ୬।

ପୂଜ୍ୟତେ ଯଦପୂଜ୍ୟୋଽପି ଯଦଗମ୍ୟୋଽପି ଗମ୍ୟତେ।
ବନ୍ଦ୍ୟତେ ଯଦବନ୍ଦ୍ୟୋଽପି ସ ପ୍ରଭାବୋ ଧନସ୍ୟ ଚ॥ ୭॥

ଧନର ପ୍ରଭାବ ଏପରି ଯେ ଏହା ହେତୁରୁ ଅପୂଜ୍ୟ ମଧ୍ୟ ପୂଜା ପାଏ; ଯେ ଅଗମ୍ୟ, ସେ ଗମ୍ୟ ବିବେଚିତ ହୁଏ; ଅବନ୍ଦ୍ୟ ବନ୍ଦନୀୟ ହୁଏ। ୭।

ଅଶନାଦିନ୍ଦ୍ରିୟାଣୀବ ସ୍ୟୁଃ କାର୍ଯ୍ୟାଣ୍ୟଖିଳାନ୍ୟପି।
ଏତସ୍ମାତ୍କାରଣାଦ୍‌ବିତ୍ତଂ ସର୍ବସାଧନମୁଚ୍ୟତେ॥ ୮॥

ଯେପରି ଆହାରଦ୍ୱାରା ସକଳ ଇନ୍ଦ୍ରିୟ ସବଳ ହୋଇଥାନ୍ତି, ସେହିପରି ଧନଦ୍ୱାରା ସକଳ କାର୍ଯ୍ୟ ସିଦ୍ଧ ହୋଇଥାଏ। ତେଣୁ ଧନକୁ ସର୍ବସାଧନ କୁହାଯାଏ। ୮।

ଅର୍ଥାର୍ଥୀ ଜୀବଲୋକୋଽୟଂ ଶ୍ମଶାନମପି ସେବତେ।
ତ୍ୟକ୍ତ୍ୱା ଜନୟିତାରଂ ସ୍ୱଂ ନିଃସ୍ୱଂ ଗଚ୍ଛତି ଦୂରତଃ॥ ୯॥

ଧନାଭିଳାଷୀ ଲୋକ ଧନ ଆଶାରେ ଶ୍ମଶାନକୁ ମଧ୍ୟ ଆଶ୍ରୟ କରିପାରେ ଏବଂ ନିଜର ଜନ୍ମଦାତା ନିର୍ଦ୍ଧନ ପିତାକୁ ପରିତ୍ୟାଗ କରି ଦୂରକୁ ଚାଲିଯାଇପାରେ। ୯।

ଗତବୟସାମପି ପୁଂସାଂ ଯେଷାମର୍ଥା ଭବନ୍ତି ତେ ତରୁଣାଃ।
ଅର୍ଥେନ ତୁ ଯେ ହୀନା ବୃଦ୍ଧାସ୍ତେ ଯୌବନେଽପି ସ୍ୟୁଃ॥ ୧୦॥

ବୃଦ୍ଧ ଲୋକ ନିକଟରେ ଧନ ଥିଲେ, ସେ ବୃଦ୍ଧ ହୋଇ ମଧ୍ୟ ତରୁଣ ଏବଂ ଧନହୀନ ହେଲେ ଯୌବନରେ ମଧ୍ୟ ମନୁଷ୍ୟ ବୃଦ୍ଧ ବୋଲି ବିବେଚିତ ହୋଇଥାଏ। ୧୦।

ଏହି ଧନ ମନୁଷ୍ୟକୁ ଛଅଟି ଉପାୟରେ ମିଳେ; ଯଥା– ଭିକ୍ଷା, ରାଜସେବା, କୃଷିକର୍ମ, ବିଦ୍ୟାର୍ଜନ, ବ୍ୟବହାର (କରଜ ଦେବା-ନେବା) ଓ ବାଣିଜ୍ୟବୃତ୍ତି। ଏଗୁଡ଼ିକ ମଧ୍ୟରେ ବାଣିଜ୍ୟବୃତ୍ତିଦ୍ୱାରା ଧନ ଲାଭ କଲେ ଅପମାନ ନାହିଁ। କାରଣ–

କୃତା ଭିକ୍ଷା ନେକୈର୍ବିତରତି ନୃପୋ ନୋଚିତମହୋ
କୃଷିଃ କ୍ଲିଷ୍ଟା ବିଦ୍ୟା ଗୁରୁବିନୟବୃତ୍ତ୍ୟାତିବିଷମା।

କୁସୀଦାଦ୍ଦାରିଦ୍ର୍ୟଂ ପରକରଗତଗ୍ରନ୍ଥିଶମନା-
ନ୍ନ ମନ୍ୟେ ବାଣିଜ୍ୟାତ୍କିମପି ପରମଂ ବର୍ତ୍ତନମିହ ॥ ୧୧ ॥

ଅନେକ ଲୋକଙ୍କ ଘରେ ମାଗିଲେ ଭିକ୍ଷା ମିଳେ। ରାଜସେବା କଲେହେଁ ରାଜା ଉଚିତ ବେତନ ଦିଅନ୍ତି ନାହିଁ। କୃଷିକାର୍ଯ୍ୟରେ ବହୁ କ୍ଲେଶ ସହିବାକୁ ପଡ଼େ। ଗୁରୁଙ୍କ ପାଖେ ବିନୟ ଆଚରଣ କରି ବିଦ୍ୟା ଅର୍ଜନ କରିବା କଠିନ। କରଜ ଦେଇ ସୁଧ ନେଇ ମଧ୍ଯ ଲୋକ ଦରିଦ୍ର ହୋଇଯାଇପାରେ; କାରଣ ନିଜ ଧନ ପରହସ୍ତଗତ ହେବାରୁ ମୂଳଧନ ବୁଡ଼ିଯିବାର ଭୟ ଥାଏ। ତେଣୁ ଜୀବିକା ଅର୍ଜନ ପାଇଁ ବାଣିଜ୍ୟଠାରୁ ବଳି ଅନ୍ୟ କୌଣସି ଉପାୟ ନାହିଁ। ୧୧।

ଉପାୟାନାଂ ଚ ସର୍ବେଷାମୁପାୟଃ ପଣ୍ୟସଂଗ୍ରହଃ।
ଧନାର୍ଥଂ ଶସ୍ୟତେ ହ୍ୟେକସ୍ତଦନ୍ୟଃ ସଂଶୟାତ୍ମକଃ ॥ ୧୨ ॥

ସବୁ ଉପାୟ ମଧ୍ୟରେ ବିକ୍ରୟଯୋଗ୍ୟ ବସ୍ତୁ ସଂଗ୍ରହ ହେଉଛି ଧନପ୍ରାପ୍ତିର ପ୍ରଧାନ ଉପାୟ। ଏହାଛଡ଼ା ଅନ୍ୟସବୁ ଉପାୟ ସନ୍ଦେହାତ୍ମକ। ୧୨।

ଧନ ଅର୍ଜନର ପ୍ରଧାନ ଉପାୟରୂପେ ବିବେଚିତ ବାଣିଜ୍ୟ ସାତ ପ୍ରକାର; ଯଥା— (୧) ଗନ୍ଧଦ୍ରବ୍ୟ (ଅତର ପ୍ରଭୃତି) ବ୍ୟବସାୟ, (୨) ନିକ୍ଷେପ ପ୍ରବେଶ ଅର୍ଥାତ୍ ବନ୍ଧକ ରଖି କରଜ ଦେବା, (୩) ଗୋଷ୍ଠିକ କର୍ମ (ଗୋରୁ ଖରିଦ-ବିକ୍ରି) ଅଥବା ଗୋଷ୍ଠୀ ବା ସମାଜର ମୁଖ୍ୟରୂପେ ନ୍ୟାୟା-ନ୍ୟାୟ ବିଚାର କରିବା, (୪) ପରିଚିତ ଗ୍ରାହକମାନଙ୍କୁ ଆକର୍ଷଣ କରିବା, (୫) ବିକ୍ରୟବେଳେ ସ୍ୱଳ୍ପମୂଲ୍ୟ ବସ୍ତୁକୁ ଅଧିକ ମୂଲ୍ୟ କହିବା, (୬) ତରାଜୁରେ ଓଜନବେଳେ ପ୍ରତାରଣା ଓ (୭) ଦୂରଦେଶରୁ ବିକ୍ରିଯୋଗ୍ୟ ବସ୍ତୁ ସଂଗ୍ରହ କରିବା। ଆହୁରି କଥିତ ଅଛି—

ପଣ୍ୟାନାଂ ଗାନ୍ଧିକଂ ପଣ୍ୟଂ କିମନ୍ୟୈଃ କାଞ୍ଚନାଦିଭିଃ।
ଯତ୍ରୈକେନ ଚ ଯତ୍କ୍ରୀତଂ ତଚ୍ଛତେନ ପ୍ରଦୀୟତେ ॥ ୧୩ ॥

ପଣ୍ୟଦ୍ରବ୍ୟମାନଙ୍କ ଭିତରେ ସୁଗନ୍ଧିତ ଦ୍ରବ୍ୟ, ଔଷଧାଦିର ବ୍ୟବସାୟ ସର୍ବଶ୍ରେଷ୍ଠ; କାରଣ ଏହି ବ୍ୟାପାରରେ କ୍ରୟମୂଲ୍ୟର ଶତଗୁଣ ମୂଲ୍ୟରେ ଦ୍ରବ୍ୟ ବିକ୍ରୟ ହୁଏ। ତେବେ ସୁନା ରୁପା ଆଦି ବ୍ୟବସାୟରେ କି ଲାଭ ?। ୧୩।

ନିକ୍ଷେପେ ପତିତେ ହର୍ମ୍ୟେ ଶ୍ରେଷ୍ଠୀ ସ୍ତୌତି ସ୍ୱଦେବତାମ୍।
ନିକ୍ଷେପୀ ମ୍ରିୟତେ ତୁଭ୍ୟଂ ପ୍ରଦାସ୍ୟାମ୍ୟୁପଯାଚିତମ୍ ॥ ୧୪ ॥

ବନ୍ଧକ ଦ୍ରବ୍ୟ ଘରକୁ ଆସିଲାପରେ ମହାଜନ ନିଜର କୁଳଦେବତାଙ୍କୁ ଜଣାଉଥାଏ— ଯଦି ଖାତକ ମରିଯାନ୍ତା, ତେବେ ମୁଁ ଦେବତାଙ୍କୁ ପୂଜା ଦିଅନ୍ତି। ୧୪।

ଗୌଷ୍ଠିକକର୍ମନିଯୁକ୍ତଃ ଶ୍ରେଷ୍ଠୀ ଚିନ୍ତୟତି ଚେତସା ହୃଷ୍ଟଃ।
ବସୁଧା ବସୁସମ୍ପୂର୍ଣ୍ଣା ମୟାଦ୍ୟ ଲବ୍ଧା କିମନ୍ୟେନ ॥ ୧୫ ॥

ଗୋରୁ ଖରିଦ-ବିକ୍ରି କରୁଥିବା ବ୍ୟବସାୟୀ ଆନନ୍ଦ ମନରେ ବିଚାର କରେ— ଆଜି ଧନପରିପୂର୍ଣ୍ଣ ପୃଥିବୀ ମୋତେ ମିଳିଛି। ମୋର ଅନ୍ୟ ବସ୍ତୁରେ କି ପ୍ରୟୋଜନ ଅଛି ?। ୧୫।

ପରିଚିତମାଗଚ୍ଛନ୍ତଂ ଗ୍ରାହକମୁତ୍କଣ୍ଠୟା ବିଲୋକ୍ୟାସୌ।
ହୃଷ୍ୟତି ତଦ୍ଧନଲୁବ୍ଧୋ ଯଦ୍‌ବତ୍‌ପୁତ୍ରେଣ ଜାତେନ ॥ ୧୬ ॥

ପରିଚିତ ଗ୍ରାହକ ଆସୁଥିବାର ଦେଖି ବ୍ୟବସାୟୀ ଉତ୍କଣ୍ଠାସହକାରେ ତାର ଧନ ଉପରେ ଆଖି ପକାଇ ପ୍ରଫୁଲ୍ଲ ହୋଇଯାଏ, ଯେତେ ଅବା ତା'ର ଗୋଟିଏ ପୁତ୍ର ଜନ୍ମ ହୋଇଛି। ୧୬। ଆହୁରି –

ପୂର୍ଣ୍ଣାପୂର୍ଣ୍ଣେର୍ମାନୈଃ ପରିଚିତଜନବଞ୍ଚନଂ ତଥା ନିତ୍ୟମ୍।
ମିଥ୍ୟାକ୍ରୟସ୍ୟ କଥନଂ ପ୍ରକୃତିରିୟଂ ସ୍ୟାତ୍କିରାତାନାମ୍ ॥ ୧୭ ॥

କମ୍ ବା ଭୁଲ୍ ଓଜନକରି ପ୍ରତିଦିନ ପରିଚିତ ଲୋକଙ୍କୁ ଠକିବା ଏବଂ ମିଥ୍ୟା ମୂଲ୍ୟ କହିବା କେବଳ ଶବରପ୍ରଭୃତି ଆଦିବାସୀଙ୍କର ସ୍ୱଭାବ। ୧୭। ଆହୁରି ମଧ୍ୟ –

ଦ୍ୱିଗୁଣଂ ତ୍ରିଗୁଣଂ ବିତ୍ତଂ ଭାଣ୍ଡକ୍ରୟବିଚକ୍ଷଣାଃ।
ପ୍ରାପ୍ନୁବନ୍ତ୍ୟୁଦ୍ୟମାଲ୍ଲୋକା ଦୂରଦେଶାନ୍ତରଂ ଗତାଃ ॥ ୧୮ ॥

ଚତୁର ବ୍ୟବସାୟୀ ଦୂରଦେଶରେ ବାସନକୁସନ ବିକ୍ରୟ କରି ଉଦ୍ୟୋଗଦ୍ୱାରା ଦୁଇଗୁଣ ତିନିଗୁଣ ଧନ ଲାଭ କରିପାରେ। ୧୮।

ଏହିପରି ବିଚାର କରି ସେହି ବଣିକ (ବର୍ଦ୍ଧମାନ) ମଥୁରାରେ ବିକ୍ରୟଯୋଗ୍ୟ ବାସନ ଘେନି ଶୁଭଦିନରେ ଗୁରୁଜନମାନଙ୍କର ଅନୁମତି ନେଇ ଗାଡ଼ିରେ ବସି ବାହାରିଲା। ସ୍ୱଗୃହପାଳିତ ଶୁଭଲକ୍ଷଣଯୁକ୍ତ ସଞ୍ଜୀବକ ଓ ନନ୍ଦକ ନାମକ ଦୁଇଟି ବଳଦଙ୍କୁ ସେ ନିଜ ଗାଡ଼ିରେ ଯୋଚିଲା। ଏହିପରି ଯାଉ ଯାଉ ଯମୁନା ନଦୀର ତଟଦେଶରେ ଗାଡ଼ି ଓହ୍ଲାଇଲା ବେଳକୁ ସଞ୍ଜୀବକର ପାଦ ପଙ୍କରେ ଖସିଯିବାରୁ ତାର ଜଙ୍ଘ ଭାଙ୍ଗିଗଲା ଓ ସେ ତଳେ ବସିଗଲା। ତାହାର ଏ ପ୍ରକାର ଦୁରବସ୍ଥା ଦେଖି ବର୍ଦ୍ଧମାନ ନିତାନ୍ତ ଦୁଃଖିତ ହେଲା ଓ ଏହି ହେତୁରୁ ସଞ୍ଜୀବକପ୍ରତି ପ୍ରୀତିବଶତଃ ତିନିଦିନ ପର୍ଯ୍ୟନ୍ତ ଆଉ ଅଗ୍ରସର ହେଲା ନାହିଁ। ତାହାର ଏହି ବିଷାଦ ଦେଖି ସଙ୍ଗୀମାନେ କହିଲେ – ହେ ଶ୍ରେଷ୍ଠିନ୍! ଗୋଟିଏ ବଳଦ ପାଇଁ ଆପଣ ସିଂହବ୍ୟାଘ୍ରପୂର୍ଣ୍ଣ, ବିପଦସଙ୍କୁଳ ଏହି ବନରେ ଆପଣଙ୍କର ସାଥୀମାନଙ୍କୁ ବିପଦରେ ପକାଉଅଛନ୍ତି। କଥିତ ଅଛି –

ନ ସ୍ୱଳ୍ପସ୍ୟ କୃତେ ଭୂରି ନାଶୟେନ୍ମତିମାନ୍ନରଃ।
ଏତଦେବାତ୍ର ପାଣ୍ଡିତ୍ୟଂ ଯତ୍ସ୍ୱଳ୍ପାଦ୍‌ଭୂରିରକ୍ଷଣମ୍ ॥ ୧୯ ॥

ବୁଦ୍ଧିମାନ୍ ଲୋକେ ଛୋଟ ଜିନିଷ ପାଇଁ ବଡ଼ ଜିନିଷକୁ ନାଶ କରନ୍ତି ନାହିଁ, ଛୋଟ ଜିନିଷକୁ ଛାଡ଼ି ବଡ଼କୁ ରକ୍ଷା କରିବା ହେଉଛି ପାଣ୍ଡିତ୍ୟର ପରିଚାୟକ। ୧୯।

ତଦନନ୍ତର ବର୍ଦ୍ଧମାନ ତାହାହିଁ ସ୍ଥିର କରି ସଞ୍ଜୀବକର ସୁରକ୍ଷା ନିମିତ୍ତ ରକ୍ଷକ ନିଯୁକ୍ତ କରି ଅନ୍ୟ ସାଥୀମାନଙ୍କୁ ଘେନି ଚାଲିଗଲା। ଦିନେ-ଦୁଇଦିନ ପରେ ନିଯୁକ୍ତ ରକ୍ଷକମାନେ ଏହି ବନକୁ ବିପଦସଙ୍କୁଳ ଦେଖି ସଞ୍ଜୀବକକୁ ସେଠାରେ ଛାଡ଼ି ବର୍ଦ୍ଧମାନର ପଛେ ପଛେ ଯାଇ ମିଛରେ କହିଲେ, "ପ୍ରଭୁ, ସଞ୍ଜୀବକର ମୃତ୍ୟୁ ହୋଇଅଛି। ତାହାର ଅଗ୍ନିସଂସ୍କାର କରିବା ଆପଣଙ୍କର ଇଚ୍ଛା ବୋଲି ଅନୁମାନ କରି ଆମେମାନେ ଅଗ୍ନିରେ ତା'ର ଶବସତ୍କାର କରିଅଛୁ।" ଏହା ଶୁଣି ବର୍ଦ୍ଧମାନ କୃତଜ୍ଞତା ପ୍ରକାଶ

କରି ସ୍ନେହାର୍ଦ୍ର ହୃଦୟରେ ସଞ୍ଜୀବକ ଉଦ୍ଦେଶ୍ୟରେ ବୃଷୋତ୍ସର୍ଗ ପ୍ରଭୃତି (ଔର୍ଦ୍ଧ୍ୱଦେହିକ କ୍ରିୟା) ସମସ୍ତ ପ୍ରେତକୃତ୍ୟ କଲେ। ଏଣେ ସଞ୍ଜୀବକର ଆୟୁଷ ଥିବାରୁ ଯମୁନା ଜଳକଣା ମିଶ୍ରିତ ଶୀତଳବାୟୁ ସ୍ପର୍ଶରେ ସୁସ୍ଥଶରୀର ହୋଇ କୌଣସିମତେ ଯମୁନାର ତଟଦେଶକୁ ଉଠିଲା। ସେଠାରେ ମରକତସଦୃଶ କୋମଳ ତୃଣର ଅଗ୍ରଭାଗ ଭକ୍ଷଣ କରିବାରୁ କେତେକ ଦିନ ମଧ୍ୟରେ ସେ ଶିବବୃଷଭ (ନନ୍ଦି) ପରି ପୃଥୁଳ, କକୁଦବିଶିଷ୍ଟ ଓ ବଳବାନ୍ ହୋଇଗଲା ଏବଂ ପ୍ରତିଦିନ ବଲ୍ମୀକଶିଖରକୁ ନିଜର ଦୁଇ ଶିଙ୍ଗରେ ବିଦୀର୍ଣ୍ଣ କରି ଗର୍ଜନ କରିବାକୁ ଲାଗିଲା। ଯଥାର୍ଥରେ କୁହାଯାଇଅଛି—

ଅରକ୍ଷିତଂ ତିଷ୍ଠତି ଦୈବରକ୍ଷିତଂ ସୁରକ୍ଷିତଂ ଦୈବହତଂ ବିନଶ୍ୟତି।
ଜୀବତ୍ୟନାଥୋଽପି ବନେ ବିସର୍ଜିତଃ କୃତପ୍ରଯତ୍ନୋଽପି ଗୃହେ ବିନଶ୍ୟତି॥ ୨୦॥

ଅରକ୍ଷିତ ବ୍ୟକ୍ତି ମଧ୍ୟ ଦୈବବଳରେ ରକ୍ଷିତ ହୋଇ ବଞ୍ଚିରହେ। ଦୈବ ପ୍ରତିକୂଳ ହେଲେ ସୁରକ୍ଷିତ ବ୍ୟକ୍ତିର ମଧ୍ୟ ବିନାଶ ଘଟେ। ବନରେ ପରିତ୍ୟକ୍ତ ହୋଇଥିଲେହେଁ ଅନାଥ ବ୍ୟକ୍ତି ବଞ୍ଚିରହେ, ଅଥଚ ଘରେ ନାନା ଯତ୍ନ କଲେ ସୁଦ୍ଧା ତାର ବିନାଶ ଘଟେ। ୨୦।

ଅନନ୍ତର ଏକ ସମୟରେ ପିଙ୍ଗଳକ ନାମକ ପଶୁରାଜ ସିଂହ ସମସ୍ତ ପଶୁ ସହିତ ପିପାସାକୁଳ ହୋଇ ଜଳପାନ ନିମନ୍ତେ ଯମୁନାତଟରେ ପହଞ୍ଚି ଦୂରରୁ ସଞ୍ଜୀବକର ଘୋର ଗମ୍ଭୀର ଗର୍ଜନ ଶୁଣିଲା। ତାହା ଶୁଣି ତାର ହୃଦୟ ନିତାନ୍ତ ବ୍ୟାକୁଳ ହେଲା; କିନ୍ତୁ ସହସା ସେ ନିଜର ଅବସ୍ଥାକୁ ଗୋପନ ରଖି ବଟବୃକ୍ଷ ମୂଳରେ ଚତୁର୍ମଣ୍ଡଳାବସ୍ଥାନ କ୍ରମରେ ବସିରହିଲା। ଚତୁର୍ମଣ୍ଡଳାବସ୍ଥାନ ଏହାକୁ କହନ୍ତି— ସିଂହ, ସିଂହର ଅନୁଗାମୀ ବର୍ଗ, କାକରବ (ଅର୍ଥାତ୍ ଯେଉଁମାନେ କାକପରି ରାବ କରନ୍ତି) ଓ କିଂବୃତ୍ତ (ଅର୍ଥାତ୍ କୌଣସି ବିଷୟ ଉପସ୍ଥିତ ହେଲେ, ଯେଉଁମାନେ ତାହା ଜାଣିପାରନ୍ତି।)। କରଟକ ଓ ଦମନକ ନାମରେ ଦୁଇଟି ଶୃଗାଳ-ମନ୍ତ୍ରୀପୁତ୍ର ଅଧିକାରଭ୍ରଷ୍ଟ ହୋଇ ମଧ୍ୟ ସର୍ବଦା ପିଙ୍ଗଳକର ଅନୁସରଣ କରୁଥିଲେ। ସେ ଦୁହେଁ ପରସ୍ପର ମନ୍ତ୍ରଣା କରିବାକୁ ଲାଗିଲେ। ଦମନକ କହିଲା, "ଭଦ୍ର କରଟକ, ଆମର ପ୍ରଭୁ ପିଙ୍ଗଳକ ତ ଜଳପାନ କରିବାପାଇଁ ଯମୁନାକୂଳକୁ ଯାଉଥିଲେ। ସେ ପିପାସାକୁଳ ହେଲେ ସୁଦ୍ଧା କାହିଁକି ଫେରିଆସି ବ୍ୟୂହରଚନା କରି ଦୁଃଖାଭିଭୂତ ହୋଇ ବଟବୃକ୍ଷ ମୂଳରେ ବସିଅଛନ୍ତି?" କରଟକ କହିଲା, "ଭଦ୍ର, ସେ ବିଷୟରେ ଆମର କଅଣ ଅଛି? କାରଣ, କଥିତ ଅଛି—

ଅବ୍ୟାପାରେଷୁ ବ୍ୟାପାରଂ ଯୋ ନରଃ କର୍ତ୍ତୁମିଚ୍ଛତି।
ସ ଏବ ନିଧନଂ ଯାତି କୀଲୋତ୍ପାଟୀବ ବାନରଃ॥ ୨୧॥

ଯେଉଁ ଲୋକ ନିଜର କାର୍ଯ୍ୟ ଛାଡ଼ି ଅନ୍ୟର କାର୍ଯ୍ୟ କରିବାକୁ ଇଚ୍ଛା କରେ, ସେ କୀଳା ଉପାଡ଼ିଥିବା ବାନରଭଳି ମୃତ୍ୟୁଲାଭ କରେ। ୨୧।"

ଦମନକ କହିଲା— "ସେ କଥାଟି କଣ?" କରଟକ କହିବାକୁ ଲାଗିଲା—

କୀଲୋତ୍ପାଟି ବାନର କଥା

କୌଣସି ନଗର ସମୀପରେ ଜଣେ ବଣିକପୁତ୍ର ଉପବନ ମଧ୍ୟରେ ଗୋଟିଏ ଦେବମନ୍ଦିର ନିର୍ମାଣ କରିବାକୁ ଆରମ୍ଭ କଲେ। ସେଠାରେ ଯେଉଁ କାରିଗରମାନେ କାର୍ଯ୍ୟ କରୁଥିଲେ, ସେମାନେ ମଧ୍ୟାହ୍ନ ସମୟରେ ଭୋଜନ ନିମନ୍ତେ ନଗର ଭିତରକୁ ଯାଉଥିଲେ। ଏକ ସମୟରେ ଉପବନ ନିକଟରେ ବାସକରୁଥିବା ଦଳେ ବାନର ଇତସ୍ତତଃ ଭ୍ରମଣ କରୁ କରୁ ସେଠାରେ ଉପସ୍ଥିତ ହେଲେ। କୌଣସି ଏକ କାରିଗରଦ୍ୱାରା ଅଧା ଚିରା ହୋଇଥିବା ଅଞ୍ଜନ ଗଛ କାଠରେ ତିଆରି ଖମ୍ବ ମଝିରେ ଖଇରକାଠର କିଳା ଦିଆହୋଇ ରହିଥିଲା। ଏଥିମଧ୍ୟରେ ବାନରମାନେ ବୃକ୍ଷ ଓ ମନ୍ଦିରର ଚୂଡ଼ାରେ ଏବଂ କାଠର ଚାରିପାଖେ ଯଥେଚ୍ଛା କ୍ରୀଡ଼ା କରିବାକୁ ଲାଗିଲେ। ସେମାନଙ୍କ ଭିତରୁ ଗୋଟିଏ ବାନରର ମୃତ୍ୟୁକାଳ ନିକଟ ହୋଇଥିବାରୁ ସେ ଚପଳତାବଶତଃ ସେହି ଅଧାଚିରା ସ୍ତମ୍ଭ ଉପରେ ବସି ଦୁଇ ହାତରେ କିଳାକୁ ଧରି ଯେତେବେଳେ ତାକୁ ଉପାଡ଼ିବାକୁ ବସିଲା, ସେତେବେଳେ କିଳାଟି ନିଜ ସ୍ଥାନରୁ ବାହାରିଯିବାରୁ ସ୍ତମ୍ଭର ଫାଟ ମଧ୍ୟରେ ଗଳିପଡ଼ିଥିବା ତାର ଅଣ୍ଡକୋଷ ଚିପିହୋଇ ବାନରର ଦଶା ଯାହା ହୋଇଥିଲା, ତାହା ମୁଁ ଆଗରୁ କହିଛି। ସେହି ହେତୁରୁ ମୁଁ 'ଅବ୍ୟାପାରେଷୁ ବ୍ୟାପାରଂ . . .' ଇତ୍ୟାଦି କହୁଥିଲି। ଆମ ଦୁହିଁଙ୍କ ଭୋଜନରୁ ଯାହା ବଳିଛି, ତାହା ରହିଛି। ତେବେ ସେ ବିଷୟରେ ଆମର କଅଣ ଅଛି?'' ଦମନକ କହିଲା, ''ତାହାହେଲେ ତୁମେ କଅଣ କେବଳ ଭୋଜନାର୍ଥୀ ହୋଇ ରହିଛ? ତାହା ଉଚିତ ନୁହେଁ। କଥିତ ଅଛି—

ସୁହୃଦାମୁପକାରକାରଣାଦ୍ ଦ୍ୱିଷତାମପ୍ୟପକାରକାରଣାଦ୍।
ନୃପସଂଶ୍ରୟ ଇଷ୍ୟତେ ବୁଧୈର୍ଜଠରଂ କୋ ନ ବିଭର୍ତ୍ତି କେବଳମ୍॥ ୨୨॥

ବୁଦ୍ଧିମାନ୍ ଲୋକ ମିତ୍ରର ଉପକାର ଓ ଶତ୍ରୁର ଅପକାର ସାଧନ କରିବା ଉଦ୍ଦେଶ୍ୟରେ ରାଜାଙ୍କର ଆଶ୍ରୟ ପାଇବାକୁ ଇଚ୍ଛା କରିଥାଏ। ଏପରି କିଏ ଅଛି, ଯେ କି କୌଣସିମତେ ଉଦର ପୂରଣ କରୁନାହିଁ?। ୨୨। କାରଣ—

ଯସ୍ମିନ୍ ଜୀବତି ଜୀବନ୍ତି ବହବଃ ସୋଽତ୍ର ଜୀବତୁ।
ବୟାଂସି କିଂ ନ କୁର୍ବନ୍ତି ଚଞ୍ଚ୍ୱା ସ୍ୱୋଦରପୂରଣମ୍॥ ୨୩॥

ଯାହାର ବଞ୍ଚିରହିବାଦ୍ୱାରା ବହୁସଂଖ୍ୟକ ଲୋକ ପ୍ରାଣଧାରଣ କରନ୍ତି, ସେହି ଲୋକର ଜିଇବା ସାର୍ଥକ। ତାହା ନ ହେଲେ ପକ୍ଷୀମାନେ କଂଅଣ ଚଞ୍ଚୁ ସାହାଯ୍ୟରେ ନିଜନିଜର ଉଦର ପୂରଣ କରୁନାହାନ୍ତି?। ୨୩। ପୁଣି—

ଯଜ୍ଜୀବ୍ୟତେ କ୍ଷଣମପି ପ୍ରଥିତଂ ମନୁଷ୍ୟୈ-
ର୍ବିଜ୍ଞାନଶୌର୍ଯ୍ୟବିଭବାର୍ଯ୍ୟଗୁଣୈଃ ସମେତମ୍।
ତନ୍ନାମ ଜୀବିତମିହ ପ୍ରବଦନ୍ତି ତଜ୍ଜ୍ଞାଃ
କାକୋଽପି ଜୀବତି ଚିରାୟ ବଳିଂ ଚ ଭୁଙ୍କ୍ତେ॥ ୨୪॥

ବିଜ୍ଞାନ, ଶୌର୍ଯ୍ୟ, ବିଭବ ତଥା ଆର୍ଯ୍ୟଗୁଣଦ୍ୱାରା ପ୍ରସିଦ୍ଧ ହୋଇ ଯେଉଁ ବ୍ୟକ୍ତି କ୍ଷଣମାତ୍ର ଜୀବିତ ରହେ, ତାହାର ଜୀବନକୁ ସଂସାରରେ ବିଦ୍ୱାନ୍ ଲୋକେ ଯଥାର୍ଥ କହିଥାନ୍ତି। ତା' ନ ହେଲେ ଅନ୍ୟ ପରିତ୍ୟକ୍ତ ଖାଦ୍ୟ ଖାଇ ଦୀର୍ଘକାଳ ବଞ୍ଚିରହୁଥିବା କୁଆର ଜୀବନକୁ କ'ଣ ସାର୍ଥକ ଜୀବନ କୁହାଯାଏ ? । ୨୪ ।

ଯୋ ନାତ୍ମନା ନ ଚ ପରେଣ ଚ ବନ୍ଧୁବର୍ଗେ
ଦୀନେ ଦୟାଂ ନ କୁରୁତେ ନ ଚ ମର୍ତ୍ତ୍ୟବର୍ଗେ।
କିଂ ତସ୍ୟ ଜୀବିତଫଳଂ ହି ମନୁଷ୍ୟଲୋକେ
କାକୋଽପି ଜୀବତି ଚିରାୟ ବଳିଂଚ ଭୁଙ୍କ୍ତେ ।। ୨୫ ।।

ଯେଉଁ ଲୋକ ନିଜେ ବା ଅନ୍ୟଦ୍ୱାରା ବନ୍ଧୁବର୍ଗଙ୍କ ପ୍ରତି, ଦରିଦ୍ର ପ୍ରତି ଓ ଲୋକସାଧାରଣ ପ୍ରତି ଦୟା କରେ ନାହିଁ ବା କରାଏ ନାହିଁ, ଇହଲୋକରେ ତାର ଜୀବନରେ କି ଫଳ? କାକ ମଧ୍ୟ ଦୀର୍ଘ ଜୀବନ ଧାରଣ କରି ବଳିଭୋଜନ ଖାଉଥାଏ । ୨୫ ।

ସୁପୂରା ସ୍ୟାତ୍କୁନଦିକା ସୁପୂରୋ ମୂଷିକାଞ୍ଜଳିଃ ।
ସୁସନ୍ତୁଷ୍ଟଃ କାପୁରୁଷଃ ସ୍ୱଳ୍ପକେନାପି ତୁଷ୍ୟତି ।। ୨୬ ।।

କ୍ଷୁଦ୍ର ନଦୀ ଓ ମୂଷିକର ଅଞ୍ଜଳି ସହଜରେ ପୂରିଯାଏ । ସେହିପରି କାପୁରୁଷ ଅତି ଶୀଘ୍ର ସାମାନ୍ୟ ବସ୍ତୁରେ ସନ୍ତୁଷ୍ଟ ହୋଇଯାଏ । ୨୬ । ଆହୁରି ମଧ୍ୟ –

କିଂ ତେନ ଜାତୁ ଜାତେନ ମାତୁର୍ଯୌବନହାରିଣା ।
ଆରୋହତି ନ ଯଃ ସ୍ୱସ୍ୟ ବଂଶସ୍ୟାଗ୍ରେ ଧ୍ୱଜୋ ଯଥା ।। ୨୭ ।।

ଯାହାର ଜନ୍ମ ହେତୁ କେବଳ ମାତାର ଯୌବନ ବିନଷ୍ଟ ହୁଏ, ସେପରି ଲୋକର ଜନ୍ମରେ କି ଲାଭ ? ବଂଶଦଣ୍ଡର ଅଗ୍ରରେ ପତାକା ଯେପରି ରହିଥାଏ, ସେହିପରି ଯେ ନିଜ ବଂଶର ଅଗ୍ରଭାଗରେ ସ୍ଥାନ ନ ପାଏ, ତାର ଜନ୍ମରେ କି ଲାଭ ? । ୨୭ ।

ପରିବର୍ତ୍ତିନି ସଂସାରେ ମୃତଃ କୋ ବା ନ ଜାୟତେ ।
ଜାତସ୍ତୁ ଗଣ୍ୟତେ ସୋଽତ୍ର ଯଃ ସ୍ଫୁରେଚ୍ଚ ଶ୍ରିୟାଧିକଃ ।। ୨୮ ।।

ପରିବର୍ତ୍ତନଶୀଳ ଏହି ସଂସାରରେ କିଏ ଅବା ମରି ପୁଣି ଜନ୍ମଗ୍ରହଣ କରୁନାହିଁ? କିନ୍ତୁ ସେହି ଲୋକ ବାସ୍ତବରେ ଜନ୍ମଗ୍ରହଣ କରିଛି ବୋଲି କୁହାଯାଏ, ଯିଏ ଲକ୍ଷ୍ମୀଙ୍କଦ୍ୱାରା ଦେଦୀପ୍ୟମାନ ହେଉଥାଏ । ୨୮ । ପୁନଶ୍ଚ –

ଜାତସ୍ୟ ନଦୀତୀରେ ତସ୍ୟାପି ତୃଣସ୍ୟ ଜନ୍ମସାଫଲ୍ୟମ୍ ।
ଯତ୍ସଲିଳମଜ୍ଜନାକୁଳଜନହସ୍ତାବଲମ୍ବନଂ ଭବତି ।। ୨୯ ।।

ନଦୀ କୂଳରେ ଜନ୍ମିଥିବା ତୃଣ ଯେବେ ନଦୀ ଜଳରେ ବୁଡ଼ି ବ୍ୟାକୁଳ ହେଉଥିବା ବ୍ୟକ୍ତିକୁ ସାହାଯ୍ୟ ଦାନକରେ, ତେବେ ତାହାର ମଧ୍ୟ ଜନ୍ମ ସଫଳହୁଏ । ୨୯ । ପୁଣି –

ସ୍ତିମିତୋନ୍ନତସଂଚାରା ଜନସନ୍ତାପହାରିଣଃ ।
ଜାୟନ୍ତେ ବିରଳା ଲୋକେ ଜଳଦା ଇବ ସଜ୍ଜନାଃ ।। ୩୦ ।।

ଅଧଃ ଓ ଉର୍ଦ୍ଧ୍ୱରେ ସଞ୍ଚରଣଶୀଳ ଓ ଲୋକମାନଙ୍କର ସନ୍ତାପହରଣକାରୀ ଜଳଦ

ସଦୃଶ ସଜ୍ଜନମାନେ ଜଗତରେ ବିରଳ । ୩୦ ।

ନିରତିଶୟଂ ଗରିମାଣଂ ତେନ ଜନନ୍ୟାଃ ସ୍ମରନ୍ତି ବିଦ୍ୱାଂସଃ ।
ଯତ୍କମପି ବହତି ଗର୍ଭଂ ମହତାମପି ଯୋ ଗୁରୁର୍ଭବତି ।। ୩୧ ।।

ବିଦ୍ୱାନ୍ ଲୋକେ ସେହି ମାତାକୁ ଅତ୍ୟଧିକ ଗୌରବସହକାରେ ସ୍ମରଣ କରନ୍ତି ଯିଏ ନିଜ ଗର୍ଭରେ ମହାପୁରୁଷମାନଙ୍କର ଗୁରୁଯୋଗ୍ୟ ସନ୍ତାନକୁ ଧାରଣ କରିଥାନ୍ତି । ୩୧ ।

ଅପ୍ରକଟୀକୃତଶକ୍ତିଃ ଶକ୍ତୋଽପି ଜନସ୍ତିରସ୍କ୍ରିୟାଂ ଲଭତେ ।
ନିବସନ୍ନନ୍ତର୍ଦାରୁଣି ଲଙ୍ଘ୍ୟୋ ବହ୍ନିର୍ନତୁ ଜ୍ୱଳିତଃ ।। ୩୨ ।।

ଯେପରି କାଷ୍ଠ ମଧ୍ୟରେ ଲୁକ୍କାୟିତ ଥିବା ଅଗ୍ନିକୁ ଯେ କେହି ଅବମାନନା କରିପାରେ; କିନ୍ତୁ ପ୍ରଜ୍ୱଳିତ କାଷ୍ଠକୁ ଲଙ୍ଘନ କରିପାରେନାହିଁ, ସେହିପରି ସମର୍ଥ ଲୋକର ଶକ୍ତି ଅପ୍ରକଟିତ ରହିଥିଲେ ମଧ୍ୟ ସେ ତିରସ୍କୃତ ହୁଏ । ୩୨ ।

କରକଟ ପୁଣି କହିଲା – ଆମେ ଦୁହେଁ ତ ପ୍ରଧାନ ପଦରେ ପ୍ରତିଷ୍ଠିତ ନୋହୁ; ତେଣୁ ଏ ବିଷୟରେ ଆମର କଅଣ ଅଛି ? କାରଣ ଶାସ୍ତ୍ରବାକ୍ୟ ହେଉଛି –

ଅପୃଷ୍ଟୋଽତ୍ରାପ୍ରଧାନୋ ଯୋ ବ୍ରୂତେ ରାଜ୍ଞଃ ପୁରଃ କୁଧୀଃ ।
ନ କେବଳ ମସମ୍ମାନଂଲଭତେ ଚ ବିଡ଼ମ୍ବନମ୍ ।। ୩୩ ।।

କିଛି ପଚାରିବା ପୂର୍ବରୁ ଯେଉଁ ବୁଦ୍ଧିହୀନ ଅପ୍ରଧାନ ଲୋକ ରାଜାଙ୍କ ଆଗରେ କଥା କହେ ସେ ଯେ କେବଳ ଅପମାନ ପାଏ, ତାହା ନୁହେଁ; ବିଡ଼ମ୍ବନାର ପାତ୍ର ମଧ୍ୟ ହୁଏ । ୩୩ । ଆହୁରି –

ବଚସ୍ତତ୍ର ପ୍ରୟୋକ୍ତବ୍ୟଂ ଯତ୍ରୋକ୍ତଂ ଲଭତେ ଫଳମ୍ ।
ସ୍ଥାୟୀ ଭବତି ଚାତ୍ୟନ୍ତଂ ରାଗଃ ଶୁକ୍ଳପଟେ ଯଥା ।। ୩୪ ।।

ଯେଉଁଠାରେ କହିବାଦ୍ୱାରା କିଛି ଫଳ ଅଛି, କେବଳ ସେହିଠାରେ କହିବା ଉଚିତ, କାରଣ ଶୁକ୍ଳ ବସ୍ତ୍ର ଉପରେ ହିଁ ଲାଲ ରଙ୍ଗ ଅଧିକ ସ୍ଥାୟୀ ହୋଇଥାଏ ।'' । ୩୪ ।

ଦମନକ କହିଲା – ''ନା, ସେପରି କହ ନାହିଁ; କାରଣ –

ଅପ୍ରଧାନଃ ପ୍ରଧାନଃ ସ୍ୟାତ୍ସେବତେ ଯଦି ପାର୍ଥିବମ୍ ।
ପ୍ରଧାନୋଽପ୍ୟ ପ୍ରଧାନଃ ସ୍ୟାଦ୍ ଯଦି ସେବାବିବର୍ଜିତଃ ।। ୩୫ ।।

ରାଜାଙ୍କୁ ସେବା କଲେ ଅପ୍ରଧାନ ପ୍ରଧାନ ହୋଇପାରନ୍ତି ଏବଂ ସେବାରେ ପରାଙ୍ମୁଖ ହେଲେ ପ୍ରଧାନ ମଧ୍ୟ ଅପ୍ରଧାନ ହୋଇପାରନ୍ତି । ୩୫ । କଥିତ ଅଛି –

ଆସନ୍ନମେବ ନୃପତିର୍ଭଜତେ ମନୁଷ୍ୟଂ
ବିଦ୍ୟାବିହୀନମକୁଳୀନମସଂସ୍କୃତଂ ଚ ।
ପ୍ରାୟେଣ ଭୂମିପତୟଃ ପ୍ରମଦା ଲତାଶ୍ଚ
ଯତ୍ପାର୍ଶ୍ୱତୋ ଭବତି ତତ୍ପରିବେଷ୍ଟୟନ୍ତି ।। ୩୬ ।।

ଯେଉଁ ଲୋକ ରାଜାଙ୍କ ନିକଟରେ ଥାଏ, ସେ ବିଦ୍ୟାହୀନ, ଅକୁଳୀନ, ସଂସ୍କାରବର୍ଜିତ ହୋଇଥିଲେହେଁ ତାକୁହିଁ ରାଜା ମାନନ୍ତି । ରାଜା, ନାରୀ ଓ ଲତା – ଏମାନଙ୍କ

ପାଖରେ ଯିଏ ଥାଏ, ସାଧାରଣତଃ ତାକୁହିଁ ସେମାନେ ଆଶ୍ରୟକରନ୍ତି । ୩୬ । ପୁନଶ୍ଚ –

କୋପପ୍ରସାଦବସ୍ତୂନି ଯେ ବିଚିନ୍ୱନ୍ତି ସେବକାଃ ।
ଆରୋହନ୍ତି ଶନୈଃ ପଶ୍ଚାଦ୍ଧୁନ୍ୱନ୍ତମପି ପାର୍ଥିବମ୍ ।। ୩୭ ।।

ଯେଉଁ ସେବକମାନେ ପ୍ରଭୁଙ୍କର କ୍ରୋଧ ଓ ପ୍ରସନ୍ନତାର କାରଣ ଉତ୍ତମରୂପେ ଚିନ୍ତା କରିପାରନ୍ତି, ସେମାନେ ଧୀରେ ଧୀରେ ପ୍ରତିକୂଳ ରାଜାଙ୍କର ମଧ୍ୟ ଉଚ୍ଚପଦକୁ ଲାଭ କରିପାରନ୍ତି । ୩୭ ।

ବିଦ୍ୟାବତଃ ମହେଚ୍ଛାନାଂ ଶିଳ୍ପବିକ୍ରମଶାଳିନାମ୍ ।
ସେବାବୃତ୍ତିବିଦାଂ ଚୈବ ନାଶ୍ରୟଃ ପାର୍ଥିବଂ ବିନା ।। ୩୮ ।।

ବିଦ୍ୱାନ୍, ଶିଳ୍ପୀ, ବିକ୍ରମଶାଳୀ ଓ ସେବାବୃତ୍ତିନିପୁଣ ଲୋକମାନଙ୍କର ରାଜାଙ୍କ ବ୍ୟତୀତ ଅନ୍ୟ କେଉଁଠାରେ ଆଶ୍ରୟ ନାହିଁ । ୩୮ ।

ଯେ ଜାତ୍ୟାଦିମହୋତ୍ସାହାନ୍ନରେନ୍ଦ୍ରାନ୍ନୋପଯାନ୍ତି ଚ ।
ତେଷାମାମରଣଂ ଭିକ୍ଷା ପ୍ରାୟଶ୍ଚିତ୍ତଂ ବିନିର୍ମିତମ୍ ।। ୩୯ ।।

ଯେଉଁମାନେ ଜାତି ପ୍ରଭୃତି ଅଭିମାନବଶତଃ ରାଜାଙ୍କ ସମୀପକୁ ଯାଆନ୍ତି ନାହିଁ, ସେମାନେ ମରଣପର୍ଯ୍ୟନ୍ତ ଭିକ୍ଷା ମାଗି ପ୍ରାୟଶ୍ଚିତ୍ତ କରୁଥାନ୍ତି । ୩୯ ।

ଯେ ଚ ପ୍ରାହୁର୍ଦୁରାତ୍ମାନୋ ଦୁରାରାଧ୍ୟା ମହୀଭୁଜଃ ।
ପ୍ରମାଦାଲସ୍ୟଜାଡ୍ୟାନି ଖ୍ୟାପିତାନି ନିଜାନି ତୈଃ ।। ୪୦ ।।

ଯେଉଁ ଦୁରାତ୍ମାମାନେ କହନ୍ତି, 'ରାଜାଙ୍କୁ ଆରାଧନା କରିବା ନିତାନ୍ତ କଷ୍ଟକର ବ୍ୟାପାର,' ସେମାନେ କେବଳ ନିଜର ଅସାବଧାନତା, ଆଳସ୍ୟ ଓ ମୂର୍ଖତା ପ୍ରକାଶ କରିଥାନ୍ତି । ୪୦ ।

ସର୍ପାନ୍ ବ୍ୟାଘ୍ରାନ୍ ଗଜାନ୍ସିଂହାନ୍ ଦୃଷ୍ଟ୍ୱୋପାୟୈର୍ବଶୀକୃତାନ୍ ।
ରାଜେତି କିୟତୀ ମାତ୍ରା ଧୀମତାମପ୍ରମାଦିନାମ୍ ।। ୪୧ ।।

ସର୍ପ, ବ୍ୟାଘ୍ର, ହସ୍ତୀ, ସିଂହ ପ୍ରଭୃତିଙ୍କୁ ମଧ୍ୟ ଉପାୟଦ୍ୱାରା ବଶୀଭୂତ କରାଯାଉଥିବାର ଦେଖାଯାଏ । ତାହାହେଲେ ସାବଧାନ ଓ ବୁଦ୍ଧିମାନ୍ ଲୋକପକ୍ଷରେ ରାଜାଙ୍କୁ ବଶକରିବା କେତେମାତ୍ର କଥା ? । ୪୧ ।

ରାଜାନମେବ ସଂଶ୍ରିତ୍ୟ ବିଦ୍ୱାନ୍ୟାତି ପରାଂ ଗତିମ୍ ।
ବିନା ମଳୟମନ୍ୟତ୍ର ଚନ୍ଦନଂ ଚ ପ୍ରରୋହତି ।। ୪୨ ।।

ରାଜାଙ୍କୁ ଆଶ୍ରୟ କରି ବିଦ୍ୱାନ୍ ଲୋକ ନିଜର ପରମ ଉନ୍ନତି ପ୍ରାପ୍ତ ହୁଏ; କାରଣ ମଳୟ ପର୍ବତ ବିନା ଅନ୍ୟତ୍ର ଚନ୍ଦନତରୁ ବଢ଼ି ନ ପାରେ । ୪୨ ।

ଧବଳାନ୍ୟାତପତ୍ରାଣି ବାଜିନଶ୍ଚ ମନୋରମାଃ ।
ସଦା ମତ୍ତାଶ୍ଚ ମାତଙ୍ଗାଃ ପ୍ରସନ୍ନେ ସତି ଭୂପତୌ ।। ୪୩ ।।

ରାଜା ପ୍ରସନ୍ନ ହେଲେ ଶ୍ୱେତଛତ୍ର, ମନୋହର ଅଶ୍ୱ, ମତ୍ତଗଜ ପ୍ରଭୃତି ସର୍ବଦା ଉପଭୋଗ କରିବାକୁ ମିଳେ ।'' । ୪୩ ।

କରକଟ କହିଲା, "ଏବେ ତୁମେ କଅଣ କରିବାକୁ ମନ କରିଛ?" ଦମନକ କହିଲା, "ଆଜି ଆମର ପ୍ରଭୁ ପିଙ୍ଗଳକ ସପରିବାର ଭୀତ ହୋଇ ରହିଛନ୍ତି। ତାଙ୍କ ପାଖକୁ ଯାଇ ଭୟର କାରଣ ବୁଝି ସନ୍ଧି (ମିଳନ), ବିଗ୍ରହ (ଯୁଦ୍ଧ), ଯାନ (ଯୁଦ୍ଧ ନିମନ୍ତେ ଅଭିଯାନ), ଆସନ (ଉପଯୁକ୍ତ ସମୟର ପ୍ରତୀକ୍ଷା), ସଂଶ୍ରୟ (ଶତ୍ରୁର ବିରୋଧୀ ପ୍ରବଳ ରାଜାଙ୍କ ଆଶ୍ରୟ ଗ୍ରହଣ), ଦ୍ୱୈଧୀଭାବ (ଦୁଇଟି ଶକ୍ତିଶାଳୀ ଶତ୍ରୁ ଥିଲେ, ଦୁହିଁଙ୍କ ସହିତ ମିଳି ନିଜ ସ୍ଥାନରେ ରହିବା) —ଏହି ସବୁ ନୀତି ମଧ୍ୟରୁ କୌଣସି ଗୋଟିକର ଆଶ୍ରୟ ନେବି।"

କରକଟ କହିଲା, "ପ୍ରଭୁ ଭୟଭୀତ ହୋଇଅଛନ୍ତି ବୋଲି ତୁମେ କିପରି ଜାଣିଲ?" ଦମନକ ଉତ୍ତର କଲା, "ଏଥିରେ ଜାଣିବାର କଥା କଅଣ ଅଛି? କଥିତ ଅଛି—

ଉଦୀରିତୋଽର୍ଥଃ ପଶୁନାପି ଗୃହ୍ୟତେ, ହୟାଶ୍ଚ ନାଗାଶ୍ଚ ବହନ୍ତି ଚୋଦିତାଃ।
ଅନୁକ୍ତମପ୍ୟୂହତି ପଣ୍ଡିତୋ ଜନଃ, ପରେଙ୍ଗିତଜ୍ଞାନଫଳା ହି ବୁଦ୍ଧୟଃ॥ ୪୪॥

କୁହାଯାଇଥିବା କଥାର ଅର୍ଥ ପଶୁ ମଧ୍ୟ ଗ୍ରହଣ କରିପାରେ। ପ୍ରେରଣା ପାଇଲେ ଅଶ୍ୱ ଓ ହସ୍ତୀ ମଧ୍ୟ ଭାର ବହନ କରନ୍ତି। କିନ୍ତୁ ପଣ୍ଡିତ ଲୋକେ ଅନ୍ୟର ମନର ଭାବକୁ ନିଜର ବୁଦ୍ଧିବଳରେ ଜାଣିପାରନ୍ତି। ୪୪। ଋଷି ମନୁ କହିଅଛନ୍ତି—

ଆକାରୈରିଙ୍ଗିତୈର୍ଗତ୍ୟା ଚେଷ୍ଟୟା ଭାଷଣେନ ଚ।
ନେତ୍ରବକ୍ତ୍ରାବିକାରୈଶ୍ଚ ଲକ୍ଷ୍ୟତେଽନ୍ତର୍ଗତଂ ମନଃ॥ ୪୫॥

ଆକାର, ଇଙ୍ଗିତ, ଗତି, ଚେଷ୍ଟା, ଭାଷା, ଚକ୍ଷୁ ଓ ମୁଖର ବିକୃତ ଅବସ୍ଥାରୁ ଅନ୍ତର୍ଗତ ମନର ଭାବ ଜଣାଯାଏ। ୪୫।

ତେଣୁ ମୁଁ ଭୟଭୀତ ସ୍ୱାମୀଙ୍କ ନିକଟକୁ ଯାଇ ନିଜର ବୁଦ୍ଧିବଳରେ ତାଙ୍କୁ ନିର୍ଭୟ ଓ ବଶୀଭୂତ କରି ମୋର ସଚିବପଦ ଫେରିପାଇବି।" କରଟକ କହିଲା, "ତୁମେ ସେବାଧର୍ମ ବିଷୟରେ ଅନଭିଜ୍ଞ। ସ୍ୱାମୀଙ୍କୁ କିପରି ନିଜର ବଶୀଭୂତ କରିପାରିବ?" ସେ କହିଲା, "ମୁଁ ସେବା ବିଷୟରେ ଅନଭିଜ୍ଞ କିପରି? ପିତାଙ୍କ କ୍ରୋଡ଼ରେ ବସି କ୍ରୀଡ଼ା କଲାବେଳେ ମୁଁ ଅଭ୍ୟାସଗତ ସାଧୁମାନଙ୍କ ମୁଖରୁ ଯେଉଁ ନୀତିଶାସ୍ତ୍ର ଶୁଣିଛି, ସେଥିରୁ ସେବାଧର୍ମର ସାରକଥା ମୁଁ ହୃଦୟରେ ଧାରଣ କରି ରଖିଛି। ଶୁଣ, ତାହା ହେଉଛି—

ସୁବର୍ଣ୍ଣପୁଷ୍ପିତାଂ ପୃଥ୍ୱୀଂ ବିଚିନ୍ୱନ୍ତି ତ୍ରୟୋ ଜନାଃ।
ଶୂରଶ୍ଚ କୃତବିଦ୍ୟଶ୍ଚ ଯଶ୍ଚ ଜାନାତି ସେବିତୁମ୍॥ ୪୬॥

ଏ ପୃଥିବୀ ସ୍ୱର୍ଣ୍ଣପୁଷ୍ପମୟୀ (ଅର୍ଥାତ୍ ଏହା ସୁବର୍ଣ୍ଣରେ ପରିପୂର୍ଣ୍ଣ)। ତିନି ଶ୍ରେଣୀର ଲୋକ ଏହି ପୁଷ୍ପକୁ ଚୟନ କରିପାରନ୍ତି। ସେମାନେ ହେଉଛନ୍ତି— ପାରକ୍ରାନ୍ତ ବୀର, ବିଦ୍ୱାନ୍ ଓ ସେବା ବିଷୟରେ ଅଭିଜ୍ଞ ଲୋକ। ୪୬।

ସା ସେବା ଯା ପ୍ରଭୁହିତା ଗ୍ରାହ୍ୟା ବାକ୍ୟବିଶେଷତଃ।
ଆଶ୍ରୟେତ୍ପାର୍ଥିବଂ ବିଦ୍ୱାଂସ୍ତଦ୍ଦ୍ୱାରେଣୈବ ନାନ୍ୟଥା॥ ୪୭॥

ଯାହା ପ୍ରଭୁଙ୍କର ମଙ୍ଗଳକର ଓ ଯାହା ବିଶେଷତଃ ପ୍ରଭୁଙ୍କର ବାକ୍ୟରୁ ଗ୍ରହଣ କରାଯାଇପାରେ, ତାହାହିଁ ସେବା। ତେଣୁ ବିଦ୍ୱାନ୍ ଲୋକେ ଏହି ବାକ୍ୟଦ୍ୱାରା ରାଜାଙ୍କର

ଅଭିପ୍ରାୟ ଜାଣି ତାଙ୍କର ଆଶ୍ରୟ ନେବା ଉଚିତ। ଏହା ଛଡ଼ା ଅନ୍ୟ ଉପାୟ ନାହିଁ। ୪୭।

ଯୋ ନ ବେତ୍ତି ଗୁଣାନ୍ୟସ୍ୟ ନ ତଂ ସେବେତ ପଣ୍ଡିତଃ।
ନହି ତସ୍ମାତ୍ଫଳଂ କିଞ୍ଚିତ୍ସୁକୃଷ୍ଟାଦୂଷରାଦିବ ॥ ୪୮ ॥

ଯିଏ ଯାହାଙ୍କର ଗୁଣ ଜାଣେ ନାହିଁ, ପଣ୍ଡିତ (ରାଜନୀତିଜ୍ଞ) ଲୋକ ତାହାଙ୍କର ସେବା କରିବା ଉଚିତ ନୁହେଁ। ଯେହେତୁ ଉଷର ଭୂମିକୁ ଯେତେ ଚାଷ କଲେହେଁ କିଛି ଫଳ ମିଳେ ନାହିଁ। ୪୮।

ଦ୍ରବ୍ୟପ୍ରକୃତିହୀନୋଽପି ସେବ୍ୟଃ ସେବ୍ୟଗୁଣାନ୍ୱିତଃ।
ଭବତ୍ୟାଜୀବନଂ ତସ୍ମାତ୍ ଫଳଂ କାଳାନ୍ତରାଦପି ॥ ୪୯ ॥

ଧନହୀନ ତଥା ହୀନ ପ୍ରକୃତିର ଲୋକ ମଧ୍ୟ ଯଦି ସେବାର ଯୋଗ୍ୟ ଗୁଣରେ ବିଭୂଷିତ ହୋଇଥାଏ, ତେବେ ତାହାର ସେବା କରିବା ବିଧେୟ; କାରଣ ଏହାଦ୍ୱାରା ଜୀବନ ଥିବା ପର୍ଯ୍ୟନ୍ତ କାଳାନ୍ତରରେ ମଧ୍ୟ ଫଳପ୍ରାପ୍ତି ହୋଇପାରେ। ୪୯।

ଅପି ସ୍ଥାଣୁବଦାସୀନଃ ଶୁଷ୍ୟନ୍ପରିଗତଃ କ୍ଷୁଧା।
ନ ତ୍ୱେବାନାତ୍ମସମ୍ପନ୍ନାଦ୍ ବୃତ୍ତିମୀହେତ ପଣ୍ଡିତଃ ॥ ୫୦ ॥

ବରଂ ଥୁଣ୍ଟା ଗଛ ଭଳି ଉଦାସୀନ ଓ କ୍ଷୁଧାରେ ଶୁଖି ରହିବା ଶ୍ରେୟସ୍କର; କିନ୍ତୁ ଜ୍ଞାନହୀନ ପ୍ରଭୁଙ୍କଠାରୁ ଜୀବିକା ଅର୍ଜନ କରିବା ପଣ୍ଡିତଲୋକ ପକ୍ଷରେ ଉଚିତ ନୁହେଁ। ୫୦।

ସେବକଃ ସ୍ୱାମିନଂ ଦ୍ୱେଷ୍ଟି କୃପଣଂ ପରୁଷାକ୍ଷରମ୍।
ଆତ୍ମାନଂ କିଂସ ନ ଦ୍ୱେଷ୍ଟି ସେବ୍ୟାସେବ୍ୟଂ ନ ବେତ୍ତି ଯଃ ॥ ୫୧ ॥

ଯେଉଁ ସେବକ କୃପଣ ସ୍ୱାମୀର କଠୋର କଥାକୁ ନିନ୍ଦା କରେ, ସେ କାହିଁକି ନିଜର ନିନ୍ଦା କରୁନାହିଁ; କାରଣ କିଏ ସେବାର ଯୋଗ୍ୟ, କିଏ ସେବାର ଅଯୋଗ୍ୟ, ତାହା ସେ ଜାଣେ ନାହିଁ। ୫୧।

ଯମାଶ୍ରିତ୍ୟ ନ ବିଶ୍ରାମଂ କ୍ଷୁଧାର୍ତ୍ତା ଯାନ୍ତି ସେବକାଃ।
ସୋଽର୍କବନ୍ନୃପତିସ୍ତ୍ୟାଜ୍ୟଃ ସଦପୁଷ୍ପଫଳୋଽପିସନ୍ ॥ ୫୨ ॥

ଯେଉଁ ରାଜାଙ୍କୁ ଆଶ୍ରୟ କରି ସେବକମାନେ କ୍ଷୁଧାର୍ତ୍ତ ରହି ବିଶ୍ରାମ ପାଆନ୍ତି ନାହିଁ, ସେ ରାଜାଙ୍କୁ ପୁଷ୍ପଫଳଶୋଭିତ ଅର୍କବୃକ୍ଷତୁଲ୍ୟ ତ୍ୟାଗ କରିବା ଉଚିତ। ୫୨।

ରାଜମାତରି ଦେବ୍ୟାଂ ଚ କୁମାରେ ମୁଖ୍ୟମନ୍ତ୍ରିଣି।
ପୁରୋହିତେ ପ୍ରତୀହାରେ ସଦାବର୍ତ୍ତେତ ରାଜବତ୍ ॥ ୫୩ ॥

ସେବକପକ୍ଷରେ ଉଚିତ ହେଉଛି, ସେ ରାଜମାତା, ପାଟରାଣୀ, ରାଜକୁମାର, ମୁଖ୍ୟମନ୍ତ୍ରୀ, ପୁରୋହିତ ଓ ଦ୍ୱାରପାଳଙ୍କ ପ୍ରତି ମଧ୍ୟ ରାଜାଙ୍କ ତୁଲ୍ୟ ବ୍ୟବହାର ଦେଖାଇବ। ୫୩।

ଜୀବେତି ପ୍ରବ୍ରୁବନ୍ପ୍ରୋକ୍ତଃ କୃତ୍ୟାକୃତ୍ୟ ବିଚକ୍ଷଣଃ।
କରୋତି ନିର୍ବିକଳ୍ପଂ ଯଃ ସ ଭବେଦ୍ରାଜବଲ୍ଲଭଃ ॥ ୫୪ ॥

କର୍ତ୍ତବ୍ୟାକର୍ତ୍ତବ୍ୟରେ ନିପୁଣ ଯେଉଁ ସେବକ ଡାକିବାମାତ୍ରେ 'ହଁ ଆଜ୍ଞା' ବୋଲି ଉତ୍ତର ଦିଏ, ରାଜାଙ୍କର ଆଦେଶକୁ ନିର୍ବିଚାରରେ ପାଳନ କରେ, ସେ ରାଜାଙ୍କର ପ୍ରୀତିପାତ୍ର ହୁଏ । ୫୪ ।

ପ୍ରଭୁପ୍ରସାଦଜଂ ବିତ୍ତଂ ସୁପ୍ରାପ୍ତଂ ଯୋ ନିବେଦୟେତ୍ ।
ବସ୍ତ୍ରାଦ୍ୟଂ ଚ ଦଧତ୍ୟଙ୍ଗେ ସ ଭବେଦ୍ରାଜବଲ୍ଲଭଃ ।। ୫୫ ।।

ପ୍ରସନ୍ନତାପୂର୍ବକ ପ୍ରଭୁ ଦେଇଥିବା ଧନକୁ ଯେଉଁ ସେବକ ଉତ୍ତମରୂପେ ବିନିଯୋଗ କରେ ଓ ରାଜଦତ୍ତ ବସ୍ତ୍ରାଦିକୁ ଶରୀରରେ ଧାରଣ କରେ, ସେ ରାଜାଙ୍କର ପ୍ରୀତିପାତ୍ର ହୁଏ । ୫୫ ।

ଅନ୍ତଃପୁରଚରୈଃ ସାର୍ଦ୍ଧଂ ଯୋ ନ ମନ୍ତ୍ରଂ ସମାଚରେତ୍ ।
ନ କଲତ୍ରୈର୍ନରେନ୍ଦ୍ରସ୍ୟ ସ ଭବେଦ୍ରାଜବଲ୍ଲଭଃ ।। ୫୬ ।।

ଯେଉଁ ସେବକ ଅନ୍ତଃପୁରର ଲୋକମାନଙ୍କ ସହିତ ଓ ରାଜରାଣୀମାନଙ୍କ ସହିତ ମନ୍ତ୍ରଣା କରେ ନାହିଁ, ସେ ରାଜାଙ୍କର ପ୍ରୀତିପାତ୍ର ହୁଏ । ୫୬ ।

ଦ୍ୟୂତଂ ଯୋ ଯମଦୂତାଭଂ ହାଲାଂ ହାଲାହଳୋପମାମ୍ ।
ପଶ୍ୟେଦ୍ଦାରାନ୍ ବୃଥାକାରାନ୍ ସ ଭବେଦ୍ରାଜବଲ୍ଲଭଃ ।। ୫୭ ।।

ଯେଉଁ ସେବକ ଦ୍ୟୂତକ୍ରୀଡ଼ାକୁ ଯମଦୂତସଦୃଶ, ମଦ୍ୟକୁ ହଳାହଳ ବିଷସଦୃଶ ଓ ସ୍ତ୍ରୀମାନଙ୍କୁ କୁରୂପା ନାରୀସଦୃଶ ଦେଖେ, ସେ ରାଜାଙ୍କର ପ୍ରୀତିପାତ୍ର ହୁଏ । ୫୭ ।

ଯୁଦ୍ଧକାଲେଽଗ୍ରଗୋ ଯଃ ସ୍ୟାତ୍ସଦା ପୃଷ୍ଠାନୁଗଃ ପୁରେ ।
ପ୍ରଭୋର୍ଦ୍ୱାରାଶ୍ରିତୋ ହର୍ମ୍ୟେ ସ ଭବେଦ୍ରାଜବଲ୍ଲଭଃ ।। ୫୮ ।।

ଯେଉଁ ସେବକ ଯୁଦ୍ଧ ସମୟରେ ସର୍ବଦା ରାଜାଙ୍କ ଆଗରେ ଯାଏ, ନଗରରେ ରାଜାଙ୍କ ପଶ୍ଚାତରେ ଯାଏ ଓ ପ୍ରାସାଦରେ ଦ୍ୱାରଦେଶରେ ରହିଥାଏ, ସେ ରାଜାଙ୍କର ପ୍ରୀତିପାତ୍ର ହୁଏ । ୫୮ ।

ସଂମତୋଽହଂ ପ୍ରଭୋର୍ନିତ୍ୟମିତି ମତ୍ୱା ବ୍ୟତିକ୍ରମେତ୍ ।
କୃଚ୍ଛ୍ରେଷ୍ୱପି ନ ମର୍ଯ୍ୟାଦାଂ ସ ଭବେଦ୍ରାଜବଲ୍ଲଭଃ ।। ୫୯ ।।

'ମୁଁ ସର୍ବଦା ପ୍ରଭୁଙ୍କର ଆଜ୍ଞାନୁବର୍ତ୍ତୀ' ଏହିପରି ମନେକରି ଯେଉଁ ସେବକ ସଙ୍କଟ ସମୟରେ ମଧ୍ୟ ମର୍ଯ୍ୟାଦାକୁ ଲଙ୍ଘନ କରେ ନାହିଁ, ସେ ରାଜାଙ୍କର ପ୍ରୀତିପାତ୍ର ହୁଏ । ୫୯ ।

ଦ୍ୱେଷି ଦ୍ୱେଷପରୋ ନିତ୍ୟମିଷ୍ଟାନାମିଷ୍ଟକର୍ମକୃତ୍ ।
ଯୋ ନରୋ ନରନାଥସ୍ୟ ସ ଭବେଦ୍ରାଜବଲ୍ଲଭଃ ।। ୬୦ ।।

ଯିଏ ରାଜାଙ୍କର ଶତ୍ରୁକୁ ଘୃଣା କରେ ଓ ରାଜାଙ୍କର ପ୍ରିୟଜନଙ୍କର ଅଭିଳଷିତ କର୍ମ ସାଧିତ କରେ, ସେ ରାଜାଙ୍କର ପ୍ରୀତିପାତ୍ର ହୁଏ । ୬୦ ।

ପ୍ରୋକ୍ତଃ ପ୍ରତ୍ୟୁତ୍ତରଂ ନାହ ବିରୁଦ୍ଧଂ ପ୍ରଭୁଣା ଚ ଯଃ ।
ନ ସମୀପେ ହସତ୍ୟୁଚ୍ଚୈଃ ସ ଭବେଦ୍ରାଜବଲ୍ଲଭଃ ।। ୬୧ ।।

ଯିଏ ରାଜାଙ୍କର ବାକ୍ୟ ଶୁଣି ପ୍ରତିକୂଳ ଉତ୍ତର ଦିଏ ନାହିଁ ଓ ରାଜାଙ୍କ ନିକଟରେ ଉଚ୍ଚସ୍ୱରରେ ହସେ ନାହିଁ, ସେ ରାଜାଙ୍କର ପ୍ରୀତିପାତ୍ର ହୁଏ । ୬୧ ।

ଯୋ ରଣଂ ଶରଣଂ ତଦ୍‌ବନ୍ମନ୍ୟତେ ଭୟବର୍ଜିତଃ ।
ପ୍ରବାସଂ ସ୍ୱପୁରୋବାସଂ ସ ଭବେଦ୍ରାଜବଲ୍ଲଭଃ ।। ୬୨ ।।

ଯିଏ ନିର୍ଭୟ ହୋଇ ରଣଭୂମିକୁ ନିଜର ଆଶ୍ରୟସ୍ଥଳଭଳି ମନେକରେ, ପ୍ରବାସରେ ଅବସ୍ଥାନକୁ ସ୍ୱପୁରନିବାସଭଳି ମନେକରେ, ସେ ରାଜାଙ୍କର ପ୍ରୀତିପାତ୍ର ହୁଏ । ୬୨ ।

ନ କୁର୍ଯ୍ୟାନ୍ନରନାଥସ୍ୟ ଯୋଷିଦ୍‌ଭିଃ ସହ ସଙ୍ଗତିମ୍ ।
ନ ନିନ୍ଦାଂ ନ ବିବାଦଂ ଚ ସ ଭବେଦ୍ରାଜବଲ୍ଲଭଃ ।। ୬୩ ।।

ଯିଏ ରାଜାଙ୍କର ସ୍ତ୍ରୀମାନଙ୍କ ସହିତ ମିଶେ ନାହିଁ, ସେମାନଙ୍କର ନିନ୍ଦା କରେ ନାହିଁ କିମ୍ବା ସେମାନଙ୍କ ସହିତ ବିବାଦ କରେ ନାହିଁ, ସେ ରାଜାଙ୍କର ପ୍ରୀତିପାତ୍ର ହୁଏ । ୬୩ ।

କରଟକ କହିଲା, ‘‘ତୁମେ ସେଠାକୁ ଯାଇ ଆଗେ ତାଙ୍କୁ କଅଣ କହିବ ?’’ ଦମନକ ଉତ୍ତର ଦେଲା –

‘‘ଉତ୍ତରାଦୁତ୍ତରଂ ବାକ୍ୟଂ ବଦତାଂ ସଂପ୍ରଜାୟତେ ।
ସୁବୃଷ୍ଟିଗୁଣସମ୍ପନ୍ନାଦ୍ ବୀଜାଦ୍‌ବୀଜମିବାପରମ୍ ।। ୬୪ ।।

ଯେପରି ଉତ୍ତମ ବର୍ଷାଦ୍ୱାରା ଏକ ବୀଜରୁ ଅପର ବୀଜ ଉତ୍ପନ୍ନ ହୁଏ, ସେହିପରି ବାକ୍ୟ-ପ୍ରତିବାକ୍ୟଦ୍ୱାରା ବାକ୍ୟ ଉତ୍ତୋରୋତ୍ତର ବୃଦ୍ଧିଲାଭ କରିଥାଏ । ୬୪ ।

ଅପାୟସନ୍ଦର୍ଶନଜାଂ ବିପତ୍ତିମୁପାୟସନ୍ଦର୍ଶନଜାଂ ଚ ସିଦ୍ଧିମ୍ ।
ମେଧାବିନୋ ନୀତିଗୁଣପ୍ରଯୁକ୍ତାଂ ପୁରଃ ସ୍ଫୁରନ୍ତୀମିବ ବର୍ଣ୍ଣୟନ୍ତି ।। ୬୫ ।।

ଅପାୟଜନିତ ବିପତ୍ତି ଓ ଉପାୟଜନିତ ସିଦ୍ଧି– ଏ ଦୁହିଁଙ୍କୁ ବୁଦ୍ଧିମାନ୍ ଲୋକ ନୀତିଗୁଣବଳରେ ପ୍ରତ୍ୟକ୍ଷ ଦେଖିଲାପରି ବର୍ଣ୍ଣନା କରିଥାନ୍ତି । ୬୫ ।

ଏକେଷାଂ ବାଚି ଶୁକବଦନ୍ୟେଷାଂ ହୃଦି ମୂକବତ୍ ।
ହୃଦି ବାଚି ତଥାନ୍ୟେଷାଂ ବଲ୍‌ଗୁ ବଲ୍‌ଗନ୍ତି ସୂକ୍ତୟଃ ।। ୬୬ ।।

ମଧୁର ସୂକ୍ତିସମୂହ କେତେକଙ୍କ ଭାଷାରେ ଶୁଆର କଥା ପରି ହୁଏ, କେତେକଙ୍କ ହୃଦୟରେ ମୂକ ପରି ହୁଏ ଓ ଆଉ କେତେକଙ୍କ ଭାଷାରେ ତଥା ହୃଦୟରେ ଶୋଭମାନ ହୁଏ । ଅର୍ଥାତ୍ କେତେକେ ଶୁଆପରି ମଧୁର ସୂକ୍ତି କହୁଥିଲେହେଁ ସେମାନଙ୍କ ହୃଦୟରେ କପଟ ଥାଏ, କେତେକଙ୍କ ମୁଖରେ ଭାଷାର କଠୋରତା ଥିଲେହେଁ ହୃଦୟରେ କପଟ ନ ଥାଏ ଓ ଅନ୍ୟ କେତେକଙ୍କ ମୁଖର ଭାଷା ଯେପରି ମଧୁର, ହୃଦୟ ମଧ୍ୟ ସେହିପରି ନିର୍ମଳ । ୬୬ ।

ତେଣୁ ମୁଁ କୌଣସି ଅପ୍ରାସଙ୍ଗିକ କଥା କହିବି ନାହିଁ । ବାପାଙ୍କ କୋଳରେ ବସି ମୁଁ ନୀତିଶାସ୍ତ୍ରର ସାରକଥା ଶୁଣିଛି । ସେହି ଦୃଷ୍ଟିରୁ–

ଅପ୍ରାପ୍ତକାଳଂ ବଚନଂ ବୃହସ୍ପତିରପି ବ୍ରୁବନ୍ ।
ଲଭତେ ବହ୍ୱବଜ୍ଞାନମପମାନଂ ଚ ପୁଷ୍କଳମ୍ ।। ୬୭ ।।

ବୃହସ୍ପତି ଅସମୟରେ ଯଦି କଥା କହନ୍ତି, ତେବେ ସେ ମଧ୍ୟ ଅତ୍ୟନ୍ତ ଅବମାନନା ଓ ବହୁ ଅପମାନ ପାଇଥାନ୍ତି।'' ।୬୭।

କରଟକ କହିଲା –

''ଦୁରାରାଧ୍ୟା ହି ରାଜାନଃ ପର୍ବତା ଇବ ସର୍ବଦା।
ବ୍ୟାଳାକୀର୍ଣ୍ଣାଃ ସୁବିଷମାଃ କଠିନା ଦୁଷ୍ଟସେବିତାଃ ।।୬୮।।

ରାଜାମାନେ ସର୍ବଦା ପର୍ବତ ପରି ଅତି କଷ୍ଟରେ ସେବନୀୟ ହୁଅନ୍ତି; ପର୍ବତ ଯେପରି ବ୍ୟାଳ ବା ସର୍ପଦ୍ୱାରା ପୂର୍ଣ୍ଣ, ରାଜା ସେହିପରି ବ୍ୟାଳ (ମୂର୍ଖ) ମାନଙ୍କଦ୍ୱାରା ପରିବେଷ୍ଟିତ ହୋଇଥାନ୍ତି। ପର୍ବତ ଯେପରି ବିଷମ (ଉଚ୍ଚ, ନୀଚ୍), ରାଜା ସେହିପରି ବିଷମ (କଠୋର) ହୋଇଥାନ୍ତି। ପର୍ବତ ଯେପରି କଠିନ, ରାଜା ମଧ୍ୟ ସେହିପରି କଠିନ।୬୮। ପୁଣି –

ଭୋଗିନଃ କଞ୍ଚୁକାବିଷ୍ଟାଃ କୁଟିଳାଃ କ୍ରୂରଚେଷ୍ଟିତାଃ।
ସୁଦୁଷ୍ଟା ମନ୍ତ୍ରସାଧ୍ୟାଶ୍ଚ ରାଜାନଃ ପନ୍ନଗା ଇବ।। ୬୯ ।।

ରାଜା ହେଉଛନ୍ତି ସର୍ପପରି। ଭୋଗ (ଫଣା) ଥିବାକୁ ସର୍ପକୁ ଭୋଗୀ କହନ୍ତି। ରାଜା ଭୋଗ (ସୁଖଭୋଗ) କରୁଥିବାରୁ ସେ ମଧ୍ୟ ଭୋଗୀ। ସର୍ପ କଞ୍ଚୁକ (କାତି) ଦ୍ୱାରା ଆବୃତ; ରାଜା ମଧ୍ୟ କଞ୍ଚୁକ (ସାଞ୍ଜୁ) ଦ୍ୱାରା ଆବୃତ; ସର୍ପ କୁଟିଳ (ବକ୍ର) ଗତି କରେ, ରାଜାଙ୍କର ଆଚରଣ ମଧ୍ୟ କୁଟିଳ (କପଟପୂର୍ଣ୍ଣ); ସର୍ପ କ୍ରୂରକର୍ମା, ରାଜା ମଧ୍ୟ କ୍ରୂରକର୍ମା। ଉଭୟେ ଅତି ଦୁଷ୍ଟ। ସର୍ପ ଯେପରି ମନ୍ତ୍ରଦ୍ୱାରା ବଶୀଭୂତ ହୁଏ, ସେହିପରି ରାଜା ମଧ୍ୟ ମନ୍ତ୍ର (ଗୁପ୍ତମନ୍ତ୍ରଣା) ଦ୍ୱାରା ବଶ ହୁଅନ୍ତି।୬୯।

ଦ୍ୱିଜିହ୍ୱାଃ କ୍ରୂରକର୍ମାଣୋଽନିଷ୍ଟାଶ୍ଛିଦ୍ରାନୁସାରିଣଃ।
ଦୂରତୋଽପି ହି ପଶ୍ୟନ୍ତି ରାଜାନୋ ଭୁଜଗା ଇବ।। ୭୦ ।।

ସର୍ପର ଦୁଇଟି ଜିହ୍ୱା ଥିବାରୁ ସେ ଦ୍ୱିଜିହ୍ୱ ବୋଲି ପରିଚିତ। ରାଜା ମଧ୍ୟ ଦ୍ୱିଜିହ୍ୱ; କାରଣ ତାଙ୍କ କଥା ଏକାଧିକ ପ୍ରକାର। ଉଭୟେ କ୍ରୂରକର୍ମା; ଉଭୟେ ଅନିଷ୍ଟ ବା ଅନଭିଳଷିତ। ସର୍ପ ଗର୍ତ୍ତରେ ରହୁଥିବାରୁ ସେ ଛିଦ୍ରାନୁସାରୀ; ରାଜା ମଧ୍ୟ ପରର ଛିଦ୍ର ଅନ୍ୱେଷଣ କରୁଥିବାରୁ ସେ ଛିଦ୍ରାନୁସାରୀ। ସର୍ପ ଦୂରରୁ ଦେଖିପାରେ; ରାଜା ମଧ୍ୟ (ଗୁପ୍ତଚରଦ୍ୱାରା ରାଜ୍ୟର ବ୍ୟାପାର) ଦୂରରୁ ଦେଖିପାରନ୍ତି। ତେଣୁ ରାଜା ହେଉଛନ୍ତି ସର୍ପସଦୃଶ।୭୦।

ସ୍ୱଳ୍ପମପ୍ୟପକୁର୍ବନ୍ତି ଯେଽଭୀଷ୍ଟା ହି ମହୀପତେଃ।
ତେ ବହ୍ନାବିବ ଦହ୍ୟନ୍ତେ ପତଙ୍ଗାଃ ପାପଚେତସଃ।। ୭୧ ।।

ଯେଉଁମାନେ ରାଜାଙ୍କର ପ୍ରୀତିପାତ୍ର ହୋଇ ସାମାନ୍ୟ ହେଲେ ମଧ୍ୟ ତାଙ୍କର ଅପକାର କରନ୍ତି, ସେହି ପାପାତ୍ମାମାନେ ଅଗ୍ନିରେ ପତଙ୍ଗସଦୃଶ ଦଗ୍ଧ ହୁଅନ୍ତି।୭୧।

ଦୁରାରୋହଂ ପଦଂ ରାଜ୍ଞାଂ ସର୍ବଲୋକନମସ୍କୃତମ୍।
ସ୍ୱଳ୍ପେନାପ୍ୟପକାରେଣ ବ୍ରାହ୍ମଣ୍ୟମିବ ଦୁଷ୍ୟତି।। ୭୨ ।।

ସମସ୍ତଙ୍କର ନମସ୍କାରଯୋଗ୍ୟ ରାଜପଦ ଅତି କଷ୍ଟରେ ଲାଭ ହୋଇଥାଏ। ଅତ୍ୟଳ୍ପ ଦୋଷରେ ବ୍ରାହ୍ମଣତ୍ୱ ନଷ୍ଟ ହେଲାଭଳି ସାମାନ୍ୟ ଅପକାରରେ ମଧ୍ୟ ଏହା ଦୋଷଯୁକ୍ତ ହୋଇଯାଏ। ୭୨।

ଦୁରାରାଧ୍ୟା ଶ୍ରିୟୋ ରାଜ୍ଞାଂ ଦୁରାପା ଦୁଷ୍ପରିଗ୍ରହାଃ।
ତିଷ୍ଠନ୍ତ୍ୟାପ ଇବାଧାରେ ଚିରମାତ୍ମନି ସଂସ୍ଥିତାଃ॥ ୭୩॥

ରାଜଲକ୍ଷ୍ମୀ ଅତି କଷ୍ଟରେ ପ୍ରସନ୍ନ ହୁଅନ୍ତି। ତେଣୁ ଏହାଙ୍କୁ ପାଇବା ପାଇଁ ଓ ଧରି ରଖିବା ପାଇଁ ବହୁତ କଷ୍ଟ ସ୍ୱୀକାର କରିବାକୁ ହୁଏ। ଯତ୍ନ ନେଲେ ପାତ୍ରରେ ଜଳ ଦୀର୍ଘକାଳ ରହିଲାପରି ଏହାଙ୍କୁ ନିଜ ପାଖେ ରଖାଯାଇପାରେ; ଅର୍ଥାତ୍ ନିଜେ ଉତ୍ତମରୂପେ ଯତ୍ନ ନେଲେ ରାଜଲକ୍ଷ୍ମୀ ପାଖରେ ରହନ୍ତି।'' ।୭୩।

ଦମନକ କହିଲା, ସେ କଥା ସତ; ପରନ୍ତୁ–

ଯସ୍ୟ ଯସ୍ୟ ହି ଯୋ ଭାବସ୍ତେନ ତେନ ସମାଚରନ୍।
ଅନୁପ୍ରବିଶ୍ୟ ମେଧାବୀ କ୍ଷିପ୍ରମାତ୍ମବଶଂ ନୟେତ୍॥ ୭୪॥

ଯେଉଁମାନଙ୍କର ଯାହା ଯାହା ସଙ୍ଗେ ଯେପରି ଭାବ ଥାଏ, ସେମାନେ ସେହି ସେହି ଲୋକଙ୍କ ସହିତ ସେହିପରି ଆଚରଣ (ବ୍ୟବହାର) କରିଥାନ୍ତି। ପୁଣି ବୁଦ୍ଧିମାନ୍ ଲୋକ ନିଜ ପ୍ରଭୁଙ୍କର ଅଭିପ୍ରାୟ ଉତ୍ତମରୂପେ ବୁଝି ତାହାଙ୍କୁ ଅତି ଶୀଘ୍ର ଆପଣାର ବଶ କରିନିଏ। ୭୪।

ଭର୍ତ୍ତୁଶ୍ଚିତ୍ତାନୁବର୍ତ୍ତିତ୍ୱଂ ସୁବୃତ୍ତଂ ଚାନୁଜୀବିନାମ୍।
ରାକ୍ଷସାଶ୍ଚାପି ଗୃହ୍ୟନ୍ତେ ନିତ୍ୟଂ ଛନ୍ଦାନୁବର୍ତ୍ତିଭିଃ॥ ୭୫॥

ପ୍ରଭୁଙ୍କ ଇଚ୍ଛାରେ ଅନୁକୂଳ କାର୍ଯ୍ୟ କରିବା ସେବକର କର୍ତ୍ତବ୍ୟ। ସର୍ବଦା ତାଙ୍କର ଅଭିପ୍ରାୟ ଅନୁସାରେ କାର୍ଯ୍ୟ କଲେ ମନୁଷ୍ୟ ରାକ୍ଷସକୁ ମଧ୍ୟ ନିଜର ବଶ କରିପାରିବ। ୭୫।

ସରୁଷି ନୃପେ ସ୍ତୁତିବଚନଂ ତଦଭିମତେ ପ୍ରେମ ତଦ୍ୱିଷି ଦ୍ୱେଷଃ।
ତଦ୍ଦାନସ୍ୟ ଚ ଶଂସା ଅମନ୍ତ୍ରତନ୍ତ୍ରଂ ବଶୀକରଣମ୍॥ ୭୬॥

ରାଜା କ୍ରୋଧ ପ୍ରକାଶ କଲେ ସ୍ତୁତିବାକ୍ୟ କଥନ, ତାଙ୍କ ଅଭିଲଷିତ କର୍ମରେ ପ୍ରୀତିପ୍ରକାଶ, ତାଙ୍କର ଶତ୍ରୁମାନଙ୍କ ପ୍ରତି ଦ୍ୱେଷ ଓ ତାଙ୍କ ଦାନର ପ୍ରଶଂସା– ଏଗୁଡ଼ିକ ମନ୍ତ୍ରତନ୍ତ୍ରରୂପେ ବିବେଚିତ ହେଉ ନ ଥିଲେହେଁ ବଶୀକରଣ ମନ୍ତ୍ର ପରି ରାଜାଙ୍କୁ ବଶ କରିବାର ପ୍ରଧାନ ଉପାୟ ଅଟେ। ୭୬।''

କରକଟ କହିଲା, ''ଯଦି ଏହାହିଁ ତୁମର ଅଭିପ୍ରାୟ, ତେବେ ତୁମେ ଯାଅ। ତୁମର ପଥ ମଙ୍ଗଳମୟ ହେଉ। ନିଜର ଇଚ୍ଛା ଅନୁସାରେ କାର୍ଯ୍ୟ କର।

କିନ୍ତୁ ମୋ' କଥାଟି ମନେରଖିଥିବ–

ଅପ୍ରମାଦଶ୍ଚ କର୍ତ୍ତବ୍ୟସ୍ତ୍ୱୟା ରାଜ୍ଞଃ ସମାଶ୍ରୟେ।
ତ୍ୱଦୀୟସ୍ୟ ଶରୀରସ୍ୟ ବୟଂ ଭାଗ୍ୟୋପଜୀବିନଃ॥ ୭୭॥

ରାଜାଙ୍କ ପାଖରେ ପହଞ୍ଚିବା ପରେ ସବୁଦିଗରୁ ସାବଧାନ ରହି କାର୍ଯ୍ୟ କରିବ।

କାରଣ, ତୁମରି କାର୍ଯ୍ୟ ଉପରେ ଆମ ଦୁହିଁଙ୍କର ଭାଗ୍ୟ ଓ ଜୀବନ ନିର୍ଭର କରେ।'' । ୭୭ ।

ଦମନକ ମଧ୍ୟ କରଟକକୁ ପ୍ରଣାମ କରି ପିଙ୍ଗଳକ ଅଭିମୁଖରେ ପ୍ରସ୍ଥାନ କଲା।

ଏହାପରେ ପିଙ୍ଗଳକ ଦମନକକୁ ଦେଖିପାରି ଦ୍ୱାରପାଳକୁ କହିଲା– ''ତୋର ବେତ ଦୂରକୁ ନେଇଯାଅ। ଏ ଆମ ପୁରୁଣା ମନ୍ତ୍ରୀପୁତ୍ର ଦମନକ। ତାଙ୍କର ପ୍ରବେଶ କରିବାରେ କୌଣସି ବାଧାଦେବା ଉଚିତ ନୁହେଁ। ଏ ହେଉଛନ୍ତି ମୋର ଦ୍ୱିତୀୟ ମଣ୍ଡଳୀରେ ସ୍ଥାନ ପାଇବାର ଯୋଗ୍ୟ। ତେଣୁ ତାଙ୍କୁ ପ୍ରବେଶ କରିବାକୁ ଦେ।'' ଦ୍ୱାରପାଳ କହିଲା, ''ଯଥାଜ୍ଞା!'' ତତ୍ପରେ ଦମନକ ନିକଟକୁ ଯାଇ ପିଙ୍ଗଳକକୁ ପ୍ରଣାମ କରି ଓ ତାର ଅନୁମତି ପାଇ ନିର୍ଦ୍ଦିଷ୍ଟ ଆସନରେ ବସିଲା। ପିଙ୍ଗଳକ ବଜ୍ରସଦୃଶ ନଖଦ୍ୱାରା ସୁଶୋଭିତ ନିଜର ଦକ୍ଷିଣ ହସ୍ତକୁ ଦମନକ ଉପରେ ରଖି ସମ୍ମାନ ଦେଖାଇ କହିଲା, ''ତୁମର ସବୁ ମଙ୍ଗଳ ତ? ବହୁଦିନ ହେଲା ତୁମର ଦେଖାନାହିଁ।'' ଦମନକ କହିଲା, ''ମୋଠାରେ ଆପଣଙ୍କର କିଛି ପ୍ରୟୋଜନ ନ ଥିଲା। କିନ୍ତୁ ଆପଣଙ୍କୁ ସମୟୋଚିତ କିଛି କହିବାର ଅଛି; ଯେହେତୁ ଉତ୍ତମ, ମଧ୍ୟମ ଓ ଅଧମ ସବୁ ଶ୍ରେଣୀର ସେବକଠାରେ ରାଜାଙ୍କର ପ୍ରୟୋଜନ ଥାଏ। କଥିତ ଅଛି–

ଦନ୍ତସ୍ୟ ନିଷ୍କୋଷଣକେନ ନିତ୍ୟଂ କର୍ଣ୍ଣସ୍ୟ କଣ୍ଡୂୟନକେନ ବାପି।
ତୃଣେନ କାର୍ଯ୍ୟଂ ଭବତୀଶ୍ୱରାଣାଂ କିମଙ୍ଗ ବାଗ୍‌ହସ୍ତବତା ନରେଣ ।। ୭୮ ।।

ଦାନ୍ତ ଖୁଣ୍ଟିବା ପାଇଁ, କାନ କୁଣ୍ଡାଇବା ପାଇଁ ରାଜାମାନେ ସାମାନ୍ୟ ତୃଣର ମଧ୍ୟ ସାହାଯ୍ୟ ନେଇଥାନ୍ତି। ତେଣୁ ହେ ପ୍ରଭୁ! ବାକ୍‌ଶକ୍ତିସମ୍ପନ୍ନ, ହସ୍ତବିଶିଷ୍ଟ ମନୁଷ୍ୟ କଥା ବା କଅଣ କହିବା ? । ୭୮ ।

ପୁଣି ମୁଁ ମହାରାଜାଙ୍କ ଶ୍ରୀଚରଣରେ ବଂଶାନୁଗତ ସେବକ ଏବଂ ଆପଦ-କାଳରେ ମଧ୍ୟ ଆପଣଙ୍କର ଅନୁଗାମୀ। ଯଦି ଏ ସମୟରେ ମୁଁ ଆପଣା ଅଧିକାର ଲାଭ ନ କରେ, ତେବେ କଅଣ ହେବ? ମୋତେ ଅଧିକାର ନ ଦେବା ପ୍ରଭୁଙ୍କ ପକ୍ଷରେ ଉଚିତ ହେବ ନାହିଁ। କଥିତ ଅଛି–

ସ୍ଥାନେଷ୍ୱେବ ନିୟୋକ୍ତବ୍ୟା ଭୃତ୍ୟାଶ୍ଚାଭରଣାନି ଚ।
ନହି ଚୂଡ଼ାମଣିଃ ପାଦେ ପ୍ରଭବାମୀତି ବଧ୍ୟତେ ।। ୭୯ ।।

ଅନୁଚର ଓ ଆଭରଣ– ଏ ଦୁଇଟିକୁ ଯଥାଯୋଗ୍ୟ ସ୍ଥାନ ଦେବାକୁ ହେବ। 'ମୁଁ କ୍ଷମତାଶାଳୀ' ଏପରି ଭାବି କେହି ମସ୍ତକଯୋଗ୍ୟ ମଣିକୁ ପାଦରେ ଧାରଣ କରେ ନାହିଁ। ୭୯ । ଯେହେତୁ–

ଅନଭିଜ୍ଞୋ ଗୁଣାନାଂ ଯୋ ନ ଭୃତ୍ୟୈରନୁଗମ୍ୟତେ।
ଧନାଢ୍ୟୋଽପି କୁଳୀନୋଽପି କ୍ରମାୟାତୋଽପି ଭୂପତିଃ ।। ୮୦ ।।

ଯେତେ ଧନୀ, କୁଳୀନ ଓ ବଂଶାନୁକ୍ରମେ ରାଜପଦରେ ଅଧିଷ୍ଠିତ ହୋଇଥିଲେହେଁ ଯେଉଁ ଲୋକ ଗୁଣୀର ଗୁଣ ବିଷୟରେ ଅନଭିଜ୍ଞ, ସେବକ ତାହାର ଅନୁଗାମୀ ହୁଏ ନାହିଁ। ୮୦। କଥିତ ଅଛି–

ଅସମୈଃ ସମୀୟମାନଃ ସମୈଶ୍ଚ ପରିହୀୟମାଣ ସତ୍କାରଃ ।
ଧୁରି ଚାନିଯୋଜ୍ୟମାନସ୍ତ୍ରିଭିରର୍ଥପତି ତ୍ୟଜତି ଭୃତ୍ୟଃ ।। ୮୧ ।।

ଯିଏ ସମାନ ନୁହେଁ ତାକୁ ସମାନ ମନେକରିବା, ଯିଏ ସମାନ ତାକୁ ଦୂରରେ ରଖିବା ଓ ଯିଏ ପ୍ରଥମେ କାର୍ଯ୍ୟଭାର ଗ୍ରହଣ କରିବାର କଥା ତାକୁ ସେହି ଭାର ନ ଦେବା – ଏହି ତିନି କାରଣରୁ ସେବକ ପ୍ରଭୁଙ୍କୁ ପରିତ୍ୟାଗ କରିଥାଏ । ୮୧ ।

ଯଦି ରାଜା ନିଜର ଅବିବେକିତା ହେତୁରୁ ଉତ୍ତମ ପଦର ଯୋଗ୍ୟ ସେବକଙ୍କୁ ହୀନ ଓ ଅଧମ ପଦରେ ନିଯୁକ୍ତ କରନ୍ତି, ତେବେ ସେବକ ସେ ପଦରେ ରହେ ନାହିଁ। ଏଥିରେ ସେବକର ଦୋଷ ନାହିଁ; ଦୋଷ ହେଉଛି ରାଜାଙ୍କର। କଥିତ ଅଛି –

କନକ ଭୂଷଣ ସଂଗ୍ରହଣୋଚିତୋ ଯଦି ମଣିସ୍ତ୍ରପୁଣି ପ୍ରତିବଧ୍ୟତେ ।
ନ ସ ବିରୌତି ନ ଚାପି ସ ଶୋଭତେ ଭବତି ଯୋଜୟିତୁର୍ବଚନୀୟତା ।। ୮୨ ।।

ସୁବର୍ଣ୍ଣଭୂଷଣରେ ଖଚିତ ହେବାର ଯୋଗ୍ୟ ମଣିକୁ ଯଦି ସୀସା ସହିତ ଯୋଡ଼ାଯାଏ, ତେବେ ସେ ମଣି ସେଥିପାଇଁ କାନ୍ଦେ ନାହିଁ କି ଶୋଭାପାଏ ନାହିଁ। କିନ୍ତୁ ଏହାକୁ ସୀସାରେ ଲଗାଇଥିବା କାରିଗରରହିଁ ନିନ୍ଦା ହୋଇଥାଏ । ୮୨ ।

ଆପଣ କହିବାହେଲେ ଯେ 'ବହୁତ ଦିନ ହେଲା ଦେଖା ନ ଥିଲା'; ତା'ର କାରଣ ମଧ୍ୟ ଶୁଣିବାହେଉ ।

ସବ୍ୟଦକ୍ଷିଣୟୋର୍ଯତ୍ର ବିଶେଷୋ ନାସ୍ତି ହସ୍ତୟୋଃ ।
କସ୍ତତ୍ର କ୍ଷଣମପ୍ୟାର୍ଯୋ ବିଦ୍ୟମାନଗତିର୍ବସେତ୍ ।। ୮୩ ।।

ଯେଉଁଠାରେ ବାଁ ହାତ ଓ ଡାହାଣ ହାତ ଭିତରେ ପ୍ରଭେଦ ବୁଝିବାକୁ ଲୋକ ନାହିଁ, ସେଠାରେ କିପରି ଚତୁର ବିଦ୍ୱାନ୍ ଲୋକ କ୍ଷଣମାତ୍ର ରହିପାରିବ ? । ୮୩ ।

କାଚେ ମଣିର୍ମଣୌ କାଚୋ ଯେଷାଂ ବୁଦ୍ଧିର୍ବିକଳ୍ପତେ ।
ନ ତେଷାଂ ସନ୍ନିଧୌ ଭୃତ୍ୟୋ ନାମମାତ୍ରୋଽପି ତିଷ୍ଠତି ।। ୮୪ ।।

ଯେଉଁମାନଙ୍କ ବୁଦ୍ଧିରେ କାଚ ମଣି ବୋଲି ଓ ମଣି କାଚ ବୋଲି ବିବେଚିତ ହୁଏ, ସେମାନଙ୍କ ନିକଟରେ ନାମମାତ୍ର ସେବକ ମଧ୍ୟ ରହି ନ ପାରେ । ୮୪ ।

ପରୀକ୍ଷକା ଯତ୍ର ନ ସନ୍ତି ଦେଶେ ନାର୍ଘନ୍ତି ରତ୍ନାନି ସମୁଦ୍ରଜାନି ।
ଆଭୀର ଦେଶେ କିଲ ଚନ୍ଦ୍ରକାନ୍ତଂ ତ୍ରିଭିର୍ବରାଟୈର୍ବିପଣନ୍ତି ଗୋପାଃ ।। ୮୫ ।।

ଯେଉଁ ଦେଶରେ ରତ୍ନର ପରୀକ୍ଷକ ନଥାନ୍ତି, ସେଠାରେ ସମୁଦ୍ରଜାତ ରତ୍ନର କିଛି ମୂଲ୍ୟ ନଥାଏ । ଗୋପାଳକମାନଙ୍କ ଦେଶରେ ଗଉଡ଼ମାନେ ଚନ୍ଦ୍ରକାନ୍ତ ମଣିକୁ ମଧ୍ୟ ତିନି ତିନି କଉଡ଼ି ବିନିମୟରେ କ୍ରୟ-ବିକ୍ରୟ କରିଥାଆନ୍ତି । ୮୫ ।

ଲୋହିତାଖ୍ୟସ୍ୟ ଚ ମଣେଃ ପଦ୍ମରାଗସ୍ୟ ଚାନ୍ତରମ୍ ।
ଯତ୍ର ନାସ୍ତି କଥଂ ତତ୍ର କ୍ରିୟତେ ରତ୍ନବିକ୍ରୟଃ ।। ୮୬ ।।

ଯେଉଁଠାରେ ଲୋହିତ ମଣି ଓ ପଦ୍ମରାଗ ମଣିର ପ୍ରଭେଦ ଜାଣିବାର ଲୋକ ନାହାନ୍ତି, ସେଠାରେ କିପରି ରତ୍ନ ବିକ୍ରୟ ହୋଇପାରିବ ? । ୮୬ ।

ନିର୍ବିଶେଷଂ ଯଦା ସ୍ୱାମୀ ସମଂ ଭୃତ୍ୟେଷୁ ବର୍ତ୍ତତେ ।
ତତ୍ରୋଦ୍ୟମସମର୍ଥାନାମୁତ୍ସାହଃ ପରିହୀୟତେ ।। ୮୭ ।।

ଯଦି ପ୍ରଭୁ ଭୃତ୍ୟଙ୍କ ପ୍ରତି ସମାନ ବ୍ୟବହାର କରନ୍ତି, ତେବେ ଉଦ୍ୟମଶୀଳ ସେବକମାନଙ୍କର ଉତ୍ସାହ ଊଣା ହୋଇଯାଏ । ୮୭ ।

ନ ବିନା ପାର୍ଥିବୋ ଭୃତ୍ୟୈର୍ନ ଭୃତ୍ୟାଃ ପାର୍ଥିବଂ ବିନା ।
ତେଷାଂ ଚ ବ୍ୟବହାରୋଽୟଂ ପରସ୍ପରନିବନ୍ଧନମ୍ ।। ୮୮ ।।

ସେବକ ବିନା ରାଜା ରହିପାରନ୍ତି ନାହିଁ; ରାଜା ବିନା ସେବକ ମଧ୍ୟ ରହିପାରନ୍ତି ନାହିଁ । ତେଣୁ ସେମାନଙ୍କ ବ୍ୟବହାର ପରସ୍ପର ସମ୍ବନ୍ଧଯୁକ୍ତ ଅଟେ । ୮୮ ।

ଭୃତ୍ୟୈର୍ବିନା ସ୍ୱୟଂ ରାଜା ଲୋକାନୁଗ୍ରହକାରିଭିଃ ।
ମୟୂଖୈରିବ ଦୀପ୍ତାଂଶୁସ୍ତେଜସ୍ୱ୍ୟପି ନ ଶୋଭତେ ।। ୮୯ ।।

ସୂର୍ଯ୍ୟ ତେଜସ୍ୱୀ ହୋଇଥିଲେହେଁ ଲୋକମାନଙ୍କ ପ୍ରତି ଅନୁଗ୍ରହକାରୀ କିରଣ ବିନା ଶୋଭାପାଏ ନାହିଁ । ସେହିପରି ଭୃତ୍ୟ ବିନା ରାଜା ସ୍ୱୟଂ ଶୋଭାପାଆନ୍ତି ନାହିଁ । ୮୯ ।

ଅରୈଃ ସନ୍ଧାର୍ଯ୍ୟତେ ନାଭିର୍ନାଭୌ ଚାରାଃ ପ୍ରତିଷ୍ଠିତାଃ ।
ସ୍ୱାମୀସେବକୟୋରେବଂ ବୃତ୍ତିଚକ୍ରଂ ପ୍ରବର୍ତ୍ତତେ ।। ୯୦ ।।

ଯେପରି ଅର ସହିତ ପହି ଓ ପହି ସହିତ ତୁମ୍ବ ସଂଯୁକ୍ତ ହୋଇଥିବାରୁ ଚକ ଚାଲେ, ପ୍ରଭୁ ଓ ସେବକ ମଧ୍ୟ ଠିକ୍ ସେହିପରି ସଂଯୁକ୍ତ ଥିବାରୁ ଜୀବିକାଚକ୍ର ଚାଲିଥାଏ । ୯୦ ।

ଶିରସା ବିଧୃତା ନିତ୍ୟଂ ସ୍ନେହେନ ପରିପାଳିତାଃ ।
କେଶା ଅପି ବିରଜ୍ୟନ୍ତେ ନିଃସ୍ନେହାଃ କିଂ ନ ସେବକାଃ ।। ୯୧ ।।

ଶିର ସର୍ବଦା କେଶକୁ ଧାରଣ କରିଥାଏ ଓ ଏହାକୁ ସ୍ନେହ (ତେଲ) ଦ୍ୱାରା ପ୍ରତିପାଳିତ କରେ । ସ୍ନେହ (ତେଲ) ନ ପାଇଲେ କେଶ ମଧ୍ୟ ବିରାଗ (ରୁକ୍ଷ) ହୋଇଯାଏ । ତେବେ ସ୍ନେହ ବିନା ସେବକ ବିରାଗ ନ ହେବ କାହିଁକି ? । ୯୧ ।

ରାଜା ତୁଷ୍ଟୋ ହି ଭୃତ୍ୟାନାମର୍ଥମାତ୍ରଂ ପ୍ରୟଚ୍ଛତି ।
ତେ ତୁ ସମ୍ମାନମାତ୍ରେଣ ପ୍ରାଣୈରପ୍ୟୁପକୁର୍ବତେ ।। ୯୨ ।।

ରାଜା ସନ୍ତୁଷ୍ଟ ହେଲେ ଭୃତ୍ୟମାନଙ୍କୁ କେବଳ ଧନ ଦେଇଥାନ୍ତି; କିନ୍ତୁ ଭୃତ୍ୟମାନେ ରାଜାଙ୍କଠାରୁ ଟିକିଏ ସମ୍ମାନ ପାଇଲେ ନିଜର ପ୍ରାଣ ମଧ୍ୟ ଦେଇ ରାଜାଙ୍କର ଉପକାର କରିଥାନ୍ତି । ୯୨ ।

ଏବଂ ଜ୍ଞାତ୍ୱା ନରେନ୍ଦ୍ରେଣ ଭୃତ୍ୟାଃ କାର୍ଯ୍ୟାଃ ବିଚକ୍ଷଣାଃ ।
କୁଳୀନା ଶୌର୍ଯ୍ୟସଂଯୁକ୍ତାଃ ଶକ୍ତାଃ ଭକ୍ତାଃ କ୍ରମାଗତାଃ ।। ୯୩ ।।

ଏହିସବୁ ବିଷୟ ବିଚାର କରି ରାଜା ବିଚକ୍ଷଣ, କୁଳୀନ, ବୀର, ସମର୍ଥ, ଅନୁଗତ ଓ ବଂଶକ୍ରମାଗତ ଭୃତ୍ୟ ରଖିବା ଉଚିତ । ୯୩ ।

ଯଃ କୃତ୍ୱା ସୁକୃତଂ ରାଜ୍ଞୋ ଦୁଷ୍କରଂ ହିତମୁତ୍ତମମ୍।
ଲଜ୍ଜୟା ବକ୍ତି ନୋ କିଞ୍ଚିତ୍ତେନ ରାଜା ସହାୟବାନ୍॥ ୯୪॥

ଯେଉଁ ସେବକ ରାଜାଙ୍କର ମଙ୍ଗଳଜନକ, ହିତକର, ଉତ୍ତମ, କଷ୍ଟକର କାର୍ଯ୍ୟ ସୁନ୍ଦରରୂପେ କରି ମଧ୍ୟ ଲଜ୍ଜାବଶତଃ କିଛି ପ୍ରକାଶ କରି କହେନାହିଁ, ସେପରି ଭୃତ୍ୟ ରାଜାଙ୍କର ସହାୟକ ହୁଏ। ୯୪।

ଯସ୍ମିନ୍ କୃତ୍ୟଂ ସମାବେଶ୍ୟ ନିର୍ବିଶଙ୍କେନ ଚେତସା।
ଆସ୍ୟତେ ସେବକଃ ସ ସ୍ୟାତ୍କଳତ୍ରମିବ ଚାପରମ୍॥ ୯୫॥

ଯେଉଁ ଅନୁଚର ଉପରେ ନିଃଶଙ୍କ ଚିତ୍ତରେ କାର୍ଯ୍ୟଭାର ଅର୍ପଣ କରି ରାଜା ନିଶ୍ଚିନ୍ତ ରହିପାରନ୍ତି, ସେ ରାଜାଙ୍କ ପକ୍ଷରେ ଦ୍ୱିତୀୟ ସହଧର୍ମିଣୀସଦୃଶ ଅଟେ। ୯୫।

ଯୋନାହୂତଃ ସମଭ୍ୟେତି ଦ୍ୱାରି ତିଷ୍ଠତି ସର୍ବଦା।
ପୃଷ୍ଟଃ ସତ୍ୟଂ ମିତଂ ବ୍ରୂତେ ସ ଭୃତ୍ୟୋଽର୍ହୋ ମହୀଭୁଜାମ୍॥ ୯୬॥

ଯେ ବିନା ଡାକରାରେ ପାଖକୁ ଆସେ, ସର୍ବଦା ଦ୍ୱାରଦେଶରେ ରହିଥାଏ, ପଚାରିଲେ ପରିମିତ ଓ ସତ୍ୟକଥା କହେ, ସେଭଳି ଲୋକ ରାଜାମାନଙ୍କର ଭୃତ୍ୟ ହେବାକୁ ଯୋଗ୍ୟ ଅଟେ। ୯୬।

ଅନାଦିଷ୍ଟୋଽପି ଭୂପସ୍ୟ ଦୃଷ୍ଟ୍ୱା ହାନିକରଂ ଚ ଯଃ।
ଯତତେ ତସ୍ୟ ନାଶାୟ ସ ଭୃତ୍ୟୋଽର୍ହୋ ମହୀଭୁଜାମ୍॥ ୯୭॥

ରାଜାଙ୍କର ଆଦେଶ ନ ପାଇ ମଧ୍ୟ ଯେ ତାଙ୍କର ହାନିକର କୌଣସି କଥା ଦେଖିଲେ ତାର ବିନାଶ ପାଇଁ ଯତ୍ନ କରେ, ସେ ରାଜାମାନଙ୍କର ଭୃତ୍ୟ ହେବାକୁ ଯୋଗ୍ୟ ଅଟେ। ୯୭।

ତାଡ଼ିତୋଽପି ଦୁରୁକ୍ତୋଽପି ଦଣ୍ଡିତୋଽପି ମହୀଭୁଜା।
ଯୋ ନ ଚିନ୍ତୟତି ପାପଂ ସ ଭୃତ୍ୟୋଽର୍ହୋ ମହୀଭୁଜାମ୍॥ ୯୮॥

ଯେ ରାଜାଙ୍କ ଦ୍ୱାରା ତାଡ଼ିତ, ଭର୍ତ୍ସିତ ଓ ଦଣ୍ଡିତ ହେଲେ ମଧ୍ୟ ରାଜାଙ୍କର ଅମଙ୍ଗଳ ଚିନ୍ତା କରେନାହିଁ, ସେ ରାଜାଙ୍କର ଭୃତ୍ୟ ହେବାକୁ ଯୋଗ୍ୟ ଅଟେ। ୯୮।

ନ ଗର୍ବଂ କୁରୁତେ ମାନେ ନାପମାନେ ଚ ତପ୍ୟତେ।
ସ୍ୱାକାରଂ ରକ୍ଷୟେଦ୍ୟସ୍ତୁ ସ ଭୃତ୍ୟୋଽର୍ହୋ ମହୀଭୁଜାମ୍॥ ୯୯॥

ଯେ ସମ୍ମାନ ପାଇଲେ ଗର୍ବ କରେନାହିଁ, ଅପମାନ ପାଇଲେ ସନ୍ତପ୍ତ ହୁଏନାହିଁ, ମାନ ଓ ଅପମାନ ଉଭୟରେ ନିଜର ଚେହେରାକୁ ସ୍ୱାଭାବିକ ରଖିପାରେ, ସେ ରାଜାମାନଙ୍କର ଭୃତ୍ୟ ହେବାକୁ ଯୋଗ୍ୟ ଅଟେ। ୯୯।

ନ କ୍ଷୁଧା ପୀଡ୍ୟତେ ଯସ୍ତୁ ନିଦ୍ରୟା ନ କଦାଚନ।
ନ ଚ ଶୀତାତପାଦ୍ୟୈଶ୍ଚ ସ ଭୃତ୍ୟୋଽର୍ହୋ ମହୀଭୁଜାମ୍॥ ୧୦୦॥

ଯେ କେବେହେଲେ କ୍ଷୁଧା, ନିଦ୍ରା, ଶୀତ ଓ ଗରମ ଦ୍ୱାରା ପୀଡ଼ିତ ହୁଏ ନାହିଁ, ସେ ରାଜାମାନଙ୍କର ଭୃତ୍ୟ ହେବାକୁ ଯୋଗ୍ୟ ଅଟେ। ୧୦୦।

ଶ୍ରୁତ୍ୱା ସାଂଗ୍ରାମିକୀଂ ବାର୍ତ୍ତାଂ ଭବିଷ୍ୟାଂ ସ୍ୱାମିନଂ ପ୍ରତି।
ପ୍ରସନ୍ନାସ୍ୟୋ ଭବେଦ୍ୟସ୍ତୁ ସ ଭୃତ୍ୟୋଽର୍ହୋ ମହୀଭୁଜାମ୍।। ୧୦୧ ।।

ଯେ ଭାବୀ ଯୁଦ୍ଧର ସମ୍ବାଦ ଶୁଣି ପ୍ରଭୁଙ୍କୁ ସାହାଯ୍ୟ କରିବା ପାଇଁ ପ୍ରସନ୍ନମୁଖ ହୋଇଉଠେ, ସେ ରାଜାମାନଙ୍କର ଭୃତ୍ୟ ହେବାକୁ ଯୋଗ୍ୟ ଅଟେ। ୧୦୧।

ସୀମାବୃଦ୍ଧିଂ ସମାୟାତି ଶୁକ୍ଳପକ୍ଷ ଇବୋଡୁରାଟ୍।
ନିଯୋଗ ସଂସ୍ଥିତେ ଯସ୍ମିନ୍ ସ ଭୃତ୍ୟୋଽର୍ହୋ ମହୀଭୁଜାମ୍।। ୧୦୨ ।।

ଯାହାର ନିଯୁକ୍ତି ଫଳରେ ରାଜ୍ୟର ସୀମା ଶୁକ୍ଳପକ୍ଷର ଚନ୍ଦ୍ରପରି ବୃଦ୍ଧି ପାଉଥାଏ, ସେ ରାଜାମାନଙ୍କର ଭୃତ୍ୟ ହେବାକୁ ଯୋଗ୍ୟ ଅଟେ। ୧୦୨।

ସୀମାସଂକୋଚମାୟାତି ବହ୍ନୌ ଚର୍ମ ଇବାହିତମ୍।
ସ୍ଥିତେ ତସ୍ମିନ୍ ସ ତୁ ତ୍ୟାଜ୍ୟୋ ଭୃତ୍ୟୋ ରାଜ୍ୟଂ ସମୀହତା।। ୧୦୩।।

ଯାହାର ନିଯୁକ୍ତି ହେତୁ ରାଜ୍ୟର ସୀମା ଅଗ୍ନିଦ୍ୱାରା ଚର୍ମ ସଙ୍କୁଚିତ ହେଲାପରି ସଙ୍କୁଚିତ ହୋଇଯାଏ, ସେପରି ଭୃତ୍ୟକୁ ସାମ୍ରାଜ୍ୟକାମୀ ରାଜା ତ୍ୟାଗ କରିବା ଉଚିତ। ୧୦୩।

କୌଶେୟଂ କୃମିଜଂ ସୁବର୍ଣ୍ଣମୁପଲାଦ୍‌ଦୂର୍ବାପି ଗୋରୋମତଃ
ପଙ୍କାତ୍ତାମରସଂ ଶଶାଙ୍କଉଦଧେରିନ୍ଦୀବରଂ ଗୋମୟାତ୍।
କାଷ୍ଠାଦଗ୍ନିରହେଃ ଫଣାଦପି ମଣିର୍ଗୋପିତ୍ତତୋରୋଚନା
ପ୍ରାକାଶ୍ୟଂ ସ୍ୱଗୁଣୋଦୟେନ ଗୁଣିନୋ ଗଚ୍ଛନ୍ତି କିଂ ଜନ୍ମନା।। ୧୦୪।।

କୀଟଦେହରୁ ମଠା, ପାଷାଣରୁ ସୁବର୍ଣ୍ଣ, ଗୋରୋମରୁ ଦୂର୍ବା, ପଙ୍କରୁ ପଦ୍ମ, ସମୁଦ୍ରରୁ ଚନ୍ଦ୍ର, ଗୋମୟରୁ ନୀଳକଇଁ, କାଷ୍ଠରୁ ଅଗ୍ନି, ସର୍ପର ଫଣାରୁ ମଣି, ଗୋରୁର ପିତ୍ତରୁ ଗୋରୋଚନା ଉତ୍ପନ୍ନ ହୋଇଥାଏ। ଅତଏବ ଗୁଣୀ ଲୋକମାନେ ନିଜର ଗୁଣଦ୍ୱାରା ପ୍ରସିଦ୍ଧି ଲାଭ କରନ୍ତି; ଜନ୍ମରେ କିଛି ଯାଏ-ଆସେ ନାହିଁ। ୧୦୪।

ମୂଷିକା ଗୃହଜାତାପି ହନ୍ତବ୍ୟା ସ୍ୱାପକାରିଣୀ।
ଭକ୍ଷ୍ୟପ୍ରଦାନୈର୍ମାର୍ଜାରୋ ହିତକୃଦ୍ ପ୍ରାର୍ଥ୍ୟତେଽନ୍ୟତଃ।। ୧୦୫।।

ଗୃହରେ ଜନ୍ମିଥିଲେହେଁ ଲୋକଙ୍କର ଅପକାର କରୁଥିବାରୁ ମୂଷିକ ବିନାଶଯୋଗ୍ୟ ହୋଇଥାଏ ଏବଂ ବିରାଡ଼ି ହିତକାରୀ ହୋଇଥିବାରୁ ଲୋକେ ତାହାକୁ ଆହାର ଦେଇ ଘରକୁ ଆଣିବାକୁ ଇଚ୍ଛା କରିଥାନ୍ତି। ୧୦୫।

ଏରଣ୍ଡଭିଣ୍ଡାର୍କନଳୈଃ ପ୍ରଭୂତୈରପି ସଞ୍ଚିତୈଃ।
ଦାରୁକୃତ୍ୟଂ ଯଥା ନାସ୍ତି ତଥୈବାଜ୍ଞୈଃ ପ୍ରୟୋଜନମ୍।। ୧୦୬।।

ଗବ (ଏରଣ୍ଡ), ଭେଣ୍ଡି (ଭିଣ୍ଡ), ଅରଖ, କାଣ୍ଡଶର (ନଳ) ଇତ୍ୟାଦିକୁ ଅତ୍ୟଧିକ ପରିମାଣରେ ଏକତ୍ର କଲେ ମଧ୍ୟ ତାହା କାଠର କାର୍ଯ୍ୟ ଦେଇପାରେ ନାହିଁ। ସେହିପରି ଅଜ୍ଞ ସେବକଦ୍ୱାରା ରାଜାଙ୍କର କୌଣସି ପ୍ରୟୋଜନ ସିଦ୍ଧ ହୁଏ ନାହିଁ। ୧୦୬।

କିଂ ଭକ୍ତେନାସମର୍ଥେନ କିଂ ଶକ୍ତେନାପକାରିଣା।
ଭକ୍ତଂ ଶକ୍ତଂ ଚ ମା ରାଜନାବଜ୍ଞାତୁଂ ତ୍ୱମର୍ହସି।। ୧୦୭।।

ଶକ୍ତିହୀନ, ଅନୁରକ୍ତ ଲୋକଦ୍ୱାରା ତଥା ଶକ୍ତିଶାଳୀ ଅପକାରୀ ଲୋକଦ୍ୱାରା କି ପ୍ରୟୋଜନ? ହେ ରାଜନ୍! ମୁଁ ଆପଣଙ୍କର ଅନୁରକ୍ତ ଓ ସମର୍ଥ; ତେଣୁ ମୋତେ ହତାଦର କରିବା ଉଚିତ ନୁହେଁ। ୧୦୭।

ପିଙ୍ଗଳକ କହିଲା– ସେ କଥା ଥାଉ। ତୁମେ ସମର୍ଥ ହୁଅ ବା ଅସମର୍ଥ ହୁଅ, ତୁମେ ହେଉଛ ଆମର ମନ୍ତ୍ରୀଙ୍କ ପୁତ୍ର। ତେଣୁ ତୁମର ଯାହା କହିବାର ଇଚ୍ଛା ଅଛି, ନିର୍ଭୟରେ କହ।

ଦମନକ କହିଲା– ମହାରାଜ, କିଛି ଜଣାଇବାକୁ ଅଛି।

ପିଙ୍ଗଳକ କହିଲା– ତାହାହେଲେ ତୁମର ଅଭିପ୍ରାୟ ପ୍ରକାଶ କର। ସେ କହିଲା–

ଅପି ସ୍ୱଳ୍ପତରଂ କାର୍ଯ୍ୟଂ ଯଦ୍‌ଭବେତ୍ ପୃଥିବୀପତେଃ।
ତନ୍ନ ବାଚ୍ୟଂ ସଭାମଧ୍ୟେ ପ୍ରୋବାଚେଦଂ ବୃହସ୍ପତିଃ॥ ୧୦୮॥

ରାଜାଙ୍କର ଅତି ସାମାନ୍ୟ କାର୍ଯ୍ୟ ହୋଇଥିଲେ ସୁଦ୍ଧା ତାହା ସଭା ମଧ୍ୟରେ ପ୍ରକାଶ କରିବା ଉଚିତ ନୁହେଁ ବୋଲି ବୃହସ୍ପତି କହିଅଛନ୍ତି। ୧୦୮। ତେଣୁ ମହାରାଜ, ମୋର ଯାହା କହିବାର ଅଛି, ତାହା ଏକାନ୍ତରେ ଶୁଣିବା ହୁଅନ୍ତୁ। ଯେହେତୁ–

ଷଟ୍‌କର୍ଣ୍ଣୋ ଭିଦ୍ୟତେ ମନ୍ତ୍ରଶ୍ଚତୁଷ୍କର୍ଣ୍ଣଃ ସ୍ଥିରୋ ଭବେତ୍।
ତସ୍ମାତ୍ସର୍ବପ୍ରୟତ୍ନେନ ଷଟ୍‌କର୍ଣ୍ଣଂ ବର୍ଜୟେତ୍ ସୁଧୀଃ॥ ୧୦୯॥

ଛଅ କାନ (ଅର୍ଥାତ୍ ତିନିଜଣ ମଧ୍ୟରେ) ହେଲେ, ଗୁପ୍ତମନ୍ତ୍ରଣା ପ୍ରକାଶ ପାଇଯାଏ। କିନ୍ତୁ ଚାରିକାନ (ଅର୍ଥାତ୍ ଦୁଇଜଣ ମଧ୍ୟରେ) ହେଲେ, ତାହା ସ୍ଥିର ରହେ। ଏହି ହେତୁରୁ ମନ୍ତ୍ର ଷଟ୍‌କର୍ଣ୍ଣ ନ ହେବାପାଇଁ ଜ୍ଞାନୀ ଲୋକେ ଯତ୍ନ କରନ୍ତି। ୧୦୯।

ଏହାପରେ ପିଙ୍ଗଳକର ଅଭିପ୍ରାୟ ଜାଣିପାରି ବାଘ, ଚିତାବାଘ, ହେଟାବାଘ ପ୍ରଭୃତି ଏହି କଥା ଶୁଣି ସଭାରୁ ତତ୍‌କ୍ଷଣାତ୍ ବାହାରିଗଲେ। ତହୁଁ ଦମନକ କହିଲା, "ଜଳପାନ କରିବାକୁ ଯାଇ ପ୍ରଭୁ କାହିଁକି ଫେରି ଆସି ଏଠାରେ ବସିଅଛନ୍ତି?" ପିଙ୍ଗଳକ ମୃଦୁ ହାସ୍ୟ ପ୍ରକାଶ କରି କହିଲା, "କୌଣସି କାରଣ ନାହିଁ।" ସେ କହିଲା, "ପ୍ରଭୁ, ଯଦି ସେ କାରଣ କହିବା ଯୋଗ୍ୟ ନୁହେଁ, ତେବେ ଥାଉ। କଥିତ ଅଛି–

ଦାରେଷୁ କିଞ୍ଚିତ୍ ସ୍ୱଜନେଷୁ କିଞ୍ଚିଦ୍ ଗୋପ୍ୟଂ ବୟସ୍ୟେଷୁ ସୁତେଷୁ କିଞ୍ଚିତ୍।
ଯୁକ୍ତଂ ନ ବା ଯୁକ୍ତମିଦଂ ବିଚିନ୍ତ୍ୟ ବଦେଦ୍‌ବିପଶ୍ଚିନ୍ମହତୋଽନୁରୋଧାତ୍॥ ୧୧୦॥

କେତେକ କଥା ପତ୍ନୀଠାରୁ, କେତେକ ସ୍ୱଜନଙ୍କଠାରୁ, କେତେକ ବୟସ୍ୟମାନଙ୍କଠାରୁ ଓ କେତେକ ପୁତ୍ରଠାରୁ ଗୋପନ ରଖିବାକୁ ହୁଏ। 'ଏହା ଉଚିତ କି ଅନୁଚିତ' ଏପରି ବିଚାର କରି ବୁଦ୍ଧିମାନ୍ ଲୋକ ବଡ଼ଲୋକଙ୍କର ଅନୁରୋଧରେ ଗୋପନୀୟ କଥା କହିବା ଉଚିତ। ୧୧୦।

ଏହା ଶୁଣି ପିଙ୍ଗଳକ ମନେ ମନେ ଚିନ୍ତାକଲା– ଏ ଗୁପ୍ତ କଥା ଶୁଣିବାର ଯୋଗ୍ୟ ବ୍ୟକ୍ତି ବୋଲି ମନେହେଉଛି। ତେଣୁ ଏହା ଆଗରେ ନିଜର ଅଭିପ୍ରାୟ

ବ୍ୟକ୍ତ କରିବି। କଥିତ ଅଛି–

ସୁହୃଦି ନିରନ୍ତରଚିତ୍ତେ ଗୁଣବତି ଭୃତ୍ୟେଽନୁବର୍ତ୍ତିନି କଳତ୍ରେ।
ସ୍ୱାମିନି ସୌହୃଦଯୁକ୍ତେ ନିବେଦ୍ୟ ଦୁଃଖଂ ସୁଖୀ ଭବତି॥ ୧୧୧॥

ଅଭିନ୍ନହୃଦୟ ବନ୍ଧୁ ନିକଟରେ, ଗୁଣବାନ୍ ଭୃତ୍ୟ ନିକଟରେ, ଅନୁଗାମିନୀ ପତ୍ନୀ ନିକଟରେ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପ୍ରଭୁ ନିକଟରେ ଲୋକ ନିଜର ଦୁଃଖ କହି ସୁଖ ଲାଭ କରେ। ୧୧୧।

ତତ୍ପରେ ପ୍ରକାଶ୍ୟରେ କହିଲା– ଆହେ ଦମନକ, ଦୂରରୁ ଏ ଯେଉଁ ମହାନ୍ ଶବ୍ଦ ଆସୁଛି, ଶୁଣିପାରୁଛ?

ଦମନକ କହିଲା– ପ୍ରଭୁ, ଶୁଣିପାରୁଛି। କିନ୍ତୁ ଏ ଶବ୍ଦରେ କଅଣ୍ ଅଛି?

ପିଙ୍ଗଳକ କହିଲା– ଭଦ୍ର, ମୁଁ ବନରୁ ଚାଲିଯିବାକୁ ଇଚ୍ଛା କରୁଛି।

ଦମନକ ପଚାରିଲା– କାହିଁକି?

ପିଙ୍ଗଳକ କହିଲା– କାରଣ ଆଜି ଆମର ଏ ବନରେ କୌଣସି ଅପୂର୍ବ ପ୍ରାଣୀ ପ୍ରବେଶ କରିଅଛି; ଯାହାର କି ଏହି ମହାନ୍ ଶବ୍ଦ ଶୁଣାଯାଉଅଛି। ସମ୍ଭବତଃ ତାହାର ପରାକ୍ରମ ମଧ୍ୟ ଏହି ଶବ୍ଦର ଅନୁରୂପ ହୋଇଥିବ।

ଦମନକ କହିଲା– ଯଦି କେବଳ ଏହି ଶବ୍ଦଯୋଗୁଁ ପ୍ରଭୁ ଭୟପ୍ରାପ୍ତ ହୋଇଥାନ୍ତି, ତେବେ ତାହା ଉଚିତ୍ ନୁହେଁ। କଥିତ ଅଛି–

ଅମ୍ବସା ଭିଦ୍ୟତେ ସେତୁସ୍ତଥା ମନ୍ତ୍ରୋଽପ୍ୟରକ୍ଷିତଃ।
ପୈଶୁନ୍ୟାଦ୍‌ଭିଦ୍ୟତେ ସ୍ନେହୋ ଭିଦ୍ୟତେ ବାଗ୍‌ଭିରାତୁରଃ॥ ୧୧୨॥

ଯେପରି ଜଳସ୍ରୋତଦ୍ୱାରା ସେତୁ ଭାଙ୍ଗିଯାଏ, ସେହିପରି ଗୁପ୍ତ ନ ରଖିଲେ ମନ୍ତ୍ରଣା ମଧ୍ୟ ପ୍ରକାଶ ପାଇଯାଏ। ଚୁଗୁଲି (ପୈଶୁନ୍ୟ) ଦ୍ୱାରା ସ୍ନେହ ତୁଟିଯାଏ ଏବଂ ଭୟାଳୁ ପ୍ରାଣୀ କେବଳ ଶବ୍ଦଦ୍ୱାରା ଭାଙ୍ଗିପଡ଼େ (ଶବ୍ଦକୁ ଭୟ କରେ)। ୧୧୨।

ତେଣୁ ପୂର୍ବପୁରୁଷଙ୍କଦ୍ୱାରା ଉପାର୍ଜିତ ଏହି ବନକୁ ପରିତ୍ୟାଗ କରିବା ଆପଣଙ୍କ ପକ୍ଷରେ ଉଚିତ ହେବ ନାହିଁ। ଭେରୀ, ବେଣୁ, ବୀଣା, ମୃଦଙ୍ଗ, ତାଳ, ପଟହ (ଢକ୍କା), ଶଙ୍ଖ, କାହାଳୀ ଆଦି ଯନ୍ତ୍ରଭେଦରେ ଶବ୍ଦ ଅନେକ ପ୍ରକାରର ହୁଏ। ତେଣୁ କେବଳ ଶବ୍ଦମାତ୍ର ଶୁଣି ଭୟ କରିବା ଉଚିତ ନୁହେଁ। କଥିତ ଅଛି...।

ଅତ୍ୟୁତ୍କଟେ ଚ ରୌଦ୍ରେ ଚ ଶତ୍ରୌ ପ୍ରାପ୍ତେ ନ ହୀୟତେ।
ଧୈର୍ଯ୍ୟଂ ଯସ୍ୟ ମହୀନାଥୋ ନ ସ ଯାତି ପରାଭବମ୍॥।୧୧୩॥

ଅତି ପ୍ରବଳ ଓ ଭୟଙ୍କର ଶତ୍ରୁର ସମ୍ମୁଖୀନ ହୋଇ ସୁଦ୍ଧା ଯେଉଁ ରାଜା ଧୈର୍ଯ୍ୟ ହରାନ୍ତି ନାହିଁ, ସେ କେବେହେଲେ ପରାଜିତ ହୁଅନ୍ତି ନାହିଁ। ୧୧୩।

ଦର୍ଶିତଭୟେଽପି ଧାତରି ଧୈର୍ଯ୍ୟଧ୍ୱଂସୋ ଭବେନ୍ନ ଧୀରାଣାମ୍।
ଶୋଷିତସରସି ନିଦାଘେ ନୀରୋମେବୋଦ୍ଧତଃ ସିନ୍ଧୁଃ॥ ୧୧୪॥

ସ୍ୱୟଂ ବିଧାତା ଭୟ ଦେଖାଇଲେହେଁ ଧୀର ଲୋକେ ଧୈର୍ଯ୍ୟଚ୍ୟୁତ ହୁଅନ୍ତି

ନାହିଁ। ନିଦାଘ କାଳରେ ପୁଷ୍କରିଣୀ ଶୁଷ୍କ ହୋଇଯାଉଥିଲେହେଁ ସମୁଦ୍ର ଅତ୍ୟନ୍ତ ଉଗ୍ରରୂପ ଧାରଣ କରିଥାଏ । ୧୧୪। ପୁଣି –

ଯସ୍ୟ ନ ବିପଦି ବିଷାଦଃ ସମ୍ପଦି ହର୍ଷୋ ରଣେ ଚ଼ ଭୀରୁତ୍ୱମ୍।
ତଂ ଭୁବନତ୍ରୟତିଳକଂ ଜନୟତି ଜନନୀ ସୁତଂ ବିରଳମ୍।। ୧୧୫।।

ଯିଏ ବିପଦରେ ବିଷଣ୍ଣ ହୁଏ ନାହିଁ; ଯିଏ ସମ୍ପଦରେ ଉଲ୍ଲସିତ ହୁଏ ନାହିଁ ଓ ଯିଏ ଯୁଦ୍ଧରେ ଭୟ କରେ ନାହିଁ– ଏ ତିନି ପ୍ରକାର ମନୁଷ୍ୟ ତିନି ଭୁବନରେ ଶ୍ରେଷ୍ଠ। ଏପରି ପୁତ୍ରକୁ ଜନ୍ମ ଦେଇଥିବା ମାତା ପୃଥିବୀରେ ବିରଳ। ୧୧୫। ଆହୁରି ମଧ –

ଶକ୍ତିବୈକଲ୍ୟନମ୍ରସ୍ୟ ନିଃସାରତ୍ୱାଲ୍ଲଘୀୟସଃ।
ଜନ୍ମିନୋ ମାନହୀନସ୍ୟ ତୃଣସ୍ୟ ଚ଼ ସମାଗତିଃ।। ୧୧୬।।

ସାମର୍ଥ୍ୟ ଅଭାବରୁ ନମ୍ର ଏବଂ ତେଜୋହୀନତା ହେତୁରୁ ଲଘୁ ଓ ସମ୍ମାନରହିତ ବ୍ୟକ୍ତିର ଜନ୍ମଗ୍ରହଣ କରିବା ତୃଣର ଜନ୍ମଗ୍ରହଣ ସଙ୍ଗେ ସମାନ (ଅର୍ଥାତ୍ ଶକ୍ତିହୀନ, ତେଜୋହୀନ ଓ ସମ୍ମାନହୀନ ଲୋକର ଜନ୍ମ ନିରର୍ଥକ)। ୧୧୬। ପୁଣି –

ଅନ୍ୟପ୍ରତାପମାସାଦ୍ୟ ଯୋ ଦୃଢ଼ତ୍ୱଂ ନ ଗଚ୍ଛତି।
ଜତୁଜାଭରଣସ୍ୟେବ ରୂପେଣାପି ହି ତସ୍ୟ କିମ୍।। ୧୧୭।।

ଅନ୍ୟର ପରାକ୍ରମର ସାହାଯ୍ୟ ପାଇ ମଧ ଯିଏ ଦୃଢ଼ ରହେ ନାହିଁ, ଲାକ୍ଷାନିର୍ମିତ ଅଳଙ୍କାରପରି ତା'ର ମନୁଷ୍ୟରୂପରେ କି ପ୍ରୟୋଜନ ? ୧୧୭।

ତେଣୁ ଏସବୁ ଜାଣି ପ୍ରଭୁ ଧୈର୍ଯ୍ୟ ଧାରଣ କରିବା ଉଚିତ। କେବଳ ଶବ୍ଦ ଶୁଣି ଭୟ କରିବା ଉଚିତ ନୁହେଁ। କଥିତ ଅଛି –

ପୂର୍ବମେବ ମୟା ଜ୍ଞାତଂ ପୂର୍ଣ୍ଣମେତଦ୍ଧି ମେଦସା।
ଅନୁପ୍ରବିଶ୍ୟ ବିଜ୍ଞାତଂ ଯାବଚ୍ଚର୍ମ ଚ଼ ଦାରୁ ଚ଼।। ୧୧୮।।

ମୁଁ ପୂର୍ବରୁ ଭାବିଥିଲି ଯେ ଏହା ଚର୍ବିରେ ପୂରିଥିବ; କିନ୍ତୁ ଭିତରେ ପ୍ରବେଶ କରି ଜାଣିଲି ଯେ ଏହା କେବଳ ଚର୍ମ ଓ କାଠ ଛଡ଼ା ଅନ୍ୟ କିଛି ନୁହେଁ। ୧୧୮।

ପିଙ୍ଗଳକ ପଚାରିଲା – "ସେ କଥା କଅଣ ?" ଦମନକ କହିବାକୁ ଲାଗିଲା –

ଶୃଗାଳ ଓ ଦୁନ୍ଦୁଭି କଥା

ଗୋମାୟୁ ନାମକ ଗୋଟିଏ ଶୃଗାଳ କ୍ଷୁଧାରେ ଶୁଷ୍କକଣ୍ଠ ହୋଇ ଇତସ୍ତତଃ ଭ୍ରମଣ କରୁ କରୁ ବନରେ ଦୁଇଜଣ ସୈନ୍ୟଙ୍କର ଯୁଦ୍ଧଭୂମିରେ ଉପସ୍ଥିତ ହେଲା। ସେଠାରେ ପଡ଼ିଥିବା ଗୋଟିଏ ଦୁନ୍ଦୁଭି (ଢୋଲ)ରେ ବାୟୁଦ୍ୱାରା ତାଡ଼ିତ ଲତା ଓ ଶାଖାମାନଙ୍କର ଅଗ୍ରଭାଗ ବାଜୁଥିବାରୁ ଶବ୍ଦ ଜାତ ହେଉଥିଲା। ଶୃଗାଳ ସେହି ଶବ୍ଦ ଶୁଣିଲା। ସେ ଖିନ୍ନ ହୃଦୟରେ ଚିନ୍ତାକଲା – 'ହାୟ, ଏବେ ମୁଁ ମଲି ! ଏହି ଶବ୍ଦ କରୁଥିବା ବସ୍ତୁର ଦୃଷ୍ଟିଗୋଚର ହେବାପୂର୍ବରୁ ଅନ୍ୟତ୍ର ପଳାଇଯିବି; ଅଥବା ସହସା

ଏ ବନ ତ୍ୟାଗକରି ଚାଲିଯିବା ଉଚିତ ହେବନାହିଁ। କାରଣ–

ଭୟେ ବା ଯଦି ବା ହର୍ଷେ ସଂପ୍ରାପ୍ତେ ଯୋ ବିମର୍ଶୟେତ୍‌।
କୃତ୍ୟଂ ନ କୁରୁତେ ବେଗାନ୍ନ ସ ସନ୍ତାପମାପ୍ନୁୟାତ୍‌॥୧୧୯॥

ଭୟ ବା ହର୍ଷ ପ୍ରାପ୍ତ ହେଲେ ଯେଉଁ ଲୋକ ଉତ୍ତମରୂପେ ବିଚାର କରେ ଓ ହଠାତ୍‌ କୌଣସି କାର୍ଯ୍ୟ କରିପକାଏ ନାହିଁ, ସେ କେବେ ସନ୍ତାପିତ ହୁଏନାହିଁ। ୧୧୯।

ତେଣୁ ପ୍ରଥମେ ମୁଁ ବୁଝିବି, ଏ କାହାର ଶବ୍ଦ? ଧୈର୍ଯ୍ୟ ଧରି ଚିନ୍ତା କରି ଧୀରେ ଧୀରେ ଯାଇ ସେ ଦୁନ୍ଦୁଭିକୁ ଦେଖିଲା। ସେ ଏହାର ପାଖକୁ ଯାଇ କୌତୂହଳବଶତଃ ଏହାକୁ ପିଟିବାକୁ ଲାଗିଲା। ଆନନ୍ଦରେ ସେ ଭାବିଲା– ଓହୋ! ବହୁଦିନ ପରେ ମୋତେ ଏତେ ବଡ଼ ଭୋଜନ ମିଳିଲା। ଏଥିରେ ନିଶ୍ଚୟ ପ୍ରଚୁର ପରିମାଣରେ ମାଂସ, ଚର୍ବି ଓ ରକ୍ତ ପୂରିରହିଥିବ। ତହୁଁ ସେ ଆବୃତ ହୋଇଥିବା କଠିନ ଚର୍ମକୁ ବିଦାରି ଏକ ଅଂଶରେ ଛିଦ୍ର କରି ଆନନ୍ଦରେ ସେଥିରେ ପ୍ରବେଶ କଲା; କିନ୍ତୁ ଚମଡ଼ା ଚିରୁ ଚିରୁ ତାର ଦାନ୍ତଗୁଡ଼ିକ ଭାଙ୍ଗିଗଲା। ଅନନ୍ତର ଏହା କେବଳ କାଷ୍ଠନିର୍ମିତ ହୋଇଥିବାର ଦେଖି ନିରାଶ ହୋଇ 'ପୂର୍ବମେବ ମୟା ଜ୍ଞାତଂ...' ଇତ୍ୟାଦି କହିଥିଲା। ଏହି ହେତୁରୁ କେବଳ ଶବ୍ଦ ଶୁଣି ଭୟ କରିଯିବା ଉଚିତ ନୁହେଁ।

ପିଙ୍ଗଳକ କହିଲା– ଦେଖ, ମୋର ସମସ୍ତ ପରିବାର ଭୟରେ ବ୍ୟାକୁଳ ହୋଇ ପଳାଇବାକୁ ବସିଛନ୍ତି। ଏଥିରେ ମୁଁ ବା କିପରି ଧୈର୍ଯ୍ୟ ଧରି ରହିପାରିବି?

ଦମନକ କହିଲା– ପ୍ରଭୁ, ଏହା ସେମାନଙ୍କର ଦୋଷ ନୁହେଁ; କାରଣ ସ୍ୱାମୀ ଯେପରି, ଭୃତ୍ୟ ମଧ୍ୟ ସେହିପରି ହୋଇଥାନ୍ତି। କଥିତ ଅଛି–

ଅଶ୍ୱଃ ଶସ୍ତ୍ରଂ ଶାସ୍ତ୍ରଂ ବୀଣା ବାଣୀ ନରଶ୍ଚ ନାରୀ ଚ।
ପୁରୁଷ ବିଶେଷପ୍ରାପ୍ତା ଭବନ୍ତ୍ୟଯୋଗ୍ୟା ଯୋଗ୍ୟାଶ୍ଚ॥୧୨୦॥

ଅଶ୍ୱ, ଶସ୍ତ୍ର, ଶାସ୍ତ୍ର, ବୀଣା, ବାଣୀ, ନର ଓ ନାରୀ ଏମାନେ ପୁରୁଷବିଶେଷକୁ ପ୍ରାପ୍ତ ହୋଇ ଯୋଗ୍ୟ ଅଥବା ଅଯୋଗ୍ୟ ହୋଇଥାନ୍ତି। ୧୨୦।

ଅତଏବ ମୁଁ ଏହି ଶବ୍ଦର କାରଣ ବୁଝିଆସିବା ପର୍ଯ୍ୟନ୍ତ ଆପଣ ପୌରୁଷ ଅବଲମ୍ବନ କରି ଅପେକ୍ଷା କରନ୍ତୁ। ତାହାପରେ ଯେପରି ଉଚିତ ବୋଧ ହେବ, ସେପରି କାର୍ଯ୍ୟ କରାଯିବ।

ପିଙ୍ଗଳକ କହିଲା– କଅଣ, ତୁମେ ସେଠାକୁ ଯିବାକୁ ସାହସ କରୁଛ?

ଦମନକ କହିଲା– ସତ୍‌ସେବକ ପ୍ରଭୁଙ୍କ ଆଦେଶପାଳନରେ 'ଏହା କର୍ତ୍ତବ୍ୟ, ଏହା ଅକର୍ତ୍ତବ୍ୟ' ଏପରି ବିଚାର କରେ କି? କଥିତ ଅଛି–

ସ୍ୱାମ୍ୟାଦେଶାଦ୍‌ ସୁଭୃତ୍ୟସ୍ୟ ନ ଭୀଃ ସଂଜାୟତେ କ୍ୱଚିତ୍‌।
ପ୍ରବିଶେନ୍ମୁଖମାହେୟଂ ଦୁସ୍ତରଂ ବା ମହାର୍ଣ୍ଣବମ୍‌॥୧୨୧॥

ଉତ୍ତମ ସେବକ ସ୍ୱାମୀଙ୍କ ଆଦେଶପାଳନରୁ କୁତ୍ରାପି ଭ୍ରଷ୍ଟ ହୁଏନାହିଁ। ସର୍ପ ମୁଖରେ ସେ ପ୍ରବେଶ କରିପାରେ ଅଥବା ଦୁସ୍ତର ମହାସାଗରକୁ ମଧ୍ୟ ପାର-

ହୋଇପାରେ । ୧୨୧ । ପୁଣି –

ସ୍ୱାମ୍ୟାଦିଷ୍ଟସ୍ତୁ ଯୋ ଭୃତ୍ୟଃ ସମଂ ବିଷ ମେବ ଚ଼ ।
ମନ୍ୟତେ ନ ସ ସଂଧାର୍ୟ୍ୟୋ ଭୂଭୁଜା ଭୂତିମିଛତା ।। ୧୨୨ ।।

ସ୍ୱାମୀଙ୍କର ଆଦେଶପ୍ରାପ୍ତ ହୋଇ ଯେଉଁ ସେବକ ସେହି ଆଦେଶକୁ ସହଜ ବା କଠିନ ମନେକରେ ନାହିଁ, ଐଶ୍ୱର୍ଯ୍ୟକାମୀ ରାଜା ସେପରି ସେବକକୁ ପାଖରେ ରଖିବା ଉଚ଼ିତ । ୧୨୨ ।

ପିଙ୍ଗଳକ କହିଲା – ଭଦ୍ର, ତାହାହେଲେ ତୁମେ ଯାଅ ! ତୁମ ପଥ ମଙ୍ଗଳମୟ ହେଉ ।

ଦମନକ ପିଙ୍ଗଳକକୁ ପ୍ରଣାମ କରି ସଞ୍ଜୀବକର ଶବ୍ଦ ଅନୁସରଣରେ ପ୍ରସ୍ଥାନ କଲା ।

ଦମନକ ଚାଲିଯିବାପରେ ପିଙ୍ଗଳକ ଭୟବ୍ୟାକୁଳ-ହୃଦୟରେ ଚିନ୍ତା କଲା – ଓଃ, ଏହାକୁ ବିଶ୍ୱାସ କରି ନିଜ ମନର ଅଭିପ୍ରାୟ ଜଣାଇଦେଇ ମୁଁ ଭଲ କାମ କରିନାହିଁ। ଆପଣାର ଅଧିକାରରୁ ଚ୍ୟୁତ ହୋଇଥିବାରୁ କେତେବେଳେ ଏହି ଦମନକ ଅପର-ପକ୍ଷରୁ ମଧ୍ୟ ଲାଞ୍ଚ ନେଇ ମୋର ଅନିଷ୍ଟ କରିପାରେ । କଥିତ ଅଛି –

ଯେ ଭବନ୍ତି ମହୀପସ୍ୟ ସଂମାନିତବିମାନିତାଃ ।
ଯତନ୍ତେ ତସ୍ୟ ନାଶାୟ କୁଳୀନା ଅପି ସର୍ବଦା ।। ୧୨୩ ।।

ଯେଉଁମାନେ ରାଜାଙ୍କଦ୍ୱାରା ପ୍ରଥମେ ସମ୍ମାନିତ ହୋଇ ପରେ ଅବମାନିତ ହୁଅନ୍ତି, ସେମାନେ ଯେତ୍ତେ କୁଳୀନ ହେଲେ ମଧ୍ୟ ସେହି ରାଜାଙ୍କର ବିନାଶ ନିମନ୍ତେ ସର୍ବଦା ଚେଷ୍ଟିତ ହୁଅନ୍ତି । ୧୨୩ ।

ତେଣୁ ସେ କଅଣ କରିବାକୁ ଇଚ୍ଛା କରିଛି, ତାହା ଜାଣିବା ନିମନ୍ତେ ଏଠାରୁ ଅନ୍ୟ ସ୍ଥାନକୁ ଯାଇ ଅପେକ୍ଷା କରି ରହିବି । କାରଣ, ଦମନକ ହୁଏତ ସେହି ପ୍ରାଣୀକୁ ଆଣି କେତେବେଳେ ମୋତେ ମାରିବାର ଇଚ୍ଛା ରଖିଥିବ । କଥିତ ଅଛି–

ନ ବଧ୍ୟନ୍ତେ ହ୍ୟବିଶ୍ୱସ୍ତା ବଳିଭିର୍ଦୁର୍ବଳା ଅପି ।
ବିଶ୍ୱସ୍ତାସ୍ତ୍ୱେବ ବଧ୍ୟନ୍ତେ ବଳବନ୍ତୋଽପି ଦୁର୍ବଳୈଃ ।।୧୨୪ ।।

ଅନ୍ୟକୁ ଅବିଶ୍ୱାସ କରୁଥିବା ଦୁର୍ବଳ ପ୍ରାଣୀକୁ ମଧ୍ୟ ସବଳ ପ୍ରାଣୀ ମାରେ ନାହିଁ; କିନ୍ତୁ ଅନ୍ୟମାନଙ୍କୁ ବିଶ୍ୱାସ କରୁଥିବା ସବଳ ପ୍ରାଣୀ ମଧ୍ୟ ଦୁର୍ବଳ ପ୍ରାଣୀଦ୍ୱାରା ନିହତ ହୋଇପାରେ । ୧୨୪ ।

ବୃହସ୍ପତେରପି ପ୍ରାଜ୍ଞୋ ନ ବିଶ୍ୱାସଂ ବ୍ରଜେନ୍ନରଃ ।
ଯ ଇଚ୍ଛେଦାତ୍ମନୋ ବୃଦ୍ଧିମାୟୁଷ୍ୟଂ ଚ଼ ସୁଖାନି ଚ଼ ।।୧୨୫ ।।

ଯେଉଁ ବୁଦ୍ଧିମାନ୍ ଲୋକ ନିଜର ଉନ୍ନତି, ସୁଖ ଓ ଦୀର୍ଘଜୀବନ କାମନା କରେ, ସେ ବୃହସ୍ପତିଙ୍କୁ ମଧ୍ୟ ବିଶ୍ୱାସ କରିବା ଉଚ଼ିତ ନୁହେଁ । ୧୨୫ ।

ଶପଥୈଃ ସନ୍ଧିତସ୍ୟାପି ନ ବିଶ୍ୱାସଂ ବ୍ରଜେଦ୍ରିପୋଃ ।
ରାଜ୍ୟଲାଭୋଦ୍ୟତୋ ବୃତ୍ରଃ ଶକ୍ରେଣ ଶପଥୈର୍ହତଃ ।।୧୨୬ ।।

ଶପଥପୂର୍ବକ ସନ୍ଧିସ୍ଥାପନ କରିଥିଲେ ମଧ୍ୟ ଶତ୍ରୁକୁ ବିଶ୍ୱାସ କରିବା ଅନୁଚିତ। ରାଜ୍ୟଲାଭ କରିବାକୁ ଉଦ୍ୟତ ହୋଇଥିବା ବୃତ୍ରକୁ ଇନ୍ଦ୍ର ଶପଥ କରି ମଧ୍ୟ ବଧ କରିଥିଲେ। ୧୨୬।

ନ ବିଶ୍ୱାସଂ ବିନା ଶତ୍ରୁର୍ଦେବାନାମପି ସିଦ୍ଧ୍ୟତି।
ବିଶ୍ୱାସାତ୍ତ୍ରିଦଶେନ୍ଦ୍ରେଣ ଦିତେର୍ଗର୍ଭୋ ବିଦାରିତଃ ।। ୧୨୭ ।।

ଦେବତାମାନଙ୍କର ଶତ୍ରୁ ମଧ୍ୟ ବିଶ୍ୱାସ ବିନା ବଶବର୍ତ୍ତୀ ହୋଇପାରନ୍ତି ନାହିଁ। ବିଶ୍ୱାସଦ୍ୱାରାହିଁ ଇନ୍ଦ୍ର ଦିତି (କଶ୍ୟପଙ୍କ ପତ୍ନୀ)ଙ୍କର ଗର୍ଭକୁ ନଷ୍ଟ କରିଦେଇଥିଲେ। ୧୨୭।

ଏହିପରି ନିଶ୍ଚୟ କରି ପିଙ୍ଗଳକ ସ୍ଥାନାନ୍ତରକୁ ଯାଇ ଏକାକୀ ଦମନକର ପଥକୁ ଚାହିଁରହିଲା। ଦମନକ ସଞ୍ଜୀବକ ନିକଟକୁ ଯାଇ 'ଏ ଗୋଟାଏ ବଳଦ' ଏହା ଜାଣିପାରି ଆନନ୍ଦିତ ମନରେ ଚିନ୍ତାକଲା– ଓଃ, ବଡ଼ ଭଲ ହେଲା। ଏହା ସଙ୍ଗେ ତାର ସନ୍ଧି (ମିତ୍ରତା) ଓ ବିଗ୍ରହ (ସନ୍ଧିବିଚ୍ଛେଦ ବା ଶତ୍ରୁତା) ଦ୍ୱାରା ପିଙ୍ଗଳକ ମୋର ବଶୀଭୂତ ହୋଇପାରିବ। କଥିତ ଅଛି–

ନ କୌଳୀନ୍ୟାନ୍ନ ସୌହାର୍ଦାନ୍ନୃପୋ ବାକ୍ୟେ ପ୍ରବର୍ତ୍ତତେ।
ମନ୍ତ୍ରିଣାଂ ଯାବଦଭ୍ୟେତି ବ୍ୟସନଂ ଶୋକମେବ ଚ ।।୧୨୮।।

ଯେତେବେଳଯାଏ ରାଜା ବିପନ୍ନ ବା ଶୋକଗ୍ରସ୍ତ ହୋଇ ନଥାନ୍ତି, ସେତେବେଳ-ପର୍ଯ୍ୟନ୍ତ ସେ କୌଳୀନ୍ୟ ଓ ସୌହାର୍ଦ୍ଦ୍ୟବଶତଃ ମନ୍ତ୍ରୀମାନଙ୍କର ବାକ୍ୟରେ ଚଳନ୍ତି ନାହିଁ। ୧୨୮।

ସଦୈବାପଦ୍‌ଗତୋ ରାଜା ଭୋଗ୍ୟା ଭବତି ମନ୍ତ୍ରିଣାମ୍।
ଅତଏବ ହି ବାଞ୍ଛନ୍ତି ମନ୍ତ୍ରିଣଃ ସାପଦଂ ନୃପମ୍।। ୧୨୯ ।।

ବିପଦରେ ପଡ଼ିଲେ ରାଜା ପ୍ରାୟଶଃ ମନ୍ତ୍ରୀମାନଙ୍କର ବଶ ହୁଅନ୍ତି। ଏଣୁ ରାଜା ବିପଦରେ ପଡ଼ିବାପାଇଁ ମନ୍ତ୍ରୀମାନେ କାମନା କରିଥାନ୍ତି। ୧୨୯।

ଯଥା ବାଞ୍ଛତ ନୀରୋଗଃ କଦାଚିନ୍ନ ଚିକିତ୍ସକମ୍।
ତଥାପଦ୍ରହିତୋ ରାଜା ସଚିବଂ ନାଭିବାଞ୍ଛତି।।୧୩୦।।

ଯେପରି ନୀରୋଗ ବ୍ୟକ୍ତି ସୁଚିକିତ୍ସକକୁ ଆଦୌ ଇଚ୍ଛା କରନ୍ତି ନାହିଁ, ସେହିପରି ଆପଦରହିତ ରାଜା ମନ୍ତ୍ରୀଙ୍କୁ କାମନା କରନ୍ତି ନାହିଁ। ୧୩୦।

ଏହିପରି ବିଚାର କରି ଦମନକ ପିଙ୍ଗଳକର ସମ୍ମୁଖକୁ ଗଲା। ପିଙ୍ଗଳକ ମଧ୍ୟ ତାହାକୁ ଆସୁଥିବାର ଦେଖି ନିଜର ମନର ଭାବକୁ ଲୁଚାଇ ପୂର୍ବପରି ବସିରହିଲା। ଦମନକ ପିଙ୍ଗଳକ ନିକଟକୁ ଯାଇ ପ୍ରଣାମ କରି ବସିଲା।

ପିଙ୍ଗଳକ ପଚାରିଲା, ''ସେ ଜୀବକୁ ଦେଖିଲ କି ?'' ଦମନକ କହିଲା, ''ଆପଣଙ୍କ ପ୍ରସାଦରୁ ଦେଖିଲି।'' ପିଙ୍ଗଳକ କହିଲା, ''କଅଣ ସତରେ ଦେଖିଲ ?'' ଦମନକ କହିଲା, ''ପ୍ରଭୁଙ୍କ ସମ୍ମୁଖରେ ମୁଁ ଅସତ୍ୟ କହିପାରେ କି ? କଥିତ ଅଛି–

ଅପି ସ୍ୱଳ୍ପମସତ୍ୟଂ ଯଃ ପୁରୋବଦତି ଭୂଭୁଜାମ୍।
ଦେବାନାଂଚ ବିନଶ୍ୟତି ସ ଦ୍ରୁତଂ ସୁମହାନପି।।୧୩୧।।

ଯିଏ ରାଜା ଓ ଦେବତାଙ୍କ ସମକ୍ଷରେ ସାମାନ୍ୟ ହେଲେ ସୁଦ୍ଧା ଅସତ୍ୟ କହେ, ସେ ଯେତେ ବଡ଼ ହୋଇଥିଲେହେଁ ଶୀଘ୍ର ବିନାଶପ୍ରାପ୍ତ ହୁଏ । ୧୩୧ । ପୁଣି –

ସର୍ବଦେବମୟୋ ରାଜା ମନୁନା ସଂପ୍ରକୀର୍ତ୍ତିତଃ ।
ତସ୍ମାତ୍ତଂ ଦେବବତ୍ପଶ୍ୟେନ୍ନ ବ୍ୟଲୀକେନ କର୍ହିଚିତ୍ ।। ୧୩୨ ।।

ମହର୍ଷି ମନୁ କହିଛନ୍ତି ଯେ ରାଜାଙ୍କଠାରେ ସକଳ ଦେବତା ବିଦ୍ୟମାନ । ତେଣୁ ରାଜାଙ୍କୁ ଦେବତାପରି ଦେଖିବା ଛଡ଼ା ଅନ୍ୟ କୌଣସି ପ୍ରକାରେ ଦେଖିବ ନାହିଁ । ୧୩୨ ।

ସର୍ବଦେବମୟସ୍ୟାପି ବିଶେଷୋ ନୃପତେରୟମ୍ ।
ଶୁଭାଶୁଭଫଳଂ ସଦ୍ୟୋ ନୃପାଦ୍ଦେବାଦ୍ଭବାନ୍ତରେ ।। ୧୩୩ ।।

ରାଜା ସକଳ ଦେବତାଙ୍କର ନିବାସସ୍ଥଳ ହେଲେହେଁ ରାଜାଙ୍କର ଗୋଟିଏ ବିଶେଷତ୍ୱ ଅଛି ଯେ ତାଙ୍କଠାରୁ ଶୁଭାଶୁଭ କର୍ମର ଫଳ ସଙ୍ଗେ ସଙ୍ଗେ ମିଳିଯାଏ; ଦେବତାଙ୍କଠାରୁ ପରଲୋକରେ ମିଳେ । ୧୩୩ ।

ପିଙ୍ଗଳକ କହିଲା, ''ତୁମେ ତାକୁ ପ୍ରକୃତରେ ଦେଖିଥିଲ ? 'ମହାନ୍ ଲୋକେ ଦୁର୍ବଳ ଲୋକ ଉପରେ କୋପ ପ୍ରକାଶ କରନ୍ତି ନାହିଁ', ଏଥିପାଇଁ ସେ ତମକୁ ବଧ କରିନାହିଁ । କାରଣ –

ତୃଣାନି ନୋନ୍ମୂଳୟତି ପ୍ରଭଞ୍ଜନୋ ମୃଦୂନି ନୀଚୈଃ ପ୍ରଣତାନି ସର୍ବତଃ ।
ସ୍ୱଭାବ ଏବୋନ୍ନତଚେତସାମୟଂ ମହାନ୍
ମହତ୍ସ୍ୱେବ କରୋତି ବିକ୍ରମମ୍ ।। ୧୩୪ ।।

କୋମଳ, କ୍ଷୁଦ୍ର ଓ ସବୁଦିଗରେ ଅବନତ ତୃଣକୁ ପ୍ରଭଞ୍ଜନ ଉନ୍ମୂଳିତ କରେନାହିଁ । ଉଦାରଚେତା ଲୋକଙ୍କର ଏହାହିଁ ହେଉଛି ସ୍ୱଭାବ । ବଡ଼ଲୋକ କେବଳ ବଡ଼ଲୋକ ପାଖରେ ନିଜର ପରାକ୍ରମ ପ୍ରକାଶ କରିଥାନ୍ତି । ୧୩୪ । ପୁନଶ୍ଚ –

ଗଣ୍ଡସ୍ଥଳେଷୁ ମଦବାରିଷୁ ବଦ୍ଧରାଗମତ୍ତଭ୍ରମଦ୍ ଭ୍ରମରପାଦତଳାହତୋଽପି ।
କୋପଂ ନ ଗଚ୍ଛତି ନିତାନ୍ତବଳୋଽପି ନାଗସ୍ତୁଲ୍ୟେ
ବଳେ ତୁ ବଳବାନ୍ ପରିକୋପମେତି ।। ୧୩୫ ।।

ମଦବାରିଯୁକ୍ତ ଗଣ୍ଡସ୍ଥଳରେ ଅନୁରାଗବଶତଃ ଭ୍ରମର ପଦାଘାତ କଲେହେଁ ମହାବଳୀ ଗଜରାଜ ଭ୍ରମର ଉପରେ କୋପ ପ୍ରକାଶ କରେନାହିଁ; କାରଣ ବଳବାନ୍ ପ୍ରାଣୀ ନିଜର ସମବଳବିଶିଷ୍ଟ ପ୍ରାଣୀ ଉପରେହିଁ କ୍ରୋଧ ପ୍ରକାଶ କରିଥାଏ । ୧୩୫ ।

ଦମନକ କହିଲା, ''ହେଉ ସେ ମହାତ୍ମା, ଆମେ ସବୁ ଦୁର୍ବଳ; ତଥାପି ସ୍ୱାମୀ ଯଦି ଆଦେଶ କରନ୍ତି ତେବେ ତାହାକୁ ଆପଣଙ୍କ ଭୃତ୍ୟ କରାଇପାରିବି ।'' ପିଙ୍ଗଳକ ଦୀର୍ଘଶ୍ୱାସ ପକାଇ କହିଲା, ''ତୁମେ କଅଣ ଏହା କରାଇପାରିବ ?'' ଦମଦକ କହିଲା, ''ବୁଦ୍ଧିବଳ ନିକଟରେ ଅସାଧ କଅଣ ?'' କଥିତ ଅଛି –

ନ ତଚ୍ଛସ୍ତ୍ରୈର୍ନ ନାଗେନ୍ଦ୍ରୈର୍ନ ହୟୈର୍ନ ପଦାତିଭିଃ ।
କାର୍ଯ୍ୟଂ ସଂସିଦ୍ଧିମଭ୍ୟେତି ଯଥା ବୁଦ୍ଧ୍ୟା ପ୍ରସାଧିତମ୍ ।। ୧୩୬ ।।

ବୁଦ୍ଧିଦ୍ୱାରା ଯେଉଁ କାର୍ଯ୍ୟ ହୋଇପାରେ ତାହା ଶସ୍ତ୍ରଦ୍ୱାରା, ହସ୍ତୀଦ୍ୱାରା, ଅଶ୍ୱଦ୍ୱାରା କିମ୍ବା ପଦାତିକ ସୈନ୍ୟମାନଙ୍କଦ୍ୱାରା ସାଧିତ ହୋଇ ନ ପାରେ। ୧୩୬।

ପିଙ୍ଗଳକ କହିଲା– "ଯଦି ଏପରି କଥା; ତେବେ ମୁଁ ଆଜିଠାରୁ ତୁମକୁ ମନ୍ତ୍ରୀପଦରେ ନିଯୁକ୍ତ କରିଦେଉଛି। ଆଜିଠାରୁ ତୁମେ ଅନୁଗ୍ରହ ନିଗ୍ରହାଦି କାର୍ଯ୍ୟ (ଦଣ୍ଡ ଓ ପୁରସ୍କାର ପ୍ରଦାନ) କରିବ; ଏହା ମୋର ନିଶ୍ଚୟ ଅଟେ।"

ଏହାପରେ ଦମଦକ ଅତି ଶୀଘ୍ର ସଞ୍ଜୀବକ ନିକଟକୁ ଯାଇ, ତାକୁ ଭୟ ଦେଖାଇ କହିଲା, "ଆରେ ଦୁଷ୍ଟ ବଳଦ, ଶୀଘ୍ର ଏଠାରୁ ଚାଲିଆ। ରାଜା ପିଙ୍ଗଳକ ତୋତେ ଡାକୁଅଛନ୍ତି। ତୁ ନିର୍ଭୟ ହୋଇ ବାରମ୍ବାର ବୃଥା ଗର୍ଜନ କରୁଛୁ କାହିଁକି?" ଏହା ଶୁଣି ସଞ୍ଜୀବକ କହିଲା, "ଭଦ୍ର, ସେ ପିଙ୍ଗଳକ କିଏ?" ଦମନକ କହିଲା, "କଅଣ? ତୁ ରାଜା ପିଙ୍ଗଳକଙ୍କୁ ଜାଣୁନାହିଁ। ତାହାହେଲେ ମୁହୂର୍ତ୍ତେ ଅପେକ୍ଷା କର; ଫଳରେ ଜାଣିପାରିବୁ ସକଳ ପଶୁଦ୍ୱାରା ପରିବେଷ୍ଟିତ ହୋଇ ପ୍ରଭୁ ପିଙ୍ଗଳକ ନାମକ ସିଂହ ବଟବୃକ୍ଷମୂଳରେ ବସିଛନ୍ତି, ଏହା ନିଃସନ୍ଦେହ।" ଏହା ଶୁଣି ସଞ୍ଜୀବକ ନିଜକୁ ଗତାୟୁଷଭଳି ମନେକରି ଗଭୀର ବିଷାଦଗ୍ରସ୍ତ ହେଲା ଓ କହିଲା, "ଭଦ୍ର, ଆପଣ ସାଧୁ ବ୍ୟବହାରରେ ଓ କଥା କହିବାରେ ବଡ଼ ନିପୁଣ ବୋଲି ବୋଧ ହେଉଛନ୍ତି। ତେଣୁ ଯଦି ମୋତେ ଆପଣ ନିଶ୍ଚୟ ତାଙ୍କ ପାଖକୁ ନେବେ ତାହାହେଲେ ସ୍ୱାମୀଙ୍କର ଅଭୟପ୍ରଦାନ କରାଇ ତାଙ୍କର କୃପାଲାଭ କରାଇବାକୁ ହେବ।" ଦମନକ କହିଲା, "ତୁମେ ଯାହା କହୁଛ, ଠିକ୍। ଏହାହିଁ ହେଉଛି ନୀତି। କାରଣ–

ପର୍ଯ୍ୟନ୍ତୋ ଲଭ୍ୟତେ ଭୂମେଃ ସମୁଦ୍ରସ୍ୟ ଗିରେରପି।
ନ କଥଞ୍ଚିନ୍ମହୀପସ୍ୟ ଚିତ୍ତାନ୍ତଃ କେନଚିଦ୍ କ୍ୱଚିତ୍॥ ୧୩୭॥

ଭୂମି, ସମୁଦ୍ର ଓ ପର୍ବତର ସୀମା କଳନା କରାଯାଇପାରେ; କିନ୍ତୁ ରାଜାଙ୍କ ଅନ୍ତରର ଅଭିପ୍ରାୟ କେହି କେଉଁଠାରେ ଟିକିଏହେଲେ କଳନା କରିପାରେ ନାହିଁ। ୧୩୭।

ତେଣୁ ମୁଁ ଅନୁକୂଳ ସମୟ ଦେଖି ତାଙ୍କ ପାଖକୁ ନେବା ପର୍ଯ୍ୟନ୍ତ ତୁମେ ଏହିଠାରେ ରହିଥାଅ।" ଏ ପ୍ରକାର ବ୍ୟବସ୍ଥା କରି ଦମନକ ପିଙ୍ଗଳକ ନିକଟକୁ ଯାଇ କହିଲା, "ପ୍ରଭୁ, ଏହା ସାଧାରଣ ପଶୁ ନୁହେଁ; ସେ ହେଉଛି ଭଗବାନ ଶିବଙ୍କର ବାହନ ବୃଷଭ। ମୁଁ ପଚାରିବାରୁ ସେ କହିଲା, "ମହେଶ୍ୱର ସନ୍ତୁଷ୍ଟ ହୋଇ ମୋତେ ଯମୁନାତଟର ତୃଣାଗ୍ର ଭକ୍ଷଣ କରିବାକୁ ଆଦେଶ ଦେଇଅଛନ୍ତି। ବହୁତ କହିବାରେ କି ପ୍ରୟୋଜନ? ଏହି ବନଟିକୁ ମହେଶ୍ୱର ମୋର ବିହାର ନିମନ୍ତେ ଦେଇଅଛନ୍ତି।" ପିଙ୍ଗଳକ ଭୀତ ହୋଇ କହିଲା, "ଏବେ ମୁଁ ବୁଝିପାରିଲି। ଦେବତାଙ୍କ ଅନୁଗ୍ରହ ବିନା ହିଂସ୍ରଜନ୍ତୁପୂର୍ଣ୍ଣ ଏପରି ବନରେ ଶସ୍ୟଭୋଜୀ ପ୍ରାଣୀମାନେ ଗର୍ଜନ କରି ଭ୍ରମଣ କରନ୍ତେ ନାହିଁ। ତାହାପରେ ତୁମେ କଅଣ କହିଲ?"

ଦମନକ କହିଲା, "ସ୍ୱାମିନ୍, ମୁଁ କହିଲି ଯେ ଏ ବନ ଭଗବତୀ ଚଣ୍ଡିକାଙ୍କର ବାହନସ୍ୱରୂପ ଆମର ସ୍ୱାମୀ ପିଙ୍ଗଳକ ନାମକ ସିଂହଙ୍କର ଅଧିକାରରେ ଅଛି। ତେଣୁ ଆପଣ ଆମର ଅଭ୍ୟାଗତ ଓ ପ୍ରିୟ ଅତିଥିରୂପେ ଆସିଅଛନ୍ତି। ତାଙ୍କ ପାଖକୁ

ଯାଇ ଭ୍ରାତୃସ୍ନେହରେ ତାଙ୍କ ସହିତ ଏକତ୍ର ପାନ, ଭୋଜନ, ଭ୍ରମଣପୂର୍ବକ ଏକ ସ୍ଥାନରେ ରହି ସମୟ ଯାପନ କରନ୍ତୁ। ସେ ମଧ୍ୟ ଏସବୁରେ ସମ୍ମତ ହୋଇ ଆନନ୍ଦରେ କହିଲା, 'ପିଙ୍ଗଳକଙ୍କ ନିକଟରୁ ମୋ ପାଇଁ ଅଭୟବାଣୀ ଆଣିବାକୁ ହେବ।' ଏବେ ଏ ବିଷୟରେ ଆପଣଙ୍କର ଯାହା ଇଚ୍ଛା ତାହା କରନ୍ତୁ।'' ଏହା ଶୁଣି ପିଙ୍ଗଳକ କହିଲା, ''ତୁମେ ଧନ୍ୟ, ତୁମେ ପଣ୍ଡିତ ! ଧନ୍ୟ ମନ୍ତ୍ରୀଶ୍ରେଷ୍ଠ। ମୋର ଆନ୍ତରିକ ସମ୍ମତି ନେଇ ତୁମେ ତାଙ୍କୁ କହିଦିଅ ଯେ ମୁଁ ତାଙ୍କୁ ଅଭୟ ପ୍ରଦାନ କରୁଅଛି। କିନ୍ତୁ ଏବେ ତାଙ୍କଠାରୁ ମଧ୍ୟ ମୋତେ ଅଭୟ ପ୍ରଦାନ କରାଇ ଶୀଘ୍ର ତାଙ୍କୁ ଏଠାକୁ ନେଇଆସ। ଯଥାର୍ଥରେ କୁହାଯାଇଛି –

ଅନ୍ତଃସାରୈରକୁଟିଳୈରଚ୍ଛିଦ୍ରୈଃ ସୁପରୀକ୍ଷିତୈଃ।
ମନ୍ତ୍ରିଭିର୍ଧାର୍ଯ୍ୟତେ ରାଜ୍ୟଂ ସୁସ୍ତମ୍ଭୈରିବମନ୍ଦିରମ୍।। ୧୩୮ ।।

ଯେପରି ଅନ୍ତଃସାର, ସରଳ, ଅଚ୍ଛିଦ୍ର ଓ ସୁପରୀକ୍ଷିତ ସ୍ତମ୍ଭଦ୍ୱାରା ମନ୍ଦିର ଦଣ୍ଡାୟମାନ ରହେ, ସେହିପରି ଅନ୍ତଃସାର (ବଳବାନ୍), ସରଳ (କପଟଶୂନ୍ୟ), ଅଚ୍ଛିଦ୍ର (ନିର୍ଦ୍ଦୋଷ) ଓ ସୁପରୀକ୍ଷିତ (ଉତ୍ତମରୂପେ ପରୀକ୍ଷା କରାଯାଇଥିବା) ମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟକୁ ଧାରଣ କରାଯାଏ। ୧୩୮। ପୁଣି –

ମନ୍ତ୍ରିଣାଂ ଭିନ୍ନସନ୍ଧାନେ ଭିଷଜାଂ ସାନ୍ନିପାତିକେ।
କର୍ମଣି ବ୍ୟଜ୍ୟତେ ପ୍ରଜ୍ଞା ସ୍ୱସ୍ଥେ କୋ ବା ନ ପଣ୍ଡିତଃ।। ୧୩୯ ।।

ଭେଦ ଓ ସନ୍ଧି ସମୟରେ (ଅର୍ଥାତ୍ ଯାହା ସହିତ ଯୁଦ୍ଧ ହୋଇଯାଇଅଛି, ତାହା ସଙ୍ଗେ ସନ୍ଧି ସ୍ଥାପନ କରିବାରେ) ମନ୍ତ୍ରୀମାନଙ୍କର ଓ ସନ୍ନିପାତ ରୋଗରେ ଚିକିତ୍ସକମାନଙ୍କର ବୁଦ୍ଧି ପ୍ରକାଶ ପାଏ; ଅନ୍ୟଥା ସାଧାରଣ ଅବସ୍ଥାରେ କିଏ ବା ପଣ୍ଡିତପଣ ଦେଖାଏ ନାହିଁ?। ୧୩୯।

ଦମନକ ପିଙ୍ଗଳକକୁ ପ୍ରଣାମ କରି ସଞ୍ଜୀବକ ନିକଟକୁ ଗଲା। ସେ ଆନନ୍ଦରେ ଚିନ୍ତା କରିବାକୁ ଲାଗିଲା, 'ଆଃ, ସ୍ୱାମୀ ମୋ ଉପରେ ପ୍ରସନ୍ନ ଅଛନ୍ତି ଏବଂ ମୋର କଥାରେ ବଶ ହୋଇ ଯାଇଅଛନ୍ତି। ମୋଠାରୁ ବଳି ଭାଗ୍ୟବାନ୍ କେହି ନାହିଁ। କଥିତ ଅଛି –

ଅମୃତଂ ଶିଶିରେ ବହ୍ନିରମୃତଂ ପ୍ରିୟଦର୍ଶନମ୍।
ଅମୃତଂ ରାଜସମ୍ମାନମମୃତଂ କ୍ଷୀରଭୋଜନମ୍।। ୧୪୦ ।।

ଶିଶିର ଋତୁରେ ଅଗ୍ନି ଅମୃତତୁଲ୍ୟ ସୁଖକର ଅଟେ। ପ୍ରିୟଜନମାନଙ୍କର ଦର୍ଶନ ଅମୃତତୁଲ୍ୟ, ରାଜସମ୍ମାନ ଅମୃତତୁଲ୍ୟ ଓ କ୍ଷୀରଭୋଜନ ଅମୃତତୁଲ୍ୟ ଅଟେ।''।୧୪୦।

ଅନନ୍ତର ଦମନକ ସଞ୍ଜୀବକ ନିକଟରେ ପହଞ୍ଚି ଆଦରସହକାରେ କହିଲା, ''ହେ ମିତ୍ର, ମୁଁ ଆପଣଙ୍କ ପାଇଁ ପ୍ରଭୁଙ୍କଠାରେ 'ଅଭୟ ପ୍ରଦାନ' ନିମନ୍ତେ ପ୍ରାର୍ଥନା କରିଆସିଛି। ଏଣୁ ଆପଣ ନିର୍ଭୟ ହୋଇ ଚାଲନ୍ତୁ। କିନ୍ତୁ ରାଜାଙ୍କର ଅନୁଗ୍ରହ ପାଇସାରିବା ପରେ ମୋ ସହିତ ଆପଣ ସାମୟିକ-ଧର୍ମ ଅନୁସାରେ ବ୍ୟବହାର କରିବା ଉଚିତ। ଗର୍ବିତ ହୋଇ ନିଜର ପ୍ରଭୁତ୍ୱ ଦେଖାଇ ବିଚରଣ କରିବା ଉଚିତ

ହେବ ନାହିଁ। ମୁଁ ମଧ୍ୟ ଆପଣଙ୍କର ପରାମର୍ଶରେ (ସଂକେତ) ରାଜ୍ୟର ସକଳ ଭାର ସଦୃଶ ଅମାତ୍ୟପଦ ଧାରଣ କରିବି। ଏପରି କରିବାଦ୍ୱାରା ଆମେ ଦୁହେଁଯାକ ରାଜଲକ୍ଷ୍ମୀଙ୍କୁ ଭୋଗ କରିପାରିବା। କାରଣ –

ଆଖେଟକସ୍ୟ ଧର୍ମେଣ ବିଭବାଃ ସ୍ୟୁର୍ବଶେ ନୃଣାମ୍।
ନୃପ୍ରଜାଃ ପ୍ରେରୟତ୍ୟେକୋ ହନ୍ତ୍ୟନ୍ୟୋଽତ୍ର ମୃଗାନିବ॥ ୧୪୧॥

ଶିକାରୀ ଭଳି ଆଚରଣ କରିବାଦ୍ୱାରା ଐଶ୍ୱର୍ଯ୍ୟ ମନୁଷ୍ୟର ବଶୀଭୂତ ହୁଏ। ଜଣେ ନରରୂପୀ ପ୍ରଜାମାନଙ୍କୁ ପ୍ରେରଣା ଦେଇଥାଏ; ଅନ୍ୟ ଜଣେ ମୃଗଭଳି ସେମାନଙ୍କୁ କଷ୍ଟ ଦେଇ ବଧ କରେ। ୧୪୧।

ଯୋ ନ ପୂଜୟତେ ଗର୍ବାଦୁତ୍ତମାଧମମଧମାନ୍।
ଭୂପସଂମାନମାନ୍ୟୋଽପି ଭ୍ରଶ୍ୟତେ ଦନ୍ତିଲୋ ଯଥା॥ ୧୪୨॥

ଯିଏ ଅହଙ୍କାରବଶତଃ ଉତ୍ତମ, ମଧ୍ୟମ ଓ ଅଧମ– ଏ ତିନି ଶ୍ରେଣୀର ଲୋକଙ୍କୁ ସମ୍ମାନ ଦେଖାଏ ନାହିଁ, ସେ ରାଜାଙ୍କଦ୍ୱାରା ସମ୍ମାନିତ ହେଲେ ମଧ୍ୟ ଦନ୍ତିଳ ପରି ଭ୍ରଷ୍ଟ ହୋଇଥାଏ। ୧୪୨।''

ସଞ୍ଜୀବକ ପଚାରିଲା, ''ଦନ୍ତିଳ କଥା କଅଣ?'' ଦମନକ କହିବାକୁ ଲାଗିଲା –

ଦନ୍ତିଳ-ଗୋରମ୍ଭ କଥା

ଏହି ଧରାତଳରେ ବର୍ଦ୍ଧମାନ ବୋଲି ଗୋଟିଏ ନଗର ଅଛି। ସେଠାରେ ଦନ୍ତିଳ ନାମରେ ଜଣେ କୋଷାଧ୍ୟକ୍ଷ ଓ ନଗରମୁଖ୍ୟ ବାସକରୁଥିଲା। ସେ ରାଜକାର୍ଯ୍ୟ ତଥା ପୁରକାର୍ଯ୍ୟ କରି ନଗରବାସୀମାନଙ୍କୁ ଓ ରାଜାଙ୍କୁ ସନ୍ତୁଷ୍ଟ କରି ରହିଥିଲା। ଅଧିକ କହିବାରେ କି ପ୍ରୟୋଜନ? ତା'ଭଳି କେହି ଚତୁର ଲୋକ ଦେଖାନଥିଲେ କି ଶୁଣାନଥିଲେ। ଅଥବା ଯଥାର୍ଥରେ କଥିତ ଅଛି –

ନରପତିହିତକର୍ତ୍ତା ଦ୍ୱେଷ୍ୟତାଂ ଯାତି ଲୋକେ
ଜନପଦହିତକର୍ତ୍ତା ତ୍ୟଜ୍ୟତେ ପାର୍ଥିବେନ୍ଦ୍ରୈଃ।
ଇତି ମହତି ବିରୋଧେ ବର୍ତ୍ତମାନେ ସମାନେ
ନୃପତିଜନପଦାନାଂ ଦୁର୍ଲଭଃ କାର୍ଯ୍ୟକର୍ତ୍ତା॥ ୧୪୩॥

ରାଜାଙ୍କର ହିତକାରୀ ଲୋକଙ୍କୁ ଜନସାଧାରଣ ଶତ୍ରୁ ବୋଲି ମନେକରନ୍ତି ଏବଂ ଜନତାର ମଙ୍ଗଳକାରୀ ଲୋକଙ୍କୁ ରାଜା ପଦଚ୍ୟୁତ କରିଥାନ୍ତି। ଉଭୟଙ୍କ ମଧ୍ୟରେ ଏହି ମହାନ୍ ବିରୋଧ ଥିବାରୁ ରାଜା ଓ ପ୍ରଜାଙ୍କର ସମାନଭାବେ ମଙ୍ଗଳସାଧନକାରୀ ଲୋକ ଦୁର୍ଲ୍ଲଭ। ୧୪୩।

ଏହିପରି କିଛିଦିନ ଗତ ହେବାପରେ ଏକସମୟରେ ଦନ୍ତିଳର ବିବାହ ହେବାର ସ୍ଥିର ହେଲା। ଏଥିରେ ସେ ସମସ୍ତ ପୁରବାସୀଙ୍କୁ ତଥା ମନ୍ତ୍ରୀ ସାମନ୍ତ ପ୍ରଭୃତି ରାଜାଙ୍କର ନିକଟସ୍ଥ ଲୋକମାନଙ୍କୁ ସମ୍ମାନସହକାରେ ଆମନ୍ତ୍ରଣ କରି ଭୋଜନ ଓ

ବସ୍ତ୍ରାଦି ଦେଇ ସେମାନଙ୍କୁ ସତ୍କାର କଲା। ବିବାହ ପରେ ସେ ଅନ୍ତଃପୁରବାସୀମାନଙ୍କ ସହିତ ରାଜାଙ୍କୁ ନିଜ ଘରକୁ ନିମନ୍ତ୍ରଣ କରି ସେମାନଙ୍କୁ ଅଭ୍ୟର୍ଥନା କଲା; କିନ୍ତୁ ରାଜାଙ୍କର ଗୃହମାର୍ଜନକାରୀ ଗୋରମ୍ଭ ନାମକ ଜଣେ ରାଜଭୃତ୍ୟ ତା ଘରକୁ ଆସିଥିଲେହେଁ ଅନୁଚିତ ଆସନରେ ବସିଥିବାର ଦେଖି ସେ ତାକୁ ଅର୍ଦ୍ଧଚନ୍ଦ୍ର (ଗଳାଧକ୍କା) ଦେଇ ବାହାରକରିଦେଲା।

ସେହି ଦିନଠାରୁ ଅପମାନିତ ହୋଇଥିବା ହେତୁରୁ ସେ ଦୀର୍ଘନିଶ୍ୱାସ ପକାଇ ରାତିରେ ମଧ୍ୟ ଶୋଇପାରିଲା ନାହିଁ। କିପରି ମୁଁ ସେହି କୋଷାଧ୍ୟକ୍ଷକୁ ରାଜାନୁଗ୍ରହରୁ ବଞ୍ଚିତ କରିବି– ଏହାହିଁ ସେ ଚିନ୍ତା କରିବାକୁ ଲାଗିଲା। ପୁଣି ସେ ଭାବିଲା– ନିଜ ଶରୀରକୁ ବୃଥା ଶୁଖେଇବାରେ କି ଲାଭ? ମୁଁ ଲବମାତ୍ର କ୍ଷତି କରିପାରିବି ନାହିଁ। ଯଥାର୍ଥରେ କୁହାଯାଇଅଛି–

ଯୋହ୍ୟପକର୍ତ୍ତୁମଶକ୍ତଃ କୁପ୍ୟତି କଥମସୌ ନରୋଽତ୍ର ଦୁର୍ଲଭଃ।
ଉତ୍ପତିତୋଽପି ହି ଚଣକଃ ଶକ୍ତଃ କିଂ ଭ୍ରାଷ୍ଟ୍ରକଂ ଭଙ୍‌କ୍ତୁମ୍॥ ୧୪୪॥

ଯେଉଁ ଲୋକ ଅନ୍ୟର ଅପକାର କରିବାକୁ ଅକ୍ଷମ, ସେ ନିର୍ଲଜ୍ଜ ବୃଥା କାହିଁକି କାହା ଉପରେ କ୍ରୋଧ କରିବ? ଚଣା ଭଜା ହେଲାବେଳେ ଫଡ୍‌ଫଡ୍ ହୋଇ ଉପରକୁ ଉଠିଲେହେଁ ପାତ୍ରକୁ ଭାଙ୍ଗିପାରେ କି?। ୧୪୪।

ଏକଦା ରାଜା ପ୍ରାତଃକାଳରେ ସୁଷୁପ୍ତ ଥିବା ସମୟରେ ଗୋରମ୍ଭ ରାଜାଙ୍କ ଶଯ୍ୟାପାର୍ଶ୍ୱରେ ଗୃହମାର୍ଜନା କରୁ କରୁ କହିଲା– "ବଡ଼ ଆଶ୍ଚର୍ଯ୍ୟର କଥା, ଦନ୍ତିଳର ଏଡ଼େ ଅହଙ୍କାର ହେଲାଣି ଯେ, ସେ ରାଣୀଙ୍କୁ ଆଲିଙ୍ଗନ କରୁଛି।" ରାଜା ଏହା ଶୁଣିପାରି ତତ୍‌କ୍ଷଣାତ୍ ଉଠିପଡ଼ି ତାକୁ ପଚାରିଲେ, "ହେ ଗୋରମ୍ଭ, ତୁ ଯାହା କହିଲୁ, ତା କଅଣ ସତ? ଦନ୍ତିଳ ରାଣୀଙ୍କୁ ଆଲିଙ୍ଗନ କରୁଛି?"

ଗୋରମ୍ଭ କହିଲା– "ମହାରାଜ, ମୁଁ ଦ୍ୟୂତକ୍ରୀଡ଼ାରେ ମାତି ରାତ୍ରିଜାଗରଣ କରିଥିବାରୁ ମୋତେ ଜୋର୍‌ରେ ନିଦ ଆସିଲା। ମୁଁ କଅଣ କହିଛି, କିଛି ଜାଣେ ନାହିଁ।' ରାଜା ଈର୍ଷ୍ୟାକଭାବରେ ମନରେ ବିଚାର କଲେ, 'ଏ ଝାଡୁଦାର ଗୋରମ୍ଭ ଅବାଧରେ ଯେତେବେଳେ ଇଚ୍ଛା ସେତେବେଳେ ଆମ ନଅରକୁ ଆସେ। ସେହିପରି ଦନ୍ତିଳ ମଧ୍ୟ ଆସେ। ହୁଏତ କେବେ ଦନ୍ତିଳ ରାଣୀଙ୍କୁ ଆଲିଙ୍ଗନ କରିଥିବାର ସେ ଦେଖିଥିବ। ସେଥିପାଇଁ ସେ ଏହା କହିଲା। କଥିତ ଅଛି–

ଯଦ୍‌ବାଞ୍ଛତି ଦିବା ମର୍ତ୍ତ୍ୟୋ ବୀକ୍ଷ୍ୟତେ ବା କରୋତି ବା।
ତତ୍ ସ୍ୱପ୍ନେଽପି ତଦଭ୍ୟାସାଦ୍‌ବ୍ରୂତେ ବାଥ କରୋତି ବା॥ ୧୪୫॥

ମନୁଷ୍ୟ ଦିନରେ ଯାହା ଅଭିଳାଷ କରେ, ଦେଖେ ବା କରେ, ସ୍ୱପ୍ନରେ ମଧ୍ୟ ଅଭ୍ୟାସବଶତଃ ତାହାହିଁ କହେ ବା କରେ। ୧୪୫। ପୁଣି–

ଶୁଭଂ ବା ଯଦି ବା ପାପଂ ଯନ୍ନୃଣାଂ ହୃଦି ସଂସ୍ଥିତମ୍।
ସୁଗୂଢ଼ମପି ତଜ୍‌ଜ୍ଞେୟଂ ସ୍ୱପ୍ନବାକ୍ୟାତ୍ତଥା ମଦାତ୍॥ ୧୪୬॥

ଭଲ ବା ମନ୍ଦ ଯେଉଁ ଭାବ ମନୁଷ୍ୟର ହୃଦୟରେ ଥାଏ, ଅତି ଗୋପନୀୟ ହୋଇଥିଲେ ସୁଦ୍ଧା ତାହା ସ୍ୱପ୍ନକାଳୀନ କଥାରୁ ବା ମାଦକ ଦ୍ରବ୍ୟର ନିଶାରୁ ଜଣା-ପଡ଼ିଯାଏ । ୧୪୬ ।

ଜଳ୍ପନ୍ତି ସାର୍ଦ୍ଧମନ୍ୟେନ ପଶ୍ୟନ୍ତ୍ୟନ୍ୟଂ ସବିଭ୍ରମାଃ ।
ହୃଦ୍‌ଗତଂ ଚିନ୍ତୟନ୍ତ୍ୟନ୍ୟଂ ପ୍ରିୟଃ କୋ ନାମ ଯୋଷିତାମ୍ ।। ୧୪୭ ।।

ଅଥବା ସ୍ତ୍ରୀମାନଙ୍କ ବିଷୟରେ ବା କି ସନ୍ଦେହ ଅଛି? ନାରୀମାନେ ଜଣକ ସଙ୍ଗେ କଥାବାର୍ତ୍ତା କରନ୍ତି, ଅନ୍ୟକୁ ବିଳାସପୂର୍ଣ୍ଣ ଦୃଷ୍ଟିରେ ଚାହିଁଥାନ୍ତି, ଅନ୍ୟକୁ ହୃଦୟରେ ଚିନ୍ତା କରୁଥାନ୍ତି– ସେମାନଙ୍କର ପ୍ରିୟ କିଏ ଅଛି ? । ୧୪୭ । ପୁନଶ୍ଚ –

ଏକେନ ସ୍ମିତପାଟଳାଧରରୁଚୋ ଜଳ୍ପନ୍ତ୍ୟନଳ୍ପାକ୍ଷରଂ
ବୀକ୍ଷନ୍ତେଽନ୍ୟମିତଃ ସ୍ଫୁଟଦ୍‌କୁମୁଦିନୀଫୁଲ୍ଲୋଲ୍ଲସଲ୍ଲୋଚନାଃ ।
ଦୂରୋଦାରଚରିତ୍ରଚିତ୍ରବିଭବଂ ଧ୍ୟାୟନ୍ତି ଚାନ୍ୟଂ ଧିୟା
କେନେତ୍‌ଥଂ ପରମାର୍ଥତୋଽର୍ଥବଦିବ ପ୍ରେମାସ୍ତି ବାମଭ୍ରୁବାମ୍ ।। ୧୪୮ ।।

ଜଣକ ସହିତ ଈଷତ୍ ହସି ରକ୍ତାଧରର କାନ୍ତି ବିକାଶ କରୁଥିବା ରମଣୀ ବହୁତ କଥା କହୁଥାଏ, ସେଠାରୁ ଅନ୍ୟ ପୁରୁଷକୁ ପ୍ରସ୍ଫୁଟିତ କୁମୁଦିନୀସଦୃଶ ଉଲ୍ଲସିତ ନେତ୍ରରେ ଚାହିଁଥାଏ ଏବଂ ବିଚିତ୍ର-ଚରିତ୍ରବିଶିଷ୍ଟ ଐଶ୍ୱର୍ଯ୍ୟଶାଳୀ ଅନ୍ୟ ପୁରୁଷକୁ ମନରେ ଧ୍ୟାନ କରୁଥାଏ । ବାମଲୋଚନାମାନଙ୍କର ଯଥାର୍ଥରେ କାହା ସହିତ ପ୍ରେମ ଥାଏ ? (ଅର୍ଥାତ୍ କାହାପ୍ରତି ନଥାଏ) । ୧୪୮ । ପୁଣି –

ନାଗ୍ନିସ୍ତୃପ୍ୟତି କାଷ୍ଠାନାଂ ନାପଗାନାଂ ମହୋଦଧିଃ ।
ନାନ୍ତକଃ ସର୍ବଭୂତାନାଂ ନ ପୁଂସାଂ ବାମଲୋଚନା ।। ।୧୪୯ ।।

କାଷ୍ଠ ଭସ୍ମ କରିବାଦ୍ୱାରା ଅଗ୍ନି, ବହୁ ନଦୀର ସଙ୍ଗମଦ୍ୱାରା ସମୁଦ୍ର ଓ ପ୍ରାଣୀମାନଙ୍କର ସଂହାରଦ୍ୱାରା ଯମ ତୃପ୍ତ ନ ହେଲାପରି କାମିନୀମାନେ ବହୁ ପୁରୁଷର ସଙ୍ଗମରେ ମଧ୍ୟ ତୃପ୍ତ ହୁଅନ୍ତିନାହିଁ । ୧୪୯ ।

ରହୋ ନାସ୍ତି କ୍ଷଣୋ ନାସ୍ତି ନାସ୍ତି ପ୍ରାର୍ଥୟିତା ନରଃ ।
ତେନ ନାରଦ ନାରୀଣାଂ ସତୀତ୍ୱମୁପଜାୟତେ ।। ୧୫୦ ।।

ଏକାନ୍ତ ସ୍ଥାନ ନାହିଁ, ସମୟ ନାହିଁ, ପ୍ରାର୍ଥନାକାରୀ ପୁରୁଷ ନାହିଁ । ହେ ନାରଦ, କେବଳ ଏହି କାରଣମାନଙ୍କରୁ ନାରୀମାନଙ୍କର ସତୀତ୍ୱ ରହିଥାଏ । ୧୫୦ ।

ଯୋ ମୋହାନ୍ମନ୍ୟତେ ମୂଢ଼ୋ ରକ୍ତେୟଂ ମମ କାମିନୀ ।
ସ ତସ୍ୟା ବଶଗୋ ନିତ୍ୟଂ ଭବେଦ୍ କ୍ରୀଡ଼ାଶକୁନ୍ତବତ୍ ।। ୧୫୧ ।।

ଯେଉଁ ମୂଢ଼ ମୋହବଶତଃ ମନେକରେ ଯେ 'ଏ ରମଣୀ ମୋଠାରେ ଅନୁରକ୍ତା', ସେହି ପୁରୁଷ କ୍ରୀଡ଼ାପକ୍ଷୀଭଳି ସର୍ବଦା ଉକ୍ତ ରମଣୀର ବଶବର୍ତ୍ତୀ ହୋଇଥାଏ । ୧୫୧ ।

ତାସାଂ ବାକ୍ୟାନି କୃତ୍ୟାନି ସ୍ୱଳ୍ପାନି ସୁଗୁରୂଣ୍ୟପି ।
କରୋତି ଯୋ କୃତୈର୍ଲୋକେ ଲଘୁତ୍ୱଂ ଯାତି ସର୍ବତଃ ।। ୧୫୨ ।।

ଯେଉଁ ପୁରୁଷ ରମଣୀମାନଙ୍କର ବାକ୍ୟ ଓ କାର୍ଯ୍ୟକୁ କରେ, ତାହା ସାମାନ୍ୟ ହେଉ ବା ଅଧିକ ହେଉ– ସେ ତାହାର କାର୍ଯ୍ୟଦ୍ୱାରା ଲୋକସମାଜରେ ନୀଚତା ଲାଭ କରେ। ୧୫୨।

ସ୍ତ୍ରିୟଂ ଚ ଯଃ ପ୍ରାର୍ଥୟତେ ସନ୍ନିକର୍ଷଂ ଚ ଗଚ୍ଛତି।
ଈଷଚ୍ଚ କୁରୁତେ ସେବାଂ ତମେବେଚ୍ଛନ୍ତି ଯୋଷିତଃ।। ୧୫୩।।

ଯେଉଁ ପୁରୁଷ ରମଣୀକୁ ପ୍ରାର୍ଥନା କରେ, ତାର ନିକଟକୁ ଯାଏ ଓ ସାମାନ୍ୟ ହେଲେ ମଧ୍ୟ ସେବା କରେ, ତାହାକୁହିଁ ନାରୀମାନେ ଅଭିଳାଷ କରନ୍ତି। ୧୫୩।

ଅନର୍ଥିତ୍ୱାନ୍ମନୁଷ୍ୟାଣାଂ ଭୟାତ୍ପରିଜନସ୍ୟ ଚ।
ମର୍ଯ୍ୟାଦାୟାମମର୍ଯ୍ୟାଦାଃ ସ୍ତ୍ରିୟସ୍ତିଷ୍ଠନ୍ତି ସର୍ବଦା।। ୧୫୪।।

ପ୍ରାର୍ଥୀ ନଥିବା ହେତୁରୁ ଏବଂ ପରିଜନମାନଙ୍କ ଭୟରୁ କୁମାର୍ଗଗାମିନୀ ନାରୀମାନେ ମର୍ଯ୍ୟାଦା ଲଙ୍ଘନ କରିପାରନ୍ତି ନାହିଁ। ୧୫୪।

ନାସାଂ କଶ୍ଚିଦଗମ୍ୟୋଽସ୍ତି ନାସାଂ ଚ ବୟସି ସ୍ଥିତିଃ।
ବିରୂପଂ ରୂପବନ୍ତଂ ବା ପୁମାନିତ୍ୟେବ ଭୁଞ୍ଜତେ।। ୧୫୫।।

ଏହି ନାରୀମାନଙ୍କ ପକ୍ଷରେ କେହି ଅଗମ୍ୟ ନୁହେଁ। ଏମାନଙ୍କର ବୟସ– (ଯୁବା, ପ୍ରୌଢ଼, ବୃଦ୍ଧ) ବିଚାର ନଥାଏ। ଏମାନେ ସୁରୂପ ଓ କୁରୂପର ବିଚାର ନ କରି ପୁରୁଷମାତ୍ରେ ଭୋଗ୍ୟ ବୋଲି ମନେକରନ୍ତି। ୧୫୫।

ରକ୍ତୋ ହି ଜାୟତେ ଭୋଗ୍ୟୋ ନାରୀଣାଂ ଶାଟକୋ ଯଥା।
ଘୃଷ୍ୟତେ ଯୋ ଦଶାଲମ୍ବୀ ନିତମ୍ବେ ବିନିବେଶିତଃ।। ୧୫୬।।

ଅନୁରକ୍ତ ପୁରୁଷ ନାରୀମାନଙ୍କର ଶାଢ଼ିଭଳି ଭୋଗ୍ୟ ହୋଇଥାଏ। ଶାଢ଼ିର ଦଶା (ଅଞ୍ଚଳ ବା ପଣତ) ଥାଏ; ପୁରୁଷର ଦଶା (କାମଦଶା) ଥାଏ। ଶାଢ଼ି ନାରୀମାନଙ୍କର କଟିରେ ପରିବେଷ୍ଟିତ ହୋଇ ଘର୍ଷିତ ହୁଏ; ପୁରୁଷ ସେହିପରି ନାରୀମାନଙ୍କର ନିତମ୍ବ ବା କଟିଦେଶକୁ ଆଶ୍ରୟ କରି ଘର୍ଷିତ ହୁଏ। ୧୫୬।

ଅଲକ୍ତକୋ ଯଥା ରକ୍ତୋ ନିଷ୍ପୀଡ୍ୟ ପୁରୁଷସ୍ତଥା।
ଅବଲାଭିର୍ବଲାଦ୍ରକ୍ତଃ ପାଦମୂଳେ ନିପାତ୍ୟତେ।। ୧୫୭।।

ଯେପରି ସ୍ତ୍ରୀମାନେ ଅଲତାକୁ ଚିପୁଡ଼ି ରଙ୍ଗ ବାହାର କରି ନିଜର ପାଦରେ ଲଗାନ୍ତି, ସେହିପରି ସେମାନେ ଅନୁରକ୍ତ ପୁରୁଷକୁ ଆଲିଙ୍ଗନ କରି ଆପଣା ପାଦତଳେ ପକାନ୍ତି।'' ୧୫୭।

ଏହିପରି ଅନେକ ସନ୍ତାପ କରି ରାଜା ସେହିଦିନଠାରୁ ଦନ୍ତିଳ ପ୍ରତି ଅପ୍ରସନ୍ନ ହେଲେ। ଅଧିକ କ'ଣ କହିବା, ତାକୁ ରାଜଦ୍ୱାରରେ ପ୍ରବେଶ କରିବା ମଧ୍ୟ ବାରଣ କରାଗଲା। ଦନ୍ତିଳ ମଧ୍ୟ ରାଜାଙ୍କୁ ଅକସ୍ମାତ୍ ତା' ପ୍ରତି ଏପରି ବିମୁଖ ଥିବାର ଲକ୍ଷ୍ୟ କରି ଚିନ୍ତାକଲା– 'କେହି ଜଣେ ଯଥାର୍ଥରେ କହିଛି–

କୋଽର୍ଥାନ୍ ପ୍ରାପ୍ୟ ନ ଗର୍ବିତୋ ବିଷୟିଣଃ କସ୍ୟାଽପଦୋଽସ୍ତଙ୍ଗତାଃ

ସ୍ତ୍ରୀଭିଃ କସ୍ୟ ନ ଖଣ୍ଡିତଂ ଭୁବି ମନଃ କୋ ନାମ ରାଜ୍ଞାଂ ପ୍ରିୟଃ।
କଃ କାଳସ୍ୟ ନ ଗୋଚରାନ୍ତରଗତଃ କୋଽର୍ଥୀ ଗତୋ ଗୌରବଂ
କୋ ବା ଦୁର୍ଜ୍ଜନବାଗୁରାସୁ ପତିତଃ କ୍ଷେମେଣ ଯାତଃ ପୁମାନ୍॥ ୧୫୮ ॥

ଧନଲାଭ କରି କିଏ ଗର୍ବିତ ହୁଏ ନାହିଁ? କେଉଁ ବିଷୟୀ ଲୋକର ବିପଦ ବିନଷ୍ଟ ହୋଇଅଛି? ଜଗତରେ ନାରୀମାନଙ୍କଦ୍ୱାରା କେଉଁ ପୁରୁଷର ମନ ଖଣ୍ଡିତ ନ ହୁଏ? ରାଜାଙ୍କର କିଏ ପ୍ରିୟ ଅଛି? କାଳର କବଳରେ କିଏ ପତିତ ନ ହୁଏ? କେଉଁ ଯାଚକ ସମ୍ମାନ ପାଇଛି? ଦୁଷ୍ଟ ଲୋକଙ୍କ ଜାଲରେ ପଡ଼ି କେଉଁ ଲୋକର ମଙ୍ଗଳ ହୋଇଛି?। ୧୫୮। ପୁଣି–

କାକେ ଶୌଚଂ ଦ୍ୟୂତକାରେ ଚ ସତ୍ୟଂ
ସର୍ପେ କ୍ଷାନ୍ତିଃ ସ୍ତ୍ରୀଷୁ କାମୋପଶାନ୍ତିଃ।
କ୍ଲୀବେ ଧୈର୍ଯ୍ୟଂ ମଦ୍ୟପେ ତତ୍ତ୍ୱଚିନ୍ତା
ରାଜା ମିତ୍ରଂ କେନ ଦୃଷ୍ଟଂ ଶ୍ରୁତଂ ବା॥ ୧୫୯ ॥

କୁଆଠାରେ ପବିତ୍ରତା, ଜୁଆଡ଼ିଠାରେ ସତ୍ୟତା, ସର୍ପଠାରେ ସହନଶୀଳତା, ସ୍ତ୍ରୀମାନଙ୍କଠାରେ କାମଶାନ୍ତି, ନପୁଂସକ ପୁରୁଷଠାରେ ଧୈର୍ଯ୍ୟ, ମଦ୍ୟପଠାରେ ତତ୍ତ୍ୱଚିନ୍ତା ଓ ରାଜାଙ୍କଠାରେ ମିତ୍ରପଣ କିଏ ଦେଖିଛି ବା ଶୁଣିଛି?। ୧୫୯।

ଆହୁରି ମଧ୍ୟ ମୁଁ ଏହି ରାଜାଙ୍କର ଅଥବା ରାଜସମ୍ପର୍କୀୟ ଅନ୍ୟ କାହାରି ଅନିଷ୍ଟ ସ୍ୱପ୍ନରେ ସୁଦ୍ଧା ଚିନ୍ତା କରିନାହିଁ। ତେବେ ରାଜା ମୋପ୍ରତି ଏପରି ବିମୁଖ କାହିଁକି?' ଏହିପରି ଥରେ ଦନ୍ତିଳକୁ ରାଜଦ୍ୱାରରେ ପ୍ରବେଶ ନିଷେଧ କରାଯାଇଥିବା ସମୟରେ ସମ୍ମାର୍ଜନକାରୀ ଗୋରମ୍ଭ ହସି ହସି ଦ୍ୱାରପାଳମାନଙ୍କୁ କହିଲା, "ହେ ଦ୍ୱାରପାଳଗଣ, ଏ ଦନ୍ତିଳ ରାଜାନୁଗ୍ରହରେ ପ୍ରତିଷ୍ଠିତ ହୋଇଥିବାରୁ ସ୍ୱୟଂ ଅନୁଗ୍ରହ ତଥା ନିଗ୍ରହର ବିଧାତା। ତାଙ୍କୁ ଏପରି ପ୍ରବେଶରେ ବାରଣ କରିବା ହେତୁ ମୋ ଭଳି ତୁମେମାନେ ମଧ୍ୟ ଅର୍ଦ୍ଧଚନ୍ଦ୍ର ପାଇବ।"

ଏହା ଶୁଣି ଦନ୍ତିଳ ଚିନ୍ତାକଲା– 'ନିଶ୍ଚୟ ଏହା ଗୋରମ୍ଭର କାର୍ଯ୍ୟ। ଅଥବା ଯଥାର୍ଥରେ କୁହାଯାଇଛି–

ଅକୁଳୀନୋଽପି ମୂର୍ଖୋଽପି ଭୂପାଳଂ ଯୋଽତ୍ର ସେବତେ।
ଅପି ସଂମାନହୀନୋଽପି ସ ସର୍ବତ୍ର ପ୍ରପୂଜ୍ୟତେ॥ ୧୬୦ ॥

ଅକୁଳୀନ ହେଉ ବା ମୂର୍ଖ ହେଉ, ଯେ କେହି ରାଜାଙ୍କର ସେବା କରେ, ସେ ସମ୍ମାନରହିତ ହେଲେ ମଧ୍ୟ ସର୍ବତ୍ର ଆଦୃତ ହୁଏ। ୧୬୦।

ଅପି କାପୁରୁଷୋ ଭୀରୁଃ ସ୍ୟାଚ୍ଚେନ୍ନୃପତିସେବକଃ।
ତଥାପି ନ ପରାଭୂତିଂ ଜନାଦାପ୍ନୋତି ମାନବଃ॥ ୧୬୧ ॥

ଭୀରୁ କାପୁରୁଷ ମଧ୍ୟ ଯଦି ରାଜସେବକ ହୋଇଥାଏ, ତେବେ ସେ କୌଣସି ଲୋକଠାରୁ ପରାଭବ ପାଏ ନାହିଁ।"। ୧୬୧।

ଏହିପରି ଅନେକ ପ୍ରକାର ବିଚାର କରି ଲଜ୍ଜିତ ଓ ବ୍ୟାକୁଳ ହୋଇ ପ୍ରଭାବଶୂନ୍ୟ ଅବସ୍ଥାରେ ସେ ନିଜ ଘରକୁ ଫେରିଆସିଲା । ରାତିରେ ସେ ଗୋରମ୍ଭକୁ ଡକାଇ ଯୋଡ଼ିଏ ବସ୍ତ୍ର ଦେଇ ସମ୍ମାନପୂର୍ବକ କହିଲା, ‘‘ଭଦ୍ର, ସେଦିନ ମୁଁ ତୁମକୁ ରାଗହେତୁରୁ ତଡ଼ିଦେଇଥିଲି । ତୁମେ ବ୍ରାହ୍ମଣମାନଙ୍କ ଆଗରେ ଅନୁଚିତ ଆସନରେ ବସିଥିବାର ଦେଖି ମୁଁ ତୁମକୁ ଅପମାନ ଦେଇଥିଲି । ତେଣୁ ମୋତେ କ୍ଷମା କର ।’’ ଗୋରମ୍ଭ ମଧ୍ୟ ସ୍ୱର୍ଗରାଜ୍ୟ ଲାଭ ସଦୃଶ ବସ୍ତ୍ର ଯୋଡ଼ିକ ପାଇ ପରିତୁଷ୍ଟ ହୋଇ କହିଲା, ‘‘ହେ ଶ୍ରେଷ୍ଠି, ମୁଁ ଆପଣଙ୍କୁ ସେ କାର୍ଯ୍ୟ ପାଇଁ କ୍ଷମା କରୁଛି । ଆପଣ ମୋତେ ଯେଉଁ ସମ୍ମାନ ଦେଲେ, ତାହା ପରିବର୍ତ୍ତରେ ମୋର ବୁଦ୍ଧିର ବଳ ଓ ରାଜାଙ୍କର ଅନୁଗ୍ରହ ଦେଖିବେ ।’’—ଏହା କହି ଗୋରମ୍ଭ ସନ୍ତୋଷରେ ଚାଲିଗଲା । ଯଥାର୍ଥରେ କୁହାଯାଇଛି—

ସ୍ତୋକେନୋନ୍ନତିମାୟାତି ସ୍ତୋକେନାୟାତ୍ୟଧୋଗତିମ୍ ।
ଅହୋ ସୁସଦୃଶୀଚେଷ୍ଟା ତୁଲାଯଷ୍ଟେଃ ଖଳସ୍ୟ ଚ ।। ୧୬୨ ।।

ଯେପରି ତରାଜୁର ଦଣ୍ଡ (ତୁଳଯଷ୍ଟି) ଅତି ଅଳ୍ପକେ ଉପରକୁ ଉଠିଯାଏ ଓ ଅଳ୍ପକେ ତଳକୁ ପଡ଼ିଯାଏ, ଦୁଷ୍ଟ ଲୋକ ସେହିପରି ସାମାନ୍ୟ କଥାରେ ଉପରକୁ ଉଠିଯାନ୍ତି ବା ତଳକୁ ପଡ଼ିଯାନ୍ତି; ଅର୍ଥାତ୍ ପ୍ରସନ୍ନ ହୁଅନ୍ତି ବା କ୍ରୁଦ୍ଧ ହୁଅନ୍ତି । ୧୬୨ ।

ଏହାପରେ ଅନ୍ୟ ଏକ ଦିନରେ ସେହି ଗୋରମ୍ଭ ରାଜପୁରକୁ ଯାଇ ରାଜା ସୁଷୁପ୍ତ ଥିବାବେଳେ ତାଙ୍କ ଗୃହ ସମ୍ମାର୍ଜନ କାର୍ଯ୍ୟ କରୁ କରୁ କହିଲା, ‘‘ଓଃ, ଆମ ରାଜା ଏତେ ଅବିବେକୀ ଯେ ମଳତ୍ୟାଗ କଲା ସମୟରେ କାକୁଡ଼ି ଖାଉଛନ୍ତି ।’’ ତାହା ଶୁଣି ରାଜା ଅତ୍ୟନ୍ତ ବିସ୍ମିତ ହୋଇ କହିଲେ, ‘‘ଆରେ ଗୋରମ୍ଭ, ତୁ ଅନ୍ୟାୟ କଥା କହୁଛୁ କାହିଁକି ? ଘରକାମ କରୁଛୁ ବୋଲି ତୋତେ ପ୍ରାଣରେ ମାରିଦେବି ନାହିଁ । ମୁଁ ଏଭଳି କାମ କରୁଥିବାର ତୁ କେବେ ଦେଖିଛୁ ?’’

ସେ କହିଲା, ‘‘ମହାରାଜ, ଜୁଆଖେଳରେ ମାତି ରାତିରେ ଚେଇଁରହିଥିବାରୁ ଝାଡୁ ଦେଉ ଦେଉ ଜୋର୍‌ରେ ନିଦ ଆସିଲା । ନିଦରେ ଥିବା ଅବସ୍ଥାରେ କଣ କହିଛି, ଜାଣେନା । ମୁଁ ନିଦ୍ରାପରବଶ ଥିଲି; ମୋତେ କ୍ଷମା କରନ୍ତୁ ।’’

ଏହା ଶୁଣି ରାଜା ଚିନ୍ତାକଲେ— ‘ମୋର କୌଣସି ଜନ୍ମରେ ମଧ୍ୟ ମଳତ୍ୟାଗ ସମୟରେ କେବେ ମୁଁ କାକୁଡ଼ି ଖାଇନାହିଁ; ତଥାପି ଏ ମୂର୍ଖ ମୋ ବିଷୟରେ ଯାହା କହିଲା, ତାହା ଅସମ୍ଭବ । ସେହିପରି ଦନ୍ତିଳ ବିଷୟରେ ମଧ୍ୟ ସେ କହିଥିବ— ଏହାହିଁ ମୋର ଦୃଢ଼ବିଶ୍ୱାସ । ତେଣୁ ତାହାଙ୍କୁ ସମ୍ମାନରୁ ବଞ୍ଚିତ କରିବା ମୋ ପକ୍ଷରେ ଠିକ୍ ହୋଇନାହିଁ, ତାଙ୍କଭଳି ଲୋକଙ୍କ ପକ୍ଷରେ ଏପରି କାର୍ଯ୍ୟ କରିବା ଅସମ୍ଭବ । ତାଙ୍କ ଅଭାବରୁ ରାଜକାର୍ଯ୍ୟ ଓ ପୌରକାର୍ଯ୍ୟ ସବୁଥିରେ ଶୈଥିଲ୍ୟ ହେଉଛି ।’ ଏହିପରି ସେ ବହୁତ ଚିନ୍ତା କରି ଦନ୍ତିଳକୁ ଡକାଇ ନିଜ ଅଙ୍ଗରୁ ବସ୍ତ୍ର ଓ ଅଳଙ୍କାରାଦି ଦେଇ ତାଙ୍କୁ ପୂର୍ବ ଅଧିକାରରେ ନିଯୁକ୍ତ କଲେ । ଏହି ହେତୁରୁ ମୁଁ କହୁଥିଲି— ‘ଯୋ ନ ପୂଜୟତେ ଗର୍ବାଦୁତ୍ତମାଧମମଧ୍ୟମାନ୍ . . .’ ଇତ୍ୟାଦି ।’’

ସଞ୍ଜୀବକ କହିଲା, ‘‘ଭଦ୍ର, ଏହା ଠିକ୍ କଥା । ଆପଣ ମୋତେ ଯେଉଁପରି

କରିବାକୁ କହିବେ, ମୁଁ ସେହିପରି କରିବି।'' ଏହା କହିବାରୁ ଦମନକ ତାହାକୁ ସଙ୍ଗରେ ନେଇ ପିଙ୍ଗଳକ ନିକଟକୁ ଗଲା ଓ କହିଲା, ମହାରାଜ, ମୁଁ ଏ ସଞ୍ଜୀବକକୁ ଆଣି ଆସିଛି। ଏବେ ଆପଣ ଯାହା ଇଚ୍ଛା, କରନ୍ତୁ।'' ସଞ୍ଜୀବକ ପିଙ୍ଗଳକକୁ ପ୍ରଣାମ କରି ତା ଆଗରେ ବିନୀତ ଭାବରେ ବସିଲା। ପିଙ୍ଗଳକ ମଧ୍ୟ ପୃଥୁଳ ଓ ବିଶାଳ କକୁଦବିଶିଷ୍ଟ ସେହି ବଳୀବର୍ଦ୍ଦର ଉପରେ ତାର ବଜ୍ରସଦୃଶ ନଖଦ୍ୱାରା ସୁଶୋଭିତ ଦକ୍ଷିଣ ହସ୍ତକୁ ରଖି ସମ୍ମାନସହକାରେ କହିଲା, ''ତୁମର ସବୁ କୁଶଳ ତ ! ତୁମେ ଏହି ନିର୍ଜନ ବନକୁ କେଉଁଠାରୁ ଆସିଲ ?'' ସଞ୍ଜୀବକ ନିଜର ବୃତ୍ତାନ୍ତ କହିଲା– କିପରି ବର୍ଦ୍ଧମାନଙ୍କଠାରୁ ସେ ବିଚ୍ଛିନ୍ନ ହୋଇଥିଲା, ତାହା ମଧ୍ୟ କହିଲା। ତାହା ଶୁଣି ପିଙ୍ଗଳକ ଅତ୍ୟନ୍ତ ଆଦରସହକାରେ ତାହାକୁ କହିଲା–

''ହେ ମିତ୍ର, ଭୟ କରିବା ଅନୁଚିତ। ମୋର ଭୁଜ-ପଞ୍ଜରରେ ସୁରକ୍ଷିତ ହୋଇ ଏବେ ସ୍ୱଚ୍ଛନ୍ଦରେ ବିଚରଣ କର ଓ ସର୍ବଦା ମୋ ପାଖରେ ରହ। କାରଣ ବହୁ ଆପଦପୂର୍ଣ୍ଣ ଓ ଭୟଙ୍କର ଜୀବମାନଙ୍କର ବାସସ୍ଥାନ ହୋଇଥିବାରୁ ଏହି ବନରେ ବଡ଼ ବଡ଼ ଜୀବମାନେ ମଧ୍ୟ ରହିପାରନ୍ତି ନାହିଁ; ଶସ୍ୟଭୋଜୀ ପ୍ରାଣୀ ଏଠାରେ କିପରି ରହିପାରିବ ?'' ଏହିପରି କହି ପିଙ୍ଗଳକ ସକଳ ପଶୁଙ୍କଦ୍ୱାରା ପରିବୃତ ହୋଇ ଯମୁନା- ତଟରେ ଓହ୍ଲାଇ ଜଳପାନପୂର୍ବକ ଇଚ୍ଛା ଅନୁସାରେ ସେହି ବନରେ ପ୍ରବେଶ କଲା। ଏହାପରେ ସେ କରଟକ ଓ ଦମନକ ଉପରେ ରାଜ୍ୟଶାସନଭାର ଦେଇ ସଞ୍ଜୀବକ ସହିତ ମଧୁର କଥାବାର୍ତ୍ତାରେ ସମୟ ଅତିବାହିତ କରିବାକୁ ଲାଗିଲା। ଅଥବା ଯଥାର୍ଥରେ କୁହାଯାଇଛି–

ଯଦୃଚ୍ଛୟାପ୍ୟୁପନତଂ ସକୃତ୍‌ସଜ୍ଜନ ସଙ୍ଗତମ୍।
ଭବତ୍ୟଜରମତ୍ୟନ୍ତଂ ନାଭ୍ୟାସକ୍ରମମୀକ୍ଷ୍ୟତେ ।। ୧୬୩ ।।

ଯଦି ଅକସ୍ମାତ୍ ଥରେମାତ୍ର ସଜ୍ଜନମାନଙ୍କ ସହିତ ମିଳନ ଘଟେ, ତେବେ ତାହା ଅକ୍ଷୟ ହୋଇ ରହେ; ଏହା ଆଉ ବାରମ୍ବାର ଅଭ୍ୟାସକ୍ରମର ଅପେକ୍ଷା ରଖେନାହିଁ। ୧୬୩।

ସଞ୍ଜୀବକ ମଧ୍ୟ ଅନେକ ଶାସ୍ତ୍ରର ଗଭୀର ଅଧ୍ୟୟନ ହେତୁ ବୁଦ୍ଧିସମ୍ପନ୍ନ ହୋଇ ପ୍ରଗଲ୍‌ଭତାଦ୍ୱାରା ଅଳ୍ପଦିନ ମଧ୍ୟରେ ସେହି ମୂଢ଼ମତି ପିଙ୍ଗଳକକୁ ଏପରି ବୁଦ୍ଧିମାନ୍ କରିଦେଲା ଯେ, ସେ ବନ-ଧର୍ମ (ଅର୍ଥାତ୍ ବନଜୀବନଙ୍କର ସ୍ୱାଭାବିକ ହିଂସାବୃତ୍ତି) ତ୍ୟାଗକରି ଗ୍ରାମ୍ୟ-ଧର୍ମର (ଅର୍ଥାତ୍ ଗ୍ରାମ୍ୟ ଲୋକଙ୍କର ସ୍ୱାଭାବିକ ଦୟା ଗୁଣରେ) ରତ ରହିଲା। ଅଧିକ କହିବାର କି ପ୍ରୟୋଜନ ? ପିଙ୍ଗଳକ ଓ ସଞ୍ଜୀବକ ପ୍ରତ୍ୟହ ଏକାନ୍ତରେ କେବଳ ମନ୍ତ୍ରଣା କରିବାରେ ଲାଗିଲେ ଓ ଅବଶିଷ୍ଟ ପଶୁଗଣ ଦୂରରେ ରହିଲେ; ଏପରିକି ସେଠାରେ ଦମନକ ଓ କରଟକ ମଧ୍ୟ ପ୍ରବେଶ କରିପାରିଲେ ନାହିଁ। ଏହା ବ୍ୟତୀତ ସିଂହର ପରାକ୍ରମ ଅଭାବରୁ ସମସ୍ତ ପଶୁ ତଥା ଶୃଗାଳଦ୍ୱୟ (ଦମନକ ଓ କରଟକ) କ୍ଷୁଧାରେ ପୀଡ଼ିତ ହୋଇ ବନର ଏକ ଅଂଶରେ ପଡ଼ିରହିଲେ। କଥିତ ଅଛି–

ଫଳହୀନଂ ନୃପଂ ଭୃତ୍ୟାଃ କୁଳୀନମପି ଚୋନ୍ନତମ୍।
ସନ୍ତ୍ୟଜ୍ୟାନ୍ୟତ୍ର ଗଚ୍ଛନ୍ତି ଶୁଷ୍କବୃକ୍ଷମିବାଣ୍ଡଜାଃ ।। ୧୬୪ ।।

ଉଚ୍ଚ ବୃକ୍ଷକୁ ଶୁଷ୍କ ଓ ଫଳହୀନ ଦେଖିଲେ ଯେପରି ପକ୍ଷୀମାନେ ତାକୁ ତ୍ୟାଗକରି ଚାଲିଯାନ୍ତି, ସେହିପରି ଉଚ୍ଚବଂଶଜ ଓ ଉନ୍ନତିଶୀଳ ରାଜାଙ୍କୁ ଫଳହୀନ ଦେଖିଲେ ଭୃତ୍ୟମାନେ ତାଙ୍କୁ ତ୍ୟାଗକରି ଅନ୍ୟତ୍ର ଚାଲିଯାନ୍ତି। ୧୬୪। ଆହୁରି –

ଅପି ସଂମାନସଂଯୁକ୍ତାଃ କୁଳୀନା ଭକ୍ତିତତ୍ପରାଃ।
ବୃତ୍ତିଭଙ୍ଗାନ୍ମହୀପାଳଂ ତ୍ୟଜନ୍ତ୍ୟେବ ହି ସେବକାଃ।। ୧୬୫।।

ସମ୍ମାନଯୁକ୍ତ, କୁଳୀନ ଓ ଭକ୍ତିପରାୟଣ ସେବକ ମଧ୍ୟ ବେତନ ନ ମିଳିବା ହେତୁରୁ ରାଜାଙ୍କୁ ତ୍ୟାଗ କରିଥାନ୍ତି। ୧୬୫। ପୁଣି –

କାଳାତିକ୍ରମଣଂ ବୃତ୍ତେର୍ଯୋ ନ କୁର୍ବୀତ ଭୂପତିଃ।
କଦାଚିତ୍ତଂ ନ ମୁଞ୍ଚନ୍ତି ଭର୍ତ୍ସିତା ଅପି ସେବକାଃ।। ୧୬୬।।

ଯେଉଁ ରାଜା ଭୃତ୍ୟମାନଙ୍କୁ ବେତନ ଦେବାରେ କାଳାତିକ୍ରମ କରନ୍ତି ନାହିଁ, ସେବକମାନେ ତାଙ୍କଠାରୁ ଭର୍ତ୍ସନା ପାଇଲେ ମଧ୍ୟ ତାଙ୍କୁ କେବେହେଲେ ତ୍ୟାଗ କରନ୍ତି ନାହିଁ। ୧୬୬।

ଦେଶାନାମୁପରି କ୍ଷ୍ମାଭୃଦାତୁରାଣାଂ ଚିକିତ୍ସକାଃ।
ବଣିଜୋ ଗ୍ରାହକାଣାଂ ଚ ମୂର୍ଖାଣାମପି ପଣ୍ଡିତାଃ।। ୧୬୭।।

କେବଳ ସେବକମାନେ ଯେ ଏପରି ହୁଅନ୍ତି, ତାହା ନୁହେଁ; ସମସ୍ତ ସଂସାରବାସୀ ରକ୍ଷଣ ନିମନ୍ତେ ପରସ୍ପର ସାମାଦି (ସାମ, ଦଣ୍ଡ, ଭେଦ) ଉପାୟରେ ଆବଦ୍ଧ ଥାନ୍ତି। ଯଥା – ଦେଶବାସୀଙ୍କ ଉପରେ ରାଜା, ରୋଗଗ୍ରସ୍ତ ଲୋକଙ୍କ ଉପରେ ବୈଦ୍ୟ, ଗ୍ରାହକମାନଙ୍କ ଉପରେ ବ୍ୟବସାୟୀ ଓ ମୂର୍ଖ ଲୋକଙ୍କ ଉପରେ ପଣ୍ଡିତମାନେ ରହିଥାନ୍ତି। ୧୬୭।

ପ୍ରମାଦିନାଂ ଯଥା ଚୌରା ଭିକ୍ଷୁକା ଗୃହମେଧିନାମ୍।
ଗଣିକା କାମିନାଂ ଚୈବ ସର୍ବଲୋକସ୍ୟ ଶିଳ୍ପିନଃ।। ୧୬୮।।

ଅସାବଧାନ ଲୋକଙ୍କ ଉପରେ ଚୋରମାନଙ୍କର, ଗୃହସ୍ଥଙ୍କ ଉପରେ ଭିକ୍ଷୁକମାନଙ୍କର, କାମାସକ୍ତ ଲୋକଙ୍କ ଉପରେ ବେଶ୍ୟାମାନଙ୍କର ଓ ସାଧାରଣ ଲୋକଙ୍କ ଉପରେ ଶିଳ୍ପୀମାନଙ୍କର ପ୍ରଭାବ ରହିଥାଏ। ୧୬୮।

ସାମାଦିସଜ୍ଜିତୈଃ ପାଶୈଃ ପ୍ରତୀକ୍ଷନ୍ତେ ଦିବାନିଶମ୍।
ଉପଜୀବନ୍ତି ଶକ୍ତ୍ୟା ହି ଜଳଜା ଜଳଦାନିବ।। ୧୬୯।।

ଲୋକେ ସାମାଦି (ସାମ, ଦଣ୍ଡ, ଭେଦ)ର ଫାଶ ମେଲାଇ ଦିନରାତି ଅପେକ୍ଷା କରି ରହିଥାନ୍ତି; ଠିକ୍ ଯେପରି ଜଳଜାତ ଧାନ୍ୟାଦି ମେଘକୁ ଅପେକ୍ଷା କରି ରହିଥାନ୍ତି। କାରଣ ଏ ସମସ୍ତେ ତାହାରି ଶକ୍ତିରେ ଜୀବନଧାରଣ କରନ୍ତି। ୧୬୯। ଅଥବା ଯଥାର୍ଥରେ କୁହାଯାଇଛି –

ସର୍ପାଣାଂ ଚ ଖଳାନାଂ ଚ ପରଦ୍ରବ୍ୟାପହାରିଣାମ୍।
ଅଭିପ୍ରାୟା ନ ସିଦ୍ଧ୍ୟନ୍ତି ତେନେଦଂ ବର୍ତ୍ତତେ ଜଗତ୍।। ୧୭୦।।

ସର୍ପ ଓ ପରସ୍ୱାପହାରୀ ଖଳମାନଙ୍କର ଅଭିପ୍ରାୟ ସିଦ୍ଧ ହୁଏ ନାହିଁ; ସେଥିପାଇଁ ଏ ସଂସାର ଆଜିପର୍ଯ୍ୟନ୍ତ ରହିପାରିଛି । ୧୭୦ ।

ଅତ୍ତୁଂ ବାଞ୍ଛତି ଶାମ୍ଭବୋ ଗଣପତେରାଖୁଂ କ୍ଷୁଧାର୍ତ୍ତଃ ଫଣୀ
ତଂ ଚ୍ କ୍ରୌଞ୍ଚରିପୋଃ ଶିଖୀ ଗିରିସୁତାସିଂହୋଽପି ନାଗାଶନମ୍,
ଇତ୍ଥଂ ଯତ୍ର ପରିଗ୍ରହସ୍ୟ ଘଟନା ଶମ୍ଭୋରପି ସ୍ୟାଦ୍‌ଗୃହେ
ତତ୍ରାନ୍ୟସ୍ୟ କଥଂ ନ ଭାବି ଜଗତୋ ଯସ୍ମାତ୍ ସ୍ୱରୂପଂ ହି ତତ୍ ।। ୧୭୧ ।।

ଶିବଙ୍କର ସର୍ପ କ୍ଷୁଧାପୀଡ଼ିତ ହୋଇ ଗଣପତିଙ୍କର ମୂଷିକକୁ ଖାଇବାକୁ ଇଚ୍ଛା କରୁଛି; ସେହି ସର୍ପକୁ କାର୍ତ୍ତିକେୟଙ୍କର ମୟୂର ଖାଇବାକୁ ଚାହୁଁଛି ଏବଂ ସେହି ନାଗଭକ୍ଷକ ମୟୂରକୁ ପାର୍ବତୀଙ୍କ ସିଂହ ଖାଇବାକୁ ଚାହୁଁଛି । ଯଦି ସ୍ୱୟଂ ଶିବଙ୍କ ଘରେ ଏପରି ହୋଇପାରେ; ଅନ୍ୟତ୍ର କଅଣ ହୋଇ ନ ପାରେ? ଏହାହିଁ ହେଉଛି ସଂସାରର ସ୍ୱରୂପ । ୧୭୧ ।

ତଦନନ୍ତର ପ୍ରଭୁଙ୍କ କୃପାରୁ ବଞ୍ଚିତ, କ୍ଷୁଧାରେ ଶୁଷ୍କକଣ୍ଠ ଦମନକ ଓ କରଟକ ପରସ୍ପର ବିଚାର କଲେ । ଦମନକ କହିଲା, "ଆର୍ଯ୍ୟ କରଟକ, ଏବେ ଆମ ଦୁହିଁଙ୍କର ପ୍ରାଧାନ୍ୟ ଗଲା । ଏହି ପିଙ୍ଗଳକ ସଞ୍ଜୀବକପ୍ରତି ଅନୁରକ୍ତ ହୋଇ ନିଜ କର୍ତ୍ତବ୍ୟରେ ପରାଙ୍‌ମୁଖ ହେଲେଣି । ସବୁ ପରିଜନ ମଧ୍ୟ ଛାଡ଼ି ଚାଲିଗଲେଣି । ଏବେ କଅଣ କରାଯିବ?" କରଟକ କହିଲା, "ଯଦି ସେ (ପିଙ୍ଗଳକ) ତୁମ କଥା ଅନୁସାରେ କାମ କରି ନ ପାରନ୍ତି; ତଥାପି ନିଜ ସେବକମାନଙ୍କୁ ପାଳନ ନ କରିବା ଦୋଷରୁ ରକ୍ଷାକରିବାପାଇଁ ତାଙ୍କୁ ଆମର କିଛି କହିବା ଉଚିତ । କଥିତ ଅଛି –

ଅଶୃଣ୍ୱନ୍ନପି ବୋଦ୍ଧବ୍ୟୋ ମନ୍ତ୍ରିଭିଃ ପୃଥିବୀପତିଃ ।
ଯଥା ସ୍ୱଦୋଷନାଶାୟ ବିଦୁରେଣାମ୍ବିକାସୁତଃ ।। ୧୭୨ ।।

ରାଜା ନଶୁଣିଲେ ମଧ୍ୟ ମନ୍ତ୍ରୀର କର୍ତ୍ତବ୍ୟ ହେଉଛି, ରାଜାଙ୍କୁ ବୁଝାଇବା । ଠିକ୍ ଏହିପରି ବିଦୂର ନିଜର ଦୋଷ ଦୂର କରିବାପାଇଁ ଧୃତରାଷ୍ଟ୍ରଙ୍କୁ ବୁଝାଇଥିଲେ । ୧୭୨ । ପୁଣି –

ମଦୋନ୍ମତ୍ତସ୍ୟ ଭୂପସ୍ୟ କୁଞ୍ଜରସ୍ୟ ଚ୍ ଗଚ୍ଛତଃ ।
ଉନ୍ମାର୍ଗଂ ବାଚ୍ୟତାଂ ଯାନ୍ତି ମହାମାତ୍ରାଃ ସମୀପଗାଃ ।। ୧୭୩ ।।

ମଦମତ୍ତ ରାଜା ଓ ହସ୍ତୀ ବିପଥଗାମୀ ହେଲେ, ତାହାଙ୍କ ନିକଟସ୍ଥ ପ୍ରଧାନମନ୍ତ୍ରୀ ଓ ମାହୁନ୍ତ ନିନ୍ଦାର ପାତ୍ର ହୋଇଥାନ୍ତି । ୧୭୩ ।

ତୁମେ ଏହି ଶସ୍ୟଭୋଜୀ ସଞ୍ଜୀବକକୁ ରାଜାଙ୍କ ପାଖକୁ ଆଣିଛ । ତେଣୁ ତୁମେହିଁ ନିଜ ହାତରେ ଜଳନ୍ତା ଅଙ୍ଗାରକୁ ଟାଣିଆଣିଛ (ବିପଦକୁ ବରଣ କରିଛ) ।"

ଦମନକ କହିଲା, "ସେ କଥା ସତ । ଦୋଷ ହେଉଛି ମୋର; ରାଜାଙ୍କର ନୁହେଁ । କଥିତ ଅଛି –

ଜମ୍ବୁକୋ ହୁଡୁଯୁଦ୍ଧେନ ବୟଂ ଚାଷାଢ଼ଭୂତିନା ।
ଦୂତିକା ପରକାର୍ଯେଣ ତ୍ରୟୋ ଦୋଷାଃ ସ୍ୱୟଂ କୃତାଃ ।। ୧୭୪ ।।

ମେଣ୍ଢାଙ୍କ ଯୁଦ୍ଧଦ୍ୱାରା ଶୃଗାଳ, ଆଷାଢ଼ଭୂତିଦ୍ୱାରା ମୁଁ ଓ ଅପରର କାର୍ଯ୍ୟ କରିବାଦ୍ୱାରା

ଦୂତୀ – ଏ ତିନିହେଁ ନିଜ କୃତ ଦୋଷରେ ଦୋଷୀ।''

କରଟକ କହିଲା, ''ସେ କଥା କଅଣ?'' ଦମନକ କହିବାକୁ ଲାଗିଲା –

ଦୂତୀ, ଜମ୍ବୁକ ଓ ଆଷାଢ଼ଭୂତି କଥା

କୌଣସି ନିର୍ଜନ ପ୍ରଦେଶରେ ଗୋଟିଏ ମଠ ଥିଲା। ସେଠାରେ ଦେବଶର୍ମା ନାମରେ ଜଣେ ପରିବ୍ରାଜକ ବାସକରୁଥିଲେ। ମହାଜନମାନେ ତାଙ୍କୁ ଦେଇଥିବା ସୂକ୍ଷ୍ମ ବସ୍ତ୍ରମାନ ବିକ୍ରୟ କରିବାଦ୍ୱାରା ତାଙ୍କ ପାଖରେ ବିପୁଳ ଧନ ଗଚ୍ଛିତ ହେଲା; ତେଣୁ ସେ କାହାରିକୁ ବିଶ୍ୱାସ କଲେନାହିଁ। ସେହି ଧନର ଥଳିକୁ ସେ ଦିନରାତି କେତେବେଳେ ହେଲେ ନିଜ ପାଖରୁ ପୃଥକ୍ କରି ରଖୁନଥିଲେ। ଅଥବା ଯଥାର୍ଥରେ କୁହାଯାଇଅଛି –

ଅର୍ଥାନାମର୍ଜନେ ଦୁଃଖମର୍ଜିତାନାଂ ଚ ରକ୍ଷଣେ।
ଆୟେ ଦୁଃଖଂ ବ୍ୟୟେ ଦୁଃଖଂ ଧିଗର୍ଥାଃ କଷ୍ଟସଂଶ୍ରୟାଃ॥ ୧୭୫॥

ଧନ ଅର୍ଜନ କରିବାରେ ଦୁଃଖ, ଅର୍ଜିତ ଧନକୁ ରଖିବାରେ ଦୁଃଖ, ଆୟରେ ଦୁଃଖ, ବ୍ୟୟରେ ଦୁଃଖ – ଏପରି କଷ୍ଟଦାୟକ ଧନକୁ ଧିକ୍। ୧୭୫।

ଆଷାଢ଼ଭୂତି ନାମକ ଜଣେ ପରଧନାପହରଣକାରୀ ଧୂର୍ତ୍ତ ତାଙ୍କ ପାଖରେ ରହିଥିବା ଧନକୁ ଦେଖିପାରି ଚିନ୍ତା କଲା, 'ଏହି ଧନକୁ ଏହାଠାରୁ କିପରି ହରଣ କରିବି? ମଠର କାନ୍ଥ ଦୃଢ଼ ପ୍ରସ୍ତରରେ ନିର୍ମିତ ହୋଇଥିବାରୁ ସିନ୍ଧି କରିହେବ ନାହିଁ। କାନ୍ଥ ବହୁତ ଉଚ୍ଚ ହୋଇଥିବାରୁ ଉଲ୍ଲଙ୍ଘନ ଦ୍ୱାରା ପ୍ରବେଶ କରିହେବନାହିଁ। ଅତଏବ କପଟ ବାକ୍ୟରେ ବିଶ୍ୱାସ ଜନ୍ମାଇ ମୁଁ ଏହାର ଶିଷ୍ୟ ହୋଇଯାଏଁ; ତାହାହେଲେ ସେ ବିଶ୍ୱସ୍ତ ହୋଇ କେବେହେଲେ ବିଶ୍ୱାସ କରିବ। କଥିତ ଅଛି –

ନିସ୍ପୃହୋ ନାଧିକାରୀ ସ୍ୟାନ୍ନାକାମୀ ମଣ୍ଡନପ୍ରିୟଃ।
ନାବିଦଗ୍ଧଃ ପ୍ରିୟଂ ବ୍ରୂୟାଦ୍ ସ୍ଫୁଟବକ୍ତା ନ ବଞ୍ଚକଃ॥ ୧୭୬॥

ଯାହାର ଧନ ପ୍ରତି ଅଭିଳାଷ ନ ଥାଏ, ସେ ଧନର ଅଧିକାରୀ ହୋଇ ନ ପାରେ; ଯେଉଁ ଲୋକ କାମାସକ୍ତ ନୁହେଁ, ସେ ଭୂଷଣପ୍ରିୟ ହୋଇ ନପାରେ; ମୂର୍ଖ ଲୋକ କେବେହେଲେ ପ୍ରିୟବାକ୍ୟ କହି ନ ପାରେ; ସ୍ପଷ୍ଟବାଦୀ ଲୋକ ପ୍ରତାରକ ହୋଇ ନ ପାରେ।'। ୧୭୬।

ଏହିପରି ସ୍ଥିର କରି ଆଷାଢ଼ଭୂତି ଦେବଶର୍ମାଙ୍କ ନିକଟକୁ ଆସି, 'ଓଁ ନମଃ ଶିବାୟ' କହି ସାଷ୍ଟାଙ୍ଗ ପ୍ରଣିପାତପୂର୍ବକ ବିନୀତ ଭାବରେ କହିଲା – ''ଭଗବାନ, ଏ ସଂସାର ଅସାର; ଯୌବନ ଗିରିନଦୀର ବେଗ ପରି, ଜୀବନ ହେଉଛି ତୃଣର ଅଗ୍ନି ସଦୃଶ; ଭୋଗବିଳାସ ହେଉଛି ଶରତ୍କାଳୀନ ମେଘର ଛାୟାତୁଲ୍ୟ; ମିତ୍ର, ପୁତ୍ର, ପତ୍ନୀ, ଭୃତ୍ୟ ପ୍ରଭୃତିଙ୍କ ସହ ସମ୍ବନ୍ଧ ସ୍ୱପ୍ନତୁଲ୍ୟ – ଏସବୁ ମୁଁ ସମ୍ୟକ୍ରୂପେ ବୁଝିପାରିଛି। ଏଣୁ କିପରି ମୁଁ ସଂସାରସମୁଦ୍ରକୁ ତରିପାରିବି?''

ଏହା ଶୁଣି ଦେବଶର୍ମା ଆଦରରେ କହିଲେ– "ବତ୍ସ, ପ୍ରଥମ ବୟସରେ ସୁଦ୍ଧା ତୁମର ଏପରି ବୈରାଗ୍ୟଭାବର ଉଦୟହୋଇଥିବାରୁ ତୁମେ ଧନ୍ୟ। କଥିତ ଅଛି–

ପୂର୍ବେ ବୟସି ଯଃ ଶାନ୍ତଃ ସ ଶାନ୍ତ ଇତି ମେ ମତିଃ।
ଧାତୁଷୁ କ୍ଷୀୟମାଣେଷୁ ଶମଃ କସ୍ୟ ନ ଜାୟତେ।। ୧୭୭।।

ପ୍ରଥମ ବୟସରେ ଯେ ଶାନ୍ତ, ସେ ପ୍ରକୃତରେ ଶାନ୍ତ ବୋଲି ମୋର ମତ; କାରଣ ଇନ୍ଦ୍ରିୟମାନେ କ୍ଷୀଣ ହୋଇଗଲେ କାହାର ଶାନ୍ତି ଆସେ ନାହିଁ କି ?। ୧୭୭।

ଆଦୌ ଚିତ୍ତେ ତତଃ କାୟେ ସତାଂ ସଂପଦ୍ୟତେ ଜରା।
ଅସତାଂ ତୁ ପୁନଃ କାୟେ ନୈବ ଚିତ୍ତେ କଦାଚନ।। ୧୭୮।।

ସାଧୁ ପୁରୁଷମାନଙ୍କର ପ୍ରଥମେ ଅନ୍ତରରେ ଓ ପରେ ଶରୀରରେ ବାର୍ଦ୍ଧକ୍ୟ ଆସିଥାଏ; କିନ୍ତୁ ଦୁଷ୍ଟ ଲୋକମାନଙ୍କର ଶରୀରରେ ବାର୍ଦ୍ଧକ୍ୟ ଆସିଥିଲେହେଁ ଅନ୍ତରରେ କଦାପି ପ୍ରବେଶ କରି ନ ଥାଏ। ୧୭୮।

ତୁମେ ମୋତେ ସଂସାରସାଗରରୁ ତରିବାର ଉପାୟ ପଚାରୁଛ; ତାହା ଶୁଣ–

ଶୂଦ୍ରୋ ବା ଯଦି ବାନ୍ୟୋଽପି ଚାଣ୍ଡାଲୋଽପି ଜଟାଧରଃ।
ଦୀକ୍ଷିତଃ ଶିବମନ୍ତ୍ରେଣ ସ ଭସ୍ମାଙ୍ଗଃ ଶିବୋ ଭବେତ୍।। ୧୭୯।।

ଶୂଦ୍ର ହେଉ ବା ଅନ୍ୟ କେହି ହେଉ, ଏପରିକି ଚଣ୍ଡାଳ ହେଉ ପଛକେ, ସେ ଜଟାଧାରଣ କରି, ଶିବମନ୍ତ୍ରରେ ଦୀକ୍ଷିତ ହୋଇ, ଶରୀରରେ ଭସ୍ମ ବିଲେପନ କଲେ ଶିବଙ୍କ ପରି ହୋଇଯାଏ। ୧୭୯।

ଷଡ଼କ୍ଷରେଣ ମନ୍ତ୍ରେଣ ପୁଷ୍ପମେକମପି ସ୍ୱୟମ୍।
ଲିଙ୍ଗସ୍ୟ ମୂର୍ଦ୍ଧ୍ନି ଯୋ ଦଦ୍ୟାନ୍ନ ସ ଭୂୟୋଽଭିଜାୟତେ।। ୧୮୦।।

ଯେଉଁ ଲୋକ ଶିବ ଷଡ଼କ୍ଷର ମନ୍ତ୍ର (ଓଁ ନମଃ ଶିବାୟ) ପାଠକରି ଗୋଟିଏମାତ୍ର ପୁଷ୍ପ ଓ ଜଳ ଶିବଲିଙ୍ଗର ମସ୍ତକରେ ଦିଏ, ତାହାର ପୁନର୍ଜନ୍ମ ହୁଏ ନାହିଁ"। ୧୮୦।

ଏହା ଶୁଣି ଆଷାଢ଼ଭୂତି ଦେବଶର୍ମାଙ୍କ ପାଦ ଦୁଇଟିକୁ ଧରି ନମ୍ରଭାବରେ କହିଲା, "ଭଗବନ୍, ତେବେ ମୋତେ ଦୀକ୍ଷା ଦେଇ ଅନୁଗୃହୀତ କରନ୍ତୁ।" ଦେବଶର୍ମା କହିଲେ, "ବତ୍ସ, ମୁଁ ତୁମକୁ ଅନୁଗ୍ରହ କରିବି; କିନ୍ତୁ ତୁମେ ରାତ୍ରିରେ ମଠ ମଧ୍ୟରେ ପ୍ରବେଶ କରିବ ନାହିଁ। ଏହାର କାରଣ ହେଉଛି, ସନ୍ନ୍ୟାସୀମାନଙ୍କ ପକ୍ଷରେ ନିଃସଙ୍ଗତା ପ୍ରଶଂସନୀୟଅଟେ। ଏହା ତୁମପାଇଁ ଉତ୍ତମ; ମୋ ପାଇଁ ମଧ୍ୟ ଉତ୍ତମ। କଥିତ ଅଛି–

ଦୁର୍ମନ୍ତ୍ରାନ୍ନୃପତିର୍ବିନଶ୍ୟତି ଯତିଃ ସଙ୍ଗାତ୍ ସୁତୋ ଲାଳନାତ୍
ବିପ୍ରୋଽନଧ୍ୟୟନାତ୍କୁଳଂ କୁତନୟାଚ୍ଛୀଳଂ ଖଳୋପାସନାତ୍।
ମୈତ୍ରୀ ଚାପ୍ରଣୟାତ୍ସମୃଦ୍ଧିରନୟାତ୍ ସ୍ନେହଃ ପ୍ରବାସାଶ୍ରୟାତ୍
ସ୍ତ୍ରୀ ଗର୍ବାଦନବେକ୍ଷଣାଦପି କୃଷିସ୍ତ୍ୟାଗାତ୍ ପ୍ରମାଦାଦ୍ଧନମ୍।। ୧୮୧।।

କୁମନ୍ତ୍ରଣା ହେତୁରୁ ରାଜା, ବିଷୟସଂସର୍ଗ ହେତୁରୁ ଯତି, ଲାଳନ ହେତୁରୁ ପୁତ୍ର, ଅଧ୍ୟୟନ ଅଭାବରୁ ବ୍ରାହ୍ମଣ, କୁପୁତ୍ର ହେତୁରୁ କୁଳ, ଦୁଷ୍ଟ ଲୋକଙ୍କ ସେବାରୁ

ସଦାଚାର, ସ୍ନେହ ଅଭାବରୁ ମିତ୍ରତା, ଅନୀତିରୁ ସମୃଦ୍ଧି, ପ୍ରବାସରେ ନିବାସ ହେତୁରୁ ସ୍ନେହ, ଗର୍ବରୁ ସ୍ତ୍ରୀ, ପର୍ଯ୍ୟବେକ୍ଷଣର ଅଭାବରୁ କୃଷି ଏବଂ ତ୍ୟାଗ ଓ ପ୍ରମାଦ (ବିଚାରହୀନତା) ହେତୁରୁ ଧନ ବିନଷ୍ଟ ହୋଇଥାଏ। ୧୮୧।

ତେଣୁ ବ୍ରତଗ୍ରହଣ ପରେ ତୁମେ ମଠଦ୍ୱାରରେ ଗୋଟିଏ ତୃଣକୁଟୀରରେ ଶୋଇବ।''

ଆଷାଢ଼ଭୂତି କହିଲା; ''ଭଗବାନ୍; ଆପଣଙ୍କର ଆଦେଶ ମୋର ଶିରୋଧାର୍ଯ୍ୟ। ପରଲୋକରେ ମୋର ସେତିକି ପ୍ରୟୋଜନ।''

ଅନନ୍ତର ଶୟନ ସମୟ ପରେ ଦେବଶର୍ମା ତାହାକୁ ଶାସ୍ତ୍ରୋକ୍ତ ବିଧି ଅନୁସାରେ ଅନୁଗ୍ରହ କରି ଶିଷ୍ୟରୂପେ ଗ୍ରହଣ କଲେ। ସେ ମଧ୍ୟ ତାଙ୍କର ହସ୍ତପଦର ମର୍ଦ୍ଦନାଦି ପରିଚର୍ଯ୍ୟାଦ୍ୱାରା ତାଙ୍କୁ ସନ୍ତୁଷ୍ଟ କଲା। ଏହା ହେଲେ ମଧ୍ୟ ଏହି ସନ୍ନ୍ୟାସୀ ନିଜ କାଖରୁ ଧନର ଗଣ୍ଠିରିଟି ଛାଡ଼ନ୍ତି ନାହିଁ। ଏହିପରି କିଛି ଦିନ ଯାଆନ୍ତେ ଆଷାଢ଼ଭୂତି ଚିନ୍ତା କଲା; 'ଆଶ୍ଚର୍ଯ୍ୟର ବିଷୟ ଯେ ଏ ଲୋକଟା କୌଣସି ପ୍ରକାରେ ମୋତେ ବିଶ୍ୱାସ କରୁନାହିଁ। ତେବେ କଣ ଦିନେ ଏହାକୁ ଶସ୍ତ୍ରରେ ବଧ କରିବି; କି ବିଷ ଦେବି କିମ୍ବା ପଶୁଭଳି ହତ୍ୟା କରିବି!'

ସେ ଏହିପରି ଚିନ୍ତା କରୁଥିବା ସମୟରେ ଦେବଶର୍ମାଙ୍କର ଜଣେ ଶିଷ୍ୟର ପୁତ୍ର ତାହାଙ୍କୁ ନିମନ୍ତ୍ରଣ କରିବାପାଇଁ କୌଣସି ଗ୍ରାମରୁ ଆସି ପହଞ୍ଚିଲା। ସେ କହିଲା; ''ଭଗବାନ୍; ଯଜ୍ଞୋପବୀତ ଦେବାପାଇଁ ଆମ ଘରକୁ ଆସନ୍ତୁ।'' ତାହା ଶୁଣି ଦେବଶର୍ମା ଆଷାଢ଼ଭୂତିକୁ ସଙ୍ଗରେ ନେଇ ବାହାରିଲେ।

ଏହିପରି ଯାଉ ଯାଉ ଗୋଟିଏ ନଦୀ ପଡ଼ିଲା। ନଦୀକୁ ଦେଖି ଦେବଶର୍ମା ଗଣ୍ଠିରିଟି କାଖରୁ କାଢ଼ି କନ୍ଥା ଭିତରେ ଭଲରୂପେ ଲୁଚାଇ ସ୍ନାନ ଓ ଦେବାର୍ଚ୍ଚନ କଲେ। ତପ୍ରେ ସେ ଆଷାଢ଼ଭୂତିକୁ କହିଲେ; ''ମୁଁ ମଳତ୍ୟାଗ କରି ଫେରିଆସିବା ପର୍ଯ୍ୟନ୍ତ ତୁମେ ଶିବଙ୍କର ଏହି କନ୍ଥାକୁ ଅତି ଯତ୍ନରେ ରଖିଥିବ।'' ଏହା କହି ସେ ଚାଲିଗଲେ। ସେ ଅଦୃଶ୍ୟ ହେବାମାତ୍ରେ ଆଷାଢ଼ଭୂତି ଗଣ୍ଠିରିଟି ଘେନି ପଳାଇଲା। ଦେବଶର୍ମା ଛାତ୍ରର ଗୁଣରେ ମୁଗ୍ଧ ହୋଇ ତାକୁ ବିଶ୍ୱାସ କରି ଯେତେବେଳେ ରହିଥିଲେ; ସେତେବେଳେ ସୁବର୍ଣ୍ଣସଦୃଶ ଲୋମବିଶିଷ୍ଟ ମେଷପଲ ମଧ୍ୟରେ ଦୁଇଟି ମେଷର ଲଢ଼େଇ ଦେଖିବାକୁ ଲାଗିଲେ। ମେଷ ଦୁଇଟି କ୍ରୋଧରେ କିଛି ଦୂର ପଛକୁ ଅପସରି ଯାଇ ପୁଣି ଆଗକୁ ଦଉଡ଼ିଆସି ପରସ୍ପରର ମୁଣ୍ଡକୁ ଆଘାତ କରୁଥିବାରୁ ସେଠାରେ ପ୍ରଚୁର ରକ୍ତ ପଡୁଥିଲା। ଗୋଟିଏ ଶୃଗାଳ ଜିହ୍ୱାଲାଳସାରେ ସେ ଦୁହିଙ୍କ ଲଢ଼େଇ ସ୍ଥାନରେ ପ୍ରବେଶ କରି ସେହି ରକ୍ତକୁ ଖାଉଥିଲା। ଏହା ଦେଖି ଦେବଶର୍ମା ଭାବିଲେ— 'ଅହୋ; ଏ ଶୃଗାଳ ବଡ଼ ବୁଦ୍ଧିହୀନ। ଯଦି କେତେବେଳେ ଏ ଶୃଗାଳ ସେ ଦୁହିଁଙ୍କର ମସ୍ତକର ପ୍ରହାର ମଧ୍ୟରେ ପଡ଼ିଯିବ, ତେବେ ନିଶ୍ଚୟ ପ୍ରାଣ ହରାଇବ।' ଅଳ୍ପ ସମୟ ପରେ ସେହିପରି ରକ୍ତାସ୍ୱାଦନ ଲାଳସାରୁ ଯେ ଦୁହିଁଙ୍କ ମଧ୍ୟରେ ପ୍ରବେଶ କରିଥିବାବେଳେ ମେଷଦ୍ୱୟଙ୍କ ମସ୍ତକର ଆଘାତ ପାଇ ଶୃଗାଳ ମୃତ ହେଲା।

ଦେବଶର୍ମା ଏହି ଶୃଗାଳ କଥା ଚିନ୍ତା କରି କରି ନିଜର ଧନର ଗଣ୍ଠିରି ପାଇଁ

ଧୀରେ ଧୀରେ ଯାଇ ଯେତେବେଳେ ଆଷାଢ଼ଭୂତିକୁ ଦେଖିବାକୁ ପାଇଲେ ନାହିଁ; ସେତେବେଳେ ସେ ଉତ୍କଣ୍ଠାରେ ଶୌଚକର୍ମ ସାରି କନ୍ଥାକୁ ଦେଖିଲେ; କିନ୍ତୁ ସେଥିରେ ଗଣ୍ଠିରି ଦେଖିଲେ ନାହିଁ। ତହୁଁ 'ହାୟ ହାୟ, ମୋତେ ଲୁଟି କରି ନେଇଗଲା' ବୋଲି ପାଟିକରି ସେ ମୂର୍ଚ୍ଛିତ ହୋଇ ତଳେ ପଡ଼ିଗଲେ। ମୁହୂର୍ତ୍ତକ ପରେ ଚେତନା ଲାଭ କରି ସେ ପୁନରାୟ ଉଠି ଫୁତ୍କାର କରିବାକୁ ଆରମ୍ଭ କଲେ, ''ରେ ଆଷାଢ଼ଭୂତି; ମୋତେ ଠକି ଦେଇ କୁଆଡ଼େ ଗଲୁ? ମୋତେ ଉତ୍ତର ଦେ।'' ଏହିପରି ଅନେକ ବିଳାପପୂର୍ବକ ସେ ତାହାର ପଦଚିହ୍ନକୁ ଅନୁସରଣ କରି ଧୀରେ ଧୀରେ ଚାଲିଲେ। ଏହିପରି ଯାଉ ଯାଉ ସନ୍ଧ୍ୟା ସମୟରେ ସେ ଗୋଟିଏ ଗ୍ରାମରେ ପହଞ୍ଚିଲେ। ଏହି ସମୟରେ ଜଣେ କୌଳିକ ଭାର୍ଯ୍ୟାକୁ ସଙ୍ଗରେ ଘେନି ମଦ୍ୟପାନ କରିବାପାଇଁ ନିକଟବର୍ତ୍ତୀ ସହରକୁ ଯାଉଥିଲା। ଦେବଶର୍ମା ତାହାକୁ ଦେଖି କହିଲେ, ''ଭଦ୍ର, ମୁଁ ସୂର୍ଯ୍ୟାସ୍ତ ସମୟର ଅତିଥିରୂପେ ତୁମ ପାଖରେ ଉପସ୍ଥିତ ହୋଇଅଛି। ଏ ଗ୍ରାମରେ ମୁଁ କାହାରିକୁ ଚିହ୍ନେ ନାହିଁ। ଅତଏବ ତୁମେ ମୋ' ପ୍ରତି ଅତିଥି-ଧର୍ମ ପାଳନ କର। କଥିତ ଅଛି –

ସଂପ୍ରାପ୍ତୋ ଯୋଽତିଥିଃ ସାୟଂ ସୂର୍ଯ୍ୟୋଢ଼ୋ ଗୃହମେଧିନାମ୍।
ପୂଜୟା ତସ୍ୟ ଦେବତ୍ୱଂ ପ୍ରୟାନ୍ତି ଗୃହମେଧିନଃ॥ ୧୮୨॥

ଯେଉଁ ଅତିଥି ସନ୍ଧ୍ୟାର ସୂର୍ଯ୍ୟାସ୍ତ ସମୟରେ ଗୃହସ୍ଥର ଘରେ ଉପସ୍ଥିତ ହୁଏ; ତାହାର ପୂଜାକରିବାଦ୍ୱାରା ସେ ଗୃହସ୍ଥଲୋକ ଦେବତାସଦୃଶ ହୋଇଯାଏ। ୧୮୨। ପୁଣି –

ତୃଣାନି ଭୂମିରୁଦକଂ ବାକ୍‌ଚତୁର୍ଥୀ ଚ ସୂନୃତା।
ସତାମେତାନି ହର୍ମ୍ୟେଷୁ ନୋଚ୍ଛିଦ୍ୟନ୍ତେ କଦାଚନ॥ ୧୮୩॥

ତୃଣ (କୁଶାସନ), ଭୂମି, ଜଳ ଏବଂ ସତ୍ୟ ଓ ପ୍ରିୟବାକ୍ୟ– ଏ ଚାରୋଟି ଦ୍ରବ୍ୟର ଅଭାବ ସାଧୁଲୋକମାନଙ୍କ ଗୃହରେ କେବେହେଲେ ଘଟେ ନାହିଁ। ୧୮୩।

ସ୍ୱାଗତେନାଗ୍ନୟସ୍ତୃପ୍ତା ଆସନେନ ଶତକ୍ରତୁଃ।
ପାଦଶୌଚେନ ପିତରଃ ଅର୍ଘାଚ୍ଛମ୍ଭୁସ୍ତଥାତିଥେଃ॥ ୧୮୪॥

ଅତିଥିଙ୍କୁ ସ୍ୱାଗତ ଜଣାଇବାଦ୍ୱାରା ଅଗ୍ନି, ଆସନ ପ୍ରଦାନଦ୍ୱାରା ଇନ୍ଦ୍ର, ପଦଧୌତ କରିବାଦ୍ୱାରା ପିତୃଗଣ ଓ ଅର୍ଘ୍ୟ ପ୍ରଦାନଦ୍ୱାରା ମହାଦେବ ପ୍ରସନ୍ନ ହୁଅନ୍ତି। ୧୮୪।

କୌଳିକ ଏହା ଶୁଣି ନିଜର ଭାର୍ଯ୍ୟାକୁ କହିଲା, ''ପ୍ରିୟେ, ତୁମେ ଅତିଥିଙ୍କୁ ସଙ୍ଗରେ ନେଇ ଗୃହକୁ ଯାଅ। ତାଙ୍କର ପଦଧୌତ କରି ଭୋଜନ, ଶଯ୍ୟା ପ୍ରଭୃତି ଦେଇ ସତ୍କାର କରି ଘରେ ରହିଥିବ। ମୁଁ ତୁମ ପାଇଁ ଯଥେଷ୍ଟ ମଦ୍ୟ ନେଇ ଆସିବି।'' ଏହା କହି ସେ ଚାଲିଗଲା। ସେହି ବ୍ୟଭିଚାରିଣୀ ଭାର୍ଯ୍ୟା ତାଙ୍କୁ ସଙ୍ଗରେ ନେଇ ହସି ହସି, ମନ ଭିତରେ ଦେବଶର୍ମାଙ୍କୁ ଚିନ୍ତା କରି କରି ଘରକୁ ଆସିଲା। ଅଥବା ଯଥାର୍ଥରେ କୁହାଯାଇଛି –

ଦୁର୍ଦ୍ଦିବସେ ଘନତିମିରେ ଦୁଃସଞ୍ଚାରାସୁ ନଗରବୀଥୀଷୁ।
ପତ୍ୟୁର୍ବିଦେଶଗମନେ ପରମସୁଖଂ ଜଘନଚପଳାୟାଃ॥ ୧୮୫॥

ମେଘାଚ୍ଛନ୍ନ ଦିବସରେ, ଘନ ଅନ୍ଧକାରରେ, ଅତି ସଂକୀର୍ଣ୍ଣ ଗଳିରେ ଏବଂ ପତିର ବିଦେଶଗମନରେ କୁଳଟା ରମଣୀମାନେ ପରମସୁଖ ଲାଭକରିଥାନ୍ତି। ୧୮୫।
ପୁଣି –

ପର୍ଯ୍ୟଙ୍କଂ ସ୍ୱାସ୍ତରଣଂ ପତିମନୁକୂଳଂ ମନୋହରଂ ଶୟନଂ ଚ।
ତୃଣମିବ ଲଘୁ ମନ୍ୟନ୍ତେ କାମିନ୍ୟଶ୍ଚୌର୍ଯ୍ୟରତଲୁବ୍ଧାଃ ॥ ୧୮୬ ॥

ପରପୁରୁଷ ସହିତ ରତିଲମ୍ପଟା ରମଣୀମାନେ ପଲଙ୍କ ଉପରେ ଉତ୍ତମ ଆଚ୍ଛାଦନ ବସ୍ତ୍ର, ନିଜର ଅନୁକୂଳ ପତି ଏବଂ ମନୋହର ଶୟନକୁ ମଧ୍ୟ ତୃଣତୁଲ୍ୟ ତୁଚ୍ଛ ମନେକରନ୍ତି। ୧୮୬। ପୁଣି –

କେଳିଂ ପ୍ରଦହତି ଲଜ୍ଜାଂ ଶୃଙ୍ଗାରୋଽସ୍ଥୀନି ଚାଟବଃ କଟବଃ।
ବନ୍ଧକ୍ୟାଃ ପରିତୋଷୋ ନ କିଞ୍ଚିଦିଷ୍ଟେ ଭବେତ୍ପତ୍ୟୌ ॥ ୧୮୭ ॥

ପତି ସହିତ ବ୍ୟଭିଚାରିଣୀ ରମଣୀର କାମକ୍ରୀଡ଼ା ଲଜ୍ଜାକୁ ପୋଡ଼ିଦିଏ, ହାଡ଼କୁ ଶୃଙ୍ଗାର ଜାଳିଦିଏ। ପତିର ଚାଟୁବାକ୍ୟକୁ ସେ କଟୁ ମନେକରେ। ବ୍ୟଭିଚାରିଣୀ ସ୍ତ୍ରୀର ପତିଠାରେ ସନ୍ତୋଷ ହୁଏ ନାହିଁ କି ଅଭିଳାଷ ପୂର୍ଣ୍ଣ ହୁଏ ନାହିଁ। ୧୮୭।

କୁଳପତନଂ ଜନଗର୍ହାଂ ବନ୍ଧନମପି ଜୀବିତବ୍ୟସନ୍ଦେହମ୍।
ଅଙ୍ଗୀକରୋତି କୁଳଟା ସତତଂ ପରପୁରୁଷସଂସକ୍ତା ॥ ୧୮୮ ॥

ପରପୁରୁଷ ପ୍ରତି ଆସକ୍ତ କୁଳଟା ରମଣୀ ସର୍ବଦା ନିଜ ବଂଶର ଅବନତି, ଲୋକନିନ୍ଦା, ବନ୍ଧନ, ଜୀବନସଂଶୟ – ଏଗୁଡ଼ିକୁ ବରଣ କରିନେଇଥାଏ। ୧୮୮।

ଏହା ପରେ କୌଳିକପତ୍ନୀ ଗୃହକୁ ଯାଇ ଦେବଶର୍ମାଙ୍କୁ ଗୋଟିଏ ଆଚ୍ଛାଦନହୀନ ଭଙ୍ଗା ଖଟ ଦେଇ କହିଲା, "ଭଗବାନ, ଗ୍ରାମରୁ ମୋର ସଖୀ ସହିତ କଥାବାର୍ତ୍ତା ହୋଇ ମୁଁ ଫେରିଆସିବା ପର୍ଯ୍ୟନ୍ତ ଆପଣ ସାବଧାନରେ ଆମ ଘରେ ଥାନ୍ତୁ।" ଏହା କହି ବେଶଭୂଷା ହୋଇ ସେ ଦେବଦତ୍ତ ପାଖକୁ ଗଲାବେଳକୁ ତାର ସ୍ୱାମୀ କୌଳିକ ସମ୍ମୁଖରେ ଉପସ୍ଥିତ ହେଲା। ମଦନିଶାରେ ତାର ଶରୀର ବିକଳ ହୋଇଥିଲା, ତାର କେଶ ଉନ୍ମୁକ୍ତ ଥିଲା, ପ୍ରତି ପଦରେ ତାର ପାଦ ସ୍ଖଳିତ ହେଉଥିଲା ଓ ସେ ଗୋଟିଏ ମଦ୍ୟଭାଣ୍ଡ ଧରିଥିଲା। ତାହାକୁ ଦେଖି ସେ ସତ୍ୱର ଫେରିପଡ଼ି ଗୃହରେ ପ୍ରବେଶ କଲା ଓ ବେଶଭୂଷା ଓହ୍ଲାଇ ଦେଇ ପୂର୍ବରୁ ଯେପରି ଥିଲା ସେହିପରି ହୋଇଗଲା। ଅଦ୍ଭୁତ ଶୃଙ୍ଗାର ବେଶ ପରିଧାନ କରିଥିବା ଓ ପଳାଇଯାଇଥିବା ନିଜର ସ୍ତ୍ରୀକୁ ସେ ଦେଖିପାରିଲା। ପୂର୍ବରୁ ସେ କର୍ଣ୍ଣରେ ସ୍ତ୍ରୀର ଅପବାଦ ଶୁଣି ଶୁଣି ନିତାନ୍ତ କ୍ଷୁବ୍ଧ ହୋଇ ସର୍ବଦା ନିଜର ମନୋଭାବକୁ ଲୁଚାଇ ରଖିଥିଲା। ଏବେ ସ୍ତ୍ରୀର ଏ ପ୍ରକାର ବ୍ୟବହାର ଦେଖି, ଦେଖିଲା କଥାକୁ ବିଶ୍ୱାସ କରି କ୍ରୋଧର ବଶୀଭୂତ ହୋଇଗଲା ଏବଂ ଗୃହରେ ପ୍ରବେଶ କରି ତାହାକୁ କହିଲା – "ଆଲୋ ପାପୀୟସି, ଭ୍ରଷ୍ଟାଚାରିଣି, କୁଆଡ଼େ ଯାଉଥିଲୁ ?"

ସେ କହିଲା, "ତୁମ ପାଖରୁ ଆସି ମୁଁ କୁଆଡ଼େ ବାହାରକୁ ଯାଇନାହିଁ। ମଦ ପିଇ ବୃଥା କାହିଁକି ଏଣୁତେଣୁ କହୁଛ। ଅଥବା ଏହା ଯଥାର୍ଥରେ କୁହାଯାଇଛି –

ବୈକଲ୍ୟଂ ଧରଣୀପାତମଯଥୋଚିତଜଳ୍ପନମ୍ ।
ସନ୍ନିପାତସ୍ୟ ଚିହ୍ନାନି ମଦ୍ୟଂ ସର୍ବାଣି ଦର୍ଶୟେତ୍ ।। ୧୮୯ ।।

(ଶରୀରର) ବୈକଲ୍ୟ, ଭୂମିରେ ପଡ଼ିବା ଓ ଯାହା ଇଚ୍ଛା ତାହା କହିବା–ଏସବୁ ସାନ୍ନିପାତିକ ଲକ୍ଷଣ ମଦଦ୍ୱାରା ପ୍ରକାଶ ପାଏ । ୧୮୯ ।

କରସ୍ପନ୍ଦୋଽମ୍ବରତ୍ୟାଗସ୍ତେଜୋହାନିଃ ସରାଗତା ।
ବାରୁଣୀସଙ୍ଗଜାବସ୍ଥା ଭାନୁନାପ୍ୟନୁଭୂୟତେ ।। ୧୯୦ ।।

ସୂର୍ଯ୍ୟ ମଧ ବାରୁଣୀ ସଙ୍ଗଜନିତ (ପଶ୍ଚିମ ଦିଗରେ ଅସ୍ତ ହେବାରୁ, ମଦ୍ୟପାନ କରିବାରୁ) ଅବସ୍ଥାକୁ ଅନୁଭବ କରିଥାନ୍ତି । ମଦ୍ୟପର କର କମ୍ପମାନ ହୁଏ, ଅସ୍ତଗାମୀ ସୂର୍ଯ୍ୟଙ୍କର କିରଣ ମଧ କମ୍ପମାନ ହୁଏ; ମଦ୍ୟପ ଅମ୍ବର (ବସ୍ତ୍ର) ତ୍ୟାଗ କରି ଫିଙ୍ଗିଦିଏ, ସୂର୍ଯ୍ୟ ମଧ ଅମ୍ବର (ଆକାଶକୁ) ତ୍ୟାଗ କରନ୍ତି । ମଦ୍ୟପର ତେଜୋହାନି ହୁଏ, ସୂର୍ଯ୍ୟଙ୍କର ମଧ ତେଜୋହାନି ଘଟେ; ମଦ୍ୟପର ମୁଖପରି ଅସ୍ତଗାମୀ ସୂର୍ଯ୍ୟ ମଧ ରକ୍ତବର୍ଣ୍ଣ ଧାରଣ କରନ୍ତି । ୧୯୦ ।

କୌଳିକ ମଧ ସ୍ତ୍ରୀର ପ୍ରତିକୂଳ ବାକ୍ୟ ଶୁଣି ତଥା ବେଶପରିବର୍ତ୍ତନ ଦେଖି ତାହାକୁ କହିଲା, "କୁଳଟା, ବହୁଦିନୁ ମୁଁ ତୋର ଅପବାଦ ଶୁଣିଆସିଥିଲି । ତେବେ ଆଜି ମୋର ବିଶ୍ୱାସ ଜନ୍ମିଛି; ତେଣୁ ଦଣ୍ଡ ଦେବି ।" ଏହା କହି ଯଷ୍ଟିପ୍ରହାରରେ ତାର ଦେହକୁ ଜର୍ଜରିତ କରି, ତାକୁ ଗୋଟିଏ ଖମ୍ବରେ ଦୃଢ଼ରୂପେ ବାନ୍ଧି କୌଳିକ ମଦନିଶାରେ ଅଭିଭୂତ ହୋଇ ନିଦ୍ରାର ବଶୀଭୂତ ହେଲା । ଏଥିମଧରେ କୌଳିକ ନିଦ୍ରାବଶ ହୋଇଥିବାର ଜାଣି କୌଳିକପତ୍ନୀର ସଖୀ ନାପିତୁଣୀ ତାହା ପାଖକୁ ଯାଇ କହିଲା, "ସଖି, ସେ ଦେବଦତ୍ତ ସେହି ସ୍ଥାନରେ ତୋତେ ଅପେକ୍ଷା କରି ରହିଛି । ଅତଏବ ତୁ ଶୀଘ୍ର ଆ ।" ସେ କହିଲା, "ମୋର ଅବସ୍ଥାକୁ ଦେଖ । ତେଣୁ କିପରି ଯିବି ? ତୁ ଯାଇ ସେହି କାମାସକ୍ତ ଦେବଦତ୍ତକୁ କହି ଦେ– ଆଜି ରାତିରେ ତା ସଙ୍ଗେ ମିଳନ ହୋଇପାରିବ ନାହିଁ ।" ନାପିତୁଣୀ କହିଲା, "ସଖି ! ଏମିତି କଥା କହନା । ଏହା କୁଳଟାର ଧର୍ମ ନୁହେଁ । କଥିତ ଅଛି–

ବିଷମସ୍ଥସ୍ୱାଦୁଫଳଗ୍ରହଣବ୍ୟବସାୟନିଶ୍ଚୟୋ ଯେଷାମ୍ ।
ଉଷ୍ଟ୍ରାଣାମିବ ତେଷାଂ ମନ୍ୟେଽହଂ ସଂଶିତଂ ଜନ୍ମ ।। ୧୯୧ ।।

ଯେଉଁମାନେ ଉଷ୍ଟ୍ରମାନଙ୍କପରି ଦୁର୍ଲଙ୍ଘ୍ୟ ସ୍ଥାନରେ ଅବସ୍ଥିତ ସୁସ୍ୱାଦୁ ଫଳକୁ ଆହରଣ କରିବାରେ ଦୃଢ଼ସଂକଳ୍ପ, ସେମାନଙ୍କର ଜନ୍ମ ପ୍ରଶଂସନୀୟ ବୋଲି ମୁଁ ମନେକରେ । ୧୯୧ । ପୁଣି–

ସନ୍ଦିଗ୍ଧେ ପରଲୋକେ ଜନାପବାଦେ ଚ ଜଗତି ବହୁଚିତ୍ରେ ।
ସ୍ୱାଧୀନେ ପରରମଣେ ଧନ୍ୟାସ୍ତାରୁଣ୍ୟଫଳଭାଜଃ ।। ୧୯୨ ।।

ପରଲୋକ ବିଷୟରେ ସନ୍ଦେହ ଅଛି; ଏ ସଂସାରରେ ବହୁ ବିଚିତ୍ର ଲୋକାପବାଦ ଶୁଣାହୋଇଥାଏ; କିନ୍ତୁ ପରପୁରୁଷ ସହିତ ସମ୍ଭୋଗ ନିଜର ଅଧୀନ । ତେଣୁ ଯେଉଁମାନେ ଯୌବନର ଫଳକୁ ଭୋଗକରନ୍ତି, ସେମାନେ ଧନ୍ୟ । ୧୯୨ । ପୁଣି–

ଯଦି ଭବତି ଦୈବଯୋଗାତ୍ପୁମାନ୍ ବିରୂପୋଽପି ବନ୍ଧକୀ ରହସି ।
ନ ତୁ କୃଚ୍ଛ୍ରାଦପି ଭଦ୍ରଂ ନିଜକାନ୍ତଂ ସା ଭଜତ୍ୟେବ ।। ୧୯୩ ।।

ଯଦି ଦୈବଯୋଗରୁ କୁରୂପ ପୁରୁଷ ମଧ୍ୟ ମିଳିଯାଏ, ବ୍ୟଭିଚାରିଣୀ ସ୍ତ୍ରୀ ଏକାନ୍ତରେ ତା ସଙ୍ଗେ ସମ୍ଭୋଗସୁଖ ଭୋଗକରେ; କିନ୍ତୁ କଷ୍ଟରେ ମଧ୍ୟ ନିଜର ସୁନ୍ଦର ପତିକୁ ଭୋଗକରେ ନାହିଁ ।'' । ୧୯୩ ।

କୌଳିକପତ୍ନୀ କହିଲା, ''ଯଦି ଏପରି କଥା ତେବେ ଦୃଢ଼ବନ୍ଧନରେ ଆବଦ୍ଧ ଥାଇ ମୁଁ କିପରି ସେଠାକୁ ଯିବି ? ମୋର ଦୁରାତ୍ମା ସ୍ୱାମୀ ପାଖରେ ରହିଛି ।''

ନାପିତୁଣୀ କହିଲା, ''ସଖି; ସେ ମଦନିଶାରେ ବିହ୍ୱଳ ହୋଇ ପଡ଼ିଛି । ତା ଉପରେ ସୂର୍ଯ୍ୟକିରଣ ପଡ଼ିଲେ ସେ ନିଦରୁ ଉଠିବ । ତେଣୁ ମୁଁ ତୋତେ ବନ୍ଧନରୁ ମୁକ୍ତ କରିଦେଉଛି । ମୋତେ ତୋ ପରିବର୍ତ୍ତରେ ଖମ୍ବରେ ବାନ୍ଧିଦେଇ ଦେବଦତ୍ତର ଅଭିଳାଷ ପୂରଣ କରି ଶୀଘ୍ର ଫେରିଆ ।'' କୌଳିକପତ୍ନୀ କହିଲା, ''ତାହାହିଁ ହେଉ ।''

ତତ୍ପରେ ନାପିତୁଣୀ ନିଜର ସଖୀକୁ ବନ୍ଧନରୁ ଫିଟାଇ ତାହା ସ୍ଥାନରେ ନିଜକୁ ପୂର୍ବକଥିତମତେ ବାନ୍ଧି ତାକୁ ଦେବଦତ୍ତ ପାଖକୁ ସଙ୍କେତ ସ୍ଥାନକୁ ପଠାଇଦେଲା ।

ଏହିପରି କରାଯିବାର କିଛି ସମୟ ପରେ କୌଳିକ ଉଠିପଡ଼ିଲା । ତାର କ୍ରୋଧ ଟିକେ କମିଆସିଥିଲା ଓ ନିଶା ଛାଡ଼ିଯାଇଥିଲା । ସେ ଯାଇ କହିଲା, ''ହେ କଠୋରଭାଷିଣି ! ଯେବେ ଆଜିଠାରୁ ଘରୁ ବାହାରିବୁ ନାହିଁ, କର୍କଶ କଥା କହିବୁ ନାହିଁ, ତାହାହେଲେ ତୋତେ ବନ୍ଧନରୁ ଫିଟାଇଦେବି ।'' ସ୍ୱରରୁ ଧରାପଡ଼ିଯିବା ଭୟରେ ନାପିତୁଣୀ କିଛି ନ କହିବାରୁ ସେ ବାରମ୍ବାର ସେହି କଥା କହିଲା; ତଥାପି ସେ କୌଣସି ପ୍ରତ୍ୟୁତ୍ତର ନ ଦେବାରୁ କୌଳିକ କ୍ରୁଦ୍ଧ ହୋଇ ଗୋଟିଏ ତୀକ୍ଷ୍ଣ ଅସ୍ତ୍ର ଆଣି ତାହାର ନାକକୁ କାଟିଦେଲା ଏବଂ କହିଲା, ''ବ୍ୟଭିଚାରିଣି ! ଏବେ ରହିଥା । ଆଉ ତୋତେ ସନ୍ତୋଷ କରିବାକୁ ଯିବିନାହିଁ ।'' ଏହା କହି ସେ ପୁଣି ନିଦ୍ରାର ବଶୀଭୂତ ହୋଇପଡ଼ିଲା ।

ଦେବଶର୍ମା ମଧ୍ୟ ଧନନାଶହେତୁ କ୍ଷୁଧାରେ ଶୁଷ୍କକଣ୍ଠ ହୋଇ, ବିନିଦ୍ର ରହି ଏସବୁ ସ୍ତ୍ରୀଚରିତ୍ର ଦେଖୁଥିଲେ । କୌଳିକପତ୍ନୀ ଦେବଦତ୍ତ ସହିତ ଯଥେଚ୍ଛା ରତିସୁଖ ଅନୁଭବ କରି କିଛି ସମୟ ପରେ ସ୍ୱଗୃହକୁ ଆସି ନାପିତୁଣୀକୁ କହିଲା, ''ତୋର ସବୁ କୁଶଳ ତ ! ମୁଁ ଚାଲିଯିବା ପରେ ସେ ପାପାତ୍ମା ଉଠିନାହିଁ ?'' ନାପିତୁଣୀ କହିଲା, ''ନାସିକାଟି ଛଡ଼ା ଅବଶିଷ୍ଟ ଶରୀରର କୁଶଳ । ମୋତେ ଶୀଘ୍ର ଫିଟାଇଦେ, ଯେପରିକି ସେ ମୋତେ ଦେଖି ନ ପାରେ । ତାହାହେଲେ ମୁଁ ନିଜ ଘରକୁ ଚାଲିଯିବି ।'' ତାହାହିଁ କରାଯିବାପରେ କୌଳିକ ପୁନରାୟ ନିଦରୁ ଉଠି ତାକୁ କହିଲା – ''ବ୍ୟଭିଚାରିଣି ! ଏବେ ସୁଦ୍ଧା କଥା କହୁନାହୁଁ । କଅଣ ପୁଣି କର୍ଣ୍ଣ ଛେଦନ କରି ଆହୁରି କଠିନ ଦଣ୍ଡ ଦେବି ?'' ତହୁଁ କୌଳିକପତ୍ନୀ କ୍ରୋଧ ଓ ଆକ୍ଷେପ ପ୍ରକାଶ କରି କହିଲା, ''ଆରେ ମହାମୂର୍ଖ ! ମୋ ଭଳି ମହାସତୀକୁ କିଏ ଧର୍ଷଣ ବା ବିକଳାଙ୍ଗ କରିପାରିବ ? ସକଳ ଲୋକପାଳ ଶୁଣନ୍ତୁ –

ଆଦିତ୍ୟଚନ୍ଦ୍ରାବନିଲୋଽନଲଶ୍ଚ ଦ୍ୟୌର୍ଭୂମିରାପୋ ହୃଦୟଂ ଯମଶ୍ଚ

ଅହଶ୍ଚ ରାତ୍ରିଶ୍ଚ ଉଭେ ଚ୍‌ ସନ୍ଧ୍ୟେ ଧର୍ମଶ୍ଚ ଜାନାତି ନରସ୍ୟ ବୃତ୍ତମ୍‌ ।। ୧୯୪ ।।

ସୂର୍ଯ୍ୟ, ଚନ୍ଦ୍ର, ବାୟୁ, ଅଗ୍ନି, ଆକାଶ, ପୃଥିବୀ, ଜଳ, ହୃଦୟ, ଯମ, ଦିବା, ରାତ୍ରି, ଦ୍ୱିସନ୍ଧ୍ୟା (ପ୍ରାତଃ ଓ ପ୍ରଦୋଷ), ଧର୍ମ – ଏମାନେ ମନୁଷ୍ୟର ଚରିତ୍ର ଜାଣନ୍ତି । ୧୯୪ ।

ତେଣୁ ଯଦି ମୋର ସତୀତ୍ୱ ଥାଏ, ମନରେ ସୁଦ୍ଧା ପରପୁରୁଷକୁ କାମନା କରି ନ ଥାଏଁ; ତେବେ ଦେବତାମାନେ ମୋର ନାସିକାକୁ ପୁନରାୟ ଅକ୍ଷତ କରି-ଦିଅନ୍ତୁ । ଅଥବା ଯଦି ମୋର ଅନ୍ତରରେ ପରପୁରୁଷର ଭ୍ରାନ୍ତି ମଧ୍ୟ ଥାଏ, ତେବେ ମୋତେ ଭସ୍ମ କରିଦିଅନ୍ତୁ ।''

ଏହା କହି ସେ ପୁଣି ତାର ସ୍ୱାମୀକୁ କହିଲା, ''ରେ ଦୁରାତ୍ମା ! ଦେଖ, ମୋର ସତୀତ୍ୱ ପ୍ରଭାବରେ ନାସିକା ପୂର୍ବପରି ହୋଇଗଲାଣି ।'' ତହୁଁ କୌଳିକ ମଶାଲ ଆଣି ଯେତେବେଳେ ଚାହିଁଲା ସେତେବେଳେ ସେହିପରି ଅକ୍ଷତ ନାସିକା ଏବଂ ଭୂମି ଉପରେ ମହାରକ୍ତପ୍ରବାହ ଦେଖିଲା । ତତ୍ପରେ ସେ ବିସ୍ମିତମନା ହୋଇ ସ୍ତ୍ରୀକୁ ବନ୍ଧନରୁ ଫିଟାଇ ଶଯ୍ୟାରେ ବସାଇ ଶତ ଶତ ଚାଟୁବାକ୍ୟରେ ତାକୁ ସନ୍ତୁଷ୍ଟ କଲା ।

ଦେବଶର୍ମା ମଧ୍ୟ ଏ ସମସ୍ତ ଘଟଣା ଦେଖି ଆଶ୍ଚର୍ଯ୍ୟାନ୍ୱିତ ହୋଇ କହିଲେ –

ଶମ୍ବରସ୍ୟ ଚ୍‌ ଯା ମାୟା ଯା ମାୟା ନମୁଚେରପି ।
ବଳେଃ କୁମ୍ଭୀନସସ୍ୟୈବ ସର୍ବାସ୍ତା ଯୋଷିତୋ ବିଦୁଃ ।। ୧୯୫ ।।

ଶମ୍ବରାସୁରର ଯେଉଁ ମାୟା, ନମୁଚି ରାକ୍ଷସର ଯେଉଁ ମାୟା, ବଳି ଓ କୁମ୍ଭୀନସଙ୍କର ବିଷାକ୍ତ ସର୍ଗ ଯେଉଁ ମାୟା – ଏସବୁ ମାୟାକୁ ରମଣୀମାନେ ଜାଣନ୍ତି । ୧୯୫ ।

[ନମୁଚି – ଶୁମ୍ଭ ଓ ନିଶୁମ୍ଭଙ୍କର ସାନଭାଇ; ବଳି – ବିରୋଚନଙ୍କର ପୁଅ; କୁମ୍ଭୀନସୀ – ଲବଣାସୁରର ମାତା ଓ ରାବଣର ମାଉସୀ ।]

ହସନ୍ତଂ ପ୍ରହସନ୍ତ୍ୟେତା ରୁଦନ୍ତଂ ପ୍ରରୁଦନ୍ତ୍ୟପି ।
ଅପ୍ରିୟଂ ପ୍ରିୟବାକ୍ୟୈଶ୍ଚ ଗୃହ୍ଣନ୍ତି କାଲଯୋଗତଃ ।। ୧୯୬ ।।

ଏମାନେ ହସୁଥିବା ଲୋକଙ୍କ ସାଥିରେ ହସନ୍ତି, କାନ୍ଦୁଥିବା ଲୋକଙ୍କ ସାଥିରେ କାନ୍ଦନ୍ତି ଏବଂ ଅବସର ଅନୁସାରେ ପ୍ରିୟବାକ୍ୟଦ୍ୱାରା ଅପ୍ରିୟ ଲୋକଙ୍କୁ ନିଜର କରି-ନିଅନ୍ତି । ୧୯୬ ।

ଉଶନା ବେଦ ଯଚ୍ଛାସ୍ତ୍ରଂ ଯଚ୍ଚ ବେଦ ବୃହସ୍ପତିଃ ।
ସ୍ତ୍ରୀବୁଦ୍ଧ୍ୟା ନ ବିଶିଷ୍ୟେତ ତସ୍ମାଦ୍ରକ୍ଷ୍ୟାଃ କଥଂ ହି ତାଃ ।। ୧୯୭ ।।

ଯେଉଁ ଶାସ୍ତ୍ରକୁ ଶୁକ୍ରାଚାର୍ଯ୍ୟ ଜାଣନ୍ତି, ଯେଉଁ ଶାସ୍ତ୍ରକୁ ବୃହସ୍ପତି ଜାଣନ୍ତି, ସେ ଶାସ୍ତ୍ର ସ୍ତ୍ରୀବୁଦ୍ଧିର ବହିର୍ଭୂତ ନୁହେଁ । ତେଣୁ ଏ ସ୍ତ୍ରୀମାନଙ୍କୁ କିପରି ରକ୍ଷା କରିହେବ ? । ୧୯୭ ।

ଅନୃତଂ ସତ୍ୟମିତ୍ୟାହୁଃ ସତ୍ୟଂ ଚାପି ତଥା ନୃତମ୍‌ ।
ଇତି ଯାସ୍ତାଃ କଥଂ ଧୀରୈଃ ସଂରକ୍ଷ୍ୟାଃ ପୁରୁଷୈରିହ ।। ୧୯୮ ।।

ଯେଉଁ ସ୍ତ୍ରୀମାନେ ମିଥ୍ୟାକୁ ସତ୍ୟ ଓ ସତ୍ୟକୁ ମିଥ୍ୟା ବୋଲି କହନ୍ତି, ସେମାନଙ୍କୁ କିପରି ଧୀର ପୁରୁଷ ରକ୍ଷାକରିପାରିବ ? ।୧୯୮ । ଅନ୍ୟତ୍ର କୁହାଯାଇଛି –

ନାତିପ୍ରସଙ୍ଗଃ ପ୍ରମଦାସୁ କାର୍ଯ୍ୟୋ
ନେଚ୍ଛେଦ୍‌ବଳଂ ସ୍ତ୍ରୀଷୁ ବିବର୍ଦ୍ଧମାନମ୍‌।
ଅତିପ୍ରସକ୍ତୈଃ ପୁରୁଷୈର୍ଯତସ୍ତାଃ
କ୍ରୀଡ଼ନ୍ତି କାକୈରିବ ଲୂନପକ୍ଷୈଃ।। ୧୯୯ ।।

ସ୍ତ୍ରୀମାନଙ୍କଠାରେ ଅଧିକ ଆସକ୍ତ ରହିବା ଉଚିତ ନୁହେଁ; ସେମାନଙ୍କର ବଳର ବର୍ଦ୍ଧନ ଇଚ୍ଛା କରିବା ଅନୁଚିତ। କାରଣ, ପକ୍ଷ କଟାଯାଇଥିବା କୁଆ ସହିତ ଖେଳିଲାପରି ସେମାନେ ଅତ୍ୟଧିକ ପୁରୁଷମାନଙ୍କ ସହିତ ଖେଳନ୍ତି। ୧୯୯।

ସୁମୁଖେନ ବଦନ୍ତି ବଲ୍‌ଗୁନା ପ୍ରହରନ୍ତ୍ୟେବ ଶିତେନ ଚେତସା।
ମଧୁ ତିଷ୍ଠତି ବାଚି ଯୋଷିତାଂ ହୃଦୟେ ହଳାହଳଂ ମହଦ୍‌ବିଷମ୍‌।। ୨୦୦ ।।

ଏମାନେ ସୁନ୍ଦର ମୁଖଦ୍ୱାରା ମଧୁରବାକ୍ୟ କହନ୍ତି ଏବଂ ଶାଣିତ ହୃଦୟଦ୍ୱାରା ପ୍ରହାର କରନ୍ତି। ନାରୀମାନଙ୍କର ବାକ୍ୟରେ ମଧୁ ଓ ହୃଦୟରେ ହଳାହଳ ବିଷ ରହିଥାଏ। ୨୦୦।

ଅତଏବ ନିପୀୟତେଽଧରୋ ହୃଦୟଂ ମୁଷ୍ଟିଭିରେବ ତାଡ୍ୟତେ।
ପୁରୁଷୈଃ ସୁଖଲେଶବଞ୍ଚିତୈର୍ମଧୁଲୁବ୍‌ଧୈଃ କମଳଂ ଯଥାଳିଭିଃ।। ୨୦୧ ।।

ଅତଏବ, ଯେପରି ମଧୁଲୋଭୀ ଭ୍ରମର କମଳର ଅଧର ପାନକରୁଥାଏ ଓ ତାର ବକ୍ଷଦେଶକୁ ଡେଣାଦ୍ୱାରା ପ୍ରହାର କରୁଥାଏ; ସେହିପରି କାମୁକ ପୁରୁଷମାନେ ଲବମାତ୍ର ସୁଖରୁ ବଞ୍ଚିତ ହୋଇ ଏମାନଙ୍କର ଅଧର ଚୁମ୍ବନ କରନ୍ତି ଓ ବକ୍ଷରେ ମୁଷ୍ଟ୍ୟାଘାତ କରନ୍ତି। ୨୦୧। ପୁଣି –

ଆବର୍ତ୍ତଃ ସଂଶୟାନାମବିନୟଭବନଂ ପତ୍ତନଂ ସାହସାନାଂ
ଦୋଷାଣାଂ ସଂନିଧାନଂ କପଟଶତଗୃହଂକ୍ଷେତ୍ରମପ୍ରତ୍ୟୟାନାମ୍‌।
ଦୁର୍ଗ୍ରାହ୍ୟଂ ଯନ୍ମହଦ୍‌ଭିର୍ନରବରବୃଷଭୈଃ ସର୍ବମାୟାକରଣ୍ଡଂ
ସ୍ତ୍ରୀଯନ୍ତ୍ରଂ କେନ ଲୋକେ ବିଷମମୃତଯୁତଂ ଧର୍ମନାଶାୟ ସୃଷ୍ଟମ୍‌।।୨୦୨।।

ସନ୍ଦେହର ଆବର୍ତ୍ତସ୍ୱରୂପ, ଅବିନୟର ଗୃହସ୍ୱରୂପ, ସାହସର ନଗରସ୍ୱରୂପ, ଦୋଷମାନଙ୍କର ଭଣ୍ଡାରସ୍ୱରୂପ, ଶତ ଶତ କପଟର ସ୍ଥାନସ୍ୱରୂପ, ଅବିଶ୍ୱାସର କ୍ଷେତ୍ରସ୍ୱରୂପ ଏବଂ ମହାନ୍ ନରପୁଙ୍ଗବମାନଙ୍କଦ୍ୱାରା ମଧ୍ୟ ଆୟତ୍ତ ହେବାକୁ ଅଶକ୍ୟ ଓ ସକଳପ୍ରକାର ମାୟାର ମଞ୍ଜୁଷାସ୍ୱରୂପ ବିଷ ଓ ଅମୃତଯୁକ୍ତ ସ୍ତ୍ରୀଯନ୍ତ୍ରଟିକୁ ଧର୍ମନାଶ ନିମନ୍ତେ ଜଗତ୍‌ରେ କିଏ ସୃଷ୍ଟିକଲା ?। ୨୦୨।

କାର୍କଶ୍ୟଂ ସ୍ତନୟୋର୍ଦୃଶୋସ୍ତରଳତାଲୀକଂ ମୁଖେ ଦୃଶ୍ୟତେ
କୌଟିଲ୍ୟଂ କଚ୍‌ସଂଚୟେ ପ୍ରବଚନେ ମାନ୍ଦ୍ୟଂ ତ୍ରିକେ ସ୍ଥୂଳତା।
ଭୀରୁତ୍ୱଂ ହୃଦୟେ ସଦୈବ କଥିତଂ ମାୟାପ୍ରୟୋଗଃ ପ୍ରିୟେ
ଯାସାଂ ଦୋଷଗଣୋ ଗୁଣୋ ମୃଗଦୃଶାଂ ତାଃ କିଂ ନରାଣାଂ ପ୍ରିୟାଃ।।୨୦୩।।

ଯାହାଙ୍କ ସ୍ତନଯୁଗଳରେ କର୍କଶତା, ଚକ୍ଷୁଦ୍ୱୟରେ ଚଞ୍ଚଳତା, ମୁଖରେ ଅସତ୍ୟ, କେଶପାଶରେ କୁଟିଳତା, ଭାଷାରେ ମାନ୍ଦ୍ୟ, ଜଘନରେ ସ୍ଥୂଳତା, ହୃଦୟରେ ଭୀରୁତା,

ସ୍ୱାମୀ ପ୍ରତି କପଟ ଆଚରଣ ସର୍ବଦା ବିଦ୍ୟମାନ ଏବଂ ଯେଉଁ ମୃଗଲୋଚନାମାନଙ୍କର ଦୋଷସମୂହ ମଧ୍ୟ ଗୁଣରୂପେ ବିବେଚିତ ହୁଏ, ସେମାନେ କି କୌଣସି ପୁରୁଷର ପ୍ରିୟା ହୋଇପାରନ୍ତି? ୨୦୩।

ଏତା ହସନ୍ତି ଚ ରୁଦନ୍ତିଚ କାର୍ଯ୍ୟହେତୋ-
ର୍ବିଶ୍ୱାସୟନ୍ତି ପୁରୁଷଂ ନ ଚ ବିଶ୍ୱସନ୍ତି।
ତସ୍ମାନ୍ନରେଣ କୁଳଶୀଳସମନ୍ୱିତେନ
ନାର୍ଯ୍ୟଃ ଶ୍ମଶାନଘଟିକା ଇବ ବର୍ଜନୀୟା ॥୨୦୪॥

ଏମାନେ କାର୍ଯ୍ୟ ଉଦ୍ଧାର ନିମନ୍ତେ ହସନ୍ତି, କାନ୍ଦନ୍ତି; ଅନ୍ୟମାନଙ୍କର ନିଜ ପ୍ରତି ବିଶ୍ୱାସ ସୃଷ୍ଟି କରନ୍ତି; କିନ୍ତୁ ସେମାନଙ୍କୁ ବିଶ୍ୱାସ କରନ୍ତି ନାହିଁ। ସେଥିପାଇଁ କୁଳୀନ ଓ ସଚ୍ଚରିତ୍ର ପୁରୁଷମାନେ ନାରୀମାନଙ୍କୁ ଶ୍ମଶାନକଳସତୁଲ୍ୟ ବର୍ଜନ କରିବା ଉଚିତ। ୨୦୪।

ବ୍ୟାକୀର୍ଣ୍ଣକେସରକରାଳମୁଖା ମୃଗେନ୍ଦ୍ରା
ନାଗାଶ୍ଚ ଭୂରିମଦରାଜିବିରାଜମାନାଃ।
ମେଧାବିନଶ୍ଚ ପୁରୁଷାଃ ସମରେଷୁ ଶୂରାଃ
ସ୍ତ୍ରୀସନ୍ନିଧୌ ପରମକାପୁରୁଷା ଭବନ୍ତି॥ ୨୦୫॥

କେଶରଗୁଡ଼ିକ ଇତସ୍ତତଃ ବିକ୍ଷିପ୍ତ ହୋଇଥିବାରୁ ଭୀଷଣମୁଖାକୃତି ସିଂହ, ପ୍ରଚୁର ମଦବାରୀ ପ୍ରବାହହେତୁ ମତ୍ତହସ୍ତୀ ଏବଂ ପ୍ରତିଭାଶାଳୀ ଯୁଦ୍ଧଜୟୀ ବୀରପୁରୁଷ ମଧ୍ୟ ସ୍ତ୍ରୀମାନଙ୍କ ନିକଟରେ କାପୁରୁଷ ହୋଇଯାନ୍ତି। ୨୦୫।

କୁର୍ବନ୍ତି ତାବତ୍ପ୍ରଥମଂ ପ୍ରିୟାଣି ଯାବନ୍ନ ଜାନନ୍ତି ନରଂ ପ୍ରସକ୍ତମ୍।
ଜ୍ଞାତ୍ୱା ଚ ତଂ ମନ୍ମଥପାଶବଦ୍ଧଂ ଗ୍ରସ୍ତାମିଷଂ ମୀନମିବୋଦ୍ଧରନ୍ତି॥୨୦୬॥

ଯେତେବେଳଯାଏ ପୁରୁଷ ତା'ଠାରେ ଆସକ୍ତ ବୋଲି ସ୍ତ୍ରୀ ଜାଣି ନଥାଏ, ସେତେବେଳ ପର୍ଯ୍ୟନ୍ତ ସେ ପୁରୁଷର ପ୍ରିୟ କାର୍ଯ୍ୟ କରୁଥାଏ। ପୁରୁଷ ମନ୍ମଥପାଶରେ ଆବଦ୍ଧ ହେଲାଣି, ଏହା ଜାଣିଲାକ୍ଷଣି ଯେପରି ମାଂସଲୋଭରେ ମାଛକୁ ବନଶିରେ ଟାଣିନିଆଯାଏ ସେହିପରି ସେ ତାକୁ ବଶ କରିନିଏ। ୨୦୬।

ସମୁଦ୍ରବୀଚୀବ ଚଳସ୍ୱଭାବାଃ ସନ୍ଧ୍ୟାଭ୍ରରେଖେବ ମୁହୂର୍ତ୍ତରାଗାଃ।
ସ୍ତ୍ରିୟଃ କୃତାର୍ଥାଃ ପୁରୁଷଂ ନିରର୍ଥଂ ନିଷ୍ପୀଡ଼ିତାଲକ୍ତକବତ୍ ତ୍ୟଜନ୍ତି॥ ୨୦୭॥

ସମୁଦ୍ରତରଙ୍ଗତୁଲ୍ୟ ଚଞ୍ଚଳସ୍ୱଭାବା ଓ ସନ୍ଧ୍ୟାକାଳୀନ ମେଘରେଖାତୁଲ୍ୟ କ୍ଷଣକପାଇଁ ରକ୍ତବର୍ଣ୍ଣା ରମଣୀମାନେ ନିଜର ମନୋବାଞ୍ଛା ପୂରଣ କଲା ପରେ ଅଳତାକୁ ଚିପୁଡ଼ି ଫିଙ୍ଗିଦେଲାପରି ଧନହୀନ ପୁରୁଷକୁ ଦୂର କରିଦିଅନ୍ତି। ୨୦୭।

ଅନୃତଂ ସାହସଂ ମାୟା ମୂର୍ଖତ୍ୱମତିଲୋଭିତା।
ଅଶୌଚଂ ନିର୍ଦ୍ଦୟତ୍ୱଂ ଚ ସ୍ତ୍ରୀଣାଂ ଦୋଷାଃ ସ୍ୱଭାବଜାଃ॥ ୨୦୮॥

ଅସତ୍ୟ, ଦୁଃସାହସ, ମାୟା, ମୂର୍ଖତା, ଅତି ଲୋଭ, ଅଶୌଚ ଓ ନିର୍ଦ୍ଦୟତା– ଏଗୁଡ଼ିକ ହେଉଛି ସ୍ତ୍ରୀମାନଙ୍କର ସ୍ୱଭାବଗତ ଦୋଷ। ୨୦୮।

ସଂମୋହୟନ୍ତି ମଦୟନ୍ତି ବିଡ଼ମ୍ବୟନ୍ତି
ନିର୍ଭତ୍ସୟନ୍ତି ରମୟନ୍ତି ବିଷାଦୟନ୍ତି।
ଏତାଃ ପ୍ରବିଶ୍ୟ ସରଳଂ ହୃଦୟଂ ନରାଣାଂ
କିଂ ବା ନୁ ବାମନୟନା ନ ସମାଚରନ୍ତି॥ ୨୦୯ ॥

ଏମାନେ ପୁରୁଷକୁ ସମ୍ମୋହିତ କରନ୍ତି, ପ୍ରେମରେ ଉନ୍ମତ୍ତ କରନ୍ତି, ପ୍ରତାରଣା କରନ୍ତି, ଭର୍ତ୍ସନା କରନ୍ତି, ରମଣ କରନ୍ତି, ବିଷଣ୍ଣ କରନ୍ତି ଓ ପୁରୁଷର ସରଳ ହୃଦୟରେ ପ୍ରବେଶ କରନ୍ତି। ବାମଲୋଚନା ରମଣୀମାନେ କଅଣ ଅବା ନ କରନ୍ତି ? ୨୦୯ ।

ଅନ୍ତର୍ବିଷମୟା ହ୍ୟେତା ବହିଶ୍ଚୈବ ମନୋରମାଃ।
ଗୁଞ୍ଜାଫଳସମାକାରା ଯୋଷିତଃ କେନ ନିର୍ମିତାଃ॥୨୧୦॥

ଏମାନଙ୍କର ଅନ୍ତର ବିଷମୟ, ବାହାରଟି ସୁନ୍ଦର। ଏପରି ଗୁଞ୍ଜାଫଳସଦୃଶ (କାଇଞ୍ଚ ପରି) ନାରୀମାନଙ୍କୁ କିଏ ସୃଷ୍ଟି କଲା ?'। ୨୧୦।

ଏହିପରି ଚିନ୍ତା କରି କରି ପରିବ୍ରାଜକ ଅତି କଷ୍ଟରେ ରାତ୍ରିଯାପନ କଲେ। ନାକ କଟିଯାଇଥିବା ସେହି ନାପିତୁଣୀ ନିଜ ଘରକୁ ଚାଲିଯାଇ ଚିନ୍ତାକଲା – 'ବର୍ତ୍ତମାନ କଅଣ କରାଯିବ ? କିପରି ଏହି ମହାନ୍ ଦୋଷକୁ (ନାସିକାଛେଦନ) ଗୁପ୍ତ ରଖିହେବ ?'

ସେ ଏହିପରି ଚିନ୍ତା କରୁଥିବା ସମୟରେ କାର୍ଯ୍ୟବଶତଃ ରାଜପ୍ରାସାଦକୁ ଯାଇଥିବା ତାର ପତି ଅତି ପ୍ରଭାତରୁ ଘରକୁ ଆସି ଦ୍ୱାରମୁହଁରେ ରହି ବହୁତ ପୌରକାର୍ଯ୍ୟ ଥିବାରୁ ବ୍ୟଗ୍ର ହୋଇ ତାକୁ କହିଲା – "ଶୀଘ୍ର ମୋର କ୍ଷୁରମୁଠି ଆଣି ଦେ। ମୁଁ ସହରରେ କ୍ଷୌରକାର୍ଯ୍ୟ କରିବାକୁ ଯିବି।" ତହୁଁ ସେ ଛିନ୍ନନାସିକା ନାପିତୁଣୀ ନିଜ କାମ କରିବା ଛଳନାରେ ଗୃହ ମଧ୍ୟରେ ରହି କ୍ଷୁରମୁଠିରୁ ଗୋଟିଏ କ୍ଷୁର ଟାଣିଆଣି ତାହା ଆଡ଼କୁ ଫିଙ୍ଗିଦେଲା। ନାପିତ ଯିବାକୁ ବ୍ୟଗ୍ର ହେଉଥିଲା; ସେ କେବଳ ଗୋଟିଏ କ୍ଷୁର ଦେଖି କୋପାନ୍ୱିତ ହୋଇ ତାହା ଆଡ଼କୁ ସେହି କ୍ଷୁରଟିକୁ ଫିଙ୍ଗିଦେଲା। ଏହି ଅବସରରେ ସେ ଦୁଷ୍ଟା ନାପିତୁଣୀ ଦୁଇ ହାତକୁ ଉପରକୁ ଟେକି ଡାକ ପକାଇ ପକାଇ ଘରୁ ଦଉଡ଼ିଆସିଲା – "ଓହୋ ! ତୁମେମାନେ ଦେଖ, ଏ ପାପିଷ୍ଠ ମୋଭଳି ସତୀ ସ୍ତ୍ରୀର ନାକ କାଟିପକାଇଲା। ଏହାଠାରୁ ମୋତେ ରକ୍ଷାକର, ରକ୍ଷାକର।"

ଏହା ପରେ ରାଜପୁରୁଷମାନେ ଆସି ସେହି ନାପିତକୁ ଯଷ୍ଟିପ୍ରହାରରେ ଜର୍ଜରିତ କରି ଓ ଦୃଢ଼ବନ୍ଧନରେ ବାନ୍ଧି ଛିନ୍ନନାସିକା ନାପିତୁଣୀ ସହିତ ବିଚାରାଳୟକୁ ନେଇ କହିଲେ, "ଭୋ ବିଚାରକମଣ୍ଡଳି ! ଶୁଣିବା ହୁଅନ୍ତୁ। ଏ ନାପିତ ନିଜର ନିର୍ଦ୍ଦୋଷ ସ୍ତ୍ରୀକୁ ଏପରି ବିକଳାଙ୍ଗ କରିଅଛି; ତେଣୁ ଏହାର ଉପଯୁକ୍ତ ଦଣ୍ଡବିଧାନ କରନ୍ତୁ।" ଏହା ଶୁଣି ବିଚାରକମାନେ କହିଲେ, "ରେ ନାପିତ, ତୁ କାହିଁକି ତୋ ସ୍ତ୍ରୀର ଅଙ୍ଗଛେଦନ କଲୁ ? ସେ କଅଣ ପରପୁରୁଷକୁ କାମନା କରିଥିଲା ? ତାର ଦୋଷ କଅଣ, କହ।" ନାପିତର ଶରୀରରେ ପ୍ରହାର ହେତୁ ଅତ୍ୟଧିକ ପୀଡ଼ା ହେଉଥିବାରୁ ସେ କିଛି ମାତ୍ର କହିପାରିଲା ନାହିଁ। ସେ ତୁନି ହୋଇ ରହିବାର ଦେଖି ବିଚାରକମାନେ କହିଲେ – "ହୁଁ, ଏ ରାଜକର୍ମଚାରୀମାନଙ୍କର କଥା ସତ; ଏ ଗୋଟାଏ ପାପିଷ୍ଠ।

ଏ ନିର୍ଦ୍ଦୋଷ ସ୍ତ୍ରୀ ବେଚାରୀକୁ ବିକୃତ କରିଦେଇଛି। କୁହାଯାଇଛି –

ଭିନ୍ନ ସ୍ୱର ମୁଖବର୍ଣ୍ଣଃ ଶଙ୍କିତଦୃଷ୍ଟିଃ ସମୁତ୍ପତିତତେଜାଃ।
ଭବତି ହି ପାପଂ କୃତ୍ୱା ସ୍ୱକର୍ମସଂତ୍ରାସିତଃ ପୁରୁଷଃ॥ ୨୧୧॥

କଣ୍ଠସ୍ୱରର ପରିବର୍ତ୍ତନ, ମୁଖର ବିବର୍ଣ୍ଣତା, ଶଙ୍କାକୁଳ ଦୃଷ୍ଟି ଓ ତେଜୋହାନି– ଏଗୁଡ଼ିକ ହେଉଛି ନିଜ କୁକର୍ମ ହେତୁ ପାପକାରୀ ସନ୍ତ୍ରସ୍ତ ପୁରୁଷର ଲକ୍ଷଣ। ୨୧୧। ଆହୁରି ମଧ୍ୟ –

ଆୟାତି ସ୍ଖଳିତୈଃ ପାଦୈର୍ମୁଖବୈବର୍ଣ୍ଣ୍ୟସଂଯୁତଃ।
ଲଲାଟସ୍ୱେଦଭାଗ୍‌ଭୂରି ଗଦ୍‌ଗଦଂ ଭାଷତେ ବଚଃ॥ ୨୧୨॥

ଏ ପ୍ରକାର ଅପରାଧୀ ବିଚାରାଳୟକୁ ଟଳଟଳ ପାଦରେ ଆସେ, ତାର ମୁହଁ ବିବର୍ଣ୍ଣ ହୋଇଯାଏ, ଲଲାଟରେ ପ୍ରଚୁର ଘର୍ମ ଦେଖାଯାଏ ଓ ସେ ଗଦ୍‌ଗଦ ସ୍ୱରରେ କଥା କହେ। ୨୧୨।

ଅଧୋଦୃଷ୍ଟିର୍ବଦେତ୍ କୃତ୍ୱା ପାପଂ ପ୍ରାପ୍ତଃ ସଭାଂ ନରଃ।
ତସ୍ମାଦ୍‌ଯତ୍ନାଦ୍ ପରିଜ୍ଞେୟାଶ୍ଚିହ୍ନୈରେତୈର୍ବିଚକ୍ଷଣୈଃ॥ ୨୧୩॥

ଅପରାଧ କରିଥିବା ଲୋକ ବିଚାରାଳୟରେ କଥା କହିଲାବେଳକୁ ମୁହଁ ତଳକୁ କରିଦିଏ। ଏଣୁ ଏହି ସବୁ ଲକ୍ଷଣରୁ ବିଚାରକମାନେ ଅପରାଧୀକୁ ଚିହ୍ନିବା ଉଚିତ। ୨୧୩। ପରନ୍ତୁ –

ପ୍ରସନ୍ନବଦନୋ ହୃଷ୍ଟଃ ସ୍ପଷ୍ଟବାକ୍ୟଃ ସରୋଷଦୃକ୍।
ସଭାୟାଂ ବକ୍ତି ସାମର୍ଷଂ ସାବଷ୍ଟମ୍ଭୋ ନରଃ ଶୁଚିଃ॥ ୨୧୪॥

ଲୋକ ନିର୍ଦ୍ଦୋଷ ହୋଇଥିଲେ ସେ ପ୍ରସନ୍ନମୁଖ, ହର୍ଷଯୁକ୍ତ, ସ୍ପଷ୍ଟଭାଷୀ, କ୍ରୁଦ୍ଧଦୃଷ୍ଟି-ଯୁକ୍ତ ହୋଇ ବିଚାରାଳୟରେ କୋପ ଓ କଠୋରତା ସହ କଥା କହେ। ୨୧୪।

ଏ ନାପିତଠାରେ ଅପରାଧୀର ଲକ୍ଷଣସବୁ ଦେଖାଯାଉଛି। ନାରୀ ଧର୍ଷଣ ଅପରାଧରେ ଏ ବଧ ହେବାର ଯୋଗ୍ୟ। ତେଣୁ ଏହାକୁ ଶୂଳିରେ ଚଢ଼ାଇଦିଅ।'' ତାହାକୁ ବଧସ୍ଥାନକୁ ନିଆଯାଉଥିବାର ଦେଖି ଦେବଶର୍ମା ସେହି ବିଚାରକମାନଙ୍କ ପାଖକୁ ଯାଇ କହିଲେ, ''ବିଚାରକଗଣ, ଅନ୍ୟାୟରେ ଏହି ନାପିତ ବିଚରା ବଧ ହେବାକୁ ଯାଉଛି। ଏ ପ୍ରକୃତରେ ସଦାଚାରୀ ଅଟେ।''

ଶୃଗାଳ, ଦୂତୀ ଓ ମୁଁ ଯେପରି ନିଜକୃତ ଦୋଷରେ ଦୋଷୀ ହେଲୁ, ଏହା ସେହିପରି ଘଟିବାକୁ ଯାଉଛି।

ତହୁଁ ବିଚାରକମାନେ କହିଲେ, ''ଭଗବାନ୍, ଏ କଥା କିପରି ?'' ତପ୍ରରେ ଦେବଶର୍ମା ସେହି ତିନିଙ୍କର କଥା ବିସ୍ତାରିତ ଭାବରେ କହିଲେ। ଏହା ଶୁଣି ସେମାନେ ଅତି ବିସ୍ମିତ ଅନ୍ତରରେ ନାପିତକୁ ମୁକ୍ତ କରିଦେଇ ପରସ୍ପର କଥାବାର୍ତ୍ତା ହେଲେ –

ଅବଧ୍ୟୋ ବ୍ରାହ୍ମଣୋ ବାଳଃ ସ୍ତ୍ରୀ ତପସ୍ୱୀ ଚ ରୋଗଭାକ୍।
ବିହିତା ବ୍ୟଙ୍ଗିତା ତେଷାମପରାଧେ ମହତ୍ୟପି॥ ୨୧୫॥

ବ୍ରାହ୍ମଣ, ବାଳକ, ନାରୀ, ତପସ୍ୱୀ ଓ ରୋଗୀ– ଏମାନେ ଅବଧ୍ୟ। ଏମାନେ ଯଦି କୌଣସି ମହାନ୍ ଅପରାଧ କରନ୍ତି, ତେବେ ଏମାନଙ୍କର ଅଙ୍ଗ-ଭଙ୍ଗ କରିଦେବାହିଁ ବିଧିସମ୍ମତ। ୨୧୫।

ନିଜ କାର୍ଯ୍ୟ ହେତୁରୁ ଏ ନାପିତୁଣୀର ନାସିକାଚ୍ଛେଦ ହୋଇ ସାରିଛି। ତେଣୁ ରାଜଦଣ୍ଡସ୍ୱରୂପ ଏହାର କର୍ଣ୍ଣଚ୍ଛେଦ କରାଯାଉ। ଏହା କରାଗଲା ପରେ ଦେବଶର୍ମା ଧନନାଶଜନିତ ଶୋକକୁ ପରିହାର କରି ନିଜର ମଠକୁ ପ୍ରସ୍ଥାନ କଲେ।

ଏହି ହେତୁରୁ ମୁଁ ମେଣ୍ଢାଙ୍କର ଯୁଦ୍ଧରେ ଶୃଗାଳ– ଇତ୍ୟାଦି କହୁଥିଲି।''

କରଟକ କହିଲା, ''ଏପରି ଅବସ୍ଥା ଉପସ୍ଥିତ ହୋଇଥିବା ସ୍ଥଳେ ଆମ ଦୁହିଁଙ୍କର କର୍ତ୍ତବ୍ୟ କଅଣ?'' ଦମନକ କହିଲା, ''ଏପରି ସମୟରେ ମଧ୍ୟ ମୁଁ ମୋର ବୁଦ୍ଧି ପ୍ରକାଶ କରିବି, ଯାହାଦ୍ୱାରା ମୁଁ ସଞ୍ଜୀବକକୁ ପ୍ରଭୁ ପିଙ୍ଗଳକଙ୍କଠାରୁ ପୃଥକ୍ କରିଦେବି। କାରଣ କଥିତ ଅଛି–

ଏକଂ ହନ୍ୟାନ୍ନ ବା ହନ୍ୟାଦିଷୁର୍ମୁକ୍ତୋ ଧନୁଷ୍ମତା।
ବୁଦ୍ଧିର୍ବୁଦ୍ଧିମତଃ ସୃଷ୍ଟା ହନ୍ତି ରାଷ୍ଟ୍ରଂ ସନାୟକମ୍॥ ୨୧୬॥

ଧନୁର୍ଦ୍ଧର ପୁରୁଷର ଧନୁରୁ ନିକ୍ଷିପ୍ତ ଶର ହୁଏତ ଜଣକୁ ବଧ କରିପାରେ ବା ନକରିପାରେ, ନୀତିଜ୍ଞ ବୁଦ୍ଧିମାନ୍ ଲୋକର ସୃଷ୍ଟ ବୁଦ୍ଧିଦ୍ୱାରା ରାଜାଙ୍କ ସହିତ ସମସ୍ତ ରାଜ୍ୟ ନଷ୍ଟ ହୋଇଥାଏ। ୨୧୬।

ତେଣୁ ମୁଁ ଛଳନାଦ୍ୱାରା ଗୁପ୍ତ ଷଡ଼ଯନ୍ତ୍ର କରି ସେମାନଙ୍କୁ ଅଲଗା କରିଦେବି।'' କରଟକ କହିଲା, ''ଭଦ୍ର, ଯଦି ତୁମର ଏହି ଗୁପ୍ତ ଷଡ଼ଯନ୍ତ୍ରକୁ ପିଙ୍ଗଳକ କିମ୍ବା ସଞ୍ଜୀବକ ଜାଣନ୍ତି, ତାହାହେଲେ ନିଶ୍ଚୟ ତୁମର ବିନାଶ ଘଟିବ।'' ସେ କହିଲା, ''ସେପରି କହ ନାହିଁ। ବିପଦ ସମୟରେ ଦୈବ ପ୍ରତିକୂଳ ହେଲେ ସୁଦ୍ଧା ବୁଦ୍ଧିମାନ୍ ଲୋକ ଆପଣାର ବୁଦ୍ଧିକୁ ପ୍ରୟୋଗ କରିବା ଉଚିତ। ଉଦ୍ୟମକୁ ତ୍ୟାଗ କରିବା ଉଚିତ ନୁହେଁ। କେବେ କେବେ ଘୁଣାକ୍ଷର ନ୍ୟାୟରେ ବୁଦ୍ଧି ହେତୁରୁ ସାମ୍ରାଜ୍ୟ ପର୍ଯ୍ୟନ୍ତ ଲାଭ ହୋଇଥାଏ। କଥିତ ଅଛି–

ତ୍ୟାଜ୍ୟଂ ନ ଧୈର୍ଯ୍ୟଂ ବିଧୁରେଽପି ଦୈବେ
ଧୈର୍ଯ୍ୟାତ୍କଦାଚିତ୍ସ୍ଥିତିମାପ୍ନୁୟାସଃ।
ଜାତେ ସମୁଦ୍ରେଽପି ହି ପୋତଭଙ୍ଗେ
ସାଂଯାତ୍ରିକୋ ବାଞ୍ଛତି ତର୍ତ୍ତୁମେବ॥ ୨୧୭॥

ଦୈବ ପ୍ରତିକୂଳ ହେଲେ ମଧ୍ୟ ଧୈର୍ଯ୍ୟ ତ୍ୟାଗ କରିବା ଉଚିତ ନୁହେଁ। କେବେ କେବେ ଧୈର୍ଯ୍ୟ ହେତୁରୁ ସ୍ଥିତି ଲାଭ ହୋଇଥାଏ। ସମୁଦ୍ରରେ ପୋତ ବିନଷ୍ଟ ହେଲେହେଁ ପୋତ-ବ୍ୟବସାୟୀ ତଥାପି ସେହି ବ୍ୟବସାୟ କରିବାକୁ ଇଚ୍ଛା କରିଥାଏ। ୨୧୭। ପୁଣି–

ଉଦ୍ୟୋଗିନଂ ପୁରୁଷସିଂହମୁପୈତି ଲକ୍ଷ୍ମୀ
ର୍ଦୈବଂ ହି ଦୈବମିତି କାପୁରୁଷା ବଦନ୍ତି।

ଦୈବଂ ନିହତ୍ୟ କୁରୁ ପୌରୁଷମାତ୍ମଶକ୍ତ୍ୟା
ଯତ୍ନେ କୃତେ ଯଦି ନ ସିଧ୍ୟତି କୋଽତ୍ର ଦୋଷଃ ।। ୨୧୮ ।।

ସଂସାରରେ ଉଦ୍ୟୋଗୀ ପୁରୁଷକୁ ଲକ୍ଷ୍ମୀ ସର୍ବଦା ପ୍ରାପ୍ତ ହୋଇଥାନ୍ତି । ଦୈବ ହେଉଛି ଦୈବ (ଅର୍ଥାତ୍ ଦୈବଠାରୁ ବଡ଼ କେହି ନାହିଁ) ଏକଥା କାପୁରୁଷମାନେ କହିଥାନ୍ତି । ଦୈବକୁ ବିନାଶ କରି ଯଥାଶକ୍ତି ପୌରୁଷ ଅର୍ଜନ କର । ଯତ୍ନ କଲେ ସୁଦ୍ଧା ଯଦି ସିଦ୍ଧିଲାଭ ନ ହୁଏ, ତେବେ ଉଦ୍ୟମରେ କୌଣସି ଦୋଷ ରହିଛି ବୋଲି ବୁଝିବାକୁ ହେବ । ୨୧୮ ।

ନିଜର ନିଗୂଢ଼ ବୁଦ୍ଧିପ୍ରଭାବରେ ଯେପରି ସେ ଦୁହେଁ ଜାଣି ନ ପାରିବେ, ସେହିପରି ସେ ଦୁହିଁଙ୍କୁ ପରସ୍ପରଠାରୁ ପୃଥକ୍ କରିଦେବି । କଥିତ ଅଛି –

କୃତେ ବିନିଶ୍ଚୟେ ପୁଂସାଂ ଦେବା ଯାନ୍ତି ସହାୟତାମ୍ ।
ବିଷ୍ଣୁଚକ୍ରଂ ଗରୁତ୍ମାଂଶ୍ଚ କୌଳିକସ୍ୟ ଯଥାହବେ ।। ୨୧୯ ।।

ଦୃଢ଼ ସାହସୀ ବ୍ୟକ୍ତିକୁ ଦେବତାମାନେ ବି ସାହାଯ୍ୟ କରନ୍ତି, ଯେପରି ବିଷ୍ଣୁଙ୍କ ଚକ୍ର ସୁଦର୍ଶନ ଓ ବାହନ ଗରୁଡ଼ ଯୁଦ୍ଧରେ କୌଳିକକୁ ସାହାଯ୍ୟ କରିଥିଲେ । ୨୧୯ ।

ସୁପ୍ରଯୁକ୍ତସ୍ୟ ଦମ୍ଭସ୍ୟ ବ୍ରହ୍ମାପ୍ୟନ୍ତଂ ନ ଗଚ୍ଛତି ।
କୌଳିକୋ ବିଷ୍ଣୁରୂପେଣ ରାଜକନ୍ୟାଂ ନିଷେବତେ ।। ୨୨୦ ।।

ଉତ୍ତମରୂପେ ପ୍ରୟୋଗ କରାଯାଇଥିବା ଷଡ୍‌ଯନ୍ତ୍ରର ଅନ୍ତ ସ୍ୱୟଂ ବ୍ରହ୍ମା ମଧ୍ୟ ପାଆନ୍ତି ନାହିଁ । ଏହିପରି ଏକ କୌଳିକ (ତନ୍ତୀ) ବିଷ୍ଣୁଙ୍କର ରୂପ ଧରି ରାଜକନ୍ୟାକୁ ଉପଭୋଗ କରିପାରିଥିଲା । ୨୨୦ ।

କରଟକ କହିଲା, ‘‘ସେ କଥାଟି କଅଣ ?’’ ଦମନକ କହିବାକୁ ଲାଗିଲା –

ବିଷ୍ଣୁରୂପଧାରୀ କୌଳିକ କଥା

କୌଣସି ନଗରରେ ଏକ କୌଳିକ (ତନ୍ତୀ) ଓ ଏକ ରଥକାର (ବଢ଼େଇ) ମିତ୍ର ହୋଇ ରହିଥିଲେ । ସେ ଦୁହେଁ ପିଲାଟିଦିନରୁ ଏକସଙ୍ଗରେ ଏକତ୍ର ରହୁଥିଲେ, ପରସ୍ପରକୁ ସ୍ନେହ କରୁଥିଲେ ଓ ଏକସ୍ଥାନରେ ବିହାର କରି ସମୟ ଅତିବାହିତ କରୁଥିଲେ । ଏକଦା ସେହି ନଗରରେ କୌଣସି ଦେବମନ୍ଦିରରେ ଯାତ୍ରା-ଉତ୍ସବ ହେଲା । ଅନେକ ନଟ, ନର୍ତ୍ତକ, ଚାରଣ ଓ ନାନାଦେଶାଗତ ଲୋକମାନଙ୍କଦ୍ୱାରା ପରିପୂର୍ଣ୍ଣ ସେହି ସ୍ଥାନରେ ଏ ଦୁଇ ସହଚର ଭ୍ରମଣ କରୁ କରୁ କୌଣସି ରାଜକନ୍ୟାଙ୍କୁ ଦେଖିଲେ । ସେହି ସର୍ବଶୁଭଲକ୍ଷଣା ରାଜକନ୍ୟା ଏକ ହସ୍ତିନୀ ଉପରେ ଆରୋହଣ କରି କଞ୍ଚୁକୀ, ବର୍ଷଧର ପ୍ରଭୃତିଙ୍କଦ୍ୱାରା ପରିବେଷ୍ଟିତା ହୋଇ ଦେବଦର୍ଶନ ନିମନ୍ତେ ଆସିଥିଲେ । ଏହାପରେ ସେ କୌଳିକ ତାଙ୍କୁ ଦେଖିଲାମାତ୍ରେ କାମଶରରେ ପ୍ରପୀଡ଼ିତ ହୋଇ ବିଷ ଦ୍ୱାରା ବ୍ୟଥିତ ହେଲାପରି ଅଥବା ଦୁଷ୍ଟଗ୍ରହଦ୍ୱାରା ଗ୍ରସ୍ତହେଲାପରି ହଠାତ୍ ଭୂତଳରେ ପଡ଼ିଗଲା ।

ଅନନ୍ତର ତାହାକୁ ଏପରି ଅବସ୍ଥାରେ ପଡ଼ିଥିବାର ଦେଖି ରଥକାର ତାହାର ଦୁଃଖରେ ଦୁଃଖିତ ହୋଇ ନିଜର ବିଶ୍ୱାସୀ ଲୋକଙ୍କଦ୍ୱାରା ତାକୁ ସେଠାରୁ ଉଠାଇ ନିଜ ଗୃହକୁ ନେଇଗଲା। ସେଠାରେ ଚିକିତ୍ସକମାନଙ୍କ ଉପଦେଶମତେ ନାନା ଶୀତଳ ଉପଚାର ଓ ମନ୍ତ୍ରଯନ୍ତ୍ରଦ୍ୱାରା ସେ ସଚେତନ ହେଲା। ତତ୍ପରେ ରଥକାର ତାହାକୁ ପଚାରିଲା, "ମିତ୍ର, ତୁମେ ହଠାତ୍ ଅଚେତନ ହୋଇପଡ଼ିଲ କାହିଁକି? ନିଜର ମନକଥା ମୋତେ କୁହ।" ସେ କହିଲା, "ମିତ୍ର, ତେବେ ମୋର ମର୍ମକଥା ଶୁଣ! ମୁଁ ମୋର ଅନ୍ତରର ବେଦନା ତୁମ ଆଗରେ କହୁଛି। ଯଦି ତୁମେ ମୋତେ ତୁମର ସୁହୃଦ୍ ବୋଲି ମନେକରୁଥାଅ, ତେବେ ମୋର ଚିତାଗ୍ନି ପ୍ରସ୍ତୁତ କରି ମୋତେ ଅନୁଗୃହୀତ କର। ଯଦି ବା ଅତ୍ୟଧିକ ପ୍ରଣୟବଶତଃ ତୁମର କିଛି ଅପ୍ରିୟ କାର୍ଯ୍ୟ କରିଥାଏଁ, ତେବେ କ୍ଷମା ଦିଅ।" ରଥକାର ମଧ୍ୟ ଏହା ଶୁଣି ବାଷ୍ପାକୁଳ ନେତ୍ରରେ ଗଦ୍‌ଗଦ-କଣ୍ଠରେ କହିଲା, "ବୟସ୍ୟ, ଯାହା କିଛି ଦୁଃଖର କାରଣ ଅଛି, ମୋତେ କହ। ତାହାହେଲେ ତାହାର ପ୍ରତିକାର ସମ୍ଭବ ହେଲେ କରାଯିବ। କଥିତ ଅଛି—

ଔଷଧାନାଂ ସୁମନ୍ତ୍ରଣାଂ ବୁଦ୍ଧେଶ୍ଚୈବ ମହାତ୍ମନାମ୍।
ଅସାଧ୍ୟଂ ନାସ୍ତି ଲୋକେଽତ୍ର ଯଦ୍‌ବ୍ରହ୍ମାଣ୍ଡସ୍ୟ ମଧ୍ୟଗମ୍॥ ୨୨୧॥

ଏ ପୃଥିବୀରେ ଓ ଏ ସଂସାରରେ ଏପରି କୌଣସି କଥା ନାହିଁ, ଯାହାକି ଔଷଧ, ଅର୍ଥ, ସୁନ୍ଦର ମନ୍ତ୍ରଣା ଓ ମହାପୁରୁଷମାନଙ୍କ ବୁଦ୍ଧିପକ୍ଷରେ ଅସାଧ୍ୟ ହେବ। ୨୨୧।

ତେଣୁ ଯଦି ଏ ଚାରି ଉପାୟ (ଔଷଧ, ଅର୍ଥ, ସୁମନ୍ତ୍ରଣା, ବୁଦ୍ଧି) ଦ୍ୱାରା ସାଧ୍ୟ ହୁଏ, ତେବେ ମୁଁ ନିଶ୍ଚୟ ତାହା କରିବି।"

କୌଳିକ କହିଲା, "ବୟସ୍ୟ, ଏହି ଚାରି ଉପାୟ ତଥା ଅନ୍ୟ ସହସ୍ର ଉପାୟଦ୍ୱାରା ମଧ୍ୟ ମୋର ଦୁଃଖ ଅସାଧ୍ୟ। ତେଣୁ ମୋର ମରଣରେ କାଳକ୍ଷେପଣ କର ନାହିଁ।" ରଥକାର କହିଲା, "ହେ ମିତ୍ର, ଯଦ୍ୟପି ଅସାଧ୍ୟ ହୋଇଥାଏ, ତଥାପି ମୋତେ କହ। ତାହାହେଲେ ମୁଁ ମଧ୍ୟ ଏହା ଅସାଧ୍ୟ ମନେକରି ତୁମ ସହିତ ଅଗ୍ନିରେ ପ୍ରବେଶ କରିବି; କାରଣ ମୁଁ କ୍ଷଣେମାତ୍ର ତୁମର ବିଚ୍ଛେଦ ସହ୍ୟ କରିପାରିବି ନାହିଁ। ଏହାହିଁ ମୋର ନିଶ୍ଚୟ।"

କୌଳିକ କହିଲା, "ମିତ୍ର, ସେହି ମହାଉତ୍ସବରେ ହସ୍ତିନୀ ଉପରେ ଆରୋହଣ କରିଥିବା ସେ ରାଜକନ୍ୟାକୁ ମୁଁ ଦେଖିଲି। ତାକୁ ଦେଖିଲାମାତ୍ରେ କନ୍ଦର୍ପ ମୋତେ ଏ ଦଶା ଦେଇଛି। ମୁଁ ସେହି କାମପୀଡ଼ା ସହିବାକୁ ଅସମର୍ଥ। କୁହାଯାଇଅଛି—

ମତ୍ତେଭକୁମ୍ଭପରିଣାହିନି କୁଙ୍କୁମାର୍ଦ୍ରେ
ତସ୍ୟାଃ ପୟୋଧର ଯୁଗେ ରତଖେଦଖିନ୍ନଃ।
ବକ୍ଷୋ ନିଧାୟ ଭୁଜପଞ୍ଜରମଧ୍ୟବର୍ତ୍ତୀ
ସ୍ୱପ୍‌ସ୍ୟେ କଦା କ୍ଷଣମବାପ୍ୟ ତଦୀୟସଙ୍ଗମ୍॥ ୨୨୨॥

ମତ୍ତଗଜର କୁମ୍ଭସଦୃଶ ଉନ୍ନତ, କୁଙ୍କୁମଲେପନ ହେତୁ ଆର୍ଦ୍ର, ତାହାର କୁଚଯୁଗଳ ଉପରେ ସମ୍ଭୋଗଶ୍ରମରେ ପରିଶ୍ରାନ୍ତ ହୋଇ ମୁଁ ତାହାର ଦୁଇଭୁଜର ମଧ୍ୟରେ ନିଜର

ବକ୍ଷସ୍ଥଳକୁ ରଖି ମାତ୍ର କ୍ଷଣକପାଇଁ ଏହାର ସଙ୍ଗଲାଭ କରି କେବେ ଶୟନ କରିବି ?। ୨୨୨।
ଆହୁରି ମଧ୍ୟ –

ରାଗୀ ବିମ୍ବାଧରୋଽସୌ ସ୍ତନକଳଶଯୁଗଂ ଯୌବନାରୂଢ଼ଗର୍ବଂ
ନୀଚା ନାଭିଃ ପ୍ରକୃତ୍ୟା କୁଟିଳକମଳକଂ ସ୍ୱଳ୍ପକଂ ଚାପି ମଧ୍ୟମ୍।
କୁର୍ବନ୍ତ୍ୱେତାନି ନାମ ପ୍ରସଭମିହ ମନଶ୍ଚିନ୍ତିତାନ୍ୟାଶୁ ଖେଦଂ
ଯନ୍ମାଂ ତସ୍ୟାଃ କପୋଲୌ ଦହତ ଇତି ମୁହୁଃସ୍ୱଚ୍ଛକୌ ତନ୍ନ ଯୁକ୍ତମ୍।। ୨୨୩।।

ରକ୍ତବର୍ଣ୍ଣ ବିମ୍ବଫଳସଦୃଶ ତାର ଅଧର, କଳସସଦୃଶ ସ୍ତନଯୁଗଳ, ଯୌବନାବସ୍ଥା ପ୍ରାପ୍ତିଜନିତ ତାର ଗର୍ବ, ଗଭୀର ନାଭି, ସ୍ୱଭାବତଃ କୁଟିଳ କେଶ, ସୂକ୍ଷ୍ମ କଟି– ଏସବୁକୁ ସ୍ମରଣ କରିବାଦ୍ୱାରା ମୋର ମନରେ ଗଭୀର ଖେଦ ଜାତ ହେଉଅଛି। ଏହା ଉଚିତ ହୋଇପାରେ; କିନ୍ତୁ ତାର ବିମଳ କପୋଳଦ୍ୱୟ ଯେ ମୋତେ ମୁହୁର୍ମୁହୁଃ ଦଗ୍ଧ କରୁଛି, ତାହା ଅନୁଚିତ। ୨୨୩।''

ରଥକାର ମଧ୍ୟ ତାହାର ଏପ୍ରକାର କାମସୂଚକ ବାକ୍ୟ ଶୁଣି ହସି ହସି କହିଲା, ''ଯଦି ଏହାହିଁ ହୋଇଥାଏ, ତେବେ ସୌଭାଗ୍ୟବଶତଃ ଆମର ମନୋରଥ ସିଦ୍ଧ ହେବ। ତେଣୁ ଆଜି ତାହା ସହିତ ତୁମର ମିଳନ ହେବ।'' କୌଳିକ କହିଲା, ''ମିତ୍ର, ଯେଉଁ ରାଜକନ୍ୟାର ଅନ୍ତଃପୁରକୁ ବାୟୁ ଛଡ଼ା ଅନ୍ୟର ପ୍ରବେଶ ନାହିଁ, ପ୍ରହରୀମାନଙ୍କଦ୍ୱାରା ସୁରକ୍ଷିତ ସେ ସ୍ଥାନରେ ମୋର ତା ସହିତ ମିଳନ କିପରି ହେବ? ମୋତେ ମିଥ୍ୟାକଥାରେ ଏପରି ଛଳନା କରୁଛ କାହିଁକି?'' ରଥକାର କହିଲା, ''ମୋର ବୁଦ୍ଧିବଳକୁ ଦେଖ।''

ଏହିପରି କହି ସେ ତତ୍‌କ୍ଷଣାତ୍ ଅର୍ଜ୍ଜୁନକାଠରେ କିଳା ଚଳାଇବାଦ୍ୱାରା ଉଡୁଥିବା ଗରୁଡ଼, ଦୁଇଟି ବାହୁ, ଶଙ୍ଖଚକ୍ରଗଦାପଦ୍ମ ସହିତ କିରୀଟ ଓ କୌସ୍ତୁଭମଣି ତିଆରି କଲା। ଏହାପରେ ସେ କୌଳିକକୁ ସେ ଗରୁଡ଼ ଉପରେ ଚଢ଼ାଇ, ବିଷ୍ଣୁଙ୍କ ଲକ୍ଷଣଦ୍ୱାରା ଚିହ୍ନିତ କରି କିଳା ଚଳାଇବାର ଉପାୟ ବତାଇ ଦେଇ କହିଲା, ''ବନ୍ଧୁ, ବିଷ୍ଣୁରୂପରେ କନ୍ୟାର ଅନ୍ତଃପୁରରେ ପ୍ରବେଶ କରି ଅର୍ଦ୍ଧରାତ୍ରିରେ ସପ୍ତତଳବିଶିଷ୍ଟ ପ୍ରାସାଦର ପ୍ରାନ୍ତଭାଗରେ ଏକାକିନୀ ମୁଗ୍ଧସ୍ୱଭାବା ଓ ତୁମକୁ ବିଷ୍ଣୁ ବୋଲି ମନେକରୁଥିବା ରାଜକନ୍ୟାକୁ ନିଜର ମିଥ୍ୟା ପ୍ରିୟ ବଚନରେ ପ୍ରସନ୍ନ କରି ବାତ୍ସାୟନଙ୍କ କାମସୂତ୍ର ବିଧି ଅନୁସାରେ ଉପଭୋଗ କର।''

କୌଳିକ ମଧ୍ୟ ତାହା ଶୁଣି ସେହିପରି ରୂପ ଧାରଣ କରି ସେଠାକୁ ଯାଇ ତାଙ୍କୁ କହିଲା, ''ରାଜପୁତ୍ରି, ଶୋଇଛ ନା ଚେଇଁଛ? ମୁଁ ତୁମରି ସକାଶେ କ୍ଷୀରସମୁଦ୍ରରେ ଲକ୍ଷ୍ମୀଙ୍କୁ ଛାଡ଼ି ସ୍ନେହରେ ଏଠାକୁ ଆସିଛି। ତେଣୁ ମୋ ସହିତ ବିହାର କର।''

ରାଜକନ୍ୟା ମଧ୍ୟ ତାହାକୁ ଗରୁଡ଼ାରୋହୀ, ଚତୁର୍ଭୁଜ, ଶଙ୍ଖଚକ୍ରାଦି ଆୟୁଧଧାରୀ, କୌସ୍ତୁଭଶୋଭିତ ହୋଇଥିବାର ଦେଖି ବିସ୍ମିତ ହୋଇ ଶଯ୍ୟାରୁ ଉଠି କହିଲା, ''ଭଗବାନ୍, ମୁଁ କୀଟସଦୃଶ ଅପବିତ୍ର ଏକ ମାନୁଷୀ କନ୍ୟା ଏବଂ ଆପଣ ହେଉଛନ୍ତି ତ୍ରିଲୋକର ପବିତ୍ରକାରୀ ଓ ବନ୍ଦନୀୟ ଭଗବାନ୍! ତେଣୁ ଆମ ଦୁହିଁଙ୍କର ମିଳନ କିପରି ସମ୍ଭବ ହୋଇପାରେ?'' କୌଳିକ କହିଲା, ''ସୁନ୍ଦରି, ତୁମେ ଠିକ୍ କହିଛ। ପରନ୍ତୁ ରାଧା

ନାମରେ ମୋର ଯେଉଁ ସ୍ତ୍ରୀ ପ୍ରଥମେ ଗୋପପୁରରେ ଜନ୍ମିଥିଲେ, ସେଇ ରାଧା ତୁମର ରୂପରେ ଏଠାରେ ଅବତାର ଗ୍ରହଣ କରିଛନ୍ତି। ତେଣୁ ମୁଁ ଏଠାକୁ ଆସିଅଛି।'' ଏହା ଶୁଣି ରାଜକନ୍ୟା କହିଲେ, ''ଭଗବାନ୍, ଯଦି ସେପରି ହୋଇଥାଏ, ତେବେ ମୋର ପିତାଙ୍କୁ ପ୍ରାର୍ଥନା କରନ୍ତୁ। ସେ ମୋତେ ଆପଣଙ୍କ ହସ୍ତରେ ଅର୍ପଣ କରିବେ, ଏହା ନିଃସନ୍ଦେହ।''

କୌଳିକ କହିଲା, ''ସୁଲକ୍ଷଣେ, ମୁଁ ମନୁଷ୍ୟମାନଙ୍କର ଦୃଷ୍ଟିପଥକୁ ଯାଇନପାରେ; ସେମାନଙ୍କ ସହିତ କଥାବାର୍ତ୍ତା କରିବା ତ ଦୂରର କଥା। ତୁମେ ଗାନ୍ଧର୍ବବିଧିରେ ବିବାହ କରି ନିଜକୁ ମୋତେ ଅର୍ପଣ କର। ତାହା ନୋହିଲେ ଶାପ ଦେଇ ସବଂଶରେ ତୁମ ପିତାଙ୍କୁ ଭସ୍ମସାତ୍ କରିଦେବି।''

ଏହା କହି ଗରୁଡ଼ରୁ ଅବତରଣ କରି ସେ ଭୟଭୀତା, ଲଜ୍ଜାବନତା, କମ୍ପମାନା ରାଜକନ୍ୟାଙ୍କ ବାମ ହସ୍ତ ଧାରଣ କରି ତାଙ୍କୁ ଶଯ୍ୟାକୁ ଆଣିଲା। ତତ୍ପରେ ଶେଷରାତ୍ରି ପର୍ଯ୍ୟନ୍ତ ବାତ୍ସାୟନଙ୍କ କାମଶାସ୍ତ୍ରର ବିଧି ଅନୁସାରେ ତାଙ୍କୁ ଉପଭୋଗ କରି ପ୍ରତ୍ୟୁଷରେ ସେ ଅଲକ୍ଷିତ ଭାବରେ ନିଜ ଗୃହକୁ ଚାଲିଗଲା। ଏହିପରି ସେ ପ୍ରତ୍ୟହ ତାଙ୍କ ସହିତ ସମ୍ଭୋଗ କରି ସମୟ କଟାଉଥିଲା।

ଅନନ୍ତର ଏକଦା କଞ୍ଚୁକୀମାନେ ରାଜକନ୍ୟାଙ୍କର ପ୍ରବାଳସଦୃଶ ଉଭୟ ଓଷ୍ଠରେ କ୍ଷତଚିହ୍ନ ଦେଖି ପରସ୍ପର ମଧ୍ୟରେ କଥାବାର୍ତ୍ତା ହେଲେ, ''ଅହୋ, କି ଆଶ୍ଚର୍ଯ୍ୟ, ରାଜକନ୍ୟାଙ୍କ ଶରୀରର ଅଙ୍ଗପ୍ରତ୍ୟଙ୍ଗ ଦେଖିଲେ ତାଙ୍କୁ କୌଣସି ପୁରୁଷ ଉପଭୋଗ କରିଥିବାର ମନେହୁଏ। ଏଭଳି ସୁରକ୍ଷିତ ଗୃହରେ ଏ ପ୍ରକାର ବ୍ୟବହାର କିପରି ସମ୍ଭବ ହେଲା ? ତେଣୁ ଏହା ରାଜାଙ୍କୁ ଜଣାଇଦେବା।''

ଏହା ସ୍ଥିର କରି ସେମାନେ ରାଜାଙ୍କ ନିକଟକୁ ଯାଇ କହିଲେ, ''ଆମ୍ଭେମାନେ ଜାଣିନାହୁଁ, କିନ୍ତୁ ରାଜକନ୍ୟାଙ୍କର ଅନ୍ତଃପୁର ସୁରକ୍ଷିତ ହେଲେହେଁ କେହି ପୁରୁଷ ପ୍ରବେଶ କରୁଅଛି। ସେଥିପାଇଁ ଆପଣ ଯାହା ଉଚିତ ମନେକରନ୍ତି, ତାହା କରନ୍ତୁ।''

ଏହା ଶୁଣି ରାଜା ବ୍ୟାକୁଳିତ ହୃଦୟରେ ଚିନ୍ତାକଲେ –

'ପୁତ୍ରୀତି ଜାତା ମହତୀତି ଚିନ୍ତା କସ୍ମୈ ପ୍ରଦେୟେତି ମହାନ୍ବିତର୍କଃ।
ଦତ୍ତା ସୁଖଂ ପ୍ରାପ୍ସ୍ୟତି ବା ନ ବେତି କନ୍ୟାପିତୃତ୍ୱଂ ଖଲୁନାମ କଷ୍ଟମ୍॥ ୨୨୪॥

ଏ ସଂସାରରେ 'କନ୍ୟାଟିଏ ଜନ୍ମ ହୋଇଅଛି' ଏତିକିରେ ମହାନ୍ ଚିନ୍ତା ଉପସ୍ଥିତ ହୁଏ। ଏହାକୁ 'କାହା ହାତରେ ଦେବାକୁ ହେବ' ଏ ପ୍ରଶ୍ନ ମନରେ ବିରାଟ ସମସ୍ୟା ଜାତ କରାଏ। କନ୍ୟାଦାନ କଲାପରେ ମଧ୍ୟ ସେ ପତିଗୃହରେ ସୁଖ ପାଇବ କି ନାହିଁ, ଏ ସନ୍ଦେହ ଜନ୍ମିଥାଏ। ତେଣୁ କନ୍ୟାପିତା ହେବାହିଁ ଘୋର କଷ୍ଟର କାରଣ। ୨୨୪।

ନଦ୍ୟଶ୍ଚ ନାର୍ଯ୍ୟଶ୍ଚ ସଦୃକ୍ ପ୍ରଭାବାଃ
ତୁଲ୍ୟାନି କୂଳାନି କୁଳାନି ତାସାମ୍।
ତୋୟୈଶ୍ଚ ଦୋଷୈଶ୍ଚ ନିପାତୟନ୍ତି
ନଦ୍ୟୋ ହି କୂଳାନି କୁଳାନି ନାର୍ଯ୍ୟଃ॥ ୨୨୫॥

ନଦୀ ଓ ନାରୀ– ଏ ଦୁହିଁଙ୍କର ପ୍ରଭାବ ସମାନ। ନଦୀର ଦୁଇ କୂଳପରି ନାରୀର ମଧ୍ୟ ଦୁଇ କୁଳ (ପିତୃକୁଳ, ପତିକୁଳ)। ଦୋଷଯୁକ୍ତ ହେଲେ ନଦୀ ତାର ଦୁଇ ତୀରକୁ ନାଶ କଲାପରି ନାରୀ ତାର (ପିତୃକୁଳ ତଥା ପତିକୁଳ) ଦୁଇ କୁଳକୁ ଧ୍ୱଂସ କରିଥାଏ। ୨୨୫।

ଜନନୀ ମନୋ ହରତି ଜାତବତୀ
ପରିବର୍ଦ୍ଧତେ ସହ ଶୁଚା ସୁହୃଦାମ୍।
ପରସାତ୍କୃତାପି କୁରୁତେ ମଳିନଂ
ଦୁରତିକ୍ରମା ଦୁହିତରୋ ବିପଦଃ।। ୨୨୬।।

କନ୍ୟା ଜନ୍ମ ହେଲାକ୍ଷଣି ମାତାର ମନକୁ ହରଣ କରେ (ଚିନ୍ତିତ କରାଏ), କୁଟୁମ୍ବୀମାନଙ୍କ ଶୋକ ସହିତ ବଢ଼େ; (ପତିଗୃହରେ) ପରାଧୀନ ରହି ମଧ୍ୟ ନିନ୍ଦିତ କର୍ମ କରିପକାଏ; ଅତଏବ କନ୍ୟାରୂପକ ବିପଦରୁ ଉଦ୍ଧାର ପାଇବା ଅତି କଷ୍ଟକର। ୨୨୬।

ଏହିପରି ବହୁତ ଚିନ୍ତା କରି କରି ରାଜା ଏକାନ୍ତରେ ରାଣୀଙ୍କୁ କହିଲେ, "ଦେବୀ, ଏ କଞ୍ଚୁକୀମାନେ କଅଣ କହୁଛନ୍ତି, ବୁଝିଲ। ଏଭଳି କାର୍ଯ୍ୟ ଯେ କରୁଛି, ତା ଉପରେ ଯମ ନିଶ୍ଚୟ କୋପଦୃଷ୍ଟି ପକାଇଛି।" ରାଣୀ ମଧ୍ୟ ଏହା ଶୁଣି ନିତାନ୍ତ ବ୍ୟାକୁଳା ହୋଇ କନ୍ୟାର ଅନ୍ତଃପୁରକୁ ଗଲେ ଏବଂ ଦେଖିଲେ ଯେ ତା'ର ଅଧରରେ କ୍ଷତ ହୋଇଅଛି ଓ ଶରୀରର ଅଙ୍ଗପ୍ରତ୍ୟଙ୍ଗରେ ନଖରେଖାର ଚିହ୍ନ ରହିଛି। ସେ କହିଲେ, "ହେ ପାପିନି! କୁଳକଳଙ୍କିନି! ଚରିତ୍ର ଭ୍ରଷ୍ଟ କଲୁ କାହିଁକି? କାହା ଉପରେ ଯମର ଦୃଷ୍ଟି ପଡ଼ିଛି ଯେ ସେ ତୋ ପାଖକୁ ଆସୁଛି? ତେଣୁ ମୋ ଆଗରେ ସତ୍ୟକଥା କହ।" ମାତା ଏହିପରି କ୍ରୋଧାନ୍ୱିତ ନିଷ୍ଠୁର ବାକ୍ୟ କହନ୍ତେ, ତାଙ୍କ ପ୍ରତି ଭୟ ଓ ଲଜ୍ଜାରେ ମୁଖ ଅବନତ କରି ରାଜକନ୍ୟା କହିଲେ, "ମାତଃ, ସ୍ୱୟଂ ନାରାୟଣ ପ୍ରତ୍ୟହ ଗରୁଡ଼ପୃଷ୍ଠରେ ଆରୋହଣ କରି ରାତ୍ରିରେ ଏଠାକୁ ଆସୁଅଛନ୍ତି। ମୋ କଥା ମିଥ୍ୟା ହୋଇଥିଲେ ତୁମେ ଗଭୀର ନିଶୀଥରେ ନିଜ ଚକ୍ଷୁରେ ସ୍ୱୟଂ ନାରାୟଣଙ୍କୁ ଦେଖ।" ଏହା ଶୁଣି ରାଣୀ ମୁଖରେ ହାସ୍ୟ ପ୍ରକାଶ କରି, ସର୍ବାଙ୍ଗରେ ପୁଲକିତ ହୋଇ ସତ୍ୱର ରାଜାଙ୍କ ପାଖକୁ ଯାଇ କହିଲେ, "ସ୍ୱାମିନ୍, ତୁମେ ବଡ଼ ଭାଗ୍ୟବାନ୍! ପ୍ରତ୍ୟହ ଗଭୀର ନିଶୀଥରେ ସ୍ୱୟଂ ନାରାୟଣ ଆମ କନ୍ୟା ନିକଟକୁ ଆସୁଅଛନ୍ତି। ସେ ତାକୁ ଗାନ୍ଧର୍ବବିଧିରେ ବିବାହ କରିଅଛନ୍ତି। ତେଣୁ ତୁମେ ଓ ମୁଁ ଦୁହେଁଯାକ ରାତ୍ରିରେ ଝରକା ପାଖରେ ରହି କେବଳ ତାଙ୍କୁ ଦେଖିବା; କାରଣ ଦେବତା କୌଣସି ମନୁଷ୍ୟ ସହିତ କଥାବାର୍ତ୍ତା କରନ୍ତିନାହିଁ।"

ଏହା ଶୁଣି ରାଜା ଏପରି ଆନନ୍ଦିତ ହେଲେ ଯେ ସେହି ଦିନଟିକୁ ସେ ଶତବର୍ଷ ମନେକରି କୌଣସି ପ୍ରକାରେ କଟାଇଲେ। ତତ୍ପରେ ରାତ୍ରିରେ ରାଣୀଙ୍କ ସହିତ ସେ ଗୋପନରେ ବାତାୟନ ନିକଟରେ ଥାଇ ଆକାଶରେ ଦୃଷ୍ଟି ନିବଦ୍ଧ କରି ରହିଲେ। ଏହି ସମୟରେ ସେ ପ୍ରାସାଦରେ ଅବତରଣ କରୁଥିବା 'ନାରାୟଣ'ଙ୍କୁ ଦେଖିପାରିଲେ। 'ନାରାୟଣ' ଗରୁଡ଼ ଉପରେ ଆରୋହଣ କରିଥିଲେ ଓ ହସ୍ତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ସହିତ ତାଙ୍କଠାରେ ଉପଯୁକ୍ତ ଲକ୍ଷଣମାନ ଥିଲା।

ତହୁଁ ରାଜା ନିଜକୁ ଅମୃତ-ପ୍ରବାହରେ ପ୍ଲାବିତ ହେଲାପରି ମନେକରି ରାଣୀଙ୍କୁ କହିଲେ, "ପ୍ରିୟେ, ମୋଠାରୁ ଓ ତୁମଠାରୁ ବଳି ଏ ସଂସାରରେ କେହି ଅଧିକ ଭାଗ୍ୟବାନ୍ ନାହିଁ; କାରଣ ଆମର ସନ୍ତାନଙ୍କୁ ସ୍ୱୟଂ ନାରାୟଣ ଉପଭୋଗ କରୁଅଛନ୍ତି। ଆମର ସକଳ ମନୋରଥ ସିଦ୍ଧ ହୋଇଅଛି। ଏବେ ମୁଁ ଜାମାତାଙ୍କ ପ୍ରଭାବରେ ସମଗ୍ର ପୃଥିବୀକୁ ନିଜର ବଶୀଭୂତ କରିପାରିବି।"

ଏହିପରି ବିଚାରି ରାଜା ସମସ୍ତ ସୀମାନ୍ତ ରାଜ୍ୟର ରାଜାମାନଙ୍କ ସହ ମର୍ଯ୍ୟାଦା ବ୍ୟତିକ୍ରମ (ସନ୍ଧିର ଚୁକ୍ତିଭଙ୍ଗ) କଲେ। ଏହି ରାଜା ମର୍ଯ୍ୟାଦା ବ୍ୟତିକ୍ରମ କରୁଥିବାର ଦେଖି ସେମାନେ ସମସ୍ତେ ମିଳି ତାଙ୍କ ସଙ୍ଗେ ଯୁଦ୍ଧ କଲେ। ଏଥିମଧ୍ୟରେ ରାଜା ରାଣୀଙ୍କ ହାତରେ କନ୍ୟାକୁ କହିପଠାଇଲେ, "ଝିଅ, ତୋଭଳି ଝିଅ ଓ ଭଗବାନ୍ ନାରାୟଣଙ୍କ ଭଳି ଜାମାତା ଥାଉଁ ଥାଉଁ ଏହା କି ହୋଇପାରେ ଯେ, ସବୁ ରାଜା ମୋ ସଙ୍ଗେ ଯୁଦ୍ଧ କରୁଛନ୍ତି? ତେଣୁ ତୁ ଆଜି ତୋର ସ୍ୱାମୀଙ୍କୁ କହିବୁ, ଯେପରିକି ସେ ମୋର ଶତ୍ରୁମାନଙ୍କୁ ବିନାଶ କରନ୍ତି।"

ତପ୍ରେ ରାତ୍ରିରେ ରାଜକନ୍ୟା ସେହି କୌଳିକକୁ ବିନୀତଭାବରେ କହିଲେ, "ଭଗବାନ୍, ଆପଣଙ୍କ ଭଳି ଜାମାତା ଥାଉଁ ଥାଉଁ ମୋର ପିତା ଶତ୍ରୁମାନଙ୍କଦ୍ୱାରା ପରାଭୂତ ହେଉଅଛନ୍ତି। ଏହା ଉଚିତ ନୁହେଁ; ତେଣୁ ଦୟା କରି ସେ ଶତ୍ରୁମାନଙ୍କୁ ବିନାଶ କରନ୍ତୁ।"

କୌଳିକ କହିଲା, "ସୁଲକ୍ଷଣେ! ତୁମ ପିତାଙ୍କର ଏହି ଶତ୍ରୁମାନେ କି ଛାର! ତୁମେ ଆଶ୍ୱସ୍ତ ହୁଅ। ମୁହୂର୍ତ୍ତକରେ ସୁଦର୍ଶନ ଚକ୍ରଦ୍ୱାରା ସେ ସମସ୍ତଙ୍କୁ ତିଳପରି ଟିକିଟିକି କରିଦେବି।"

କାଳକ୍ରମେ ରାଜା ଶତ୍ରୁମାନଙ୍କଦ୍ୱାରା ସମସ୍ତ ରାଜ୍ୟରୁ ବିତାଡ଼ିତ ହେଲେ; କେବଳ ଦୁର୍ଗଟି ରହିଲା। ତଥାପି ରାଜା ନାରାୟଣରୂପଧାରୀ କୌଳିକକୁ ଚିହ୍ନି ନ ପାରି ପ୍ରତ୍ୟହ ବହୁପରିମାଣରେ କର୍ପୂର, ଅଗୁରୁ, କସ୍ତୁରୀ ପ୍ରଭୃତି ସୁଗନ୍ଧି ଦ୍ରବ୍ୟ ଓ ବିବିଧ ବସ୍ତ୍ର, ପୁଷ୍ପ, ଭକ୍ଷ୍ୟ, ପେୟ ପ୍ରଭୃତି ପଠାଇ ଝିଅଦ୍ୱାରା କୁହାଇଲେ, "ଭଗବାନ୍, କାଲି ପ୍ରଭାତରେ ନିଶ୍ଚୟ ଶତ୍ରୁମାନେ ଦୁର୍ଗ ଅଧିକାର କରିନେବେ। ଶସ୍ୟ ଓ ଇନ୍ଧନର ଅଭାବ ହେବାରୁ ଆମ ସୈନ୍ୟମାନେ ଶତ୍ରୁମାନଙ୍କ ଆକ୍ରମଣରେ କ୍ଷତବିକ୍ଷତ ହୋଇ ଯୁଦ୍ଧ କରିବାକୁ ଅକ୍ଷମ ହୋଇ ପଡ଼ିଅଛନ୍ତି; ଅନେକେ ମଧ୍ୟ ମୃତ୍ୟୁମୁଖରେ ପଡ଼ିଅଛନ୍ତି। ଏସବୁ ବିଚାରି ବର୍ତ୍ତମାନ ଯାହା ଉଚିତ, ତାହା କରନ୍ତୁ।" ତାହା ଶୁଣି କୌଳିକ ମନେ ମନେ ଚିନ୍ତା କଲା; ଦୁର୍ଗ ଶତ୍ରୁଦ୍ୱାରା ଅଧିକୃତ ହେଲେ ମୋର ରାଜକନ୍ୟାଠାରୁ ବିଚ୍ଛେଦ ଘଟିବ। ତେଣୁ ଗରୁଡ଼ରେ ଆରୋହଣ କରି ଆୟୁଧମାନଙ୍କୁ (ଶଙ୍ଖ, ଚକ୍ର, ଗଦା, ପଦ୍ମ) ଧରି ଆକାଶରେ ସ୍ୱରୂପ ଦେଖାଏଁ। କେଜାଣି ଅବା ମୋତେ ଭଗବାନ୍ ନାରାୟଣ ମନେକରି ଶତ୍ରୁମାନେ ଭୟଭୀତ ହୋଇଯିବେ ଓ ରାଜାଙ୍କ ସୈନ୍ୟମାନେ ସେମାନଙ୍କୁ ବଧ କରିଦେବେ। କଥିତ ଅଛି –

ନିର୍ବିଷେଣାପି ସର୍ପେଣ କର୍ତ୍ତବ୍ୟା ମହତୀ ଫଟା।
ବିଷଂ ଭବତୁ ମା ବାସ୍ତୁ ଫଟାଟୋପୋ ଭୟଙ୍କରଃ॥ ୨୨୭॥

ବିଷହୀନ ସର୍ପ ମଧ୍ୟ ବୃହତ୍ ଫଣା ବିସ୍ତାର କରିବା ଉଚିତ; କାରଣ ବିଷ ଥାଉ ବା ନଥାଉ, ଫଣାର ଆଡ଼ମ୍ବର ଭୟ ଜାତ କରାଇଥାଏ । ୨୨୭ ।

ଅଥବା ଯଦି ଏହି ଦୁର୍ଗକୁ ରକ୍ଷା କରିବାପାଇଁ ଉଦ୍ୟମ କରି ମୋର ମୃତ୍ୟୁ ହୁଏ, ତେବେ ତାହା ମଧ୍ୟ ଉତ୍ତମ । କଥିତ ଅଛି–

ଗବାମର୍ଥେ ବ୍ରାହ୍ମଣାର୍ଥେ ସ୍ୱାମ୍ୟର୍ଥେ ସ୍ତ୍ରୀକୃତେଽଥବା ।
ସ୍ଥାନାର୍ଥେ ଯସ୍ତ୍ୟଜେତ୍ ପ୍ରାଣାଂସ୍ତସ୍ୟ ଲୋକାଃ ସନାତନାଃ ।। ୨୨୮ ।।

ଗୋରୁ ନିମନ୍ତେ, ବ୍ରାହ୍ମଣ ନିମନ୍ତେ, ପ୍ରଭୁଙ୍କ ନିମନ୍ତେ ଅଥବା ସ୍ତ୍ରୀ ନିମନ୍ତେ ଅବା ଦେଶରକ୍ଷା ନିମନ୍ତେ ଯେ ପ୍ରାଣତ୍ୟାଗ କରେ, ସେ ଅକ୍ଷୟଲୋକ ପ୍ରାପ୍ତ ହୁଏ । ୨୨୮ ।

ଚନ୍ଦ୍ରେ ମଣ୍ଡଳସଂସ୍ଥେ ବିଗୃହ୍ୟତେ ରାହୁଣା ଦିନାଧୀଶଃ ।
ଶରଣାଗତେନ ସାର୍ଦ୍ଧଂ ବିପଦପି ତେଜସ୍ୱିନାଂ ଶ୍ଳାଘ୍ୟା ।। ୨୨୯ ।।

ଚନ୍ଦ୍ର ସୂର୍ଯ୍ୟମଣ୍ଡଳରେ ଅବସ୍ଥିତ ହୋଇଥିଲେ ସୂର୍ଯ୍ୟ ରାହୁଦ୍ୱାରା ଗ୍ରସ୍ତ ହୁଏ । ତେଣୁ ଶରଣାଗତ ବ୍ୟକ୍ତିର ରକ୍ଷା ନିମନ୍ତେ ତାହା ସହିତ ବିପଦ ଭୋଗିବା ତେଜସ୍ୱୀପୁରୁଷଙ୍କ ପକ୍ଷରେ ପ୍ରଶଂସାର ବିଷୟ । ୨୨୯ ।

ଏହିପରି ସ୍ଥିରକରି କୌଳିକ ପ୍ରଭାତରେ ଦନ୍ତଧାପନ କରି ରାଜକନ୍ୟାଙ୍କୁ କହିଲା, "ଆଜି ସମସ୍ତ ଶତ୍ରୁସୈନ୍ୟଙ୍କୁ ବଧ କରିସାରିଲେ ପାନଭୋଜନ କରିବି । ଅଧିକ କଅଣ କହିବି, ତେବେ ଯାଇ ତୁମ୍ଭ ସହିତ ସମ୍ଭୋଗ କରିବି । ପରନ୍ତୁ ତୁମେ ମଧ୍ୟ ନିଜ ପିତାଙ୍କୁ କହିଦେବ, ସେ ବହୁସଂଖ୍ୟକ ସୈନ୍ୟ ନେଇ ନଗରର ବାହାରକୁ ଯାଇ ଯୁଦ୍ଧ କରିବା ଉଚିତ । ମୁଁ ଆକାଶମାର୍ଗରେ ରହି ସବୁ ଶତ୍ରୁ ସୈନ୍ୟଙ୍କୁ ବଳହୀନ କରି ପକାଇବି । ତତ୍ପରେ ସେ ସହଜରେ ସେମାନଙ୍କୁ ବଧ କରିପାରିବେ । ଯଦି ମୁଁ ସେମାନଙ୍କୁ ସ୍ୱୟଂ ବଧକରେ, ତେବେ ସେ ପାପୀମାନଙ୍କର ବୈକୁଣ୍ଠଗତି ହୋଇଯିବ; ତେଣୁ ସେମାନଙ୍କୁ ପଳାଇବାବେଳେ ଏପରି ହତ୍ୟା କରିବାକୁ ହେବ, ଯେପରିକି ସେମାନେ ସ୍ୱର୍ଗକୁ ଯାଇପାରିବେ ନାହିଁ ।"

ରାଜକନ୍ୟା ଏହା ଶୁଣି ପିତାଙ୍କ ନିକଟକୁ ଯାଇ ସମସ୍ତ ବୃତ୍ତାନ୍ତ ଜଣାଇଲେ । ରାଜା କନ୍ୟାର କଥାରେ ବିଶ୍ୱାସ କରି ପ୍ରଭାତରୁ ଉଠି ସୁସଜ୍ଜିତ ସୈନ୍ୟ ସହିତ ଯୁଦ୍ଧ କରିବାକୁ ବାହାରିଲେ । କୌଳିକ ମଧ୍ୟ ନିଜର ମୃତ୍ୟୁକୁ ନିଶ୍ଚୟ କରି ହସ୍ତରେ ଧନୁଶର ଧରି, ଗରୁଡ଼ ଉପରେ ବସି ଗଗନମାର୍ଗରେ ଯୁଦ୍ଧ କରିବାକୁ ପ୍ରସ୍ଥାନ କଲା ।

ଏହି ଅବସରରେ ଅତୀତ, ବର୍ତ୍ତମାନ, ଭବିଷ୍ୟତ ଜ୍ଞାତା (ତ୍ରିକାଳଜ୍ଞ) ଭଗବାନ୍ ନାରାୟଣ ଗରୁଡ଼ଙ୍କୁ ସ୍ମରଣ କଲାମାତ୍ରେ ସେ ଉପସ୍ଥିତ ହୁଅନ୍ତେ, ନାରାୟଣ ହସିହସି ତାଙ୍କୁ କହିଲେ, "ଆହେ ଗରୁଡ଼, ତୁମେ ଜାଣ କି, ଏ କୌଳିକ ମୋ'ରି ରୂପ ଧାରଣ କରି, କାଷ୍ଠନିର୍ମିତ ଗରୁଡ଼ରେ ଆରୋହଣ କରି ରାଜକନ୍ୟାକୁ ଉପଭୋଗ କରୁଅଛି ?"

ଗରୁଡ଼ କହିଲେ, "ଦେବ, ତାହାର ସମସ୍ତ କାର୍ଯ୍ୟ ମୋତେ ଜଣାଅଛି । ତେବେ ବର୍ତ୍ତମାନ ମୁଁ କଅଣ କରିବି ?"

ଭଗବାନ କହିଲେ, ''ଆଜି କୌଳିକ ମରିବାକୁ କୃତନିଶ୍ଚୟ ହୋଇ ପ୍ରତିଜ୍ଞାକରି ଯୁଦ୍ଧକୁ ଯାଇଛି। ସେ ନିଶ୍ଚୟ ପ୍ରଧାନ କ୍ଷତ୍ରିୟମାନଙ୍କର ଶରାଘାତରେ ପ୍ରାଣ ହରାଇବ। ସେ ମଲେ ସବୁ ଲୋକେ କହିବେ, 'ବହୁସଂଖ୍ୟକ କ୍ଷତ୍ରିୟ ମିଳି ଗରୁଡ଼ ଓ ବାସୁଦେବଙ୍କୁ ମାରିପକାଇଲେ।' ତାହାହେଲେ ସଂସାରରେ କେହି ଆମ ଦୁହିଁଙ୍କର ପୂଜା କରିବେ ନାହିଁ। ତେଣୁ ତୁମେ ଅତି ଶୀଘ୍ର ଯାଇ ସେହି ଦାରୁମୟ ଗରୁଡ଼ରେ ପ୍ରବେଶ କର ଓ ମୁଁ ମଧ୍ୟ କୌଳିକର ଶରୀରରେ ପ୍ରବେଶ କରିବି। ଏହାଦ୍ୱାରା ସେ ଶତ୍ରୁମାନଙ୍କୁ ବଧ କରିପାରିବ। ତାହାପରେ ଶତ୍ରୁବଧହେତୁ ଆମ ଦୁହିଁଙ୍କର ମାହାତ୍ମ୍ୟ ବୃଦ୍ଧି ପାଇବ।''

''ତାହାହିଁ ହେଉ'' —ଏହା କହି ଗରୁଡ଼ ଦାରୁମୟ ଗରୁଡ଼ରେ ପ୍ରବେଶ କଲେ ଓ ଭଗବାନ ନାରାୟଣ କୌଳିକର ଶରୀରରେ ପ୍ରବେଶ କଲେ। ତହୁଁ ଭଗବାନ ନାରାୟଣଙ୍କ ମାହାତ୍ମ୍ୟରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଚିହ୍ନିତ ସେହି କୌଳିକ ଗଗନମାର୍ଗରେ ଥାଇ କ୍ଷଣକାଳ ମଧ୍ୟରେ ଅକ୍ଳେଶରେ ପ୍ରଧାନ କ୍ଷତ୍ରିୟମାନଙ୍କୁ ତେଜୋହୀନ କରିପକାଇଲା। ତତ୍ପରେ ନିଜ ସୈନ୍ୟମାନଙ୍କଦ୍ୱାରା ପରିବେଷ୍ଟିତ ରାଜା ସବୁ ଶତ୍ରୁଙ୍କୁ ପରାଜିତ କରି ବଧ କଲେ। ଲୋକମାନଙ୍କ ମଧ୍ୟରେ କିଂବଦନ୍ତୀ ପ୍ରଚାରିତ ହେଲା ଯେ, ''ରାଜା ନିଜର ଜାମାତା ବିଷ୍ଣୁଙ୍କ ପ୍ରଭାବରେ ସବୁ ଶତ୍ରୁଙ୍କୁ ବିନାଶ କଲେ।'' କୌଳିକ ମଧ୍ୟ ଶତ୍ରୁମାନେ ନିହତ ହୋଇଥିବାର ଦେଖି ଆକାଶରୁ ଅବତରଣ କଲା। ରାଜା, ଅମାତ୍ୟ ଓ ପୁରବାସୀ ଜଣେ ସାଧାରଣ ନଗରବାସୀ ଏହି କୌଳିକକୁ ଦେଖି ପଚାରିଲେ, ''ଏକଥା କଅଣ ?'' ତହୁଁ ସେ ମୂଳରୁ ଆରମ୍ଭ କରି ସମସ୍ତ ପୂର୍ବ-ବୃତ୍ତାନ୍ତ ଜଣାଇଲା। କୌଳିକର ସାହସରେ ପରିତୁଷ୍ଟ ଓ ଶତ୍ରୁବଧ ହେତୁ ବଳଶାଳୀ ସେହି ରାଜା ସବୁ ଲୋକଙ୍କ ସମକ୍ଷରେ ନିଜ କନ୍ୟାକୁ ବିବାହବିଧିପୂର୍ବକ ତାହା ହସ୍ତରେ ସମର୍ପଣ କଲେ ଓ ରାଜ୍ୟ ମଧ୍ୟ ଦେଲେ। କୌଳିକ ରାଜକନ୍ୟା ସହିତ ଜୀବଲୋକର ସାରଭୂତ ପଞ୍ଚବିଧ ବିଷୟସୁଖ ଅନୁଭବ କରି କାଳଯାପନ କରିବାକୁ ଲାଗିଲା। ଏହି ହେତୁରୁ କୁହାଯାଇଛି, ଉତ୍ତମରୂପେ ପ୍ରୟୋଗ କରାଯାଇଥିବା ଷଡ୍‌ଯନ୍ତ୍ରର ଅନ୍ତ ସ୍ୱୟଂ ବ୍ରହ୍ମା ମଧ୍ୟ ପାଆନ୍ତି ନାହିଁ।'

ତାହା ଶୁଣି କରଟକ କହିଲା, ''ଭଦ୍ର, ତାହାହିଁ ହେଉ। ପରନ୍ତୁ ତଥାପି ମୋର ମହାଭୟ ଜାତ ହେଉଅଛି। କାରଣ ସଞ୍ଜୀବକ ହେଉଛି ବୁଦ୍ଧିମାନ୍ ଓ ସିଂହ ମଧ୍ୟ ଭୟଙ୍କର ପ୍ରାଣୀ ଅଟେ। ଯଦ୍ୟପି ତୁମର ବୁଦ୍ଧିର ପ୍ରଗଲ୍‌ଭତା ଅଛି, ତଥାପି ତୁମେ ତାକୁ ପିଙ୍ଗଳକଠାରୁ ପୃଥକ୍ କରିବାକୁ ଅସମର୍ଥ।''

ଦମନକ କହିଲା, ''ଭାଇ, ଅସମର୍ଥ ହୋଇଥିଲେ ମଧ୍ୟ ମୁଁ ସମର୍ଥ। କାରଣ—

ଉପାୟେନ ହି ଯତ୍ କୁର୍ଯ୍ୟାଦ୍ ତନ୍ନଶକ୍ୟଂ ପରାକ୍ରମୈଃ
କାକ୍ୟା କନକସୂତ୍ରେଣ କୃଷ୍ଣସର୍ପୋ ନିପାତିତଃ॥ ୨୩୦ ॥

ଉପାୟଦ୍ୱାରା ଯାହା କରାଯାଇପାରେ, ପରାକ୍ରମଦ୍ୱାରା ତାହା କରାଯାଇ ନପାରେ। ଯେପରି କାକୀ (ମାଈକାଉ) କନକସୂତ୍ରଦ୍ୱାରା କୃଷ୍ଣସର୍ପକୁ ମାରିପକାଇଥିଲା। ୨୩୦।

କରଟକ କହିଲା, ''ସେ କଥା କଅଣ ?'' ଦମନକ କହିବାକୁ ଲାଗିଲା—

କାକୀ-କୃଷ୍ଣସର୍ପ କଥା

କୌଣସି ସ୍ଥାନରେ ଗୋଟିଏ ପ୍ରକାଣ୍ଡ ବଟବୃକ୍ଷ ଥିଲା। ସେଥିରେ ଗୋଟିଏ କାକ ଓ ଗୋଟିଏ କାକୀ ପତିପତ୍ନୀରୂପେ ବାସକରୁଥିଲେ। ସେ ଦୁହିଁଙ୍କର ସନ୍ତାନ ପ୍ରସବପରେ ବୃକ୍ଷକୋଟରରୁ ଗୋଟିଏ କୃଷ୍ଣସର୍ପ ବାହାରି ସବୁବେଳେ ତାହାର ଛୁଆମାନଙ୍କୁ ଖାଇଯାଉଥିଲା। ତହୁଁ ସେ ଦୁହେଁ ଦୁଃଖିତ ହୋଇ ବୃକ୍ଷମୂଳରେ ବାସକରୁଥିବା ପ୍ରିୟବନ୍ଧୁ ଶୃଗାଳ ପାଖକୁ ଯାଇ କହିଲେ, "ଭଦ୍ର, ଏପରି ଘଟୁଥିବାସ୍ଥଳେ ଆମ ଦୁହିଁଙ୍କର କର୍ତ୍ତବ୍ୟ କଅଣ? ଏହି ଦୁରାତ୍ମା କୃଷ୍ଣସର୍ପ ବୃକ୍ଷକୋଟରରୁ ବାହାରି ଏହିପରି ଆମର ଶାବକଗୁଡ଼ିକୁ ଖାଇଯାଉଅଛି। ତେଣୁ ସେମାନଙ୍କର ରକ୍ଷାନିମନ୍ତେ କୌଣସି ଉପାୟ କୁହ?

ଯସ୍ୟ କ୍ଷେତ୍ରଂ ନଦୀତୀରେ ଭାର୍ଯ୍ୟା ଚ଼ ପରସଙ୍ଗତା।
ସସର୍ପେ ଚ଼ ଗୃହେ ବାସଃ କଥଂ ସ୍ୟାତ୍ତସ୍ୟ ନିର୍ବୃତିଃ॥ ୨୩୧॥

ଯାହାର କ୍ଷେତ ନଦୀକୂଳରେ ଥାଏ, ଯାହାର ପତ୍ନୀ ପରପୁରୁଷଗାମିନୀ ହୁଏ ଓ ଯେ ସର୍ପଥିବା ଗୃହରେ ବାସକରେ– ଏମାନଙ୍କର କାହୁଁ ସୁଖପ୍ରାପ୍ତି ହେବ। ୨୩୧। ପୁଣି –

ସର୍ପଯୁକ୍ତେ ଗୃହେ ବାସୋ ମୃତ୍ୟୁରେବ ନ ସଂଶୟଃ।
ଯଦ୍‌ଗ୍ରାମାନ୍ତେ ବସେତ୍ସର୍ପସ୍ତସ୍ୟ ସ୍ୟାତ୍ପ୍ରାଣସଂଶୟଃ॥ ୨୩୨॥

ସର୍ପଯୁକ୍ତ ଗୃହରେ ବାସକଲେ ଯେ ମୃତ୍ୟୁ ହୁଏ, ଏଥିରେ ସନ୍ଦେହ ନାହିଁ। ପୁଣି ଯେଉଁ ଗ୍ରାମର ସୀମା ମଧ୍ୟରେ ସର୍ପ ଥାଏ, ସେଠାରେ ମଧ୍ୟ ପ୍ରାଣସଂଶୟ ହୋଇଥାଏ। ୨୩୨।

ସେ ଏଠାରେ ରହୁଥିବାରୁ ଆମମାନଙ୍କର ମଧ୍ୟ ପ୍ରତିଦିନ ଜୀବନସଂଶୟ ରହିଅଛି।"

ଶୃଗାଳ କହିଲା, "ଏ ବିଷୟରେ ଲବମାତ୍ର ଦୁଃଖ କରିବା ଉଚିତ ନୁହେଁ। ସେ ଲୋଭୀ ସର୍ପକୁ କୌଶଳ ବିନା ମାରିହେବନାହିଁ।

ଉପାୟେନ ଜୟୋ ଯାଦୃଗ୍ରିପୋସ୍ତାଦୃଙ୍ ନ ହେତିଭିଃ।
ଉପାୟଜ୍ଞୋଽଳ୍ପକାୟୋଽପି ନ ଶୂରୈଃ ପରିଭୂୟତେ॥ ୨୩୩॥

ଉପାୟଦ୍ୱାରା ଶତ୍ରୁକୁ ଯେପରି ଜୟ କରିହୁଏ, ଅସ୍ତ୍ରଦ୍ୱାରା ସେପରି ଜୟ କରି ହୁଏନାହିଁ; କାରଣ ଉପାୟ ଜାଣିଥିବା ପ୍ରାଣୀ କ୍ଷୁଦ୍ର ଶରୀରବିଶିଷ୍ଟ ହୋଇଥିଲେହେଁ ତାକୁ ବୀରମାନେ ମଧ୍ୟ ପରାଜିତ କରିପାରନ୍ତି ନାହିଁ। ୨୩୩। ପୁଣି –

ଭକ୍ଷୟିତ୍ୱା ବହୂନ୍ମତ୍ସ୍ୟାନୁତ୍ତମାଧମମଧ୍ୟମାନ୍
ଅତିଲୌଲ୍ୟାଦ୍‌ବକଃ କଶ୍ଚିନ୍ମୃତଃ କର୍କଟକଗ୍ରହାତ୍॥ ୨୩୪॥

ଅନେକ ପ୍ରକାରର ଉତ୍ତମ, ମଧ୍ୟମ ଓ ଅଧମ ମତ୍ସ୍ୟ ଭକ୍ଷଣ କରି ଅତି ଲୋଭ ହେତୁରୁ କୌଣସି ବକ କର୍କଟଦ୍ୱାରା ଧୃତ ହୋଇ ପ୍ରାଣ ହରାଇଥିଲା।"। ୨୩୪।

ସେ ଦୁହେଁ (କାକ ଓ କାକୀ) କହିଲେ, "ସେ କଥା କଅଣ?" ଶୃଗାଳ କହିବାକୁ ଲାଗିଲା –

ବକ-କର୍କଟକ କଥା

କୌଣସି ବନପ୍ରଦେଶରେ ନାନା ଜଳଚର ପ୍ରାଣୀଦ୍ୱାରା ପରିପୂର୍ଣ୍ଣ ଗୋଟିଏ ବୃହତ୍ ପୁଷ୍କରିଣୀ ଥିଲା। ସେଥିରେ ଆଶ୍ରୟ ନେଇଥିବା ଗୋଟିଏ ବକ ବୃଦ୍ଧାବସ୍ଥାରେ ଉପସ୍ଥିତ ହେବାରୁ ମତ୍ସ୍ୟମାନଙ୍କୁ ମାରିବାକୁ ଅକ୍ଷମ ହୋଇପଡ଼ିଲା। ତହୁଁ ସେ କ୍ଷୁଧାରେ ଶୁଷ୍କକଣ୍ଠ ହୋଇ ପୁଷ୍କରିଣୀତଟରେ ବସି ମୁକ୍ତାଫଳ ସଦୃଶ ଅଶ୍ରୁ-ପ୍ରବାହରେ ଧରାତଳକୁ ସିକ୍ତ କରି କ୍ରନ୍ଦନ କରିବାକୁ ଲାଗିଲା। ନାନା ଜଳଚର ଜୀବଙ୍କ ସହିତ ଗୋଟିଏ କର୍କଟ ତାହା ପାଖକୁ ଆସି ତାହାର ଦୁଃଖରେ ଦୁଃଖିତ ହୋଇ ଆଦରରେ କହିଲା, "ମାମୁ, ଆଜି ତୁମେ କାହିଁକି ଆହାର ଅନ୍ୱେଷଣ କରୁନାହଁ? କେବଳ ଚକ୍ଷୁକୁ ଅଶ୍ରୁପୂର୍ଣ୍ଣ କରି ଦୀର୍ଘନିଶ୍ୱାସ ପକାଇ ରହିଛ?" ବକ କହିଲା, "ବତ୍ସ, ତୁମେ ଠିକ୍ ଲକ୍ଷ୍ୟ କରିଛ। ମତ୍ସ୍ୟଭକ୍ଷଣ ପ୍ରତି ମୋର ପରମ ବୈରାଗ୍ୟ ଆସିଥିବାରୁ ମୁଁ ବର୍ତ୍ତମାନ ଆମରଣ ଅନଶନ କରିଛି। ତେଣୁ ମୋର ନିକଟକୁ ଆସୁଥିବା ମତ୍ସ୍ୟମାନଙ୍କୁ ମଧ୍ୟ ଭକ୍ଷଣ କରୁନାହିଁ।" ଏହା ଶୁଣି କେହି ଜଣେ କହିଲା, "ମାମୁ, ଏହି ବୈରାଗ୍ୟର କାରଣ କଣ?" ବକ କହିଲା, "ମୁଁ ଏହି ପୁଷ୍କରିଣୀରେ ଜନ୍ମିଛି ଓ ବଢ଼ିଆସିଛି। ଏବେ ମୁଁ ଶୁଣିଲି ଯେ ବାରବର୍ଷବ୍ୟାପୀ ଅନାବୃଷ୍ଟି ଲଗ୍ନ ପଡ଼ିବ।" କର୍କଟ କହିଲା, "କାହାଠାରୁ ଶୁଣିଲ?" ବକ କହିଲା, "ଜ୍ୟୋତିଷମାନଙ୍କ ମୁଖରୁ। ଶନୈଶ୍ଚର ରୋହିଣୀମଣ୍ଡଳକୁ ଭେଦ କରି ଭୌମ ଓ ଶୁକ୍ରକୁ ଯିବ। ବରାହମିହିର କହିଛନ୍ତି –

ଯଦି ଭିନ୍ତେ ସୂର୍ଯ୍ୟସୁତୋ ରୋହିଣ୍ୟାଃ ଶକଟମିହ ଲୋକେ।
ଦ୍ୱାଦଶବର୍ଷାଣି ତଦା ନହି ବର୍ଷତି ବାସବୋ ଭୂମୌ॥ ୨୩୫॥

ଯଦି ସୂର୍ଯ୍ୟପୁତ୍ର (ଶନି) ରୋହିଣୀର ମଣ୍ଡଳକୁ ଭେଦ କରନ୍ତି, ତେବେ ଏ ସଂସାରରେ ଇନ୍ଦ୍ର ବାରବର୍ଷ ପର୍ଯ୍ୟନ୍ତ ଭୂମି ଉପରେ ଜଳ ବର୍ଷା କରନ୍ତି ନାହିଁ। ୨୩୫।

ପ୍ରାଜାପତ୍ୟେ ଶକଟେ ଭିନ୍ନେ କୃତ୍ୱେବ ପାତକଂ ବସୁଧା।
ଭସ୍ମାସ୍ଥିସକଳକୀର୍ଣ୍ଣା କାପାଳିକମିବ ବ୍ରତଂ ଧତ୍ତେ॥ ୨୩୬॥

ଶନି ରୋହିଣୀଙ୍କ ମଣ୍ଡଳକୁ ଭେଦ କଲେ ପୃଥିବୀ ସତେ ଯେପରି ପାପ କଲାପରେ ଭସ୍ମ ଓ ଅସ୍ଥିଖଣ୍ଡଦ୍ୱାରା ବ୍ୟାପ୍ତ ହୋଇ କାପାଳିକ ବ୍ରତଧାରଣ କରେ। ୨୩୬। ପୁଣି –

ରୋହିଣୀଶକଟମର୍କନନ୍ଦନଶ୍ଚେଦ୍‌ଭିନତ୍ତି ରୁଧିରୋଽଥବା ଶଶୀ।
କିଂ ବଦାମି ତଦନିଷ୍ଟସାଗରେ ସର୍ବଲୋକମୁପଯାତି ସଂକ୍ଷୟମ୍॥ ୨୩୭॥

(ଅର୍କନନ୍ଦନ) ଶନି, ଅଥବା (ରୁଧିର) ମଙ୍ଗଳ, ଅଥବା ଚନ୍ଦ୍ର ଯଦି ରୋହିଣୀମଣ୍ଡଳକୁ ଭେଦ କରନ୍ତି, ତେବେ ଯେଉଁ ଅନିଷ୍ଟସାଗର ସୃଷ୍ଟି ହୁଏ, ତାହା କିପରି ବର୍ଣ୍ଣନା କରିବି? ଏଥିରେ ସକଳ ସଂସାର ବିନାଶପ୍ରାପ୍ତ ହୁଏ। ୨୩୭।

ରୋହିଣୀଶକଟ ମଧ୍ୟ ସଂସ୍ଥିତେ ଚନ୍ଦ୍ରମସ୍ୟଶରଣୀକୃତା ଜନାଃ ।
କ୍ୱାପି ଯାନ୍ତି ଶିଶୁପାଚିତାଶନାଃ ସୂର୍ଯ୍ୟତପ୍ତଭିଦୁରାମ୍ବୁପାୟିନ ।। ୨୩୮ ।।

ରୋହିଣୀର ମଣ୍ଡଳ ମଧ୍ୟରେ ଚନ୍ଦ୍ର ଅବସ୍ଥାନ କଲେ, ଲୋକେ ରକ୍ଷକବିହୀନ ହୋଇ ନିଜ ସନ୍ତାନଙ୍କୁ ମଧ୍ୟ ସିଦ୍ଧ କରି ଖାଇଯାନ୍ତି; ସୂର୍ଯ୍ୟକିରଣରେ ଉତ୍ତପ୍ତ ଜଳକୁ ପାନକରି କେଉଁଆଡ଼େ ପଳାନ୍ତି । ୨୩୮ ।

ଏହି ପୁଷ୍କରିଣୀରେ ସ୍ୱଳ୍ପ ଜଳ ଅଛି; ଶୀଘ୍ର ଶୁଷ୍କ ହୋଇଯିବ । ଏହା ଶୁଷ୍କ ହୋଇଗଲେ, ଯେଉଁମାନଙ୍କ ସଙ୍ଗରେ ମୁଁ ବଢ଼ିଆସିଛି, ସର୍ବଦା କ୍ରୀଡ଼ା କରିଆସିଛି, ସେମାନେ ସମସ୍ତେ ଜଳାଭାବରୁ ବିନଷ୍ଟ ହେବେ । ସେମାନଙ୍କର ବିୟୋଗ ମୁଁ ଦେଖିପାରିବି ନାହିଁ । ତେଣୁ ଏହି ଆମରଣ ଅନଶନ କରିଛି । ବର୍ତ୍ତମାନ ଅଳ୍ପ ଜଳବିଶିଷ୍ଟ ଜଳାଶୟମାନଙ୍କର ଜଳଚର ପ୍ରାଣୀମାନେ ନିଜର ଆତ୍ମୀୟମାନଙ୍କୁ ବହୁଜଳପୂର୍ଣ୍ଣ ଜଳାଶୟକୁ ନେଇଯାଉଅଛନ୍ତି । କୁମ୍ଭୀର, ମଗର, ଗୋଧି, ଶିଶୁମାର, ଜଳହସ୍ତୀ ପ୍ରଭୃତି କେତେକେ ନିଜେ ନିଜେ ଚାଲିଯାଉଅଛନ୍ତି । କିନ୍ତୁ ଏହି ପୁଷ୍କରିଣୀରେ ଯେଉଁ ଜଳଚରମାନେ ଅଛନ୍ତି ସେମାନେ ନିଶ୍ଚିନ୍ତ ହୋଇ ରହିଛନ୍ତି । ଏହି ହେତୁରୁ ମୁଁ ବିଶେଷଭାବରେ ରୋଦନ କରୁଛି; କାରଣ, ଏମାନଙ୍କ ମଧ୍ୟରୁ କାହାରି ନାମଗନ୍ଧ ମଧ୍ୟ ରହିବନାହିଁ ।''

ତତ୍ପରେ ସେହି କର୍କଟ ଏହା ଶୁଣି ଅନ୍ୟ ଜଳଚର ଜୀବମାନଙ୍କୁ ବକର କଥା ଜଣାଇଲା । ଅନନ୍ତର ମତ୍ସ୍ୟ କଚ୍ଛପ ପ୍ରଭୃତି ସମସ୍ତେ ଭୟତ୍ରସ୍ତ ମନରେ ବକ ନିକଟକୁ ଯାଇ ପଚାରିଲେ, ''ମାମୁ, ଆମେ ରକ୍ଷା ପାଇବାର କୌଣସି ଉପାୟ ଅଛି ?'' ବକ କହିଲା, ''ଏହି ଜଳାଶୟଠାରୁ ଅଳ୍ପ ଦୂରରେ ପଦ୍ମଦ୍ୱାରା ସୁଶୋଭିତ ପ୍ରଚୁର ଜଳପୂର୍ଣ୍ଣ ଗୋଟିଏ ପୁଷ୍କରିଣୀ ଅଛି । ଚବିଶ ବର୍ଷ ପର୍ଯ୍ୟନ୍ତ ଅନାବୃଷ୍ଟି ହେଲେ ମଧ୍ୟ ତାହା ଶୁଷ୍କ ହେବନାହିଁ । ତେଣୁ କେହି ଯଦି ମୋ ପୃଷ୍ଠରେ ଆରୋହଣ କରେ, ତେବେ ମୁଁ ତାକୁ ସେଠାକୁ ନେଇଯିବି ।''

ଅନନ୍ତର ସେମାନେ ତାହାଠାରେ ବିଶ୍ୱାସ କରି କିଏ ବାପା, କିଏ ମାମୁ, କିଏ ଭାଇ ଏହିପରି ଡାକି, 'ଆଗ ମୋତେ ନିଅ, ମୋତେ ଆଗ' କହି ତାହାର ଚାରିପାଖେ ରହିଲେ । ସେ ଦୁରାତ୍ମା ମଧ୍ୟ ସେମାନଙ୍କୁ ଗୋଟିକ ପରେ ଗୋଟିଏ ପିଠିରେ ଚଢ଼ାଇ ସରୋବରର ଅନତିଦୂରରେ ଗୋଟିଏ ପ୍ରସ୍ତର ଉପରେ ନିକ୍ଷେପ କରି ଇଚ୍ଛାନୁସାରେ ଖାଇଲା । ପୁନଶ୍ଚ ଜଳାଶୟକୁ ଫେରିଆସି ମିଥ୍ୟାସମ୍ବାଦଦ୍ୱାରା ଜଳଚର ପ୍ରାଣୀମାନଙ୍କର ମନକୁ ପ୍ରସନ୍ନ କରି ପ୍ରତ୍ୟହ ସେମାନଙ୍କୁ ଭୋଜନ କରିବାକୁ ଲାଗିଲା । ଦିନେ ସେହି କର୍କଟ କହିଲା, ''ମାମୁ, ମୋ ସାଥିରେ ତୁମର ପ୍ରଥମେ ସ୍ନେହାଳାପ ହୋଇଥିଲା । ତେବେ ମୋତେ ଛାଡ଼ି ଅନ୍ୟମାନଙ୍କୁ କାହିଁକି ନେଉଛ ? ତେଣୁ ଆଜି ମୋର ପ୍ରାଣ ରକ୍ଷାକର ।''

ଏହା ଶୁଣି ସେହି ଦୁଷ୍ଟବୁଦ୍ଧି ବକ ଚିନ୍ତାକଲା— 'ମାଛର ମାଂସ ଖାଇ ଖାଇ ଅରୁଚି ଆସିଗଲାଣି । ତେଣୁ ଆଜି ଏହି କର୍କଟକୁ ବ୍ୟଞ୍ଜନ ପରି ଖାଇବି ।' ଏହା ମନରେ ଭାବି ବକ ତାହାକୁ ପିଠିରେ ବସାଇ ସେହି ବଧ୍ୟଶିଳାକୁ ଲକ୍ଷ୍ୟକରି ଗଲା । କର୍କଟ ମଧ୍ୟ ଦୂରରୁ ପ୍ରସ୍ତର ନିକଟରେ ଅସ୍ଥିର ପର୍ବତଟିଏ ଦେଖି, ତାହା ମତ୍ସ୍ୟମାନଙ୍କର

ଅଛି ବୋଲି ଜାଣିପାରି ତାହାକୁ ପଚାରିଲା, ''କେତେ ଦୂରରେ ସେ ଜଳାଶୟ? ମୋର ଭାରରେ ତୁମେ ଅତ୍ୟନ୍ତ କ୍ଲାନ୍ତ ହୋଇଗଲଣି, ଏବେ କହ।'' ସେ ମନ୍ଦବୁଦ୍ଧି ବକ ମଧ୍ୟ 'ଏ କର୍କଟ ଜଳଚର, ସ୍ଥଳରେ ଏହାର ଶକ୍ତି ନାହିଁ' ଏହା ମନେକରି ହସି ହସି କହିଲା, ''ଆରେ କର୍କଟ, ଅନ୍ୟ ଜଳାଶୟ କାହିଁ! ଏହାହିଁ ମୋର ଜୀବନଯାତ୍ରା। ତେଣୁ ନିଜର ଇଷ୍ଟଦେବତାଙ୍କୁ ସ୍ମରଣ କର। ତୋତେ ମଧ୍ୟ ଏହି ଶିଳା ଉପରେ ପକାଇ ଖାଇବି।'' ସେ ଏହା କହନ୍ତେ କର୍କଟ ନିଜ ମୁଖର ଦନ୍ତ ଦୁଇଟିରେ ବକର କମଳନାଳ-ସଦୃଶ ଧବଳ କୋମଳ ଗ୍ରୀବାଦେଶକୁ କାମୁଡ଼ି ଧରିଲା ଓ ବକ ପ୍ରାଣ ହରାଇଲା।

ଏହାପରେ ସେ ବକର ଗ୍ରୀବାକୁ ଘେନି ଧୀରେ ଧୀରେ ସେହି ଜଳାଶୟକୁ ଫେରିଆସିଲା। ତହୁଁ ସମସ୍ତ ଜଳଚର ପ୍ରାଣୀ ପଚାରିଲେ, ''ଭୋ କର୍କଟ, ତୁମେ କାହିଁକି ଫେରିଆସିଲ? ମାମୁ କାହିଁକି ଫେରିଆସିଲେ ନାହିଁ? ସେ କାହିଁକି ବିଳମ୍ବ କରୁଅଛନ୍ତି? ଆମେମାନେ ଉତ୍କଣ୍ଠିତ ହୋଇ ପ୍ରତିକ୍ଷଣରେ ତାଙ୍କୁ ଅପେକ୍ଷା କରି ରହିଛୁ।''

ସେମାନେ ଏହିପରି ପଚାରିବାରୁ କର୍କଟ ହସି ହସି କହିଲା, ''ସବୁ ଜଳଚର ପ୍ରାଣୀ ମୂର୍ଖ। ସେ ମିଥ୍ୟାବାଦୀ ବକ ସେମାନଙ୍କୁ ପ୍ରତାରଣା କରି ନେଇ ଅଳ୍ପ ଦୂରରେ ପ୍ରସ୍ତର ଉପରେ ନିକ୍ଷେପ କରି ଖାଇଅଛି। କିନ୍ତୁ ମୋର ଆୟୁଷ ଥିବାରୁ ସେହି ବିଶ୍ୱାସଘାତକର ଅଭିପ୍ରାୟ ଜାଣିପାରି ତାର ଗ୍ରୀବାଟି ନେଇଆସିଛି। ବର୍ତ୍ତମାନ ବିଚଳିତ ହେବାର ବା ଭୟର କାରଣ ନାହିଁ। ଏବେ ସବୁ ଜଳଚର ପ୍ରାଣୀଙ୍କର ମଙ୍ଗଳ ହେବ।''

ଏହି ହେତୁରୁ ମୁଁ କହୁଥିଲି – 'ଭକ୍ଷୟିତ୍ୱା ବହୂନ୍ ମତ୍ସ୍ୟାନ୍ ଇତ୍ୟାଦି . . .'

କାକ କହିଲା, ''ଭଦ୍ର! କହ, ସେ ଦୁଷ୍ଟ ସର୍ପ କିପରି ମରିବ?'' ଶୃଗାଳ କହିଲା, ''ତୁମେ କୌଣସି ରାଜାଙ୍କର ରାଜଧାନୀକୁ ଯିବ। ସେଠାରେ କୌଣସି ଅସାବଧାନ, ଧନୀ ରାଜା ଅଥବା ମନ୍ତ୍ରୀଙ୍କର କନକସୂତ୍ର ବା ହାର ନେଇଆସି ସେହି କୋଟରରେ ପକାଇଦିଅ; ତାହାହେଲେ ସେହି ସ୍ୱର୍ଣ୍ଣସୂତ୍ର ବା ହାରକୁ ଗ୍ରହଣ କରିବା କାରଣରୁ ସର୍ପ ନିହତ ହେବ।''

ଏହା ଶୁଣି କାକ ଓ କାକୀ ତତ୍କ୍ଷଣାତ୍ ସ୍ୱେଚ୍ଛାନୁସାରେ ଉଡ଼ି ଚାଲିଲେ। କାକୀ ଗୋଟିଏ ସରୋବର ନିକଟରେ ପହଞ୍ଚି ଦେଖିଲା, ରାଜଅନ୍ତଃପୁରର ରମଣୀମାନେ ଜଳ ନିକଟରେ ସୁନାର ମାଳା ଓ ସୁବର୍ଣ୍ଣସୂତ୍ରରେ ଗ୍ରଥିତ ମୁକ୍ତାହାର, ବସ୍ତ୍ର ଓ ଅଳଙ୍କାର ବାହାର କରି ରଖି ଜଳକ୍ରୀଡ଼ା କରୁଅଛନ୍ତି। ତହୁଁ ସେ ବାୟସୀ ଗୋଟିଏ କନକସୂତ୍ର ନେଇଆସି ନିଜ ବସାକୁ ଚାଲିଗଲା। ତତ୍ପରେ କଞ୍ଚୁକୀ ଓ ପ୍ରହରୀମାନେ ଲଗୁଡ଼ ଧରି ଶୀଘ୍ର ତାର ପଛେ ପଛେ ଦୌଡ଼ିଲେ। କାକୀ ସେହି କନକସୂତ୍ରଟିକୁ ସର୍ପର କୋଟରରେ ପକାଇଦେଇ ବହୁତ ଦୂରରେ ବସିଲା। ଯେତେବେଳେ ରାଜପୁରୁଷମାନେ କାକୀକୁ ଅନୁସରଣ ପୂର୍ବକ ସେହି ବୃକ୍ଷରେ ଆରୋହଣ କରି କୋଟରକୁ ଚାହିଁଲେ, ସେତେବେଳେ ଫଣାକୁ ପ୍ରସାରିତ କରିଥିବା କୃଷ୍ଣସର୍ପକୁ ଦେଖିଲେ। ତତ୍ପରେ ସେମାନେ

ତାହାକୁ ଲଗୁଡ଼ ପ୍ରହାରରେ ବଧ କରି କନକସୂତ୍ରକୁ ନେଇ ନିଜର ଅଭିଳଷିତ ସ୍ଥାନକୁ ଚାଲିଗଲେ। ବାୟସ ଓ ବାୟସୀ ଏହାପରେ ସୁଖରେ ବାସକରିବାକୁ ଲାଗିଲେ। ଏହି ହେତୁରୁ ମୁଁ କହୁଥିଲି– 'ଉପାୟେନ ହି ଯତ୍ କୁର୍ଯ୍ୟାତ୍...' ଇତ୍ୟାଦି।

ତେଣୁ ବୁଦ୍ଧିମାନ୍ ବ୍ୟକ୍ତି ପକ୍ଷରେ କିଛିହେଲେ ଅସାଧ ନାହିଁ। କଥିତ ଅଛି–

ଯସ୍ୟ ବୁଦ୍ଧିର୍ବଲଂ ତସ୍ୟ ନିର୍ବୁଦ୍ଧେସ୍ତୁ କୁତୋ ବଳମ୍।
ବନେ ସିଂହୋ ମଦୋନ୍ମତ୍ତଃ ଶଶକେନ ନିପାତିତଃ।। ୨୩୯ ।।

ଯାହାର ବୁଦ୍ଧି ଅଛି, ତାର ବଳ ଅଛି। ନିର୍ବୁଦ୍ଧି ଲୋକର ବଳ କାହୁଁ ଆସିବ? ସେଥିପାଇଁ ତ ବନରେ ମଦମତ୍ତ ସିଂହ ଶଶକଦ୍ୱାରା ନିହତ ହୋଇଥିଲା। ୨୩୯।

କରଟକ କହିଲା, ''ଏହା କିପରି ହେଲା?''

ଦମନକ କହିବାକୁ ଲାଗିଲା–

ସିଂହ-ଶଶକ କଥା

କୌଣସି ବନରେ ଭାସୁରକ ନାମରେ ଗୋଟିଏ ସିଂହ ବାସକରୁଥିଲା। ବଳାଧିକ୍ୟ ହେତୁରୁ ସେ ପ୍ରତ୍ୟହ ବହୁସଂଖ୍ୟକ ମୃଗ ଶଶକାଦି ବଧ କରି ମଧ ଶାନ୍ତି ପାଉନଥିଲା। ଦିନେ ସେହି ବନରେ ବାସକରୁଥିବା ହରିଣ, ବରାହ, ମହିଷ, ଶଶକ ପ୍ରଭୃତି ସମସ୍ତେ ମିଳି ତାହା ନିକଟକୁ ଯାଇ କହିଲେ, ''ହେ ପ୍ରଭୁ, ପ୍ରତ୍ୟହ ସବୁ ପଶୁଙ୍କୁ ବଧ କରି ଫଳ କଅଣ? କାରଣ ଗୋଟିଏ ମାତ୍ର ପଶୁଦ୍ୱାରା ଆପଣଙ୍କର ତୃପ୍ତି ହୁଏ। ତେଣୁ ଆପଣ ଆମମାନଙ୍କ ସହିତ ଗୋଟିଏ ଚୁକ୍ତି କରନ୍ତୁ। ଆଜିଠାରୁ ଆପଣ ଏହିଠାରେ ବସିରହନ୍ତୁ; ଆପଣଙ୍କ ଭୋଜନ ନିମନ୍ତେ ପ୍ରତିଦିନ ଗୋଟିଏ ପଶୁ କ୍ରମ ଅନୁସାରେ ଏଠାକୁ ଆସିବ। ଏପରି କରାଗଲେ ବିନା କଷ୍ଟରେ ଆପଣଙ୍କର ଜୀବନଯାତ୍ରା ଚାଲିବ ଏବଂ ଆମମାନଙ୍କର ମଧ ସମସ୍ତଙ୍କର ବିନାଶ ଘଟିବ ନାହିଁ। ଅତଏବ ଆପଣ ଏହି ରାଜଧର୍ମ ପାଳନ କରନ୍ତୁ। କଥିତ ଅଛି–

ଶନୈଃ ଶନୈଶ୍ଚ ଯୋ ରାଜ୍ୟମୁପଭୁଙ୍କ୍ତେ ଯଥାବଳମ୍।
ରସାୟନମିବ ପ୍ରାଜ୍ଞଃ ସ ପୁଷ୍ଟିଂ ପରମାଂ ବ୍ରଜେତ୍।। ୨୪୦ ।।

ଯେଉଁ ବୁଦ୍ଧିମାନ୍ ବ୍ୟକ୍ତି ନିଜର- ଶକ୍ତି ଅନୁସାରେ ରସାୟନ (ବଳକାରକ ଔଷଧ) ସେବନ କଲାପରି ଧୀରେ ଧୀରେ ରାଜ୍ୟକୁ ଉପଭୋଗ କରେ, ସେ ଅତ୍ୟନ୍ତ ଉନ୍ନତି ଲାଭକରେ। ୨୪୦।

ବିଧିନା ମନ୍ତ୍ରଯୁକ୍ତେନ ରୁକ୍ଷାପି ମଥିତାପି ଚ।
ପ୍ରଯଚ୍ଛତି ଫଳଂ ଭୂମିରରଣୀବ ହୁତାଶନମ୍।। ୨୪୧ ।।

ଯେପରି (ଶାସ୍ତ୍ରୋକ୍ତ) ବିଧିରେ ମନ୍ତ୍ର ଜପ କରି ରୁକ୍ଷ ଅରଣି (ଯଜ୍ଞପାଇଁ ଅଗ୍ନି ଉତ୍ପାଦନର କାଷ୍ଠ)କୁ ମନ୍ଥନ କଲେ ଅଗ୍ନି ଉତ୍ପନ୍ନ ହୁଏ, ସେହିପରି ଉପାୟପୂର୍ବକ କୃଷି କଲେ ଊଷର ଭୂମି ମଧ ଫଳ ଦେଇଥାଏ। ୨୪୧।

ପ୍ରଜାନାଂ ପାଳନଂ ଶସ୍ୟଂ ସ୍ୱର୍ଗକୋଶସ୍ୟ ବର୍ଦ୍ଧନମ୍ ।
ପୀଡ଼ନଂ ଧର୍ମନାଶାୟ ପାପାୟାଯଶସେ ସ୍ଥିତମ୍ ।। ୨୪୨ ।।

ପ୍ରଜାମାନଙ୍କୁ ପାଳନ କରିବା ରାଜାମାନଙ୍କ ପକ୍ଷରେ ପ୍ରଶଂସନୀୟ ଓ ସ୍ୱର୍ଗରୂପ ଧନଭଣ୍ଡାରର ବର୍ଦ୍ଧନକାରୀ ଅଟେ; କିନ୍ତୁ ପ୍ରଜାମାନଙ୍କୁ ପୀଡ଼ନ କରିବାଦ୍ୱାରା ଧନନାଶ, ପାପ ଓ ଅପଯଶ ହୋଇଥାଏ । ୨୪୨ ।

ଗୋପାଳେନ ପ୍ରଜାଧେନୋର୍ବିତ୍ତଦୁଗ୍ଧଂ ଶନୈଃ ଶନୈଃ ।
ପାଳନାତ୍ପୋଷଣାଦ୍‌ଗ୍ରାହ୍ୟଂ ନ୍ୟାଯ୍ୟାଂ ବୃତ୍ତିଂ ସମାଚରେତ୍ ।। ୨୪୩ ।।

ଗୋପାଳ ଗୋରୁମାନଙ୍କୁ ପାଳନ-ପୋଷଣ କରି ଧୀରେ ଧୀରେ ସେମାନଙ୍କଠାରୁ ଦୁଧ ନେଲାପରି ରାଜା ପ୍ରଜାମାନଙ୍କୁ ପାଳନପୋଷଣ କରି ଧୀରେ ଧୀରେ ସେମାନଙ୍କଠାରୁ ଧନ ଗ୍ରହଣ କରି ସର୍ବଦା ନ୍ୟାୟ ବ୍ୟବହାର କରିବା ଉଚିତ । ୨୪୩ ।

ଅଜାମିବ ପ୍ରଜାଂ ମୋହାଦ୍ୟୋ ହନ୍ୟାତ୍ପୃଥିବୀପତିଃ ।
ତସ୍ୟୈକା ଜାୟତେ ତୃପ୍ତିର୍ନ ଦ୍ୱିତୀୟା କଥଂଚନ ।। ୨୪୪ ।।

ଯେଉଁ ରାଜା ମୋହଗ୍ରସ୍ତ ହୋଇ ପ୍ରଜାମାନଙ୍କୁ ଛାଗତୁଲ୍ୟ ବଧ କରନ୍ତି, ତାହାଦ୍ୱାରା ତାଙ୍କର ଥରେମାତ୍ର ତୃପ୍ତି ହୁଏ; ଦ୍ୱିତୀୟ ଥର ହୁଏ ନାହିଁ । ୨୪୪ ।

ଫଳାର୍ଥୀ ନୃପତିର୍ଲୋକାନ୍ ପାଳୟେଦ୍‌ଯତ୍ନମାସ୍ଥିତଃ ।
ଦାନମାନାଦିତୋୟେନ ମାଳାକାରୋଽଙ୍କୁରାନିବ ।। ୨୪୫ ।।

ଯେପରି ଫଳ ଆଶାକରି ଯତ୍ନ ସହିତ ମାଳୀ ଅଙ୍କୁରରେ ଜଳସେଚନ କରେ, ସେହିପରି ଫଳାର୍ଥୀ ରାଜା ଦାନ-ସମ୍ମାନାଦି ରୂପକ ଜଳଦ୍ୱାରା ଯତ୍ନସହକାରେ ପ୍ରଜାମାନଙ୍କୁ ପାଳନ କରିବା ଉଚିତ । ୨୪୫ ।

ନୃପଦୀପୋ ଧନସ୍ନେହଂ ପ୍ରଜାଭ୍ୟଃ ସଂହରନ୍ନପି ।
ଆନ୍ତରସ୍ଥୈର୍ଗୁଣୈଃ ଶୁଭ୍ରୈର୍ଲକ୍ଷ୍ୟତେ ନୈବ କେନଚିତ୍ ।। ୨୪୬ ।।

ରାଜାରୂପୀ ପ୍ରଦୀପ ପ୍ରଜାମାନଙ୍କଠାରୁ ଧନରୂପ ତୈଳ ଆହରଣ କରୁଥିଲେହେଁ ଦୀପ ଭିତରେ ଅଲକ୍ଷ୍ୟରେ ଥିବା ସଳିତା ପରି ରାଜାଙ୍କ ହୃଦୟରେ ଉତ୍ତମ ଗୁଣ ଥିବାରୁ ତାହା କେହି ଲକ୍ଷ୍ୟ କରିପାରନ୍ତି ନାହିଁ । ୨୪୬ ।

ଯଥା ଗୌର୍ଦୁହ୍ୟତେ କାଲେ ପାଲ୍ୟତେ ଚ ତଥା ପ୍ରଜା ।
ସିଚ୍ୟତେ ଚୀୟତେ ଚୈବ ଲତାପୁଷ୍ପଫଳପ୍ରଦା ।। ୨୪୭ ।।

ଯେପରି ଗାଈକୁ ଯଥାସମୟରେ ଦୋହନ କରି ପାଳନ କରିବାକୁ ହୁଏ ଓ ଯେପରି ପୁଷ୍ପଫଳଦାୟକ ଲତାରେ ଜଳସେଚନ କରି ପୁଷ୍ପ ଫଳ ଚୟନ କରିବାକୁ ହୁଏ, ସେହିପରି ରାଜା ପ୍ରଜାଙ୍କଠାରୁ କର ଆଦି ଗ୍ରହଣ କରିବା ଓ ସେମାନଙ୍କୁ ପ୍ରତିପାଳନ କରିବା ଉଚିତ । ୨୪୭ ।

ଯଥା ବୀଜାଙ୍କୁରଃ ସୂକ୍ଷ୍ମଃ ପ୍ରଯତ୍ନେନାଭିରକ୍ଷିତଃ ।
ଫଳପ୍ରଦୋ ଭବେତ୍କାଲେ ତଦ୍ୱଲ୍ଲୋକଃ ସୁରକ୍ଷିତଃ ।। ୨୪୮ ।।

ଯେପରି କ୍ଷୁଦ୍ର ବୀଜାଙ୍କୁର ଯତ୍ନସହକାରେ ସୁରକ୍ଷିତ ହେଲେ ଯଥାସମୟରେ ଫଳଦାନ କରିଥାଏ, ସେହିପରି ପ୍ରଜାମାନେ ଯତ୍ନ ସହିତ ସୁରକ୍ଷିତ ହେଲେ, ସମୟରେ ଫଳ ଦେଇଥାନ୍ତି (ଅର୍ଥାତ୍ ରାଜାଙ୍କ କାର୍ଯ୍ୟରେ ଆସନ୍ତି)। ୨୪୮।

ହିରଣ୍ୟଧାନ୍ୟରତ୍ନାନି ଯାନାନି ବିବିଧାନି ଚ।
ତଥାନ୍ୟଦପି ଯତ୍କିଞ୍ଚିଦ୍‌ପ୍ରଜାଭ୍ୟଃ ସ୍ୟାନ୍ମହୀପତେଃ॥ ୨୪୯॥

ସୁବର୍ଣ୍ଣ, ଧାନ, ରତ୍ନ, ବିବିଧ ଯାନବାହନ, ଅନ୍ୟ ଯାହା କିଛି ରାଜାଙ୍କର ଥାଏ, ସେସବୁ ପ୍ରଜାମାନଙ୍କଠାରୁହିଁ ଆସିଥାଏ। ୨୪୯।

ଲୋକାନୁଗ୍ରହକର୍ତ୍ତାରଃ ପ୍ରବର୍ଦ୍ଧନ୍ତେ ନରେଶ୍ୱରାଃ।
ଲୋକାନାଂ ସଂକ୍ଷୟାଚ୍ଚୈବ କ୍ଷୟଂ ଯାନ୍ତି ନ ସଂଶୟଃ॥ ୨୫୦॥

ପ୍ରଜାମାନଙ୍କୁ ଅନୁଗ୍ରହ କରୁଥିବା ରାଜାମାନେ ଉନ୍ନତି ଲାଭ କରନ୍ତି ଏବଂ ପ୍ରଜାମାନଙ୍କୁ କଷ୍ଟ ଦେବା ହେତୁରୁ ରାଜା ଯେ ଅବନତି ଲାଭ କରନ୍ତି, ଏହା ନିଃସନ୍ଦେହ।''।୨୫୦।

ଅନନ୍ତର ସେମାନଙ୍କ କଥା ଶୁଣି ଭାସୁରକ କହିଲା, ''ହଁ, ତୁମେମାନେ ସତ କଥା କହିଛ। କିନ୍ତୁ ମୁଁ ବସିରହିବି ଅଥଚ ପ୍ରତିଦିନ ଗୋଟିଏ ପଶୁ ନ ଆସିବ, ତେବେ ସବୁ ପଶୁଙ୍କୁ ମାରି ଖାଇଯିବି।''

ଏହାପରେ ସେମାନେ ସେହିପରି ପ୍ରତିଜ୍ଞା କରି, ନିଶ୍ଚିନ୍ତ ହୋଇ ନିର୍ଭୟରେ ସେହି ବନରେ ଭ୍ରମଣ କରିବାକୁ ଲାଗିଲେ। କ୍ରମ ଅନୁସାରେ ଗୋଟିଏ ପଶୁ ପ୍ରତିଦିନ ଭାସୁରକ ନିକଟକୁ ଯାଏ। ବୃଦ୍ଧ ହୋଇଥାଉ, ସଂସାରବିରାଗୀ ହୋଇଥାଉ, ଶୋକଗ୍ରସ୍ତ ହୋଇଥାଉ ବା ପୁତ୍ରପତ୍ନୀବିନାଶରେ ଭୟାକୁଳ ହୋଇଥାଉ– ଯାହା ହୋଇଥାଉ ନା କାହିଁକି, ସେମାନଙ୍କ ମଧ୍ୟରୁ ଗୋଟିଏ ପଶୁ ପ୍ରତ୍ୟହ ମଧ୍ୟାହ୍ନ ସମୟରେ ତାହାର ଭୋଜନ ନିମନ୍ତେ ଉପସ୍ଥିତ ହେଉଥିଲା।

ଏହାପରେ ଏକଦା ଜାତିକ୍ରମରେ କୌଣସି ବୃଦ୍ଧ ଶଶକର ପାଳି ପଡ଼ିଲା। ପଶୁମାନଙ୍କଦ୍ୱାରା ପ୍ରେରିତ ହୋଇ ସେ ଭାସୁରକର ବଧ ଉପାୟ ଚିନ୍ତା କରି କରି ଅନିଚ୍ଛା ସହିତ ଧୀରେ ଧୀରେ ବେଳ ଅତିକ୍ରମ କରି ଯାଉ ଯାଉ ବାଟରେ ଗୋଟିଏ କୂପ ଦେଖିଲା। କୂପ ଉପରେ ଯିବାବେଳକୁ ସେ ତହିଁରେ ନିଜର ପ୍ରତିବିମ୍ବକୁ ଦେଖି ମନମଧ୍ୟରେ ଚିନ୍ତାକଲା– 'ଗୋଟିଏ ସୁନ୍ଦର ଉପାୟ ଅଛି। ଭାସୁରକକୁ ପ୍ରକୁପିତ କରି ବୁଦ୍ଧିବଳରେ ତାକୁ କୂପ ମଧ୍ୟରେ ପକାଇଦେବି।' ତହୁଁ ସେ ଦିନ ଶେଷ ହେଲାବେଳକୁ ଭାସୁରକ ନିକଟରେ ପହଞ୍ଚିଲା। ସିଂହ ମଧ୍ୟ ବେଳା ଗଡ଼ିଯାଇଥିବାରୁ କ୍ଷୁଧାରେ ଶୁଷ୍କକଣ୍ଠ ଓ କୋପାବିଷ୍ଟ ହୋଇ ଓଠକୁ ଚାଟି ଚାଟି ବିଚାର କରୁଥିଲା– 'ଅହୋ, କାଲି ସକାଳେ ସମସ୍ତ ପଶୁଙ୍କୁ ଭୋଜନ କରି ବନକୁ ପଶୁଶୂନ୍ୟ କରିଦେବି।' ସେ ଏହିପରି ଭାବୁଥିବାବେଳେ ଶଶକ ଧୀରେ ଧୀରେ ଯାଇ ପ୍ରଣାମ କରି ତାହା ଆଗରେ ଛିଡ଼ାହେଲା।

ଭାସୁରକ କ୍ରୋଧରେ ପ୍ରଜ୍ୱଳିତ ହୋଇ ତାହାକୁ ଭର୍ତ୍ସନା କରି କହିଲା, ''ଆରେ

ଅଧମ ଶଶକ, ଏକେ ତ ତୁ ଏଡ଼େ ଛୋଟ, ପୁଣି ଦ୍ୱିତୀୟରେ ବେଳ ଅତିକ୍ରମ କରି ଆସିଛୁ। ଏହି ହେତୁରୁ ତୋତେ ବଧ କରି କାଲି ସକାଳେ ସବୁ ପଶୁଙ୍କୁ ବିନାଶ କରିବି।'' ତହୁଁ ଶଶକ ବିନୟପୂର୍ବକ କହିଲା– ''ପ୍ରଭୁ, ମୋର କୌଣସି ଦୋଷ ନାହିଁ; ପଶୁମାନଙ୍କର ମଧ ଦୋଷ ନାହିଁ। ଏହାର କାରଣ ଶୁଣିବାହୁଅନ୍ତୁ।'' ସିଂହ କହିଲା– ''ତୁ ମୋ ଦାନ୍ତ ଭିତରେ ପଡ଼ିବା ଆଗରୁ ଯାହା କହିବାର କହ।'' ଶଶକ କହିଲା, ''ପ୍ରଭୁ, ଜାତିକ୍ରମରେ ମୋର ପାଳି ପଡ଼ିବାରୁ ମୋର କ୍ଷୁଦ୍ର ଶରୀର ଦେଖି ପଶୁମାନେ ଆଉ ପାଞ୍ଚୋଟି ଶଶକ ସହିତ ମୋତେ ପଠାଇଥିଲେ। ଆମେ ସମସ୍ତେ ଆସୁଥିଲାବେଳେ ବାଟରେ ଅନ୍ୟ ଗୋଟିଏ ପ୍ରକାଣ୍ଡ ସିଂହ ଗହ୍ୱର ଭିତରୁ ବାହାରି କହିଲା, 'କିରେ, ତୁମେ ସବୁ କୁଆଡ଼େ ଯାଉଛ? ନିଜର ଇଷ୍ଟଦେବତାଙ୍କୁ ସ୍ମରଣ କର।' ତହୁଁ ମୁଁ କହିଲି, 'ଆମ୍ଭେମାନେ ଆମର ପ୍ରଭୁ ଭାସୁରକ ସିଂହଙ୍କ ଆହାର ନିମନ୍ତେ ଚୁକ୍ତି ଅନୁସାରେ ଯାଉଛୁ।' ତହୁଁ ସେ କହିଲା, 'ଯଦି ଏପରି ହୋଇଥାଏ, ତେବେ ଏ ବନ ହେଉଛି ମୋର। ସବୁ ପଶୁ ମୋ ସହିତ ଚୁକ୍ତି କରି ରହିବା ଉଚିତ। ସେ ଭାସୁରକ ତ ଗୋଟାଏ ଚୋର। ଯଦି ସେ ଏ ବନର ରାଜା, ତେବେ ବିଶ୍ୱାସ ନିମନ୍ତେ ଏଠାରେ ଚାରୋଟି ଶଶକ ରଖିଦେଇ ଶୀଘ୍ର ତାକୁ ଡାକି ଘେନିଆ। ତାହାହେଲେ ଆମ ଦୁହିଁଙ୍କ ଭିତରୁ ଯେ ପରାକ୍ରମବଳରେ ରାଜା ହେବ, ସେ ସମସ୍ତ ଶଶକଙ୍କୁ ଭୋଜନ କରିବ।' ତପ୍ରରେ ତାହାରି ଆଦେଶରେ ମୁଁ ପ୍ରଭୁଙ୍କ ନିକଟକୁ ଆସିଅଛି। ଏହାହିଁ ହେଉଛି ବେଳାତିକ୍ରମର କାରଣ। ଏବେ ପ୍ରଭୁ ଯାହା କରିବାର କଥା, କରନ୍ତୁ।'' ଏହା ଶୁଣି ଭାସୁରକ କହିଲା, ''ତାହାହେଲେ ଅତି ଶୀଘ୍ର ସେହି ଚୋର ସିଂହକୁ ଦେଖା, ଯେପରିକି ମୁଁ ସବୁ ପଶୁଙ୍କର କ୍ରୋଧ ତା ଉପରେ ପକାଇ ଶାନ୍ତ ହେବି। କଥିତ ଅଛି–

ଭୂମି ମିତ୍ରଂ ହିରଣ୍ୟଂ ଚ ବିଗ୍ରହସ୍ୟ ଫଳତ୍ରୟମ୍।
ନାସ୍ତ୍ୟେକମପି ଯଦ୍‌ଯେଷାଂ ନ ତଦ୍ କୁର୍ଯ୍ୟାକ୍ରଥଞ୍ଚନ।। ୨୫୧ ।।

ଭୂମି, ମିତ୍ର ଓ ସୁବର୍ଣ୍ଣ– ଏ ତିନୋଟି ହେଉଛି ଯୁଦ୍ଧର ଫଳ। ଯଦି ଏଥିମଧ୍ୟରୁ ଗୋଟିଏ ହେଲେ ମିଳିବାର ସମ୍ଭାବନା ନ ଥାଏ, ତେବେ ଯୁଦ୍ଧ କରିବା କଦାପି ଉଚିତ ନୁହେଁ। ୨୫୧।

ଯତ୍ର ନ ସ୍ୟାତ୍ପଂଳଂ ଭୂରି ଯତ୍ର ନ ସ୍ୟାତ୍ପରାଭବଃ।
ନ ତତ୍ର ମତିମାନ୍ ଯୁଦ୍ଧଂ ସମୁତ୍ପାଦ୍ୟ ସମାଚରେଦ୍।। ୨୫୨ ।।

ଯେଉଁଠାରେ ବିଶେଷ ଫଳଲାଭ ନ ଥାଏ ଓ ପରାଜୟର ଆଶଙ୍କା ଥାଏ, ସେଠାରେ ବୁଦ୍ଧିମାନ୍ ଲୋକ ଯୁଦ୍ଧ ସୃଷ୍ଟି କରିବା ଉଚିତ ନୁହେଁ''। ୨୫୨।

ଶଶକ କହିଲା, ''ପ୍ରଭୁ, ତାହା ସତ୍ୟ। କ୍ଷତ୍ରିୟମାନେ ନିଜର ରାଜ୍ୟପାଇଁ ବା ଅପମାନ ପାଇଥିବା ହେତୁରୁ ଯୁଦ୍ଧ କରିଥାନ୍ତି। ପରନ୍ତୁ ସେ ଦୁର୍ଗକୁ ଆଶ୍ରୟ କରି ରହିଛି। ଦୁର୍ଗରୁ ବାହାରିପଡ଼ି ସେ ଆମମାନଙ୍କୁ ଅବରୋଧ କରିପକାଇଲା। ତେଣୁ ଦୁର୍ଗରେ ରହିଥିବା ଶତ୍ରୁ ଦୁଃସାଧ ଅଟେ। କଥିତ ଅଛି–

ନ ଗଜାନାଂ ସହସ୍ରେଣ ନ ଚ଼ ଲକ୍ଷେନ ବାଜିନାମ୍।
ତତ୍କୃତ୍ୟଂ ସାଧ୍ୟତେ ରାଜ୍ଞାଂ ଦୁର୍ଗେଣୈକେନ ଯଦ୍ଭବେତ୍॥ ୨୫୩॥

ସହସ୍ର ହସ୍ତୀ ଓ ଲକ୍ଷ ଅଶ୍ୱଦ୍ୱାରା ଯେଉଁ କାର୍ଯ୍ୟ ସାଧିତ ହୋଇ ନ ପାରେ, କେବଳ ଗୋଟିଏ ଦୁର୍ଗଦ୍ୱାରା ରାଜାମାନଙ୍କର ସେହି କାର୍ଯ୍ୟ ସାଧିତ ହୋଇଥାଏ। ୨୫୩।

ଶତମେକୋଽପି ସଂଧତ୍ତେ ପ୍ରାକାରସ୍ଥୋ ଧନୁର୍ଦ୍ଧରଃ।
ତସ୍ମାଦ୍ଦୁର୍ଗଂ ପ୍ରଶଂସନ୍ତି ନୀତିଶାସ୍ତ୍ରବିଚ଼କ୍ଷଣାଃ॥ ୨୫୪॥

ଦୁର୍ଗ-ମଧ୍ୟସ୍ଥିତ ଜଣେ ଧନୁର୍ଦ୍ଧାରୀ ମଧ୍ୟ ଶହେ ଜଣଙ୍କ ଉପରେ ଶରସନ୍ଧାନ କରିପାରେ। ତେଣୁ ନୀତିଶାସ୍ତ୍ରରେ ପ୍ରବୀଣ ଲୋକେ ଦୁର୍ଗର ପ୍ରଶଂସା କରିଥାନ୍ତି।

ପୁରା ଗୁରୋଃ ସମାଦେଶାଦ୍ଧିରଣ୍ୟକଶିପୋର୍ଭୟାତ୍।
ଶକ୍ରେଣ ବିହିତଂ ଦୁର୍ଗଂ ପ୍ରଭାବାଦ୍ୱିଶ୍ୱକର୍ମଣଃ॥ ୨୫୫॥

ପ୍ରାଚ଼ୀନ କାଳରେ ବୃହସ୍ପତିଙ୍କ ଆଦେଶରେ ଇନ୍ଦ୍ର ବିଶ୍ୱକର୍ମାଙ୍କ ପ୍ରଭାବରେ ଦୁର୍ଗ ନିର୍ମାଣ କରାଇଥିଲେ। ୨୫୫।

ତେନାପି ଚ଼ ବରୋ ଦତ୍ତୋ ଯସ୍ୟ ଦୁର୍ଗଂ ସ ଭୂପତିଃ।
ବିଜୟୀ ସ୍ୟାତ୍ତତୋ ଭୂମୌ ଦୁର୍ଗାଣି ସ୍ୟୁଃ ସହସ୍ରଶଃ॥ ୨୫୬॥

ଆହୁରି ମଧ୍ୟ ସେହି ବିଶ୍ୱକର୍ମା ବର ଦେଇଥିଲେ– ଯେଉଁ ରାଜାଙ୍କର ଦୁର୍ଗ ଥିବ, ସେ ବିଜୟୀ ହେବେ। ସେହି କାଳରୁ ଭୂପୃଷ୍ଠରେ ସହସ୍ର ସହସ୍ର ଦୁର୍ଗ ନିର୍ମିତ ହୋଇଅଛି। ୨୫୬।

ଦଂଷ୍ଟ୍ରାବିରହିତୋ ନାଗୋ ମଦହୀନୋ ଯଥା ଗଜଃ।
ସର୍ବେଷାଂ ଜାୟତେ ବଶ୍ୟୋ ଦୁର୍ଗହୀନସ୍ତଥା ନୃପଃ॥ ୨୫୭॥

ଯେପରି ଦନ୍ତହୀନ ସର୍ପ ଓ ମଦହୀନ ହସ୍ତୀ ସମସ୍ତଙ୍କର ବଶ ହୋଇଯାନ୍ତି, ସେହିପରି ଦୁର୍ଗହୀନ ରାଜା ସମସ୍ତଙ୍କର ବଶ ହୋଇପଡ଼ନ୍ତି।''। ୨୫୭।

ଏହା ଶୁଣି ଭାସୁରକ କହିଲା, ''ଭଦ୍ର, ସେ ଦୁର୍ଗରେ ଥିଲେ ମଧ୍ୟ ସେହି ଚୋର ସିଂହକୁ ଦେଖା ଯେ ମୁଁ ତାକୁ ବଧ କରିବି। କଥିତ ଅଛି–

ଜାତମାତ୍ରଂ ନ ଯଃ ଶତ୍ରୁଂ ରୋଗଂ ଚ଼ ପ୍ରଶମଂ ନୟେତ୍।
ମହାବଳୋଽପି ତେନୈବ ବୃଦ୍ଧିଂ ପ୍ରାପ୍ୟ ସ ହନ୍ୟତେ॥ ୨୫୮॥

ଜାତ ହେଲାମାତ୍ରେ ଶତ୍ରୁକୁ ଓ ରୋଗକୁ ଯିଏ ନିଜର ବଶ ନ କରେ, ସେ ଯେତେ ବଳୀୟାନ୍ ହୋଇଥିଲେ ମଧ୍ୟ ତାହାର ବୃଦ୍ଧିଫଳରେ ନିଜେ ନିହତ ହୋଇଥାଏ। ୨୫୮। ଆହୁରି ମଧ୍ୟ –

ଉତ୍ତିଷ୍ଠମାନସ୍ତୁ ପରୋ ନୋପେକ୍ଷ୍ୟଃ ପଥ୍ୟମିଚ୍ଛତା।
ସମୌ ହି ଶିଷ୍ଟୈରାମ୍ନାତୌ ବର୍ଦ୍ଧ୍ୟନ୍ତାବାମୟଃ ସ ଚ଼॥ ୨୫୯॥

ନିଜର ମଙ୍ଗଳକାମୀ ମନୁଷ୍ୟପକ୍ଷରେ ବର୍ଦ୍ଧନଶୀଳ ଶତ୍ରୁକୁ ଉପେକ୍ଷା କରିବା ଉଚ଼ିତ ନୁହେଁ; କାରଣ ମହାପୁରୁଷମାନେ କହିଅଛନ୍ତି ଯେ ବୃଦ୍ଧି ପାଉଥିବା ଶତ୍ରୁ

ଓ ରୋଗ ଦୁହେଁ ସମାନଭାବରେ ଦୁଃଖଦାୟକ ଅଟନ୍ତି । ୨୫୯ ।

ଉପେକ୍ଷିତଃ କ୍ଷୀଣବଲୋଽପି ଶତ୍ରୁଃ ପ୍ରମାଦଦୋଷାତ୍‌ପୁରୁଷୈର୍ମଦାନ୍ଧୈଃ ।
ସାଧ୍ୟୋଽପି ଭୂତ୍ୱା ପ୍ରଥମଂ ତତୋଽସୌ ଅସାଧ୍ୟତାଂ ବ୍ୟାଧିରିବ ପ୍ରୟାତି ॥ ୨୬୦ ॥

ମଦାନ୍ଧ ଲୋକମାନଙ୍କର ଅସାବଧାନତା ଦୋଷରୁ ଉପେକ୍ଷିତ, ଦୁର୍ବଳ ଶତ୍ରୁ ପ୍ରଥମେ ସାଧ୍ୟହୋଇଥିଲେହେଁ ପରେ ରୋଗପରି ଅସାଧ୍ୟହୋଇଯାଏ । ୨୬୦ । ପୁଣି –

ଆତ୍ମନଃ ଶକ୍ତିମୁଦ୍‌ବୀକ୍ଷ୍ୟ ମାନୋତ୍ସାହଂ ଚ ଯୋ ବ୍ରଜେତ୍ ।
ବହୂନ୍ ହନ୍ତି ସ ଏକୋଽପି କ୍ଷତ୍ରିୟାନ୍ ଭାର୍ଗବୋ ଯଥା ॥ ୨୬୧ ॥

ଯିଏ ନିଜର ଶକ୍ତିକୁ ଦେଖି ସମ୍ମାନ ଓ ଉତ୍ସାହ ପ୍ରାପ୍ତ ହୁଏ, ସେ ଏକାକୀ ହେଲେ ମଧ୍ୟ, ଏକା ପରଶୁରାମ ବହୁ କ୍ଷତ୍ରିୟଙ୍କୁ ବିନାଶ କଲାପରି ଅନେକଙ୍କୁ ସଂହାର କରିଦେଇପାରେ । ୨୬୧ ।

ଶଶକ କହିଲା, ''ସେ କଥା ସତ୍ୟ; ତଥାପି ମୁଁ ଦେଖିଲି ଯେ ସେ ବଳବାନ୍ । ତେଣୁ ତାର ପରାକ୍ରମ ନ ଜାଣି ପ୍ରଭୁଙ୍କର ତା ପାଖକୁ ଯିବା ଉଚିତ ହେବ ନାହିଁ । କଥିତ ଅଛି –

ଅବିଦିତ୍ୱାତ୍ମନଃ ଶକ୍ତିଂ ପରସ୍ୟ ଚ ସମୁତ୍ସୁକଃ ।
ଗଚ୍ଛନ୍ନଭିମୁଖୋ ନାଶଂ ଯାତି ବହ୍ନୌ ପତଙ୍ଗବତ୍ ॥ ୨୬୨ ॥

ନିଜର ଶକ୍ତି ଓ ଶତ୍ରୁର ଶକ୍ତି ନ ଜାଣି ଯିଏ ଅତି ଉତ୍ସୁକ ଭାବରେ ଶତ୍ରୁର ସମ୍ମୁଖକୁ ଯାଏ, ସେ ଅଗ୍ନିରେ ପତଙ୍ଗ ପଡ଼ିଲାପରି ବିନାଶ ପାଏ । ୨୬୨ ।

ଯୋ ବଲାତ୍ ପ୍ରୋନ୍ନତଂ ଯାତି ନିହନ୍ତୁଂ ସବଲୋଽପ୍ୟରିମ୍ ।
ବିମଦଃ ସ ନିବର୍ତ୍ତେତ ଶୀର୍ଣ୍ଣଦନ୍ତୋ ଗଜୋ ଯଥା ॥ ୨୬୩ ॥

ସବଳ ହୋଇଥିଲେହେଁ ଯେଉଁ ବ୍ୟକ୍ତି ଶତ୍ରୁର ଶକ୍ତି କଳନା ନ କରି ନିଜଠାରୁ ବଳୀୟାନ୍ ଶତ୍ରୁକୁ ବଧ କରିବାକୁ ଯାଏ, ସେ ଭଗ୍ନଦନ୍ତ ହସ୍ତୀସଦୃଶ ମଦହୀନ (ଗର୍ବହୀନ) ହୋଇ ଶତ୍ରୁ ନିକଟରୁ ଫେରିଆସିଥାଏ । ୨୬୩ ।

ଭାସୁରକ କହିଲା, ''ଆରେ, ତୋର ଏସବୁ ବ୍ୟାପାରରେ କଅଣ ଅଛି ? ଦୁର୍ଗରେ ରହିଥିଲେ ମଧ୍ୟ ତାକୁ ମୋତେ ଦେଖାଇଦେ ।'' ତହୁଁ ଶଶକ କହିଲା, ''ତାହାହେଲେ ପ୍ରଭୁ ଆସିବାହୁଅନ୍ତୁ ।''

ଏହା କହି ସେ ଆଗେ ଆଗେ ଚାଲିଲା । ତତ୍ପରେ ସେ ଆସିବାବେଳେ ଯେଉଁ କୂପକୁ ଦେଖିଥିଲା, ସେହି କୂପ ନିକଟରେ ପହଞ୍ଚି ଭାସୁରକକୁ କହିଲା, ''ପ୍ରଭୁ, ଆପଣଙ୍କ ପ୍ରତାପକୁ କିଏ ସହ୍ୟ କରିପାରିବ ? ଦୂରରୁ ଆପଣଙ୍କୁ ଦେଖିପାରି ସେ ଚୋର ସିଂହ ନିଜ ଦୁର୍ଗରେ ପ୍ରବେଶ କଲାଣି । ଆସନ୍ତୁ, ଦେଖାଇଦେବି ।''

ଭାସୁରକ କହିଲା, ''ମୋତେ ତାର ଦୁର୍ଗ ଦେଖାଇଦେ ।'' ଏହାପରେ ଶଶକ କୂପକୁ ଦେଖାଇଦେଲା । ତହୁଁ ମୂର୍ଖ ସିଂହ ଭାସୁରକ କୂପଜଳରେ ନିଜର ପ୍ରତିବିମ୍ବକୁ ଦେଖି ଭୀଷଣ ଗର୍ଜନ କଲା । ପ୍ରତିଧ୍ୱନି ହେତୁ କୂପ ମଧ୍ୟରୁ ଦୁଇଗୁଣରେ ଗର୍ଜ୍ଜନ

ଶୁଣାଗଲା। ଏହାପରେ ଭାସୁରକ ସେହି ପ୍ରତିବିମ୍ବକୁ ଶତ୍ରୁ ମନେକରି ତାହା ଉପରକୁ ଡେଇଁପଡ଼ି ପ୍ରାଣ ହରାଇଲା। ଶଶକ ହୃଷ୍ଟମନରେ ଫେରି, ସବୁ ପଶୁଙ୍କୁ ଆନନ୍ଦିତ କରି, ପଶୁମାନଙ୍କଦ୍ୱାରା ପ୍ରଶଂସିତ ହୋଇ ସେମାନଙ୍କ ସହିତ ସୁଖରେ ବାସକରିବାକୁ ଲାଗିଲା।

ତେଣୁ ମୁଁ କହୁଥିଲି, 'ଯସ୍ୟ ବୁଦ୍ଧିର୍ବଲଂ ତସ୍ୟ ନିର୍ବୁଦ୍ଧେସ୍ତୁ କୁତୋବଲମ୍...' ଇତ୍ୟାଦି।

ତେଣୁ ଯଦି ତୁମେ କହିବ, ତାହାହେଲେ ମୁଁ ସେଠାକୁ ଯାଇ ନିଜ ବୁଦ୍ଧିପ୍ରଭାବରେ ସେ ଦୁହିଁଙ୍କର ମୈତ୍ରୀ ଭଙ୍ଗ କରିଦେବି।''

କରଟକ କହିଲା, ''ଭଦ୍ର, ଏପରି ହୋଇଥିଲେ ଯାଅ। ତୁମର ପଥ ମଙ୍ଗଳମୟ ହେଉ।''

ଅନନ୍ତର ଦମନକ ପିଙ୍ଗଳକକୁ ସଞ୍ଜୀବକଠାରୁ ପୃଥକ୍ ଥିବାର ଦେଖି ସେହି ଅବସରରେ ତାକୁ ପ୍ରଣାମ କରି ତା ଆଗରେ ବସିଲା। ପିଙ୍ଗଳକ ମଧ୍ୟ ତାକୁ କହିଲା, ''ଭଦ୍ର, ଅନେକ ଦିନ ହେଲା ତୁମର ଦେଖା ନ ଥିଲା।'' ଦମନକ କହିଲା, ''ଶ୍ରୀହଜୁରଙ୍କର ମୋଠାରେ କିଛି ପ୍ରୟୋଜନ ନ ଥିଲା; ତେଣୁ ଆସୁ ନ ଥିଲି। କିନ୍ତୁ ରାଜକାର୍ଯ୍ୟର ବିନାଶ ଦେଖି ହୃଦୟ ଦଗ୍ଧ ହେବାରୁ ବ୍ୟାକୁଳ ହୋଇ କହିବାକୁ ନିଜେ ଆସିଛି। କଥିତ ଅଛି—

ପ୍ରିୟଂ ବା ଯଦି ବା ଦ୍ୱେଷ୍ୟଂ ଶୁଭଂ ବା ଯଦି ବା ଶୁଭମ୍।
ଅପୃଷ୍ଟୋଽପି ହିତଂ ବ୍ରୂୟାଦ୍ୟସ୍ୟ ନେଚ୍ଛେଦ୍‌ପରାଭବମ୍।। ୨୬୪।।

ଯିଏ ଯାହାର ପରାଜୟ ଇଚ୍ଛା କରୁ ନ ଥିବ, ତାର କର୍ତ୍ତବ୍ୟ ହେଉଛି— ପ୍ରିୟ ହେଉ ବା ଅପ୍ରିୟ ହେଉ, ଶୁଭ ହେଉ ବା ଅଶୁଭ ହେଉ, ତାର ହିତକର କଥା ବିନା ପଚରାରେ ମଧ୍ୟ ତାକୁ କହିଦେବ।'' ୨୬୪।

ତାହାର ଏଭଳି ଅଭିପ୍ରାୟପୂର୍ଣ୍ଣ ବାକ୍ୟ ଶୁଣି ପିଙ୍ଗଳକ କହିଲା, ''ତୁମେ କଅଣ କହିବାକୁ ମନ କରୁଛ? ତେବେ ଯାହା କହିବାର ଅଛି, ତାହା କହ।'' ସେ କହିଲା· ''ପ୍ରଭୁ, ଆପଣଙ୍କ ପାଦପଦ୍ମରେ ସଞ୍ଜୀବକ ଦ୍ରୋହବୁଦ୍ଧି କରିଛି। ସେ ମୋତେ ବିଶ୍ୱାସରେ ନିର୍ଜନ ସ୍ଥାନରେ କହିଲା, 'ମୁଁ ଏ ପିଙ୍ଗଳକର ବଳାବଳ ଦେଖିସାରିଲିଣି। ତେଣୁ ମୁଁ ତାକୁ ମାରି ପଶୁମାନଙ୍କ ଉପରେ ଆଧିପତ୍ୟ ଲାଭ କରିବି ଓ ତୁମକୁ ସଚିବପଦ ଦେବି।''

ପିଙ୍ଗଳକ ମଧ୍ୟ ଦମନକର ଏହି ବଜ୍ରପ୍ରହାରସଦୃଶ କଠୋର ବାକ୍ୟ ଶ୍ରବଣରେ ହତଚେତନ ହୋଇ କିଛିମାତ୍ର କହିପାରିଲା ନାହିଁ। ତାହାର ମୁଖର ଆକୃତି ଦେଖି ଦମନକ ଚିନ୍ତାକଲା— 'ସଞ୍ଜୀବକର ଗଭୀର ସ୍ନେହରେ ଏ ଆବଦ୍ଧ। ତେଣୁ ଏଭଳି ମନ୍ତ୍ରୀଦ୍ୱାରା ରାଜା ପିଙ୍ଗଳକ ନିଶ୍ଚୟ ବିନାଶପ୍ରାପ୍ତ ହେବେ।'' କଥିତ ଅଛି—

ଏକଂ ଭୂମିପତିଃ କରୋତି ସଚିବଂ ରାଜ୍ୟେ ପ୍ରମାଣଂ ଯଦା,
ତଂ ମୋହାଚ୍ଛ୍ରୟତେ ମଦଃ ସ ଚ ମଦାଦ୍ ଦାସ୍ୟେନ ନିର୍ବିଦ୍ୟତେ।

ନିର୍ବିଣ୍ଣସ୍ୟ ପଦଂ କରୋତି ହୃଦୟେ ତସ୍ୟ ସ୍ୱତନ୍ତ୍ରସ୍ପୃହା,
ସ୍ୱାତନ୍ତ୍ର୍ୟସ୍ପୃହୟା ତତଃ ସ ନୃପତେଃ ପ୍ରାଣେଷ୍ୱଭିଦ୍ରୁହ୍ୟତେ ।। ୨୬୫ ।।

ଯଦି ରାଜା ଜଣେମାତ୍ର ମନ୍ତ୍ରୀ ଉପରେ ରାଜକାର୍ଯ୍ୟର ସମସ୍ତ ଅଧିକାର ଅର୍ପଣ କରନ୍ତି, ତେବେ ସେ ମନ୍ତ୍ରୀଙ୍କୁ ମୋହ ଗ୍ରାସ କରିବାରୁ ସେ ଅହଙ୍କାରୀ ହୁଅନ୍ତି ଓ ଅହଙ୍କାରୀ ହେବାରୁ ଦାସତ୍ୱକୁ ଦୁଃଖଜନକ ମନେକରନ୍ତି । ଦୁଃଖ ଜାତ ହେବାରୁ ହୃଦୟରେ ସ୍ୱତନ୍ତ୍ର ହେବାର ସ୍ପୃହା ଜନ୍ମେ । ସ୍ୱତନ୍ତ୍ର ହେବା ପାଇଁ ଅଭିଳାଷ ଜନ୍ମିବାରୁ ସେ ରାଜାଙ୍କଠାରେ ଦ୍ରୋହ ଆଚରଣ କରେ । ୨୬୫ । ଏପରି ଅବସ୍ଥାରେ କଅଣ କରିବାକୁ ହେବ ?'

ପିଙ୍ଗଳକ କୌଣସି ପ୍ରକାରେ ଚୈତନ୍ୟ ଲାଭକରି କହିଲା, ''ଦମନକ, ସଞ୍ଜୀବକ ହେଉଛି ମୋର ପ୍ରାଣତୁଲ୍ୟ ସେବକ । ସେ ମୋ ଉପରେ କିପରି ଦ୍ରୋହବୁଦ୍ଧି କରିବ ?''
ଦମନକ କହିଲା, ''ମହାରାଜ, ସେବକ ଯେ ଚିରକାଳ ସେବକ ରହିଥିବ, ଏହା ନିଶ୍ଚିତ ନୁହେଁ । କଥିତ ଅଛି –

ନ ସୋଽସ୍ତି ପୁରୁଷୋ ରାଜ୍ଞାଂ ଯୋ ନ କାମୟତେ ଶ୍ରିୟମ୍ ।
ଅଶକ୍ତା ଏବ ସର୍ବତ୍ର ନରେନ୍ଦ୍ରଂ ପର୍ଯ୍ୟୁପାସତେ ।। ୨୬୬ ।।

ରାଜାଙ୍କର ଏପରି କୌଣସି ଭୃତ୍ୟ ହୋଇ ନ ପାରନ୍ତି, ଯେ କି ରାଜଲକ୍ଷ୍ମୀଙ୍କୁ ଅଭିଳାଷ କରନ୍ତି ନାହିଁ । ଏକମାତ୍ର ଅସମର୍ଥ ମନୁଷ୍ୟହିଁ ସବୁପ୍ରକାରେ ରାଜାଙ୍କର ସେବା କରିଥାନ୍ତି ।'' ୨୬୬ ।

ପିଙ୍ଗଳକ କହିଲା, ''ଭଦ୍ର, ତଥାପି ତା ଉପରେ ମୋର ମନୋଭାବ ବିକାରଗ୍ରସ୍ତ ହେଉନାହିଁ । ଅଥବା ଯଥାର୍ଥରେ ଏହା କୁହାଯାଇଅଛି –

ଅନେକଦୋଷଦୁଷ୍ଟୋପି କାୟଃ କସ୍ୟ ନ ବଲ୍ଲଭଃ ।
କୁର୍ବନ୍ନପି ବ୍ୟଲୀକାନି ଯଃ ପ୍ରିୟଃ ପ୍ରିୟ ଏବ ସଃ ।। ୨୬୭ ।।

ଶରୀର ଅନେକ ଦୋଷଯୁକ୍ତ ହୋଇଥିଲେହେଁ ସେ ଶରୀର କାହାର ପ୍ରିୟ ନୁହେଁ ? ଅଶେଷ ବିରୁଦ୍ଧ କାର୍ଯ୍ୟ କରୁଥିଲେ ସୁଦ୍ଧା ଯେ ପ୍ରିୟ, ସେ ପ୍ରିୟ ହୋଇ ରହିଥାଏ ।'' ୨୬୭ ।

ଦମନକ କହିଲା, ''ସେଥିପାଇଁ ତ ଏହା ହେଉଛି ଏକ ଦୋଷ । ଆହୁରି ମଧ୍ୟ କଥିତ ଅଛି –

ଯସ୍ମିନ୍ନେବାଧିକଂ ଚକ୍ଷୁରାରୋପୟତି ପାର୍ଥିବଃ ।
ଅକୁଳୀନଃ କୁଳୀନୋ ବା ସ ଶ୍ରିୟୋ ଭାଜନଂ ନରଃ ।। ୨୬୮ ।।

ରାଜା ଯେଉଁ ଲୋକ ଉପରେ କୃପାଦୃଷ୍ଟି ପକାନ୍ତି, ସେ ଅକୁଳୀନ ହୋଇଥାଉ ବା କୁଳୀନ ହୋଇଥାଉ, ସେ ଲକ୍ଷ୍ମୀଙ୍କର କୃପାପାତ୍ର ହୋଇଥାଏ । ୨୬୮ ।

ପୁନଶ୍ଚ କେଉଁ ବିଶେଷ ଗୁଣ ହେତୁରୁ ଆପଣ ଗୁଣହୀନ ସଞ୍ଜୀବକକୁ ପାଖରେ ଧରିରଖିଛନ୍ତି ? ମହାରାଜ, ଆପଣ ମନେକରୁଥିବେ ଯେ ଏହାର ଶରୀର ବୃହତ୍;

ଏହାଦ୍ୱାରା ଶତ୍ରୁମାନଙ୍କୁ ବଧ କରିପାରିବି। କିନ୍ତୁ ତାହାଦ୍ୱାରା ଏ ଉଦ୍ଦେଶ୍ୟ ସିଦ୍ଧ ହେବନାହିଁ; କାରଣ ସେ ହେଉଛି ଶସ୍ୟଭୋଜୀ। ମହାରାଜାଙ୍କର ଶତ୍ରୁମାନେ ହେଉଛନ୍ତି ଶସ୍ୟଭୋଜୀ; ତେଣୁ ଶତ୍ରୁମାନଙ୍କୁ ଦମନ କରିବା କାର୍ଯ୍ୟ ତାହା ସାହାଯ୍ୟରେ ହୋଇ ପାରିବନାହିଁ। ତାହା ଉପରେ ଦୋଷ ଦେଇ ତାକୁ ବଧ କରନ୍ତୁ।'' ପିଙ୍ଗଳକ କହିଲା–

ଉକ୍ତୋ ଭବତି ଯଃ ପୂର୍ବଂ ଗୁଣବାନିତି ସଂସଦି।
ତସ୍ୟ ଦୋଷୋ ନ ବକ୍ତବ୍ୟଃ ପ୍ରତିଜ୍ଞାଭଙ୍ଗଭୀରୁଣା॥ ୨୬୯॥

ଯଦି କେହି କାହା ବିଷୟରେ ସଭାରେ ପ୍ରଥମେ କହିଦିଏ ଯେ, 'ଏ ଗୁଣବାନ୍ ଅଟେ', ତେବେ ନିଜର ପ୍ରତିଜ୍ଞାଭଙ୍ଗ ଆଶଙ୍କାରେ ପରେ ତାହାର ଦୋଷ କହିବା ଉଚିତ ନୁହେଁ। ୨୬୯। ପୁଣି ତୁମରି କଥାରେ ମୁଁ ତାକୁ ଅଭୟ ପ୍ରଦାନ କରିଅଛି। ତେଣୁ ତାକୁ ମୁଁ ନିଜେ କିପରି ବଧ କରିବି? ଏହି ସଞ୍ଜୀବକ ସବୁପ୍ରକାରେ ମୋର ମିତ୍ରଅଟେ; ତେଣୁ ମୋର ତା ପ୍ରତି ଲବମାତ୍ର କ୍ରୋଧନାହିଁ। କଥିତ ଅଛି–

ଇତଃ ସ ଦୈତ୍ୟଃ ପ୍ରାପ୍ତଶ୍ରୀର୍ନେତ ଏବାର୍ହତି କ୍ଷୟମ୍।
ବିଷବୃକ୍ଷୋଽପି ସଂବର୍ଦ୍ଧ୍ୟ ସ୍ୱୟଂ ଛେତ୍ତୁମସାଂପ୍ରତମ୍॥ ୨୭୦॥

ମୋଠାରୁ ଏହି ଦୈତ୍ୟ ମଧ୍ୟ ସମ୍ପତ୍ତି ପ୍ରାପ୍ତ ହୋଇଥିଲେ ତେଣୁ ସେ ମୋର ବଧର ଯୋଗ୍ୟ ନୁହେଁ; କାରଣ ସ୍ୱହସ୍ତରେ ବିଷବୃକ୍ଷକୁ ବଢ଼ାଇଥିଲେ ମଧ୍ୟ, ନିଜେ ତାକୁ ଛେଦନ କରିବା ଉଚିତ ନୁହେଁ। ୨୭୦।

ଆଦୌ ନ ବା ପ୍ରଣୟିନାଂ ପ୍ରଣୟୋ ବିଧେୟୋ
ଦତ୍ତୋଽଥବା ପ୍ରତିଦିନଂ ପରିପୋଷଣୀୟଃ।
ତତ୍କ୍ଷିପ୍ୟ ଯତ୍କ୍ଷିପତି ତତ୍ ପ୍ରକରୋତି ଲଜ୍ଜାଂ
ଭୂମୌ ସ୍ଥିତସ୍ୟ ପତନାଦ୍‌ଭୟମେବ ନାସ୍ତି॥ ୨୭୧॥

ପ୍ରଥମେ ପ୍ରଣୟୀପକ୍ଷରେ ଅପରକୁ ପ୍ରଣୟ କରିବା ଉଚିତ ନୁହେଁ! ଯଦି ପ୍ରଣୟ କରାଗଲା, ତାହାକୁ ସର୍ବଦା ରକ୍ଷାକରିବାକୁ ହେବ। ଥରେ ଅନ୍ୟକୁ ଉପରକୁ ଚଢ଼ାଇଦେଇ ପରେ ତାକୁ ତଳକୁ ପକାଇବାଦ୍ୱାରା ମନୁଷ୍ୟ ଲଜ୍ଜା ପାଏ। ଯିଏ ଭୂମି ଉପରେ ରହିଥାଏ, ତାର ପତନର ଆଶଙ୍କା ନ ଥାଏ। ୨୭୧।

ଉପକାରିଷୁ ଯଃ ସାଧୁଃ ସାଧୁତ୍ୱେ ତସ୍ୟ କୋ ଗୁଣଃ।
ଅପକାରିଷୁ ଯଃ ସାଧୁଃ ସ ସାଧୁଃ ସଦ୍‌ଭିରୁଚ୍ୟତେ॥ ୨୭୨॥

ଯେଉଁ ଲୋକ ଉପକାରୀ ଲୋକର ପ୍ରତ୍ୟୁପକାର କରେ, ତାର ସାଧୁତାର କି ଗୁଣ ଅଛି? ଯେଉଁ ଲୋକ ଅପକାରୀ ଲୋକ ପ୍ରତି ସାଧୁ ବ୍ୟବହାର କରେ, ସେ ସଜ୍ଜନମାନଙ୍କଦ୍ୱାରା ସାଧୁ ବୋଲି କଥିତ ହୁଏ। ୨୭୨।

ତେଣୁ ସେ ମୋ ପ୍ରତି ଦ୍ରୋହବୁଦ୍ଧି କରିଥିଲେ ମଧ୍ୟ ମୁଁ ତା ବିରୁଦ୍ଧରେ କୌଣସି କାର୍ଯ୍ୟ କରିପାରିବି ନାହିଁ।''

ଦମନକ କହିଲା, ''ମହାରାଜ, ଦ୍ରୋହବୁଦ୍ଧି କରିଥିବା ବ୍ୟକ୍ତିକୁ କ୍ଷମାଦେବା ରାଜଧର୍ମ ନୁହେଁ। କଥିତ ଅଛି–

ତୁଲ୍ୟାର୍ଥଂ ତୁଲ୍ୟସାମର୍ଥ୍ୟଂ ମର୍ମଜ୍ଞଂ ବ୍ୟବସାୟିନମ୍।
ଅର୍ଧରାଜ୍ୟହରଂ ଭୃତ୍ୟଂ ଯୋ ନ ହନ୍ୟାତ୍ସ ହନ୍ୟତେ।। ୨୭୩।।

ସମାନ ଧନର ଅଧିକାରୀ, ସମାନ ବଳଶାଳୀ, ରହସ୍ୟ ଜାଣିଥିବା ଲୋକ, ଉଦ୍ୟୋଗୀ ଓ ଅର୍ଦ୍ଧରାଜ୍ୟର ହରଣକାରୀ ଭୃତ୍ୟକୁ ଯେ ବଧ କରେ ନାହିଁ, ସେ ସେହି ଭୃତ୍ୟଦ୍ୱାରା ନିହତ ହୋଇଥାଏ। ୨୭୩।

ଏହାଛଡ଼ା ତାହାର ସଖ୍ୟହେତୁରୁ ଆପଣ ସମସ୍ତ ରାଜଧର୍ମ ତ୍ୟାଗକଲେଣି। ରାଜଧର୍ମର ଅଭାବରୁ ସବୁ ପରିଜନ ବିରକ୍ତ ହୋଇଗଲେଣି। ସଞ୍ଜୀବକ ଶସ୍ୟଭୋଜୀ, ଆପଣ ମାଂସାହାରୀ, ଆପଣଙ୍କ ପ୍ରଜାମାନେ ମଧ୍ୟ ମାଂସଭୋଜୀ। ଆପଣ ତ ଜୀବବଧ ଚେଷ୍ଟା ଛାଡ଼ିଦେଲେ; ସେମାନେ କାହୁଁ ମାଂସ ଆହାର ପାଇବେ? ଏହି ମାଂସାଭାବ ହେତୁରୁ ସେମାନେ ଆପଣଙ୍କୁ ଛାଡ଼ି ଚାଲିଯିବେ। ଏହା ଫଳରେ ଆପଣଙ୍କର ବିନାଶ ଘଟିବ। ଏହି ସଞ୍ଜୀବକ ସହିତ ସଙ୍ଗ ହେବାରୁ ପୁନରାୟ କେବେହେଲେ ଶିକାର କରିବାକୁ ଆପଣଙ୍କର ମନ ହେବ ନାହିଁ। କଥିତ ଅଛି–

ଯାଦୃଶୈଃ ସେବ୍ୟତେ ଭୃତ୍ୟୈର୍ଯାଦୃଶାଂଶ୍ଚୋପସେବତେ।
କଦାଚିନ୍ନାତ୍ର ସନ୍ଦେହସ୍ତାଦୃଗ୍ଭବତି ପୁରୁଷଃ।। ୨୭୪।।

ଯେଉଁ ଲୋକ ଯେ ପ୍ରକାର ସେବକମାନଙ୍କ ସଙ୍ଗରେ ରହେ ଓ ସେବା ପାଏ, ସେ ସେହି ପ୍ରକାରର ହୋଇଯାଏ; ଏଥିରେ କିଛିମାତ୍ର ସନ୍ଦେହ ନାହିଁ। ୨୭୪। ପୁଣି–

ସନ୍ତପ୍ତାୟସି ସଂସ୍ଥିତସ୍ୟ ପୟସୋ ନାମାପି ନ ଜ୍ଞାୟତେ
ମୁକ୍ତାକାରତୟା ତଦେବ ନଳିନୀପତ୍ରସ୍ଥିତଂ ରାଜତେ।
ସ୍ୱାତୌ ସାଗରଶୁକ୍ତିକୁକ୍ଷିପତିତଂ ତଜ୍ଜାୟତେ ମୌକ୍ତିକଂ,
ପ୍ରାୟେଣାଧମମଧ୍ୟମୋତ୍ତମଗୁଣଃ ସଂବାସତୋ ଜାୟତେ।। ୨୭୫।।

ଉତ୍ତପ୍ତ ଲୌହ ଉପରେ ଜଳ ପଡ଼ିଲେ ତାହାର ନାମ ସୁଦ୍ଧା ରହେ ନାହିଁ; କିନ୍ତୁ ପଦ୍ମପତ୍ର ଉପରେ ଯେଉଁ ଜଳ ଥାଏ ତାହା ମୁକ୍ତା ସଦୃଶ ପୂର୍ବବତ୍ ଶୋଭା ପାଉଥାଏ। ସ୍ୱାତି ନକ୍ଷତ୍ରରେ ଏହି ଜଳ ସମୁଦ୍ରର ଶାମୁକାଗର୍ଭରେ ପଡ଼ିଲେ ତାହା ମୁକ୍ତା ହୋଇଯାଏ। ଅତଏବ ସଂସର୍ଗ ଅନୁସାରେ ମନୁଷ୍ୟର ଅଧମ, ମଧ୍ୟମ ଓ ଉତ୍ତମ ଗୁଣ ହୋଇଥାଏ। ୨୭୫। ପୁଣି–

ଅସତାଂ ସଙ୍ଗଦୋଷେଣ ସାଧବୋ ଯାନ୍ତି ବିକ୍ରିୟାମ୍।
ଦୁର୍ଯ୍ୟୋଧନପ୍ରସଙ୍ଗେନ ଭୀଷ୍ମୋ ଗୋହରଣେ ଗତଃ।। ୨୭୬।।

ଅସତ୍ ଲୋକଙ୍କ ସଙ୍ଗଦୋଷରୁ ସଜ୍ଜନ ମଧ୍ୟ ଅସାଧୁ ହୋଇଯାନ୍ତି। (ଉଦାହରଣ ସ୍ୱରୂପ) ଦୁର୍ଯ୍ୟୋଧନଙ୍କ ସହିତ ରହିଥିବାରୁ ପିତାମହ ଭୀଷ୍ମ ବିରାଟ-ରାଜାଙ୍କର ଗୋଧନ ହରଣ କରିବାକୁ ଯାଇଥିଲେ। ୨୭୬।

ଅତଏବ ସଜ୍ଜନମାନେ ନୀଚ୍‌ସଙ୍ଗ ପରିତ୍ୟାଗ କରିଥାନ୍ତି। କଥିତ ଅଛି–

ନହ୍ୟବିଜ୍ଞାତଶୀଲସ୍ୟ ପ୍ରଦାତବ୍ୟଃ ପ୍ରତିଶ୍ରୟଃ
ମତ୍କୁଣସ୍ୟ ହି ଦୋଷେଣ ହତା ମନ୍ଦବିସର୍ପିଣୀ।। ୨୭୭।।

ଯାହାର ସ୍ୱଭାବ ଜଣା ନଥିବ, ତାକୁ ଆଶ୍ରୟ ଦେବା କଦାପି ଉଚିତ ନୁହେଁ। (ଉଦାହରଣ ସ୍ୱରୂପ) ମତ୍କୁଣ (ଓଡ଼ଶ) ଦୋଷରୁ ମନ୍ଦବିସର୍ପିଣୀ ନାମରେ ଏକ ଉକୁଣି ନିହତ ହୋଇଥିଲା।''। ୨୭୭।

ପିଙ୍ଗଳକ କହିଲା, ''ସେ କଥା କଅଣ ?'' ଦମନକ କହିବାକୁ ଲାଗିଲା –

ମନ୍ଦବିସର୍ପିଣୀ ଉକୁଣି କଥା

କୌଣସି ରାଜାଙ୍କର ଗୋଟିଏ ସ୍ଥାନରେ ମନୋହର ଶଯ୍ୟାଟିଏ ଥିଲା। ତହିଁରେ ଧବଳ ବସ୍ତ୍ରଦ୍ୱୟ ମଧ୍ୟରେ ମନ୍ଦବିସର୍ପିଣୀ ନାମରେ ଶୁକ୍ଳବର୍ଣ୍ଣର ଗୋଟିଏ ମାଈ ଉକୁଣି ବାସକରୁଥିଲା। ସେ ଉକ୍ତ ରାଜାଙ୍କର ରକ୍ତ ଆସ୍ୱାଦନ କରି ସୁଖରେ କାଳଯାପନ କରୁଥିଲା। ଦିନେ ଅଗ୍ନିମୁଖ ନାମରେ ଗୋଟିଏ ଓଡ଼ଶ ଏଣେତେଣେ ଭ୍ରମଣ କରୁ କରୁ ସେହି ଶୟନସ୍ଥାନକୁ ଆସିଲା। ତାହାକୁ ଦେଖି ମନ୍ଦବିସର୍ପିଣୀ ବିଷଣ୍ଣ ମୁଖରେ କହିଲା, ''ହେ ଅଗ୍ନିମୁଖ, ତୁମେ ଏପରି ଅନୁଚିତ ସ୍ଥାନକୁ କେଉଁଠାରୁ ଆସିଲ ? କେହି କିଛି କହିବା ପୂର୍ବରୁ ଶୀଘ୍ର ଚାଲିଯାଅ।'' ଅଗ୍ନିମୁଖ କହିଲା, ''ହେ ଭଗବତି, ଅସାଧୁ ଲୋକ ମଧ୍ୟ ଗୃହକୁ ଆସିଥିଲେ ତାକୁ ଏପରି କହିବା ଉଚିତ ନୁହେଁ। କଥିତ ଅଛି –

ଏହ୍ୟାଗଚ୍ଛ ସମାଶ୍ୱସାସନମିଦଂ କସ୍ମାଚ୍ଚିରାଦ୍ ଦୃଶ୍ୟସେ
କା ବାର୍ତ୍ତାନ୍ୱତିଦୁର୍ବଳୋଽସି କୁଶଳଂ ପ୍ରୀତୋଽସ୍ମି ତେ ଦର୍ଶନାତ୍।
ଏବଂ ନୀଚଜନେଽପି ଯୁଜ୍ୟତି ଗୃହଂ ପ୍ରାପ୍ତେ ସତାଂ ସର୍ବଦା
ଧର୍ମୋଽୟଂ ଗୃହମେଧିନାଂ ନିଗଦିତଃ ସ୍ମାର୍ତ୍ତୈର୍ଲଘୁଃ ସ୍ୱର୍ଗଦଃ ।। ୨୭୮ ।।

'ଆସିବାହେଉ, ଏଇ ଆସନରେ ବସିବାହେଉ, ବହୁଦିନ ପରେ ଆପଣଙ୍କର ଦେଖାହେଲା, ଖବର କଅଣ ? ଆପଣ ଖୁବ୍ ଦୁର୍ବଳ ହୋଇଯାଇଛନ୍ତି, ଆପଣଙ୍କର ସବୁ କୁଶଳ ତ ? ଆପଣଙ୍କୁ ଦେଖି ସନ୍ତୁଷ୍ଟ ହେଲି' – ନୀଚ ଲୋକ ମଧ୍ୟ ଗୃହରେ ଉପସ୍ଥିତ ହେଲେ ତାକୁ ସଜ୍ଜନମାନେ ଏହିପରି କହିଥାନ୍ତି; କାରଣ ଏହା ହେଉଛି ଗୃହସ୍ଥର ଧର୍ମ। ଏହା ସହଜ ସ୍ୱର୍ଗପ୍ରଦ ଅଟେ ବୋଲି ସ୍ମୃତିକାରମାନେ କହିଅଛନ୍ତି। ୨୭୮।

ପରନ୍ତୁ ମୁଁ ଅନେକ ମନୁଷ୍ୟଙ୍କର ଅନେକ ପ୍ରକାରର ରକ୍ତକୁ ଆସ୍ୱାଦନ କରିଅଛି। ଏହି ଆହାର-ଦୋଷରୁ କଟୁ, ତିକ୍ତ, କଷାୟ ଓ ଅମ୍ଳ ରସର ଆସ୍ୱାଦନ କରିଅଛି; କିନ୍ତୁ କେବେହେଲେ ମଧୁର ରକ୍ତ ଆସ୍ୱାଦନ କରିନାହିଁ। ସେଥିପାଇଁ ତୁମେ ଯଦି ଦୟା କରିବ, ତେବେ ବିବିଧ ବ୍ୟଞ୍ଜନ, ଅନ୍ନ, ପାନ, ଚୋଷ୍ୟ, ଲେହ୍ୟ ପ୍ରଭୃତି ଭୋଜନ ହେତୁରୁ ଏହି ରାଜାଙ୍କ ଶରୀରରେ ଜନ୍ମିଥିବା ମିଷ୍ଟ ରକ୍ତକୁ ଆସ୍ୱାଦନପୂର୍ବକ ଜିହ୍ୱାର ସୁଖବିଧାନ କରିବି। କଥିତ ଅଛି –

ରଙ୍କସ୍ୟ ନୃପତେର୍ବାପି ଜିହ୍ୱାସୌଖ୍ୟଂ ସମଂ ସ୍ମୃତମ୍।
ତନ୍ମାତ୍ରଂ ଚ ସ୍ମୃତଂ ସାରଂ ଯଦର୍ଥଂ ଯତତେ ନରଃ ।। ୨୭୯ ।।

ରଙ୍କର ହେଉ ବା ରାଜାଙ୍କର ହେଉ, ଦୁହିଁଙ୍କର ଜିହ୍ୱାସୌଖ୍ୟ ସମାନ। ସଂସାରରେ ଏହି ଜିହ୍ୱାସୌଖ୍ୟ ପାଇଁ ମନୁଷ୍ୟ ସକଳପ୍ରକାର ପ୍ରଯତ୍ନ କରୁଅଛି। ସେହି ଜିହ୍ୱା-ସୌଖ୍ୟ ହିଁ ସାର ବୋଲି କଥିତ। ୨୭୯।

ଯଦ୍ୟେବଂ ନ ଭବେଲ୍ଲୋକେ କର୍ମ ଜିହ୍ୱାପ୍ରତୁଷ୍ଟିଦମ୍।
ତନ୍ନ ଭୃତ୍ୟୋ ଭବେତ୍ କଶ୍ଚିତ୍କସ୍ୟଚିଦ୍ୱଶଗୋଽଥବା ॥ ୨୮୦ ॥

ଯଦି ଏହି ସଂସାରରେ ଜିହ୍ୱାକୁ ସନ୍ତୁଷ୍ଟ କରିବାଭଳି କୌଣସି କର୍ମ ନ ଥାନ୍ତା, ତେବେ କିଏ କାହାରି ସେବକ ହେଉ ନ ଥାନ୍ତା ବା କାହାରି ବଶୀଭୂତ ହେଉ ନ ଥାନ୍ତା। ୨୮୦।

ଯଦସତ୍ୟଂ ବଦେନ୍ମର୍ତ୍ତ୍ୟୋ ଯଦ୍ୱା ସେବ୍ୟଂ ଚ୍ ସେବତେ।
ଯଦ୍ ଗଚ୍ଛତି ବିଦେଶଂ ଚ ତତ୍ସର୍ବମୁଦରାର୍ଥତଃ ॥ ୨୮୧ ॥

ମନୁଷ୍ୟ ଯେ ମିଥ୍ୟା କହେ, ଅଥବା ଅସେବ୍ୟ ଲୋକର ସେବା କରେ, ଅଥବା ବିଦେଶ ଯାଏ, ସେସବୁ କେବଳ ଉଦର ନିମନ୍ତେହିଁ କରିଥାଏ। ୨୮୧।

ତେଣୁ ମୁଁ କ୍ଷୁଧାରେ ପୀଡ଼ିତ ହୋଇ ତୁମ ଗୃହକୁ ଆସି ଭୋଜନ ନିମନ୍ତେ ପ୍ରାର୍ଥନାକରୁଛି। ତୁମେ ଏକାକୀ ଏହି ରାଜାଙ୍କର ରକ୍ତ ଭୋଜନକରିବା ଉଚିତ ନୁହେଁ।''

ଏହା ଶୁଣି ମନ୍ଦବିସର୍ପିଣୀ କହିଲା, ''ହେ ଓଡ଼ଶ, ରାଜା ନିଦ୍ରାଭିଭୂତ ହେଲେ ମୁଁ ତାଙ୍କର ରକ୍ତ ଆସ୍ୱାଦନ କରେ। କିନ୍ତୁ ହେ ଅଗ୍ନିମୁଖ, ତୁମେ ଚପଳ। ତେଣୁ ତୁମେ ଯଦି ମୋ ସଙ୍ଗରେ ରକ୍ତପାନ କରିବ, ତେବେ ରହ। ମୁଁ ରକ୍ତପାନ କଲାପରେ ତୁମେ ଇଚ୍ଛାନୁସାରେ ରକ୍ତପାନ କରିବ।'' ଓଡ଼ଶ କହିଲା, ''ଭଗବତି, ମୁଁ ତାହାହିଁ କରିବି। ତୁମେ ପ୍ରଥମେ ରାଜାଙ୍କ ରକ୍ତ ନ ପିଇବା ପର୍ଯ୍ୟନ୍ତ ମୁଁ ରକ୍ତପାନ କରିବି ନାହିଁ ବୋଲି ଦେବତା ଓ ଗୁରୁଙ୍କ ନାମରେ ଶପଥ କରୁଛି।'' ଏ ଦୁହେଁ ଏହିପରି ମନ୍ତ୍ରଣା କରୁଥିବାବେଳେ ରାଜା ଆସି ସେହି ଶଯ୍ୟାରେ ଶୋଇଲେ। ଏହାପରେ ଉକ୍ତ ଓଡ଼ଶ ଜିହ୍ୱାଲାଳସା ଓ ଅତ୍ୟଧିକ ଔତ୍ସୁକ୍ୟବଶତଃ ରାଜା ଜାଗ୍ରତ ଥିବା ଅବସ୍ଥାରେ ତାଙ୍କୁ ଦଂଶନ କଲା। ଅଥବା ଯଥାର୍ଥରେ କୁହାଯାଇଅଛି—

ସ୍ୱଭାବୋ ନୋପଦେଶେନ ଶକ୍ୟତେ କର୍ତ୍ତୁମନ୍ୟଥା।
ସୁତପ୍ତମପି ପାନୀୟଂ ପୁନର୍ଗଚ୍ଛତି ଶୀତତାମ୍ ॥ ୨୮୨ ॥

ଉପଦେଶଦ୍ୱାରା କାହାରି ସ୍ୱଭାବକୁ ପରିବର୍ତ୍ତନ କରାଯାଇ ନ ପାରେ। (ସ୍ୱଭାବତଃ ଶୀତଳ) ଜଳକୁ ଅତ୍ୟଧିକ ଉତ୍ତପ୍ତ କଲେ ମଧ୍ୟ ତାହା ପୁନରାୟ ଶୀତଳ ହୋଇଯାଏ। ୨୮୨।

ଯଦି ସ୍ୟାଚ୍ଛୀତଲୋ ବହ୍ନିଃ ଶୀତାଂଶୁର୍ଦହନାତ୍ମକଃ।
ନ ସ୍ୱଭାବୋଽତ୍ର ମର୍ତ୍ତ୍ୟାନାଂ ଶକ୍ୟତେ କର୍ତ୍ତୁମନ୍ୟଥା ॥ ୨୮୩ ॥

ଅଗ୍ନି ଶୀତଳ ହୋଇପାରେ, ଚନ୍ଦ୍ର ଦହନ କରିପାରନ୍ତି; କିନ୍ତୁ ମନୁଷ୍ୟର ସ୍ୱଭାବକୁ ପରିବର୍ତ୍ତନ କରିପାରିବା ସମ୍ଭବ ନୁହେଁ। ୨୮୩।

ତହୁଁ ସେ ରାଜା ସୂଚୀର ଅଗ୍ରଦ୍ୱାରା ବିଦ୍ଧ ହେଲାଭଳି ସେ ଶଯ୍ୟାକୁ ତ୍ୟାଗ କରି ତତ୍କ୍ଷଣାତ୍ ଉଠିପଡ଼ିଲେ ଓ କହିଲେ, ''ଆରେ ଦେଖ ତ, ଏହି ଚାଦରରେ

ନିଶ୍ଚୟ କୌଣସି ଉକୁଣି ବା ଓଡ଼ଶ ଅଛି, ଯେ ମୋତେ ଦଂଶନ କରୁଛି।'' ସେଠାରେ ଥିବା କଞ୍ଚୁକୀମାନେ ଅତି ଶୀଘ୍ର ସେହି ଚାଦରକୁ ନେଇ ସୂକ୍ଷ୍ମଦୃଷ୍ଟିରେ ଦେଖିଲେ। ଏଥିମଧ୍ୟରେ ସେ ଓଡ଼ଶ ଚଞ୍ଚଳତା ହେତୁରୁ ଖଟ ଭିତରେ ପଶିଗଲା। ସେମାନେ ଚାଦର ସନ୍ଧିରେ ଥିବା ଉକୁଣିକୁ ଦେଖି ମାରିପକାଇଲେ। ଏହି ହେତୁରୁ ମୁଁ କହୁଥିଲି– 'ନହ୍ୟବିଜ୍ଞାତଶୀଳସ୍ୟ . . .' ଇତ୍ୟାଦି।

ଏହା ବୁଝି ଆପଣଙ୍କର ତାକୁ ବଧ କରିବା ଉଚିତ; ନଚେତ୍ ସେ ଆପଣଙ୍କୁ ବଧ କରିବ। କଥିତ ଅଛି–

ତ୍ୟକ୍ତାଶ୍ଚାଭ୍ୟନ୍ତରା ଯେନ ବାହ୍ୟାଶ୍ଚାଭ୍ୟନ୍ତରୀକୃତାଃ
ସ ଏବ ମୃତ୍ୟୁମାପ୍ନୋତି ଯଥା ରାଜା କକୁଦ୍‌ଦ୍ରୁମଃ ।। ୨୮୪ ।।

ଯେଉଁ ଲୋକ ଆପଣାର ଅନ୍ତରଙ୍ଗ ଲୋକଙ୍କୁ ତ୍ୟାଗ କରେ ଓ ବାହାରର ଲୋକଙ୍କୁ (ଉଚ୍ଚ ପଦ ଦେଇ) ଆତ୍ମୀୟ କରେ, ସେ ରାଜା କକୁଦ୍‌ଦ୍ରୁମଙ୍କ ପରି ମୃତ୍ୟୁ ପ୍ରାପ୍ତ ହୁଏ।'' ୨୮୪।

ପିଙ୍ଗଳକ ପଚାରିଲା, ''ସେ କଥା କଅଣ ?'' ଦମନକ କହିଲା–

ଚଣ୍ଡରବ ଶୃଗାଳ କଥା

କୌଣସି ବନପ୍ରଦେଶରେ ଚଣ୍ଡରବ ନାମକ ଗୋଟିଏ ଶୃଗାଳ ବାସକରୁଥିଲା। ଏକଦା ସେ କ୍ଷୁଧାତୁର ହୋଇ ଜିହ୍ୱାଲାଳସା ହେତୁରୁ ନଗରରେ ପ୍ରବେଶ କଲା। ନଗରରେ ଥିବା କୁକୁରମାନେ ତାକୁ ଦେଖି ସବୁ ଦିଗରୁ ଭୁକି ଦଉଡ଼ିଆସି ତାକୁ ତୀକ୍ଷ୍ଣ ଦନ୍ତରେ କାମୁଡ଼ିବାକୁ ଲାଗିଲେ। ସେମାନେ କାମୁଡୁଥିବାବେଳେ ଶୃଗାଳଟି ମଧ୍ୟ ପ୍ରାଣଭୟରେ ନିକଟବର୍ତ୍ତୀ ରଜକଗୃହରେ ପ୍ରବେଶ କଲା। ସେଠାରେ ନୀଳରସରେ ପରିପୂର୍ଣ୍ଣ ଗୋଟିଏ ବୃହତ୍ ପାତ୍ର ସଜ୍ଜିତ ହୋଇ ରହିଥିଲା। କୁକୁରମାନଙ୍କଦ୍ୱାରା ଆକ୍ରାନ୍ତ ହୋଇ ଶୃଗାଳଟି ସେହି ପାତ୍ର ମଧ୍ୟରେ ପଡ଼ିଗଲା। ଯେତେବେଳେ ସେ ଭାଣ୍ଡରୁ ବାହାରିଆସିଲା, ସେତେବେଳକୁ ସେ ନୀଳବର୍ଣ୍ଣ ହୋଇଯାଇଥିଲା। ତହୁଁ ସେହି କୁକୁରମାନେ ତାହାକୁ ଶୃଗାଳ ବୋଲି ଜାଣି ନ ପାରି ନିଜ ନିଜ ସ୍ଥାନକୁ ଚାଲିଗଲେ। ଚଣ୍ଡରବ ମଧ୍ୟ ବହୁ ଦୂର ଯାଇ ବନ ଅଭିମୁଖରେ ଚାଲିଗଲା। ନୀଳରଙ୍ଗ କେବେହେଲେ ନିଜର ବର୍ଣ୍ଣକୁ ଛାଡ଼େ ନାହିଁ। କଥିତ ଅଛି–

ବଜ୍ରଲେପସ୍ୟ ମୂର୍ଖସ୍ୟ ନାରୀଣାଂ କର୍କଟସ୍ୟ ଚ।
ଏକୋ ଗ୍ରହସ୍ତୁ ମୀନାନାଂ ନୀଲୀମଦ୍ୟପୟୋରପି।। ୨୮୫ ।।

ବଜ୍ରଲେପ, ମୂର୍ଖ, ନାରୀ, କର୍କଟ ଓ ମତ୍ସ୍ୟ ଏମାନଙ୍କର ଏବଂ ନୀଳବର୍ଣ୍ଣ ଓ ମଦ୍ୟପମାନଙ୍କର ଏକାପରି ଅବସ୍ଥା ହୋଇଥାଏ। ୨୮୫।

ଶିବଙ୍କ ଗଳାରେ ଥିବା ଗରଳ ଓ ତମାଳବର୍ଣ୍ଣବିଶିଷ୍ଟ ଏହି ଅପୂର୍ବ ଜନ୍ତୁକୁ ଦେଖି ସିଂହ, ବାଘ, ଚିତାବାଘ, ହେଟାବାଘ ପ୍ରଭୃତି ଅରଣ୍ୟବାସୀମାନେ ଭୟରେ

ବ୍ୟାକୁଳ ହୋଇ ଚତୁର୍ଦ୍ଦିଗକୁ ପଳାଇବାକୁ ଲାଗିଲେ ଓ କହିଲେ– 'ଏହାର ଆଚରଣ କିପରି, ଏହାର ସାମର୍ଥ୍ୟ କିପରି ଆମେମାନେ ଜାଣୁନାହିଁ; ତେଣୁ ଦୂରସ୍ଥାନକୁ ପଳାଇବା ଉଚିତ। କଥିତ ଅଛି–

ନ ଯସ୍ୟ ଚେଷ୍ଟିତଂ ବିଦ୍ୟାନ୍ନ କୁଳଂ ନ ପରାକ୍ରମମ୍।
ନ ତସ୍ୟ ବିଶ୍ୱସେତ୍ ପ୍ରାଜ୍ଞୋ ଯଦିଚ୍ଛେଚ୍ଛ୍ରିୟମାତ୍ମନଃ॥ ୨୮୬॥

ଯାହାର ଆଚରଣ, କୁଳ ଓ ପରାକ୍ରମ ଜଣା ନ ଥାଏ, ନିଜର ମଙ୍ଗଳକାମୀ ବୁଦ୍ଧିମାନ୍ ଲୋକ ତାହାକୁ ବିଶ୍ୱାସ କରିବା ଉଚିତ ନୁହେଁ। ୨୮୬।

ଚଣ୍ଡରବ ମଧ୍ୟ ସେମାନଙ୍କୁ ଭୟ-ବ୍ୟାକୁଳ ହୋଇଥିବାର ଦେଖି କହିଲା, "ହେ ଶ୍ୱାପଦଗଣ, ମୋତେ ଦେଖି ତୁମେମାନେ ତ୍ରସ୍ତ ହୋଇ ପଳାଉଛ କାହିଁକି? ଭୟ କରିବା ଉଚିତ ନୁହେଁ। ଆଜି ସ୍ୱୟଂ ବ୍ରହ୍ମା ମୋତେ ସୃଷ୍ଟି କରି କହିଛନ୍ତି– 'ଶ୍ୱାପଦମାନଙ୍କ ମଧ୍ୟରେ କୌଣସି ରାଜା ନାହାନ୍ତି; ତେଣୁ ମୁଁ ତୁମକୁ ସକଳ ଶ୍ୱାପଦମାନଙ୍କର ରାଜାରୂପେ ଅଭିଷିକ୍ତ କରୁଅଛି। ତୁମର ନାମ ହେଉଛି କକୁଦ୍‌ଦ୍ରୁମ। ତୁମେ ପୃଥିବୀକୁ ଯାଇ ସେମାନଙ୍କୁ ପାଳନ କର।' ତାହାପରେ ମୁଁ ଏଠାକୁ ଆସିଛି। ମୋର ଛତ୍ରଛାୟାତଳେ ସବୁ ଶ୍ୱାପଦ ରହିବେ। କକୁଦ୍‌ଦ୍ରୁମ ନାମ ଧାରଣ କରି ମୁଁ ତ୍ରିଲୋକର ରାଜା ହୋଇଅଛି।"

ଏହା ଶୁଣି ସିଂହ, ବ୍ୟାଘ୍ର ପ୍ରଭୃତି ପଶୁମାନେ 'ସ୍ୱାମିନ୍, ପ୍ରଭୁ ଆଦେଶ ଦିଅନ୍ତୁ' ଏହିପରି କହି ତାହାକୁ ବେଷ୍ଟନ କରି ରହିଲେ। ତପ୍ରେ ସେ ସିଂହକୁ ଅମାତ୍ୟ ପଦ ଦେଲା, ବ୍ୟାଘ୍ରକୁ ଶଯ୍ୟାପାଳକପଦ, ଚିତାବାଘକୁ ତାମ୍ବୁଳାଧିକାର ଓ ହେଟାବାଘକୁ ଦ୍ୱାରପାଳପଦ ଦେଲା। ସେ ସ୍ୱଜାତୀୟ ଶୃଗାଳମାନଙ୍କ ସହିତ ଆଳାପ ସୁଦ୍ଧା କଲାନାହିଁ। ଶୃଗାଳମାନଙ୍କୁ ସେ ଗଳାରେ ଧକ୍‌କା ଦେଇ ବାହାର କରିଦେଲା। ଏହିପରି ସିଂହ ପ୍ରଭୃତି ରାଜକାର୍ଯ୍ୟରେ ରହି ପଶୁମାନଙ୍କୁ ବଧ କରି ତାହା ଆଗରେ ରଖିଦେଉଥିଲେ। ସେ ମଧ୍ୟ ରାଜଧର୍ମ ଅନୁସାରେ ତାହାକୁ ଭାଗ କରି ସମସ୍ତଙ୍କୁ ଦେଉଥିଲା।

ଏହିପରି କିଛିକାଳ ଗତ ହୁଅନ୍ତେ, ଏକଦା ସେ ସଭାରେ ଥିବା ସମୟରେ ଦୂର ସ୍ଥାନରେ ଶୃଗାଳମାନଙ୍କର କୋଳାହଳ ଧ୍ୱନି ଶୁଣିପାରିଲା। ସେହି ଶବ୍ଦ ଶୁଣି ତାର ଶରୀର ପୁଲକିତ ହୋଇଗଲା; ଆନନ୍ଦରେ ଚକ୍ଷୁରୁ ଅଶ୍ରୁ ବିଗଳିତ ହେଲା। ସେ ଉଠିପଡ଼ି ଉଚ୍ଚସ୍ୱରରେ ରାବିବାକୁ ଆରମ୍ଭ କଲା। ତହୁଁ ସିଂହ ପ୍ରଭୃତି ପଶୁମାନେ ସେହି ରାବକୁ ଶୁଣି 'ଏ ଗୋଟାଏ ଶୃଗାଳ' ବୋଲି ଜାଣିପାରି ଲଜ୍ଜାରେ ଅଧୋମୁଖ ହୋଇ କ୍ଷଣକପାଇଁ ରହି ପରସ୍ପର କଥାବାର୍ତ୍ତା ହେଲେ– "ଏ କ୍ଷୁଦ୍ର ଶୃଗାଳଦ୍ୱାରା ଆମେମାନେ ପ୍ରତାରିତ ହୋଇଅଛୁ। ଏହାକୁ ବଧ କର"– ଚଣ୍ଡରବ ମଧ୍ୟ ଏହା ଶୁଣି ପଳାଇବାକୁ ଇଚ୍ଛା କରୁଥିଲେହେଁ ସିଂହ ପ୍ରଭୃତି ସେହିଠାରେ ତାକୁ ଖଣ୍ଡ ଖଣ୍ଡ କରି ବଧ କଲେ। ଏଣୁ ମୁଁ କହୁଥିଲି– 'ତ୍ୟକ୍ତାଶ୍ଚାଭ୍ୟନ୍ତରା ଯେନ...' ଇତ୍ୟାଦି

ତାହା ଶୁଣି ପିଙ୍ଗଳକ କହିଲା, "ଭୋ ଦମନକ, ସେ ଯେ ମୋ ଉପରେ ଦୁଷ୍ଟବୁଦ୍ଧି, ଏ ବିଷୟରେ କି ପ୍ରମାଣ ଅଛି?"

ଦମନକ କହିଲା, "ସେ ମୋ ଆଗରେ ଆଜି କହୁଥିଲା 'ମୁଁ ସ୍ଥିର କରିଛି ଯେ କାଲି ସକାଳେ ପିଙ୍ଗଳକକୁ ମାରିବି'– ଏହାହିଁ ତାର ପ୍ରମାଣ। ସେ କାଲି ସକାଳେ ଅବସର ସମୟରେ ମୁଖ ଓ ଚକ୍ଷୁକୁ ଆରକ୍ତ କରି, ଅଧରକୁ କମ୍ପାଇ, ଚାରିଆଡ଼କୁ ଚାହିଁ, ଅନୁଚିତ ସ୍ଥାନରେ ବସି ଆପଣଙ୍କୁ କ୍ରୁଦ୍ଧଦୃଷ୍ଟିରେ ଅନାଇବ। ଏହିସବୁ ଲକ୍ଷଣରୁ ଜାଣିପାରି ଯାହା ଉଚିତ, ତାହା କରିବେ।"

ଏହିପରି କହି ଦମନକ ସଞ୍ଜୀବକ ନିକଟକୁ ଯାଇ ପ୍ରଣାମ କରି ବସିଲା। ସଞ୍ଜୀବକ ମଧ ତାହାକୁ ଉଦ୍‌ବେଗପୂର୍ଣ୍ଣ ମୁଖମଣ୍ଡଳ ଓ ଧୀରଗତିରେ ଆସୁଥିବାର ଦେଖି ଆଦର- ସହକାରେ କହିଲା, "ଆହେ ମିତ୍ର, ତୁମକୁ ସ୍ୱାଗତ ଜଣାଉଅଛି। ବହୁକାଳ ପରେ ତୁମର ଦେଖାମିଳିଲା। ତୁମର ସବୁ ମଙ୍ଗଳ ତ? ତୁମେ ମୋ ଘରକୁ ଆସିଛ; ତେଣୁ କୁହ, ଅଦେୟ ହୋଇଥିଲେହେଁ ତୁମେ ଯାହା କହିବ, ଦେବି। କଥିତ ଅଛି –

ତେ ଧନ୍ୟାସ୍ତେ ବିବେକଜ୍ଞାସ୍ତେ ସଭ୍ୟା ଇହ ଭୂତଳେ।
ଆଗଚ୍ଛନ୍ତି ଗୃହେ ଯେଷାଂ କାର୍ଯ୍ୟାର୍ଥଂ ସୁହୃଦୋ ଜନାଃ ।। ୨୮୭ ।।

ଯେଉଁମାନଙ୍କର ଗୃହକୁ କାର୍ଯ୍ୟ ନିମନ୍ତେ ମିତ୍ରମାନେ ଆସିଥାନ୍ତି, ଏ ପୃଥିବୀରେ ସେହି ପୁରୁଷମାନେ ଧନ୍ୟ, ବିବେକୀ ଓ ସଭ୍ୟ ବୋଲି କଥିତ ହୁଅନ୍ତି।" । ୨୮୭ ।

ଦମନକ କହିଲା –

ସମ୍ପତ୍ତୟଃ ପରାୟତ୍ତାଃ ସଦା ଚିତ୍ତମନିର୍ବୃତମ୍।
ସ୍ୱଜୀବିତେଽପ୍ୟବିଶ୍ୱାସସ୍ତେଷାଂ ଯେ ରାଜସେବକାଃ ।। ୨୮୮ ।।

"ମିତ୍ର, ସେବକ ଲୋକର କୁଶଳ କାହିଁ? ରାଜସେବକମାନଙ୍କର ସମ୍ପତ୍ତି ପରାଧୀନ; ସେମାନଙ୍କର ଚିତ୍ତ ସର୍ବଦା ଅଶାନ୍ତିମୟ ଏବଂ ସେମାନଙ୍କ ନିଜ ଜୀବନରେ ମଧ ବିଶ୍ୱାସ ନଥାଏ। ୨୮୮। ପୁଣି –

ସେବୟା ଧନମିଚ୍ଛଦ୍‌ଭିଃ ସେବକୈଃ ପଶ୍ୟ ଯତ୍କୃତମ୍।
ସ୍ୱାତନ୍ତ୍ର୍ୟଂ ଯଚ୍ଛରୀରସ୍ୟ ମୂଢୈସ୍ତଦପି ହାରିତମ୍।। ୨୮୯ ।।

ଯେଉଁ ରାଜସେବକମାନେ ସେବାଦ୍ୱାରା ଧନକାମନା କରନ୍ତି, ସେମାନଙ୍କର କାର୍ଯ୍ୟକୁ ଦେଖ। ସେହି ମୂର୍ଖମାନେ ନିଜ ଶରୀରର ସ୍ୱାତନ୍ତ୍ର୍ୟ ମଧ ହରାଇଥାନ୍ତି। ୨୮୯। ଆହୁରି ମଧ –

ତାବଜ୍ଜନ୍ମାତିଦୁଃଖାୟ ତତୋ ଦୁର୍ଗତତା ସଦା।
ତତ୍ରାପି ସେବୟା ବୃତ୍ତିରହୋ ଦୁଃଖପରମ୍ପରା ।। ୨୯୦ ।।

ଏକେ ତ ଜନ୍ମ ହେବା କେବଳ ଘୋର ଦୁଃଖ ଭୋଗିବାପାଇଁ, ତାହା ଉପରେ ସର୍ବଦା ଦୁର୍ଗତି; ସେଥିରେ ପୁଣି ସେବାବୃତ୍ତି ! ଅହୋ, ସଂସାରରେ କେବଳ ଦୁଃଖପରମ୍ପରା ଲାଗିରହିଛି। ୨୯୦।

ଜୀବନ୍ତୋଽପି ମୃତାଃ ପଞ୍ଚ ବ୍ୟାସେନ ପରିକୀର୍ତ୍ତିତାଃ।
ଦରିଦ୍ରୋ ବ୍ୟାଧିତୋ ମୂର୍ଖଃ ପ୍ରବାସୀ ନିତ୍ୟସେବକଃ ।। ୨୯୧ ।।

ମହାଭାରତରେ ପାଞ୍ଚ ପ୍ରକାର ପ୍ରାଣୀକୁ ଜୀବନ ଥାଉଁ ଥାଉଁ ମୃତ ବୋଲି କୁହାଯାଇଛି। ସେଗୁଡ଼ିକ ହେଉଛନ୍ତି– ଦରିଦ୍ର, ରୋଗୀ, ମୂର୍ଖ, ପ୍ରବାସୀ ଓ ନିତ୍ୟ-ସେବାକାରୀ। ୨୯୧।

ନାଶ୍ନାତି ସ୍ୱେଚ୍ଛୟୌତ୍ସୁକ୍ୟାଦ୍ୱିନିଦ୍ରୋ ନ ପ୍ରବୁଧ୍ୟତେ।
ନ ନିଃଶଙ୍କଂ ବଚୋ ବ୍ରୂତେ ସେବକୋଽପ୍ୟତ୍ର ଜୀବତି॥ ୨୯୨॥

ସେବକ ସ୍ୱେଚ୍ଛାରେ ଖାଇପାରେ ନାହିଁ; ଔତ୍ସୁକ୍ୟ ହେତୁରୁ ନିଦ୍ରା ଶେଷ ନ ହେଉଣୁ ଉଠିପଡ଼େ, ନିର୍ଭୟରେ କଥା କହିପାରେ ନାହିଁ; ଏହା ସତ୍ତ୍ୱେ ସେବକ ବଞ୍ଚିରହିଥାଏ। ୨୯୨।

ସେବା ଶ୍ୱବୃତ୍ତିରାଖ୍ୟାତା ଯୈସ୍ତୈର୍ମିଥ୍ୟା ପ୍ରଜଳ୍ପିତମ୍।
ସ୍ୱଚ୍ଛନ୍ଦଂ ଚରତି ଶ୍ୱାଽତ୍ର ସେବକଃ ପରଶାସନାତ୍॥ ୨୯୩॥

ଯେଉଁମାନେ ସେବାବୃତ୍ତିକୁ ଶ୍ୱା-ବୃତ୍ତି (କୁକ୍କୁରର କାର୍ଯ୍ୟ) ବୋଲି କହିଛନ୍ତି, ସେମାନେ ତାହା ବୃଥା କହିଛନ୍ତି; କାରଣ ଶ୍ୱାନ ସ୍ୱଚ୍ଛନ୍ଦରେ ଭ୍ରମଣ କରିପାରେ; କିନ୍ତୁ ସେବକ କେବଳ ଅନ୍ୟର ଆଦେଶ ପାଇଲେ କୌଣସି ସ୍ଥାନକୁ ଯାଇପାରେ। ୨୯୩।

ଭୂଶଯ୍ୟାଂ ବ୍ରହ୍ମଚର୍ଯ୍ୟଂ ଚ କୃଶତ୍ୱଂ ଲଘୁଭୋଜନମ୍।
ସେବକସ୍ୟ ଯତେର୍ଯଦ୍ଦିଶେଷଃ ପାପଧର୍ମଜଃ॥ ୨୯୪॥

ସେବକ ଓ ସନ୍ନ୍ୟାସୀଙ୍କର ଅବସ୍ଥା ସମାନ; କାରଣ ଉଭୟେ ଭୂମିରେ ଶୟନ କରନ୍ତି, ବ୍ରହ୍ମଚର୍ଯ୍ୟ ପାଳନ କରନ୍ତି, ଉଭୟେ ଦୁର୍ବଳ ହୁଅନ୍ତି ଓ ସ୍ୱଳ୍ପ ଆହାର କରନ୍ତି। ଦୁହିଁଙ୍କ ମଧ୍ୟରେ ଏତିକି ମାତ୍ର ପ୍ରଭେଦ ଯେ ସେବକପକ୍ଷରେ ଏସବୁ ପାପସ୍ୱରୂପ, ସନ୍ନ୍ୟାସୀପକ୍ଷରେ ପୁଣ୍ୟସ୍ୱରୂପ। ୨୯୪।

ଶୀତାତପାଦିକଷ୍ଟାନି ସହତେ ଯାନି ସେବକଃ।
ଧନାୟ ତାନି ଚାଲ୍ପାନି ଯଦି ଧର୍ମାନ୍ନ ମୁଚ୍ୟତେ॥ ୨୯୫॥

ସେବକ ଧନ ପାଇଁ ଯେଉଁ ଶୀତ, ଖରା ପ୍ରଭୃତି କଷ୍ଟ ସହିଥାଏ, ସେଥିରୁ ଅଳ୍ପ କଷ୍ଟ ସହି ମଧ୍ୟ ସେ ମୋକ୍ଷଲାଭ କରିପାରନ୍ତା। ୨୯୫।

ମୃଦୁନାପି ସୁବୃତ୍ତେନ ସୁମିଷ୍ଟେନାପି ହାରିଣା।
ମୋଦକେନାପି କିଂ ତେନ ନିଷ୍ପତ୍ତିର୍ଯସ୍ୟ ସେବୟା॥ ୨୯୬॥

କୋମଳ, ଗୋଲାକାର ଅତି ମଧୁର ଓ ମନୋହର ମୋଦକ (ମିଠେଇ) ଖାଇବାରେ କି ଫଳ? ଯେହେତୁ ଏହାକୁ ପାଇବା ପାଇଁ ସେବା କରିବାକୁ ହୁଏ।''। ୨୯୬।

ସଞ୍ଜୀବକ କହିଲା, ''ତୁମେ କଅଣ କହିବାକୁ ଚାହୁଁଛ?'' ସେ କହିଲା, ''ମିତ୍ର, ମନ୍ତ୍ରୀମାନଙ୍କର ମନ୍ତ୍ରଣା ପ୍ରକାଶ କରିଦେବା ଉଚିତ ନୁହେଁ। କଥିତ ଅଛି–

ଯୋ ମନ୍ତ୍ରଂ ସ୍ୱାମିନୋ ଭିନ୍ଦ୍ୟାତ୍ସାଚିବ୍ୟୋ ସନ୍ନିୟୋଜିତଃ।
ସ ହତ୍ୱା ନୃପକାର୍ଯଂ ତତ୍ସ୍ୱୟଂ ଚ ନରକଂ ବ୍ରଜେତ୍॥ ୨୯୭॥

ଯିଏ ମନ୍ତ୍ରୀପଦରେ ପ୍ରତିଷ୍ଠିତ ରହି ମନ୍ତ୍ରଣା ପ୍ରକାଶ କରିଦିଏ, ସେ ରାଜାଙ୍କ କାର୍ଯ୍ୟ ନଷ୍ଟ କରିବା ସଙ୍ଗେ ସଙ୍ଗେ ନରକଗାମୀ ହୋଇଥାଏ। ୨୯୭।

ଯେନ ଯସ୍ୟ କୃତୋ ଭେଦଃ ସଚିବେନ ମହୀପତେଃ ।
ତେନାଶସ୍ତ୍ରବଧସ୍ତସ୍ୟ କୃତ ଇତ୍ୟାହ ନାରଦଃ ।। ୨୯୮ ।।

ଯେଉଁ ମନ୍ତ୍ରୀ ରାଜାଙ୍କର ମନ୍ତ୍ରଣା ପ୍ରକାଶ କରିଦିଏ, ସେ ବିନା ଅସ୍ତ୍ରରେ ରାଜାଙ୍କୁ ବଧ କରେ । ଏହା ନାରଦ କହିଅଛନ୍ତି । ୨୯୮ ।

ତଥାପି ତୁମ ପାଖରେ ସ୍ନେହ-ପାଶରେ ଆବଦ୍ଧ ହୋଇଥିବାରୁ ମନ୍ତ୍ରଣା ପ୍ରକାଶ କରୁଛି । କାରଣ ମୋହରି କଥାରେ ବିଶ୍ୱାସ କରି ତୁମେ ଏହି ରାଜକୁଳରେ ପ୍ରବେଶ କରିଛ । କଥିତ ଅଛି –

ବିଶ୍ରମ୍ଭାଦ୍‌ଯସ୍ୟ ଯୋ ମୃତ୍ୟୁମବାପ୍ନୋତି କଥଞ୍ଚନ ।
ତସ୍ୟ ହତ୍ୟା ତଦୁତ୍‌ଥା ସା ପ୍ରାହେଦଂ ବଚନଂ ମନୁଃ ।। ୨୯୯ ।।

ମହର୍ଷି ମନୁ କହିଅଛନ୍ତି – ଯାହାକୁ ବିଶ୍ୱାସ କରିବାଦ୍ୱାରା ଯଦି କେହି କୌଣସି ପ୍ରକାରେ ମୃତ୍ୟୁମୁଖରେ ପଡ଼େ, ତେବେ ସେ ସେହି ଲୋକର ହତ୍ୟାଦୋଷରେ ଦୋଷୀ ହୁଏ । ୨୯୯ ।

ତୁମ ଉପରେ ପିଙ୍ଗଳକର କୋପଦୃଷ୍ଟି ପଡ଼ିଛି । ଆଜି ସେ ମୋ ଆଗରେ ଏକାନ୍ତରେ କହୁଥିଲା – 'କାଲି ସକାଳୁ ସଞ୍ଜୀବକକୁ ବଧ କରି ସମସ୍ତ ପଶୁପରିବାରକୁ ଚିରକାଳ ପାଇଁ ତୃପ୍ତ କରିବି ।' ତହୁଁ ମୁଁ କହିଲି – ମହାରାଜ, ମିତ୍ରଠାରେ ଦ୍ରୋହ ଆଚରଣ କରି ଜୀବନ ଧାରଣ କରିବା ଉଚିତ ନୁହେଁ । କଥିତ ଅଛି –

ଅପି ବ୍ରହ୍ମବଧଂ କୃତ୍ୱା ପ୍ରାୟଶ୍ଚିତ୍ତେନ ଶୁଧ୍ୟତି ।
ତଦର୍ହେଣ ବିଚୀର୍ଣ୍ଣେନ ନ କଥଞ୍ଚିଦ୍ ସୁହୃଦ୍‌ଦ୍ରୁହଃ ।।୩୦୦ ।।

ମନୁଷ୍ୟ ବ୍ରାହ୍ମଣ ବଧ କରି ମଧ୍ୟ ପ୍ରାୟଶ୍ଚିତ୍ତଦ୍ୱାରା ଶୁଦ୍ଧ ହୋଇପାରେ; କିନ୍ତୁ ମିତ୍ରଦ୍ରୋହୀ କୌଣସି ଅନୁଷ୍ଠାନଦ୍ୱାରା ଶୁଦ୍ଧ ହୋଇ ନ ପାରେ । ୩୦୦ ।

ତହୁଁ ପିଙ୍ଗଳକ ମୋତେ କ୍ରୋଧରେ କହିଲା – 'ଆରେ ଦୁଷ୍ଟବୁଦ୍ଧି, ସଞ୍ଜୀବକ ହେଉଛି ଶସ୍ୟଭୋଜୀ ପ୍ରାଣୀ ଏବଂ ମୁଁ ହେଉଛି ମାଂସାଶୀ ପ୍ରାଣୀ । ତେଣୁ ତାର ଓ ମୋର ସ୍ୱାଭାବିକ ବିରୋଧ ରହିଛି; ଶତ୍ରୁକୁ କାହିଁକି ଉପେକ୍ଷା କରିବି ? ଅତଏବ ସାମାଦି ଉପାୟରେ ତାକୁ ବଧ କରିବି । ଏହି ପ୍ରକାରେ ତାକୁ ବଧ କରିବାରେ କିଛିମାତ୍ର ଦୋଷ ନାହିଁ । କଥିତ ଅଛି –

ଦତ୍ତ୍ୱାପି କନ୍ୟକାଂ ବୈରୀ ନିହନ୍ତବ୍ୟୋ ବିପଶ୍ଚିତା ।
ଅନ୍ୟୋପାୟୈରଶକ୍ୟୋ ଯୋ ହତେ ଦୋଷୋ ନ ବିଦ୍ୟତେ ।। ୩୦୧ ।।

ଯେଉଁ ଶତ୍ରୁକୁ ଅନ୍ୟ କୌଣସି ଉପାୟରେ ବଧ କରି ନ ହୁଏ, ତାକୁ ନୀତିଜ୍ଞ ବିଦ୍ୱାନ୍ ଲୋକ ନିଜ କନ୍ୟା ଦାନକରି ମଧ୍ୟ ବଧ କରିଥାନ୍ତି; କାରଣ ଶତ୍ରୁକୁ ହତ୍ୟା କରିବାରେ ଦୋଷ ନାହିଁ । ୩୦୧ ।

କୃତ୍ୟାକୃତ୍ୟଂ ନ ମନ୍ୟେତ କ୍ଷତ୍ରିୟୋ ଯୁଧି ସଙ୍ଗତଃ ।
ପ୍ରସୁପ୍ତୋ ଦ୍ରୋଣପୁତ୍ରେଣ ଧୃଷ୍ଟଦ୍ୟୁମ୍ନଃ ପୁରା ହତଃ ।। ୩୦୨ ।।

ଯୁଦ୍ଧ ନିମନ୍ତେ ପ୍ରସ୍ତୁତ କ୍ଷତ୍ରିୟ କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟର ବିଚାର କରିବା ଉଚିତ ନୁହେଁ; ଯେହେତୁ ପ୍ରାଚୀନ କାଳରେ ଦ୍ରୋଣଙ୍କର ପୁତ୍ର ଅଶ୍ୱତ୍ଥାମା (ନିଜର ଶତ୍ରୁ) ଧୃଷ୍ଟଦ୍ୟୁମ୍ନଙ୍କୁ ଶୋଇଥିବାବେଳେ ହତ୍ୟା କରିଥିଲେ । ୩୦୨ ।

ଏଣୁ ମୁଁ ତାହାର ସିଦ୍ଧାନ୍ତ ଜାଣିପାରି ତୁମ ପାଖକୁ ଆସିଛି। ବର୍ତ୍ତମାନ ମୋର ଆଉ ବିଶ୍ୱାସଘାତକତା ଦୋଷ ରହିଲା ନାହିଁ। ମୁଁ ତୁମକୁ ଅତି ଗୁପ୍ତ ମନ୍ତ୍ରଣା ଜଣାଇଦେଲି। ଏବେ ତୁମକୁ ଯାହା ଭଲ ବୋଧ ହେଉଛି, ତାହା କର।

ବଜ୍ରପାତ ସଦୃଶ ଏହି କଠୋର କଥା ଶୁଣି ସଞ୍ଜୀବକ ଅଚେତନ ହୋଇ ପଡ଼ିଗଲା। ତାହାପରେ ଚେତନା ଲାଭ କରି ବୈରାଗ୍ୟ ସହିତ କହିଲା, ‘‘ହେ ମିତ୍ର, ଯଥାର୍ଥରେ କୁହାଯାଇଛି –

ଦୁର୍ଜ୍ଜନଗମ୍ୟା ନାର୍ଯ୍ୟଃ ପ୍ରାୟେଣା ସ୍ନେହବାନ୍ ଭବତି ରାଜା ।
କୃପାଣାନୁସାରି ଚ ଧନଂ ମେଘୋ ଗିରି ଦୁର୍ଗବର୍ଷୀ ଚ ।। ୩୦୩ ।।

ସ୍ତ୍ରୀମାନେ ପ୍ରାୟଶଃ ଦୁର୍ଜନମାନଙ୍କ ସଙ୍ଗେ ପ୍ରୀତି କରିଥାନ୍ତି, ରାଜାମାନେ ସାଧାରଣତଃ ସ୍ନେହଶୂନ୍ୟ ହୋଇଥାନ୍ତି, ଧନ କୃପଣ ଲୋକକୁ ଅନୁସରଣ କରିଥାଏ ଏବଂ ମେଘ ପାହାଡ଼, ଦୁର୍ଗ ଉପରେ ଜଳ ବୃଷ୍ଟି କରିଥାଏ ।୩୦୩।

ଅହଂ ହି ସଂମତୋ ରାଜ୍ଞୋ ଯ ଏବଂ ମନ୍ୟତେ କୁଧୀଃ ।
ବଲୀବର୍ଦ୍ଦଃ ସ ବିଜ୍ଞେୟୋ ବିଷାଣ ପରିବର୍ଜ୍ଜିତଃ ।। ୩୦୪ ।।

ଯେଉଁ ଲୋକ ମନେକରେ ଯେ, ‘ରାଜା ମୋ ଉପରେ ସନ୍ତୁଷ୍ଟ,’ ସେ ହୀନବୁଦ୍ଧି; ତାକୁ ଶୃଙ୍ଗହୀନ ବଳଦ ବୋଲି ଜାଣିବା ଉଚିତ । ୩୦୪ ।

ବରଂ ବନଂ ବରଂ ଭୈକ୍ଷ୍ୟଂ ବରଂ ଭାରୋପଜୀବନମ୍ ।
ବରଂ ବ୍ୟାଧିର୍ମନୁଷ୍ୟାଣାଂ ନାଧିକାରେଣ ସମ୍ପଦଃ ।। ୩୦୫ ।।

ମନୁଷ୍ୟପକ୍ଷରେ ବନରେ ରହିବା ଭଲ, ଭିକ୍ଷା ମାଗିବା ଭଲ, ବୋଝ ବୋହି ବୋହି ଜୀବିକାର୍ଜନ କରିବା ଭଲ, ବ୍ୟାଧିଗ୍ରସ୍ତ ହେବା ଭଲ; କିନ୍ତୁ ସେବାବୃତ୍ତିଦ୍ୱାରା ସମ୍ପତ୍ତି ଅର୍ଜିବା ଭଲ ନୁହେଁ। ୩୦୫ ।

ତେଣୁ ମୁଁ ଏହା ସଙ୍ଗେ ମିତ୍ରତା କରି ଅନ୍ୟାୟ କରିଛି। କଥିତ ଅଛି –

ଯୟୋରେବ ସମଂ ବିତ୍ତଂ ଯୟୋରେବ ସମଂ କୁଳମ୍ ।
ତୟୋର୍ମୈତ୍ରୀ ବିବାହଶ୍ଚ ନ ତୁ ପୁଷ୍ଟବିପୁଷ୍ଟୟୋଃ ।। ୩୦୬ ।।

ଯେଉଁ ଦୁଇ ଜଣଙ୍କର କୁଳ ସମାନ ଓ ଧନ ସମାନ, ସେ ଦୁହିଁଙ୍କ ମଧ୍ୟରେ ମିତ୍ରତା ଓ ବିବାହ ସମ୍ବନ୍ଧ ହେବା ଉଚିତ; କିନ୍ତୁ ପୁଷ୍ଟ ଓ ଅପୁଷ୍ଟ ଅର୍ଥାତ୍ ସବଳ ଓ ଦୁର୍ବଳ, ଧନୀ ଓ ନିର୍ଦ୍ଧନ ମଧ୍ୟରେ ଏପରି ସମ୍ବନ୍ଧ ଅନୁଚିତ। ୩୦୬। ପୁଣି –

ମୃଗା ମୃଗୈଃ ସଙ୍ଗମନୁବ୍ରଜନ୍ତି ଗାବଶ୍ଚ ଗୋଭିସ୍ତୁରଗାସ୍ତୁରଙ୍ଗୈଃ ।
ମୂର୍ଖାଶ୍ଚ ମୂର୍ଖୈଃ ସୁଧିୟଃ ସୁଧିଭିଃ ସମାନଶୀଳବ୍ୟସନେଷୁ ସଖ୍ୟମ୍ ।। ୩୦୭ ।।

ମୃଗମାନେ ମୃଗମାନଙ୍କ ସହିତ, ଗୋରୁମାନେ ଗୋରୁମାନଙ୍କ ସହିତ, ଅଶ୍ୱମାନେ

ଅଶ୍ୱମାନଙ୍କ ସହିତ, ମୂର୍ଖମାନେ ମୂର୍ଖମାନଙ୍କ ସହିତ, ପଣ୍ଡିତମାନେ ପଣ୍ଡିତମାନଙ୍କ ସହିତ ଅନୁଗମନ କରିଥାନ୍ତି। ବିପଦ କାଳରେ ସମାନ ସ୍ୱଭାବର ଲୋକମାନଙ୍କ ମଧ୍ୟରେ ମିତ୍ରତା ହୋଇଥାଏ। ୩୦୭।

ଏହି ହେତୁରୁ ଯଦି ମୁଁ ଯାଇ ତାକୁ ପ୍ରସନ୍ନ କରିବାକୁ ଚେଷ୍ଟା କରେ, ତଥାପି ସେ ପ୍ରସନ୍ନ ହେବ ନାହିଁ। କଥିତ ଅଛି –

ନିମିତ୍ତମୁଦ୍ଦିଶ୍ୟ ହି ଯଃ ପ୍ରକୁପ୍ୟତି ଧ୍ରୁବଂ ସ ତସ୍ୟାପଗମେ ପ୍ରଶାମ୍ୟତି।
ଅକାରଣଦ୍ୱେଷପରୋ ହି ଯୋ ଭବେତ୍
କଥଂ ନରସ୍ତଂ ପରିତୋଷୟିଷ୍ୟତି ॥ ୩୦୮ ॥

ଯେଉଁ ଲୋକ କୌଣସି କାରଣରୁ କ୍ରୁଦ୍ଧ ହୋଇଥାଏ, ଉକ୍ତ କାରଣ ଦୂର ହେଲେ ସେ ଶାନ୍ତ ହୋଇଯାଏ। କିନ୍ତୁ ଯେଉଁ ଲୋକ ବିନା କାରଣରେ ଦ୍ୱେଷପରାୟଣ ହୁଏ, ତାକୁ କିପରି ପରିତୁଷ୍ଟ କରିପାରିବ ? । ୩୦୮।

ହଁ, ଯଥାର୍ଥରେ କୁହାଯାଇଥାଏ –

ଭକ୍ତାନାମୁପକାରିଣଂ ପରହିବ୍ୟାପାରଯୁକ୍ତାତ୍ମନାଂ
ସେବାସଂବ୍ୟବହାରତତ୍ତ୍ୱବିଦୁଷାଂ ଦ୍ରୋହଚ୍ୟୁତାନାମପି।
ବ୍ୟାପତ୍ତିଃ ସ୍ଖଳିତାନ୍ତରେଷୁ ନିୟତା ସିଦ୍ଧିର୍ଭବେଦ୍ୱାନ ବା
ତସ୍ମାଦମ୍ବୁପତେରିବାବନିପତେଃ ସେବା ସଦାଶଙ୍କିନୀ ॥ ୩୦୯ ॥

ଉପକାରୀ, ଅନୁରକ୍ତ, ପରହିତକାରୀ, ସେବା ଓ ବ୍ୟବହାରର ତତ୍ତ୍ୱଜ୍ଞ ଓ ଦ୍ରୋହଶୂନ୍ୟ ମନୁଷ୍ୟମାନେ ମଧ୍ୟ ସାମାନ୍ୟ ତ୍ରୁଟି ହେତୁରୁ ବିପଦଗ୍ରସ୍ତ ହୁଅନ୍ତି; ସେଥିରେ ଧନଲାଭ ହେଉ ବା ନ ହେଉ। ତେଣୁ ସମୁଦ୍ରର ସେବା ଯେପରି ସର୍ବଦା ସନ୍ଦେହଯୁକ୍ତ, ରାଜାଙ୍କର ସେବା ମଧ୍ୟ ସେହିପରି ସର୍ବଦା ଶଙ୍କନୀୟ। ୩୦୯। ପୁନଶ୍ଚ –

ଭାବସ୍ନିଗ୍ଧୈରୁପକୃତମପି ଦ୍ୱେଷ୍ୟତାଂ ଯାତି, କିଞ୍ଚି –
ଚ୍ଛାଠ୍ୟାଦନ୍ୟୈରପକୃତମପି ପ୍ରୀତିମେବୋପୟାତି।
ଦୁର୍ଗ୍ରାହ୍ୟତ୍ୱାନ୍ନୃପତିମନସାଂ ନୈକଭାବାଶ୍ରୟାଣାଂ,
ସେବାଧର୍ମଃ ପରମଗହନୋ ଯୋଗିନାମପ୍ୟଗମ୍ୟଃ ॥ ୩୧୦ ॥

ଏହି ସଂସାରରେ ପ୍ରେମଭାବ ସହିତ ଯେଉଁ ଉପକାର କରାଯାଇଥାଏ, ତାହା ମଧ୍ୟ ଶତ୍ରୁତା ଜନ୍ମାଇଥାଏ। ପୁଣି ଅନ୍ୟଦ୍ୱାରା ସାକ୍ଷାତ ଅପକାର କରାଯାଇଥିଲେହେଁ ତାହା ପ୍ରୀତି ଜନ୍ମାଇଥାଏ। ସର୍ବଦା ଏକଭାବରେ ରହୁ ନ ଥିବାରୁ ରାଜାଙ୍କର ମନ ଜାଣିବା କଠିନ ବ୍ୟାପାର। ତେଣୁ ସେବାଧର୍ମ ଅତି କଠିନ; ଯୋଗୀମାନେ ମଧ୍ୟ ଏଥିରେ ପ୍ରବେଶ କରିପାରନ୍ତି ନାହିଁ। ୩୧୦।

ଏଣୁ ମୁଁ ଜାଣୁଛି ଯେ ମୋ ଉପରେ ରାଜାଙ୍କର ଅନୁଗ୍ରହ ସହି ନପାରି ରାଜାଙ୍କ ପାଖଲୋକେ ପିଙ୍ଗଳକକୁ ପ୍ରକୋପିତ କରିଅଛନ୍ତି। ତେଣୁ ମୁଁ ନିର୍ଦ୍ଦୋଷ ହୋଇଥିଲେହେଁ ମୋ ବିଷୟରେ ଏପରି କହୁଅଛନ୍ତି। କାରଣ କଥିତ ଅଛି ଯେ –

ପ୍ରଭୋଃ ପ୍ରସାଦମନ୍ୟସ୍ୟ ନ ସହନ୍ତୀହ ସେବକାଃ ।
ସପତ୍ନ୍ୟ ଇବ ସଂକ୍ରୁଦ୍ଧାଃ ସପତ୍ନ୍ୟାଃ ସୁକୃତୈରପି ।। ୩୧୧ ।।

ଯେପରି ସପତ୍ନୀମାନଙ୍କ ମଧ୍ୟରୁ ପତି ଜଣକୁ ଅଧିକ ପ୍ରେମ କଲେ ଅନ୍ୟ ପତ୍ନୀମାନେ ସହି ନପାରି କ୍ରୁଦ୍ଧ ହୁଅନ୍ତି, ସେହିପରି ଏ ସଂସାରରେ ଜଣେ ସେବକ ରାଜାଙ୍କ କୃପାଲାଭ କଲେ, ଅନ୍ୟମାନେ ତାହା ସହିପାରନ୍ତି ନାହିଁ । ୩୧୧ ।

ଏହା ମଧ୍ୟ ହୋଇଥାଏ ଯେ ନିକଟରେ ଗୁଣବାନ୍ ଲୋକମାନେ ଥିଲେ, ଗୁଣହୀନ ଲୋକଙ୍କ ଉପରେ ରାଜାଙ୍କର କୃପା ହୋଇ ନ ଥାଏ ।

ଗୁଣବତ୍ତରପାତ୍ରେଣ ଛାଦ୍ୟନ୍ତେ ଗୁଣିନାଂ ଗୁଣାଃ ।
ରାତ୍ରୌ ଦୀପଶିଖାକାନ୍ତିର୍ନ ଭାନାବୁଦିତେ ସତି ।। ୩୧୨ ।।

ଅଧିକ ଗୁଣବାନ୍ ଲୋକଙ୍କ ଦ୍ୱାରା ସାଧାରଣ ଗୁଣବିଶିଷ୍ଟ ଲୋକଙ୍କର ଗୁଣ ଆଚ୍ଛାଦିତ ହୋଇଯାଏ । ରାତ୍ରିରେ ପ୍ରଦୀପର ଶିଖା ମନୋହର ବୋଧ ହୋଇଥାଏ; କିନ୍ତୁ ସୂର୍ଯ୍ୟ ଉଦିତ ହେଲେ ସେପରି ବୋଧ ହୁଏନାହିଁ ।'' । ୩୧୨ ।

ଦମନକ କହିଲା, ''ଭୋ ମିତ୍ର, ଯଦି ସେପରି ହୋଇଥାଏ, ଅର୍ଥାତ୍ ତୁମେ ଦୋଷୀ ହୋଇ ନ ଥାଅ, ତେବେ ତୁମର ଭୟର କାରଣ ନାହିଁ । ଦୁଷ୍ଟମାନେ ତାକୁ ପ୍ରକୋପିତ କରିଥିଲେ ସୁଦ୍ଧା ତୁମର କଥାର ଭଙ୍ଗୀରେ ସେ ପ୍ରସନ୍ନ ହୋଇଯିବ ।''

ସଞ୍ଜୀବକ କହିଲା, ''ଭଦ୍ର ! ତୁମେ ଯାହା କହିଲ, ତାହା ଠିକ୍ ନୁହେଁ । ଛୋଟ ହୋଇଥିଲେ ମଧ୍ୟ ଦୁର୍ଜନମାନଙ୍କ ମଧ୍ୟରେ ରହିହୁଏ ନାହିଁ । ସେମାନେ ଅନ୍ୟ ଉପାୟ ଆଶ୍ରୟ କରି ନିଶ୍ଚୟ ମୋତେ ବଧ କରିବେ । କଥିତ ଅଛି –

ବହବଃ ପଣ୍ଡିତାଃ କ୍ଷୁଦ୍ରାଃ ସର୍ବେ ମାୟୋପଜୀବିନଃ ।
କୁର୍ଯ୍ୟୁଃ କୃତ୍ୟମକୃତ୍ୟଂ ବା ଉଷ୍ଟ୍ରେ କାକାଦୟୋ ଯଥା ।। ୩୧୩ ।।

ଉଷ୍ଟ୍ରପ୍ରତି କାକ ଆଦି ଯେପରି କରିଥିଲେ, ସେହିପରି ଅନେକ କ୍ଷୁଦ୍ର ପଣ୍ଡିତ କର୍ତ୍ତବ୍ୟାକର୍ତ୍ତବ୍ୟ ବିଚାର ନ କରି କପଟ ନୀତିଦ୍ୱାରା ଜୀବିକା ଅର୍ଜନ କରିଥାନ୍ତି ।'' । ୩୧୩ ।

ଦମନକ କହିଲା, ''ସେ କଥା କଅଣ ?'' ସଞ୍ଜୀବକ କହିବାକୁ ଲାଗିଲା –

ଓଟ ଓ କାକ ପ୍ରଭୃତିଙ୍କ କଥା

କୌଣସି ବନପ୍ରଦେଶରେ ମଦୋତ୍କଟ ନାମରେ ଗୋଟିଏ ସିଂହ ବାସକରୁଥିଲା । ଚିତାବାଘ, କାକ ଓ ଶୃଗାଳ ତା'ର ଅନୁଚର ଥିଲେ । ଏକଦା ସେମାନେ ଇତସ୍ତତଃ ଭ୍ରମଣ କରୁ କରୁ କ୍ରଥନକ ନାମକ ଏକ ଉଷ୍ଟ୍ରକୁ ଦେଖିଲେ । ତହୁଁ ସିଂହ କହିଲା, ''ଅହୋ ! ଏ ତ ଗୋଟିଏ ଅପୂର୍ବ ପ୍ରାଣୀ । ତେଣୁ ବୁଝ, ଏ ଅରଣ୍ୟରେ ଥାଏ, କି ଗ୍ରାମରେ ଥାଏ ।'' ତାହା ଶୁଣି ବାୟସ କହିଲା, ''ପ୍ରଭୁ, ଏ ଉଷ୍ଟ୍ର ନାମକ ଏକ ଜୀବ, ଆପଣଙ୍କ ଆହାରଯୋଗ୍ୟ । ତେଣୁ ତାକୁ ବଧ କରନ୍ତୁ ।'' ସିଂହ କହିଲା,

''ସେ ମୋର ଗୃହକୁ ଆସିଛି; ତେଣୁ ତାକୁ ବଧକରିପାରିବିନାହିଁ। କଥିତ ଅଛି–

ଗୃହେ ଶତ୍ରୁମପି ପ୍ରାପ୍ତଂ ବିଶ୍ୱସ୍ତମକୁତୋଭୟମ୍।
ଯୋ ହନ୍ୟାତ୍ତସ୍ୟ ପାପଂ ସ୍ୟାଚ୍ଛତବ୍ରାହ୍ମଣଘାତଜମ୍॥୩୧୪॥

ଯଦି ବିଶ୍ୱାସ କରି, ନିର୍ଭୟ ହୋଇ ଶତ୍ରୁ ମଧ୍ୟ କାହାରି ଘରକୁ ଆସେ, ତେବେ ତାକୁ ଯେଉଁ ଲୋକ ବଧ କରେ, ତାର ଶତବ୍ରାହ୍ମଣ-ହତ୍ୟାଜନିତ ପାପ ହୁଏ।୩୧୪।

ତେଣୁ ଅଭୟ ଦେଇ ତାକୁ ମୋ ପାଖକୁ ଆଣ, ମୁଁ ତାକୁ ଆସିବାର କାରଣ ପଚାରିବି।'' ତହୁଁ ସମସ୍ତେ ତାର ବିଶ୍ୱାସ ଜନ୍ମାଇ ତାକୁ ଅଭୟ ପ୍ରଦାନ କରି ମଦୋତ୍କଟ ନିକଟକୁ ଆଣିଲେ। ସେ ପ୍ରଣାମ କରି ବସିଲା। ତାହାକୁ ପଚାରିବାରୁ ସେ ଯୂଥଭ୍ରଷ୍ଟ ହୋଇଥିବାର ଆତ୍ମବୃତ୍ତାନ୍ତ ଜଣାଇଲା। ତହୁଁ ସିଂହ କହିଲା, ''ହେ କ୍ରଥନକ, ତୁମେ ଗ୍ରାମକୁ ଫେରିଯାଇ ପୁଣି ଭାରବହନ କଷ୍ଟ ଭୋଗିବା ଆବଶ୍ୟକ ନାହିଁ। ତୁମେ ଏହି ବନରେ ନିଃଶଙ୍କ ହୋଇ ମର୍କତସଦୃଶ ତୃଣାଗ୍ର ଭକ୍ଷଣ କରି ମୋ ସହିତ ସର୍ବଦା ବାସ କର।'' ଉଷ୍ଟ୍ର ମଧ୍ୟ 'ତାହା ହେଉ' କହି ସେମାନଙ୍କ ମଧ୍ୟରେ ବିଚରଣପୂର୍ବକ ନିର୍ଭୟ ହୋଇ ସୁଖରେ ରହିଲା।

ଦିନେ ଅରଣ୍ୟଚାରୀ ଏକ ମହାଗଜ ସହିତ ମଦୋତ୍କଟର ଯୁଦ୍ଧ ହେଲା। ଏହି ଯୁଦ୍ଧରେ ମଦୋତ୍କଟ ହସ୍ତୀର ଦନ୍ତପ୍ରହାରରେ ବିଶେଷ ବ୍ୟଥିତ ହେଲା। ବ୍ୟଥା ପାଇଥିଲେହେଁ କୌଣସି ପ୍ରକାରେ ତାର ପ୍ରାଣ ବାହାରିଗଲା ନାହିଁ। ଶରୀରର ଅସାମର୍ଥ୍ୟ ହେତୁରୁ ସେ କେଉଁଠାକୁ ପଦମାତ୍ର ଯାଇପାରିଲା ନାହିଁ। ଶକ୍ତିହୀନ ହୋଇପଡ଼ିବାରୁ କାକ ପ୍ରଭୃତି କ୍ଷୁଧାତୁର ହୋଇ ଭୀଷଣ କଷ୍ଟ ପାଇଲେ। ସିଂହ ସେମାନଙ୍କୁ କହିଲା, ''ତୁମେମାନେ କେଉଁଠାରେ କୌଣସି ଜୀବର ଅନ୍ୱେଷଣ କର, ଯେପରିକି ମୁଁ ଏପରି ଦଶାରେ ପଡ଼ିଥିଲେ ମଧ୍ୟ ତାକୁ ବଧ କରି ତୁମମାନଙ୍କୁ ଆହାର ଦେବି।''

ସେ ଚାରିଜଣଯାକ ବୁଲି ବୁଲି କୌଣସି ଜୀବ ଦେଖିପାରିଲେ ନାହିଁ। ତହୁଁ କାକ ଓ ଶୃଗାଳ ପରସ୍ପର ମଧ୍ୟରେ ମନ୍ତ୍ରଣା କଲେ। ଶୃଗାଳ କହିଲା, ''ହେ ବାୟସ, ଏତେ ବୁଲିବାରେ କି ଲାଭ? ଆମ ପ୍ରଭୁଙ୍କର ବିଶ୍ୱସ୍ତ କ୍ରଥନକ ରହିଛି। ଏହାକୁ ବଧ କରି ପ୍ରାଣରକ୍ଷା କରିବା।''

ବାୟସ କହିଲା, ବନ୍ଧୁ! ''ତୁମେ ଯଥାର୍ଥ କହିଛ। କିନ୍ତୁ ପ୍ରଭୁ ତାକୁ ଅଭୟ ଦାନ କରିଅଛନ୍ତି; ତେଣୁ ସେ ବଧର ଯୋଗ୍ୟ ନୁହେଁ।'' ଶୃଗାଳ କହିଲା, ''ହେ ବାୟସ, ମୁଁ ପ୍ରଭୁଙ୍କୁ ଜଣାଇ ଏପରି କରିବି ଯେ ପ୍ରଭୁ ତାକୁ ବଧ କରିବେ। ଅତଏବ ତୁମେ ଏଇଠାରେ ଥାଅ; ଏଥିମଧ୍ୟରେ ମୁଁ ଘରକୁ ଯାଇ ପ୍ରଭୁଙ୍କର ଆଦେଶ ଆଣି ଆସିବି।''

ଏହା କହି ସେ ଶୀଘ୍ର ସିଂହ ନିକଟକୁ ଗଲା। ସିଂହ ପାଖରେ ପହଞ୍ଚି ସେ କହିଲା, ''ପ୍ରଭୁ, ଆମେ ସମସ୍ତେ ବୁଲିବୁଲି ଆସିଲୁ; କୌଣସି ଜୀବ ପାଇଲୁ ନାହିଁ। ତେବେ ଆମେ କଅଣ କରିବା? ବର୍ତ୍ତମାନ ଆମେ କ୍ଷୁଧା ହେତୁରୁ ପାଦେ

ସୁଦ୍ଧା ଯିବାକୁ ଅକ୍ଷମ। ଆପଣ ମଧ୍ୟ ପଥ୍ୟ ଖାଇବା ଉଚିତ। ତେଣୁ ଯଦି ପ୍ରଭୁଙ୍କର ଆଦେଶ ହୁଏ, ତେବେ କ୍ରଥନକର ମାଂସରେ ଆଜିର ପଥ୍ୟ ହୋଇପାରନ୍ତା।''

ସିଂହ ତାହାର ଏହି ନିଷ୍ଠୁର ବଚନ ଶୁଣି କ୍ରୋଧ ପ୍ରକାଶପୂର୍ବକ କହିଲା, ''ରେ ପାପି, ଅଧମ, ତୋତେ ଧିକ୍! ପୁଣି ଯେବେ ଏପରି କଥା କହୁ, ତେବେ ତୋତେ ତତ୍‌କ୍ଷଣାତ୍ ବଧ କରିବି। ମୁଁ ଯେତେବେଳେ ଅଭୟ ଦେଇସାରିଛି, ସେତେବେଳେ ତାକୁ ବଧ କରିବି କିପରି? କଥିତ ଅଛି–

ନ ଗୋପ୍ରଦାନଂ ନ ମହୀପ୍ରଦାନଂ ନ ଚାନ୍ନଦାନଂ ହି ତଥା ପ୍ରଧାନମ୍।
ଯଥା ବଦନ୍ତୀହ ବୁଧାଃ ପ୍ରଧାନଂ ସର୍ବପ୍ରଦାନେଷ୍ୱଭୟପ୍ରଦାନମ୍।।୩୧୫।।

ବିଦ୍ୱାନ୍‌ମାନେ କହିଅଛନ୍ତି ଯେ ସକଳ ପ୍ରକାର ଦାନ ମଧ୍ୟରେ ଅଭୟଦାନ ହେଉଛି ଶ୍ରେଷ୍ଠ। ଗୋଦାନ, ଭୂମିଦାନ ଓ ଅନ୍ନଦାନ– ଏସବୁ ଅଭୟଦାନ ପରି ପ୍ରଧାନ ନୁହେଁ।୩୧୫।

ତାହା ଶୁଣି ଶୃଗାଳ କହିଲା, ''ପ୍ରଭୁ, ଅଭୟ ପ୍ରଦାନ କରି ଯଦି ବଧ କରାଯାଏ, ତେବେ ଦୋଷ ହେବ। କିନ୍ତୁ ଯଦି ଆପଣଙ୍କ ଶ୍ରୀଚରଣରେ ଭକ୍ତି ହେତୁରୁ ସେ ନିଜ ଜୀବନକୁ ଦାନ କରେ, ତେବେ ଦୋଷ ହେବ ନାହିଁ। ତେଣୁ ଯଦି ସେ ଆପେ ଆପେ ନିଜକୁ ବଧ ନିମନ୍ତେ ଅର୍ପଣ କରେ, ତେବେ ସେ ବଧର ଯୋଗ୍ୟ। ତାହା ନ ହେଲେ ଆମମାନଙ୍କ ଭିତରୁ ଜଣକୁ ବଧ କରିବାକୁ ହେବ। କାରଣ ମହାରାଜ ପଥ୍ୟାଶୀ। କ୍ଷୁଧା ନିରୋଧ ହେତୁ ମହାରାଜଙ୍କର ଅନ୍ତିମ ଦଶା ଉପସ୍ଥିତ ହେବ। ଯଦି ଆମର ପ୍ରାଣ ସ୍ୱାମୀଙ୍କ ସେବାରେ ନ ଲାଗିବ, ତାହାହେଲେ ସେଥିରେ କି ପ୍ରୟୋଜନ? ଯେବେ ମହାରାଜଙ୍କର କିଛିମାତ୍ର ଅନିଷ୍ଟ ଘଟେ, ତେବେ ପରେ ଆମେମାନେ ଅଗ୍ନିରେ ଝାସ ଦେବୁ। ଆହୁରି କଥିତ ଅଛି–

ଯସ୍ମିନ୍‌କୁଳେ ଯଃ ପୁରୁଷଃ ପ୍ରଧାନଃ ସ ସର୍ବଯତ୍ନୈଃ ପରିରକ୍ଷଣୀୟଃ।
ତସ୍ମିନ୍ବିନଷ୍ଟେ ହି କୁଳଂ ବିନଷ୍ଟଂ ନ ନାଭିଭଙ୍ଗେ ହ୍ୟରକା ବହନ୍ତି।। ୩୧୬।।

କୁଳରେ ଯେଉଁ ପୁରୁଷ ପ୍ରଧାନ, ତାଙ୍କୁ ସକଳ ପ୍ରକାର ଯତ୍ନଦ୍ୱାରା ରକ୍ଷା କରିବା ବିଧେୟ। କାରଣ କୁଳର ମୁଖ୍ୟବ୍ୟକ୍ତି ବିନଷ୍ଟ ହେଲେ ଶତ୍ରୁମାନେ ସେହି କୁଳକୁ ପରାଜିତ କରିଦିଅନ୍ତି।୩୧୬।

ଏହା ଶୁଣି ମଦୋତ୍କଟ କହିଲା, ''ତାହାହେଲେ ତୁମମାନଙ୍କୁ ଯାହା ଭଲ ମନେହେଉଛି, ତାହା କର।''

ତାହା ଶୁଣି ଶୃଗାଳ ଶୀଘ୍ର ଯାଇ ଅନ୍ୟମାନଙ୍କୁ କହିଲା, ''ଆରେ, ପ୍ରଭୁଙ୍କର ବିଷମ ଅବସ୍ଥା ହେଲାଣି। ତେଣୁ ଆଉ ବୁଲିବାରେ କି ଲାଭ? ତାଙ୍କ ବିନା ଆମକୁ କିଏ ଏଠାରେ ରକ୍ଷାକରିବ? ତେଣୁ ଚାଲ, କ୍ଷୁଧା ରୋଗରେ ପ୍ରାଣତ୍ୟାଗ କରିବାକୁ ବସିଥିବା ପ୍ରଭୁଙ୍କୁ ନିଜ ନିଜ ଶରୀର ଦାନ କରିବା; ଏହାଫଳରେ ସ୍ୱାମୀଙ୍କ ଅନୁଗ୍ରହଜନିତ ଋଣ ପରିଶୋଧ କରିବା। କଥିତ ଅଛି–

ଆପଦଂ ପ୍ରାପ୍ନୁୟାତ୍ ସ୍ୱାମୀ ଯସ୍ୟ ଭୃତ୍ୟସ୍ୟ ପଶ୍ୟତଃ।
ପ୍ରାଣେଷୁ ବିଦ୍ୟମାନେଷୁ ସ ଭୃତ୍ୟୋ ନରକଂ ବ୍ରଜେତ୍॥ ୩୧୭॥

ଯେଉଁ ଭୃତ୍ୟ ପ୍ରାଣ ଥାଉଁ ଥାଉଁ ପ୍ରଭୁଙ୍କୁ ଆପଦରୁ ରକ୍ଷା ନ କରେ ଓ ଯିଏ ଦେଖୁ ଦେଖୁ ପ୍ରଭୁ ସଙ୍କଟରେ ପଡ଼ନ୍ତି, ସେ ଭୃତ୍ୟ ନରକଗମନ କରେ।'' ।୩୧୭।

ଏହାପରେ ସେମାନେ ଅଶ୍ରୁପୂର୍ଣ୍ଣ ନୟନରେ ଯାଇ ମଦୋତ୍କଟଙ୍କୁ ପ୍ରଣାମ କରି ବସିଲେ। ସେମାନଙ୍କୁ ଦେଖି ମଦୋତ୍କଟ କହିଲା, ''ତୁମେମାନେ କୌଣସି ଜୀବ ପାଇଲ ଅଥବା ଦେଖିଲ କି?'' ତହୁଁ ସେମାନଙ୍କ ମଧ୍ୟରୁ କାକ କହିଲା, ''ପ୍ରଭୁ, ଆମେ ସବୁଆଡ଼େ ବୁଲିଲୁ; କିନ୍ତୁ କୌଣସି ଜୀବ ପାଇଲୁ ନାହିଁ କି ଦେଖିଲୁ ନାହିଁ। ଅତଏବ ଆଜି ମୋତେ ଭକ୍ଷଣ କରି ପ୍ରଭୁ ଜୀବନରକ୍ଷା କରନ୍ତୁ, ତାହାହେଲେ ପ୍ରଭୁ ଆଶ୍ୱସ୍ତ ହେବେ ଓ ମୋର ସ୍ୱର୍ଗପ୍ରାପ୍ତି ହେବ। କଥିତ ଅଛି—

ସ୍ୱାମ୍ୟର୍ଥେ ଯସ୍ତ୍ୟଜେତ୍ ପ୍ରାଣାନ୍ ଭୃତ୍ୟୋ ଭକ୍ତିସମନ୍ୱିତଃ।
ପରଂ ସ ପଦମାପ୍ନୋତି ଜରାମରଣବର୍ଜିତମ୍॥ ୩୧୮॥

ଯେଉଁ ଭୃତ୍ୟ ସ୍ୱାମୀଙ୍କ ନିମନ୍ତେ ଭକ୍ତିସହକାରେ ନିଜର ପ୍ରାଣ ଦିଏ, ସେ ଜରାମରଣବର୍ଜିତ ପରମପଦ ଲାଭ କରେ।'' ।୩୧୮।

ତାହା ଶୁଣି ଶୃଗାଳ କହିଲା, ''ଆହେ, ତୁମେ କ୍ଷୁଦ୍ରକାୟ! ତୁମକୁ ଭୋଜନ କଲେ ପ୍ରଭୁଙ୍କର ପ୍ରାଣରକ୍ଷା ହେବ ନାହିଁ। ତାହା ଛଡ଼ା ଅନ୍ୟ ଗୋଟିଏ ପାପ ମଧ୍ୟ ହେବ। କଥିତ ଅଛି—

କାକମାଂସଂ ଶୁନୋଚ୍ଛିଷ୍ଟଂ ସ୍ୱଳ୍ପଂ ତଦପି ଦୁର୍ଲଭମ୍।
ଭକ୍ଷିତେନାପି କିଂ ତେନ ତୃପ୍ତିର୍ଯେନ ନ ଜାୟତେ॥ ୩୧୯॥

ଏକେ କାକର ମାଂସ, ତାହା କୁକ୍କୁରର ଉଚ୍ଛିଷ୍ଟ। ତାହା ପୁଣି ଅତି ଅଳ୍ପ ଓ ଦୁର୍ଲ୍ଲଭ। ଯହିଁରେ ତୃପ୍ତି ହେବ ନାହିଁ, ତାକୁ ଖାଇବାରେ କି ଲାଭ? ୩୧୯।

ଯାହାହେଉ ତୁମର ପ୍ରଭୁଭକ୍ତି ପ୍ରକାଶ ପାଇଲା। ସ୍ୱାମୀଙ୍କ ଋଣରୁ ତୁମେ ମୁକ୍ତ ହେଲ। ତୁମେ ଉଭୟ ଲୋକରେ (ଇହଲୋକ ଓ ପରଲୋକ) ଧନ୍ୟବାଦର ପାତ୍ର ହେଲ। ଅତଏବ ମୁଁ ସ୍ୱାମୀଙ୍କୁ ଜଣାଏଁ। କାକ ଚାଲିଯିବାରୁ ଶୃଗାଳ ଆଦରସହକାରେ ପ୍ରଣାମପୂର୍ବକ ବସି କହିଲା, ''ପ୍ରଭୁ ମୋତେ ଭୋଜନ କରି ଆଜି ଆପଣ ପ୍ରାଣଯାତ୍ରା ନିର୍ବାହକରନ୍ତୁ ଏବଂ ମୋର ଉଭୟଲୋକରେ ସଦ୍‌ଗତିବିଧାନ କରନ୍ତୁ। କଥିତ ଅଛି—

ସ୍ୱାମ୍ୟାୟତ୍ତାଃ ସଦା ପ୍ରାଣା ଭୃତ୍ୟାନାମର୍ଜିତା ଧନୈଃ।
ଯତସ୍ତତୋ ନ ଦୋଷୋଽସ୍ତି ତେଷାଂ ଗ୍ରହଣସମ୍ଭବଃ॥ ୩୨୦॥

ଭୃତ୍ୟର ପ୍ରାଣ ପ୍ରଭୁଙ୍କ ଧନବିନିମୟରେ ଅର୍ଜିତ ହୋଇଥିବାରୁ ତାହା ସର୍ବଦା ପ୍ରଭୁଙ୍କର ଅଧୀନ। ତେଣୁ ଏହି ପ୍ରାଣକୁ ଗ୍ରହଣ କରିବାଦ୍ୱାରା ପ୍ରଭୁଙ୍କର କୌଣସି ପ୍ରକାର ଦୋଷ ହେବ ନାହିଁ।'' ।୩୨୦।

ଅନନ୍ତର ତାହା ଶୁଣି ଚିତାବାଘ କହିଲା, ''ଆହେ, ତୁମେ ଯାହା କହିଲ,

ଠିକ୍; କିନ୍ତୁ ତୁମେ ମଧ୍ୟ ସ୍ୱଚ୍ଛକାୟ ଓ ସ୍ୱଜାତୀୟ। ନଖ ତୁମର ଶସ୍ତ୍ର ହୋଇଥିବାରୁ ତୁମେ ଭୋଜନର ଯୋଗ୍ୟ ନୁହଁ। କଥିତ ଅଛି –

ନାଭକ୍ଷ୍ୟଂ ଭକ୍ଷୟେତ୍‌ପ୍ରାଜ୍ଞଃ ପ୍ରାଣୈଃ କଣ୍ଠଗତୈରପି।
ବିଶେଷାତ୍ତଦପି ସ୍ତୋକଂ ଲୋକଦ୍ୱୟବିନାଶକମ୍।। ୩୨୧ ।।

ପ୍ରାଣ କଣ୍ଠାଗ୍ରତ ହୋଇଥିଲେ ମଧ୍ୟ ଜ୍ଞାନୀ ଲୋକ ଅଭକ୍ଷ୍ୟ ପ୍ରାଣୀକୁ ଭକ୍ଷଣ କରିବା ଉଚିତ ନୁହେଁ। ବିଶେଷତଃ ତାହା ସ୍ୱଚ୍ଛକାୟ ହୋଇଥିଲେ ଉଭୟଲୋକ ବିନଷ୍ଟ ହୋଇଥାଏ ।। ୩୨୧ ।

ତୁମେ ତୁମର କୁଳୀନତା ଦେଖାଇଅଛ। ଅଥବା ଯଥାର୍ଥରେ କୁହାଯାଇଅଛି –

ଏତଦର୍ଥଂ କୁଲୀନାନାଂ ନୃପାଃ କୁର୍ବନ୍ତି ସଂଗ୍ରହମ୍।
ଆଦିମଧ୍ୟାବସାନେଷୁ ନ ତେ ଗଚ୍ଛନ୍ତି ବିକ୍ରିୟାମ୍।। ୩୨୨ ।।

ରାଜାମାନେ ରାଜକାର୍ଯ୍ୟପାଇଁ କୁଳୀନ ଲୋକମାନଙ୍କୁ ସଂଗ୍ରହ କରିଥାନ୍ତି; କାରଣ ଆଦିମ, ମଧ୍ୟ, ଏପରିକି ଅନ୍ତିମ ଅବସ୍ଥାରେ ମଧ୍ୟ ସେମାନଙ୍କର ବିକୃତି ଘଟେ ନାହିଁ। ୩୨୨ ।

ତେଣୁ ତୁମେ ଆଗରୁ ଚାଲିଯାଅ। ତାହାହେଲେ ମୁଁ ପ୍ରଭୁଙ୍କୁ ଜଣାଇବି।'' ଶୃଗାଳ ଚାଲିଯାଆନ୍ତେ ଚିତାବାଘ ପ୍ରଣାମ କରି ମଦୋତ୍କଟକୁ କହିଲା, ''ପ୍ରଭୁ, ମୋହର ପ୍ରାଣରେ ଆଜି ଜୀବନଯାତ୍ରା ନିର୍ବାହ କରିବାହୁଅନ୍ତୁ। ମୋତେ ଏହାଦ୍ୱାରା ଅକ୍ଷୟ ସ୍ୱର୍ଗବାସ ଦିଅନ୍ତୁ; ପୃଥିବୀପୃଷ୍ଠରେ ମୋର ବିପୁଳ ଯଶ ବିସ୍ତାର କରାନ୍ତୁ। ଏଥିରେ କୌଣସି ଦ୍ୱିଧା କରିବା ଉଚିତ ନୁହେଁ। କଥିତ ଅଛି –

ମୃତାନାଂ ସ୍ୱାମିନଃ କାର୍ଯ୍ୟେ ଭୃତ୍ୟାନାମନୁବର୍ତ୍ତିନାମ୍।
ଭବେତ୍ ସ୍ୱର୍ଗେଽକ୍ଷୟୋ ବାସଃ କୀର୍ତ୍ତିଶ୍ଚ ଧରଣୀତଳେ।। ୩୨୩।।

ଯେଉଁ ଅନୁଗାମୀ ଭୃତ୍ୟମାନେ ପ୍ରଭୁଙ୍କର କାର୍ଯ୍ୟରେ ପ୍ରାଣତ୍ୟାଗ କରନ୍ତି, ସେମାନଙ୍କର ସ୍ୱର୍ଗରେ ଅକ୍ଷୟବାସ ହୁଏ ଓ ଧରାତଳରେ କୀର୍ତ୍ତି ରହିଯାଏ।''। ୩୨୩।

ଏହା ଶୁଣି କ୍ରଥନକ ଚିନ୍ତା କରିବାକୁ ଲାଗିଲା– 'ଏ ସମସ୍ତେ ଅତି ସୁନ୍ଦର କଥାଗୁଡ଼ିଏ କହିଲେ; କିନ୍ତୁ ପ୍ରଭୁ ଗୋଟିଏ ହେଲେ କାହାରିକୁ ବିନାଶ କଲେ ନାହିଁ। ତେଣୁ ମୁଁ ମଧ୍ୟ ଅବସର ପାଇ ସେହିପରି ନିବେଦନ କରେ, ଯେପରିକି ଏ ତିନିହେଁ ମୋ କଥାକୁ ସମର୍ଥନ କରିବେ। ଏହିପରି ଚିନ୍ତାକରି ସେ କହିଲା, ''ହଁ, ତୁମେ ଯଥାର୍ଥ କହିଅଛ; କିନ୍ତୁ ତୁମର ମଧ୍ୟ ଶୃଗାଳ ପରି ନଖ ଆୟୁଧ ହୋଇଥିବାରୁ ସ୍ୱାମୀ କିପରି ଭୋଜନ କରିବେ? କଥିତ ଅଛି –

ମନସାପି ସ୍ୱଜାତ୍ୟାନାଂ ଯୋଽନିଷ୍ଟାନି ପ୍ରଚିନ୍ତୟେତ୍।
ଭବନ୍ତି ତସ୍ୟ ତାନ୍ୟେବ ଇହ ଲୋକେ ପରତ୍ର ଚ।। ୩୨୪ ।।

ଯେଉଁ ଲୋକ ମନରେ ସୁଦ୍ଧା ସ୍ୱଜାତୀୟମାନଙ୍କର ଅନିଷ୍ଟ ଚିନ୍ତା କରେ, ତାର ଇହଲୋକରେ ତଥା ପରଲୋକରେ ଅନିଷ୍ଟ ହୋଇଥାଏ ।। ୩୨୪।

ତେଣୁ ତୁମେ ଆଗରୁ ବାହାରିଯାଅ, ମୁଁ ପ୍ରଭୁଙ୍କୁ ମୋର କଥା ଜଣାଇବି। ଚିତାବାଘ ଚାଲିଯିବାରୁ କ୍ରଥନକ ରାଜାଙ୍କ ଆଗରେ ରହି ପ୍ରଣାମପୂର୍ବକ କହିଲା, "ହେ ସ୍ୱାମି, ଏମାନେ ସମସ୍ତେ ଆପଣଙ୍କର ଅଭକ୍ଷ୍ୟ। ତେଣୁ ମୋର ପ୍ରାଣରେ ଆପଣ ପ୍ରାଣଯାତ୍ରା ନିର୍ବାହ କରନ୍ତୁ ଯେ ମୋର ଉଭୟଲୋକରେ ସଦ୍‌ଗତି ହେବ। କଥିତ ଅଛି–

ନ ଯଜ୍ୱାନୋଽପି ଗଚ୍ଛନ୍ତି ତାଂ ଗତିଂ ନୈବ ଯୋଗିନଃ।
ଯାଂ ଯାନ୍ତି ପ୍ରୋଜ୍‌ଝିତପ୍ରାଣାଃ ସ୍ୱାମ୍ୟର୍ଥେ ସେବକୋତ୍ତମାଃ।। ୩୨୫ ।।

ଶ୍ରେଷ୍ଠ ସେବକ ପ୍ରଭୁଙ୍କ ନିମନ୍ତେ ପ୍ରାଣ ବିସର୍ଜନ କରି ଯେଉଁ ଗତି ଲାଭ କରିଥାଏ, ତାହା ଯଜ୍ଞ କରିଥିବା ଲୋକେ ଅଥବା ଯୋଗ-ସାଧକମାନେ ମଧ୍ୟ ଲାଭ କରିପାରନ୍ତି ନାହିଁ।।୩୨୫।

ସେ ଏପରି କହିବାକ୍ଷଣି ଶୃଗାଳ ଓ ଚିତାବାଘ କ୍ରଥନକର ଉଦରକୁ ଦୁଇପାଖରୁ ବିଦାରିପକାଇଲେ ଓ ସେ ପ୍ରାଣତ୍ୟାଗ କଲା। ତତ୍ପରେ ଏହି କ୍ଷୁଦ୍ର ପଣ୍ଡିତମାନେ ତାକୁ ଖାଇଗଲେ। ଏଣୁ ମୁଁ କହୁଥିଲି– 'ବହବଃ ପଣ୍ଡିତାଃ କ୍ଷୁଦ୍ରାଃ . . .' ଇତ୍ୟାଦି।

ଅତଏବ ହେ ଭଦ୍ର, ମୁଁ ଉତ୍ତମରୂପେ ଜାଣିପାରିଛି ଯେ ତୁମର ରାଜାଙ୍କ ପରିବାରରେ ନୀଚ୍ ଲୋକମାନେ ରହିଅଛନ୍ତି। ସଜ୍ଜନମାନେ ତାଙ୍କୁ ସେବା କରିବା ଉଚିତ ନୁହେଁ। କଥିତ ଅଛି–

ଅଶୁଦ୍ଧ ପ୍ରକୃତୌ ରାଜ୍ଞଃ ଜନତା ନାନୁରଜ୍ୟତେ।
ଯଥା ଗୃଧ୍ରସମାସନ୍ନଃ କଳହଂସଃ ସମାଚରେତ୍।। ୩୨୬ ।।

ଯେପରି ଗୃଧ୍ରମାନଙ୍କଦ୍ୱାରା ପରିବେଷ୍ଟିତ ରାଜହଂସ ଉତ୍ତମ ଆଚରଣ କରି ନ ପାରେ, ସେହିପରି କଳୁଷିତ ଚରିତ୍ରର ମନ୍ତ୍ରୀ ପ୍ରଭୃତିଙ୍କ ଦ୍ୱାରା ପରିବେଷ୍ଟିତ ରାଜା ଜନସାଧାରଣଙ୍କୁ ପ୍ରସନ୍ନ କରିପାରନ୍ତି ନାହିଁ। ୩୨୬। ପୁଣି–

ଗୃଧ୍ରାକାରୋଽପି ସେବ୍ୟଃ ସ୍ୟାଦ୍ଧଂସାକାରୈଃ ସଭାସଦୈଃ।
ହଂସାକାରୋଽପି ସନ୍ତ୍ୟାଜ୍ୟୋ ଗୃଧ୍ରାକାରୈଃ ସ ତୈର୍ନୃପଃ।। ୩୨୭ ।।

ରାଜା ଯଦି ଗୃଧ୍ର ସଦୃଶ କୁତ୍ସିତ ଆକାରର ହୋଇଥାନ୍ତି ଓ ତାଙ୍କର ସଭାସଦ୍‌ମାନେ ଯେବେ ହଂସତୁଲ୍ୟ ଆକାରର ହୋଇଥାନ୍ତି, ତେବେ ମଧ୍ୟ ସେମାନେ ତାଙ୍କର ସେବା କରିବା ଉଚିତ; କିନ୍ତୁ ଯଦି ସଭାସଦ୍‌ମାନଙ୍କର ଆକାର ଗୃଧ୍ରତୁଲ୍ୟ ହୋଇଥାଏ ଓ ରାଜାଙ୍କର ଆକାର ହଂସତୁଲ୍ୟ ହୋଇଥାଏ, ତେବେ ସେ ରାଜାଙ୍କୁ ପରିତ୍ୟାଗ କରିବା ଉଚିତ।୩୨୭।

ତେଣୁ କୌଣସି ଦୁଷ୍ଟଲୋକ ନିଶ୍ଚୟ ତାକୁ ମୋ ଉପରେ ପ୍ରକୋପିତ କରାଇଅଛି। ସେଥିପାଇଁ ସେ ଏପରି କହୁଛି। ଅଥବା ଏହାହିଁ ହୋଇଥାଏ। କଥିତ ଅଛି–

ମୃଦୁନା ସଲିଲେନ ହନ୍ୟମାନାନ୍ୟବଧୃଷ୍ୟନ୍ତି ଗିରେରପି ସ୍ଥଳାନି।
ଉପଜାପବିଦାଂ ଚ କର୍ଣଜାପୈଃ କିମୁ ଚେତାଂସି ମୃଦୂନି ମାନବାନାମ୍।। ୩୨୮ ।।

କୋମଳ ଜଳଧାରାର ଅନବରତ ଆଘାତ ଫଳରେ ପାର୍ବତୀୟ ସ୍ଥାନ ମଧ୍ୟ କ୍ଷତବିକ୍ଷତ ହୋଇଯାଏ । ତେଣୁ ବିଭେଦ ସୃଷ୍ଟି କରିବାରେ ନିପୁଣ ଲୋକଙ୍କର ଅନବରତ କାନକୁହା କଥାରେ ମନୁଷ୍ୟର କୋମଳ ଚିତ୍ତ କଅଣ ନ ହେବ? । ୩୨୮ ।

କଣବିଷେଣ ଚ଼ ଭଗ୍ନଃ କିଂ ନ କରୋତି ବାଳିଶୋ ଲୋକଃ ।
କ୍ଷପଣକତାମପି ଧତ୍ତେ ପିବତି ସୁରାଂ ନରକପାଲେନ ।। ୩୨୯ ।।

କାନରେ ଖଚ଼ କହିବାଦ୍ୱାରା ବିଷ ଭର୍ତ୍ତିକରିଦେଲେ ମନ ଭାଙ୍ଗିଯିବାରୁ ମୂର୍ଖ ଲୋକ କଅଣ ନ କରିପାରେ? ଏହା ଫଳରେ କେହି ନଗ୍ନ ସନ୍ନ୍ୟାସୀ ହୋଇଯାଏ ଓ କେହି ଅବା ନରକପାଳରେ ମଦ୍ୟପାନ କରିଥାଏ । ୩୨୯ ।

ଅଥବା ଯଥାର୍ଥରେ କୁହାଯାଇଅଛି –

ପାଦାହତୋଽପି ଦୃଢ଼ଦଣ୍ଡସମାହତୋଽପି
ଯଂ ଦଂଷ୍ଟ୍ରୟାସ୍ପୃଶତି ତଂ କିଲ ହନ୍ତି ସର୍ପଃ ।
କୋଽପ୍ୟେଷ ଏବ ପିଶୁନୋଽସ୍ତ୍ୟମନୁଷ୍ୟଧର୍ମା
କର୍ଣେ ପରଂ ସ୍ପୃଶତି ହନ୍ତି ପରଂ ସମୂଳମ୍ ।। ୩୩୦ ।।

ସର୍ପ ପାଦଦ୍ୱାରା ଆଘାତପ୍ରାପ୍ତ ଓ ଦୃଢ଼ଦଣ୍ଡଦ୍ୱାରା ପ୍ରହାରପ୍ରାପ୍ତ ହେଲେ ମଧ୍ୟ ଯାହାକୁ ଦନ୍ତରେ ଦଂଶନ କରେ, ସେ ନିଶ୍ଚୟ ମୃତ୍ୟୁମୁଖରେ ପଡ଼େ । କିନ୍ତୁ ଏହି କାନକୁହା ଖଚୁଆ ଏପରି ଏକ ଅସାଧାରଣ ଜୀବ ଯେ, ସେ ଜଣକର କାନରେ ମୁହଁ ଲଗାଏ (କହେ), କିନ୍ତୁ ଅପର ଜଣଙ୍କର ସମୂଳେ ବିନାଶ ଘଟାଏ । ୩୩୦ ।

ଅହୋ ଖଲଭୁଜଙ୍ଗସ୍ୟ ବିପରୀତୋ ବଧକ୍ରମଃ ।
କର୍ଣ୍ଣଂ ଲଗତି ଚୈକସ୍ୟ ପ୍ରାଣୈରନ୍ୟୋ ବିଯୁଜ୍ୟତେ ।। ୩୩୧ ।।

ପୁଣି – ଆଶ୍ଚର୍ଯ୍ୟର କଥା ହେଉଛି, ଖଳରୂପକ ସର୍ପର ବଧୋପାୟ ବିପରୀତ ପ୍ରକାରର ଅଟେ । ଏ ଜଣକର କାନରେ ମୁହଁ ଲଗାଏ; କିନ୍ତୁ ଅପର ଜଣେ ପ୍ରାଣତ୍ୟାଗ କରେ । ୩୩୧ ।

ଏଭଳି ହେଉଥିଲେହେଁ ବର୍ତ୍ତମାନ ମୁଁ କଅଣ କରିବି? ମିତ୍ରଭାବରେ ତୁମକୁ ପଚ଼ାରୁଛି ।'' ଦମନକ କହିଲା, ''ଏଠାରୁ କୌଣସି ଦୂରସ୍ଥାନକୁ ଚାଲିଯିବା ଉଚ଼ିତ; କିନ୍ତୁ ଏଭଳି ଦୁଷ୍ଟ ସ୍ୱାମୀର ସେବା କରିବା ଉଚ଼ିତ ନୁହେଁ । କଥିତ ଅଛି –

ଗୁରୋରପ୍ୟବଲିପ୍ତସ୍ୟ କାର୍ଯ୍ୟାକାର୍ଯ୍ୟମଜାନତଃ ।
ଉତ୍ପଥପ୍ରତିପନ୍ନସ୍ୟ ପରିତ୍ୟାଗୋ ବିଧୀୟତେ ।। ୩୩୨ ।।

ଗୁରୁଜନ ମଧ୍ୟ ମଦୋନ୍ମତ୍ତ, କାର୍ଯ୍ୟାକାର୍ଯ୍ୟରେ ଅନଭିଜ୍ଞ ଓ ବିପଥଗାମୀ ହୋଇଥିଲେ ତାଙ୍କୁ ତ୍ୟାଗ କରିବା ବିଧେୟ ।'' । ୩୩୨ ।

ସଞ୍ଜୀବକ କହିଲା, ''ମୋ ଉପରେ ପ୍ରଭୁ କୁପିତ ହୋଇଥିଲେହେଁ ମୁଁ ଅନ୍ୟତ୍ର ଯାଇପାରିବି ନାହିଁ କିମ୍ବା ଅନ୍ୟ ସ୍ଥାନକୁ ଗଲେ ମଧ୍ୟ ମୋର ଶାନ୍ତି ଆସିବ ନାହିଁ । କଥିତ ଅଛି –

ମହତାଂ ଯୋଽପରାଧେତ ଦୂରସ୍ଥୋଽସ୍ମୀତି ନାଶ୍ୱସେତ୍ ।
ଦୀର୍ଘୌ ବୁଦ୍ଧିମତୋ ବାହୂ ତାଭ୍ୟାଂ ହନ୍ତି ସ ହଂସକମ୍ ।। ୩୩୩ ।।

ଯିଏ ମହାନ୍ ଲୋକ ନିକଟରେ ଅପରାଧ କରେ ଓ ଦୂରକୁ ପଳାଇଯାଇ ମନେକରେ ଯେ, 'ମୁଁ ଏବେ ଦୂରରେ ଅଛି, ସେ ମୋର କିଛି ଅନିଷ୍ଟ କରିପାରିବ ନାହିଁ' ତାର ଆଶ୍ୱସ୍ତ ହେବା ଅନୁଚିତ। କାରଣ ବୁଦ୍ଧିମାନ୍ ଲୋକର ବାହୁ ଦୁଇଟି ଅତି ଦୀର୍ଘ; ତାହାରି ଦ୍ୱାରା ସେ ଅପରାଧୀକୁ ଧରି ଦଣ୍ଡ ଦେଇପାରେ। ୩୩୩।

ତେଣୁ ଯୁଦ୍ଧ ଭିନ୍ନ ଅନ୍ୟ କିଛି ମୋର ଶ୍ରେୟସ୍କର ନୁହେଁ। କଥିତ ଅଛି—

ନ ଯାନ୍ତି ତୀର୍ଥୈସ୍ତପସା ଚ ଲୋକାନ୍
ସ୍ୱର୍ଗୈଷିଣୋ ଦାନଶତୈଃ ସୁବୃତ୍ତୈଃ ।
କ୍ଷଣେନ ଯାନ୍ ଯାନ୍ତି ରଣେଷୁ ଧୀରାଃ
ପ୍ରାଣାନ୍ ସମୁଜ୍ଝନ୍ତି ହି ଯେ ସୁଶୀଳାଃ ।। ୩୩୪ ।।

ଧୈର୍ଯ୍ୟଶୀଳ ଓ ସୁଶୀଳ ମନୁଷ୍ୟମାନେ ସଂଗ୍ରାମରେ ପ୍ରାଣ ବିସର୍ଜନ କରି କ୍ଷଣକ ମଧ୍ୟରେ ଯେଉଁ ଗତି ପ୍ରାପ୍ତ ହୁଅନ୍ତି, ସ୍ୱର୍ଗକାମୀ ଲୋକେ ତୀର୍ଥଯାତ୍ରା, ତପସ୍ୟା, ଶତ ଶତ ଦାନ ଓ ସଦାଚରଣ ଦ୍ୱାରା ତାହା ଲାଭ କରିପାରନ୍ତି ନାହିଁ। ୩୩୪।

ମୃତୈଃ ସଂପ୍ରାପ୍ୟତେ ସ୍ୱର୍ଗୋ ଜୀବଦ୍ଭିଃ କୀର୍ତ୍ତିରୁତ୍ତମା ।
ତଦୁଭାବପି ଶୂରାଣାଂ ଗୁଣାବେତୌ ସୁଦୁର୍ଲଭୌ ।। ୩୩୫ ।।

ବୀରମାନେ ସଂଗ୍ରାମରେ ମୃତ ହେଲେ ସ୍ୱର୍ଗଲାଭ କରନ୍ତି ଓ ବିଜୟଲାଭ କରି ବଞ୍ଚିରହିଲେ ଉତ୍ତମ କୀର୍ତ୍ତିଲାଭ କରନ୍ତି। ତେଣୁ ଯୁଦ୍ଧରେ ମୃତ୍ୟୁ ବା ବିଜୟରେ କୀର୍ତ୍ତି ବୀରମାନଙ୍କର ଏ ଦୁଇଟି ଅତି ଦୁର୍ଲଭ ଗୁଣ। ୩୩୫।

ଲଲାଟଦେଶେ ରୁଧିରଂ ସ୍ରବତ୍ତୁ ଶୂରସ୍ୟ ଯସ୍ୟ ପ୍ରବିଶେଚ୍ଚ ବକ୍ତ୍ରେ ।
ତତ୍ସୋମପାନେନ ସମଂ ଭବେଚ୍ଚ ସଂଗ୍ରାମଯଜ୍ଞେ ବିଧିବଦ୍ ପ୍ରବିଷ୍ଟମ୍ ।। ୩୩୬ ।।

ବୀର ପୁରୁଷର ଲଲାଟରୁ ଯେଉଁ ରକ୍ତ ସ୍ରବି ମୁଖରେ ପ୍ରବେଶ କରେ, ତାହା ସଂଗ୍ରାମରୂପକ ଯଜ୍ଞର ସୋମରସପାନ ସଦୃଶ ଅଟେ — ଏହା ଶାସ୍ତ୍ରୋକ୍ତ ବିଧି ଅଟେ। ୩୩୬।

ହୋମାର୍ଥୈର୍ବିଧିବତ୍ପ୍ରଦାନବିଧିନା ସଦ୍ଭିପ୍ରବୃନ୍ଦାର୍ଚ୍ଚନୈ
ର୍ଯଜ୍ଞୈର୍ଭୂରିସୁଦକ୍ଷିଣୈଃ ସୁବିହିତୈଃ ସଂପ୍ରାପ୍ୟତେ ଯତ୍ଫଳମ୍ ।
ସତ୍ତୀର୍ଥାଶ୍ରମବାସହୋମନିୟମୈଶ୍ଚାନ୍ଦ୍ରାୟଣାଦ୍ୟୈଃ କୃତୈଃ
ପୁଂଭିସ୍ତତ୍ଫଳମାହବେ ବିନିହତୈଃ ସମ୍ପ୍ରାପ୍ୟତେ ତତ୍କ୍ଷଣାତ୍ ।। ୩୩୭ ।।

ବିଧିପୂର୍ବକ ହୋମଦ୍ୱାରା, ଉତ୍ତମ ଦାନଦ୍ୱାରା, ସତ୍ ବିପ୍ରମାନଙ୍କର ଅର୍ଚ୍ଚନାଦ୍ୱାରା, ପ୍ରଚୁର ଦକ୍ଷିଣା ସହ ବିଧିସମ୍ମତ ଯଜ୍ଞଦ୍ୱାରା ତଥା ଉତ୍ତମ ତୀର୍ଥ, ଆଶ୍ରମବାସ, ଅଗ୍ନିହୋତ୍ରାଦି ହୋମ, ଇନ୍ଦ୍ରିୟ-ନିଗ୍ରହ, ଚାନ୍ଦ୍ରାୟଣ ବ୍ରତ ପ୍ରଭୃତି କରିବାଦ୍ୱାରା ଯେଉଁ ଫଳ ଲବ୍ଧ ହୁଏ, ବୀର ପୁରୁଷମାନେ ସଂଗ୍ରାମରେ ନିହତ ହୋଇ ତତ୍କ୍ଷଣାତ୍ ସେହି ଫଳ ଲାଭ କରିଥାନ୍ତି।''

ଏହା ଶୁଣି ଦମନକ ଚିନ୍ତାକଲା – 'ଏ ଦୁରାତ୍ମା ଯୁଦ୍ଧପାଇଁ କୃତନିଶ୍ଚୟ ହୋଇଥିଲାପରି ଦିଶୁଛି। ତେଣୁ ଯଦି କେବେ ଏ ତୀକ୍ଷ୍ଣ ଶୃଙ୍ଗରେ ପ୍ରଭୁଙ୍କୁ ପ୍ରହାର କରେ, ତେବେ ମହାନ୍ ଅନର୍ଥ ହେବ। ଅତଏବ ନିଜ ବୁଦ୍ଧିବଳରେ ଏହାକୁ ପ୍ରବୋଧ ଦେଇ ଏପରି କରିବି ଯେ ସେ ଦେଶାନ୍ତରକୁ ଚାଲିଯିବ।' (ପ୍ରକାଶ୍ୟରେ) ଦମନକ କହିଲା, "ହେ ମିତ୍ର, ତୁମେ ଯାହା କହିଲ ତାହା ଯଥାର୍ଥ। କିନ୍ତୁ ସ୍ୱାମୀ-ଭୃତ୍ୟ ମଧ୍ୟରେ ସଂଗ୍ରାମ କିପରି ହୋଇପାରେ ? କଥିତ ଅଛି –

ବଳବନ୍ତଂ ରିପୁଂ ଦୃଷ୍ଟ୍ୱା ନୈବାତ୍ମାନଂ ପ୍ରକୋପୟେତ୍।
ବଳବଦ୍‌ଭିଶ୍ଚ କର୍ତ୍ତବ୍ୟା ଶରଚ୍ଚନ୍ଦ୍ରପ୍ରକାଶତା ।। ୩୩୮ ।।

ବଳବାନ୍ ଶତ୍ରୁକୁ ଦେଖିଲେ ନିଜକୁ ଉତ୍ତମରୂପେ ରକ୍ଷାକରିବା ଉଚିତ ଏବଂ ନିଜେ ସବଳ ହୋଇଥିଲେ ଶରତ୍‌କାଳୀନ ଚନ୍ଦ୍ରମାସଦୃଶ ଦୀପ୍ତି ପ୍ରକାଶ କରିବା ଉଚିତ। ୩୩୮। ପୁନଶ୍ଚ –

ଶତ୍ରୋର୍ବିକ୍ରମମଜ୍ଞାତ୍ୱା ବୈରମାରଭତେ ହି ଯଃ।
ସ ପରାଭବମାପ୍ନୋତି ସମୁଦ୍ରଷ୍ଟିଟ୍ଟିଭାଦ୍‌ଯଥା ।। ୩୩୯ ।।

ଯେଉଁ ଲୋକ ଶତ୍ରୁର ପରାକ୍ରମ ନ ବୁଝି ଶତ୍ରୁତା ଆରମ୍ଭ କରିଦିଏ, ଟିଟ୍ଟିଭଠାରୁ ସମୁଦ୍ର ପରାଭବ ପାଇଥିଲା ପରି ସେ ପରାଭବ ପାଏ। ୩୩୯।

ସଞ୍ଜୀବକ କହିଲା, "ସେ ସମୁଦ୍ର ଟିଟ୍ଟିଭ କଥା କଅଣ ?"

ଦମନକ କହିବାକୁ ଲାଗିଲା –

ଟିଟ୍ଟିଭ ଓ ସମୁଦ୍ର କଥା

ସମୁଦ୍ରତଟର କୌଣସି ଏକ ଅଂଶରେ ଟିଟ୍ଟିଭଦମ୍ପତୀ ବାସକରୁଥିଲେ। କେତେ କାଳ ଗତ ହୁଅନ୍ତେ ଋତୁସମୟ ପ୍ରାପ୍ତହୋଇ ଟିଟ୍ଟିଭୀ ଗର୍ଭଧାରଣ କଲା। ପ୍ରସବ ସମୟ ନିକଟ ହେବାରୁ ସେ ଟିଟ୍ଟିଭକୁ କହିଲା, "ହେ ସ୍ୱାମି, ମୋର ପ୍ରସବ-କାଳ ହେଲାଣି। କୌଣସି ଗୋଟିଏ ନିରୁପଦ୍ରବ ସ୍ଥାନ ସ୍ଥିର କର, ଯେପରିକି ମୁଁ ସେଠାରେ ଡିମ୍ବ ଦେଇ ପାରିବି।"

ଟିଟ୍ଟିଭ କହିଲା, "ଭଦ୍ରେ, ସମୁଦ୍ରତଟର ଏହି ଅଂଶଟି ରମଣୀୟ। ତେଣୁ ଏହିଠାରେ ପ୍ରସବ କର।" ଟିଟ୍ଟିଭୀ କହିଲା, "ଏଠାରେ ପୂର୍ଣ୍ଣିମା ଦିନ ସମୁଦ୍ରଲହରୀ ମାଡ଼ିଆସେ। ସେ ଲହରୀ ମତ୍ତହସ୍ତୀକୁ ମଧ୍ୟ ଟାଣିନିଏ। ତେଣୁ ଦୂରରେ ଅନ୍ୟ କୌଣସି ସ୍ଥାନ ଅନ୍ୱେଷଣ କର।" ତାହା ଶୁଣି ଟିଟ୍ଟିଭ ହସି ହସି କହିଲା, "ଭଦ୍ରେ, ତୁମର କଥା ଯୁକ୍ତିଯୁକ୍ତ; କିନ୍ତୁ ସମୁଦ୍ରର କେତେ ବଳ ଯେ ସେ ମୋର ସନ୍ତାନମାନଙ୍କୁ ନଷ୍ଟ କରିଦେବ ? ତୁମେ କଅଣ ଶୁଣିନାହଁ ଯେ –

ରୁଦ୍ଧ୍ୱାମ୍ବରଚରମାର୍ଗଂ ବ୍ୟପଗତଧୂମଂ ସଦା ମହଦ୍‌ଭୟଦମ୍।
ମନ୍ଦମତିଃ କଃ ପ୍ରବିଶତି ହୁତାଶନଂ ସ୍ୱେଚ୍ଛୟା ମନୁଜଃ ।। ୩୪୦ ।।

କିଏ ଏପରି ମୂର୍ଖ ଲୋକ ଅଛି, ଯେ କି ଆକାଶରେ ବିହାର କରୁଥିବା ପକ୍ଷୀମାନଙ୍କର ପଥ ଅବରୋଧ କରିବ ଓ ଧୂମରହିତ, ମହାଭୟଜନକ ହୁତାଶନରେ ସ୍ୱଇଚ୍ଛାରେ ପ୍ରବେଶ କରିବ ? । ୩୪୦ ।

ମତ୍ତେଭକୁମ୍ଭବିଦଳନକୃତଶ୍ରମଂ ସୁପ୍ତମନ୍ତକପ୍ରତିମମ୍ ।
ଯମଲୋକଦର୍ଶନେଚ୍ଛୁଃ ସିଂହଂ ବୋଧୟତି କୋ ନାମ ।। ୩୪୧ ।।

ମଦୋନ୍ମତ୍ତ ହସ୍ତୀର ଗଣ୍ଡସ୍ଥଳ ବିଦାରଣ ହେତୁ ପରିଶ୍ରାନ୍ତ, ସୁପ୍ତ, ଯମସଦୃଶ ସିଂହକୁ କେଉଁ ଲୋକ ଯମପୁର ଦର୍ଶନ କରିବାକୁ ଇଚ୍ଛା କରି ଜାଗ୍ରତ କରିବ ? । ୩୪୧ ।

କୋ ଗତ୍ୱା ଯମସଦନଂ ସ୍ୱୟମନ୍ତକମାଦିଶତ୍ୟଜାତଭୟଃ ।
ପ୍ରାଣାନପହର ମତ୍ତୋ ଯଦି ଶକ୍ତିଃ କାଚିଦସ୍ତି ତବ ।। ୩୪୨ ।।

କେଉଁ ଲୋକ ନିଜେ ଯମାଳୟକୁ ଯାଇ ସ୍ୱୟଂ ଯମକୁ ନିର୍ଭୟରେ କହିବ– 'ତୁମର ଯଦି କିଛି ଶକ୍ତି ଥାଏ, ତେବେ ମୋର ପ୍ରାଣକୁ ନିଅ ।' । ୩୪୨ ।

ପ୍ରାଲେୟଲେଶମିଶ୍ରେ ମରୁତି ପ୍ରାଭାତିକେ ଚ ବାତି ଜଡ଼େ ।
ଗୁଣଦୋଷଜ୍ଞଃ ପୁରୁଷୋ ଜଲେନ କଃ ଶୀତମପନୟତି ।। ୩୪୩ ।।

ଦୋଷଗୁଣ ଜାଣିପାରୁଥିବା ଏପରି କେଉଁ ଲୋକ ଅଛି, ଯେ କି ତୁଷାରସିକ୍ତ ଓ ଅତି ଶୀତଳ ପ୍ରଭାତକାଳୀନ ବାୟୁ ବହୁଥିଲାବେଳେ ତାର ଶୈତ୍ୟକୁ ଜଳଦ୍ୱାରା ଅପନୋଦନ କରିବାକୁ ଯିବ ? । ୩୪୩ ।

ଅତଏବ ତୁମେ ନିର୍ଭୟରେ ଏହିଠାରେ ପ୍ରସବ କର । କଥିତ ଅଛି–

ଯଃ ପରାଭବସଂତ୍ରସ୍ତଃ ସ୍ୱସ୍ଥାନଂ ସନ୍ତ୍ୟଜେନ୍ନରଃ ।
ତେନ ଚେଦ୍‌ପୁତ୍ରିଣୀ ମାତା ତଦ୍‌ବନ୍ଧ୍ୟା କେନ କଥ୍ୟତେ ।। ୩୪୪ ।।

ଯେଉଁ ଲୋକ ପରାଜୟ ଆଶଙ୍କାରେ ନିଜ ସ୍ଥାନକୁ ଛାଡ଼ି ଯାଏ, ତାହାର ମାତାକୁ ଯଦି ପୁତ୍ରବତୀ କୁହାଯାଏ, ତେବେ ବନ୍ଧ୍ୟା କାହାକୁ କୁହାଯିବ ?'' । ୩୪୪ ।

ଏହା ଶୁଣିପାରି ସମୁଦ୍ର ବିଚାରିଲା, 'ଅହୋ, ସାମାନ୍ୟ କୀଟତୁଲ୍ୟ ଏହି ପକ୍ଷୀର କି ଗର୍ବ ? ଅଥବା ଯଥାର୍ଥରେ କଥିତ ଅଛି–

ଉତ୍‌କ୍ଷିପ୍ୟ ଟିଟ୍ଟିଭଃ ପାଦାବାସ୍ତେ ଭଙ୍ଗଭୟାଦ୍ଦିବଃ ।
ସ୍ୱଚିତ୍ତକଳ୍ପିତୋ ଗର୍ବଃ କସ୍ୟ ନାତ୍ରାପି ବିଦ୍ୟତେ ।। ୩୪୫ ।।

ଆକାଶ ଭାଙ୍ଗିପଡ଼ିବା ଭୟରେ ଟିଟ୍ଟିଭ ପାଦଦୁଇଟି ଉପରକୁ ଟେକି ରହେ । ନିଜ ମନର କଳ୍ପିତ ଗର୍ବ କାହାର ନଥାଏ ? । ୩୪୫ ।

ଅତଏବ ମୁଁ କୌତୂହଳବଶତଃ ଏହାର ନିଦର୍ଶନ ଦେଖିବି । ମୁଁ ତାହାର ଡିମ୍ବ ଅପହରଣ କରିନେଲେ, ସେ କଅଣ କରିବ ?''

ସମୁଦ୍ର ଏହିପରି ବିଚାରି ରହିଲା । ଅନନ୍ତର ଡିମ୍ବ ପ୍ରସବ ପରେ ଟିଟ୍ଟିଭୀ ଆହାର ସଂଗ୍ରହପାଇଁ ଚାଲିଯାଇଥିବାବେଳେ ସମୁଦ୍ର ଲହରୀଦ୍ୱାରା ଡିମ୍ବଗୁଡ଼ିକୁ ନେଇଗଲା । ଟିଟ୍ଟିଭୀ ଫେରିଆସି ପ୍ରସବସ୍ଥାନ ଡିମ୍ବଶୂନ୍ୟ ଥିବାର ଦେଖି ପ୍ରଳାପ କରି ଟିଟ୍ଟିଭକୁ

କହିଲା, "ହେ ମୂର୍ଖ, ମୁଁ କହିଥିଲି ଯେ ସମୁଦ୍ର ଲହରୀଦ୍ୱାରା ଡିମ୍ବଗୁଡ଼ିକ ବିନଷ୍ଟ ହେବ; ତେଣୁ କୌଣସି ଦୂର ସ୍ଥାନକୁ ଚାଲିଯିବା। କିନ୍ତୁ ମୂର୍ଖତାହେତୁ ଅହଙ୍କାରରେ ତୁମେ ମୋ କଥା କଲ ନାହିଁ। ଅଥବା ଯଥାର୍ଥରେ କୁହାଯାଇଛି –

ସୁହୃଦାଂ ହିତକାମିନାଂ ନ କରୋତୀହ ଯୋ ବଚଃ।
ସ କୂର୍ମ ଇବ ଦୁର୍ବୁଦ୍ଧିଃ କାଷ୍ଠାଦ୍‌ଭ୍ରଷ୍ଟୋ ବିନଶ୍ୟତି॥ ୩୪୬॥

ମଙ୍ଗଳକାମୀ ବନ୍ଧୁମାନଙ୍କର କଥା ଯେ ମାନେନାହିଁ, ସେ ଦୁର୍ବୁଦ୍ଧି ଲୋକ କଚ୍ଛପ କାଷ୍ଠଖଣ୍ଡରୁ ଭ୍ରଷ୍ଟ ହୋଇ ବିନଷ୍ଟ ହୋଇଥିଲା ପରି ବିନଷ୍ଟ ହୁଏ।"।୩୪୬।

ଟିଟ୍ଟିଭ କହିଲା, "ସେକଥା କଅଣ?" ଟିଟ୍ଟିଭୀ କହିବାକୁ ଲାଗିଲା –

ମୂର୍ଖ କଚ୍ଛପ କଥା

କୌଣସି ଜଳାଶୟରେ କମ୍ବୁଗ୍ରୀବ ନାମରେ ଗୋଟିଏ କଚ୍ଛପ ବାସକରୁଥିଲା। ତାହାର ଶଙ୍କଟ ଓ ବିକଟ ନାମରେ ଦୁଇଟି ହଂସ ମିତ୍ର ଥିଲେ। ସେ ଦୁହେଁ ପ୍ରତ୍ୟହ ପରମ ସ୍ନେହରେ ସେହି ଜଳାଶୟର ତୀରକୁ ଆସି ତାହା ସଙ୍ଗେ ଅନେକ ଦେବର୍ଷି ଓ ମହର୍ଷିଙ୍କ ବିଷୟରେ କଥାବାର୍ତ୍ତା କରି ସୂର୍ଯ୍ୟାସ୍ତ ସମୟରେ ନିଜ ନିଜ ନୀଡ଼କୁ ଫେରିଯାଉଥିଲେ। ଅନନ୍ତର କିଛିକାଳ ପରେ ଅନାବୃଷ୍ଟି ହେତୁ ପୁଷ୍କରିଣୀଟି କ୍ରମେ କ୍ରମେ ଶୁଷ୍କ ହେବାକୁ ଲାଗିଲା। ତହୁଁ କଚ୍ଛପର ଦୁଃଖରେ ଦୁଃଖିତ ହୋଇ ହଂସ ଦୁହେଁ କହିଲେ, "ହେ ମିତ୍ର, ଏ ପୁଷ୍କରିଣୀଟିରେ ଏବେ କେବଳ ପଙ୍କ ରହିଛି। ତୁମେ କିପରି ଏଠାରେ ରହିବ ଭାବି ଆମ ମନ ବ୍ୟାକୁଳ ହେଉଛି।" ତାହା ଶୁଣି କଚ୍ଛପ କହିଲା, "ବର୍ତ୍ତମାନ ଜଳର ଅଭାବରୁ ମୋର ଜୀବନ ରହିବ ନାହିଁ। ତେଣୁ କୌଣସି ଉପାୟ ଚିନ୍ତା କର। କଥିତ ଅଛି –

ତ୍ୟାଜ୍ୟଂ ନ ଧୈର୍ଯ୍ୟଂ ବିଧୁରେଽପି କାଳେ ଧୈର୍ଯ୍ୟାତ୍କଦାଚିତ୍‌ସ୍ଥିତିମାପ୍ନୁୟାତ୍ସଃ।
ଜାତେ ସମୁଦ୍ରେଽପି ଚ ପୋତଭଙ୍ଗେ, ସାଂଯାତ୍ରିକୋ ବାଞ୍ଛତି ତର୍ତ୍ତୁମେବ॥ ୩୪୭॥

ଭାଗ୍ୟ ପ୍ରତିକୂଳ ହେଲେ ମଧ୍ୟ ଧୈର୍ଯ୍ୟ ହରାଇବା ଉଚିତ ନୁହେଁ। କାରଣ ଧୈର୍ଯ୍ୟଦ୍ୱାରା କୌଣସି ପନ୍ଥା ମିଳିଯାଇପାରେ। ଉଦାହରଣ ସ୍ୱରୂପ, ସମୁଦ୍ରରେ ପୋତ ନଷ୍ଟହୋଇଗଲେ ମଧ୍ୟ ପୋତବଣିକ ଧୈର୍ଯ୍ୟଧରି ତରିଯିବାର ଆଶାରଖିଥାଏ।୩୪୭। ପୁଣି –

ମିତ୍ରାର୍ଥେ ବାନ୍ଧବାର୍ଥେ ଚ ବୁଦ୍ଧିମାନ୍ ଯତତେ ସଦା।
ଜାତାସ୍ୱାପତ୍ସୁ ଯତ୍ନେନ ଜଗାଦେଦଂ ବଚୋ ମନୁଃ॥ ୩୪୮॥

ଆପଦ ଉପସ୍ଥିତ ହେଲେହେଁ ମିତ୍ର ଓ ବନ୍ଧୁମାନଙ୍କ ନିମନ୍ତେ ବୁଦ୍ଧିମାନ୍ ଲୋକ ସର୍ବଦା ଯତ୍ନ କରିଥାଏ। ଏହା ମହର୍ଷି ମନୁ କହିଅଛନ୍ତି।୩୪୮।

ତୁମ୍ଭେମାନେ ପ୍ରଭୂତ ଜଳପୂର୍ଣ୍ଣ କୌଣସି ପୁଷ୍କରିଣୀର ସନ୍ଧାନ କର। ଗୋଟିଏ ଦୃଢ଼ ରଜ୍ଜୁ ବା ହାଲୁକା କାଠ ଆଣ। ତାହାର ମଧ୍ୟଭାଗକୁ ମୁଁ ଦନ୍ତରେ କାମୁଡ଼ି

ଧରିଲେ, ତୁମେ ଦୁହେଁ ତାହାର ଦୁଇ ଅଗ୍ରଭାଗକୁ ଧରି କାଷ୍ଠଖଣ୍ଡ ସହିତ ମୋତେ ସେହି ପୁଷ୍କରିଣୀକୁ ନେଇଯିବ।''

ସେ ଦୁହେଁ କହିଲେ, ''ହେ ମିତ୍ର, ଆମେ ଦୁହେଁ ସେହିପରି କରିବୁ। କିନ୍ତୁ ତୁମକୁ ମୌନ ଅବଲମ୍ବନ କରି ରହିବାକୁ ହେବ; ନଚେତ୍ ତୁମେ କାଠରୁ ଖସି ପଡ଼ିବ।'' ତାହାହିଁ କରାଗଲା ପରେ କମ୍ବୁଗ୍ରୀବ କାଠ ଖଣ୍ଡ ଧରି ହଂସଦ୍ୱୟ ଦ୍ୱାରା ଆକାଶରେ ଯାଉଥିବାବେଳେ ନିମ୍ନରେ ଅବସ୍ଥିତ କୌଣସି ନଗର ଦେଖିପାରିଲା। ସେଠାରେ ନାଗରିକମାନେ ତାହାକୁ ଏପରି ନିଆଯାଉଥିବାର ଦେଖି ବିସ୍ମୟସହକାରେ କହିଲେ, ''ଆହେ, ଦୁଇଟି ପକ୍ଷୀ କଅଣ ଗୋଟିଏ ଗୋଲାକାର ପଦାର୍ଥ ନେଇ ଯାଉଛନ୍ତି? ଦେଖ, ଦେଖ।'' ତହୁଁ ସେମାନଙ୍କର କୋଳାହଳ ଶୁଣି କମ୍ବୁଗ୍ରୀବ କହିଲା, ''ଆରେ, ଏ କି କୋଳାହଳ!'' ଏହା କହିବାକୁ ମନ କରି ଅଧେ କହୁ କହୁ କମ୍ବୁଗ୍ରୀବ ଭୂମିରେ ପଡ଼ିଗଲା ଓ ନାଗରିକମାନେ ତାକୁ ଖଣ୍ଡ ଖଣ୍ଡ କରିପକାଇଲେ।

ଏହି ହେତୁରୁ ମୁଁ କହୁଥିଲି– 'ସୁହୃଦାଂ ହିତକାମାନାଂ ' ଇତ୍ୟାଦି। ପୁନଶ୍ଚ–

ଅନାଗତବିଧାତା ଚ ପ୍ରତ୍ୟୁତ୍ପନ୍ନମତିସ୍ତଥା।
ଦ୍ୱାବେତୌ ସୁଖମେଧେତେ ଯଦ୍‌ଭବିଷ୍ୟୋ ବିନଶ୍ୟତି॥୩୪୯॥

ଅନାଗତବିଧାତା (ଭବିଷ୍ୟତ ଚିନ୍ତା କରି ଯେ କାର୍ଯ୍ୟ କରେ) ଓ ପ୍ରତ୍ୟୁତ୍ପନ୍ନମତି (ବିପଦ ଉପସ୍ଥିତ ହେଲେ ଯେ ସମୟୋଚିତ କାର୍ଯ୍ୟ କରେ) ଏ ଦୁହିଙ୍କ ଭଳି ମନୁଷ୍ୟର ସୁଖ ବୃଦ୍ଧି ହୋଇଥାଏ; କିନ୍ତୁ ଯଦ୍‌ଭବିଷ୍ୟ (ଭବିଷ୍ୟତରେ ଯାହା ହେବାର ହେବ, ଏପରି ଯେ ଚିନ୍ତା କରେ) ଲୋକ ବିନାଶପ୍ରାପ୍ତ ହୁଏ।'' ।୩୪୯।

ଟିଟ୍ଟିଭ କହିଲା, ''ସେ କଥା କଅଣ?'' ଟିଟ୍ଟିଭୀ କହିବାକୁ ଲାଗିଲା–

ତିନି ମାଛ କଥା

କୌଣସି ଜଳାଶୟରେ ଅନାଗତବିଧାତା, ପ୍ରତ୍ୟୁତ୍ପନ୍ନମତି ଓ ଯଦ୍‌ଭବିଷ୍ୟ ନାମରେ ତିନୋଟି ମତ୍ସ୍ୟ ଥିଲେ। ଏକଦା କେତେକ ଧୀବର ଯାଉ ଯାଉ ସେହି ପୁଷ୍କରିଣୀକୁ ଦେଖି କହିଲେ, ''ଆହେ, ଏ ପୁଷ୍କରିଣୀଟି ବହୁମତ୍ସ୍ୟରେ ପୂର୍ଣ୍ଣ। ଆମେ କେବେ ଏହାର ସନ୍ଧାନ ନେଇ ନାହୁଁ। ଆଜି ତ ଆହାର ମିଳିସାରିଛି; ସନ୍ଧ୍ୟା ସମୟ ହୋଇ ଗଲାଣି। ତେଣୁ କାଲି ପ୍ରଭାତରୁ ନିଶ୍ଚୟ ଆସିବା।''

ସେମାନଙ୍କର ବଜ୍ରପାତ ସଦୃଶ ଏହି ବାକ୍ୟ ଶୁଣି ଅନାଗତବିଧାତା ସମସ୍ତ ମତ୍ସ୍ୟଙ୍କୁ ଡାକି କହିଲା– ''ଆହେ, ଧୀବରମାନେ ଯାହା କହୁଥିଲେ, ତାହା ଶୁଣିଛ? ଅତଏବ ଏଇ ରାତ୍ରିରେ କୌଣସି ନିକଟବର୍ତ୍ତୀ ପୁଷ୍କରିଣୀକୁ ଚାଲିଯିବା। କଥିତ ଅଛି–

ଅଶକ୍ତୈର୍ବଳିନଃ ଶତ୍ରୋଃ କର୍ତ୍ତବ୍ୟଂ ପ୍ରପଳାୟନମ୍।
ଶ୍ରୟିତବ୍ୟୋଽଥବା ଦୁର୍ଗୋ ନାନ୍ୟା ତେଷାଂ ଗତିର୍ଭବେତ୍॥୩୫୦॥

ବଳଶାଳୀ ଶତ୍ରୁଠାରୁ ପଳାଇଯିବା ହେଉଛି ଦୁର୍ବଳମାନଙ୍କର କର୍ତ୍ତବ୍ୟ ଅଥବା କୌଣସି ଦୁର୍ଗକୁ ଆଶ୍ରୟ କରି ରହିବା ଉଚିତ। ସେମାନଙ୍କର ଏ ଦୁଇଟି ଛଡ଼ା ଅନ୍ୟ ଗତି ନାହିଁ। ୩୫୦।

କାଲି ପ୍ରଭାତରୁ ଧୀବରମାନେ ନିଶ୍ଚୟ ଏଠାକୁ ଆସି ମତ୍ସ୍ୟମାନଙ୍କୁ ବିନାଶ କରିବେ। ଏହି କଥାଟି ମୋ ମନକୁ ଆସୁଛି। ଅତଏବ ଏଠାରେ ଆଉ କ୍ଷଣମାତ୍ର ରହିବା ଉଚିତ ନୁହେଁ। କଥିତ ଅଛି–

ବିଦ୍ୟମାନା ଗତିର୍ଯେଷାମନ୍ୟତ୍ରାପି ସୁଖାବହା।
ତେ ନ ପଶ୍ୟନ୍ତି ବିଦ୍ୱାଂସୋ ଦେଶଭଙ୍ଗଂ କୁଳକ୍ଷୟମ୍॥ ୩୫୧ ॥

ଯେଉଁ ବିଦ୍ୱାନ୍ ଲୋକଙ୍କର ଅନ୍ୟ କୌଣସି ସ୍ଥାନରେ ସୁଖକର ଉପାୟ ଥାଏ, ସେମାନେ ନିଜ ଶରୀରର ଏବଂ ନିଜ ବଂଶର କ୍ଷୟ ଦେଖିପାରନ୍ତିନାହିଁ। ୩୫୧।

ଏହା ଶୁଣି ପ୍ରତ୍ୟୁତ୍ପନ୍ନମତି କହିଲା, "ଆହେ, ତୁମେ ଠିକ୍ କଥା କହିଛ। ମୋର ମଧ୍ୟ ତାହାହିଁ ଇଚ୍ଛା। ତେଣୁ ଅନ୍ୟତ୍ର ଚାଲ। କଥିତ ଅଛି–

ପରଦେଶଭୟାଦ୍‌ଭୀତା ବହୁମାୟା ନପୁଂସକାଃ।
ସ୍ୱଦେଶେ ନିଧନଂ ଯାନ୍ତି କାକାଃ କାପୁରୁଷାଃ ମୃଗାଃ॥ ୩୫୨ ॥

ଯେଉଁମାନେ ଅନ୍ୟ ଦେଶରେ ବାସକରିବାକୁ ଭୟ କରନ୍ତି, ଯେଉଁମାନଙ୍କର ନିଜ ଦେଶ ପ୍ରତି ଅତିରିକ୍ତ ମମତା ଥାଏ, ଯେଉଁମାନେ ପୌରୁଷହୀନ ତଥା କାକ, କାପୁରୁଷ ଓ ମୃଗ– ଏମାନେ ନିଜ ଦେଶରେହିଁ ନିଧନପ୍ରାପ୍ତ ହୋଇଥାନ୍ତି। ୩୫୨।

ଯସ୍ୟାସ୍ତି ସର୍ବତ୍ରଗତିଃ ସ କସ୍ମାତ୍ ସ୍ୱଦେଶରାଗେଣ ହି ଯାତି ନାଶମ୍।
ତାତସ୍ୟ କୂପୋଽୟମିତି ବ୍ରୁବାଣାଃ କ୍ଷାରଂ ଜଳଂ କାପୁରୁଷାଃ ପିବନ୍ତି॥ ୩୫୩॥

ଯେଉଁ ଲୋକର ସର୍ବତ୍ର ଉପାୟ ରହିଛି, ସେ ସ୍ୱଦେଶ ପ୍ରତି ଅନୁରକ୍ତି ହେତୁ କାହିଁକି ବିନାଶପ୍ରାପ୍ତ ହେବ? 'ଏ କୂପ ମୋର ପିତାଙ୍କର' ଏପରି କହି କାପୁରୁଷମାନେ ହିଁ ତାର ଜଳ ପାନ କରିଥାନ୍ତି।"। ୩୫୩।

ଏହା ଶୁଣି ଯଦ୍‌ଭବିଷ୍ୟ ଉଚ୍ଚସ୍ୱରରେ ହସି ହସି କହିଲା, "ତୁମ ଦୁହିଁଙ୍କର ବିଚାର ଯଥାର୍ଥ ନୁହେଁ। କେବଳ ସେହି ଧୀବରମାନଙ୍କ କଥାରେ ପିତୃପିତାମହଙ୍କର ଏ ପୁଷ୍କରିଣୀ ଛାଡ଼ି ଚାଲିଯିବା ଉଚିତ ହେବ ନାହିଁ। ଯଦି ଆମର ଆୟୁ ଶେଷ ହୋଇଥିବ, ତେବେ ଅନ୍ୟତ୍ର ଗଲେ ମଧ୍ୟ ମୃତ୍ୟୁ ଘଟିବ। କୁହାଯାଉଛି–

ଅରକ୍ଷିତଂ ତିଷ୍ଠତି ଦୈବରକ୍ଷିତଂ
ସୁରକ୍ଷିତଂ ଦୈବହତଂ ବିନଶ୍ୟତି।
ଜୀବତ୍ୟନାଥୋଽପି ବନେ ବିସର୍ଜିତଃ,
କୃତପ୍ରୟତ୍ନୋଽପି ଗୃହେ ବିନଶ୍ୟତି॥ ୩୫୪॥

ଅରକ୍ଷିତ ପ୍ରାଣୀ ମଧ୍ୟ ଦୈବଦ୍ୱାରା ରକ୍ଷିତ ହୋଇ ରହିଥାଏ, ଦୈବ ପ୍ରତିକୂଳ ହୋଇଥିଲେ ସୁରକ୍ଷିତ ପ୍ରାଣୀ ମଧ୍ୟ ବିନାଶପ୍ରାପ୍ତ ହୁଏ। ଅନାଥ ବ୍ୟକ୍ତି ବନରେ ପରିତ୍ୟକ୍ତ ହୋଇ ମଧ୍ୟ ବଞ୍ଚିରହିପାରେ; କିନ୍ତୁ ଅତି ଯତ୍ନରେ ଗୃହରେ ପାଳିତ ବ୍ୟକ୍ତି

ପ୍ରାଣ ହରାଇଥାଏ । ୩୫୪ ।

ତେଣୁ ମୁଁ ଯିବି ନାହିଁ। ତୁମ ଦୁହିଁଙ୍କୁ ଯାହା ଦେଖାଯାଉଛି, ତାହା କର।'' ଏହାପରେ ତାର ଏହି ସିଦ୍ଧାନ୍ତ ଜାଣିପାରି ଅନାଗତବିଧାତା ଓ ପ୍ରତ୍ୟୁତ୍ପନ୍ନମତି ନିଜ ନିଜ ପରିବାରସହ ସେହି ପୁଷ୍କରିଣୀରୁ ବାହାରିଗଲେ। ପ୍ରଭାତକାଳରେ ଧୀବରମାନେ ଜାଲଦ୍ୱାରା ସେହି ଜଳାଶୟକୁ ଆଲୋଡ଼ିତ କରି ଯଦ୍‌ଭବିଷ୍ୟ ସହ ସେହି ପୁଷ୍କରିଣୀକୁ ମତ୍ସ୍ୟଶୂନ୍ୟ କରିଦେଲେ। ଏହି ହେତୁରୁ ମୁଁ କହୁଥିଲି– 'ଅନାଗତବିଧାତା ଚ...' ଇତ୍ୟାଦି।

ଏହା ଶୁଣି ଟିଟ୍ଟିଭ କହିଲା, ''ଭଦ୍ରେ, ତୁମେ କଅଣ ମୋତେ ଯଦ୍‌ଭବିଷ୍ୟ ପରି ମନେକରୁଛ? ତେବେ ମୋର ବୁଦ୍ଧିର ପ୍ରଭାବ ଦେଖ। ଏ ଦୁଷ୍ଟ ସମୁଦ୍ରକୁ ମୋର ଚଞ୍ଚୁରେ ଶୁଷ୍କ କରିଦେବି।''

ଟିଟ୍ଟିଭୀ କହିଲା, ''ଓହୋ, ସମୁଦ୍ର ସାଥିରେ ପୁଣି ତୁମର ଯୁଦ୍ଧ! ସମୁଦ୍ର ଉପରେ କୋପ କରିବା ଉଚିତ ନୁହେଁ। କଥିତ ଅଛି–

ପୁଂସାମସମର୍ଥାନାମୁପଦ୍ରବାୟାତ୍ମନୋ ଭବେତ୍କୋପଃ।
ପିଠରଂ କ୍ୱଳଦତିମାତ୍ରଂ ନିଜପାର୍ଶ୍ୱାନେବ ଦହତିତରାମ୍ ।। ୩୫୫ ।।

ଅସମର୍ଥ ଲୋକମାନଙ୍କର କ୍ରୋଧ କେବଳ ଆପଣାର ଅନିଷ୍ଟ ପାଇଁ ହୋଇଥାଏ। ଅତ୍ୟଧିକ ମାତ୍ରାରେ ଜଳୁଥିବା ବତି କେବଳ ତା ପାଖରେ ରହିଥିବା ଦ୍ରବ୍ୟକୁ ପୋଡ଼ିଦେଇଥାଏ । ୩୫୫ । ପୁଣି–

ଅବିଦିତ୍ୱାତ୍ମନଃ ଶକ୍ତିଂ ପରସ୍ୟ ଚ ସମୁତ୍ସୁକଃ।
ଗଚ୍ଛନ୍ନଭିମୁଖୋ ନାଶଂ ଯାତି ବହ୍ନୌ ପତଙ୍ଗବତ୍ ।। ୩୫୬ ।।

ଯେଉଁ ଲୋକ ନିଜର ତଥା ଶତ୍ରୁର ସାମର୍ଥ୍ୟ ନ ବୁଝି ଶତ୍ରୁର ସମ୍ମୁଖୀନ ହେବାକୁ ଯାଏ, ସେ ଅଗ୍ନିରେ ପତଙ୍ଗତୁଲ୍ୟ ବିନଷ୍ଟ ହୁଏ।'' । ୩୫୬।

ଟିଟ୍ଟିଭ କହିଲା, ''ପ୍ରିୟେ, ସେପରି କହନାହିଁ। ଯେଉଁମାନଙ୍କର ଉତ୍ସାହଶକ୍ତି ଥାଏ, ସେମାନେ କ୍ଷୁଦ୍ର ହେଲେ ସୁଦ୍ଧା ବଡ଼ମାନଙ୍କୁ ଆକ୍ରମଣକରିଥାନ୍ତି। କଥିତ ଅଛି–

ବିଶେଷାତ୍ପରିପୂର୍ଣ୍ଣସ୍ୟ ଯାତି ଶତ୍ରୋରମର୍ଷଣଃ।
ଆଭିମୁଖ୍ୟଂ ଶଶାଙ୍କସ୍ୟ ଯଥାଦ୍ୟାପି ବିଧନ୍ତୁଦଃ ।। ୩୫୭ ।।

ଏବେ ମଧ୍ୟ ରାହୁ ଯେପରି କେବଳ ପୂର୍ଣ୍ଣଚନ୍ଦ୍ରକୁ ଆକ୍ରମଣ କରେ, ସେହିପରି ଶତ୍ରୁ ପରିପୂର୍ଣ୍ଣ ଥିବାବେଳେ କ୍ରୁଦ୍ଧ ବ୍ୟକ୍ତି ତାର ସମ୍ମୁଖୀନ ହୁଏ। ବୀରପୁରୁଷ ଦୁର୍ବଳ ଶତ୍ରୁ ସଙ୍ଗେ ଯୁଦ୍ଧ କରେନାହିଁ। ୩୫୭। ପୁଣି–

ପ୍ରମାଣାଦଧିକସ୍ୟାପି ଗଣ୍ଡଶ୍ୟାମମଦଚ୍ୟୁତେ।
ପଦଂ ମୂର୍ଦ୍ଧ୍ନିସମାଧତ୍ତେ କେସରୀ ମତ୍ତଦନ୍ତିନଃ ।। ୩୫୮ ।।

ସିଂହ ନିଜ ଶରୀରଠାରୁ ବୃହତ୍ତର ଶରୀରବିଶିଷ୍ଟ ଓ କପୋଳରୁ ଶ୍ୟାମବର୍ଣ୍ଣର ମଦବାରି ନିଃସୃତ ହେଉଥିବା ମତ୍ତହସ୍ତୀର ମସ୍ତକ ଉପରେ ପାଦ ଦେଇଥାଏ। ଅର୍ଥାତ୍

ବୀରପୁରୁଷ କ୍ଷୁଦ୍ରକାୟ ହୋଇଥିଲେହେଁ ବୃହତ୍‌କାୟ ଶତ୍ରୁକୁ ଯୁଦ୍ଧରେ ପରାସ୍ତ କରିପାରେ । ୩୫୮ । ପୁଣି –

ବାଲସ୍ୟାପି ରବେଃ ପାଦାଃ ପତନ୍ତ୍ୟୁପରି ଭୂଭୃତାମ୍ ।
ତେଜସା ସହ ଜାତାନାଂ ବୟଃ କୁତ୍ରୋପଯୁଜ୍ୟତେ ।। ୩୫୯ ।।

ନବୋଦିତ ସୂର୍ଯ୍ୟର କିରଣସମୂହ ପର୍ବତ ଉପରେ ପଡ଼ିଥାଏ । ତେଣୁ ଯେଉଁମାନେ ତେଜସହ ଜନ୍ମିଥାନ୍ତି, ସେମାନଙ୍କର ବୟସ ବିଚାର କରିବା ଅନାବଶ୍ୟକ । ୩୫୯ ।

ହସ୍ତୀ ସ୍ଥୂଳତରଃ ସ ଚାଙ୍କୁଶବଶଃ କିଂ ହସ୍ତିମାତ୍ରୋଽଙ୍କୁଶୋ
ଦୀପେ ପ୍ରଜ୍ୱଳିତେ ପ୍ରଣଶ୍ୟତି ତମଃ କିଂ ଦୀପମାତ୍ରଂ ତମଃ ।
ବଜ୍ରେଣାପି ହତାଃ ପତନ୍ତି ଗିରୟଃ କିଂ ବଜ୍ରମାତ୍ରୋ ଗିରି –
ସ୍ତେଜୋ ଯସ୍ୟ ବିରାଜତେ ସ ବଳବାନ୍ ସ୍ଥୂଳେଷୁ କଃ ପ୍ରତ୍ୟୟଃ ।। ୩୬୦ ।।

ହସ୍ତୀ ଅତ୍ୟନ୍ତ ସ୍ଥୂଳକାୟ; କିନ୍ତୁ ସେ ଅଙ୍କୁଶର ବଶବର୍ତ୍ତୀ ହୋଇଥାଏ – ତେବେ କଅଣ ଅଙ୍କୁଶ ହାତୀ ସହିତ ଆକାରରେ ସମାନ? ପ୍ରଦୀପ ପ୍ରଜ୍ୱଳିତ ହେଲେ ଅନ୍ଧକାର ନଷ୍ଟ ହୋଇଯାଏ – ତେବେ ଦୀପର ଆକାର କଣ ଅନ୍ଧକାର ପରି ବ୍ୟାପକ? ପର୍ବତମାନେ ବଜ୍ରଦ୍ୱାରା ଭୂପତିତ ହୁଅନ୍ତି – ତେବେ କଅଣ ବଜ୍ର ଆକାରରେ ପର୍ବତ ସହିତ ସମାନ? ଅତଏବ ଯାହାର ତେଜ ଥାଏ, ସେ ବଳବାନ୍; କେବଳ ସ୍ଥୂଳ ଶରୀରରେ କି ଭରସା ? । ୩୬୦ ।

ତେଣୁ ମୋର ଏହି ଚଞ୍ଚୁ ସାହାଯ୍ୟରେ ସମୁଦ୍ରର ଜଳକୁ ଶୁଷ୍କ କରି ସ୍ଥଳରେ ପରିଣତ କରିଦେବି ।''

ଟିଟ୍ଟିଭୀ କହିଲା, ''ହେ ପ୍ରିୟ, ଯହିଁରେ ପ୍ରତିଦିନ ଜାହ୍ନବୀ ନଅଶହ ନଦୀ ସହିତ ପ୍ରବେଶ କରୁଛି, ସିନ୍ଧୁନଦୀ ମଧ୍ୟ ସେହିପରି ପ୍ରବେଶ କରୁଛି, ସେହି ଅଠରଶହ ନଦୀର ଜଳଦ୍ୱାରା ପରିପୂରିତ ସମୁଦ୍ରକୁ ତୁମେ ବିନ୍ଦୁଗ୍ରାହୀ ଚଞ୍ଚୁଦ୍ୱାରା ଶୁଖାଇ ଦେଇପାରିବ ? ତେଣୁ ଏପରି ଅବିଶ୍ୱାସ୍ୟ କଥା କହିବାରେ କି ପ୍ରୟୋଜନ ?'' ଟିଟ୍ଟିଭ କହିଲା –

ଅନିର୍ବେଦଃ ଶ୍ରିୟୋ ମୂଳଂ ଚଞ୍ଚୁର୍ମେ ଲୋହସନ୍ନିଭା ।
ଅହୋରାତ୍ରାଣି ଦୀର୍ଘାଣି ସମୁଦ୍ରଃ କିଂ ନ ଶୁଷ୍ୟତି ।। ୩୬୧ ।।

''ପ୍ରିୟେ, ହତାଶ ନ ହେବାହିଁ ହେଉଛି ଲକ୍ଷ୍ମୀଲାଭର ମୂଳ କାରଣ । ମୋର ଚଞ୍ଚୁ ଲୌହତୁଲ୍ୟ କଠିନ ଓ ଦିବାରାତ୍ର ପରି ଅତି ଦୀର୍ଘ । ତେବେ ସମୁଦ୍ର କଣ ଶୁଖିଯିବ ନାହିଁ ? । ୩୬୧ ।

ଦୁରଧିଗମଃ ପରଭାଗୋ ଯାବତ୍ପୁରୁଷେଣ ପୌରୁଷଂ ନ କୃତମ୍ ।
ଜୟତି ତୁଲାମଧିରୂଢ଼ୋ ଭାସ୍ୱାନିହ ଜଳଦପଟଳାନି ।। ୩୬୨ ।।

ସୂର୍ଯ୍ୟ ତୁଳାରାଶିରେ ଆରୋହଣ କଲେ ମେଘପଟଳକୁ ଜୟ କରିବାକୁ ସମର୍ଥ ହୋଇଥାଏ । ତେଣୁ ଯେତେବେଳ ପର୍ଯ୍ୟନ୍ତ ମନୁଷ୍ୟ ପୌରୁଷ କରେନାହିଁ, ସେତେବେଳଯାଏ ଉତ୍କର୍ଷ ଦୁର୍ଲ୍ଲଭ ହୋଇଥାଏ ।'' । ୩୬୨ ।

ଟିଟ୍ଟିଭୀ କହିଲା, "ଯଦି ତୁମେ ଅବଶ୍ୟ ସମୁଦ୍ର ସହିତ ଯୁଦ୍ଧ କରିବ, ତେବେ ଅନ୍ୟ ପକ୍ଷୀମାନଙ୍କୁ ଡାକି ମିତ୍ରମାନଙ୍କୁ ସଙ୍ଗରେ ନେଇ ଯୁଦ୍ଧ କରିବାକୁ ଯାଅ। କଥିତ ଅଛି –

ବହୂନାମପ୍ୟସାରାଣାଂ ସମବାୟୋ ହି ଦୁର୍ଜୟଃ।
ତୃଣୈରାବେଷ୍ଟ୍ୟତେ ରଜ୍ଜୁର୍ଯେନ ନାଗୋଽପି ବଦ୍ଧ୍ୟତେ।। ୩୬୩।।

ବହୁସଂଖ୍ୟକ ଅସାର ବସ୍ତୁର ସମବାୟ ମଧ୍ୟ ଦୁର୍ଜୟ ହୋଇଥାଏ। ତୃଣରାଶିଦ୍ୱାରା ରଜ୍ଜୁ ନିର୍ମିତହେଲେ ତାହାଦ୍ୱାରା ହସ୍ତୀକୁ ମଧ୍ୟ ବନ୍ଧନକରାଯାଇପାରେ। ୩୬୩। ପୁଣି –

ଚଟକା କାଷ୍ଠକୁଟ୍‌ଟେନ ମକ୍ଷିକାଦର୍ଦ୍ଦୁରୈସ୍ତଥା।
ମହାଜନବିରୋଧେନ କୁଞ୍ଜରଃ ପ୍ରଳୟଂ ଗତଃ।। ୩୬୪ ।।

ଚଟକ (ଚଟିଆ) ଓ କାଷ୍ଠକୂଟ (କାଠହଣା) ପକ୍ଷୀ, ଭେକ ଓ ମକ୍ଷିକା ଆଦି ଅନେକ ପ୍ରାଣୀ ବିରୋଧ କରିବାରୁ ହସ୍ତୀ ମଧ୍ୟ ବିନାଶ ପାଇଥିଲା।" । ୩୬୪।

ଟିଟ୍ଟିଭ କହିଲା, "ସେ କଥା କିପରି ?" ଟିଟ୍ଟିଭୀ କହିବାକୁ ଲାଗିଲା –

ଚଟକ ଓ କୁଞ୍ଜର କଥା

କୌଣସି ବନପ୍ରଦେଶରେ ଚଟକଦମ୍ପତୀ ଗୋଟିଏ ତମାଳବୃକ୍ଷରେ ନୀଡ଼ ନିର୍ମାଣ କରି ବାସକରୁଥିଲେ। କାଳକ୍ରମେ ସେ ଦୁହିଁଙ୍କର ସନ୍ତାନ ଜାତ ହେଲେ। ଦିନେ ଗୋଟିଏ ମଦମତ୍ତ ବନ୍ୟ ହସ୍ତୀ ଘର୍ମାକ୍ତ ହୋଇ ଛାୟା ନିମନ୍ତେ ସେହି ତମାଳବୃକ୍ଷତଳେ ଆଶ୍ରୟ ନେଲା। ମଦଗର୍ବରେ ସେ ଚଟକମାନେ ଆଶ୍ରୟ କରିଥିବା ଶାଖାଟିକୁ ଶୁଣ୍ଢରେ ଆକର୍ଷଣ କରି ଭାଙ୍ଗିଦେଲା। ଶାଖାଟି ଭାଙ୍ଗିଯିବାରୁ ଚଟକ ଡିମ୍ବଗୁଡ଼ିକ ନଷ୍ଟ ହୋଇଗଲା। ଆୟୁଷ ଥିବାରୁ ଚଟକଦମ୍ପତୀ କୌଣସିପ୍ରକାରେ ବଞ୍ଚି ରହିଗଲେ। ତହୁଁ ଚଟକା ଡିମ୍ବ ଭାଙ୍ଗିଯିବା ଦୁଃଖରେ ଅଭିଭୂତ ହୋଇ ପ୍ରଳାପ କରିବାରୁ କୌଣସି ପ୍ରକାରେ ଆନନ୍ଦ ପାଇପାରିଲାନାହିଁ। ଏଥିମଧ୍ୟରେ ତାହାର ପରମମିତ୍ର କାଷ୍ଠକୂଟ ନାମକ ଏକ ପକ୍ଷୀ ସେହି ପ୍ରଳାପ ଶୁଣି ତାହାର ଦୁଃଖରେ ଦୁଃଖିତ ହୋଇ ତାହା ନିକଟକୁ ଆସି ଚଟକାକୁ ସମ୍ବୋଧନ କରି କହିଲା, "ଦେବି, ଏପରି ବୃଥା ପ୍ରଳାପରେ କି ଫଳ ? କଥିତ ଅଛି –

ନଷ୍ଟଂ ମୃତମତିକ୍ରାନ୍ତଂ ନାନୁଶୋଚନ୍ତି ପଣ୍ଡିତାଃ।
ପଣ୍ଡିତାନାଂ ଚ ମୂର୍ଖାଣାଂ ବିଶୋଷୋଽୟଂ ଯତଃ ସ୍ମୃତଃ।। ୩୬୫ ।।

ଯେଉଁ ପଦାର୍ଥ ନଷ୍ଟ ହୋଇଯାଇଅଛି, ଯେ ମୃତ ହୋଇଅଛି ଓ ଯାହା ଗତ ହୋଇଯାଇଅଛି, ତାହା ନିମନ୍ତେ ପଣ୍ଡିତମାନେ ଅନୁଶୋଚନା କରନ୍ତି ନାହିଁ। ବିଦ୍ୱାନ୍ ଓ ମୂର୍ଖ ଲୋକଙ୍କ ମଧ୍ୟରେ ଏହାହିଁ ହେଉଛି ପ୍ରଭେଦ। ୩୬୫। ପୁଣି –

ଅଶୋଚ୍ୟାନୀହ ଭୂତାନି ଯୋ ମୂଢ଼ସ୍ତାନି ଶୋଚତି।
ସ ଦୁଃଖେ ଲଭତେ ଦୁଃଖଂ ଦ୍ୱାବନର୍ଥୌ ନିଷେବତେ।। ୩୬୬।।

ଯେଉଁ ମୂର୍ଖ ଏହି ସଂସାରରେ ଅଶୋଚ୍ୟ ବିଷୟ ଘେନି ଶୋକ କରେ, ସେ ଦୁଃଖ ଉପରେ ପୁଣି ଦୁଃଖ ଭୋଗକରେ; ତେଣୁ ଉଭୟ ପ୍ରକାର ଅନର୍ଥକୁ ସହ୍ୟ କରେ।୩୬୬। ପୁନଶ୍ଚ –

ଶ୍ଳେଷ୍ମାଶ୍ରୁବାନ୍ଧବୈର୍ମୁକ୍ତଂ ପ୍ରେତୋ ଭୁଙ୍‌କ୍ତେ ଯତୋଽବଶଃ।
ତସ୍ମାନ୍ନ ରୋଦିତବ୍ୟଂ ହି କ୍ରିୟାଃ କାର୍ଯାଶ୍ଚ ଶକ୍ତିତଃ।।୩୬୭।।

ପ୍ରେତପୁରୁଷ ଅବଶ ହୋଇ କୁଟୁମ୍ବୀମାନଙ୍କଦ୍ୱାରା ପରିତ୍ୟକ୍ତ ଶ୍ଳେଷ୍ମା ଓ ଅଶ୍ରୁକୁ ଭକ୍ଷଣ କରେ। ତେଣୁ କେହି ମରିଗଲେ ତା ପାଇଁ ରୋଦନ କରିବା ଉଚିତ ନୁହେଁ; ତାର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରେତର ପାରଲୌକିକ କ୍ରିୟା ନିଜ ଶକ୍ତି ଅନୁସାରେ କରିବା ଉଚିତ।"।୩୬୭।

ଚଟକା କହିଲା, "ସେ କଥା ଯଥାର୍ଥ। ପରନ୍ତୁ ସେ ଦୁଷ୍ଟହସ୍ତୀ ଅହଙ୍କାରରେ ମୋର ସନ୍ତାନମାନଙ୍କୁ ନାଶ କରିଅଛି। ତେଣୁ ତୁମେ ଯଦି ମୋର ପ୍ରକୃତ ମିତ୍ର ହୋଇଥାଅ, ତେବେ ସେହି ଅଧମ ହସ୍ତୀକୁ ବଧ କରିବାର କୌଣସି ଉପାୟ ଚିନ୍ତା କର, ଯାହାଦ୍ୱାରା ମୋର ସନ୍ତାନବିନାଶଜନିତ ଦୁଃଖ ଦୂର ହୋଇପାରିବ। କଥିତ ଅଛି –

ଆପଦି ଯେନାପକୃତଂ ଯେନ ଚ଼ ହସିତଂ ଦଶାସୁ ବିଷମାସୁ।
ଅପକୃତ୍ୟ ତୟୋରୁଭୟୋଃ ପୁନରପି ଜାତଂ ନରଂ ମନ୍ୟେ।।୩୬୮।।

ବିପଦ ସମୟରେ ଯିଏ ଅପକାର କରେ ଓ ବିଷମ ଅବସ୍ଥାରେ ଯିଏ ଉପହାସ କରେ– ସେ ଦୁହିଁଙ୍କର ଅପକାର କରିବାଦ୍ୱାରା ଲୋକର ପୁନର୍ଜନ୍ମ ହୁଏ ବୋଲି ମୁଁ ମନେକରେ।"।୩୬୮।

କାଷ୍ଠକୂଟ କହିଲା, "ତୁମେ ଠିକ୍ କହିଛ। ଆହୁରି ମଧ୍ୟ କଥିତ ଅଛି –

ସ ସୁହୃଦ୍ ବ୍ୟସନେ ଯଃ ସ୍ୟାଦନ୍ୟଜାତ୍ୟୁଦ୍‌ଭବୋଽପି ସନ୍।
ବୃଦ୍ଧୌ ସର୍ବୋଽପି ମିତ୍ରଂ ସ୍ୟାତ୍ସର୍ବେଷାମେବ ଦେହିନାମ୍।।୩୬୯।।

ଅନ୍ୟ ଜାତିରେ ଜନ୍ମ ହୋଇଥିଲେହେଁ ଯିଏ ବିପଦରେ ସାହାଯ୍ୟ କରେ, ସେ ପ୍ରକୃତରେ ମିତ୍ର। ତା ନୋହିଲେ ଉନ୍ନତି ସମୟରେ ତ ସମସ୍ତେ ସମସ୍ତଙ୍କର ମିତ୍ର ହୋଇଥାନ୍ତି।୩୬୯।

ସ ସହୃଦ୍ ବ୍ୟସନେ ଯଃ ସ୍ୟାତ୍ସ ପୁତ୍ରୋ ଯସ୍ତୁ ଭକ୍ତିମାନ୍।
ସ ଭୃତ୍ୟୋ ଯୋ ବିଧେୟଜ୍ଞଃ ସା ଭାର୍ଯ୍ୟା ଯତ୍ର ନିର୍ବୃତିଃ।।୩୭୦।।

ବିପଦ ସମୟରେ ଯିଏ ପାଖରେ ରହେ, ସେ ହେଉଛି ମିତ୍ର; ଯିଏ ଭକ୍ତିମାନ୍ ସେ ହେଉଛି ପୁତ୍ର; ଯିଏ ନିଜର କର୍ତ୍ତବ୍ୟ ବୁଝିପାରେ, ସେ ହେଉଛି ଭୃତ୍ୟ; ଯିଏ ଶାନ୍ତି ଦେଇପାରେ, ସେ ହେଉଛି ଭାର୍ଯ୍ୟା।୩୭୦।

ଏବେ ମୋର ବୁଦ୍ଧିର ବଳ ଦେଖ। ପରନ୍ତୁ ମୋର ବୀଣାରବା ନାମରେ ଏକ ମକ୍ଷିକା ସୁହୃଦ୍‌ରୂପେ ଅଛନ୍ତି। ତାଙ୍କୁ ଡାକିଆଣି ଆସିବି, ଯେପରିକି ସେ

ଦୁଷ୍ଟ ହସ୍ତୀ ବିନଷ୍ଟ ହେବ।'' ଏହାପରେ ସେ ଚଟକା ସହ ମକ୍ଷିକା ନିକଟକୁ ଯାଇ କହିଲା, ''ଭଦ୍ରେ, ଗୋଟାଏ ଦୁଷ୍ଟ ଗଜ ମୋର ସଖୀ ଚଟକାର ଡିମ୍ବଗୁଡ଼ିକ ନଷ୍ଟ କରିଦେଇ ତାଙ୍କୁ ବ୍ୟଥିତ କରିପକାଇଛି। ତେଣୁ ତାକୁ ବଧ କରିବାର ଉପାୟରେ ମୋତେ ସାହାଯ୍ୟ କରିବାକୁ ହେବ।''

ମକ୍ଷିକା କହିଲା, ''ଭଦ୍ର, ଏ ବିଷୟରେ ଆଉ କହିବାକୁ ଅଛି ? କଥିତ ଅଛି –

ପୁନଃ ପ୍ରତ୍ୟୁପକାରାୟ ମିତ୍ରାଣାଂ କ୍ରିୟତେ ପ୍ରିୟମ୍।
ଯତ୍ପୁନର୍ମିତ୍ର ମିତ୍ରସ୍ୟ କାର୍ଯ୍ୟଂ ମିତ୍ରୈର୍ନ କିଂ କୃତମ୍।। ୩୭୧ ।।

ଲୋକେ ପ୍ରତ୍ୟୁପକାରର ଆଶାରେ ନିଜ ମିତ୍ରର ପ୍ରିୟ କାର୍ଯ୍ୟ କରିଥାନ୍ତି। କିନ୍ତୁ ପ୍ରତ୍ୟୁପକାରର ଆଶା ନ ରଖି ମିତ୍ରଙ୍କ ମିତ୍ରର କାର୍ଯ୍ୟ କରିବା ଉଚିତ। କୌଣସି ମିତ୍ର ଏହା ନ କଲେ ସେ ଆଉ କଅଣ କଲା ?। ୩୭୧ ।

ଏ କଥା ସତ୍ୟ। ମୋର ମଧ ମେଘନାଦ ନାମକ ଏକ ଭେକ ମିତ୍ର ଅଛନ୍ତି। ତାହାଙ୍କୁ ମଧ ଡାକି ଯଥୋଚିତ କାର୍ଯ୍ୟ କରିବା। କଥିତ ଅଛି –

ହିତୈଃ ସାଧୁସମାଚାରୈଃ ଶାସ୍ତ୍ରଜ୍ଞୈର୍ମତିଶାଳିଭିଃ
କଥଂଚିନ୍ନ ବିକଳ୍ପନ୍ତେ ବିଦ୍ୱଦ୍‌ଭିଶ୍ଚିନ୍ତିତା ନୟାଃ।। ୩୭୨ ।।

ହିତକାରୀ, ସଦାଚାରୀ, ଶାସ୍ତ୍ରଜ୍ଞ ଓ ବୁଦ୍ଧିମାନ୍ ବିଦ୍ୱାନ୍ ଲୋକ ଯେଉଁ ନୀତି ଚିନ୍ତା କରିଥାନ୍ତି, ତାହା କେବେହେଲେ ବିଫଳ ହୁଏ ନାହିଁ।''। ୩୭୨ ।

ଅନନ୍ତର ସେ ତିନିହେଁଯାକ (ଚଟକା, କାଷ୍ଠକୂଟ ଓ ବୀଣାରବା) ଯାଇ ମେଘନାଦ ଆଗରେ ସମସ୍ତ ଘଟଣା ଜଣାଇଲେ। ମେଘନାଦ କହିଲା, ''କ୍ରୁଦ୍ଧ ମହାପୁରୁଷ ଆଗରେ ସେ ଅଧମ ହସ୍ତୀ କେତେମାତ୍ର? ମୋର ମନ୍ତ୍ରଣା ଅନୁସାରେ କାର୍ଯ୍ୟ କରିବାକୁ ହେବ। ମକ୍ଷିକେ, ତୁମେ ମଧ୍ୟାହ୍ନ ସମୟରେ ଯାଇ ସେହି ମଦମତ୍ତ ହସ୍ତୀର କାନରେ ବୀଣାରବ ପରି ଶବ୍ଦ କରିବ, ଯେପରି କି ସେ ତାହା ଶୁଣିବା ଲାଳସାରେ ଚକ୍ଷୁଦୁଇଟିକୁ ବନ୍ଦ କରିଦେବ। ତତ୍ପରେ କାଷ୍ଠକୂଟ ଚଞ୍ଚୁଦ୍ୱାରା ତାର ଚକ୍ଷୁକୁ ଫୁଟାଇଦେଲେ ସେ ଅନ୍ଧ ହୋଇଯିବ। ପରିବାର ସହିତ ଗର୍ତ୍ତ ନିକଟରେ ରହି ମୁଁ ଶବ୍ଦ କରିବି। ତୃଷାର୍ତ୍ତ ଗଜ ସେହି ଶବ୍ଦ ଶୁଣି ଜଳାଶୟ ମନେକରି ଆସିବ। ଗର୍ତ୍ତ ନିକଟରେ ପହଞ୍ଚି ସେ ସେଥିରେ ପଡ଼ିଯାଇ ମରିବ। ଏହିପରି ସମସ୍ତେ ମିଳି କାର୍ଯ୍ୟ କରି ଶତ୍ରୁ ଉପରେ ପ୍ରତିଶୋଧ ନେଇପାରିବା।''

ସେହିପରି କରାଯିବାରୁ ସେ ମତ୍ତଗଜ ମକ୍ଷିକାର ଗୀତ ଶୁଣୁ ଶୁଣୁ ସୁଖରେ ଚକ୍ଷୁଦୁଇଟି ବନ୍ଦ କରିଦେଲା। କାଷ୍ଠକୂଟ ତାହାର ଚକ୍ଷୁ ଦୁଇଟିକୁ ନଷ୍ଟ କରିଦେଲା। ମଧ୍ୟାହ୍ନ ସମୟରେ ଭେକମାନଙ୍କର ଶବ୍ଦକୁ ଅନୁସରଣ କରି ଭ୍ରମଣ କରୁ କରୁ ସେ ପ୍ରକାଣ୍ଡ ଗର୍ତ୍ତରେ ପଡ଼ି ମୃତ୍ୟୁଲାଭ କଲା। ଏହିହେତୁରୁ ମୁଁ କହୁଥିଲି– 'ଚଟକା କାଷ୍ଠକୂଟେନ' ' ଇତ୍ୟାଦି।''

ଟିଟ୍ଟିଭ କହିଲା, ''ଭଦ୍ରେ, ତାହାହିଁ ହେଉ। ସକଳ ବନ୍ଧୁବର୍ଗ ସହିତ ମୁଁ ସମୁଦ୍ରକୁ ଶୁଖାଇଦେବି।'' ଏହିପରି ସ୍ଥିରକରି ସେ ବକ, ସାରସ, ମୟୂର ପ୍ରଭୃତି ପକ୍ଷୀମାନଙ୍କୁ

ଡାକି କହିଲା, "ସମୁଦ୍ର ଡିମ୍ବ ଅପହରଣ କରି ମୋତେ ସନ୍ତପ୍ତ କରିଅଛି। ତେଣୁ ତାକୁ ଶୁଖାଇବାର ଉପାୟ ଚିନ୍ତା କର।" ସେମାନେ ମନ୍ତ୍ରଣା କରି କହିଲେ, "ସମୁଦ୍ରକୁ ଶୁଖାଇବାରେ ଆମେ ଅସମର୍ଥ। ତେଣୁ ବୃଥା ଉଦ୍ୟମରେ କି ଫଳ? କଥିତ ଅଛି–

ଅବଲଃ ପ୍ରୋନ୍ନତଂ ଶତ୍ରୁଂ ଯୋ ଯାତି ମଦମୋହିତଃ।
ଯୁଦ୍ଧାର୍ଥଂ ସ ନିବର୍ତ୍ତେତ ଶୀର୍ଣଦନ୍ତୋ ଗଜୋ ଯଥା॥୩୭୩॥

ଯେଉଁ ଦୁର୍ବଳ ବ୍ୟକ୍ତି ମଦାନ୍ଧ ହୋଇ ଶକ୍ତିଶାଳୀ ଶତ୍ରୁ ସହିତ ଯୁଦ୍ଧ କରିବାକୁ ଯାଏ, ସେ ଭଗ୍ନଦନ୍ତ ହସ୍ତୀସଦୃଶ ପରାଭବ ପାଇଥାଏ।୩୭୩।

ଆମର ସ୍ୱାମୀ ଗରୁଡ଼ ଅଛନ୍ତି। ତାଙ୍କୁ ଏସବୁ ସନ୍ତାପ ବିଷୟ ଜଣାଇବା। ତାହାହେଲେ ନିଜ ଜାତିର ଅପମାନ ହେତୁରୁ ସେ କୁପିତ ହୋଇ ବୈର ପ୍ରତିଶୋଧ ନେବେ। ଏହା ଶୁଣିବା ପରେ ମଧ୍ୟ ଯେବେ ସେ ଅଭିମାନ କରନ୍ତି, ତେବେ ସୁଦ୍ଧା ଦୁଃଖର କାରଣ ନାହିଁ। କଥିତ ଅଛି–

ସୁହୃଦି ନିରନ୍ତରଚିତ୍ତେ ଗୁଣବତି ଭୃତ୍ୟେଽନୁବର୍ତ୍ତିନି କଳତ୍ରେ।
ସ୍ୱାମିନି ଶକ୍ତସମେତେ ନିବେଦ୍ୟ ଦୁଃଖଂ ସୁଖୀ ଭବତି॥୩୭୪॥

ଅଭିନ୍ନହୃଦୟ ମିତ୍ରଠାରେ, ଗୁଣମାନ ଅନୁଚରଠାରେ, ଅନୁରକ୍ତ ପତ୍ନୀଠାରେ ଓ ଶକ୍ତିଶାଳୀ ପ୍ରଭୁଙ୍କଠାରେ ନିଜର ଦୁଃଖ ଜଣାଇଲେ ପ୍ରାଣୀ ସୁଖୀ ହୋଇଥାଏ।୩୭୪।

ଅତଏବ ଚାଲ, ବିନତାନନ୍ଦନ ଗରୁଡ଼ଙ୍କ ପାଖକୁ ଯିବା; କାରଣ ସେ ହେଉଛନ୍ତି ଆମର ପ୍ରଭୁ।" ଏହିପରି ସ୍ଥିରକରି ସବୁ ପକ୍ଷୀ ବିଷଣ୍ଣ ମୁଖରେ ବାଷ୍ପପୂରିତ ଚକ୍ଷୁରେ ଗରୁଡ଼ଙ୍କ ନିକଟକୁ ଯାଇ କରୁଣ ସ୍ୱରରେ ଫୁତ୍କାର କରିବାକୁ ଲାଗିଲେ, "ଅହୋ, ରକ୍ଷାକର, ରକ୍ଷାକର! ଏବେ ଆମର ଆପଣଙ୍କ ଭଳି ପ୍ରଭୁ ଥାଉଁ ଥାଉଁ ଏହି ସଦାଚାରୀ ଟିଟ୍ଟିଭର ଡିମ୍ବଗୁଡ଼ିକୁ ସମୁଦ୍ର ଅପହରଣ କରିନେଇଛି; ତେଣୁ ପକ୍ଷୀକୁଳ ଏବେ ବିନଷ୍ଟ। ଏଣିକି ସମୁଦ୍ର ଅନ୍ୟମାନଙ୍କୁ ଯଥେଚ୍ଛା ବଧ କରିବ। କଥିତ ଅଛି–

ଏକସ୍ୟ କର୍ମ ସଂବୀକ୍ଷ୍ୟ କରୋତ୍ୟନ୍ୟୋଽପି ଗର୍ହିତମ୍।
ଗତାନୁଗତିକୋ ଲୋକୋ ନ ଲୋକଃ ପାରମାର୍ଥିକଃ॥୩୭୫॥

ଜଣେ କୁକର୍ମ କରିବା ଦେଖିଲେ ଅନ୍ୟ ଜଣେ ମଧ୍ୟ ସେହିପରି କାର୍ଯ୍ୟରେ ପ୍ରବୃତ୍ତ ହୁଏ। ଲୋକେ ଏହିପରି ଗତାନୁଗତିକ ଭାବରେ ଅନୁକରଣ କରି କାର୍ଯ୍ୟ କରିଥାନ୍ତି; କିନ୍ତୁ କେହି ପାରମାର୍ଥିକ ଧର୍ମପାଇଁ ଅନୁକରଣ କରେ ନାହିଁ।୩୭୫।

ଚାଟୁତସ୍କରଦୁର୍ବୃତ୍ତୈସ୍ତଥା ସାହସିକାଦିଭିଃ।
ପୀଡ୍ୟମାନାଃ ପ୍ରଜାଃ ରକ୍ଷ୍ୟାଃ କୂଟଚ୍ଛଦ୍ମାଦିଭିସ୍ତଥା॥୩୭୬॥

ଚାଟୁକାର, ତସ୍କର ତଥା ଦୁଃସାହସପୂର୍ବକ କୂଟକପଟାଚାରୀ, କୁକର୍ମକାରୀଙ୍କଦ୍ୱାରା ଉତ୍ପୀଡ଼ିତ ପ୍ରଜାକୁ ରକ୍ଷା କରିବା ପ୍ରଭୁଙ୍କର କର୍ତ୍ତବ୍ୟ।୩୭୬।

ପ୍ରଜାନାଂ ଧର୍ମଷଡ୍‌ଭାଗୋ ରାଜ୍ଞୋ ଭବତି ରକ୍ଷିତୁଃ।
ଅଧର୍ମାଦପି ଷଡ୍‌ଭାଗୋ ଜାୟତେ ଯୋ ନ ରକ୍ଷତି॥୩୭୭॥

ରାଜା ପ୍ରଜାମାନଙ୍କୁ ରକ୍ଷାକଲେ ପ୍ରଜାଙ୍କ ଧର୍ମର ଷଡ଼ଭାଗ ପ୍ରାପ୍ତ ହୁଅନ୍ତି; କିନ୍ତୁ ଯେବେ ରାଜା ସେମାନଙ୍କୁ ରକ୍ଷା ନ କରନ୍ତି, ତେବେ ସେମାନଙ୍କ ଅଧର୍ମର ଷଡ଼ଭାଗ ପ୍ରାପ୍ତ ହୁଅନ୍ତି । ୩୭୭ ।

ପ୍ରଜାପୀଡ଼ନସନ୍ତାପାତ୍ସମୁଦ୍‌ଭୂତୋ ହୁତାଶନଃ ।
ରାଜ୍ଞଃ ଶ୍ରିୟଂ କୁଳଂ ପ୍ରାଣାନ୍ନାଦଗ୍‌ଧ୍ୱା ବିନିବର୍ତ୍ତତେ ॥ ୩୭୮ ॥

ପ୍ରଜାପୀଡ଼ନଜନିତ ସନ୍ତାପରୁ ଜାତ ଅଗ୍ନି ରାଜାଙ୍କର ଐଶ୍ୱର୍ଯ୍ୟ, କୁଳ ଓ ପ୍ରାଣକୁ ଧ୍ୱଂସ ନ କରି ନିର୍ବାପିତ ହୁଏ ନାହିଁ । ୩୭୮ ।

ରାଜା ବନ୍ଧୁରବନ୍ଧୂନାଂ ରାଜା ଚକ୍ଷୁରଚକ୍ଷୁଷାମ୍ ।
ରାଜା ପିତା ଚ ମାତା ଚ ସର୍ବେଷାଂ ନ୍ୟାୟବର୍ତିନାତ୍ ॥ ୩୭୯ ॥

ରାଜା ହେଉଛନ୍ତି ବନ୍ଧୁହୀନ ପ୍ରଜାଙ୍କର ବନ୍ଧୁ, ଚକ୍ଷୁହୀନ ଲୋକମାନଙ୍କର ଚକ୍ଷୁ; ନ୍ୟାୟମାର୍ଗରେ ଚଳୁଥିବା ଲୋକମାନଙ୍କ ପକ୍ଷରେ ରାଜା ହେଉଛନ୍ତି ମାତା ଓ ପିତା । ୩୭୯ ।

ଫଳାର୍ଥୀ ପାର୍ଥିବୋ ଲୋକାନ୍ ପାଳୟେଦ୍ୟତ୍ନମାଶ୍ରିତଃ ।
ଦାନମାନାଦିତୋୟେନ ମାଳାକାରୋଽଙ୍କୁରାନିବ ॥ ୩୮୦ ॥

ଫଳାଭିଳାଷୀ ମାଳୀ ଯେପରି ଜଳଦ୍ୱାରା ଯତ୍ନରେ ଅଙ୍କୁରମାନଙ୍କୁ ପାଳନ କରେ, ଫଳାଭିଳାଷୀ ରାଜା ସେହିପରି ଦାନସମ୍ମାନରୂପକ ଜଳଦ୍ୱାରା ପ୍ରଜାମାନଙ୍କୁ ଯତ୍ନରେ ପାଳନ କରିବା ଉଚିତ । ୩୮୦ ।

ଯଥା ବୀଜାଙ୍କୁରଃ ସୂକ୍ଷ୍ମଃ ପ୍ରଯତ୍ନେନାଭିରକ୍ଷିତଃ ।
ଫଳପ୍ରଦୋ ଭବେତ୍କାଳେ ତଦ୍‌ବଲ୍ଲୋକଃ ସୁରକ୍ଷିତଃ ॥ ୩୮୧ ॥

ଯେପରି କ୍ଷୁଦ୍ର ବୀଜାଙ୍କୁରକୁ ସୁରକ୍ଷା କଲେ ସମୟରେ ସେ ଫଳପ୍ରଦ ହୋଇଥାଏ, ସେହିପରି ସୁରକ୍ଷିତ ପ୍ରଜା ମଧ୍ୟ ସମୟରେ ଫଳଦାୟକ ହୋଇଥାନ୍ତି । ୩୮୧ ।

ହିରଣ୍ୟଧାନ୍ୟରତ୍ନାନି ଯାନାନି ବିବିଧାନି ଚ ।
ତଥାନ୍ୟଦପି ଯତ୍କିଞ୍ଚିତ୍‌ପ୍ରଜାଭ୍ୟଃ ସ୍ୟାନ୍ନୃପସ୍ୟ ତତ୍ ॥ ୩୮୨ ॥

ରାଜାଙ୍କର ସ୍ୱର୍ଣ୍ଣ, ଧାନ୍ୟ, ରତ୍ନ, ବିବିଧ ଯାନ ତଥା ଅନ୍ୟ ଯାହା କିଛି ଥାଏ, ସେସବୁ ରାଜା ପ୍ରଜାଙ୍କଠାରୁ ପ୍ରାପ୍ତ ହୋଇଥାନ୍ତି ।'' । ୩୮୨ ।

ଗରୁଡ଼ ଏହି କଥା ଶୁଣି ସେମାନଙ୍କ ଦୁଃଖରେ ଦୁଃଖିତ ଓ କୋପାବିଷ୍ଟ ହୋଇ ଚିନ୍ତା କଲେ, 'ଏହି ପକ୍ଷୀମାନେ ଯାହା କହିଲେ ତାହା ସତ୍ୟ । ତେଣୁ ଆଜି ଯାଇ ସମୁଦ୍ରକୁ ଶୁଖାଇଦେବି ।' ଏହିପରି ସେ ଚିନ୍ତା କରୁଥିବାବେଳେ ବିଷ୍ଣୁଙ୍କର ଦୂତ ଆସି କହିଲେ, ''ହେ ଗରୁଡ଼, ଭଗବାନ୍ ନାରାୟଣ ମୋତେ ତୁମ ପାଖକୁ ପଠାଇଅଛନ୍ତି । କୌଣସି ଦେବକାର୍ଯ୍ୟରେ ଭଗବାନ ନାରାୟଣ ଅମରାବତୀକୁ ଯିବେ । ଅତଏବ ଶୀଘ୍ର ଆସ ।'' ତାହା ଶୁଣି ଗରୁଡ଼ ଅଭିମାନପୂର୍ବକ କହିଲେ– ''ହେ ଦୂତ ! ମୋଭଳି ଅଧମ ଭୃତ୍ୟଦ୍ୱାରା ଭଗବାନ କଅଣ କରିବେ ? ତୁମେ ଯାଇ ମୋ ସ୍ଥାନରେ ଅନ୍ୟ ଭୃତ୍ୟ ବାହନରୂପେ ରଖିବାପାଇଁ ତାଙ୍କୁ କହିବ । ପ୍ରଭୁଙ୍କୁ ମୋର ନମସ୍କାର ଜଣାଇଦେବ । କଥିତ ଅଛି –

ଯୋ ନ ବେତ୍ତି ଗୁଣାନ୍ ଯସ୍ୟ ନ ତଂ ସେବେତ ପଣ୍ଡିତଃ ।
ନ ହି ତସ୍ମାତ୍ଫଳଂ କିଞ୍ଚିତ୍ସୁକୃଷ୍ଟାଦୂଷରାଦିବ ।। ୩୮୩ ।।

ଯିଏ ଅନ୍ୟର ଗୁଣକୁ ଚିହ୍ନିପାରେନାହିଁ, ବିଦ୍ୱାନ୍ ଲୋକ ତାକୁ ସେବାକରିବା ଉଚିତ ନୁହେଁ। ଊଷର ଭୂମିକୁ ଯେତେ କର୍ଷଣ କଲେହେଁ ତାହା ଯେପରି ଫଳ ଦିଏନାହିଁ, ସେହିପରି ଗୁଣ ଚିହ୍ନୁନଥିବା ଲୋକର ସେବାରୁ କିଛି ଫଳ ମିଳେନାହିଁ। ୩୮୩।

ଦୂତ କହିଲା, ''ହେ ବୈନତେୟ, ତୁମେ କେବେହେଲେ ଭଗବାନ୍ଙ୍କ ପ୍ରତି ଏପରି କଥା କହି ନଥିଲ। ତେଣୁ କହ, ଭଗବାନ୍ ତୁମକୁ କଅଣ ଅପମାନ କରିଅଛନ୍ତି ?'' ଗରୁଡ଼ କହିଲେ, ''ଭଗବାନଙ୍କର ଆଶ୍ରୟଭୂତ ସମୁଦ୍ର ଆମ ଟିଟ୍ଟିଭର ଡିମ୍ବଗୁଡ଼ିକ ଅପହରଣ କରିଅଛି। ତେଣୁ ଭଗବାନ ଯଦି ତାଙ୍କୁ ଦଣ୍ଡ ନ ଦିଅନ୍ତି, ତେବେ ମୁଁ ଆଉ ଭଗବାନଙ୍କର ଭୃତ୍ୟ ହେବି ନାହିଁ, ଏହା ମୋର ନିଶ୍ଚୟ ବୋଲି ଭଗବାନଙ୍କୁ ଜଣାଇଦେବ। ତୁମେ ଅତି ଶୀଘ୍ର ଯାଇ ଏହା ଭଗବାନଙ୍କ ଆଗରେ କହିଦେବା ଉଚିତ।''

ଅନନ୍ତର ଦୂତମୁଖରୁ ଗରୁଡ଼ ପ୍ରଣୟକୁପିତ ହୋଇଥିବାର ଜାଣିପାରି ଭଗବାନ ଚିନ୍ତା କଲେ– 'ଅହୋ ! ଗରୁଡ଼ଙ୍କର କ୍ରୋଧ ଯୁକ୍ତିଯୁକ୍ତ, ତେଣୁ ନିଜେ ଯାଇ ତାଙ୍କୁ ସମ୍ମାନସହକାରେ ନେଇଆସିବି। କଥିତ ଅଛି–

ଭକ୍ତଂ ଶକ୍ତଂ କୁଲୀନଂ ଚ ନ ଭୃତ୍ୟମପମାନୟେତ୍ ।
ପୁତ୍ରବଲ୍ଲାଲୟେନ୍ନିତ୍ୟଂ ଯ ଇଚ୍ଛେଚ୍ଛ୍ରିୟମାତ୍ମନଃ ।। ୩୮୪ ।।

ପ୍ରଭୁ ଯଦି ନିଜର କଲ୍ୟାଣ କାମନା କରୁଥାନ୍ତି, ତେବେ ଅନୁରକ୍ତ, ସମର୍ଥ ଓ କୁଲୀନ ଭୃତ୍ୟକୁ ଅବମାନନା କରିବା ଉଚିତ ନୁହେଁ; ବରଂ ତାକୁ ସର୍ବଦା ପୁତ୍ରବତ୍ ଲାଳନପାଳନ କରିବା ଉଚିତ। ୩୮୪। ପୁଣି–

ରାଜା ତୁଷ୍ଟୋଽପି ଭୃତ୍ୟାନାମର୍ଥମାତ୍ରଂ ପ୍ରୟଚ୍ଛତି ।
ତେ ତୁ ସଂମାନିତାସ୍ତସ୍ୟ ପ୍ରାଣୈରପ୍ୟୁପକୁର୍ବତେ ।। ୩୮୫ ।।

ରାଜା ସନ୍ତୁଷ୍ଟ ହେଲେ ଭୃତ୍ୟମାନଙ୍କୁ କେବଳ ଅର୍ଥ ଦେଇଥାନ୍ତି; କିନ୍ତୁ ଭୃତ୍ୟମାନେ ରାଜାଙ୍କଦ୍ୱାରା ସମ୍ମାନିତ ହେଲେ ନିଜର ପ୍ରାଣ ପର୍ଯ୍ୟନ୍ତ ଦେଇ ରାଜାଙ୍କର ଉପକାର କରିଥାନ୍ତି।'। ୩୮୫।

ଏହିପରି ବିଚାର କରି ଭଗବାନ ଅତିଶୀଘ୍ର ଗରୁଡ଼ଙ୍କ ନଗର ରୁକ୍ମପୁରକୁ ଯାଇ ଗରୁଡ଼ଙ୍କ ନିକଟରେ ପହଞ୍ଚିଲେ। ସ୍ୱୟଂ ଭଗବାନ ତାଙ୍କ ଗୃହକୁ ଆସିଥିବାର ଦେଖି ଗରୁଡ଼ ଅଧୋମୁଖ ହୋଇ ପ୍ରଣାମପୂର୍ବକ କହିଲେ, ''ଭଗବାନ୍, ସମୁଦ୍ର ଆପଣଙ୍କର ଆଶ୍ରୟ ପାଇ ଗର୍ବରେ ମୋର ଭୃତ୍ୟର ଡିମ୍ବ ଅପହରଣ କରି ମୋର ଅପମାନ କରିଛି। କେବଳ ଆପଣଙ୍କୁ ଭୟ କରି ମୁଁ ବିଳମ୍ବ କରିଅଛି; ନଚେତ୍ ଆଜି ତାକୁ କେବଳ ସ୍ଥଳ କରିଦେଇଥାନ୍ତି। କାରଣ ସ୍ୱାମୀଙ୍କ ଭୟରୁ ସ୍ୱାମୀଙ୍କ କୁକ୍କୁରକୁ ସୁଦ୍ଧା ପ୍ରହାର କରିହୁଏନାହିଁ। କଥିତ ଅଛି–

ଯେନ ସ୍ୟାଲ୍ଲଘୁତା ବାଥ ପୀଡ଼ା ଚିତ୍ତେ ପ୍ରଭୋଃ କ୍ୱଚିତ୍‌।
ପ୍ରାଣତ୍ୟାଗେଽପି ତତ୍‌କର୍ମ ନ କୁର୍ଯାଦ୍‌ କୁଳସେବକଃ ।। ୩୮୬ ।।

ଯେଉଁ କାର୍ଯ୍ୟଦ୍ୱାରା ସ୍ୱାମୀଙ୍କର ଅପମାନ ହେବ ଅଥବା ସ୍ୱାମୀଙ୍କ ମନରେ ସନ୍ତାପ ଜାତ ହେବ, କୁଳସେବକ ପ୍ରାଣତ୍ୟାଗ କଲେ ମଧ୍ୟ ସେପରି କାର୍ଯ୍ୟ କରିବା ଉଚିତ ନୁହେଁ।'' ।୩୮୬।

ତାହା ଶୁଣି ଭଗବାନ କହିଲେ, ''ହେ ବୈନତେୟ, ତୁମେ ଯାହା କହିଲ, ତାହା ଯଥାର୍ଥ। କଥିତ ଅଛି–

ଭୃତ୍ୟାପରାଧଜୋ ଦଣ୍ଡଃ ସ୍ୱାମିନୋ ଜାୟତେ ଯତଃ।
ତେନ ଲଜ୍ଜାପି ତସ୍ୟୈବ ନ ଭୃତ୍ୟସ୍ୟ ତଥା ପୁନଃ ।। ୩୮୭ ।।

ଯେହେତୁ ସେବକର ଅପରାଧ ହେତୁରୁ ସ୍ୱାମୀ ଦଣ୍ଡ ଭୋଗିଥାନ୍ତି, ତେଣୁ ଦଣ୍ଡଜନକ କାର୍ଯ୍ୟଯୋଗୁ ପ୍ରଭୁ ଯେତେ ଲଜ୍ଜା ପାଆନ୍ତି, ଭୃତ୍ୟ ସେତେ ପାଏନାହିଁ। ୩୮୭।

ଅତଏବ ଆସ, ଆଗେ ସମୁଦ୍ରଠାରୁ ଡିମ୍ବଗୁଡ଼ିକ ଫେରାଇ ଆଣି ଟିଟ୍ଟିଭକୁ ଦେଇ ସାନ୍ତ୍ୱନା ଦେବା; ତାହାପରେ ଅମରାବତୀକୁ ଯିବା।'' ଏହିପରି କରାଯିବାରୁ ଭଗବାନ ସମୁଦ୍ରକୁ ଭର୍ତ୍ସନା କଲେ ଓ ଆଗ୍ନେୟ ଶର ସନ୍ଧାନ କରି କହିଲେ, ''ରେ ଦୁରାତ୍ମା, ଟିଟ୍ଟିଭର ଡିମ୍ବଗୁଡ଼ିକ ଦେଇପକା; ନଚେତ୍‌ ତୋତେ ସ୍ଥଳରେ ପରିଣତ କରିଦେବି।'' ତହୁଁ ସମୁଦ୍ର ଭୟରେ ସେହି ଟିଟ୍ଟିଭର ଡିମ୍ବଗୁଡ଼ିକ ଆଣିଦେଲା। ଟିଟ୍ଟିଭ ସେଗୁଡ଼ିକୁ ନେଇ ନିଜର ଭାର୍ଯ୍ୟାକୁ ଦେଲା। ଏହି ହେତୁରୁ ମୁଁ କହୁଥିଲି– 'ଶତ୍ରୋର୍ବଳମବିଜ୍ଞାୟ. . .' ଇତ୍ୟାଦି। ଏହି ହେତୁରୁ ପୁରୁଷମାତ୍ରେ ଉଦ୍ୟମ ତ୍ୟାଗ କରିବା ଉଚିତ ନୁହେଁ।''

ତାହା ଶୁଣି ସଞ୍ଜୀବକ ପୁଣି ଦମନକକୁ ପଚାରିଲା, ''ହେ ମିତ୍ର! ଏତେକାଳ ହେଲା ପିଙ୍ଗଳକ ମୋତେ ପ୍ରସନ୍ନ-ଚକ୍ଷୁରେ ଦେଖିଆସିଅଛନ୍ତି; ଏବେ ସେ ମୋ ପ୍ରତି ଦୁଷ୍ଟବୁଦ୍ଧି ବୋଲି କିପରି ଜାଣିବି? ତେଣୁ ଆତ୍ମରକ୍ଷା ନିମନ୍ତେ ମୁଁ ତାର ବଧ ଉଦ୍ୟମ ଯେପରି କରିପାରିବି, ସେ କଥା କୁହ।''

ଦମନକ କହିଲା, ''ଭଦ୍ର, ଏଥିରେ ଜାଣିବାର କଥା କଅଣ ଅଛି? ତଥାପି ତୁମର ବିଶ୍ୱାସ ପାଇଁ କହୁଛି। ଯଦି ତୁମକୁ ଦେଖିଲାକ୍ଷଣି ସେ ଚକ୍ଷୁ ରକ୍ତବର୍ଣ୍ଣ କରି, ତ୍ରିଭଙ୍ଗୀରେ ଭ୍ରୂକୁଟୀ କରି, ଓଠର ଦୁଇ ପ୍ରାନ୍ତକୁ ଜିଭରେ ଚାଟିବ, ତେବେ ଜାଣିବ ଯେ ତାର ମନ୍ଦ ଅଭିପ୍ରାୟ ଅଛି; ଅନ୍ୟଥା ସେ ତୁମ ପ୍ରତି ପ୍ରସନ୍ନ ବୋଲି ଜାଣିବ। ଏବେ ମୋତେ ଆଦେଶ ଦିଅ, ନିଜ ଘରକୁ ଯାଏଁ। ଯେପରି ଆମର ଏ ମନ୍ତ୍ରଣା ପ୍ରକାଶ ନପାଏ, ତୁମେ ସେପରି କାର୍ଯ୍ୟ କରିବ। ଯଦି ଯିବାକୁ ଅଛି ତେବେ ସନ୍ଧ୍ୟାବେଳେ ଦେଶତ୍ୟାଗ କରି ଯିବା ଉଚିତ। କାରଣ–

ତ୍ୟଜେଦେକଂ କୁଳସ୍ୟାର୍ଥେ ଗ୍ରାମସ୍ୟାର୍ଥେ କୁଳଂ ତ୍ୟଜେତ୍‌।
ଗ୍ରାମଂ ଜନପଦସ୍ୟାର୍ଥେ ଆତ୍ମାର୍ଥେ ପୃଥିବୀଂ ତ୍ୟଜେତ୍‌ ।। ୩୮୮ ।।

କୁଳର ରକ୍ଷା ନିମନ୍ତେ ଏକ ବ୍ୟକ୍ତିକୁ ତ୍ୟାଗ କରିବ, ଗ୍ରାମବାସୀଙ୍କ ରକ୍ଷା ନିମନ୍ତେ କୁଳକୁ ତ୍ୟାଗ କରିବ, ଦେଶବାସୀଙ୍କ ରକ୍ଷା ନିମନ୍ତେ ଗ୍ରାମକୁ ତ୍ୟାଗ କରିବ ଓ ନିଜର ରକ୍ଷା ନିମନ୍ତେ ପୃଥିବୀକୁ ତ୍ୟାଗ କରିବ। ୩୮୮।

ଆପଦର୍ଥେ ଧନଂ ରକ୍ଷେଦ୍ଦାରାନ୍ ରକ୍ଷେଦ୍ଧନୈରପି।
ଆତ୍ମାନଂ ସତତଂ ରକ୍ଷେଦ୍ଦାରୈରପି ଧନୈରପି॥ ୩୮୯॥

ବିପତ୍ତିରୁ ରକ୍ଷାପାଇଁ ଧନ ରଖିବା ଉଚିତ, ଧନ ବିନିମୟରେ ସ୍ତ୍ରୀକୁ ରଖିବା ଉଚିତ, ପୁଣି ଧନ ଓ ସ୍ତ୍ରୀ ଉଭୟର ବିନିମୟରେ ନିଜକୁ ରଖିବା ଉଚିତ। ୩୮୯।

ଶକ୍ତିଶାଳୀ ଲୋକଦ୍ୱାରା ଆକ୍ରାନ୍ତ ହେଲେ ବିଦେଶ ଗମନ କରିବା ବା ଶତ୍ରୁର ଅଧୀନତା ସ୍ୱୀକାର କରିବା ହେଉଛି ନୀତି। ତେଣୁ ଏ ସମୟରେ ଦେଶ ପରିତ୍ୟାଗ କରିବା ଉଚିତ। ଅଥବା ସାମାଦି ଉପାୟଦ୍ୱାରା ନିଜକୁ ରକ୍ଷା କରିବାକୁ ହେବ। କଥିତ ଅଛି –

ଅପି ପୁତ୍ରକଳତ୍ରୈଶ୍ଚ ପ୍ରାଣାନ୍ ରକ୍ଷେତ ପଣ୍ଡିତଃ।
ବିଦ୍ୟମାନୈର୍ଯତସ୍ତୈଃ ସ୍ୟାତ୍ସର୍ବଂ ଭୂୟୋଽପି ଦେହିନାମ୍॥ ୩୯୦॥

ପଣ୍ଡିତ ଲୋକ ନିଜର ପୁତ୍ରକଳତ୍ର ପରିତ୍ୟାଗ କରି ଆପଣାର ପ୍ରାଣରକ୍ଷା କରିବା ବିଧେୟ; ପ୍ରାଣ ଥିଲେ ପୁତ୍ରକଳତ୍ରାଦି ପୁଣି ମିଳିପାରିବ। ୩୯୦। ପୁନଶ୍ଚ –

ଯେନ କେନାପ୍ୟୁପାୟେନ ଶୁଭେନାପ୍ୟଶୁଭେନ ବା।
ଉଦ୍ଧରେଦ୍ଦୀନମାତ୍ମାନଂ ସମର୍ଥୋ ଧର୍ମମାଚରେତ୍॥ ୩୯୧॥

ସଙ୍କଟରେ ପଡ଼ିଥିବା ବ୍ୟକ୍ତିର କର୍ତ୍ତବ୍ୟ ହେଉଛି, ଯେକୌଣସି ଉପାୟରେ – ଭଲ ଉପାୟରେ ହେଉ ବା ମନ୍ଦ ଉପାୟରେ ହେଉ – ନିଜକୁ ଉଦ୍ଧାର କରିବ। ପୁଣି ସାମର୍ଥ୍ୟ ଆସିଲେ ଧର୍ମାଚରଣ କରିବ। ୩୯୧।

ଯୋ ମାୟାଂ କୁରୁତେ ମୂଢ଼ଃ ପ୍ରାଣତ୍ୟାଗେ ଧନାଦିଷୁ।
ତସ୍ୟ ପ୍ରାଣାଃ ପ୍ରଣଶ୍ୟନ୍ତି ତୈର୍ନଷ୍ଟୈର୍ନଷ୍ଟମେବତତ୍॥ ୩୯୨॥

ଯେଉଁ ମୂଢ଼ ବ୍ୟକ୍ତି ପ୍ରାଣତ୍ୟାଗ ସମୟରେ ଧନ ପ୍ରଭୃତିରେ ମମତା ରଖେ, ତାର ପ୍ରାଣ ବିନଷ୍ଟ ହୁଏ ଓ ପ୍ରାଣର ବିନାଶ ହେଲେ ଧନ ପ୍ରଭୃତି ମଧ୍ୟ ନଷ୍ଟ ହୁଏ। ୩୯୨।

ଏହିପରି କହି ଦମନକ କରଟକ ନିକଟକୁ ଗଲା। କରଟକ ମଧ୍ୟ ତାହାକୁ ଆସୁଥିବାର ଦେଖି କହିଲା, ''ଭଦ୍ର, ସେଠାରେ ତୁମେ କଅଣ କରି ଆସିଲ ?''

ଦମନକ କହିଲା, ''ମୁଁ ଭେଦ-ନୀତିର ବୀଜ ରୋପଣ କରି ଆସିଛି। ଏହାପରେ ଯାହା ଘଟିବ, ତାହା ଦୈବାଧୀନ। ଆହୁରି ମଧ୍ୟ କଥିତ ଅଛି –

ପରାଙ୍ମୁଖେଽପି ଦୈବେଽତ୍ର କୃତ୍ୟଂ କାର୍ଯ୍ୟଂ ବିପଶ୍ଚିତା।
ଆତ୍ମଦୋଷବିନାଶାୟ ସ୍ୱଚିତ୍ତସ୍ତମ୍ଭନାୟ ଚ॥ ୩୯୩॥

ଏ ସଂସାରରେ ଦୈବ ପ୍ରତିକୂଳ ହେଲେ ମଧ୍ୟ ବିଦ୍ୱାନ୍ ଲୋକ ନିଜର ଦୋଷ-ବିନାଶ ନିମନ୍ତେ ଓ ନିଜର ମନକୁ ଦୃଢ଼ କରିବା ନିମନ୍ତେ କର୍ତ୍ତବ୍ୟ କର୍ମ କରିବା

ଉଚିତ।୩୯୩। ପୁଣି –

ଉଦ୍ୟୋଗିନଂ ପୁରୁଷସିଂହମୁପୈତି ଲକ୍ଷ୍ମୀ
ର୍ଦୈବଂ ହି ଦୈବମିତି କାପୁରୁଷା ବଦନ୍ତି।
ଦୈବଂ ନିହତ୍ୟ କୁରୁ ପୌରୁଷମାତ୍ମଶକ୍ତ୍ୟା
ଯତ୍ନେ କୃତେ ଯଦି ନ ସିଧ୍ୟତି କୋଽତ୍ର ଦୋଷଃ ।। ୩୯୪ ।।

ଉଦ୍‌ଯୋଗୀ ପୁରୁଷଶ୍ରେଷ୍ଠ ନିକଟକୁ ଲକ୍ଷ୍ମୀ ଆପେ ଆସିଥାନ୍ତି। 'ଦୈବହିଁ ଦୈବ' ଏହା କେବଳ କାପୁରୁଷମାନେ କହିଥାନ୍ତି। ଦୈବ ଉପରେ ନିର୍ଭର ନ ରଖି ନିଜର ଶକ୍ତି ଅନୁସାରେ ପୌରୁଷ କର। ଯତ୍ନ କଲେ ମଧ୍ୟ ଯଦି କାର୍ଯ୍ୟସାଧନ ନ ହୁଏ, ତେବେ ଉଦ୍ୟମରେ କିଛି ଦୋଷ ରହିଥିଲା ବୋଲି ବୁଝିବାକୁ ହେବ।୩୯୪।

କରଟକ କହିଲା, "ତେବେ କୁହ, କିପରି ତୁମେ ଭେଦ ନୀତିର ବୀଜ ରୋପଣ କରି ଆସିଛ?"

ଦମନକ କହିଲା, "ମୁଁ ସେ ଦୁହିଁଙ୍କ ମଧ୍ୟରେ ଅସତ୍ୟ କଥାଦ୍ୱାରା ଏପରି ଭେଦ ସୃଷ୍ଟି କରି ଆସିଛି ଯେ, ଏବେ ପୁଣି ସେ ଦୁହେଁ ଏକ ସ୍ଥାନରେ ବସି ପରାମର୍ଶ କରୁଥିବାର ତୁମେ ଆଉ ଦେଖିବ ନାହିଁ।"

କରଟକ କହିଲା, "ତୁମେ ସେହି ସ୍ନେହାର୍ଦ୍ର-ହୃଦୟ ଓ ସୁଖଭୋଗୀ ଦୁହିଁଙ୍କୁ କୋପ-ସାଗରରେ ପକାଇ ଦେଇ ଭଲ କାର୍ଯ୍ୟ କରିନାହଁ। କଥିତ ଅଛି –

ଅବିରୁଦ୍ଧଂ ସୁଖସ୍ଥଂ ଯୋ ଦୁଃଖମାର୍ଗେ ନିୟୋଜୟେତ୍।
ଜନ୍ମଜନ୍ମାନ୍ତରଂ ଦୁଃଖୀ ସ ନରଃ ସ୍ୟାଦସଂଶୟମ୍।। ୩୯୫ ।।

ଯିଏ ଅବିରୋଧୀ ଓ ସୁଖରେ ଥିବା ଲୋକକୁ ଦୁଃଖମାର୍ଗରେ ପକାଇଦିଏ, ସେ ଜନ୍ମଜନ୍ମାନ୍ତରରେ ଦୁଃଖଭୋଗ କରେ, ଏଥିରେ ସଂଶୟ ନାହିଁ।୩୯୫।

ଅପରନ୍ତୁ ତୁମେ ଯେ କେବଳ ଭେଦ ସୃଷ୍ଟି କରିଦେଇ ସନ୍ତୁଷ୍ଟ ହୋଇ ରହିଛ, ତାହା ଯୁକ୍ତିଯୁକ୍ତ ନୁହେଁ। କାରଣ ବିରୋଧ ଜନ୍ମାଇବାରେ ସମସ୍ତେ ସମର୍ଥ ହୁଅନ୍ତି; ଉପକାର କରିବାକୁ କେହି ସମର୍ଥ ହୁଅନ୍ତି ନାହିଁ। କଥିତ ଅଛି –

ଘାତୟିତୁମେବ ନୀଚଃ ପରକାର୍ଯ୍ୟଂ ବେତ୍ତି ନ ପ୍ରସାଧୟିତୁମ୍।
ପାତୟିତୁମସ୍ତି ଶକ୍ତିର୍ବାୟୋର୍ବୃକ୍ଷଂ ନ ଚୋନ୍ନମିତୁମ୍।। ୩୯୬।।

ନୀଚ ଲୋକ ପରକାର୍ଯ୍ୟକୁ ନଷ୍ଟ କରିବାକୁ ଜାଣେ; କିନ୍ତୁ ସାଧନ କରିବାକୁ ଜାଣେ ନାହିଁ। ବୃକ୍ଷକୁ ଭୂପତିତ କରିବା ପାଇଁ ବାୟୁର ସିନା ଶକ୍ତି ଅଛି; କିନ୍ତୁ ଭୂପତିତ ବୃକ୍ଷକୁ ଉନ୍ନତ କରିବାର ଶକ୍ତି ନାହିଁ।"।୩୯୬।

ଦମନକ କହିଲା, "ତୁମେ ନୀତିଶାସ୍ତ୍ରରେ ଅନଭିଜ୍ଞ; ସେଥିପାଇଁ ଏପରି କହୁଛ। ଯେହେତୁ କଥିତ ଅଛି –

ଜାତମାତ୍ରଂ ନ ଯଃ ଶତ୍ରୁଂ ବ୍ୟାଧିଂ ଚ ପ୍ରଶମଂ ନୟେତ୍।
ମହାବଳୋଽପି ତେନୈବ ବୃଦ୍ଧିଂ ପ୍ରାପ୍ୟ ସ ହନ୍ୟତେ।। ୩୯୭ ।।

ଶତ୍ରୁ ଓ ବ୍ୟାଧି ଜାତ ହେଲାମାତ୍ରେ ଏମାନଙ୍କୁ ଯେ ବିନାଶ ନ କରେ, ସେ ମହାଶକ୍ତିଶାଳୀ ହୋଇଥିଲେ ମଧ୍ୟ ଏମାନେ ବୃଦ୍ଧି ପାଇ ତାହାର ବିନାଶ ସାଧନ କରନ୍ତି । ୩୯୭ ।

ଏ ସଞ୍ଜୀବକ ଆମର ମନ୍ତ୍ରୀପଦ ଅପହରଣ କରିଥିବାରୁ ଆମର ଶତ୍ରୁ ହୋଇଅଛି । କଥିତ ଅଛି –

ପିତୃପୈତାମହଂ ସ୍ଥାନଂ ଯୋ ଯସ୍ୟାତ୍ର ଜିଗୀଷତି ।
ସ ତସ୍ୟ ସହଜଃ ଶତ୍ରୁରୁଚ୍ଛେଦ୍ୟୋଽପି ପ୍ରିୟେ ସ୍ଥିତଃ ।। ୩୯୮ ।।

ଏ ସଂସାରରେ ଯିଏ ଯାହାର ପିତୃପିତାମହଙ୍କ ସ୍ଥାନକୁ ହରଣ କରିବାକୁ ଇଚ୍ଛା କରେ, ସେ ପ୍ରିୟ ହୋଇଥିଲେ ମଧ୍ୟ ସ୍ୱାଭାବିକ ଶତ୍ରୁ ଅଟେ ଓ ତାକୁ ଉଚ୍ଛେଦ କରିବା ଉଚିତ । ୩୯୮ ।

ମୁଁ ରାଗଦ୍ୱେଷହୀନ ଭାବରେ ତାକୁ ଅଣାଇ, ଅଭୟ ପ୍ରଦାନ କରିଥିଲି; କିନ୍ତୁ ସେ ମୋତେ ମନ୍ତ୍ରିତ୍ୱରୁ ବିତାଡ଼ିତ କରିଛି । ଅଥବା ଯଥାର୍ଥରେ କୁହାଯାଇଅଛି –

ଦଦ୍ୟାତ୍ସାଧୁର୍ଯଦି ନିଜପଦେ ଦୁର୍ଜନାୟ ପ୍ରବେଶଂ,
ତନ୍ନାଶାୟ ପ୍ରଭବତି ତତୋ ବାଞ୍ଛମାନଃ ସ୍ୱୟଂ ସଃ ।
ତସ୍ମାଦ୍ଦେୟୋ ବିପୁଳମତିଭିର୍ନାବକାଶୋଽଧମାନାଂ,
ଜାରୋଽପି ସ୍ୟାଦ୍ ଗୃହପତିରିତି ଶ୍ରୂୟତେ ବାକ୍ୟତୋଽୟମ୍ ।। ୩୯୯ ।।

ଯଦି କୌଣସି ସାଧୁ ଲୋକ ନିଜ ସ୍ଥାନରେ କୌଣସି ଦୁର୍ଜନକୁ ପ୍ରବେଶ କରାଏ, ତେବେ ସେହି ଦୁଷ୍ଟ ଲୋକ ତାହା ବିନାଶ କରି ସ୍ୱୟଂ ସେହି ସାଧୁଲୋକର ପଦ ଅଧିକାର କରିବାକୁ କାମନା କରେ । ଏଣୁ ବୁଦ୍ଧିମାନ୍ ଲୋକର କର୍ତ୍ତବ୍ୟ ହେଉଛି; ଏପରି ଅଧମ ଲୋକକୁ ପ୍ରବେଶ କରିବାର ଅଧିକାର ଦେବ ନାହିଁ । କଥା ଅଛି ଯେ, ଉପପତି ମଧ୍ୟ ସମୟରେ ଗୃହପତି ହୋଇଯାଇଥାଏ । ୩୯୯ ।

ଏହି ହେତୁରୁ ମୁଁ ସଞ୍ଜୀବକର ବଧୋପାୟ ସ୍ଥିର କରିଅଛି । ଯଦି ତାର ବଧ ସାଧିତ ନ ହୁଏ, ତେବେ ସେ ଦେଶତ୍ୟାଗ କରିବ । ଏହି ଷଡ଼ଯନ୍ତ୍ର ବିଷୟ ତୁମ ଛଡ଼ା ଅନ୍ୟ କେହି ଯେପରି ନ ଜାଣନ୍ତି । ମୁଁ ତୁମର ସ୍ୱାର୍ଥ ନିମନ୍ତେ ଯାହା କରିଛି, ତାହା ଉପଯୁକ୍ତ । କାରଣ କଥିତ ଅଛି –

ନିସ୍ତ୍ରିଂଶଂ ହୃଦୟଂ କୃତ୍ୱା ବାଣୀମିକ୍ଷୁରସୋପମାମ୍ ।
ବିକଳ୍ପୋଽତ୍ର ନ କର୍ତ୍ତବ୍ୟୋ ହନ୍ୟାଦେବାପକାରିଣମ୍ ।। ୪୦୦ ।।

ହୃଦୟକୁ ତରବାରି ପରି କଠୋର, କଥାକୁ ଇକ୍ଷୁରସ ପରି ମଧୁର କରି ନିଜର ଅପକାରୀକୁ ବଧ କରିବ; ଏଥିରେ କୌଣସି ଦ୍ୱିଧା କରିବ ନାହିଁ । ୪୦୦ ।

ଆହୁରି ସେ ମଲେ ଆମର ଭୋଜ୍ୟ ହେବ । ତେଣୁ ପ୍ରଥମେ ବୈରସାଧନ, ଦ୍ୱିତୀୟତଃ ମନ୍ତ୍ରୀପଦପ୍ରାପ୍ତି ଓ ପରିଶେଷରେ ଭୋଜନରେ ତୃପ୍ତି ହେବ । ଅତଏବ ଏପରି ତିନୋଟି ଲାଭ ଉପସ୍ଥିତ ହେଉଥିଲେହେଁ ବୁଦ୍ଧିହୀନତା ହେତୁରୁ ତୁମେ ମୋ ଉପରେ ଦୋଷାରୋପ କରୁଛ । କଥିତ ଅଛି –

ପରସ୍ୟ ପୀଡ଼ନଂ କୁର୍ବନ୍ ସ୍ୱାର୍ଥସିଦ୍ଧିଂ ଚ ପଣ୍ଡିତଃ ।
ଗୂଢ଼ବୁଦ୍ଧିର୍ନ ଲକ୍ଷ୍ୟେତ ବନେ ଚତୁରକୋ ଯଥା ।। ୪୦୧ ।।

ପଣ୍ଡିତ ଲୋକ ଶତ୍ରୁକୁ ପୀଡ଼ା ଦେଇ ମଧ୍ୟ ନିଜର ସ୍ୱାର୍ଥସିଦ୍ଧି କରିଥାନ୍ତି; ମାତ୍ର ଧରାପଡ଼ନ୍ତି ନାହିଁ– ଯେପରି ବନରେ ଚତୁରକ ନାମକ ଶୃଗାଳଯୋଗୁଁ ମୂଢ଼ବୁଦ୍ଧି ଲୋକେ ମଧ୍ୟ ନିଜର ଆହାର ଖାଇପାରିଥିଲେ । ୪୦୧ ।

କରଟକ ପଚାରିଲା – ସେ ଚତୁରକ କଥା କଅଣ ? ଦମନକ କହିବାକୁ ଲାଗିଲା –

ସିଂହ-ଶୃଗାଳଶିଶୁ କଥା

କୌଣସି ବନପ୍ରଦେଶରେ ବଜ୍ରଦଂଷ୍ଟ୍ର ନାମରେ ଗୋଟିଏ ସିଂହ ବାସକରୁଥିଲା । ତାହାର ଚତୁରକ ନାମକ ଏକ ଶୃଗାଳ ଓ ଦ୍ରବ୍ୟମୁଖ ନାମକ ଏକ (ବୃକ) ହେଟାବାଘ ଭୃତ୍ୟରୂପେ ରହି ସର୍ବଦା ତାହାର ଅନୁଗତ ହୋଇ ସେହି ବନରେ ବାସକରୁଥିଲେ । ଦିନେ ପ୍ରସବବେଦନାରେ ଯୂଥଭ୍ରଷ୍ଟ ଓ ଆସନ୍ନ-ପ୍ରସବା ଗୋଟିଏ ଉଷ୍ଟ୍ରୀକୁ ସେହି ସିଂହ ଗଭୀର ବନ ମଧ୍ୟରେ ଦେଖିଲା । ସିଂହ ତାହାକୁ ବଧ କରି ତାର ଉଦରକୁ ଚିରିଦେଲାବେଳକୁ ସେଥିରୁ ଗୋଟିଏ ଜୀବନ୍ତ ଉଷ୍ଟ୍ର ଶାବକ ବାହାରିଲା । ଉଷ୍ଟ୍ରୀର ମାଂସରେ ପରିବାର ସହିତ ସିଂହ ତୃପ୍ତିଲାଭ କଲା; କିନ୍ତୁ ସ୍ନେହବଶତଃ ସେହି ଉଷ୍ଟ୍ର ଶାବକକୁ ଗୃହକୁ ଆଣି ତାକୁ କହିଲା– ବତ୍ସ, ତୋର ମୋଠାରୁ ବା ଅନ୍ୟ କାହାଠାରୁ ମୃତ୍ୟୁଭୟ ରହିବ ନାହିଁ; ତେଣୁ ତୁ ସ୍ୱେଚ୍ଛାରେ ଏହି ବନ ମଧ୍ୟରେ ଭ୍ରମଣ କର । ତୋର କର୍ଣ୍ଣ ଦୁଇଟି ଶଙ୍କୁ (କିଲା) ପରି ହୋଇଥିବାରୁ ତୋର ନାମ ହେବ ଶଙ୍କୁକର୍ଣ୍ଣ ।'' ଏହିପରି ସ୍ଥିର ହୁଅନ୍ତେ ଚାରିହେଁଯାକ ଏକ ସ୍ଥାନରେ ରହି ପରସ୍ପର ଗୋଷ୍ଠୀସୁଖ ଅନୁଭବ କରି ବାସକରିବାକୁ ଲାଗିଲେ । ଶଙ୍କୁକର୍ଣ୍ଣ ମଧ୍ୟ ଯୌବନ ଅବସ୍ଥାରେ ଉପନୀତ ହୋଇ କ୍ଷଣକ ନିମନ୍ତେ ସିଂହକୁ ଛାଡ଼ି ରହି ପାରୁ ନଥିଲା ।

ଅନନ୍ତର ଏକଦା କୌଣସି ମତ୍ତଗଜ ସହିତ ବଜ୍ରଦଂଷ୍ଟ୍ରର ଯୁଦ୍ଧ ହେଲା । ମଦବୀର୍ଯ୍ୟ ହେତୁରୁ ହସ୍ତୀ ଦନ୍ତପ୍ରହାରରେ ସିଂହର ଶରୀରକୁ କ୍ଷତବିକ୍ଷତ କରିଦେଲା; ତେଣୁ ସେ ଚଳପ୍ରଚଳ ହେବାକୁ ଅକ୍ଷମ ହୋଇପଡ଼ିଲା । ତହୁଁ ସେ କ୍ଷୁଧାରେ ଶୁଷ୍କକଣ୍ଠ ହୋଇ ଅନ୍ୟମାନଙ୍କୁ କହିଲା, ''ତୁମେମାନେ କୌଣସି ଜୀବର ଅନ୍ୱେଷଣ କର । ତାହାହେଲେ ମୁଁ ଏପରି ଅବସ୍ଥାରେ ପଡ଼ିଥିଲେହେଁ ତାହାକୁ ବଧ କରି ମୋର ଓ ତୁମମାନଙ୍କର କ୍ଷୁଧାର ଉପଶମ କରିପାରିବି ।'' ତାହା ଶୁଣି ସେ ତିନିହେଁଯାକ ସନ୍ଧ୍ୟାବେଳ ପର୍ଯ୍ୟନ୍ତ ବନରେ ବୁଲିଲେ; କିନ୍ତୁ କୌଣସି ଜୀବ ଦେଖିପାରିଲେ ନାହିଁ । ତହୁଁ ଚତୁରକ ମନେ ମନେ ଚିନ୍ତା କଲା– 'ଯଦି ଏହି ଶଙ୍କୁକର୍ଣ୍ଣକୁ ବଧ କରାଯାଏ, ତେବେ ସମସ୍ତଙ୍କର କିଛିଦିନ ପାଇଁ ତୃପ୍ତି ହୋଇଯାନ୍ତା । କିନ୍ତୁ ସ୍ୱାମୀ ଏହାକୁ ମିତ୍ରତା ହେତୁରୁ ଆଶ୍ରୟ ଦାନ କରିଥିବାରୁ ବିନାଶ କରିବେ ନାହିଁ । ଅଥବା ନିଜର ବୁଦ୍ଧି ପ୍ରଭାବରେ ସ୍ୱାମୀଙ୍କୁ ବୁଝାଇ ଦେଇ ଏପରି କରିବି ଯେ ସ୍ୱାମୀ ତାକୁ ବଧ କରିବେ । କଥିତ ଅଛି –

ଅବଧ୍ୟଂ ଚାଥବାଗମ୍ୟମକୃତ୍ୟଂ ନାସ୍ତିକିଞ୍ଚନ।
ଲୋକେ ବୁଦ୍ଧିମତାଂ ବୁଦ୍ଧେସ୍ତସ୍ମାତ୍ତାଂ ବିନିଯୋଜୟେତ୍ ।। ୪୦୨ ।।

ସଂସାରରେ ଏପରି କିଛି ନାହିଁ, ଯାହାକି ବୁଦ୍ଧିମାନ୍‌ର ବୁଦ୍ଧିପକ୍ଷରେ ଅବାଧ, ଅଗମ୍ୟ ବା ଅକୃତ। ତେଣୁ ବୁଦ୍ଧିର ଉପଯୋଗ କରିବାକୁ ହେବ। ୪୦୨।

ଏହିପରି ବିଚାରି ସେ ଶଙ୍କୁକର୍ଣ୍ଣକୁ କହିଲା, ‘‘ହେ ଶଙ୍କୁକର୍ଣ୍ଣ, ପଥ୍ୟ ନ ପାଇ ସ୍ୱାମୀ କ୍ଷୁଧାରେ ପୀଡ଼ିତ। ସ୍ୱାମୀଙ୍କ ଅଭାବରେ ଆମମାନଙ୍କର ବିନାଶ ନିଶ୍ଚିତ। ତେଣୁ ସ୍ୱାମୀଙ୍କ ପାଇଁ କିଛି କହିବି, ଶୁଣ।’’ ଶଙ୍କୁକର୍ଣ୍ଣ କହିଲା, ‘‘ଶୀଘ୍ର କୁହ, ଯେପରିକି ମୁଁ ତୁମ କଥା ଅନୁସାରେ ବିନା ଦ୍ୱିଧାରେ କାର୍ଯ୍ୟ କରିବି। ପରନ୍ତୁ, ସ୍ୱାମୀଙ୍କର ମଙ୍ଗଳ କରିବା ହେତୁ ମୋର ଶତପୁଣ୍ୟ ହେବ।’’ ତହୁଁ ଚତୁରକ କହିଲା, ‘‘ହେ ଭଦ୍ର, ତୁମେ ଦୁଇଗୁଣ ଲାଭରେ ନିଜ ଶରୀର ସ୍ୱାମୀଙ୍କୁ ଋଣ ଦିଅ। ଏହା ଫଳରେ ତୁମର ଶରୀର ଦୁଇଗୁଣ ହୋଇଯିବ; ସ୍ୱାମୀଙ୍କର ମଧ୍ୟ ପ୍ରାଣରକ୍ଷା ହେବ।’’ ତାହା ଶୁଣି ଶଙ୍କୁକର୍ଣ୍ଣ କହିଲା, ‘‘ଭଦ୍ର, ଯଦି ତାହା ହୁଏ, ମୋର ମଧ୍ୟ ତାହା ପ୍ରୟୋଜନ ବୋଲି କୁହ। ସ୍ୱାମୀଙ୍କ କାର୍ଯ୍ୟ କର; କିନ୍ତୁ ଏଥିରେ ଧର୍ମହିଁ ସାକ୍ଷୀ।’’

ଏହିପରି ବିଚାର କରି ସେମାନେ ସମସ୍ତେ ସିଂହ ନିକଟକୁ ଗଲେ। ଚତୁରକ କହିଲା, ‘‘ପ୍ରଭୁ, କୌଣସି ଜୀବ ମିଳିଲା ନାହିଁ। ସୂର୍ଯ୍ୟ ମଧ୍ୟ ଅସ୍ତ ହୋଇଗଲେଣି। ତେଣୁ ଯଦି ଆପଣ ଦୁଇଗୁଣ ଶରୀର ଦେବେ, ତାହାହେଲେ ଏହି ଶଙ୍କୁକର୍ଣ୍ଣ ଦୁଇଗୁଣ ଲାଭରେ ନିଜର ଶରୀର ଦେବ; ଏଥିରେ ଧର୍ମ ସାକ୍ଷୀ ରହିବେ।’’

ସିଂହ କହିଲା, ‘‘ଯଦି ଏହା ହୁଏ ତେବେ ଅତି ସୁନ୍ଦର କଥା। ଏ ବ୍ୟବସାୟରେ ଧର୍ମ ସାକ୍ଷୀ ରହନ୍ତୁ।’’ ସିଂହ ଏହି କଥା କହିବା ପରେ ବୃକ ଓ ଶୃଗାଳ ଶଙ୍କୁକର୍ଣ୍ଣର ଉଭୟ କୁକ୍ଷି ବିଦୀର୍ଣ୍ଣ କରିପକାଇବାରୁ ସେ ପ୍ରାଣତ୍ୟାଗ କଲା।

ଏହାପରେ ବଜ୍ରଦଂଷ୍ଟ୍ର ଚତୁରକକୁ କହିଲା, ‘‘ହେ ଚତୁରକ, ମୁଁ ନଦୀକୁ ଯାଇ ସ୍ନାନ ଓ ଦେବାର୍ଚ୍ଚନ ସାରି ଆସୁଛି। ସେ ପର୍ଯ୍ୟନ୍ତ ତୁମେ ଏଠାରେ ସାବଧାନ ହୋଇ ରହିଥିବ।’’ ଏହା କହି ସିଂହ ନଦୀକୁ ଚାଲିଗଲା।

ସେ ଯିବାପରେ ଚତୁରକ ବିଚାର କଲା, ‘‘ଏ ଉଷ୍ଟ୍ର କିପରି ଏକାକୀ ମୋର ଆହାର ହେବ!’’ ଏହିପରି ବିଚାର କରି ଦ୍ରବ୍ୟମୁଖକୁ କହିଲା, ‘‘ହେ ଦ୍ରବ୍ୟମୁଖ, ତୁମେ କ୍ଷୁଧାର୍ତ୍ତ। ତେଣୁ ସ୍ୱାମୀ ନଦୀରୁ ଫେରିଆସିବାଯାଏ ତୁମେ ଏହି ଉଷ୍ଟ୍ରର ମାଂସକୁ ଖାଉଥାଅ। ତୁମେ ନିର୍ଦ୍ଦୋଷ ବୋଲି ସ୍ୱାମୀଙ୍କ ଆଗରେ ମୁଁ ପ୍ରମାଣ କରିଦେବି।’’

ଏହା ଶୁଣି ଦ୍ରବ୍ୟମୁଖ କିଛି ମାଂସ ଆହାର କରନ୍ତେ ଚତୁରକ କହିଲା, ‘‘ହେ ଦ୍ରବ୍ୟମୁଖ, ସ୍ୱାମୀ ଆସୁଛନ୍ତି। ତେଣୁ ମାଂସକୁ ଛାଡ଼ିଦେଇ ଦୂରରେ ରହ, ଯେପରିକି ତାଙ୍କର କିଛି ସନ୍ଦେହ ନ ହୁଏ।’’ ଦ୍ରବ୍ୟମୁଖ ତାହାହିଁ କଲା।

ସିଂହ ଆସି ଯେତେବେଳେ ଉଷ୍ଟ୍ର ଆଡ଼କୁ ଚାହିଁଲା, ସେତେବେଳେ ଦେଖିଲା ଯେ ତାର କଲିଜା ନାହିଁ। ତହୁଁ ସେ ଭ୍ରୂକୁଟୀ ପ୍ରକାଶ କରି କ୍ରୁଦ୍ଧସ୍ୱରରେ କହିଲା, ‘‘ଆହୋ, କିଏ ଉଷ୍ଟ୍ରକୁ ଉଚ୍ଛିଷ୍ଟ କଲା? ତାକୁ ମୁଁ ଆଗେ ମାରିବି।’’ ସିଂହ ଏହା

କହିବାରୁ, ଦ୍ରବ୍ୟମୁଖ ଚତୁରକର ମୁହଁ ଆଡ଼କୁ ଚାହିଁଲା। ସିଂହ କହିଲା, "କୁହ, କିଏ ଖାଇଛି? ତାକୁ ବଧ କଲେ ମୋର ଟିକିଏ ଶାନ୍ତି ଆସିବ।"

ତହୁଁ ଚତୁରକ ହସି ହସି କହିଲା, "ଆରେ, ମୋ କଥା ନ ମାନି ମାଂସ ଖାଇ ଏବେ ମୋ ମୁହଁକୁ ଅନାଉଛୁ କାହିଁକି? ଏବେ ତୋର ଅନ୍ୟାୟ ଆଚରଣରୂପକ ବୃକ୍ଷର ଫଳ ଭୋଗ କର।" ଏହା ଶୁଣି ଦ୍ରବ୍ୟମୁଖ ନିଜର ପ୍ରାଣନାଶ ଭୟରେ ଦୂର ସ୍ଥାନକୁ ପଳାଇଗଲା।

ଏହି ସମୟରେ ସେହି ବାଟେ ଗୋଟିଏ ଉଷ୍ଟ୍ରଦଳ ଭାର ବୋହି ଯାଉଥିଲେ। ସେମାନଙ୍କ ପୁରୋବର୍ତ୍ତୀ ଉଷ୍ଟ୍ରର ଗଳାରେ ଗୋଟିଏ ବୃହତ୍ ଘଣ୍ଟି ବନ୍ଧା ହୋଇଥିଲା। ଦୂରରୁ ଏହାର ଶବ୍ଦ ଶୁଣିପାରି ସିଂହ ଶୃଗାଳକୁ କହିଲା, "ଏପରି ଅଶ୍ରୁତପୂର୍ବ କି ଭୀଷଣ ଶବ୍ଦ ଶୁଣାଯାଉଅଛି, ଯାଇ ବୁଝି ଆସ।"

ଏହା ଶୁଣି ଚତୁରକ ବନଭିତରକୁ କିଛିଦୂର ଯାଇ ଶୀଘ୍ର ଫେରିଆସି କହିଲା, "ପ୍ରଭୁ, ଯଦି ଯିବାର ଶକ୍ତି ଥାଏ, ତେବେ ପଳାନ୍ତୁ, ପଳାନ୍ତୁ।"

ସିଂହ କହିଲା, "ମୋତେ ଏପରି ବ୍ୟାକୁଳ କରୁଛ କାହିଁକି? କହ, ସେ ଶବ୍ଦ କଅଣ?"

ଶୃଗାଳ କହିଲା, "ଦେବ, ଯମରାଜ ଆପଣଙ୍କ ଉପରେ କୋପାନ୍ୱିତ ହୋଇ କହିଛନ୍ତି– 'ସେ ସିଂହ ମୋର ଉଷ୍ଟ୍ରକୁ ଅକାଳରେ ବଧ କରିଅଛି। ତେଣୁ ମୁଁ ସେ ସିଂହ ଉପରେ ପ୍ରତିଶୋଧ ନେବି।' ଏହା ସର କରି ସେ ଅନେକ ଉଷ୍ଟ୍ର ଆଣି, ଆଗ ଉଷ୍ଟ୍ରର ଗଳାରେ ବୃହତ୍ ଘଣ୍ଟି ବାନ୍ଧି ଏବଂ ମୃତ ଉଷ୍ଟ୍ରର ପିତୃପିତାମହ ପ୍ରଭୃତିଙ୍କୁ ସଙ୍ଗରେ ଘେନି ବୈରପ୍ରତିଶୋଧ ନେବାକୁ ଆସିଲେଣି।"

ସିଂହ ଏକଥା ଶୁଣି ଚାରିଆଡ଼େ ଦୂରକୁ ଅନାଇ ମୃତ ଉଷ୍ଟ୍ରକୁ ଛାଡ଼ି ପ୍ରାଣଭୟରେ ପଳାଇଗଲା। ଚତୁରକ ଧୀରେ ଧୀରେ ସେହି ଉଷ୍ଟ୍ରର ମାଂସ ଭୋଜନ କଲା। ଏହି ହେତୁରୁ ମୁଁ କହୁଥିଲି– 'ପଣ୍ଡିତ ଲୋକ ଶତ୍ରୁକୁ ପୀଡ଼ା ଦେଇଥାନ୍ତି ଓ ନିଜର ସ୍ୱାର୍ଥ ସିଦ୍ଧି କରିଥାନ୍ତି . . .' ଇତ୍ୟାଦି।

ଅଗମ୍ୟାନ୍ ଯଃ ପୁମାନ୍ ଯାତି ଅସେବ୍ୟାଂଶ୍ଚ ନିଷେବତେ।
ସ ମୃତ୍ୟୁମୁପଗୃହ୍ଣାତି ଗର୍ଭମଶ୍ୱତରୀ ଯଥା।। ୪୦୩।।

ଯେଉଁ ଲୋକ ଅଗମ୍ୟ ନିକଟକୁ ଯାଏ, ଅସେବ୍ୟକୁ ସେବା କରେ, ସେ ଅଶ୍ୱତରୀ ଗର୍ଭ ଧାରଣ କରି ନିଜର ମୃତ୍ୟୁକୁ ବରଣ କଲାପରି ନିଜର ମୃତ୍ୟୁକୁ ବରଣ କରେ। ୪୦୩।

ଏବେ କଅଣ କରିବି? କୁଆଡ଼େ ଯିବି? କିପରି ମୋର ଶାନ୍ତି ହେବ? ଅଥବା ସେହି ପିଙ୍ଗଳକ ପାଖକୁ ଯିବି? କେଜାଣି ସେ ମୋତେ ଶରଣାଗତ ଦେଖି ରକ୍ଷା କରିବ, ମୋର ପ୍ରାଣନାଶ କରିବ ନାହିଁ। କାରଣ କଥିତ ଅଛି–

ଧର୍ମାର୍ଥଂ ଯଯତାମପୀହ ବିପଦୋ ଦୈବାଦ୍ୟଦି ସ୍ୟୁଃ କ୍ୱଚିଦ୍
ତତ୍ତାସାମୁପଶାନ୍ତୟେ ସୁମତିଭିଃ କାର୍ଯ୍ୟା ବିଶେଷାନ୍ନୟଃ।

ଲୋକେ ଖ୍ୟାତିମୁପାଗତାତ୍ର ସକଳେ ଲୋକୋକ୍ତିରେଷା ଯତୋ,
ଦଗ୍‌ଧାନାଂ କିଲ ବହ୍ନିନା ହିତକରଃ ସେକୋଽପି ତସ୍ୟୋଦ୍‌ଭବଃ ।। ୪୦୪ ।

ଧର୍ମାଚରଣ କରୁଥିବା ଲୋକମାନଙ୍କର ଯଦି ଦୈବାତ୍ କେବେ ବିପଦ ଉପସ୍ଥିତ ହୁଏ, ତେବେ ବୁଦ୍ଧିମାନ୍ ଲୋକେ ସେହି ବିପଦ ଉପଶମ ନିମିତ୍ତ ବିଶେଷ ନୀତି ଅବଲମ୍ବନ କରିଥାନ୍ତି। ଏ ସମଗ୍ର ଜଗତରେ ଗୋଟିଏ ଲୋକୋକ୍ତି ଖ୍ୟାତି ଲାଭ କରିଛି ଯେ ଅଗ୍ନିଦ୍ୱାରା ଦଗ୍ଧ ଅଙ୍ଗ ଉପରେ ସେହି ଅଗ୍ନିର ସେକ ଉପକାର କରିଥାଏ । ୪୦୪ । ପୁଣି –

ଲୋକେଽଥବା ତନୁଭୃତାଂ ନିଜକର୍ମପାକଂ,
ନିତ୍ୟଂ ସମାଶ୍ରିତବତାଂ ବିହିତପ୍ରିୟାଣାମ୍ ।
ଭାବାର୍ଜିତଂ ଶୁଭମଥାପ୍ୟଶୁଭଂ ନିକାମଂ,
ଯଦ୍‌ଭାବି ତଦ୍‌ଭବତି ନାତ୍ର ବିଚାରହେତୁଃ ।। ୪୦୫ ।।

ଏ ସଂସାରରେ ଶରୀରଧାରୀମାନେ ନିତ୍ୟ ଯେଉଁ ସବୁ କାର୍ଯ୍ୟ କରିଥାନ୍ତି, ସେ ସବୁର ଫଳ ସେମାନେ ଭୋଗ କରିଥାନ୍ତି। ନିଜ କର୍ମରୁ ଯେଉଁ ଶୁଭ ବା ଅଶୁଭ ଫଳ ହୁଏ, ଯାହା ଅବଶ୍ୟମ୍ଭାବୀ ତାହା ଅବଶ୍ୟ ହେବ। ଏଥିରେ ଭାବିବା ଚିନ୍ତିବା ଆବଶ୍ୟକ ନାହିଁ। ୪୦୫ ।

ପୁଣି ଏଠାରୁ ଅନ୍ୟତ୍ର ଚାଲିଗଲେ ମଧ୍ୟ କୌଣସି ଦୁଷ୍ଟ ମାଂସାଶୀ ପ୍ରାଣୀଦ୍ୱାରା ମୋର ମୃତ୍ୟୁ ହେବ। ତାହା ଅପେକ୍ଷା ସିଂହ ହାତରେ ମରିବା ଶ୍ରେୟସ୍କର। କଥିତ ଅଛି –

ମହଦ୍ଭିଃ ସ୍ପର୍ଦ୍ଧମାନସ୍ୟ ବିପଦେବ ଗରୀୟସୀ ।
ଦନ୍ତଭଙ୍ଗୋଽପି ନାଗାନାଂ ଶ୍ଳାଘ୍ୟୋ ଗିରିବିଦାରଣେ ।। ୪୦୬ ।।

ମହାପୁରୁଷଙ୍କ ସଙ୍ଗେ ବିରୋଧ କରି ଯଦି ବିପଦରେ ପଡ଼ିବାକୁ ହୁଏ, ତେବେ ସେ ବିପଦ ଗୌରବମୟ ବିଷୟ। ପର୍ବତକୁ ବିଦାରଣ କରୁ କରୁ ହସ୍ତୀର ଦନ୍ତଭଙ୍ଗ ହେଲେ ମଧ୍ୟ ତାହା ପ୍ରଶଂସାର କଥା । ୪୦୬। ପୁଣି –

ମହତୋଽପି କ୍ଷୟଂ ଲବ୍‌ଧ୍ୱା ଶ୍ଳାଘାଂ ନୀଚୋଽପି ଗଚ୍ଛତି ।
ଦାନାର୍ଥୀ ମଧୁପୋ ଯଦ୍‌ବଦ୍ ଗଜକର୍ଣସମାହତଃ ।। ୪୦୭ ।।

ମଦବାରି ପାନ କରିବାକୁ ଯାଇ ଭ୍ରମର ଗଜର କର୍ଣ୍ଣଦ୍ୱାରା ଆହତ ହେଲେ ମଧ୍ୟ ସେ ପ୍ରଶଂସାଭାଜନ ହେଲାପରି ମହାପୁରୁଷଙ୍କ ଦ୍ୱାରା ଅଧମ ପ୍ରାଣୀର ବିନାଶ ହେଲେ ସୁଦ୍ଧା ତାହା ଶ୍ଳାଘାର ବିଷୟ। ୪୦୭ ।

ଏହିପରି ସ୍ଥିର କରି ସଞ୍ଜୀବକ ସ୍ଖଳିତ ପଦରେ ଧୀରେ ଧୀରେ ଯାଇ ସିଂହର ବାସସ୍ଥାନକୁ ଦେଖି କହିଲା, "ଅହୋ, ଯଥାର୍ଥରେ କୁହାଯାଇଛି –

ଅନ୍ତର୍ଲୀନଭୁଜଙ୍ଗମଂ ଗୃହମିବ ବ୍ୟାଳାକୁଳଂ ବା ବନଂ,
ଗ୍ରାହାକୀର୍ଣମିବାଭିରାମକମଳଚ୍ଛାୟାସନାଥଂ ସରଃ ।

ନିତ୍ୟଂ ଦୁଷ୍ଟଜନୈରସତ୍ୟବଚ଼ନାସକ୍ତୈରନାର୍ଯ୍ୟୈର୍ବୃତଂ,
ଦୁଃଖେନ ପ୍ରତିଗମ୍ୟତେ ପ୍ରଚ଼କିତୈ ରାଜ୍ଞାଂ ଗୃହଂ ବାର୍ଦ୍ଧିବତ୍ ।। ୪୦୮ ।।

ନାନା ଦୁଷ୍ଟ, ମିଥ୍ୟାବାଦୀ, ଅନାର୍ଯ୍ୟ ଲୋକଙ୍କ ଦ୍ୱାରା ପରିବେଷ୍ଟିତ ରାଜଗୃହ ଅଭ୍ୟନ୍ତର ସର୍ପଲୁକ୍‌କାୟିତ ଗୃହତୁଲ୍ୟ, ଅଗ୍ନି-ପରିବ୍ୟାପ୍ତ ବନତୁଲ୍ୟ, କୁମ୍ଭୀରପରିପୂର୍ଣ୍ଣ ଓ ମନୋହର କମଳସମାଚ୍ଛନ୍ନ ଜଳାଶୟତୁଲ୍ୟ ଅଟେ। ରାଜଭବନରୂପୀ ସାଗରକୁ ଅତି ଦୁଃଖରେ ଓ ଆଶଙ୍କାରେ ଯିବା ଉଚ଼ିତ।'' । ୪୦୮ ।

ଏହିପରି କହି ଦମନକ ପିଙ୍ଗଳକର ଯେପରି ଆକାର କହିଥିଲା, ସେହିପରି ଆକାର ଦେଖି ସଞ୍ଜୀବକ ଚକିତ ହୋଇ ନିଜ ଶରୀରକୁ ସଂଯତ ରଖି ପ୍ରଣାମ ନ କରି ଦୂରରେ ବସିଲା। ପିଙ୍ଗଳକ ମଧ ତାହାକୁ ଏପରି ଦେଖି, ଦମନକ କଥାରେ ଆସ୍ଥା ରଖି କ୍ରୋଧରେ ତାହାକୁ ଆକ୍ରମଣ କଲା। ସିଂହର ତୀକ୍ଷ୍ଣ ନଖରେ ସଞ୍ଜୀବକର ପୃଷ୍ଠଦେଶ ବିଦୀର୍ଣ୍ଣ ହୋଇଗଲା। ସେ ତାର ଶୃଙ୍ଗଦ୍ୱୟରେ ପିଙ୍ଗଳକର ଉଦରକୁ କ୍ଷତବିକ୍ଷତ କରି କୌଣସିକ୍ରମେ ତାହାଠାରୁ କିଛିଦୂର ଚାଲିଗଲା ଓ ପୁଣି ଶୃଙ୍ଗଦ୍ୱାରା ତାକୁ ବଧ କରିବା ଇଚ୍ଛାରେ ଯୁଦ୍ଧ ନିମନ୍ତେ ଛିଡ଼ାହେଲା।

ତହୁଁ ପ୍ରସ୍ଫୁଟିତ ପଳାଶସଦୃଶ ଦୁହେଁ ପରସ୍ପରର ବଧପାଇଁ ଇଚ୍ଛା କରୁଥିବାର ଦେଖି କରଟକ ଦମନକକୁ କହିଲା, ''ରେ ଦୁଷ୍ଟବୁଦ୍ଧି, ଏ ଦୁହିଁଙ୍କ ଭିତରେ ବିରୋଧ ସୃଷ୍ଟି କରି ତୁ ଭଲ କାମ କରିନାହୁଁ; ତୁ ନୀତିର ସାରତତ୍ତ୍ୱ ଜାଣିନାହୁଁ। ନୀତିଜ୍ଞମାନେ କହିଅଛନ୍ତି –

କାର୍ଯ୍ୟାଣ୍ୟୁତ୍ତମଦଣ୍ଡସାହସଫଳାନ୍ୟାୟାସସାଧ୍ୟାନି ଯେ,
ପ୍ରୀତ୍ୟା ସଂଶମୟନ୍ତି ନୀତିକୁଶଳାଃ ସାମ୍ନୈବ ତେ ମନ୍ତ୍ରିଣଃ।
ନିଃସାରାଳ୍ପଫଳାନି ଯେ ତ୍ୱବିଧିନା ବାଞ୍ଛନ୍ତି ଦଣ୍ଡୋଦ୍ୟମୈ-
ସ୍ତେଷାଂ ଦୁର୍ନୟଚେଷ୍ଟିତୈର୍ନରପତେରାରୋପ୍ୟତେ ଶ୍ରୀସ୍ତୁଳାମ୍ ।। ୪୦୯ ।।

ଯେଉଁମାନେ କ୍ଳେଶସାଧ୍ୟ ପ୍ରବଳ ଯୁଦ୍ଧ ଓ ସାହସର ଫଳସ୍ୱରୂପ କାର୍ଯ୍ୟକୁ ସାମନୀତିଦ୍ୱାରା ପ୍ରୀତିରେ ଉପଶମ କରିପାରନ୍ତି, ସେମାନେ ଯଥାର୍ଥ ମନ୍ତ୍ରୀ। ଯେଉଁମାନେ ଅସାର ଓ ସାମାନ୍ୟ ଫଳଦାୟକ କାର୍ଯ୍ୟ ପୂରଣ କରିବାଲାଗି ଅନ୍ୟାୟ ଭେଦନୀତି ଓ ଦଣ୍ଡନୀତିର ଆଶ୍ରୟ ନିଅନ୍ତି, ସେମାନେ ରାଜଲକ୍ଷ୍ମୀକୁ ସନ୍ଦେହରୂପକ ଦୋଳାରେ ଦୋଦୁଲ୍ୟମାନ କରନ୍ତି। ୪୦୯ ।

ତେଣୁ ଯଦି ସ୍ୱାମୀଙ୍କର ବିନାଶ ଘଟେ, ତେବେ ତୁମ ଭେଦବୁଦ୍ଧିର କି ପ୍ରୟୋଜନ? ପୁଣି ଯଦି ସେ ସଞ୍ଜୀବକକୁ ବଧ କରି ନ ପାରନ୍ତି, ତେବେ ତାହା ମଧ ଅମଙ୍ଗଳକର। କାରଣ ସ୍ୱାମୀଙ୍କର ଜୀବନରେ ସନ୍ଦେହ ଥିବାସ୍ଥଳେ ସେ ବଧର ଯୋଗ୍ୟ। ଏଣୁ ରେ ମୂର୍ଖ, ଯେତେବେଳେ ସାମ-ନୀତିଦ୍ୱାରା କାର୍ଯ୍ୟ ସିଦ୍ଧି କରି ଜାଣୁନା, ସେତେବେଳେ ତୋ'ଭଳି ଯୁଦ୍ଧପାଇଁ ଇଚ୍ଛୁକ ଲୋକପକ୍ଷରେ ମନ୍ତ୍ରୀପଦ ଅଭିଳାଷ କରିବା ବୃଥା। କୁହାଯାଇଅଛି –

ସାମାଦିର୍ଦ୍ଦଣ୍ଡପର୍ଯ୍ୟନ୍ତୋ ନୟଃ ପ୍ରୋକ୍ତଃ ସ୍ୱୟମ୍ଭୁବା।
ତେଷାଂ ଦଣ୍ଡସ୍ତୁ ପାପୀୟାଂସ୍ତଂ ପଶ୍ଚାଦ୍‌ବିନିଯୋଜୟେତ୍ ।। ୪୧୦ ।।

ବ୍ରହ୍ମା ସାମଠାରୁ ଆରମ୍ଭ କରି ଦଣ୍ଡ ପର୍ଯ୍ୟନ୍ତ (ସାମ, ଦାନ, ·ଭେଦ, ଦଣ୍ଡ) ଯେଉଁ ନୀତିମାନ କହିଯାଇଛନ୍ତି, ସେମାନଙ୍କ ମଧ୍ୟରେ ଦଣ୍ଡନୀତି ହେଉଛି ସବୁଠାରୁ ଅଧମ। ତେଣୁ ଅନ୍ୟ ସମସ୍ତ ନୀତି ଶେଷରେ (ଅନ୍ୟ ତିନି ନୀତି ବ୍ୟର୍ଥ ହେଲେ) ତାକୁ ପ୍ରୟୋଗ କରିବା ବିଧେୟ।୪୧୦। ପୁଣି –

ସାମ୍ନୈବ ଯତ୍ର ସିଦ୍ଧିର୍ନତତ୍ର ଦଣ୍ଡୋ ବୁଧେନ ବିନିୟୋଜ୍ୟଃ।
ପିତ୍ତଂ ଯଦି ଶର୍କରୟା ଶାମ୍ୟତି କୋଽର୍ଥଃ ପଟୋଲେନ।। ୪୧୧ ।।

ଯେଉଁଠାରେ ସାମ ନୀତିଦ୍ୱାରା କାର୍ଯ୍ୟ ସିଦ୍ଧ ହୋଇପାରିବ, ସେଠାରେ ବୁଦ୍ଧିମାନ୍ ଲୋକ ଦଣ୍ଡ (ଯୁଦ୍ଧ) ନୀତି ବ୍ୟବହାର କରିବା ଉଚିତ ନୁହେଁ। ଯଦି ଶର୍କରାଦ୍ୱାରା ପିତ୍ତର ଉପଶମ ହୁଏ, ତେବେ ସେଥିପାଇଁ ପଟୋଳ ଦେବାର କି ପ୍ରୟୋଜନ? ।୪୧୧। ପୁଣି –

ଆଦୌ ସାମ ପ୍ରୟୋକ୍ତବ୍ୟଂ ପୁରୁଷେଣ ବିଜାନତା।
ସାମସାଧ୍ୟାନି କାର୍ଯ୍ୟାଣି ବିକ୍ରିୟାଂ ଯାନ୍ତି ନ କ୍ୱଚିତ୍।। ୪୧୨ ।।

ନୀତିଜ୍ଞ ପୁରୁଷର କର୍ତ୍ତବ୍ୟ ହେଉଛି ଯେ, ସେ ପ୍ରଥମେ ସାମନୀତି ପ୍ରୟୋଗ କରିବ। ସାମନୀତିଦ୍ୱାରା ସମ୍ପନ୍ନ କାର୍ଯ୍ୟ କେବେହେଲେ ବିଫଳ ହୁଏ ନାହିଁ।୪୧୨।

ନ ଚନ୍ଦ୍ରେଣ ନ ଚୌଷଧ୍ୟା ନ ସୂର୍ଯ୍ୟେଣ ନ ବହ୍ନିନା।
ସାମ୍ନୈବ ବିଲୟଂ ଯାତି ବିଦ୍ୱେଷିପ୍ରଭବଂ ତମଃ।। ୪୧୩।।

ବିଦ୍ୱେଷ ହେତୁରୁ ଯେଉଁ ଅନ୍ଧକାର ଜାତ ହୁଏ, ତାହା ସାମ ନୀତିରେ ଦୂର ହୋଇପାରେ; ଚନ୍ଦ୍ରଦ୍ୱାରା ହୁଏ ନାହିଁ ଔଷଧିଦ୍ୱାରା ହୁଏ ନାହିଁ, ସୂର୍ଯ୍ୟଙ୍କଦ୍ୱାରା ହୁଏ ନାହିଁ କି ଅଗ୍ନିଦ୍ୱାରା ହୁଏ ନାହିଁ।୪୧୩।

ତୁ ଯେ ମନ୍ତ୍ରୀପଦ ପାଇବାକୁ ଅଭିଳାଷ କରୁଛୁ, ତା ମଧ୍ୟ ଅନ୍ୟାୟ; କାରଣ ତୁ ମନ୍ତ୍ରୀର କର୍ତ୍ତବ୍ୟ ଜାଣୁନା। ମନ୍ତ୍ର ହେଉଛି ପାଞ୍ଚ ପ୍ରକାର– (୧) କାର୍ଯ୍ୟ ଆରମ୍ଭ କରିବାର ଉପାୟ, (୨) କର୍ମଚାରୀମାନଙ୍କ ପାଇଁ ଦ୍ରବ୍ୟ ଓ ଧନ, (୩) ଦେଶ,-କାଳ-ପାତ୍ର ଅନୁସାରେ ସମାଦି ନୀତିର ପ୍ରୟୋଗ, (୪) କାର୍ଯ୍ୟସାଧନ ପଥରେ ଉପସ୍ଥିତ ବିଘ୍ନର ଦୂରୀକରଣ ଓ (୫) ଉଦ୍ଦିଷ୍ଟ କର୍ମକୁ ଉତ୍ତମରୂପେ ସାଧନ କରିବା। ବର୍ତ୍ତମାନ ରାଜା ପିଙ୍ଗଳକ ଓ ଅମାତ୍ୟ ସଞ୍ଜୀବକ ମଧ୍ୟରୁ କୌଣସି ଜଣଙ୍କର ଅଥବା ଉଭୟଙ୍କର ମୃତ୍ୟୁକାଳ ଉପସ୍ଥିତ। ତେଣୁ ଯଦି ତୋଠାରେ କିଛି ଶକ୍ତି ଥାଏ, ତେବେ ଏହି ସଙ୍କଟ ଦୂର କରିବାର ଉଦ୍ୟମ କର। ଶତ୍ରୁ ସହିତ ସନ୍ଧି କରାଇବାରେହିଁ ମନ୍ତ୍ରୀମାନଙ୍କର ବୁଦ୍ଧି ପରୀକ୍ଷା ହୋଇଥାଏ। ରେ ମୂର୍ଖ, ତୁ ତାହା କରାଇବାକୁ ଅକ୍ଷମ କାରଣ ତୋର ବୁଦ୍ଧି ବିପରୀତ। କୁହାଯାଇଛି –

ମନ୍ତ୍ରିଣାଂ ଭିନ୍ନସନ୍ଧାନେ ଭିଷଜାଂ ସାନ୍ନିପାତିକେ।
କର୍ମଣି ବ୍ୟଜ୍ୟତେ ପ୍ରଜ୍ଞା ସ୍ୱସ୍ଥେ କୋ ବା ନ ପଣ୍ଡିତଃ।। ୪୧୪ ।।

ଶତ୍ରୁ ସହିତ ମିଳନ ଘଟାଇବାରେ ବା ସନ୍ଧି କରିବାରେ ମନ୍ତ୍ରୀମାନଙ୍କର ଓ ସନ୍ନିପାତ ରୋଗରେ ଚିକିତ୍ସକଙ୍କର ବୁଦ୍ଧି ପରୀକ୍ଷା ହୁଏ। ସ୍ୱାଭାବିକ ଅବସ୍ଥାରେ କିଏ

ଅବା ପଣ୍ଡିତ ନୁହେଁ?।୪୧୪। ପୁଣି –

ଘାତୟିତୁମେବ ନୀଚ଼ଃ ପରକାର୍ଯ୍ୟଂ ବେତ୍ତି ନ ପ୍ରସାଧାୟିତୁମ୍।
ପାତୟିତୁମେବ ଶକ୍ତିର୍ନାଖୋରୁଦ୍ଧର୍ତ୍ତୁମନ୍ନପିଟକମ୍।। ୪୧୫ ।।

ନୀଚ଼ ଲୋକ ପରକାର୍ଯ୍ୟ ନଷ୍ଟ କରିବାକୁ ଜାଣେ; ସାଧନ କରିବାକୁ ଜାଣେନାହିଁ। ଭାତ ରଖାଯିବା ପାତ୍ରକୁ ତଳେ ପକାଇଦେବାର ଶକ୍ତି ମୂଷିକଠାରେ ଅଛି; କିନ୍ତୁ ଉଠାଇ ଆଣି ରଖିବାର ଶକ୍ତି ନାହିଁ।୪୧୫।

ଅଥବା ଏଥିରେ ତୋର ଦୋଷ ନାହିଁ; ଦୋଷ ସ୍ୱାମୀଙ୍କର; କାରଣ ସେ ତୋତେ ବିଶ୍ୱାସ କରୁଅଛନ୍ତି।

ନରାଧିପା ନୀଚ଼ଜନାନୁବର୍ତ୍ତିନୋ, ବୁଧୋପଦିଷ୍ଟେନ ପଥା ନ ଯାନ୍ତି ଯେ।
ବିଶନ୍ତି ତେ ଦୁର୍ଗମମାର୍ଗନିର୍ଗମଂ, ସପତ୍ନସମ୍ବାଧମନର୍ଥପଞ୍ଜରମ୍।। ୪୧୬ ।।

ଯେଉଁ ରାଜାମାନେ ନୀଚ଼ ଲୋକମାନଙ୍କ ମନ୍ତ୍ରଣା ଅନୁସାରେ କାର୍ଯ୍ୟ କରନ୍ତି, ସେମାନେ ନୀତିଜ୍ଞମାନଙ୍କଦ୍ୱାରା ଉପଦିଷ୍ଟ ପନ୍ଥାରେ ଯାଆନ୍ତି ନାହିଁ। ତେଣୁ ସେମାନେ ଦୁର୍ଗମ ପଥରେ ଯାଇ ସକଳପ୍ରକାର ଅନର୍ଥରୂପକ ପିଞ୍ଜରାରେ ପ୍ରବେଶ କରନ୍ତି; କିନ୍ତୁ ସେଥିରୁ ବାହାରିବାର ପଥ ପାଆନ୍ତି ନାହିଁ।୪୧୬।

ତେଣୁ ତୁ ଯଦି ଏହାଙ୍କର ମନ୍ତ୍ରୀ ହେବୁ, ତେବେ ଅନ୍ୟ କେହି ସାଧୁ ଲୋକ ତାଙ୍କ ପାଖକୁ ଯିବେନାହିଁ। କଥିତ ଅଛି –

ଗୁଣାଲୟୋଽପ୍ୟସନ୍ମନ୍ତ୍ରୀ ନୃପତିର୍ନାଧିଗମ୍ୟତେ।
ପ୍ରସନ୍ନସ୍ୱାଦୁସଲିଲୋ ଦୁଷ୍ଟଗ୍ରାହୋ ଯଥା ହ୍ରଦଃ।। ୪୧୭ ।।

ପୁଣି ସାଧୁଜନବିରହିତ ସ୍ୱାମୀଙ୍କର ମଧ୍ୟ ବିନାଶ ଘଟିଥାଏ। କଥିତ ଅଛି –

ଚିତ୍ରାସ୍ୱାଦକଥୈର୍ଭୃତ୍ୟୈରନାୟାସିତକାର୍ମୁକୈଃ।
ଯେ ରମନ୍ତେ ନୃପାସ୍ତେଷାଂ ରମନ୍ତେ ରିପବଃ ଶ୍ରିୟମ୍।। ୪୧୮ ।।

ଯେଉଁମାନେ ବିଚିତ୍ର ଓ ମଧୁର କଥା କହନ୍ତି; କିନ୍ତୁ ସମୟରେ ଧନୁରେ ଶରସନ୍ଧାନ କରିପାରନ୍ତି ନାହିଁ, ସେଭଳି ଭୃତ୍ୟମାନଙ୍କ ସହିତ ଯେଉଁ ରାଜାମାନେ ବିହାର କରନ୍ତି, ସେମାନଙ୍କର ରାଜଲକ୍ଷ୍ମୀ ଶତ୍ରୁମାନଙ୍କ ସହିତ ବିହାର କରନ୍ତି। ଅର୍ଥାତ୍ ଶତ୍ରୁମାନେ ତାଙ୍କ ରାଜ୍ୟ ଅପହରଣ କରିନିଅନ୍ତି।୪୧୮।

ନାନାମ୍ୟଂ ନମତେ ଦାରୁ ନାଶ୍ମନି ସ୍ୟାତ୍‌କ୍ଷୁରକ୍ରିୟା।
ସୂଚ଼ୀମୁଖ ! ବିଜାନୀହି ନାଶିଷ୍ୟାୟୋପଦିଶ୍ୟତେ।। ୪୧୯ ।।

ଆନତ ହୋଇ ନଥିବା ଦାରୁ ନତ ହୁଏ ନାହିଁ, ପ୍ରସ୍ତର ଉପରେ କ୍ଷୌରକର୍ମ କରିହୁଏ ନାହିଁ; ସେହିପରି ଅଯୋଗ୍ୟ ଶିଷ୍ୟକୁ ଉପଦେଶ ଦିଆଯାଇ ନ ପାରେ। ସୂଚ଼ୀମୁଖ ହେଉଛି ଏହାର ନିଦର୍ଶନ।''।୪୧୯।

ଦମନକ କହିଲା, ''ସେ ସୂଚ଼ୀମୁଖ କଥା କଅଣ?'' କରଟକ କହିବାକୁ ଲାଗିଲା –

ସୂଚୀମୁଖ ଓ ବାନରଯୂଥ କଥା

କୌଣସି ପର୍ବତର ଏକ ଦେଶରେ ଗୋଟିଏ ବାନରଯୂଥ ଥିଲେ। ଏକଦା ହେମନ୍ତକାଳରେ ଅତି ଶୀତଳ ବାୟୁସ୍ପର୍ଶରେ ସେମାନଙ୍କର ଶରୀର କମ୍ପିବାକୁ ଲାଗିଲା; ତୁଷାରବୃଷ୍ଟିତୁଲ୍ୟ ମୁଷଳ ଧାରାରେ ଜଳବୃଷ୍ଟି ହେତୁରୁ ସେମାନେ କୌଣସି ପ୍ରକାରେ ଶାନ୍ତି ପାଇପାରିଲେ ନାହିଁ। କେତେକ ବାନର ଅଗ୍ନିକଣା ସଦୃଶ କାଇଞ୍ଚ ସଂଗ୍ରହ କରି ନିଆଁ ପାଇବା ଆଶାରେ ସେଗୁଡ଼ିକୁ ଫୁଙ୍କିବାକୁ ଲାଗିଲେ।

ସେମାନଙ୍କର ଏହି ବୃଥା ପ୍ରୟାସ ଦେଖି ସୂଚୀମୁଖ ନାମକ ଗୋଟିଏ ପକ୍ଷୀ ସେମାନଙ୍କୁ କହିଲା, "ତୁମେ ସବୁ ମୂର୍ଖ। ଏଗୁଡ଼ିକ ଅଗ୍ନିକଣା ନୁହେଁ। ଏଗୁଡ଼ିକ ହେଉଛି ଗୁଞ୍ଜାଫଳ। ତେଣୁ ବୃଥା ପରିଶ୍ରମ କରି କି ଫଳ? ଏହାଦ୍ୱାରା ଶୀତରୁ ରକ୍ଷା ମିଳିପାରିବ ନାହିଁ; ତେଣୁ କୌଣସି ବାୟୁପ୍ରବାହଶୂନ୍ୟ ବନପ୍ରଦେଶ, ଗୁହା ବା ଗିରିକନ୍ଦରର ସନ୍ଧାନ କର। ଏବେ ମଧ୍ୟ ଘନ ଘୋର ମେଘ ଦେଖାଯାଉଅଛି।" ତହୁଁ ସେମାନଙ୍କ ମଧ୍ୟରୁ ଗୋଟିଏ ବୃଦ୍ଧ ବାନର ତାକୁ କହିଲା, "ରେ ମୂର୍ଖ, ତୋର ଏ ବିଷୟରେ କି ପ୍ରୟୋଜନ? ଯା' ତୁ ଚାଲିଯା।" କଥିତ ଅଛି—

ମୁହୁର୍ବିଘ୍ନିତକର୍ମାଣଂ ଦ୍ୟୁତକାରଂ ପରାଜିତମ୍।
ନାଳାପୟେଦ୍ୱିବେକଜ୍ଞୋ ଯଦୀଚ୍ଛେତ୍ସିଦ୍ଧିମାତ୍ମନଃ॥ ୪୨୦॥

କୌଣସି କାର୍ଯ୍ୟରେ ଯିଏ ବାରମ୍ବାର ବିଫଳ ହେଉଥାଏ ଓ ଯିଏ ଦ୍ୟୁତକ୍ରୀଡ଼ାରେ ପରାଜିତ ହୋଇଥାଏ— ଏ ଦୁହିଁଙ୍କ ସଙ୍ଗରେ ନିଜର ମଙ୍ଗଳକାମୀ ବୁଦ୍ଧିମାନ୍ ଲୋକ ବାର୍ତ୍ତାଳାପ କରିବ ନାହିଁ। ୪୨୦।

ଆଖେଟକଂ ବୃଥା କ୍ଳେଶଂ ମୂର୍ଖଂ ବ୍ୟସନସଂସ୍ଥିତମ୍।
ଆଳାପୟତି ଯୋ ମୂଢ଼ଃ ସ ଗଚ୍ଛତି ପରାଭବମ୍॥ ୪୨୧॥

ଆହୁରି ମଧ୍ୟ— ଯେଉଁ ମୂଢ଼ ବ୍ୟକ୍ତି ଶିକାରୀ ସହିତ, ବୃଥା ପରିଶ୍ରମ କରୁଥିବା ଲୋକ ସହିତ, ମୂର୍ଖ ସହିତ ଓ ବ୍ୟସନୀ ଲୋକ ସହିତ ବାର୍ତ୍ତାଳାପ କରେ, ସେ ପରାଭବ ପାଇଥାଏ। ୪୨୧।

ସେ (ସୂଚୀମୁଖ) ବୃଦ୍ଧ ବାନରର କଥାକୁ ନ ଶୁଣି ବାରମ୍ବାର ବାନରମାନଙ୍କୁ କହିବାକୁ ଲାଗିଲା, "ଆହେ, ବୃଥା ପରିଶ୍ରମ କରୁଛ କାହିଁକି?" ଯେତେବେଳେ ଏହିପରି କହିବାରୁ ସେ ବିରତ ହେଲାନାହିଁ, ସେତେବେଳେ ବୃଥା ଶ୍ରମରେ କୁପିତ ହୋଇଥିବା ଗୋଟିଏ ବାନର ତାହାର ଦୁଇ ଡେଣାକୁ ଧରି ପଥର ଉପରେ ପିଟି ଦେବାରୁ ସେ ମରିଗଲା। ଏହି ହେତୁରୁ ମୁଁ କହୁଥିଲି, 'ଆନତ ହୋଇ ନଥିବା ଦାରୁ ନତ ହୁଏ ନାହିଁ ' ଇତ୍ୟାଦି—

ଉପଦେଶୋ ହି ମୂର୍ଖାଣାଂ ପ୍ରକୋପାୟ ନ ଶାନ୍ତୟେ।
ପୟଃପାନଂ ଭୁଜଙ୍ଗାନାଂ କେବଳଂ ବିଷବର୍ଧନମ୍॥ ୪୨୨॥

ଆହୁରି ମଧ୍ୟ ମୂର୍ଖମାନଙ୍କୁ ଉପଦେଶ ଦେଲେ କେବଳ ସେମାନଙ୍କର ପ୍ରକୋପ ବୃଦ୍ଧିପାଏ, ଶାନ୍ତ ହୁଏ ନାହିଁ। ସର୍ପକୁ ଦୁଗ୍ଧପାନ କରାଇବାଦ୍ୱାରା କେବଳ ତାର ବିଷର ବୃଦ୍ଧି ହୋଇଥାଏ। ୪୨୨। ଆହୁରି –

ଉପଦେଶୋ ନ ଦାତବ୍ୟୋ ଯାଦୃଶେ ତାଦୃଶେ ଜନେ।
ପଶ୍ୟ ବାନରମୂର୍ଖେଣ ସୁଗୃହୀ ନିର୍ଗୃହୀ କୃତଃ।। ୪୨୩।।

ଯେପରି ଇଚ୍ଛା ସେପରି ଲୋକକୁ ଉପଦେଶ ଦେବା ଉଚିତ ନୁହେଁ। ଦେଖ, ମୂର୍ଖ ବାନର ଏକ ଉତ୍ତମ ଗୃହସ୍ଥଙ୍କୁ ଗୃହହୀନ କରିଦେଇଥିଲା। ୪୨୩।

ଦମନକ ପଚାରିଲା – ''କିପରି ?''

କରଟକ କହିବାକୁ ଲାଗିଲା –

ବାନର-ଚଟକ-ଦମ୍ପତୀ କଥା

କୌଣସି ବନପ୍ରଦେଶରେ ଗୋଟିଏ ଶମୀବୃକ୍ଷ ଥିଲା। ତାହାର ଏକ ଦୀର୍ଘଶାଖାରେ ନୀଡ଼ ନିର୍ମାଣ କରି ବନ୍ୟ ଚଟକଦମ୍ପତୀ ବାସକରୁଥିଲେ। ସେ ଦୁହେଁ ନିଜ ନୀଡ଼ ମଧ୍ୟରେ ସୁଖରେ ରହିଥିବା ସମୟରେ ଶୀତକାଳରେ ମେଘ ଧୀରେ ଧୀରେ ବର୍ଷିବାକୁ ଆରମ୍ଭ କଲା। ଏଥିମଧ୍ୟରେ ଗୋଟିଏ ବାନର ପବନ ଓ ବର୍ଷାରେ ପୀଡ଼ିତ ହୋଇ ସେହି ବୃକ୍ଷମୂଳରେ ବସିଲା। ତାର ଶରୀର ଧୂଳିରେ ଧୂସର ହୋଇଥିଲା; ଶୀତ ହେତୁ ତାର ଦନ୍ତପଙ୍କ୍ତି ପରସ୍ପର ବାଜି ବୀଣାପରି ଶବ୍ଦ କରୁଥିଲା, ଶରୀର କମ୍ପୁଥିଲା। ତାହାର ଏପରି ଅବସ୍ଥା ଦେଖି ଚଟକା କହିଲା –

ହସ୍ତପାଦ ସମାୟୁକ୍ତୋ ଦୃଶ୍ୟସେ ପୁରୁଷାକୃତିଃ।
ଶୀତେନ ଭିଦ୍ୟସେ ମୂଢ଼ କଥଂ ନ କୁରୁଷେ ଗୃହମ୍।। ୪୨୪।।

ହେ ଭଦ୍ର ! ହସ୍ତ ଓ ପାଦ ଥିବାରୁ ତୁମେ ଆକାରରେ ମନୁଷ୍ୟ ପରି ଦେଖାଯାଉଅଛ। ତେବେ ହେ ମୂର୍ଖ ! ଶୀତରେ କଷ୍ଟ ପାଉଛ; ଗୃହଟିଏ ନିର୍ମାଣ କରୁନାହଁ କାହିଁକି ?। ୪୨୪।

ଏହା ଶୁଣି ସେ ବାନର କ୍ରୋଧରେ କହିଲା, ''ରେ ହୀନ ଚଟକା, ତୁ କାହିଁକି ଚୁପ୍ ହୋଇ ରହୁନାହୁଁ? ଆହେ, ଏହାର ଧୃଷ୍ଟତା କମ୍ ନୁହେଁ। ଆଜି ମୋତେ ଏ ଉପହାସ କରୁଛି !''

ସୂଚୀମୁଖୀ ଦୁରାଚାରା ରଣ୍ଡା ପଣ୍ଡିତମାନିନୀ।
ନାଶଙ୍କତେ ପ୍ରଜଳ୍ପନ୍ତୀ ତତ୍କିମେନାଂ ନ ହନ୍ମ୍ୟହମ୍।। ୪୨୫।।

ଏ ସରୁମୁହାଁ, ବ୍ୟଭିଚାରିଣୀ, କୁଳଟା, ନିଜକୁ ପଣ୍ଡିତ ବୋଲି ମନେକରି ବକ୍‌ବକ୍ ହେଉଛି। ସେ ଯେବେ ମୋତେ ଭୟ କରୁନାହିଁ, ତେବେ ମୁଁ ତାକୁ ମାରି- ପକାଇବି ନାହିଁ କାହିଁକି ?। ୪୨୫।

ଏହିପରି ବିଚାରି ସେ କହିଲା, ''ମୋ ବିଷୟରେ ଚିନ୍ତା କରିବାରେ ତୋର କି ପ୍ରୟୋଜନ ?'' କୁହାଯାଇଛି –

ବାଚ୍ୟଂ ଶ୍ରଦ୍ଧାସମେତସ୍ୟ ପୃଚ୍ଛତଶ୍ଚ ବିଶେଷତଃ ।
ପ୍ରୋକ୍ତଂ ଶ୍ରଦ୍ଧାବିହୀନସ୍ୟ ଅରଣ୍ୟରୁଦିତୋପମମ୍ ।। ୪୨୬ ।।

ବିଶେଷ ଶ୍ରଦ୍ଧସହକାରେ ଯଦି କେହି କିଛି ପଚାରେ, ତେବେ ତାହା ସଙ୍ଗେ କଥାବାର୍ତ୍ତା କରିବା ଉଚିତ । ଶ୍ରଦ୍ଧାବିହୀନ ଲୋକକୁ କିଛି କହିବା ଅରଣ୍ୟରେ ରୋଦନ କରିବା ସଙ୍ଗେ ସମାନ । ୪୨୬ ।

ବହୁତ କହିବାରେ କି ପ୍ରୟୋଜନ? ନିଜ ବସା ମଧ୍ୟରେ ରହି ସେ ଚଟକା ପୁଣି ସେହିପରି କହିଲା । ତହୁଁ ବାନର ଶମୀବୃକ୍ଷରେ ଚଢ଼ି ତାର ବସାକୁ ଭାଙ୍ଗି ଶତ ଶତ ଖଣ୍ଡ କରିଦେଲା ।

ଏହି ହେତୁରୁ ମୁଁ କହୁଥିଲି, ଯେପରି ଇଚ୍ଛା ସେପରି ଲୋକକୁ ଉପଦେଶ ଦେବା ଉଚିତ ନୁହେଁ . . . ଇତ୍ୟାଦି –

ଅତଏବ ରେ ମୂର୍ଖ, ଶିକ୍ଷା ପାଇଥିଲେ ମଧ୍ୟ ତୁ ଶିକ୍ଷିତ ହୋଇନାହୁଁ । ଅଥବା ତୋର ଦୋଷ ନାହିଁ; କାରଣ ସାଧୁ ଲୋକଙ୍କର ଶିକ୍ଷା ଗୁଣ ନିମନ୍ତେ ହୋଇଥାଏ; ଅସାଧୁମାନଙ୍କର ହୋଇ ନଥାଏ । କଥିତ ଅଛି –

କିଂ କରୋତ୍ୟେବ ପାଣ୍ଡିତ୍ୟମସ୍ଥାନେ ବିନିଯୋଜିତମ୍ ।
ଅନ୍ଧକାର ପ୍ରତିଚ୍ଛନ୍ନେ ଘଟେ ଦୀପ ଇବାହିତଃ ।। ୪୨୭ ।।

ଅପାତ୍ରରେ ପ୍ରଦତ୍ତ ପାଣ୍ଡିତ୍ୟ କଅଣ କରିପାରେ? ଅନ୍ଧକାର ପରିପୂର୍ଣ୍ଣ ଘଟ ଉପରେ ଦୀପ ରଖିଲେ ତାହା କଅଣ ଘଟ ଭିତରର ଅନ୍ଧକାର ଦୂର କରିପାରିବ? । ୪୨୭ ।

ବୃଥା ପାଣ୍ଡିତ୍ୟର ଅଭିମାନରେ ତୁ ମୋର କଥା ଶୁଣିଲୁ ନାହିଁ ଓ ନିଜ ମନରେ ଯେଉଁ ଶାନ୍ତି ଥିଲା, ତାହା ମଧ୍ୟ ବୁଝିପାରିଲୁ ନାହିଁ । ତୁ ନିଶ୍ଚୟ ଅପଜାତ । କଥିତ ଅଛି –

ଜାତଃ ପୁତ୍ରୋଽନୁଜାତଶ୍ଚ ଅତିଜାତସ୍ତଥୈବ ଚ ।
ଅପଜାତଶ୍ଚ ଲୋକେଽସ୍ମିନ୍ମନ୍ତବ୍ୟାଃ ଶାସ୍ତ୍ରବେଦିଭିଃ ।। ୪୨୮ ।।

ଏହି ସଂସାରରେ ଶାସ୍ତ୍ରଜ୍ଞମାନେ ଚାରିପ୍ରକାର ପୁତ୍ର ସ୍ୱୀକାର କରିଅଛନ୍ତି – (୧) ଜାତ, (୨) ଅନୁଜାତ, (୩) ଅଭିଜାତ, (୪) ଅପଜାତ । ୪୨୮ ।

ମାତୃତୁଲ୍ୟଗୁଣୋ ଜାତସ୍ତ୍ୱନୁଜାତଃ ପିତୁଃ ସମଃ ।
ଅତିଜାତୋଽଧିକସ୍ତସ୍ମାଦପଜାତୋଽଧମାଧମଃ ।। ୪୨୯ ।।

ମାତାର ଗୁଣ ସଦୃଶ ଗୁଣର ଅଧିକାରୀ ହେଉଛି 'ଜାତ' ପୁତ୍ର । 'ଅନୁଜାତ' ପୁତ୍ର ହେଉଛି ପିତାଙ୍କ ସଦୃଶ । ଯେ ପିତାଙ୍କଠାରୁ ଅଧିକ ଗୁଣସମ୍ପନ୍ନ ସେ 'ଅତିଜାତ' ପୁତ୍ର ଓ ଅଧମ ମଧ୍ୟରେ ଅଧମ ପୁତ୍ର 'ଅପଜାତ' ନାମରେ କଥିତ ହୁଏ । ୪୨୯ ।

ଅପ୍ୟାତ୍ମନୋ ବିନାଶଂ ଗଣୟତି ନ ଖଳଃ ପରବ୍ୟସନହୃଷ୍ଟଃ ।
ପ୍ରାୟୋ ମସ୍ତକନାଶେ ସମରମୁଖେ ନୃତ୍ୟତି କବନ୍ଧଃ ।। ୪୩୦ ।।

ଦୁର୍ଜନ ଅପରର ଦୁଃଖ ଦେଖି ଆନନ୍ଦରେ ନିଜର ବିନାଶକୁ ଦେଖିପାରେ ନାହିଁ;

ପ୍ରାୟଶଃ ଦେଖାଯାଇଥାଏ ଯେ ମସ୍ତକ କଟିଯିବା ପରେ କବନ୍ଧ (ଶିରହୀନ ଶରୀର) ନୃତ୍ୟ କରିଥାଏ । ୪୩୦ ।

ଅହୋ, ଯଥାର୍ଥରେ କୁହାଯାଇଛି –

ଧର୍ମବୁଦ୍ଧିଃ କୁବୁଦ୍ଧିଶ୍ଚ ଦ୍ୱାବେତୌ ବିଦିତୌ ମମ ।
ପୁତ୍ରେଣ ବ୍ୟର୍ଥପାଣ୍ଡିତ୍ୟାଦ୍ ପିତା ଧୂମେନ ଘାତିତଃ । ୪୩୧ ।

ଧର୍ମବୁଦ୍ଧି ଓ ପାପବୁଦ୍ଧି ଏ ଦୁହିଁଙ୍କୁ ମୁଁ ଜାଣିପାରିଛି । ପୁତ୍ର ପାପବୁଦ୍ଧି ବୃଥା ପାଣ୍ଡିତ୍ୟରୁ ତାର ପିତାକୁ ଧୂମରେ ମାରିପକାଇଥିଲା । ୪୩୧ ।

ଦମନକ କହିଲା– ''ସେ ଧର୍ମବୁଦ୍ଧି ଓ ପାପବୁଦ୍ଧି କଥା କଅଣ ?'' କରଟକ କହିବାକୁ ଲାଗିଲା –

ଧର୍ମବୁଦ୍ଧି ଓ ପାପବୁଦ୍ଧି କଥା

କୌଣସି ନଗରରେ ଧର୍ମବୁଦ୍ଧି ଓ ପାପବୁଦ୍ଧି ନାମରେ ଦୁଇଜଣ ମିତ୍ର ବାସ-କରୁଥିଲେ । ଏକସମୟରେ ପାପବୁଦ୍ଧି ଚିନ୍ତା କଲା– 'ମୁଁ ତ ମୂର୍ଖ ଓ ଦାରିଦ୍ର୍ୟପୀଡ଼ିତ । ତେଣୁ ଏ ଧର୍ମବୁଦ୍ଧିକୁ ନେଇ ଦେଶାନ୍ତରକୁ ଯିବି । ଏହାରି ଆଶ୍ରୟରେ ଅର୍ଥ ଉପାର୍ଜନ କରି, ଏହାକୁ ପ୍ରତାରିତ କରି ସୁଖୀ ହେବି ।'

ଅନ୍ୟ ଏକ ଦିନରେ ପାପବୁଦ୍ଧି ଧର୍ମବୁଦ୍ଧିକୁ କହିଲା, ''ହେ ମିତ୍ର, ବୃଦ୍ଧାବସ୍ଥାରେ ତୁମେ ନିଜର କେଉଁ କାର୍ଯ୍ୟକୁ ସ୍ମରଣ କରିବ ? ଅନ୍ୟ ଦେଶ ଦେଖି ନ ଥିଲେ ନିଜର ପିଲାମାନଙ୍କୁ କି କଥା କହିବ ? କଥିତ ଅଛି –

ଦେଶାନ୍ତରେଷୁ ବହୁବିଧଭାଷାବେଶାଦି ଯେନ ନ ଜ୍ଞାତମ୍ ।
ଭ୍ରମତା ଧରଣୀପୀଠେ ତସ୍ୟ ଫଳଂ ଜନ୍ମନୋ ବ୍ୟର୍ଥମ୍ ।। ୪୩୨ ।।

ଯେଉଁ ଲୋକ ନାନା ଦେଶ ଭ୍ରମଣ କରି ଅନେକ ପ୍ରକାର ଭାଷା ଓ ବେଶଭୂଷା ଆଦି ଜାଣି ନଥାଏ, ତାର ପୃଥିବୀରେ ଜନ୍ମଗ୍ରହଣ ନିରର୍ଥକ ଅଟେ । ୪୩୨ । ପୁଣି –

ବିଦ୍ୟାଂ ବିତ୍ତଂ ଶିଳ୍ପଂ ତାବନ୍ନାପ୍ନୋତି ମାନବଃ ସମ୍ୟକ୍ ।
ଯାବଦ୍ ବ୍ରଜତି ନ ଭୂମୌ ଦେଶାଦେଶାନ୍ତରଂ ହୃଷ୍ଟଃ ।। ୪୩୩ ।।

ମନୁଷ୍ୟ ଯେତେ ଦିନପର୍ଯ୍ୟନ୍ତ ଆନନ୍ଦରେ ଦେଶବିଦେଶ ଭ୍ରମଣ କରି ନଥାଏ, ସେତେ ଦିନପର୍ଯ୍ୟନ୍ତ ବିଦ୍ୟା, ଧନ ଓ ଶିଳ୍ପ ପ୍ରାପ୍ତ ହୋଇପାରେ ନାହିଁ ।'' । ୪୩୩ ।

ଅନନ୍ତର ତାହାର କଥା ଶୁଣି ଧର୍ମବୁଦ୍ଧି ଆନନ୍ଦିତ ମନରେ ଗୁରୁଜନମାନଙ୍କର ଅନୁମତି ନେଇ ଶୁଭ ଦିନରେ ତାହା ସହିତ ଦେଶାନ୍ତରକୁ ବାହାରିଲା । ବିଦେଶରେ ଭ୍ରମଣ କରି କରି ଧର୍ମବୁଦ୍ଧିର ପ୍ରଭାବରେ ପାପବୁଦ୍ଧି ପ୍ରଚୁର ଧନ ଅର୍ଜନ କଲା । ତପ୍ରରେ ଦୁହେଁ ଉପାର୍ଜନ କରିଥିବା ପ୍ରଭୂତ ଦ୍ରବ୍ୟ ଘେନି ଆନନ୍ଦରେ ଉତ୍ସୁକ ହୋଇ ସ୍ୱଗୃହ ଅଭିମୁଖରେ ଫେରିଲେ । କଥିତ ଅଛି –

ପ୍ରାପ୍ତବିଦ୍ୟାର୍ଥଶିକ୍ଷାନାଂ ଦେଶାନ୍ତରନିବାସିନାମ୍ ।
କ୍ରୋଶମାତ୍ରୋଽପି ଭୂଭାଗଃ ଶତଯୋଜନବଦ୍‌ଭବେତ୍ ।। ୪୩୪ ।।

ଦେଶାନ୍ତରରେ ବାସକରୁଥିବା ବ୍ୟକ୍ତି ବିଦ୍ୟା, ଧନ ଓ ଶିକ୍ଷା ପ୍ରାପ୍ତ ହୋଇ ସ୍ୱଗୃହକୁ ଫେରିଲାବେଳେ ତାକୁ ଏକ କ୍ରୋଶବ୍ୟାପୀ ଭୂମି ଶତ ଯୋଜନ ପରି ବୋଧ ହୋଇଥାଏ । (ଅର୍ଥାତ୍ ମନର ଔତ୍ସୁକ୍ୟ ହେତୁ ଦୂରତା ଅଧିକ ମନେହୁଏ) । ୪୩୪ ।

ଅନନ୍ତର ନିଜର ବାସସ୍ଥାନ ନିକଟବର୍ତ୍ତୀ ହେବାରୁ ପାପବୁଦ୍ଧି ଧର୍ମବୁଦ୍ଧିକୁ କହିଲା, "ମିତ୍ର, ଏ ସମସ୍ତ ଧନ ଗୃହକୁ ନେଇଯିବା ଉଚିତ ହେବ ନାହିଁ । କାରଣ ନିଜ କୁଟୁମ୍ବର ଲୋକେ ଓ ବନ୍ଧୁ-ବାନ୍ଧବମାନେ ଆମକୁ ମାଗିବେ । ତେଣୁ ଗହନ ବନ ମଧ୍ୟରେ କୌଣସିଠାରେ ଭୂମି ଖୋଳି ଗର୍ତ୍ତରେ ଧନ ପୋତି ଅଳ୍ପ ମାତ୍ର ଧନ ନେଇ ଘରକୁ ଯିବା । ପ୍ରୟୋଜନ ହେଲେ ଏଠାକୁ ପୁଣି ଆସି ଅବଶିଷ୍ଟ ଧନକୁ ନେଇଯିବା । କଥିତ ଅଛି –

ନ ବିତ୍ତଂ ଦର୍ଶୟେଦ୍‌ପ୍ରାଜ୍ଞଃ କସ୍ୟ ଚିତ୍ସ୍ୱଳ୍ପମପ୍ୟହୋ ।
ମୁନେରପି ଯତସ୍ତସ୍ୟ ଦର୍ଶନାଚ୍ଚଲତେ ମନଃ ।। ୪୩୫ ।।

ବୁଦ୍ଧିମାନ୍ ଲୋକ ନିଜର ଧନ ସ୍ୱଳ୍ପ ହୋଇଥିଲେହେଁ, ତାହା ଅପରକୁ ଦେଖାଇବା ଉଚିତ ନୁହେଁ । କାରଣ ଧନକୁ ଦେଖିଲେ ମୁନିମାନଙ୍କର ମନ ମଧ୍ୟ ବିଚଳିତ ହୋଇଥାଏ । ୪୩୫ । ପୁଣି –

ଯଥାମିଷଂ ଜଳେ ମତ୍ସ୍ୟୈର୍ଭକ୍ଷ୍ୟତେ ଶ୍ୱାପଦୈର୍ଭୁବି ।
ଆକାଶେ ପକ୍ଷିଭିଶ୍ଚୈବ ତଥା ସର୍ବତ୍ର ବିତ୍ତବାନ୍ ।। ୪୩୬ ।।

ଯେପରି ମାଂସକୁ ଜଳରେ ମତ୍ସ୍ୟମାନେ, ସ୍ଥଳରେ ସିଂହାଦି ହିଂସ୍ରଜନ୍ତୁମାନେ ଓ ଆକାଶରେ ପକ୍ଷୀମାନେ ଖାଇଥାନ୍ତି; ସେହିପରି ଧନବାନ୍ ବ୍ୟକ୍ତିକୁ ସର୍ବତ୍ର ଅନ୍ୟମାନେ ଖାଇଥାନ୍ତି, ଅର୍ଥାତ୍ ଧନ ଶୋଷଣ କରିଥାନ୍ତି । ୪୩୬ ।

ତାହା ଶୁଣି ଧର୍ମବୁଦ୍ଧି କହିଲା, "ମିତ୍ର, ତାହାହିଁ କରାଯାଉ ।" ସେହିପରି କରି ସେ ଦୁହେଁ ନିଜ ନିଜ ଘରକୁ ଯାଇ ସୁଖରେ ରହିଲେ । ଦିନେ ପାପବୁଦ୍ଧି ଗଭୀର ରାତ୍ରିରେ ସେହି ବନକୁ ଯାଇ ସବୁତକ ଧନ ନେଇଆସି, ଗର୍ତ୍ତକୁ ପୂର୍ଣ୍ଣ କରିଦେଇ ନିଜ ଘରକୁ ଚାଲିଗଲା । ଅନ୍ୟ ଦିନେ ସେ ଧର୍ମବୁଦ୍ଧି ପାଖକୁ ଆସି କହିଲା, "ମିତ୍ର, ଆମର କୁଟୁମ୍ବ ବହୁତ, ଧନ ଅଭାବରୁ କଷ୍ଟ ପାଉଥାଏଁ; ଅତଏବ ଚାଲ, ସେଠାରୁ କିଛି ଧନ ନେଇଆସିବା ।"

ଧର୍ମବୁଦ୍ଧି କହିଲା, "ମିତ୍ର, ତାହାହିଁ କରାଯାଉ ।" ତାହାପରେ ଦୁହେଁଯାକ ଯାଇ ସେ ସ୍ଥାନକୁ ଖୋଳିଲେ, କିନ୍ତୁ ଧନଭାଣ୍ଡଟି ଶୂନ୍ୟ ଥିବାର ଦେଖିଲେ । ତହୁଁ ପାପବୁଦ୍ଧି ମୁଣ୍ଡ କୋଡ଼ିହୋଇ କହିଲା, "ହେ ଧର୍ମବୁଦ୍ଧି, ତୁମେହିଁ ଧନ ନେଇଛ, ଆଉ କେହି ନେଇନାହିଁ । କାରଣ, ଗର୍ତ୍ତଟିକୁ ପୁଣି ପୂର୍ଣ୍ଣ କରାଯାଇଛି । ତେଣୁ ସେ ଧନର ଅଧେ ମୋତେ ଦିଅ । ନହେଲେ ମୁଁ ରାଜଦ୍ୱାରରେ ଜଣାଇବି ।" ଧର୍ମବୁଦ୍ଧି କହିଲା, "ହେ ଦୁରାତ୍ମା, ସେପରି କହ ନାହିଁ । ମୁଁ ଯଥାର୍ଥରେ ଧର୍ମବୁଦ୍ଧି । ଏପରି ଚୌର କର୍ମ

କରି ନ ପାରେଁ। କଥିତ ଅଛି –

ମାତୃବତ୍ପରଦାରାଣି ପରଦ୍ରବ୍ୟାଣି ଲୋଷ୍ଟ୍ରବତ୍।
ଆତ୍ମବତ୍ସର୍ବଭୂତାନି ବୀକ୍ଷ୍ୟନ୍ତେ ଧର୍ମବୁଦ୍ଧୟଃ ॥ ୪୩୭ ॥

ଯେଉଁମାନେ ଧର୍ମବୁଦ୍ଧି (ଯେଉଁମାନଙ୍କର ଧର୍ମରେ ମତି ଥାଏ), ସେମାନେ ପରର ସ୍ତ୍ରୀକୁ ନିଜର ମାତୃତୁଲ୍ୟ, ପରର ଦ୍ରବ୍ୟକୁ ଲୋଷ୍ଟ୍ରତୁଲ୍ୟ (ଟେକାପରି) ଓ ସମସ୍ତ ପ୍ରାଣୀଙ୍କୁ ନିଜତୁଲ୍ୟ ଦେଖିଥାନ୍ତି।'' ।୪୩୭।

ଏହିପରି ସେ ଦୁହେଁ ବିବାଦ କରି ବିଚାରାଳୟକୁ ଗଲେ। ଦୁହେଁଯାକ ପରସ୍ପରକୁ ଦୋଷ ଦେଇ କହିଲେ। ତହୁଁ ବିଚାରପତି ସେମାନଙ୍କୁ ଶପଥ ଗ୍ରହଣ କରିବାକୁ କହିବାରୁ ପାପବୁଦ୍ଧ କହିଲା, ''ଅହୋ, ଏ ନ୍ୟାୟ ଉଚିତ ବୋଲି ଦେଖାଯାଉନାହିଁ। କାରଣ –

ବିବାଦେଽନ୍ୱିଷ୍ୟତେ ପତ୍ରଂ ତଦଭାବେଽପି ସାକ୍ଷିଣଃ।
ସାକ୍ଷ୍ୟଭାବାତ୍ତତୋ ଦିବ୍ୟଂ ପ୍ରବଦନ୍ତି ମନୀଷିଣଃ॥ ୪୩୮ ॥

ବିବାଦରେ ପ୍ରଥମେ ଲେଖା-ପତ୍ର ଅନ୍ୱେଷଣ କରାଯାଏ। ଲେଖା-ପତ୍ର ଅଭାବରେ ସାକ୍ଷୀମାନଙ୍କୁ ଅନ୍ୱେଷଣ କରାଯାଏ। ସାକ୍ଷୀ ଅଭାବରେ ଶପଥ ଗ୍ରହଣ କରାଇବାକୁ ହୋଇଥାଏ। ପଣ୍ଡିତମାନେ ଏହିପରି କହିଅଛନ୍ତି। ୪୩୮।

ଉପସ୍ଥିତ ବିବାଦରେ ବୃକ୍ଷଦେବତା ମୋର ସାକ୍ଷୀ ହୋଇ ରହିଅଛନ୍ତି। ଆମ ଦୁହିଁଙ୍କ ଭିତରୁ ଜଣକୁ ଚୋର ବା ସାଧୁ ବୋଲି ସେ କହିଦେବେ।''

ତହୁଁ ବିଚାରପତିମାନେ କହିଲେ, ''ହଁ, ତୁମର କଥା ଯୁକ୍ତିଯୁକ୍ତ। କଥିତ ଅଛି –

ଅନ୍ତ୍ୟଜୋଽପି ଯଦା ସାକ୍ଷୀ ବିବାଦେ ସମ୍ପ୍ରଜାୟତେ।
ନ ତତ୍ର ବିଦ୍ୟତେ ଦିବ୍ୟଂ କିଂ ପୁନର୍ଯତ୍ର ଦେବତା ॥ ୪୩୯ ॥

ବିବାଦରେ ଯଦି ଅନ୍ତ୍ୟଜ (ହୀନ ଜାତିର ଲୋକ) ମଧ୍ୟ ସାକ୍ଷୀ ଥାଏ, ତେବେ ସେଠାରେ ଶପଥର ପ୍ରୟୋଜନ ହୋଇନଥାଏ; ଯେଉଁଠାରେ ଦେବତା ସାକ୍ଷୀ ଅଛନ୍ତି, ସେଠାରେ ଶପଥର ପ୍ରଶ୍ନ କାହିଁ?। ୪୩୯।

ଏ ବିଷୟରେ ଆମର ମଧ୍ୟ ମହାନ୍ କୌତୂହଳ ହେଉଅଛି। କାଲି ପ୍ରଭାତ-କାଳରେ ତୁମ ଦୁହିଁଙ୍କୁ ଆମମାନଙ୍କ ସଙ୍ଗେ ସେହି ବନପ୍ରଦେଶକୁ ଯିବାକୁ ହେବ।''

ଏଥିମଧ୍ୟରେ ପାପବୁଦ୍ଧି ଘରକୁ ଯାଇ ନିଜର ପିତାଙ୍କୁ କହିଲା, ''ପିତଃ, ଧର୍ମବୁଦ୍ଧିର ପ୍ରଚୁର ଅର୍ଥ ମୁଁ ଚୋରାଇ ଆଣିଛି। ତୁମରି କଥାଦ୍ୱାରା ତାହା ଆମର ହୋଇ ରହିବ; ନୋହିଲେ ଆମର ପ୍ରାଣ ସହିତ ସେ ଧନ ଯିବ।''

ପାପବୁଦ୍ଧିର ପିତା କହିଲେ, ''ବତ୍ସ ଶୀଘ୍ର କହ, କ'ଣ କଲେ ସେ ଧନ ଆମର ରହିପାରିବ?''

ପାପବୁଦ୍ଧି କହିଲା, ''ପିତଃ, ସେ ବନପ୍ରଦେଶରେ ଗୋଟିଏ ବୃହତ୍ ଶମୀବୃକ୍ଷ ଅଛି। ସେଥିରେ ଗୋଟିଏ ବଡ଼ କୋଟର ରହିଛି। ତୁମେ ବର୍ତ୍ତମାନ ଯାଇ ସେଥିରେ

ପ୍ରବେଶ କର। କାଲି ପ୍ରଭାତରେ ମୁଁ ଯେତେବେଳେ ସତ୍ୟ କଥା ଜଣାଇବାକୁ କହିବି, ସେତେବେଳେ ତୁମେ କହିବ 'ଧର୍ମବୁଦ୍ଧି ହେଉଛି ଚୋର'।''

ଏହିପରି କରାଗଲା ପରେ ପାପବୁଦ୍ଧି ସକାଳୁ ସ୍ନାନ କରି ଧର୍ମବୁଦ୍ଧିକୁ ଆଗରେ ରଖି ବିଚାରପତିମାନଙ୍କ ସହ ସେହି ଶମୀବୃକ୍ଷ ନିକଟକୁ ଯାଇ କହିଲା–

ଆଦିତ୍ୟଚନ୍ଦ୍ରାବନିଲୋଽନଲଶ୍ଚ ଦେୌର୍ଭୂମିରାପୋ ହୃଦୟଂ ଯମଶ୍ଚ ।
ଅହଶ୍ଚ ରାତ୍ରିଶ୍ଚ ଉଭେ ଚ ସନ୍ଧ୍ୟେ, ଧର୍ମଶ୍ଚ ଜାନାତି ନରସ୍ୟ ବୃତ୍ତମ୍ ।। ୪୪୦ ।।

''ସୂର୍ଯ୍ୟ, ଚନ୍ଦ୍ର, ବାୟୁ, ଅଗ୍ନି, ସ୍ୱର୍ଗ, ପୃଥ୍ୱୀ, ଜଳ, ହୃଦୟ, ଯମ, ଦିବା, ରାତ୍ରି, ଦ୍ୱିସନ୍ଧ୍ୟା (ପ୍ରଭାତ ଓ ପ୍ରଦୋଷ) ଓ ଧର୍ମ– ଏମାନେ ମନୁଷ୍ୟର ଚରିତ୍ର ଜାଣନ୍ତି। ୪୪୦।

ହେ ଭଗବତି ବନଦେବତା, ଆମ ଦୁହିଁଙ୍କ ଭିତରୁ ଯିଏ ଚୋର, ତାର ନାମ କହିଦିଅ।''

ଏହାପରେ ଶମୀବୃକ୍ଷର କୋଟରରେ ଥିବା ପାପବୁଦ୍ଧିର ପିତା କହିଲେ, ''ଅହୋ, ତୁମେମାନେ ସମସ୍ତେ ଶୁଣ, ଶୁଣ ! ଧର୍ମବୁଦ୍ଧି ଏହି ଧନକୁ ଅପହରଣ କରିଅଛି।''

ଏହା ଶୁଣି ସମସ୍ତ ରାଜପୁରୁଷ ବିସ୍ମୟରେ ଚକ୍ଷୁକୁ ଉତ୍ଫୁଲ୍ଲ କରି ଯେତେବେଳେ ଧନାପହରଣ ନିମନ୍ତେ ଧର୍ମବୁଦ୍ଧିର ଉପଯୁକ୍ତ ଦଣ୍ଡ ଶାସ୍ତ୍ରଦୃଷ୍ଟିରୁ ବିଚାର କରୁଥିଲେ, ସେତେବେଳେ ଧର୍ମବୁଦ୍ଧି ସେହି ତରୁକୋଟରରେ ଜ୍ୱଳନଯୋଗ୍ୟ ଦ୍ରବ୍ୟ ଘାସକୁଟା ପ୍ରଭୃତି ପୂରାଇ ସେଥିରେ ଅଗ୍ନି ଲଗାଇଦେଲା। ଶମୀକୋଟର ଜଳି ଉଠିବାରୁ ପାପବୁଦ୍ଧିର ପିତା କରୁଣ ସ୍ୱରରେ ଚିତ୍କାର କରି ସେଥିରୁ ବାହାରିଆସିଲା। ତାହାର ଶରୀରର ଅର୍ଦ୍ଧେକ ଦଗ୍ଧ ହୋଇଯାଇଥିଲା ଓ ତାର ଚକ୍ଷୁ ନଷ୍ଟ ହୋଇଯାଇଥିଲା।

ତହୁଁ ସମସ୍ତେ ତାକୁ ପଚାରିଲେ, ''ଅହୋ, ଏ କଅଣ ହେଲା ?'' ଏପରି ପଚାରିବାରୁ, 'ଏସବୁ ପାପବୁଦ୍ଧିର କୁକର୍ମ' ବୋଲି କହି ସେ ପ୍ରାଣତ୍ୟାଗ କଲା। ତହୁଁ ରାଜପୁରୁଷମାନେ ପାପବୁଦ୍ଧିକୁ ସେହି ଶମୀବୃକ୍ଷର ଶାଖାରେ ଝୁଲାଇଦେଇ ଧର୍ମବୁଦ୍ଧିର ପ୍ରଶଂସା କରି କହିଲେ, ''ଅହୋ ! ଯଥାର୍ଥରେ କୁହାଯାଇଛି–

ଉପାୟଂ ଚିନ୍ତୟେଦ୍ ପ୍ରାଜ୍ଞସ୍ତଥାପାୟଂ ଚ ଚିନ୍ତୟେଦ୍
ପଶ୍ୟତୋ ବକମୂର୍ଖସ୍ୟ ନକୁଲେନ ହତାଃ ବକାଃ ।। ୪୪୧ ।।

ବୁଦ୍ଧିମାନ୍ ଲୋକ ଉପାୟ ଚିନ୍ତା କରିବା ସଙ୍ଗେ ସଙ୍ଗେ ଅପାୟ ମଧ୍ୟ ଚିନ୍ତା କରିବା ଉଚିତ। (ଉଦାହରଣ ସ୍ୱରୂପ) ମୂର୍ଖ ବକ ଚାହିଁରହିଥିଲେ ସୁଦ୍ଧା ନକୁଳ ବକର ଶାବକମାନଙ୍କୁ ବିନାଶ କରିଥିଲା।''। ୪୪୧।

ଧର୍ମବୁଦ୍ଧି ପଚାରିଲା, ''ସେ ମୂର୍ଖ ବକ କଥା କିପରି ?''

ରାଜପୁରୁଷମାନେ କହିବାକୁ ଲାଗିଲେ–

ବକ ଓ ନକୁଳ କଥା

କୌଣସି ବନପ୍ରଦେଶରେ ଗୋଟିଏ ବଟବୃକ୍ଷ ଥିଲା । ସେଥିରେ ବହୁସଂଖ୍ୟକ ବକ ବାସକରୁଥିଲେ । ସେହି ବୃକ୍ଷର କୋଟରରେ ଗୋଟିଏ କୃଷ୍ଣସର୍ପ ରହୁଥିଲା । ସେ ସର୍ବଦା ବକଶାବକମାନଙ୍କୁ, ଏପରିକି ପକ୍ଷ ଜାତ ହୋଇ ନ ଥିବା ଶାବକମାନଙ୍କୁ ମଧ୍ୟ ଭକ୍ଷଣ କରି କାଳହରଣ କରୁଥିଲା ।

ଅନନ୍ତର ଗୋଟିଏ ବକ ନିଜ ସନ୍ତାନମାନଙ୍କୁ ସର୍ପଦ୍ୱାରା ଭକ୍ଷିତ ହେବାର ଦେଖି ସେମାନଙ୍କ ମରଣଜନିତ ଶୋକ ହେତୁରୁ ପୁଷ୍କରିଣୀ ତୀରକୁ ଆସି ସେଠାରେ ଚକ୍ଷୁକୁ ବାଷ୍ପପୂର୍ଣ୍ଣ କରି ଅଧୋମୁଖ ହୋଇ ବସିଲା । ତାହାର ଏପରି ଆଚରଣ ଦେଖି ଗୋଟିଏ କର୍କଟ ପଚାରିଲା, ''ମାମୁ, ଆଜି ତୁମେ କାହିଁକି ଏପରି କାନ୍ଦୁଛ ?''

ବକ କହିଲା, ''ଭଣଜା, କଅଣ କରିବି ? ମୁଁ ହତଭାଗ୍ୟ; ମୋର ସନ୍ତାନମାନଙ୍କୁ କୋଟରରେ ଥିବା ସର୍ପ ଭକ୍ଷଣ କରିଦେଇଅଛି । ସେହି ଦୁଃଖରେ ଦୁଃଖିତ ହୋଇ ମୁଁ ରୋଦନକରୁଛି । ତାହାକୁ ବିନାଶକରିବାପାଇଁ କୌଣସି ଉପାୟ ମୋତେ କହ ।''

ଏହା ଶୁଣି କର୍କଟ ଚିନ୍ତାକଲା– 'ଏ ବକ ଆମ ଜାତିର ସ୍ୱଭାବତଃ ବୈରୀ । ତେଣୁ ଏହାକୁ ଏପରି ସତ୍ୟ ଓ ଅସତ୍ୟ ମିଶ୍ରିତ ଉପଦେଶ ଦେବି ଯେ ତାହାଫଳରେ ଅନ୍ୟ ସମସ୍ତ ବକ ମଧ୍ୟ ବିନାଶପ୍ରାପ୍ତ ହେବେ । କଥିତ ଅଛି–

ନବନୀତସମାଂ ବାଣୀଂ କୃତ୍ୱା ଚିତ୍ତଂ ତୁ ନିର୍ଦ୍ଦୟମ୍ ।
ତଥା ପ୍ରବୋଧ୍ୟତେ ଶତ୍ରୁଃ ସାନ୍ୱୟୋ ମ୍ରିୟତେ ଯଥା ।। ୪୪୨ ।।

କଥାକୁ ନବନୀତ ପରି କୋମଳ ଓ ହୃଦୟକୁ ନିର୍ଦ୍ଦୟ କରି ଶତ୍ରୁକୁ ଏଭଳି ବୁଝାଇଦେବାକୁ ହେବ, ଯେପରିକି ସେ ସବଂଶରେ ମରିବ ।' । ୪୪୨ ।

ପ୍ରକାଶ୍ୟରେ ସେ କହିଲା, ''ମାମୁ, ଯଦି ଏପରି କଥା, ତେବେ ଖଣ୍ଡ ଖଣ୍ଡ ମାଛର ମାଂସ ଆଣି ନେଉଳ ଗର୍ତ୍ତର ଦ୍ୱାରଠାରୁ ସର୍ପର କୋଟର ପର୍ଯ୍ୟନ୍ତ ପଥରେ ପକାଇଦିଅ । ତାହାହେଲେ ନେଉଳ ସେହି ପଥରେ ଯାଇ ଦୁଷ୍ଟ ସର୍ପକୁ ବିନାଶ କରିବ ।''

ବକ ସେହିପରି କରିବାରୁ ନକୁଳ ମତ୍ସ୍ୟମାଂସକୁ ଅନୁସରଣ କରି ଯାଇ ସେହି କୃଷ୍ଣସର୍ପକୁ ବଧ କଲା ଓ କ୍ରମେ କ୍ରମେ ସେହି ବୃକ୍ଷରେ ବାସକରୁଥିବା ସମସ୍ତ ବକକୁ ମଧ୍ୟ ଭକ୍ଷଣ କଲା । ତେଣୁ ଆମେମାନେ କହୁଥିଲୁ– ବୁଦ୍ଧିମାନ୍ ଲୋକ ଉପାୟ ଚିନ୍ତା କରିବା ସଙ୍ଗେ ସଙ୍ଗେ ଅପାୟ ମଧ୍ୟ ଚିନ୍ତା କରିବା ଉଚିତ– ଇତ୍ୟାଦି ।

ଏହି ପାପବୁଦ୍ଧି ଉପାୟ ଚିନ୍ତା କରିଥିଲା; କିନ୍ତୁ ଅପାୟ ଚିନ୍ତା କରି ନ ଥିଲା । ତେଣୁ ସେ ଏଥିର ଫଳ ପାଇଲା । ସେହି ହେତୁରୁ ମୁଁ (କରଟକ) କହୁଥିଲି– ଧର୍ମବୁଦ୍ଧି ଓ ପାପବୁଦ୍ଧି ଏ ଦୁହିଁଙ୍କୁ ମୁଁ ଜାଣିପାରିଛି– ଇତ୍ୟାଦି ।

ସେହିପରି ରେ ମୂଢ଼ ! ତୁ ଉପାୟ ଚିନ୍ତା କରିଛୁ, କିନ୍ତୁ ପାପବୁଦ୍ଧି ଭଳି

ଅପାୟ ଚିନ୍ତା କରିନାହୁଁ। ତେଣୁ ତୁ ସାଧୁଲୋକ ନୋହୁଁ, ତୁ କେବଳ ପାପବୁଦ୍ଧି; ତୁ ପ୍ରଭୁ ପିଙ୍ଗଳକଙ୍କୁ ପ୍ରାଣସଙ୍କଟରେ ପକାଇବାବେଳୁ ମୁଁ ଏହା ଜାଣିଛି। ତୁ ନିଜର ଦୁଷ୍ଟତା ଓ କୁଟିଳ ପ୍ରକୃତି ଆପେ ଆପେ ପ୍ରକଟ କରିଦେଇଅଛୁ। ଅଥବା ଯଥାର୍ଥରେ କୁହାଯାଇଅଛି –

ଯତ୍ନାଦପି କଃ ପଶ୍ୟେଚ୍ଛିଖିନାମାହାରନିଃସରଣମାର୍ଗମ୍।
ଯଦି ଜଳଦଧ୍ୱନିମୁଦିତାସ୍ତ ଏବ ମୂଢ଼ା ନ ନୃତ୍ୟେୟୁଃ।। ୪୪୩।।

ମେଘର ଧ୍ୱନିରେ ପ୍ରଫୁଲ୍ଲ ହୋଇ ମୂଢ଼ ମୟୂରମାନେ ଯେବେ ନୃତ୍ୟ କରୁ ନ ଥାନ୍ତେ, ତେବେ କିଏ ଯତ୍ନ କରି ସେମାନଙ୍କର ମଳଦ୍ୱାର ଦେଖିପାରନ୍ତା ?। ୪୪୩।

ତୁ ଯେତେବେଳେ ସ୍ୱାମୀଙ୍କୁ ଏପରି ଦଶାରେ ପକାଇପାରୁ, ତେବେ ଆମଭଳିଆ ଲୋକଙ୍କୁ କିଏ ପଚାରେ! ତେଣୁ ତୋର ମୋ ପାଖରେ ରହିବା ଉଚିତ ନୁହେଁ। କଥିତ ଅଛି –

ତୁଲାଂ ଲୋହସହସ୍ରସ୍ୟ ଯତ୍ର ଖାଦନ୍ତି ମୂଷିକାଃ।
ରାଜଂସ୍ତତ୍ର ହରେଚ୍ଛ୍ୟେନୋ ବାଳକଂ ନାଽତ୍ର ସଂଶୟଃ।। ୪୪୪।।

ହେ ରାଜନ୍, ଯେବେ ହଜାରତୋଳା ଲୁହାକୁ ମୂଷାମାନେ ଖାଇଦେଇ ପାରନ୍ତି, ତେବେ ଶ୍ୟେନ ପକ୍ଷୀ ମଧ୍ୟ ବାଳକଟିକୁ ହରଣ କରି ନେବାରେ ସଂଶୟ ନାହିଁ। ୪୪୫।

ଦମନକ କହିଲା, ''ସେ ଲୁହା ଓ ବାଳକ କଥା କଅଣ ?'' କରଟକ କହିବାକୁ ଲାଗିଲା –

ଲୁହାଦଣ୍ଡି ଓ ବଣିକପୁଅ କଥା

କୌଣସି ନଗରରେ ଜୀର୍ଣ୍ଣଧନ ନାମରେ ଜଣେ ବଣିକପୁତ୍ର ଥିଲା। ଧନକ୍ଷୟ ହେତୁରୁ ସେ ବିଦେଶ ଯିବାକୁ ଇଚ୍ଛା କରି ଚିନ୍ତାକଲା –

'ଯତ୍ର ଦେଶେଽଥବା ସ୍ଥାନେ ଭୋଗା ଭୁକ୍ତାଃ ସ୍ୱବୀର୍ଯ୍ୟତଃ।
ତସ୍ମିନ୍ବିଭବହୀନୋ ଯୋ ବସେତ୍ସ ପୁରୁଷାଧମଃ।। ୪୪୫।।

ଯେଉଁ ଦେଶରେ ବା ସ୍ଥାନରେ ନିଜର ପରାକ୍ରମଦ୍ୱାରା ବିବିଧ ଭୋଗଦ୍ରବ୍ୟ ଭୋଗ କରିଥିବ, ସେହି ଦେଶରେ ବା ସେହି ସ୍ଥାନରେ ଧନହୀନ ହୋଇ ଯେ ବାସକରେ, ସେ ପୁରୁଷାଧମ ଅଟେ।'। ୪୪୫। ପୁଣି –

ଯେନାହଙ୍କାରଯୁକ୍ତେନ ଚିରଂ ବିଳସିତଂ ପୁରା।
ଦୀନଂ ବସତି ତତ୍ରୈବ ଯଃ ପରେଷାଂ ସ ନିନ୍ଦିତଃ।। ୪୪୬।।

ଯେଉଁ ଲୋକ କୌଣସି ସ୍ଥାନରେ ଅଭିମାନସହକାରେ ପୂର୍ବରୁ ବହୁକାଳ ପର୍ଯ୍ୟନ୍ତ ଭୋଗବିଳାସ କରିଥାଏ, ପୁଣି ସେହି ସ୍ଥାନରେ ରହି ସେ ଯଦି ଅନ୍ୟ ଲୋକଙ୍କ ଆଗରେ ଦୀନତାସୂଚକ ବାକ୍ୟ କହେ, ତେବେ ସେ ନିନ୍ଦାର ପାତ୍ର ହୋଇଥାଏ। ୪୪୬।

ସେହି ଜୀର୍ଣ୍ଣଧନର ଘରେ ପୂର୍ବପୁରୁଷଙ୍କ ଉପାର୍ଜିତ ସହସ୍ରତୋଳା ଓଜନବିଶିଷ୍ଟ ଗୋଟିଏ ତୁଳାଦଣ୍ଡ (ତରାଜୁ) ଥିଲା। ସେ ସେହି ତୁଳାଦଣ୍ଡକୁ ଜଣେ ଶ୍ରେଷ୍ଠୀଙ୍କ ଘରେ ଜମାରଖି ବିଦେଶକୁ ଗଲା। ଦୀର୍ଘକାଳ ପର୍ଯ୍ୟନ୍ତ ସେ ବିଦେଶରେ ଯଥେଚ୍ଛା ଭ୍ରମଣ କରି ପୁନରାୟ ସ୍ୱଗୃହକୁ ଆସି ସେହି ଶ୍ରେଷ୍ଠୀଙ୍କୁ କହିଲା, ''ହେ ଶ୍ରେଷ୍ଠି, ମୁଁ ଯେଉଁ ତରାଜୁ ରଖି ଯାଇଥିଲି, ତାହା ଦିଅ।'' ଶ୍ରେଷ୍ଠୀ କହିଲେ, ''ହେ ଭାଇ, ତୁମର ସେ ତରାଜୁ ଆଉ ନାହିଁ; ମୂଷାମାନେ ତାକୁ ଖାଇଦେଇଛନ୍ତି।''

ଜୀର୍ଣ୍ଣଧନ କହିଲା, ''ଶ୍ରେଷ୍ଠି! ଯେବେ ମୂଷାମାନେ ଖାଇଯାଇଛନ୍ତି, ତେବେ ତୁମର ଦୋଷ କଅଣ? ସଂସାର ତ ହେଉଛି ଏହିପରି। ଏଥିରେ କିଛିହେଲେ ଚିରସ୍ଥାୟୀ ନୁହେଁ। ମାତ୍ର ମୁଁ ବର୍ତ୍ତମାନ ନଦୀକୁ ସ୍ନାନ କରିବାକୁ ଯିବି। ତୁମର ପୁଅ ଧନଦେବ ହାତରେ ସ୍ନାନର ଉପକରଣ ତୈଳାଦି ଦେଇ ତାକୁ ମୋ ସଙ୍ଗରେ ପଠାଅ।'' ଶ୍ରେଷ୍ଠୀ ଚୋରିକରିଥିବା ଭୟରେ ଶଙ୍କିତ ହୋଇ ନିଜ ପୁଅକୁ କହିଲା, ''ବତ୍ସ! ଏ ତୋର ପିତୃବ୍ୟ, ସ୍ନାନ କରିବା ପାଇଁ ନଦୀକୁ ଯାଉଛନ୍ତି। ସ୍ନାନର ଉପକରଣ ନେଇ ତାଙ୍କ ସାଥିରେ ନଦୀକୁ ଯାଅ।'' ଅଥବା ଯଥାର୍ଥରେ କୁହାଯାଇଛି—

ନ ଭକ୍ତ୍ୟା କସ୍ୟଚିତ୍କୋଽପି ପ୍ରିୟଂ ପ୍ରକୁରୁତେ ନରଃ।
ମୁକ୍ତ୍ୱା ଭୟଂ ପ୍ରଲୋଭଂ ବା କାର୍ଯ୍ୟକାରଣମେବ ବା॥ ୪୪୭॥

ଭୟ, ପ୍ରଲୋଭନ ଓ କାର୍ଯ୍ୟକାରଣ ଅର୍ଥାତ୍ ପ୍ରୟୋଜନ— ଏ ତିନୋଟିକୁ ଛାଡ଼ିଦେଲେ ଭକ୍ତିରେ କୌଣସି ଲୋକ କାହାରି ପ୍ରିୟ କାର୍ଯ୍ୟ କରି ନ ଥାଏ। ୪୪୭। ପୁଣି—

ଅତ୍ୟାଦରୋ ଭବେଦ୍ୟତ୍ର କାର୍ଯ୍ୟକାରଣବର୍ଜିତଃ।
ତତ୍ରାଶଙ୍କା ପ୍ରବର୍ତ୍ତବ୍ୟା ପରିଣାମେଽସୁଖାବହା॥ ୪୪୮॥

ଯେଉଁଠାରେ ବିନା ପ୍ରୟୋଜନରେ ଅତ୍ୟଧିକ ଆଦର ଥାଏ, ସେଠାରେ ଅବଶ୍ୟ ଆଶଙ୍କା କରିବା ଉଚିତ। କାରଣ ଏହାର ପରିଣାମ ଅତ୍ୟନ୍ତ ଦୁଃଖଦାୟକ ହୋଇଥାଏ। ୪୪୮।

ତପ୍ରରେ ସେହି ଶ୍ରେଷ୍ଠୀପୁତ୍ର ସ୍ନାନୋପକରଣ ଧରି ଆନନ୍ଦ ମନରେ ସେହି ଅଭ୍ୟାଗତ ସହିତ ପ୍ରସ୍ଥାନ କଲା। ବଣିକ ନଦୀରେ ସ୍ନାନ କରି ସେହି ବାଳକକୁ ନଦୀ ତୀରରେ ଏକ ଗୁହାରେ ପୂରାଇ, ଗୁହାର ଦ୍ୱାରକୁ ଗୋଟିଏ ବୃହତ୍ ପ୍ରସ୍ତରଦ୍ୱାରା ଆଚ୍ଛାଦିତ କରି ଶୀଘ୍ର ଗୃହକୁ ଆସିଲା। ଶ୍ରେଷ୍ଠୀ ସେହି ବଣିକକୁ ପଚାରିଲା, ''ହେ ଅଭ୍ୟାଗତ, କୁହ, ତୁମ ସାଥିରେ ମୋର ଯେଉଁ ପୁଅ ନଦୀକୁ ଯାଇଥିଲା, ସେ କାହିଁ?'' ବଣିକ କହିଲା, ''ନଦୀତୀରରୁ ଗୋଟିଏ ବାଜପକ୍ଷୀ ନେଇଗଲା।'' ଶ୍ରେଷ୍ଠୀ କହିଲା, ''ମିଥ୍ୟାବାଦି! କେଉଁଠି କେଉଁ ବାଜପକ୍ଷୀ ଗୋଟିଏ ପିଲାକୁ ଉଠାଇ ନେଇପାରେ? ମୋ ପୁଅକୁ ଦେଇପକାଅ। ନହେଲେ ରାଜଦ୍ୱାରରେ ଜଣାଇବି।''

ସେ ବଣିକ କହିଲା, ''ହେ ସତ୍ୟବାଦୀ ପୁରୁଷ, ଯେପରି ବାଜପକ୍ଷୀ ଗୋଟିଏ ପିଲାକୁ ଟେକିନେଇ ନ ପାରେ, ସେହିପରି ମୂଷାମାନେ ମଧ୍ୟ ସହସ୍ରତୋଳା ବିଶିଷ୍ଟ

ଲୌହତରାଜୁକୁ ଖାଇ ଦେଇ ନ ପାରନ୍ତି। ଯଦି ପୁଅରେ ଦରକାର ଅଛି, ତେବେ ମୋର ତରାଜୁ ଦେଇପକାଅ।'' ଏହିପରି ଦୁହେଁ କଳହ କରି ରାଜଦ୍ୱାରକୁ ଗଲେ। ସେଠାରେ ଶ୍ରେଷ୍ଠୀ ଉଚ୍ଚ ସ୍ୱରରେ କହିଲା, ''ଅହୋ! ଅବ୍ରହ୍ମଣ୍ୟମ୍, ଅବ୍ରହ୍ମଣ୍ୟମ୍ (ଘୋର ଅନ୍ୟାୟ, ଘୋର ଅନ୍ୟାୟ)। ଏ ଚୋର ମୋର ପୁଅକୁ ଚୋରିକରି ନେଇଛି।''

ବିଚାରପତିମାନେ ଜୀର୍ଣ୍ଣଧନକୁ କହିଲେ, ''ଆହେ, ଶ୍ରେଷ୍ଠୀକୁ ତାର ପୁଅ ଦେଇପକାଅ।'' ସେ କହିଲା, ''କଅଣ କରିବି— ମୁଁ ଚାହିଁ ରହିଥିଲେହେଁ ନଦୀତୀରରୁ ଗୋଟିଏ ବାଜପକ୍ଷୀ ଆସି ଶିଶୁଟିକୁ ନେଇଗଲା।'' ଏହା ଶୁଣି ବିଚାରପତିମାନେ କହିଲେ, ତୁମେ ସତ୍ୟକଥା କହୁନାହଁ। ବାଜପକ୍ଷୀ ଗୋଟିଏ ପିଲା ହରଣ କରିନେବାକୁ କଅଣ ସମର୍ଥ ?'' ସେ କହିଲା, ଆପଣମାନେ ମୋର କଥା ଶୁଣନ୍ତୁ।

ତୁଳାଂ ଲୋହସହସ୍ରସ୍ୟ ଯତ୍ର ଖାଦନ୍ତି ମୂଷିକାଃ।
ରାଜଂସ୍ତତ୍ର ହରେଚ୍ଛ୍ୟେନୋ ବାଳକଂ ନାତ୍ର ସଂଶୟଃ।। ୪୪୯ ।।

''ହେ ରାଜନ୍, ଯେଉଁଠାରେ ସହସ୍ର ତୋଳା ଓଜନ ଲୌହର ତରାଜୁକୁ ମୂଷାମାନେ ଖାଇଯାଆନ୍ତି, ସେଠାରେ ବାଜପକ୍ଷୀ ବାଳକକୁ ଟେକିନେବାରେ କିଛି ସନ୍ଦେହ ଥାଇ ନ ପାରେ।'' ।୪୪୯।

ରାଜପୁରୁଷମାନେ କହିଲେ, ''ସେକଥା କିପରି ?'' ତହୁଁ ଜୀର୍ଣ୍ଣଧନ ରାଜପୁରୁଷମାନଙ୍କ ଆଗରେ ମୂଳରୁ ଆରମ୍ଭ କରି ସବୁ ଘଟନା ଜଣାଇଲା। ତାହା ଶୁଣି ସେମାନେ ହସିବାକୁ ଲାଗିଲେ ଓ ସେ ଦୁହିଁଙ୍କୁ ବୁଝାଇ ତରାଜୁ ଓ ଶିଶୁ ଦିଆଇ ସନ୍ତୁଷ୍ଟ କଲେ। ଏହି ହେତୁରୁ ମୁଁ କହୁଥିଲି, 'ତୁଳାଂ ଲୋହସହସ୍ରସ୍ୟ...' ଇତ୍ୟାଦି।

ଅତଏବ ହେ ମୂର୍ଖ, ସଞ୍ଜୀବକ ପ୍ରତି ପ୍ରଭୁଙ୍କର ଅନୁଗ୍ରହ ସହି ନ ପାରି ତୁ ଏହା କହୁଛୁ। ଯଥାର୍ଥରେ କୁହାଯାଇଛି—

ପ୍ରାୟେଣାତ୍ର କୁଳାନ୍ୱିତଂ କୁକୁଳଜାଃ ଶ୍ରୀ ବଲ୍ଲଭଂ ଦୁର୍ଭଗାଃ,
ଦାତାରଂ କୃପଣା ଋଜୂନନୃଜବସ୍ତେଜସ୍ୱିନଂ କାତରାଃ।
ବୈରୂପ୍ୟୋପହତାଶ୍ଚ କାନ୍ତବପୁଷଂ ସୌଖ୍ୟସ୍ଥିତଂ ଦୁଃସ୍ଥିତାଃ,
ନାନାଶାସ୍ତ୍ରବିଚକ୍ଷଣଂ ସୁପୁରୁଷଂ ନିନ୍ଦନ୍ତି ମୂର୍ଖାଃ ସଦା।। ୪୫୦ ।।

ସାଧାରଣତଃ ସଂସାରରେ ନୀଚ କୁଳରେ ଜାତ ଲୋକେ କୁଳୀନମାନଙ୍କୁ, ଭାଗ୍ୟହୀନ ଲୋକେ ଭାଗ୍ୟବାନ୍‌ମାନଙ୍କୁ, କୃପଣ ଲୋକେ ଦାତାଙ୍କୁ, କୁଟିଳ ଲୋକେ ସରଳମାନଙ୍କୁ, ନିର୍ଦ୍ଧନ ଲୋକେ ଧନବାନ୍‌ମାନଙ୍କୁ, କଦାକାର ଲୋକେ ସୁରୂପମାନଙ୍କୁ, ପାପୀମାନେ ଧାର୍ମିକଙ୍କୁ ଓ ମୂର୍ଖମାନେ ନାନାଶାସ୍ତ୍ରନିପୁଣ ପଣ୍ଡିତଙ୍କୁ ସର୍ବଦା ନିନ୍ଦା କରିଥାନ୍ତି। ୪୫୦। ପୁଣି—

ମୂର୍ଖାଣାଂ ପଣ୍ଡିତା ଦ୍ୱେଷ୍ୟା ନିର୍ଧନାନାଂ ମହାଧନାଃ।
ବ୍ରତିନଃ ପାପଶୀଳାନାମସତୀନାଂ କୁଳସ୍ତ୍ରିୟଃ।। ୪୫୧ ।।

ପଣ୍ଡିତମାନେ ମୂର୍ଖମାନଙ୍କର, ମହାଧନୀମାନେ ନିର୍ଦ୍ଧନମାନଙ୍କର, ତପସ୍ୱୀମାନେ ପାପଶୀଳମାନଙ୍କର, କୁଳସ୍ତ୍ରୀମାନେ ବ୍ୟଭିଚାରିଣୀମାନଙ୍କର ଦ୍ୱେଷର ପାତ୍ର ହୋଇଥାନ୍ତି । ୪୫୧ ।

ତେଣୁ ରେ ମୂର୍ଖ, ତୁ ହିତ କରୁ କରୁ ଅହିତ କରିଅଛୁ । କଥିତ ଅଛି –

ପଣ୍ଡିତୋଽପି ବରଂ ଶତ୍ରୁର୍ନ ମୂର୍ଖୋ ହିତକାରକଃ ।
ବାନରେଣ ହତୋ ରାଜା ବିପ୍ରାଶ୍ଚୌରେଣ ରକ୍ଷିତାଃ ।। ୪୫୨ ।।

ପଣ୍ଡିତ ଲୋକେ ନିଜର ଶତ୍ରୁ ହେଲେ ବରଂ ଭଲ; କିନ୍ତୁ ମୂର୍ଖ ଲୋକ ନିଜର ହିତକାରୀ ହେଲେ ସୁଦ୍ଧା ଭଲ ନୁହେଁ । (ଉଦାହରଣ ସ୍ୱରୂପ) ରାଜା ବାନରଦ୍ୱାରା ନିହତ ହେଲେ, ଅଥଚ ବ୍ରାହ୍ମଣମାନେ ଚୋରଦ୍ୱାରା ରକ୍ଷାପାଇଥିଲେ । ୪୫୨ ।

ଦମନକ କହିଲା, ‘‘ଏହା କିପରି ହୋଇଥିଲା ?’’ ସେ କହିବାକୁ ଲାଗିଲା –

ନୃପସେବକ ବାନର କଥା

ଜଣେ ରାଜାଙ୍କର ଗୋଟିଏ ବାନର ଅତି ବିଶ୍ୱାସୀ ଅଙ୍ଗସେବକରୂପେ ଥିଲା । ସେ ଅତ୍ୟନ୍ତ ସ୍ୱାମୀଭକ୍ତ ଥିଲା ଓ ଅନ୍ତଃପୁରରେ ତାର ଅପ୍ରତିହତ ପ୍ରବେଶ ରହିଥିଲା । ଏକଦା ରାଜା ନିଦ୍ରାଗତ ଥିବାବେଳେ ସେହି ବାନର ରାଜାଙ୍କୁ ବ୍ୟଜନ କରୁଥିଲା । ଏହି ସମୟରେ ଗୋଟିଏ ମକ୍ଷିକା ଆସି ରାଜାଙ୍କ ବକ୍ଷ ଉପରେ ବସିଲା । ବ୍ୟଜନ ଦ୍ୱାରା ବାରମ୍ବାର ବିତାଡ଼ିତ ହେଲେହେଁ ସେ ପୁନଃ ପୁନଃ ସେହିଠାରେ ବସୁଥିଲା । ତହୁଁ ସେହି ସ୍ୱଭାବତଃ ଚପଳ ମୂର୍ଖ ବାନର କ୍ରୁଦ୍ଧ ହୋଇ ତୀକ୍ଷ୍ଣ ଖଡ୍‌ଗ ଆଣି ମକ୍ଷିକା ଉପରେ ପ୍ରହାର କଲା । ତତ୍ପରେ ମକ୍ଷିକା ଉଡ଼ି ପଳାଇଗଲା । ଖଡ୍‌ଗର ତୀକ୍ଷ୍ଣ ଧାରରେ ରାଜାଙ୍କର ବକ୍ଷସ୍ଥଳ ଦ୍ୱିଧା ହୋଇଗଲା ଓ ସେ ପ୍ରାଣତ୍ୟାଗ କଲେ । ତେଣୁ ଦୀର୍ଘଜୀବନ କାମନା କରୁଥିବା ରାଜାଙ୍କ ପକ୍ଷରେ ମୂର୍ଖ ଅନୁଚର ରଖିବା ଉଚିତ ନୁହେଁ । ଆଉ ଏକ ଉଦାହରଣ –

ଏକ ନଗରରେ ଜଣେ ମହାବିଦ୍ୱାନ୍ ବ୍ରାହ୍ମଣ ଥିଲା । ପରନ୍ତୁ ପୂର୍ବଜନ୍ମର ସଂସ୍କାରବଶତଃ ସେ ଚୋରି କରୁଥିଲା । ସେହି ନଗରରେ ଅନ୍ୟ ଦେଶରୁ ଆଗତ ବ୍ରାହ୍ମଣମାନେ ବହୁ ପଦାର୍ଥ ବିକ୍ରୟ କରୁଥିବାର ଦେଖି ସେ ବିଚାରିଲା – ‘ଅହୋ, କି ଉପାୟରେ ଏମାନଙ୍କ ଧନକୁ ଲାଭ କରିବି ?’ ଏହିପରି ଚିନ୍ତା କରି ସେ ସେମାନଙ୍କ ଆଗରେ ଅନେକ ଶାସ୍ତ୍ରୋକ୍ତ, ସୁଭାଷିତ ଓ ଅତି ପ୍ରିୟ ମଧୁର ବାକ୍ୟ କହି ସେମାନଙ୍କ ମନରେ ବିଶ୍ୱାସ ଜନ୍ମାଇ ସେମାନଙ୍କର ସେବା କରିବାକୁ ଆରମ୍ଭ କଲା । ଅଥବା ଯଥାର୍ଥରେ କୁହାଯାଇଅଛି –

ଅସତୀ ଭବତି ସଲଜ୍ଜା କ୍ଷାରଂ ନୀରଂ ଚ଼ ଶୀତଳଂ ଭବତି ।
ଦମ୍ଭୀ ଭବତି ବିବେକୀ ପ୍ରିୟବକ୍ତା ଭବତି ଧୂର୍ତ୍ତଜନଃ ।। ୪୫୩ ।।

ଅସତୀ ରମଣୀ ଲଜ୍ଜାଶୀଳା ହୁଏ, କ୍ଷାର ଜଳ ଶୀତଳ ହୁଏ, ଦମ୍ଭୀ ଲୋକ

ଵିବେକୀ ହୁଏ ଓ ଧୂର୍ତ୍ତମାନେ ପ୍ରିୟଭାଷୀ ହୋଇଥାନ୍ତି। ୪୫୩।

ଅନନ୍ତର ସେ ଏହିପରି ସେବା କରୁଥିବାବେଳେ ବ୍ରାହ୍ମଣମାନେ ସମସ୍ତ ଦ୍ରବ୍ୟ ବିକ୍ରୟ କରି ବହୁମୂଲ୍ୟ ରତ୍ନ କିଣିଲେ ଓ ସେହି ଧୂର୍ତ୍ତ ବ୍ରାହ୍ମଣର ସମକ୍ଷରେ ଉକ୍ତ ରତ୍ନକୁ ନିଜ ନିଜ ଜଙ୍ଘରେ ପୂରାଇ ସ୍ୱଦେଶକୁ ଯିବାପାଇଁ ଉଦ୍ୟତ ହେଲେ। ସେମାନେ ଯିବାକୁ ଉଦ୍ୟତ ଥିବାର ଦେଖି ସେହି ଧୂର୍ତ୍ତ ବ୍ରାହ୍ମଣର ମନ ଚିନ୍ତାରେ ବ୍ୟାକୁଳ ହେଲା – 'ଏ ଧନରୁ କିଛି ମାତ୍ର ମୋର ହସ୍ତଗତ ହେଲା ନାହିଁ। ଆଚ୍ଛା, ଏମାନଙ୍କ ସଙ୍ଗରେ ଯାଏଁ। ପଥରେ କୌଣସିଠାରେ ବିଷ ଦେଇ ଏମାନଙ୍କୁ ମାରି ସବୁ ରତ୍ନ ନେଇଯିବି।'

ଏହିପରି ବିଚାର କରି ସେ ସେମାନଙ୍କ ଆଗରେ କରୁଣ ସ୍ୱରରେ ବିଳାପ କରି କହିଲା – "ହେ ମିତ୍ରଗଣ, ଆପଣମାନେ ମୋତେ ଏକାକୀ ଛାଡ଼ି ଦେଇ ଚାଲିଯିବାକୁ ଉଦ୍ୟତ ହେଉଅଛନ୍ତି। ମୋର ମନ ଆପଣଙ୍କ ସହିତ ସ୍ନେହ-ପାଶରେ ଆବଦ୍ଧ। ଆପଣମାନଙ୍କର ବିରହର ନାମରେହିଁ ମନ ଏପରି ବ୍ୟାକୁଳ ହେଉଛି ଯେ ଧୈର୍ଯ୍ୟ ଧରି ପାରୁନାହିଁ। ଆପଣମାନେ ଅନୁଗ୍ରହ କରି ମୋତେ ସହାୟରୂପେ ସଙ୍ଗରେ ନିଅନ୍ତୁ।"

ତାହାର ଏପରି କଥା ଶୁଣି ସେମାନେ ଦୟାର୍ଦ୍ର ଚିତ୍ତ ହୋଇ ତାହାକୁ ସଙ୍ଗରେ ନେଇ ସ୍ୱଦେଶକୁ ପ୍ରସ୍ଥାନ କଲେ। ଅନନ୍ତର ପଥ ମଧ୍ୟରେ ସେମାନଙ୍କ ଭିତରୁ ପାଞ୍ଚଜଣ ପଲ୍ଲୀପୁର ନାମକ ସ୍ଥାନରେ ଯାଉଥିବାବେଳେ କାକମାନେ କହିବାକୁ ଲାଗିଲେ, "ହେ କିରାତଗଣ, ଦଉଡ଼ ଦଉଡ଼। ଏହି ଧନୀଲୋକେ ସଉଆଲକ୍ଷେ ମୁଦ୍ରା ନେଇ ଯାଉଛନ୍ତି। ଏମାନଙ୍କୁ ବଧ କରି ସବୁ ଧନ ନେଇଯାଅ।"

ତହୁଁ କିରାତମାନେ କାକମାନଙ୍କର ବାକ୍ୟ ଶୁଣି ଶୀଘ୍ର ଯାଇ ସେହି ବ୍ରାହ୍ମଣମାନଙ୍କୁ ଲଗୁଡ଼ ପ୍ରହାରରେ ଜର୍ଜରିତ କରି ବସ୍ତ୍ର ଉନ୍ମୋଚନ କରି ଦେଖିଲେ। କିନ୍ତୁ କୌଣସି ଧନ ମିଳିଲା ନାହିଁ। ତହୁଁ କିରାତମାନେ କହିଲେ, "ଆରେ ପଥିକଗଣ, ପୂର୍ବରୁ କେବେହେଲେ କାକମାନଙ୍କର ବାକ୍ୟ ମିଥ୍ୟା ହୋଇନାହିଁ। ତେଣୁ ତୁମମାନଙ୍କ ପାଖରେ କୌଣସିଠାରେ ଧନ ଅଛି– ବାହାରକରି ଅର୍ପଣ କର; ନଚେତ୍ ସମସ୍ତଙ୍କୁ ବଧ କରି ଚର୍ମ ଉତାରି ସମସ୍ତ ଅଙ୍ଗକୁ ଖୋଜି ଧନ ନେବୁ।"

ସେମାନଙ୍କ ଏଭଳି କଥା ଶୁଣି ଚୌରବ୍ରାହ୍ମଣ ମନରେ ଚିନ୍ତାକଲା – 'ଏମାନେ ଯଦି ଏହି ବ୍ରାହ୍ମଣମାନଙ୍କୁ ବଧ କରି ସମସ୍ତ ଅଙ୍ଗକୁ ଦେଖି ରତ୍ନ ନିଅନ୍ତି, ତେବେ ମୋତେ ମଧ୍ୟ ବଧ କରିବେ। ତେଣୁ ମୁଁ ପ୍ରଥମେ ନିଜର ରତ୍ନରହିତ ଶରୀରକୁ ଅର୍ପଣ କରି ଏମାନଙ୍କୁ ରକ୍ଷା କରିବି। କଥିତ ଅଛି –

ମୃତ୍ୟୋର୍ବିଭେଷି କିଂ ବାଳ ନ ସ ଭୀତଂ ବିମୁଞ୍ଚତି।
ଅଦ୍ୟ ବାଽବ୍ଦଶତାନ୍ତେ ବା ମୃତ୍ୟୁର୍ବୈ ପ୍ରାଣିନାଂ ଧ୍ରୁବଃ॥ ୪୫୪॥

ଆରେ ମୂର୍ଖ! ମୃତ୍ୟୁକୁ ଭୟ କରୁଛୁ କାହିଁକି? ଭୟ କରୁଥିବା ଲୋକକୁ ମଧ୍ୟ ମୃତ୍ୟୁ ଛାଡ଼ିଦିଏ ନାହିଁ। ଆଜି ହେଉ ବା ଶତବର୍ଷ ପରେ ହେଉ, ପ୍ରାଣୀମାନଙ୍କର ମୃତ୍ୟୁ ହେବ, ଏହା ଧ୍ରୁବ। ୪୫୪। ପୁଣି –

ଗବାର୍ଥେ ବ୍ରାହ୍ମଣାର୍ଥେ ଚ ପ୍ରାଣତ୍ୟାଗଂ କରୋତି ଯଃ ।
ସୂର୍ଯ୍ୟସ୍ୟ ମଣ୍ଡଳଂ ଭିତ୍ତ୍ୱା ସ ଯାତି ପରମାଂ ଗତିମ୍ ।। ୪୫୫ ।।

ଯେଉଁ ଲୋକ ଗୋ ଓ ବ୍ରାହ୍ମଣଙ୍କ ରକ୍ଷା ନିମନ୍ତେ ପ୍ରାଣତ୍ୟାଗ କରେ, ସେ ସୂର୍ଯ୍ୟମଣ୍ଡଳକୁ ଭେଦକରି ପରମଗତି ଲାଭ କରେ । ୪୫୫ ।

ଏହିପରି ନିଶ୍ଚୟ କରି ସେ କିରାତମାନଙ୍କୁ କହିଲା, ''ହେ କିରାତମାନେ, ଯଦି ଏହାହିଁ ତୁମର ଇଚ୍ଛା, ତେବେ ପ୍ରଥମେ ମୋତେ ବଧ କରି ଦେଖ ।''

ତହୁଁ ସେମାନେ ତାହାହିଁ କରିବାରୁ ତାହାକୁ ଧନରହିତ ଦେଖି ଅନ୍ୟ ଚାରିଜଣଙ୍କୁ ଛାଡ଼ିଦେଲେ । ଏହି ହେତୁରୁ କହୁଥିଲି – 'ପଣ୍ଡିତୋଽପି ବରଂ ଶତ୍ରୁଃ . . .' ଇତ୍ୟାଦି ।

ତଦନନ୍ତର ଏ ଦୁହେଁ (ଦମନକ ଓ କରଟକ) ଏହିପରି କଥାବାର୍ତ୍ତା ହେଉଥିବାବେଳେ ସଞ୍ଜୀବକ ପିଙ୍ଗଳକ ସଙ୍ଗେ କ୍ଷଣେମାତ୍ର ଯୁଦ୍ଧ କରି, ତାର ତୀକ୍ଷ୍ଣ-ନଖର ପ୍ରହାରରେ ଆହତ ହୋଇ ପ୍ରାଣ ହରାଇ ତଳେ ପଡ଼ିଗଲା । ଏହାପରେ ପ୍ରାଣହୀନ ସଞ୍ଜୀବକକୁ ଚାହିଁ ପିଙ୍ଗଳକ ତାହାର ଗୁଣ-ସ୍ମରଣରେ ଆର୍ଦ୍ରହୃଦୟ ହୋଇ କହିଲା, ''ସଞ୍ଜୀବକକୁ ବଧ କରି ମୁଁ ପାପୀ ଅନ୍ୟାୟ କାର୍ଯ୍ୟ କରିଛି; କାରଣ ବିଶ୍ୱାସଘାତକଠାରୁ ବଳି ଅନ୍ୟ ଗୁରୁତର ପାପ ନାହିଁ । କଥିତ ଅଛି –

ମିତ୍ରଦ୍ରୋହୀ କୃତଘ୍ନଶ୍ଚ ଯଶ୍ଚ ବିଶ୍ୱାସଘାତକଃ ।
ତେ ନରା ନରକଂ ଯାନ୍ତି ଯାବଚ୍ଚନ୍ଦ୍ରଦିବାକରୌ ।। ୪୫୬ ।।

ଯେଉଁମାନେ ମିତ୍ରଦ୍ରୋହୀ, କୃତଘ୍ନ ଓ ବିଶ୍ୱାସଘତକ, ସେମାନେ ଚନ୍ଦ୍ରସୂର୍ଯ୍ୟ ଥିବାପର୍ଯ୍ୟନ୍ତ ନରକରେ ଯାଇ ପଡ଼ନ୍ତି । ୪୫୬ ।

ଭୂମିକ୍ଷୟେ ରାଜବିନାଶ ଏବ,
ଭୃତ୍ୟସ୍ୟ ବା ବୁଦ୍ଧିମତୋ ବିନାଶେ ।
ନୋ ଯୁକ୍ତମୁକ୍ତଂ ହ୍ୟନୟୋଃ ସମତ୍ୱଂ,
ନଷ୍ଟାପି ଭୂମିଃ ସୁଲଭା ନ ଭୃତ୍ୟାଃ ।। ୪୫୭ ।।

ଭୂମି କ୍ଷୟ ହେଲେ ଅର୍ଥାତ୍ ରାଜ୍ୟ ଚାଲିଗଲେ ତଥା ବୁଦ୍ଧିମାନ୍ ଭୃତ୍ୟର ବିନାଶ ହେଲେ ରାଜାଙ୍କର ବିନାଶ ହୁଏ । ପରନ୍ତୁ ଏ ଦୁଇଟିକୁ ସମାନ କହିବା ଯୁକ୍ତିଯୁକ୍ତ ନୁହେଁ; କାରଣ ବିନଷ୍ଟ ରାଜ୍ୟ ପୁନରାୟ ମିଳିପାରେ, କିନ୍ତୁ ବିନଷ୍ଟ ଭୃତ୍ୟ ଆଉ ମିଳିପାରିବ ନାହିଁ । ୪୫୭ ।

ଆହୁରି ମଧ୍ୟ ମୁଁ ସଭା ମଧ୍ୟରେ ତାହାକୁ ସର୍ବଦା ପ୍ରଶଂସା କରୁଥିଲି । ଏବେ ସଭାର ଲୋକମାନଙ୍କ ଆଗରେ କଅଣ କହିବି ? କଥିତ ଅଛି –

ଉକ୍ତୋ ଭବତି ଯଃ ପୂର୍ବଂ ଗୁଣବାନିତି ସଂସଦି ।
ନ ତସ୍ୟ ଦୋଷୋ ବକ୍ତବ୍ୟଃ ପ୍ରତିଜ୍ଞାଭଙ୍ଗଭୀରୁଣା ।। ୪୫୮ ।।

ସଭାରେ ଯାହାକୁ ପ୍ରଥମେ ଗୁଣବାନ୍ ବୋଲି କୁହାଯାଇଥାଏ, ପ୍ରତିଜ୍ଞାଭଙ୍ଗକୁ ଭୟ କରୁଥିବା ପ୍ରଭୁ ତାର ଦୋଷକୁ କହିବା ଉଚିତ ନୁହେଁ । ୪୫୮ ।

ପିଙ୍ଗଳକ ଏହିପରି ବିଳାପ କରୁଥିବାବେଳେ ଦମନକ ଆସି ଆନନ୍ଦରେ କହିଲା, ''ମହାରାଜ, ଆପଣଙ୍କର ଏ ନୀତି କାତରତା ଅଟେ; ଯେହେତୁ ଆପଣ ଦ୍ରୋହକାରୀ, ଶସ୍ୟଭୋଜୀ ସଞ୍ଜୀବକକୁ ବଧ କରି ଏପରି ଶୋଚନା କରୁଅଛନ୍ତି। ଏହା ରାଜାମାନଙ୍କ ପକ୍ଷରେ ଉପଯୁକ୍ତ ନୁହେଁ। କଥିତ ଅଛି –

ପିତା ବା ଯଦି ବା ଭ୍ରାତା ପୁତ୍ରୋ ଭାର୍ଯ୍ୟାଥବା ସୁହୃତ୍।
ପ୍ରାଣଦ୍ରୋହଂ ଯଦା ଗଚ୍ଛେଦ୍ଧନ୍ତବ୍ୟୋ ନାସ୍ତି ପାତକମ୍॥ ୪୫୯ ॥

ପିତା ହେଉ, ଭାଇ ହେଉ, ପୁଅ ହେଉ, ଭାର୍ଯ୍ୟା ହେଉ ବା ମିତ୍ର ହେଉ, ଏମାନଙ୍କ ମଧ୍ୟରୁ କେହି ଯଦି ପ୍ରାଣପାତ ଦ୍ରୋହ କରେ, ତେବେ ତାକୁ ବଧ କରିବା ଉଚିତ। ଏଥିରେ କିଛି ପାପ ନାହିଁ। ୪୫୯।

ରାଜା ଘୃଣୀ ବ୍ରାହ୍ମଣଃ ସର୍ବଭକ୍ଷୀ,
ସ୍ତ୍ରୀ ଚାଽତ୍ରପା ଦୁଷ୍ଟମତିଃ ସହାୟଃ।
ପ୍ରେଷ୍ୟଃ ପ୍ରତୀପୋଽଧିକୃତଃ ପ୍ରମାଦୀ,
ତ୍ୟାଜ୍ୟା ଅମୀ ଯଶ୍ଚ କୃତଂ ନ ବେତ୍ତି॥ ୪୬୦ ॥

ଦୟାଳୁ ରାଜା, ସର୍ବଭକ୍ଷୀ ବ୍ରାହ୍ମଣ, ନିର୍ଲଜ୍ଜା ସ୍ତ୍ରୀ, ଦୁଷ୍ଟବୁଦ୍ଧି ସହାୟ, ପ୍ରତିକୂଳ ଆଚରଣକାରୀ ଭୃତ୍ୟ, ପ୍ରମାଦୀ ଅଧିକାରୀ ଓ ଯେ କୃତଘ୍ନତା କରେ, ଏମାନଙ୍କୁ ତ୍ୟାଗ କରିବା ଉଚିତ। ୪୬୦। ପୁନଶ୍ଚ –

ସତ୍ୟାନୃତା ଚ ପରୁଷା ପ୍ରିୟବାଦିନୀ ଚ,
ହିଂସ୍ରା ଦୟାଳୁରପି ଚାର୍ଥପରା ବଦାନ୍ୟା।
ଭୂରୀବ୍ୟୟା ପ୍ରଚୁରବିତ୍ତ ସମାଗମା ଚ,
ବେଶ୍ୟାଙ୍ଗନେବ ନୃପନୀତିରନେକରୂପା॥ ୪୬୧ ॥

ବେଶ୍ୟା ସତ୍ୟ ପରି ପ୍ରତୀତ ଅଥଚ ପ୍ରକୃତରେ ଅସତ୍ୟ କଥା କହିଥାଏ, ମଧୁରଭାଷିଣୀ ହେଲେ ମଧ୍ୟ କଠୋର ହୋଇଥାଏ, ଦୟାବତୀ ହେଲେହେଁ ହିଂସ୍ର ହୋଇଥାଏ, ଅର୍ଥଲୋଭୀ ହେଲେହେଁ ବଦାନ୍ୟ ବୋଲି ପ୍ରତୀତ ହୋଇଥାଏ। ରାଜନୀତିରେ ମଧ୍ୟ ଏହିସବୁ ଗୁଣ ଅଛି। ତେଣୁ ରାଜନୀତି ବହୁରୂପିଣୀ ବେଶ୍ୟାସଦୃଶ ଅଟେ। ୪୬୧। ପୁଣି –

ଅକୃତୋପଦ୍ରବଃ କଶ୍ଚିନ୍ମହାନପି ନ ପୂଜ୍ୟତେ।
ପୂଜୟନ୍ତି ନରା ନାଗାନ୍ନ ତାର୍କ୍ଷ୍ୟ ନାଗଘାତିନମ୍॥ ୪୬୨ ॥

ଉପଦ୍ରବ କରୁ ନଥିବା କୌଣସି ଲୋକ ମହାନ୍ ହେଲେ ମଧ୍ୟ ପୂଜା ପାଆନ୍ତି ନାହିଁ। ଉଦାହରଣସ୍ୱରୂପ ଲୋକେ ସର୍ପକୁ ପୂଜା କରିଥାନ୍ତି, କିନ୍ତୁ ସର୍ପହନ୍ତା ଗରୁଡ଼କୁ କେହି ପୂଜା କରନ୍ତି ନାହିଁ। ୪୬୨। ପୁଣି –

ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ।
ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ॥ ୪୬୩॥

ଯେଉଁମାନଙ୍କୁ ଶୋଚନା କରିବା ଉଚିତ ନୁହେଁ, ତୁମେ ସେମାନଙ୍କୁ ଶୋଚନା କରୁଛ ଓ ବୁଦ୍ଧିମାନ୍ ଲୋକଙ୍କ ପରି କଥା କହୁଛ। ପଣ୍ଡିତମାନେ ମୃତମାନଙ୍କୁ ଅନୁଶୋଚନା କରନ୍ତି ନାହିଁ କି ଜୀବିତମାନଙ୍କୁ ଅନୁଶୋଚନା କରନ୍ତି ନାହିଁ। ୪୬୩।

ଏହି ପ୍ରକାର କଥାରେ ପିଙ୍ଗଳକ ସଞ୍ଜୀବକବଧଜନିତ ଶୋକ ତ୍ୟାଗକରି ଦମନକକୁ ସଚିବ ପଦରେ ବସାଇ ରାଜତ୍ୱ କରିବାକୁ ଲାଗିଲା।

[ଇତି ଶ୍ରୀବିଷ୍ଣୁଶର୍ମବିରଚିତେ ପଞ୍ଚତନ୍ତ୍ରେ ମିତ୍ରଭେଦଂ ନାମ ପ୍ରଥମଂ ତନ୍ତ୍ରଂ ସମାପ୍ତମ୍।]

□ □ □

ମିତ୍ରପ୍ରାପ୍ତି

କଥା-ପ୍ରସ୍ତାବନା

ଏବେ ମିତ୍ରପ୍ରାପ୍ତି ନାମକ ଦ୍ୱିତୀୟ ତନ୍ତ୍ର ଆରମ୍ଭ କରାଯାଉଅଛି। ଏହାର ପ୍ରଥମ ଶ୍ଳୋକ ହେଉଛି –

ଅସାଧନା ଅପି ପ୍ରଜ୍ଞା ବୁଦ୍ଧିମନ୍ତୋ ବହୁଶ୍ରୁତାଃ।
ସାଧୟନ୍ତ୍ୟାଶୁ କାର୍ଯ୍ୟାଣି କାକାଖୁମୃଗକୂର୍ମବତ୍‌। ୧।

ପ୍ରାଜ୍ଞ, ବୁଦ୍ଧିମନ୍ତ ଓ ସାଂସାରିକ ଅଭିଜ୍ଞତାସମ୍ପନ୍ନ ଲୋକେ ସାଧନାରହିତ ହୋଇଥିଲେ ମଧ୍ୟ କାକ, ମୂଷିକ, ମୃଗ ଓ କଚ୍ଛପପରି ନିଜର କାର୍ଯ୍ୟକୁ ସତ୍ୱର ସମ୍ପାଦନ କରିଥାନ୍ତି। ୧।

ଶୁଣାଯାଏ, ଦାକ୍ଷିଣାତ୍ୟର ଏକ ଦେଶରେ ମହିଳାରୋପ୍ୟ ନାମରେ ଗୋଟିଏ ନଗର ଥିଲା। ସେଠାରୁ ଅଳ୍ପ ଦୂରରେ ଏକ ଉନ୍ନତ ବଟବୃକ୍ଷ ଥିଲା। ନାନା ଶ୍ରେଣୀର ପକ୍ଷୀମାନେ ଏହାର ଫଳ ଭକ୍ଷଣ କରୁଥିଲେ। ଏହାର କୋଟରମାନଙ୍କରେ କୀଟମାନେ ବାସକରୁଥିଲେ ଓ ପଥଶ୍ରାନ୍ତ ପଥିକମାନେ ଏହାର ସୁଶୀତଳ ଛାୟାରେ ଆଶ୍ରୟ ଗ୍ରହଣ କରୁଥିଲେ। ଯଥାର୍ଥରେ –

ଛାୟା ସୁପ୍ତମୃଗଃ ଶକୁନ୍ତନିବହୈର୍ବିଷ୍ୱଗ୍‌ ବିଲୁପ୍ତଚ୍ଛଦଃ
କୀଟୈରାବୃତକୋଟରଃ କପିକୁଳୈଃ ସ୍କନ୍ଧେ କୃତପ୍ରଶ୍ରୟଃ।
ବିଶ୍ରବ୍ଧଂ ମଧୁପୈର୍ନିପୀତକୁସୁମଃ ଶ୍ଳାଘ୍ୟଃ ସ ଏବ ଦ୍ରୁମଃ
ସର୍ବାଙ୍ଗୈର୍ବହୁସତ୍ତ୍ୱ ସ୍ୱର୍ଗ ସୁଖଦୋ ଭୂଭାରଭୂତୋଽପରଃ। ୨।

ଯାହାର ଛାୟାରେ ମୃଗଗଣ ଶୟନ କରନ୍ତି, ଯାହାର ପତ୍ରସମୂହ ପକ୍ଷୀମାନଙ୍କଦ୍ୱାରା ଚତୁର୍ଦ୍ଦିଗରେ ଆବୃତ, ଯାହାର କୋଟର କୀଟମାନଙ୍କଦ୍ୱାରା ଆଚ୍ଛନ୍ନ, ଯାହାର ଶାଖାମାନଙ୍କରେ କପିକୁଳ ଆଶ୍ରୟ ନିଅନ୍ତି, ଯାହାର ପୁଷ୍ପମାନଙ୍କରୁ ଭ୍ରମରମାନେ ନିର୍ଭୟରେ ମଧୁପାନ କରନ୍ତି, ଯେ ଏହିପରି ବହୁବିଧ ପ୍ରାଣୀଙ୍କୁ ସଙ୍ଗସୁଖ ଦାନ କରେ, ସେ ବୃକ୍ଷ ପ୍ରଶଂସନୀୟ ଅଟେ। ଅନ୍ୟ ବୃକ୍ଷ କେବଳ ପୃଥିବୀର ଭାର ମାତ୍ର। ୨।

ସେହି ବୃକ୍ଷରେ ଲଘୁପତନକ ନାମରେ ଗୋଟିଏ ବାୟସ ବାସକରୁଥିଲା। ଏକଦା ଆହାର ସଂଗ୍ରହ ନିମନ୍ତେ ନଗର ଆଡ଼କୁ ଯାଉ ଯାଉ ସେ ଆଗରେ ଯମକିଙ୍କର ସଦୃଶ ଗୋଟିଏ ଘୋର କୃଷ୍ଣକାୟ ଲୋକକୁ ଦେଖିଲା। ସେ ହସ୍ତରେ ଜାଲ ଧରିଥିଲା। ତାହାର ପାଦରେ କ୍ଷତ ଥିଲା ଓ ତାହାର କେଶ ମସ୍ତକ ଉପରେ ବନ୍ଧ ଥିଲା। ତାହାକୁ ଦେଖି ଲଘୁପତନକ ଭୟଭୀତ ହୋଇ ଚିନ୍ତା କରିବାକୁ ଲାଗିଲା– 'ଏ ଦୁରାତ୍ମା ବ୍ୟାଧ ଆମର ଆଶ୍ରୟରୂପୀ ବଟବୃକ୍ଷ ଆଡ଼କୁ ଯାଉଛି। ତେଣୁ ଆଜି

ବଟବୃକ୍ଷବାସୀ ପକ୍ଷୀମାନଙ୍କର ବିନାଶ ଘଟିବ କି ନା, ବୁଝିହେଉନାହିଁ।' ଏହିପରି ନାନା କଥା ଚିନ୍ତା କରି କରି ସେ ତତ୍‌କ୍ଷଣାତ୍ ସେଠାରୁ ସେହି ବଟବୃକ୍ଷକୁ ଫେରିଆସି ପକ୍ଷୀମାନଙ୍କୁ କହିଲା, ''ଜଣେ ଦୁରାତ୍ମା ବ୍ୟାଧ ହାତରେ ଜାଲ ଓ ତଣ୍ଡୁଳ ଧରି ଆସୁଛି। ତାହାକୁ ଆଦୌ ବିଶ୍ୱାସ କରିବା ଉଚିତ ନୁହେଁ। ସେ ଜାଲକୁ ବିସ୍ତାର କରି ତଣ୍ଡୁଳ ନିକ୍ଷେପ କରିବ। ତୁମେମାନେ ସମସ୍ତେ ତଣ୍ଡୁଳକୁ କାଳକୂଟ ବିଷରୂପେ ଦେଖିବା ଉଚିତ।''

ସେ ଏହା କହୁଥିଲାବେଳେ ବ୍ୟାଧ ସେହି ବଟବୃକ୍ଷ ତଳକୁ ଆସି ଜାଲକୁ ବିସ୍ତାର କଲା ଓ ମଲ୍ଲୀଫୁଲ ପରି ଚାଉଳଗୁଡ଼ିକୁ ନିକ୍ଷେପ କରି ଅଳ୍ପ ଦୂରରେ ନିଜେ ଲୁଚିରହିଲା। ସେଠାରେ ଥିବା ପକ୍ଷୀମାନେ ଲଘୁପତନକର କଥାରେ ନିବୃତ୍ତ ହୋଇ ସେହି ତଣ୍ଡୁଳକୁ ହଳାହଳ ସଦୃଶ ମନେକରି ନିସ୍ତବ୍ଧ ଭାବରେ ରହିଲେ।

ଏଥିମଧ୍ୟରେ ଚିତ୍ରଗ୍ରୀବ ନାମକ କପୋତରାଜ ନିଜ ପରିବାରର ସହସ୍ର ସଂଖ୍ୟକ କପୋତ ସହିତ ଆହାର ସଂଗ୍ରହ ଉଦ୍ଦେଶ୍ୟରେ ଭ୍ରମଣ କରୁ କରୁ ଦୂରରୁ ସେହି ତଣ୍ଡୁଳକୁ ଦେଖି ଲଘୁପତନକର ବାରଣସତ୍ତ୍ୱେ ଜିହ୍ୱାଲାଳସାବଶତଃ ତାହାକୁ ଖାଇବା ନିମନ୍ତେ ତାହା ଉପରେ ବସିପଡ଼ିଲା ଓ ସପରିବାର ଜାଲରେ ଆବଦ୍ଧ ହେଲା। ଅଥବା ଯଥାର୍ଥରେ କୁହାଯାଇଅଛି –

ଜିହ୍ୱାଲୌଲ୍ୟପ୍ରସକ୍ତାନାଂ ଜଳମଧ୍ୟନିବାସିନାମ୍।
ଅଚିନ୍ତିତୋ ବଧୋଽଜ୍ଞାନାଂ ମୀନାନାମିବ ଜାୟତେ॥ ୩॥

ଜିହ୍ୱାର ଲାଳସାରେ ଆସକ୍ତ ମୂର୍ଖ ଲୋକେ ଜଳମଧ୍ୟରେ ବାସକରୁଥିବା ମତ୍ସ୍ୟମାନଙ୍କପରି ଅଚିନ୍ତିତ ଭାବରେ ମୃତ୍ୟୁମୁଖରେ ପଡ଼ିଥାନ୍ତି। ୩।

ଅଥବା ଦୈବ ପ୍ରତିକୂଳ ହେବାରୁ ଏପରି ଘଟିଥାଏ। ଏଥିରେ ଚିତ୍ରଗ୍ରୀବର ଦୋଷ ନାହିଁ। କଥିତ ଅଛି –

ପୌଲସ୍ତ୍ୟଃ କଥମନ୍ୟଦାରହରଣେ ଦୋଷଂ ନ ବିଜ୍ଞାତବାନ୍
ରାମେଣାଽପି କଥଂ ନ ହେମହରିଣସ୍ୟାସମ୍ଭବୋ ଲକ୍ଷିତଃ।
ଅକ୍ଷୈଶ୍ଚାପି ଯୁଧିଷ୍ଠିରେଣ ସହସା ପ୍ରାପ୍ତୋ ହ୍ୟନର୍ଥଃ କଥଂ
ପ୍ରତ୍ୟାସନ୍ନବିପତ୍ତିମୂଢ଼ମନସାଂ ପ୍ରାୟୋ ମତିଃ କ୍ଷୀୟତେ। ୪।

ରାବଣ ଅନ୍ୟ ଲୋକର ପତ୍ନୀକୁ ହରଣ କରିବା ଦୋଷ ବୋଲି କାହିଁକି ବିଚାରିଲା ନାହିଁ? ସୁନାର ହରିଣ ଅସମ୍ଭବ ବ୍ୟାପାର ବୋଲି ରାମଚନ୍ଦ୍ର ବୁଝିଲେ ନାହିଁ କାହିଁକି? ଯୁଧିଷ୍ଠିର ମଧ୍ୟ କାହିଁକି ହଠାତ୍ ପଶା ଖେଳିବାକୁ ଯାଇ ଅନର୍ଥରେ ପଡ଼ିଲେ? ଆସନ୍ନ ବିପତ୍ତି ହେତୁରୁ ଯେଉଁମାନଙ୍କ ମନର ଭ୍ରମ ଘଟିଥାଏ, ସେମାନଙ୍କର ବୁଦ୍ଧି ପ୍ରାୟଶଃ କ୍ଷୀଣ ହୋଇଯାଇଥାଏ। ୪। ପୁଣି –

କୃତାନ୍ତପାଶବଦ୍ଧାନାଂ ଦୈବୋପହତଚେତସାମ୍।
ବୁଦ୍ଧୟଃ କୁବ୍ଜଗାମିନ୍ୟୋ ଭବନ୍ତି ମହତାମପି॥ ୫॥

ଯେଉଁମାନେ ଯମର ପାଶରେ ଆବଦ୍ଧ ହୋଇଥାନ୍ତି, ଦୈବ ଯେଉଁମାନଙ୍କର

ବୁଦ୍ଧିକୁ ନଷ୍ଟ କରିଦେଇଥାଏ, ସେମାନେ ମହାପୁରୁଷ ହୋଇଥିଲେ ମଧ୍ୟ ସେମାନଙ୍କର ବୁଦ୍ଧି କୁମାର୍ଗକୁ ଅନୁସରଣ କରିଥାଏ । ୫ ।

ଏଥିମଧ୍ୟରେ କପୋତମାନେ ଜାଲବଦ୍ଧ ହୋଇଥିବାର ଜାଣିପାରି ବ୍ୟାଧ ଆନନ୍ଦିତ ମନରେ ଯଷ୍ଟି ଧରି ସେମାନଙ୍କୁ ବଧ କରିବାକୁ ଧାଇଁଲା । ଚିତ୍ରଗ୍ରୀବ ସପରିବାର ନିଜେ ଜାଲବଦ୍ଧ ହୋଇଥିବାର ଜାଣି ଓ ବ୍ୟାଧକୁ ଆସୁଥିବାର ଦେଖି କପୋତମାନଙ୍କୁ କହିଲା – "ଭୟ କରିବା ଉଚିତ ନୁହେଁ । କଥିତ ଅଛି –

ବ୍ୟସନେଷ୍ୱେବ ସର୍ବେଷୁ ଯସ୍ୟ ବୁଦ୍ଧିର୍ନ ହୀୟତେ ।
ନ ତେଷାଂ ପାରମଭ୍ୟେତି ତତ୍ପ୍ରଭାବାଦସଂଶୟମ୍ ।। ୬ ।।

ସକଳ ପ୍ରକାର ବିପତ୍ତି ଉପସ୍ଥିତ ହେଲେହେଁ ଯେଉଁ ବ୍ୟକ୍ତିର ବୁଦ୍ଧି ଭ୍ରଂଶ ହୁଏ ନାହିଁ, ସେ ନିଜର ବୁଦ୍ଧି ପ୍ରଭାବରେ ସେହି ବିପଦମାନଙ୍କୁ ଅତିକ୍ରମ କରିଥାଏ । ୬ ।

ସମ୍ପତ୍ତୌ ଚ ବିପତ୍ତୌ ଚ ମହତାମେକରୂପତା ।
ଉଦୟେ ସବିତା ରକ୍ତୋ ରକ୍ତଶ୍ଚାସ୍ତମୟେ ତଥା ।। ୭ ।।

ସମ୍ପତ୍ତିରେ ତଥା ବିପତ୍ତିରେ ମହାପୁରୁଷମାନେ ସମଭାବରେ ରହିଥାନ୍ତି । ୭ ।

ଅତଏବ ଆମେ ସମସ୍ତେ ସହଜରେ ଉଡ଼ିଯାଇ ତାର ଜାଲ ସହିତ ପଳାଇବା । ଏହି ବ୍ୟାଧର ଦୃଷ୍ଟିପଥ ଅତିକ୍ରମ କରିଗଲେ ଆମେ ମୁକ୍ତି ପାଇପାରିବା; ନଚେତ୍ ଭୟରେ ହତବୁଦ୍ଧି ହୋଇ ଉଡ଼ି ନ ଗଲେ ମୃତ୍ୟୁମୁଖରେ ପଡ଼ିବା । କଥିତ ଅଛି –

ତନବୋଽପ୍ୟାୟତା ନିତ୍ୟଂ ତନ୍ତବୋ ବହୁଳାଃ ସମାଃ ।
ବହୂନ୍ ବହୁତ୍ୱାଦାୟାସାନ୍ ସହନ୍ତୀତ୍ୟୁପମା ସତାମ୍ ।। ୮ ।।

ତନ୍ତୁ ସୂକ୍ଷ୍ମ ଓ ଦୀର୍ଘ ହୋଇଥିଲେହେଁ ବହୁସଂଖ୍ୟକ ତନ୍ତୁ ସମାନ ଦୈର୍ଘ୍ୟ-ବିଶିଷ୍ଟ ଓ ଏକତ୍ର ହେଲେ ବିରାଟ ବୋଝ ସହିପାରେ । ଏହା ସଜ୍ଜନମାନଙ୍କ ପାଇଁ ଏକ ଦୃଷ୍ଟାନ୍ତ । ଅର୍ଥାତ୍ ବୁଦ୍ଧିମାନ୍ ଲୋକ ଦୁର୍ବଳ ହୋଇଥିଲେହେଁ ଅନ୍ୟମାନଙ୍କ ସହିତ ମିଳି ବିପଦରୁ ଉଦ୍ଧାର ପାଇଥାଏ । ୮ ।

କପୋତମାନେ ସେହିପରି କାର୍ଯ୍ୟ କରି ଜାଲ ସହିତ ଆକାଶରେ ଉଡ଼ିଯାଉଥିଲାବେଳେ ବ୍ୟାଧ ଭୂମି ଉପରେ ସେମାନଙ୍କ ପଛରେ ଦୌଡ଼ିବାକୁ ଲାଗିଲା । ତହୁଁ ସେ ମୁଖ ଉପରକୁ ରଖି କହିଲା –

ଜାଲମାଦାୟ ଗଚ୍ଛନ୍ତି ସଂହତାଃ ପକ୍ଷିଣୋଽପ୍ୟମୀ ।
ଯାବଚ୍ଚ ବିବଦିଷ୍ୟନ୍ତେ ପତିଷ୍ୟନ୍ତି ନ ସଂଶୟଃ ।। ୯ ।।

ଏହି ପକ୍ଷୀମାନେ କେବଳ ଏକତାବଳରେ ଜାଲ ଘେନି ପଳାଉଛନ୍ତି । ଯଦି ଏମାନଙ୍କ ମଧ୍ୟରେ ବିବାଦ ଘଟିବ, ତେବେ ଏମାନେ ଯେ ଭୂମି ଉପରେ ପଡ଼ିବେ, ଏଥିରେ ସନ୍ଦେହ ନାହିଁ । ୯ ।

ଏଣେ ଲଘୁପତନକ ଆହାର ସଂଗ୍ରହ କାର୍ଯ୍ୟ ତ୍ୟାଗ କରି କପୋତମାନଙ୍କର କଅଣ ହେବ, ଏହି କୌତୂହଳବଶତଃ ସେମାନଙ୍କର ଅନୁସରଣ କଲା । ଅନନ୍ତର

ବ୍ୟାଧ ଦେଖିଲା ଯେ କପୋତମାନେ ତାର ଦୃଷ୍ଟିପଥରୁ ଅନ୍ତର ହୋଇଗଲେ। ତହୁଁ ସେ ନିରାଶ ହୋଇ ନିମ୍ନଲିଖିତ ଶ୍ଳୋକଟି ପାଠ କରି ଫେରିଗଲା।

ନ ହି ଭବତି ଯନ୍ନ ଭାବ୍ୟଂ ଭବତି ଚ ଭାବ୍ୟଂ ବିନାଯତ୍ନେନ।
କରତଳଗତମପି ନଶ୍ୟତି ଯସ୍ୟ ହି ଭବିତବ୍ୟତା ନାସ୍ତି॥ ୧୦॥

ଯାହା ହେବାର କଥା ନୁହେଁ, ତାହା କଦାପି ହେବନାହିଁ। ପୁଣି ଯାହା ହେବାର କଥା, ତାହା ବିନା ଯତ୍ନରେ ମଧ୍ୟ ହେବ। ଯେଉଁ ବସ୍ତୁ ମିଳିବାର ନ ଥିବ, ତାହା ହାତକୁ ଆସିଲେ ମଧ୍ୟ ବିନଷ୍ଟ ହୋଇଯିବ। ୧୦। ପୁନଶ୍ଚ–

ପରାଙ୍ମୁଖୋ ବିଧୌ ଚେତ୍ସ୍ୟାତ୍କଥଞ୍ଚିଦ୍ଦ୍ରବିଣୋଦୟଃ।
ତତ୍ସୋଽନ୍ୟଦପି ସଂଗୃହ୍ୟ ଯାତି ଶଙ୍ଖନିଧିର୍ଯଥା॥ ୧୧॥

ଭାଗ୍ୟ ପ୍ରତିକୂଳ ହେଲେ ଯଦି କୌଣସି ପ୍ରକାରେ କିଛି ଧନଲାଭ ହୁଏ, ତେବେ ତାହା ପୂର୍ବସଞ୍ଚିତ ଧନକୁ ମଧ୍ୟ ନେଇ ଶଙ୍ଖନିଧି ଭଳି ନଷ୍ଟ ହୋଇଯାଏ (ଚାଲିଯାଏ)। ୧୧।

ଏବେ ପକ୍ଷୀମାଂସ ଖାଇବା ଲୋଭକଥା ଦୂରେ ଥାଉ; ମୋର କୁଟୁମ୍ବ-ପୋଷଣର ଉପାୟରୂପ ଜାଲଟି ମଧ୍ୟ ନଷ୍ଟ ହୋଇଗଲା।

ଚିତ୍ରଗ୍ରୀବ ଦେଖିଲା ଯେ ବ୍ୟାଧ ଆଉ ଦେଖାଯାଉନାହିଁ। ତହୁଁ ସେ କପୋତମାନଙ୍କୁ କହିଲା– "ସେ ଦୁଷ୍ଟ ବ୍ୟାଧ ଫେରିଗଲାଣି। ତେଣୁ ସମସ୍ତେ ନିର୍ଭୟରେ ମହିଳାରୋପ୍ୟ ନଗରର ପୂର୍ବୋତ୍ତର ଦିଗକୁ ଚାଲ। ସେଠାରେ ମୋର ସୁହୃଦ୍ ହିରଣ୍ୟକ ନାମକ ମୂଷିକ ଅଛନ୍ତି। ସେ ସମସ୍ତଙ୍କର ବନ୍ଧନ ଛିନ୍ନ କରିଦେବେ। କଥିତ ଅଛି–

ସର୍ବେଷାମେବ ମର୍ତ୍ତ୍ୟାନାଂ ବ୍ୟସନେ ସମୁପସ୍ଥିତେ।
ବାଙ୍ମାତ୍ରେଣାପି ସାହାଯ୍ୟଂ ମିତ୍ରାଦନ୍ୟୋ ନ ସଂଦଧେ॥ ୧୨॥

ମନୁଷ୍ୟମାନଙ୍କର ବିପଦ ଉପସ୍ଥିତ ହେଲେ, ମିତ୍ର ଛଡ଼ା ଅନ୍ୟ କେହି ସେମାନଙ୍କୁ ବାକ୍ୟରେ ସୁଦ୍ଧା ସାହାଯ୍ୟ କରେ ନାହିଁ। ୧୨।

ଚିତ୍ରଗ୍ରୀବ କପୋତମାନଙ୍କୁ ଏହିପରି କହନ୍ତେ, ସେମାନେ ମହିଳାରୋପ୍ୟ ନଗରରେ ଥିବା ହିରଣ୍ୟକର ଗର୍ତ୍ତରୂପକ ଦୁର୍ଗରେ ଉପସ୍ଥିତ ହେଲେ। ହିରଣ୍ୟକ ସହସ୍ରଦ୍ୱାରବିଶିଷ୍ଟ ଗର୍ତ୍ତ-ଦୁର୍ଗରେ ପ୍ରବେଶ କରି ନିର୍ଭୟରେ ବାସକରୁଥିଲା। ଅଥବା ଯଥାର୍ଥରେ କୁହାଯାଇଅଛି–

ଅନାଗତଭୟଂ ଦୃଷ୍ଟ୍ୱା ନୀତିଶାସ୍ତ୍ରବିଶାରଦଃ।
ଅବସନ୍ମୂଷକସ୍ତତ୍ର କୃତ୍ୱା ଶତମୁଖଂ ବିଳମ୍॥ ୧୩॥

ଭବିଷ୍ୟତରେ ବିପଦ ଆସିବାର ସମ୍ଭାବନା କଥା ମନରେ ରଖି ନୀତିକୁଶଳ ସେହି ହିରଣ୍ୟକ ନାମକ ମୂଷିକରାଜା ଶତମୁଖବିଶିଷ୍ଟ ଅର୍ଥାତ୍ ଶହେଟି ଦୁଆର ଥିବା ବିଳରେ ସୁଖରେ ରହୁଥିଲା। ୧୩।

ଦଂଷ୍ଟ୍ରାବିରହିତଃ ସର୍ପୋ ମଦହୀନୋ ଯଥା ଗଜଃ।
ସର୍ବେଷାଂ ଜାୟତେ ବଶ୍ୟୋ ଦୁର୍ଗହୀନସ୍ତଥା ନୃପଃ॥ ୧୪॥

ଯେପରି ଦନ୍ତବିହୀନ ସର୍ପ ତଥା ମଦହୀନ ହସ୍ତୀ ସମସ୍ତଙ୍କର ବଶ ହୋଇଥାଏ, ସେହିପରି ଦୁର୍ଗହୀନ ରାଜା ମଧ୍ୟ ସମସ୍ତଙ୍କର ବଶତା ସ୍ୱୀକାର କରିଥାନ୍ତି। ୧୪। ପୁଣି –

ନ ଗଜାନାଂ ସହସ୍ରେଣ ନ ଚ ଲକ୍ଷେଣ ବାଜିନାମ୍।
ତତ୍କର୍ମ ସିଦ୍ଧ୍ୟତେ ରାଜ୍ଞାଂ ଦୁର୍ଗେଣୈକେନ ଯଦ୍ରଣେ॥ ୧୫॥

ଯୁଦ୍ଧରେ ରାଜାମାନେ ଗୋଟିଏ ମାତ୍ର ଦୁର୍ଗରୁ ଯେଉଁ ଉପକାର ପାଇଥାନ୍ତି, ସହସ୍ର ହସ୍ତୀଠାରୁ ବା ଲକ୍ଷ ଅଶ୍ୱଠାରୁ ମଧ୍ୟ ସେଭଳି ଉପକାର ପାଇପାରନ୍ତି ନାହିଁ। ୧୫।

ଶତମେକୋଽପି ସଂଧତ୍ତେ ପ୍ରାକାରସ୍ଥୋ ଧନୁର୍ଦ୍ଧରଃ।
ତସ୍ମାଦ୍‌ଦୁର୍ଗଂ ପ୍ରଶଂସନ୍ତି ନୀତିଶାସ୍ତ୍ରବିଦୋ ଜନାଃ॥ ୧୬॥

ଦୁର୍ଗର ପ୍ରାଚୀର ଉପରେ ଛିଡ଼ା ହୋଇ ଜଣେ ମାତ୍ର ଧନୁର୍ଦ୍ଧର ସୈନ୍ୟ ଶହେ ଜଣଙ୍କ ବିରୁଦ୍ଧରେ ଯୁଦ୍ଧ କରିପାରେ। ସେଥିପାଇଁ ନୀତିଶାସ୍ତ୍ରବେତ୍ତାମାନେ ଦୁର୍ଗର ପ୍ରଶଂସା କରିଥାନ୍ତି। ୧୬।

ଅନନ୍ତର ଚିତ୍ରଗ୍ରୀବ ଗର୍ତ୍ତ ନିକଟକୁ ଯାଇ ଉଚ୍ଚ ସ୍ୱରରେ କହିଲା, ‘‘ହେ ମିତ୍ର ହିରଣ୍ୟକ! ଶୀଘ୍ର ଆସ। ମୋର ଭୀଷଣ ବିପଦ ଉପସ୍ଥିତ ହୋଇଅଛି।’’ ଏହା ଶୁଣି ହିରଣ୍ୟକ ଗର୍ତ୍ତ-ଦୁର୍ଗ ମଧ୍ୟରେ ଥାଇ କହିଲା, ‘‘ଆହେ, ତୁମେ କିଏ? କାହିଁକି ଆସିଛ? ଆସିବାର କାରଣ କଅଣ? ତୁମେ କିପରି ବିପଦରେ ପଡ଼ିଛ– ଏସବୁ କଥା କୁହ।’’ ଏହା ଶୁଣି ଚିତ୍ରଗ୍ରୀବ କହିଲା, ‘‘ମୁଁ ହେଉଛି ତୁମର ବନ୍ଧୁ କପୋତରାଜ ଚିତ୍ରଗ୍ରୀବ। ଅତଏବ ଶୀଘ୍ର ଆସ। ତୁମଠାରେ ଗୁରୁତର ପ୍ରୟୋଜନ ଅଛି।’’

ତାହା ଶୁଣି ହିରଣ୍ୟକ ଅତ୍ୟନ୍ତ ଆନନ୍ଦିତ ଓ ସ୍ଥିରମନା ହୋଇ ପୁଲକିତ ଶରୀରରେ ସତ୍ୱର ଗର୍ତ୍ତରୁ ବହିର୍ଗତ ହେଲା। ଅଥବା ଯଥାର୍ଥରେ କୁହାଯାଇଅଛି –

ସୁହୃଦଃ ସ୍ନେହସମ୍ପନ୍ନା ଲୋଚନାନନ୍ଦଦାୟିନଃ।
ଗୃହେ ଗୃହବତାଂ ନିତ୍ୟମାଗଚ୍ଛନ୍ତି ମହାତ୍ମନାମ୍॥ ୧୭॥

ସ୍ନେହପୂର୍ଣ୍ଣ ଓ ଚକ୍ଷୁର ଆନନ୍ଦଦାୟକ ମିତ୍ର ଗୃହସ୍ଥ ମହାପୁରୁଷମାନଙ୍କ ଗୃହକୁ ସର୍ବଦା ଆସିନଥାନ୍ତି। ୧୭।

ଆଦିତ୍ୟସ୍ୟୋଦୟଂ ତାତ ତାମ୍ବୂଳଂ ଭାରତୀ କଥା।
ଇଷ୍ଟା ଭାର୍ଯ୍ୟା ସୁମିତ୍ରଂ ଚ ଅପୂର୍ବାଣି ଦିନେ ଦିନେ॥ ୧୮॥

ସୂର୍ଯ୍ୟୋଦୟ, ତାମ୍ବୁଳ (ପାନଖିଲ), ମହାଭାରତ କଥା, ପତିବ୍ରତା ଭାର୍ଯ୍ୟା ଓ ସାଧୁ ମିତ୍ର– ଏମାନେ ପ୍ରତ୍ୟହ ଅପୂର୍ବ (ସୁଖଦାୟକ) ଅଟନ୍ତି। ୧୮।

ସୁହୃଦୋ ଭବନେ ଯସ୍ୟ ସମାଗଚ୍ଛନ୍ତି ନିତ୍ୟଶଃ।
ଚିତ୍ତେ ଚ ତସ୍ୟ ସୌଖ୍ୟସ୍ୟ ନ କିଞ୍ଚିଦ୍ ପ୍ରତିମଂ ସୁଖମ୍॥ ୧୯॥

ଯେଉଁ ଲୋକର ଗୃହକୁ ମିତ୍ର ପ୍ରତ୍ୟହ ଆସିଥାଏ, ତାହାର ଅନ୍ତରରେ ଯେଉଁ ସୁଖ ଜାତ ହୁଏ, ସେ ସୁଖର ତୁଳନା ନାହିଁ। ୧୯।

ଅନନ୍ତର ସପରିବାର ଚିତ୍ରଗ୍ରୀବ ଜାଲବଦ୍ଧ ହୋଇଥିବାର ଦେଖି ହିରଣ୍ୟକ ଦୁଃଖ-ସହକାରେ କହିଲା, "ଏ କଅଣ?" ଚିତ୍ରଗୀବ ଉତ୍ତର କଲା, "ଜାଣି ଜାଣି ପଚାରୁଛ କାହିଁକି? ଯେହେତୁ କଥିତ ଅଛି—

ଯସ୍ମାଚ୍ଚ ଯେନ ଚ଼ ଯଦା ଚ଼ ଯଥା ଚ଼ ଯଚ୍ଚ
ଯାବଚ୍ଚ ଯତ୍ର ଚ଼ ଶୁଭାଶୁଭମାତ୍ମକର୍ମ।
ତସ୍ମାଚ୍ଚ ତେନ ଚ଼ ତଦା ଚ଼ ତଥା ଚ଼ ତଚ୍ଚ
ତାବଚ୍ଚ ତତ୍ର ଚ଼ କୃତାନ୍ତବଶାଦୁପୈତି॥ ୨୦॥

ଦୈବବଶରୁ ପୁରୁଷ ଯାହାଠାରୁ, ଯାହାଦ୍ୱାରା, ଯେତେବେଳେ, ଯେପରି ଆପଣାର ଶୁଭାଶୁଭ କର୍ମର ଯେଉଁ ଫଳ ପାଇବାକୁ ଥାଏ, ତାହାଠାରୁ, ତାହାଦ୍ୱାରା, ସେତିକିବେଳେ ସେହିପରି ଉକ୍ତ ଫଳ ପାଇଥାଏ। ୨୦।

ଜିହ୍ୱାଲାଳସାରୁ ମୁଁ ଏ ବନ୍ଧନରେ ପଡ଼ିଛି। ବର୍ତ୍ତମାନ ତୁମେ ଶୀଘ୍ର ଆମର ପାଶ ଛେଦନ କର।"

ଅଧର୍ଦ୍ଧାଦ୍‌ଯୋଜନଶତାଦାମିଷଂ ବୀକ୍ଷ୍ୟତେ ଖଗଃ।
ସୋଽପି ପାର୍ଶ୍ୱସ୍ଥିତଂ ଦୈବାଦ୍‌ବନ୍ଧନଂ ନ ଚ଼ ପଶ୍ୟତି॥ ୨୧॥

ଏହା ଶୁଣି ହିରଣ୍ୟକ କହିଲା, "ପକ୍ଷୀ ଅର୍ଦ୍ଧଶତ ଯୋଜନ ଦୂରରୁ ନିଜର ଖାଦ୍ୟବସ୍ତୁକୁ ଦେଖିପାରେ। ତଥାପି ଦୁର୍ଦ୍ଦୈବବଶତଃ ସେ ନିଜ ପାର୍ଶ୍ୱସ୍ଥିତ ବନ୍ଧନକୁ ମଧ୍ୟ ଦେଖିପାରେ ନାହିଁ। ୨୧। ପୁଣି—

ରବିନିଶାକରୟୋର୍ଗ୍ରହପୀଡ଼ନଂ ଗଜଭୁଜଙ୍ଗମୟୋରପି ବନ୍ଧନମ୍।
ମତିମତାଂ ଚ଼ ନିରୀକ୍ଷ୍ୟ ଦରିଦ୍ରତାଂ ବିଧିରହୋ ବଳବାନିତି ମେ ମତିଃ॥ ୨୨॥

ସୂର୍ଯ୍ୟ ଓ ଚନ୍ଦ୍ରଙ୍କର ଗ୍ରହପୀଡ଼ା (ରାହୁଦ୍ୱାରା ଗ୍ରାସ), ହସ୍ତୀ, ସର୍ପ, ପକ୍ଷୀମାନଙ୍କର ବନ୍ଧନ ଓ ବୁଦ୍ଧିମାନ୍ ଲୋକମାନଙ୍କର ଦରିଦ୍ରତା— ଏସବୁ ଦେଖିଲେ ମୋର ମନେହୁଏ ଯେ ଦୈବହିଁ ବଳବାନ୍। ୨୨। ଆହୁରି ମଧ୍ୟ—

ବ୍ୟୋମୈକାନ୍ତବିହାରିଣୋଽପି ବିହଗାଃ ସଂପ୍ରାପ୍ନୁବନ୍ତ୍ୟାପଦଂ
ବଧ୍ୟନ୍ତେ ନିପୁଣୈରଗାଧସଲିଲାନ୍ମୀନାଃ ସମୁଦ୍ରାଦପି।
ଦୁର୍ନୀତଂ କିମିହାସ୍ତି କିଂ ଚ଼ ସୁକୃତଂ କଃ ସ୍ଥାନ ଲାଭେ ଗୁଣଃ
କାଳଃ ସର୍ବଜନାନ୍‌ପ୍ରସାରିତକରୋ ଗୃହ୍ଣାତି ଦୂରାଦପି॥ ୨୩॥

ଆକାଶର ଏକଦେଶରେ ବିଚ଼ରଣ କରୁଥିବା ପକ୍ଷୀମାନେ ମଧ୍ୟ ବିପଦରେ ପଡ଼ନ୍ତି। ସମୁଦ୍ରର ଗଭୀର ଜଳରୁ ମଧ୍ୟ ମତ୍ସ୍ୟମାନଙ୍କୁ କୌଶଳୀ ଲୋକେ ଧରନ୍ତି। ଏ ସଂସାରରେ ପାପ କଅଣ, ପୁଣ୍ୟ ବା କଅଣ? ଗୌରବାବହ ପଦ ଲାଭ କଲେ ମଧ୍ୟ କି ଫଳ? କାଳ ତାର କର ପ୍ରସାରିତ କରି ଦୂରରୁ ମଧ୍ୟ ପ୍ରାଣୀମାନଙ୍କୁ ନେଇଯାଏ। ୨୩।

ଏହା କହି ହିରଣ୍ୟକ ଚିତ୍ରଗ୍ରୀବର ପାଶ ଛେଦନ କରିବାକୁ ଉଦ୍ୟତ ହୁଅନ୍ତେ ଚିତ୍ରଗ୍ରୀବ କହିଲା, "ଭଦ୍ର, ନା ନା ସେପରି କର ନାହିଁ। ପ୍ରଥମେ ମୋର ଭୃତ୍ୟମାନଙ୍କର ପାଶ ଛେଦନ କର; ତତ୍ପରେ ମୋର ପାଶ ଛେଦନ କରିବ।" ତାହା ଶୁଣି

ହିରଣ୍ୟକ କୁପିତ ହୋଇ କହିଲା, ''ଆହେ, ତୁମେ ଯାହା କହୁଛ, ତାହା ଉଚିତ ନୁହେଁ। କାରଣ ଆଗେ ରାଜା, ତାଙ୍କ ପରେ ଭୃତ୍ୟ।'' ଚିତ୍ରଗ୍ରୀବ କହିଲା, ''ଭଦ୍ର, ସେପରି କୁହ ନାହିଁ। ଏମାନେ ସମସ୍ତେ ମୋର ଆଶ୍ରିତ, ପୁଣି ନିଜର ପରିବାର ତ୍ୟାଗ କରି ମୋ ସହିତ ଆସିଛନ୍ତି। ତେବେ ଏମାନଙ୍କ ପ୍ରତି ଏତିକିମାତ୍ର ସମ୍ମାନ ନ କରିବି କିପରି ? କଥିତ ଅଛି –

ଯଃ ସମ୍ମାନଂ ସଦା ଧତ୍ତେ ଭୃତ୍ୟାନାଂ କ୍ଷିତିପୋଽଧିକମ୍।
ବିତ୍ତାଭାବେଽପି ତଂ ଦୃଷ୍ଟ୍ୱା ତେ ତ୍ୟଜନ୍ତି ନ କର୍ହିଚିତ୍।। ୨୪।।

ଯେଉଁ ରାଜା ସର୍ବଦା ଭୃତ୍ୟମାନଙ୍କୁ ସମ୍ମାନ ଦେଇଥାନ୍ତି, ତାଙ୍କର ଭୃତ୍ୟମାନେ ଧନର ଅଭାବବେଳେ ମଧ୍ୟ ସେହି ସମ୍ମାନକୁ ମନେରଖି ତାଙ୍କୁ କଦାପି ତ୍ୟାଗ କରନ୍ତି ନାହିଁ। ୨୪। ପୁଣି –

ବିଶ୍ୱାସଃ ସମ୍ପଦାଂ ମୂଳଂ ତେନ ଯୂଥପତିଗଜଃ।
ସିଂହୋ ମୃଗାଧିପତ୍ୟେଽପି ନ ମୃଗୈ ପରିବାର୍ଯ୍ୟତେ।। ୨୫।।

ବିଶ୍ୱାସ ହେଉଛି ସମ୍ପଦର ମୂଳ କାରଣ। ଏହି ବିଶ୍ୱାସ ହେତୁରୁ ହସ୍ତୀ ଯୂଥପତି ହୋଇଥାଏ (ଅନ୍ୟ ହସ୍ତୀମାନେ ତାହାକୁ ବେଷ୍ଟନ କରି ରହନ୍ତି।); କିନ୍ତୁ ସିଂହ ମୃଗମାନଙ୍କ ଉପରେ ଆଧିପତ୍ୟ କଲେହେଁ ସେମାନେ ତାକୁ ବେଷ୍ଟନ କରି ରହନ୍ତିନାହିଁ। ୨୫।

ଆଉ ଗୋଟିଏ କଥା, ମୋର ବନ୍ଧନ ଛେଦନ କରୁ କରୁ ତୁମର ଦନ୍ତ ଭଗ୍ନ ହୋଇପାରେ ଅଥବା ସେ ଦୁଷ୍ଟ ବ୍ୟାଧ ଆସି ପହଞ୍ଚିଯାଇପାରେ। ତାହାହେଲେ ତ ନିଶ୍ଚୟ ମୋର ନରକଗତି ହେବ। କଥିତ ଅଛି –

ସଦାଚାରେଷୁ ଭୃତ୍ୟେଷୁ ସଂସୀଦତ୍ସୁ ଚ ଯଃ ପ୍ରଭୁଃ।
ସୁଖୀ ସ୍ୟାନ୍ନରକଂ ଯାତି ପରତ୍ରେହ ଚ ସୀଦତି।। ୨୬।।

ଯେଉଁ ପ୍ରଭୁ ସଦାଚାରୀ ଭୃତ୍ୟମାନଙ୍କ ବିପଦବେଳେ ସୁଖରେ ରହେ, ସେ ପରଲୋକରେ ନରକକୁ ଯାଏ; ଇହଲୋକରେ ମଧ୍ୟ ଦୁଃଖଭୋଗ କରେ। ୨୬।

ଏହା ଶୁଣି ହିରଣ୍ୟକ ହୃଷ୍ଟ ହୋଇ କହିଲା, ''ହେ ଚିତ୍ରଗ୍ରୀବ, ମୁଁ ରାଜାଙ୍କର କର୍ତ୍ତବ୍ୟ ଜାଣେ। କେବଳ ମୁଁ ତୁମକୁ ପରୀକ୍ଷା କରୁଥିଲି। ତେଣୁ ମୁଁ ପ୍ରଥମେ ଅନ୍ୟ ସମସ୍ତଙ୍କର ପାଶ ଛେଦନ କରିବି। ଏହି ଉପାୟରେ ତୁମର କପୋତ-ପରିବାର ବୃଦ୍ଧି ପାଇବ। କଥିତ ଅଛି –

କାରୁଣ୍ୟଂ ସଂବିଭାଗଶ୍ଚ ଯସ୍ୟ ଭୃତ୍ୟେଷୁ ସର୍ବଦା।
ସମ୍ଭବେତ୍ସ ମହୀପାଳସ୍ତ୍ରୈଲୋକ୍ୟସ୍ୟାପି ରକ୍ଷଣେ।। ୨୭।।

ଯେଉଁ ରାଜା ଭୃତ୍ୟମାନଙ୍କ ପ୍ରତି ସର୍ବଦା ଦୟା ପ୍ରଦର୍ଶନ କରନ୍ତି, ସେ ତ୍ରୈଲୋକ୍ୟକୁ ରକ୍ଷା କରିବାରେ ସମର୍ଥ ହୁଅନ୍ତି। ୨୭।

ଏହା କହି ହିରଣ୍ୟକ ସମସ୍ତଙ୍କର ପାଶ ଛେଦନ କରି ଚିତ୍ରଗ୍ରୀବକୁ କହିଲା, ''ମିତ୍ର, ଏବେ ତୁମର ନିଜ ଆଶ୍ରୟସ୍ଥଳକୁ ଯାଅ। ଯଦି କେବେ ପୁଣି ବିପଦ

ପହଞ୍ଚେ, ତେବେ ଏଠାକୁ ଆସିବ।'' ଏହିପରି ସେମାନଙ୍କୁ ବିଦାୟ ଦେଇ ହିରଣ୍ୟକ ପୁନରାୟ ନିଜ ଦୁର୍ଗ ମଧ୍ୟରେ ପ୍ରବେଶ କଲା। ଚିତ୍ରଗ୍ରୀବ ମଧ୍ୟ ପରିବାର ସହିତ ନିଜ ଆଶ୍ରୟସ୍ଥାନକୁ ଚାଲିଗଲା। ଯଥାର୍ଥରେ କୁହାଯାଇଅଛି–

ମିତ୍ରବାନ୍ ସାଧୟତ୍ୟର୍ଥାନ୍ ଦୁଃସାଧ୍ୟାନପି ବୈ ଯତଃ।
ତସ୍ମାନ୍ମିତ୍ରାଣି କୁର୍ବୀତ ସମାନନ୍ୟେବ ଚାତ୍ମନଃ॥ ୨୮॥

ଯେହେତୁ ମିତ୍ରବାନ୍ ପୁରୁଷ ଦୁଃସାଧ୍ୟ କାର୍ଯ୍ୟକୁ ମଧ୍ୟ ସାଧନ କରିପାରେ, ତେଣୁ ନିଜର ଅନୁରୂପ ବ୍ୟକ୍ତିଙ୍କୁ ମିତ୍ର କରିବା ଉଚିତ। ୨୮।

ବାୟସ ଲଘୁପତନକ ଚିତ୍ରଗ୍ରୀବର ବନ୍ଧନମୋଚନ ଆଦି ଦେଖି ବିସ୍ମିତ-ହୃଦୟରେ ଚିନ୍ତାକଲା– 'ଓଃ, ହିରଣ୍ୟକର କି ତୀକ୍ଷ୍ଣ ବୁଦ୍ଧି! କି ଶକ୍ତି! ପକ୍ଷୀମାନଙ୍କର ବନ୍ଧନ ମୋଚନ ନିମନ୍ତେ ଏହାର କି ରୀତି! (ଅର୍ଥାତ୍ ଏହା ସହିତ ମିତ୍ର ହୋଇଥିବାରୁ ପକ୍ଷୀମାନେ ବନ୍ଧନରୁ ମୁକ୍ତ ହେଲେ)। ମୁଁ ଚପଳପ୍ରକୃତି କୌଣସି ପ୍ରାଣୀକୁ ବିଶ୍ୱାସ କରେ ନାହିଁ। ତଥାପି ମୁଁ ଏହି ହିରଣ୍ୟକଙ୍କ ସହିତ ମିତ୍ରତା କରିବି। କଥିତ ଅଛି–

ଅପି ସଂପୂର୍ଣ୍ଣତାଯୁକ୍ତୈଃ କର୍ତ୍ତବ୍ୟା ସୁହୃଦୋ ବୁଧୈଃ।
ନଦୀଶଃ ପରିପୂର୍ଣ୍ଣୋଽପି ଚନ୍ଦ୍ରୋଦୟମପେକ୍ଷତେ॥ ୨୯॥

ସକଳ ବିଭବରେ ପୂର୍ଣ୍ଣ ହୋଇଥିଲେ ମଧ୍ୟ ବିଦ୍ୱାନ୍ ଲୋକ ମିତ୍ରତା କରିବା ଉଚିତ। ଦେଖ, ସମୁଦ୍ର ଜଳପୂର୍ଣ୍ଣ ହୋଇଥିଲେହେଁ ଚନ୍ଦ୍ରୋଦୟର ଅପେକ୍ଷା କରିଥାଏ। ୨୯।

ଏହିପରି ନିଶ୍ଚୟ କରି ସେ (ଲଘୁପତନକ) ବୃକ୍ଷରୁ ଓହ୍ଲାଇ ଗର୍ତ୍ତର ଦ୍ୱାର ନିକଟରେ ଚିତ୍ରଗ୍ରୀବର ସ୍ୱରରେ ହିରଣ୍ୟକକୁ ଡାକି କହିଲା, ''ଆସ ହିରଣ୍ୟକ, ଆସ।'' ସେହି ଶବ୍ଦ ଶୁଣି ହିରଣ୍ୟକ ବିଚାର କଲା– 'କଅଣ ଗୋଟିଏ କୌଣସି କପୋତ ବନ୍ଧନମୁକ୍ତ ନ ହୋଇ ରହିଯାଇଛି ଯେ ମୋତେ ଡାକୁଛି?' ସେ କହିଲା, ''ଭୋ! ତୁମେ କିଏ?'' ଲଘୁପତନକ ଉତ୍ତର କଲା, ''ମୁଁ ହେଉଛି ଗୋଟିଏ ବାୟସ। ମୋର ନାମ ଲଘୁପତନକ।'' ଏହା ଶୁଣି ହିରଣ୍ୟକ ଆହୁରି ଗର୍ତ୍ତ ମଧ୍ୟକୁ ପଶିଯାଇ କହିଲା, ''ଶୀଘ୍ର ଏ ସ୍ଥାନରୁ ଚାଲିଯାଅ।'' ବାୟସ କହିଲା, ''ମୁଁ ଗୋଟିଏ ଗୁରୁତର କାର୍ଯ୍ୟରେ ତୁମ ପାଖକୁ ଆସିଛି। ତେବେ କଅଣ ମୋତେ ଦେଖାଦେବ ନାହିଁ?'' ହିରଣ୍ୟକ କହିଲା, ''ତୁମ ସହିତ ମିଳନରେ ମୋର କୌଣସି ପ୍ରୟୋଜନ ନାହିଁ।'' ଲଘୁପତନକ କହିଲ, ''ତୁମେ ଚିତ୍ରଗ୍ରୀବର ପାଶ ମୋକ୍ଷଣ କରିବା ମୁଁ ଦେଖିଛି। ତେଣୁ ମୋର ତୁମ ପ୍ରତି ଗଭୀର ପ୍ରୀତି ଜନ୍ମିଅଛି। ଯଦି କେବେ ମୁଁ ବନ୍ଧନରେ ପଡ଼େ, ତେବେ ତୁମେହିଁ ମୋତେ ମୁକ୍ତ କରିପାରିବ। ଅତଏବ ମୋ ସହିତ ମିତ୍ରତା କର।''

ହିରଣ୍ୟକ କହିଲା, ''ତୁମେ ହେଉଛ ଭୋକ୍ତା, ମୁଁ ହେଉଛି ତୁମର ଭୋଜ୍ୟ। ତେଣୁ ତୁମ ସହିତ ମୋର କି ମୈତ୍ରୀ ହୋଇପାରେ? ତୁମେ ଚାଲିଯାଅ। ଆମ ଭିତରେ ସ୍ୱାଭାବିକ ବିରୋଧଭାବ ଥିବାବେଳେ କିପରି ମିତ୍ରତା ହୋଇପାରେ? କଥିତ ଅଛି–

ଯୟୋରେବ ସମଂ ବିତ୍ତଂ ଯୟୋରେବ ସମଂ କୁଳମ୍।
ତୟୋର୍ମୈତ୍ରୀ ବିବାଦଶ୍ଚ ନ ତୁ ପୁଷ୍ଟବିପୁଷ୍ଟୟୋଃ।। ୩୦ ।।

ଯେଉଁମାନଙ୍କର ଧନ ସମାନ, କୁଳ ସମାନ, ସେହିମାନଙ୍କ ମଧ୍ୟରେ ପରସ୍ପର ବିବାହ ଓ ମୈତ୍ରୀ ହୋଇପାରେ; ନ୍ୟୂନାଧିକ ହୋଇଥିଲେ ହୋଇ ନ ପାରେ।୩୦। ପୁଣି –

ଯୋ ମିତ୍ରଂ କୁରୁତେ ମୂଢ଼ ଆତ୍ମନୋଽସଦୃଶଂ କୁଧୀଃ।
ହୀନ ବାପ୍ୟଧିକଂ ବାପି ହାସ୍ୟତାଂ ଯାତ୍ୟସୌ ଜନଃ।। ୩୧ ।।

ଯେଉଁ ଦୁର୍ବୁଦ୍ଧି; ଅଜ୍ଞାନୀ ଲୋକ ନିଜର ଅସମାନ ଅର୍ଥାତ୍ ନିଜଠାରୁ ଛୋଟ ବା ବଡ଼ ଲୋକ ସହିତ ମିତ୍ରତା କରେ, ସେ ଉପହାସର ପାତ୍ର ହୁଏ।୩୧। ତେଣୁ ତୁମେ ଚାଲିଯାଅ।

ବାୟସ କହିଲା, "ହେ ହିରଣ୍ୟକ, ମୁଁ ତୁମ ଦୁର୍ଗଦ୍ୱାରରେ ବସିରହିଅଛି। ଯଦି ତୁମେ ମୋ ସହିତ ମିତ୍ରତା ନ କର, ତେବେ ମୁଁ ତୁମ ଆଗରେ ଆତ୍ମହତ୍ୟା କରିଦେବି; ଅଥବା ପ୍ରାୟୋପବେଶନ କରିବି। କଥିତ ଅଛି –

ବୈରିଣା ନହି ସଂଦଧ୍ୟା, ସୁଶ୍ଲିଷ୍ଟେନାପି ସନ୍ଧିନା।
ସୁତପ୍ତମପି ପାନୀୟଂ ଶମୟତ୍ୟେବ ପାବକମ୍।। ୩୨ ।।

ଅତି କଠୋର ସର୍ତ୍ତରେ ମଧ୍ୟ ଶତ୍ରୁ ସହିତ ସନ୍ଧି କରିବା ଉଚିତ ନୁହେଁ। ଦେଖ, ଜଳ ଉତପ୍ତ ହୋଇଥିଲେ ମଧ୍ୟ ଅଗ୍ନିକୁ ନିର୍ବାପିତ କରିଥାଏ (କାରଣ ଜଳ ଅଗ୍ନିର ସ୍ୱଭାବତଃ ଶତ୍ରୁ)"।୩୨।

ବାୟସ କହିଲା, "ତୁମ ସହିତ ଏତେବେଳଯାଏ ମୋର ସାକ୍ଷାତ ସୁଦ୍ଧା ହୋଇନାହିଁ– ତେଣୁ ବୈର କାହୁଁ ହୋଇପାରେ? ଅନୁଚିତ କଥା କହୁଛ କାହିଁକି?" ହିରଣ୍ୟକ କହିଲା, "ଶତ୍ରୁତା ହେଉଛି ଦୁଇ ପ୍ରକାର– ସହଜାତ ବୈର ଓ କୃତ୍ରିମ ବୈର। ତୁମେ ହେଉଛ ଆମର ସହଜ (ଆଜନ୍ମ) ବୈରୀ। କଥିତ ଅଛି –

କୃତ୍ରିମଂ ନାଶମଭ୍ୟେତି ବୈରଂ ଦ୍ରାକ୍‌କୃତ୍ରିମୈର୍ଗୁଣଃ।
ପ୍ରାଣଦାନଂ ବିନା ବୈରଂ ସହଜଂ ଯାତି ନ କ୍ଷୟମ୍।। ୩୩ ।।

କୃତ୍ରିମ ବୈର ଉପକାରାଦି କୃତ୍ରିମ ଗୁଣଦ୍ୱାରା ଶୀଘ୍ର ବିନଷ୍ଟ ହୋଇପାରେ; କିନ୍ତୁ ସହଜାତ ବୈର ପ୍ରାଣଦାନ ବିନା ଅନ୍ୟ ଉପାୟରେ ବିନଷ୍ଟ ହୋଇ ନ ପାରେ।"।୩୩।

ବାୟସ କହିଲା, "ଏହି ଦ୍ୱିବିଧ ବୈରର ଲକ୍ଷଣ ଶୁଣିବାକୁ ମୋର ଇଚ୍ଛା ହେଉଛି। ମୋତେ ତାହା କୁହ।"

ହିରଣ୍ୟକ କହିଲା, "ହେ ବାୟସ, କାରଣରୁ ଉତ୍ପନ୍ନ କୃତ୍ରିମ ବୈର ଉପଯୁକ୍ତ ଉପକାରାଦି କରିବାଦ୍ୱାରା ଦୂର ହୋଇଯାଏ। କିନ୍ତୁ ସ୍ୱାଭାବିକ ବୈର କୌଣସି ଉପାୟରେ ଦୂର ହୋଇପାରେ ନାହିଁ। ଉଦାହରଣ ସ୍ୱରୂପ, ନକୁଳ ଓ ସର୍ପ ମଧ୍ୟରେ ବୈର, ଶସ୍ୟଭୋଜୀ ପ୍ରାଣୀ ଓ ନଖାୟୁଧ ହିଂସ୍ର ପ୍ରାଣୀ ମଧ୍ୟରେ ବୈର, ଅଗ୍ନି ଓ ଜଳ

ମଧ୍ୟରେ ବୈର, ଦେବତା ଓ ଦୈତ୍ୟମାନଙ୍କ ମଧ୍ୟରେ ବୈର, କୁକ୍କୁର ଓ ବିଡ଼ାଳ ମଧ୍ୟରେ ବୈର, ଧନୀ ଓ ଦରିଦ୍ର ମଧ୍ୟରେ ବୈର, ସପତ୍ନୀମାନଙ୍କ ମଧ୍ୟରେ ବୈର, ସିଂହ ଓ ହସ୍ତୀ ମଧ୍ୟରେ ବୈର, ବ୍ୟାଧ ଓ ହରିଣ ମଧ୍ୟରେ ବୈର, ଶ୍ରୋତ୍ରିୟ (ଧାର୍ମିକ) ବ୍ରାହ୍ମଣ ଓ କ୍ରିୟାଭ୍ରଷ୍ଟ (ଅଧାର୍ମିକ) ବ୍ରାହ୍ମଣ ପୁରୁଷ ମଧ୍ୟରେ ବୈର, ମୂର୍ଖ ଓ ପଣ୍ଡିତ ମଧ୍ୟରେ ବୈର, ପତିବ୍ରତା ନାରୀ ଓ କୁଳଟାମାନଙ୍କ ମଧ୍ୟରେ ବୈର, ସଜ୍ଜନ ଓ ଦୁର୍ଜନ ମଧ୍ୟରେ ବୈର ଇତ୍ୟାଦି। ଏମାନଙ୍କ ମଧ୍ୟରେ କେହି ଅନ୍ୟକୁ ପ୍ରାଣରେ ମାରି ନ ଥିଲେ ମଧ୍ୟ ପରସ୍ପରକୁ ଆଜୀବନ କଷ୍ଟ ଦେଇଥାନ୍ତି।'' ବାୟସ କହିଲା, ''ହେ ହିରଣ୍ୟକ, ଏସବୁ ଯଥାର୍ଥ କାରଣ ନୁହେଁ। ମୋ କଥା ଶୁଣ—

କାରଣାନ୍ମିତ୍ରତାଂ ଯାତି କାରଣାଦେତି ଶତ୍ରୁତାମ୍।
ତସ୍ମାନ୍ମିତ୍ରତ୍ୱମେବାତ୍ର ଯୋଜ୍ୟଂ ବୈରଂ ନ ଧୀମତା॥ ୩୪॥

ଉପକାରାଦି କାରଣରୁ ମିତ୍ରତା ହୋଇଥାଏ; ସେହିପରି ଅପକାରାଦି କାରଣରୁ ମଧ୍ୟ ଶତ୍ରୁତା ହୋଇଥାଏ। ତେଣୁ ଏ ସଂସାରରେ ବୁଦ୍ଧିମାନ୍ ଲୋକ କେବଳ ମିତ୍ରତା ସ୍ଥାପନ କରିବା ଉଚିତ; ଶତ୍ରୁତା କରିବା ଉଚିତ ନୁହେଁ।୩୪। ତେଣୁ ମିତ୍ରଧର୍ମକୁ ଅନୁସରଣ କରି ମୋ ସହିତ ମିଳିତ ହୁଅ।''

ହିରଣ୍ୟକ କହିଲା, ''ହେ ବାୟସ, ନୀତିର ସାରକଥା ଶୁଣ—

ସକୃଦ୍ଦୁଷ୍ଟଂ ଚ ଯୋ ମିତ୍ରଂ ପୁନଃ ସନ୍ଧାତୁମିଚ୍ଛତି।
ସ ମୃତ୍ୟୁମୁପଗୃହ୍ଣାତି ଗର୍ଭମଶ୍ୱତରୀ ଯଥା॥ ୩୫॥

ଯିଏ ଥରେ ହେଲେ ମିତ୍ରର ଅନିଷ୍ଟ କରି ପୁନରାୟ ତା ସହିତ ମିଳିବାକୁ ଇଚ୍ଛା କରେ, ସେ ଖଚ୍ଚରୀ ଗର୍ଭଧାରଣ କରି ମୃତ୍ୟୁକୁ ବରଣ କଲାପରି ନିଜର ମୃତ୍ୟୁକୁ ଆମନ୍ତ୍ରଣ କରିଆଣେ।୩୫। ଅଥବା— 'ମୁଁ ଗୁଣବାନ୍, କେହି ଶତ୍ରୁତା କରି ମୋତେ ଯନ୍ତ୍ରଣା ଦେବେ ନାହିଁ'— ଏପରି ସମ୍ଭାବନା ମଧ୍ୟ ନାହିଁ। କାରଣ କଥିତ ଅଛି—

ସିଂହୋ ବ୍ୟାକରଣସ୍ୟ କର୍ତ୍ତୁରହରଦ୍ ପ୍ରାଣାନ୍ପ୍ରିୟାନ୍ ପାଣିନେଃ
ମୀମାଂସାକୃତମୁନ୍ମମାଥ ସହସା ହସ୍ତୀ ମୁନିଂ ଜୈମିନିମ୍।
ଛନ୍ଦୋ ଜ୍ଞାନନିଧିଂ ଜଘାନ ମକରେ ବେଳାତଟେ ପିଙ୍ଗଳଂ
ଅଜ୍ଞାନାବୃତଚେତସା ମତିରୁଷାଂ କୋଽର୍ଥସ୍ତିରଶ୍ଚାଂଗୁଣୈଃ॥ ୩୬॥

ସିଂହ ବ୍ୟାକରଣକର୍ତ୍ତା ପାଣିନିଙ୍କର ପ୍ରିୟ ପ୍ରାଣକୁ ସଂହାର କରିଥିଲା; ମୀମାଂସାକାର ଜୈମିନି ମୁନିଙ୍କୁ ଗୋଟିଏ ହସ୍ତୀ ଅକସ୍ମାତ୍ ବଧ କରିଥିଲା; ଛନ୍ଦଃଶାସ୍ତ୍ରର ଅଦ୍ୱିତୀୟ ଆଧାରସ୍ୱରୂପ ପିଙ୍ଗଳକଙ୍କୁ ସମୁଦ୍ରତଟରେ ଗୋଟିଏ କୁମ୍ଭୀର ଗ୍ରାସ କରିଥିଲା। ଅତଏବ ଯେଉଁ ପଶୁପକ୍ଷୀଙ୍କ ଅନ୍ତଃକରଣ ଅଜ୍ଞତାରେ ପୂର୍ଣ୍ଣ ଓ ଯେଉଁମାନେ ନିତାନ୍ତ କ୍ରୋଧୀ, ସେମାନଙ୍କର (ମାନବିକ) ଗୁଣରେ କି ପ୍ରୟୋଜନ? (ଅର୍ଥାତ୍ ପଶୁପକ୍ଷୀମାନେ କୌଣସି ଗୁଣ ବା ଦୋଷ ବିଚାର କରିବା ଅନୁଚିତ)।''।୩୬।

ବାୟସ କହିଲ, ''ଆଚ୍ଛା, ତାହାହିଁ ହେଉ। ତଥାପି ମୋ କଥା ଶୁଣ।

ଉପକାରାଚ୍ଚ ଲୋକାନାଂ ନିମିତ୍ତାନ୍ମୃଗପକ୍ଷିଣାମ୍ ।
ଭୟାଲ୍ଲୋଭାଚ୍ଚ ମୂର୍ଖାଣାଂ ମୈତ୍ରୀ ସ୍ୟାଦ୍ଦର୍ଶନାତ୍ସତାମ୍ ।। ୩୭ ।।

ପରସ୍ପର ଉପକାର ହେତୁରୁ ଲୋକମାନଙ୍କ ମଧ୍ୟରେ ମିତ୍ରତା ହୋଇଥାଏ, କୌଣସି କାରଣରୁ ପଶୁପକ୍ଷୀମାନଙ୍କ ମଧ୍ୟରେ ମିତ୍ରତା ହୋଇଥାଏ; କିନ୍ତୁ ସାଧୁ ଲୋକମାନଙ୍କ ମଧ୍ୟରେ ପରସ୍ପର ଦର୍ଶନମାତ୍ରେ ମିତ୍ରତା ହୋଇଥାଏ । ୩୭ ।

ମୃଦ୍‌ଘଟ ଇବ ସୁଖଭେଦ୍ୟୋ ଦୁଃସନ୍ଧାନଶ୍ଚ ଦୁର୍ଜନୋ ଭବତି ।
ସୁଜନସ୍ତୁ କନକଘଟ ଇବ ଦୁର୍ଭେଦ୍ୟଃ ସୁକର ସନ୍ଧିଶ୍ଚ ।। ୩୮ ।।

ଦୁର୍ଜନ ହେଉଛି ମୃତ୍ତିକାନିର୍ମିତ ଘଟସଦୃଶ, ସହଜରେ ଭାଙ୍ଗିଯାଏ ଓ ଅତି କଷ୍ଟରେ ଯୋଡ଼ାଯାଇପାରେ (ଅର୍ଥାତ୍ ଦୁଷ୍ଟ ଲୋକର ମିତ୍ରତା ସହଜେ ନଷ୍ଟ ହୋଇଯାଏ, ଅତି କଷ୍ଟରେ ତା' ସଙ୍ଗେ ସନ୍ଧି ସ୍ଥାପିତ ହୁଏ ।); କିନ୍ତୁ ସଜ୍ଜନ ହେଉଛି ସୁବର୍ଣ୍ଣ ଘଟତୁଲ୍ୟ, ଅତି କଷ୍ଟରେ ଭାଙ୍ଗିଥାଏ ଓ ଅତି ସହଜରେ ଯୋଡ଼ି ହୋଇଯାଏ । (ଅର୍ଥାତ୍ ସାଧୁ ଲୋକର ମିତ୍ରତା ସହଜେ ନଷ୍ଟ ହୁଏ ନାହିଁ; ଦୈବାତ୍ ନଷ୍ଟ ହେଲେ ମଧ୍ୟ ସହଜରେ ସନ୍ଧି ସ୍ଥାପିତ ହୋଇଥାଏ) । ୩୮ ।

ଇକ୍ଷୋରଗ୍ରାତ୍‌କ୍ରମଶଃ ପର୍ବଣି ଯଥା ରସବିଶେଷଃ ।
ତଦ୍‌ବତ୍ସଜ୍ଜନମୈତ୍ରୀ ବିପରୀତାନାଂ ତୁ ବିପରୀତା ।। ୩୯ ।।

ଯେପରି ଆଖୁର ଅଗ୍ରଆଡୁ ନିମ୍ନକୁ ପବ ପରେ ପବ ଅଧିକ ରସାଳ ହୋଇଥାଏ, ସେହିପରି ସଜ୍ଜନର ମୈତ୍ରୀ କ୍ରମଶଃ ବୃଦ୍ଧି ପାଇଥାଏ; ମାତ୍ର ଦୁର୍ଜନପକ୍ଷରେ ଏହାର ବିପରୀତ ଘଟିଥାଏ । ୩୯ । ପୁଣି –

ଆରମ୍ଭଗୁର୍ବୀ କ୍ଷୟିଣୀ କ୍ରମେଣ ଲଘ୍ୱୀ ପୁରା ବୃଦ୍ଧିମତୀ ଚ ପଶ୍ଚାତ୍ ।
ଦିନସ୍ୟ ପୂର୍ବାର୍ଦ୍ଧ-ପରାର୍ଦ୍ଧଭିନ୍ନା ଛାୟେବ ମୈତ୍ରୀ ଖଳସଜ୍ଜନାନାମ୍ ।। ୪୦ ।।

ଦୁର୍ଜନ ଓ ସଜ୍ଜନର ମୈତ୍ରୀ ପୂର୍ବାହ୍ଣ ଓ ଅପରାହ୍ଣର ଛାୟାପରି ପୃଥକ୍ । ଦୁଷ୍ଟ ଲୋକର ମୈତ୍ରୀ ପୂର୍ବାହ୍ଣର ଛାୟାପରି ଆରମ୍ଭରେ ଦୀର୍ଘ ଓ ପରେ କ୍ରମଶଃ ହ୍ରସ୍ୱ ହେଉଥାଏ; କିନ୍ତୁ ସଜ୍ଜନର ମୈତ୍ରୀ ଅପରାହ୍ଣର ଛାୟାପରି ପ୍ରଥମେ କ୍ଷୀଣ ଓ ପରେ କ୍ରମଶଃ ବୃଦ୍ଧି ପାଉଥାଏ । ୪୦ ।

ମୁଁ ସଜ୍ଜନ; ପୁଣି ଶପଥାଦିଦ୍ୱାରା ତୁମକୁ ନିର୍ଭୟ କରିବି ।''

ହିରଣ୍ୟକ କହିଲା, ''ତୁମର ଶପଥରେ ମୋର ବିଶ୍ୱାସ ନାହିଁ । କଥିତ ଅଛି –

ଶପଥୈଃ ସନ୍ଧିତସ୍ୟାପି ନ ବିଶ୍ୱାସଂ ବ୍ରଜେଦ୍ରିପୋଃ ।
ଶ୍ରୂୟତେ ଶପଥଂ କୃତ୍ୱା ବୃତ୍ରଃ ଶକ୍ରେଣ ସୂଦିତଃ ।। ୪୧ ।।

ଶପଥପୂର୍ବକ ସନ୍ଧି ସ୍ଥାପନ କରିଥିଲେହେଁ ଶତ୍ରୁକୁ ବିଶ୍ୱାସ କରିବା ଉଚିତ ନୁହେଁ । ଶୁଣାଅଛି ଯେ ଶପଥ କରି ମଧ୍ୟ ଇନ୍ଦ୍ର ବୃତ୍ରକୁ ବଧ କରିଥିଲେ । ୪୧ ।

ନ ବିଶ୍ୱାସଂ ବିନା ଶତ୍ରୁର୍ଦେବାନାମପି ସିଦ୍ଧ୍ୟତି ।
ବିଶ୍ୱାସାତ୍ତ୍ରିଦଶେନ୍ଦ୍ରେଣ ଦିତେର୍ଗର୍ଭୋ ବିଦାରିତଃ ।। ୪୨ ।।

ବିଶ୍ୱାସ ଜାତ ନ ହେଲେ, ଶତ୍ରୁ ଦେବତାମାନଙ୍କର ମଧ୍ୟ ବଶ ହୋଇ ନ ପାରନ୍ତି। ବିଶ୍ୱାସଦ୍ୱାରାହିଁ ଇନ୍ଦ୍ର ଦିତିଙ୍କର ଗର୍ଭକୁ ବିଦାରଣ କରିଥିଲେ। ୪୨। ତେଣୁ –

ବୃହସ୍ପତେରପି ପ୍ରାଜ୍ଞସ୍ତସ୍ମାନ୍ନୈବାତ୍ର ବିଶ୍ୱସେତ୍।
ଯ ଇଚ୍ଛେଦାତ୍ମନୋ ବୃଦ୍ଧିମାୟୁଷ୍ୟଂ ଚ ସୁଖାନି ଚ॥ ୪୩॥

ଯେଉଁ ବୁଦ୍ଧିମାନ୍ ଲୋକ ନିଜର ଉନ୍ନତି, ଦୀର୍ଘଜୀବନ ଓ ସୁଖ କାମନା କରେ, ସେ ବୃହସ୍ପତିଙ୍କୁ ମଧ୍ୟ ବିଶ୍ୱାସ କରିବା ଉଚିତ ନୁହେଁ। ୪୩। ପୁନଶ୍ଚ –

ସୁସୂକ୍ଷ୍ମେଣାପି ରନ୍ଧ୍ରେଣ ପ୍ରବିଶ୍ୟାଭ୍ୟନ୍ତରଂ ରିପୁଃ।
ନାଶୟେଚ୍ଚ ଶନୈଃ ପଶ୍ଚାତ୍ପ୍ଲବଂ ସଲିଳପୂରବତ୍॥ ୪୪॥

ଯେପରି ଜଳର ଧାରା କ୍ଷୁଦ୍ର ଛିଦ୍ରବାଟେ ପ୍ରବେଶ କରି ନୌକାକୁ ବିନାଶ କରିଥାଏ; ସେହିପରି ଶତ୍ରୁ ସାମାନ୍ୟ ଛିଦ୍ରଦ୍ୱାରା ଭିତରେ ପ୍ରବେଶ କରି ମନୁଷ୍ୟକୁ ବିନାଶ କରେ। ୪୪।

ନ ବିଶ୍ୱସେଦବିଶ୍ୱସ୍ତେ ବିଶ୍ୱସ୍ତେ ନାତି ବିଶ୍ୱସେତ୍।
ବିଶ୍ୱାସାଦ୍‌ଭୟମୁତ୍ପନ୍ନଂ ମୂଳାନ୍ୟପି ନିକୃନ୍ତତି॥ ୪୫॥

ଅବିଶ୍ୱାସୀ ଲୋକକୁ ବିଶ୍ୱାସ କରିବା ଉଚିତ ନୁହେଁ; ବିଶ୍ୱସ୍ତ ଲୋକକୁ ମଧ୍ୟ ଅତ୍ୟଧିକ ବିଶ୍ୱାସ କରିବା ଉଚିତ ନୁହେଁ। କାରଣ, ବିଶ୍ୱାସରୁ ଜାତ ଭୟ ମୂଳକୁ ମଧ୍ୟ ନଷ୍ଟ କରିଦିଏ। ୪୫।

ନ ବଧ୍ୟତେ ହ୍ୟବିଶ୍ୱସ୍ତୋ ଦୁର୍ବଳୋଽପି ବଳୋତ୍କଟୈଃ।
ବିଶ୍ୱସ୍ତାସ୍ତ୍ୱାଶୁ ବଧ୍ୟନ୍ତେ ବଳବନ୍ତୋଽପି ଦୁର୍ବଳୈଃ॥ ୪୬॥

ଅବିଶ୍ୱସ୍ତ ଦୁର୍ବଳ ଲୋକକୁ ମଧ୍ୟ ସବଳ ଲୋକ ବଧ କରିପାରେ ନାହିଁ; କିନ୍ତୁ ଦୁର୍ବଳ ଲୋକଦ୍ୱାରା ବିଶ୍ୱାସକାରୀ ବଳବାନ୍ ଲୋକ ମଧ୍ୟ ନିହତ ହୋଇଥାଏ। ୪୬।

ସୁକୃତ୍ୟଂ ବିଷ୍ଣୁଗୁପ୍ତସ୍ୟ ମିତ୍ରାପ୍ତିର୍ଭାର୍ଗବସ୍ୟଚ।
ବୃହସ୍ପତେରବିଶ୍ୱାସୋ ନୀତିସନ୍ଧିସ୍ତ୍ରିଧାସ୍ଥିତଃ॥ ୪୭॥

ବିଷ୍ଣୁଗୁପ୍ତ (ଚାଣକ୍ୟ)ଙ୍କ ମତାନୁସାରେ 'ସତ୍‌କାର୍ଯ୍ୟ କରିବା', ଭାର୍ଗବ (ଶୁକ୍ରାଚାର୍ଯ୍ୟ)ଙ୍କ ମତାନୁସାରେ 'ମିତ୍ର ଅର୍ଜନ କରିବା' ଏବଂ ବୃହସ୍ପତିଙ୍କ ମତାନୁସାରେ 'ବିଶ୍ୱାସ ନ କରିବା' ହେଉଛି ତିନି ପ୍ରକାର ନୀତି। ୪୭।

ମହତାପ୍ୟର୍ଥସାରେଣ ଯୋ ବିଶ୍ୱସିତି ଚ ଶତ୍ରୁଷୁ।
ଭାର୍ଯ୍ୟାସୁ ଚ ବିରକ୍ତାସୁ ତଦନ୍ତଂ ତସ୍ୟ ଜୀବିତମ୍॥ ୪୮॥

ଯିଏ ପ୍ରଚୁର ଧନ ନିମନ୍ତେ ଶତ୍ରୁଠାରେ ବିଶ୍ୱାସ କରେ ଓ ଯିଏ ଅନୁରାଗବିହୀନା ପତ୍ନୀଠାରେ ବିଶ୍ୱାସ କରେ, ତାହାର ଜୀବନ ସେହି ପର୍ଯ୍ୟନ୍ତ। (ଅର୍ଥାତ୍ ସେହି ବିଶ୍ୱାସ ହେତୁରୁ ସେ ଶୀଘ୍ର ମୃତ୍ୟୁମୁଖରେ ପଡ଼େ)। ୪୮।

ସଖ୍ୟାଂ ସାପ୍ତପଦୀନଂ ସାଦିତ୍ୟାହୁର୍ବିବୁଧା ଜନାଃ।
ତସ୍ମାତ୍ତ୍ୱଂ ମିତ୍ରତାଂ ପ୍ରାପ୍ତୋ ବଚନଂ ମମ ତଚ୍ଛୃଣୁ॥ ୪୯॥

ଏହା ଶୁଣି ଲଘୁପତନକ ନିରୁତ୍ତର ହୋଇ ଚିନ୍ତାକଲା– 'ଓଃ, ନୀତି ବିଷୟରେ ଏହାଙ୍କର କି ଗଭୀର ଜ୍ଞାନ! ସେଥିପାଇଁ ମୁଁ ଏହାଙ୍କ ସହିତ ମିତ୍ରତା କରିବାକୁ ଚାହେଁ।' ସେ କହିଲା, "ଭୋ ହିରଣ୍ୟକ, ପଣ୍ଡିତମାନେ କହିଛନ୍ତି ଯେ ସାତୋଟି ପଦ ଉଚ୍ଚାରଣ କରିବାଦ୍ୱାରା ବା ସାତପଦ ସଙ୍ଗରେ ଚାଲିବାଦ୍ୱାରା ସଜ୍ଜନମାନଙ୍କର ମିତ୍ରତା ଲାଭ ହୋଇଥାଏ।୪୯। ତେଣୁ ମୁଁ ତୁମର ମିତ୍ର ହୋଇସାରିଛି। ଅତଏବ ମୋର କଥା ଶୁଣ–

ଯଦି ତୁମର ମୋଠାରେ ବିଶ୍ୱାସ ହେଉ ନ ଥାଏ, ତେବେ ତୁମେ ଗର୍ତ୍ତରେ ରହି ମୋ ସହିତ ପ୍ରତ୍ୟହ ଆଳାପ ତଥା ଗୁଣଦୋଷ ବିଚାର ଓ ସୁଭାଷିତ ଗୋଷ୍ଠୀ କଥା କହିପାରିବ।" ତାହା ଶୁଣି ହିରଣ୍ୟକ ଚିନ୍ତାକଲା– 'ଏ ଲଘୁପତନକ ପଣ୍ଡିତ ଓ ସତ୍ୟବାଦୀ ବୋଲି ମନେହେଉଅଛି। ଅତଏବ ଏହା ସଙ୍ଗେ ମିତ୍ରତା କରିବା ଉଚିତ। କିନ୍ତୁ କେବେହେଲେ ତାହାକୁ ମୋର ଦୁର୍ଗରେ ପାଦ ପକାଇବାକୁ ଦେବି ନାହିଁ। କଥିତ ଅଛି–

ଭୀତଭୀତଃ ଭୂମୌ ଶତ୍ରୁର୍ମନ୍ଦଂ ମନ୍ଦଂ ବିସର୍ପତି।
ଭୂମୌ ପ୍ରହେଳୟା ପଶ୍ଚାଜ୍ଜାରହସ୍ତୋଽଙ୍ଗନାସ୍ୱିବ ॥୫୦॥

ଶତ୍ରୁ ପ୍ରଥମେ ଡରି ଡରି ଧୀରେ ଧୀରେ ଭୂମି ଉପରେ ଚାଲୁଥାଏ। ତତ୍ପରେ ଜାରପୁରୁଷ ତାର ହାତ ପରସ୍ତ୍ରୀ ଆଡ଼କୁ ବଢ଼ାଇଲା ପରି ନିର୍ଭୟରେ ଅଗ୍ରସର ହୁଏ।୫୦।

ଲଘୁପତନକ ଏହା ଶୁଣିପାରି କହିଲା, "ଭଦ୍ର, ତାହା ହିଁ ହେଉ।"

ସେହିଦିନଠାରୁ ସେ ଦୁହେଁ ସୁଭାଷିତ ଗୋଷ୍ଠୀସୁଖ ଅନୁଭବ କରି ରହିଲେ ଓ ପରସ୍ପରର ଉପକାର କରି କାଳଯାପନ କଲେ। ଲଘୁପତନକ ମଧ୍ୟ ଖଣ୍ଡ ଖଣ୍ଡ ମାଂସ, ବଳିର ଅବଶିଷ୍ଟ ଅଂଶ, ପକ୍ୱାନ୍ନ ଓ ଅନ୍ୟାନ୍ୟ ଭୋଜ୍ୟ ପଦାର୍ଥ ଆଦରସହକାରେ ହିରଣ୍ୟକ ନିମନ୍ତେ ଆଣୁଥିଲା। ହିରଣ୍ୟକ ସେହିପରି ତଣ୍ଡୁଳ ଓ ଅନ୍ୟାନ୍ୟ ଖାଦ୍ୟଦ୍ରବ୍ୟ ରାତ୍ରିରେ ସଂଗ୍ରହ କରି ଲଘୁପତନକକୁ ଦେଉଥିଲା। ଦୁହିଁଙ୍କ ପକ୍ଷରେ ଏପରି କରିବା ଯଥାର୍ଥ ଥିଲା। କଥିତ ଅଛି–

ଦଦାତି ପ୍ରତିଗୃହ୍ଣାତି ଗୁହ୍ୟମାଖ୍ୟାତି ପୃଚ୍ଛତି।
ଭୁଙ୍କ୍ତେ ଭୋଜୟତେ ଚୈବ ଷଡ୍‌ବିଧଂ ପ୍ରୀତିଲକ୍ଷଣମ୍ ॥୫୧॥

ଦେବ ନେବା, ଗୁପ୍ତ ବିଷୟ କହିବା ଓ ଗୁପ୍ତ ବିଷୟରେ ପଚାରିବା, ଖାଇବା ଓ ଖୁଆଇବା– ଏ ଛଅଟି ହେଉଛି ପ୍ରୀତିର ଲକ୍ଷଣ।୫୧।

ନୋପକାରଂ ବିନା ପ୍ରୀତିଃ କଥଞ୍ଚିତ୍‌କସ୍ୟଚିଦ୍‌ଭବେତ୍।
ଉପଯାଚିତଦାନେନ ଯତୋ ଦେବା ଅଭୀଷ୍ଟଦାଃ ॥୫୨॥

ଉପକାର ବିନା କାହାରି କୌଣସି ପ୍ରକାରେ ପ୍ରୀତି ହୋଇ ନପାରେ। ଏପରି କି ଦେବତାମାନେ ମଧ୍ୟ ଉପଯାଚିତ ଦ୍ରବ୍ୟମାନ ପାଇବା ଦ୍ୱାରାହିଁ ଅଭୀଷ୍ଟ ଫଳ ଦେଇଥାନ୍ତି।୫୨।

ତାବତ୍ ପ୍ରୀତିର୍ଭବେଲ୍ଲୋକେ ଯାବଦ୍ଦାନଂ ପ୍ରଦୀୟତେ ।
ବତ୍ସ କ୍ଷୀରକ୍ଷୟଂ ଦୃଷ୍ଟ୍ୱା ପରିତ୍ୟଜତି ମାତରମ୍ ।। ୫୩ ।।

ସଂସାରରେ ଯେତେବେଳ ପର୍ଯ୍ୟନ୍ତ ଦାନ ଦିଆଯାଉଥାଏ, ସେତେବେଳଯାଏ ପ୍ରୀତି ରହିଥାଏ । ଦେଖ, ବାଛୁରୀ ସୁଦ୍ଧା କ୍ଷୀରର ହ୍ରାସ ଦେଖିଲେ ମାଆକୁ ତ୍ୟାଗ କରିଦିଏ । ୫୩ ।

ପଶ୍ୟ ଦାନସ୍ୟ ମାହତ୍ମ୍ୟଂ ସଦ୍ୟଃ ପ୍ରତ୍ୟୟକାରକମ୍ ।
ଯତ୍ପ୍ରଭାବାଦପି ଦ୍ୱେଷୀ ମିତ୍ରତାଂ ଯାତି ତତ୍କ୍ଷଣାତ୍ ।। ୫୪ ।।

ସଦ୍ୟ ବିଶ୍ୱାସଜାତକାରୀ ଦାନର ମାହାତ୍ମ୍ୟ ଦେଖ; ଏହି ଦାନର ପ୍ରଭାବରେ ଦାନ ଦେଲାମାତ୍ରେ ଶତ୍ରୁ ମଧ୍ୟ ମିତ୍ର ହୋଇଥାଏ । ୫୪ ।

ପୁତ୍ରାଦପି ପ୍ରିୟତରଂ ଖଳୁ ତେନ ଦାନଂ
ମନ୍ୟେ ପଶୋରପି ବିବେକବିବର୍ଜିତସ୍ୟ ।
ଦତ୍ତେ ଖଳେ ତୁ ନିଖିଳଂ ଖଳୁ ଯେନ ଦୁଗ୍ଧଂ
ନିତ୍ୟଂ ଦଦାତି ମହିଷୀ ସସୁତାପି ପଶ୍ୟ ।। ୫୫ ।।

ମୁଁ ମନେକରୁଛି, ବିବେକହୀନ ପଶୁ ମଧ୍ୟ ଦାନକୁ ପୁତ୍ର ଅପେକ୍ଷା ପ୍ରିୟତର ବିଚାର କରେ । କାରଣ ଖାଇବାକୁ ଭୁସି ଦେଲେ ଛୁଆ ଥାଉ ଥାଉ ମଇଁଷି ପ୍ରତ୍ୟହ ସବୁ ଦୁଧ ଦେଇପକାଏ (ଛୁଆକୁ ଦିଏ ନାହିଁ) । ଆଉ ଅଧିକ କଅଣ କହିବା ? । ୫୫ ।

ପ୍ରୀତିଂ ନିରନ୍ତରାଂ କୃତ୍ୱା ଦୁର୍ଭେଦ୍ୟାଂ ନଖମାଂସବତ୍ ।
ମୂଷିକୋ ବାୟସଶ୍ଚୈବ ଗତାବେକାନ୍ତମିତ୍ରତାମ୍ ।। ୫୬ ।।

ନଖ ଓ ମାଂସ ଭଳି ଅଭେଦ୍ୟ ପ୍ରଗାଢ଼ ପ୍ରୀତି କରି ମୂଷିକ ହିରଣ୍ୟକ ଓ ବାୟସ ଲଘୁପତନକ ଅକୃତ୍ରିମ ମିତ୍ରତାରେ ଆବଦ୍ଧ ହୋଇ ରହିଲେ । ୫୬ ।

ଏହିପରି ବାୟସଦ୍ୱାରା ଉପକାରରେ ପ୍ରସନ୍ନ ହୋଇ ମୂଷିକ ତାକୁ ଏତେଦୂର ବିଶ୍ୱାସ କଲା ଯେ, ସେ ତାର ପକ୍ଷ ମଧ୍ୟରେ ପ୍ରବେଶ କରି ସର୍ବଦା ତାର ସଙ୍ଗଲାଭ କଲା । ଅନନ୍ତର ଦିନେ ବାୟସ ଚକ୍ଷୁକୁ ଲୋତକପୂର୍ଣ୍ଣ କରି ମୂଷିକ ନିକଟକୁ ଆସି ଗଦ୍‌ଗଦ ସ୍ୱରରେ କହିଲା, ‘‘ଭଦ୍ର ହିରଣ୍ୟକ, ଏବେ ଏ ପ୍ରଦେଶ ଉପରେ ମୋର ବିରକ୍ତି ଆସିଲାଣି; ତେଣୁ ଅନ୍ୟତ୍ର ଚାଲିଯିବି ।’’ ହିରଣ୍ୟକ କହିଲା, ‘‘ଭଦ୍ର, ତୁମର ବିରକ୍ତିର କାରଣ କଅଣ ?’’ ସେ କହିଲା, ‘‘ଭଦ୍ର, ଶୁଣ; ଏ ପ୍ରଦେଶରେ ଅନାବୃଷ୍ଟି ହେତୁ ଘୋର ଦୁର୍ଭିକ୍ଷ ହେତୁରୁ କ୍ଷୁଧାରେ ପୀଡ଼ିତ ହୋଇ ଲୋକେ ଆଉ ସାମାନ୍ୟ ମାତ୍ର ବଳି ଦେଉନାହାନ୍ତି । ପୁଣି କ୍ଷୁଧାର୍ତ୍ତ ଲୋକେ ଘରେ ଘରେ ପକ୍ଷୀମାନଙ୍କୁ ଧରିବା ନିମନ୍ତେ ଫାଶ ବସାଇ ରହିଛନ୍ତି । ମୁଁ ମଧ୍ୟ ଫାଶରେ ପଡ଼ିଥିଲି; କିନ୍ତୁ ଆୟୁଷ ଥିବାରୁ ସେଥିରୁ ଉଦ୍ଧାର ପାଇଗଲି । ଏହାହିଁ ହେଉଛି ମୋର ବିରକ୍ତିର କାରଣ । ଏହି ହେତୁରୁ ମୁଁ ବିଦେଶକୁ ଯାଉଛି ଓ ଅଶ୍ରୁତ୍ୟାଗ କରୁଛି ।’’ ହିରଣ୍ୟକ ପଚାରିଲା, ‘‘ତୁମେ କେଉଁଠାକୁ ଯାଉଛ ?’’ ବାୟସ କହିଲା, ‘‘ଦକ୍ଷିଣାପଥରେ ଘନ ଜଙ୍ଗଲ ମଧ୍ୟରେ ଗୋଟିଏ ପ୍ରକାଣ୍ଡ ପୁଷ୍କରିଣୀ ଅଛି । ସେଠାରେ ତୁମଠାରୁ

ମଧ୍ୟ ଅଧିକ ମୋର ପରମବନ୍ଧୁ ମନ୍ଥରକ ନାମରେ ଗୋଟିଏ କଚ୍ଛପ ବାସକରେ। ସେ ମୋତେ ମତ୍ସ୍ୟ, ମାଂସଖଣ୍ଡ ଆଣି ଦେବେ। ତାହା ଖାଇ ଓ ତାଙ୍କ ସହିତ ସୁଭାଷିତ ଗୋଷ୍ଠୀସୁଖ ଅନୁଭବ କରି ସୁଖରେ କାଳ କଟାଇବି। ଏଠାରେ ପକ୍ଷୀମାନେ ପାଶବନ୍ଧନରେ ବିନାଶ ହେଉଥିବା ଦେଖିବାକୁ ମୋର ଇଚ୍ଛା ହେଉ ନାହିଁ। କଥିତ ଅଛି–

ଅନାବୃଷ୍ଟିହତେ ଦେଶେ ଶସ୍ୟେ ଚ ପ୍ରଳୟଂଗତେ।
ଧନ୍ୟାସ୍ତାତ ନ ପଶ୍ୟନ୍ତି ଦେଶଭଙ୍ଗଂ କୁଳକ୍ଷୟମ୍॥ ୫୭॥

ଅନାବୃଷ୍ଟି ହେତୁରୁ ଦେଶରେ ଶସ୍ୟ ବିନଷ୍ଟ ହୋଇଗଲେ, ହେ ପ୍ରିୟ! ଯେଉଁ ଲୋକ ଦେଶର ବିନାଶ ଓ କୁଳକ୍ଷୟ ଦେଖେ ନାହିଁ, ସେ ଲୋକ ନିଶ୍ଚୟ ଭାଗ୍ୟବାନ୍। ୫୭।

କୋଽତିଭାରଃ ସମର୍ଥାନାଂ କିଂ ଦୂରଂ ବ୍ୟବସାୟିନାମ୍।
କୋ ବିଦେଶଃ ସବିଦ୍ୟାନାଂ କଃ ପରଃ ପ୍ରିୟବାଦିନାମ୍॥ ୫୮॥

ସମର୍ଥ ଲୋକପକ୍ଷରେ କେଉଁ କାର୍ଯ୍ୟ ଅତି କଠିନ? ବ୍ୟବସାୟୀ ପକ୍ଷରେ କେଉଁ ସ୍ଥାନ ଦୂର? ବିଦ୍ୱାନ୍ ଲୋକପକ୍ଷରେ ବିଦେଶ କଅଣ? ପ୍ରିୟଭାଷୀ ଲୋକର ପୁଣି ପର କିଏ?॥ ୫୮॥

ବିଦ୍ୱତ୍ତ୍ୱଞ୍ଚ ନୃପତ୍ୱଞ୍ଚ ନୈବ ତୁଲ୍ୟେ କଦାଚନ।
ସ୍ୱଦେଶେ ପୂଜ୍ୟତେ ରାଜା ବିଦ୍ୱାନ୍ ସର୍ବତ୍ର ପୂଜ୍ୟତେ। ୫୯।

ବିଦ୍ୱତ୍ତା ଓ ରାଜପଣ– ଏ ଦୁଇଟି କେବେହେଲେ ସମାନ ହୋଇ ନ ପାରନ୍ତି। କାରଣ ରାଜା କେବଳ ନିଜ ଦେଶରେ ପୂଜା ପାଇଥାନ୍ତି; କିନ୍ତୁ ବିଦ୍ୱାନ୍ ଲୋକ ସର୍ବତ୍ର ପୂଜା ପାଇଥାଏ। ୫୯।

ହିରଣ୍ୟକ କହିଲା, ''ଯଦି ଏହାହିଁ ହୁଏ, ତେବେ ମୁଁ ମଧ୍ୟ ତୁମ ସଙ୍ଗରେ ଯିବି। ମୋର ମଧ୍ୟ ବିଶେଷ ଦୁଃଖ ଅଛି।'' ବାୟସ କହିଲା, ''ତୁମର କି ଦୁଃଖ, ସେ କଥା କହ?''

ହିରଣ୍ୟକ କହିଲା, ''ବନ୍ଧୁ, ସେ ବିଷୟରେ ବହୁତ କହିବାର ଅଛି। ସେଠାକୁ ଗଲେ ସବୁ ବିଶଦଭାବରେ କହିବି।'' ବାୟସ କହିଲା, ''ମୁଁ ତ ଆକାଶରେ ଉଡ଼ି ଉଡ଼ି ଯିବି– ତୁମେ କିପରି ମୋ ସଙ୍ଗରେ ଯିବ?'' ସେ କହିଲା, ''ଯଦି ତୁମେ ମୋର ପ୍ରାଣରକ୍ଷା କରିବାକୁ ଚାହିଁ, ତାହାହେଲେ ମୋତେ ତୁମ ପିଠି ଉପରେ ବସାଇ ନେଇଯିବ। ତାହା ନ କଲେ ମୋର ଅନ୍ୟ ଗତି ନାହିଁ।''

ଏହା ଶୁଣି ବାୟସ ଆନନ୍ଦିତ ହୋଇ କହିଲା, ''ତାହାହେଲେ ମୁଁ ଧନ୍ୟ। କାରଣ, ତୁମ ସହିତ ମୁଁ କାଳ କଟାଇପାରିବି। ମୁଁ ସମ୍ପାତ ପ୍ରଭୃତି ଆଠ ପ୍ରକାରର ଉଡ଼ିବା କୌଶଳ ଜାଣେ। ତୁମେ ମୋ ପିଠି ଉପରେ ଚଢ଼; ମୁଁ ସହଜରେ ତୁମକୁ ସେ ପୁଷ୍କରିଣୀ ପାଖକୁ ନେଇଯିବି।'' ହିରଣ୍ୟକ କହିଲା, ''ତୁମର ଉଡ଼ିବା କୌଶଳର ନାମଗୁଡ଼ିକ ଶୁଣିବା ମୋର ଇଚ୍ଛା।'' ବାୟସ କହିଲା–

ସମ୍ପାତଂ ବିପ୍ରପାତଂ ଚ଼ ମହାପାତଂ ନିପାତନମ୍ ।
ବକ୍ରଂ ତିର୍ଯ୍ୟକ୍ ତଥା ଚୋର୍ଦ୍ଧ୍ୱମଷ୍ଟମଂ ଲଘୁ ସଂଜ୍ଞକମ୍ ।। ୬୦ ।।

"ପ୍ରଥମେ ସମ୍ପାତ – ସମାନଭାବରେ ଉଡ଼ିବା; ଏଥିରେ ଡେଣା ସ୍ଥିର ରହିଥାଏ । ବିପ୍ରପାତ – ଡେଣାକୁ ହଲାଇ ହଲାଇ ଉଡ଼ିବା । ମହାପାତ – ଉଚ୍ଚକୁ ଉଠିଯାଇ ବେଗରେ ଉଡ଼ିବା । ନିପାତ – ତଳେ ତଳେ ଅର୍ଥାତ୍ ଭୂମିଠାରୁ ଅଳ୍ପ ଉଚ୍ଚରେ ରହି ଉଡ଼ିବା । ବକ୍ର – ସିଧା ନ ଯାଇ ବଙ୍କେଇ ବଙ୍କେଇ ଉଡ଼ିବା । ତିର୍ଯ୍ୟକ୍ – ଛେରଛା ଉଡ଼ିବା । ଊର୍ଦ୍ଧ୍ୱ – ଖୁବ୍ ଉଚ୍ଚରେ ରହି ଉଡ଼ିବା । ଶେଷରେ ଲଘୁସଂଜ୍ଞକ – ଖୁବ୍ ବେଗରେ ଉଡ଼ିବା । ଏଇ ଆଠ ପ୍ରକାର ହେଉଛି ଉଡ଼ିବାର କୌଶଳ ।" । ୬୦ ।

ଏହା ଶୁଣି ହିରଣ୍ୟକ ତତ୍‌କ୍ଷଣାତ୍ ଲଘୁପତନକର ପିଠିରେ ବସିଲା । ବାୟସ ତାହାକୁ ନେଇ ଧୀରେ ଧୀରେ ସମ୍ପାତ ରୀତିରେ ଉଡ଼ି ଉଡ଼ି କ୍ରମେ ସେହି ପୁଷ୍କରିଣୀ ନିକଟରେ ପହଞ୍ଚିଲା । ମନ୍ଥରକ ଦୂରରୁ ଦେଖିପାରିଲା ଯେ ଲଘୁପତନକ ପିଠି ଉପରେ ଗୋଟିଏ ମୂଷିକକୁ ବସାଇ ଆସୁଅଛି । ସେ ବୁଝିପାରିଲା – 'ଏ ଲଘୁପତନକ ସାମାନ୍ୟ କାକ ନୁହେଁ; ଏହାର ଦେଶକାଳଜ୍ଞାନ ଅଛି ।' ସେ ଶୀଘ୍ର ଜଳମଧ୍ୟରେ ପ୍ରବେଶ କଲା । ତହୁଁ ଲଘୁପତନକ ହିରଣ୍ୟକକୁ ପୁଷ୍କରିଣୀର ତୀରରେ ଥିବା ଗୋଟିଏ ବୃକ୍ଷର କୋଟରରେ ରଖିଦେଲା ଓ ନିଜେ ବୃକ୍ଷଶାଖାର ଅଗ୍ରଭାଗରେ ବସି ଖୁବ୍ ଉଚ୍ଚ ସ୍ୱରରେ କହିଲା, "ହେ ମନ୍ଥରକ ! ଆସ ଆସ । ମୁଁ ହେଉଛି ତୁମର ମିତ୍ର ଲଘୁପତନକ ନାମକ ବାୟସ । ବହୁଦିନରୁ ତୁମର ଦର୍ଶନ ପାଇଁ ଉତ୍କଣ୍ଠିତ ହୋଇ ଆସିଛି । ଆସି ମୋତେ ଆଲିଙ୍ଗନ କର । କଥିତ ଅଛି –

କିଂ ଚନ୍ଦନୈଃ ସକର୍ପୂରୈସ୍ତୁହିନୈଃ କିଂ ଚ଼ ଶୀତଳୈଃ ।
ସର୍ବୈତେ ମିତ୍ରଗାତ୍ରସ୍ୟ କଳାଂ ନାର୍ହନ୍ତି ଷୋଡ଼ଶୀମ୍ ।। ୬୧ ।।

କର୍ପୂରମିଶ୍ରିତ ଚନ୍ଦନ ତଥା ଶୀତଳ ହିମକଣାରେ କି ଫଳ ? ଏସବୁ ମିତ୍ରର ଶରୀରର ଷୋଳଭାଗରୁ ଭାଗକ ସଙ୍ଗେ ମଧ୍ୟ ସମାନ ହୋଇ ନ ପାରେ । ୬୧ । ପୁଣି –

କେନାମୃତମିଦଂ ସୃଷ୍ଟଂ ମିତ୍ରମିତ୍ୟକ୍ଷରଦ୍ୱୟମ୍ ।
ଆପଦାଂ ଚ଼ ପରିତ୍ରାଣଂ ଶୋକସନ୍ତାପଭେଷଜମ୍ ।। ୬୨ ।।

ବିପଦରୁ ପରିତ୍ରାଣର ଉପାୟ, ଶୋକ ଓ ସନ୍ତାପର ଔଷଧ । ଅମୃତତୁଲ୍ୟ 'ମିତ୍ର' ଏହି ଦୁଇଟି ଅକ୍ଷର କିଏ ସୃଷ୍ଟି କଲା ?" । ୬୨ ।

ଏହା ଶୁଣି ଓ ଉତ୍ତମରୂପେ ଚିହ୍ନିପାରି ମନ୍ଥରକ ତତ୍‌କ୍ଷଣାତ୍ ଜଳରୁ ବାହାରି ଆସି ପୁଲକିତ ଶରୀର ଓ ଆନନ୍ଦାଶ୍ରୁପୂର୍ଣ୍ଣ ଚକ୍ଷୁରେ କହିଲା, "ହେ ମିତ୍ର, ଆସ ଆସ । ମୋତେ ଆଲିଙ୍ଗନ କର । ବହୁ ଦିନ ହେଲା ତୁମର ଦର୍ଶନ ନ ଥିଲା । ତେଣୁ ହଠାତ୍ ମୁଁ ତୁମକୁ ଚିହ୍ନିପାରି ନ ଥିଲି । ସେଥିପାଇଁ ମୁଁ ଜଳମଧ୍ୟରେ ପ୍ରବେଶ କରିଥିଲି । କଥିତ ଅଛି –

ଯସ୍ୟ ନ ଜ୍ଞାୟତେ ବୀର୍ଯ୍ୟଂ ନ କୁଳଂ ନ ବିଚେଷ୍ଟିତମ୍ ।
ନ ତେନ ସଙ୍ଗତିଂ କୁର୍ଯ୍ୟାଦିତ୍ୟୁବାଚ ବୃହସ୍ପତିଃ ।। ୬୩ ।।

ଯାହାର ସାମର୍ଥ୍ୟ, କୁଳ ଓ କାର୍ଯ୍ୟ ଜଣା ନ ଥିବ, ତାହା ସହିତ ସଙ୍ଗ ହେବ ନାହିଁ; ଏହା ବୃହସ୍ପତି କହିଯାଇଅଛନ୍ତି।'' ।୬୩।

ମନ୍ଥରକ ଏହା କହିବାପରେ ଲଘୁପତନକ ବୃକ୍ଷରୁ ଓହ୍ଲାଇ ଆସି ତାକୁ ଆଲିଙ୍ଗନ କଲା। ଅଥବା ଯଥାର୍ଥରେ କଥିତ ଅଛି –

ଅମୃତସ୍ୟ ପ୍ରବାହୈଃ କିଂ କାୟକ୍ଷାଳନସମ୍ଭବୈଃ।
ଚିରାନ୍ମିତ୍ରପରିଷ୍ୱଙ୍ଗୋ ଯୋଽସୌ ମୂଲ୍ୟବିବର୍ଜିତଃ॥ ୬୪॥

ଶରୀରର କ୍ଷାଳନ ମାତ୍ର ଉପଯୋଗୀ ଜଳପ୍ରବାହରେ କି ଫଳ? ଦୀର୍ଘକାଳ ପରେ ମିତ୍ରର ଆଲିଙ୍ଗନ ଶରୀରପକ୍ଷରେ ଅମୂଲ୍ୟ ଅଟେ।୬୪।

ଏହିପରି ଦୁହେଁ ପରସ୍ପରକୁ ଆଲିଙ୍ଗନ କରି ରୋମାଞ୍ଚିତ ଶରୀର ହୋଇ ବୃକ୍ଷତଳେ ବସି ନିଜନିଜର ଚରିତ ବୃତ୍ତାନ୍ତ କଥାବାର୍ତ୍ତା ହେବାକୁ ଲାଗିଲେ। ହିରଣ୍ୟକ ମଧ୍ୟ ମନ୍ଥରକକୁ ପ୍ରଣାମ କରି ନିକଟରେ ବସିଲା। ତାହାକୁ ଦେଖି ମନ୍ଥରକ ଲଘୁପତନକକୁ ପଚାରିଲା, ''ଏ ମୂଷିକ କିଏ? ସେ ତୁମର ଖାଦ୍ୟ ହୋଇଥିଲେହେଁ ତୁମେ କାହିଁକି ତାକୁ ନିଜ ପିଠି ଉପରେ ବସାଇ ଆଣିଛ? ନିଶ୍ଚୟ ଏଥିର କୌଣସି ବିଶେଷ କାରଣ ଥିବ।''

ତାହା ଶୁଣି ଲଘୁପତନକ କହିଲା, ''ବନ୍ଧୁ, ଏ ହେଉଛନ୍ତି ହିରଣ୍ୟକ ନାମକ ଏକ ମୂଷିକ। ଏ ମୋର ପରମ ମିତ୍ର, ଦ୍ୱିତୀୟ ପ୍ରାଣସ୍ୱରୂପ। ଅଧିକ କଣ କହିବି –

ପର୍ଜନ୍ୟସ୍ୟ ଯଥା ଧାରା ଯଥା ଚ ଦିବି ତାରକାଃ।
ସିକତାରେଣବୋ ଯଦ୍ୱତ୍‌ସଂଖ୍ୟୟା ପରିବର୍ଜିତାଃ॥ ୬୫॥
ଗୁଣାଃ ସଂଖ୍ୟା ପରିତ୍ୟକ୍ତାସ୍ତଦ୍ୱଦସ୍ୟ ମହାତ୍ମନଃ।
ପରଂ ନିର୍ବେଦମାପନ୍ନଃ ସଂପ୍ରାପ୍ତୋଽୟଂ ତବାନ୍ତିକମ୍॥ ୬୬॥

ଯେପରି ମେଘର ଧାରା, ଆକାଶର ତାରା ଓ ବାଲୁକାର କଣା ସଂଖ୍ୟାତୀତ, ସେହିପରି ଏହି ମହାତ୍ମାଙ୍କର ଗୁଣ ମଧ୍ୟ ସଂଖ୍ୟାତୀତ। କିନ୍ତୁ ଏ ମହାଭାଗ ବୈରାଗ୍ୟପ୍ରାପ୍ତ ହୋଇ ତୁମ ନିକଟକୁ ଆସିଛନ୍ତି।୬୫ ଓ ୬୬।

ମନ୍ଥରକ ପଚାରିଲା, ''ଏହାଙ୍କର ବୈରାଗ୍ୟର କାରଣ କଅଣ?'' ବାୟସ କହିଲା, ''ମୁଁ ତାଙ୍କୁ ଏ ବିଷୟ ପଚାରିଥିଲି; କିନ୍ତୁ ସେ ଅନେକ କଥା କହିବାକୁ ଅଛି ବୋଲି କହି କୌଣସି ଉତ୍ତର ଦେଇ ନ ଥିଲେ। କେବଳ କହିଥିଲେ – 'ସେଠାକୁ ଯାଇ କହିବି।' ମୁଁ ମଧ୍ୟ ଆଉ ପଚାରିନାହିଁ। ଭଦ୍ର ହିରଣ୍ୟକ! ଏବେ ତୁମେ ଆମ ଦୁହିଁଙ୍କୁ ତୁମ ବୈରାଗ୍ୟର କାରଣ କୁହ।'' ହିରଣ୍ୟକ କହିଲା –

ହିରଣ୍ୟକ-ତାମ୍ରଚୂଡ଼ କଥା

ଦାକ୍ଷିଣାତ୍ୟ ଜନପଦରେ ମହିଳାରୋପ୍ୟ ନାମରେ ଗୋଟିଏ ନଗର ଅଛି। ତାହାର ଅଳ୍ପ ଦୂରରେ ଭଗବାନ ମହାଦେବଙ୍କର ଗୋଟିଏ ମନ୍ଦିର ଅଛି। ସେହି ମନ୍ଦିରରେ

ତାମ୍ରଚୂଡ଼ ନାମକ ଜଣେ ପରିବ୍ରାଜକ ବାସକରୁଥିଲେ। ସେ ଉକ୍ତ ନଗରରେ ଭିକ୍ଷା କରି ଜୀବନଯାତ୍ରା ନିର୍ବାହ କରୁଥିଲେ। ରାତ୍ରିରେ ସେ ଭିକ୍ଷାନ୍ନର ଅଂଶ ଭିକ୍ଷାପାତ୍ର ମଧ୍ୟରେ ରଖି ପାତ୍ରଟିକୁ ଗୋଟିଏ ଦି'କାଠିଆରେ ଝୁଲାଇ ଦେଇ ଶୋଉଥିଲେ। ପ୍ରଭାତରେ ସେ ସେହି ଅନ୍ନକୁ ଭୃତ୍ୟମାନଙ୍କୁ ଦେଇ ସେମାନଙ୍କଦ୍ୱାରା ମଠକୁ ଝାଡୁ ଦିଆଉଥିଲେ, ଲିପାଉଥିଲେ, ମନ୍ଦିରର ମେଜିଆକୁ ଚିତ୍ର କରାଉଥିଲେ। ଦିନେ ମୋର ବନ୍ଧୁମାନେ ମୋତେ କହିଲେ, ''ସ୍ୱାମିନ୍, ଏହି ମନ୍ଦିରରେ ପ୍ରସ୍ତୁତ ଅନ୍ନ ସର୍ବଦା ମୂଷିକଭୟରେ ଭିକ୍ଷାପତ୍ରରେ ରଖାଯାଇ ଦି'କାଠିଆରେ ରହିଥାଏ, ତେଣୁ ଆମେମାନେ ତାହାକୁ ଖାଇପାରୁନାହୁଁ। ଆପଣଙ୍କ ପକ୍ଷରେ କୌଣସି ସ୍ଥାନ ଅଗମ୍ୟ ନୁହେଁ। ଅନ୍ୟ ସ୍ଥାନରେ ବୃଥା ଭ୍ରମଣ କରିବାରେ କି ଫଳ? ଆଜି ଆପଣଙ୍କ ଅନୁଗ୍ରହରେ ସେଠାକୁ ଯାଇ ଯଥେଚ୍ଛା ଭୋଜନ କରିବା।'' ଏହା ଶୁଣି ମୁଁ ସମସ୍ତ ମୂଷିକଯୂଥଦ୍ୱାରା ପରିବେଷ୍ଟିତ ହୋଇ ସେଠାକୁ ଗଲି। ଉପରକୁ ଡେଇଁ ସେ ଭିକ୍ଷାପାତ୍ରରେ ପଶିଲି। ସେଥିରେ ଥିବା ଭିକ୍ଷାନ୍ନର ଅବଶେଷକୁ ମୋର ସେବକମାନଙ୍କୁ ଦେଲି ଓ ପରେ ମୁଁ ନିଜେ କିଛି ଖାଇଲି। ସମସ୍ତେ ତୃପ୍ତ ହେବା ପରେ ମୁଁ ନିଜ ଗୃହକୁ ଆସିଲି।

ଏହିପରି ପ୍ରତିଦିନ ମୁଁ ସେହି ଅନ୍ନ ଖାଇବାକୁ ଲାଗିଲି। ପରିବ୍ରାଜକ ମଧ୍ୟ ସେହି ଅନ୍ନକୁ ଯଥାଶକ୍ତି ଜଗି ରହିଥାନ୍ତି। କିନ୍ତୁ ସେ ଶୋଇପଡ଼ିଲେ ମୁଁ ଦି'କାଠିଆ ଉପରକୁ ଚଢ଼ିଯାଇ ମୋର ନିଜ କାମ କରୁଥିଲି। ଏକଦା ପରିବ୍ରାଜକ ମୋଠାରୁ ଖାଦ୍ୟକୁ ରକ୍ଷା କରିବା ପାଇଁ ଗୋଟିଏ ବଡ଼ ଉପାୟ କଲେ। ସେ ଖଣ୍ଡିଏ ଦଦରା ବାଉଁଶ ଆଣିଲେ। ଶୋଇରହିଥିବା ବେଳେ ମଧ୍ୟ ସେ ମୋ ଭୟରେ ଭିକ୍ଷାପାତ୍ରଟିକୁ ସେହି ବାଉଁଶରେ ପିଟୁଥିଲେ। ମୁଁ ମଧ୍ୟ ପ୍ରହାର ଭୟରେ ଅନ୍ନକୁ ନଖାଇ ପଳାଇ ଯାଉଥିଲି। ଏହିପରି ତାଙ୍କ ସହିତ ଯୁଦ୍ଧ କରି କରି ମୋର ସମସ୍ତ ରାତ୍ରି କଟିଯାଉ ଥିଲା। ଆଉ ଦିନେ ତାମ୍ରଚୂଡ଼ଙ୍କର ବୃହତ୍‌ସ୍ଫିକ୍ ନାମକ ଜଣେ ବନ୍ଧୁ ପରିବ୍ରାଜକ ତୀର୍ଥଯାତ୍ରାରେ ଭ୍ରମଣ କରୁ କରୁ ସେହି ମନ୍ଦିରରେ ଉପସ୍ଥିତ ହେଲେ। ତାହାଙ୍କୁ ଦେଖି ତାମ୍ରଚୂଡ଼ ଆଗେଇ ଯାଇ ତାଙ୍କୁ ସମ୍ବର୍ଦ୍ଧନା କଲେ ଓ ଆଦରସହକାରେ ତାଙ୍କର ଆତିଥ୍ୟ କ୍ରିୟାରେ ନିଯୁକ୍ତ ହେଲେ। ତତ୍ପରେ ରାତ୍ରିରେ ଦୁହେଁଯାକ କୁଶଶଯ୍ୟାରେ ଏକତ୍ର ଶୋଇ ଧର୍ମବିଷୟରେ କଥାବାର୍ତ୍ତା ହେବାକୁ ଲାଗିଲେ। ବୃହତ୍‌ସ୍ଫିକ୍‌ଙ୍କ ସହିତ କଥାବାର୍ତ୍ତା କରୁ କରୁ ତାମ୍ରଚୂଡ଼ ମୂଷିକକୁ ଭୟ ଦେଖାଇବା ପାଇଁ ଅନ୍ୟମନସ୍କ ହୋଇ ସେହି ପୁରୁଣା ବାଉଁଶରେ ଭିକ୍ଷାପାତ୍ରକୁ ପିଟୁଥିଲେ ଓ ନିରର୍ଥକ ଉତ୍ତର ଦେଉଥିଲେ। ସେଥିରେ ତାଙ୍କର ଧ୍ୟାନ ଥିବାରୁ କିଛି କହି ପାରୁ ନ ଥିଲେ। ତହୁଁ ଅଭ୍ୟାଗତ କୁପିତ ହୋଇ ତାଙ୍କୁ କହିଲେ, ''ହେ ତାମ୍ରଚୂଡ଼, ମୁଁ ତୁମକୁ ଠିକ୍ ରୂପେ ଚିହ୍ନି ନ ଥିଲି। ତୁମେ ପ୍ରକୃତ ବନ୍ଧୁ ନୁହଁ। ସେଥିପାଇଁ ମୋ ସଙ୍ଗେ ସ୍ନେହରେ କଥାବାର୍ତ୍ତା କରୁନାହିଁ। ତେଣୁ ରାତି ହୋଇଥିଲେ ମଧ୍ୟ ତୁମର ମନ୍ଦିର ତ୍ୟାଗ କରି ଅନ୍ୟତ୍ର ଚାଲିଯିବି। କଥିତ ଅଛି –

ଏହ୍ୟାଗଚ୍ଛ ସମାଶ୍ରୟାସନମିଦଂ କସ୍ମାଚ୍ଚିରାଦ୍ଦୃଶ୍ୟସେ
କା ବାର୍ତ୍ତା ହ୍ୟତିଦୁର୍ବଲୋଽପି କୁଶଳଂ ପ୍ରୀତୋଽସ୍ମି ତେ ଦର୍ଶନାତ୍।

ଏବଂ ଯେ ସମୁପାଗତାନ୍ ପ୍ରଣୟିନଃ ପ୍ରହ୍ଲାଦୟନ୍ତ୍ୟାଦରା-
ତ୍ତେଷାଂ ଯୁକ୍ତମଶଙ୍କିତେନ ମନସା ହର୍ମ୍ୟାଣି ଗନ୍ତୁଂ ସଦା ।। ୬୭ ।।

'ଆସନ୍ତୁ ଆସନ୍ତୁ, ଏ ଆସନରେ ବସିବାହୁଅନ୍ତୁ, ବହୁଦିନ ପରେ ଆପଣଙ୍କ ଦର୍ଶନ ମିଳିଲା, ଖବର କଅଣ, ବଡ଼ ଦୁର୍ବଳ ଦେଖାଯାଉଅଛନ୍ତି, ଆପଣଙ୍କର ସବୁ କୁଶଳ ତ, ଆପଣଙ୍କୁ ଦର୍ଶନ କରି ଆନନ୍ଦିତ ହେଲି' – ଏହିପରି କହି ଯେଉଁ ଲୋକ ଗୃହକୁ ଆସିଥିବା ମିତ୍ରଙ୍କୁ ଆଦରସହକାରେ ଆହ୍ଲାଦିତ କରେ, ତାଙ୍କରି ଘରକୁ ନିଃଶଙ୍କ ମନରେ ଯିବା ଉଚିତ । ୬୭ ।

ଗୃହୀ ଯତ୍ରାଗତଂ ଦୃଷ୍ଟ୍ୱା ଦିଶୋ ବୀକ୍ଷେତ ବାପ୍ୟଧଃ ।
ତତ୍ର ଯେ ସଦନେ ଯାନ୍ତି ତେ ଶୃଙ୍ଗରହିତା ବୃଷାଃ ।। ୬୮ ।।

ଯେଉଁ ଘରେ ଗୃହସ୍ୱାମୀ ମିତ୍ରକୁ ଆସୁଥିବାର ଦେଖି ଏଣେତେଣେ ଚାହେଁ ବା ତଳକୁ ଚାହିଁରହେ, ସେ ଘରକୁ ଯେଉଁମାନେ ଯାଆନ୍ତି, ସେମାନେ ଶୃଙ୍ଗହୀନ ବୃଷଭ ସଦୃଶ ଅଟନ୍ତି ।। ୬୮ ।।

ନାଭ୍ୟୁଦ୍‌ଥାନକ୍ରିୟା ଯତ୍ର ନାଲାପା ମଧୁରାକ୍ଷରାଃ ।
ଗୁଣ ଦୋଷ କଥା ନୈବ ତତ୍ର ହର୍ମ୍ୟଂ ନ ଗମ୍ୟତେ ।। ୬୯ ।।

ଯେଉଁଠାରେ ଉନ୍ନତି ନାହିଁ, କି ମଧୁର ଆଳାପ ନାହିଁ, କି ଗୁଣଦୋଷ କଥାରେ ଚର୍ଚ୍ଚା ନାହିଁ, ସେ ଘରକୁ ଯିବା ଉଚିତ ନୁହେଁ । ୬୯ ।

ତୁମେ ଗୋଟିଏ ମନ୍ଦିର ପାଇଥିବାରୁ ଅହଙ୍କାରୀ ହୋଇପଡ଼ିଛ; ବନ୍ଧୁ-ସ୍ନେହକୁ ଛାଡ଼ିଦେଇଛ । ବୁଝିପାରୁନାହଁ ଯେ ତୁମେ ମନ୍ଦିର ଆଶ୍ରୟ ବ୍ୟାଜରେ (ଛଳନାରେ) ନରକଗତି ଅର୍ଜୁଛ । କଥିତ ଅଛି— ·

ନରକାୟ ମତିସ୍ତେ ଚେଦ୍ ପୌରୋହିତ୍ୟଂ ସମାଚର ।
ବର୍ଷଂ ଯାବକ୍କିମନ୍ୟେନ ମଠଚିନ୍ତାଂ ଦିନତ୍ରୟମ୍ ।। ୭୦ ।।

ନରକକୁ ଯିବାପାଇଁ ଯଦି ମନ ଥାଏ, ତେବେ ବର୍ଷଯାକ ପୌରୋହିତ୍ୟ କାର୍ଯ୍ୟ କର । ଆଉ କିଛି କରିବାରେ କି ପ୍ରୟୋଜନ? ମାତ୍ର ତିନୋଟି ଦିନ ମନ୍ଦିରର ଚିନ୍ତା କର; ନରକକୁ ଯିବାପାଇଁ ତାହାହିଁ ଯଥେଷ୍ଟ ହେବ । ୭୦ ।

ହେ ମୂର୍ଖ, ତୁମେ ଶୋଚନାର ଯୋଗ୍ୟ । କରୁଣାର ଯୋଗ୍ୟ ହୋଇ ଗର୍ବ କରୁଛ; ତେଣୁ ମୁଁ ତୁମ ମନ୍ଦିର ଛାଡ଼ି ଚାଲିଯାଉଛି ।''

ଏହା ଶୁଣି ତାମ୍ରଚୂଡ଼ ଭୟରେ ମନକୁ ଅତ୍ୟନ୍ତ ବ୍ୟାକୁଳ କରି କହିଲେ, ''ହେ ଭଗବାନ୍, ଏପରି କୁହ ନାହିଁ । ତୁମଭଳି ଅନ୍ୟ ବନ୍ଧୁ ମୋର କେହି ନାହିଁ; କିନ୍ତୁ କଥାବାର୍ତ୍ତାରେ କାହିଁକି ମୋର ଶିଥିଳତା ଆସିଛି, ତାହାର କାରଣ ଶୁଣ ।

ମୋର ଭିକ୍ଷାପାତ୍ରଟିକୁ ମୁଁ ଅତି ଉଚ୍ଚ ସ୍ଥାନରେ ରଖି ଥିଲେହେଁ ଏ ଦୁଷ୍ଟ ମୂଷିକ ଡେଇଁପଡ଼ି ସେଠାକୁ ଉଠୁଛି ଓ ସେଥିରେ ଥିବା ଭିକ୍ଷାବଶେଷ ଅନ୍ନକୁ ଖାଇଯାଉଛି । ଏହି ଅନ୍ନର ଅଭାବ ହେଲେ ମନ୍ଦିର ମାର୍ଜନା କାର୍ଯ୍ୟ ହୋଇ ପାରିବ ନାହିଁ ।

ତେଣୁ ମୂଷିକର ଭୟ ଉତ୍ପାଦନ ନିମନ୍ତେ ମୁଁ ଏହି ବାଉଁଶଖଣ୍ଡଦ୍ୱାରା ବାରମ୍ବାର ଆଘାତ କରୁଅଛି। ଏହା ଛଡ଼ା (ମୋର ଅନ୍ୟମନସ୍କତାର) ଅନ୍ୟ କାରଣ ନାହିଁ। ସେ ଦୁଷ୍ଟ ମୂଷିକର ଆଉ ଏକ ମଜାକଥା ଦେଖ, ଏହାର ଡେଇଁବା ପାଖରେ ବିରାଡ଼ି, ମର୍କଟ ପ୍ରଭୃତିଙ୍କର ଡିଆଁ ହାର ମାନିବ।

ବୃହତ୍‌ସ୍ଫିକ୍ କହିଲେ, ''ଆଚ୍ଛା, ସେ ମୂଷିକର ଗର୍ତ୍ତ କେଉଁଠାରେ ଅଛି; ଜାଣ?'' ତାମ୍ରଚୂଡ଼ କହିଲେ, ''ଭଗବାନ୍; ଠିକ୍‌ରୂପେ ଜାଣେ ନାହିଁ।'' ସେ କହିଲେ, ''ଏକଥା ନିଃସନ୍ଦେହ ଯେ କୌଣସି ନିଧାନ (ଧନଭଣ୍ଡାର) ଉପରେ ତାର ଗର୍ତ୍ତ। ଏହି ଧନର ଉଷ୍ମତା ହେତୁ ସେ ଏପରି କୁଦିପାରୁଛି। କଥିତ ଅଛି–

ଉଷ୍ମାପି ବିତ୍ତଜୋ ବୃଦ୍ଧିଂ ତେଜୋ ନୟତି ଦେହିନାମ୍।
କିଂ ପୁନସ୍ତସ୍ୟ ସମ୍ଭୋଗସ୍ତ୍ୟାଗକର୍ମସମନ୍ୱିତଃ ॥ ୭୧ ॥

ଦାନକର୍ମ-ସମ୍ବନ୍ଧୀ ଧନର ଉଷ୍ମତା ମଧ୍ୟ ପ୍ରାଣୀମାନଙ୍କର ତେଜକୁ ବଢ଼ାଇଦିଏ। ଭୋଗସମ୍ବନ୍ଧୀ ଧନର କଥା କଅଣ କହିବା? ୭୧। ପୁଣି–

ନାକସ୍ମାଚ୍ଛାଣ୍ଡିଲୀ ମାତର୍ବିକ୍ରୀଣାତି ତିଲୈସ୍ତିଲାନ୍।
ଲୁଞ୍ଚିତାନିତରୈର୍ଯେନ ହେତୁରତ୍ର ଭବିଷ୍ୟତି। ୭୨।

ହେ ମାତଃ! ଏ ଶାଣ୍ଡିଲୀ ବିନା କାରଣରେ ଚୋପା ଥିବା ତିଳ ବଦଳରେ ଚୋପାଛଡ଼ା ତିଳ ବିକୁ ନ ଥିବ। ଏଥିରେ ନିଶ୍ଚୟ କୌଣସି କାରଣ ଥିବ।'' ୭୨।

ତାମ୍ରଚୂଡ଼ କହିଲେ, ''ତିଳବଦଳ କଥା କଅଣ?'' ବୃହତ୍‌ସ୍ଫିକ୍ କହିଲେ–

ତିଳଚୂର୍ଣ୍ଣବିକ୍ରୟ କଥା

ଏକଦା ବର୍ଷାକାଳରେ ମୁଁ ଗୋଟିଏ ବ୍ରତର ଅନୁଷ୍ଠାନ (ପାଳନ) ନିମନ୍ତେ ଜଣେ ବ୍ରାହ୍ମଣଙ୍କ ଘରେ ରହିବାପାଇଁ ତାଙ୍କୁ ପ୍ରାର୍ଥନା କଲି। ତହୁଁ ତାଙ୍କ କଥା ଅନୁସାରେ ତାଙ୍କଠାରୁ ସେବାଶୁଶ୍ରୂଷା ପାଇ ମୁଁ ସୁଖରେ ଦେବପୂଜା କରି ସେଠାରେ ରହିଲି। ଦିନେ ମୁଁ ସକାଳୁ ଉଠିଲାବେଳକୁ ବ୍ରାହ୍ମଣ-ବ୍ରାହ୍ମଣୀଙ୍କ ମଧ୍ୟରେ ଚାଲିଥିବା କଥାବାର୍ତ୍ତା ମନ ଦେଇ ଶୁଣିଲି। ବ୍ରାହ୍ମଣ କହିଲା, ''ହେ ବ୍ରାହ୍ମଣୀ, ଆଜି ପ୍ରଭାତରେ ଅନନ୍ତଦାନ ଫଳପ୍ରଦ ଦକ୍ଷିଣାୟନ ସଂକ୍ରାନ୍ତି ହେଉଛି। ଦାନ ଗ୍ରହଣ କରିବା ପାଇଁ ମୁଁ ଅନ୍ୟ ଗ୍ରାମକୁ ଯାଉଛି। ଭଗବାନ୍ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ତୁ ଜଣେ ବ୍ରାହ୍ମଣଙ୍କୁ କିଛି ଭୋଜନ ଦେବୁ।'' ଏହା ଶୁଣି ବ୍ରାହ୍ମଣୀ ଅତି କଠୋର ଭାଷାରେ ସ୍ୱାମୀଙ୍କୁ ଭର୍ତ୍ସନା କରି କହିଲା, ''ତୁମପରି ଦାରିଦ୍ର୍ୟପୀଡ଼ିତ ଲୋକର ଘରେ କାହାପାଇଁ ଭୋଜନ କାହୁଁ ମିଳିବ? ମୋତେ ଏପରି କହିବାକୁ କଅଣ ଲାଜ ମାଡୁନାହିଁ? ତମ ହାତ ଧରି କେବେହେଲେ କିଛି ସୁଖ ପାଇଲି ନାହିଁ, କେବେ ମିଷ୍ଟାନ୍ନ ଖାଇବାକୁ ମିଳିଲା ନାହିଁ କି ହାତ, ଗୋଡ଼, ବେକକୁ ଖଣ୍ଡେ ଅଳଙ୍କାର ମିଳିଲା ନାହିଁ।'' ଏହା ଶୁଣି ବ୍ରାହ୍ମଣ ଭୟରେ ତ୍ରସ୍ତ ହୋଇ ଧୀରେ କହିଲା– ''ବ୍ରାହ୍ମଣୀ, ତୋର ଏପରି କହିବା

ଠିକ୍ ନୁହେଁ। କୁହାଯାଇଛି –

ଗ୍ରାସାଦପି ତଦର୍ଦ୍ଧଂ ଚ କସ୍ମାନ୍ନୋ ଦୀୟତେଽର୍ଥିଷୁ।
ଇଚ୍ଛାନୁରୂପୋ ବିଭବଃ କଦା କସ୍ୟ ଭବିଷ୍ୟତି ॥ ୭୩॥

ତୁମ ଆହାରର ଅଧେ ହେଲେ କାହିଁକି ଯାଚକକୁ ଦେଉନାହିଁ? ଇଚ୍ଛାନୁରୂପ ଧନ କେବେ କାହାକୁ ମିଳିବ କି? (ଅର୍ଥାତ୍ ମିଳିବ ନାହିଁ; ତେଣୁ ଯେତିକି ଅଛି, ସେଥିରୁ କିଛି ଦାନ କର)। ୭୩।

ଈଶ୍ୱରା ଭୂରିଦାନେନ ଯଲ୍ଲଭନ୍ତେ ଫଳଂ କିଳ।
ଦରିଦ୍ରସ୍ତଚ୍ଚ କାକିଣ୍ୟା ପ୍ରାପ୍ନୁୟାଦିତି ନଃ ଶ୍ରୁତିଃ ॥ ୭୪ ॥

ମୁଁ ଶୁଣିଛି ଯେ ଧନୀ ଲୋକେ ପ୍ରଚୁର ଧନ ଦାନ କରି ଯେଉଁ ଫଳ-ଲାଭ କରନ୍ତି, ଦରିଦ୍ର ଲୋକ ସାମାନ୍ୟ କଡ଼ାଏ କଉଡ଼ି ଦାନ କରି ମଧ୍ୟ ସେହି ଫଳ ପାଇଥାଏ। ୭୪।

ଦାତା ଲଘୁରପି ସେବ୍ୟୋ ଭବତି ନ କୃପଣୋ ମହାନପି ସମୃଦ୍ଧ୍ୟା।
କୂପୋଽନ୍ତଃ ସ୍ୱାଦୁଜଳଃ ତୃପ୍ତ୍ୟୈ ଲୋକସ୍ୟ ନ ସମୁଦ୍ରଃ ॥ ୭୫ ॥

ଲୋକେ ଦାନୀ ଅଥଚ ନିର୍ଦ୍ଧନ ବ୍ୟକ୍ତିର ସେବା କରିଥାନ୍ତି; କିନ୍ତୁ କୃପଣ ଅଥଚ ବିତ୍ତଶାଳୀ ବ୍ୟକ୍ତିର ସେବା କରନ୍ତି ନାହିଁ। କ୍ଷୁଦ୍ର ହେଲେ ସୁଦ୍ଧା କୂପରେ ସ୍ୱାଦୁ ଜଳ ଥିବାରୁ ତାହା ଲୋକମାନଙ୍କର ପ୍ରିୟ; କିନ୍ତୁ ସମୁଦ୍ର ବିଶାଳ ଜଳଭଣ୍ଡାର ହେଲେହେଁ ଲୋକେ ତାର ଆଦର କରନ୍ତି ନାହିଁ। ୭୫। ପୁଣି –

ଅକୃତତ୍ୟାଗମହିମ୍ନା ମିଥ୍ୟା କିଂ ରାଜରାଜଶବ୍ଦେନ।
ଗୋପ୍ତାରଂ ନ ନିଧୀନାଂ କଥୟନ୍ତି ମହେଶ୍ୱରଂ ବିବୁଧାଃ ॥ ୭୬ ॥

ଯହିଁରେ ଦାନର ମହିମା ନଥାଏ, ସେ ଭଳି ମିଥ୍ୟା ରାଜାଧିରାଜ ବା କୁବେର ଶବ୍ଦରେ କି ଲାଭ ? ନିଧି (ଧନଭଣ୍ଡାର)ର ରକ୍ଷକ କୁବେରଙ୍କୁ ବିଦ୍ୱାନ୍ ଲୋକେ 'ମହେଶ୍ୱର' ବୋଲି କହି ନ ଥାନ୍ତି। ୭୬। ପୁଣି –

ସଦା ଦାନପରିକ୍ଷୀଣଃ ଶସ୍ତ ଏବ କରୀଶ୍ୱରଃ।
ଅଦାନଃ ପୀନଗାତ୍ରୋଽପି ନିନ୍ଦ୍ୟ ଏବ ହି ଗର୍ଦଭଃ ॥ ୭୭ ॥

ସର୍ବଦା ଦାନବାରି (ହସ୍ତୀର ଗଣ୍ଡରୁ କ୍ଷରୁଥିବା ଜଳ) ହେତୁରୁ କ୍ଷୀଣକାୟ ହସ୍ତୀ ତଥା ଧନଦାନ ହେତୁ ଦରିଦ୍ରତାପ୍ରାପ୍ତ ହୋଇଥିବା ଧନବାନ୍ ପୁରୁଷ ଉଭୟେ ପ୍ରଶଂସନୀୟ। ପରନ୍ତୁ ମଦଜଳବିହୀନ, ପୃଥୁଳଶରୀର ଗର୍ଦ୍ଦଭ ତଥା ଦାନହୀନ ଧନବାନ୍ ଲୋକ ନିନ୍ଦନୀୟ ହୋଇଥାନ୍ତି। ୭୭।

ସୁଶୀଲୋଽପି ସୁବୃତ୍ତୋଽପି ଯାତ୍ୟଦାନାଦଧୋ ଘଟଃ।
ପୁନଃ କୁବ୍ଜାପି କାଣାପି ଦାନାଦୁପରି କର୍କଟୀ ॥ ୭୮ ॥

ସୁଶୀଳ (ଉତ୍ତମରୂପେ ନିର୍ମିତ) ଓ ସୁବୃତ୍ତ (ଗୋଲାକାର) ହୋଇଥିଲେହେଁ ଘଟ ଜଳଦାନ କରୁ ନ ଥିବାରୁ ନିମ୍ନକୁ ଗତିକରେ, ପାଣିରେ ବୁଡ଼ି ତଳକୁ ଯାଏ। କିନ୍ତୁ

କାକୁଡ଼ି କୁଜା ଓ କଣା ହେଲେହେଁ ଦାନ ଦେଉଥିବାରୁ ଉପରକୁ ଉଠେ (ଅର୍ଥାତ୍ ସୁଶୀଳ ଓ ସଦାଚାରୀ ଲୋକ ମଧ୍ୟ ଦାନ ନ ଦେଲେ ନୀଚଗାମୀ ହୁଏ)। ୭୮।

ଯଚ୍ଛଞ୍ଚଲୋଽପି ଜଳଦୋ ବଲ୍ଲଭତାମେତି ସକଳଲୋକସ୍ୟ।
ନିତ୍ୟପ୍ରସାରିତକରୋ ମିତ୍ରୋଽପି ନ ବୀକ୍ଷିତୁଂ ଶକ୍ୟଃ॥ ୭୯॥

ମେଘ ସାମାନ୍ୟ ଜଳ ଦାନ କରୁଥିବାରୁ ଲୋକମାନଙ୍କର ପ୍ରିୟ ହୋଇଥାଏ। ସର୍ବଦା ପ୍ରସାରିତ କର (ହାତ ପତାଇ ମାଗୁଥିବା) ମିତ୍ର(ବନ୍ଧୁ)ଙ୍କୁ ଓ ପ୍ରସାରିତ କର (କିରଣବିସ୍ତାରକାରୀ) ମିତ୍ର(ସୂର୍ଯ୍ୟ)ଙ୍କୁ କେହି ଦେଖିବାକୁ ଇଚ୍ଛା କରନ୍ତି ନାହିଁ। ୭୯।

ଏହା ଉତ୍ତମରୂପେ ବୁଝି ଦାରିଦ୍ର୍ୟପୀଡ଼ିତ ହେଲେ ମଧ୍ୟ ଯଥାସମୟରେ ସତ୍ ପାତ୍ରରେ ଅଳ୍ପ ବହୁତ କିଛି ହେଲେ ଦାନ କରିବା ଉଚିତ। କଥିତ ଅଛି –

ସତ୍ପାତ୍ରେ ମହତୀ ଶ୍ରଦ୍ଧା ଦେଶେ କାଲେ ଯଥୋଚିତେ।
ଯଦ୍ଦୀୟତେ ବିବେକଜ୍ଞୈସ୍ତଦାନନ୍ତ୍ୟାୟ କଳ୍ପତେ॥ ୮୦॥

ବିବେକୀ ଲୋକେ ବିଶେଷ ଶ୍ରଦ୍ଧା ସହ ଉପଯୁକ୍ତ ଦେଶ ଓ କାଳରେ ସତ୍ପାତ୍ରରେ ଯେଉଁ ଦାନ ଦିଅନ୍ତି, ତହିଁରୁ ଅକ୍ଷୟ ଫଳ ମିଳିଥାଏ (ତାହା ମୋକ୍ଷର କାରଣ ହୋଇଥାଏ)। ୮୦। ପୁନଶ୍ଚ –

ଅତିତୃଷ୍ଣା ନ କର୍ତ୍ତବ୍ୟା ତୃଷ୍ଣାଂ ନୈବ ପରିତ୍ୟଜେତ୍।
ଅତିତୃଷ୍ଣାଭିଭୂତସ୍ୟ ଶିଖା ଭବତି ମସ୍ତକେ॥ ୮୧॥

ଅତ୍ୟଧିକ ତୃଷ୍ଣା (ଲୋଭ) କରିବା ଉଚିତ ନୁହେଁ। ପୁଣି ତୃଷ୍ଣାକୁ ପୂର୍ଣ୍ଣରୂପେ ତ୍ୟାଗ କରିବା ମଧ୍ୟ ଉଚିତ ନୁହେଁ। ଅତ୍ୟଧିକ ତୃଷ୍ଣାରେ ଅଭିଭୂତ ମନୁଷ୍ୟର ମସ୍ତକରେ ଶିଖା ହୋଇଥାଏ। ୮୧।

ବ୍ରାହ୍ମଣୀ କହିଲା, "ସେ କଥା କଅଣ ?" ବ୍ରାହ୍ମଣ କହିଲା –

ଶବର ଓ ଶୂକର କଥା

କୌଣସି ବନପ୍ରଦେଶରେ ଜଣେ ପୁଳିନ୍ଦ (ଶବର) ବାସକରୁଥିଲା। ସେ ପାରିଧି କରିବାକୁ ବନକୁ ଗଲା। ସେ ଭ୍ରମଣ କରୁ କରୁ ଅଞ୍ଜନ ପର୍ବତର ଶିଖର ସଦୃଶ ଏକ ବୃହତ୍ ଶୂକରକୁ ଦେଖିଲା। ତାହାକୁ ଦେଖି ସେ ଗୋଟିଏ ତୀକ୍ଷ୍ଣ ଶରକୁ କାନ ପର୍ଯ୍ୟନ୍ତ ଟାଣିଆଣି ତାହାକୁ ମାରିଲା। ଶୂକର ମଧ୍ୟ କୋପାବିଷ୍ଟ ହୃଦୟରେ ଦ୍ୱିତୀୟା ଚନ୍ଦ୍ର ସଦୃଶ ତାହାର ଦାନ୍ତଦ୍ୱାରା ଶବରର ଉଦରକୁ ବିଦୀର୍ଣ୍ଣ କରିଦେଲା; ତହୁଁ ଶବର ପ୍ରାଣ ହରାଇ ତଳେ ପଡ଼ିଗଲା। ଶବରକୁ ବଧ କରିବା ପରେ ସେ ଶୂକର ମଧ୍ୟ ଶରାଘାତଜନିତ ଯନ୍ତ୍ରଣାରେ ପଞ୍ଚତ୍ୱପ୍ରାପ୍ତ ହେଲା। ଏହି ସମୟରେ ମୃତ୍ୟୁର ନିକଟବର୍ତ୍ତୀ ହୋଇଥିବାରୁ ଗୋଟିଏ କ୍ଷୁଧାର୍ତ୍ତ ଶୃଗାଳ ଇତସ୍ତତଃ ଭ୍ରମଣ କରୁ କରୁ ସେହି ସ୍ଥାନରେ ପହଞ୍ଚିଲା। ବରାହ ଓ ଶବର ଏ ଦୁହିଁଙ୍କୁ ଦେଖି

ସେ ଅତ୍ୟନ୍ତ ଆନନ୍ଦିତ ହୋଇ ଚିନ୍ତାକଲା– 'ବାଃ, ଦୈବ ମୋ ପ୍ରତି ଅନୁକୂଳ। ସେଥିପାଇଁ ଏ ଭୋଜନ ମିଳିଗଲା, ଯାହା କି ମୁଁ ଚିନ୍ତା ସୁଦ୍ଧା କରି ନଥିଲି। ଅଥବା ଯଥାର୍ଥରେ କୁହାଯାଇଅଛି--

ଅକୃତେଽପ୍ୟୁଦ୍ୟମେ ପୁଂସାମନ୍ୟଜନ୍ମକୃତଂ ଫଳମ୍।
ଶୁଭାଶୁଭଂ ସମଭ୍ୟେତି ବିଧିନା ସନ୍ନିଯୋଜିତମ୍॥ ୮୨॥

ଉଦ୍ୟମ ନ କଲେ ମଧ୍ୟ ପୂର୍ବଜନ୍ମରେ କୃତ ଶୁଭାଶୁଭ କର୍ମର ବିଧିନିର୍ଦ୍ଦିଷ୍ଟ ଫଳ ମନୁଷ୍ୟକୁ ମିଳିଥାଏ। ୮୨। ପୁଣି–

ଯସ୍ମିନ୍ ଦେଶେ ଚ କାଳେ ଚ ବୟସା ଯାଦୃଶେନ ଚ।
କୃତଂ ଶୁଭାଶୁଭଂ କର୍ମ ତତ୍ତଥା ତେନ ଭୁଜ୍ୟତେ॥ ୮୩॥

ଯେଉଁ ସ୍ଥାନରେ, ଯେଉଁ ସମୟରେ ଓ ଯେଉଁ ବୟସରେ ମନୁଷ୍ୟ (ପୂର୍ବଜନ୍ମରେ) ଯେପରି ଶୁଭ ବା ଅଶୁଭ କର୍ମ କରିଥାଏ, ସେ ସେହିପରି (ଅର୍ଥାତ୍ ସେହି ସ୍ଥାନରେ, ସେହି ସମୟରେ ଓ ସେହି ବୟସରେ) ତାହା ଭୋଗକରେ। ୮୩।

ତେଣୁ ଯେପରି ଏମାନଙ୍କ ଦ୍ୱାରା ମୋର ଅନେକ ଦିନ ପର୍ଯ୍ୟନ୍ତ ପ୍ରାଣଯାତ୍ରା ଚଳିବ, ସେହିପରି ଖାଇବି। ଅତଏବ ପ୍ରଥମେ ଧନୁର ଅଗ୍ରଭାଗରେ ସଂଲଗ୍ନ ସ୍ନାୟୁବନ୍ଧନକୁ ଖାଇବି। କଥିତ ଅଛି–

ଶନୈଃ ଶନୈଶ୍ଚ ଭୋକ୍ତବ୍ୟଂ ସ୍ୱୟଂ ବିତ୍ତମୁପାର୍ଜିତମ୍।
ରସାୟନମିବ ପ୍ରାଜ୍ଞୈର୍ହେଳୟା ନ କଦାଚନ॥ ୮୪॥

ବୁଦ୍ଧିମାନ୍ ଲୋକ ସ୍ୱ-ଉପାର୍ଜିତ ଧନକୁ ରସାୟନ ପରି ଅଳ୍ପ ଅଳ୍ପ କରି ଭୋଗ କରିବା ଉଚିତ; ଅବହେଳାରେ ଭୋଗକରିବା କଦାପି ଉଚିତ ନୁହେଁ। ୮୪।

ମନରେ ଏହିପରି ସ୍ଥିର କରି ସ୍ନାୟୁବନ୍ଧନଯୁକ୍ତ ଧନୁର ଅଗ୍ରଭାଗକୁ ମୁଖ ମଧ୍ୟରେ ପୂରାଇ ସ୍ନାୟୁକୁ ଖାଇବାକୁ ଲାଗିଲା। ତହୁଁ ସ୍ନାୟୁବନ୍ଧନ ଛିନ୍ନ ହେବାରୁ ଧନୁର ଅଗ୍ରଭାଗ ତାହାର ତାଳୁକୁ ବିଦୀର୍ଣ୍ଣ କରି ମସ୍ତକ ଉପରକୁ ବାହାରି ପଡ଼ିଲା। ଯନ୍ତ୍ରଣାରେ ତତ୍‌କ୍ଷଣାତ୍ ତାହାର ମୃତ୍ୟୁ ହେଲା। ଏହି ହେତୁରୁ ମୁଁ କହୁଥିଲି ଯେ ଅତ୍ୟଧିକ ତୃଷ୍ଣା ବା ଲୋଭ କରିବା ଉଚିତ ନୁହେଁ ଇତ୍ୟାଦି।

ଆୟୁଃ କର୍ମ ଚ ବିତ୍ତଂ ଚ ବିଦ୍ୟା ନିଧନମେବ ଚ।
ପଞ୍ଚୈତାନି ହି ସୃଜ୍ୟନ୍ତେ ଗର୍ଭସ୍ଥସ୍ୟୈବ ଦେହିନଃ॥ ୮୫॥

ବ୍ରାହ୍ମଣ ପୁଣି କହିଲା, "ତୁମେ ଏ କଥା ଶୁଣିନାହିଁ ଯେ– ଆୟୁ, କର୍ମ, ଧନ, ବିଦ୍ୟା ଓ ମୃତ୍ୟୁ ଏ ପାଞ୍ଚୋଟି ଗର୍ଭସ୍ଥ ପ୍ରାଣୀ ସହିତ ସୃଷ୍ଟି ହୋଇଥାନ୍ତି।" ୮୫।

ବ୍ରାହ୍ମଣ ଏହିପରି ପ୍ରବୋଧ ଦେବାରୁ ବ୍ରାହ୍ମଣୀ କହିଲା, "ଯଦି ଏପରି କଥା, ତେବେ ଘରେ ସାମାନ୍ୟ ତିଳ ଅଛି। ସେହି ତିଳର ଚୋପା ଛଡ଼ାଇ ତିଳଚୂର୍ଣ୍ଣରେ ବ୍ରାହ୍ମଣଙ୍କୁ ଭୋଜନ ଦେବି।" ତାହାର କଥା ଶୁଣି ବ୍ରାହ୍ମଣ ଗ୍ରାମାନ୍ତରକୁ ଗଲା। ବ୍ରାହ୍ମଣୀ ତିଳଗୁଡ଼ିକୁ ଉଷ୍ଣ ଜଳରେ ମର୍ଦ୍ଦନ କରି ଛେଚି ସୂର୍ଯ୍ୟକିରଣରେ ଶୁଖାଇଦେଲା।

ଏହି ଅବସରରେ ବ୍ରାହ୍ମଣୀ ଗୃହକାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ଗୋଟିଏ କୁକ୍କୁର ଆସି ସେହି ତିଳଉପରେ ମୂତ୍ରତ୍ୟାଗ କରିଦେଲା। ଏହା ଦେଖି ସେ ବିଚାର କଲା, "ପ୍ରତିକୂଳ ବିଧାତାଙ୍କର ବିଡ଼ମ୍ବନା ଦେଖ! ତିଳଗୁଡ଼ିକ ଅଖାଦ୍ୟ ହୋଇଗଲା। ମୁଁ ଏଗୁଡ଼ିକ ନେଇ କାହା ଘରକୁ ଯାଇ ଚୋପାଛଡ଼ା ତିଳ ବଦଳରେ ଚୋପା ଥିବା ତିଳ ନେଇଆସିବି। ଏପରି କଲେ ଯେ କେହି ମୋତେ ବଦଳ ଦେବେ।"

ଦୈବାତ୍ ମୁଁ ଯେଉଁ ଗୃହକୁ ଭିକ୍ଷା କରିବା ପାଇଁ ଯାଇଥିଲି, ବ୍ରାହ୍ମଣୀ ତିଳ ନେଇ ବଦଳାଇବାକୁ ସେହି ଗୃହରେ ପ୍ରବେଶ କଲା। ସେ କହିଲା, "ଚୋପା ଛଡ଼ା ହୋଇଥିବା ତିଳ ନେଇ ଅଛଡ଼ା ତିଳ କିଏ ବଦଳ ଦେବ?" ସେ ଘରର ଗୃହିଣୀ ଯେତେବେଳେ ଅଛଡ଼ା ତିଳ ଦେଇ ଚୋପା ଛଡ଼ାହୋଇଥିବା ତିଳ ନେବାକୁ ବସିଲା, ସେତେବେଳେ ତାର ପୁଅ କାମନ୍ଦକୀ ନୀତିଶାସ୍ତ୍ର ଦେଖି କହିଲା, "ମାଆ, ଏ ତିଳଗୁଡ଼ିକ ଗ୍ରହଣ କରିବାର ଅଯୋଗ୍ୟ। ଅଛଡ଼ା ତିଳ ଦେଇ ଚୋପାଛଡ଼ା ତିଳ ନେବା ଉଚିତ ନୁହେଁ। ଏଥର କିଛି କାରଣ ଥିବ। ସେଥିପାଇଁ ଏ ବ୍ରାହ୍ମଣୀ ଅଛଡ଼ା ତିଳ ବଦଳରେ ଚୋପାଛଡ଼ା-ତିଳ ଯାଚୁଛି।" ଏହା ଶୁଣି ସେ ଗୃହିଣୀ ତିଳ ବଦଳ କଲାନାହିଁ। ଏହି ହେତୁରୁ ମୁଁ କହୁଥିଲି – 'ନାକସ୍ମାଚ୍ଛାଣ୍ଡିଲୀ ମାତର୍ବିକ୍ରିଣାତି ତିଳୈସ୍ତିଳାନ୍...' ଇତ୍ୟାଦି।"

ଏହି କଥାଟି କହିସାରି ବୃହତ୍ସ୍ଫିକ୍ ପୁଣି କହିଲେ, "ଏ ମୂଷିକର ଯିବାଆସିବା ବାଟ ଜାଣିଛ?" ତାମ୍ରଚୂଡ଼ କହିଲେ, "ଭଗବାନ୍, ତା' ଜାଣେ; କାରଣ ସେ ଏକାକୀ ଆସେ ନାହିଁ; ଅସଂଖ୍ୟ ମୂଷିକଦଳବେଷ୍ଟିତ ହୋଇ ମୋ ଆଖିଆଗରେ ଇତସ୍ତତଃ ଭ୍ରମଣ କରି ସେମାନଙ୍କ ସହିତ ଆସେ; ପୁଣି ଯାଏ। ଅତିଥି କହିଲେ, "ଏଠାରେ ଖୋଳିବା ପାଇଁ କିଛି ଅଛି କି?" ତାମ୍ରଚୂଡ଼ କହିଲେ, "ହଁ, ଅଛି। ଏଇ ଲୁହାର କୋଦାଳ।" ଅଭ୍ୟାଗତ କହିଲେ, "ତେବେ ସକାଳେ ତୁମେ ମୋ ସାଥିରେ ରହିବ; ମନୁଷ୍ୟମାନଙ୍କ ପାଦଦ୍ୱାରା ଭୂମି ମଳିନ ହେବା ପୂର୍ବରୁ (ଅର୍ଥାତ୍ ମନୁଷ୍ୟ ପାଦ ପଡ଼ି ମୂଷାମାନଙ୍କର ପଦଚିହ୍ନ ଲିଭିଯିବା ପୂର୍ବରୁ) ଆମେ ଦୁହେଁ ସେ ମୂଷିକର ପଦଚିହ୍ନ ଅନୁସରଣ କରି ଚାଲିବା।" ତାଙ୍କ କଥା ଶୁଣି ମୁଁ (ହିରଣ୍ୟକ) ବିଚାର କଲି, 'ଅହୋ, ମୁଁ ଏବେ ମଲି; କାରଣ ଏହାଙ୍କ କଥା ଅଭିପ୍ରାୟପୂର୍ଣ୍ଣ। ସେ ଯେପରି ଧନ ଥିବା କଥା ଜାଣିଲେ, ସେହିପରି ଆମର ଦୁର୍ଗ କଥା ମଧ୍ୟ ଜାଣିପାରିବେ। ଏକଥା ତାଙ୍କ ବାକ୍ୟରୁ ଜଣାପଡୁଛି। କଥିତ ଅଛି –

ସକୃଦପି ଦୃଷ୍ଟ୍ୱା ପୁରୁଷଂ ବିବୁଧା ଜାନନ୍ତି ସାରତାଂ ତସ୍ୟ।
ହସ୍ତତୁଲୟାପି ନିପୁଣାଃ ପଲପ୍ରମାଣଂ ବିଜାନନ୍ତି॥ ୮୬॥

ବିଦ୍ୱାନ୍ ଲୋକ ମନୁଷ୍ୟକୁ ଥରେ ମାତ୍ର ଦେଖି ତାହାର ସାରତା (ଗୁଣ, ପରାକ୍ରମ ପ୍ରଭୃତି) ଜାଣିପାରନ୍ତି। ଚତୁର ଲୋକେ ହାତରେ ତଉଲି ପଲପ୍ରମାଣକୁ ମଧ୍ୟ ଜାଣିପାରନ୍ତି। ୮୬।

ବାଞ୍ଛୈବ ସୂଚୟତି ପୂର୍ବତରଂ ଭବିଷ୍ୟଦ୍
ପୁଂସାଂ ଯଦନ୍ୟତନୁଜତ୍ୱ ଶୁଭାଶୁଭଂ ବା।

ବିଜ୍ଞାୟତେ ଶିଶୁରଜାତକଳାପଚିହ୍ନଃ
ପ୍ରତ୍ୟୁଦ୍‌ଗତୈରପସରନ୍‌ସରସଃ କଳାପୀ ॥ ୮୭ ॥

ମନୁଷ୍ୟର ଇଚ୍ଛା ତାହାର ଜନ୍ମାନ୍ତରର କର୍ମ ଅନୁସାରେ ନିର୍ଦ୍ଦିଷ୍ଟ ଶୁଭାଶୁଭ ଭବିଷ୍ୟତକୁ ବହୁତ ଆଗରୁ ସୂଚାଇ ଦେଇଥାଏ। ଦେଖ, କଳାପ (ମୟୂରପୁଚ୍ଛ) ରୂପକ ଚିହ୍ନ ଜାତ ହେବା ପୂର୍ବରୁ ମଧ୍ୟ ମୟୂରଶାବକ ଯେତେବେଳେ ଜଳାଶୟରୁ ଫେରିଆସୁଥାଏ, ସେତେବେଳେ ତାର ଚାଲିରୁ ସେ ଗୋଟିଏ ମୟୂର ବୋଲି ଜଣାପଡ଼ିଥାଏ। ୮୭।

ତହୁଁ ମୁଁ ପରିବାର ସହିତ ଦୁର୍ଗମାର୍ଗକୁ ଛାଡ଼ି ଅନ୍ୟ ମାର୍ଗରେ ଯିବାକୁ ଲାଗିଲି। ପରିବାରବର୍ଗଙ୍କୁ ଘେନି ଆଗରେ ଯାଉଥିବାବେଳେ ଏକ ବୃହତ୍‌କାୟ ମାର୍ଜାର ସମ୍ମୁଖରେ ଉପସ୍ଥିତ ହେଲା। ସେ ମୂଷିକମାନଙ୍କୁ ଦେଖି ସହସା ସେମାନଙ୍କ ମଧ୍ୟକୁ ଡେଇଁପଡ଼ିଲା। ତହୁଁ ମୂଷିକମାନେ ମୁଁ କୁମାର୍ଗରେ ଗମନ କରୁଥିବାର ଦେଖି ମୋତେ ଭର୍ତ୍ସନା କଲେ। ଅବଶିଷ୍ଟ ମୂଷିକମାନେ ଭୂମିକୁ ରୁଧିରପ୍ଲାବିତ କରି ସେହି ଦୁର୍ଗରେ ପ୍ରବେଶ କଲେ। ଅଥବା ଯଥାର୍ଥରେ କଥିତ ଅଛି–

ଛିତ୍ତ୍ୱା ପାଶମପାସ୍ୟ କୂଟରଚନାଂ ଭଙ୍‌କ୍ତ୍ୱା ବଲାଦ୍‌ବାଗୁରାଂ
ପର୍ଯ୍ୟନ୍ତାଗ୍ନିଶିଖାକଳାପଜଟିଳାନ୍ନିର୍ଗତ୍ୟ ଦୂରଂ ବନାତ୍‌।
ବ୍ୟାଧାନାଂ ଶରଗୋଚରାଦପି ଜବେନୋତ୍ପତ୍ୟ ଧାବନ୍ ମୃଗଃ
କୂପାନ୍ତଃ ପତିତଃ କରୋତୁ ବିଧୁରେ କିଂବା ବିଧୌ ପୌରୁଷମ୍‌ ॥ ୮୮ ॥

ଜାଲଫାଶକୁ କାଟି, ପଶୁ ଧରିବାର କୌଶଳପୂର୍ଣ୍ଣ ଯନ୍ତ୍ର (କୂଟରଚନା)କୁ ପାର ହୋଇ, ବଳପ୍ରୟୋଗପୂର୍ବକ ବାଗୁରାକୁ ଭାଙ୍ଗି, ସୀମାପ୍ରଦେଶରେ ଥିବା ଜଟିଳ ଅଗ୍ନିଶିଖାପୂର୍ଣ୍ଣ ବନରୁ ଦୂରରେ ପହଞ୍ଚି, ବ୍ୟାଧମାନଙ୍କ ଶରର ଅଗୋଚର ସ୍ଥାନକୁ ଯାଇ ବେଗରେ ଉଠିପଡ଼ି ଧାଉଁଥିବା ମୃଗ କୂପ ମଧ୍ୟରେ ପଡ଼ିଗଲା। ଦୈବ ପ୍ରତିକୂଳ ହେଲେ ପୌରୁଷ କଅଣ କରିପାରିବ ?। ୮୮।

ଅନନ୍ତର ମୁଁ ଏକାକୀ ଅନ୍ୟତ୍ର ଚାଲିଗଲି। ଅବଶିଷ୍ଟ ମୂଷିକମାନେ ମୂର୍ଖତାବଶତଃ ସେହି ଦୁର୍ଗରେ ପ୍ରବେଶ କରିଥିଲେ। ଏଥିମଧ୍ୟରେ ସେ ଦୁଷ୍ଟ ପରିବ୍ରାଜକ ରକ୍ତବିନ୍ଦୁ ଚିହ୍ନିତ ଭୂମିକୁ ଦେଖି ଦେଖି ସେହି ଦୁର୍ଗମାର୍ଗରେ ଆସି ପହଞ୍ଚିଗଲା। ତତ୍ପରେ କୋଦାଳରେ ସେ ସ୍ଥାନଟି ଖୋଳିବାକୁ ଲାଗିଲା। ଯେଉଁ ଧନ ଉପରେ ମୁଁ ସର୍ବଦା ବାସକରୁଥିଲି ଓ ଯାହାର ପ୍ରଭାବରେ ମୁଁ ମହାଦୁର୍ଗମ ସ୍ଥାନକୁ ମଧ୍ୟ ଯାଇପାରୁଥିଲି, ସେହି ଧନକୁ ସେ ଖୋଳି ନେଇଗଲା। ତହୁଁ ଅଭ୍ୟାଗତ ଆନନ୍ଦିତ ହୋଇ ତାମ୍ରଚୂଡ଼ଙ୍କୁ କହିଲେ, "ଭଗବାନ୍‌, ଏବେ ନିର୍ଭୟ ହୋଇ ଶୁଅ। ଏହାରି ଉଷ୍ମତାଯୋଗେ ମୂଷିକ ତୁମକୁ ରାତିଯାକ ଜାଗ୍ରତ ରଖୁଥିଲା।" ଏହା କହି ଦୁହେଁଯାକ ଧନକୁ ଘେନି ମନ୍ଦିରକୁ ଫେରିଗଲେ। ମୁଁ ମଧ୍ୟ ଯେତେବେଳେ ସେ ଧନଶୂନ୍ୟ ସ୍ଥାନକୁ ଗଲି, ସେତେବେଳେ ସେହି ଅସୁନ୍ଦର, କ୍ଷୋଭକାରକ ସ୍ଥାନକୁ ଚାହିଁପାରିଲି ନାହିଁ। ମୁଁ ଚିନ୍ତାକଲି– 'ଏବେ କଅଣ କରିବି ? କେଉଁଠାକୁ ଯିବି ? କିପରି ମୋ ମନରେ ଶାନ୍ତି ଆସିବ ?' ଏହିପରି ଚିନ୍ତା କରୁ କରୁ ଅତି କଷ୍ଟରେ ମୋର ସେଦିନଟି କଟିଗଲା। ସୂର୍ଯ୍ୟ ଅସ୍ତ ହୋଇଯିବାରୁ ମୁଁ

ଉଦ୍‌ବିଗ୍ନ ଓ ହତୋତ୍ସାହ ହୋଇ ପରିବାର ସହିତ ସେହି ମନ୍ଦିରରେ ପ୍ରବେଶ କଲି।

ମୋର ପରିଜନମାନଙ୍କ ଶବ୍ଦ ଶୁଣି ତାମ୍ରଚୂଡ଼ ପୁଣି ସେହି ପୁରୁଣା ବାଉଁଶରେ ଭିକ୍ଷାପାତ୍ରକୁ ପିଟିବାରେ ଲାଗିଲେ। ତହୁଁ ସେ ଅଭ୍ୟାଗତ କହିଲେ, "ମିତ୍ର, ଏବେ ସୁଦ୍ଧା ତୁମେ ନିର୍ଭୟ ହୋଇ ଶୋଇନାହିଁ କାହିଁକି?" ତାମ୍ରଚୂଡ଼ କହିଲେ, "ଭଗବାନ, ଏ ଦୁଷ୍ଟ ମୂଷିକ ପୁଣି ପରିବାର ସହିତ ଆସି ପହଞ୍ଚିଲାଣି। ତାହାରି ଡରରେ ଭିକ୍ଷାପାତ୍ରକୁ ବାଉଁଶରେ ପିଟୁଛି।" ଏହା ଶୁଣି ଅଭ୍ୟାଗତ ହସି ହସି କହିଲେ, "ମିତ୍ର, ଭୟ କର ନାହିଁ। ଧନ ସହିତ ଏହାର କୁଦିବାର ଉତ୍ସାହ ମଧ୍ୟ ଚାଲିଯାଇଛି। ଏହାହିଁ ହେଉଛି ସବୁ ପ୍ରାଣୀଙ୍କର ରୀତି। କଥିତ ଅଛି—

ଯଦୁତ୍ସାହୀ ସଦା ମର୍ତ୍ତ୍ୟଃ ପରାଭବତି ଯଜ୍ଜନାନ୍।
ଯଦୁଦ୍ଧତଂ ବଦେଦ୍‌ବାକ୍ୟଂ ତତ୍ସର୍ବଂ ବିତ୍ତଜଂ ବଳମ୍॥ ୮୯॥

"ମନୁଷ୍ୟ ଯେ ସର୍ବଦା ଉତ୍ସାହୀ ହୁଏ, ଅନ୍ୟ ଲୋକମାନଙ୍କୁ ପରାଭବ ଦିଏ ଓ ଉଦ୍ଧତ ବାକ୍ୟ କହେ, ଏସବୁ ଧନର ବଳରୁ କରିଥାଏ।" ୮୯।

ମୁଁ ଏହା ଶୁଣି କ୍ରୁଦ୍ଧ ହୋଇ ଭିକ୍ଷାପାତ୍ରକୁ ଲକ୍ଷ୍ୟ କରି ଯଥାଶକ୍ତି ଡେଇଁଲି, କିନ୍ତୁ ସେଠାରେ ପହଞ୍ଚି ନ ପାରି ତଳେ ପଡ଼ିଗଲି। ତାହା ଦେଖି ମୋର ଶତ୍ରୁ ହସି ହସି ତାମ୍ରଚୂଡ଼କୁ କହିଲେ, "ଆହେ, ଦେଖ, ତାମସା ଦେଖ।"

ଅର୍ଥେନ ବଳବାନ୍ ସର୍ବୋଽପ୍ୟର୍ଥଯୁକ୍ତଶ୍ଚ ପଣ୍ଡିତଃ।
ପଶ୍ୟୈନଂ ମୂଷକଂ ବ୍ୟର୍ଥଂ ସ୍ୱଜାତେଃ ସମତାଂ ଗତମ୍॥ ୯୦॥

"ଲୋକ ଧନଯୋଗେ ବଳବାନ୍ ହୁଏ। ଯାହାର ଧନ ଥାଏ, ସେ ପଣ୍ଡିତ ହୁଏ। ଏ ମୂଷିକକୁ ଦେଖ, ଧନ ଚାଲିଯିବାରୁ ଏ ନିଜ ଜାତିର ଅନ୍ୟମାନଙ୍କ ସହିତ ସମାନ ହୋଇଗଲାଣି। ୯୦।

ତେଣୁ ତୁମେ ନିର୍ଭୟ ହୋଇ ଶୁଅ। ତାର କୁଦିବାର କାରଣ ଯେଉଁ ଧନ, ତାହା ଆମ ଦୁହିଁଙ୍କ ହାତକୁ ଆସିଗଲାଣି। ଅଥବା ଯଥାର୍ଥରେ କୁହାଯାଇଅଛି—

ଦଂଷ୍ଟ୍ରାବିରହିତଃ ସର୍ପୋ ମଦହୀନୋ ଯଥା ଗଜଃ।
ତଥାର୍ଥେନ ବିହୀନୋଽତ୍ର ପୁରୁଷୋ ନାମଧାରକଃ॥ ୯୧॥

ଦନ୍ତହୀନ ସର୍ପ ଯେପରି ନାମମାତ୍ର ସର୍ପ ଓ ମଦରହିତ ହସ୍ତୀ ଯେପରି ନାମମାତ୍ର ହସ୍ତୀ, ସେହିପରି ଧନହୀନ ପୁରୁଷ କେବଳ ନାମମାତ୍ର ପୁରୁଷ ହୋଇଥାଏ।" ୯୧।

ଏହା ଶୁଣି ମୁଁ ମନେ ମନେ ଚିନ୍ତାକଲି— ମୋର ଅଙ୍ଗୁଳେମାତ୍ର ଡେଇଁବାର ଶକ୍ତି ନାହିଁ। ହାୟ! ଧନହୀନ ଲୋକର ଜୀବନକୁ ଧିକ୍। କଥିତ ଅଛି—

ଅର୍ଥେନ ଚ ବିହୀନସ୍ୟ ପୁରୁଷସ୍ୟାଳ୍ପମେଧସଃ।
ଉଚ୍ଛିଦ୍ୟନ୍ତେ କ୍ରିୟାଃ ସର୍ବା ଗ୍ରୀଷ୍ମେ କୁସରିତୋ ଯଥା॥ ୯୨॥

ଅତଏବ ଧନହୀନ ଅଳ୍ପବୁଦ୍ଧି ଲୋକର ସମସ୍ତ କାର୍ଯ୍ୟ ଗ୍ରୀଷ୍ମକାଳର କ୍ଷୁଦ୍ର ନଦୀ ଭଳି ବିନାଶପ୍ରାପ୍ତ ହୋଇଥାଏ। ୯୨।

ଯଥା କାକଯବାଃ ପ୍ରୋକ୍ତା ଯଥାରଣ୍ୟଭବାସ୍ତିଳାଃ ।
ନାମ ମାତ୍ରା ନ ସିଦ୍ଧ୍ୟୈ ସ୍ୟୁର୍ଦ୍ଧନହୀନାସ୍ତଥା ନରାଃ ।। ୯୩ ।।

ଯେପରି କାକଯବକୁ ଯବ କୁହାଯାଉଥିଲେହେଁ ସେଥିରୁ ଅନ୍ନ ହୋଇ ନ ପାରେ, ଅରଣ୍ୟଜାତ ତିଳକୁ ତିଳ କୁହାଯାଉଥିଲେହେଁ ତାହା ତିଳର କାର୍ଯ୍ୟ କରେ ନାହିଁ, ସେହିପରି ଧନହୀନ ପୁରୁଷ ନାମମାତ୍ର ପୁରୁଷ ଅଟେ (ତାହା ଦ୍ୱାରା ପୁରୁଷୋଚିତ କାର୍ଯ୍ୟ ହୋଇପାରେନାହିଁ । ୯୩।

ସନ୍ତୋଽପି ନହି ରାଜନ୍ତେ ଦରିଦ୍ରସ୍ୟେତରେ ଗୁଣାଃ ।
ଆଦିତ୍ୟ ଇବ ଭୂତାନାଂ ଶ୍ରୀର୍ଗୁଣାନାଂ ପ୍ରକାଶିନୀ ।। ୯୪ ।।

ଦରିଦ୍ର ବ୍ୟକ୍ତିର ସମସ୍ତ ଗୁଣ ଧନ ଅଭାବରୁ ପ୍ରକାଶିତ ହୋଇପାରେ ନାହିଁ। ଯେପରି ସୂର୍ଯ୍ୟ ସକଳ ପଦାର୍ଥର ପ୍ରକାଶକ, ସେହିପରି ଧନ ହେଉଛି ସକଳ ଗୁଣର ପ୍ରକାଶକ। ୯୪।

ନ ତଥା ବାଧତେ ଲୋକେ ପ୍ରକୃତ୍ୟା ନିର୍ଦ୍ଧନୋ ଜନଃ ।
ଯଥା ଦ୍ରବ୍ୟାଣି ସଂପ୍ରାପ୍ୟ ତୈର୍ବିହୀନୋଽସୁଖେ ସ୍ଥିତଃ ।। ୯୫ ।।

ପ୍ରଥମେ ଧନପ୍ରାପ୍ତ ହୋଇ ଯେ ପରେ ଧନହୀନ ହୋଇଥାଏ, ସେ ଯେତେ କଷ୍ଟ ଭୋଗ କରେ, ସ୍ୱଭାବତଃ ନିର୍ଦ୍ଧନ ଲୋକ ସେତେ କଷ୍ଟ ଅନୁଭବ କରେ ନାହିଁ। ୯୫।

ଶୁଷ୍କସ୍ୟ କୀଟଖାତସ୍ୟ ବହ୍ନିଦଗ୍ଧସ୍ୟ ସର୍ବତଃ ।
ତରୋରପ୍ୟୂଷରସ୍ଥସ୍ୟ ବରଂ ଜନ୍ମ ନ ଚାର୍ଥିନଃ ।। ୯୬ ।।

ଶୁଷ୍କ, କୀଟଭୁକ୍ତ, ଚତୁଃପାର୍ଶ୍ୱରେ ଅଗ୍ନିଦଗ୍ଧ, ଊଷର ଭୂମିସ୍ଥିତ ବୃକ୍ଷର ଜନ୍ମ ଯାଚକର ଜନ୍ମ ଅପେକ୍ଷା ବରଂ ଭଲ। ୯୬।

ଶଙ୍କନୀୟାହି ସର୍ବତ୍ର ନିଷ୍ପ୍ରତାପା ଦରିଦ୍ରତା ।
ଉପକର୍ତ୍ତୁମପି ପ୍ରାପ୍ତଂ ନିଃସ୍ୱଂ ସନ୍ତ୍ୟଜ୍ୟ ଗଚ୍ଛତି ।। ୯୭ ।।

ଦରିଦ୍ରତା ବଳହୀନ ହେଲେହେଁ ତାହାକୁ ସର୍ବଦା ଭୟ କରିବା ଉଚିତ। କାରଣ ଉପକାର କରିବାକୁ ଆସିଥିବା ବ୍ୟକ୍ତିକୁ ମଧ୍ୟ ଲୋକେ ପରିତ୍ୟାଗ କରିଥାନ୍ତି। ୯୭।

ଉନ୍ନମ୍ୟୋନ୍ନମ୍ୟ ତତ୍ରୈବ ନିର୍ଦ୍ଧନାନାଂ ମନୋରଥାଃ ।
ହୃଦୟେଷ୍ୱେବ ଲୀୟନ୍ତେ ବିଧବାସ୍ତ୍ରୀସ୍ତନାବିବ ।। ୯୮ ।।

ବିଧବା ରମଣୀର କୁଚଯୁଗଳ ପରି ଦରିଦ୍ର ବ୍ୟକ୍ତିର ମନୋରଥ ତାର ହୃଦୟରେ ଉଠି ଉଠି ସେହିଠାରେହିଁ ଲୋପପାଇଥାଏ। ୯୮।

ବ୍ୟକ୍ତେଽପି ବାସରେ ନିତ୍ୟଂ ଦୌର୍ଗତ୍ୟତମସାବୃତଃ ।
ଅଗ୍ରତୋଽପି ସ୍ଥିତୋ ଯତ୍ନାନ୍ନ କେନାପୀହ ଦୃଶ୍ୟତେ ।। ୯୯ ।।

ଏ ସଂସାରରେ ଦାରିଦ୍ର୍ୟରୂପକ ଅନ୍ଧକାରଦ୍ୱାରା ଆଚ୍ଛନ୍ନ ମନୁଷ୍ୟ ଆଲୋକପୂର୍ଣ୍ଣ ଦିବାଭାଗର ସମ୍ମୁଖରେ ଥିଲେ ସୁଦ୍ଧା କାହାରିକୁ ଦେଖାଯାଏ ନାହିଁ।'' ୯୯।

ଉତ୍ସାହହୀନ ହୋଇ ଏହିପରି ବିଳାପ କରି କରି ଦେଖିଲି ଯେ, ମୋର ଧନ ତାହାର ଗଣ୍ଡତଳେ ଉପାଧାନ ଭଳି ରହିଛି। ତହୁଁ ସକାଳେ ମୁଁ ନିଜ ଗର୍ତ୍ତକୁ ଚାଲିଗଲି। ସେଠାରେ ମୋର ଭୃତ୍ୟମାନେ ପ୍ରଭାତରେ ଯାଉ ଯାଉ ପରସ୍ପର କୁହାକୁହି ହେଲେ– "ଅହୋ, ଏ ମୂଷିକ ଏବେ ଆମର ଉଦର ପୋଷଣ କରିବାକୁ ଅସମର୍ଥ। ଏହାର ଅନୁସରଣ କଲେ ଆମ ଉପରେ କେବଳ ବିଡ଼ାଳ ପ୍ରଭୃତିଙ୍କର ବିପତ୍ତି ପଡ଼ିବ। ଅତଏବ ଏହାର ସେବା କରିବାରେ କି ଲାଭ? କଥିତ ଅଛି–

ଯସ୍ମକାଶାନ୍ନ ଲାଭଃ ସ୍ୟାତ୍କେବଳାଃ ସ୍ୟୁର୍ବିପତ୍ତୟଃ।
ସ ସ୍ୱାମୀ ଦୂରତସ୍ତ୍ୟାଜ୍ୟୋ ବିଶେଷାଦନୁଜୀବିଭିଃ।। ୧୦୦।।

ଯାହାଠାରୁ କିଛି ଲାଭ ମିଳେ ନାହିଁ; ବରଂ କେବଳ ବିପତ୍ତି ଘଟେ, ସେଭଳି ପ୍ରଭୁଙ୍କୁ ଅନୁଚରମାନେ ବିଶେଷଭାବରେ ଦୂରରୁ ତ୍ୟାଗ କରିବା ଉଚିତ।"। ୧୦୦।

ସେମାନଙ୍କର ଏ ପ୍ରକାର କଥା ଶୁଣି ମୁଁ ନିଜ ଗର୍ତ୍ତରେ ପ୍ରବେଶ କଲି। ଯେତେବେଳେ କେହି ହେଲେ ମୋ ସମ୍ମୁଖକୁ ଆସିଲେ ନାହିଁ, ସେତେବେଳେ ମୁଁ ଚିନ୍ତାକଲି– 'ଦାରିଦ୍ର୍ୟକୁ ଧିକ୍' ଅଥବା ଯଥାର୍ଥରେ କୁହାଯାଇଅଛି–

ମୃତୋ ଦରିଦ୍ରଃ ପୁରୁଷୋ ମୃତଂ ମୈଥୁନମପ୍ରଜମ୍।
ମୃତମଶ୍ରୋତ୍ରିୟଂ ଶ୍ରାଦ୍ଧଂ ମୃତୋ ଯଜ୍ଞସ୍ତ୍ୱଦକ୍ଷିଣଃ।। ୧୦୧।।

ଦରିଦ୍ର ମନୁଷ୍ୟ, ସନ୍ତାନଉତ୍ପାଦନରେ ଅକ୍ଷମ ମୈଥୁନ, ଶ୍ରୋତ୍ରିୟ ବ୍ରାହ୍ମଣହୀନ ଶ୍ରାଦ୍ଧ, ଓ ଦକ୍ଷିଣାରହିତ ଯଜ୍ଞ– ଏସବୁ ମୃତ୍ୟୁତୁଲ୍ୟ (ଅର୍ଥାତ୍ ନିଷ୍ଫଳ) ଅଟେ।'। ୧୦୧।

ମୁଁ ଏହିପରି ଚିନ୍ତା କରୁଥିଲାବେଳେ ମୋର ସେବକମାନେ ମୋର ଶତ୍ରୁମାନଙ୍କର ସେବକ ହୋଇଗଲେ। ସେମାନେ ମୋତେ ଏକାକୀ (ସେବକହୀନ) ଦେଖି ଉପହାସ କରିବାକୁ ଲାଗିଲେ। ତହୁଁ ମୁଁ ଏକାକୀ ଶୋଇରହି ଚିନ୍ତାକଲି– 'ଏହି ଦୁଷ୍ଟ ପରିବ୍ରାଜକର ଆଶ୍ରୟ ସ୍ଥାନକୁ ଯାଇ, ସେ ଉପାଧାନରୂପେ ଗଣ୍ଡଦେଶତଳେ ରଖିଥିବା ଧନ ପେଟିକାକୁ ଧୀରେ ଧୀରେ କାଟି ସେ ଶୋଇପଡ଼ିଥିବାବେଳେ ସେଥିରୁ ସେ ଧନକୁ ନିଜ ଗର୍ତ୍ତକୁ ନେଇଆସିବି। ତାହାହେଲେ ଧନ-ପ୍ରଭାବରେ ପୁନରାୟ ମୋର ପୂର୍ବପରି ଆଧିପତ୍ୟ ହେବ। କଥିତ ଅଛି–

ବ୍ୟଥୟନ୍ତି ପରଂ ଚେତୋ ମନୋରଥଶତୈର୍ଜନାଃ।
ନାନୁଷ୍ଠାନୈର୍ଦ୍ଧନୈର୍ହୀନାଃ କୁଳଜା ବିଧବା ଇବ।। ୧୦୨।।

କୁଳୀନ ବିଧବା ପରି ନିର୍ଦ୍ଧନ ମନୁଷ୍ୟମାନଙ୍କର ମନକୁ ଶତ ଶତ କାମନା କେବଳ କ୍ଳେଶ ଦେଇଥାନ୍ତି; ସେମାନେ ନିଜର ଇଚ୍ଛାକୁ ପୂରଣ କରିପାରନ୍ତି ନାହିଁ। ୧୦୨।

ଦୌର୍ଗତ୍ୟଂ ଦେହିନାଂ ଦୁଃଖମପମାନକରଂ ପରମ୍।
ଯେନ ସ୍ୱୈରପି ମନ୍ୟନ୍ତେ ଜୀବନ୍ତୋଽପି ମୃତା ଇବ।। ୧୦୩।।

ପ୍ରାଣୀମାନଙ୍କ ପକ୍ଷରେ ଦରିଦ୍ରତା ହେଉଛି ମହାନ୍ ଦୁଃଖ ଓ ଘୋର ଅପମାନଜନକ। ଦାରିଦ୍ର୍ୟ ହେତୁ ଲୋକ ଜୀବିତ ଥାଉଥାଉ ଆପଣାକୁ ମୃତବତ୍ ମନେ କରେ। ୧୦୩।

ଦୈନ୍ୟସ୍ୟ ପାତ୍ରତାମେତି ପରାଭୂତେଃ ପରଂ ପଦମ୍।
ବିପଦାମାଶ୍ରୟଃ ଶଶ୍ୱଦ୍ ଦୌର୍ଗତ୍ୟ କଲୁଷୀକୃତଃ।। ୧୦୪।।

ଦରିଦ୍ରତାରେ ମଳିନ ପୁରୁଷ ସର୍ବଦା କରୁଣାର ତଥା ତିରସ୍କାରର ପାତ୍ର ହୁଏ। ସକଳ ବିପଦର ଆଧାର ହେଉଛି ଦାରିଦ୍ର୍ୟ। ୧୦୪।

ଲଜ୍ଜନ୍ତେ ବାନ୍ଧବାସ୍ତେନ ସମ୍ବନ୍ଧଂ ଗୋପୟନ୍ତୀ ଚ।
ମିତ୍ରାଣ୍ୟମିତ୍ରତାଂ ଯାନ୍ତି ଯସ୍ୟ ନ ସ୍ୟୁଃ କପର୍ଦ୍ଦକାଃ।। ୧୦୫।।

ଯାହାର ଧନ ନ ଥାଏ, ତାହାର ବାନ୍ଧବମାନେ ତାହା ସହିତ ସମ୍ବନ୍ଧକୁ ଗୋପନ ରଖନ୍ତି। ଆହୁରି ତାର ମିତ୍ର ମଧ୍ୟ ଶତ୍ରୁ ହୋଇଯାଏ। ୧୦୫।

ମୂର୍ତ୍ତଂ ଲାଘବମେବୈତଦପାୟାନାମିଦଂ ଗୃହମ୍।
ପର୍ଯ୍ୟାୟୋ ମରଣସ୍ୟାୟଂ ନିର୍ଦ୍ଧନତ୍ୱଂ ଶରୀରିଣାମ୍।। ୧୦୬।।

ପ୍ରାଣୀମାନଙ୍କ ପକ୍ଷରେ ଏହି ଦରିଦ୍ରତା ହେଉଛି ମୂର୍ତ୍ତିମତୀ ଲଘୁତା, ବିପତ୍ତିମାନଙ୍କର ଆଧାର ଓ ମୃତ୍ୟୁର ନାମାନ୍ତର ମାତ୍ର। ୧୦୬।

ଅଜାଧୂଳିରିବ ତ୍ରସ୍ତୈର୍ମାର୍ଜ୍ଜନୀରେଣୁବଜ୍ଜନୈଃ।
ଦୀପ ଖଟ୍ୱୋତ୍‌ଥଚ୍ଛାୟେବ ତ୍ୟଜ୍ୟତେ ନିର୍ଦ୍ଧନୋ ଜନଃ।। ୧୦୭।।

ଛେଳିର ପାଦରେ ଉଡୁଥିବା ଧୂଳିପରି, ଝାଡୁରେ ଉଡ଼ିଯାଉଥିବା ଧୂଳିପରି ଓ ଦୀପଯୋଗୁଁ ପଡୁଥିବା ଖଟର ଛାଇପରି ନିର୍ଦ୍ଧନ ଲୋକ ସମସ୍ତଙ୍କଦ୍ୱାରା ପରିତ୍ୟକ୍ତ ହୋଇଥାଏ। ୧୦୭।

ଶୌଚାବଶିଷ୍ଟୟାପ୍ୟସ୍ତି କିଞ୍ଚିତ୍କାର୍ଯ୍ୟଂ କ୍ୱଚିନ୍ମୃଦା।
ନିର୍ଦ୍ଧନେନ ଜନେନୈବ ନ ତୁ କିଞ୍ଚିଦ୍ ପ୍ରୟୋଜନମ୍।। ୧୦୮।।

ଶୌଚ କଲାପରେ ଯେଉଁ ସାମାନ୍ୟ ମାଟି ବଳିପଡ଼ିଥାଏ, ସେଥିରୁ ହୁଏତ କିଛି କାର୍ଯ୍ୟ ହୋଇପାରେ; କିନ୍ତୁ ନିର୍ଦ୍ଧନଲୋକଦ୍ୱାରା କୌଣସି କାର୍ଯ୍ୟ ହୁଏ ନାହିଁ। ୧୦୮।

ଅଧନୋ ଦାତୁକାମୋଽପି ସଂପ୍ରାପ୍ତୋ ଧନିନାଂ ଗୃହମ୍।
ମନ୍ୟତେ ଯାଚକୋଽୟଂ ଧିଗ୍‌ଦାରିଦ୍ର୍ୟଂ ଖଳୁ ଦେହିନାମ୍।। ୧୦୯।।

ହୃଦୟରେ ଦାନ କରିବା ଇଚ୍ଛା ରଖି ମଧ୍ୟ ଯଦି ନିର୍ଦ୍ଧନ ବ୍ୟକ୍ତି ଧନୀଲୋକର ଗୃହକୁ ଯାଏ, ତେବେ ତାକୁ ଲୋକେ ଯାଚକ (ଦାନପ୍ରାର୍ଥୀ) ବୋଲି ମନେକରନ୍ତି। ଅତଏବ ପ୍ରାଣୀମାନଙ୍କର ଏହି ଦରିଦ୍ରତାକୁ ଧିକ୍। ୧୦୯।

ଏଣୁ ଏହି ଧନକୁ ଆଣିବା ପାଇଁ ଉଦ୍ୟମ କରୁ କରୁ ଯଦି ମୋର ମୃତ୍ୟୁ ହୁଏ, ତାହାହେଲେ ସେ ମୃତ୍ୟୁ ମଧ୍ୟ ମୋ ପକ୍ଷରେ ଭଲ। କଥିତ ଅଛି–

ସ୍ୱବିତ୍ତହରଣଂ ଦୃଷ୍ଟ୍ୱା ଯୋହି ରକ୍ଷତ୍ୟସୂନ୍ନରଃ।
ପିତରୋଽପି ନ ଗୃହ୍ଣନ୍ତି ତଦ୍ଦତ୍ତଂ ସଲିଳାଞ୍ଜଳିମ୍।। ୧୧୦।।

ଯେଉଁ ଲୋକ ନିଜ ଧନ ଅପହୃତ ହେବାର ଦେଖି ମଧ୍ୟ ପ୍ରାଣ 'ଧାରଣ

କରି ରହେ, ତାହାଦ୍ୱାରା ପ୍ରଦତ୍ତ ତର୍ପଣ-ଜଳକୁ ପିତୃଲୋକ ସୁଦ୍ଧା ଗ୍ରହଣ କରନ୍ତି ନାହିଁ। ୧୧୦। ପୁଣି –

ଗବାର୍ଥେ ବ୍ରାହ୍ମଣାର୍ଥେ ଚ ସ୍ତ୍ରୀ ବିତ୍ତହରଣେ ତଥା।
ପ୍ରାଣାଂସ୍ତ୍ୟଜତି ଯୋ ଯୁଦ୍ଧେ ତସ୍ୟ ଲୋକାଃ ସନାତନାଃ।। ୧୧୧ ।।

ଯେଉଁ ଲୋକ ଗୋବ୍ରାହ୍ମଣର ରକ୍ଷା ନିମନ୍ତେ ତଥା ଭାର୍ଯ୍ୟା ଓ ଧନର ଅପହରଣ ହେଲେ ତାର ପୁନରୁଦ୍ଧାର ନିମନ୍ତେ ଯୁଦ୍ଧରେ ପ୍ରାଣତ୍ୟାଗ କରେ, ସେ ଅକ୍ଷୟଲୋକ ପ୍ରାପ୍ତ ହୁଏ।' ୧୧୧।

ଏହିପରି ସ୍ଥିର କରି ରାତ୍ରିରେ ମୁଁ ସେଠାକୁ ଯାଇ ନିଦରେ ଶୋଇପଡ଼ିଥିବା ପରିବ୍ରାଜକର ପେଟିକାରେ ଯେତେବେଳେ ଛିଦ୍ର କରୁଥିଲି, ସେତିକିବେଳେ ସେ ଦୁଷ୍ଟ ଉଠିପଡ଼ିଲା ଓ ଦଦରା ବାଉଁଶରେ ମୋ ଉପରେ ପ୍ରହାର କଲା। ମୋର ଆୟୁଷ ଥିବାରୁ କୌଣସିମତେ ପଳାଇଆସିଲି; ମଲି ନାହିଁ। କଥିତ ଅଛି –

ପ୍ରାପ୍ତବ୍ୟମର୍ଥଂ ଲଭତେ ମନୁଷ୍ୟୋ।
ଦେବୋଽପି ତଲ୍ଲଙ୍ଘୟିତୁଂ ନ ଶକ୍ତଃ।
ତସ୍ମାନ୍ନ ଶୋଚାମି ନ ବିସ୍ମୟୋ ମେ
ଯଦସ୍ମଦୀୟଂ ନ ହି ତଦ୍ ପରେଷାମ୍।। ୧୧୨ ।।

ମନୁଷ୍ୟର ଭାଗ୍ୟରେ ଯାହା ମିଳିବାକୁ ଥାଏ, ତାହା ସେ ଅବଶ୍ୟ ପାଏ; ଦେବତା ମଧ୍ୟ ତାହା ବନ୍ଦ କରିପାରିବେ ନାହିଁ। ତେଣୁ ମୁଁ ଶୋକ କରୁନାହିଁ କିମ୍ବା ଆଶ୍ଚର୍ଯ୍ୟ ହେଉନାହିଁ। କାରଣ, ଯେଉଁ ପଦାର୍ଥ ମୋର, ତାହା କଦାପି ଅନ୍ୟର ହୋଇ ନପାରେ। ୧୧୨।

କାକ ଓ କୂର୍ମ ପଚାରିଲେ, ''ଏହା କିପରି ?'' ହିରଣ୍ୟକ କହିଲା –

ବଣିକପୁତ୍ର କଥା

କୌଣସି ନଗରରେ ସାଗରଦତ୍ତ ନାମରେ ଜଣେ ବଣିକ ଥିଲେ। ତାଙ୍କର ପୁତ୍ର ଶତ ରୌପ୍ୟମୁଦ୍ରା ଦେଇ ଖଣ୍ଡିଏ ପୁସ୍ତକ କିଣିଆଣିଲେ। ସେଥିରେ ଏତିକିମାତ୍ର ଲେଖାଥିଲା –

''ମନୁଷ୍ୟର ଭାଗ୍ୟରେ ଯାହା ପ୍ରାପ୍ତିଯୋଗ ଥାଏ ତାହାହିଁ ମିଳେ।''

ତାହା ଦେଖି ସାଗରଦତ୍ତ ପୁଅକୁ ପଚାରିଲେ, ''ପୁଅ, କେତେ ମୂଲ୍ୟ ଦେଇ ଏ ପୁସ୍ତକଟି କିଣିଛୁ?'' ସେ କହିଲା, ''ଶହେଟଙ୍କା ମୂଲ୍ୟରେ।'' ଏହା ଶୁଣି ସାଗରଦତ୍ତ କହିଲା, ''ଆରେ ମୂର୍ଖ, ତୋତେ ଧିକ୍। ତୁ ଲେଖାହୋଇଥିବା ଗୋଟିଏ ଶ୍ଳୋକକୁ ଶହେ ଟଙ୍କା ଦେଇ କିଣିଚୁ? ଏଇ ବୁଦ୍ଧି ନେଇ ତୁ କି ଧନ ଅର୍ଜନ କରିବୁ? ତେଣୁ ଆଜିଠାରୁ ତୁ ମୋର ଘରେ ପଶିବୁ ନାହିଁ।'' ଏହିପରି କହି ଭର୍ତ୍ସନା କରି ସେ ପୁଅକୁ ଘରୁ ବାହାର କରିଦେଲା। ପୁଅ ମଧ୍ୟ ଏହି ଦୁଃଖରେ

ଦୂର ଦେଶକୁ ଯାଇ କୌଣସି ଏକ ନଗରରେ ପହଞ୍ଚି ସେଠାରେ ରହିଲା। କିଛି ଦିନ ପରେ ସେହି ନଗରର ଜଣେ ଲୋକ ତାକୁ ପଚାରିଲା, ''ଆପଣ କେଉଁଠାରୁ ଆସିଛନ୍ତି? ଆପଣଙ୍କର ନାମ କଅଣ?'' ସେ କହିଲା, ''ପ୍ରାପ୍ତବ୍ୟମର୍ଥଂ ଲଭତେ ମନୁଷ୍ୟଃ'' (ଅର୍ଥାତ୍ ମନୁଷ୍ୟର ଭାଗ୍ୟରେ ଯାହା ମିଳିବାକୁ ଥାଏ, ତାହା ସେ ଅବଶ୍ୟ ପାଏ)। ଅନ୍ୟ ଲୋକେ ତାକୁ ପଚାରିବାରୁ ସେ ସେହି ଉତ୍ତର ଦେଲା। ଏହିପରି ସେ ନଗର ମଧ୍ୟରେ ତାର ନାମ ହୋଇଗଲା 'ପ୍ରାପ୍ତବ୍ୟମର୍ଥ'।

ଏକସମୟରେ ନବରୂପଯୌବନସମ୍ପନ୍ନା ରାଜକନ୍ୟା ଚନ୍ଦ୍ରାବତୀ ସଖୀଙ୍କ ସହିତ କୌଣସି ମହୋତ୍ସବ ଦିବସରେ ନଗର ବୁଲି ଦେଖୁଥିଲେ। ସେଠାରେ ଅତୀବ ରୂପବାନ୍, ସୁନ୍ଦର କୌଣସି ରାଜପୁତ୍ର ତାହାଙ୍କ ଦୃଷ୍ଟିପଥରେ ପଡ଼ିଲେ। ରାଜପୁତ୍ରର ଦର୍ଶନମାତ୍ରେ ସେ କାମଶରରେ ପୀଡ଼ିତା ହୋଇ ସଖୀକୁ କହିଲେ, ''ସଖି, ଆଜି ଯେପରି ଏହି ରାଜପୁତ୍ର ସହିତ ମୋର ମିଳନ ହୁଏ, ସେଥିର ଉପାୟ ତୁ କର।'' ଏହା ଶୁଣି ସଖୀ ରାଜପୁତ୍ରଙ୍କ ନିକଟକୁ ଯାଇ ତତ୍‌କ୍ଷଣାତ୍ କହିଲା, ''ରାଜକନ୍ୟା ଚନ୍ଦ୍ରାବତୀ ମୋତେ ଆପଣଙ୍କ ପାଖକୁ ପଠାଇ ଅଛନ୍ତି– ସେ କହିଛନ୍ତି, ତୁମର ଦର୍ଶନରେ କନ୍ଦର୍ପ ମୋର ଶେଷ ଅବସ୍ଥା ପହଞ୍ଚାଇଅଛି। ଯଦି ଅତି ଶୀଘ୍ର ମୋ ପାଖକୁ ନ ଆସ, ତେବେ ମରଣହିଁ ମୋର ଆଶ୍ରୟ ହେବ।'' ଏହା ଶୁଣି ରାଜପୁତ୍ର କହିଲେ, ''ଯଦି ମୋତେ ନିଶ୍ଚୟ ସେଠାକୁ ଯିବାକୁ ହେବ, ତେବେ କେଉଁ ଉପାୟରେ ସେଠାରେ ପ୍ରବେଶ କରିବି, ସେ କଥା କୁହ।'' ତହୁଁ ସଖୀ କହିଲା, ''ରାତ୍ରିରେ ରାଜପ୍ରାସାଦରୁ ଝୁଲୁଥିବା ଦଉଡ଼ିକୁ ଧରି ଆପଣ ଉପରକୁ ଚଢ଼ିଯିବେ।'' ରାଜପୁତ୍ର କହିଲେ, ''ଯଦି ରାଜକନ୍ୟାଙ୍କର ଏହାହିଁ ନିଶ୍ଚୟ, ତେବେ ମୁଁ ସେହିପରି କରିବି।'' ଏହିପରି ବ୍ୟବସ୍ଥା କରି ସଖୀ ଚନ୍ଦ୍ରାବତୀଙ୍କ ନିକଟକୁ ଫେରିଗଲା।

ରାତ୍ରି ଉପସ୍ଥିତ ହେବାରୁ ସେ ରାଜପୁତ୍ର ଚିନ୍ତା କଲେ– 'ଅହୋ, ଏହା ଏକ ଅନୁଚିତ କାର୍ଯ୍ୟ। କଥିତ ଅଛି–

ଗୁରୋଃ ସୁତାଂ ମିତ୍ରଭାର୍ଯ୍ୟାଂ ସ୍ୱାମିସେବକଗେହିନୀମ୍।
ଯୋ ଗଚ୍ଛତି ପୁମାଂଲ୍ଲୋକେ ତମାହୁର୍ବ୍ରହ୍ମଘାତିନମ୍॥ ୧୧୩॥

ଯେଉଁ ଲୋକ ଗୁରୁପୁତ୍ରୀ, ମିତ୍ରପତ୍ନୀ, ପ୍ରଭୁ ଓ ଭୃତ୍ୟ ପତ୍ନୀ ସହିତ ସମାଗମ କରେ, ସେ ସଂସାରରେ ବ୍ରହ୍ମଘାତୀ ବୋଲି କଥିତ ହୁଏ (ଅର୍ଥାତ୍ ବ୍ରହ୍ମହତ୍ୟା ପାପ ସହିତ ତାହାର ପାପ ସମାନ)।୧୧୩। ପୁଣି–

ଅଯଶଃ ପ୍ରାପ୍ୟତେ ଯେନ ଯେନ ଚାପ୍ୟଗତିର୍ଭବେତ୍।
ସ୍ୱାର୍ଥାଚ୍ଚ ଭ୍ରଶ୍ୟତେ ଯେନ ତତ୍କର୍ମ ନ ସମାଚରେତ୍॥ ୧୧୪॥

ଯେଉଁ କାର୍ଯ୍ୟଦ୍ୱାରା ଅପଯଶ ହୁଏ, ଯେଉଁ କାର୍ଯ୍ୟଦ୍ୱାରା ନୀଚଗତି ହୁଏ (ଅର୍ଥାତ୍ ନୀଚଯୋନିରେ ଜନ୍ମ ହୁଏ) ଏବଂ ଯେଉଁ କାର୍ଯ୍ୟଦ୍ୱାରା ସ୍ୱର୍ଗରୁ ଭ୍ରଷ୍ଟ ହେବାକୁ ପଡ଼େ, ସେପରି କାର୍ଯ୍ୟ କେବେହେଲେ କରିବା ଉଚିତ ନୁହେଁ।୧୧୪।

ଏହିପରି ଉତ୍ତମରୂପେ ବିଚାର କରି ରାଜପୁତ୍ର ତାଙ୍କ ପାଖକୁ ଗଲେନାହିଁ।

ଅନନ୍ତର 'ପ୍ରାପ୍ତବ୍ୟମର୍ଥ' ଭ୍ରମଣ କରୁ କରୁ ରାତ୍ରିରେ ଧବଳଗୃହର ପାର୍ଶ୍ୱରେ ଓହଳିଥିବା ରଜ୍ଜୁକୁ ଦେଖି କୌତୂହଳପୂର୍ଣ୍ଣ ହୃଦୟରେ ତାହାକୁ ଧରି ଉପରକୁ ଚଢ଼ିଲା। ରାଜକନ୍ୟା ମନେ ମନେ ଆଶ୍ୱସ୍ତ ହେଲେ ଯେ, ଏ ସେହି ରାଜପୁତ୍ର। ସେ ଏହାକୁ ସ୍ନାନ, ଭୋଜନ, ପାନ, ଆଚ୍ଛାଦନ ପ୍ରଭୃତି ଦ୍ୱାରା ସମ୍ମାନ ଦେଖାଇ ଏହା ସହିତ ଶୟନ କଲେ। ଏହାର ଅଙ୍ଗସ୍ପର୍ଶରେ ରାଜକନ୍ୟାଙ୍କର ଶରୀର ରୋମାଞ୍ଚିତ ହେଲା। ସେ କହିଲେ, "ଆପଣଙ୍କ ଦର୍ଶନମାତ୍ରେ ମୁଁ ଆପଣଙ୍କ ପ୍ରତି ଅନୁରକ୍ତା ହୋଇ ଆପଣଙ୍କୁ ମୋର ଆତ୍ମା ସମର୍ପଣ କରିଅଛି। ଆପଣଙ୍କ ବିନା ଅନ୍ୟ କୌଣସି ସ୍ୱାମୀ ମୋ ମନରେ ସୁଦ୍ଧା ସ୍ଥାନ ପାଇବ ନାହିଁ। ତେବେ ଆପଣ ମୋ ସହିତ କଥାବାର୍ତ୍ତା କରୁନାହାନ୍ତି କାହିଁକି ?" ବଣିକପୁତ୍ର କହିଲା, 'ପ୍ରାପ୍ତବ୍ୟମର୍ଥଂ ଲଭତେ ମନୁଷ୍ୟଃ।' ସେ ଏହା କହିବାରୁ ରାଜକନ୍ୟା ମନେକଲେ ଯେ ଏ ଲୋକଟି ସେ ରାଜପୁତ୍ର ନୁହନ୍ତି, ଅନ୍ୟ କେହି ଜଣେ। ତେଣୁ ସେ ତାହାକୁ ପ୍ରାସାଦରୁ ଓହ୍ଲାଇଦେଇ ଛାଡ଼ିଦେଲେ। ପ୍ରାପ୍ତବ୍ୟମର୍ଥ ସେଠାରୁ ଯାଇ ଗୋଟିଏ ଭଗ୍ନ ମନ୍ଦିରରେ ଶୋଇପଡ଼ିଲା।

ଏଥିମଧ୍ୟରେ ସହରର କଟୁଆଳ (ଦଣ୍ଡପାଶିକ) ଜଣେ କୁଳଟା ରମଣୀ (ବ୍ୟଭିଚାରିଣୀ) ଠାରୁ ସଙ୍କେତ ପାଇ ସେଠାକୁ ଆସି ଦେଖିଲା ଯେ ସେଠାରେ ଜଣେ କିଏ ଶୋଇଛି। ତହୁଁ ସେ ଆପଣାର ରହସ୍ୟ ପ୍ରକାଶ ନ କରିବା ପାଇଁ ପଚାରିଲା, "ତୁମେ କିଏ ?" ବଣିକପୁତ୍ର କହିଲା, "ପ୍ରାପ୍ତବ୍ୟମର୍ଥଂ ଲଭତେ ମନୁଷ୍ୟଃ।" ଏହା ଶୁଣି କଟୁଆଳ କହିଲା, "ଏ ଦେଉଳ ଶୂନ୍ୟସ୍ଥାନ। ତେଣୁ ତୁମେ ଯାଇ ମୋ ସ୍ଥାନରେ ଶୁଅ।" ସେ ଏଥିରେ ସ୍ୱୀକୃତ ହୋଇ ଚାଲିଗଲା; କିନ୍ତୁ ମତିଭ୍ରମବଶତଃ ଅନ୍ୟ ଏକ ଖଟିଆ ଉପରେ ଶୋଇପଡ଼ିଲା। ଏଣେ ସେହି କଟୁଆଳର ସୁନ୍ଦରୀ, ରୂପଯୌବନସମ୍ପନ୍ନା କନ୍ୟା ବିନୟବତୀ କୌଣସି ପୁରୁଷଠାରେ ଅନୁରାଗିଣୀ ହୋଇ ତାକୁ ସଙ୍କେତ ଦେଇ ସେହି ଖଟିଆରେ ଶୋଇ ଅପେକ୍ଷା କରିଥିଲା। ବଣିକପୁତ୍ର ସେଠାକୁ ଆସିବାର ଦେଖି ମନେକଲା ଯେ, ଏ ହେଉଛି ମୋର ସେହି ପ୍ରିୟ ପୁରୁଷ। ତେଣୁ ରାତ୍ରିର ଘନାନ୍ଧକାରରେ ବିମୋହିତା ବିନୟବତୀ ବିଛଣାରୁ ଉଠି ତାକୁ ଭୋଜନ, ବସ୍ତ୍ର ପ୍ରଭୃତି ଦେଇ ଗାନ୍ଧର୍ବବିବାହରେ ତା'ଠାରେ ନିଜକୁ ସମର୍ପଣ କରିଦେଲା। ବିଛଣା ଉପରେ ତାହା ସହିତ ବସି କମଳପରି ମୁଖକୁ ପ୍ରସନ୍ନ କରି ତାକୁ କହିଲା, "ଆପଣ ଏବେ ମଧ୍ୟ କାହିଁକି ମୋ ସହିତ ସ୍ୱଚ୍ଛନ୍ଦରେ କଥାବାର୍ତ୍ତା କରୁନାହାନ୍ତି ?" ସେ କହିଲା, "ପ୍ରାପ୍ତବ୍ୟମର୍ଥଂ ଲଭତେ ମନୁଷ୍ୟଃ।"

ଏହା ଶୁଣି ବିନୟବତୀ ଚିନ୍ତା କଲା – 'ବୁଝିବିଚାରି କାର୍ଯ୍ୟ ନ କଲେ ତାହାର ପରିଣାମ ଏହିପରି ହୋଇଥାଏ।' ଏପରି ଚିନ୍ତା କରି ବିନୟବତୀ ଦୁଃଖିତା ହୋଇ ତାହାକୁ ତଡ଼ିଦେଲା। ସେ ରାଜପଥରେ ଯାଉଥିବାବେଳେ ଅନ୍ୟଦେଶବାସୀ ବରକୀର୍ତ୍ତି ନାମକ ବର ମହାନ୍ ବାଦ୍ୟଧ୍ୱନିସହକାରେ ଆସୁଥିଲା। ପ୍ରାପ୍ତବ୍ୟମର୍ଥ ମଧ୍ୟ ସେମାନଙ୍କ ସଙ୍ଗେ ଯିବାକୁ ଲାଗିଲା।

ଏଣେ ଲଗ୍ନବେଳା ନିକଟ ହୋଇଥିବାରୁ ରାଜପଥ ନିକଟବର୍ତ୍ତୀ ଶ୍ରେଷ୍ଠୀଙ୍କ ଗୃହଦ୍ୱାରରେ ମଣ୍ଡପବେଦୀ ଉପରେ କନ୍ୟାବେଶରେ ଶ୍ରେଷ୍ଠୀକନ୍ୟା ବସିଥିଲା। ଏହି ସମୟରେ

ଗୋଟିଏ ମଦମତ୍ତ ହସ୍ତୀ ଆରୋହୀକୁ ବଧ କରି ଲୋକଙ୍କର କୋଳାହଳ ମଧ୍ୟରେ ସେମାନଙ୍କୁ ଭୟଭୀତ କରି ସେହି ସ୍ଥାନରେ ପହଞ୍ଚିଲା । ତାହାକୁ ଦେଖି ବର ଓ ତାଙ୍କର ସାଙ୍ଗସାଥୀମାନେ ଇତସ୍ତତଃ ପଳାୟନ କଲେ । ଏହି ସମୟରେ ପ୍ରାପ୍ତବ୍ୟମର୍ଥ ସେହି ତରଳନୟନା କନ୍ୟା ଭୟଭୀତା ହୋଇ ଏକାକିନୀ ବସିଥିବାର ଦେଖି କହିଲା, "ଭୟ କର ନାହିଁ । ମୁଁ ତୁମକୁ ରକ୍ଷା କରିବି ।" ଏହିପରି ଆଶ୍ୱାସନା ଦେଇ ତାର ଦକ୍ଷିଣ ହସ୍ତକୁ ଧରି ପ୍ରାପ୍ତବ୍ୟମର୍ଥ ସାହସସହକାରେ କଠୋର ଭାଷାରେ ହସ୍ତୀକୁ ଭର୍ତ୍ସନା କଲା । ତତ୍ପରେ ଦୈବଯୋଗରୁ ହାତୀ ଚାଲିଯିବା ପରେ ବରକୀର୍ତ୍ତି ନିଜର ବନ୍ଧୁବାନ୍ଧବମାନଙ୍କ ସହିତ ଉପସ୍ଥିତ ହେଲା । ସେତେବେଳକୁ ଲଗ୍ନକାଳ ଅତିକ୍ରାନ୍ତ ହୋଇସାରିଥିଲା । କନ୍ୟା ଅନ୍ୟ ଜଣକର ହସ୍ତଗତ ହୋଇଥିବାର ଦେଖି ସେ କହିଲା, "ହେ ଶ୍ୱଶୁର, ଆପଣ ବଡ଼ ଅନ୍ୟାୟ କରିଅଛନ୍ତି । ମୋତେ କନ୍ୟା ପ୍ରଦାନ କରି ପରେ ଅନ୍ୟ ଜଣକୁ ଦେଇଅଛନ୍ତି ।" ଶ୍ରେଷ୍ଠୀ କହିଲେ, "ମୁଁ ମଧ୍ୟ ହସ୍ତୀ ଭୟରେ ପଳାଇ ଯାଇ ଆପଣମାନଙ୍କ ସହିତ ଆସୁଛି । ଏଥିମଧ୍ୟରେ କଅଣ ଘଟିଛି, କିଛି ଜାଣେ ନାହିଁ ।" ବରକୀର୍ତ୍ତିଙ୍କୁ ଏହା କହି ସେ ନିଜ କନ୍ୟାକୁ ପଚାରିଲେ, "ବତ୍ସେ, ଏ ଘଟଣା କଅଣ, ସବୁ କହ । ତୁ ଯାହା କଲୁ, ତାହା ଭଲ ନୁହେଁ ।" ସେ କହିଲା, "ଏ ମୋତେ ପ୍ରାଣ-ସଂଶୟରୁ ରକ୍ଷା କରିଅଛନ୍ତି । ତେଣୁ ତାଙ୍କ ବିନା ଜୀବନରେ ଅନ୍ୟ କାହାରି ପାଣିଗ୍ରହଣ କରି ପାରିବି ନାହିଁ ।"

ଏହିପରି କଥାବାର୍ତ୍ତା ଚାଲୁ ଚାଲୁ ରାତି ପାହିଗଲା । ଅନନ୍ତର ପ୍ରଭାତକାଳରେ ସେଠାରେ ଅନେକ ଲୋକ ଏକତ୍ର ହେବାରୁ ଗୋଳମାଳ ଶୁଣି ରାଜକନ୍ୟା ସେଠାକୁ ଆସିଲେ । ଲୋକମୁଖରୁ ଏ କଥା ଶୁଣିପାରି କଟୁଆଳର ଝିଅ ସେଠାକୁ ଆସିଲେ । ଏତେ ଲୋକ ଏକତ୍ର ହୋଇଥିବାର ସମ୍ବାଦ ପାଇ ରାଜା ମଧ୍ୟ ସେଠାରେ ଉପସ୍ଥିତ ହେଲେ । ପ୍ରାପ୍ତବ୍ୟମର୍ଥଙ୍କୁ ରାଜା କହିଲେ; "ନିର୍ଭୟ ହୋଇ ଘଟଣା କ'ଣ, କୁହ ?" ସେ କହିଲା, "ପ୍ରାପ୍ତବ୍ୟମର୍ଥଂ ଲଭତେ ମନୁଷ୍ୟଃ, ଅର୍ଥାତ୍ ଯେଉଁ ଲୋକକୁ ଯାହା ମିଳିବାକୁ ଥାଏ, ସେ ତାହା ଅବଶ୍ୟ ପାଇବ ।" ରାଜକନ୍ୟା କହିଲେ, "ଦେବୋଽପି ତଂ ଲଙ୍ଘୟିତୁଂ ନ ଶକ୍ତଃ– ଅର୍ଥାତ୍ ଦେବତା ମଧ୍ୟ ତାହାର ଅନ୍ୟଥା କରିବାକୁ ସମର୍ଥ ହୁଅନ୍ତି ନାହିଁ ।" ତତ୍ପରେ କଟୁଆଳର ଝିଅ କହିଲା, "ତସ୍ମାନ୍ନ ଶୋଚାମି ନ ବିସ୍ମୟୋ ମେ– ଅର୍ଥାତ୍ ତେଣୁ ମୁଁ ଶୋକ କରୁନାହିଁ କି ବିସ୍ମିତ ହେଉନାହିଁ ।" ଏ ସମସ୍ତ ବୃତ୍ତାନ୍ତ ଶୁଣି ଶ୍ରେଷ୍ଠୀକନ୍ୟା କହିଲା, "ଯଦସ୍ମଦୀୟଂ ନ ହି ତତ୍ ପରେଷାଂ– ଅର୍ଥାତ୍ ଯାହା ମୋର, ତାହା ଅନ୍ୟ କାହାରି ହୋଇ ନ ପାରେ ।"

ତହୁଁ ରାଜା ଅଭୟ ପ୍ରଦାନ କରି ପୃଥକ୍ ପୃଥକ୍ ଭାବରେ ସମସ୍ତ ବୃତ୍ତାନ୍ତ ବୁଝି, ପ୍ରକୃତ ଘଟଣା ଜାଣିପାରି ପ୍ରାପ୍ତବ୍ୟମର୍ଥଙ୍କୁ ବହୁ ସମ୍ମାନ ଓ ସହସ୍ର ଗ୍ରାମ ସହିତ ସର୍ବାଳଙ୍କାରଭୂଷିତା, ଦାସଦାସୀସମନ୍ୱିତା ନିଜ କନ୍ୟାକୁ ପ୍ରଦାନ କଲେ ଓ 'ତୁମେ ମୋର ପୁତ୍ର' କହି ନଗରପ୍ରସିଦ୍ଧ ସେହି ପ୍ରାପ୍ତବ୍ୟମର୍ଥଙ୍କୁ ଯୌବରାଜ୍ୟରେ ଅଭିଷିକ୍ତ କଲେ । କଟୁଆଳ ମଧ୍ୟ ନିଜ ଶକ୍ତି ଅନୁସାରେ ବସ୍ତ୍ରାଦି ଦ୍ୱାରା ସମ୍ମାନିତ କରି ପ୍ରାପ୍ତବ୍ୟମର୍ଥଙ୍କୁ ଆପଣାର କନ୍ୟା ପ୍ରଦାନ କଲେ ।

ଅନନ୍ତର ପ୍ରାପ୍ତବ୍ୟମର୍ଥ ବନ୍ଧୁବାନ୍ଧବଙ୍କ ସହିତ ନିଜର ପିତାମାତାଙ୍କୁ ସମ୍ମାନସହକାରେ ସେହି ନଗରକୁ ଅଣାଇଲେ। ପ୍ରାପ୍ତବ୍ୟମର୍ଥ ନିଜ ପରିବାର ସହିତ ବିବିଧ ସୁଖ ଅନୁଭବ କରି ସୁଖରେ ରହିଲେ। ଏହି ହେତୁରୁ ମୁଁ କହୁଥିଲି ଯେ 'ପ୍ରାପ୍ତବ୍ୟମର୍ଥଂ ଲଭତେ ମନୁଷ୍ୟଃ' ' ଇତ୍ୟାଦି।

ଏହି ସବୁ ସୁଖଦୁଃଖ ଭୋଗ କରି ମୁଁ ନିତାନ୍ତ ଦୁଃଖିତ ହେଲି। ଏବେ ମୋର ଏହି ମିତ୍ର (ଲଘୁପତନକ) ମୋତେ ତୁମ ନିକଟକୁ ଆଣିଅଛନ୍ତି। ଏହାହିଁ ହେଉଛି ମୋର ବୈରାଗ୍ୟର କାରଣ।''

ମନ୍ଥରକ କହିଲା, ''ଭଦ୍ର, ଏ ଯେ ମିତ୍ର, ଏଥିରେ ସନ୍ଦେହ ନାହିଁ। କାରଣ, ସେ କ୍ଷୁଧାର୍ତ୍ତ ହେଲେହେଁ ଶତ୍ରୁ ସ୍ଥାନୀୟ ତୁମକୁ ଭକ୍ଷ୍ୟରୂପେ ପାଇ ସୁଦ୍ଧା ତୁମକୁ ପିଠିରେ ବସାଇ ଆଣିଛନ୍ତି, ପଥମଧ୍ୟରେ ଖାଇଯାଇନାହାନ୍ତି। କଥିତ ଅଛି–

ବିକାରଂ ଯାତି ନୋ ଚିତ୍ତଂ ଯସ୍ୟଲାଭେ କଦାଚନ।
ମିତ୍ରଂ ସ୍ୟାତ୍ସର୍ବକାଳେ ଚ କାରୟେନ୍ମିତ୍ରମୁତ୍ତମମ୍॥ ୧୧୫॥

ଧନଲାଭ କଲେ ଯାହାର କେବେହେଲେ ଚିତ୍ତବିକାର ଉପସ୍ଥିତ ହୁଏ ନାହିଁ ଏବଂ ଯେ ସକଳ ଅବସ୍ଥାରେ ମିତ୍ର ହୋଇ ରହିଥାଏ, ସେହି ଉତ୍ତମ ପୁରୁଷକୁ ମିତ୍ର କରିବା ଉଚିତ। ୧୧୫।

ବିଦ୍ୱଦ୍‌ଭିଃ ସୁହୃଦାମତ୍ରଃ ଚିହ୍ନୈରେତୈରସଂଶୟମ୍।
ପରୀକ୍ଷାକରଣଂ ପ୍ରୋକ୍ତଂ ହୋମାଗ୍ନେରିବ ପଣ୍ଡିତୈଃ॥ ୧୧୬॥

ପଣ୍ଡିତମାନେ ହୋମାଗ୍ନିର ପରୀକ୍ଷା କଲାପରି ବିଦ୍ୱାନ୍ ଲୋକେ ଏହିସବୁ ଚିହ୍ନଦ୍ୱାରା ମିତ୍ରର ପରୀକ୍ଷା ଅବଶ୍ୟ କରିବେ ବୋଲି କଥିତ ଅଛି। ୧୧୬। ଯଥା–

ଆପତ୍କାଳେ ତୁ ସଂପ୍ରାପ୍ତେ ଯନ୍ମିତ୍ରଂ ମିତ୍ରମେବ ତତ୍।
ବୃଦ୍ଧିକାଳେ ତୁ ସଂପ୍ରାପ୍ତେ ଦୁର୍ଜନୋଽପି ସୁହୃଦ୍‌ଭବେତ୍॥ ୧୧୭॥

ବିପତ୍‌କାଳ ପହଞ୍ଚିଲେ ଯେଉଁ ଲୋକ ମିତ୍ର ହୋଇ ରହେ, ସେ ହେଉଛି ଯଥାର୍ଥ ମିତ୍ର। କାରଣ ସମୃଦ୍ଧି ସମୟ ହେଲାବେଳେ ଦୁର୍ଜନ ମଧ୍ୟ ମିତ୍ର ହୋଇଯାଇଥାଏ। ୧୧୭।

ତେଣୁ ଆଜି ମୋର ଏ ବିଷୟରେ ବିଶ୍ୱାସ ହୋଇଯାଇଛି। କାରଣ ମାଂସାଶୀ ବାୟସ ସହିତ ଜଳଚର ପ୍ରାଣୀର ମିତ୍ରତା ନୀତିବିରୁଦ୍ଧ ଅଟେ। ଅଥବା ଯଥାର୍ଥରେ କୁହାଯାଇଅଛି–

ମିତ୍ରଂ କୋଽପିନ କସ୍ୟାପି ନିତାନ୍ତଂ ନ ଚ ବୈରକୃତ୍।
ଦୃଶ୍ୟତେ ମିତ୍ରବିଧ୍ୱସ୍ତାତ୍କାର୍ଯ୍ୟାଦ୍ ବୈରିପରୀକ୍ଷିତଃ॥ ୧୧୮॥

କେହି କାହାରି ସର୍ବଦା ମିତ୍ର ନୁହେଁ କି କାହାରି ସର୍ବଦା ଶତ୍ରୁ ନୁହେଁ; କାରଣ ଏପରି ଦେଖାଯାଏ ଯେ ମନୁଷ୍ୟ ମିତ୍ରଦ୍ୱାରା ବିନାଶପ୍ରାପ୍ତ ହୋଇଥାଏ; ଶତ୍ରୁଦ୍ୱାରା ରକ୍ଷାପାଇଥାଏ। ୧୧୮।

ତେଣୁ ମୁଁ ତୁମକୁ ସ୍ୱାଗତ ଜଣାଉଅଛି। ଏହି ପୁଷ୍କରିଣୀର ତଟଦେଶରେ ଆପଣାର ଘର ଭଳି ବାସ କର। ତୁମର ଯେ ଧନନାଶ ଓ ବିଦେଶବାସ ଘଟିଅଛି, ସେ ବିଷୟରେ ଦୁଃଖ କରିବା ଉଚିତ ନୁହେଁ। କଥିତ ଅଛି–

ଅଭ୍ରଚ୍ଛାୟା ଖଳପ୍ରୀତିଃ ସିଦ୍ଧମନ୍ନଂ ଚ ଯୋଷିତଃ।
କିଞ୍ଚିତ୍କାଳୋପଭୋଗ୍ୟାନି ଯୌବନାନି ଧନାନି ଚ॥ ୧୧୯ ॥

ମେଘର ଛାୟା, ଖଳ ଲୋକର ପ୍ରୀତି, ସୁପକ୍ୱ ଅନ୍ନ, ରମଣୀ, ଯୌବନ ଓ ଧନ– ଏଗୁଡ଼ିକ ଅଳ୍ପ କାଳ ପାଇଁ ଭୋଗ କରିବାର ଯୋଗ୍ୟ; ଅର୍ଥାତ୍ ଏଗୁଡ଼ିକ ବେଶି ଦିନଯାଏ ରହନ୍ତି ନାହିଁ। ୧୧୯।

ଏହି ହେତୁରୁ ବିବେକୀ ଓ ଜିତେନ୍ଦ୍ରିୟ ଲୋକେ ଧନଲାଳସା କରନ୍ତି ନାହିଁ। କଥିତ ଅଛି–

ସୁସଞ୍ଚିତୈର୍ଜୀବନବତ୍ ସୁରକ୍ଷିତୈ-
ର୍ନିଜେଽପି ଦେହେ ନ ନିୟୋଜିତୈଃ କ୍ୱଚିତ୍।
ପୁଂସୋ ଯମାନ୍ତଂ ବ୍ରଜତୋଽପି ନିଷ୍ଠୁରୈ–
ରେତୈର୍ଦ୍ଧନୈଃ ପଞ୍ଚପଦୀ ନ ଦୀୟତେ॥ ୧୨୦ ॥

ଅତି କଷ୍ଟରେ ସଞ୍ଚିତ, ପ୍ରାଣ ପରି ସୁରକ୍ଷିତ ଓ ନିଜ ଦେହ ନିମନ୍ତେ ମଧ୍ୟ କେବେ ବ୍ୟୟିତ ହୋଇ ନ ଥିବା ଏହି ନିର୍ଦ୍ଦୟ ଧନ ଯମ ନିକଟକୁ ଯାଉଥିବା ପୁରୁଷ ପଛରେ ପାଞ୍ଚପାଦ ସୁଦ୍ଧା ଯାଏ ନାହିଁ। ୧୨୦। ଆହୁରି ମଧ୍ୟ–

ଯଥାମିଷଂ ଜଳେ ମତ୍ସ୍ୟୈର୍ଭକ୍ଷ୍ୟତେ ଶ୍ୱାପଦୈର୍ଭୁବି।
ଆକାଶେ ପକ୍ଷିଭିଶ୍ଚୈବ ତଥା ସର୍ବତ୍ର ବିତ୍ତବାନ୍॥ ୧୨୧ ॥

ଯେପରି ମାଂସକୁ ଜଳର ମତ୍ସ୍ୟମାନେ, ଭୂଭାଗର ଶ୍ୱାପଦମାନେ ଓ ଆକାଶର ପକ୍ଷୀମାନେ ଭକ୍ଷଣ କରିଥାନ୍ତି, ସେହିପରି ଧନବାନ୍ ଲୋକକୁ ଅନ୍ୟମାନେ ସର୍ବତ୍ର ଖାଇଯାଇଥାନ୍ତି (ଅର୍ଥାତ୍ ତାର ଧନ ନେଇଯାଇଥାନ୍ତି)। ୧୨୧।

ନିର୍ଦ୍ଦୋଷମପି ବିତ୍ତାଢ୍ୟଂ ଦୋଷୈର୍ଯୋଜୟତେ ନୃପଃ।
ନିର୍ଦ୍ଧନଃ ପ୍ରାପ୍ତଦୋଷୋଽପି ସର୍ବତ୍ର ନିରୁପଦ୍ରବଃ॥ ୧୨୨ ॥

ଧନଶାଳୀ ଲୋକ ନିରପରାଧ ହୋଇଥିଲେହେଁ ରାଜା ତାହା ଉପରେ ଦୋଷାରୋପ କରନ୍ତି। ନିର୍ଦ୍ଧନ ଲୋକ ଅପରାଧ କରିଥିଲେହେଁ ସର୍ବତ୍ର ନିର୍ଦ୍ଦୋଷ ପରି ରହିଥାଏ। ୧୨୨।

ଅର୍ଥାନାମର୍ଜନେ ଦୁଃଖମର୍ଜିତାନାଂ ଚ ରକ୍ଷଣେ।
ନାଶେ ଦୁଃଖଂ ବ୍ୟୟେ ଦୁଃଖଂ ଧିଗର୍ଥାନ୍ କଷ୍ଟସଂଶ୍ରୟାନ୍ ॥ ୧୨୩॥

ଧନକୁ ଅର୍ଜନ କରିବାରେ ଦୁଃଖ; ତାକୁ ରକ୍ଷା କରିବାରେ ମଧ୍ୟ ଦୁଃଖ। ଧନନାଶରେ ଦୁଃଖ; ଧନବ୍ୟୟରେ ମଧ୍ୟ ଦୁଃଖ– କେବଳ ଦୁଃଖଦାୟକ ଏହି ଧନକୁ ଧିକ୍। ୧୨୩।

ଅର୍ଥାର୍ଥୀ ଯାନି କଷ୍ଟାନି ମୂଢ଼ୋଽୟଂ ସହତେ ଜନଃ।
ଶତାଂଶେନାପି ମୋକ୍ଷାର୍ଥୀ ତାନି ଚେନ୍ମୋକ୍ଷମାପ୍ନୁୟାତ୍॥ ୧୨୪ ॥

ମୂଢ଼ ମନୁଷ୍ୟ ଧନାର୍ଥୀ ହୋଇ ଯେଉଁ କଷ୍ଟ ସହ୍ୟ କରେ, ତାହାର ଶତଭାଗରୁ ଏକ ଭାଗ ଯଦି ମୋକ୍ଷାର୍ଥୀ ହୋଇ ସହ୍ୟ କରନ୍ତା, ତେବେ ସେ ମୋକ୍ଷଲାଭ କରିପାରନ୍ତା । ୧୨୪ ।

ଆହୁରି ମଧ୍ୟ ବିଦେଶବାସ ହେତୁରୁ ତୁମର ବୈରାଗ୍ୟ ଅବଲମ୍ବନ ମଧ୍ୟ ଅନୁଚିତ । କାରଣ –

କୋ ଧୀରସ୍ୟ ମନସ୍ୱିନଃ ସ୍ୱବିଷୟଃ କୋ ବା ବିଦେଶଃ ସ୍ମୃତୋ
ଯଂ ଦେଶଂ ଶ୍ରୟତେ ତମେବ କୁରୁତେ ବାହୁପ୍ରତାପାର୍ଜିତମ୍ ।
ଯଦ୍ଦଂଷ୍ଟ୍ରାନଖଲାଙ୍ଗୁଳପ୍ରହରଣୈଃ ସିଂହୋ ବନଂ ଗାହତେ ।
ତସ୍ମିନ୍ନେବ ହତଦ୍ୱିପେନ୍ଦ୍ରରୁଧିରୈସ୍ତୃଷ୍ଣାଂ ଛିନତ୍ତ୍ୟାତ୍ମନଃ ।। ୧୨୫ ।।

ଧୈର୍ଯ୍ୟଶାଳୀ ମନସ୍ୱୀ ପୁରୁଷପକ୍ଷରେ ସ୍ୱଦେଶ କଅଣ, ବିଦେଶ ବା କଅଣ? ସେ ଯେଉଁ ଦେଶରେ ରହନ୍ତି, ତାହାକୁ ବାହୁବଳରେ ନିଜର ଅଧୀନ କରିପକାନ୍ତି। ଦେଖ; ଦନ୍ତ, ନଖ ଓ ଲାଙ୍ଗୁଳରୂପକ ଅସ୍ତ୍ର ଧାରଣ କରି ସିଂହ ବନରେ ପ୍ରବେଶ କରେ ଓ ସେଠାରେ ମହାନ୍ ହସ୍ତୀମାନଙ୍କୁ ବଧ କରି ସେମାନଙ୍କ ରକ୍ତରେ ନିଜର ତୃଷ୍ଣା ଦୂର କରେ । ୧୨୫ ।

ନିର୍ଦ୍ଧନ ପୁରୁଷ ମଧ୍ୟ ବୁଦ୍ଧିମାନ୍ ହୋଇଥିଲେ ବିଦେଶ ଯାଇ କୌଣସିମତେ ଦୁଃଖଭୋଗ କରେ ନାହିଁ। କଥିତ ଅଛି –

କୋତିଭାରଃ ସମର୍ଥାନାଂ କିଂ ଦୂରଂ ବ୍ୟବସାୟିନାମ୍ ।
କୋ ବିଦେଶଃ ସବିଦ୍ୟାନାଂ କଃ ପରଃ ପ୍ରିୟବାଦିନାମ୍ ।। ୧୨୬ ।।

ସମର୍ଥ ପୁରୁଷପକ୍ଷରେ ଅତି ଭାର କଅଣ? ବ୍ୟବସାୟୀପକ୍ଷରେ କେଉଁ ସ୍ଥାନ ଦୂର? ବିଦ୍ୱାନ୍ ଲୋକପକ୍ଷରେ ବିଦେଶ କଅଣ? ପ୍ରିୟବାଦୀ ଲୋକର ଶତ୍ରୁ କିଏ? । ୧୨୬ ।

ତୁମେ ଅତି ବୁଦ୍ଧିମାନ୍; ସାଧାରଣ ପୁରୁଷ ପରି ନୁହଁ। ଅଥବା –

ଉତ୍ସାହସମ୍ପନ୍ନମଦୀର୍ଘସୂତ୍ରଂ କ୍ରିୟାବିଧିଜ୍ଞଂ ବ୍ୟସନେଷ୍ୱସକ୍ତମ୍ ।
ଶୂରଂ କୃତଜ୍ଞଂ ଦୃଢ଼ସୌହୃଦଂଚ ଲକ୍ଷ୍ମୀଃ ସ୍ୱୟଂ ମାର୍ଗତି ବାସହେତୋଃ ।। ୧୨୭ ।।

ଉତ୍ସାହୀ, ଆଳସ୍ୟହୀନ (ଅଦୀର୍ଘସୂତ୍ରୀ), କାର୍ଯ୍ୟସାଧନ ଉପାୟ ବିଷୟରେ ଅଭିଜ୍ଞ, ମଦ୍ୟପାନ ପ୍ରଭୃତି ବ୍ୟସନରୁ ମୁକ୍ତ, ବୀର, କୃତଜ୍ଞ ଓ ମିତ୍ରତାରେ ଦୃଢ଼ ପୁରୁଷକୁ ସ୍ୱୟଂ ଲକ୍ଷ୍ମୀ ନିଜର ନିବାସ ନିମନ୍ତେ ଅନୁସରଣ କରିଥାନ୍ତି। ୧୨୭।

ଆହୁରି ମଧ୍ୟ ଅର୍ଜିତ ଅର୍ଥ କର୍ମ ଅନୁସାରେ ନଷ୍ଟ ହୋଇଯାଇଥାଏ। ଏତେଦିନ ପର୍ଯ୍ୟନ୍ତ ଧନ ତୁମର ହୋଇ ରହିଥିଲା। ଯାହା ତୁମର ନୁହେଁ, ତାକୁ ତୁମେ ମୁହୂର୍ତ୍ତେ ମଧ୍ୟ ଭୋଗ କରିପାରିବ ନାହିଁ। ସେ ଆପେ ଆପେ ଆସିଲେ ମଧ୍ୟ ବିଧାତା ତାକୁ ହରଣ କରିନିଏ।

ଅର୍ଥସ୍ୟୋପାର୍ଜନଂ କୃତ୍ୱା ନୈବ ଭୋଗଂ ସମଶ୍ନୁତେ ।
ଅରଣ୍ୟଂ ମହଦାସାଦ୍ୟ ମୂଢ଼ଃ ସୋମିଲକୋ ଯଥା ।। ୧୨୮ ।।

ମହାନ୍ ଅରଣ୍ୟରେ ପହଞ୍ଚି ମୂଢ଼ ସୋମିଳକ ପରି ମନୁଷ୍ୟ ଧନ ଅର୍ଜନ କରି (ପ୍ରତିକୂଳ ଭାଗ୍ୟବଶତଃ) ତାହାକୁ ଭୋଗକରିପାରେ ନାହିଁ।'' । ୧୨୮ ।

ହିରଣ୍ୟକ ପଚାରିଲା – ''ସେ ସୋମିଳକ କଥା କଅଣ ?'' ସେ କହିଲା –

ମନ୍ଦଭାଗ୍ୟ ସୋମିଳକ କଥା

କୌଣସି ସ୍ଥାନରେ ସୋମିଳକ ନାମରେ ଜଣେ ତନ୍ତୀ ବାସକରୁଥିଲା । ସେ ସର୍ବଦା ନାନାବିଧ କାରୁକାର୍ଯ୍ୟରେ ଚିତ୍ରିତ ରାଜଯୋଗ୍ୟ ବସ୍ତ୍ର ନିର୍ମାଣ କରୁଥିଲା । ସେ ବିବିଧ ବସ୍ତ୍ର ନିର୍ମାଣ କୌଶଳରେ ନିପୁଣ ହୋଇଥିଲେ ହେଁ କେବେହେଲେ ଗ୍ରାସାଚ୍ଛାଦନରୁ ଅଧିକ ଅର୍ଥ ଅର୍ଜନ କରିପାରୁନଥିଲା । ସେଠାରେ ଥିବା ଅନ୍ୟାନ୍ୟ ତନ୍ତୁବାୟମାନେ ସାଧାରଣ ସ୍ଥୂଳବସ୍ତ୍ର ନିର୍ମାଣ କରିଜାଣିଥିଲେହେଁ ସେମାନେ ଖୁବ୍ ଧନବାନ୍ ହୋଇଥିଲେ । ସେମାନଙ୍କୁ ଦେଖି ସୋମିଳକ ନିଜର ଭାର୍ଯ୍ୟାକୁ କହିଲା, ''ପ୍ରିୟେ, ସ୍ଥୂଳବସ୍ତ୍ର ନିର୍ମାଣ କରୁଥିବା ଏହି ତନ୍ତୁବାୟମାନେ କିପରି ଧନସମ୍ପଦରେ ପରିପୂର୍ଣ୍ଣ ! ତେଣୁ ଏ ସ୍ଥାନ ମୋ ପାଇଁ ଉପଯୁକ୍ତ ନୁହେଁ । ଧନ ଅର୍ଜନ କରିବାକୁ ମୁଁ ଅନ୍ୟତ୍ର ଚାଲିଯିବି ।'' ଭାର୍ଯ୍ୟା କହିଲା, ''ପ୍ରିୟତମ, ଅନ୍ୟ ସ୍ଥାନକୁ ଗଲେ ଧନ ମିଳିବ; ନିଜ ସ୍ଥାନରେ ମିଳିବ ନାହିଁ, ଏ କଥା ମିଥ୍ୟା ।'' କଥିତ ଅଛି –

ଉତ୍ପତନ୍ତି ଯଦାକାଶେ ନିପତନ୍ତି ମହୀତଳେ ।
ଧରଣ୍ୟନ୍ତମପି ପ୍ରାପ୍ତା ନାଦତ୍ତମୁପତିଷ୍ଠତି ॥ ୧୨୯ ॥

ପକ୍ଷୀମାନେ ଯେ ଆକାଶରେ ଉଡ଼ନ୍ତି, ପୁଣି ପୃଥିବୀ ଉପରେ ଓହ୍ଲାଇପଡ଼ନ୍ତି, ତାହା ହେଉଛି ସେମାନଙ୍କ ପୂର୍ବଜନ୍ମରେ କୃତକର୍ମର ଫଳ । ଭାଗ୍ୟ ଯାହାକୁ ଯାହା ଦେଇ ନ ଥିବ, ତାହା ତାକୁ ପ୍ରାପ୍ତ ହେବ ନାହିଁ । ୧୨୯ । ପୁଣି –

ନ ହି ଭବତି ଯନ୍ନ ଭାବ୍ୟଂ ଭବତି ଚ ଭାବ୍ୟଂ ବିନାପି ଯତ୍ନେନ ।
କରତଳଗତମପି ନଶ୍ୟତି ଯସ୍ୟ ତୁ ଭବିତବ୍ୟତା ନାସ୍ତି ॥ ୧୩୦ ॥

ଯାହା ହେବାକୁ ଥିବ, ବିନା ଯତ୍ନରେ ମଧ୍ୟ ତାହା ହେବ । ଯାହା ମିଳିବାକୁ ନ ଥିବ, ହାତକୁ ଆସିଥିଲେହେଁ ତାହା ନଷ୍ଟ ହୋଇଯିବ । ୧୩୦ ।

ଯଥା ଧେନୁ ସହସ୍ରେଷୁ ବତ୍ସୋ ବିନ୍ଦତି ମାତରମ୍ ।
ତଥା ପୁରା କୃତଂ କର୍ମ କର୍ତ୍ତାରମନୁ ଗଚ୍ଛତି ॥ ୧୩୧ ॥

ଯେପରି ବାଛୁରୀ ସହସ୍ର ଗାଈମଧ୍ୟରେ ନିଜର ମାଆକୁ ଚିହ୍ନି ତା ପାଖକୁ ଚାଲିଆସେ, ସେହିପରି ପୂର୍ବଜନ୍ମର କୃତ କର୍ମ ସେହି କର୍ମକର୍ତ୍ତାର ପଛେ ପଛେ ଚାଲିଥାଏ । ୧୩୧ ।

ଶେତେ ସହ ଶୟାନେନ ଗଚ୍ଛନ୍ତମନୁଗଚ୍ଛତି ।
ନରାଣାଂ ପ୍ରାକ୍ତନଂ କର୍ମ ତିଷ୍ଠତ୍ୟଥ ସହାତ୍ମନା ॥ ୧୩୨ ॥

ପୂର୍ବଜନ୍ମର କୃତ କର୍ମ ମନୁଷ୍ୟ ଶୋଇଥିବାବେଳେ ତାହା ସଙ୍ଗେ ଶୋଇଥାଏ, ସେ ଚାଲିଲାବେଳେ ତାହା ପଛେ ପଛେ ଚାଲିଥାଏ, ସର୍ବଦା ତାହାର ଆତ୍ମା ସଙ୍ଗେ ସଙ୍ଗେ ରହିଥାଏ । ୧୩୨ ।

ଯଥା ଛାୟାତପୌ ନିତ୍ୟଂ ସୁସମ୍ବନ୍ଧୌ ପରସ୍ପରମ୍ ।
ଏବଂ କର୍ମ ଚ କର୍ତ୍ତା ଚ ସଂଶ୍ଳିଷ୍ଟାବିତରେତରମ୍ ।। ୧୩୩ ।।

ଯେପରି ଛାୟା ଓ ରୌଦ୍ର ପରସ୍ପର ସମ୍ବନ୍ଧାନ୍ୱିତ, ସେହିପରି କର୍ମ ଓ କର୍ତ୍ତା ପରସ୍ପର ଆବଦ୍ଧ । ୧୩୩ ।

ତେଣୁ ଏହିଠାରେ ରହି ବ୍ୟବସାୟ କର ।''

ତନ୍ତୁବାୟ (ସୋମିଳକ) କହିଲା, ''ପ୍ରିୟେ, ତୁମେ ଯାହା କହିଲ, ତାହା ଠିକ୍ ନୁହେଁ । ଉଦ୍ୟମ ନ କଲେ କର୍ମ ଫଳ ଦିଏ ନାହିଁ । କଥିତ ଅଛି –

ଯଥୈକେନ ନ ହସ୍ତେନ ତାଳିକା ସଂପ୍ରପଦ୍ୟତେ ।
ତଥୋଦ୍ୟମପରିତ୍ୟକ୍ତଂ ନ ଫଳଂ କର୍ମଣଃ ସ୍ମୃତମ୍ ।। ୧୩୪ ।।

ଗୋଟିଏ ହାତରେ ତାଳି ବାଜେ ନାହିଁ । ସେହିପରି ଉଦ୍ୟମ ବିନା କର୍ମ (ଭାଗ୍ୟ) ଫଳ ଦେଇପାରେ ନାହିଁ । ୧୩୪ ।

ପଶ୍ୟ କର୍ମବଶାଦ୍ ପ୍ରାପ୍ତଂ ଭୋଜ୍ୟକାଳେଽପି ଭୋଜନମ୍ ।
ହସ୍ତୋଦ୍ୟମଂ ବିନା ବକ୍ତ୍ରଂ ପ୍ରବିଶେନ୍ନ କଥଞ୍ଚନ ।। ୧୩୫ ।।

ଦେଖ, ଭୋଜନ ସମୟରେ ପୂର୍ବ କର୍ମହେତୁରୁ ପ୍ରାପ୍ତ ଭୋଜନ ହାତର ଚେଷ୍ଟା ବିନା କେବେହେଲେ ମୁଖରେ ପ୍ରବେଶ କରେ ନାହିଁ । ୧୩୫ । ପୁଣି –

ଉଦ୍ୟୋଗିନଂ ପୁରୁଷସିଂହମୁପୈତି ଲକ୍ଷ୍ମୀ-
ର୍ଦୈବଂ ହି ଦୈବମିତି କାପୁରୁଷା ବଦନ୍ତି ।
ଦୈବଂ ନିହତ୍ୟ କୁରୁ ପୌରୁଷମାତ୍ମଶକ୍ତ୍ୟା
ଯତ୍ନେ କୃତେ ଯଦି ନ ସିଧ୍ୟତି କୋଽତ୍ର ଦୋଷଃ ।। ୧୩୬ ।।

ଉଦ୍ୟୋଗୀ ପୁରୁଷ-ସିଂହକୁ ଲକ୍ଷ୍ମୀ ପ୍ରାପ୍ତ ହୋଇଥାନ୍ତି । 'ଦୈବହିଁ ଦୈବ' ଏହା କେବଳ କାପୁରୁଷମାନେ କହିଥାନ୍ତି । ଦୈବକୁ ଉପେକ୍ଷା କରି ନିଜର ଶକ୍ତି ଅନୁସାରେ ଉଦ୍ୟୋଗ କର । ଯତ୍ନ କରି ସୁଦ୍ଧା ଯଦି ସିଦ୍ଧିଲାଭ ନ ହୁଏ, ତେବେ ଯତ୍ନରେ କିଛି ତ୍ରୁଟି ଅଛି ବୋଲି ଜାଣିବାକୁ ହେବ । ୧୩୬ । ପୁଣି –

ଉଦ୍ୟମେନ ହି ସିଧ୍ୟନ୍ତି କାର୍ଯ୍ୟାଣି ନ ମନୋରଥୈଃ ।
ନ ହି ସିଂହସ୍ୟ ସୁପ୍ତସ୍ୟ ପ୍ରବିଶ୍ୟନ୍ତି ମୁଖେ ମୃଗାଃ ।। ୧୩୭ ।।

ଉଦ୍ୟୋଗଦ୍ୱାରାହିଁ କାର୍ଯ୍ୟରେ ସିଦ୍ଧିଲାଭ ହୁଏ; କେବଳ ମନୋରଥଦ୍ୱାରା ହୁଏ ନାହିଁ । ସୁପ୍ତ ସିଂହମୁଖରେ ପଶୁମାନେ ଆସି ପ୍ରବେଶ କରନ୍ତି ନାହିଁ । (ସେଥିପାଇଁ ସିଂହକୁ ଉଦ୍ୟମ କରିବାକୁ ହୋଇଥାଏ) । ୧୩୭ ।

ଉଦ୍ୟମେନ ବିନା ରାଜନ୍ନ ସିଧ୍ୟନ୍ତି ମନୋରଥାଃ।
କାତରା ଇତି ଜଳ୍ପନ୍ତି ଯଦ୍‌ଭାବ୍ୟଂ ତଦ୍‌ଭବିଷ୍ୟତି ।। ୧୩୮ ।।

ହେ ରାଜନ୍, ଯତ୍ନ ବିନା ମନୋରଥ ସିଦ୍ଧ ହୋଇନପାରେ। 'ଯାହା ହେବାକୁ ଥିବ, ତାହା ହେବ' –ଏ କଥା କେବଳ ଆଳସ୍ୟପରାୟଣ ଲୋକେ କହିଥାନ୍ତି। ୧୩୮।

ସ୍ୱଶକ୍ତ୍ୟା କୁର୍ବତଃ କର୍ମ ନ ଚେତ୍‌ସିଦ୍ଧିଂ ପ୍ରୟଚ୍ଛତି।
ନୋପାଲଭ୍ୟଃ ପୁମାଂସ୍ତତ୍ର ଦୈବାନ୍ତରିତପୌରୁଷଃ ।। ୧୩୯ ।।

ନିଜ ଶକ୍ତି ଅନୁସାରେ କାର୍ଯ୍ୟ କରୁଥିଲେ ମଧ୍ୟ ଯଦି ସିଦ୍ଧି ନ ମିଳେ, ତେବେ ମଣିଷ ଅପମାନଯୋଗ୍ୟ ବୋଲି ବିବେଚିତ ହୁଏ ନାହିଁ। ସେ କ୍ଷେତ୍ରରେ ଭାଗ୍ୟଦ୍ୱାରା ମଣିଷର ଉଦ୍ୟମ ବିଫଳ ହେଲା ବୋଲି ସ୍ୱୀକାର କରିବାକୁ ହୁଏ। ୧୩୯।

''ତେଣୁ ମୁଁ ନିଶ୍ଚୟ ଅନ୍ୟ ଦେଶକୁ ଯିବି।'' ଏହା ସ୍ଥିର କରି ସୋମିଳକ ବର୍ଦ୍ଧମାନପୁରକୁ ଗଲା। ସେଠାରେ ତିନିବର୍ଷ ପର୍ଯ୍ୟନ୍ତ ରହି ତିନିଶତ ସୁବର୍ଣ୍ଣ ମୁଦ୍ରା ଉପାର୍ଜନ କରି ପୁନରାୟ ନିଜ ଗୃହ ଅଭିମୁଖରେ ପ୍ରସ୍ଥାନ କଲା। ଅର୍ଦ୍ଧପଥ ଅତିକ୍ରମ କଲା ପରେ ସେ ଗୋଟିଏ ବନମଧ୍ୟରେ ଚାଲୁ ଚାଲୁ ଭଗବାନ୍ ସୂର୍ଯ୍ୟ ଅସ୍ତ ହୋଇଗଲେ। ତହୁଁ ସେ ହିଂସ୍ରଜନ୍ତୁଙ୍କର ଭୟରେ ଏକ ବୃହତ୍ ବଟବୃକ୍ଷର ଶାଖାରେ ଆରୋହଣ କରି ଯେତେବେଳେ ଶୋଇଲା, ସେତେବେଳେ ରାତ୍ରିରେ ସେ ସ୍ୱପ୍ନରେ ଦୁଇଜଣ ଭୀଷଣକାୟ ପୁରୁଷ ପରସ୍ପର କଥାବାର୍ତ୍ତା ହେଉଥିବାର ଶୁଣିପାରିଲା। ସେଥିମଧ୍ୟରୁ ଜଣେ କହିଲା, ''ହେ କର୍ତ୍ତା, ତୁମେ କଅଣ ଠିକ୍ ବୁଝିପାରୁନାହଁ ଯେ ଏହି ସୋମିଳକର ଭାଗ୍ୟରେ ଗ୍ରାସାଚ୍ଛାଦନରୁ ଅଧିକ ସମ୍ପତ୍ତି ନାହିଁ? ତେବେ ତୁମେ କାହିଁକି ତାକୁ ତିନିଶତ ସ୍ୱର୍ଣ୍ଣମୁଦ୍ରା ଦେଲ?'' ସେ ଉତ୍ତର କଲା, ''ହେ କର୍ମ! ଉଦ୍ୟମୀ ଲୋକକୁ ଦେବା ମୋର ଅବଶ୍ୟ କର୍ତ୍ତବ୍ୟ। ତାହାର ପରିଣତି (ଅର୍ଥାତ୍ ସେ ଧନ ତା ପାଖରେ ରହିବ କି ନ ରହିବ) ତୁମର ଅଧୀନ।'' ଏହାପରେ ସୋମିଳକ ଜାଗ୍ରତ ହୋଇ ସୁନାଗଣ୍ଠିଲିକୁ ଖୋଲି ଦେଖିଲା ଯେ ତାହା ଶୂନ୍ୟ। ତହୁଁ ସେ ଭାଗ୍ୟକୁ ଆକ୍ଷେପ କରି ଚିନ୍ତାକଲା– 'ଅହୋ, ମହାକଷ୍ଟରେ ମୁଁ ଯେଉଁ ଧନ ଅର୍ଜନ କରିଥିଲି, ତାହା ଅକ୍ଳେଶରେ କୁଆଡ଼େ ଚାଲିଗଲା। ମୋର ସବୁ ପରିଶ୍ରମ ବୃଥା ହେଲା। ଏବେ ମୋ ପାଖରେ କିଛି ହେଲେ ନାହିଁ। ନିଜର ପତ୍ନୀ ଓ ବନ୍ଧୁମାନଙ୍କୁ କିପରି ମୁହଁ ଦେଖାଇବି?'

ଏହିପରି ବିଚାର କରି ସେ ପୁଣି ସେହି ନଗରକୁ ଫେରିଗଲା। ସେଠାରେ ସେ ବର୍ଷକ ମଧ୍ୟରେ ପାଞ୍ଚଶତ ସ୍ୱର୍ଣ୍ଣମୁଦ୍ରା ଉପାର୍ଜନ କରି ପୁନଶ୍ଚ ନିଜ ଘରକୁ ଫେରିଲା। ଅର୍ଦ୍ଧପଥରେ ସେ ପୁନରାୟ ବନ ମଧ୍ୟରେ ଯାଉଥିବାବେଳେ ଭଗବାନ୍ ସୂର୍ଯ୍ୟ ଅସ୍ତ ହୋଇଗଲେ। ସେ ଅତି କ୍ଳାନ୍ତ ହୋଇଥିଲେହେଁ, ସୁବର୍ଣ୍ଣକୁ ହରାଇବା ଭୟରେ ବିଶ୍ରାମ ନେଉ ନ ଥିଲା; କେବଳ ଗୃହରେ ପହଞ୍ଚିବା ପାଇଁ ଉତ୍କଣ୍ଠିତ ହୋଇ ଚାଲୁଥିଲା। ଏହି ସମୟରେ ପୂର୍ବର ସ୍ୱପ୍ନଦୃଷ୍ଟ ପୁରୁଷସଦୃଶ ଦୁଇଜଣ ପୁରୁଷ ତାହାର ଦୃଷ୍ଟିପଥକୁ ଆସି ଏହିପରି କଥାବାର୍ତ୍ତା ହେଉଥିବାର ସେ ଶୁଣିପାରିଲା।

ଦୁହିଁଙ୍କ ମଧ୍ୟରୁ ଜଣେ କହିଲା, ''ହେ କର୍ତ୍ତା, ତୁମେ କାହିଁକି ଏହାକୁ ପାଞ୍ଚଶତ ସ୍ୱର୍ଣ୍ଣମୁଦ୍ରା ଦେଲ? ତୁମେ କଅଣ ଜାଣନା ଯେ ଏହାର ଭାଗ୍ୟରେ ଭୋଜନ ଓ ଆଚ୍ଛାଦନରୁ ଅଧିକ ଧନ ନାହିଁ।'' ଅନ୍ୟ ପୁରୁଷ କହିଲା, ''ହେ କର୍ମ! ଉଦ୍ୟମୀ ଲୋକକୁ ମୁଁ ନିଶ୍ଚୟ ଯାହା ଦେବାର କଥା, ତାହା ଦେବି। ତାର ପରିଣତି ହେଉଛି ତୁମର ଅଧୀନ। ତେଣୁ ମୋତେ ଦୋଷ ଦେଉଛ କାହିଁକି?''

ଏହା ଶୁଣି ସୋମିଳକ ସୁନାଗଣ୍ଠିଲି ଖୋଲି ଦେଖିଲା ଯେ ସେଥିରେ ସୁନା ନାହିଁ। ତହୁଁ ସେ ନିତାନ୍ତ ଦୁଃଖିତ ହୋଇ ଚିନ୍ତା କଲା, 'ଅହୋ, ମୋର ଏ ଧନହୀନ ଜୀବନରେ କି ପ୍ରୟୋଜନ? ଅତଏବ ଏହି ବରଗଛରେ ଫାଶୀ ଦେଇ ପ୍ରାଣ ହରାଇଦେବି।'

ଏହିପରି ସ୍ଥିର କରି ସେ ଘାସରେ ଗୋଟିଏ ଦଉଡ଼ି ପ୍ରସ୍ତୁତ କଲା। ତାହାକୁ ଫାଶ କରି ନିଜ ଗଳାରେ ଲଗାଇ ବୃକ୍ଷଶାଖାରେ ନିଜକୁ ବାନ୍ଧି ସେ ତଳକୁ ଡେଇଁପଡ଼ିବାକୁ ଯାଉଥିବା ବେଳେ ଆକାଶରେ ଥାଇ ଜଣେ ପୁରୁଷ କହିଲା, ''ହେ ସୋମିଳକ, ଏପରି ଦୁଃସାହସ କର ନାହିଁ। ମୁଁ ତୋର ଧନ ଅପହରଣ କରିଅଛି। ତୋଠାରେ ଗ୍ରାସାଚ୍ଛାଦନ ଅପେକ୍ଷା ଅଧିକ କଡ଼ାଏ କଉଡ଼ି ସୁଦ୍ଧା ମୁଁ ସହ୍ୟ କରିପାରିବି ନାହିଁ। ଅତଏବ ତୁ ଘରକୁ ଚାଲିଯା। ମାତ୍ର ତୋର ସାହସ ଦେଖି ମୁଁ ସନ୍ତୁଷ୍ଟ ହୋଇଅଛି। ତୁ ଯେ ମୋର ଦର୍ଶନ ପାଇଛୁ; ତାହା ବୃଥା ହେବ ନାହିଁ। ତେଣୁ ଇଚ୍ଛା ଅନୁସାରେ କୌଣସି ବର ପ୍ରାର୍ଥନା କର।'' ସୋମିଳକ କହିଲା, ''ତାହାହେଲେ ମୋତେ ପ୍ରଭୂତ ଧନ ଦିଅ।'' ସେ କହିଲା, ''ଯେଉଁ ଧନକୁ ଭୋଗ କରି ପାରିବୁ ନାହିଁ, ସେ ଧନରେ କି ପ୍ରୟୋଜନ? କାରଣ, ତୋ ଭାଗ୍ୟରେ ଗ୍ରାସାଚ୍ଛାଦନରୁ ଅଧିକ ଧନ ନାହିଁ। କଥିତ ଅଛି–

କିଂ ତୟା କ୍ରିୟତେ ଲକ୍ଷ୍ମ୍ୟା ଯା ବଧୂରିବ କେବଳା।
ଯା ନ ବେଶ୍ୟେବ ସାମାନ୍ୟାପଥିକୈରୁପଭୁଜ୍ୟତେ॥ ୧୪୦॥

ସେ ଲକ୍ଷ୍ମୀରେ କି ଲାଭ, ଯିଏ କେବଳ ପତ୍ନୀସଦୃଶ (ଏକମାତ୍ର ପୁରୁଷର ଭୋଗ୍ୟା) ଅଟେ ଓ ଯିଏ ବେଶ୍ୟାସଦୃଶ ସର୍ବସାଧାରଣ ପଥିକମାନଙ୍କର ଉପଭୋଗ୍ୟା ନୁହେଁ?''।୧୪୦।

ସୋମିଳକ କହିଲା, ''ମୋ ଭାଗ୍ୟରେ ଧନର ଉପଭୋଗ ଲେଖା ନ ଥିଲେହେଁ ତଥାପି ମୋତେ ଧନ ଦିଅନ୍ତୁ। କଥିତ ଅଛି–

କୃପଣୋଽପ୍ୟକୁଲୀନୋଽପି ସଜ୍ଜନୈର୍ବର୍ଜିତଃ ସଦା।
ସେବ୍ୟତେ ସ ନରୋ ଲୋକେ ଯସ୍ୟ ସାଦ୍‌ବିତ୍ତସଂଚୟଃ॥ ୧୪୧॥

ଯାହାଠାରେ ଧନ ସଞ୍ଚିତ ଥାଏ, ସେ କୃପଣ ହୋଇଥାଉ, ନୀଚକୁଳରେ ଜାତ ହୋଇଥାଉ ଓ ସଜ୍ଜନମାନଙ୍କ ଦ୍ୱାରା ପରିତ୍ୟକ୍ତ ହୋଇଥାଉ ପଛକେ, ଲୋକେ ସର୍ବଦା ତାହାର ସେବା କରିଥାନ୍ତି।୧୪୧। ପୁନଶ୍ଚ–

ଶିଥିଲୌ ଚ ସୁବଦ୍ଧୌ ଚ ପତତଃ ପତତୋ ନ ବା ।
ନିରୀକ୍ଷିତୌ ମୟା ଭଦ୍ରେ ଦଶବର୍ଷାଣି ପଞ୍ଚ ଚ ।। ୧୪୨ ।।

ହେ ଭଦ୍ରେ ! ମୁଁ ପନ୍ଦର ବର୍ଷ ହେଲା ଓହଳିଥିବା ଅଥଚ ଦୃଢ଼ଭାବରେ ଲାଗିରହିଥିବା ବୃଷଣ (ଅଣ୍ଡକୋଷ)କୁ ଚାହିଁରହିଛି, ଏହା ପଡ଼ିଯିବ କି ନାହିଁ ।'' ୧୪୨ ।

(ଆକାଶସ୍ଥ) ପୁରୁଷ କହିଲା – ''ସେ କଥା କଅଣ ?'' ସୋମିଳକ କହିଲା –

ବୃଷଭ-ଅନୁଗାମୀ ଶୃଗାଳ କଥା

କୌଣସି ସ୍ଥାନରେ ତୀକ୍ଷ୍ଣବିଷାଣ ନାମରେ ଗୋଟିଏ ବୃହତ୍ ବୃଷଭ ବାସ-କରୁଥିଲା । ବଳାଧିକ୍ୟ ହେତୁରୁ ସେ ନିଜର ଦଳ ପରିତ୍ୟାଗ କରି ଶୃଙ୍ଗଦ୍ୱୟରେ ନଦୀର ତଟଦେଶକୁ ବିଦୀର୍ଣ୍ଣ କରୁଥିଲା ଓ ଯଥେଚ୍ଛା ମରକତ ସଦୃଶ କୋମଳ ତୃଣ ଭକ୍ଷଣ କରି ବନ ମଧ୍ୟରେ ଭ୍ରମଣ କରୁଥିଲା । ସେହି ବନରେ ପ୍ରଲୋଭକ ନାମକ ଗୋଟିଏ ଶୃଗାଳ ରହିଥିଲା । ଏକଦା ସେହି ଶୃଗାଳ ନିଜର ପତ୍ନୀ ସହିତ ନଦୀତୀରରେ ଉପସ୍ଥିତ ହେଲା । ତାହାର ଦୋଳାୟମାନ ବୃଷଣ ଦୁଇଟିକୁ ଦେଖି ଶୃଗାଳୀ ସ୍ୱାମୀକୁ କହିଲା, ''ହେ ସ୍ୱାମୀ, ଦେଖ, ଏହି ବୃଷଭର ଦୁଇଟି ମାଂସପିଣ୍ଡ କିପରି ଓହଳି ରହିଛି । କେତେ କ୍ଷଣ ବା କେତେ ପ୍ରହର ମଧ୍ୟରେ ଏ ଦୁଇଟି ତଳେ ପଡ଼ିଯିବ । ଏହା ବୁଝି ତୁମେ ବୃଷଭର ପଛେ ପଛେ ଯିବା ଉଚିତ ।''

ଶୃଗାଳ କହିଲା, ''ପ୍ରିୟେ, କେତେବେଳେ ସେ ଦୁଇଟି ତଳେ ପଡ଼ିବ କି ଆଦୌ ପଡ଼ିବ ନାହିଁ, ତାହା ଜଣାନାହିଁ । ତେଣୁ ମୋତେ କାହିଁକି ବୃଥା ପରିଶ୍ରମରେ ଲଗାଉଛ ? ଏହିଠାରେ ରହି ଜଳପାନ କରିବାକୁ ଆସୁଥିବା ମୂଷିକମାନଙ୍କୁ ଭକ୍ଷଣ କରିବା । ଏହାହିଁ ହେଉଛି ମୂଷିକମାନଙ୍କର ଯିବାର ପଥ । ପରନ୍ତୁ ଯଦି ତୁମକୁ ଛାଡ଼ିଦେଇ ମୁଁ ତୀକ୍ଷ୍ଣବିଷଣର ପଛେ ପଛେ ଯାଏ, ତାହାହେଲେ ଅନ୍ୟ କେହି ଆସି ଏ ସ୍ଥାନକୁ ଆଶ୍ରୟକରି ରହିବ । ଏପରି କରିବା ଉଚିତହେବନାହିଁ । କଥିତ ଅଛି –

ଯୋ ଧ୍ରୁବାଣି ପରିତ୍ୟଜ୍ୟ ଅଧ୍ରୁବାଣି ନିଷେବତେ ।
ଧ୍ରୁବାଣି ତସ୍ୟ ନଶ୍ୟନ୍ତି ଅଧ୍ରୁବଂ ନଷ୍ଟମେବ ହି ।। ୧୪୩ ।।

ଯେଉଁ ଲୋକ ନିଶ୍ଚିତ ବସ୍ତୁକୁ ତ୍ୟାଗ କରି ଅନିଶ୍ଚିତ ବସ୍ତୁକୁ ଅନୁସରଣ କରେ, ତାହାର ନିଶ୍ଚିତ ବସ୍ତୁ ନଷ୍ଟ ହୋଇଯାଏ; ଅନିଶ୍ଚିତ ବସ୍ତୁ ମଧ୍ୟ ଆଗରୁ ନଷ୍ଟ ହୋଇଯାଇଥାଏ ।'' ୧୪୩ ।

ଶୃଗାଳୀ କହିଲା, ''ତୁମେ କାପୁରୁଷ । ସେଥିପାଇଁ ଯାହା କିଛି ମିଳୁଛି, ସେତିକିରେ ସନ୍ତୁଷ୍ଟ ହୋଇଯାଉଛ । କଥିତ ଅଛି –

ସୁପୂରା ସ୍ୟାତ୍କୁନଦିକା ସୁପୂରୋ ମୂଷିକାଞ୍ଜଳିଃ ।
ସୁସନ୍ତୁଷ୍ଟଃ କାପୁରୁଷଃ ସ୍ୱଳ୍ପକେନାପି ତୁଷ୍ୟତି ।। ୧୪୪ ।।

କ୍ଷୁଦ୍ର ନଦୀ ସହଜରେ ଜଳପୂର୍ଣ୍ଣ ହୋଇଯାଏ; ମୂଷିକର ଅଞ୍ଜଳି ସହଜରେ ପୂରିଯାଏ। ସେହିପରି କାପୁରୁଷ ଅତି ଅଳ୍ପରେ ସନ୍ତୁଷ୍ଟ ହୋଇଥାଏ। ୧୪୪।

ଏହି ହେତୁରୁ ପୁରୁଷ ସର୍ବଦା ଉତ୍ସାହୀ ହେବା ଉଚିତ। ଆହୁରି କଥିତ ଅଛି–

ଯତ୍ରୋତ୍ସାହସମାରମ୍ଭୋ ଯତ୍ରାଲସ୍ୟବିହୀନତା।
ନୟବିକ୍ରମସଂଯୋଗସ୍ତତ୍ର ଶ୍ରୀରଚଳା ଧ୍ରୁବମ୍॥ ୧୪୫॥

ଯେଉଁଠାରେ ଉତ୍ସାହସହକାରେ କାର୍ଯ୍ୟ କରାଯାଏ, ଯେଉଁଠାରେ ଆଳସ୍ୟ ନଥାଏ, ଯେଉଁଠାରେ ନୀତି ଓ ବିକ୍ରମର ସଂଯୋଗ ଘଟିଥାଏ, ସେଠାରେ ଲକ୍ଷ୍ମୀ ଅଚଳା ହୋଇ ରହନ୍ତି। ୧୪୫।

ନ ଦୈବମିତି ସଞ୍ଚିନ୍ତ୍ୟ ତ୍ୟଜେଦୁଦ୍ୟୋଗମାତ୍ମନଃ।
ଅନୁଦ୍ୟୋଗଂ ବିନା ତୈଳଂ ତିଳାନାଂ ନୋପଜାୟତେ॥ ୧୪୬॥

'ଏହା ମୋର ଭାଗ୍ୟ'– ଏପରି ବିଚାର କରି ନିଜର ଉଦ୍ୟୋଗକୁ ତ୍ୟାଗ କରିବା (ମନୁଷ୍ୟ ପକ୍ଷରେ) ଉଚିତ ନୁହେଁ। ଦେଖ, ମନୁଷ୍ୟର ଉଦ୍ୟୋଗ ବିନା ତିଳ ତୈଳ ଉତ୍ପାଦନ କରେ ନାହିଁ। ୧୪୬।

ଯଃ ସ୍ତୋକେନାପି ସନ୍ତୋଷଂ କୁରୁତେ ମନ୍ଦଧୀର୍ଜନଃ।
ତସ୍ୟ ଭାଗ୍ୟବିହୀନସ୍ୟ ଦତ୍ତା ଶ୍ରୀରପି ମାର୍ଜ୍ୟତେ॥ ୧୪୭॥

ଯିଏ ସାମାନ୍ୟ ବସ୍ତୁରେ ସନ୍ତୋଷ ଲାଭ କରେ; ସେହି ମନ୍ଦ ହତଭାଗ୍ୟ ପୁରୁଷ ଲକ୍ଷ୍ମୀଙ୍କୁ ପ୍ରାପ୍ତ ହୋଇ ମଧ୍ୟ ହରାଇଥାଏ। ୧୪୭।

ଏ ଦୁଇଟି ତଳେ ପଡ଼ିବ କି ନ ପଡ଼ିବ ବୋଲି ତୁମେ ଯାହା କହୁଛ, ତାହା ମଧ୍ୟ ଠିକ୍ ନୁହେଁ। କାରଣ କଥିତ ଅଛି–

କୃତନିଶ୍ଚୟିନୋ ବନ୍ଦ୍ୟାସ୍ତୁଙ୍ଗିମା ନ ପ୍ରଶସ୍ୟତେ।
ଚାତକଃ କୋ ବରାକୋଽୟଂ ଯସ୍ୟେନ୍ଦ୍ରୋ ବାରିବାହକଃ॥ ୧୪୮॥

ଯେଉଁମାନେ ନିଜ ସଂକଳ୍ପରେ ଦୃଢ଼ ରହିଥାନ୍ତି, ସେମାନେ ପ୍ରଶଂସନୀୟ। କେବଳ ବଡ଼ିମା ପ୍ରଶଂସନୀୟ ନୁହେଁ। କାହିଁ ସାମାନ୍ୟ ଚାତକ ପକ୍ଷୀ ! ପରନ୍ତୁ (ସେ ଦୃଢ଼ସଂକଳ୍ପ ହୋଇଥିବାରୁ) ଇନ୍ଦ୍ର ମଧ୍ୟ ତାକୁ ଜଳ ଯୋଗାଇଦେଇଥାନ୍ତି॥ ୧୪୮॥

ପୁଣି ମୂଷିକ-ମାଂସରେ ମୋର ବିରକ୍ତି ଆସିଲାଣି। ଏ ମାଂସପିଣ୍ଡ ଦୁଇଟି ପଡ଼ିଗଲା ପରି (ପତନୋନ୍ମୁଖ) ଦେଖାଯାଉଅଛି। ତେଣୁ ମୋ କଥା ଅନ୍ୟଥା କରିବା ଆଦୌ ଉଚିତ ନୁହେଁ।''

ଶୃଗାଳ ଏହା ଶୁଣି ମୂଷିକଲାଭର ସ୍ଥାନକୁ ତ୍ୟାଗକରି ତୀକ୍ଷ୍ଣବିଷାଣର ପଛେ ପଛେ ଚାଲିଲା। ଯଥାର୍ଥରେ କୁହାଯାଇଅଛି–

ତାବତ୍ସ୍ୟାତ୍ସର୍ବକୃତ୍ୟେଷୁ ପୁରୁଷୋଽତ୍ର ସ୍ୱୟଂ ପ୍ରଭୁଃ।
ସ୍ତ୍ରୀବାକ୍ୟାଙ୍କୁଶବିକ୍ଷୁଣ୍ଣୋ ଯାବନ୍ନୋ ଧ୍ରିୟତେ ବଳାତ୍॥ ୧୪୯॥

ଏ ସଂସାରରେ ସକଳ କାର୍ଯ୍ୟରେ ମନୁଷ୍ୟ ସେତିକିବେଳ ପର୍ଯ୍ୟନ୍ତ ସ୍ୱାଧୀନ ଥାଏ, ଯେତେବେଳଯାଏ କି ସେ ନାରୀର ବାକ୍ୟରୂପକ ଅଙ୍କୁଶଦ୍ୱାରା ବିକ୍ଷୁବ୍ଧ ହୋଇ ଉକ୍ତ କାର୍ଯ୍ୟରୁ ବଳପୂର୍ବକ ବିରତ ହୋଇ ନ ଥାଏ । ୧୪୯ ।

ଅକୃତ୍ୟଂ ମନ୍ୟତେ କୃତ୍ୟମଗମ୍ୟଂ ମନ୍ୟତେ ସୁଗମ୍ ।
ଅଭକ୍ଷ୍ୟଂ ମନ୍ୟତେ ଭକ୍ଷ୍ୟଂ ସ୍ତ୍ରୀବାକ୍ୟପ୍ରେରିତୋ ନରଃ ।। ୧୫୦ ।।

ନାରୀର ବାକ୍ୟଦ୍ୱାରା ପ୍ରଣୋଦିତ ହୋଇ ପୁରୁଷ ଅକର୍ତ୍ତବ୍ୟକୁ କର୍ତ୍ତବ୍ୟ ବୋଲି ମନେକରେ, ଅଗମ୍ୟକୁ ସୁଗମ ବୋଲି ମନେକରେ ଓ ଅଭକ୍ଷ୍ୟକୁ ଭକ୍ଷ୍ୟ ବୋଲି ମନେକରେ । ୧୫୦ ।

ଏହିପରି ସେ ଶୃଗାଳ ଭାର୍ଯ୍ୟା ସହିତ ବୃଷଭ ପଛରେ ଅନେକ ଦିନ ପର୍ଯ୍ୟନ୍ତ ଭ୍ରମଣ କଲା । ସେ ମାଂସପିଣ୍ଡ ଦୁଇଟି ତଳେ ପଡ଼ିଲା ନାହିଁ । ତହୁଁ ପନ୍ଦର ବର୍ଷ ପରେ ଶୃଗାଳ ଅବସନ୍ନ ହୋଇ ନିଜର ଭାର୍ଯ୍ୟାକୁ କହିଥିଲା –

ଶିଥିଲୌ ଚ ସୁବଦ୍ଧୌ ଚ ପତତଃ ପତତୋ ନ ବା ।
ନିରୀକ୍ଷିତୋ ମୟା ଭଦ୍ରେ ଦଶବର୍ଷାଣି ପଞ୍ଚ ଚ ।। ୧୫୧ ।।

ଭଦ୍ରେ ! ଏ ମାଂସପିଣ୍ଡ ଦୁଇଟି ଶିଥିଳ ହୋଇ ଝୁଲିରହିଥିବାରୁ ନିଶ୍ଚୟ ଖସିପଡ଼ିବ ବୋଲି ଭାବି ମୁଁ ଗତ ପନ୍ଦର ବର୍ଷ ହେଲା ଚାହିଁରହିଛି ଏବଂ ବୃଷଭ ପଛରେ ବୁଲୁଛି । କିନ୍ତୁ ଏହା କେବେ ତଳେ ପଡ଼ିବ କି ନାହିଁ, ଜାଣେ ନାହିଁ । ୧୫୧ ।

ଏ ଅଣ୍ଡକୋଷ ଦୁଇଟି ଏହାପରେ ମଧ୍ୟ ପଡ଼ିଯିବେ ନାହିଁ । ତେଣୁ ଚାଲ, ଆମେ ଦୁହେଁ ନିଜ ସ୍ଥାନକୁ ଯିବା । ଅତଏବ ମୁଁ କହୁଥିଲି, 'ଶିଥିଲୌ ଚ ସୁବଦ୍ଧୌ ଚ . . .' ଇତ୍ୟାଦି ।

ପୁରୁଷ କହିଲା, "ଯଦି ଏହାହିଁ ତୋର ଇଚ୍ଛା, ତେବେ ପୁନରାୟ ବର୍ଦ୍ଧମାନପୁରକୁ ଯାଅ । ସେଠାରେ ଦୁଇଜଣ ବଣିକପୁତ୍ର ବାସକରୁଅଛନ୍ତି । ଜଣକର ନାମ ଗୁପ୍ତଧନ ଓ ଅନ୍ୟ ଜଣକର ନାମ ଉପଭୁକ୍ତଧନ । ସେ ଦୁହିଁଙ୍କର ସ୍ୱରୂପ (ପ୍ରକୃତି) ବୁଝି ଜଣକୁ ପସନ୍ଦ କରି ବର ମାଗିନେବୁ । ଯଦି ତୋର ଅନୁପଭୁକ୍ତ ଧନରେ ପ୍ରୟୋଜନ ଥାଏ, ତେବେ ମୁଁ ତୋତେ ମଧ୍ୟ ଗୁପ୍ତଧନ କରିଦେବି । ଅଥବା ଯଦି ତୋର ଦାନ ଓ ଉପଭୋଗର ଯୋଗ୍ୟ ଧନରେ ପ୍ରୟୋଜନ ଥାଏ, ତେବେ ତୋତେ ଉପଭୁକ୍ତ ଧନ କରିଦେବି ।" ଏହା କହି ସେ ପୁରୁଷ ଅନ୍ତର୍ହିତ ହୋଇଗଲେ । ସୋମିଳକ ମଧ୍ୟ ବିସ୍ମିତ ମନରେ ବର୍ଦ୍ଧମାନପୁରକୁ ପୁଣି ଗଲା । ଅନନ୍ତର ସନ୍ଧ୍ୟାସମୟରେ ଶ୍ରାନ୍ତ ହୋଇ କୌଣସିମତେ ସେ ଉକ୍ତ ନଗରରେ ପହଞ୍ଚି ପଚାରି ପଚାରି ଗୁପ୍ତଧନର ଗୃହରେ ସୂର୍ଯ୍ୟାସ୍ତବେଳେ ପ୍ରବେଶ କଲା । ଗୁପ୍ତଧନ ଓ ତାହାର ଭାର୍ଯ୍ୟା, ପୁତ୍ରମାନେ ତାକୁ ଭର୍ତ୍ସନା କରୁ କରୁ ସେ ହଠାତ୍ ଗୃହ ମଧ୍ୟରେ ପ୍ରବେଶ କରି ବସିପଡ଼ିଲା । ତପ୍ରେ ଭୋଜନ ସମୟରେ ତାକୁ ସାମାନ୍ୟ ଆହାର ଦିଆଗଲା; କିନ୍ତୁ ସେଥିରେ ଆଦର ନ ଥିଲା । ଖାଇସାରିବା ପରେ ଶୋଇଥିବାବେଳେ ଗଭୀର ରାତ୍ରିରେ ସେ ଦେଖିଲା ଯେ, ସେହି ପୁରୁଷଦ୍ୱୟ ପରସ୍ପର ଆଲୋଚନା କରୁଅଛନ୍ତି । ଜଣେ କହିଲା,

''ହେ କର୍ତ୍ତା, ଆଜି ତୁମେ ଗୁପ୍ତଧନର ଆଉ ଗୋଟିଏ ଅଧିକ ବ୍ୟୟ କରାଇଲ କାହିଁକି? ଯେହେତୁ ସେ ସୋମିଳକକୁ ଭୋଜନ ଦେଇଛି; ଏହା ଦ୍ୱାରା ତୁମେ ଅନ୍ୟାୟ କରିଅଛ।'' ତହୁଁ ଅପର ପୁରୁଷ କହିଲା, ''ହେ କର୍ମ, ଏଥିରେ ମୋର ଦୋଷ ନାହିଁ। ପୁରୁଷକୁ ଉପଯୁକ୍ତ ଲାଭ ଦେବା ମୋର କାର୍ଯ୍ୟ; ମାତ୍ର ତାହାର ପରିଣତି ତୁମର ଅଧୀନ।''

ସେ ଉଠିଯିବାବେଳକୁ ଗୁପ୍ତଧନ ବିସୂଚିକା ରୋଗରେ ପୀଡ଼ିତ ହୋଇ ଯନ୍ତ୍ରଣାରେ ବ୍ୟାକୁଳ ହେଲା। ତେଣୁ ତପ୍ତର ଦିନ ଏହି ରୋଗ ହେତୁରୁ ତାକୁ ଉପବାସ କରିବାକୁ ପଡ଼ିଲା। ସୋମିଳକ ମଧ୍ୟ ପ୍ରଭାତରେ ଗୁପ୍ତଧନର ଗୃହରୁ ବାହାରିଯାଇ ଉପଭୁକ୍ତଧନର ଘରେ ପହଞ୍ଚିଲା। ସେ ଉଠିଆସି ସୋମିଳକର ସତ୍କାରପୂର୍ବକ ତାହାର ଭୋଜନ, ଆଚ୍ଛାଦନ ଓ ସମ୍ମାନର ବ୍ୟବସ୍ଥା କରିଦେଲା। ତପ୍ତରେ ସୋମିଳକ ତାର ଗୃହରେ ଗୋଟିଏ ସୁନ୍ଦର ଶଯ୍ୟାରେ ଶୟନ କଲା। ଗଭୀର ରାତ୍ରିରେ ସୋମିଳକ ଦେଖିବାକୁ ପାଇଲା ଯେ, ସେଇ ଦୁଇ ପୁରୁଷ ପରସ୍ପର ମନ୍ତ୍ରଣା କରୁଅଛନ୍ତି। ଦୁହିଁଙ୍କ ମଧ୍ୟରୁ ଜଣେ କହିଲା– ''ହେ କର୍ତ୍ତା! ସୋମିଳକର ଉପକାର କରିବାକୁ ଯାଇ ଏ ଲୋକଟି ପ୍ରଚୁର ଧନ ବ୍ୟୟ କରିଅଛି। ତେବେ କହ ଦେଖି, ତାହା କିପରି ପୂରଣ ହୋଇପାରିବ? ସେ ଏସବୁ ଜିନିଷ ଦୋକାନୀମାନଙ୍କଠାରୁ ଆଣିଛି।'' ଅପର ପୁରୁଷ କହିଲା, ''ହେ କର୍ମ, ଏ ହେଉଛି ମୋର କର୍ତ୍ତବ୍ୟ। କିନ୍ତୁ ଏହାର ପରିଣାମ ତୁମର ଅଧୀନ।''

ପ୍ରଭାତରେ ରାଜକର୍ମଚାରୀ ରାଜ-ଅନୁଗ୍ରହଜନିତ ଧନ ଆଣି ଉପସ୍ଥିତ ହେଲା ଓ ତାହା ଉପଭୁକ୍ତଧନକୁ ଦେଲା। ଏହା ଦେଖି ସୋମିଳକ ଚିନ୍ତାକଲା– 'ସଞ୍ଚୟ କରି ନ ପାରିଲେ ସୁଦ୍ଧା ଉପଭୁକ୍ତଧନ ଭଲ; ଏ କୃପଣ ଗୁପ୍ତଧନ ଭଲ ନୁହେଁ। କଥିତ ଅଛି–

ଅଗ୍ନିହୋତ୍ରଫଳା ବେଦାଃ ଶୀଳଂ ବିତ୍ତଫଳଂ ଶ୍ରୁତମ୍।
ରତିପୁତ୍ରଫଳା ଜାୟା ଦତ୍ତଭୁକ୍ତଫଳଂ ଧନମ୍॥ ୧୫୨॥

ବେଦ ହେଉଛି ଅଗ୍ନିହୋତ୍ରର ଫଳ। ଶାସ୍ତ୍ରଜ୍ଞାନରୁ ସଦାଚାର ଓ ଧନଲାଭ ହୁଏ। ଆନନ୍ଦ ଓ ପୁତ୍ର ହେଉଛି ପତ୍ନୀର ଫଳ। ଦାନ ତଥା ଉପଭୋଗ ହେଉଛି ଧନର ଫଳ। ଅଗ୍ନିହୋତ୍ର ନିମନ୍ତେ ବେଦର, ସଦାଚାର ଓ ଧନ ନିମନ୍ତେ ଶାସ୍ତ୍ରଜ୍ଞାନର, ଆନନ୍ଦ ଓ ପୁତ୍ର ନିମନ୍ତେ ପତ୍ନୀର ଏବଂ ଦାନ ଓ ଉପଭୋଗ ନିମନ୍ତେ ଧନର ପ୍ରୟୋଜନ ହୋଇଥାଏ। ୧୫୨।

ତେଣୁ ବିଧାତା ମୋତେ ଦତ୍ତଭୁକ୍ତଧନ କରି ଦିଅନ୍ତୁ (ଯେପରି କି ମୋର ଧନ ଦାନ ଓ ଭୋଗରେ ବ୍ୟୟିତ ହେବ); ମୋର ଗୁପ୍ତଧନ ସହିତ କୌଣସି କାର୍ଯ୍ୟ ନାହିଁ (ମୁଁ କାର୍ଯ୍ୟରେ ଲାଗୁ ନ ଥିବା ଧନ ଚାହେଁ ନାହିଁ)।'' ତପ୍ତରେ ସୋମିଳକ ଦତ୍ତଭୁକ୍ତଧନ ହୋଇଗଲା। ଏହି ହେତୁରୁ ମୁଁ କହିଥିଲି–

ଅର୍ଥସ୍ୟୋପାର୍ଜନଂ କୃତ୍ୱା ନୈବ ଭୋଗଂ ସମଶ୍ନୁତେ।
ଅରଣ୍ୟଂ ମହଦାସାଦ୍ୟ ମୂଢ଼ଃ ସୋମିଳକୋ ଯଥା॥ ୧୫୩॥

ମୂର୍ଖ ସୋମିଲକ ଏକ ବଡ଼ ଅରଣ୍ୟରେ ଥାଇ ଯେପରି ନିଜର ଅର୍ଜିତ ଧନ ଭୋଗ କରିପାରି ନ ଥିଲା, ସେହିପରି ଅର୍ଥ ଉପାର୍ଜନ କରି ଓ ସଞ୍ଚୟ କରି ତାହା ଭୋଗ କରି ନ ପାରିଲେ ସେ ଧନରେ କି ଲାଭ ?। ୧୫୩।

ଅତଏବ ହେ ଭଦ୍ର ହିରଣ୍ୟକ, ଏହିପରି ଜାଣି ଧନ ବିଷୟରେ ସନ୍ତାପ କର ନାହିଁ। ଧନ ବିଦ୍ୟମାନ ଥିଲେହେଁ ତାହା ଯଦି ଭୋଗ କରାଯାଇ ନ ପାରେ, ତେବେ ତାହା ନ ଥିବା ସଙ୍ଗେ ସମାନ ବୋଲି ମନେକରିବା ଉଚିତ। କଥିତ ଅଛି –

ଗୃହମଧ୍ୟ ନିଖାତେନ ଧନେନ ଧନିନୋ ଯଦି।
ଭବାମଃ କିଂ ନ ତେନୈବ ଧନେନ ଧନିନୋ ବୟମ୍ ॥ ୧୫୪ ॥

ଗୃହମଧ୍ୟରେ ପ୍ରୋଥିତ ଧନଦ୍ୱାରା ଲୋକେ ଯଦି ଧନବାନ୍ ହୋଇପାରନ୍ତି, ତେବେ ଆମେ ସମସ୍ତେ କାହିଁକି ସେହି ଧନଦ୍ୱାରା ଧନୀ ନ ହେବା ?। ୧୫୪।

ଆହୁରି ମଧ୍ୟ –

ଉପାର୍ଜିତାନାମର୍ଥାନାଂ ତ୍ୟାଗ ଏବ ହି ରକ୍ଷଣମ୍।
ତଡ଼ାଗୋଦରସଂସ୍ଥାନାଂ ପରୀବାହ ଇବାମ୍ଭସାମ୍ ॥ ୧୫୫ ॥

ଉପାର୍ଜିତ ଅର୍ଥକୁ ଦାନ କରିବାହିଁ ହେଉଛି ତାର ସୁରକ୍ଷା। ଯଥା – ପୁଷ୍କରିଣୀ ଗର୍ଭରେ ପୂରିଥିବା ଜଳକୁ ନାଳଦ୍ୱାରା ବାହାର କରିଦେବାହିଁ ହେଉଛି ଜଳର ସୁରକ୍ଷା। ୧୫୫।

(ଅର୍ଥାତ୍ ଯେପରି ପୁଷ୍କରିଣୀସ୍ଥ ପୂର୍ଣ୍ଣ ଜଳକୁ ନାଳଦ୍ୱାରା ବାହାର କରି ନ ନେଲେ ଜଳ ବିକୃତ ହୋଇଯାଏ, ସେହିପରି ଦାନ ନ କରି କେବଳ ସଞ୍ଚିତ ଧନ ମନୁଷ୍ୟକୁ ପାପରେ ଲିପ୍ତ କରେ।)

ଦାତବ୍ୟଂ ଭୋକ୍ତବ୍ୟଂ ଧନବିଷୟେ ସଂଚୟୋ ନ କର୍ତ୍ତବ୍ୟଃ।
ପଶ୍ୟେହ ମଧୁକରୀଣାଂ ସଂଚିତମର୍ଥଂ ହରନ୍ତ୍ୟନ୍ୟେ ॥ ୧୫୬ ॥

ଧନକୁ ଦାନ କରିବା ଓ ଭୋଗ କରିବା ହେଉଛି ମନୁଷ୍ୟର କର୍ତ୍ତବ୍ୟ; ସଞ୍ଚୟ କରିବା ଉଚିତ ନୁହେଁ। ଦେଖ, ମଧୁମକ୍ଷିକାମାନଙ୍କ ଦ୍ୱାରା ସଞ୍ଚିତ ମଧୁରୂପକ ଅର୍ଥ ଅନ୍ୟମାନେ ହରଣ କରିନିଅନ୍ତି। ୧୫୬। ପୁଣି –

ଦାନଂ ଭୋଗୋ ନାଶସ୍ତିସ୍ରୋ ଗତୟୋ ଭବନ୍ତି ବିତ୍ତସ୍ୟ।
ଯୋ ହି ନ ଦଦାତି ନ ଭୁଙ୍କ୍ତେ ତସ୍ୟ ତୃତୀୟା ଗତିର୍ଭବତି ॥ ୧୫୭ ॥

ଦାନ, ଭୋଗ ଓ ବିନାଶ ତିନୋଟି ହେଉଛି ଧନର ପରିଣତି। ଯେଉଁ ଲୋକ ଦାନ କରେ ନାହିଁ କି ଭୋଗ କରେ ନାହିଁ, ତାହାର ଧନର ତୃତୀୟ ପରିଣତି (ଅର୍ଥାତ୍ ବିନାଶ) ଘଟିଥାଏ। ୧୫୭।

ଏହା ଜାଣି ଜ୍ଞାନୀଲୋକ ଘରେ ପୋତିରଖିବାପାଇଁ ଧନ ଅର୍ଜନ କରନ୍ତି ନାହିଁ; କାରଣ ଏପରି ଧନ କେବଳ ଦୁଃଖ ହୋଇଥାଏ। କଥିତ ଅଛି –

ଧନାଦିକେଷୁ ବିଦ୍ୟନ୍ତେ ଯେଽତ୍ର ମୂର୍ଖାଃ ସୁଖାଶୟାଃ।
ତପ୍ତା ଗ୍ରୀଷ୍ମେଣ ସେବନ୍ତେ ଶୈତ୍ୟାର୍ଥଂ ତେ ହୁତାଶନମ୍ ॥ ୧୫୮ ॥

ଯେଉଁ ମୂର୍ଖ ଲୋକ ଧନ ଆଦି ଭୋଗ୍ୟ ବସ୍ତୁରେ ସୁଖର ଆଶା କରନ୍ତି, ସେମାନେ ଗ୍ରୀଷ୍ମରେ ତପ୍ତ ହୋଇ ଶୀତଳତା ନିମନ୍ତେ ଅଗ୍ନିର ସେବା କରିଥାନ୍ତି। (ଅର୍ଥାତ୍ ଧନରେ ସୁଖ ନାହିଁ)। ୧୫୮।

ସର୍ପାଃ ପିବନ୍ତି ପବନଂ ନ ଚ଼ ଦୁର୍ବଳାସ୍ତେ
ଶୁଷ୍କୈସ୍ତୃଣୈର୍ବନଗଜା ବଲିନୋ ଭବନ୍ତି।
କନ୍ଦୈଃଫଲୈର୍ମୁନିବରା ଗମୟନ୍ତି କାଲଂ
ସନ୍ତୋଷ ଏବ ପୁରୁଷସ୍ୟ ପରଂ ନିଧାନମ୍॥ ୧୫୯॥

ସର୍ପମାନେ ବାୟୁ ପାନ କରନ୍ତି (ବାୟୁଦ୍ୱାରା ଜୀବନ ଧାରଣ କରନ୍ତି); କିନ୍ତୁ ସେଥିଯୋଗୁଁ ସେମାନେ ଦୁର୍ବଳ ନୁହନ୍ତି। ବନ୍ୟ ହସ୍ତୀମାନେ ଶୁଷ୍କ ତୃଣ ଭୋଜନ କରି ମଧ୍ୟ ବଳଶାଳୀ ହୋଇଥାନ୍ତି। ମୁନିମାନେ ଫଳମୂଳ ଖାଇ କାଳଯାପନ କରିଥାନ୍ତି। (ଏଥିରୁ ଜଣାଯାଏ) ସନ୍ତୋଷ ହେଉଛି ଶ୍ରେଷ୍ଠ ଧନ। ୧୫୯।

ସନ୍ତୋଷାମୃତତୃପ୍ତାନାଂ ଯଦ୍‌ସୁଖଂ ଶାନ୍ତଚେତସାମ୍।
କୁତସ୍ତଦ୍ଧନଲୁବ୍ଧାନାମିତଶ୍ଚେତଶ୍ଚ ଧାବତାମ୍॥ ୧୬୦॥

ସନ୍ତୋଷରୂପକ ଅମୃତପାନରେ ତୃପ୍ତି, ଶାନ୍ତଚେତା ଲୋକମାନେ ଯେଉଁ ସୁଖ ପାଇଥାନ୍ତି, ଧନଲୋଭୀ ଓ (ଧନର ଅର୍ଜନ ନିମନ୍ତେ) ଇତସ୍ତତଃ ଧାବମାନ ହେଉଥିବା ଲୋକେ ସେପରି ସୁଖ କାହୁଁ ପାଇବେ?। ୧୬୦।

ପୀୟୂଷମିବ ସନ୍ତୋଷଂ ପିବତାଂ ନିର୍ବୃତିଃ ପରା।
ଦୁଃଖଂ ନିରନ୍ତରଂ ପୁଂସାମସନ୍ତୋଷବତାଂ ପୁନଃ॥ ୧୬୧॥

ସନ୍ତୋଷରୂପକ ଅମୃତକୁ ପାନ କରୁଥିବା ଲୋକମାନଙ୍କର ମହାନ୍ ଆନନ୍ଦ (ନିବୃତ୍ତି) ହୋଇଥାଏ। କିନ୍ତୁ ଅସନ୍ତୁଷ୍ଟ ଲୋକମାନେ ନିରନ୍ତର ଦୁଃଖ ଅନୁଭବ କରିଥାନ୍ତି। ୧୬୧।

ନିରୋଧାଚ୍ଚେତସୋଽକ୍ଷାଣି ନିରୁଦ୍ଧାନ୍ୟଖିଳାନ୍ୟପି।
ଆଚ୍ଛାଦିତେ ରବୌ ମେଘୈରାଚ୍ଛନ୍ନାଃ ସ୍ୟୁର୍ଗଭସ୍ତୟଃ॥ ୧୬୨॥

ଯେପରି ମେଘଦ୍ୱାରା ସୂର୍ଯ୍ୟ ଆଚ୍ଛାଦିତ ହୋଇଗଲେ ତାହାର କିରଣସମୂହ ତିରୋହିତ ହୋଇଯାନ୍ତି, ସେହିପରି ମନକୁ ବଶୀଭୂତ କଲେ ସମସ୍ତ ଇନ୍ଦ୍ରିୟ ମଧ୍ୟ ବଶୀଭୂତ ହୋଇଯାନ୍ତି। ୧୬୨।

ବାଞ୍ଛାବିଚ୍ଛେଦନଂ ପ୍ରାହୁଃ ସ୍ୱାସ୍ଥ୍ୟଂ ଶାନ୍ତା ମହର୍ଷୟଃ।
ବାଞ୍ଛା ନିବର୍ତ୍ତକେ ନାର୍ଥୈଃ ପିପାସେବାଗ୍ନିସେବନୈଃ॥ ୧୬୩॥

କାମନାର ନିବୃତ୍ତିକୁ ଶାନ୍ତଚେତା ଋଷିମାନେ ସ୍ୱାସ୍ଥ୍ୟ (ମନର ଶାନ୍ତି) କହିଅଛନ୍ତି। ଅଗ୍ନିସେବାଦ୍ୱାରା ପିପାସାର ନିବୃତ୍ତି ନ ହେଲା ପରି ଅର୍ଥଦ୍ୱାରା କଦାପି କାମନାର ନିବୃତ୍ତି ହୋଇ ନ ପାରେ। ୧୬୩।

ଅନିନ୍ଦ୍ୟମପି ନିନ୍ଦନ୍ତି ସ୍ତୁବନ୍ତ୍ୟସ୍ତୁତ୍ୟମୁଚ୍ଚକୈଃ।
ସ୍ୱାପତେୟକୃତେ ମର୍ତ୍ତ୍ୟାଃ କିଂ କିଂ ନାମ ନ କୁର୍ବତେ॥ ୧୬୪॥

ଧନ ନିମନ୍ତେ ମନୁଷ୍ୟ ଅନିନ୍ଦ୍ୟ ଲୋକକୁ ନିନ୍ଦା କରେ ଓ ଯେଉଁମାନେ ପ୍ରଶଂସାର ପାତ୍ର ନୁହନ୍ତି ସେମାନଙ୍କର ଉଚ୍ଚ ପ୍ରଶଂସା କରେ। ଏହି ଧନ ପାଇଁ ମନୁଷ୍ୟ କଅଣ କରି ନ ପାରେ ?। ୧୬୪।

ଧର୍ମାର୍ଥଂ ଯସ୍ୟ ବିତ୍ତେହା ବରଂ ତସ୍ୟ ନିରୀହତା।
ପ୍ରକ୍ଷାଳନାଦ୍ଧି ପଙ୍କସ୍ୟ ଦୂରାଦସ୍ପର୍ଶନଂ ବରମ୍॥ ୧୬୫॥

ଧର୍ମକାର୍ଯ୍ୟ ନିମନ୍ତେ ମଧ୍ୟ ଲୋକ ଧନ ଅର୍ଜନ କରିବାକୁ ଯେଉଁ ଇଚ୍ଛା କରେ, ତାହା ମଧ୍ୟ ଶୁଭଜନକ ନୁହେଁ। କାରଣ, ପଙ୍କରେ ପଶି ଧୋଇହେବା ଅପେକ୍ଷା ପଙ୍କକୁ ସ୍ପର୍ଶ ନ କରିବା ନିଶ୍ଚୟ ଭଲ। ୧୬୫।

ଦାନେନ ତୁଲ୍ୟୋ ନିଧିରସ୍ତି ନାନ୍ୟୋ,
ଲୋଭାଚ୍ଚ ନାନ୍ୟୋଽସ୍ତି ରିପୁଃ ପୃଥିବ୍ୟାମ୍।
ବିଭୂଷଣଂ ଶୀଳସମଂ ନ ଚାନ୍ୟତ୍,
ସନ୍ତୋଷତୁଲ୍ୟଂ ଧନମସ୍ତି ନାନ୍ୟତ୍॥ ୧୬୬॥

ପୃଥିବୀରେ ଦାନତୁଲ୍ୟ ଅନ୍ୟ କୌଣସି ନିଧି (ଧନ) ନାହିଁ କି ଲୋଭଠାରୁ ବଳି ଅନ୍ୟ ଶତ୍ରୁ ନାହିଁ; ସଦାଚାର ଭଳି ଅନ୍ୟ ଭୂଷଣ ନାହିଁ କି ସନ୍ତୋଷତୁଲ୍ୟ ଅନ୍ୟ ସମ୍ପତ୍ତି ନାହିଁ। ୧୬୬।

ଦାରିଦ୍ର୍ୟସ୍ୟ ପରା ମୂର୍ତ୍ତିର୍ଯନ୍ମାନଦ୍ରବିଣାଲ୍ପତା।
ଦରଦ୍‌ଗବଧନଃ ଶର୍ବସ୍ତଥାପି ପରମେଶ୍ୱରଃ॥ ୧୬୭॥

ଯହିଁରେ ମାନରୂପକ ଧନର ଅଭାବ ଥାଏ, ତାହାହିଁ ହେଉଛି ଦାରିଦ୍ର୍ୟର ଚରମ ଅବସ୍ଥା (ପରାଭୂତି)। ଉଦାହରଣ ସ୍ୱରୂପ, ଶିବଙ୍କର ଏକମାତ୍ର ଧନ ହେଉଛି ଗୋଟିଏ ବୁଢ଼ା ବଳଦ; ତଥାପି ସେ ପରମେଶ୍ୱର ନାମରେ ପୂଜିତ। ୧୬୭।

ସକୃତ୍କନ୍ଦୁକପାତେନ ପତତ୍ୟାର୍ଯ୍ୟଃ ପତନ୍ନପି।
ତଥା ପତତି ମୂର୍ଖସ୍ତୁ ମୃତ୍ପିଣ୍ଡପତନଂ ଯଥା॥ ୧୬୮॥

(ଆର୍ଯ୍ୟ) ସାଧୁଲୋକ ତଳେ ପଡ଼ିଗଲେ ମଧ୍ୟ କନ୍ଦୁକ ପଡ଼ିଲା ପରି ପଡ଼ିଥାଏ (ଅର୍ଥାତ୍ ପଡ଼ିଗଲେ ପୁଣି ଉପରକୁ ଉଠିଥାଏ); କିନ୍ତୁ ମୂର୍ଖଲୋକ ପଡ଼ିଲେ ମୃତ୍ତିକାପିଣ୍ଡଭଳି ପଡ଼ିଥାଏ (ଅର୍ଥାତ୍ ଆଉ ଉଠିପାରେ ନାହିଁ)। ୧୬୮।

ହେ ଭଦ୍ର ! ଏହି କଥା ହୃଦୟଙ୍ଗମ କରି ତୁମେ ସନ୍ତୁଷ୍ଟ ହେବା ଉଚିତ।''

ମନ୍ଥରକର ବାକ୍ୟ ଶୁଣି ବାୟସ କହିଲା, ''ମନ୍ଥରକ ଯାହା ଏପରି କହିଲେ, ତାହା ତୁମର ମନେରଖିବା ଉଚିତ। ଅଥବା ଯଥାର୍ଥରେ କୁହାଯାଇଅଛି –

ସୁଲଭାଃ ପୁରୁଷା ରାଜନ୍ ସତତଂ ପ୍ରିୟବାଦିନଃ।
ଅପ୍ରିୟସ୍ୟ ଚ ପଥ୍ୟସ୍ୟ ବକ୍ତା ଶ୍ରୋତା ଚ ଦୁର୍ଲଭଃ॥ ୧୬୯॥

''ହେ ରାଜନ୍, ପ୍ରିୟବାଦୀ ଲୋକ ସର୍ବଦା ସହଜଲଭ୍ୟ; କିନ୍ତୁ ଅପ୍ରିୟ ଅଥଚ ହିତକର ବାକ୍ୟର ବକ୍ତା ଯେପରି ଦୁର୍ଲଭ, ଶ୍ରୋତା ମଧ୍ୟ ସେହିପରି ଦୁର୍ଲଭ। ୧୬୯।

ଅପ୍ରିୟାଣ୍ୟପି ପଥ୍ୟାନି ଯେ ବଦନ୍ତି ନୃଣାମିହ।
ତ ଏବ ସୁହୃଦଃ ପ୍ରୋକ୍ତାଃ ଅନ୍ୟେ ସ୍ୟୁର୍ନାମଧାରକାଃ ।। ୧୭୦ ।।

ଏ ସଂସାରରେ ଯେଉଁ ଲୋକମାନେ ଅପ୍ରିୟ ପରନ୍ତୁ ହିତକର କଥା କହନ୍ତି, ସେହିମାନେ ଯଥାର୍ଥରେ ମିତ୍ର ଅଟନ୍ତି; ଅନ୍ୟମାନେ କେବଳ ନାମମାତ୍ର ମିତ୍ର।'' । ୧୭୦।

ସେମାନେ ଏହିପରି କଥାବାର୍ତ୍ତା ହେଉଥିବାବେଳେ ଚିତ୍ରାଙ୍ଗ ନାମକ ଏକ ହରିଣ ବ୍ୟାଧଭୟରେ ସେହି ପୁଷ୍କରିଣୀରେ ପ୍ରବେଶ କଲା। ତାହାକୁ ବ୍ୟଗ୍ରଭାବରେ ଆସୁଥିବାର ଦେଖି ଲଘୁପତନକ ବୃକ୍ଷ ଉପରେ ଆରୋହଣ କଲା; ହିରଣ୍ୟକ ନିକଟବର୍ତ୍ତୀ ଏକ ଶରବୁଦା ମଧ୍ୟରେ ପଶିଗଲା ଓ ମନ୍ଥରକ ଜଳମଧ୍ୟରେ ଲୁଚିରହିଲା। ତତ୍ପରେ ଲଘୁପତନକ ମୃଗକୁ ଉତ୍ତମରୂପେ ଜାଣିପାରି ମନ୍ଥରକକୁ କହିଲା, ''ସଖା ମନ୍ଥରକ! ଆସ, ଆସ। ଏହି ମୃଗଟି ତୃଷାର୍ତ୍ତ ହୋଇ ଏଠାକୁ ଆସି ପୁଷ୍କରିଣୀରେ ପ୍ରବେଶ କରିଅଛି। ଏହା ହେଉଛି ସେହି ମୃଗର ଶବ୍ଦ; ମନୁଷ୍ୟର ନୁହେଁ।'' ତାହା ଶୁଣି ମନ୍ଥରକ ଦେଶକାଳ ଅନୁସାରେ କହିଲା, ''ହେ ଲଘୁପତନକ, ଏହି ମୃଗକୁ ଦେଖିଲେ ଜଣାଯାଏ ଯେ ସେ ଦୀର୍ଘ-ନିଃଶ୍ୱାସ ପକାଉଅଛି, ଚକିତଚକ୍ଷୁରେ ପଛଆଡ଼କୁ ଦୃଷ୍ଟି ପକାଉଅଛି। ଏଥିରୁ ମନେହୁଏ ଯେ ସେ ତୃଷାର୍ତ୍ତ ନୁହେଁ; ନିଶ୍ଚୟ ବ୍ୟାଧଠାରୁ ଭୟପ୍ରାପ୍ତ ହୋଇଅଛି। ତେଣୁ ବୁଝ, ତାହା ପଛରେ ବ୍ୟାଧମାନେ ଆସୁଛନ୍ତି କି ନା। କଥିତ ଅଛି–

ଭୟତ୍ରସ୍ତୋ ନରଃ ଶ୍ୱାସଂ ପ୍ରଭୂତଂ କୁରୁତେ ମୁହୁଃ।
ଦିଶୋଽବଲୋକୟତ୍ୟେବ ନ ସ୍ୱାସ୍ଥ୍ୟଂ ବ୍ରଜତି କ୍ୱଚିତ୍।। ୧୭୧ ।।

ଭୟତ୍ରସ୍ତ ହେଲେ ଲୋକ ମୁହୁର୍ମୁହୁଃ ଦୀର୍ଘଶ୍ୱାସ ପକାଏ, ଚତୁର୍ଦ୍ଦିଗକୁ ଦୃଷ୍ଟିନିକ୍ଷେପ କରେ ଓ କୌଣସିଠାରେ ଶାନ୍ତି ପାଏ ନାହିଁ।'' । ୧୭୧ ।

ଏହା ଶୁଣି ଚିତ୍ରାଙ୍ଗ କହିଲା, ''ହେ ମନ୍ଥରକ, ତୁମେ ମୋର ଭୟର କାରଣ ଠିକ୍ ଅନୁମାନ କରିପାରିଛ। ମୁଁ ବ୍ୟାଧର ଶରାଘାତରୁ କୌଣସିମତେ ଉଦ୍ଧାର ପାଇ ଏଠାକୁ ପଳାଇଆସିଛି; ମୋର ଦଳକୁ ବ୍ୟାଧମାନେ ମାରିପକାଇଥିବେ। ମୁଁ ଶରଣାଗତ; ମୋତେ ଏପରି କୌଣସି ସ୍ଥାନ ଦେଖାଇଦିଅ, ଯେଉଁଠାକୁ କି ବ୍ୟାଧମାନେ ଯାଇପାରିବେ ନାହିଁ।'' ଏହା ଶୁଣି ମନ୍ଥରକ କହିଲା, ''ହେ ଚିତ୍ରାଙ୍ଗ, ନୀତିଶାସ୍ତ୍ରର କଥା ଶୁଣ–

ଦ୍ୱାବୁପାୟାବିହ ପ୍ରୋକ୍ତୌ ବିମୁକ୍ତୌ ଶତ୍ରୁଦର୍ଶନେ।
ହସ୍ତୟୋଶ୍ଚାଳନାଦେକୋ ଦ୍ୱିତୀୟଃ ପାଦବେଗଜଃ ।। ୧୭୨ ।।

ଶତ୍ରୁକୁ ସମ୍ମୁଖରେ ଦେଖିଲେ ତାହାଠାରୁ ରକ୍ଷାପାଇବାପାଇଁ ଦୁଇଟି ଉପାୟ ନୀତିଶାସ୍ତ୍ରରେ କଥିତ ଅଛି– ଗୋଟିଏ ହେଉଛି ହସ୍ତଦ୍ୱୟର ଚାଳନା ଅର୍ଥାତ୍ ଅସ୍ତ୍ରଚାଳନା କରି ପ୍ରତିରୋଧ କରିବା ଓ ଅପରଟି ହେଉଛି ଦ୍ରୁତ ପଦଚାଳନା ଅର୍ଥାତ୍ ପଳାୟନ। ୧୭୨।

ତେଣୁ ତୁମେ ଦୁଷ୍ଟ ବ୍ୟାଧମାନେ ଏଠାକୁ ଆସିବା ପୂର୍ବରୁ ଶୀଘ୍ର ଗଭୀର ଅରଣ୍ୟକୁ ପଳାଇଯାଅ।''

ଏଥିମଧ୍ୟରେ ଲଘୁପତନକ ହଠାତ୍ ସେଠାକୁ ଆସି କହିଲା, ''ହେ ମନ୍ଥରକ, ସେ ବ୍ୟାଧମାନେ ପ୍ରଚୁର ମାଂସଖଣ୍ଡ ଘେନି ନିଜ ଗୃହଆଡ଼କୁ ଗଲେଣି। ତେଣୁ

ହେ ଚିତ୍ରାଙ୍ଗ, ତୁମେ ନିର୍ଭୟରେ ଜଳରୁ ବାହାରିଆସ।'' ତଦନନ୍ତର ସେ ଚାରିହେଁଯାକ ସେହି ପୁଷ୍କରିଣୀକୁ ଆଶ୍ରୟ କରି ରହିଲେ। ସେମାନେ ମଧ୍ୟାହ୍ନ ସମୟରେ ବୃକ୍ଷର ଛାୟାରେ ବସି ସୁଭାଷିତ-ଗୋଷ୍ଠୀସୁଖ ଅନୁଭବ କରି ସୁଖରେ କାଳ କଟାଇବାକୁ ଲାଗିଲେ। ଯଥାର୍ଥରେ କୁହାଯାଇଛି –

ସୁଭାଷିତରସାସ୍ୱାଦବଦ୍ଧରୋମାଞ୍ଚ କଞ୍ଚୁକାଃ।
ବିନାପି ସଙ୍ଗମଂ ସ୍ତ୍ରୀଣାଂ ସୁଧିୟଃ ସୁଖମାସତେ।। ୧୭୩।।

ଯେଉଁ ବିଦ୍ୱାନ୍ ଲୋକେ ସୁଭାଷିତ ରସର ଆସ୍ୱାଦନ ହେତୁ (ଅର୍ଥାତ୍ ମଧୁର ବାର୍ତ୍ତାଳାପ ହେତୁ) ରୋମାଞ୍ଚରୂପକ କଞ୍ଚୁକ (ଆବରଣ ବସ୍ତ୍ର) ଧାରଣ କରିଥାନ୍ତି, ସେମାନେ ନାରୀସମ୍ଭୋଗ ବିନା ମଧ୍ୟ ସୁଖରେ ରହିଥାନ୍ତି। ୧୭୩।

ସୁଭାଷିତମୟଦ୍ରବ୍ୟସଂଗ୍ରହଂ ନ କରୋତି ଯଃ।
ସ ତୁ ପ୍ରସ୍ତାବଯଜ୍ଞେଷୁ କାଂ ପ୍ରଦାସ୍ୟତି ଦକ୍ଷିଣାମ୍।। ୧୭୪।।

ଯେଉଁ ଲୋକ ସୁଭାଷିତ (ମଧୁର ବାର୍ତ୍ତାଳାପ) ରୂପକ ଧନ ସଂଗ୍ରହ କରେ ନାହିଁ, ସେ ପ୍ରସ୍ତାବ (ଆଲୋଚନା) ରୂପକ ଯଜ୍ଞରେ କି ଦକ୍ଷିଣା ଦେବ? (ଅର୍ଥାତ୍ କିପରି ସଭ୍ୟ-ସମାଜର ଲୋକଙ୍କୁ ପ୍ରସନ୍ନ କରିପାରିବ?)। ୧୭୪।

ସକୃଦୁକ୍ତଂ ନ ଗୃହ୍ଣାତି ସ୍ୱୟଂ ବା ନ କରୋତି ଯଃ।
ଯସ୍ୟ ସଂପୁଟିକା ନାସ୍ତି କୁତସ୍ତସ୍ୟ ସୁଭାଷିତମ୍।। ୧୭୫।।

ଯେଉଁ ଲୋକ ଥରେମାତ୍ର ଉଚ୍ଚାରିତ ସୁଭାଷିତକୁ ଗ୍ରହଣ କରିପାରେ ନାହିଁ କିମ୍ବା ନିଜେ ରଚନା କରିପାରେ ନାହିଁ, ଯାହା ପାଖରେ ସୁଭାଷିତ ସଂଗ୍ରହ ନ ଥାଏ, ସେ ସୁଭାଷିତ କହିପାରେ ନାହିଁ। ୧୭୫।

ଅନନ୍ତର ଦିନେ ସେମାନଙ୍କର ଗୋଷ୍ଠୀ ସମୟରେ (ଏକତ୍ର ବସି ଗଳ୍ପ କରିବା ସମୟରେ) ଚିତ୍ରାଙ୍ଗ ଆସିଲା ନାହିଁ। ତହୁଁ ତିନିହେଁଯାକ ବ୍ୟାକୁଳ ହୋଇ ବିଚାର କରିବାକୁ ଲାଗିଲେ– 'ଅହୋ, ଆଜି କାହିଁକି ଆମର ମିତ୍ର ଆସିଲେ ନାହିଁ? କଅଣ ସିଂହ ପ୍ରଭୃତି ପ୍ରାଣୀଦ୍ୱାରା ନିହତ ହେଲେ? ଅଥବା ବ୍ୟାଧଦ୍ୱାରା ନିହତ ହେଲେ? ଅଗ୍ନିରେ ପତିତ ହେଲେ କି? ଅଥବା କୋମଳ ତୃଣଲୋଭରେ କୌଣସି ଗଭୀର ଗର୍ତ୍ତରେ ପଡ଼ିଗଲେ? ଯଥାର୍ଥରେ କୁହାଯାଇଅଛି –

ସ୍ୱଗୃହୋଦ୍ୟାନଗତେଽପି ସ୍ନିଗ୍ଧୈଃ ପାପଂ ବିଶଙ୍କ୍ୟତେ ମୋହାତ୍।
କିମୁ ଦୃଷ୍ଟବହୁପାୟପ୍ରତିଭୟକାନ୍ତାରମଧ୍ୟସ୍ଥେ।। ୧୭୬।।

ମିତ୍ର ପ୍ରୀତିବଶତଃ ଆପଣା ବଗିଚାକୁ ଯାଇଥିଲେ ମଧ୍ୟ ତାଙ୍କ ବିଷୟରେ ଅନିଷ୍ଟର ଆଶଙ୍କା ଜନ୍ମିଥାଏ; ସେଥିରେ ଯଦି ମିତ୍ର ବହୁ ବିପଦପୂର୍ଣ୍ଣ ଭୟାବହ ଅରଣ୍ୟରେ ଥାନ୍ତି, ତେବେ ସେ କଥା କଅଣ କହିବା?। ୧୭୬।

ଅନନ୍ତର ମନ୍ଥରକ ବାୟସକୁ କହିଲା, ''ହେ ବନ୍ଧୁ ଲଘୁପତନକ, ମୁଁ ଓ ହିରଣ୍ୟକ ଆମେ ଦୁହେଁ ବେଗରେ ଯିବାକୁ ଅକ୍ଷମ। ତେଣୁ ଆମେ ଚିତ୍ରାଙ୍ଗଙ୍କ

ଅନ୍ୱେଷଣ କରିପାରିବୁ ନାହିଁ। ଅତଏବ ତୁମେ ଅରଣ୍ୟରେ ସନ୍ଧାନ ନିଅ, ହୁଏତ କୌଣସିଠାରେ ତାଙ୍କୁ ଜୀବନ୍ତ ଅବସ୍ଥାରେ ଦେଖିପାରିବ।''

ଏହା ଶୁଣି ଲଘୁପତନକ ଅଳ୍ପ ଦୂର ଯିବାପରେ ଦେଖିଲା ଯେ ଚିତ୍ରାଙ୍ଗ ଗୋଟିଏ କ୍ଷୁଦ୍ର ପୁଷ୍କରିଣୀ ତୀରରେ କଠିନ ପାଶରେ ଆବଦ୍ଧ ହୋଇ ପଡ଼ିଛି। ତାହାକୁ ଦେଖି ଲଘୁପତନକ ଶୋକରେ ବ୍ୟାକୁଳମନା ହୋଇ କହିଲା, ''ବନ୍ଧୁ, ଏ କଅଣ?'' ଚିତ୍ରାଙ୍ଗ ମଧ ବାୟସକୁ ଦେଖି ନିତାନ୍ତ ଦୁଃଖିତ ହେଲା। କଥିତ ଅଛି–

ଅପି ମନ୍ଦତ୍ୱମାପନ୍ନୋ ନଷ୍ଟୋ ବାପୀଷ୍ଟଦର୍ଶନାତ୍।
ପ୍ରାୟେଣ ପ୍ରାଣିନାଂ ଭୂୟୋ ଦୁଃଖାବେଗୋଽଧିକୋ ଭବେତ୍॥ ୧୭୭॥

ହୀନ ଅବସ୍ଥାରେ ବା ପ୍ରାଣତ୍ୟାଗବେଳେ ପ୍ରାଣୀମାନେ ପ୍ରିୟଜନଙ୍କୁ ଦେଖିଲେ ସେମାନଙ୍କର ଦୁଃଖର ଆବେଗ ପ୍ରାୟଶଃ ପୁନରାୟ ବୃଦ୍ଧି ପାଇଥାଏ। ୧୭୭।

ତହୁଁ ଅଶ୍ରୁତ୍ୟାଗ ପରେ ଚିତ୍ରାଙ୍ଗ ଲଘୁପତନକକୁ କହିଲା, ''ହେ ମିତ୍ର, ମୋର ମୃତ୍ୟୁ ଏବେ ଉପସ୍ଥିତ। ତେଣୁ ତୁମର ଯେ ଦର୍ଶନ ପାଇଲି, ତାହା ଆନନ୍ଦର ବିଷୟ। ଆହୁରି ମଧ କଥିତ ଅଛି–

ପ୍ରାଣାତ୍ୟୟେ ସମୁତ୍ପନ୍ନେ ଯଦି ସ୍ୟାନ୍ମିତ୍ରଦର୍ଶନମ୍।
ଦ୍ୱୟୋଃ ସୁଖପ୍ରଦଂ ତଚ୍ଚ ଜୀବିତୋଽପି ମୃତସ୍ୟଚ॥ ୧୭୮॥

ପ୍ରାଣତ୍ୟାଗ ସମୟରେ ଯଦି ମିତ୍ରଙ୍କର ଦର୍ଶନ ଘଟେ, ତେବେ ମୃତ୍ୟୁ ହେଉ ବା ଜୀବନ ରହୁ, ଉଭୟ କ୍ଷେତ୍ରରେ ତାହା ସୁଖପ୍ରଦ ହୋଇଥାଏ। ୧୭୮।

ଅତଏବ ପ୍ରଣୟବଶତଃ ମୁଁ ସୁଭାଷିତ-ଗୋଷ୍ଠୀରେ ଯାହା କିଛି କହିଥିବି, ସେ ସବୁ କ୍ଷମା କରିବ। ଆହୁରି ମଧ ମୋ ପକ୍ଷରୁ ହିରଣ୍ୟକ ଓ ମନ୍ଥରକଙ୍କୁ କହିଦେବ–

ଅଜ୍ଞାନାଦ୍‌ଜ୍ଞାନତୋ ବାପି ଦୁରୁକ୍ତଂ ଯଦୁଦାହୃତମ୍।
ତତ୍‌କ୍ଷନ୍ତବ୍ୟଂ ଯୁବାଭ୍ୟାଂ ମେ କୃତ୍ୱା ପ୍ରୀତିପରଂ ମନଃ॥ ୧୭୯॥

ସଜ୍ଞାନରେ ହେଉ ବା ଅଜ୍ଞାନରେ ହେଉ ମୁଁ ଯଦି କିଛି ଅପ୍ରିୟ ବାକ୍ୟ କହିଥାଏ, ତେବେ ସେମାନେ ପ୍ରୀତିପୂର୍ଣ୍ଣ ଅନ୍ତରରେ ସେଥିପାଇଁ ମୋତେ କ୍ଷମା ଦେବେ।''। ୧୭୯।

ଏହା ଶୁଣି ଲଘୁପତନକ କହିଲା, ''ଭଦ୍ର, ଆମ ଭଳି ମିତ୍ରମାନେ ଥାଉଁ ଥାଉଁ ତୁମର ଭୟ କରିବା ଉଚିତ ନୁହେଁ। ମୁଁ ଅତି ଶୀଘ୍ର ଯାଇ ହିରଣ୍ୟକଙ୍କୁ ଏଠାକୁ ନେଇ ଆସିବି। ଆଉ ଗୋଟିଏ କଥା, ସତ୍‌ପୁରୁଷମାନେ ବିପଦରେ ଏପରି ଅଧୀର ହୁଅନ୍ତି ନାହିଁ। କଥିତ ଅଛି–

ସମ୍ପଦି ଯସ୍ୟ ନ ହର୍ଷୋ ବିପଦି ବିଷାଦୋ ରଣେ ଚ ଭୀରୁତ୍ୱମ୍।
ତଂ ଭୁବନତ୍ରୟତିଳକଂ ଜନୟତି ଜନନୀ ସୁତଂ ବିରଳମ୍॥ ୧୮୦॥

ଯିଏ ସମ୍ପଦରେ ହର୍ଷ, ବିପଦରେ ବିଷାଦ ଓ ରଣକ୍ଷେତ୍ରରେ ଭୀରୁତା ପ୍ରକାଶ କରେ

ନାହିଁ, ତାହା ଭଳି ତ୍ରିଲୋକରେ ଧନ୍ୟ ପୁତ୍ରକୁ ମାତା ଜନ୍ମ ଦେବାର ଦୃଷ୍ଟାନ୍ତ ବିରଳ। ୧୮୦।

ଏହିପରି କହି ଲଘୁପତନକ ଚିତ୍ରାଙ୍ଗଙ୍କୁ ଆଶ୍ୱାସନା ଦେଲା ଏବଂ ଯେଉଁଠାରେ ହିରଣ୍ୟକ ଓ ମନ୍ଥରକ ଥିଲେ, ସେଠାକୁ ଯାଇ ସେମାନଙ୍କୁ ଚିତ୍ରାଙ୍ଗର ପାଶବନ୍ଧନ ବୃତ୍ତାନ୍ତ କହିଲା। ହିରଣ୍ୟକ ଚିତ୍ରାଙ୍ଗର ପାଶକୁ ଛେଦନ କରିବ ବୋଲି ଦୃଢ଼ ସଂକଳ୍ପ କଲା। ଲଘୁପତନକ ତାହାକୁ ନିଜ ପୃଷ୍ଠରେ ବସାଇ ପୁନରାୟ ଚିତ୍ରାଙ୍ଗ ନିକଟକୁ ଗଲା। ଚିତ୍ରାଙ୍ଗ ମଧ୍ୟ ହିରଣ୍ୟକକୁ ଦେଖି ଜୀବନ-ଆଶାରେ କହିଲା –

ଆପନ୍ନାଶାୟ ବିବୁଧୈଃ କର୍ତ୍ତବ୍ୟାଃ ସୁହୃଦୋଽମଳାଃ।
ନ ତରତ୍ୟାପଦଂ କଶ୍ଚିଦ୍ ଯୋଽତ୍ର ମିତ୍ରବିବର୍ଜିତଃ॥ ୧୮୧॥

ବିପତ୍ତିର ବିନାଶ ନିମନ୍ତେ ବିଦ୍ୱାନ୍ ଲୋକେ ଅକପଟ-ବନ୍ଧୁ କରିବା ଉଚିତ। ଯିଏ ମିତ୍ରହୀନ ହୋଇଥାଏ ସେ ସଂସାରରେ ବିପଦରୁ ଉଦ୍ଧାର ପାଇପାରେ ନାହିଁ।'' । ୧୮୧ ॥

ହିରଣ୍ୟକ କହିଲା, ''ମିତ୍ର, ତୁମେ ନୀତିଶାସ୍ତ୍ର ଜାଣ ଓ ସମର୍ଥ ଅଟ। ତେଣୁ ଏ କୂଟ ପାଶର ବନ୍ଧନରେ କିପରି ପଡ଼ିଲ ?'' ଚିତ୍ରାଙ୍ଗ କହିଲା, ''ଏ ତର୍କର ସମୟ ନୁହେଁ। ସେ ଦୁରାତ୍ମା ବ୍ୟାଧ ଆସିବା ପୂର୍ବରୁ ତୁମେ ମୋ ପାଦର ଏହି ପାଶକୁ କାଟିଦିଅ।''

ତାହା ଶୁଣି ହିରଣ୍ୟକ ହସି ହସି କହିଲା, ''ମୁଁ ଆସି ଉପସ୍ଥିତ ହୋଇଥିଲେହେଁ ତୁମେ ବ୍ୟାଧକୁ ଭୟ କରୁଛ କାହିଁକି? ଏହା ଦେଖି ମୋର ନୀତିଶାସ୍ତ୍ର ପ୍ରତି ଘୋର ବିରକ୍ତି ଆସିଲାଣି; କାରଣ ତୁମଭଳି ନୀତିଶାସ୍ତ୍ରନିପୁଣ ପ୍ରାଣୀ ମଧ୍ୟ ଏପରି ଅବସ୍ଥାରେ ପଡୁଛନ୍ତି ! ସେଥିପାଇଁ ମୁଁ ପଚାରୁଥିଲି।''

ଚିତ୍ରାଙ୍ଗ କହିଲା, ''ମିତ୍ର, (କର୍ମ) ଭାଗ୍ୟ ବୁଦ୍ଧିକୁ ମଧ୍ୟ ବିନାଶ କରିଦେଇଥାଏ। କଥିତ ଅଛି –

କୃତାନ୍ତପାଶବଦ୍ଧାନାଂ ଦୈବୋପହତଚେତସାମ୍।
ବୁଦ୍ଧୟଃ କୁବ୍ଜଗାମିନ୍ୟୋ ଭବନ୍ତି ମହତାମପି॥ ୧୮୨॥

ଯମପାଶରେ ଆବଦ୍ଧ ଓ ଦୁର୍ଭାଗ୍ୟହେତୁ ହତଚେତା ମହାତ୍ମାମାନଙ୍କର ବୁଦ୍ଧି ମଧ୍ୟ କୁଟିଳଗାମିନୀ ହୋଇଥାଏ। ୧୮୨।

ବିଧାତ୍ରା ରଚିତା ଯା ସା ଲଲାଟେଽକ୍ଷରମାଳିକା।
ନ ତାଂ ମାର୍ଜୟିତୁଂ ଶକ୍ତାଃ ସ୍ୱବୁଦ୍ଧ୍ୟାପ୍ୟତିପଣ୍ଡିତାଃ॥ ୧୮୩॥

ବିଧାତା କପାଳରେ ଯେଉଁ ଅକ୍ଷରାବଳୀ ଲେଖିଦେଇଥାଏ, ତାକୁ ପଣ୍ଡିତମାନେ ମଧ୍ୟ ନିଜ ବୁଦ୍ଧିବଳରେ ପୋଛିଦେବାକୁ ସମର୍ଥ ହୁଅନ୍ତି ନାହିଁ।''। ୧୮୩।

ସେ ଦୁହେଁ ଏପରି କଥାବାର୍ତ୍ତା ହେଉଥିଲାବେଳେ ବନ୍ଧୁଙ୍କ ଦୁଃଖରେ ନିତାନ୍ତ ବ୍ୟାକୁଳ ହୋଇ ମନ୍ଥରକ ଧୀରେ ଧୀରେ ଚାଲି ଚାଲି ସେହି ସ୍ଥାନକୁ ଆସିଲା। ତାହାକୁ ଆସୁଥିବାର ଦେଖି ଲଘୁପତନକ ହିରଣ୍ୟକକୁ କହିଲା, ''ଓ ! ବଡ଼ ଖରାପ

କଥା ହେଲା।'' ହିରଣ୍ୟକ କହିଲା, ''କଅଣ ସେ ବ୍ୟାଧ ଆସୁଛି କି?'' ଲଘୁପତନକ ଉତ୍ତର କଲା, ''ବର୍ତ୍ତମାନ ବ୍ୟାଧ କଥା ଥାଉ; ଏଇ ମନ୍ଥରକ ଆସୁଛନ୍ତି। ସେ ବଡ଼ ଅନ୍ୟାୟ କାମ କଲେ। କାରଣ, ତାଙ୍କର ଏହି ଆସିବାବେଳକୁ ଯଦି ସେ ପାପିଷ୍ଠ ବ୍ୟାଧ ଆସିଯାଏ, ତେବେ ଆମେ ସମସ୍ତେ ମୃତ୍ୟୁମୁଖରେ ପଡ଼ିବା। ମୁଁ ଆକାଶରେ ଉଡ଼ିଯିବି। ତୁମେ ପୁଣି ଗର୍ତ୍ତ ମଧ୍ୟରେ ପ୍ରବେଶ କରି ଆତ୍ମରକ୍ଷା କରିବ। ଚିତ୍ରାଙ୍ଗ ମଧ୍ୟ ଦ୍ରୁତଗତିରେ ଅନ୍ୟ ଦିଗକୁ ପଳାଇବେ। କିନ୍ତୁ ଏ କାଳରେ ମନ୍ଥରକଙ୍କର ସ୍ଥଳଭାଗରେ କଅଣ ହେବ?''

ଏଥିମଧ୍ୟରେ ମନ୍ଥରକ ଆସି ସେଠାରେ ପହଞ୍ଚିଗଲା। ହିରଣ୍ୟକ କହିଲା, ''ବନ୍ଧୁ, ଏଠାକୁ ଆସି ତୁମେ ଭଲ କାମ କରିନାହଁ। ପୁଣି ସେ ବ୍ୟାଧ ଆସିବା ଆଗରୁ ଅତି ଶୀଘ୍ର ଫେରିଯାଅ।'' ମନ୍ଥରକ କହିଲା, ''ମିତ୍ର, କଅଣ କରିବି? ସେଠାରେ ଥାଇ ବନ୍ଧୁଙ୍କର ବିପଦରୂପକ ଅଗ୍ନିଦାହକୁ ସହିପାରିଲି ନାହିଁ। ତେଣୁ ଏଠାକୁ ଚାଲିଆସିଲି। ଯଥାର୍ଥରେ କଥିତ ଅଛି–

ଦୟିତଜନବିପ୍ରଯୋଗୋ ବିତ୍ତବିଯୋଗାଶ୍ଚ କେନ ସହ୍ୟାଃ ସ୍ୟୁଃ।
ଯଦି ସୁମହୌଷଧିକଳ୍ପୋ ବୟସ୍ୟଜନସଙ୍ଗମୋ ନ ସ୍ୟାତ୍॥ ୧୮୪॥

ଯଦି ମହୌଷଧି ସଦୃଶ ବନ୍ଧୁଜନସମାଗମ ନ ଥାନ୍ତା, ପ୍ରିୟଜନ-ବିୟୋଗ ଓ ଧନନାଶ କିଏ ସହ୍ୟ କରିପାରନ୍ତା?। ୧୮୪।

ବରଂ ପ୍ରାଣପରିତ୍ୟାଗୋ ନ ବିଯୋଗୋ ଭବାଦୃଶୈଃ।
ପ୍ରାଣା ଜନ୍ମାନ୍ତରେ ଭୂୟୋ ଭବନ୍ତି ନ ଭବଦ୍‌ବିଧାଃ॥ ୧୮୫॥

ବରଂ ପ୍ରାଣତ୍ୟାଗ କରିବା ଭଲ; କିନ୍ତୁ ତୁମମାନଙ୍କ ଭଳି ମିତ୍ରଙ୍କର ବିୟୋଗ ଭଲ ନୁହେଁ। କାରଣ ଜନ୍ମାନ୍ତରରେ ପୁଣି ପ୍ରାଣ ମିଳିବ; କିନ୍ତୁ ତୁମମାନଙ୍କ ଭଳି ମିତ୍ର ପୁଣି ମିଳିବେ ନାହିଁ। ୧୮୫।

ମନ୍ଥରକ ଏହିପରି କହୁଥିବା ସମୟରେ ବ୍ୟାଧ ଧନୁକୁ କର୍ଣ୍ଣପର୍ଯ୍ୟନ୍ତ ଆକର୍ଷଣ କରି ଆସିଲା। ତାହାକୁ ଦେଖି ମୂଷିକ ତତ୍‌କ୍ଷଣାତ୍ ଚିତ୍ରାଙ୍ଗର ସ୍ନାୟୁନିର୍ମିତ ପାଶକୁ ଛେଦନ କରିଦେଲା। ଚିତ୍ରାଙ୍ଗ ପଛକୁ ଚାହିଁ ଚାହିଁ ବେଗରେ ପଳାୟନ କଲା। ଲଘୁପତନକ ବୃକ୍ଷ ଉପରେ ଆରୋହଣ କଲା। ହିରଣ୍ୟକ ନିକଟବର୍ତ୍ତୀ ବିଳରେ ପ୍ରବେଶ କଲା। ତହୁଁ ମୃଗ ଚାଲିଯାଇଥିବାରୁ ବିଷଣ୍ଣ ହୋଇ ବ୍ୟାଧ ନିଜର ପରିଶ୍ରମ ବୃଥା ବୋଲି ଜାଣିଲା। ସ୍ଥଳଭାଗରେ ମନ୍ଥରକ ଧୀରେ ଧୀରେ ଯାଉଥିବାର ସେ ଦେଖିପାରି ବିଚାର କଲା– 'ବିଧାତା ହରିଣକୁ ସିନା ନେଇଗଲା, ତେବେ ଖାଇବାପାଇଁ ଏ କୂର୍ମଟିକୁ ଦେଇଯାଇଛି। ତେଣୁ ଆଜି ଏହାରି ମାଂସରେ ମୋ କୁଟୁମ୍ବର ଭୋଜନ ଚଳିଯିବ।' ଏହିପରି ଚିନ୍ତା କରି ସେ ମନ୍ଥରକକୁ ଘାସରେ ଆବୃତ୍ତ କଲା ଓ ଧନୁରେ ଝୁଲାଇ କାନ୍ଧରେ ପକାଇ ଗୃହ ଅଭିମୁଖରେ ଚାଲିଲା। ବ୍ୟାଧ କୂର୍ମକୁ ଏହିପରି ନେଇଯାଉଥିବାର ଦେଖି ହିରଣ୍ୟକ ଦୁଃଖରେ ଅଧୀର ହୋଇ ବିଳାପ କରିବାକୁ ଲାଗିଲା– ''ଓଃ, ଘୋର କଷ୍ଟ ଉପସ୍ଥିତ!''

ଏକସ୍ୟ ଦୁଃଖସ୍ୟ ନ ଯାବଦନ୍ତଂ ଗଚ୍ଛାମ୍ୟହଂ ପାରମିବାର୍ଣ୍ଣବସ୍ୟ ।
ତାବଦ୍ଦ୍ୱିତୀୟଂ ସମୁପସ୍ଥିତଂ ମେ ଛିଦ୍ରେଷ୍ୱନର୍ଥା ବହୁଳୀ ଭବନ୍ତି ॥ ୧୮୬ ॥

ମୁଁ ସମୁଦ୍ରତୁଲ୍ୟ ଭୟଙ୍କର ଗୋଟିଏ ଦୁଃଖ ପାର ନ ହେଉଣୁ ଅନ୍ୟ ଏକ ଦୁଃଖ ଉପସ୍ଥିତ ହେଉଛି । ବିପଦ ସମୟରେ ବିପତ୍ତିର ସଂଖ୍ୟା ବୃଦ୍ଧି ପାଇଥାଏ । ୧୮୬ ।

ଯାବଦସ୍ଖଳିତଂ ତାବସୁଖଂ ଯାତି ସମେ ପଥି ।
ସ୍ଖଳିତେ ଚ ସମୁତ୍ପନ୍ନେ ବିଷମଂ ଚ ପଦେ ପଦେ ॥ ୧୮୭ ॥

ସମତଳ ଭୂମି ଉପରେ ଯିବା ସମୟରେ ଯେତେବେଳ ପର୍ଯ୍ୟନ୍ତ ପାଦ ଖସିଯାଇ ନ ଥାଏ, ଯେତେବେଳଯାଏ ବେଶ୍ ସୁଖରେ ଯାଇହୁଏ । କିନ୍ତୁ ଥରେ ପାଦ ଖସିଗଲେ ତେଣିକି ପଦେ ପଦେ ବିଷମ ଅବସ୍ଥା ପହଞ୍ଚିଥାଏ । ୧୮୭ ।

ଯନ୍ନମ୍ରଂ ସରଳଂ ଚାପି ତଚ୍ଚାପସ୍ତୁ ନ ସୀଦତି ।
ଧନୁର୍ମିତ୍ରଂ କଳତ୍ରଂ ଚ ଦୁର୍ଲଭଂ ଶୁଦ୍ଧବଂଶଜମ୍ ॥ ୧୮୮ ॥

ସରଳ, ନମନଶୀଳ ଓ କଠିନ ବାଉଁଶରେ ନିର୍ମିତ ଧନୁ ଦୁର୍ଲଭ । ସେହିପରି ବିନମ୍ର, ନିଷ୍କପଟ ଓ ସଦ୍‌ବଂଶଜାତ ମିତ୍ର ତଥା ଭାର୍ଯ୍ୟା ଦୁର୍ଲଭ । ୧୮୮ ।

ନ ମାତରି ଚ ଦାରେଷୁ ନ ସୋଦର୍ଯ୍ୟେ ନ ଚାତ୍ମଜେ ।
ବିଶ୍ରମ୍ଭସ୍ତାଦୃଶଃ ପୁଂସାଂ ଯାଦୃଙ୍ମିତ୍ରେ ନିରନ୍ତରେ ॥ ୧୮୯ ॥

ଲୋକମାନଙ୍କର ଅଭିନ୍ନହୃଦୟ ମିତ୍ରଙ୍କଠାରେ ଯେପରି ବିଶ୍ୱାସ ଥାଏ, ମାତାଠାରେ, ପତ୍ନୀଠାରେ, ଭାଇଠାରେ କିମ୍ବା ପୁତ୍ରଠାରେ ସେପରି ବିଶ୍ୱାସ ନ ଥାଏ । ୧୮୯ ।

ଯଦ୍ୟପି ଦୈବ ମୋର ଧନ ଅପହରଣ କରିନେଇଛି, ସେଥିରେ ଦୁଃଖ ନାହିଁ; କିନ୍ତୁ ଜୀବନପଥରେ ମୁଁ ଶ୍ରାନ୍ତ ହୋଇଥିଲାବେଳେ ମୋର ବିଶ୍ରାମସ୍ଥଳ ସ୍ୱରୂପ ମିତ୍ରକୁ ନେଇଗଲା କାହିଁକି? ଅନ୍ୟ ମିତ୍ର ଅଛନ୍ତି ସତ; କିନ୍ତୁ ମନ୍ଥରକ ପରି କେହି ହେବେ ନାହିଁ । କଥିତ ଅଛି—

ଅସମ୍ପତ୍ତୌ ପରୋ ଲାଭୋ ଗୁହ୍ୟସ୍ୟ କଥନଂ ତଥା ।
ଆପଦ୍‌ବିମୋକ୍ଷଣଂ ଚୈବ ମିତ୍ରସ୍ୟୈତତ୍‌ଫଳତ୍ରୟମ୍ ॥ ୧୯୦ ॥

ମିତ୍ରଠାରୁ ତିନୋଟି ଫଳ ମିଳିଥାଏ, ଯଥା— ଦାରିଦ୍ର୍ୟରେ ମହାଲାଭ, ଗୋପନ ବିଷୟରେ କଥନ ଓ ବିପତ୍ତିରୁ ଉଦ୍ଧାର । ୧୯୦ ।

ମୋର ଏହି ମନ୍ଥରକ ସଦୃଶ ଅନ୍ୟ କୌଣସି ମିତ୍ର ନାହିଁ । ତେବେ ହାୟ, ବିଧାତା ମୋ ଉପରେ ନିରନ୍ତର ବିପଦରୂପକ ଶରବୃଷ୍ଟି କରୁଛି କାହିଁକି? ପ୍ରଥମେ ମୋର ଧନର ବିନାଶ, ତତ୍ପରେ ପରିବାରବର୍ଗଙ୍କର ବିନାଶ, ତତ୍ପରେ ଦେଶତ୍ୟାଗ, ତତ୍ପରେ ବନ୍ଧୁବିୟୋଗ! ଅଥବା ଏହାହିଁ ପ୍ରାଣୀଙ୍କର ଜୀବନଧର୍ମର ସ୍ୱରୂପ (ଅର୍ଥାତ୍ ସମସ୍ତଙ୍କ ଜୀବନରେ ଏହିପରି ବିପଦ ଆସିଥାଏ) । କଥିତ ଅଛି—

କାୟଃ ସନ୍ନିହିତାପାୟଃ ସମ୍ପଦଃ କ୍ଷଣଭଙ୍ଗୁରାଃ ।
ସମାଗମାଃ ସାପଗମାଃ ସର୍ବେଷାମେବ ଦେହିନାମ୍ ॥ ୧୯୧ ॥

ସକଳ ଦେହଧାରୀ ପ୍ରାଣୀ(ଶରୀରୀ)ଙ୍କର ଶରୀରରେ ଦୁଃଖ ଲାଗିରହିଥାଏ; ସମ୍ପତ୍ତି କ୍ଷଣଭଙ୍ଗୁର ଅଟେ, ପ୍ରିୟଜନଙ୍କର ମିଳନ ବିଚ୍ଛେଦ ସହିତ ଲାଗିରହିଥାଏ । ୧୯୧। ପୁନଶ୍ଚ –

କ୍ଷତେ ପ୍ରହାରା ନିପତନ୍ତ୍ୟଭୀକ୍ଷ୍ଣଂ ଧନକ୍ଷୟେ ଦୀପତି ଜାଠରାଗ୍ନିଃ ।
ଆପତ୍ସୁ ବୈରାଣି ସମୁଲ୍ଲସନ୍ତି ଛିଦ୍ରେଷ୍ୱନର୍ଥା ବହୁଳୀଭବନ୍ତି ॥ ୧୯୨ ॥

କ୍ଷତ ଉପରେ ନିରନ୍ତର ପ୍ରହାର ହୋଇଥାଏ; ଧନକ୍ଷୟ ହେଲେ ଜଠରାଗ୍ନି ଅଧିକ ପ୍ରଜ୍ୱଳିତ ହୁଏ । ବିପତ୍ତିରେ ଶତ୍ରୁମାନଙ୍କର ଉଲ୍ଲାସ ଜାତ ହୁଏ; ବିପଦ ସମୟରେ ବିପତ୍ତିର ସଂଖ୍ୟା ବୃଦ୍ଧି ପାଇଥାଏ; (ଅର୍ଥାତ୍ ବିପଦ ପରେ ବିପଦ ଆସୁଥାଏ) । ୧୯୨ ।

ଅଥବା କେହି ଜଣେ ଯଥାର୍ଥରେ କହିଅଛନ୍ତି –

ଶୋକାରାତିଭୟତ୍ରାଣଂ ପ୍ରୀତିବିଶ୍ରମ୍ଭଭାଜନମ୍ ।
କେନ ରତ୍ନମିଦଂ ସୃଷ୍ଟଂ ମିତ୍ରମିତ୍ୟକ୍ଷରଦ୍ୱୟମ୍ ॥ ୧୯୩ ॥

ବିପଦ ଉପସ୍ଥିତ ହେଲେ ସେଥିରୁ ରକ୍ଷାକାରୀ, ପ୍ରୀତି ଓ ବିଶ୍ୱାସର ଆଧାର, ରତ୍ନସଦୃଶ 'ମିତ୍ର' ଏହି ଅକ୍ଷର ଦୁଇଟିକୁ କିଏ ସୃଷ୍ଟି କରିଅଛି ? । ୧୯୩ ।

ଏହି ଅବସରରେ ଚିତ୍ରାଙ୍ଗ ଓ ଲଘୁପତନକ ବିଳାପ କରି କରି ସେହି ସ୍ଥାନରେ ଉପସ୍ଥିତ ହେଲେ । ତହୁଁ "ଅହୋ, ବୃଥା ପ୍ରଳାପରେ କି ଲାଭ ? ମନ୍ଥରକ ଆମ ଦୃଷ୍ଟିପଥରୁ ଅନ୍ତର୍ହିତ ନ ହେବାଯାଏ ତାହାଙ୍କୁ ଉଦ୍ଧାର କରିବାର କୌଣସି ଉପାୟ ଚିନ୍ତା କରିବା ଉଚିତ । ଆହୁରି ମଧ୍ୟ କଥିତ ଅଛି –

ବ୍ୟସନଂ ପ୍ରାପ୍ୟ ଯୋ ମୋହାତ୍କେବଳଂ ପରିଦେବୟେତ୍ ।
କ୍ରନ୍ଦନଂ ବର୍ଦ୍ଧୟତ୍ୟେବ ତସ୍ୟାନ୍ତଂ ନାଧିଗଚ୍ଛତି ॥ ୧୯୪ ॥

ଯେଉଁ ଲୋକ ବିପଦରେ ପଡ଼ି (ମୋହହେତୁ) ଧୈର୍ଯ୍ୟ ଅଭାବରୁ କେବଳ ବିଳାପ କରେ, ସେ ବିପଦକୁ ପାରହୋଇପାରେ ନାହିଁ; ବରଂ ବିପତ୍ତିକୁ ବଢ଼ାଇଥାଏ । ୧୯୪ ।

କେବଳଂ ବ୍ୟସନସ୍ୟୋକ୍ତଂ ଭେଷଜଂ ନୟପଣ୍ଡିତୈଃ ।
ତସ୍ୟୋଚ୍ଛେଦସମାରମ୍ଭୋ ବିଷାଦପରିବର୍ଜନମ୍ ॥ ୧୯୫ ॥

ନୀତିଜ୍ଞ ପଣ୍ଡିତମାନେ କହିଅଛନ୍ତି ଯେ ବିଷାଦକୁ ପରିତ୍ୟାଗ କରି ବିପଦକୁ ଦୂର କରିବା ନିମନ୍ତେ ଉଦ୍ୟମ କରିବାହିଁ ହେଉଛି ବିପଦର ମହୌଷଧି।' । ୧୯୫ ।
ପୁଣି –

ଅତୀତଲାଭସ୍ୟ ସୁରକ୍ଷଣାର୍ଥଂ ଭବିଷ୍ୟ ଲାଭସ୍ୟ ଚ ସଙ୍ଗମାର୍ଥମ୍ ।
ଆପଦ୍ ପ୍ରସନ୍ନସ୍ୟଚ ମୋକ୍ଷଣାର୍ଥଂ ଯନ୍ମନ୍ତ୍ର୍ୟତେଽସୌ ପରମୋହି ମନ୍ତ୍ରଃ ॥ ୧୯୬ ॥

ଏହା ଶୁଣି ଲଘୁପତନକ କହିଲା, "ଯଦି ଏହାହିଁ ହୁଏ, ତେବେ ମୋର କଥା ଅନୁସାରେ କାମ କର । ଚିତ୍ରାଙ୍ଗ ବ୍ୟାଧ ଯାଉଥିବା ପଥରେ ଯାଇ କୌଣସି ପୁଷ୍କରିଣୀ ନିକଟରେ ପହଞ୍ଚି ତାହାର ତୀରରେ ଅଚେତନ ହେଲାପରି ପଡ଼ିରହନ୍ତୁ । ମୁଁ ମଧ୍ୟ ତାଙ୍କ ମୁଣ୍ଡ ଉପରେ ବସି ଧୀରେ ଧୀରେ ଚଞ୍ଚୁଦ୍ୱାରା ଆଘାତ କରିବି,

ଯାହା ଫଳରେ ସେ ଦୁଷ୍ଟ ବ୍ୟାଧ ମୋର ଚଞ୍ଚୁପ୍ରହାରକୁ ବିଶ୍ୱାସ କରି ତାଙ୍କୁ ମୃତ ବୋଲି ମନେକରିବ ଓ ମନ୍ଥରକଙ୍କୁ ଭୂମିରେ ପକାଇଦେଇ ମୃଗ ପାଇଁ ଧାଇଁବ। ଏହି ଅବସରରେ ତୁମେ ଘାସରେ ତିଆରି ଦଉଡ଼ିକୁ କାଟି ଛିଣ୍ଡାଇଦେବ, ଯେପରି କି ମନ୍ଥରକ ଶୀଘ୍ର ପୁଷ୍କରିଣୀରେ ପ୍ରବେଶ କରିଯିବେ।'' ଚିତ୍ରାଙ୍ଗ କହିଲା, ''ବନ୍ଧୁ, ତୁମର ଉପାୟ ଅତି ଉତ୍ତମ। ମନ୍ଥରକ ନିଶ୍ଚୟ ମୁକ୍ତ ବୋଲି ମନେକର। କଥିତ ଅଛି –

ସିଦ୍ଧିଂ ବା ଯଦି ବାସିଦ୍ଧିଂ ଚିତ୍ତୋତ୍ସାହୋ ନିବେଦୟେଦ୍।
ପ୍ରଥମଂ ସର୍ବଜନ୍ତୂନାଂ ତତ୍ ପ୍ରାଜ୍ଞୋ ବେତ୍ତି ନେତରଃ ॥ ୧୯୭ ॥

ସମସ୍ତ ପ୍ରାଣୀଙ୍କର ଚିତ୍ତର ଉତ୍ସାହରୁ (ପ୍ରସନ୍ନତାରୁ) କାର୍ଯ୍ୟ ସିଦ୍ଧ ହେବ କି ନା, ତହିଁର ସୂଚନା ମିଳିଥାଏ। ସେହି ସୂଚନାକୁ ବୁଦ୍ଧିମାନ୍ ଲୋକେ ଜାଣିପାରନ୍ତି ନାହିଁ। ୧୯୭। ତେବେ ତାହାହିଁ କରାଯାଉ।''

ସେହିପରି କରାଗଲା। ବ୍ୟାଧ ସେହିପରି ଯାଉ ଯାଉ ପଥର ସନ୍ନିକଟବର୍ତ୍ତୀ ପୁଷ୍କରିଣୀତଟରେ ବାୟସ ସହିତ ଚିତ୍ରାଙ୍ଗକୁ ଦେଖିଲା। ତାକୁ ଦେଖି ଆନନ୍ଦମନରେ ସେ ଚିନ୍ତା କଲା – 'ପାଶବନ୍ଧନଜନିତ ପୀଡ଼ାରେ ବ୍ୟଥିତ ହୋଇ ସେହି ହରିଣ ବିଚରା ଆୟୁଷ ଶେଷ ହୋଇଥିବାରୁ ପାଶକୁ ଛିଣ୍ଡାଇ ଅତି କଷ୍ଟରେ ଏହି ବନମଧ୍ୟରେ ଯେତେବେଳେ ପ୍ରବେଶ କରିଛି, ସେତେବେଳେ ମରିଛି। କଚ୍ଛପଟି ଉତ୍ତମରୂପେ ବନ୍ଧା ହୋଇଥିବାରୁ ମୋର କରଗତ ହୋଇଅଛି। ଏଣୁ ଏହି ମୃଗକୁ ମଧ୍ୟ ନେଇଯିବି।' ଏହା ସ୍ଥିର କରି ବ୍ୟାଧ କଚ୍ଛପକୁ ଭୂମି ଉପରେ ପକାଇଦେଇ ମୃଗ ନିକଟକୁ ଧାଇଁଲା। ଏହି ଅବସରରେ ହିରଣ୍ୟକ ତାହାର ବଜ୍ରତୁଲ୍ୟ ଦନ୍ତର ଆଘାତରେ ତୃଣନିର୍ମିତ ଆବରଣକୁ ଖଣ୍ଡ ଖଣ୍ଡ କରିପକାଇଲା। ମନ୍ଥରକ ତୃଣର ଆବରଣରୁ ବାହାରିଯାଇ ସମୀପବର୍ତ୍ତୀ ପୁଷ୍କରିଣୀ ମଧ୍ୟରେ ପ୍ରବେଶ କଲା। ଚିତ୍ରାଙ୍ଗ ମଧ୍ୟ ବ୍ୟାଧ ତାହା ନିକଟରେ ପହଞ୍ଚିବା ପୂର୍ବରୁ ତଳୁ ଉଠି ବାୟସ ସହିତ ପଳାଇଗଲା। ତହୁଁ ଲଜ୍ଜିତ ଓ ଦୁଃଖିତ ହୋଇ ବ୍ୟାଧ କଚ୍ଛପ ରଖିଥିବା ସ୍ଥାନକୁ ଆସି ଦେଖିଲା ଯେ କଚ୍ଛପ ମଧ୍ୟ ଚାଲିଯାଇଛି। ସେ ସେହିଠାରେ ବସିଯାଇ କହିଲା –

ପ୍ରାପ୍ତୋ ବନ୍ଧନମପ୍ୟୟଂ ଗୁରୁମୃଗସ୍ତାବତ୍ତ୍ୱୟା ମେ ହୃତଃ
ସଂପ୍ରାପ୍ତଃ କମଠଃ ସ ଚାପି ନିୟତଂ ନଷ୍ଟଂ ତବାଦେଶତଃ।
କ୍ଷୁତ୍କ୍ଷାମୋଽତ୍ର ବନେ ଭ୍ରମାମି ଶିଶୁକୈସ୍ତ୍ୟକ୍ତଃ ସମଂ ଭାର୍ଯ୍ୟୟା
ଯଚ୍ଚାନ୍ୟନ୍ନ କୃତଂ କୃତାନ୍ତ କୁରୁତେ ତଚ୍ଚାପି ସହ୍ୟଂ ମୟା ॥ ୧୯୮ ॥

''ରେ ଦୈବ! ପ୍ରଥମେ ମୋର ଦୃଢ଼ ପାଶବନ୍ଧନରେ ପଡ଼ିଥିବା ମୃଗକୁ ତୁ ହରଣକରିନେଲୁ। ତତ୍ପରେ କଚ୍ଛପକୁ ପାଇଲି। ସେ ମଧ୍ୟ ନିଶ୍ଚୟ ତୋରି ଆଦେଶରେ ଚାଲିଗଲା। ପତ୍ନୀପୁତ୍ର ପ୍ରଭୃତିଙ୍କ ଦ୍ୱାରା ପରିତ୍ୟକ୍ତ ଓ କ୍ଷୁତ୍‌ପିପାସାରେ ବ୍ୟାକୁଳ ହୋଇ ମୁଁ ଏହି ବନରେ ଇତସ୍ତତଃ ଭ୍ରମଣ କରୁଅଛି। ହେ ଦୈବ! ତୁ ଅନ୍ୟ ଯାହା କରିନାହୁଁ, ତାହା କରିଯାଆ; ତାକୁ ମଧ୍ୟ ସହିବାକୁ ମୁଁ ପ୍ରସ୍ତୁତ ଅଛି। ୧୯୮।'

ଏହିପରି ନାନାପ୍ରକାର ବିଳାପ କରି ବ୍ୟାଧ ନିଜ ଗୃହକୁ ଗଲା। ସେ ଖୁବ୍ ଦୂରକୁ ଚାଲିଯିବା ପରେ କାକ, କୂର୍ମ, ମୃଗ ଓ ମୂଷିକ ସମସ୍ତେ ଆନନ୍ଦରେ ପରସ୍ପରକୁ ଆଲିଙ୍ଗନ କରି ପୁନର୍ଜନ୍ମ ଲାଭ କଲାପରି ମନେକଲେ ଏବଂ ସେହି ପୁଷ୍କରିଣୀ ନିକଟରେ ପହଞ୍ଚି ମହାନ୍ ଆନନ୍ଦରେ ସୁଭାଷିତ କଥାଦ୍ୱାରା ଗୋଷ୍ଠୀସୁଖ ଅନୁଭବ କରି କାଳଯାପନ କରିବାକୁ ଲାଗିଲେ। ଏହା ଜାଣି ବିବେକୀ ଲୋକେ ମିତ୍ର ସଂଗ୍ରହ କରିବା ଉଚିତ। ମିତ୍ର ସହିତ କପଟ ବ୍ୟବହାର କରିବା କଦାପି ଉଚିତ ନୁହେଁ। ଯେ ହେତୁ କଥିତ ଅଛି–

ଯୋ ମିତ୍ରାଣି କରୋତ୍ୟତ୍ର ନ କୌଟିଲ୍ୟେନ ବର୍ତ୍ତତେ।
ତୈଃ ସମଂ ନ ପରାଭୂତିଂ ସଂପ୍ରାପ୍ନୋତି କଥଂଚନ॥ ୧୯୯॥

ଯିଏ ପୃଥିବୀରେ ଅନ୍ୟମାନଙ୍କୁ ମିତ୍ର କରିଥାଏ ଓ କୁଟିଳତା ଆଚରଣ କରି ନ ଥାଏ, ସେ କେବେହେଲେ ସେମାନଙ୍କ ସଙ୍ଗରେ ପରାଭବ ପାଏ ନାହିଁ। ୧୯୯।

[ଇତି ଶ୍ରୀବିଷ୍ଣୁଶର୍ମବିରଚିତେ ପଞ୍ଚତନ୍ତ୍ରେ ମିତ୍ରସଂପ୍ରାପ୍ତିର୍ନାମ
ଦ୍ୱିତୀୟଂ ତନ୍ତ୍ରଂ ସମାପ୍ତମ୍।]

□ □ □

କାକୋଲୂକୀୟ

କଥା ପ୍ରସ୍ତାବନା

'କାକୋଲୂକୀୟ' ନାମକ ତୃତୀୟ ତନ୍ତ୍ର ଆରମ୍ଭ କରାଯାଉଅଛି। ଏହାର ପ୍ରଥମ ଶ୍ଳୋକ ହେଉଛି –

ନ ବିଶ୍ୱସେତ୍ ପୂର୍ବବିରୋଧିତସ୍ୟ ଶତ୍ରୋଶ୍ଚ ମିତ୍ରତ୍ୱମୁପାଗତସ୍ୟ।
ଦଗ୍ଧାଂ ଗୁହାଂ ପଶ୍ୟ, ଉଲୂକପୂର୍ଣ୍ଣାଂ କାକପ୍ରଣୀତେନ ହୁତାଶନେନ ।। ୧ ।।

ପୂର୍ବରୁ ଶତ୍ରୁତା କରିଥିବା ଓ ପରେ ମିତ୍ରତା ସ୍ଥାପନ କରିଥିବା ଶତ୍ରୁକୁ ବିଶ୍ୱାସ କରିବା ଉଚିତ ନୁହେଁ। ଦେଖ, କାକ ଅଗ୍ନି ଲଗାଇଦେଇ ଉଲୂକ (ପେଚା) ପୂର୍ଣ୍ଣ ଗୁହାକୁ ଭସ୍ମସାତ୍ କରିଦେଇଥିଲା । ୧ ।

ଶୁଣାଯାଏ ଯେ, ଦାକ୍ଷିଣାତ୍ୟ ଜନପଦରେ ମହିଳାରୋପ୍ୟ ନାମରେ ଗୋଟିଏ ନଗର ଅଛି। ସେହି ନଗର ନିକଟରେ ବହୁଶାଖାବିଶିଷ୍ଟ ଓ ଘନ ପତ୍ରଦ୍ୱାରା ଆଚ୍ଛନ୍ନ ଗୋଟିଏ ବଟବୃକ୍ଷ ଅଛି। ସେଥିରେ ମେଘବର୍ଣ୍ଣ ନାମକ ଏକ ବାୟସରାଜ ନିଜର ବୃହତ୍ କାକ-ପରିବାର ଘେନି ବାସକରୁଥିଲା। ସେ ସେଠାରେ ଗୋଟିଏ ଦୁର୍ଗ ନିର୍ମାଣ କରି ପରିଜନ ସହିତ କାଳ କଟାଉଥିଲା। ଆହୁରି ମଧ୍ୟ ଅରିମର୍ଦ୍ଦନ ନାମକ ଏକ ଉଲୂକରାଜ ଅସଂଖ୍ୟ ଉଲୂକ-ପରିବାର ସହିତ ପର୍ବତଗୁହାରୂପକ ଦୁର୍ଗ ମଧ୍ୟରେ ରହୁଥିଲା। ରାତ୍ରିରେ ସେ ସର୍ବଦା ନିଜର ଦୁର୍ଗରୁ ବାହାରି ସେହି ବଟବୃକ୍ଷର ଚତୁଷ୍ପାର୍ଶ୍ୱରେ ଭ୍ରମଣ କରୁଥିଲା। ଉଲୂକରାଜ ପୂର୍ବଶତ୍ରୁତାବଶତଃ କୌଣସି କାକକୁ ପାଇଲେ ମାରିପକାଉଥିଲା। ଏହିପରି ପ୍ରତ୍ୟହ ଆକ୍ରମଣ କରି କ୍ରମେ କ୍ରମେ ସେ ବଟବୃକ୍ଷସ୍ଥିତ ଦୁର୍ଗକୁ ବାହାରୁ କାକଶୂନ୍ୟ କରି ପକାଇଲା। ଅଥବା ଏହିପରି ହୋଇଥାଏ। କଥିତ ଅଛି –

ଯ ଉପେକ୍ଷେତ ଶତ୍ରୁଂ ସ୍ୱଂ ପ୍ରସରନ୍ତଂ ଯଦୃଚ୍ଛୟା।
ରୋଗଂ ଚାଳସ୍ୟସଂଯୁକ୍ତଃ ସ ଶନୈସ୍ତେନ ହନ୍ୟତେ।। ୨।।

ଯେଉଁ ଲୋକ ଆଳସ୍ୟପରାୟଣ ହୋଇ ଯଥେଚ୍ଛା ବୃଦ୍ଧି ପାଉଥିବା ଶତ୍ରୁକୁ ତଥା ରୋଗକୁ ଉପେକ୍ଷା କରେ, ସେ କ୍ରମଶଃ ତାହାରି ଦ୍ୱାରା (ଶତ୍ରୁ ଓ ରୋଗଦ୍ୱାରା) ବିନାଶପ୍ରାପ୍ତ ହୁଏ। ୨। ପୁଣି –

ଜାତମାତ୍ରଂ ନ ଯଃ ଶତ୍ରୁଂ ବ୍ୟାଧିଞ୍ଚ ପ୍ରଶମଂ ନୟେତ୍।
ଅତିପୁଷ୍ଟାଙ୍ଗ ଯୁକ୍ତୋଽପି ସ ପଶ୍ଚାତ୍ତେନ ହନ୍ୟତେ।। ୩।।

ଶତ୍ରୁ ବା ରୋଗ ଜାତହେଲାମାତ୍ରେ ଯିଏ ତାହାକୁ ପ୍ରଶମିତ ନ କରେ, ସେ ମହାବଳବାନ୍ ହୋଇଥିଲେ ସୁଦ୍ଧା ସେହି ଶତ୍ରୁ ବା ରୋଗ ବୃଦ୍ଧି ପାଇ ତାକୁ ବିନାଶ କରେ । ୩।

ଅନନ୍ତର ଦିନେ ବାୟସରାଜ ନିଜର ମନ୍ତ୍ରୀମାନଙ୍କୁ ଡକାଇ ପଚାରିଲା – "ଆମର ଶତ୍ରୁ ଭୀଷଣ, ଉଦ୍ୟମଶୀଳ ଓ କାଳଜ୍ଞ। ସେ ପ୍ରତ୍ୟହ ରାତ୍ରିର ଆରମ୍ଭରେ ଆସି ଆମ ପକ୍ଷର ବାୟସମାନଙ୍କୁ ବଧ କରୁଅଛି। କିପରି ଏହାର ପ୍ରତିକାର କରାଯାଇ ପାରିବ ? ଆମେମାନେ ରାତ୍ରିରେ ଦେଖିପାରୁନାହେଁ; ସେମାନଙ୍କର ଦୁର୍ଗ କେଉଁଠାରେ ତାହା ଜାଣି ନ ଥିବାରୁ ସେମାନଙ୍କୁ ଦିନରେ ମଧ୍ୟ ମାରିପାରୁନାହେଁ। ତେଣୁ ଏ କ୍ଷେତ୍ରରେ ସନ୍ଧି, ବିଗ୍ରହ (ଯୁଦ୍ଧ), ଯାନ (ଅଭିଯାନ), ଆସନ (ସ୍ୱସ୍ଥାନରେ ଅବସ୍ଥାନ), ସଂଶୟ ଓ ଦ୍ୱୈଧୀଭାବ (କପଟତା)– ଏହି ନୀତିମାନଙ୍କ ମଧ୍ୟରୁ କେଉଁଟି ପ୍ରୟୋଗ କରିବାକୁ ହେବ ?"

ସେମାନେ କହିଲେ, "ମହାରାଜ, ଆପଣ ଏ ପ୍ରଶ୍ନ ପଚାରି ଠିକ୍ କରିଅଛନ୍ତି। କଥିତ ଅଛି –

ଅପୃଷ୍ଟେନାପି ବକ୍ତବ୍ୟଂ ସଚିବେନାତ୍ର କିଞ୍ଚନ।
ପୃଷ୍ଟେନ ତୁ ବିଶେଷେଣ ବାଚ୍ୟଂ ପଥ୍ୟଂ ମହୀପତେଃ ।। ୪ ।।

ଏପରି କ୍ଷେତ୍ରରେ ରାଜା ନ ପଚାରିଲେ ସୁଦ୍ଧା ମନ୍ତ୍ରୀଙ୍କର କିଛି କହିବା ଉଚିତ; ତାହା ପ୍ରିୟ ହେଉ ବା ଅପ୍ରିୟ ହେଉ, ସେଥିରେ କିଛି ଯାଏ-ଆସେ ନାହିଁ। ୪।

ଯୋ ନ ପୃଷ୍ଟୋ ହିତଂ ବ୍ରୂତେ ପରିଣାମେ ସୁଖାବହମ୍।
ମନ୍ତ୍ରୀ ଚ ପ୍ରିୟବକ୍ତା ଚ କେବଳଂ ସ ରିପୁଃ ସ୍ମୃତଃ ।। ୫ ।।

ଯାହାକୁ ପଚାରିଲେ ମଧ୍ୟ ପରିଣାମରେ ହିତକର ଓ ସୁଖକର କଥା କହେ ନାହିଁ, ସେଭଳି ମନ୍ତ୍ରୀ ତଥା ଚାଟୁକାରୀ ଲୋକ ଶତ୍ରୁ ବୋଲି ମନେରଖିବାକୁ ହେବ। ୫।

ତସ୍ମାଦେକାନ୍ତମାସାଦ୍ୟ କାର୍ଯ୍ୟୋ ମନ୍ତ୍ରୀ ମହୀପତେ !
ଯେନ ତସ୍ୟ ବୟଂ କୁର୍ମୋ ନିର୍ଣ୍ଣୟଂ କାରଣଂ ତଥା ।। ୬ ।।

ଏହି ହେତୁରୁ ହେ ରାଜନ୍ ଏକାନ୍ତରେ ମନ୍ତ୍ରଣା କରିବା ଉଚିତ, ଯେପରିକି ଆମେମାନେ ଶତ୍ରୁତାର କାରଣ ଜାଣିପାରିବା ଓ ତାର ପ୍ରତିକାର କରିପାରିବା।" ।୬।

ଏହାପରେ ମେଘବର୍ଣ୍ଣ ବଂଶପରମ୍ପରାଗତ ଉଜ୍ଜୀବୀ, ସଞ୍ଜୀବୀ, ଅନୁଜୀବୀ, ପ୍ରଜୀବୀ ଓ ଚିରଞ୍ଜୀବୀ ନାମକ ପାଞ୍ଚଜଣ ମନ୍ତ୍ରୀଙ୍କୁ ଡାକି ପ୍ରତ୍ୟେକଙ୍କୁ ପଚାରିବାକୁ ଲାଗିଲା। ସେ ପ୍ରଥମେ ଉଜ୍ଜୀବୀକୁ ପଚାରିଲା– "ଏଭଳି ପରିସ୍ଥିତିରେ ତୁମେ କଅଣ ମନେ କରୁଛ ?" ସେ ଉତ୍ତର କଲା– "ବଳବାନ୍ ଶତ୍ରୁ ସହିତ ଯୁଦ୍ଧ କରିବା ଅନୁଚିତ। ଯେହେତୁ ସେ ବଳବାନ୍ ଓ ଯଥାସମୟରେ ପ୍ରହାର କରିପାରେ; ତେଣୁ ତାହା ସଙ୍ଗେ ସନ୍ଧି କରିବା ବିଧେୟ। କଥିତ ଅଛି–

ବଳୀୟସେ ପ୍ରଣମତାଂ କାଳେ ପ୍ରହରତାମପି।
ସମ୍ପଦୋ ନାପଗଚ୍ଛନ୍ତି ପ୍ରତୀପମିବ ନିମ୍ନଗାଃ ।। ୭ ।।

ଯେତେବେଳେ ଶତ୍ରୁ ବଳବାନ୍ ହୋଇଥାଏ, ସେତେବେଳେ ଯେଉଁମାନେ ତାକୁ ପ୍ରଣାମ କରନ୍ତି ଓ ସମୟ ଦେଖି (ଅର୍ଥାତ୍ ଶତ୍ରୁ ଦୁର୍ବଳ ଥିଲାବେଳେ) ତାକୁ ପ୍ରହାର କରନ୍ତି, ନଦୀ ବିପରୀତ ଦିଗରେ ନ ବହିଲାପରି ଐଶ୍ୱର୍ଯ୍ୟ ସେମାନଙ୍କୁ ଛାଡ଼ିଯାଏ ନାହିଁ । ୭ ।

ସତ୍ୟାଢ଼୍ୟୋ ଧାର୍ମିକଶ୍ଚାର୍ଯ୍ୟୋ ଭ୍ରାତୃସଂଘାତବାନ୍ ବଳୀ ।
ଅନେକବିଜୟୀ ଚୈବ ସନ୍ଧେୟଃ ସ ରିପୁର୍ଭବେତ୍ ॥ ୮ ॥

ଯେଉଁ ଶତ୍ରୁ ସତ୍ୟବାଦୀ, ଧାର୍ମିକ, ଆର୍ଯ୍ୟ (ସଚ୍ଚରିତ୍ର), ବହୁଭ୍ରାତାବିଶିଷ୍ଟ, ବଳବାନ୍ ଓ ବହୁଯୁଦ୍ଧରେ ବିଜୟୀ, ତାହା ସହିତ ସନ୍ଧି କରିବା ଉଚିତ । ୮ ।

ସନ୍ଧିଃ କାର୍ଯ୍ୟୋଽପ୍ୟନାର୍ଯ୍ୟେଣ ବିଜ୍ଞାୟ ପ୍ରାଣସଂଶୟମ୍ ।
ପ୍ରାଣୈଃ ସୁରକ୍ଷିତୈଃ ସର୍ବଂ ରାଜ୍ୟଂ ଭବତି ରକ୍ଷିତମ୍ ॥ ୯ ॥

ପ୍ରାଣସଂଶୟ ଉପସ୍ଥିତ ହେଲେ ଅନାର୍ଯ୍ୟ (ଅସଦାଚାରୀ) ଶତ୍ରୁ ସହିତ ମଧ୍ୟ ସନ୍ଧି କରିବା ଆବଶ୍ୟକ; କାରଣ, ପ୍ରାଣର ରକ୍ଷା ହେଲେ ସବୁ ରକ୍ଷାପାଇଥାଏ । ୯ ।

ବିଶେଷତଃ ଯେଉଁ ଶତ୍ରୁ ଅନେକ ଯୁଦ୍ଧରେ ବିଜୟୀ, ତାହା ସଙ୍ଗେ ସନ୍ଧି କରିବା ଉଚିତ । କଥିତ ଅଛି –

ଅନେକ-ଯୁଦ୍ଧ-ବିଜୟୀ ସନ୍ଧାନଂ ଯସ୍ୟ ଗଚ୍ଛତି ।
ତଦ୍ ପ୍ରଭାବେଣ ତସ୍ୟାଶୁ ବଶଂ ଗଚ୍ଛନ୍ତ୍ୟରାତୟଃ ॥ ୧୦ ॥

ଅନେକ ଯୁଦ୍ଧରେ ବିଜୟୀ ରାଜା ଯାହାଙ୍କ ସହିତ ସନ୍ଧି-ସୂତ୍ରରେ ଆବଦ୍ଧ ହୁଅନ୍ତି, ତାଙ୍କର ଶତ୍ରୁମାନେ ସେହି ବିଜୟୀ ରାଜାଙ୍କର ପ୍ରଭାବରେ ଶୀଘ୍ର ତାଙ୍କର ବଶୀଭୂତ ହୋଇଯାନ୍ତି । ୧୦ ।

ସନ୍ଧିମିଚ୍ଛେତ୍ସମେନାପି ସନ୍ଦିଗ୍ଧୋ ବିଜୟୋ ଯୁଧି ।
ନହି ସାଂଶୟିକଂ କୁର୍ଯ୍ୟାଦିତ୍ୟୁବାଚ ବୃହସ୍ପତିଃ ॥ ୧୧ ॥

ଯୁଦ୍ଧରେ ବିଜୟଲାଭ ଅନିଶ୍ଚିତ, ତେଣୁ ସମାନ ବଳଶାଳୀ ଶତ୍ରୁ ସହିତ ମଧ୍ୟ ସନ୍ଧି କରିବା ଉଚିତ; (ନୀତିଶାସ୍ତ୍ର ପ୍ରଣେତା) ବୃହସ୍ପତି କହିଅଛନ୍ତି ଯେ ସଂଶୟଯୁକ୍ତ କୌଣସି କାର୍ଯ୍ୟ କରିବା ବିଧେୟ ନୁହେଁ । ୧୧ ।

ସନ୍ଦିଗ୍ଧୋ ବିଜୟୋ ଯୁଦ୍ଧେ ଜନାନାମିହ ଯୁଦ୍ଧ୍ୟତାମ୍ ।
ଉପାୟତ୍ରିତୟାଦୂର୍ଦ୍ଧ୍ୱଂ ତସ୍ମାଦ୍‌ଯୁଦ୍ଧଂ ସମାଚରେତ୍ ॥ ୧୨ ॥

ସଂସାରରେ ଯୋଦ୍ଧାମାନଙ୍କର ଯୁଦ୍ଧରେ ବିଜୟଲାଭ ଅନିଶ୍ଚିତ । ଏହି ହେତୁରୁ ସାମ, ଦାନ ଓ ଭେଦ ଏ ତିନୋଟି ଉପାୟ ବିଫଳ ହେଲେ ଯୁଦ୍ଧ କରିବା ଉଚିତ । ୧୨ ।

ଅସନ୍ଦଧାନୋ ମାନାନ୍ଧଃ ସମେନାପି ହତୋ ଭୃଶମ୍ ।
ଆମକୁମ୍ଭ ଇବାନ୍ୟେନ କରୋତ୍ୟୁଭୟସଂକ୍ଷୟମ୍ ॥ ୧୩ ॥

ଯେପରି ଦୁଇଟି କଞ୍ଚା ମାଠିଆ ପରସ୍ପରକୁ ଆଘାତ କରି ଉଭୟେ ବିନଷ୍ଟ ହୋଇଥାନ୍ତି, ସେହିପରି ଅଭିମାନରେ ଅନ୍ଧ ହୋଇ ଯେଉଁ ରାଜା ସମାନ ବଳଶାଳୀ

ଶତ୍ରୁ ସହିତ ସନ୍ଧି କରନ୍ତି ନାହିଁ, ସେ ନିଜର ତଥା ଶତ୍ରୁର ବିନାଶ ସାଧନ କରିଥାନ୍ତି । ୧୩ ।

ସମଂ ଶକ୍ତିମତା ଯୁଦ୍ଧମଶକ୍ତସ୍ୟ ହି ମୃତ୍ୟବେ ।
ଦୃଷତ୍କୁମ୍ଭଂ ଯଥା ଭିତ୍ତ୍ୱା ତାବତ୍ତିଷ୍ଠତି ଶକ୍ତିମାନ୍ ।। ୧୪ ।।

ପାଷାଣନିର୍ମିତ କୁମ୍ଭ ମୃତ୍ତିକାନିର୍ମିତ କୁମ୍ଭକୁ ନଷ୍ଟ କରି ନିଜେ ଅକ୍ଷତ ରହିଲା ଭଳି ବଳବାନ୍ ଶତ୍ରୁ ସଙ୍ଗେ ଦୁର୍ବଳ ବ୍ୟକ୍ତି ଯୁଦ୍ଧ କରି କେବଳ ନିଜର ମୃତ୍ୟୁ ଘଟାଇଥାଏ । ୧୪ । ପୁଣି –

ଭୂମିର୍ମିତ୍ରଂ ହିରଣ୍ୟଂ ବା ବିଗ୍ରହସ୍ୟ ଫଳତ୍ରୟମ୍ ।
ନାସ୍ତ୍ୟେକମପି ଯଦ୍ୟେଷାଂ ବିଗ୍ରହଂ ନ ସମାଚରେତ୍ ।। ୧୫ ।।

ଯୁଦ୍ଧରେ ତିନୋଟି ଲାଭ ହୋଇଥାଏ – ରାଜ୍ୟ, ମିତ୍ର ଓ ଧନ । ଯଦି ଏ ତିନୋଟି ମଧ୍ୟରୁ ଗୋଟିଏ ସୁଦ୍ଧା ଲାଭର ଆଶା ନ ଥାଏ, ତେବେ ଯୁଦ୍ଧ କରିବା ଉଚିତ ନୁହେଁ । ୧୫ ।

ଖନନ୍ନାଖୁବିଲଂ ସିଂହଃ ପାଷାଣଶକଳାକୁଳମ୍ ।
ପ୍ରାପ୍ନୋତି ନଖଭଙ୍ଗଂ ବା ଫଳଂ ବା ମୂଷକୋ ଭବେତ୍ ।। ୧୬ ।।

ସିଂହ ଯଦି ପ୍ରସ୍ତରଖଣ୍ଡପୂର୍ଣ୍ଣ ମୂଷିକ ଗର୍ତ୍ତ ଖନନ କରେ, ତେବେ ତାର ନଖଗୁଡ଼ିକ ବିନଷ୍ଟ ହୋଇଯାଏ; ଅଥବା ଯଦି କିଛି ଫଳଲାଭ ହୁଏ, ତେବେ ତାହା ଗୋଟିଏ ମୂଷିକ ମାତ୍ର । ୧୬ ।

ତସ୍ମାନ୍ନ ସ୍ୟାତ୍‌ଫଳଂ ଯତ୍ର ପୁଷ୍ଟଂ ଯୁଦ୍ଧଂ ତୁ କେବଳମ୍ ।
ତତ୍ର ସ୍ୱୟଂ ତଦୁତ୍ପାଦ୍ୟ କର୍ତ୍ତବ୍ୟଂ ନ କଥଂଚନ ।। ୧୭ ।।

ଏହି ହେତୁରୁ ଯେଉଁ ଯୁଦ୍ଧରେ କେବଳ ଯୁଦ୍ଧ ଛଡ଼ା ଅନ୍ୟ କୌଣସି ଲାଭ ନଥାଏ, ନିଜ ପକ୍ଷରୁ ସେଭଳି ଯୁଦ୍ଧ ନିଜେ ସୃଷ୍ଟି କରିବା କଦାପି ଉଚିତ ନୁହେଁ । ୧୭ ।

ବଳୀୟସା ସମାକ୍ରାନ୍ତୋ ବୈତସୀଂ ବୃତ୍ତିମାଚରେତ୍ ।
ବାଂଛନ୍ନଭ୍ରଂଶିନୀଂ ଲକ୍ଷ୍ମୀଂ ନ ଭୌଜଙ୍ଗଂ କଦାଚନ ।। ୧୮ ।।

ଯେଉଁ ବ୍ୟକ୍ତି ଲକ୍ଷ୍ମୀଙ୍କୁ ନିଜ ପାଖରେ ଅଚଳା ରଖିବାକୁ ଇଚ୍ଛା କରେ, ସେ ବଳବାନ୍ ଶତ୍ରୁ ନିକଟରେ ବେତସ-ବୃତ୍ତି ଅବଲମ୍ବନ କରିବା ଉଚିତ, ଅର୍ଥାତ୍ ବେତସ ଲତା ପବନର ଗତିରେ ବାଧା ନ ଦେଇ ନଇଁପଡ଼େ, ସେହିପରି ନଇଁପଡ଼ିବ; ଭୁଜଙ୍ଗବୃତ୍ତି (ଅର୍ଥାତ୍ ସାପ ସାମାନ୍ୟ ଆଘାତ ପାଇଲେ ଫଣା ଟେକି ଦଂଶନ କଲାପରି ତୀବ୍ର ଆକ୍ରମଣ) ଅବଲମ୍ବନ କରିବା କଦାପି ଉଚିତ ନୁହେଁ । ୧୮ ।

କୁର୍ବନ୍ହି ବୈତସୀଂ ବୃତ୍ତିଂ ପ୍ରାପ୍ନୋତି ମହତୀଂ ଶ୍ରିୟମ୍ ।
ଭୁଜଙ୍ଗବୃତ୍ତିମାପନ୍ନୋ ବଧମର୍ହତି କେବଳମ୍ ।। ୧୯ ।।

ବେତସ-ବୃତ୍ତି (ନମ୍ରତା) ଦ୍ୱାରା ମନୁଷ୍ୟ ବିପୁଳ-ଧନଲାଭ କରିଥାଏ; ଭୁଜଙ୍ଗବୃତ୍ତିଦ୍ୱାରା କେବଳ ବଧର ଯୋଗ୍ୟ ହୋଇଥାଏ । ୧୯ ।

କୌର୍ମଂ ସଙ୍କୋଚ଼ମାସ୍ଥାୟ ପ୍ରହାରାନପି ମର୍ଷୟେତ୍‌।
ପ୍ରାପ୍ତେ କାଳେ ଚ଼ ମତିମାନୁତ୍ତିଷ୍ଠେତ୍ କୃଷ୍ଣସର୍ପବତ୍‌॥ ୨୦॥

କୂର୍ମ ନିଜ ଅଙ୍ଗକୁ ସଂକୁଚ଼ିତ କରି ପ୍ରହାର ସହିଲା ପରି ବୁଦ୍ଧିମାନ୍ ଲୋକ ବିପତ୍ତିକୁ ସହ୍ୟ କରିବା ଉଚ଼ିତ ଓ ସମୟେ ସମୟେ କୃଷ୍ଣସର୍ପ ଫଣା ଟେକି ଆଘାତ କଲା ପରି ଶତ୍ରୁକୁ ଆଘାତ କରିବା ଉଚ଼ିତ। ୨୦।

ଆଗତଂ ବିଗ୍ରହଂ ମତ୍ୱା ସୁସାମ୍ନା ପ୍ରଶମଂ ନୟେତ୍‌।
ବିଜୟସ୍ୟ ହ୍ୟନିତ୍ୟତ୍ୱାଦ୍ରଭସଂ ଚ଼ ସମୁତ୍ସୃଜେତ୍‌॥ ୨୧॥

ଯୁଦ୍ଧ ଉପସ୍ଥିତ ହେବାର ଦେଖିଲେ ବୁଦ୍ଧିମାନ୍ ଲୋକ ସାମନୀତି ପ୍ରୟୋଗ ଦ୍ୱାରା ଶତ୍ରୁକୁ ଶାନ୍ତ କରିବା ଉଚ଼ିତ। ଯୁଦ୍ଧରେ ଜୟଲାଭ ଅନିଶ୍ଚିତ ହୋଇଥିବାରୁ ହଠାତ୍ ଯୁଦ୍ଧକୁ ଲମ୍ଫଦେବା ଅନୁଚ଼ିତ। ୨୧।

ବଳିନା ସହ ଯୋଦ୍ଧବ୍ୟମିତି ନାସ୍ତି ନିଦର୍ଶନମ୍‌।
ପ୍ରତିବାତଂ ନହି ଘନଃ କଦାଚ଼ିଦୁପସର୍ପତି॥ ୨୨॥

ବଳବାନ୍ ପୁରୁଷ ସହିତ ଯୁଦ୍ଧ କରିବାକୁ ହେବ– ନୀତିଶାସ୍ତ୍ରରେ ଏପରି କୌଣସି ନିର୍ଦ୍ଦେଶ ନାହିଁ। ମେଘ ମଧ୍ୟ ବାୟୁର ବିପରୀତ ଦିଗରେ ଗତି କରି ନ ଥାଏ।’’। ୨୨।

ଉଜ୍ଜୀବୀ ଏହିପରି ସନ୍ଧିକାରକ ସାମ ମନ୍ତ୍ରର ପରାମର୍ଶ ଦେଲା। ଅନନ୍ତର ତାହା ଶୁଣି ବାୟସରାଜ ସଞ୍ଜୀବୀକୁ ପ୍ରଶ୍ନ କଲା– ‘‘ଭଦ୍ର, ତୁମର ଅଭିପ୍ରାୟ ମଧ୍ୟ ଶୁଣିବା ମୋର ଇଚ୍ଛା।’’ ସେ କହିଲା– ‘‘ମହାରାଜ! ଶତ୍ରୁ ସହିତ ସନ୍ଧି ସ୍ଥାପନ କରିବା ମୋତେ ଭଲ ବୋଧ ହେଉନାହିଁ। ଯେହେତୁ କଥିତ ଅଛି–

ଶତ୍ରୁଣା ନ ହି ସନ୍ଦଧ୍ୟାତ୍ ସୁଶ୍ଳିଷ୍ଟେନାପି ସନ୍ଧିନା।
ସୁତପ୍ତମପି ପାନୀୟଂ ଶମୟତ୍ୟେବ ପାବକମ୍‌॥ ୨୩॥

ଅତି ଉତ୍ତମରୂପେ ସମ୍ପାଦିତ ସନ୍ଧିଦ୍ୱାରା ମଧ୍ୟ ଶତ୍ରୁ ସଙ୍ଗେ ମିଳନ ଉଚ଼ିତ ନୁହେଁ; ଦେଖ, ଅଗ୍ନିଦ୍ୱାରା ଜଳ ଉତ୍ତପ୍ତ ହୋଇଥିଲେହେଁ ତାହା ଅଗ୍ନିକୁ ନିର୍ବାପିତ କରିଥାଏ। ୨୩।

ପୁଣି ସେ ଉଲୂକରାଜ ହେଉଛି ନିଷ୍ଠୁର, ଅତ୍ୟନ୍ତ ଲୋଭୀ ଓ ଧର୍ମହୀନ; ତେଣୁ ତାହା ସହିତ କୌଣସି ପ୍ରକାରେ ସନ୍ଧି କରିବା ଉଚ଼ିତ ନୁହେଁ। କଥିତ ଅଛି–

ସତ୍ୟଧର୍ମବିହୀନେନ ନ ସନ୍ଦଧ୍ୟାତ୍କଥଞ୍ଚନ।
ସୁସନ୍ଧିତୋଽପ୍ୟସାଧୁତ୍ୱାଦଚିରାଦ୍ୟାତି ବିକ୍ରିୟାମ୍‌॥ ୨୪॥

ସତ୍ୟ-ଧର୍ମ-ବିରହିତ ପୁରୁଷ ସହିତ କୌଣସି ପ୍ରକାର ସନ୍ଧି କରିବା ଉଚ଼ିତ ନୁହେଁ; କାରଣ ଯେତେ ଉତ୍ତମରୂପେ ସନ୍ଧି କରାଯାଇଥିଲେ ସୁଦ୍ଧା ଶତ୍ରୁର ଅସାଧୁତା ହେତୁରୁ ଶୀଘ୍ର ବିକାରପ୍ରାପ୍ତ ହୋଇଥାଏ (ବଦଳିଯାଇଥାଏ)। ୨୪।

ତେଣୁ ତାହା ସଙ୍ଗେ ଯୁଦ୍ଧ କରିବା ମୋର ମତ। କାରଣ କଥିତ ଅଛି–

କ୍ରୂରୋ ଲୁବ୍‌ଧୋଽଲସୋଽସତ୍ୟଃ ପ୍ରମାଦୀ ଭୀରୁରସ୍ଥିରଃ ।
ମୂଢ଼ୋ ଯୁଦ୍ଧାବମନ୍ତା ଚ଼ ସୁଖୋଚ୍ଛେଦ୍ୟୋ ଭବେଦ୍ରିପୁଃ ।। ୨୫ ।।

ନିର୍ଦ୍ଦୟ, ଲୋଭୀ, ଆଳସ୍ୟପରାୟଣ, ମିଥ୍ୟାବାଦୀ, ଅସାବଧାନୀ, ଭୟାଳୁ, ଅସ୍ଥିରମନା, ମୂର୍ଖ ଓ ଯୋଦ୍ଧାମାନଙ୍କର ଅବମାନନାକାରୀ ଶତ୍ରୁ ସହଜରେ ପରାଜିତ ହୋଇପାରେ । ୨୫ ।

ଦ୍ୱିତୀୟତଃ ସେ ଆମମାନଙ୍କୁ ଅପମାନିତ କରିଅଛି; ତେଣୁ ଯଦି ଆମେ ସନ୍ଧିର ପ୍ରସ୍ତାବ ଉଠାଇବା, ତେବେ ସେ ପୁଣି ଅତ୍ୟନ୍ତ କ୍ରୋଧ କରିବ । କଥିତ ଅଛି–

ଚତୁର୍ଥୋପାୟସାଧ୍ୟେ ତୁ ରିପୌ ସାନ୍ତ୍ୱମପକ୍ରିୟା ।
ସ୍ୱେଦ୍ୟମାମଜ୍ୱରଂ ପ୍ରାଜ୍ଞଃ କୋଽମ୍ଭସା ପରିଷିଞ୍ଚତି ।। ୨୬ ।।

ଚତୁର୍ଥ ଉପାୟ ଅର୍ଥାତ୍ ଦଣ୍ଡଦ୍ୱାରା ବଶର ଯୋଗ୍ୟ ଶତ୍ରୁ ସହିତ ଶାନ୍ତିର ଆଲୋଚ଼ନା ଅନୁଚ଼ିତ କାର୍ଯ୍ୟ ଅଟେ । କେଉଁ ଅଭିଜ୍ଞ ବୈଦ୍ୟ ନବୀନ ଜ୍ୱରରୋଗରେ ପୀଡ଼ିତ ରୋଗୀକୁ ଜଳରେ ସ୍ନାନ କରାଏ ? ୨୬ ।

ସାମବାଦାଃ ସକୋପସ୍ୟ ଶତ୍ରୋଃ ପ୍ରତ୍ୟୁତ ଦୀପକାଃ ।
ପ୍ରତପ୍ତସ୍ୟେବ ସହସା ସର୍ପିଷସ୍ତୋୟବିନ୍ଦବଃ ।। ୨୭ ।।

ଉତ୍ତପ୍ତ ଘୃତ ଉପରେ ଜଳବିନ୍ଦୁ ପଡ଼ିଲେ ତାହା ଘୃତର ତାପକୁ ଶାନ୍ତ କରିବା ପରିବର୍ତ୍ତେ ଅଧିକ ପ୍ରଜ୍ୱଳିତ କରିଦିଏ; ସେହିପରି କ୍ରୁଦ୍ଧ ଶତ୍ରୁକୁ ଶାନ୍ତି-ବାକ୍ୟ ଆହୁରି କ୍ରୁଦ୍ଧ କରିପକାଏ । ୨୭ ।

ଆଉ ଯେ କହନ୍ତି 'ଶତ୍ରୁ ବଳବାନ୍', ତାହା ମଧ୍ୟ ଉପଯୁକ୍ତ କାରଣ ନୁହେଁ । ଯେହେତୁ କଥିତ ଅଛି–

ସୋତ୍ସାହଶକ୍ତିସମ୍ପନ୍ନୋ ହନ୍ୟାଚ୍ଛତ୍ରୁଂ ଲଘୁର୍ଗୁରୁମ୍ ।
ଯଥା କଣ୍ଠୀରବୋ ନାଗେ ସୁସାମ୍ରାଜ୍ୟଂ ପ୍ରପଦ୍ୟତେ ।। ୨୮ ।।

ଉତ୍ସାହଶକ୍ତିସମ୍ପନ୍ନ ଦୁର୍ବଳ ପୁରୁଷ ମଧ୍ୟ ସବଳ ଶତ୍ରୁକୁ ବଧ କରିପାରେ । ଉଦାହରଣ ସ୍ୱରୂପ, ସିଂହ ହସ୍ତୀଠାରୁ କ୍ଷୁଦ୍ରତର ହୋଇଥିଲେହେଁ ସେ ହସ୍ତୀକୁ ବଧ କରିଥାଏ । ଏହା ଭରଦ୍ୱାଜ ଋଷି କହିଯାଇଛନ୍ତି । ୨୮ ।

ମାୟୟା ଶତ୍ରବୋ ବଧ୍ୟା ଅବଧ୍ୟାଃ ସ୍ୟୁର୍ବଳେନ ଯେ ।
ଯଥା ସ୍ତ୍ରୀରୂପମାସ୍ଥାୟ ହତୋ ଭୀମେନ କୀଚ଼କଃ ।। ୨୯ ।।

ଯେଉଁ ଶତ୍ରୁମାନଙ୍କୁ ପରାକ୍ରମଦ୍ୱାରା ବଧ କରାଯାଇ ନ ପାରେ, ସେମାନଙ୍କୁ କପଟ ନୀତିରେ ବଧ କରିବା ଉଚ଼ିତ; ଯଥା– ଭୀମସେନ ନାରୀବେଶ ଧାରଣ କରି କୀଚ଼କକୁ ବଧ କରିଥିଲେ । ୨୯ । ପୁଣି –

ମୃତ୍ୟୋରିବୋଗ୍ରଦଣ୍ଡସ୍ୟ ରାଜ୍ଞୋ ଯାନ୍ତି ବଶଂ ଦ୍ୱିଷଃ ।
ଶଷ୍ପତୁଲ୍ୟଂ ହି ମନ୍ୟନ୍ତେ ଦୟାଳୁଂ ରିପବୋ ନୃପମ୍ ।। ୩୦ ।।

ଶତ୍ରୁମାନେ ଯମସଦୃଶ ତୀକ୍ଷ୍ଣ ଦଣ୍ଡଧାରୀ ରାଜାଙ୍କର ବଶ ହୋଇଯାଇଥାନ୍ତି; କିନ୍ତୁ ସବୁ ସହିଯାଉଥିବା ରାଜାଙ୍କୁ ତୃଣବତ୍ ହୀନ ମନେକରିଥାନ୍ତି । ୩୦ ।

ପ୍ରୟାତ୍ୟୁପଶମଂ ଯସ୍ୟ ତେଜସ୍ତେଜସ୍ୱିତେଜସାମ୍ ।
ବୃଥା ଜାତେନ କିଂ ତେନ ମାତୁର୍ଯୌବନହାରିଣା ।। ୩୧ ।।

ଯେଉଁ ଲୋକର ତେଜ ତେଜସ୍ୱୀ ପୁରୁଷମାନଙ୍କର ତେଜକୁ ଶାନ୍ତ କରି ନ ପାରେ, ସେଭଳି ଲୋକର ଜନ୍ମ ବୃଥା । କେବଳ ମାତାର ଯୌବନକୁ ବିନାଶ କରିଥିବା ଲୋକର ଜନ୍ମଲାଭରେ କି ଲାଭ ? । ୩୧ ।

ଯା ଲକ୍ଷ୍ମୀର୍ନାନୁଲିପ୍ତାଙ୍ଗୀ ବୈରିଶୋଣିତକୁଙ୍କୁମୈଃ ।
କାନ୍ତାପି ମନସଃ ପ୍ରୀତିଂ ନ ସା ଧତ୍ତେ ମନସ୍ୱିନାମ୍ ।। ୩୨ ।।

ଯେଉଁ ଲକ୍ଷ୍ମୀଙ୍କର ଶରୀର ଶତ୍ରୁର ରୁଧିରରୂପକ କୁଙ୍କୁମରେ ଅନୁଲିପ୍ତ ନ ହୁଏ, ସେ କମନୀୟ ହୋଇଥିଲେହେଁ ମନସ୍ୱୀ (ବୀର) ପୁରୁଷମାନଙ୍କ ମନର ଆନନ୍ଦ ସମ୍ପାଦନ କରିପାରନ୍ତି ନାହିଁ । ୩୨ ।

ରିପୁରକ୍ତେନ ସଂସିକ୍ତା ବୈରିସ୍ତ୍ରୀନେତ୍ରବାରିଣା ।
ନ ଭୂମିର୍ଯସ୍ୟ ଭୂପସ୍ୟ କା ଶ୍ଲାଘା ତସ୍ୟ ଜୀବନେ ।। ୩୩ ।।

ଯେଉଁ ରାଜାଙ୍କର ଭୂମି ଶତ୍ରୁମାନଙ୍କର ରକ୍ତରେ ତଥା ସେମାନଙ୍କର ସ୍ତ୍ରୀମାନଙ୍କ (ପତିପୁତ୍ରାଦିଙ୍କର ବିନାଶ ହେତୁ) ନେତ୍ରର ଅଶ୍ରୁରେ ସିକ୍ତ ହୋଇ ନ ଥାଏ, ତାଙ୍କର ଜୀବନରେ ପ୍ରଶଂସା କାହିଁ?'' । ୩୩ ।

ସଞ୍ଜୀବୀ ଏହିପରି ଯୁଦ୍ଧର ପରାମର୍ଶ ଦେଲା । ତାହା ଶୁଣି ବାୟସରାଜ ମେଘବର୍ଣ୍ଣ ଅନୁଜୀବୀକୁ କହିଲା, ''ଭଦ୍ର ! ତୁମେ ମଧ୍ୟ ନିଜର ଅଭିପ୍ରାୟ ପ୍ରକାଶ କର ।''

ସେ କହିଲା, ''ମହାରାଜ ! ସେ ଉଲୂକ ହେଉଛି ଦୁଷ୍ଟ, ବଳଶାଳୀ ଓ ଶିଷ୍ଟାଚାର-ରହିତ । ଏହି ହେତୁରୁ ତା ସହିତ ସନ୍ଧି କରିବା ଉଚିତ ନୁହେଁ; ଯୁଦ୍ଧ କରିବା ମଧ୍ୟ ଉଚିତ ନୁହେଁ । କେବଳ ଯାନହିଁ ଉପଯୁକ୍ତ । କଥିତ ଅଛି—

ବଲୋତ୍କଟେନ ଦୁଷ୍ଟେନ ମର୍ଯ୍ୟାଦା ରହିତେନ ଚ ।
ନ ସନ୍ଧିର୍ବିଗ୍ରହୋ ନୈବ ବିନା ଯାନଂ ପ୍ରଶସ୍ୟତେ ।। ୩୪ ।।

ବଳବାନ୍, ଦୁଷ୍ଟ ଓ ଶିଷ୍ଟାଚାରରହିତ ଶତ୍ରୁ ସହିତ ସନ୍ଧି କରିବା ଉଚିତ ନୁହେଁ, ଯୁଦ୍ଧ କରିବା ମଧ୍ୟ ଉଚିତ ନୁହେଁ; କେବଳ ଯାନ ବିନା ଅନ୍ୟ କିଛି ଉପଯୋଗୀ ନୁହେଁ । ୩୪ ।

ଦ୍ୱିଧାକାରଂ ଭବେଦ୍‌ଯାନଂ ଭୟେ ପ୍ରାଣପ୍ରରକ୍ଷଣମ୍ ।
ଏକମନ୍ୟଜ୍ଜିଗୀଷୋଷ୍ଟ ଯାତ୍ରାଲକ୍ଷଣମୁଚ୍ୟତେ ।। ୩୫ ।।

ଏହି ଯାନ ଦ୍ୱିବିଧ । ପ୍ରଥମଟି ହେଉଛି, ଭୟ ଉପସ୍ଥିତ ହେଲେ ପ୍ରାଣ ଓ ଧନର ସଂରକ୍ଷଣ ଓ ଦ୍ୱିତୀୟଟି ବିଜୟାଭିଳାଷୀ ରାଜାଙ୍କର ଶତ୍ରୁ ଉପରେ ଆକ୍ରମଣ ନାମରେ କଥିତ । ଅର୍ଥାତ୍ ପ୍ରଥମ ଯାନ ହେଉଛି, ପ୍ରାଣସଙ୍କଟ ସମୟରେ ପଳାୟନ ଓ ଦ୍ୱିତୀୟ ଯାନ ହେଉଛି, ବିଜୟର ସମ୍ଭାବନା ଥିଲେ ଶତ୍ରୁ ଉପରେ ଆକ୍ରମଣ । ୩୫ ।

କାର୍ତ୍ତିକେ ବାଥ ଚୈତ୍ରେ ବା ବିଜିଗୀଷୋଃ ପ୍ରଶସ୍ୟତେ ।
ଯାନମୁତ୍କୃଷ୍ଟବୀର୍ଯ୍ୟସ୍ୟ ଶତ୍ରୁଦେଶେ ନ ଚାନ୍ୟଦା ।। ୩୬ ।।

ଶତ୍ରୁଠାରୁ ଅଧିକ ବଳଶାଳୀ ବିଜୟାଭିଳାଷୀ ରାଜାଙ୍କ ପକ୍ଷରେ ଶତ୍ରୁଦେଶକୁ ଯିବାପାଇଁ କାର୍ତ୍ତିକ ଅଥବା ଚୈତ୍ର ମାସ ପ୍ରଶସ୍ତ। ଅନ୍ୟ ସମୟରେ ଯିବା କଦାପି ଉଚିତ ନୁହେଁ। ୩୬।

ଅବସ୍କନ୍ଦପ୍ରଦାନସ୍ୟ ସର୍ବେ କାଳାଃ ପ୍ରକୀର୍ତ୍ତିତାଃ।
ବ୍ୟସନେ ବର୍ତ୍ତମାନସ୍ୟ ଶତ୍ରୋଶ୍ଛିଦ୍ରାନ୍ୱିତସ୍ୟ ଚ॥ ୩୭॥

ଶତ୍ରୁ ବିପଦଗ୍ରସ୍ତ ଅବସ୍ଥାରେ ଥିଲେ ଓ ଦୁର୍ବଳ ହୋଇଯାଇଥିଲେ ତାହାର ଦେଶକୁ ଆକ୍ରମଣ କରିବାପାଇଁ ସବୁ ସମୟ ଉପଯୁକ୍ତ ବୋଲି କଥିତ ଅଛି। ୩୭।

ସ୍ୱସ୍ଥାନଂ ସୁଦୃଢ଼ଂ କୃତ୍ୱା ଶୂରୈଷ୍ଟାପ୍ତୈର୍ମହାବଳୈଃ।
ପରଦେଶଂ ତତୋ ଗଚ୍ଛେତ୍ପ୍ରଣିଧିବ୍ୟାପ୍ତମଗ୍ରତଃ॥ ୩୮॥

ମହାବଳଶାଳୀ ଓ ବିଶ୍ୱସ୍ତ ବୀରପୁରୁଷମାନଙ୍କଦ୍ୱାରା ନିଜ ରାଜ୍ୟକୁ ସୁଦୃଢ଼ କରି ପୂର୍ବରୁ ଗୁପ୍ତଚରମାନଙ୍କଦ୍ୱାରା ପରିପୂର୍ଣ୍ଣ ଶତ୍ରୁରାଜ୍ୟରେ ପ୍ରବେଶ କରିବା ଉଚିତ। ୩୮।

ଅଜ୍ଞାତବୀବଧାସାରତୋୟଶସ୍ୟୋ ବ୍ରଜେତ୍ତୁ ଯଃ।
ପରରାଷ୍ଟ୍ରଂ ସ ନୋ ଭୂୟଃ ସ୍ୱରାଷ୍ଟ୍ରମଧିଗଚ୍ଛତି॥ ୩୯॥

ଧାନ୍ୟାଦି ପ୍ରାପ୍ତି, ମିତ୍ରବଳ, ଜଳ ଓ ଖାଦ୍ୟଦ୍ରବ୍ୟ– ଏସବୁ ବିଷୟ ନଜାଣି ଯେଉଁ ରାଜା ବିଜୟ ଆଶାରେ ଶତ୍ରୁରାଜ୍ୟକୁ ଯାଏ, ସେ ପୁନରାୟ ନିଜ ରାଜ୍ୟକୁ ଫେରିଆସିପାରେନାହିଁ। ୩୯। ଅତଏବ ଆପଣ ଏଠାରୁ ପଳାୟନ କରିବା ଉଚିତ। ପୁନଶ୍ଚ–

ନ ବିଗ୍ରହୋ ନ ସନ୍ଧାନଂ ବଳିନା ତେନ ପାପିନା।
କାର୍ଯ୍ୟଲାଭମପେକ୍ଷ୍ୟାପସରଣଂ କ୍ରିୟତେ ବୁଧୈଃ॥ ୪୦॥

ହେ ପ୍ରଭୁ! ଏହି ବଳବାନ୍ ଦୁଷ୍ଟ ଶତ୍ରୁ ସହିତ ଦ୍ୱିତୀୟ ଯାନ ଅର୍ଥାତ୍ ଶତ୍ରୁରାଜ୍ୟ ଆକ୍ରମଣ କରିବା ଉଚିତ ନୁହେଁ, ବିଗ୍ରହ ଉଚିତ ନୁହେଁ, ସନ୍ଧି ମଧ୍ୟ ଉଚିତ ନୁହେଁ। ୪୦।

ଅନ୍ୟ କଥା ହେଉଛି ଯେ, କାରଣବଶତଃ ବିଦ୍ୱାନ୍ ପୁରୁଷ ମଧ୍ୟ ଅପସରଣ ବା ପଳାୟନ କରିଥାନ୍ତି। କଥିତ ଅଛି–

ଯଦପସରତି ମେଷଃ କାରଣଂ ତଦ୍ ପ୍ରହର୍ତ୍ତୁଂ
ମୃଗପତିରପି କୋପାତ୍ସଂକୁଚତ୍ୟୁତ୍ପତିଷ୍ଣୁଃ।
ହୃଦୟନିହିତବୈରାଃ ଗୂଢ଼ମନ୍ତ୍ରପ୍ରଚାରାଃ
କିମପି ବିଗଣୟନ୍ତୋ ବୁଦ୍ଧିମନ୍ତଃ ସହନ୍ତେ॥ ୪୧॥

ଯୁଦ୍ଧ କଲାବେଳେ ମେଷ ଯେ ଅପସରଣ କରେ (ପଛକୁ ହଟିଯାଏ), ତାହା ପ୍ରହାର କରିବାଲାଗି କରିଥାଏ; ସିଂହ ମଧ୍ୟ କ୍ରୋଧରେ ଶିକାର ଉପରେ ଲମ୍ଫ ଦେଲାବେଳେ ନିଜ ଶରୀରକୁ ସଙ୍କୁଚିତ କରିଦେଇଥାଏ। ବୁଦ୍ଧିମାନ୍ ଲୋକ ନିଜର ଅଭିପ୍ରାୟକୁ ଲୁଚାଇ ରଖି, ନିଜର ମନ୍ତ୍ରଣା ଓ ଚେଷ୍ଟାକୁ ପ୍ରକାଶ ନ କରି ସମୟର ଅପେକ୍ଷାରେ ରହିଥାଏ। ୪୧। ପୁଣି–

ବଲବନ୍ତଂ ରିପୁଂ ଦୃଷ୍ଟ୍ୱା ଦେଶତ୍ୟାଗଂ କରୋତି ଯଃ।
ଯୁଧିଷ୍ଠିର ଇବାପ୍ନୋତି ପୁନର୍ଜୀବନ୍ ସ ମେଦିନୀମ୍।। ୪୨ ।।

ଯେଉଁ ରାଜା ଶତ୍ରୁକୁ ବଳବାନ୍ ଦେଖି ନିଜ ଦେଶକୁ ଛାଡ଼ି ଚାଲିଯାଏ, ସେ ଜୀବନରେ ଥାଇ ପୁଣି ଯୁଧିଷ୍ଠିରଙ୍କ ଭଳି ପୁନର୍ବାର ରାଜ୍ୟଲାଭ କରିଥାଏ। ୪୨।

ଯୁଦ୍ଧ୍ୟତେଽହଂକୃତିଂ କୃତ୍ୱା ଦୁର୍ବଲୋ ଯୋ ବଲୀୟସା।
ସ ତସ୍ୟ ବାଞ୍ଛିତଂ କୁର୍ଯାଦାତ୍ମନଶ୍ଚ କୁଲକ୍ଷୟମ୍।। ୪୩।।

ଯେଉଁ ଦୁର୍ବଳ ରାଜା ଅହଙ୍କାରପୂର୍ବକ ବଳବାନ୍ ଶତ୍ରୁ ସଙ୍ଗେ ଯୁଦ୍ଧ କରେ, ସେ ନିଜର ବାଞ୍ଛା ପୂରଣ କରିପାରେ ନାହିଁ ଓ ତାହା ସଙ୍ଗେ ସଙ୍ଗେ ନିଜର କୁଳକ୍ଷୟ ଘଟାଏ। ୪୩। ଆମ ଉପରେ ଗୋଟାଏ ବଳବାନ୍ ଶତ୍ରୁ ଆକ୍ରମଣ କରୁଛି; ତେଣୁ ଏ ହେଉଛି ଅପସରଣର ସମୟ; ସନ୍ଧି କିମ୍ବା ବିଗ୍ରହର ସମୟ ନୁହେଁ।''

ଅପସରଣ ବିଷୟରେ ଅନୁଜୀବୀ ଏହିପରି ପରାମର୍ଶ ଦେଲା। ତାହା ଶୁଣି ମେଘବର୍ଣ୍ଣ ପ୍ରଜୀବୀକୁ ପଚାରିଲା, ''ଏବେ ତୁମେ ନିଜର ଅଭିପ୍ରାୟ ପ୍ରକାଶ କର।'' ସେ କହିଲା, ''ଦେବ! ସନ୍ଧି, ବିଗ୍ରହ ଓ ଯାନ ଏ ତିନୋଟିଯାକ ମୋତେ ଭଲ ବୋଧହେଉନାହିଁ। ମୋର ମନେହୁଏ, ଆସନହିଁ ସବୁଠାରୁ ଭଲ। କଥିତ ଅଛି–

ନକ୍ରଃ ସ୍ୱସ୍ଥାନମାସାଦ୍ୟ ଗଜେନ୍ଦ୍ରମପି କର୍ଷତି।
ସ ଏବ ପ୍ରଚ୍ୟୁତଃ ସ୍ଥାନାଚ୍ଛୁନାପି ପରିଭୂୟତେ।। ୪୪ ।।
ଅଭିଯୁକ୍ତୋ ବଲବତା ଦୁର୍ଗେ ତିଷ୍ଠେଦ୍ ପ୍ରଯତ୍ନବାନ୍।
ତତ୍ରସ୍ଥସ୍ସୁହୃଦାହ୍ୱାନଂ ପ୍ରକୁର୍ବୀତାତ୍ମମୁକ୍ତୟେ।। ୪୫ ।।
ଯୋ ରିପୋରାଗମଂ ଶ୍ରୁତ୍ୱା ଭୟସନ୍ତ୍ରସ୍ତମାନସଃ।
ସ୍ୱସ୍ଥାନଂ ସନ୍ତ୍ୟଜେତ୍ତତ୍ର ନ ସ ଭୂୟୋ ବିଶେନ୍ନରଃ।। ୪୬।।

କୁମ୍ଭୀର ନିଜ ସ୍ଥାନରେ ରହି ବଳବାନ୍ ହସ୍ତୀକୁ ମଧ୍ୟ ଟାଣିନିଏ; ମାତ୍ର ସ୍ଥାନରୁ ବିଚ୍ୟୁତ ହେଲେ ସେହି କୁମ୍ଭୀର ସାମାନ୍ୟ କୁକ୍କୁରଦ୍ୱାରା ମଧ୍ୟ ପରାଜିତ ହୋଇଯାଏ। ୪୪। ପୁଣି– ବଳବାନ୍ ଶତ୍ରୁଦ୍ୱାରା ଆକ୍ରାନ୍ତ ହେଲେ, ରାଜା ସାବଧାନରେ ନିଜ ଦୁର୍ଗ ଭିତରେ ରହିବା ଉଚିତ ଓ ସେହିଠାରେ ରହି ନିଜର ରକ୍ଷା ନିମନ୍ତେ ମିତ୍ରମାନଙ୍କୁ ଆହ୍ୱାନ କରିବା ଉଚିତ। ୪୫। ଯେଉଁ ରାଜା ଶତ୍ରୁ ଆସୁଛି ବୋଲି ଶୁଣି ଭୟତ୍ରସ୍ତ ହୋଇ ନିଜ ସ୍ଥାନକୁ ପରିତ୍ୟାଗ କରେ, ସେ ପୁନରାୟ ସେହି ସ୍ଥାନରେ ପ୍ରବେଶ କରିପାରେନାହିଁ। ୪୬।

ଦଂଷ୍ଟ୍ରାବିରହିତଃ ସର୍ପୋ ମଦହୀନୋ ଯଥା ଗଜଃ।
ସ୍ଥାନହୀନସ୍ତଥା ରାଜାଗମ୍ୟଃ ସ୍ୟାତ୍ସର୍ବଜନ୍ତୁଷୁ।। ୪୭ ।।
ନିଜସ୍ଥାନସ୍ଥିତୋଽପ୍ୟେକଃ ଶତଂ ଯୋଦ୍ଧୁଂ ସହେନ୍ନରଃ।
ଶକ୍ତାନାମପି ଶତ୍ରୁଣାଂ ତସ୍ମାତ୍ସ୍ଥାନଂ ନ ସଂତ୍ୟଜେତ୍।। ୪୮ ।।
ତସ୍ମାଦ୍ ଦୁର୍ଗଂ ଦୃଢ଼ଂ କୃତ୍ୱା ବୀବିଧାସାରସଂଯୁତମ୍।
ପ୍ରାକାର-ପରିଖାଯୁକ୍ତଂ ଶସ୍ତ୍ରାଦିଭିରଲଂକୃତମ୍।। ୪୯ ।।

ତିଷ୍ଠ ମଧ୍ୟଗତୋ ନିତ୍ୟଂ ଯୁଦ୍ଧାୟ କୃତନିଶ୍ଚୟଃ ।
ଜୀବନ୍ ସଂପ୍ରାପ୍ସ୍ୟସି କ୍ଷ୍ମାନ୍ତଂ ମୃତଃ ସ୍ୱର୍ଗମବାପ୍ସ୍ୟସି ।। ୫୦ ।।
ବଳିନାପି ନ ବାଧନ୍ତେ ଲଘବୋଽପ୍ୟେକସଂଶ୍ରୟାଃ ।
ବିପକ୍ଷେଣାପି ମରୁତା ଯଥୈକସ୍ଥାନବୀରୁଧଃ ।। ୫୧ ।।

ଦନ୍ତହୀନ ସର୍ପ ଓ ମଦରହିତ ହସ୍ତୀ ଭଳି ସ୍ଥାନଭ୍ରଷ୍ଟ ରାଜା ସମସ୍ତଙ୍କର ବଶୀଭୂତ ହୋଇଯାଏ । ୪୭ । ନିଜ ସ୍ଥାନରେ ରହିଥିଲେ ଲୋକ ଏକାକୀ ଶତସଂଖ୍ୟକ ଶତ୍ରୁ ସହିତ ଯୁଦ୍ଧ କରିପାରେ । ଏହି ହେତୁରୁ ସ୍ୱସ୍ଥାନ ତ୍ୟାଗ କରିବା ଉଚିତ ନୁହେଁ । ୪୮ । ଅତଏବ ଦୁର୍ଗକୁ ସୁଦୃଢ଼, ସୈନ୍ୟ ଓ ସାମଗ୍ରୀଦ୍ୱାରା ପୂର୍ଣ୍ଣ, ପ୍ରାଚୀର ଓ ପରିଖାଦ୍ୱାରା ବେଷ୍ଟିତ, ଅସ୍ତ୍ରଶସ୍ତ୍ରାଦିରେ ସୁସଜ୍ଜିତ କରି ରଖିବା ଆବଶ୍ୟକ । ୪୯ । ସେହି ଦୁର୍ଗ ମଧ୍ୟରେ ଯୁଦ୍ଧ ନିମନ୍ତେ ସର୍ବଦା ପ୍ରସ୍ତୁତ ହୋଇ ରହିବା ଉଚିତ । ତାହାହେଲେ ବଞ୍ଚିଥିଲେ ରାଜ୍ୟଲାଭ ହେବ; ଅଥବା ପ୍ରାଣତ୍ୟାଗ କଲେ ସ୍ୱର୍ଗଲାଭ ହେବ । ୫୦ । ଆହୁରି ମଧ୍ୟ– ଯେପରି କୌଣସି ଏକ ସ୍ଥାନରେ ଲଗାଯାଇଥିବା ଲତାମାନେ ବାୟୁଦ୍ୱାରା ଉପୁଡ଼ି ଯାଆନ୍ତି ନାହିଁ, ସେହିପରି ଏକ ସ୍ଥାନରେ ରହିଥିବା ଦୁର୍ବଳ ପୁରୁଷ ବଳବାନ୍ ଶତ୍ରୁଦ୍ୱାରା ମଧ୍ୟ ପରାଜିତ ହୋଇପାରେ ନାହିଁ । ୫୧ ।

ମହାନପ୍ୟେକକୋ ବୃକ୍ଷୋ ବଳବାନ୍ ସୁପ୍ରତିଷ୍ଠିତଃ ।
ପ୍ରସହ୍ୟୈବ ହି ବାତେନ ଶକ୍ୟୋ ଧର୍ଷୟିତୁଂ ଯତଃ ।। ୫୨ ।।
ଅଥ ଯେ ସଂହତା ବୃକ୍ଷାଃ ସର୍ବତଃ ସୁପ୍ରତିଷ୍ଠିତାଃ ।
ନ ତେ ଶୀଘ୍ରେଣ ବାତେନ ହନ୍ୟନ୍ତେ ହ୍ୟେକସଂଶ୍ରୟାତ୍ ।। ୫୩ ।।

ମହାନ୍ (ବିଶାଳ), ବଳବାନ୍ ଓ ସୁପ୍ରତିଷ୍ଠିତ (ଦୃଢ଼ମୂଳବିଶିଷ୍ଟ) ବୃକ୍ଷ ଏକାକୀ ଥିଲେ ବାୟୁ ବଳପୂର୍ବକ ତାହାକୁ ବିନାଶ କରିଦିଏ । ସେହିପରି ମହାନ୍, ବଳିଷ୍ଠ ଓ ପ୍ରତିଷ୍ଠିତ ମନୁଷ୍ୟ ଏକାକୀ ହୋଇଥିଲେ ଶତ୍ରୁଦ୍ୱାରା ବିନାଶପ୍ରାପ୍ତ ହୋଇପାରେ । ୫୨ । ଅଥଚ ଯେଉଁ ବୃକ୍ଷମାନେ ପରସ୍ପରସଂଶ୍ଳିଷ୍ଟ ଓ ସବୁଦିଗରୁ ସୁଦୃଢ଼ ଥାଆନ୍ତି, ସେମାନେ ଏକତା ହେତୁ ପ୍ରଚଣ୍ଡ ବାୟୁଦ୍ୱାରା ମଧ୍ୟ ବିନଷ୍ଟ ହୁଅନ୍ତି ନାହିଁ । ୫୩ ।

ଏବଂ ମନୁଷ୍ୟମପ୍ୟେକଂ ଶୌର୍ଯ୍ୟେଣାପି ସମନ୍ୱିତମ୍ ।
ଶକ୍ୟଂ ଦ୍ୱିଷନ୍ତୋ ମନ୍ୟନ୍ତେ ହିଂସନ୍ତି ଚ ତତଃ ପରମ୍ ।। ୫୪ ।।

ସେହିପରି ବୀର୍ଯ୍ୟଶାଳୀ ପୁରୁଷ ମଧ୍ୟ ଏକାକୀ ହୋଇଥିଲେ, ଶତ୍ରୁମାନେ ତାହାକୁ ପରାଜେୟ ବୋଲି ମନେକରନ୍ତି ଓ ତତ୍ପରେ ବିନାଶ କରନ୍ତି ।" । ୫୪ ।

ପ୍ରଜୀବୀ ଏହିପରି ଆସନ ନାମକ ମନ୍ତ୍ରଣା ଦେଲା । ତାହା ଶୁଣି ମେଘବର୍ଣ୍ଣ ଚିରଞ୍ଜୀବୀକୁ ପଚାରିଲା, "ଭଦ୍ର ! ତୁମେ ମଧ୍ୟ ନିଜର ଅଭିମତ କୁହ ।" ସେ କହିଲା, "ମହାରାଜ ! ସନ୍ଧି ପ୍ରଭୃତି ଛଅଟି ଉପାୟ ମଧ୍ୟରୁ ସଂଶ୍ରୟ (ଅନ୍ୟଠାରୁ ସାହାଯ୍ୟ) ହିଁ ମୋତେ ଉତ୍ତମ ବୋଧହେଉଅଛି; ତେଣୁ ତାହାହିଁ କରାଯାଉ । କଥିତ ଅଛି–

ଅସହାୟଃ ସମର୍ଥୋଽପି ତେଜସ୍ୱୀ କିଂ କରିଷ୍ୟତି ।
ନିର୍ବାତେ ଜ୍ୱଳିତେ ବହ୍ନିଃ ସ୍ୱୟମେବ ପ୍ରଶାମ୍ୟତି ।। ୫୫ ।।

ସଙ୍ଗତିଃ ଶ୍ରେୟସୀ ପୁଂସାଂ ସ୍ୱପକ୍ଷେ ଚ ବିଶେଷତଃ ।
ତୁଷୈରପି ପରିଭ୍ରଷ୍ଟା ନ ପ୍ରରୋହନ୍ତି ତଣ୍ଡୁଳାଃ ।। ୫୬ ।।

ମନୁଷ୍ୟ ପ୍ରତାପୀ ଓ ଶକ୍ତିଶାଳୀ ହୋଇଥିଲେ ସୁଦ୍ଧା ଏକାକୀ କଅଣ କରିପାରିବ? ବାୟୁଶୂନ୍ୟ ସ୍ଥାନରେ ପ୍ରଜ୍ୱଳିତ ଅଗ୍ନି ମଧ୍ୟ ସ୍ୱତଃ ନିର୍ବାପିତ ହୋଇଯାଇଥାଏ । ୫୫ । ପୁରୁଷମାନେ ଏକତ୍ର ମିଳିତ ହୋଇ ରହିବା ମଙ୍ଗଳଜନକ; ବିଶେଷତଃ ସ୍ୱଜାତୀୟମାନେ ଏପରି ରହିବା ଉଚିତ। ଦେଖ, ତଣ୍ଡୁଳ ତୁଷରହିତ ହୋଇଥିବାରୁ ସେଥିରେ ଗଜା ବାହାରେ ନାହିଁ। ୫୬।

ତେଣୁ ଆପଣ ଏହିଠାରେ ରହି କୌଣସି ବଳବାନ୍ ରାଜାର ଆଶ୍ରୟ ନେବା ଉଚିତ, ଯିଏ କି ବିପଦରର ପ୍ରତିକାର କରିପାରିବେ। କିନ୍ତୁ ଆପଣ ଯଦି ସ୍ୱସ୍ଥାନ ତ୍ୟାଗ କରି ଯାଆନ୍ତି, ତେବେ କେହିହେଲେ ଆପଣଙ୍କୁ କଥାରେ ସୁଦ୍ଧା ସହାୟତା କରିବେ ନାହିଁ। କଥିତ ଅଛି–

ବନାନି ଦହତୋ ବହ୍ନେଃ ସଖା ଭବତି ମାରୁତଃ ।
ସ ଏବ ଦୀପନାଶାୟ କୃଶେ କସ୍ୟାସ୍ତି ସୌହୃଦମ୍ ।। ୫୭ ।।

ବାୟୁ ବନଦହନକାରୀ ଅଗ୍ନିର ସଖା ହୋଇଥାଏ; ପରନ୍ତୁ ସେହି ବାୟୁ ଦୀପକୁ ଲିଭାଇ ଦେଇଥାଏ । ଦୁର୍ବଳ ପୁରୁଷଠାରେ କାହାର ବନ୍ଧୁତା ଥାଏ ?। ୫୭।

ଜଣେ ମାତ୍ର ବଳବାନ୍ ପୁରୁଷର ଆଶ୍ରୟ ନେବା ମଧ୍ୟ ଉଚିତ ନୁହେଁ। ବହୁସଂଖ୍ୟକ ଦୁର୍ବଳ ଲୋକଙ୍କର ଆଶ୍ରୟ ରକ୍ଷାର ଉପାୟ ହୋଇଥାଏ । ଯେହେତୁ କଥିତ ଅଛି–

ସଂଘାତବାନ୍ୟଥା ବେଣୁର୍ନିବିଡ଼ୋ ବେଣୁଭିର୍ବୃତଃ ।
ନ ଶକ୍ୟଃ ସ ସମୁଚ୍ଛେତ୍ତୁଂ ଦୁର୍ବଳୋଽପି ତଥା ନୃପଃ ।। ୫୮ ।।
ମହାଜନସ୍ୟ ସମ୍ପର୍କଃ କସ୍ୟ ନୋନ୍ନତିକାରକଃ ।
ପଦ୍ମପତ୍ରସ୍ଥିତଂ ତୋୟଂ ଧତ୍ତେ ମୁକ୍ତାଫଳଶ୍ରିୟମ୍ ।। ୫୯ ।।

ଯେପରି ଘନବାଉଁଶଗଛଦ୍ୱାରା ବେଷ୍ଟିତ ଛୋଟ ବାଉଁଶଗଛ ଉପୁଡ଼ି ପଡ଼େ ନାହିଁ, ସେହିପରି ରାଜା ଦୁର୍ବଳ ହୋଇଥିଲେହେଁ ଅନେକଙ୍କ ସହିତ ମିଳିତ ହୋଇଥିଲେ ସେ ପରାସ୍ତ ହୁଅନ୍ତି ନାହିଁ।୫୮। ସେଥିରେ ଯଦି ଉତ୍ତମ ପୁରୁଷର ଆଶ୍ରୟ ମିଳେ, ତେବେ ଆଉ କହିବାର କଅଣ ଅଛି? କଥିତ ଅଛି ମହାପୁରୁଷଙ୍କ ଆଶ୍ରୟ ନେଲେ କାହାର ଉନ୍ନତି ନ ହୁଏ? ଦେଖ, କ୍ଷୁଦ୍ର ଜଳବିନ୍ଦୁ ପଦ୍ମପତ୍ର ଉପରେ ସ୍ଥାନ ପାଇଲେ ତାହା ମୁକ୍ତାର ଶୋଭା ଧାରଣ କରିଥାଏ । ୫୯ । ଅତଏବ 'ସଂଶ୍ରୟ' ବିନା ଅନ୍ୟ କିଛି ପ୍ରତିକାର ନାହିଁ। ଏହାହିଁ ହେଉଛି ମୋର ମତ।'' ଚିରଞ୍ଜୀବୀ ଏହିପରି ପରାମର୍ଶ ଦେଲା ।

ସେମାନେ ଏହିପରି କହନ୍ତେ ମେଘବର୍ଣ୍ଣ ସକଳ ନୀତିଶାସ୍ତ୍ରରେ ପାରଙ୍ଗମ, ପିତାଙ୍କ ସମୟର ବୃଦ୍ଧ ମନ୍ତ୍ରୀ ସ୍ଥିରଜୀବୀଙ୍କୁ ପ୍ରଣାମ କରି କହିଲା– ''ତାତ ! ଆପଣ ଥାଉ ଥାଉ ମୁଁ ଯେ ଅନ୍ୟ ମନ୍ତ୍ରୀମାନଙ୍କୁ ପଚାରିଲି, ତାହା କେବଳ ଆପଣଙ୍କର ବିଚାର ପାଇଁ। ତାହାହେଲେ ଆପଣ ସବୁ ଶୁଣି, ଯାହା ଉଚିତ ତାହା ମୋତେ ଆଦେଶ କରିବେ। ତେଣୁ ଯାହା ଉପଯୁକ୍ତ ତାହା ଆଦେଶ କରନ୍ତୁ।''

ଚିରଜୀବୀ କହିଲା, "ବତ୍ସ ! ଏହି ମନ୍ତ୍ରୀମାନେ ଯାହା ଯାହା କହିଲେ, ସେ ସବୁ ନୀତିଶାସ୍ତ୍ରକୁ ଆଶ୍ରୟ କରି କହିଅଛନ୍ତି। ସେଗୁଡ଼ିକ ସବୁ ନିଜ ନିଜ କାଳ ଅନୁସାରେ ଉପଯୁକ୍ତ; କିନ୍ତୁ ଏ ହେଉଛି ଦ୍ୱୈଧୀଭାବର ସମୟ। କଥିତ ଅଛି–

ଅବିଶ୍ୱାସଂ ସଦା ତିଷ୍ଠେତ୍ସନ୍ଧିନା ବିଗ୍ରହେଣ ଚ।
ଦ୍ୱୈଧୀଭାବଂ ସମାଶ୍ରିତ୍ୟ ପାପେ ଶତ୍ରୌ ବଳୀୟସି ।। ୬୦ ।।

ଦୁଷ୍ଟ ଶତ୍ରୁ ବଳବାନ୍ ହୋଇଥିଲେ ଦ୍ୱୈଧୀଭାବକୁ ଆଶ୍ରୟ କରି କେତେବେଳେ ସନ୍ଧି କେତେବେଳେ ବିଗ୍ରହ କରି ସର୍ବଦା ତାକୁ ଅବିଶ୍ୱାସ କରି ରହିବା ଉଚିତ। (ଅର୍ଥାତ୍ କପଟ ବ୍ୟବହାରଦ୍ୱାରା ଶତ୍ରୁକୁ ସାବଧାନ ହେବାକୁ ନ ଦେଇ ବାହାରେ ମିତ୍ରତା ଦେଖାଇ ଶେଷରେ ତାର ବିନାଶସାଧନ କରିବାକୁ ହେବ।)। ୬୦।

ନିଜେ ଶତ୍ରୁଠାରେ ବିଶ୍ୱାସ ନ କରି ଅଥଚ ନିଜପ୍ରତି ତାର ବିଶ୍ୱାସ ଜନ୍ମାଇ ଓ ତାକୁ ଆଶା ଦେଖାଇ ବୁଦ୍ଧିମାନ୍ ଲୋକ ସହଜରେ ଶତ୍ରୁକୁ ବିନାଶ କରିଥାଏ। ଆହୁରି ମଧ୍ୟ କଥିତ ଅଛି–

ଉଚ୍ଛେଦ୍ୟମପି ବିଦ୍ୱାଂସୋ ବର୍ଦ୍ଧୟନ୍ତ୍ୟରିମେକଦା।
ଗୁଡ଼େନ ବର୍ଦ୍ଧିତଃ ଶ୍ଳେଷ୍ମା ସୁଖଂ ବୃଦ୍ଧ୍ୟା ନିପାତ୍ୟତେ।। ୬୧ ।।

ବୁଦ୍ଧିମାନ୍ ଲୋକେ ବିନାଶଯୋଗ୍ୟ ଶତ୍ରୁକୁ ଏକସମୟରେ ବଢ଼ାଇ ଦିଅନ୍ତି। ଗୁଡ଼ଦ୍ୱାରା ବୃଦ୍ଧିପ୍ରାପ୍ତ ଶ୍ଳେଷ୍ମା ସହଜରେ ନଷ୍ଟ ହୋଇଥାଏ। ୬୧। ପୁଣି–

ସ୍ତ୍ରୀଣାଂ ଶତ୍ରୋଃ କୁମିତ୍ରସ୍ୟ ପଣ୍ୟସ୍ତ୍ରୀଣାଂ ବିଶେଷତଃ।
ଯୋ ଭବେଦେକଭାବେନ ନ ସ ଜୀବତି ମାନବଃ।। ୬୨ ।।

ଯେଉଁ ଲୋକ ଏ ସଂସାରରେ ସ୍ତ୍ରୀମାନଙ୍କ ସହିତ, ଶତ୍ରୁ ସହିତ, ଦୁଷ୍ଟମିତ୍ର ସହିତ, ବିଶେଷତଃ ବେଶ୍ୟାମାନଙ୍କ ସହିତ ନିଷ୍କପଟ ବ୍ୟବହାର କରେ, ସେ ଜୀବିତ ରହିପାରେ ନାହିଁ; ଅର୍ଥାତ୍ ତାର ମରଣ ହୁଏ। ୬୨।

କୃତ୍ୟଂ ଦେବଦ୍ୱିଜାତୀନାମାତ୍ମନଶ୍ଚ ଗୁରୋସ୍ତଥା।
ଏକଭାବେନ କର୍ତ୍ତବ୍ୟଂ ଶେଷଂ ଭାବଦ୍ୱୟାଶ୍ରିତୈଃ।। ୬୩ ।।

ଦେବତା, ବ୍ରାହ୍ମଣ, ଗୁରୁ ଓ ନିଜର କାର୍ଯ୍ୟକୁ ନିଷ୍କପଟ ଭାବରେ କରିବ; କିନ୍ତୁ ଅନ୍ୟମାନଙ୍କର କାର୍ଯ୍ୟରେ ଦ୍ୱୈଧୀଭାବକୁ ଆଶ୍ରୟ କରିବ। ୬୩।

ଏକୋ ଭାବଃ ସଦା ଶସ୍ତୋ ଯତୀନାଂ ଭାବିତାତ୍ମନାମ୍।
ଶ୍ରୀଲୁବ୍ଧାନାଂ ନ ଲୋକାନାଂ ବିଶେଷେଣ ମହୀଭୃତାମ୍।। ୬୪ ।।

ଶୁଦ୍ଧଚେତା ଯତିମାନଙ୍କର କାର୍ଯ୍ୟ ଅକପଟଭାବରେ କରିବ; କିନ୍ତୁ ସ୍ତ୍ରୀପରାୟଣ ପୁରୁଷ ବିଶେଷତଃ ରାଜାମାନଙ୍କ ସହିତ ଅକପଟ ବ୍ୟବହାର କରିବ ନାହିଁ। ୬୪।

ଦ୍ୱୈଧୀଭାବ ଆଶ୍ରୟ କରି ଆପଣ ସ୍ୱସ୍ଥାନରେ ବାସକରିବେ ଓ ଲୋଭ ଦେଖାଇ ଶତ୍ରୁକୁ ତଡ଼ିଦେଇପାରିବେ। ଆହୁରି ମଧ୍ୟ ତାହାର କୌଣସି ଦୁର୍ବଳତା ଦେଖିଲେ, ନିଜେ ଯାଇ ତାକୁ ବଧ କରିପାରିବେ।" ମେଘବର୍ଣ୍ଣ କହିଲା, "ତାତ ! ତାର

ଆଶ୍ରୟ ସ୍ଥଳ କେଉଁଠି, ମୁଁ ଜାଣେନାହିଁ। ତେଣୁ ତାର ଦୁର୍ବଳତା କାହୁଁ ଜାଣିବି?'' ସ୍ଥିରଜୀବୀ କହିଲା, ''ବତ୍ସ! ଗୁପ୍ତଚର ପଠାଇ କେବଳ ତାର ଆଶ୍ରୟ ସ୍ଥାନ ନୁହେଁ, ତାର ଦୁର୍ବଳତା ମଧ୍ୟ ପ୍ରକାଶିତ କରିଦେବି। କଥିତ ଅଛି–

ଗାବୋ ଗନ୍ଧେନ ପଶ୍ୟନ୍ତି ବେଦୈଃ ପଶ୍ୟନ୍ତି ବୈ ଦ୍ୱିଜାଃ ।
ଚାରୈଃ ପଶ୍ୟନ୍ତି ରାଜାନଶ୍ଚକ୍ଷୁର୍ଭ୍ୟାମିତରେ ଜନାଃ ।। ୬୫ ।।

ଗାଈମାନେ ଗନ୍ଧଦ୍ୱାରା ଦେଖନ୍ତି, ବ୍ରାହ୍ମଣମାନେ ବେଦଦ୍ୱାରା ଦେଖନ୍ତି, ରାଜାମାନେ ଗୁପ୍ତଚରମାନଙ୍କଦ୍ୱାରା ଦେଖନ୍ତି ଓ ଅନ୍ୟମାନେ ଚକ୍ଷୁ ସାହାଯ୍ୟରେ ଦେଖନ୍ତି। ୬୫।

ଏ ବିଷୟରେ କୁହାଯାଇଛି–

ଯସ୍ତୀର୍ଥାନି ନିଜେ ପକ୍ଷେ ପରପକ୍ଷେ ବିଶେଷତଃ।
ଆପ୍ତୈଶ୍ଚାରୈର୍ନୃପୋ ବେତ୍ତି ନ ସ ଦୁର୍ଗତିମାପ୍ନୁୟାତ୍।। ୬୬।।

ଯେଉଁ ରାଜା ଗୁପ୍ତଚରମାନଙ୍କ ଦ୍ୱାରା ନିଜ ପକ୍ଷର ବିଶେଷତଃ ଶତ୍ରୁପକ୍ଷର ତୀର୍ଥ (ରାଜପୁରୁଷ)ମାନଙ୍କୁ ଜାଣିଥାନ୍ତି, ସେ ଦୁର୍ଗତିରେ ପଡ଼ନ୍ତି ନାହିଁ।''। ୬୬।

ମେଘବର୍ଣ୍ଣ କହିଲା, ''ତାତ! ତୀର୍ଥ (ରାଜପୁରୁଷ) କେଉଁମାନେ? ସେମାନଙ୍କର ସଂଖ୍ୟା କେତେ? ଗୁପ୍ତଚର କିପରି ହେବେ? –ଏସବୁ ମୋତେ ବୁଝାଇଦିଅନ୍ତୁ।''

ସ୍ଥିରଜୀବୀ କହିଲା, ''ଏ ବିଷୟରେ ଭଗବାନ୍ ନାରଦ ଯୁଧିଷ୍ଠିରଙ୍କୁ କହିଅଛନ୍ତି–

ରିପୋରଷ୍ଟାଦଶୈତାନି ସ୍ୱପକ୍ଷେ ଦଶପଞ୍ଚ ଚ।
ତ୍ରିଭିସ୍ତ୍ରିଭିରବିଜ୍ଞାତୈର୍ବେତ୍ସି ତୀର୍ଥାନି ଚାରକୈଃ।। ୬୭।।

ଶତ୍ରୁପକ୍ଷର ତୀର୍ଥ (ରାଜପୁରୁଷ)ମାନଙ୍କର ସଂଖ୍ୟା ଅଠର ଓ ନିଜ ପକ୍ଷର ପନ୍ଦର। ତିନି ତିନି ପ୍ରକାର ଗୁପ୍ତଚରଙ୍କ ଦ୍ୱାରା ସେମାନଙ୍କୁ ଚିହ୍ନି ହେବ। ୬୭। ଏମାନଙ୍କୁ ଜାଣିବାପରେ ନିଜ ପକ୍ଷର ତଥା ଶତ୍ରୁପକ୍ଷର ତୀର୍ଥମାନଙ୍କୁ ବଶ କରିହେବ। ନାରଦ ଯୁଧିଷ୍ଠିରଙ୍କୁ କହିଅଛନ୍ତି–

କଚ୍ଚିଦଷ୍ଟଦଶାନ୍ୟେଷୁ ସ୍ୱପକ୍ଷେ ଦଶପଞ୍ଚ ଚ।
ତ୍ରିଭିସ୍ତ୍ରିଭିରବିଜ୍ଞାତୈର୍ବେତ୍ସି ତୀର୍ଥାନି ଚାରକୈଃ।। ୬୮।।

ହେ ଯୁଧିଷ୍ଠିର! ତୁମେ ଗୁପ୍ତବେଶଧାରୀ ତିନି ତିନି ଚରଙ୍କଦ୍ୱାରା ଶତ୍ରୁପକ୍ଷର ଅଠର ଓ ନିଜ ପକ୍ଷର ପନ୍ଦର ତୀର୍ଥଙ୍କୁ ଜାଣିଛ କି?। ୬୮।

'ତୀର୍ଥ' ଶବ୍ଦଦ୍ୱାରା ରାଜକାର୍ଯ୍ୟରେ ନିଯୁକ୍ତ ପୁରୁଷ ସୂଚିତ ହୁଏ। ତେଣୁ ଯଦି ସେମାନଙ୍କର କାର୍ଯ୍ୟ ମନ୍ଦ ହୁଏ, ତେବେ ସେମାନଙ୍କ ସ୍ୱାମୀଙ୍କର ବିନାଶ ହୁଏ; ଯଦି ଭଲ ହୁଏ, ତେବେ ସ୍ୱାମୀଙ୍କର ଉନ୍ନତି ଘଟେ। ସେମାନେ ହେଉଛନ୍ତି–(୧) ମନ୍ତ୍ରୀ, ପୁରୋହିତ, (୩) ସେନାପତି, (୪) ଯୁବରାଜ, (୫) ଦୌବାରିକ (ଦ୍ୱାରପାଳ), (୬) ଅନ୍ତର୍ବାସିକ (ଅନ୍ତଃପୁରର ରକ୍ଷକ), (୭) ପ୍ରଶାସକ, (୮) ସମାହର୍ତ୍ତା (କରସଂଗ୍ରହକାରୀ), (୯) ସନ୍ନିଧାତା (ପରିଚୟକାରୀ), (୧୦) ପ୍ରଦେଷ୍ଟା (ନ୍ୟାୟାଧକ୍ଷ), (୧୧) ଜ୍ଞାପକ (ପ୍ରଜାମାନଙ୍କ ଆବେଦନ-ଜ୍ଞାପନକାରୀ ଅର୍ଥାତ୍ ପେଶ୍କାର), (୧୨)

ସାଧନାଧ୍ୟକ୍ଷ (ପ୍ରଧାନ ସେନାପତି), (୧୩) ଗଜାଧ୍ୟକ୍ଷ, (୧୪) କୋଷାଧ୍ୟକ୍ଷ, (୧୫) ଦୁର୍ଗପାଳ, (୧୬) କରପାଳ (ବନ୍ଦିଶାଳାର ରକ୍ଷକ), (୧୭) ସୀମାପାଳ ଓ (୧୮) ପ୍ରିୟ ଭୃତ୍ୟ। ଏମାନଙ୍କ ମଧ୍ୟରେ ଭେଦ ସୃଷ୍ଟି ହେଲେ ଶତ୍ରୁ ସହଜରେ ବଶୀଭୂତ ହୋଇଯାଏ। ନିଜ ପକ୍ଷର ତୀର୍ଥମାନେ ହେଉଛନ୍ତି– (୧) ରାଣୀ, (୨) ରାଜମାତା, (୩) କଞ୍ଚୁକୀ (ନପୁଂସକ ଭୃତ୍ୟ), (୪) ମାଳାକାର, (୫) ଶଯ୍ୟାରକ୍ଷକ, (୬) ଭିଷକ୍ (ବୈଦ୍ୟ), (୯) ଜଳବାହକ, (୧୦) ତାମ୍ବୁଲବାହକ, (୧୧) ଆଚାର୍ଯ୍ୟ, (୧୨) ଅଙ୍ଗରକ୍ଷକ, (୧୩) ସ୍ଥାନଚିନ୍ତକ (ରାଜପୁରରକ୍ଷକ), (୧୪) ଛତ୍ରଧର ଓ (୧୫) ବିଳାସିନୀ (ବେଶ୍ୟା)। ଏମାନେ ଶତ୍ରୁତା କଲେ ନିଜ ପକ୍ଷର ବିନାଶ ହୁଏ। ପୁଣି–

ବୈଦ୍ୟସାମ୍ବତ୍ସରାଚାର୍ଯ୍ୟାଃ ସ୍ୱପକ୍ଷେଽଧିକୃତାଶ୍ଚରାଃ।
ତଥାହିତୁଣ୍ଡିକୋନ୍ମତ୍ତାଃ ସର୍ବଂ ଜାନନ୍ତି ଶତ୍ରୁଷୁ॥ ୬୯॥

ଆତ୍ମପକ୍ଷରୁ ବୈଦ୍ୟ, ଜ୍ୟୋତିଷୀ ଓ ଆଚାର୍ଯ୍ୟଙ୍କୁ ଗୁପ୍ତଚର କାର୍ଯ୍ୟରେ ନିଯୁକ୍ତ କରିବା ଉଚିତ। ଆହୁରି ମଧ୍ୟ ସାପୁଆକେଳା ଓ ପାଗଳର ବେଶ ଧାରଣ କରିଥିବା ଲୋକେ ଶତ୍ରୁର ସମସ୍ତ ବିଷୟ ଜାଣିପାରନ୍ତି। (କାରଣ ଏମାନେ ଶତ୍ରୁରାଜ୍ୟରେ ନିଃସନ୍ଦେହରେ ବୁଲିପାରନ୍ତି)।୬୯।

କୃତ୍ୱା କୃତ୍ୟବିଦସ୍ତୀର୍ଥେଷ୍ୱନ୍ତଃ ପ୍ରଣିଧୟଃ ପଦମ୍।
ବିଦାଙ୍କୁର୍ବନ୍ତୁ ମହତସ୍ତଳଂ ବିଦ୍ୱିଷଦମ୍ଭସଃ॥ ୭୦॥

ଯେପରି ଚତୁର ଲୋକ ତୀର୍ଥଘାଟରେ ପାଦ ପକାଇ ଜଳର ଗଭୀରତା ଜାଣି ପାରନ୍ତି, ସେହିପରି ରାଜା କର୍ମକୁଶଳ ଗୁପ୍ତଚରମାନଙ୍କ ଦ୍ୱାରା ଶତ୍ରୁପକ୍ଷୀୟ ତୀର୍ଥ (ରାଜପୁରୁଷ ରୂପକ) ଜଳର ଗଭୀରତା ଜାଣିପାରନ୍ତି (ଅର୍ଥାତ୍ ଭିତିରି ସଂବାଦ ସଂଗ୍ରହ କରି ଶତ୍ରୁର ସବଳତା ଦୁର୍ବଳତା ପ୍ରଭୃତି ଜାଣିପାରନ୍ତି)''।।୭୦।

ମନ୍ତ୍ରୀ ସ୍ଥିରଜୀବୀର ଏହି ଉକ୍ତି ଶୁଣି ମେଘବର୍ଣ୍ଣ କହିଲା, ''ତାତ! ସବୁବେଳେ କାକ ଓ ଉଲୂକ ମଧ୍ୟରେ ଏଭଳି ପ୍ରାଣାନ୍ତକ ଶତ୍ରୁତାର କାରଣ କଅଣ?''

ସ୍ଥିରଜୀବୀ କହିଲା– ''ବତ୍ସ! ଶୁଣ।''

କାକ-ଉଲୂକ ଶତ୍ରୁତା କଥା

ଏକସମୟରେ ହଂସ, ଶୁକ, ବକ, କୋକିଳ, ଚାତକ, ଉଲୂକ, ମୟୂର, କପୋତ, ପାରାବତ ଓ କୁକ୍କୁଟ ପ୍ରଭୃତି ସବୁ ପକ୍ଷୀ ଏକତ୍ର ହୋଇ ବ୍ୟାକୁଳ ଭାବରେ ଚିନ୍ତା କରିବାକୁ ଲାଗିଲେ, 'ବୈନତେୟ (ଗରୁଡ଼) 'ହେଉଛନ୍ତି ଆମର ରାଜା। ସେ ବିଷ୍ଣୁଙ୍କର ଭକ୍ତ ହୋଇ ଆମ ବିଷୟରେ ଆଦୌ ଚିନ୍ତା କରୁନାହାନ୍ତି। ତେଣୁ ସେଭଳି ବୃଥା ରାଜାରେ କି ଲାଭ? ଆମେ ପ୍ରତିଦିନ ବ୍ୟାଧର ପାଶରେ ପଡ଼ିଲେହେଁ ସେ ଆମମାନଙ୍କୁ ରକ୍ଷା କରୁନାହାନ୍ତି। କଥିତ ଅଛି–

ଯୋ ନ ରକ୍ଷତି ବିତ୍ରସ୍ତାନ୍ ପୀଡ୍ୟମାନାନ୍‌ପରୈଃ ସଦା ।
ଜନ୍ତୂନ୍ ପାର୍ଥିବରୂପେଣ ସ କୃତାନ୍ତୋ ନ ସଂଶୟଃ ।। ୭୧ ।।
ଯଦି ନ ସ୍ୟାନ୍ନରପତିଃ ସମ୍ୟଙ୍‌ନେତା ତତଃ ପ୍ରଜାଃ ।
ଅକର୍ଣ୍ଣଧାରା ଜଳଧୌ ବିପ୍ଲବେତେହ ନୌରିବ ।। ୭୨ ।।
ଷଡ଼ିମାନ୍ ପୁରୁଷୋ ଜହ୍ୟାଦ୍‌ଭିନ୍ନାଂ ନାବମିବାର୍ଣ୍ଣବେ ।
ଅପ୍ରବକ୍ତାରମାଚାର୍ଯମନଧୀୟାନମୃତ୍ୱିଜମ୍ ।। ୭୩ ।।
ଅରକ୍ଷିତାରଂ ରାଜାନଂ ଭାର୍ଯ୍ୟାଂ ଚାପ୍ରିୟବାଦିନୀମ୍ ।
ଗ୍ରାମକାମଞ୍ଚ ଗୋପାଳଂ ବନକାମଂ ଚ଼ ନାପିତମ୍ ।। ୭୪ ।।

ଯେଉଁ ରାଜା ଶତ୍ରୁଦ୍ୱାରା ସର୍ବଦା ଉତ୍ପୀଡ଼ିତ ଓ ଭୟତ୍ରସ୍ତ ପ୍ରାଣୀମାନଙ୍କୁ ରକ୍ଷା କରନ୍ତି ନାହିଁ, ସେ ହେଉଛନ୍ତି ରାଜରୂପୀ ଯମ; ଏଥିରେ ସନ୍ଦେହ ନାହିଁ । ୭୧ । ଯଦି ରାଜା ସନ୍ମାର୍ଗରେ ପ୍ରଜାମାନଙ୍କୁ ଚଳାଇ ନ ପାରନ୍ତି, ତେବେ କର୍ଣ୍ଣଧାରବିହୀନ ନୌକା ସମୁଦ୍ରଗର୍ଭରେ ବିନଷ୍ଟ ହେଲା ପରି ସେମାନେ ବିନାଶପ୍ରାପ୍ତ ହୁଅନ୍ତି । ୭୨ । ସମୁଦ୍ରରେ ଭଗ୍ନ ନୌକାକୁ ତ୍ୟାଗକଲା ପରି ମନୁଷ୍ୟ ଛଅ ଜଣଙ୍କୁ ତ୍ୟାଗ କରିବା ଉଚିତ । ସେମାନେ ହେଲେ – (୧) ଅଧ୍ୟାପନା କରୁନଥିବା ଆଚାର୍ଯ୍ୟ, (୨) ସ୍ୱାଧ୍ୟାୟ କରୁନଥିବା ପୁରୋହିତ, (୩) ପ୍ରଜାମାନଙ୍କୁ ରକ୍ଷା କରୁନଥିବା ରାଜା, (୪) କର୍କଶଭାଷିଣୀ ପତ୍ନୀ, (୫) ଗ୍ରାମପ୍ରିୟ ଗୋପାଳ ଓ (୬) ବନପ୍ରିୟ ନାପିତ । ୭୩-୭୪ ।

'ଅତଏବ ଆମେମାନେ ବୁଝି-ବିଚାରି ଅନ୍ୟ କୌଣସି ପକ୍ଷୀକୁ ଆମମାନଙ୍କର ରାଜା କରିବା ।' ଅନନ୍ତର ଉଲୂକକୁ ରୂପବାନ୍ ମନେକରି ସମସ୍ତେ କହିଲେ – ଏହି ଉଲୂକ ଆମମାନଙ୍କର ରଜା ହୁଅନ୍ତୁ; ତେଣୁ ଅଭିଷେକ ନିମନ୍ତେ ପ୍ରୟୋଜନୀୟ ଉପକରଣ ଅଣାଯାଉ । ବିବିଧ ତୀର୍ଥରୁ ଜଳ ଅଣାଗଲା; ଏକଶହଆଠ ପ୍ରକାରର ମୂଳମୂଳିକା ସଂଗୃହୀତ ହେଲା, ସିଂହାସନ ଦିଆଗଲା, ସପ୍ତଦ୍ୱୀପ-ସପ୍ତସମୁଦ୍ର-ସପ୍ତପର୍ବବିଶିଷ୍ଟ ପୃଥିବୀର ବିଚିତ୍ର ଚିତ୍ର ଅଙ୍କିତ ହେଲା, ବ୍ୟାଘ୍ରଚର୍ମ ବିସ୍ତାର କରାଗଲା, ସୁବର୍ଣ୍ଣ କଳସମାନ ଜଳରେ ପୂର୍ଣ୍ଣ କରାଗଲା; ଦୀପ ଓ ବାଦ୍ୟର ବ୍ୟବସ୍ଥା ହେଲା; ଦର୍ପଣ ପ୍ରଭୃତି ମାଙ୍ଗଲ୍ୟଦ୍ରବ୍ୟ ସଜ୍ଜିତ କରାଗଲା, ବନ୍ଦୀମାନେ ସ୍ତୁତିପାଠ କଲେ; ବ୍ରାହ୍ମଣମାନେ ଉଚ୍ଚସ୍ୱରରେ ବେଦ ଉଚ୍ଚାରଣ କଲେ; ରମଣୀମାନେ ଗୀତ ଗାଇଲେ; ପଟ୍ଟମହିଷୀ କୃକାଳିକାଙ୍କୁ ଅଣାଗଲା । ଅଭିଷେକ ନିମନ୍ତେ ଉଲୂକ ସିଂହାସନରେ ବସିଲାବେଳକୁ ବାୟସ କେଉଁଠାରୁ ଆସି ପହଞ୍ଚିଲା । ସେ ବିଚାରିଲା – 'ସକଳ ପକ୍ଷୀ ସମ୍ମିଳିତ ହୋଇ ଏ କି ମହୋତ୍ସବ କରୁଛନ୍ତି ?' ପକ୍ଷୀମାନେ ତାହାକୁ ଦେଖି ଏହିପରି କଥାବାର୍ତ୍ତା ହେଲେ – ଶୁଣାଯାଏ ଯେ ପକ୍ଷୀମାନଙ୍କ ମଧ୍ୟରେ ବାୟସ ହେଉଛି ସବୁଠାରୁ ଚତୁର । କଥିତ ଅଛି –

ନରାଣାଂ ନାପିତୋ ଧୂର୍ତ୍ତଃ ପକ୍ଷିଣାଞ୍ଚୈବ ବାୟସଃ ।
ଦଷ୍ଟ୍ରିଣାଞ୍ଚ ଶୃଗାଳଶ୍ଚ ଶ୍ୱେତଭିକ୍ଷୁସ୍ତପସ୍ୱିନାମ୍ ।। ୭୫ ।।

ମନୁଷ୍ୟମାନଙ୍କ ମଧ୍ୟରେ ନାପିତ ଚତୁର, ପକ୍ଷୀମାନଙ୍କ ମଧ୍ୟରେ ବାୟସ ଚତୁର, ଦନ୍ତବିଶିଷ୍ଟ ପ୍ରାଣୀମାନଙ୍କ ମଧ୍ୟରେ ଶୃଗାଳ ଚତୁର ଓ ତପସ୍ୱୀମାନଙ୍କ ମଧ୍ୟରେ ଶ୍ୱେତାମ୍ବର ଜୈନ ହେଉଛନ୍ତି ଚତୁର । ୭୫ । ତେଣୁ ଏହି ବାୟସର କଥା ଶୁଣିବା ଆବଶ୍ୟକ ।

କଥିତ ଅଛି –

ବହୁଧା ବହୁଭିଃ ସାର୍ଦ୍ଧଂ ଚିନ୍ତିତା ସୁନିରୂପିତାଃ ।
କଥଞ୍ଚନ୍ନ ବିଲୀୟନ୍ତେ ବିଦ୍ୱଦ୍‌ଭିଶ୍ଚିନ୍ତିତା ନୟାଃ ।। ୭୬ ।।

ବିଦ୍ୱାନ୍ ଲୋକମାନଙ୍କଦ୍ୱାରା ବହୁଲୋକଙ୍କ ସହ ବହୁପ୍ରକାରେ ଆଲୋଚିତ, ସୁଚିନ୍ତିତ ଓ ଉତ୍ତମରୂପେ ସ୍ଥିରୀକୃତ ନୀତି କେବେହେଲେ ବିଫଳ ହୁଏ ନାହିଁ। ୭୬।

ବାୟସ ସେମାନଙ୍କ ପାଖକୁ ଆସି ପଚାରିଲା, "ଏଠାରେ ଏତେ ପକ୍ଷୀଙ୍କର ସମାଗମ ହୋଇଛି କାହିଁକି? ଏ ମହୋତ୍ସବ କାହିଁକି?"

ସେମାନେ ଉତ୍ତର କଲେ, "ପକ୍ଷୀମାନଙ୍କର କେହି ରାଜା ନାହାନ୍ତି। ତେଣୁ ସମସ୍ତ ପକ୍ଷୀ ଏହି ଉଲୂକକୁ ପକ୍ଷୀରାଜ୍ୟର ରାଜାରୂପେ ଅଭିଷେକ କରିବାକୁ ସ୍ଥିର କରିଅଛନ୍ତି। ତୁମେ ମଧ୍ୟ ନିଜର ମତ ଦିଅ; ପ୍ରସ୍ତାବବେଳେ ତୁମେ ଆସି ପହଁଞ୍ଚିଅଛ।"

ତହୁଁ ସେ ବାୟସ ହସି ହସି କହିଲା, "ଏପରି କରିବା ଠିକ୍ ନୁହେଁ; କାରଣ ମୟୂର, ହଂସ, କୋକିଳ, ଚକ୍ରବାକ, ଶୁକ, କାରଣ୍ଡବ, ହାରିତ, ସାରସ ପ୍ରଭୃତି ଶ୍ରେଷ୍ଠ ପକ୍ଷୀ ଥାଉଁ ଥାଉଁ ଏ ଦିବାନ୍ଧ, ବିକୃତମୁଖ, ଉଲୂକକୁ ରାଜପଦରେ ଅଭିଷେକ କରିବାକୁ ଯାଉଛ? ମୋର ଏହା ମତ ନୁହେଁ। କାରଣ –

ବକ୍ରନାସଂ ସଜିହ୍ମାକ୍ଷଂ କ୍ରୂରମପ୍ରିୟଦର୍ଶନମ୍ ।
ଅକ୍ରୁଦ୍ଧସ୍ୟେଦୃଶଂ ବକ୍ତ୍ରଂ ଭବେଦ୍ କ୍ରୁଦ୍ଧସ୍ୟ କୀଦୃଶମ୍ ।। ୭୭ ।।
ସ୍ୱଭାବରୌଦ୍ରମତ୍ୟୁଗ୍ରଂ କ୍ରୂରମପ୍ରିୟବାଦିନମ୍ ।
ଉଲୂକଂ ନୃପତିଂ କୃତ୍ୱା କା ନଃ ସିଦ୍ଧିର୍ଭବିଷ୍ୟତି ।। ୭୮ ।।

କ୍ରୁଦ୍ଧ ହୋଇ ନ ଥିଲାବେଳେ ମଧ୍ୟ ଏହାର ନାସିକା ବକ୍ର, ଆଖି ଉଚ୍ଚ। ଏ ନିଷ୍ଠୁର ଓ ଦେଖିବାକୁ ଅସୁନ୍ଦର। କ୍ରୁଦ୍ଧ ହୋଇ ନ ଥିଲାବେଳେ ଯାହାର ମୁଖ ଏପରି ବିକୃତ, କ୍ରୁଦ୍ଧ ହେଲାବେଳେ କଅଣ ନ ହେବ? ୭୭। ଆହୁରି ମଧ୍ୟ – ସ୍ୱଭାବତଃ ଏ ହେଉଛି ଅତ୍ୟନ୍ତ ଭୟଙ୍କର, ଅତି କ୍ରୋଧୀ, ନିଷ୍ଠୁର ଓ ଦେଖିବାକୁ ଅସୁନ୍ଦର। ଏ ଉଲୂକକୁ ରାଜା କରିବାଦ୍ୱାରା ଆମର କି ଲାଭ ହେବ? । ୭୮ ।

ଅପରପକ୍ଷରେ ଗରୁଡ଼ ରାଜା ହୋଇ ରହି ଥାଉଁ ଥାଉଁ ଏ ଦିବାନ୍ଧକୁ କାହିଁକି ରାଜା କରାଯାଉଅଛି? ହୁଏତ ଉଲୂକ ଗୁଣବାନ୍ ହୋଇପାରେ; କିନ୍ତୁ ଜଣେ ରାଜା ଥିବା ସ୍ଥଳେ ଅନ୍ୟ ଜଣକୁ ରାଜା କରିବା ପ୍ରଶଂସାର କଥା ହୋଇନପାରେ।

ଏକ ଏବ ହିତାର୍ଥାୟ ତେଜସ୍ୱୀ ପାର୍ଥିବୋ ଭୁବଃ ।
ଯୁଗାନ୍ତ ଇବ ଭାସ୍ୱନ୍ତୋ ବହବୋଽତ୍ର ବିପତ୍ତୟେ ।। ୭୯ ।।

ଜଣେ ମାତ୍ର ପ୍ରତାପଶାଳୀ ରାଜା ସଂସାରର ମଙ୍ଗଳକାରୀ ହୋଇଥାନ୍ତି। ପ୍ରଳୟ କାଳରେ ଅନେକ ସୂର୍ଯ୍ୟ ସଂସାରକୁ ଧ୍ୱଂସ କଲାପରି ଅନେକ ରାଜା ପ୍ରଜାମାନଙ୍କର କେବଳ ବିପତ୍ତିର କାରଣ ହୋଇଥାନ୍ତି। ୭୯ ।

କେବଳ ଗରୁଡ଼ଙ୍କ ନାମରେହିଁ ତୁମେମାନେ ଶତ୍ରୁର ଅଗମ୍ୟ ହୋଇ ପାରିବ। କଥିତ ଅଛି –

ଶରୂଣାଂ ନାମମାତ୍ରେଽପି ଗୃହୀତେ ସ୍ୱାମିସମ୍ଭବେ ।
ଦୁଷ୍ଟାନାଂ ପୁରତଃ କ୍ଷେମଂ ତତ୍‌କ୍ଷଣାଦେବ ଜାୟତେ ।। ୮୦ ।।

ଦୁଷ୍ଟ ଲୋକର ସମକ୍ଷରେ ସ୍ୱାମୀଙ୍କର ଗୌରବାବହ ନାମ ଉଚ୍ଚାରଣ କଲାମାତ୍ରେ ତତ୍‌କ୍ଷଣାତ୍ କଲ୍ୟାଣ ଲାଭ ହୋଇଥାଏ । ୮୦ । ପୁଣି—

ବ୍ୟପଦେଶେନ ମହତାଂ ସିଦ୍ଧିଃ ସଞ୍ଜାୟତେ ପରା ।
ଶଶିନୋ ବ୍ୟପଦେଶେନ ବସନ୍ତି ଶଶକାଃ ସୁଖମ୍ ।। ୮୧ ।।

ପ୍ରତାପଶାଳୀ ପୁରୁଷଙ୍କ ନାମରେ ମହାନ୍ ସିଦ୍ଧିଲାଭ ହୋଇଥାଏ । ଚନ୍ଦ୍ରମାଙ୍କ ନାମବଳରେ ଶଶକମାନେ ସୁଖରେ ରହିଅଛନ୍ତି । ୮୧ ।

ପକ୍ଷୀମାନେ ପଚାରିଲେ, "ଏହା କିପରି ହେଲା ?" ବାୟସ କହିଲା—

ଗଜଯୂଥପତି ଓ ଶଶକ କଥା

ଗୋଟିଏ ବନରେ ଚତୁର୍ଦନ୍ତ ନାମକ ଏକ ମତ୍ତହସ୍ତୀ ଯୂଥପତିରୂପେ ବାସକରୁଥିଲା । ଏକଦା ସେହି ବନରେ ଅନେକ ବର୍ଷ ପର୍ଯ୍ୟନ୍ତ ଘୋର ଅନାବୃଷ୍ଟି ହେଲା । ଏହା ଫଳରେ ସମସ୍ତ ତଡ଼ାଗ, ହ୍ରଦ, ପୁଷ୍କରିଣୀ ପ୍ରଭୃତି ଶୁଖିଗଲା । ତହୁଁ ସବୁ ହସ୍ତୀ ଯୂଥପତିକୁ କହିଲେ, "ହେ ପ୍ରଭୁ ! ହସ୍ତୀ ଓ ସେମାନଙ୍କ ଶାବକମାନେ ଏବେ ମୃତପ୍ରାୟ । ଅନ୍ୟମାନେ ମୃତ । ତେଣୁ କୌଣସି ଜଳାଶୟ ଅନ୍ୱେଷଣ କରନ୍ତୁ, ଯେପରିକି ଏମାନେ ଜଳପାନ କରି ସୁସ୍ଥ ହୋଇପାରିବେ ।"

ଗଜରାଜ କିଛି କାଳ ଚିନ୍ତା କରି କହିଲା, "ସ୍ଥଳଭାଗରେ ଖୋଦିତ ଏକ ବିଶାଳ ହ୍ରଦ ଗୋଟିଏ ନିର୍ଜନ ପ୍ରଦେଶରେ ଅଛି । ତାହା ପାତାଳି-ଗଙ୍ଗାର ଜଳଦ୍ୱାରା ପୂର୍ଣ୍ଣ ରହିଥାଏ । ତେବେ ଚାଲ, ସେହି ସ୍ଥାନକୁ ଯିବା ।"

ତାହାହିଁ କରାଗଲା ଓ ପନ୍ଦର ଦିନ ଚାଲିବାପରେ ସେମାନେ ସେହି ହ୍ରଦ ନିକଟରେ ପହଞ୍ଚିଲେ । ସେମାନେ ଇଚ୍ଛା ଅନୁସାରେ ସେହି ହ୍ରଦର ଜଳରେ ସ୍ନାନ କରି ସୂର୍ଯ୍ୟାସ୍ତ ସମୟରେ ବାହାରି ଆସିଲେ । ସେହି ହ୍ରଦର ଚତୁଷ୍ପାର୍ଶ୍ୱରେ ଅତି କୋମଳ ଭୂମିରେ ଅସଂଖ୍ୟ ଶଶକଗର୍ତ୍ତ ରହିଥିଲା । ହସ୍ତୀମାନେ ସେଠାରେ ଇତସ୍ତତଃ ଭ୍ରମଣ କରିବାରୁ ସେଗୁଡ଼ିକ ଭାଙ୍ଗିଗଲା । ଅନେକ ଶଶକଙ୍କର ପାଦ, ମସ୍ତକ ଓ ଗ୍ରୀବା ଭାଙ୍ଗିଗଲା; କେତେ ପ୍ରାଣ ହରାଇଲେ ଓ ଆଉ କେତେ ମୃତପ୍ରାୟ ହୋଇଗଲେ ।

ଗଜଯୂଥ ଚାଲିଯିବାପରେ ଶଶକମାନେ ଏକତ୍ର ହୋଇ ମନ୍ତ୍ରଣା କରିବାକୁ ଲାଗିଲେ । ସେମାନଙ୍କର ବାସସ୍ଥାନଗୁଡ଼ିକ ହସ୍ତୀମାନଙ୍କ ପାଦର ଆଘାତରେ ବିନଷ୍ଟ ହୋଇଯାଇଥିଲା; କେତେକଙ୍କର ପାଦ ଭାଙ୍ଗିଯାଇଥିଲା, କେତେକଙ୍କର ଶରୀର କ୍ଷତବିକ୍ଷତ ହୋଇ ରକ୍ତରେ ଜର୍ଜରିତ ହୋଇଥିଲା; ଅନେକେ ନିଜ ନିଜ ସନ୍ତାନ ହରାଇଥିଲେ ଓ ଅଶ୍ରୁତ୍ୟାଗ କରୁଥିଲେ । ସେମାନେ କହିଲେ, "ଆମର ଏବେ ସର୍ବନାଶ ଉପସ୍ଥିତ । ଏଣିକି ଏହି ଗଜଯୂଥ ପ୍ରତିଦିନ ଏହିଠାକୁ ଆସିବେ; କାରଣ ଅନ୍ୟ କୌଣସିଠାରେ ଜଳ

ନାହିଁ; ଫଳରେ ଆମେ ସମସ୍ତେ ଧ୍ୱଂସ ପାଇଯିବା। କଥିତ ଅଛି–

ସ୍ପୃଶନ୍ନପି ଗଜୋ ହନ୍ତି ଜିଘ୍ରନ୍ନପି ଭୁଜଙ୍ଗମଃ।
ହସନ୍ନପି ନୃପୋ ହନ୍ତି ମାନୟନ୍ନପି ଦୁର୍ଜନଃ।। ୮୨।।

ହସ୍ତୀ ସ୍ପର୍ଶମାତ୍ରେ, ସର୍ପ ଆଘ୍ରାଣମାତ୍ରେ ପ୍ରାଣ ନିଅନ୍ତି। ରାଜା ହସୁ ହସୁ ଓ ଦୁଷ୍ଟ ଲୋକ ଆଦର ଦେଖାଉ ଦେଖାଉ ପ୍ରାଣହରଣ କରିଥାନ୍ତି। ୮୨। ଅତଏବ କୌଣସି ଉପାୟ କରାଯାଉ।''

ସେମାନଙ୍କ ମଧ୍ୟରୁ ଜଣେ କହିଲା, ''ଏ ସ୍ଥାନ ତ୍ୟାଗକରି ଚାଲିଯିବା। ଏହାଛଡ଼ା କି ଉପାୟ ଅଛି? ମହର୍ଷି ମନୁ ଓ ବ୍ୟାସ କହିଅଛନ୍ତି–

ତ୍ୟଜେଦେକଂ କୁଳସ୍ୟାର୍ଥେ ଗ୍ରାମସ୍ୟାର୍ଥେ କୁଳଂ ତ୍ୟଜେତ୍।
ଗ୍ରାମଂ ଜନପଦସ୍ୟାର୍ଥେ ଆତ୍ମାର୍ଥେ ପୃଥିବୀଂ ତ୍ୟଜେତ୍।। ୮୩।।

କୁଳର ରକ୍ଷା ନିମନ୍ତେ ଜଣେ ଲୋକକୁ ତ୍ୟାଗ କରିଦେବା ଉଚିତ। ଗ୍ରାମର ରକ୍ଷା ନିମନ୍ତେ କୁଳକୁ ଓ ଦେଶର ରକ୍ଷା ନିମନ୍ତେ ଗ୍ରାମକୁ ତ୍ୟାଗ କରିବା ଉଚିତ। ଆତ୍ମରକ୍ଷା ନିମନ୍ତେ ପୃଥିବୀକୁ ତ୍ୟାଗ କରିଦେବା ଉଚିତ। ୮୩।

ଆତ୍ମରକ୍ଷା ନିମନ୍ତେ ରାଜାଙ୍କର କର୍ତ୍ତବ୍ୟ ହେଉଛି, ସେ କିଛିମାତ୍ର ବିଚାର ନ କରି ସୁଖଦାତ୍ରୀ, ଶସ୍ୟଦାୟିନୀ, ପଶୁବୃଦ୍ଧିକାରିଣୀ ଭୂମିକୁ ମଧ୍ୟ ତ୍ୟାଗ କରିବେ। ୮୪।

ଆପଦର୍ଥେ ଧନଂ ରକ୍ଷେଦ୍ଦାରାନ୍ ରକ୍ଷେଦ୍ଧନୈରପି।
ଆତ୍ମାନଂ ସତତଂ ରକ୍ଷେଦ୍ଦାରୈରପି ଧନୈରପି।। ୮୫।।

ବିପଦରୁ ରକ୍ଷା ନିମନ୍ତେ ଧନ ସଞ୍ଚୟ କରିବା ଉଚିତ। ଧନଦ୍ୱାରା ନିଜର ପତ୍ନୀକୁ ରକ୍ଷା କରିବା ଉଚିତ। ଧନ ଓ ପତ୍ନୀ ଉଭୟଙ୍କଦ୍ୱାରା ନିଜକୁ ରକ୍ଷା କରିବା ଉଚିତ।''। ୮୫।

ତହୁଁ ଅନ୍ୟମାନେ କହିଲେ, ''ପିତୃପିତାମହଙ୍କ ଏ ସ୍ଥାନକୁ ହଠାତ୍ ଛାଡ଼ିଦିଆଯାଇ ନ ପାରେ। ତେଣୁ ସେମାନଙ୍କୁ କୌଣସି ଭୟ ଦେଖାଇବା; ହୁଏତ ତାହା ଫଳରେ ଆମ ସୌଭାଗ୍ୟବଶତଃ ସେମାନେ ଏଠାକୁ ଆଉ ଆସିବେ ନାହିଁ। କଥିତ ଅଛି–

ନିର୍ବିଷେଣାପି ସର୍ପେଣ କର୍ତ୍ତବ୍ୟା ମହତୀ ଫଣା।
ବିଷଂ ଭବତୁ ମା ବାସ୍ତୁ ଫଟାଟୋପୋ ଭୟଙ୍କରଃ।।। ୮୬।।

ବିଷହୀନ ସର୍ପ ମଧ୍ୟ ନିଜର ଫଣାକୁ ବିସ୍ତାର କରିବା ଉଚିତ। ବିଷ ଥାଉ ବା ନ ଥାଉ, ଫଣାର ବିସ୍ତାର ଭୟପ୍ରଦ ହୋଇଥାଏ।''। ୮୬।

ଅନ୍ୟ କେତେକ କହିଲେ, ''ଯଦି ଏଭଳି କଥା, ତେବେ ସେମାନଙ୍କ ପାଇଁ ଗୋଟାଏ ବଡ଼ ଭୟର କାରଣ ଅଛି; ଯାହା ଫଳରେ କି ସେମାନେ ଆଉ ଆସିବେ ନାହିଁ। କିନ୍ତୁ ସେ ଭୟ ସୃଷ୍ଟି କରିବା ନିମନ୍ତେ ଜଣେ ଚତୁର ଦୂତ ଆବଶ୍ୟକ। ବିଜୟଦତ୍ତ ନାମକ ଶଶକ ଆମର ରାଜା; ସେ ଚନ୍ଦ୍ରମଣ୍ଡଳରେ ବାସକରନ୍ତି। ତେଣୁ ଜଣେ କାହାକୁ କପଟଦୂତ ରୂପରେ ଗଜଯୂଥପତି ନିକଟକୁ ପଠାଇବା। ସେ କହିବ,

'ତୁମକୁ ଚନ୍ଦ୍ର ଏହି ହ୍ରଦକୁ ଆସିବାପାଇଁ ନିଷେଧ କରିଅଛନ୍ତି; କାରଣ ତାଙ୍କର ପରିଜନମାନେ ଏହାର ଚାରିପାଖେ ରହିଛନ୍ତି।' ଏହା କହିଲେ ହୁଏତ ସେ କଥାକୁ ବିଶ୍ୱାସ କରି ସେମାନେ ଆସିବାରୁ ବିରତ ହେବେ।''

ଅନ୍ୟ କେତେକେ କହିଲେ, ''ତାହାହେଲେ ଆମ ଭିତରେ ଲମ୍ବକର୍ଣ୍ଣ ବୋଲି ଏକ ଶଶକ ଅଛି। ସେ କଥା କହିବାରେ ଚତୁର ଓ ଦୂତକାର୍ଯ୍ୟରେ ଅଭିଜ୍ଞ। ତାକୁହିଁ ସେଠାକୁ ପଠାଇବା ଉଚିତ। କଥିତ ଅଛି–

ସାକାରୋ ନିଃସ୍ପୃହୋ ବାଗ୍ମୀ ନାନାଶାସ୍ତ୍ରବିଚକ୍ଷଣଃ।
ପରଚିତ୍ତାବଗନ୍ତା ଚ ରାଜ୍ଞେ ଦୂତଃ ସ ଇଷ୍ୟତେ॥ ୮୭॥

ସୁନ୍ଦର, ନିର୍ଲୋଭ, ବାଗ୍ମୀ, ନାନାଶାସ୍ତ୍ରବିଶାରଦ, ଅନ୍ୟର ମନକୁ ବୁଝିବାରେ ନିପୁଣ ବ୍ୟକ୍ତିକୁ ରାଜାମାନେ ଦୂତକାର୍ଯ୍ୟରେ ନିଯୁକ୍ତ କରିବାକୁ ଇଚ୍ଛା କରନ୍ତି। ୮୭। ପୁଣି–

ଯୋ ମୂର୍ଖଂ ଲୌଲ୍ୟସମ୍ପନ୍ନଂ ରାଜା ଦୂତଂ ସମାଚରେତ୍।
ମିଥ୍ୟାବାଦଂ ବିଶେଷେଣ ତସ୍ୟ କାର୍ଯ୍ୟଂ ନ ସିଧ୍ୟତି॥ ୮୮॥

ଯେଉଁ ରାଜା ମୂର୍ଖ, ଲୋଭୀ ଓ ବିଶେଷତଃ ମିଥ୍ୟାବାଦୀ ପୁରୁଷକୁ ଦୂତକରି ରାଜଦ୍ୱାରକୁ ପଠାନ୍ତି, ତାଙ୍କର କାର୍ଯ୍ୟ ସିଦ୍ଧ ହୁଏ ନାହିଁ। ୮୮। ଯଦି ତୁମେମାନେ ଏହି ସଙ୍କଟରୁ ମୁକ୍ତି ଚାହଁ, ତେବେ ଜଣେ ଦୂତର ଅନ୍ୱେଷଣ କର।''

ତହୁଁ ଅନ୍ୟ ଶଶକମାନେ କହିଲେ, ''ଏହି ଉପାୟ ଠିକ୍। ଆମର ଜୀବନରକ୍ଷାର ଅନ୍ୟ କୌଣସି ଉପାୟ ନାହିଁ– ତେଣୁ ତାହାହିଁ କରାଯାଉ।'' ଅନନ୍ତର ଲମ୍ବକର୍ଣ୍ଣକୁ ଯୂଥପତି ନିକଟକୁ ପଠାଇବା ସ୍ଥିର ହେଲା ଓ ସେ ବାହାରିଲା। ଲମ୍ବକର୍ଣ୍ଣ ହସ୍ତୀମାନଙ୍କର ଗମନମାର୍ଗରେ ଯାଇ ସେମାନଙ୍କର ଅଗମ୍ୟ ଏକ ସ୍ଥାନରେ ଆରୋହଣ କରି ଯୂଥପତିକୁ କହିଲା, ''ରେ ରେ ଦୁଷ୍ଟ ଗଜ! ତୁ ଚନ୍ଦ୍ରଦେବତାଙ୍କର ହ୍ରଦକୁ ଏପରି ଅବହେଳା ଦେଖାଇ ନିର୍ଭୟରେ ଆସୁଛୁ କିପରି? ଏଣିକି ଆଉ ଆସିବୁ ନାହିଁ। ଫେରିଯାଆ।''

ଏହା ଶୁଣି ଯୂଥପତି ବିସ୍ମିତ ହୋଇ ପଚାରିଲା, ''ତୁମେ କିଏ?''

ସେ ଉତ୍ତର କଲା, ''ମୁଁ ହେଉଛି ଲମ୍ବକର୍ଣ୍ଣ ନାମକ ଶଶକ। ମୁଁ ଚନ୍ଦ୍ରମଣ୍ଡଳରେ ରହିଥାଏ। ବର୍ତ୍ତମାନ ଭଗବାନ୍ ଚନ୍ଦ୍ର ମୋତେ ତୁମ ପାଖକୁ ଦୂତ କରି ପଠାଇଅଛନ୍ତି। ତୁମେ ଜାଣିଥିବ, ଦୂତ ସ୍ୱାମୀର କଥାକୁ ଯଥାର୍ଥ ଭାବରେ କହିଲେ ସେଥିରେ ତାର ଦୋଷ ନାହିଁ; କାରଣ ସବୁ ରାଜାଙ୍କର ଦୂତମାନେ ହେଉଛନ୍ତି ମୁଖସ୍ୱରୂପ। କଥିତ ଅଛି–

ଉଦ୍ୟତେଷ୍ୱପି ଶସ୍ତ୍ରେଷୁ ବନ୍ଧୁବର୍ଗବଧେଷ୍ୱପି।
ପରୁଷାଣ୍ୟପି ଜଳ୍ପନ୍ତୋ ବଧ୍ୟା ଦୂତା ନ ଭୂଭୁଜା॥ ୮୯॥

ଶସ୍ତ୍ର ଉଦ୍ୟତ ହୋଇଥିଲେହେଁ, ବନ୍ଧୁବର୍ଗ ନିହତ ହେଲେହେଁ, କଠୋର ବାକ୍ୟ କହୁଥିବା ଦୂତକୁ କୌଣସି ରାଜା ବଧ କରନ୍ତି ନାହିଁ (ଦୂତ ସର୍ବଦା ଅବଧ୍ୟ)।''। ୮୯।

ଏହା ଶୁଣି ସେ ଯୂଥପତି କହିଲା, ''ହେ ଶଶକ! ତାହାହେଲେ ଭଗବାନ୍ ଚନ୍ଦ୍ରଙ୍କର ସନ୍ଦେଶ କହ; ମୁଁ ଅବିଳମ୍ବେ ତାହା ପାଳନ କରିବି।'' ସେ କହିଲା,

"ଗତ ଦିବସରେ ତୁ ଯୂଥ ସହିତ ଆସି ବହୁସଂଖ୍ୟକ ଶଶକ ବଧ କରିଛୁ। ତୁ କଅଣ ଜାଣୁନାହିଁ ଯେ ସେମାନେ ହେଉଛନ୍ତି ମୋର ପରିଜନ ! ତୋର ଯଦି ଜୀବନରେ ଆଶା ଥାଏ, ତେବେ କୌଣସି କାରଣରୁ ମଧ୍ୟ ଏ ହ୍ରଦକୁ ଆଉ ଆସିବୁ ନାହିଁ। ଏହାହିଁ ହେଉଛି ସନ୍ଦେଶ।" ଗଜ କହିଲା, "ତୁମର ପ୍ରଭୁ ଭଗବାନ୍ ଚନ୍ଦ୍ର କେଉଁଠାରେ ଅଛନ୍ତି ?" ଶଶକ କହିଲା, "ବର୍ତ୍ତମାନ ଏଇ ହ୍ରଦରେ ଅଛନ୍ତି। ତୋ ଦଳର ହାତୀମାନଙ୍କ ଦ୍ୱାରା ଦଳି ହୋଇ ମରିବା ପରେ ଅବଶିଷ୍ଟ ରହିଥିବା ଶଶକମାନଙ୍କୁ ଆଶ୍ୱାସନା ଦେବାକୁ ସେ ଆସିଅଛନ୍ତି ଓ ମୋତେ ତୋ ନିକଟକୁ ପଠାଇଅଛନ୍ତି।"

ଯୂଥପତି କହିଲା, "ତାହାହେଲେ ମୋତେ ତୁମର ପ୍ରଭୁ ଚନ୍ଦ୍ରଙ୍କ ସଙ୍ଗେ ଦେଖା-କରାଇଦିଅ ଯେ ମୁଁ ତାଙ୍କୁ ପ୍ରଣାମ କରି ଅନ୍ୟତ୍ର ଚାଲିଯିବି।" ଶଶକ କହିଲା, "ତୁ ମୋ ସାଥିରେ ଏକୁଟିଆ ଆସିଲେ ଦେଖାଇଦେବି।" ତହୁଁ ଶଶକ ରାତ୍ରିକାଳରେ ସେହି ହସ୍ତୀକୁ ହ୍ରଦତୀରକୁ ନେଇ ଜଳରେ ପଡ଼ିଥିବା ଚନ୍ଦ୍ରବିମ୍ବକୁ ଦେଖାଇଦେଲା ଓ କହିଲା, "ଦେଖ୍, ଆମର ପ୍ରଭୁ ଜଳ ମଧ୍ୟରେ ଧ୍ୟାନମଗ୍ନ ହୋଇଅଛନ୍ତି। ତେଣୁ ତୁ ନୀରବରେ ପ୍ରଣାମ କରି ଚାଲିଯାଆ; ନହେଲେ ଧ୍ୟାନଭଙ୍ଗ ହେତୁରୁ ଭୀଷଣ କୋପ କରିବେ।"

ତହୁଁ ହସ୍ତୀ ଭୟପୂର୍ଣ୍ଣ ହୃଦୟରେ ଚନ୍ଦ୍ରବିମ୍ବକୁ ପ୍ରଣାମ କରି ଫେରିଗଲା। ସେହିଦିନଠାରୁ ଶଶକମାନେ ପରିବାର ସହିତ ନିଜ ନିଜ ସ୍ଥାନରେ ସୁଖରେ ବାସକରୁଅଛନ୍ତି।

ଏହି ହେତୁରୁ ମୁଁ 'ବ୍ୟପଦେଶେନ ମହିତାଂ' – ଇତ୍ୟାଦି କହୁଥିଲି। ପୁନଶ୍ଚ –

ଅକୃତଜ୍ଞଂ କାପୁରୁଷଂ ବ୍ୟସନିନମଳସଂ ତଥା ସଦା କ୍ଷୁଦ୍ରମ୍।
ପୃଷ୍ଠପ୍ରଳପନଶୀଳଂ ସ୍ୱାମୀତ୍ୱେ ନାଭିଯୋଜୟେଜ୍ଜାତୁ॥ ୯୦॥

ଜୀବନ ରକ୍ଷା କରିବାକୁ ଇଚ୍ଛୁକ ପୁରୁଷର ଉଚିତ ହେଉଛି, ସେ ନୀଚସ୍ୱଭାବ, ଆଳସ୍ୟପରାୟଣ, କାପୁରୁଷ, ବ୍ୟସନୀ, ଅକୃତଜ୍ଞ, ପରୋକ୍ଷରେ ନିନ୍ଦାକାରୀ ଲୋକକୁ କେବେହେଲେ ନିଜର ପ୍ରଭୁ କରିବେ ନାହିଁ। ୯୦। ଆହୁରି କଥିତ ଅଛି –

କ୍ଷୁଦ୍ରମର୍ଥପତିଂ ପ୍ରାପ୍ୟ ନ୍ୟାୟାନ୍ୱେଷଣତତ୍ପରୌ।
ଉଭାବପି କ୍ଷୟଂ ପ୍ରାପ୍ତୌ ପୁରା ଶଶକପିଞ୍ଜଳୌ॥ ୯୧॥

ପୂର୍ବକାଳରେ ଏକଦା ନ୍ୟାୟର ଅନ୍ୱେଷଣ କରିବାକୁ ଯାଇ ଶଶକ ଓ କପିଞ୍ଜଳ ଜଣେ ନୀଚ ବିଚାରକକୁ ପାଇ ଦୁହେଁଯାକ ବିନାଶ ପାଇଥିଲେ।" ୯୧।

ପକ୍ଷୀମାନେ ପଚାରିଲେ, "ସେ କଥାଟି କଅଣ ?" କାକ କହିଲା –

ଶଶକ ଓ କପିଞ୍ଜଳ କଥା

ପୂର୍ବେ ମୁଁ ଗୋଟିଏ ବୃକ୍ଷରେ ବାସକରୁଥିଲି। ସେହି ବୃକ୍ଷର ନିମ୍ନଭାଗରେ ଏକ କୋଟର ମଧ୍ୟରେ କପିଞ୍ଜଳ ନାମକ ଗୋଟିଏ ଚଟକପକ୍ଷୀ ରହୁଥିଲା। ସନ୍ଧ୍ୟା ସମୟରେ ଆମେ ଦୁହେଁ ଫେରିଆସି ସୁଭାଷିତ ଗୋଷ୍ଠୀରେ ଦେବର୍ଷି, ମହର୍ଷି ଓ ରାଜର୍ଷିଙ୍କ

ଚରିତ କୀର୍ତ୍ତନ କରୁଥିଲୁ ଏବଂ ପର୍ଯ୍ୟଟନ କାଳରେ ଦେଖିଥିବା ନାନା କୌତୂହଳପୂର୍ଣ୍ଣ ବିଷୟ କହି ସୁଖରେ କାଳ କଟାଉଥିଲୁ। ଅନନ୍ତର ଏକସମୟରେ କପିଞ୍ଜଳ ଆହାର ସଂଗ୍ରହ ନିମନ୍ତେ ଅନ୍ୟ ଚଟକମାନଙ୍କ ସହ ପକ୍ୱଶାଳୀପୂର୍ଣ୍ଣ ଅନ୍ୟ ପ୍ରଦେଶକୁ ଗଲା। ଯେତେବେଳେ ରାତିରେ ମଧ୍ୟ ସେ ଫେରିଆସିଲା ନାହିଁ, ସେତେବେଳେ ମୁଁ ଉଦ୍‌ବିଗ୍ନ ହୋଇପଡ଼ିଲି ଓ ତାର ବିୟୋଗରେ ଦୁଃଖିତ ହୋଇ ଚିନ୍ତା କଲି– ଆହା, ଆଜି କାହିଁକି କପିଞ୍ଜଳ ଆସିଲା ନାହିଁ? କାହାରି ପାଶରେ ଆବଦ୍ଧ ହେଲା କି? ଅଥବା କେହି ଜାଲରେ ଧରି ବଧ କଲା କି? ଯଦି ସେ କୁଶଳରେ ଥାଆନ୍ତା, ତେବେ ମୋତେ ଛାଡ଼ି ରହିପାରନ୍ତା ନାହିଁ। ଏହିପରି ଚିନ୍ତା କରି ଅନେକ ଦିନ କଟାଇଲି।

ତତ୍ପରେ ଥରେ ସୂର୍ଯ୍ୟାସ୍ତ ସମୟରେ ଶୀଘ୍ରଗ ନାମକ ଗୋଟିଏ ଶଶକ ଆସି ସେହି କୋଟରରେ ପ୍ରବେଶ କଲା। ମୁଁ କପିଞ୍ଜଳ ବିଷୟରେ ନିରାଶ ହୋଇଥିବାରୁ ତାକୁ ବାରଣ କଲିନାହିଁ। ଏହାପରେ ଦିନେ କପିଞ୍ଜଳ ଶସ୍ୟଭୋଜନ ହେତୁ ସ୍ଥୂଳଶରୀର ହୋଇ ନିଜର ଆଶ୍ରୟସ୍ଥାନକୁ ସ୍ମରଣ କରି ପୁନରାୟ ସେହି ବୃକ୍ଷକୁ ଆସିଲା। ଯଥାର୍ଥରେ କଥିତ ଅଛି–

ନ ତାଦୃଗ୍‌ଜାୟତେ ସୌଖ୍ୟମପି ସ୍ୱର୍ଗେ ଶରୀରିଣାମ୍।
ଦାରିଦ୍ର୍ୟେଽପି ହି ଯାଦୃକ୍ ସ୍ୟାତ୍ସ୍ୱଦେଶେ ସ୍ୱପୁରେ ଗୃହେ॥ ୯୨॥

ଦରିଦ୍ର ଅବସ୍ଥାରେ ମଧ୍ୟ ଦେହଧାରୀମାନେ ନିଜ ଦେଶରେ, ନିଜ ନଗରରେ ଓ ନିଜ ଘରେ ଯେଉଁ ସୁଖ ଭୋଗ କରନ୍ତି, ସ୍ୱର୍ଗରେ ମଧ୍ୟ ସେହିପରି ସୁଖ ମିଳିନପାରେ। ୯୨।

ଅନନ୍ତର କପିଞ୍ଜଳ କୋଟରର ମଧ୍ୟରେ ଶଶକକୁ ଦେଖି ଭର୍ତ୍ସନା କରି କହିଲା, "ଆରେ ଶଶକ, ମୋର ବାସସ୍ଥାନରେ ପ୍ରବେଶ କରି ତୁ ଭଲକାମ କରିନାହୁଁ। ତେଣୁ ଶୀଘ୍ର ବାହାରିଯାଅ।" ଶଶକ କହିଲା, "ଏ ତୋର ଘର ନୁହେଁ– ମୋର ଘର। ତେବେ କାହିଁକି ମିଥ୍ୟାରେ କଠୋର ବାକ୍ୟ କହୁଛୁ? କଥିତ ଅଛି–

ବାପୀକୂପତଡ଼ାଗାନାଂ ଦେବାଳୟକୁଜନ୍ମନାମ୍।
ଉତ୍ସର୍ଗାତ୍ପରତଃ ସ୍ୱାମ୍ୟମପି କର୍ତ୍ତୁଂ ନ ଶକ୍ୟତେ॥ ୯୩॥

ପ୍ରତିଷ୍ଠା କରାଗଲାପରେ ବାମ୍ପି, କୂପ, ପୁଷ୍କରିଣୀ, ଦେବାଳୟ ଓ ବୃକ୍ଷ– ଏ ସବୁ ଉପରେ କାହାରି ଅଧିକାର ରହେନାହିଁ। ୯୩। ପୁଣି–

ପ୍ରତ୍ୟକ୍ଷଂ ଯସ୍ୟ ଯଦ୍‌ଭୁକ୍ତଂ କ୍ଷେତ୍ରାଦ୍ୟଂ ଦଶ ବତ୍ସରାନ୍।
ତତ୍ର ଭୁକ୍ତିଃ ପ୍ରମାଣଂ ସ୍ୟାନ୍ନ ସାକ୍ଷୀ ନାକ୍ଷରାଣି ବା॥ ୯୪॥

ଦଶବର୍ଷ ପର୍ଯ୍ୟନ୍ତ ଯିଏ ଯେଉଁ କ୍ଷେତ୍ରକୁ ପ୍ରତ୍ୟକ୍ଷ ଭୋଗ କରିଥାଏ, ସେ ସେହି କ୍ଷେତ୍ରର ଅଧିକାରୀ ହୁଏ; ଏଥିରେ ସାକ୍ଷୀ ବା ଲିଖିତ ପ୍ରମାଣ ଲୋଡ଼ା ହୁଏ ନାହିଁ– ଭୋଗହିଁ ପ୍ରମାଣ। ୯୪।

ମାନୁଷାଣାମୟଂ ନ୍ୟାୟୋ ମୁନିଭିଃ ପରିକୀର୍ତ୍ତିତଃ।
ତିରଶ୍ଚାଂ ଚ ବିହଙ୍ଗାନାଂ ଯାବଦେବ ସମାଶ୍ରୟଃ॥ ୯୫॥

ଋଷିମାନେ ମନୁଷ୍ୟମାନଙ୍କ ବିଷୟରେ ଏହି ନ୍ୟାୟ କହିଯାଇଅଛନ୍ତି। ପଶୁ ଓ ପକ୍ଷୀମାନେ ଯେତେବେଳଯାଏ ଯେଉଁ ସ୍ଥାନରେ ରହନ୍ତି, ସେତେବେଳ ପର୍ଯ୍ୟନ୍ତ ସେହି ସ୍ଥାନ ଉପରେ ସେମାନଙ୍କର ଅଧିକାର ରହିଥାଏ। ୯୫। ତେଣୁ ଏହା ମୋର ଘର; ତୋର ନୁହେଁ।''

କପିଞ୍ଜଳ କହିଲା, ''ତୁ ଯଦି ଧର୍ମଶାସ୍ତ୍ରର ପ୍ରମାଣ ମାନୁଛୁ, ତେବେ ମୋ ସାଙ୍ଗରେ ଆ; ଧର୍ମଶାସ୍ତ୍ରରେ ପ୍ରବୀଣ କୌଣସି ଲୋକଙ୍କୁ ପଚାରିବା; ସେ ଯାହାକୁ ଦେବେ, ଏ ଘର ତାର ହେବ।''

ସେହିପରି କରାଯିବାରୁ ଅର୍ଥାତ୍ ସେ ଦୁହେଁ ଧର୍ମଶାସ୍ତ୍ରଜ୍ଞଙ୍କୁ ପଚାରିବାକୁ ଯିବାରୁ ମୁଁ ଭାବିଲି, 'ଏ ବିଷୟରେ କଅଣ ହେବ? ଏହି ନ୍ୟାୟ ବିଚାର ମୋର ଦେଖିବା ଉଚିତ।' ତହୁଁ କୌତୂହଳବଶତଃ ମୁଁ ସେ ଦୁହିଁଙ୍କ ପଛେ ପଛେ ଚାଲିଲି।

ଏଥିମଧ୍ୟରେ ତୀକ୍ଷ୍ଣଦଂଷ୍ଟ୍ର ନାମକ ଗୋଟିଏ ବନ୍ୟବିଡ଼ାଳ ସେ ଦୁହିଁଙ୍କର ବିବାଦ ଶୁଣି ପଥର ନିକଟବର୍ତ୍ତୀ ନଦୀତଟକୁ ଆସି, ହାତରେ କୁଶ ଧରି, ଆଖି ବୁଜି, ହାତଦୁଇଟି ଉପରକୁ ଟେକି ଓ ଭୂମିକୁ ପାଦରେ ସ୍ପର୍ଶକରି ସୂର୍ଯ୍ୟଙ୍କ ଆଡ଼କୁ ମୁଖକରି ଉପଦେଶ ଦେଉଥିଲା– ''ଓହୋ, ଏ ସଂସାର ଅସାର। ଜୀବନ ହେଉଛି କ୍ଷଣଭଙ୍ଗୁର। ପ୍ରିୟଜନଙ୍କ ସହିତ ମିଳନ ସ୍ୱପ୍ନସଦୃଶ। ଏ କୁଟୁମ୍ବ-ପରିପାଳନ ଇନ୍ଦ୍ରଜାଳତୁଲ୍ୟ। ତେଣୁ ଧର୍ମ ବିନା ଅନ୍ୟ ଗତି ନାହିଁ। କଥିତ ଅଛି–

ଅନିତ୍ୟାନି ଶରୀରାଣି ବିଭବୋ ନୈବ ଶାଶ୍ୱତଃ।
ନିତ୍ୟଂ ସଂନିହିତୋ ମୃତ୍ୟୁଃ କର୍ତ୍ତବ୍ୟୋ ଧର୍ମସଂଗ୍ରହଃ॥ ୯୬॥
ଯସ୍ୟ ଧର୍ମବିହୀନାନି ଦିନାନ୍ୟାୟାନ୍ତି ଯାନ୍ତି ଚ।
ସ ଲୋହକାର ଭସ୍ତ୍ରେବ ଶ୍ୱସନ୍ନପି ନ ଜୀବତି॥ ୯୭॥
ନାଚ୍ଛାଦୟତି କୌପୀନଂ ନ ଦଂଶମଶକାପହମ୍।
ଶୁନଃ ପୁଚ୍ଛମିବ ବ୍ୟର୍ଥଂ ପାଣ୍ଡିତ୍ୟଂ ଧର୍ମବର୍ଜିତମ୍॥ ୯୮॥

ଶରୀର ଅନିତ୍ୟ; ଧନସମ୍ପଦ ଚିରସ୍ଥାୟୀ ନୁହେଁ; ମୃତ୍ୟୁ ସର୍ବଦା ନିକଟବର୍ତ୍ତୀ; ଅତଏବ ଧର୍ମ ସଞ୍ଚୟ କରିବା ଉଚିତ। ୯୬। ଯେଉଁ ଲୋକର ଦିନଗୁଡ଼ିକ ଧର୍ମାନୁଷ୍ଠାନ ବିନା ଆସୁଥାଏ ଓ ଚାଲିଯାଉଥାଏ, ସେ କମାରର ଭାତି ଭଳି ଶ୍ୱାସ ନେଉଥିଲେହେଁ ଜୀବିତ ବୋଲି କୁହାଯାଇ ନ ପାରେ। ୯୭। କୁକୁର ଲାଙ୍ଗୁଳ ଯେପରି ଗୁହ୍ୟ ଅଙ୍ଗକୁ ଆଚ୍ଛାଦନ କରି ପାରେନାହିଁ କିମ୍ବା ମଶା ମାଛି ପ୍ରଭୃତିଙ୍କୁ ତଡ଼ିଦେଇ ପାରେନାହିଁ, ସେହିପରି ଧର୍ମାଚରଣ ବିନା ଶାସ୍ତ୍ରଚାତୁରୀ ବୃଥା। ୯୮। ପୁଣି–

ପୁଲାକା ଇବ ଧାନ୍ୟେଷୁ ପୁତ୍ତିକା ଇବ ପକ୍ଷିଷୁ।
ମଶକା ଇବ ମର୍ତ୍ତ୍ୟେଷୁ ଯେଷାଂ ଧର୍ମୋ ନ କାରଣମ୍॥ ୯୯॥
ଶ୍ରେୟଃ ପୁଷ୍ପଫଳଂ ବୃକ୍ଷାଦ୍ଦଧ୍ନଃ ଶ୍ରେୟୋ ଘୃତଂ ସ୍ମୃତମ୍।
ଶ୍ରେୟସ୍ତୈଳଞ୍ଚ ପିଣ୍ୟାକାଚ୍ଛ୍ରେୟାନ୍ ଧର୍ମସ୍ତୁ ମାନୁଷାତ୍॥ ୧୦୦॥

ଯେପରି ଧାନରେ ଅଗାଡ଼ି; ପକ୍ଷୀମାନଙ୍କର ପତଙ୍ଗ ଓ ପ୍ରାଣୀମାନଙ୍କର ମଶକ ତୁଚ୍ଛ ବିବେଚିତ ହୁଅନ୍ତି, ସେହିପରି ଧର୍ମହୀନ ଲୋକେ ହୀନ ବିବେଚିତ ହୋଇଥାନ୍ତି। ୯୯।

ବୃକ୍ଷ ଅପେକ୍ଷା ପୁଷ୍ପଫଳ, ଦଧି ଅପେକ୍ଷା ଘୃତ ଓ ପିଡ଼ିଆଠାରୁ ତେଲ ଶ୍ରେଷ୍ଠ ବୋଲି କଥିତ ଅଛି। ସେହିପରି ମନୁଷ୍ୟର ଶରୀରଠାରୁ ତାର ଧର୍ମକାର୍ଯ୍ୟ ଶ୍ରେଷ୍ଠ ଅଟେ। ୧୦୦।

ସୃଷ୍ଟମୂତ୍ରପୁରୀଷାର୍ଥମାହାରାୟ ଚ କେବଳମ୍।
ଧର୍ମହୀନାଃ ପରାର୍ଥାୟ ପୁରୁଷାଃ ପଶବୋ ଯଥା।। ୧୦୧।।
ସ୍ଥୈର୍ଯ୍ୟଂ ସର୍ବେଷୁ କୃତ୍ୟେଷୁ ଶଂସନ୍ତି ନୟପଣ୍ଡିତାଃ।
ବହ୍ୱନ୍ତରାୟଯୁକ୍ତସ୍ୟ ଧର୍ମସ୍ୟ ତ୍ୱରିତା ଗତି।। ୧୦୨।।
ସଂକ୍ଷେପାତ୍ କଥ୍ୟତେ ଧର୍ମୋ ଜନାଃ କିଂ ବିସ୍ତରେଣ ବଃ।
ପରୋପକାରଃ ପୁଣ୍ୟାୟ ପାପାୟ ପରପୀଡ଼ନମ୍।। ୧୦୩।।

ଧର୍ମହୀନ ପୁରୁଷମାନେ କେବଳ ମଳମୂତ୍ର ତ୍ୟାଗକରି ଉଦରପୂରଣ ନିମନ୍ତେ ସୃଷ୍ଟ ହୋଇଥାନ୍ତି। ସେମାନେ ଅନ୍ୟମାନଙ୍କ କାର୍ଯ୍ୟ କରୁଥିବା ପଶୁତୁଲ୍ୟ। ୧୦୧। ନୀତିଜ୍ଞ ଲୋକେ ସକଳ କାର୍ଯ୍ୟରେ ସ୍ଥୈର୍ଯ୍ୟକୁ ପ୍ରଶଂସା କରିଥାନ୍ତି। କିନ୍ତୁ ବହୁବିଘ୍ନଯୁକ୍ତ ଧର୍ମର ଗତି ବେଗବାନ୍; ଅର୍ଥାତ୍ ଧର୍ମକାର୍ଯ୍ୟ ଶୀଘ୍ର କରିବା ଉଚିତ। ୧୦୨। ହେ ମାନବଗଣ! ସଂକ୍ଷେପରେ ଧର୍ମର ତତ୍ତ୍ୱ କହୁଛି। ବିସ୍ତାର କରି କହିବାରେ କି ଲାଭ? ପରୋପକାର କଲେ ପୁଣ୍ୟ ହୁଏ ଓ ପରକୁ ପୀଡ଼ା ଦେଲେ ପାପ ହୁଏ। ୧୦୩।

ଶ୍ରୂୟତାଂ ଧର୍ମସର୍ବସ୍ୱଂ ଶ୍ରୁତ୍ୱା ଚୈବାବଧାର୍ଯ୍ୟତାମ୍।
ଆତ୍ମନଃ ପ୍ରତିକୂଳାନି ପରେଷାଂ ନ ସମାଚରେତ୍।। ୧୦୪।।

ଧର୍ମର ସାରକଥା ଶୁଣ ଓ ଶୁଣି ହୃଦୟଙ୍ଗମ କର। ଯେଉଁ କାର୍ଯ୍ୟ ନିଜ ପାଇଁ କ୍ଷତିକାରକ, ପରପ୍ରତି ସେଭଳି କାର୍ଯ୍ୟ କର ନାହିଁ।'' ୧୦୪।

ତାହାର ଏପରି ଧର୍ମୋପଦେଶ ଶୁଣି ଶଶକ କହିଲା, ''ହେ କପିଞ୍ଜଳ! ନଦୀତଟରେ ଏ ଜଣେ ଧାର୍ମିକ ତପସ୍ୱୀ ଅଛନ୍ତି। ଚାଲ, ତାଙ୍କୁ ପଚାରିବା।'' କପିଞ୍ଜଳ କହିଲା, ''ସ୍ୱଭାବତଃ ଏ ହେଉଛି ଆମମାନଙ୍କର ଶତ୍ରୁସ୍ଥାନୀୟ। ତେଣୁ ଆମେ ଦୂରରେ ରହି ପଚାରିବା। କେତେବେଳେ ଅବା ତାର ବ୍ରତଭଙ୍ଗ ହୋଇପାରେ; ଅର୍ଥାତ୍ ଆମକୁ ଖାଇବାକୁ ମନ କରିପାରେ।''

ତତ୍ପରେ ଦୁହେଁଯାକ ଦୂରରେ ରହି କହିଲେ, ''ହେ ତପସ୍ୱୀ! ଧର୍ମୋପଦେଶକ! ଆମ ଦୁହିଁଙ୍କ ମଧ୍ୟରେ ବିବାଦ ହୋଇଅଛି; ତେଣୁ ଧର୍ମଶାସ୍ତ୍ର ଅନୁସାରେ ଆମ ବିବାଦର ବିଚାର କର। ଯାହାର କଥା ମିଥ୍ୟା ହେବ, ତାକୁ ତୁମେ ଖାଇବ।''

ସେ କହିଲା, ''ହେ ଭଦ୍ର, ତୁମେ ଦୁହେଁ ସେପରି କହନାହିଁ। ନରକର ପଥସ୍ୱରୂପ ହିଂସାମାର୍ଗକୁ ମୁଁ ତ୍ୟାଗ କରିଛି। ଅହିଂସାହିଁ ହେଉଛି ଧର୍ମର ପଥ। କଥିତ ଅଛି –

ଅହିଂସା ପୂର୍ବକୋ ଧର୍ମୋ ଯସ୍ମାତ୍ସଦ୍ଭିରୁଦାହୃତଃ।
ଯୂକାମକୁଣଦଂଶାଦୀଂସ୍ତସ୍ମାତ୍ତାନପି ରକ୍ଷୟେତ୍।। ୧୦୫।।
ହିଂସକାନ୍ୟପି ଭୂତାନି ଯୋ ହିନସ୍ତି ସ ନିର୍ଘୃଣଃ।
ସ ଯାତି ନରକଂ ଘୋରଂ କି ପୁନର୍ଯଃ ଶୁଭାନି ଚ।। ୧୦୬।।

ସାଧୁଲୋକେ କହିଅଛନ୍ତି ଯେ ଧର୍ମ ହେଉଛି ଅହିଂସାମୂଳକ। ତେଣୁ ସାମାନ୍ୟ ଓଡ଼ଶ, ଉକୁଣି, ଡାଉଁଶ ପ୍ରଭୃତିଙ୍କୁ ମଧ୍ୟ ନ ମାରି ରକ୍ଷାକରିବା ଉଚିତ। ୧୦୫। ଯେଉଁ ମନୁଷ୍ୟ ହିଂସ୍ରକ ପ୍ରାଣୀକୁ ବଧ କରେ, ସେ ନିଷ୍ଠୁର। ସେ ଘୋର ନରକକୁ ଯାଏ। ପୁଣି ଯେ ଅହିଂସକ ପ୍ରାଣୀକୁ ବଧ କରେ, ତା କଥା କଅଣ କହିବା। ୧୦୬।

ଯେଉଁ ଯାଜ୍ଞିକମାନେ ଯଜ୍ଞକାର୍ଯ୍ୟରେ ପଶୁବଧ କରନ୍ତି, ସେମାନେ ମଧ୍ୟ ମୂର୍ଖ; କାରଣ ସେମାନେ ବେଦର ପ୍ରକୃତ ଅର୍ଥ ଜାଣନ୍ତି ନାହିଁ। ସେଥିରେ ଏତିକି ମାତ୍ର କୁହାଯାଇଛି 'ଅଜୈର୍ଯଷ୍ଟବ୍ୟମ୍'; ଅର୍ଥାତ୍ ଅଜଦ୍ୱାରା ଯଜ୍ଞ କରିବ। ଏଠାରେ 'ଅଜ' ଶବ୍ଦର ଅର୍ଥ ହେଉଛି ସାତବର୍ଷର ପୁରୁଣା ବ୍ରୀହି; ଅଜ ନାମକ ପଶୁ ଅର୍ଥାତ୍ ଛେଳି ନୁହେଁ। କଥିତ ଅଛି –

ବୃକ୍ଷାଂଶ୍ଛିତ୍ୱା ପଶୂନ୍ ହତ୍ୱା କୃତ୍ୱା ରୁଧିରକର୍ଦମମ୍।
ଯଦ୍ୟେବଂ ଗମ୍ୟତେ ସ୍ୱର୍ଗେ ନରକେ କେନ ଗମ୍ୟତେ॥ ୧୦୭॥

ବୃକ୍ଷକୁ ଛେଦନ କରି, ପଶୁକୁ ବଧ କରି, ରକ୍ତରେ ଭୂମିକୁ କର୍ଦମମୟ କରି ଯଦି ସ୍ୱର୍ଗଲାଭ ହୁଏ, ତେବେ ନରକ ଯିବାର ପଥ କିଏ ? ୧୦୭।

ଅତଏବ ମୁଁ କାହାକୁ ଖାଇବି ନାହିଁ। କେବଳ କିଏ ଦୋଷୀ, କିଏ ନିର୍ଦ୍ଦୋଷ ସ୍ଥିର କରିଦେବି; କିନ୍ତୁ ମୁଁ ବୃଦ୍ଧ, ଦୂରରୁ ଠିକ୍ ଶୁଣିପାରୁନାହିଁ । ଏକଥା ବୁଝି, ମୋର ନିକଟବର୍ତ୍ତୀ ହୋଇ ମୋ ଆଗରେ ତୁମର ଅଭିଯୋଗ କହ; ତାହାହେଲେ ମୁଁ ସବୁ ବୁଝି ଯଥାର୍ଥ ନ୍ୟାୟ କହିପାରିବି ଓ ତାହା ଫଳରେ ମୋର ସ୍ୱର୍ଗପ୍ରାପ୍ତିରେ ବାଧା ହେବ ନାହିଁ। କଥିତ ଅଛି –

ମାନାଦ୍‌ବା ଯଦି ବା ଲୋଭାତ୍‌କ୍ରୋଧାଦ୍‌ବା ଯଦି ବା ଭୟାତ୍।
ଯୋ ନ୍ୟାୟମନ୍ୟଥା ବ୍ରୂତେ ସ ଯାତି ନରକଂ ନରଃ॥ ୧୦୮॥
ପଞ୍ଚ ପଶ୍ୱନୃତେ ହନ୍ତି ଦଶହନ୍ତି ଗବାନୃତେ।
ଶତଂ କନ୍ୟାନୃତେ ହନ୍ତି ସହସ୍ରଂ ପୁରୁଷାନୃତେ॥ ୧୦୯॥
ଉପବିଷ୍ଟଃ ସଭାମଧ୍ୟେ ଯୋ ନ ବକ୍ତି ସ୍ଫୁଟଂ ବଚଃ।
ତସ୍ମାଦ୍ ଦୂରେଣ ସ ତ୍ୟାଜ୍ୟୋ ନ୍ୟାୟଂ ବା କୀର୍ତୟେଦୃତମ୍॥ ୧୧୦॥

ଯେଉଁ ଲୋକ ସମ୍ମାନ ହେତୁରୁ, ଲୋଭରୁ, କ୍ରୋଧରୁ ବା ଭୟରୁ ନିଜର ନିଷ୍ପତ୍ତି ଯଥାର୍ଥଭାବରେ ଦିଏ ନାହିଁ, ସେ ନରକକୁ ଯାଏ। ୧୦୮। ପଶୁପାଇଁ ମିଥ୍ୟା କହିବାଦ୍ୱାରା ମନୁଷ୍ୟ ପାଞ୍ଚ ପୁରୁଷର, ଗୋରୁ ପାଇଁ ମିଥ୍ୟା କହିବାଦ୍ୱାରା ଦଶ ପୁରୁଷର, କନ୍ୟାପାଇଁ ମିଥ୍ୟା କହିବାଦ୍ୱାରା ଶହେ ପୁରୁଷର ଓ ଅନ୍ୟ ଲୋକପାଇଁ ମିଥ୍ୟା କହିବାଦ୍ୱାରା ସହସ୍ର ପୁରୁଷର ବିନାଶସାଧନ କରିଥାଏ। ୧୦୯। ଯେଉଁ ଲୋକ ନ୍ୟାୟସଭାରେ ବସି ନିର୍ଭୟରେ ନିଷ୍ପତ୍ତି କହେ ନାହିଁ, ତାହାକୁ ନ୍ୟାୟାସନରୁ ଦୂର କରିଦେବା ଉଚିତ; କାରଣ ସତ୍ୟହିଁ ହେଉଛି ନ୍ୟାୟ। ୧୧୦।

ତେଣୁ ତୁମେ ଦୁହେଁ ମୋର କାନର ଖୁବ୍ ନିକଟକୁ ଆସି ସଫାସଫା କହିଯାଅ।

ଅଧିକ କଅଣ କହିବି, ସେ ଅଧମକୁ ସେମାନେ ଏତେ ବିଶ୍ୱାସ କରିପକାଇଲେ

ଯେ, ଦୁହେଁଯାକ ଯାଇ ତାର କ୍ରୋଡ଼ରେ ବସିଗଲେ। ତତ୍ପରେ ସେ ଏକସଙ୍ଗରେ ଗୋଟିକୁ ପାଦର ଅଗ୍ରଭାଗରେ ଓ ଅନ୍ୟଟିକୁ ଦନ୍ତରେ ଧରିପକାଇଲା। ଅନନ୍ତର ଦୁହିଙ୍କୁ ମାରି ସେ ଖାଇଲା। ଏହି ହେତୁରୁ ମୁଁ କହୁଥିଲି– 'କ୍ଷୁଦ୍ରମର୍ଥପତିଂ ପ୍ରାପ୍ୟ . . .' ଇତ୍ୟାଦି। (୯୧ ଶ୍ଳୋକ ଦେଖ)

ଆପଣମାନେ ମଧ୍ୟ ଏହି ଦିବାନ୍ଧ ନୀଚ଼ ପ୍ରାଣୀକୁ ଆପଣାର ରାଜା କଲେ ଓ ରାତ୍ର୍ୟନ୍ଧ ହୋଇଥିବାରୁ ସେହି ଶଶକ ଓ କପିଞ୍ଜଳର ଦଶା ଭୋଗ କରିବେ। ଏହା ବିଚ଼ାର କରି ଯାହା ଉଚ଼ିତ, ତାହା କରନ୍ତୁ।''

ଅନନ୍ତର ତାହାର ବାକ୍ୟ ଶୁଣି ସବୁ ପକ୍ଷୀ 'ଏ ବାୟସ ଯାହା କହିଲେ ତାହା ଠିକ୍', 'ରାଜା କରିବା ବିଷୟରେ ଆଉ ଥରେ ଏକତ୍ର ହୋଇ ବିଚ଼ାର କରିବା' ଏହିପରି କହି ନିଜ ନିଜ ସ୍ଥାନକୁ ଚାଲିଗଲେ। କେବଳ ଅଭିଷେକ ନିମନ୍ତେ ଅପେକ୍ଷା କରିଥିବା ଦିବାନ୍ଧ ଉଲୂକ କୃକାଳିକା ସହିତ ସିଂହାସନ ଉପରେ ବସି ରହିଲା। ସେ କହିଲା, ''ଏଠାରେ କିଏ ଅଛ? ଏତେବେଳଯାଏ ମୋର ଅଭିଷେକ କରୁନାହଁ କାହିଁକି?''

ଏହା ଶୁଣି କୃକାଳିକା କହିଲା, ''ଭଦ୍ର! ବାୟସ ତୁମର ଅଭିଷେକରେ ବିଘ୍ନ ଘଟାଇଅଛି। ସବୁ ପକ୍ଷୀ ନିଜ ନିଜ ଇଚ୍ଛା ଅନୁସାରେ ବିଭିନ୍ନ ଦିଗକୁ ଚାଲିଗଲେଣି। କୌଣସି କାରଣରୁ କେବଳ ବାୟସ ଏଠାରେ ରହିଛି। ଅତଏବ ତୁମେ ଶୀଘ୍ର ଉଠିଆସ; ମୁଁ ତୁମକୁ ନିଜ ଆଶ୍ରୟସ୍ଥଳକୁ ନେଇଯିବି।''

ଏହା ଶୁଣି ଉଲୂକ ବିଷଣ୍ଣ ହୋଇ ବାୟସକୁ କହିଲା, ''ଆରେ ଦୁଷ୍ଟ! ମୁଁ ତୋର କି ଅପକାର କରିଥିଲି ଯେ ତୁ ମୋର ରାଜ୍ୟାଭିଷେକରେ ବିଘ୍ନ ସୃଷ୍ଟିକଲୁ? ଅତଏବ ଆଜିଠାରୁ ତୋ' ମୋ ଭିତରେ ବଂଶ-ପରମ୍ପରାକ୍ରମେ ଶତ୍ରୁତା ରହିଲା। କଥିତ ଅଛି–

ରୋହତେ ସାୟକୈର୍ବିଦ୍ଧଂ ଛିନ୍ନଂ ରୋହତି ଚାସିନା।
ବାଚା ଦୁରୁକ୍ତଂ ବୀଭତ୍ସଂ ନ ପ୍ରରୋହତି ବାକ୍‌କ୍ଷତମ୍॥ ୧୧୧ ॥

ଶରଦ୍ୱାରା ବିଦ୍ଧ ହୋଇ ଅଙ୍ଗରେ କ୍ଷତ ହୋଇଥିଲେ ତାହା ପୂର୍ଣ୍ଣ ହୋଇଥାଏ, ତରବାରି ଆଘାତରେ ହୋଇଥିବା କ୍ଷତ ପୂର୍ଣ୍ଣ ହୋଇଯାଏ; କିନ୍ତୁ ବାକ୍ୟଦ୍ୱାରା ଯେଉଁ କ୍ଷତ ହୁଏ, ତାହା କେବେ ପୂର୍ଣ୍ଣ ହୁଏ ନାହିଁ। ତେଣୁ କୁତ୍ସିତ, ମନ୍ଦ ବାକ୍ୟ କହିବା ଉଚ଼ିତ ନୁହେଁ।'' ୧୧୧।

ଏହିପରି କହି ଉଲୂକ କୃକାଳିକା ସହିତ ନିଜ ସ୍ଥାନକୁ ଚାଲିଗଲା। ଅନନ୍ତର ବାୟସ ଭୟରେ ବ୍ୟାକୁଳ ହୋଇ ଚିନ୍ତା କଲା– ଅହୋ, ମୁଁ ବିନା କାରଣରେ ଶତ୍ରୁତା ଅର୍ଜନ କଲି; ହାୟ! ମୁଁ କଅଣ କହିପକାଇଲି! କଥିତ ଅଛି–

ଅଦେଶକାଳଜ୍ଞମନାୟତିକ୍ଷମଂ ଯଦପ୍ରିୟଂ ଲାଘବକାରି ଚାତ୍ମନଃ।
ଯଚ୍ଚାବ୍ରବୀଦ୍ କାରଣବର୍ଜିତଂ ବଚୋ
ତବଦ୍‌ଚଃ ସ୍ୟାଦ୍‌ବିଷମେବ ତଦ୍‌ବଚଃ॥ ୧୧୨ ॥

ବଳୋପପନ୍ନୋଽପି ହି ବୁଦ୍ଧିମାନ୍ନରଃ ପରଂ ନୟେନ୍ନ ସ୍ୱୟମେବ ବୈରିତାମ୍ ।
ଭିଷଙ୍ମମାସ୍ତୀତି ବିଚିନ୍ତ୍ୟ ଭକ୍ଷୟେ
ଦକାରଣାକ୍ୱୋ ହି ବିଚକ୍ଷଣୋ ବିଷମ୍ ।। ୧୧୩ ।।
ପରପରିବାଦଃ ପରିଷଦି ନ କଥଞ୍ଚିତ୍‌ପଣ୍ଡିତେନ ବକ୍ତବ୍ୟଃ ।
ସତ୍ୟମପି ତନ୍ନ ବାଚ୍ୟଂ ଯଦୁକ୍ତମସୁଖାବହଂ ଭବତି ।। ୧୧୪ ।।

ଏ ସଂସାରରେ ଲୋକ ବିନା କାରଣରେ ଦେଶକାଳର ଅନୁପଯୋଗୀ, ଭବିଷ୍ୟତରେ ଦୁଃଖଦାୟକ, ଅପ୍ରିୟ ଓ ନିଜର ନୀଚତାସୂଚକ ବାକ୍ୟ କହିପକାଏ, ତାହା ବାକ୍ୟ ନୁହେଁ; ପରନ୍ତୁ ତାହା ବିଷ ହୋଇଯାଏ । ୧୧୨ । ବୁଦ୍ଧିମାନ୍ ପୁରୁଷ ବଳଶାଳୀ ହୋଇଥିଲେ ସୁଦ୍ଧା ନିଜ ପକ୍ଷରୁ କାହାରି ସହିତ ଶତ୍ରୁତା ଜନ୍ମାଏ ନାହିଁ । 'ମୋର ବୈଦ୍ୟ ଅଛି' ଏହା ଭାବି କେହି ବିଚକ୍ଷଣ ଲୋକ ଅକାରଣରେ ବିଷ ଖାଏ କି? । ୧୧୩ । ପଣ୍ଡିତ ଲୋକ କେବେହେଲେ ସଭାରେ ଅନ୍ୟ ଲୋକର ନିନ୍ଦା କରିବା ଉଚିତ ନୁହେଁ । ଯେଉଁ କଥା ଅନ୍ୟର ଦୁଃଖଦାୟକ, ତାହା ସତ୍ୟ ହୋଇଥିଲେ ମଧ୍ୟ କହିବା ଉଚିତ ନୁହେଁ । ୧୧୪ ।

ସୁହୃଦ୍‌ଭିରାପ୍ତୈରସକୃଦ୍ ବିଚାରିତଂ,
ସ୍ୱୟଂ ଚ ବୁଦ୍ଧ୍ୟା ପ୍ରବିଚାରିତାଶ୍ରୟମ୍ ।
କରୋତି କାର୍ଯ୍ୟଂ ଖଳୁ ଯଃ ସ ବୁଦ୍ଧିମାନ୍,
ସ ଏବ ଲକ୍ଷ୍ମ୍ୟା ଯଶସାଂ ଚ ଭାଜନମ୍ ।। ୧୧୫ ।।

ଯିଏ ବିଶ୍ୱସ୍ତ ବନ୍ଧୁଙ୍କଦ୍ୱାରା ବାରମ୍ବାର ବିଚାର କରାଯାଇଥିବା ଏବଂ ନିଜର ବୁଦ୍ଧିଦ୍ୱାରା ଅତି ସାବଧାନରେ ଚିନ୍ତା କରାଯାଇଥିବା କାର୍ଯ୍ୟ କରିଥାଏ, ସେ ପ୍ରକୃତରେ ବୁଦ୍ଧିମାନ୍ ଏବଂ ଐଶ୍ୱର୍ଯ୍ୟ ଓ ଯଶର ଆଧାର ଅଟେ । ୧୧୫ ।

ଏହିପରି ଚିନ୍ତା କରି କାକ ମଧ୍ୟ ଚାଲିଗଲା । ସେହିଦିନଠାରୁ ଆମମାନଙ୍କର ଉଲୂକମାନଙ୍କ ସହିତ ବଂଶପରମ୍ପରାକ୍ରମେ ଶତ୍ରୁତା ରହିଆସିଛି ।''

ମେଘବର୍ଣ୍ଣ ସ୍ଥିରଜୀବୀକୁ ପଚାରିଲା, ''ତାତ, ଏପରି ଅବସ୍ଥାରେ ଆମେ କଅଣ କରିବା ଉଚିତ?'' ସେ କହିଲା, ''ଏପରି ଅବସ୍ଥାରେ ମଧ୍ୟ ସନ୍ଧିବିଗ୍ରହାଦି ଛଅଟି ଉପାୟ ଛଡ଼ା ଅନ୍ୟ ଗୋଟିଏ ଶକ୍ତିଶାଳୀ ଉପାୟ ଅଛି । ସେହି ଉପାୟ ଅବଲମ୍ବନ କରି ମୁଁ ନିଜେ ଏହାକୁ ଜୟ କରିବାପାଇଁ ଯିବି; ଶତ୍ରୁକୁ ପ୍ରତାରଣାଦ୍ୱାରା ବଧ କରିବି । କଥିତ ଅଛି –

ବହୁବୁଦ୍ଧିସମାଯୁକ୍ତାଃ ସୁବିଜ୍ଞାନା ବଳୋତ୍କଟାନ୍ ।
ଶକ୍ତା ବଞ୍ଚୟିତୁଂ ଧୂର୍ତ୍ତା ବ୍ରାହ୍ମଣଂ ଛାଗଳାଦିବ ।। ୧୧୬ ।।

ଯେପରି ଧୂର୍ତ୍ତମାନେ ବ୍ରାହ୍ମଣକୁ ପ୍ରତାରଣା କରି ଛାଗଳରୁ ବଞ୍ଚିତ କରିଥିଲେ, ସେହିପରି ବିବିଧ ବୁଦ୍ଧିସମ୍ପନ୍ନ ନିପୁଣ ଲୋକେ ବଳଶାଳୀ ଲୋକଙ୍କୁ ମଧ୍ୟ ପ୍ରତାରଣା କରିବାକୁ ସମର୍ଥ ହୋଇଥାନ୍ତି ।'' ୧୧୬ ।

ମେଘବର୍ଣ୍ଣ ପଚାରିଲା, ''ସେ ଧୂର୍ତ୍ତ ଓ ବ୍ରାହ୍ମଣ କଥା କଅଣ?'' ସ୍ଥିରଜୀବୀ କହିଲା –

ଛାଗ ଓ ଧୂର୍ତ୍ତ-ବ୍ରାହ୍ମଣ କଥା

କୌଣସି ସ୍ଥାନରେ ମିତ୍ରଶର୍ମା ନାମରେ ଜଣେ ଅଗ୍ନିହୋତ୍ରୀ ବ୍ରାହ୍ମଣ ଥିଲେ। ଏକଦା ମାଘ ମାସରେ ଧୀର ପବନ ବହୁଥିଲା, ଆକାଶ ମେଘାଚ୍ଛନ୍ନ ହୋଇଥିଲା ଓ ଧୀରେ ଧୀରେ ମେଘ ବର୍ଷୁଥିଲା। ଏହି ସମୟରେ ସେ ବ୍ରାହ୍ମଣ ଗୋଟିଏ ଯଜ୍ଞପଶୁ ଭିକ୍ଷା କରିବା ନିମନ୍ତେ ଅନ୍ୟ ଗୋଟିଏ ଗ୍ରାମକୁ ଯାଇ ଜଣେ ଯଜମାନଙ୍କୁ ପ୍ରାର୍ଥନା କଲେ, "ହେ ଯଜମାନ! ଆସନ୍ତା ଅମାବାସ୍ୟା ଦିନ ମୁଁ ଗୋଟିଏ ଯଜ୍ଞ କରୁଛି; ତୁମେ ସେଥିପାଇଁ ଗୋଟିଏ ପଶୁ ଦିଅ।" ତହୁଁ ସେ ତାଙ୍କୁ ଶାସ୍ତ୍ରବିହିତ ଲକ୍ଷଣଯୁକ୍ତ, ସ୍ଥୂଳଶରୀର ପଶୁଟିଏ ଦେଲା। ପଶୁଟି ବଳବାନ୍ ଓ ଇତସ୍ତତଃ ପଳାଇବାକୁ ସମର୍ଥ ଥିବାର ଦେଖି ମିତ୍ରଶର୍ମା ତାହାକୁ କାନ୍ଧରେ ରଖି ଶୀଘ୍ର ନିଜ ଗୃହ ଅଭିମୁଖରେ ପ୍ରସ୍ଥାନ କଲେ।

ଅନନ୍ତର ସେ ପଥମଧ୍ୟରେ ଯାଉଥିବା ସମୟରେ ତିନିଜଣ କ୍ଷୁଧାର୍ତ୍ତ ଧୂର୍ତ୍ତ ତାଙ୍କର ସମ୍ମୁଖୀନ ହେଲେ। ସେମାନେ ବ୍ରାହ୍ମଣଙ୍କ ସ୍କନ୍ଧରେ ଥିବା ସ୍ଥୂଳକାୟ ପଶୁଟିକୁ ଦେଖି ପରସ୍ପର କଥାବାର୍ତ୍ତା ହେଲେ– 'ଓଃ! ଏ ପଶୁଟିକୁ ଭୋଜନ କଲେ ଆଜି ଆମର ଶୀତକଷ୍ଟ ଦୂର ହେବ। ଅତଏବ ଏ ବ୍ରାହ୍ମଣକୁ ପ୍ରତାରଣା କରି ପଶୁଟିକୁ ନେଇ ଶୀତରୁ ରକ୍ଷାପାଇବା।'

ତତ୍ପରେ ସେମାନଙ୍କ ମଧ୍ୟରୁ ଜଣେ ବେଶ ପରିବର୍ତ୍ତନ କରି ପଥପାର୍ଶ୍ୱରୁ ଅଗ୍ନିହୋତ୍ରୀଙ୍କ ସମ୍ମୁଖକୁ ଆସି କହିଲା, "ହେ ମୂର୍ଖ ଅଗ୍ନିହୋତ୍ରି! କାହିଁକି ଏପରି ଲୋକବିରୁଦ୍ଧ ଓ ହାସ୍ୟକର କାର୍ଯ୍ୟ କରୁଛ? ଗୋଟାଏ ଅପବିତ୍ର କୁକ୍‌କୁରକୁ କାନ୍ଧରେ ବୋହି-ନେଉଛ! ଯେହେତୁ କଥିତ ଅଛି–

ଶ୍ୱାନକୁକ୍‌କୁଟଚାଣ୍ଡାଳାଃ ସମସ୍ପର୍ଶାଃ ପ୍ରକୀର୍ତ୍ତିତାଃ।
ରାସଭୋଷ୍ଟ୍ରୌ ବିଶେଷେଣ ତସ୍ମାତ୍ତାନ୍ନୈବ ସଂସ୍ପୃଶେତ୍॥ ୧୧୭॥

କୁକ୍‌କୁର, କୁକ୍‌କୁଟ, ବିଶେଷତଃ ଗର୍ଦ୍ଦଭ ଓ ଉଷ୍ଟ୍ରକୁ ସ୍ପର୍ଶ କରିବା, ଚାଣ୍ଡାଳକୁ ସ୍ପର୍ଶ କରିବା ସଙ୍ଗେ ସମାନ ବୋଲି ପ୍ରସିଦ୍ଧି ଅଛି। ତେଣୁ ସେମାନଙ୍କୁ ସ୍ପର୍ଶ କରିବା ଅବିଧେୟ।"।୧୧୭।

ତହୁଁ ବ୍ରାହ୍ମଣ କୁପିତ ହୋଇ କହିଲେ, "କିହୋ, ତୁମେ କଅଣ ଅନ୍ଧ ଯେ ଯଜ୍ଞପଶୁକୁ କୁକ୍‌କୁର ବୋଲି କହୁଛ?" ସେ କହିଲା, "ହେ ବ୍ରାହ୍ମଣ! କ୍ରୋଧ କରୁଛନ୍ତି କାହିଁକି? ଆପଣ ନିଜ ରାସ୍ତାରେ ଯାଆନ୍ତୁ।"

ବ୍ରାହ୍ମଣ କିଛି ପଥ ଅତିକ୍ରମ କଲା ପରେ ଦ୍ୱିତୀୟ ଧୂର୍ତ୍ତ ତାଙ୍କ ସମ୍ମୁଖକୁ ଆସି ତାଙ୍କୁ କହିଲା, "ହେ ବ୍ରାହ୍ମଣ! ବଡ଼ ଦୁଃଖର କଥା, ଏ ମଲା ବାଛୁରୀଟି ଆପଣଙ୍କର ପ୍ରିୟ ହୋଇଥିଲେହେଁ ଏହାକୁ କାନ୍ଧରେ ପକାଇ ନେବା ଉଚିତ ନୁହେଁ। ଯେହେତୁ କଥିତ ଅଛି–

ତିର୍ଯ୍ୟଂଚଂ ମାନୁଷଂ ବାପି ଯୋ ମୃତଂ ସଂସ୍ପୃଶେତ୍କୁଧୀଃ ।
ପଂଚଗବ୍ୟେନ ଶୁଦ୍ଧିଃ ସ୍ୟାତ୍ତସ୍ୟ ଚାନ୍ଦ୍ରାୟଣେନ ବା ।। ୧୧୮ ।।

ଯେଉଁ ହୀନବୁଦ୍ଧି ଲୋକ ମୃତ ପଶୁପକ୍ଷୀ ବା ମୃତ ମନୁଷ୍ୟକୁ ସ୍ପର୍ଶ କରେ, ସେ ପଞ୍ଚଗବ୍ୟସେବନଦ୍ୱାରା ବା ଚାନ୍ଦ୍ରାୟଣ ବ୍ରତଦ୍ୱାରା ଶୁଦ୍ଧ ହେବା ଉଚିତ ।" । ୧୧୮ ।

ତହୁଁ ବ୍ରାହ୍ମଣ କ୍ରୁଦ୍ଧ ହୋଇ କହିଲେ, "ତୁମେ କଅଣ ଅନ୍ଧ ଯେ ଯଜ୍ଞପଶୁକୁ ମଲା ବାଛୁରୀ ବୋଲି କହୁଛ?" ସେ କହିଲା, "ମହାପ୍ରଭୁ, ରାଗ କରନ୍ତୁ ନାହିଁ। ଅଜ୍ଞାନହେତୁ ସେପରି କହିଦେଲି। ଆପଣଙ୍କର ଯାହା ଇଚ୍ଛା, ତାହା କରନ୍ତୁ।"

ଏହାପରେ ସେ ବନମଧ୍ୟରେ କିଛିଦୂର ଗଲାବେଳକୁ ତୃତୀୟ ଧୂର୍ତ୍ତ ଅନ୍ୟ ବେଶ ଧରି ବ୍ରାହ୍ମଣଙ୍କର ସମ୍ମୁଖକୁ ଆସି କହିଲା, "ଆହୋ, ଏ ତ ଘୋର ଅନ୍ୟାୟ ! ଆପଣ ଗୋଟାଏ ଗଧକୁ କାନ୍ଧରେ ବୋହିନେଉଛନ୍ତି ! ଏଇଟାକୁ ଫିଙ୍ଗିଦିଅନ୍ତୁ। କଥିତ ଅଛି –

ଯଃ ସ୍ପୃଶେଦ୍ରାସଭଂ ମର୍ତ୍ତ୍ୟୋ ଜ୍ଞାନାଦଜ୍ଞାନତୋଽପି ବା ।
ସଚୈଲଂ ସ୍ନାନମୁଦ୍ଦିଷ୍ଟଂ ତସ୍ୟ ପାପପ୍ରଶାନ୍ତୟେ ।। ୧୧୯ ।।

ଯେଉଁ ମନୁଷ୍ୟ ସଜ୍ଞାନରେ ହେଉ ବା ଅଜ୍ଞାନରେ ହେଉ ଗଧକୁ ସ୍ପର୍ଶକରେ, ସେ ପାପକ୍ଷାଳନ ନିମନ୍ତେ ବସ୍ତ୍ର ସହିତ ସ୍ନାନ କରିବା ଉଚିତ ବୋଲି ବିଧି ଅଛି। ୧୧୯ । ତେଣୁ ଅନ୍ୟ କେହି ଦେଖିବାପୂର୍ବରୁ ଏହାକୁ ଫିଙ୍ଗିଦିଅନ୍ତୁ।"

ଅନନ୍ତର ବ୍ରାହ୍ମଣ ସେହି ପଶୁଟିକୁ ଗଧ ବୋଲି ମନେକରି ଭୟରେ ତଳକୁ ଫିଙ୍ଗିଦେଇ ନିଜ ଗୃହକୁ ଚାଲିଗଲେ। ଧୂର୍ତ୍ତ ତିନିଜଣଯାକ ମିଳି ପଶୁଟିକୁ ନେଇ ଯଥେଚ୍ଛା ଭୋଜନ କରିବାକୁ ଲାଗିଲେ। ଏହି ହେତୁରୁ ମୁଁ କହୁଥିଲି – 'ବହୁବୁଦ୍ଧିସମାଯୁକ୍ତା...' ଇତ୍ୟାଦି।

ଅଥବା ଯଥାର୍ଥରେ କୁହାଯାଇଅଛି –

ଅଭିନବସେବକବିନୟୈଃ ପ୍ରାଘୁଣିକୋକ୍ତୈର୍ବିଳାସିନୀରୁଦିତୈଃ ।
ଧୂର୍ତ୍ତଜନବଚନନିକରୈରିହ କଶ୍ଚିଦବଞ୍ଚିତୋ ନାସ୍ତି ।। ୧୨୦ ।।

ଏ ସଂସାରରେ ଏପରି କୌଣସି ମନୁଷ୍ୟ ନାହିଁ, ଯେ କି ନୂତନ ଭୃତ୍ୟର ବ୍ୟବହାରରେ, ଅତିଥିଙ୍କର ବାକ୍ୟରେ, ସୁନ୍ଦରୀ ଯୁବତୀର କ୍ରନ୍ଦନରେ ଓ ଧୂର୍ତ୍ତମାନଙ୍କ ବଚନରେ ପ୍ରତାରିତ ହୋଇ ନ ଥାଏ। ୧୨୦। ପୁଣି ବହୁତ ଲୋକ ମିଳିତ ହୋଇଥିଲେ, ସେମାନେ ଯେତେ ଦୁର୍ବଳ ହୋଇଥିଲେ ସୁଦ୍ଧା, ସେମାନଙ୍କ ସହିତ ବିରୋଧ କରିବା ଉଚିତ ନୁହେଁ। କଥିତ ଅଛି –

ବହବୋ ନ ବିରୋଦ୍ଧବ୍ୟା ଦୁର୍ଜୟା ହି ମହାଜନାଃ ।
ସ୍ଫୁରନ୍ତମପି ନାଗେନ୍ଦ୍ରଂ ଭକ୍ଷୟନ୍ତି ପିପୀଲିକାଃ ।। ୧୨୧ ।।

ବହୁଲୋକ ମିଳିତ ହେଲେ ସେମାନେ ଦୁର୍ଜ୍ଜୟ ହୁଅନ୍ତି। ସେମାନଙ୍କର ବିରୋଧୀ ହେବା ଅନୁଚିତ। ମହାସର୍ପ ଫୁତ୍କାର କରୁଥିଲେହେଁ ତାକୁ ପିମ୍ପୁଡ଼ିମାନେ ଖାଇଯାଇଥିଲେ।" ୧୨୧ ।

ମେଘବର୍ଣ୍ଣ ପଚାରିଲା, "ସେ କଥା କଅଣ ?" ସ୍ଥିରଜୀବୀ କହିଲା –

ସର୍ପ ଓ ପିପୀଲିକା କଥା

ଗୋଟିଏ ହୁଙ୍କାରେ ଅତିଦର୍ପ ନାମକ ଏକ ବୃହତ୍ କୃଷ୍ଣସର୍ପ ବାସକରୁଥିଲା। ଏକସମୟରେ ସେ ବିଳରୁ ବାହାରିବାର ଉତ୍ତମ ମାର୍ଗକୁ ଛାଡ଼ି କ୍ଷୁଦ୍ର ମାର୍ଗରେ ବାହାରି ଆସିବାକୁ ଆରମ୍ଭ କଲା। ତାର ଶରୀର ସ୍ଥୂଳ ହୋଇଥିବାରୁ ଓ ମାର୍ଗଟି ସୂକ୍ଷ୍ମ ହୋଇଥିବାରୁ ସେ ବାହାରି ଆସିଲାବେଳେ ଦୈବାତ୍ ତା ଦେହରେ କ୍ଷତ ହୋଇଗଲା। ଅନନ୍ତର କ୍ଷତରୁ ବାହାରୁଥିବା ରକ୍ତର ଗନ୍ଧକୁ ଅନୁସରଣ କରି ପିମ୍ପୁଡ଼ିମାନେ ତାକୁ ବେଢ଼ିଯାଇ ବ୍ୟାକୁଳ କରିପକାଇଲେ। ସେ କେତେ ପିମ୍ପୁଡ଼ିଙ୍କୁ ମାରିବ ଅବା କେତେ ପିମ୍ପୁଡ଼ିଙ୍କୁ ତଡ଼ିବ? ପିମ୍ପୁଡ଼ିମାନଙ୍କର ସଂଖ୍ୟା ଅତ୍ୟଧିକ ଥିବାରୁ ତାହାର କ୍ଷତ ବଢ଼ିଗଲା; ସର୍ବାଙ୍ଗରେ କ୍ଷତ ହୋଇଯିବାରୁ ଅତିଦର୍ପ ପ୍ରାଣ ହରାଇଲା। ଏହି କାରଣରୁ ମୁଁ କହୁଥିଲି ଯେ, 'ବହବୋ ନ ବିରୋଦ୍ଧବ୍ୟା...' ଇତ୍ୟାଦି। ଏ କ୍ଷେତ୍ରରେ ମୋର କିଛି କହିବାକୁ ଅଛି। ତାହା ବିଚାର କର।''

ମେଘବର୍ଣ୍ଣ କହିଲା, ''ତାହାହେଲେ ଆଦେଶ କରନ୍ତୁ; ଆପଣଙ୍କ ଆଦେଶ ଅନ୍ୟଥା ହେବ ନାହିଁ।''

ସ୍ଥିରଜୀବୀ କହିଲା, ''ବତ୍ସ, ସାମାଦି ଚାରି ଉପାୟକୁ ଛାଡ଼ି ମୁଁ ଯେଉଁ ପଞ୍ଚମ ଉପାୟ ସ୍ଥିର କରିଛି, ତାହା ଶୁଣ। ଯେପରି ଆମ ଶତ୍ରୁର ଗୁପ୍ତଚରମାନଙ୍କର ବିଶ୍ୱାସ ଜନ୍ମିବ, ସେହିପରି ମୋତେ ଶତ୍ରୁପକ୍ଷୀୟ ବୋଲି ପରିଚିତ କରାଇ, ଅତି ନିଷ୍ଠୁର ବାକ୍ୟରେ ଭର୍ତ୍ସନା କରି, ଅନ୍ୟଠାରୁ ରକ୍ତ ଆଣି ମୋ ଦେହରେ ବୋଳିଦେଇ ମୋତେ ବଟବୃକ୍ଷର ନିମ୍ନଭାଗରେ ଫିଙ୍ଗିଦେଇ ତୁମେ ଋଷ୍ୟମୂକ ପର୍ବତକୁ ଚାଲିଯାଅ। ନିଜର ପରିବାରକୁ ନେଇ ସେଠାରେ ରହ। ବୃକ୍ଷମୂଳେ ରହି ମୁଁ ଶତ୍ରୁମାନଙ୍କୁ ସୁଚିନ୍ତିତ ଉପାୟଦ୍ୱାରା ବିଶ୍ୱାସ ଜନ୍ମାଇ ସେମାନଙ୍କୁ ନିଜର ଅନୁକୂଳ କରି କାର୍ଯ୍ୟ ପୂର୍ଣ୍ଣ ନ କରିବା ପର୍ଯ୍ୟନ୍ତ ତୁମେ ପରିବାର ସହିତ ସେହିଠାରେ ରହିଥିବ। ମୁଁ ଏଠାରେ ରହି ସେମାନଙ୍କ ଦୁର୍ଗର ଭିତିରି ସମ୍ବାଦ ବୁଝି ଦିନବେଳା ଯେତେବେଳେ ସେମାନେ ଦେଖି ପାରୁ ନ ଥିବେ, ସେତେବେଳେ ତୁମକୁ ଆଣି ସେମାନଙ୍କୁ ମାରିପକାଇବି। ବହୁତ ଚିନ୍ତାକରି ମୁଁ ଜାଣିପାରିଛି ଯେ ଏହାଛଡ଼ା ଆମେ ଅନ୍ୟ ଉପାୟରେ ସଫଳତା ଲାଭ କରିପାରିବା ନାହିଁ। ଆମର ଏହି ଦୁର୍ଗର ଗୁପ୍ତଦ୍ୱାର ନ ଥିବାରୁ ଏହା ଆମର ବିନାଶର କାରଣ ହେଉଛି। କଥିତ ଅଛି–

ଅପସାରସମାଯୁକ୍ତଂ ନୟଜ୍ଞୈର୍ଦୁର୍ଗମୁଚ୍ୟତେ।
ଅପସାରପରିତ୍ୟକ୍ତଂ ଦୁର୍ଗବ୍ୟାଜେନ ବନ୍ଧନମ୍॥ ୧୨୨॥
ଅପି ପ୍ରାଣସମାନଷ୍ଟାନ୍ ପାଳିତାଁଲ୍ଲାଳିତାନପି।
ଭୃତ୍ୟାନ୍ ଯୁଦ୍ଧେ ସମୁତ୍ପନ୍ନେ ପଶ୍ୟେଚ୍ଛୁଷ୍କମିବେନ୍ଧନମ୍॥ ୧୨୩॥
ପ୍ରାଣବଦ୍ରକ୍ଷୟେଦ୍ ଭୃତ୍ୟାନ୍ ସ୍ୱକାୟମିବ ପୋଷୟେତ୍।
ସଦୈକଦିବସସ୍ୟାର୍ଥେ ଯତ୍ର ସ୍ୟାଦ୍ରିପୁସଙ୍ଗମଃ॥ ୧୨୪॥

ନୀତିଜ୍ଞ ଲୋକେ ଗୁପ୍ତଦ୍ୱାରବିଶିଷ୍ଟ ଦୁର୍ଗକୁହିଁ ଯଥାର୍ଥ ଦୁର୍ଗ କହିଥାନ୍ତି। ଗୁପ୍ତଦ୍ୱାରବିହୀନ ଦୁର୍ଗ ନାମତଃ ଦୁର୍ଗ ହେଲେହେଁ ବାସ୍ତବରେ ବନ୍ଧନ। ୧୨୨। ତୁମେ ମୋପ୍ରତି ଦୟା କରିବା ଆବଶ୍ୟକ ନାହିଁ। କଥିତ ଅଛି– ଯୁଦ୍ଧ ଉପସ୍ଥିତ ହେଲେ ପ୍ରାଣତୁଲ୍ୟ, ପ୍ରିୟ, ଲାଳିତପାଳିତ ଭୃତ୍ୟମାନଙ୍କୁ ଶୁଷ୍କ ପୁଷ୍ପମାଲ୍ୟପରି ଦେଖିବାକୁ ହେବ। ୧୨୩। ପୁଣି– ଯେଉଁ ଦିନ ଶତ୍ରୁ ସହିତ ସଂଘର୍ଷ ହେବ, ସେ ଦିନ ରାଜାଙ୍କର କର୍ତ୍ତବ୍ୟ ହେଉଛି, ସେ ଭୃତ୍ୟମାନଙ୍କୁ ନିଜର ପ୍ରାଣ ଭଳି ରକ୍ଷାକରିବେ ଓ ନିଜର ଶରୀର ଭଳି ସେମାନଙ୍କୁ ପୋଷଣ କରିବେ। ୧୨୪।

"ଏହି ହେତୁରୁ ତୁମେ ଏ ବିଷୟରେ ମୋତେ ବାଧା ଦିଅ ନାହିଁ।" ଏହା କହି ସ୍ଥିରଜୀବୀ ମେଘବର୍ଣ୍ଣ ସହିତ ଏକ ମିଥ୍ୟା କଳହ ଆରମ୍ଭ କଲା। ମେଘବର୍ଣ୍ଣର ଭୃତ୍ୟମାନେ ଦେଖିଲେ ଯେ ସ୍ଥିରଜୀବୀ ରାଜାଙ୍କ ସହ ଉଚ୍ଛୃଙ୍ଖଳ ଭାଷାରେ କଥାବାର୍ତ୍ତା କରୁଛି। ତେଣୁ ସେମାନେ ତାକୁ ମାରିପକାଇବାକୁ କହିବାରୁ ମେଘବର୍ଣ୍ଣ ସେମାନଙ୍କୁ କହିଲା, "ତୁମେମାନେ ନିବୃତ୍ତ ହୁଅ। ଶତ୍ରୁପକ୍ଷପାତୀ ଦୁଷ୍ଟକୁ ମୁଁ ନିଜେ ଦଣ୍ଡବିଧାନ କରିବି।" ଏହା କହି ମେଘବର୍ଣ୍ଣ ତା ଉପରେ ଚଢ଼ିଗଲା ଓ ଧୀରେ ଧୀରେ ତାକୁ ଚଞ୍ଚୁଦ୍ୱାରା ଆଘାତ କରି ମାରିପକାଇବାର ଛଳନା କଲା। ତତ୍ପରେ ସଂଗୃହୀତ ରକ୍ତଦ୍ୱାରା ତାର ଶରୀରକୁ ଅନୁଲିପ୍ତ କରି ତାହାରି ଉପଦେଶ ଅନୁସାରେ ମେଘବର୍ଣ୍ଣ ପରିବାର ସହିତ ଋଷ୍ୟମୂକ ପର୍ବତକୁ ଚାଲିଗଲା।

ଏଥିମଧ୍ୟରେ କୃକାଳିକା ଶତ୍ରୁପକ୍ଷର ଗୁପ୍ତଚରରୂପେ ସ୍ଥିରଜୀବୀର ଏହି ବିପଦ ଓ ମେଘବର୍ଣ୍ଣର ପଳାୟନ ସମ୍ବାଦ ଉଲୂକରାଜକୁ ଜଣାଇଦେଲା– "ତୁମର ଶତ୍ରୁ ମେଘବର୍ଣ୍ଣ ଭୟ ପାଇ ପରିବାର ସହିତ କେଉଁଆଡ଼େ ପଳାଇଗଲାଣି।" ଉଲୂକରାଜ ଏହା ଶୁଣି ସୂର୍ଯ୍ୟାସ୍ତ ସମୟରେ ଅମାତ୍ୟ ଓ ପରିଜନମାନଙ୍କୁ ସଙ୍ଗରେ ଘେନି ବାୟସମାନଙ୍କୁ ବଧ କରିବାକୁ ବାହାରିଲା। ସେ କହିଲା, "ଶୀଘ୍ର ଶୀଘ୍ର ଚାଲ। ଶତ୍ରୁ ଭୟ ପାଇ ପଳାଇଛି। ଏପରି ସୁଯୋଗ ବହୁପୁଣ୍ୟବଳରେ ମିଳେ। କଥିତ ଅଛି–

ଶତ୍ରୋଃ ପ୍ରଚଳନେ ଛିଦ୍ରମେକମନ୍ୟଚ୍ଚ ସଂଶ୍ରୟମ୍।
କୁର୍ବାଣୋ ଜାୟତେ ବଶ୍ୟୋ ବ୍ୟଗ୍ରତ୍ୱେ ରାଜସେବିନାମ୍॥ ୧୨୫॥

ଶତ୍ରୁ ପଳାୟନ କଲାବେଳେ ଏକ ଦୁର୍ବଳତା ଓ ଅନ୍ୟ ସ୍ଥାନ ଆଶ୍ରୟ କଲାବେଳେ ଅନ୍ୟ ଏକ ଦୁର୍ବଳତା ପ୍ରକାଶ ପାଏ। ଏହି ସମୟରେ ରାଜଭୃତ୍ୟମାନେ ବ୍ୟଗ୍ରତା ଦେଖାଇଲେ ଶତ୍ରୁ ବଶୀଭୂତ ହୋଇଯାଏ।"। ୧୨୫।

ଏହିପରି କହି ଅରିମର୍ଦ୍ଦନ ସୈନ୍ୟମାନଙ୍କଦ୍ୱାରା ବଟବୃକ୍ଷର ମୂଳକୁ ବେଷ୍ଟନ କରି ରହିଲା। କୌଣସି ବାୟସ ଦେଖି ନ ପାରି ସେ ହୃଷ୍ଟମନରେ ବୃକ୍ଷଶାଖାର ଅଗ୍ରଭାଗରେ ଆରୋହଣ କଲା। ବନ୍ଦୀମାନେ ସ୍ତୁତିପାଠ କରିବାକୁ ଲାଗିଲେ। ତହୁଁ ଅରିମର୍ଦ୍ଦନ ନିଜର ଭୃତ୍ୟମାନଙ୍କୁ କହିଲା– "କାକମାନଙ୍କର ଗମନପଥ ଖୋଜି ଦେଖ। କେଉଁ ମାର୍ଗରେ ସେମାନେ ପଳାଇଲେ ? ସେମାନେ ଦୁର୍ଗରେ ଆଶ୍ରୟ ନେବା ପୂର୍ବରୁ ସେମାନଙ୍କ ପଛରେ ଗୋଡ଼ାଇ ମାରିବାକୁ ହେବ। କଥିତ ଅଛି–

ବୃତ୍ତିମପ୍ୟାଶ୍ରିତଃ ଶତ୍ରୁରବଧ୍ୟଃ ସ୍ୟାଜ୍ଜିଗୀଷୁଣା ।
କିଂ ପୁନଃ ସାଶ୍ରିତୋ ଦୁର୍ଗଂ ସାମଗ୍ର୍ୟା ପରୟା ଯୁତମ୍ ।। ୧୨୬ ।।

ସାମାନ୍ୟ ଗୋଟିଏ ବାଡ଼ର ଆଶ୍ରୟ ପାଇଥିଲେ ମଧ୍ୟ ଶତ୍ରୁ ଅଜେୟ ହୋଇଥାଏ; ଉତ୍ତମ ଯୁଦ୍ଧସାମଗ୍ରୀରେ ସୁସଜ୍ଜିତ ଦୁର୍ଗରେ ଆଶ୍ରୟ ପାଇଲେ ପୁଣି କଅଣ ନ ହେବ ?'' । ୧୨୬ ।

ଏହିପରି ପ୍ରସ୍ତାବ ଶୁଣି ସ୍ଥିରଜୀବୀ ଚିନ୍ତାକଲା – 'ଆମର ଶତ୍ରୁମାନେ ମୋର ସମ୍ବାଦ ନ ଜାଣି ଯେପରି ଆସିଥିଲେ, ସେହିପରି ଚାଲିଯାଉଛନ୍ତି । ତାହାହେଲେ ମୋର କିଛିମାତ୍ର କାର୍ଯ୍ୟ ହେବ ନାହିଁ । କଥିତ ଅଛି –

ଅନାରମ୍ଭୋ ହି କାର୍ଯ୍ୟାଣାଂ ପ୍ରଥମଂ ବୁଦ୍ଧିଲକ୍ଷଣମ୍ ।
ଆରବ୍ଧସ୍ୟାନ୍ତଗମନଂ ଦ୍ୱିତୀୟଂ ବୁଦ୍ଧିଲକ୍ଷଣମ୍ ।। ୧୨୭ ।।

କାର୍ଯ୍ୟର ଆରମ୍ଭ ସୁଦ୍ଧା ନ କରିବା ବୁଦ୍ଧିର ପ୍ରଥମ ଲକ୍ଷଣ; ଦ୍ୱିତୀୟ ଲକ୍ଷଣ ହେଉଛି ଆରମ୍ଭ ହୋଇଥିବା କାର୍ଯ୍ୟକୁ ସମାପ୍ତ କରିବା । ୧୨୭ ।

ଏହି ହେତୁରୁ ଆରମ୍ଭ ନ କରିବା ବରଂ ଭଲ, କିନ୍ତୁ କାର୍ଯ୍ୟାରମ୍ଭ କରି ମଝିରେ ଛାଡ଼ିଦେବା ଉଚିତ ନୁହେଁ । ତେଣୁ ମୁଁ ଏହିଠାରୁ ଶବ୍ଦ କରି ନିଜକୁ ପ୍ରକାଶ କରିଦିଏଁ । ଏହିପରି ଚିନ୍ତା କରି ସେ ଧୀରେ ଧୀରେ ଶବ୍ଦ କରିବାକୁ ଲାଗିଲା । ସେହି ଶବ୍ଦ ଶୁଣିପାରି ଉଲୂକମାନେ ତାହାକୁ ବଧ କରିବାକୁ ଧାଇଁଆସିଲେ । ସେମାନଙ୍କୁ ସେ କହିଲା, ''ମୁଁ ହେଉଛି ମେଘବର୍ଣ୍ଣର ମନ୍ତ୍ରୀ ସ୍ଥିରଜୀବୀ । ମେଘବର୍ଣ୍ଣ ମୋତେ ଏପରି ଦଶା ଦେଇଛି । ତୁମେମାନେ ତୁମର ପ୍ରଭୁଙ୍କୁ ମୋ ବିଷୟ ଜଣାଅ । ତାଙ୍କୁ ମୋର ଅନେକ କଥା କହିବାର ଅଛି ।''

ସେମାନେ ଉଲୂକରାଜ ଅରିମର୍ଦ୍ଦନଙ୍କୁ ଏହା ଜଣାଇବାରୁ ସେ ବିସ୍ମିତ ହୋଇ ତତ୍କ୍ଷଣାତ୍ ସ୍ଥିରଜୀବୀ ନିକଟକୁ ଆସି କହିଲା, ''ତୁମେ କିପରି ଏଭଳି ଦୁରବସ୍ଥାରେ ପଡ଼ିଲ, ସେ କଥା କୁହ ।'' ସ୍ଥିରଜୀବୀ କହିଲା, ''ପ୍ରଭୁ ! ମୋର ଏ ଦୁରବସ୍ଥାର କାରଣ ଶୁଣନ୍ତୁ । ଗତ ପୂର୍ବଦିନ ସେ ଦୁଷ୍ଟ ମେଘବର୍ଣ୍ଣ ଆପଣଙ୍କଦ୍ୱାରା ବହୁସଂଖ୍ୟକ ବାୟସ ନିହତ ହୋଇଥିବା ଦେଖି ଦୁଃଖରେ ଆପଣଙ୍କ ଉପରେ କୋପ ପ୍ରକାଶ କରି ଯୁଦ୍ଧ କରିବାକୁ ବାହାରିଥିଲା । ସେତେବେଳେ ମୁଁ କହିଲି, 'ପ୍ରଭୁ ! ଆପଣ ଯୁଦ୍ଧ କରିବାକୁ ଯିବା ଉଚିତ ହେବ ନାହିଁ । କାରଣ ସେ ହେଉଛନ୍ତି ବଳବାନ୍; ଆମେ ହେଉଛେ ଦୁର୍ବଳ । କଥିତ ଅଛି –

ବଳୀୟସା ହୀନବଳୋ ବିରୋଧଂ ନ ଭୂତିକାମୋ ମନସାପି ବାଞ୍ଛେତ୍ ।
ନ ବଧ୍ୟତେଽତ୍ୟନ୍ତବଳୋ ହି ଯସ୍ମାଦ୍‌ବ୍ୟକ୍ତଂ ପ୍ରଣାଶୋଽସ୍ତି ପତଙ୍ଗବୃତ୍ତେଃ । ୧୨୮ ।
ବଳବନ୍ତଂ ରିପୁଂ ଦୃଷ୍ଟ୍ୱା ସର୍ବସ୍ୱମପି ବୁଦ୍ଧିମାନ୍ ।
ଦତ୍ତ୍ୱା ହି ରକ୍ଷୟେତ୍‌ପ୍ରାଣାନ୍ ରକ୍ଷିତୈସ୍ତୈର୍ଧନଂ ପୁନଃ ।। ୧୨୯ ।।

ନିଜର ମଙ୍ଗଳକାମୀ ପୁରୁଷ ବଳବାନ୍ ପୁରୁଷ ସହିତ ବିରୋଧ କରିବାକୁ ମନରେ ଚିନ୍ତା ସୁଦ୍ଧା କରିବା ଅନୁଚିତ । ଏ ସଂସାରରେ ଯିଏ ବେତସବୃତ୍ତି ଅବଲମ୍ବନ କରେ (ଅର୍ଥାତ୍ ବେତସଲତା ପବନରେ ନଇଁଗଲା ପରି ଶତ୍ରୁ ନିକଟରେ ନମ୍ରତା ଦେଖାଏ)

ସେ ନିହତ ହୁଏ ନାହିଁ, କିନ୍ତୁ ଯିଏ ପତଙ୍ଗବୃତ୍ତି ଅବଲମ୍ବନ କରେ (ଅର୍ଥାତ୍ ପତଙ୍ଗ ଅଗ୍ନିରେ ଲମ୍ଫ ଦେଲା ପରି ବଳବାନ୍ ଶତ୍ରୁକୁ ଆକ୍ରମଣ କରେ) ତାର ଅବଶ୍ୟ ବିନାଶ ଘଟେ। ୧୨୮। ଅତଏବ ଆପଣ ଉପଢ଼ୌକନ ଦେଇ ସନ୍ଧି କରିବା ଉଚିତ। କାରଣ କଥିତ ଅଛି– ବୁଦ୍ଧିମାନ୍ ପୁରୁଷ ବଳଶାଳୀ ଶତ୍ରୁକୁ ଦେଖିଲେ ସର୍ବସ୍ୱ ଦେଇ ନିଜର ପ୍ରାଣରକ୍ଷା କରିବା କର୍ତ୍ତବ୍ୟ; କାରଣ ପ୍ରାଣରକ୍ଷା ହେଲେ ପୁଣି ଧନ ମିଳିପାରିବ।' ।୨୯।

ମୋର ଏହି କଥା ଶୁଣି ସେ ଦୁଷ୍ଟ ମେଘବର୍ଣ୍ଣ କୁପିତ ହୋଇ ମୋତେ ଶତ୍ରୁପକ୍ଷୀୟ ବୋଲି ମନେକଲା ଏବଂ ମୋତେ ଏ ଦଶା ଦେଲା। ଏବେ ଆପଣଙ୍କର ଶ୍ରୀଚରଣ ହେଉଛି ମୋର ଆଶ୍ରୟ। ଅଧିକ କଅଣ ଜଣାଇବି? ମୁଁ ଯେତେବେଳେ ଚାଲିବାକୁ ସମର୍ଥ ହେବି, ସେତେବେଳେ ଆପଣଙ୍କୁ ତାର ବାସସ୍ଥାନକୁ ନେଇ ସମସ୍ତ କାକଙ୍କୁ ବିନାଶ କରିବି।''

ଅନନ୍ତର ଅରିମର୍ଦ୍ଦନ ସ୍ଥିରଜୀବୀର ଏହି କଥା ଶୁଣି ପିତୃ-ପିତାମହ କାଳରୁ ବଂଶାନୁକ୍ରମେ ଥିବା ନିଜର ମନ୍ତ୍ରୀମାନଙ୍କ ସହିତ ପରାମର୍ଶ କଲା। ତାହାର ପାଞ୍ଚଜଣ ମନ୍ତ୍ରୀ ଥିଲେ; ଯଥା– ରକ୍ତାକ୍ଷ, କ୍ରୂରାକ୍ଷ, ଦୀପ୍ତାକ୍ଷ, ବକ୍ରନାସ ଓ ପ୍ରାକାରବର୍ଣ୍ଣ। ସେ ପ୍ରଥମେ ରକ୍ତାକ୍ଷକୁ ପଚାରିଲା, ''ଏ ଶତ୍ରୁର ମନ୍ତ୍ରୀ ଏବେ ମୋର ହସ୍ତଗତ ହୋଇଅଛି। ତେଣୁ କଅଣ କରିବାକୁ ହେବ?'' ରକ୍ତାକ୍ଷ କହିଲା– ''ଦେବ! ଏଥିରେ ଆଉ ଭାବିବାର କଅଣ ଅଛି? କିଛି ନ ବିଚାରି ତାକୁ ବଧ କରିବା ଉଚିତ। କାରଣ–

ହୀନଃ ଶତ୍ରୁର୍ନିହନ୍ତବ୍ୟୋ ଯାବନ୍ନ ବଳବାନ୍ ଭବେତ୍।
ପ୍ରାପ୍ତସ୍ୱପୌରୁଷବଳଃ ପଶ୍ଚାଦ୍‌ଭବତି ଦୁର୍ଜୟଃ ।। ୧୩୦ ।।

ଦୁର୍ବଳ ଶତ୍ରୁ ବଳବାନ୍ ହେବା ପୂର୍ବରୁ ତାକୁ ବଧ କରିବା ଆବଶ୍ୟକ; ନିଜର ବଳ ଓ ପୌରୁଷ ପାଇଲାପରେ ସେ ଦୁର୍ଜୟ ହୋଇଉଠିବ। ୧୩୦।

ଆହୁରି ମଧ୍ୟ ପ୍ରବାଦ ଅଛି ଯେ, ଲକ୍ଷ୍ମୀ ସ୍ୱୟଂ ଆସି ଉପସ୍ଥିତ ହେଲାବେଳେ ତାଙ୍କୁ ପରିତ୍ୟାଗ କଲେ ସେ ଅଭିଶାପ ଦେଇଥାନ୍ତି। କଥିତ ଅଛି–

କାଳୋ ହି ସକୃଦଭ୍ୟେତି ଯନ୍ନରଂ କାଳକାଙ୍‌କ୍ଷିଣମ୍।
ଦୁର୍ଲଭଃ ସ ପୁନସ୍ତେନ କାଳଃ କର୍ମାଚିକୀର୍ଷତା ।। ୧୩୧ ।।

ନିଜର ଉନ୍ନତି ନିମନ୍ତେ ଉପଯୁକ୍ତ ଅବସରକୁ ଆଶା କରି ରହିଥିବା ଲୋକର ଜୀବନରେ ସେଭଳି ଅବସର ଥରେ ମାତ୍ର ଆସିଥାଏ। ସେହି ସମୟରେ ଯେଉଁ ଲୋକ କାର୍ଯ୍ୟ କରିବାକୁ ଚାହେଁ ନାହିଁ, ସେ ପୁନରାୟ ସୁଯୋଗ ପାଏ ନାହିଁ। ୧୩୧। ଆହୁରି ମଧ୍ୟ ଶୁଣାଯାଏ–

ଚିତିକାଂ ଦୀପିତାଂ ପଶ୍ୟ ଫଟାଂ ଭଗ୍ନାଂ ମମୈବ ଚ।
ଭିନ୍ନଶ୍ଳିଷ୍ଟା ତୁ ଯା ପ୍ରୀତିର୍ନ ସା ସ୍ନେହେନ ବର୍ଦ୍ଧତେ ।। ୧୩୨ ।।

'ଜଳନ୍ତା ଚିତା ଓ ମୋର କ୍ଷତବିକ୍ଷତ ଫଣାକୁ ଦେଖ; ଯେଉଁ ପ୍ରୀତିର ବିଚ୍ଛେଦ ହୋଇ ପରେ ମିଳନ ହୋଇଯାଏ, ତାହା ସ୍ନେହରେ ସୁଦ୍ଧା ବୃଦ୍ଧି ପାଏ ନାହିଁ।''

ଅରିମର୍ଦ୍ଦନ କହିଲା, ''ସେ କଥା କଅଣ?'' ରକ୍ତାକ୍ଷ କହିବାକୁ ଲାଗିଲା–

ବ୍ରାହ୍ମଣ ଓ ସର୍ପ କଥା

କୌଣସି ସ୍ଥାନରେ ହରିଦତ୍ତ ନାମକ ଜଣେ ବ୍ରାହ୍ମଣ ଥିଲା। ସେ କୃଷିକର୍ମ କରି ସର୍ବଦା ନିଷ୍ଫଳ ହୋଇ କାଳ କଟାଉଥିଲା। ଅନନ୍ତର ଦିନେ ସେହି ବ୍ରାହ୍ମଣ ରୌଦ୍ରର ଅବସାନରେ ଘର୍ମାକ୍ତ ହୋଇ ନିଜ କ୍ଷେତ୍ରର ବୃକ୍ଷଛାୟାରେ ଶୋଇଥିଲା। ଅଳ୍ପ ଦୂରରେ ଉଇହୁଙ୍କା ଉପରେ ବୃହତ୍ ଫଣାଯୁକ୍ତ ଗୋଟିଏ ଭୀଷଣ ସର୍ପକୁ ଦେଖି ସେ ଚିନ୍ତାକଲା, 'ଏହି କ୍ଷେତ୍ରଦେବତାଙ୍କୁ ମୁଁ କେବେହେଲେ ପୂଜା କରିନାହିଁ। ନିଶ୍ଚୟ ସେହି ହେତୁରୁ ମୋର କୃଷିକର୍ମ ବିଫଳ ହୋଇଅଛି। ଅତଏବ ଆଜି ଏହାଙ୍କର ପୂଜା କରିବି।' ଏହିପରି ସ୍ଥିରକରି ସେ କୌଣସି ସ୍ଥାନରୁ କିଛି ଦୁଧ ମାଗିଆଣି, ଶରାରେ ପୂରାଇ ହୁଙ୍କା ନିକଟକୁ ଯାଇ କହିଲା, ''ହେ କ୍ଷେତ୍ରପାଳ! ତୁମେ ଯେ ଏଠାରେ ଅଛ, ତାହା ଏପର୍ଯ୍ୟନ୍ତ ମୁଁ ଜାଣିନଥିଲି। ସେଥିଯୋଗୁଁ ତୁମର ପୂଜା କରିନଥିଲି; ତେଣୁ ଏବେ ମୋତେ କ୍ଷମା ଦିଅ।''

ଏହିପରି କହି ଦୁଧକୁ ସମର୍ପଣ କରି ବ୍ରାହ୍ମଣ ନିଜ ଗୃହକୁ ଗଲା। ତତ୍ପରଦିନ ସେ ଆସି ଦେଖିଲା ଯେ ଶରାରେ ଗୋଟିଏ ସ୍ୱର୍ଣ୍ଣ ଦୀନାର (ଦୀନାର ନାମକ ମୁଦ୍ରା) ରହିଅଛି। ଏହିପରି ସେ ପ୍ରତିଦିନ ସର୍ପକୁ କ୍ଷୀର ଦେଲା ଓ ପ୍ରତିଦିନ ଗୋଟିଏ ଲେଖାଏଁ ଦୀନାର ନେଲା। ଏହାପରେ ଦିନେ ପୁଅକୁ କ୍ଷୀର ନେଇ ସର୍ପକୁ ଦେବାକୁ କହି ବ୍ରାହ୍ମଣ ଅନ୍ୟ ଏକ ଗ୍ରାମକୁ ଗଲା। ପୁଅ କ୍ଷୀର ନେଇ ଯଥାସ୍ଥାନରେ ରଖିଦେଇ ଘରକୁ ଫେରି ଆସିଲା। ତାହା ପରଦିନ ସେଠାକୁ ଯାଇ ସେ ଦୀନାରଟିକୁ ଦେଖି ନେଇ ଆସିଲା ଓ ମନେ ମନେ ଭାବିଲା, 'ଏ ହୁଙ୍କା ଭିତରେ ନିଶ୍ଚୟ ସୁନାର ଦୀନାର ପୂର୍ଣ୍ଣ ହୋଇ ରହିଛି। ତେଣୁ ଏ ସାପକୁ ମାରି ସବୁଯାକ ଏକାଥରକେ ନେଇଯିବି।' ଏହା ସ୍ଥିର କରି ସେ ଆଉଦିନେ କ୍ଷୀର ଦେଲାବେଳେ ଯଷ୍ଟିସାହାଯ୍ୟରେ ସର୍ପକୁ ପ୍ରହାର କଲା। ଦୈବବଶତଃ ସର୍ପ କୌଣସିମତେ ଜୀବନ ରକ୍ଷା କରି କ୍ରୋଧରେ ତୀବ୍ର ବିଷଦନ୍ତଦ୍ୱାରା ସେହି ବ୍ରାହ୍ମଣପୁତ୍ରକୁ ଦଂଶନ କରିବାରୁ ସଙ୍ଗେ ସଙ୍ଗେ ସେ ପଞ୍ଚତ୍ୱପ୍ରାପ୍ତ ହେଲା। ତାହାର ଆତ୍ମୀୟମାନେ କ୍ଷେତ୍ରର ଅଳ୍ପ ଦୂରରେ କାଷ୍ଠ ସଂଗ୍ରହ କରି ତାର ସଂସ୍କାର କଲେ। ଅନନ୍ତର ଦ୍ୱିତୀୟ ଦିନ ତାହାର ପିତା ଆସି ପହଞ୍ଚିଲା। ଜ୍ଞାତିମାନଙ୍କଠାରୁ ପୁତ୍ରର ମୃତ୍ୟୁକାରଣ ଶୁଣି ସେ ସେମାନଙ୍କୁ ସମର୍ଥନ କଲା (ଅର୍ଥାତ୍ ପୁତ୍ରର ଲୋଭ ହେତୁ ମରଣ ଯଥାର୍ଥ) ଓ କହିଲା –

ଭୂତାନ୍ ଯୋ ନାନୁଗୃହ୍ଣାତି ହ୍ୟାତ୍ମନଃ ଶରଣାଗତାନ୍।
ଭୂତାର୍ଥାସ୍ତସ୍ୟ ନଶ୍ୟନ୍ତି ହଂସାଃ ପଦ୍ମବନେ ଯଥା।। ୧୩୩।।

ଯେଉଁ ଲୋକ ଶରଣାଗତ ପ୍ରାଣୀମାନଙ୍କ ପ୍ରତି ଦୟା କରେ ନାହିଁ, ସେହି ଲୋକର ନିଶ୍ଚିତ ଅର୍ଥ ପଦ୍ମବନରେ ହଂସମାନେ ବିନଷ୍ଟ ହେଲାପରି ନଷ୍ଟ ହୋଇଯାଏ। ୧୩୩।

ଆତ୍ମୀୟମାନେ ପଚାରିଲେ– ''ସେକଥା (ହଂସମାନଙ୍କର ପଦ୍ମବନରେ ବିନାଶ କଥା) କଅଣ ?'' ବ୍ରାହ୍ମଣ କହିଲା –

ହେମହଂସ କଥା

କୌଣସି ନଗରରେ ଚିତ୍ରରଥ ନାମରେ ଜଣେ ରାଜା ଥିଲେ । ତାଙ୍କର 'ପଦ୍ମରସ' ନାମକ ଗୋଟିଏ ପୁଷ୍କରିଣୀ ଥିଲା । ସୈନ୍ୟମାନେ ତାହାକୁ ଜଗିରହିଥିଲେ । ସେଥିରେ ବହୁସଂଖ୍ୟକ ସୁବର୍ଣ୍ଣମୟ ହଂସ ବାସକରୁଥିଲେ । ସେମାନେ ପ୍ରତି ଛଅ ମାସରେ ଗୋଟିଏ ଲେଖାଏଁ ପର ଦେଉଥିଲେ ।

ଅନନ୍ତର ଗୋଟିଏ ବୃହତ୍ ସୁବର୍ଣ୍ଣମୟ ପକ୍ଷୀ ଆସି ସେହି ପୁଷ୍କରିଣୀରେ ଉପସ୍ଥିତ ହେଲା । ହଂସମାନେ କହିଲେ, ''ଆମ ଭିତରେ ତୁମେ ରହିବା ଠିକ୍ ହେବ ନାହିଁ । ଆମେମାନେ ପ୍ରତି ଛଅ ମାସରେ ଗୋଟିଏ ଲେଖାଏଁ ପର ଦେଇ ଏ ପୁଷ୍କରିଣୀଟି ନେଇଛୁ ।''

ଅଧିକ କଅଣ କହିବା, ଏହିପରି ପରସ୍ପର ମଧ୍ୟରେ ବିବାଦ ଉପସ୍ଥିତ ହେଲା । ଆଗନ୍ତୁକ ପକ୍ଷୀଟି ରାଜାଙ୍କର ଶରଣ ଯାଇ କହିଲା, ''ମହାରାଜ ! ଏ ପକ୍ଷୀମାନେ କହୁଛନ୍ତି 'ରାଜା ଆମର କଅଣ କରିବେ ? ଆମେ କାହାକୁ ଏଠାରେ ରହିବାକୁ ଦେବୁନାହିଁ ।' ମୁଁ କହିଲି, 'ତୁମେମାନେ ଯାହା କହୁଛ, ତାହା ଠିକ୍ ନୁହେଁ । ମୁଁ ଯାଇ ରାଜାଙ୍କୁ ଏ କଥା ଜଣାଇବି ।' ଏବେ ଆପଣ ଯାହା ଉଚିତ ମନେକରୁଛନ୍ତି, ତାହା କରନ୍ତୁ ।'' ତହୁଁ ରାଜା ଭୃତ୍ୟମାନଙ୍କୁ କହିଲେ, ''ଯାଅ, ଶୀଘ୍ର ସବୁତକ ହଂସ ମାରି ନେଇଆସ ।''

ରାଜାଙ୍କ ଆଦେଶ ପାଇ ସେମାନେ ଚାଲିଗଲେ । ରାଜପୁରୁଷମାନେ ହାତରେ ଯଷ୍ଟି ଧରିଥିବାର ଦେଖି ଗୋଟିଏ ବୃଦ୍ଧ ହଂସ କହିଲା, ''ହେ ସ୍ୱଜନମାନେ, ବଡ଼ ଅନର୍ଥ ଉପସ୍ଥିତ । ତେଣୁ ସମସ୍ତେ ଏକମନ ହୋଇ ଉଡ଼ି ପଳାଇବା ।'' ସେମାନେ ତାହାହିଁ କଲେ । ଏହି ହେତୁରୁ ମୁଁ କହୁଥିଲି– 'ଭୂତାନ୍ ଯୋ ନାନୁଗୃହ୍ଣାତି . . .' ଇତ୍ୟାଦି ।

ଏହା କହି ବ୍ରାହ୍ମଣ ପୁଣି ସକାଳେ କ୍ଷୀର ଘେନି ଉଚ୍ଚସ୍ୱରରେ ସର୍ପକୁ ସ୍ତୁତି କରିବାକୁ ଲାଗିଲା । ତହୁଁ ସର୍ପ ବହୁକାଳପରେ ହୁଙ୍କା ଗର୍ତ୍ତ ଭିତରେ ରହି ବ୍ରାହ୍ମଣକୁ କହିଲା, ''ତୁ ଲୋଭବଶତଃ ପୁତ୍ରଶୋକ ମଧ୍ୟ ଭୁଲିଯାଇ ଏଠାକୁ ଆସିଛୁ । ଏହାପରେ ତୋର ଓ ମୋର ପ୍ରୀତି ଉଚିତ ନୁହେଁ । ତୋର ପୁଅ ଯୌବନର ଉନ୍ମାଦନାରେ ମୋତେ ପ୍ରହାର କଲା; ମୁଁ ମଧ୍ୟ ତାକୁ ଦଂଶନ କଲି । ମୁଁ କିପରି ଯଷ୍ଟିପ୍ରହାର ଭୁଲିଯିବି ? ତୁ ମଧ୍ୟ କିପରି ପୁତ୍ରମରଣଜନିତ ଦୁଃଖ ଭୁଲିଯିବୁ ?''

ଏହା କହି ସର୍ପ ତାହାକୁ ଗୋଟିଏ ବହୁମୂଲ୍ୟ ହୀରକମଣି ଦେଇ କହିଲା, ''ଏଣିକି ତୁ ଆଉ ଏଠାକୁ ଆସିବୁ ନାହିଁ ।'' ପୁଣି ଥରେ ସେହି କଥା କହି ସର୍ପ ଗର୍ତ୍ତ ମଧ୍ୟରେ ପଶିଗଲା । ବ୍ରାହ୍ମଣ ମଣିଟିକୁ ଆଣି ପୁଅର ବୁଦ୍ଧିକୁ ନିନ୍ଦା କରି କରି ଘରକୁ ଚାଲିଗଲା । ଏହି ହେତୁରୁ ମୁଁ କହୁଥିଲି– 'ଚିତିକାଂ ଦୀପିତାଂ ପଶ୍ୟ . . .' ଇତ୍ୟାଦି । ତେଣୁ ଏହାକୁ ବଧ କଲେ ସହଜରେ ଆପଣଙ୍କର ରାଜ୍ୟ ନିଷ୍କଣ୍ଟକ ହୋଇପାରିବ ।

ତାହାର କଥା ଶୁଣିସାରି ଅରିମର୍ଦ୍ଦନ କ୍ରୂରାକ୍ଷଙ୍କୁ ପଚାରିଲା, ''ଭଦ୍ର! ତୁମେ କଅଣ ମନେକରୁଛ ?'' ସେ କହିଲା, ''ଏ ରକ୍ତାକ୍ଷ ଯାହା କହିଲେ, ତାହା ନିର୍ଦ୍ଦୟତା; କାରଣ ଶରଣାଗତ ପ୍ରାଣୀକୁ ବଧ କରିବା ଅନୁଚିତ। ଏ ବିଷୟରେ ଗୋଟିଏ ସୁନ୍ଦର କଥା ଅଛି।

ଶ୍ରୂୟତେ ହି କପୋତେନ ଶତ୍ରୁଃ ଶରଣମାଗତଃ।
ପୂଜିତଶ୍ଚ ଯଥାନ୍ୟାୟଂ ସ୍ୱୈଶ୍ଚ ମାଂସୈର୍ନିମନ୍ତ୍ରିତଃ।। ୧୩୪ ।।

ଶୁଣାଯାଏ ଯେ ଗୋଟିଏ କପୋତ ଶରଣାଗତ ଶତ୍ରୁକୁ ବିଧିପୂର୍ବକ ପୂଜାକରି ଶେଷରେ ନିଜ ଶରୀରର ମାଂସଦ୍ୱାରା ତାର କ୍ଷୁଧାନିବାରଣ କରିଥିଲା।'' ୧୩୪।

ଅରିମର୍ଦ୍ଦନ କହିଲା, ''ସେ କଥା କଅଣ ?'' କ୍ରୂରାକ୍ଷ କହିଲା –

ଲୁବ୍ଧକ ଓ କପୋତ କଥା

କଶ୍ଚିଦ୍ କ୍ଷୁଦ୍ରସମାଚାରଃ ପ୍ରାଣିନାଂ କାଳସନ୍ନିଭଃ।
ବିଚଚାର ମହାରଣ୍ୟେ ଘୋରଃ ଶକୁନିଲୁବ୍ଧକଃ।। ୧୩୫ ।।

ନୀଚ ବ୍ୟବହାରବିଶିଷ୍ଟ, ପ୍ରାଣୀମାନଙ୍କର ଯମତୁଲ୍ୟ ଜଣେ ବ୍ୟାଧ ଘୋର ଅରଣ୍ୟରେ ପକ୍ଷୀ ଶିକାର କରି ବୁଲୁଥିଲା। ୧୩୫।

ନୈବ କଶ୍ଚିତ୍ସୁହୃତ୍ତସ୍ୟ ନ ସମ୍ବନ୍ଧୀ ନ ବାନ୍ଧବଃ।
ସ ତୈଃ ସର୍ବୈଃ ପରିତ୍ୟକ୍ତସ୍ତେନ ରୌଦ୍ରେଣ କର୍ମଣା।। ୧୩୬।।

ତାହାର ନିଷ୍ଠୁର ଆଚରଣଯୋଗୁଁ କେହି ତା'ର ମିତ୍ର ନ ଥିଲେ, କେହି ତାହା ସଙ୍ଗେ ସମ୍ବନ୍ଧ ରଖୁ ନ ଥିଲେ ଓ କେହି ତା'ର ବାନ୍ଧବ ନଥିଲେ। ୧୩୬।

ଯେ ନୃଶଂସା ଦୁରାତ୍ମାନଃ ପ୍ରାଣିନାଂ ପ୍ରାଣନାଶକାଃ।
ଉଦ୍‌ବେଜନୀୟା ଭୂତାନାଂ ବ୍ୟାଳା ଇବ ଭବନ୍ତି ତେ।। ୧୩୭ ।।

ଯେଉଁମାନେ ନୃଶଂସ, ଦୁଷ୍ଟ, ଜୀବମାନଙ୍କର ପ୍ରାଣନାଶକ ହୁଅନ୍ତି, ସେମାନେ ପ୍ରାଣୀମାନଙ୍କ ପକ୍ଷରେ ସର୍ପତୁଲ୍ୟ ଭୟାନକ ହୋଇଥାନ୍ତି। ୧୩୭।

ସ ପଞ୍ଜରକମାଦାୟ ପାଶଞ୍ଚ ଲଗୁଡ଼ଂ ତଥା।
ନିତ୍ୟମେବ ବନଂ ଯାତି ସର୍ବପ୍ରାଣିବିହିଂସକଃ।। ୧୩୮ ।।

ସବୁ ଜୀବଙ୍କୁ ହିଂସା କରୁଥିବା ଏହି ବ୍ୟାଧ ପିଞ୍ଜରା, ଜାଲ ଓ ଯଷ୍ଟି ଘେନି ପ୍ରତିଦିନ ବନକୁ ଯାଉଥିଲା। ୧୩୮।

ଅନ୍ୟେଦ୍ୟୁର୍ଭ୍ରମତସ୍ତସ୍ୟ ବନେ କାପି କପୋତିକା।
ଜାତା ହସ୍ତଗତା ତାଂ ସ ପ୍ରାକ୍ଷିପତ୍ପଞ୍ଜରାନ୍ତରେ।। ୧୩୯ ।।

ଦିନେ ସେ ବନମଧ୍ୟରେ ଭ୍ରମଣ କରୁଥିବା ସମୟରେ ଗୋଟିଏ କପୋତୀ ତା'ର ହସ୍ତଗତ ହେଲା। ସେ ତାହାକୁ ନେଇ ପିଞ୍ଜରାମଧ୍ୟରେ ପକାଇଦେଲା। ୧୩୯।

ଅଥ କୃଷ୍ଣା ଦିଶଃ ସର୍ବା ବନସ୍ଥସ୍ୟାଭବନ୍ ଘନୈଃ ।
ବାତବୃଷ୍ଟିଶ୍ଚ ମହତୀ କ୍ଷୟକାଳ ଇବାଭବତ୍ ।। ୧୪୦ ।।

ଏହାପରେ ଯେତେବେଳେ ସେ ବନମଧ୍ୟରେ ଭ୍ରମଣ କରୁଥିଲା, ସେହି ସମୟରେ ସବୁଦିଗ ମେଘଦ୍ୱାରା କୃଷ୍ଣବର୍ଣ୍ଣ ଧାରଣ କଲା ଏବଂ ପ୍ରଳୟକାଳ ସଦୃଶ ଭୀଷଣ ବାତ୍ୟା ଓ ବୃଷ୍ଟି ହେବାକୁ ଲାଗିଲା । ୧୪୦ ।

ତତଃ ସ ତ୍ରସ୍ତହୃଦୟଃ କମ୍ପମାନୋ ମୁହୁର୍ମୁହୁଃ ।
ଅନ୍ୱେଷୟନ୍ ପରିତ୍ରାଣମାସସାଦ ବନସ୍ପତିମ୍ ।। ୧୪୧ ।।

ସେ ଭୀତତ୍ରସ୍ତ ହୋଇ ମୁହୁର୍ମୁହୁଃ କମ୍ପି, ଆତ୍ମରକ୍ଷା ପାଇଁ ଆଶ୍ରୟ ଅନ୍ୱେଷଣ କରୁ କରୁ ଗୋଟିଏ ବୃହତ୍ ବୃକ୍ଷ ନିକଟରେ ପହଞ୍ଚିଲା । ୧୪୧ ।

ମୁହୂର୍ତ୍ତଂ ପଶ୍ୟତେ ଯାବଦ୍ ବିୟଦ୍‌ବିମଳତାରକମ୍ ।
ପ୍ରାପ୍ୟ ବୃକ୍ଷଂ ବଦତ୍ୟେବଂ ଯୋଽତ୍ର ତିଷ୍ଠତି କଶ୍ଚନ ।। ୧୪୨ ।।
ତସ୍ୟାହଂ ଶରଣଂ ପ୍ରାପ୍ତଃ ସ ପରିତ୍ରାତୁ ମାମିତି ।
ଶୀତେନ ଭିଦ୍ୟମାନଂ ଚ କ୍ଷୁଧୟା ଗତଚେତସମ୍ ।। ୧୪୩ ।।

ସେ ମୁହୂର୍ତ୍ତକ ପାଇଁ ଚାହିଁ ଦେଖିଲା ଯେ ଆକାଶରେ ତାରାମାନେ ଉଜ୍ଜ୍ୱଳ ଦିଶୁଅଛନ୍ତି । ଏହି ସମୟରେ ସେ ବୃକ୍ଷ ନିକଟକୁ ଯାଇ କହିଲା, ''ଏ ବୃକ୍ଷରେ ଯେକୌଣସି ପ୍ରାଣୀ ଥାଉ, ମୁଁ ତାର ଶରଣ ପଶୁଅଛି । ମୁଁ ଶୀତରେ ପୀଡ଼ିତ ଓ କ୍ଷୁଧାରେ ମୂର୍ଚ୍ଛିତପ୍ରାୟ ହୋଇପଡ଼ିଛି ।'' । ୧୪୨-୧୪୩ ।

ଅଥ ତସ୍ୟ ତରୋଃ ସ୍କନ୍ଧେ କପୋତଃ ସୁଚିରୋଷିତଃ ।
ଭାର୍ଯ୍ୟାବିରହିତସ୍ତିଷ୍ଠନ୍ ବିଲଲାପ ସୁଦୁଃଖିତଃ ।। ୧୪୪ ।।

ସେହି ବୃକ୍ଷର ଶାଖାରେ ଗୋଟିଏ କପୋତ ଦୀର୍ଘକାଳରୁ ବାସକରୁଥିଲା । ସେ ପତ୍ନୀଠାରୁ ବିଚ୍ଛିନ୍ନ ହୋଇ ଅତି ଦୁଃଖରେ ବିଳାପ କରୁଥିଲା । ୧୪୪ ।

ବାତବର୍ଷୋ ମହାନାସୀନ୍ନ ଚାଗଚ୍ଛତି ମେ ପ୍ରିୟା ।
ତୟା ବିରହିତଂ ହ୍ୟେତଚ୍ଛୂନ୍ୟମଦ୍ୟ ଗୃହଂ ମମ ।। ୧୪୫ ।।

''ପ୍ରବଳ ବାତ୍ୟା ସହିତ ଘୋର ବର୍ଷା ହେଉଥିଲା । ଏତେବେଳଯାଏ ମୋର ପ୍ରିୟପତ୍ନୀ ଫେରି ଆସିଲା ନାହିଁ । ଆଜି ତାହା ବିନା ମୋର ଗୃହ ଶୂନ୍ୟ ବୋଧ ହେଉଅଛି । ୧୪୫ ।

ପତିବ୍ରତା ପତିପ୍ରାଣା ପତ୍ୟୁଃ ପ୍ରିୟହିତେ ରତା ।
ଯସ୍ୟ ସ୍ୟାଦୀଦୃଶୀ ଭାର୍ଯ୍ୟା ଧନ୍ୟଃ ସ ପୁରୁଷୋ ଭୁବି ।। ୧୪୬ ।।

ସତୀ, ପତିପ୍ରାଣା, ପତିହିତରେ ନରତା– ଏପରି ଭାର୍ଯ୍ୟା ଯାହାର ଥାଏ, ସେ ପୁରୁଷ ପୃଥିବୀରେ ଧନ୍ୟ । ୧୪୬ ।

ନ ଗୃହଂ ଗୃହମିତ୍ୟାହୁର୍ଗୃହିଣୀ ଗୃହମୁଚ୍ୟତେ ।
ଗୃହଂ ହି ଗୃହିଣୀ ହୀନମରଣ୍ୟ ସଦୃଶଂ ମତମ୍ ।। ୧୪୭ ।।

ପଣ୍ଡିତମାନେ କହିଅଛନ୍ତି ଯେ ଗୃହ ଗୃହ ନୁହେଁ; ଗୃହିଣୀ ହେଉଛି ଗୃହ। ଗୃହିଣୀଶୂନ୍ୟ ଗୃହ ଅରଣ୍ୟ ସଦୃଶ ଅଟେ।'' । ୧୪୭ ।

ପଞ୍ଜରସ୍ଥା ତତଃ ଶ୍ରୁତ୍ୱା ଭର୍ତ୍ତୁର୍ଦ୍ଦୁଃଖାନ୍ୱିତଂ ବଚଃ ।
କପୋତିକା ସୁସନ୍ତୁଷ୍ଟା ବାକ୍ୟଞ୍ଚେଦମଥାହ ସା ।। ୧୪୮ ।।

ତହୁଁ କପୋତୀ ପିଞ୍ଜରାମଧ୍ୟରେ ଥାଇ ପତିର ଏହି ବିଷାଦପୂର୍ଣ୍ଣ ବାକ୍ୟ ଶୁଣି ଅତ୍ୟନ୍ତ ଆନନ୍ଦିତା ହୋଇ କହିଲା – । ୧୪୮ ।

ନ ସା ସ୍ତ୍ରୀତ୍ୟଭିମନ୍ତବ୍ୟା ଯସ୍ୟା ଭର୍ତ୍ତା ନ ତୁଷ୍ୟତି ।
ତୁଷ୍ଟେ ଭର୍ତ୍ତରି ନାରୀଣାଂ ତୁଷ୍ଟାଃ ସ୍ୟୁଃ ସର୍ବଦେବତାଃ ।। ୧୪୯ ।।

''ଯେଉଁ ସ୍ତ୍ରୀଠାରେ ପତି ସନ୍ତୁଷ୍ଟ ନୁହନ୍ତି, ସେ ସ୍ତ୍ରୀ-ପଦବାଚ୍ୟା ନୁହେଁ। ସ୍ୱାମୀ ସନ୍ତୁଷ୍ଟ ରହିଥିଲେ ନାରୀମାନଙ୍କର ସମସ୍ତ ଦେବତା ସନ୍ତୁଷ୍ଟ ହୁଅନ୍ତି। ୧୪୯ ।

ଦାବାଗ୍ନିନା ବିଦଗ୍ଧେ ବ ସପୁଷ୍ପସ୍ତବକା ଲତା ।
ଭସ୍ମୀଭବତୁ ସା ନାରୀ ଯସ୍ୟା ଭର୍ତ୍ତା ନ ତୁଷ୍ୟତି ।। ୧୫୦ ।।

ଯେଉଁ ନାରୀଠାରେ ପତିଙ୍କର ସନ୍ତୋଷ ନଥାଏ, ସେ ନାରୀ ପୁଷ୍ପସ୍ତବକସମନ୍ୱିତ ଲତା ଦାବାଗ୍ନିରେ ଦଗ୍ଧ ହେଲାପରି ଭସ୍ମୀଭୂତ ହୋଇଯାଉ। ୧୫୦ ।

ମିତଂ ଦଦାତି ହି ପିତା ମିତଂ ଭ୍ରାତା ମିତଂ ସୁତଃ ।
ଅମିତସ୍ୟ ହି ଦାତାରଂ ଭର୍ତ୍ତାରଂ କା ନ ପୂଜୟେତ୍ ।। ୧୫୧ ।।

ପିତା, ଭ୍ରାତା ଓ ପୁତ୍ର ନାରୀକୁ ଯେଉଁ ସୁଖ ଦେଇଥାନ୍ତି, ତାହାର ସୀମା ଅଛି; କିନ୍ତୁ ପତି ନାରୀକୁ ଅସୀମ ସୁଖ ଦେଇଥାନ୍ତି, ତାଙ୍କୁ କେଉଁ ନାରୀ ପୂଜା ନ କରିବ ?'' । ୧୫୧ ।

ପୁଣି କପୋତୀ କହିଲା –

ଶୃଣୁଷ୍ୱାବହିତଃ କାନ୍ତ ଯତ୍ତେ ବକ୍ଷ୍ୟାମ୍ୟହଂ ହିତମ୍ ।
ପ୍ରାଣୈରପି ତ୍ୱୟା ନିତ୍ୟଂ ସଂରକ୍ଷ୍ୟଃ ଶରଣାଗତଃ ।। ୧୫୨ ।।

''ହେ ପ୍ରିୟ ! ମୁଁ ତୁମର ହିତକର ଯେଉଁ ବାକ୍ୟ କହୁଛି, ତାହା ଶୁଣ। ତୁମେ ନିଜର ପ୍ରାଣ ଦେଇ ମଧ୍ୟ ଶରଣାଗତ ପ୍ରାଣୀଙ୍କୁ ସର୍ବଦା ରକ୍ଷା କରିବା ଉଚିତ। ୧୫୨ ।

ଏଷଃ ଶାକୁନିକଃ ଶେତେ ତବାବାସଂ ସମାଶ୍ରିତଃ ।
ଶୀତାର୍ତ୍ତଶ୍ଚ କ୍ଷୁଧାର୍ତ୍ତଶ୍ଚ ପୂଜାମସ୍ମୈ ସମାଚର ।।୧୫୩।।

ଏହି ବ୍ୟାଧ ଶୀତାର୍ତ୍ତ ଓ କ୍ଷୁଧାରେ କାତର ହୋଇ ତୁମ ଘରକୁ ଆସି ଆଶ୍ରୟ ନେଇଛି। ତୁମେ ତାହାର ପୂଜା କର। ୧୫୩। ଶୁଣାଯାଏ ଯେ –

ଯଃ ସାୟମତିଥିଂ ପ୍ରାପ୍ତଂ ଯଥାଶକ୍ତି ନ ପୂଜୟେତ୍ ।
ତସ୍ୟାସୌ ଦୁଷ୍କୃତଂ ଦତ୍ତ୍ୱା ସୁକୃତଂ ଚାପକର୍ଷତି ।। ୧୫୪ ।।

ଯେଉଁ ଲୋକ ସାୟଂକାଳରେ ଉପସ୍ଥିତ ଅତିଥିକୁ ଯଥାଶକ୍ତି ପୂଜା ନ କରେ, ତାହାକୁ ସେ ଅତିଥି ନିଜର ସମସ୍ତ ଦୁଷ୍କୃତ ଦେଇ ପୁଣ୍ୟକୁ ନେଇଯାଏ । ୧୫୪ ।

ମା ଚାସ୍ମୈ ତ୍ୱଂ କୃଥା ଦ୍ୱେଷଂ ବଦ୍ଧାନେନେତି ମଦ୍‌ପ୍ରିୟା ।
ସ୍ୱକୃତୈରେବ ବଦ୍ଧାହଂ ପ୍ରାକ୍ତନୈଃ କର୍ମବନ୍ଧନୈଃ ।। ୧୫୫ ।।

'ଏ ମୋର ଭାର୍ଯ୍ୟାକୁ ବାନ୍ଧି ନେଇଛି'– ଏହା ଭାବି ତୁମେ ଏହା ପ୍ରତି ଦ୍ୱେଷ କର ନାହିଁ। ମୁଁ ପୂର୍ବଜନ୍ମର ନିଜକୃତ କର୍ମ ହେତୁରୁ କର୍ମରୂପକ ବନ୍ଧନରେ ପଡ଼ିଛି। ୧୫୫ ।

ଦାରିଦ୍ର୍ୟରୋଗଦୁଃଖାନି ବନ୍ଧନବ୍ୟସନାନି ଚ ।
ଆତ୍ମାପରାଧବୃକ୍ଷସ୍ୟ ଫଳାନ୍ୟେତାନି ଦେହିନାମ୍ ।। ୧୫୬ ।।

ଦରିଦ୍ରତା, ରୋଗ, ଦୁଃଖ, ବନ୍ଧନ ପ୍ରଭୃତି ବିପଦମାନେ ଶରୀରର ଅପରାଧରୂପକ ବୃକ୍ଷର ଫଳ ଅଟନ୍ତି। ୧୫୬ ।

ତସ୍ମାତ୍ତ୍ୱଂ ଦ୍ୱେଷମୁତ୍ସୃଜ୍ୟ ମଦ୍‌ବନ୍ଧନସମୁଦ୍‌ଭବମ୍ ।
ଧର୍ମେ ମନଃ ସମାଧାୟ ପୂଜୟୈନଂ ଯଥାବିଧି ।। ୧୫୭ ।।

ତେଣୁ ତୁମେ ମୋର ବନ୍ଧନଜନିତ ଦ୍ୱେଷ ପରିତ୍ୟାଗ କରି, ଧର୍ମରେ ମନୋନିବେଶ-ପୂର୍ବକ ଯଥାବିଧି ଏହାଙ୍କର ପୂଜା କର।'' । ୧୫୭ ।

ତସ୍ୟାସ୍ତଦ୍ବଚନଂ ଶ୍ରୁତ୍ୱା ଧର୍ମଯୁକ୍ତିସମନ୍ୱିତମ୍ ।
ଉପଗମ୍ୟ ତତୋଽଧୃଷ୍ଟଃ କପୋତଃ ପ୍ରାହ ଲୁବ୍‌ଧକମ୍ ।। ୧୫୮ ।।

କପୋତୀର ଏହି ଧର୍ମ ଓ ଯୁକ୍ତିପୂର୍ଣ୍ଣ ବାକ୍ୟ ଶୁଣି କପୋତ ସେହି ବ୍ୟାଧ ନିକଟକୁ ଆସି ପଚାରିଲା – । ୧୫୮ ।

ଭଦ୍ର ସୁସ୍ୱାଗତଂ ତେଽସ୍ତୁ ବ୍ରୂହି କିଂକରବାଣିତେ ।
ସନ୍ତାପଶ୍ଚ ନ କର୍ତ୍ତବ୍ୟଃ ସ୍ୱଗୃହେ ବର୍ତ୍ତତେ ଭବାନ୍ ।। ୧୫୯ ।।

''ହେ ଭଦ୍ର! ଆପଣଙ୍କର ଆଗମନ ଶୁଭ ହେଉ। କହନ୍ତୁ, ମୁଁ ଆପଣଙ୍କ ପାଇଁ କଅଣ କରିପାରେଁ। ମନରେ କୌଣସି ଦୁଃଖ କରନ୍ତୁ ନାହିଁ। ଆପଣ ନିଜ ଗୃହରେ ଅଛନ୍ତି ବୋଲି ମନେକରନ୍ତୁ।'' । ୧୫୯ ।

ତସ୍ୟ ତଦ୍‌ବଚନଂ ଶ୍ରୁତ୍ୱା ପ୍ରତ୍ୟୁବାଚ ବିହଙ୍ଗହା ।
କପୋତ ଖଳୁ ଶୀତଂ ମେ ହିମତ୍ରାଣଂ ବିଧୀୟତାମ୍ ।। ୧୬୦ ।।

ତାହାର ଏହି ବାକ୍ୟ ଶୁଣି ବ୍ୟାଧ କହିଲା, ''ହେ କପୋତ! ମୋତେ ଶୀତ-କଷ୍ଟ ଦେଉଅଛି। ତହିଁରୁ ରକ୍ଷାପାଇବାର ଉପାୟ କର।'' । ୧୬୦ ।

ସଗତ୍ୱାଽଙ୍ଗାରକଂ ନୀତ୍ୱା ପାତୟାମାସ ପାବକମ୍ ।
ତତଃ ଶୁଷ୍କେଷୁ ପର୍ଣ୍ଣେଷୁ ତମାଶୁ ସମଦୀପୟତ୍ ।। ୧୬୧ ।।

କପୋତ ଉଡ଼ିଯାଇ କିଛି ଅଙ୍ଗାର ଆଣି ସେଥିରେ ନିଆଁ ଲଗାଇଲା ଓ ତାହା ଉପରେ ଶୁଖିଲା ପତ୍ର ପକାଇ ଶୀଘ୍ର ଅଗ୍ନି ପ୍ରଜ୍ୱଳିତ କଲା । ୧୬୧ ।

ସୁସନ୍ଦୀପ୍ତଂ ତତଃ କୃତ୍ୱା ତମାହ ଶରଣାଗତମ୍।
ପ୍ରତାପୟସ୍ୱ ବିଶ୍ରବ୍ଧଂ ସ୍ୱଗାତ୍ରାଣ୍ୟତ୍ର ନିର୍ଭୟଃ।। ୧୬୨।।

ଅନନ୍ତର ଉତ୍ତମରୂପେ ଅଗ୍ନିକୁ ଉଦ୍ଦୀପ୍ତ କରି କପୋତ ଶରଣାଗତ ଅତିଥିଙ୍କୁ କହିଲା, ''ଏବେ ଆପଣ ନିର୍ଭୟ ହୋଇ ଉତ୍ତମରୂପେ ନିଜର ଶରୀରକୁ ସେକି ଦିଅନ୍ତୁ। ୧୬୨।

ଉଦ୍‌ଗତେନ ଚ଼ ଜୀବାମୋ ବୟଂ ସର୍ବେ ବନଚ଼ରାଃ।
ନ ଚାସ୍ତି ବିଭବଃ କଶ୍ଚିନ୍ନାଶୟେ ଯେନ ତେ କ୍ଷୁଧମ୍।। ୧୬୩।।

ଆମେ ସବୁ ବନବାସୀ; ଦୈବଯୋଗରୁ ପ୍ରାପ୍ତ ପଦାର୍ଥ ଖାଇ ଜୀବନଧାରଣ କରୁ। ତେଣୁ ଆପଣଙ୍କ କ୍ଷୁଧା ଦୂର କରିବାପାଇଁ ମୋର କିଛି ହେଲେ ନାହିଁ। ୧୬୩।

ସହସ୍ରଂ ଭରତେ କଶ୍ଚିଚ୍ଛତମନ୍ୟୋ ଦଶାପରଃ।
ମମ ସ୍ୱକୃତପୁଣ୍ୟସ୍ୟ କ୍ଷୁଦ୍ରସ୍ୟାତ୍ମାପି ଦୁର୍ଭରଃ।। ୧୬୪।।

କେହି ସହସ୍ର ପ୍ରାଣୀଙ୍କୁ, କେହି ଶତ ପ୍ରାଣୀଙ୍କୁ, କେହି ଅବା ଦଶ ପ୍ରାଣୀଙ୍କୁ ପୋଷଣ କରୁଛି; କିନ୍ତୁ ମୁଁ କୌଣସି ପୁଣ୍ୟକାର୍ଯ୍ୟ କରିନାହିଁ। ସେଥିପାଇଁ ମୋର ନିଜ ପେଟଟି ମଧ୍ୟ ପୂରାଇବା କଷ୍ଟକର। ୧୬୪।

ଏକସ୍ୟାପ୍ୟତିଥେରନ୍ନଂ ଯଃ ପ୍ରଦାତୁଂ ନ ଶକ୍ତିମାନ୍।
ତସ୍ୟାନେକପରିକ୍ଲେଶେ ଗୃହେ କିଂ ବସତଃ ଫଳମ୍।। ୧୬୫।।

ଯେଉଁ ଲୋକ ଜଣେ ମାତ୍ର ଅତିଥିଙ୍କୁ ଭୋଜନ ଦେବାକୁ ଅକ୍ଷମ, ତା'ର ବହୁକଷ୍ଟ- ପରିପୂର୍ଣ୍ଣ ଘରେ ରହିବାର କି ଫଳ?। ୧୬୫।

ତତ୍ତଥା ସାଧୟାମ୍ୟେତଚ୍ଛରୀରଂ ଦୁଃଖଜୀବିତମ୍।
ଯଥା ଭୂୟୋ ନ ବକ୍ଷ୍ୟାମି ନାସ୍ତ୍ୟତିଥିସମାଗମେ।। ୧୬୬।।

ତେଣୁ ଦୁଃଖପୂର୍ଣ୍ଣ ଏ ଶରୀରକୁ ଏପରି କରିଦେବି ଯେ ପୁଣି କେବେ ଯଦି ଅତିଥି ଆସନ୍ତି, 'ନାହିଁ' ବୋଲି କହିବାକୁ ହେବନାହିଁ।''। ୧୬୬।

ସ ନିନିନ୍ଦ କିଲାତ୍ମାନଂ ନ ତୁ ତଂ ଲୁବ୍ଧକଂ ପୁନଃ।
ଉବାଚ଼ ତର୍ପୟିଷ୍ୟେ ତ୍ୱାଂ ମୁହୂର୍ତ୍ତଂ ପ୍ରତିପାଳୟ।। ୧୬୭।।

କପୋତ ଏହିପରି ନିଜକୁ ବହୁତ ନିନ୍ଦା କଲା; କିନ୍ତୁ ସେହି ବ୍ୟାଧକୁ ଆଦୌ ନିନ୍ଦା କଲାନାହିଁ। ସେ କହିଲା, ''ହେ ଅତିଥି, ମୁହୂର୍ତ୍ତେ ଅପେକ୍ଷା କରନ୍ତୁ। ମୁଁ (ଭୋଜନ ଦେଇ) ଆପଣଙ୍କୁ ତୃପ୍ତ କରିବି।''। ୧୬୭।

ଏବମୁକ୍ତ୍ୱା ସ ଧର୍ମାତ୍ମା ପ୍ରହୃଷ୍ଟେନାନ୍ତରାତ୍ମନା।
ତମଗ୍ନିଂ ସମ୍ପରିକ୍ରମ୍ୟ ପ୍ରବିବେଶ ସ୍ୱବେଶ୍ମବତ୍।। ୧୬୮।।

ସେହି ଧର୍ମାତ୍ମା କପୋତ ଏହା କହି ପ୍ରସନ୍ନ ମନରେ ଅଗ୍ନିକୁ ପ୍ରଦକ୍ଷିଣ କରି ନିଜର ଘରେ ପ୍ରବେଶ କଲାପରି ସେଥିରେ ପ୍ରବେଶ କଲା। ୧୬୮।

ତତସ୍ତଂ ଲୁବ୍‌ଧକୋ ଦୃଷ୍ଟ୍ୱା କୃପୟା ପୀଡ଼ିତୋ ଭୃଶମ୍ ।
କପୋତମଗ୍ନୌ ପତିତଂ ବାକ୍ୟମେତଦଭାଷତ ।। ୧୬୯ ।।

ତାହାକୁ ଅଗ୍ନିରେ ପ୍ରବେଶ କରିବାର ଦେଖି ବ୍ୟାଧ ଦୟାରେ ନିତାନ୍ତ ପୀଡ଼ିତ ହୋଇ କହିଲା – । ୧୬୯ ।

ଯଃ କରୋତି ନରଃ ପାପଂ ନ ତସ୍ୟାତ୍ମା ଧ୍ରୁବଂ ପ୍ରିୟଃ ।
ଆତ୍ମନା ହି କୃତଂ ପାପମାତ୍ମନୈବ ହି ଭୁଜ୍ୟତେ ।। ୧୭୦ ।।

"ଯେଉଁ ଲୋକ ପାପକାର୍ଯ୍ୟ କରେ, ନିଶ୍ଚୟ ନିଜର ଆତ୍ମା ତା'ର ପ୍ରିୟ ନୁହେଁ; କାରଣ ନିଜ କୃତ ପାପର ଫଳକୁ ନିଜକୁହିଁ ଭୋଗିବାକୁ ପଡ଼ିଥାଏ । ୧୭୦ ।

ସୋଽହଂ ପାପମତିଶ୍ଚୈବ ପାପକର୍ମରତଃ ସଦା ।
ପତିଷ୍ୟାମି ମହାଘୋରେ ନରକେ ନାତ୍ର ସଂଶୟଃ ।। ୧୭୧ ।।

ମୁଁ ପାପବୁଦ୍ଧି ଓ ସର୍ବଦା ପାପକର୍ମରେ ରତ । ତେଣୁ ମୁଁ ଯେ ଘୋର ନରକରେ ପଡ଼ିବି, ଏଥିରେ ସଂଶୟ ନାହିଁ । ୧୭୧ ।

ନୂନଂ ମମ ନୃଶଂସସ୍ୟ ପ୍ରତ୍ୟାଦର୍ଶଃ ପ୍ରଦର୍ଶିତଃ ।
ପ୍ରୟଚ୍ଛତା ସ୍ୱମାଂସାନି କପୋତେନ ମହାତ୍ମନା ।। ୧୭୨ ।।

ଏ କଥା ନିଶ୍ଚିତ ଯେ ଏହି ମହାତ୍ମା କପୋତ ମୋତେ ନିଜର ମାଂସ ଦେଇ ମୋଭଳି ନିଷ୍ଠୁର ଲୋକ ଆଗରେ ଏକ ଆଦର୍ଶ ଦେଖାଇଦେଲେ । ୧୭୨ ।

ଅଦ୍ୟ ପ୍ରଭୃତି ଦେହଂ ସ୍ୱଂ ସର୍ବଭୋଗବିବର୍ଜିତମ୍ ।
ତୋୟଂ ସ୍ୱଳ୍ପଂ ଯଥା ଗ୍ରୀଷ୍ମେ ଶୋଷୟିଷ୍ୟାମ୍ୟହଂ ପୁନଃ ।। ୧୭୩ ।।

ଯେପରି ଗ୍ରୀଷ୍ମଋତୁ ଅଳ୍ପ ଜଳକୁ ଶୁଷ୍କ କରିଦିଏ, ଆଜିଠାରୁ ମୁଁ ମଧ୍ୟ ସେହିପରି ସକଳ ପ୍ରକାର ସୁଖଭୋଗ ତ୍ୟାଗ କରି ନିଜର ଶରୀରକୁ ଶୁଷ୍କ କରିଦେବି । ୧୭୩ ।

ଶୀତବାତାତପସହଃ କୃଶାଙ୍ଗୋ ମଳିନସ୍ତଥା ।
ଉପବାସୈର୍ବହୁବିଧୈଶ୍ଚରିଷ୍ୟେ ଧର୍ମମୁତ୍ତମମ୍ ।। ୧୭୪ ।।

ଏଣିକି ମୁଁ ଶୀତ, ବାୟୁ, ତାପ ସହ୍ୟକରି ବିବିଧ ଉପବାସ ପାଳନଦ୍ୱାରା ଶରୀରକୁ ମଳିନ ଓ କୃଶ କରିଦେଇ ଧର୍ମାଚରଣ କରିବି ।" । ୧୭୪ ।

ତତୋ ଯଷ୍ଟିଂ ଶଳାକାଂ ଚ ଜାଳକଂ ପଞ୍ଜରିଂ ତଥା ।
ବଭଞ୍ଜ ଲୁବ୍‌ଧକୋ ଦୀନାଂ କପୋତୀଞ୍ଚ ମୁମୋଚ ତାମ୍ ।। ୧୭୫ ।।

ତହୁଁ ସେହି ବ୍ୟାଧ ଯଷ୍ଟି, ଶଳାକା, ଜାଲ, ପିଞ୍ଜରା ପ୍ରଭୃତି ଭାଙ୍ଗି ଫିଙ୍ଗିଦେଲା ଓ କପୋତୀକୁ ମୁକ୍ତ କରିଦେଲା । ୧୭୫ ।

ଲୁବ୍‌ଧକେନ ତତୋ ମୁକ୍ତା ଦୃଷ୍ଟ୍ୱାଽଗ୍ନୌ ପତିତଂ ପତିମ୍ ।
କପୋତୀ ବିଲଲାପାର୍ତ୍ତା ଶୋକସନ୍ତାପମାନସା ।। ୧୭୬ ।।

ବ୍ୟାଧଠାରୁ ମୁକ୍ତିଲାଭ ପରେ କପୋତୀ ଅଗ୍ନିରେ ପତିତ ନିଜ ପତିଙ୍କୁ ଦେଖି ଶୋକସନ୍ତପ୍ତ ମନରେ ବିଳାପ କରିବାକୁ ଲାଗିଲା । ୧୭୬ ।

ନ କାର୍ଯ୍ୟମଦ୍ୟ ମେ ନାଥ ଜୀବିତେନ ତ୍ୱୟା ବିନା ।
ଦୀନାୟାଃ ପତିହୀନାୟାଃ କିଂ ନାର୍ଯ୍ୟା ଜୀବିତେ ଫଳମ୍ ।। ୧୭୭ ।।

"ହେ ନାଥ ! ଆଜି ତୁମ ବିନା ମୋର ଜୀବନରେ କିଛି ଫଳ ନାହିଁ । କାରଣ ପତିହୀନା ହତଭାଗିନୀ ରମଣୀର ଜୀବନରେ କି ପ୍ରୟୋଜନ ? । ୧୭୭ ।

ମାନୋ ଦର୍ପସ୍ତ୍ୱହଙ୍କାରଃ କୁଳପୂଜା ଚ ବନ୍ଧୁଷୁ ।
ଦାସଭୃତ୍ୟଜନେଷ୍ୱାଜ୍ଞା ବୈଧବ୍ୟେନ ପ୍ରଣଶ୍ୟତି ।। ୧୭୮ ।।

ବୈଧବ୍ୟଦ୍ୱାରା ନାରୀମାନଙ୍କର ମାନ, ଦର୍ପ, ଅହଙ୍କାର, କୁଳ, ବନ୍ଧୁବର୍ଗର ଆଦର ଓ ଦାସଦାସୀମାନଙ୍କ ଉପରେ ପ୍ରଭୁତ୍ୱ ଏସବୁ ନଷ୍ଟ ହୋଇଯାଏ ।" । ୧୭୮ ।

ଏବଂ ବିଲପ୍ୟ ବହୁଶଃ କୃପଣଂ ଭୃଶଦୁଃଖିତା ।
ପତିବ୍ରତା ସୁସନ୍ଦୀପ୍ତଂ ତମେବାଗ୍ନିଂ ବିବେଶ ସା ।। ୧୭୯ ।।

ଅତ୍ୟନ୍ତ ଦୁଃଖିତା ହୋଇ ସେହି ପତିବ୍ରତା କପୋତୀ ଦୀନଭାବରେ ଏହିପରି ବିଳାପ କରି ସେହି ପ୍ରଜ୍ୱଳିତ ଅଗ୍ନିରେ ପ୍ରବେଶ କଲା । ୧୭୯ ।

ତତୋ ଦିବ୍ୟାମ୍ବରଧରା ଦିବ୍ୟାଭରଣଭୂଷିତା ।
ଭର୍ତ୍ତାରଂ ସା ବିମାନସ୍ଥଂ ଦଦର୍ଶ ସ୍ୱଂ କପୋତିକା ।। ୧୮୦ ।।

ତତ୍‌ପରେ ସେହି କପୋତୀ ଦିବ୍ୟବସ୍ତ୍ରପରିହିତା ଓ ଦିବ୍ୟାଲଙ୍କାରଭୂଷିତା ହୋଇ ନିଜର ପତିଙ୍କୁ ବିମାନରେ ବସିଥିବାର ଦେଖିଲା । ୧୮୦ ।

ସୋଽପି ଦିବ୍ୟତନୁର୍ଭୂତ୍ୱା ଯଥାର୍ଥମିଦମବ୍ରବୀତ୍ ।
ଅହୋ ମାମନୁଗଚ୍ଛନ୍ତ୍ୟା କୃତଂ ସାଧୁ ଶୁଭେ ତ୍ୱୟା ।। ୧୮୧ ।।

କପୋତ ମଧ୍ୟ ଦିବ୍ୟ ଶରୀର ଧାରଣ କରି ଏହି ଯଥାର୍ଥ ବାକ୍ୟ କହିଲା, ହେ ଶୁଭେ ! ତୁମେ ମୋର ଅନୁଗମନ କରି ଉତ୍ତମ କାର୍ଯ୍ୟ କରିଅଛ । ୧୮୧ ।

ତିସ୍ରଃ କୋଟ୍ୟୋଽର୍ଦ୍ଧକୋଟି ଚ୍ ଯାନି ରୋମାଣି ମାନୁଷେ ।
ତାବତ୍କାଳଂ ବସେତ୍‌ସ୍ୱର୍ଗେ ଭର୍ତ୍ତାରଂ ଯାଽନୁଗଚ୍ଛତି ।। ୧୮୨ ।।

ଯେଉଁ ନାରୀ ପତିଙ୍କର ଅନୁଗମନ କରେ, ସେ ସାଢ଼େ ତିନିକୋଟି ମନୁଷ୍ୟ ଦେହରେ ଯେତିକି ରୋମ ଅଛି ସେତେ ବର୍ଷ ପର୍ଯ୍ୟନ୍ତ ସ୍ୱର୍ଗରେ ବାସକରେ ।" । ୧୮୨ ।

କପୋତ ଦେହଃ ସୂର୍ଯ୍ୟାସ୍ତେ ପ୍ରତ୍ୟହଂ ସୁଖମନ୍ୱଭୂତ୍ ।
କପୋତଦେହବସ୍ଥାସୀତ୍ ପ୍ରାକ୍‌ପୁଣ୍ୟପ୍ରଭବଂ ହି ତତ୍ ।। ୧୮୩ ।।

ଏହି ଦିବ୍ୟଶରୀରଧାରୀ କପୋତ ସୂର୍ଯ୍ୟାସ୍ତରେ (ରାତ୍ରିରେ ମଧ୍ୟ) ପ୍ରତ୍ୟହ ସୁଖ ଭୋଗିବାକୁ ଲାଗିଲା । କପୋତୀ ମଧ୍ୟ କପୋତଭଳି ପୂର୍ବଜନ୍ମର ସୁକୃତବଳରୁ ଦିବ୍ୟଦେହ ଧାରଣ କଲା । ୧୮୩ ।

ହର୍ଷାବିଷ୍ଟସ୍ତତୋ ବ୍ୟାଧୋ ବିବେଶ ଚ ବନଂ ଘନମ୍ ।
ପ୍ରାଣିହିଂସାଂ ପରିତ୍ୟଜ୍ୟ ବହୁନିର୍ବେଦବାନ୍ ଭୃଶମ୍ ।। ୧୮୪ ।।

ତତ୍ପରେ ପ୍ରସନ୍ନମନା ବ୍ୟାଧ ସଂସାର ପ୍ରତି ନିତାନ୍ତ ବିରକ୍ତ ହୋଇ ଜୀବହିଂସା ତ୍ୟାଗ କରି ଗଭୀର ଅରଣ୍ୟରେ ପ୍ରବେଶ କଲା । ୧୮୪ ।

ତତ୍ର ଦାବାନଳଂ ଦୃଷ୍ଟ୍ୱା ବିବେଶ ବିରତାଶୟଃ ।
ନିର୍ଦଗ୍ଧକଲୁଷୋ ଭୂତ୍ୱା ସ୍ୱର୍ଗସୌଖ୍ୟମବାପ୍ତବାନ୍ ।। ୧୮୫ ।।

ସେଠାରେ ସେହି ବ୍ୟାଧ ସମସ୍ତ କାମନାରୁ ନିବୃତ୍ତ ହେଲା ଓ ଦାବାନଳ ଦେଖି ତହିଁରେ ପ୍ରବେଶ କଲା । ତାହାର ସମସ୍ତ କଲୁଷ ଦଗ୍ଧ ହେବାରୁ ସେ ସ୍ୱର୍ଗରେ ସୁଖଭୋଗ କଲା । ୧୮୫ ।

ଏହି ହେତୁରୁ ମୁଁ କହୁଥିଲି – 'ଶ୍ରୂୟତେ ହି କପୋତେନ . . .' ଇତ୍ୟାଦି ।

ଏହା ଶୁଣିଲାପରେ ଅରିମର୍ଦ୍ଦନ ଦୀପ୍ତାକ୍ଷକୁ ପଚାରିଲା, "ଏପରି ଅବସ୍ଥାରେ ତୁମେ କଅଣ ମନେକରୁଛ ?" ସେ କହିଲା, "ମହାରାଜ ! ତାହାକୁ ବଧ କରିବା ଉଚିତ ନୁହେଁ । ଯେହେତୁ –

ଯା ମମୋଦ୍ୱିଜତେ ନିତ୍ୟଂ ସା ମମାଦ୍ୟାଽବଗୂହତେ ।
ପ୍ରିୟକାରକ ! ଭଦ୍ରନ୍ତେ ଯନ୍ମମାଽସ୍ତି ହରସ୍ୱ ତତ୍ ।। ୧୮୬ ।।

ଯିଏ ମୋତେ ସର୍ବଦା ଦୁଃଖ ଦେଇଥାଏ, ସେହି ସ୍ତ୍ରୀ ଆଜି ମୋତେ ଆଲିଙ୍ଗନ କରୁଅଛି । ତେଣୁ ହେ ମୋର ଉପକାରୀ ଚୌର ! ମୋର ଯାହା କିଛି ଅଛି, ସବୁ ହରଣ କରିନିଅ; ତୁମର ମଙ୍ଗଳ ହେଉ । ୧୮୬ ।

ଚୌର ମଧ୍ୟ ଏହା ଶୁଣି କହିଥିଲା –

ହର୍ତବ୍ୟଂ ତେ ନ ପଶ୍ୟାମି ହର୍ତବ୍ୟଂ ଚେଦ୍‌ଭବିଷ୍ୟତି ।
ପୁନରପ୍ୟାଗମିଷ୍ୟାମି ଯଦୀୟଂ ନାବଗୂହତେ ।। ୧୮୭ ।।

ହେ ଗୃହସ୍ଥ ! ତୁମ ଘରେ ଚୋରି କରିବାର ଯୋଗ୍ୟ କୌଣସି ପଦାର୍ଥ ଦେଖିପାରୁନାହିଁ । ଯେତେବେଳେ ତୁମ ଘରେ ଚୋରି କରିବାର ଯୋଗ୍ୟ ପଦାର୍ଥ ହେବ, ସେତେବେଳେ ମୁଁ ତାହା ଚୋରାଇବାପାଇଁ ପୁଣି ଆସିବି; ଅବଶ୍ୟ ଯଦି ତୁମର ଏ ସ୍ତ୍ରୀ ତୁମକୁ ଆଲିଙ୍ଗନ ନ କରେ । ୧୮୭ ।

ଅରିମର୍ଦ୍ଦନ ପଚାରିଲା, "କିଏ ଅବା ସ୍ୱାମୀକୁ ଆଲିଙ୍ଗନ ନକରେ ? ସେ ଚୌର କିଏ ? ଏସବୁ କଥା ବିସ୍ତାରିତ ଭାବରେ ଶୁଣିବାକୁ ମୋର ଇଚ୍ଛା ହେଉଅଛି ।" ଦୀପ୍ତାକ୍ଷ କହିଲା –

ଚୌର-ବୃଦ୍ଧ ବଣିକ କଥା

କୌଣସି ଏକ ନଗରରେ କାମାତୁର ନାମରେ ଜଣେ ବୃଦ୍ଧ ବଣିକ ବାସ-କରୁଥିଲା । କାମବାସନା ହେତୁ ତାର ବୁଦ୍ଧିଭ୍ରଂଶ ଘଟିଲା । ତାର ପତ୍ନୀର ମୃତ୍ୟୁ ହେବାରୁ ସେ ପ୍ରଭୂତ ଧନ ଦେଇ ଜଣେ ନିର୍ଦ୍ଧନ ବଣିକର କନ୍ୟାକୁ ବିବାହ କଲା ।

ବଣିକକନ୍ୟା ଦୁଃଖାଭିଭୂତା ହୋଇ ସେହି ବୃଦ୍ଧ ବଣିକକୁ ଚାହିଁବାକୁ ସୁଦ୍ଧା ଇଚ୍ଛା କରୁନଥିଲା। ଯଥାର୍ଥରେ କଥିତ ଅଛି –

ଶ୍ୱେତଂ ପଦଂ ଶିରସି ଯତ୍ତୁ ଶିରୋରୁହାଣାଂ,
ସ୍ଥାନଂ ପରଂ ପରିଭବସ୍ୟ ତଦେବ ପୁଂସାମ୍।
ଆରୋପିତାଽସ୍ଥିଶକଲଂ ପରିହୃତ୍ୟ ଯାନ୍ତି,
ଚାଣ୍ଡାଲକୂପମିବ ଦୂରତରଂ ତରୁଣ୍ୟଃ।। ୧୮୮ ।।

ବାର୍ଦ୍ଧକ୍ୟ ହେତୁ ମନୁଷ୍ୟର ମସ୍ତକର କେଶରେ ଯେଉଁ ଶୁକ୍ଳତା ଦେଖାଦିଏ, ତାହା ଯୁବତୀମାନଙ୍କର ପରମ ଅପମାନର ପାତ୍ର ହୋଇଥାଏ। ଚାଣ୍ଡାଳର କୂପଉପରେ ଅବସ୍ଥାପିତ ଅସ୍ଥିଖଣ୍ଡକୁ ଦେଖି ଯେପରି ଲୋକେ ତାକୁ ପରିତ୍ୟାଗ କରିଥାନ୍ତି, ସେହିପରି ତରୁଣୀମାନେ ବୃଦ୍ଧକୁ ପରିତ୍ୟାଗ କରନ୍ତି। ୧୮୮। ପୁଣି –

ଗାତ୍ରଂ ସଙ୍କୁଚିତଂ ଗତିର୍ବିଗଲିତା ଦନ୍ତାଶ୍ଚ ନାଶଂ ଗତାଃ,
ଦୃଷ୍ଟିର୍ଭ୍ରାମ୍ୟତି ରୂପମପ୍ୟୁପହତଂ ବକ୍ତ୍ରଞ୍ଚ ଲାଲାୟତେ।
ବାକ୍ୟଂ ନୈବ କରୋତି ବାନ୍ଧବଜନଃ ପତ୍ନୀ ନ ଶୁଶ୍ରୂଷତେ,
ଧିକ୍‌କଷ୍ଟଂ ଜରୟାଭିଭୂତପୁରୁଷଂ ପୁତ୍ରୋଽପ୍ୟବଜ୍ଞାୟତେ।। ୧୮୯ ।।

ବୃଦ୍ଧ ହୋଇଗଲେ ମନୁଷ୍ୟର ଶରୀର ସଂକୁଚିତ ହୋଇଯାଏ; ଗମନ ଶିଥିଳ ହୁଏ; ଦନ୍ତଗୁଡ଼ିକ ବିନଷ୍ଟ ହୁଏ, ଚକ୍ଷୁରେ ଦେଖିହୁଏନାହିଁ; ସୌନ୍ଦର୍ଯ୍ୟ ଚାଲିଯାଏ, ମୁଖରୁ ଲାଳ ବହେ, ବନ୍ଧୁବାନ୍ଧବ ତାହା ସହିତ କଥାବାର୍ତ୍ତା କରନ୍ତି ନାହିଁ, ନିଜର ପତ୍ନୀ ତାର ଶୁଶ୍ରୂଷା କରେନାହିଁ; ପୁତ୍ର ମଧ୍ୟ ତାକୁ ଘୃଣା କରେ। ଜରାଗ୍ରସ୍ତ ପୁରୁଷକୁ ଧିକ୍। ୧୮୯।

ଅନନ୍ତର ଏକସମୟରେ ସେହି ଯୁବତୀ ପତିର ବିପରୀତ ଦିଗକୁ ମୁଖ କରି ତାହା ସହିତ ଏକଶଯ୍ୟାରେ ଥିବା ସମୟରେ ସେ ଗୃହରେ ଚୋର ପ୍ରବେଶ କଲା; ସେ ଚୋରକୁ ଦେଖି ଭୟବ୍ୟାକୁଳ ହୃଦୟରେ ସେହି ବୃଦ୍ଧ ପତିକୁ ଆଲିଙ୍ଗନ କରିପକାଇଲା। ବୃଦ୍ଧ ବଣିକର ଶରୀର ବିସ୍ମୟରେ ପୁଲକିତ ହେଲା। ସେ ଚିନ୍ତା କଲା, 'ଅହୋ! ଆଜି ଏ କାହିଁକି ମୋତେ ଗାଢ଼ଭାବରେ ଆଲିଙ୍ଗନ କରୁଅଛି?' ଉତ୍ତମରୂପେ ନିରୀକ୍ଷଣ କରି ଦେଖିଲା ଯେ ଗୃହର ଏକ କୋଣରେ ଚୋର ଅଛି। ସେ ଭାବିଲା, 'ନିଶ୍ଚୟ ଏହାକୁ ଭୟକରି ସେ ମୋତେ ଆଲିଙ୍ଗନ କରୁଅଛି।' ଏହା ଜାଣିପାରି ସେ ଚୋରକୁ କହିଥିଲା – ''ଯିଏ ମୋତେ ସର୍ବଦା ଦୁଃଖ ଦେଇଥାଏ . . .'' ଇତ୍ୟାଦି।

ହର୍ତବ୍ୟଂ ତେ ନ ପଶ୍ୟାମି ହର୍ତବ୍ୟଂ ଚେଦ୍‌ଭବିଷ୍ୟତି।
ପୁନରପ୍ୟାଗମିଷ୍ୟାମି ଯଦୀୟଂ ନାବଗୂହତେ।। ୧୯୧ ।।

ତାହା ଶୁଣି ଚୋର ମଧ୍ୟ କହିଥିଲା – ''ତୁମ ଘରେ ଚୋରି କରିବାର ଯୋଗ୍ୟ କୌଣସି ପଦାର୍ଥ ଦେଖିପାରୁନାହିଁ . . .'' ଇତ୍ୟାଦି।

ଏହି ହେତୁରୁ ଉପକାରୀ ଚୋରର ମଧ୍ୟ ମଙ୍ଗଳକାମନା କରିବା ଉଚିତ; ପୁଣି ଶରଣାଗତ ପ୍ରାଣୀର କଥା କଅଣ କହିବା? ଆହୁରି ମଧ୍ୟ ସେ ମେଘବର୍ଣ୍ଣ ଉପରେ କୁପିତ ଥିବାରୁ ଆମର ସହାୟ ହେବ ଓ ଆମକୁ ତା'ର ଦୁର୍ବଳତା ଦେଖାଇଦେବ।

ଏହି ସବୁ କାରଣରୁ ଏ ଆମର ଅବଧ୍ୟ।''

ଏହା ଶୁଣି ଅରିମର୍ଦ୍ଦନ ଅବଶିଷ୍ଟ ମନ୍ତ୍ରୀ ବକ୍ରନାସକୁ ପଚାରିଲା, ''ଏପରି ଅବସ୍ଥାରେ ବର୍ତ୍ତମାନ ଆମର କଅଣ କରିବା ଉଚିତ?''

ବକ୍ରନାସ କହିଲା, ''ମହାରାଜ! ତାହାକୁ ବଧ କରିବା ଅନୁଚିତ; କାରଣ –

ଶତ୍ରବୋଽପି ହିତାୟୈବ ବିବଦନ୍ତଃ ପରସ୍ପରମ୍।
ଚୌରେଣ ଜୀବିତଂ ଦତ୍ତଂ ରାକ୍ଷସେନ ତୁ ଗୋଯୁଗମ୍॥ ୧୯୨॥

ପରସ୍ପର ବିବାଦରେ ରତ ଶତ୍ରୁମାନେ ମଧ୍ୟ ହିତକାରୀ ହୋଇଥାନ୍ତି। ଚୋର ଓ ରାକ୍ଷସର ବିବାଦ ହେତୁ ବ୍ରାହ୍ମଣର ଜୀବନରକ୍ଷା ହୋଇଥିଲା ଓ ବାଛୁରୀ ଦୁଇଟି ମଧ୍ୟ ରକ୍ଷାପାଇଥିଲେ। ୧୯୨।

ଅରିମର୍ଦ୍ଦନ କହିଲା, ''ସେ କଥା କଣ?'' ବକ୍ରନାସ କହିଲା –

ବ୍ରାହ୍ମଣ ଓ ଚୌର ପିଶାଚ କଥା

କୌଣସି ନଗରରେ ଦ୍ରୋଣ ନାମରେ ଜଣେ ଦରିଦ୍ର ବ୍ରାହ୍ମଣ ବାସକରୁଥିଲା। ଦାନଗ୍ରହଣ କରିବା ତା'ର ଜୀବିକା ଥିଲା। ସେ କେବେହେଲେ ଉତ୍ତମ ବସ୍ତ୍ର, ଅନୁଲେପନ (କୁଙ୍କୁମ, ଗୋରୋଚନା ଆଦି), ଗନ୍ଧ (ଅତର), ମାଲ୍ୟ, ତାମ୍ବୁଲ ପ୍ରଭୃତି ଭୋଗ୍ୟ ଦ୍ରବ୍ୟ ପାଉ ନଥିଲା। ତାହାର କେଶ, ଶ୍ମଶ୍ରୁ, ନଖ, ରୋମ ପ୍ରଭୃତି ବଢ଼ିଯାଇଥିଲା। ଶୀତ, ରୌଦ୍ର, ପବନ, ବର୍ଷା ପ୍ରଭୃତି ସହ୍ୟକରି ତା'ର ଶରୀର ଶୁଷ୍କ ହୋଇଯାଇଥିଲା।

ଏକଦା ଜଣେ ଯଜମାନ ତାହାକୁ ଦୟା ଦେଖାଇ ଯୋଡ଼ିଏ ଛୋଟ ବାଛୁରୀ ଦେଲା। ବ୍ରାହ୍ମଣ ସେ ଦୁଇଟିଙ୍କୁ ମାଗିଆଣିଥିବା ଘିଅ, ତେଲ, ଘାସ ପ୍ରଭୃତି ଖାଇବାକୁ ଦେଇ ଛୁଆବେଳୁ ବଢ଼ାଇ ପୁଷ୍ଟ କରିଦେଲା।

ବାଛୁରୀ ଦୁଇଟିଙ୍କୁ ଦେଖି ହଠାତ୍ ଜଣେ ଚୋର ଚିନ୍ତା କଲା, 'ମୁଁ ଏହି ବ୍ରାହ୍ମଣର ବାଛୁରୀଯୋଡ଼ିକ ଚୋରାଇ ନେବି।' ଏହା ବିଚାରି ଗଭୀର ରାତ୍ରିରେ ସେ ବାନ୍ଧିବାପାଇଁ ଦଉଡ଼ି ଘେନି ବ୍ରାହ୍ମଣର ଘରକୁ ଯାଉଥିବା ସମୟରେ ଅଧବାଟରେ ଜଣକୁ ଦେଖିଲା। ତା'ର ଦନ୍ତପନ୍ତି ତୀକ୍ଷ୍ଣ ଓ ପରସ୍ପର ବିଚ୍ଛିନ୍ନ ଥିଲା; ନାସା ଉଚ୍ଚ ଥିଲା, ଚକ୍ଷୁଦୁଇଟି ରକ୍ତିମ ଦେଖାଯାଉଥିଲା; ଶିରାଗୁଡ଼ିକ ସ୍ପଷ୍ଟ ଜଣାଯାଉଥିଲା; ତା'ର ଗଣ୍ଡଦେଶ ଶୁଷ୍କ ଦିଶୁଥିଲେ ଓ ତାହାର ଶ୍ମଶ୍ରୁ ଓ କେଶ ଜ୍ୱଳନ୍ତ ଅଗ୍ନିପରି ପିଙ୍ଗଳବର୍ଣ୍ଣ ଧାରଣ କରିଥିଲା।

ଚୋର ତାହାକୁ ଦେଖି ଭୟତ୍ରସ୍ତ ହୋଇଥିଲେ ମଧ୍ୟ ପଚାରିଲା, ''ଆପଣ କିଏ?''

ପୁରୁଷଟି ଉତ୍ତର କଲା, ''ମୁଁ ଜଣେ ବ୍ରହ୍ମରାକ୍ଷସ; ମୋର ନାମ ସତ୍ୟବଚନ। ଆପଣ ମଧ୍ୟ ନିଜର ପରିଚୟ ଦିଅନ୍ତୁ।'' ସେ କହିଲା, ''ମୁଁ ଜଣେ କ୍ରୂରକର୍ମା

ଚୌର; ଦରିଦ୍ର ବ୍ରାହ୍ମଣର ବାଛୁରୀଦୁଇଟିକୁ ଚୋରାଇବାକୁ ଯାଉଛି।''

ତହୁଁ ବ୍ରହ୍ମରାକ୍ଷସ ତାକୁ ବିଶ୍ୱାସ କରି କହିଲା, ''ମୁଁ ଛଅଦିନରେ ଥରେ ଖାଏଁ। ମୋର ଆଜି ଖାଇବା ଦିନ। ମୁଁ ସେହି ବ୍ରାହ୍ମଣକୁ ଖାଇବାପାଇଁ ଯାଉଛି। ବେଶ୍ ଭଲ ହେଲା – ଆମ ଦୁହିଁଙ୍କର କାମ ସମାନ।''

ତହୁଁ ଦୁହେଁଯାକ ଏକସଙ୍ଗରେ ବ୍ରାହ୍ମଣ ଘରକୁ ଯାଇ ସୁଯୋଗ ଅପେକ୍ଷାରେ ଲୁଚିରହିଲେ। ବ୍ରାହ୍ମଣ ଶୋଇପଡ଼ିବାରୁ ରାକ୍ଷସ ତାହାକୁ ଖାଇବାପାଇଁ ଯାଉଥିବାର ଦେଖି ଚୋର କହିଲା, ''ଭଦ୍ର! ତୁମେ ଅନ୍ୟାୟ କରିବାକୁ ଯାଉଛ। ମୁଁ ଆଗ ବାଛୁରୀ ଦୁଇଟିକୁ ନେଇଯିବାପରେ ତୁମେ ସେ ବ୍ରାହ୍ମଣକୁ ଖାଅ।''

ରାକ୍ଷସ କହିଲା, ''ଯଦି ବ୍ରାହ୍ମଣ ବାଛୁରୀର ରାବ ଶୁଣି ଉଠିପଡ଼େ, ତେବେ ମୋର ଉଦ୍ଦେଶ୍ୟ ବିଫଳ ହେବ।''

ଚୋର ମଧ୍ୟ କହିଲା, ''ତୁମେ ତାକୁ ଖାଇବାକୁ ପହଞ୍ଚିଲାବେଳେ ଯଦି କିଛି ବିଘ୍ନ ଘଟେ, ତେବେ ମୁଁ ବାଛୁରୀ ଚୋରାଇ ପାରିବି ନାହିଁ। ତେଣୁ ମୁଁ ଆଗେ ବାଛୁରୀ ନେଇଯିବାପରେ ତୁମେ ତାକୁ ଖାଇବା ଉଚିତ ହେବ।''

ଏହିପରି ଅହମିକାବଶତଃ ଦୁହିଁଙ୍କ ମଧ୍ୟରେ ବିବାଦ ହେଲା; ପାଟିତୁଣ୍ଡ ହେବାରୁ ବ୍ରାହ୍ମଣ ଉଠିପଡ଼ିଲା। ତହୁଁ ଚୋର କହିଲା, ''ହେ ବ୍ରାହ୍ମଣ! ଏ ରାକ୍ଷସ ତୋତେ ଖାଇବାକୁ ମନକରି ଆସିଛି।''

ରାକ୍ଷସ ମଧ୍ୟ କହିଲା, ''ହେ ବ୍ରାହ୍ମଣ! ଏ ଚୋର ତୋର ବାଛୁରୀ ଚୋରାଇବାକୁ ମନକରି ଆସିଛି।''

ବ୍ରାହ୍ମଣ ଦୁହିଁଙ୍କର କଥା ଶୁଣି ସାବଧାନ ହୋଇଗଲା ଓ ଇଷ୍ଟଦେବତାଙ୍କ ମନ୍ତ୍ର ଧ୍ୟାନ କରି ନିଜକୁ ରାକ୍ଷସଠାରୁ ରକ୍ଷାକଲା ଏବଂ ଯଷ୍ଟି ସାହାଯ୍ୟରେ ଚୋରଠାରୁ ବାଛୁରୀ ଦୁଇଟିକୁ ରକ୍ଷାକଲା।

ଏହି ହେତୁରୁ ମୁଁ କହୁଥିଲି ଯେ, 'ଶତ୍ରବୋଽପିହିତାୟୈବ. . .' ଇତ୍ୟାଦି।

ଅନନ୍ତର ତାହାର କଥା ଶୁଣିସାରି ଅରିମର୍ଦ୍ଦନ ପୁଣି ପ୍ରାକାରକର୍ଣ୍ଣକୁ ପଚାରିଲା, ''ତୁମେ ଏ ବିଷୟରେ କଅଣ ମନେକରୁଛ, କହ।''

ସେ କହିଲା, ''ମହାରାଜ! ଏ ହେଉଛି ଅବଧ୍ୟ; କାରଣ ଏହାର ଜୀବନରକ୍ଷା କରିଥିଲେ ହୁଏତ କେତେବେଳେ ଉଭୟ ପକ୍ଷ ମଧ୍ୟରେ ପ୍ରୀତି ପ୍ରତିଷ୍ଠିତ ହେବ ଓ ସମୟ ସୁଖରେ କଟିଯିବ। କଥିତ ଅଛି –

ପରସ୍ପରସ୍ୟ ମର୍ମାଣି ଯେ ନ ରକ୍ଷନ୍ତି ଜନ୍ତବଃ।
ତ ଏବ ନିଧନଂ ଯାନ୍ତି ବଲ୍ମୀକୋଦର ସର୍ପବତ୍॥ ୧୯୩॥

ଯେଉଁ ପ୍ରାଣୀମାନେ ପରସ୍ପରର ମର୍ମକଥାକୁ ଲୁଚାଇ ରଖନ୍ତି ନାହିଁ, ସେମାନେ ବଲ୍ମୀକଗର୍ଭସ୍ଥିତ ସର୍ପସଦୃଶ ନିହତ ହୁଅନ୍ତି। ୧୯୩।

ଅରିମର୍ଦ୍ଦନ ପଚାରିଲା, 'ସେ କଥା କଅଣ ?'' ପ୍ରାକାରକର୍ଣ୍ଣ କହିଲା –

ବଲ୍ମୀକ-ଉଦରସ୍ଥ ସର୍ପ କଥା

କୌଣସି ନଗରରେ ଦେବଶକ୍ତି ନାମରେ ଜଣେ ରାଜା ଥିଲେ। ତାଙ୍କର ଗୋଟିଏ ପୁତ୍ର ଥିଲା। ଏହି ପୁତ୍ରର ଉଦରରେ ଗୋଟିଏ ସର୍ପ ରହିଥିବା ହେତୁରୁ ଦିନକୁ ଦିନ ତାହାର ଶରୀର କ୍ଷୀଣ ହୋଇଯାଉଥିଲା। ଅନେକ ଉପଚାର କରାଗଲା; ଶ୍ରେଷ୍ଠ ବୈଦ୍ୟମାନେ ଶାସ୍ତ୍ରବିହିତ ବିବିଧ ଔଷଧ ଦେଲେ; କିନ୍ତୁ ସେ ସୁସ୍ଥ ହେଲାନାହିଁ। ଅନନ୍ତର ଉକ୍ତ ରାଜପୁତ୍ର ବିରକ୍ତ ହୋଇ ଅନ୍ୟ ଏକ ଦେଶକୁ ଚାଲିଗଲା। ସେ ଗୋଟିଏ ନଗରରେ ଭିକ୍ଷା ମାଗି ଏକ ବଡ଼ ମନ୍ଦିରରେ ରହି କାଳ କଟାଇବାକୁ ଲାଗିଲା।

ସେହି ନଗରରେ ବଳି ବୋଲି ଜଣେ ରାଜା ଥିଲେ। ତାଙ୍କର ଦୁଇଟି ଯୁବତୀ କନ୍ୟା ଥିଲେ। ସେ ଦୁହେଁ ପ୍ରତିଦିନ ସୂର୍ଯ୍ୟୋଦୟ ସମୟରେ ଆସି ପିତାଙ୍କ ପାଦତଳେ ନମସ୍କାର କରୁଥିଲେ। ଏହି ସମୟରେ ଦୁହିଁଙ୍କ ମଧ୍ୟରୁ ଜଣେ କହୁଥିଲା, ''ଯାହାଙ୍କ ପ୍ରସାଦରୁ ସକଳ ସୁଖ ଲାଭ ହୁଏ, ସେହି ରାଜାଙ୍କର ବିଜୟ ହେଉ।'' କିନ୍ତୁ ଦ୍ୱିତୀୟ କନ୍ୟାଟି କେବଳ କହୁଥିଲା, ''ମହାରାଜ! ନିଜର କର୍ମଫଳ ଭୋଗକରନ୍ତୁ।''

ରାଜା ଏହା ଶୁଣି କୁପିତ ହୋଇ ମନ୍ତ୍ରୀମାନଙ୍କୁ କହିଲେ, ''ହେ ମନ୍ତ୍ରିଗଣ! ଏ କଟୁଭାଷିଣୀ କନ୍ୟାକୁ ନେଇ କୌଣସି ବିଦେଶୀ ଲୋକକୁ ଦେଇପକାଅ ଯେ ସେ ନିଜର କର୍ମଫଳ ଭୋଗକରିବ।'' ମନ୍ତ୍ରୀମାନେ 'ଯଥା ଆଜ୍ଞା' କହି ଜଣେ ଦୁଇଜଣ ପରିଜନ ସହିତ ରାଜକନ୍ୟାକୁ ନେଇ ସେହି ମନ୍ଦିରରେ ରହୁଥିବା ବିଦେଶୀ ରାଜପୁତ୍ର ହସ୍ତରେ ଅର୍ପଣ କଲେ।

ରାଜକନ୍ୟା ଆନନ୍ଦିତ ମନରେ ତାକୁ ପତିଦେବତା ବୋଲି ଜ୍ଞାନକଲା ଏବଂ ତାକୁ ସଙ୍ଗରେ ନେଇ ଅନ୍ୟ ଏକ ଦେଶକୁ ଗଲା। ସେଠାରେ ଗୋଟିଏ ଦୂରବର୍ତ୍ତୀ ନଗରର ପୁଷ୍କରିଣୀ ତୀରରେ ଘରର ରକ୍ଷା ନିମନ୍ତେ ରାଜପୁତ୍ରକୁ ରଖି ସେ ନିଜେ ଘୃତ, ତୈଳ, ଲବଣ, ତଣ୍ଡୁଳ ପ୍ରଭୃତି କ୍ରୟ କରିବାକୁ ଦାସୀ ସହିତ ଗଲା। ସେ କ୍ରୟବିକ୍ରୟ ଶେଷ କରି ଫେରିଲାବେଳକୁ ରାଜପୁତ୍ର ଏକ ବଲ୍ମୀକ (ଉଇହୁଙ୍କା) ଉପରେ ମସ୍ତକ ରଖି ଶୋଇରହିଥିଲା। ତା'ର ମୁଖବାଟେ ସର୍ପଟି ଫଣା ବାହାର କରି ବାୟୁସେବନ କରୁଥିଲା। ଏହି ସମୟରେ ବଲ୍ମୀକରୁ ଅନ୍ୟ ଏକ ସର୍ପ ବାହାରି ସେହିପରି ବାୟୁ ସେବନ କରିବାକୁ ଲାଗିଲା। ଦୁହେଁ ପରସ୍ପରକୁ ଦେଖି କ୍ରୋଧରେ ଚକ୍ଷୁକୁ ରକ୍ତବର୍ଣ୍ଣ କରିଦେଲେ। ଦୁହିଁଙ୍କ ମଧ୍ୟରୁ ବଲ୍ମୀକସ୍ଥିତ ସର୍ପ କହିଲା, ''ଆରେ ଦୁରାତ୍ମା! ସର୍ବାଙ୍ଗସୁନ୍ଦର ଏ ରାଜପୁତ୍ରକୁ ତୁ କାହିଁକି ଏପରି କଷ୍ଟ ଦେଉଛୁ?''

ରାଜପୁତ୍ରର ମୁଖରେ ଥିବା ସର୍ପ କହିଲା, ''ତୁ ଦୁରାତ୍ମା କାହିଁକି ବଲ୍ମୀକସ୍ଥିତ ସ୍ୱର୍ଣ୍ଣପରିପୂର୍ଣ୍ଣ କଳସ ଦୁଇଟିକୁ ଦୂଷିତ କରୁଛୁ?'' ଏହିପରି ଦୁହେଁ ପରସ୍ପରର ମର୍ମକଥା ପ୍ରକାଶ କରିବାକୁ ଲାଗିଲେ। ବଲ୍ମୀକସ୍ଥିତ ସର୍ପ କହିଲା, ''ଆରେ ଦୁଷ୍ଟ! ତୋର ଔଷଧ କଅଣ କେହି ଜାଣିନାହାନ୍ତି କି– ପୁରୁଣା କାଞ୍ଜୀରେ ସୋରିଷକୁ ବାଟି ରାଜପୁତ୍ରକୁ ପିଆଇ ଦେଲେ ତୁ ମରିବୁ।'' ରାଜପୁତ୍ରର ଉଦରସ୍ଥିତ ସର୍ପ କହିଲା,

''ତୋର ଔଷଧ କଅଣ କେହି ଜାଣିନାହାନ୍ତି ଯେ– ତପ୍ତତୈଳ ବା ତପ୍ତଜଳଦ୍ୱାରା ତୋର ମୃତ୍ୟୁ ହେବ।''

ରାଜକନ୍ୟା ବୃକ୍ଷର ଅନ୍ତରାଳରେ ରହି ଦୁଇ ସର୍ପଙ୍କର କଥାବାର୍ତ୍ତାରୁ ଦୁହିଁଙ୍କର ମର୍ମକଥା (ମରଣର ଉପାୟ) ଶୁଣି ସେହିପରି କଲା (ଅର୍ଥାତ୍ କାଞ୍ଜୀରେ ସୋରିଷ ବାଟି ରାଜପୁତ୍ରକୁ ପିଆଇଲା ଓ ତତଲା ତେଲ ନେଇ ହୁଙ୍କାର ଗାତରେ ଢାଳିଲା)। ତତ୍ପରେ ରାଜକନ୍ୟା ସ୍ୱାମୀକୁ ପୂର୍ଣ୍ଣାଙ୍ଗ ଓ ନୀରୋଗ କରି ଏବଂ ପ୍ରଚୁର ଧନ ଘେନି ସ୍ୱଦେଶ ଅଭିମୁଖରେ ଗଲା। ପିତାମାତା ଓ ସ୍ୱଜନଙ୍କଠାରୁ ଆଦର ଲାଭ କରି ନିଜର କର୍ମଫଳ ଭୋଗି ସେ ସୁଖରେ ରହିଲା।

ଏହି ହେତୁରୁ ମୁଁ କହୁଥିଲି ଯେ 'ପରସ୍ପରସ୍ୟ ମର୍ମାଣି ...' ଇତ୍ୟାଦି–

ଏହା ଶୁଣି ସ୍ୱୟଂ ଅରିମର୍ଦ୍ଦନ ମଧ୍ୟ ସେହି କଥାକୁ (ଶରଣାଗତର ରକ୍ଷା) ସମର୍ଥନ କଲା। ତାହାହିଁ କରାଯିବାର ଦେଖି ରକ୍ତାକ୍ଷ ମନେ ମନେ ହସି ପୁଣି କହିଲା, ''ଦୁଃଖର କଥା, ତୁମେମାନେ ଅନୀତିପୂର୍ବକ ଆମର ପ୍ରଭୁଙ୍କୁ ବିନାଶ କରିଦେଲ। କଥିତ ଅଛି–

ଅପୂଜ୍ୟା ଯତ୍ର ପୂଜ୍ୟନ୍ତେ ପୂଜ୍ୟାନାଂ ତୁ ବିମାନନା।
ତ୍ରୀଣି ତତ୍ର ପ୍ରବର୍ତ୍ତନ୍ତେ ଦୁର୍ଭିକ୍ଷଂ ମରଣଂ ଭୟମ୍।। ୧୯୪ ।।

ଯେଉଁ ଦେଶରେ ଅପୂଜ୍ୟ ଲୋକ ପୂଜା ପାଏ, ପୂଜ୍ୟ ଲୋକ ଅପମାନ ପାଏ, ସେ ଦେଶରେ ଦୁର୍ଭିକ୍ଷ, ମରଣ ଓ ଭୟ ଏ ତିନୋଟି ଉପସ୍ଥିତ ହୁଅନ୍ତି। ୧୯୪। ପୁଣି–

ପ୍ରତ୍ୟକ୍ଷେଽପି କୃତେ ପାପେ ମୂର୍ଖଃ ସାମ୍ନା ପ୍ରଶାମ୍ୟତି।
ରଥକାରଃ ସ୍ୱକାଂ ଭାର୍ଯ୍ୟାଂ ସଜାରାଂ ଶିରସାଽବହତ୍।। ୧୯୫ ।।

ମୂର୍ଖ ଲୋକ ଆଖି ଆଗରେ ପାପକାର୍ଯ୍ୟ ଦେଖିଲେ ସୁଦ୍ଧା (ସାମ ନୀତିରେ) ମଧୁର କଥାରେ ଶାନ୍ତ ହୋଇଯାଏ। (ଦୃଷ୍ଟାନ୍ତ ସ୍ୱରୂପ) ରଥକାର ନିଜର ଭାର୍ଯ୍ୟାକୁ ତା'ର ଜାରପୁରୁଷ ସହିତ ମୁଣ୍ଡରେ ବସାଇ ନେଇଗଲା। ୧୯୫।

ମନ୍ତ୍ରୀମାନେ ପଚାରିଲେ, ''ସେ କିପରି କଥା ?'' ରକ୍ତାକ୍ଷ କହିଲା–

ରଥକାରବଧୂ କଥା

କୌଣସି ନଗରରେ ବୀରବର ବୋଲି ଜଣେ ରଥକାର (ବଢ଼େଇ) ଥିଲା। ତାହାର ଭାର୍ଯ୍ୟାର ନାମ କାମଦମନୀ। ସେ ବ୍ୟଭିଚାରିଣୀ ବୋଲି ଲୋକେ ତାଙ୍କୁ ଅପବାଦ ଦେଉଥିଲେ। ତାହାକୁ ପରୀକ୍ଷା କରିବାପାଇଁ ବୀରବର ଚିନ୍ତାକଲା– 'ମୁଁ ଏହାକୁ ପରୀକ୍ଷା କରିବା ଉଚିତ; କାରଣ କଥିତ ଅଛି–

ଯଦି ସ୍ୟାତ୍ପାବକଃ ଶୀତଃ ପ୍ରୋଷ୍ଣୋ ବା ଶଶଲାଞ୍ଛନଃ।
ସ୍ତ୍ରୀଣାଂ ତଦା ସତୀତ୍ୱଂ ସ୍ୟାଦ୍ୟଦିସ୍ୟାଦ୍ ଦୁର୍ଜନୋ ହିତଃ।। ୧୯୬।।

ଯଦି ଅଗ୍ନି ଶୀତଳ ହୁଏ, ଚନ୍ଦ୍ରମା ଉଷ୍ଣ ହୁଏ ଓ ଦୁର୍ଜନ ହିତକାରୀ ହୁଏ, ତେବେ ସ୍ତ୍ରୀମାନଙ୍କର ସତୀତ୍ୱ ଅଛି ବୋଲି କୁହାଯାଇପାରେ। ୧୯୬।

ଲୋକଙ୍କ କଥାରୁ ମୁଁ ଜାଣିଛି ଯେ, ଏ ଅସତୀ। କଥିତ ଅଛି–

ଯଚ୍ଚ ବେଦେଷୁ ଶାସ୍ତ୍ରେଷୁ ନ ଦୃଷ୍ଟଂ ନ ଚ ସଂଶ୍ରୁତମ୍।
ତତ୍ସର୍ବଂ ବେତ୍ତି ଲୋକୋଽୟଂ ଯତ୍ସ୍ୟାଦ୍ ବ୍ରହ୍ମାଣ୍ଡମଧ୍ୟଗମ୍॥ ୧୯୭॥

ଯେଉଁ କଥା ବେଦରେ କିମ୍ବା ଶାସ୍ତ୍ରରେ ଦେଖାନାହିଁ କି ଶୁଣାନାହିଁ, କିନ୍ତୁ ବ୍ରହ୍ମାଣ୍ଡ ଭିତରେ ଯାହା କିଛି ଘଟୁଛି, ସେ କଥା ଲୋକସାଧାରଣ ଜାଣିଥାନ୍ତି। ୧୯୭।

ଏହିପରି ବିଚାର କରି ସେ ଭାର୍ଯ୍ୟାକୁ କହିଲା, ''ହେ ପ୍ରିୟେ! ସକାଳୁ ମୁଁ ଅନ୍ୟ ଗୋଟିଏ ଗ୍ରାମକୁ ଯିବି। ସେଠାରେ ମୋର କେତେ ଦିନ କାମ ଲାଗିଯିବ। ତୁ ମୋର ଖାଇବାଯୋଗ୍ୟ କିଛି ପାଥେୟ ତିଆରି କରି ଦେ।'' ରଥକାରର କଥା ଶୁଣି ସେ ହୃଷ୍ଟଚିତ୍ତ ହୋଇ ଅନ୍ୟ ସବୁ କାର୍ଯ୍ୟ ଛାଡ଼ି ଘିଅ ଓ ଚିନିରେ ମିଷ୍ଟାନ୍ନ ତିଆରି କରିଦେଲା। ଅଥବା ଯଥାର୍ଥରେ କୁହାଯାଇଛି–

ଦୁର୍ଦ୍ଦିବସେ ଘନତିମିରେ ଦୁଃସଞ୍ଚାରେଷୁ ନଗରମାର୍ଗେଷୁ।
ପତ୍ୟୁର୍ବିଦେଶଗମନେ ରମଣସୁଖଂ ଜଘନଚପଳାୟାଃ॥ ୧୯୮॥

ଯେଉଁ ଦିନ ମେଘାଚ୍ଛନ୍ନ ହୋଇଥାଏ, ଗାଢ଼ ଅନ୍ଧକାର ହୋଇଥାଏ, ମେଘ ବୃଷ୍ଟି କରୁଥାଏ, ଘୋର ନିର୍ଜନ ହୋଇଥାଏ ଓ ପତି ବିଦେଶକୁ ଯାଇଥାଏ, ସେଦିନ ବ୍ୟଭିଚାରିଣୀ ରମଣୀର ପରମ ଆନନ୍ଦ ହୁଏ। ୧୯୮।

ଅନନ୍ତର ରଥକାର ପ୍ରଭାତରୁ ଉଠି ଘରୁ ବାହାରିଗଲା। ତାର ଭାର୍ଯ୍ୟା ସ୍ୱାମୀ ଚାଲିଗଲାଣି ବୋଲି ମନେକରି ହସି ହସି ବେଶଭୂଷା ହୋଇ କୌଣସିମତେ ଦିନଯାକ କଟାଇଲା। ତତ୍ପରେ ସେ ପୂର୍ବପରିଚିତ ବିଟପୁରୁଷର ଘରକୁ ଯାଇ ତାକୁ କହିଲା, ''ମୋର ସେ ଦୁଷ୍ଟ ସ୍ୱାମୀ ଅନ୍ୟ ଗ୍ରାମକୁ ଯାଇଛି। ଲୋକେ ଶୋଇପଡ଼ିଲାପରେ ତୁମେ ଆମ ଘରକୁ ଆସିବ।'' ଏହା କହି ସେ ନିଜ ଘରକୁ ଫେରିଆସିଲା।

ରଥକାର ଦିନଟିଯାକ ଅରଣ୍ୟରେ କଟାଇ ସନ୍ଧ୍ୟାବେଳକୁ ଗୋଟିଏ ଚୋରା ଦ୍ୱାରବାଟେ ଘର ଭିତରେ ପ୍ରବେଶ କରି ଖଟତଳେ ଲୁଚିରହିଲା। ଏହି ସମୟରେ ସେ ଦେବଦତ୍ତ ଆସି ଖଟ ଉପରେ ବସିଲା। ତାକୁ ଦେଖି ରଥକାର କ୍ରୋଧରେ ଜର୍ଜରିତ ହୋଇ ଚିନ୍ତାକଲା– 'ଉଠିପଡ଼ି ଏହାକୁ ମାରିପକାଇବି କି ? ଅଥବା ଶୋଇପଡ଼ିଲେ ସହଜରେ ଦୁଇଜଣଯାକଙ୍କୁ ଏକାଠି ବଧ କରିବି ? ଆଚ୍ଛା, ଏ ସ୍ତ୍ରୀର ଚେଷ୍ଟା ଦେଖିନିଏଁ, ଏ ଲୋକଟା ସହିତ ତାର କଥାବାର୍ତ୍ତା ଶୁଣେ।'

ଏହାପରେ ସେ ସ୍ତ୍ରୀ ଘରର ଦ୍ୱାରକୁ ଭଲରୂପେ ବନ୍ଦକରି ଖଟ ଉପରକୁ ଉଠିଗଲା। ଉଠିଲାବେଳକୁ ତାହାର ପାଦ ରଥକାରର ଦେହରେ ବାଜିଗଲା। ତହୁଁ ସେ ବିଚାର କଲା– 'ନିଶ୍ଚୟ ଏ ଦୁଷ୍ଟ ରଥକାର ମୋତେ ପରୀକ୍ଷା କରିବାପାଇଁ ଏଠାରେ ରହିଛି; ତେଣୁ ମୁଁ ମଧ୍ୟ ନାରୀଚରିତ୍ରର ଗୋଟାଏ କିଛି ବିଶେଷତ୍ୱ ଦେଖାଇଦିଏଁ।'

ଏହିପରି ସେ ଚିନ୍ତା କରୁଥିବାବେଳେ ଦେବଦତ୍ତ ତାକୁ ସ୍ପର୍ଶ କରିବାକୁ ବ୍ୟଗ୍ର ହୋଇପଡ଼ିଲା। ରଥକାରର ସ୍ତ୍ରୀ ହାତଯୋଡ଼ି କହିଲା, ''ହେ ମହାନୁଭବ, ମୋର ଶରୀରକୁ ତୁମେ ସ୍ପର୍ଶ କରିବା ଉଚିତ ନୁହେଁ; କାରଣ ମୁଁ ପତିବ୍ରତା ଓ ମହାସତୀ। ଯଦି ସ୍ପର୍ଶ କର, ତେବେ ଶାପ ଦେଲେ ତୁମେ ଭସ୍ମ ହୋଇଯିବ।'' ଦେବଦତ୍ତ କହିଲା, ''ଯେବେ ଏପରି କଥା, ତାହାହେଲେ ମୋତେ ଡକାଇଥିଲ କାହିଁକି?'' ସେ କହିଲା – ''ଏକାଗ୍ରମନରେ ମୋ କଥା ଶୁଣ –

ଆଜି ସକାଳେ ମୁଁ ଦେବତା ଦର୍ଶନ କରିବାପାଇଁ ଚଣ୍ଡୀମନ୍ଦିରକୁ ଯାଇଥିଲି। ସେଠାରେ ଅକସ୍ମାତ୍ ଆକାଶବାଣୀ ହେଲା – 'ବତ୍ସେ! କଅଣ କରିବି? ତୁ ମୋର ଭକ୍ତ; କିନ୍ତୁ ଦୈବଯୋଗେ ଛଅମାସ ମଧ୍ୟରେ ତୁ ବିଧବା ହୋଇଯିବୁ।' ତହୁଁ ମୁଁ କହିଲି, 'ଭଗବତି! ତୁମେ ଯେପରି ଭବିଷ୍ୟତ ବିପଦ କଥା ଜାଣ, ସେହିପରି ତାହାର ପ୍ରତିକାର ମଧ୍ୟ ଜାଣ। ତେଣୁ ମୋର ପତି କିପରି ଶତବର୍ଷ ପର୍ଯ୍ୟନ୍ତ ଜୀବିତ ରହିବେ, ତାହାର କିଛି ଉପାୟ ଅଛି କି?' ତପ୍ରରେ ଦେବୀ କହିଲେ, 'ବତ୍ସେ! ଉପାୟ ଥିଲେ ମଧ୍ୟ ନାହିଁ; କାରଣ ସେ ପ୍ରତିକାରଟି କେବଳ ତୋରି ଅଧୀନ।' ଏହା ଶୁଣି ମୁଁ କହିଲି, 'ଦେବି! ଯଦି ଉପାୟ ଅଛି, ମୋତେ ଆଦେଶ ଦିଅ। ମୁଁ ପ୍ରାଣ ଦେଇ ତାହା କରିବି।'

ତପ୍ରରେ ଦେବୀ କହିଲେ, 'ଯଦି ଆଜି ରାତ୍ରିରେ ତୁ ପରପୁରୁଷ ସହିତ ଏକଶଯ୍ୟାରେ ରହି ତାକୁ ଆଲିଙ୍ଗନ କରିବୁ, ତେବେ ତୋ ସ୍ୱାମୀର ଅପମୃତ୍ୟୁ ଦୂର ହୋଇଯିବ। ତୋର ସ୍ୱାମୀ ଶତବର୍ଷ ପର୍ଯ୍ୟନ୍ତ ଜୀବିତ ରହିବ। ଏହି ଉଦ୍ଦେଶ୍ୟରେ ମୁଁ ତୁମକୁ ଡକାଇ ଅଛି। ଏବେ ଯାହା ଇଚ୍ଛା, ତାହା କର। ଦେବୀଙ୍କର ବାକ୍ୟ କଦାପି ଅନ୍ୟଥା ହେବନାହିଁ, ଏହା ନିଶ୍ଚୟ।' ତପ୍ରରେ ସେ ଦେବଦତ୍ତ ମନେମନେ ହସି ପ୍ରସନ୍ନ ଚିତ୍ତରେ ତାହାକୁ ଆଲିଙ୍ଗନ କଲା।

ସେ ମୂର୍ଖ ରଥକାର ସ୍ତ୍ରୀର ଏହି କଥା ଶୁଣି ପୁଲକିତ ଶରୀରରେ ଖଟତଳୁ ବାହାରି ଆସି ତାକୁ କହିଲା, ''ହେ ପତିବ୍ରତେ! ତୁ ଧନ୍ୟ! ତୁ କୁଳର ଆନନ୍ଦର କାରଣ। ଦୁଷ୍ଟ ଲୋକଙ୍କର କଥା ଶୁଣି ମନରେ ସଂଶୟ ଜନ୍ମିବାରୁ ତୋତେ ପରୀକ୍ଷା କରିବା ନିମନ୍ତେ ମୁଁ ଗ୍ରାମାନ୍ତରକୁ ଯାଉଛି ବୋଲି ମିଛରେ କହି ଖଟତଳେ ଲୁଚିରହିଥିଲି। ଏବେ ଆସି ମୋତେ ଆଲିଙ୍ଗନ କର। ପତିଭକ୍ତା ରମଣୀମାନଙ୍କ ମଧ୍ୟରେ ତୁ ଅଗ୍ରଗଣ୍ୟା। ସେଥିପାଇଁ ତୁ ପରପୁରୁଷ ସଙ୍ଗେ ଏକଶଯ୍ୟାରେ ଶୋଇ ମଧ୍ୟ ଏପରି ମହାବ୍ରତ ପାଳନ କରିପାରିଲୁ, ମୋର ଆୟୁଷ ବୃଦ୍ଧି ପାଇଁ ଓ ଅପମୃତ୍ୟୁର ନିବାରଣ ପାଇଁ ତୁ ଏହା କଲୁ।'' ରଥକାର ଏହିପରି କହି ତା'ର ବ୍ୟଭିଚାରିଣୀ ସ୍ତ୍ରୀକୁ ଆଲିଙ୍ଗନ କଲା।

ତପ୍ରରେ ରଥକାର ତାହାକୁ କାନ୍ଧରେ ବସାଇ ଦେବଦତ୍ତକୁ କହିଲା, ''ହେ ମହାନୁଭବ! ତୁମେ ମଧ୍ୟ ମୋର ଉପକାର କରିଅଛ। ମୋର ପୁଣ୍ୟବଳରୁ ତୁମେ ଏଠାକୁ ଆସିଥିଲ। ତୁମରି ଅନୁଗ୍ରହରୁ ମୁଁ ଶତସମ୍ବତ୍ସର ପରମାୟୁ ପାଇଲି; ତେଣୁ ତୁମେ ମଧ୍ୟ ମୋତେ ଆଲିଙ୍ଗନ କରି ମୋ କାନ୍ଧି ଉପରେ ବସ।'' ଏହିପରି କହି ଓ ଦେବଦତ୍ତର ଅନିଚ୍ଛାସତ୍ତ୍ୱେ ତାକୁ ଆଲିଙ୍ଗନ କରି ବଳପୂର୍ବକ କାନ୍ଧରେ ବସାଇଲା।

ତତ୍ପରେ ନୃତ୍ୟ କରି ଓ 'ହେ ମହାବ୍ରତଧାରୀମାନଙ୍କର ଅଗ୍ରଣୀ, ତୁମେ ମଧ୍ୟ ମୋର ଉପକାର କରିଅଛ' ଏହା କହି କହି ରଥକାର ସେ ଦୁହିଁଙ୍କୁ କାନ୍ଧରୁ ଓହ୍ଲାଇ ଦେଇ ଯେତେ ବନ୍ଧୁଙ୍କ ଦ୍ୱାରକୁ ଗଲା, ସବୁଠାରେ ସେ ଦୁହିଁଙ୍କର ଗୁଣ ବର୍ଣ୍ଣନା କରିବାକୁ ଲାଗିଲା। ଏହି ହେତୁରୁ ମୁଁ କହୁଥିଲି– 'ପ୍ରତ୍ୟକ୍ଷେଽପି କୃତେପାପେ ' ଇତ୍ୟାଦି। ଆପଣମାନଙ୍କର ମୂର୍ଖତାଯୋଗୁଁ ଆମ ସମସ୍ତଙ୍କର ବିନାଶ ଘଟିବ। ଯଥାର୍ଥରେ କୁହାଯାଇଥାଏ –

ମିତ୍ରରୂପା ହି ରିପବଃ ସମ୍ଭାବ୍ୟନ୍ତେ ବିଚ଼କ୍ଷଣାଃ।
ଯେ ହିତଂ ବାକ୍ୟମୁତ୍ସୃଜ୍ୟ ବିପରୀତୋପସେବିନଃ।। ୧୯୯ ।।
ସନ୍ତୋଽପ୍ୟର୍ଥା ବିନଶ୍ୟନ୍ତି ଦେଶକାଳବିରୋଧିନଃ।
ଅପ୍ରାଜ୍ଞାନ୍ ମନ୍ତ୍ରିଣଃ ପ୍ରାପ୍ୟ ତମଃ ସୂର୍ଯ୍ୟୋଦୟେ ଯଥା।। ୨୦୦ ।।

ଯେଉଁ ଲୋକ ହିତ ବଚ଼ନ ନ କହି ଅହିତ ଉପଦେଶ ଦେଇଥାନ୍ତି, ବିଜ୍ଞ ଲୋକମାନଙ୍କ ମତରେ ସେମାନେ ହେଉଛନ୍ତି ମିତ୍ରରୂପୀ ଶତ୍ରୁ। ୧୯୯। ଆହୁରି ମଧ୍ୟ– ରାଜନୀତିରେ ଅନଭିଜ୍ଞ ମନ୍ତ୍ରୀମାନେ ଥିଲେ, ଦେଶ-କାଳର ବିରୁଦ୍ଧ ଆଚ଼ରଣପୂର୍ବକ ରାଜାମାନେ ଅର୍ଥ ଥାଉ ଥାଉ ସୂର୍ଯ୍ୟୋଦୟରେ ଅନ୍ଧକାର ଭଳି ବିନାଶପ୍ରାପ୍ତ ହୋଇଥାନ୍ତି। ୨୦୦।

ତତ୍ପରେ ରକ୍ତାକ୍ଷର କଥାକୁ ଅବହେଳା କରି ସେମାନେ ସମସ୍ତେ ସ୍ଥିରଜୀବୀକୁ ଟେକି ନିଜ ଦୁର୍ଗକୁ ନେବାକୁ ବସିଲେ। ଏହିପରି ନିଆଗଲାବେଳେ ସ୍ଥିରଜୀବୀ କହିଲା, ''ପ୍ରଭୁ, ଆଜି ଅକିଞ୍ଚିତ୍କର ଓ ଏପରି ଦୁରବସ୍ଥାରେ ପତିତ ମୋତେ ନେଇ ଆପଣଙ୍କର କି ଲାଭ? ତେଣୁ ମୁଁ ଜ୍ୱଳନ୍ତ ଅଗ୍ନିରେ ପ୍ରବେଶ କରିବାକୁ ଇଚ୍ଛା କରୁଅଛି। ମୋତେ ଅଗ୍ନି ପ୍ରଦାନ କରି ଏ ଦୁରବସ୍ଥାରୁ ଉଦ୍ଧାର କରିବା ଉଚ଼ିତ।''

ରକ୍ତାକ୍ଷ ତାହାର ଅନ୍ତର୍ଗତ ଭାବ ବୁଝିପାରି କହିଲା, ''ତୁମେ କାହିଁକି ଅଗ୍ନିରେ ଝାସ ଦେବାକୁ ଚାହୁଁଛ?'' ସ୍ଥିରଜୀବୀ କହିଲା, ''ଆପଣମାନଙ୍କ ପାଇଁ ମେଘବର୍ଣ୍ଣ ମୋତେ ଏପରି ବିପଦ ଦେଇଛି। ତେଣୁ ସେମାନଙ୍କ ଉପରେ ବୈର ସାଧିବାପାଇଁ ମୁଁ ଆରଜନ୍ମରେ ଉଲୂକ ହେବାକୁ ଇଚ୍ଛା କରୁଅଛି।''

ଏହା ଶୁଣି ରାଜନୀତିରେ ବିଚ଼କ୍ଷଣ ରକ୍ତାକ୍ଷ କହିଲା, ''ଭଦ୍ର! ତୁମେ କୁଟିଳ ଓ କପଟ ବାକ୍ୟ କହିବାରେ ନିପୁଣ। ତୁମେ ଉଲୂକଯୋନିରେ ଜନ୍ମ ହେଲେ ମଧ୍ୟ ନିଜ ବାୟସଜାତିକୁ ଆଦର କରିବ। ଏ ବିଷୟରେ ଗୋଟାଏ ଆଖ୍ୟାନ ଶୁଣାଯାଏ –

ସୂର୍ଯ୍ୟଂ ଭର୍ତ୍ତାରମୁତ୍ସୃଜ୍ୟ ପର୍ଜନ୍ୟଂ ମାରୁତଂ ଗିରିମ୍।
ସ୍ୱଜାତିଂ ମୂଷିକା ପ୍ରାପ୍ତା ସ୍ୱଜାତିର୍ଦ୍ଦୁରତିକ୍ରମା।। ୨୦୧ ।।

ଏ ମୂଷିକକନ୍ୟା ସୂର୍ଯ୍ୟ, ମେଘ, ବାୟୁ ଓ ପର୍ବତକୁ ପତିରୂପେ ଗ୍ରହଣ ନ କରି ନିଜର ଜାତିରୁ ପତି ଗ୍ରହଣ କରିଥିଲା। ନିଜ ଜାତିକୁ ତ୍ୟାଗ କରିବା ଅତ୍ୟନ୍ତ କଠିନ ବ୍ୟାପାର। ୨୦୧।

ମନ୍ତ୍ରୀମାନେ ପଚ଼ାରିଲେ, ''ସେ କଥା କଅଣ?'' ରକ୍ତାକ୍ଷ କହିଲା–

ମୂଷିକା ବିବାହ କଥା

କୌଣସି ନଗରରେ ଶାଳଙ୍କାୟନ ନାମରେ ଜଣେ ତପସ୍ୱୀ ଥିଲେ। ଏକଦା ସେ ଗଙ୍ଗାରେ ସ୍ନାନ କରିବାକୁ ଯାଇଥିଲେ। ସେ ସୂର୍ଯ୍ୟପୂଜା କରୁଥିଲାବେଳେ ଗୋଟିଏ ଶ୍ୟେନ ପକ୍ଷୀ ତାର ତୀକ୍ଷ୍ଣ ନଖରେ ଗୋଟିଏ ମୂଷିକାକୁ ଧରିନେଇ ଯାଉଥିଲା। ତାହାକୁ ଦେଖି ମୁନି କରୁଣାର୍ଦ୍ର ହୋଇ 'ଛାଡ଼, ଛାଡ଼' ବୋଲି କହି ଶ୍ୟେନ ଉପରକୁ ପଥରଖଣ୍ଡିଏ ଫିଙ୍ଗିଲେ। ପଥର ଖଣ୍ଡିକର ଆଘାତରେ ସେହି ଶ୍ୟେନ ବ୍ୟାକୁଳ ହୋଇଗଲା, ମୂଷିକା ତାହାର ନଖରୁ ଖସିପଡ଼ିଲା ଓ ସେ ନିଜେ ତଳେ ପଡ଼ିଗଲା। ମୂଷିକା ଭୟତ୍ରସ୍ତ ହୋଇ କଅଣ କରିବ ସ୍ଥିର କରି ନ ପାରି 'ମୋତେ ରକ୍ଷାକର, ରକ୍ଷାକର' ବୋଲି କହି ମୁନିଙ୍କ ପାଦ ନିକଟରେ ବସିଗଲା। ଶ୍ୟେନ ମଧ୍ୟ ଚେତନା ଲାଭକରି ମୁନିଙ୍କୁ କହିଲା, ''ହେ ମୁନି! ମୋତେ ପାଷାଣଖଣ୍ଡରେ ଆଘାତ କରି ଆପଣ ଅନ୍ୟାୟ କରିଅଛନ୍ତି। ଆପଣଙ୍କର କଅଣ ଅଧର୍ମକୁ ଭୟ ନାହିଁ? ମୋତେ ମୂଷିକାଟିକୁ ଦିଅନ୍ତୁ; ନ ଦେଲେ ଆପଣଙ୍କର ପ୍ରଭୂତ ପାପ ହେବ।''

ଶ୍ୟେନ ଏହିପରି କହିବାରୁ ମୁନି ତାକୁ କହିଲେ, ''ଆରେ ଅଧମ ପକ୍ଷୀ, ଜୀବମାନଙ୍କର ପ୍ରାଣ ରଖିବା ଉଚିତ; ଦୁଷ୍ଟକୁ ଦଣ୍ଡ ଦେବା ଉଚିତ; ଗୁରୁଜନମାନଙ୍କୁ ପୂଜା କରିବା ଉଚିତ; ଦେବତାମାନଙ୍କୁ ସ୍ତୁତି କରିବା ଉଚିତ। ଅତଏବ ତୁ ବାଚାଳ ପରି କଥା କହୁଛୁ କାହିଁକି?''

ଶ୍ୟେନ କହିଲା, ''ହେ ମୁନି, ଆପଣ ଧର୍ମର ସୂକ୍ଷ୍ମ ତତ୍ତ୍ୱ ବୁଝୁନାହାନ୍ତି। ଏ ସଂସାରରେ ବିଧାତା ପ୍ରାଣୀମାନଙ୍କୁ ସୃଷ୍ଟି କରି ସେମାନଙ୍କ ପାଇଁ ଆହାର ମଧ୍ୟ ସୃଷ୍ଟି କରିଅଛନ୍ତି। ଅନ୍ନ ଯେପରି ଆପଣମାନଙ୍କର ଆହାର, ମୂଷିକ ପ୍ରଭୃତି ସେହିପରି ଆମର ଆହାରରୂପେ ନିର୍ଦ୍ଦିଷ୍ଟ। ତେଣୁ ନିଜର ଆହାର ଚାହିଁଲି ବୋଲି ମୋତେ ଦୋଷ ଦେଉଛନ୍ତି କାହିଁକି? କଥିତ ଅଛି–

ଯଦ୍‌ଯସ୍ୟ ବିହିତଂ ଭୋଜ୍ୟଂ ନ ତତ୍ତସ୍ୟ ପ୍ରଦୂଷ୍ୟତି।
ଅଭକ୍ଷ୍ୟୋ ବହୁଦୋଷଃ ସ୍ୟାତ୍ତସ୍ମାତ୍କାର୍ଯ୍ୟୋ ନ ବ୍ୟତ୍ୟୟଃ॥ ୨୦୨॥

ଯାହାପାଇଁ ଯେଉଁ ବସ୍ତୁ ଆହାରରୂପେ ନିର୍ଦ୍ଦିଷ୍ଟ, ସେ ତାହାକୁ ଖାଇଲେ ତା'ର କୌଣସି ଦୋଷ ହୁଏ ନାହିଁ; କିନ୍ତୁ ଅଭକ୍ଷ୍ୟ ବସ୍ତୁକୁ ଖାଇଲେ ବହୁତ ପାପ ହୁଏ। ତେଣୁ ଆହାର ବିଷୟରେ ବ୍ୟତିକ୍ରମ କରିବା ଉଚିତ ନୁହେଁ। ୨୦୨।

ମଦ୍ୟଂ ଯଥା ଦ୍ୱିଜାତୀନାଂ ମଦ୍ୟପାନାଂ ଯଥା ହବିଃ।
ଭକ୍ଷ୍ୟମଭକ୍ଷ୍ୟତାମେତି ତଥାନ୍ୟେଷାମପି ଦ୍ୱିଜ॥ ୨୦୩॥

ଯେପରି ମଦ୍ୟପମାନଙ୍କର ପାନୀୟ ମଦ୍ୟ, ବ୍ରାହ୍ମଣ ପ୍ରଭୃତିଙ୍କର ପାନୀୟ ନୁହେଁ, ସେହିପରି ବ୍ରାହ୍ମଣ ପ୍ରଭୃତିଙ୍କର ଖାଦ୍ୟ ଘୃତ ମଦ୍ୟପଙ୍କ ପକ୍ଷରେ ଅଭକ୍ଷ୍ୟ ହୋଇଥାଏ। ଅନ୍ୟ ପ୍ରାଣୀମାନଙ୍କ ବିଷୟରେ ମଧ୍ୟ ସେହିପରି ଭକ୍ଷ୍ୟ ଦ୍ରବ୍ୟ ଅଭକ୍ଷ୍ୟ ବୋଲି ବିବେଚିତ ହୋଇପାରେ। ୨୦୩।

ଭକ୍ଷ୍ୟଂ ଭକ୍ଷୟତାଂ ଶ୍ରେୟୋ ଅଭକ୍ଷ୍ୟଂ ତୁ ମହଦଘମ୍‌।
ତଦ୍‌ କଥଂ ମାଂ ବୃଥାଚାର ତ୍ୱଂ ଦଣ୍ଡୟିତୁମର୍ହସି ॥ ୨୦୪ ॥

ଯାହାର ଯାହା ଭକ୍ଷ୍ୟ, ସେ ତାହା ଭକ୍ଷଣ କଲେ ପୁଣ୍ୟ ଓ ଯାହା ଅଭକ୍ଷ୍ୟ ତାହା ଭକ୍ଷଣ କଲେ ପାପ ହୁଏ। ଅତଏବ ହେ ମୁନି, ଆପଣ ବୃଥା ଆଚାର ଦେଖାଇ ମୋତେ ଦଣ୍ଡ ଦେବା ଅନୁଚିତ। ୨୦୪।

ଆହୁରି ମଧ୍ୟ ମୁନିମାନଙ୍କ ପକ୍ଷରେ ଅନ୍ୟକୁ ମାରିବା ଧର୍ମ ନୁହେଁ। କାରଣ ସେମାନେ ଶତ୍ରୁ, ମିତ୍ର ତଥା ଦୃଷ୍ଟ ଓ ଅଦୃଷ୍ଟ, ଏସବୁକୁ ସମାନରୂପେ ଦେଖନ୍ତି ଓ ସେମାନଙ୍କର ଲାଳସା ବା ଶତ୍ରୁତା ଉଚିତ ନୁହେଁ। କଥିତ ଅଛି –

ସମଃ ଶତ୍ରୌ ଚ ମିତ୍ରେ ଚ ସମଲୋଷ୍ଟାଶ୍ମକାଞ୍ଚନଃ।
ସୁହୃନ୍ମିତ୍ରେ ହ୍ୟୁଦାସୀନୋ ମଧ୍ୟସ୍ଥୋଦ୍ୱେଷ୍ୟବନ୍ଧୁଷୁ॥ ୨୦୫ ॥
ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧିର୍ବିଶିଷ୍ୟତେ।
ସାଧୂନାଂ ନିରବଦ୍ୟାନାଂ ସଦାଚାର ବିଚାରିଣାମ୍‌
ଯୋଗୀ ଯୁଞ୍ଜୀ ଚ ସତତମାତ୍ମାନଂ ରହସି ସ୍ଥିତଃ ॥ ୨୦୬ ॥

ନିଷ୍ପାପ ଓ ସଦାଚାରୀ ସାଧୁମାନଙ୍କ ମଧ୍ୟରେ ଯେଉଁମାନେ ଶତ୍ରୁ ଓ ମିତ୍ରକୁ ତଥା ମାଟି, ପଥର ଓ ସୁନାକୁ ସମାନରୂପେ ଦେଖନ୍ତି, ସୁହୃଦ୍‌ ଓ ମିତ୍ରଙ୍କ ପ୍ରତି ଉଦାସୀନ ରହନ୍ତି, ଦ୍ୱେଷୀ ଓ କୁଟୁମ୍ବୀ ଉଭୟଙ୍କ ପ୍ରତି ସମଭାବ ପୋଷଣ କରନ୍ତି, ସାଧୁ ଓ ପାପୀଙ୍କ ପ୍ରତି ସମବୁଦ୍ଧି ହୁଅନ୍ତି; ସେମାନେ ପ୍ରଶଂସାର ପାତ୍ର। ଯୋଗୀର କର୍ତ୍ତବ୍ୟ ହେଉଛି ସେ ଏକାନ୍ତ ସ୍ଥାନରେ ବସି ସର୍ବଦା ଆତ୍ମଚିନ୍ତା କରିବେ। ୨୦୫-୨୦୬।

ଆପଣ ଏହି କାର୍ଯ୍ୟଦ୍ୱାରା ନିଜର ତପସ୍ୟାରୁ ଭ୍ରଷ୍ଟ ହୋଇଅଛନ୍ତି। କଥିତ ଅଛି –

ମୁଞ୍ଚ ମୁଞ୍ଚ ପତତ୍ୟେକୋ ମାମୁଞ୍ଚେତି ଦ୍ୱିତୀୟକଃ।
ଉଭୟୋଃ ପତନଂ ଦୃଷ୍ଟ୍ୱା ମୌନଂ ସର୍ବାର୍ଥସାଧନମ୍‌॥ ୨୦୭ ॥

ଜଣେ 'ଛାଡ଼ି ଦେ, ଛାଡ଼ି ଦେ' କହି ନିଜର ତପସ୍ୟାରୁ ଭ୍ରଷ୍ଟ ହେଲା ଓ ଆଉ ଜଣେ 'ଛାଡ଼ ନାହିଁ, ଛାଡ଼ ନାହିଁ' କହି ତପସ୍ୟାରୁ ଭ୍ରଷ୍ଟ ହେଲା। ତୃତୀୟ ଜଣକ ସେ ଦୁହିଁଙ୍କର ତପସ୍ୟା ଭ୍ରଷ୍ଟ ହେବାର ଦେଖି ନୀରବ ରହିଲା; କାରଣ ମୌନ ସର୍ବ କାର୍ଯ୍ୟସାଧନର ଉପାୟ।" ।୨୦୭।

ଶାଲଙ୍କାୟନ ପଚାରିଲେ – "ସେ କଥା କଅଣ ?" ଶ୍ୟେନ କହିଲା –

କୌଣସି ନଦୀତଟରେ ଏକତ, ଦ୍ୱିତ ଓ ତ୍ରିତ ନାମରେ ତିନୋଟି ଭାଇ ମୁନି ହୋଇ ତପସ୍ୟା କରୁଥିଲେ। ତପଃ ପ୍ରଭାବରୁ ସ୍ନାନ ସମୟରେ ସେମାନଙ୍କର ଧୌତ କୌପୀନ ଜଳସିକ୍ତ ଭୂମି-ସ୍ପର୍ଶଭୟରେ କାହାରି ଆଶ୍ରୟ ନ ନେଇ ଶୂନ୍ୟରେ ରହୁଥିଲା। ମୁଁ ଆଜି ମୂଷିକାକୁ ନେଇ ଯାଇଥିବା ପରି ଗୋଟିଏ ଗୃଧ୍ର (ଶାଗୁଣା) ଗୋଟିଏ ଭେକୀ (ମାଈବେଙ୍ଗ)କୁ ଧରି ବଳପୂର୍ବକ ନେଉଥିଲା। ତାହାକୁ ଏପରି ନିଆଯାଉଥିବାର ଦେଖି ବଡ଼ ଭାଇ ଦୟାର୍ଦ୍ର-ହୃଦୟ ହୋଇ ଆପଣଙ୍କ ଭଳି କହିଲେ, 'ଛାଡ଼ି ଦେ, ଛାଡ଼ି ଦେ।' ଏହାପରେ ତାଙ୍କର ଧୌତ କୌପୀନଟି ଆକାଶରୁ ଭୂମିରେ ପଡ଼ିଗଲା।

ଏହା ଦେଖି ମଝିଆଁ ଭାଇ ତାଙ୍କ କୌପୀନ ପଡ଼ିଯିବା ଭୟରେ କହିଉଠିଲେ, 'ଛାଡ଼ ନାହିଁ, ଛାଡ଼ ନାହିଁ।' ଏହା କହିଲାକ୍ଷଣି ତାଙ୍କର ମଧ୍ୟ କୌପୀନଟି ତଳେ ପଡ଼ିଗଲା। ଦୁଇ ଭାଇଙ୍କର କୌପୀନ ଭୂମିରେ ପଡ଼ିଯିବାର ଦେଖି ତ୍ରିତ ତୁନି ହୋଇ ରହିଲେ।

ଏହି କାରଣରୁ ମୁଁ କହୁଥିଲି – 'ମୁଞ୍ଚ ମୁଞ୍ଚ ପତତ୍ୟେକୋ ' ଇତ୍ୟାଦି।''

ଶ୍ୟେନର ଏହି କଥା ଶୁଣି ମୁନି ହସି ହସି କହିଲେ, ''ରେ ମୂର୍ଖ ପକ୍ଷୀ! ସେ ଥିଲା ସତ୍ୟ ଯୁଗର ଧର୍ମ। ସେ ଯୁଗରେ ପାପୀ ସହିତ କଥା କହିଲେ ମଧ୍ୟ ପାପ ହେଉଥିଲା। ତେଣୁ ଦୁଷ୍ଟ ଗୃଧ୍ର ସହିତ କଥାବାର୍ତ୍ତା ହେବାରୁ ସେମାନଙ୍କର ଧୌତ ବସ୍ତ୍ର ପଡ଼ିଗଲା। ଏ ହେଉଛି କଳି ଯୁଗ। କଳି ଯୁଗରେ ସମସ୍ତେ ହେଉଛନ୍ତି ପାପାତ୍ମା; ତେଣୁ ପାପକର୍ମ ନ କଲେ ପାପ ହେବ ନାହିଁ। କଥିତ ଅଛି –

ସଞ୍ଚରନ୍ତୀହ ପାପାନି ଯୁଗେଷ୍ୱନ୍ୟେଷୁ ଦେହିନାମ୍।
କଲୌ ତୁ ପାପସଂଯୁକ୍ତେ ଯଃ କରୋତି ସ ଲିପ୍ୟତେ॥ ୨୦୮॥

ଏ ସଂସାରରେ ଅନ୍ୟ ତିନି ଯୁଗରେ (ସତ୍ୟ, ତ୍ରେତା, ଦ୍ୱାପର) ପାପ ଜଣେ ମନୁଷ୍ୟଠାରୁ ଅନ୍ୟ ମନୁଷ୍ୟକୁ ଯାଉଥିଲା; କିନ୍ତୁ କଳି ଯୁଗ ପାପରେ ପୂର୍ଣ୍ଣ ହୋଇଥିବାରୁ ଏ ଯୁଗରେ ଯିଏ ପାପକାର୍ଯ୍ୟ କରେ, ଏକାକୀ ସେ ପାପରେ ଲିପ୍ତ ହୁଏ। ୨୦୮। ଆହୁରି କଥିତ ଅଛି –

ଆସନାଚ୍ଛୟନାଦ୍‌ଯାନାସଙ୍ଗତେଶ୍ଚାପି ଭୋଜନାତ୍।
କୃତେ ସଂଚ୍‌ରତେ ପାପଂ ତୈଳବିନ୍ଦୁରିବାମ୍ଭସି॥ ୨୦୯॥

ଜଳରେ ତୈଳବିନ୍ଦୁ ପ୍ରସାରିତ ହେଲାପରି ସତ୍ୟଯୁଗରେ ପାପୀ ପୁରୁଷ ସହିତ ବସିବା, ଶୋଇବା ଓ ଖାଇବା ଦ୍ୱାରା ମଧ୍ୟ ଅନ୍ୟ ପୁରୁଷକୁ ପାପ ସଞ୍ଚରିତ ହେଉଥିଲା। ୨୦୯।

ଅତଏବ ବୃଥା ଗପିବାରେ ଲାଭ କଅଣ? ତୁ ଚାଲିଯାଆ, ନୋହିଲେ ଅଭିଶାପ ଦେବି।''

ଶ୍ୟେନ ଚାଲିଯିବାରୁ ମୂଷିକା ମୁନିଙ୍କୁ କହିଲା, ''ହେ ଭଗବନ୍, ମୋତେ ଆଶ୍ରୟ ଦେଇ ରଖନ୍ତୁ; ନଚେତ୍ ଅନ୍ୟ କୌଣସି ଦୁଷ୍ଟ ପକ୍ଷୀ ଆସି ମୋତେ ମାରିପକାଇବ। ମୁଁ ଆପଣଙ୍କ ଆଶ୍ରୟରେ ରହିବି; ଆପଣ ଯେଉଁ ମୁଠିଏ ଅନ୍ନ ଦେବେ, ତାହାକୁ ଖାଇ ଦିନ କାଟିବି।''

ଉଦାରମନା ମୁନି ମଧ୍ୟ କରୁଣାର୍ଦ୍ର ହୋଇ ଚିନ୍ତାକଲେ, ''ଏ ମୂଷିକାକୁ ହାତରେ ଧରି ମୁଁ କିପରି ନେବି? ଲୋକେ ଦେଖିଲେ ହସିବେ; ତେଣୁ ଏହାକୁ ଗୋଟିଏ କନ୍ୟା କରିଦେଇ ସଙ୍ଗରେ ନେବି।'' ଏହିପରି ବିଚାରି ସେ ତାକୁ ଗୋଟିଏ କନ୍ୟା କରିଦେଲେ। ଘରେ ପହଞ୍ଚିବାରୁ ମୁନିପତ୍ନୀ ମୁନିଙ୍କ ସହିତ କନ୍ୟାଟିକୁ ଦେଖି ପଚାରିଲେ, ''ପ୍ରିୟ, ଏ କନ୍ୟାଟି କେଉଁଠୁ ଆସିଲା?''

ମୁନି କହିଲେ, ''ଏ ଗୋଟିଏ ମୂଷିକା; ଶ୍ୟେନ ଭୟରେ ମୋର ଶରଣ

ପଶିବାରୁ ମୁଁ ତାକୁ ଗୋଟିଏ କନ୍ୟା କରିଦେଇ ଘରକୁ ଆଣିଛି। ଏବେ ତୁମେ ତାକୁ ଯତ୍ନରେ ପାଳନ କର। ମୁଁ ଏହାକୁ ପୁଣି ମୂଷିକା କରିଦେଉଛି।'' ମୁନିପତ୍ନୀ କହିଲେ ''ନା, ନା, ତା କରନ୍ତୁ ନାହିଁ, ଭଗବନ୍! ଆପଣ ହେଉଛନ୍ତି ତାର ଧର୍ମପିତା। କଥିତ ଅଛି–

ଜନିତା ଚୋପନେତା ଚ ଯସ୍ତୁ ବିଦ୍ୟାଂ ପ୍ରୟଚ୍ଛତି।
ଅନ୍ନଦାତା ଭୟତ୍ରାତା ପଞ୍ଚୈତେ ପିତରଃ ସ୍ମୃତାଃ।। ୨୧୦ ।।

ଜନ୍ମଦାତା, ଉପନୟନକାରୀ, ବିଦ୍ୟାଦାତା ଓ ଭୟରୁ ରକ୍ଷାକାରୀ– ଏ ପାଞ୍ଚଜଣ ପିତା ବୋଲି ସ୍ୱୀକୃତ। ୨୧୦।

ଆପଣ ଏହାର ପ୍ରାଣରକ୍ଷା କରିଅଛନ୍ତି, ଦ୍ୱିତୀୟତଃ ମୋର ମଧ୍ୟ ସନ୍ତାନ ନାହିଁ; ଏଣୁ ଏଇଟି ମୋର କନ୍ୟାରୂପେ ରହିବ। ସେହିପରି କରାଯିବାରୁ କନ୍ୟାଟି ଶୁକ୍ଳପକ୍ଷର ଚନ୍ଦ୍ରକଳାପରି ଦିନକୁ ଦିନ ବଢ଼ିବାକୁ ଲାଗିଲା। ସେ ମୁନି ଓ ମୁନିପତ୍ନୀଙ୍କର ସେବାଶୁଶ୍ରୂଷା କରୁଥିଲା। କ୍ରମେ ସେ ଯୌବନ ଅବସ୍ଥା ପ୍ରାପ୍ତ ହେଲା। ଅନନ୍ତର କନ୍ୟାଟି ଯୌବନରେ ଉପନୀତ ହୋଇଥିବାର ଦେଖି ଶାଳଙ୍କାୟନ ନିଜ ପତ୍ନୀଙ୍କୁ କହିଲେ, ''ପ୍ରିୟେ, କନ୍ୟାଟି ଯୌବନରେ ଉପନୀତ ହେଲାଣି। ଏଣିକି ତାକୁ ଗୃହରେ ରଖିବା ଉଚିତ ହେବନାହିଁ। କଥିତ ଅଛି–

ସ୍ତ୍ରିୟଃପୂରା ସୁରୈର୍ଭୁକ୍ତା ସୋମଗନ୍ଧର୍ବବହ୍ନିଭିଃ।
ଭୁଞ୍ଜତେ ମାନୁଷାଃ ପଶ୍ଚାତ୍ତସ୍ମାଦ୍ଦୋଷୋ ନ ବିଦ୍ୟତେ।। ୨୧୧ ।।

ସୋମ, ଗନ୍ଧର୍ବ ଓ ଅଗ୍ନି ପ୍ରଥମେ ସ୍ତ୍ରୀମାନଙ୍କୁ ଭୋଗକରନ୍ତି। ସେମାନଙ୍କ ପରେହିଁ ମନୁଷ୍ୟ ନାରୀକୁ ଉପଭୋଗ କରେ। ତେଣୁ ନାରୀ ସର୍ବଦା ଦୋଷମୁକ୍ତ ହୋଇ ରହିଥାଏ। ୨୧୧।

ସୋମସ୍ତାସାଂ ଦଦୌ ଶୌଚଂ ଗନ୍ଧର୍ବାଃ ଶିକ୍ଷିତାଂ ଗିରମ୍।
ପାବକଃ ସର୍ବମେଧତ୍ୱଂ ତସ୍ମାନ୍ନିଷ୍କଳ୍ମଷାଃ ସ୍ତ୍ରିୟଃ।। ୨୧୨ ।।

ନାରୀ ସୋମଙ୍କଠାରୁ ପବିତ୍ରତା, ଗନ୍ଧର୍ବଙ୍କଠାରୁ ମଧୁର ଓ ଚତୁର ଭାଷା ଏବଂ ଅଗ୍ନିଙ୍କଠାରୁ ସର୍ବମେଧତ୍ୱ ବା ପବିତ୍ରତା ଲାଭ କରିଥାଏ। ତେଣୁ ନାରୀର ଶରୀର ସର୍ବଦା ଶୁଦ୍ଧ ଥାଏ। ୨୧୨।

ଅସମ୍ପ୍ରାପ୍ତରଜା ଗୌରୀ ପ୍ରାପ୍ତେ ରଜସି ରୋହିଣୀ।
ଅବ୍ୟଞ୍ଜନା ଭବେତ୍କନ୍ୟା କୁଚହୀନା ଚ ନଗ୍ନିକା।। ୨୧୩।।

ରଜୋବତୀ ହୋଇ ନ ଥିବା କନ୍ୟା ଗୌରୀ, ରଜୋବତୀ ହେବାପରେ ରୋହିଣୀ ଓ ଲୋମହୀନା କନ୍ୟା ନାମରେ ଅଭିହିତା କୁଚୋତ୍ପନ୍ନ ହୋଇ ନ ଥିବା କନ୍ୟାକୁ ନଗ୍ନିକା କୁହାଯାଏ। ୨୧୩।

ବ୍ୟଞ୍ଜନୈସ୍ତୁ ସମୁତ୍ପନ୍ନୈଃ ସୋମୋ ଭୁଙ୍କ୍ତେ ହି କନ୍ୟକାମ୍।
ପୟୋଧରାଭ୍ୟାଂ ଗନ୍ଧର୍ବା ରଜସ୍ୟଗ୍ନିଃ ପ୍ରତିଷ୍ଠିତଃ।। ୨୧୪ ।।

ଲୋମୋଦ୍‌ଗମ ହେବାପରେ ସୋମ, ପୟୋଧର ଜାତ ହେବାପରେ ଗନ୍ଧର୍ବ ଓ ରଜୋବତୀ ହେବାରେ ଅଗ୍ନି କନ୍ୟାକୁ ଉପଭୋଗ କରନ୍ତି ବୋଲି କୁହାଯାଏ । ୨୧୪ ।

ତସ୍ମାଦୁଦ୍‌ବାହୟେତ୍କନ୍ୟାଂ ଯାବନ୍ନର୍ତୁମତୀ ଭବେତ୍ ।
ବିବାହଶ୍ଚାଷ୍ଟବର୍ଷାୟାଃ କନ୍ୟାୟାସ୍ତୁ ପ୍ରଶସ୍ୟତେ ।। ୨୧୫ ।।

ତେଣୁ କନ୍ୟାକୁ ଋତୁମତୀ ହେବା ପୂର୍ବରୁ ବିବାହ ଦେବା ଉଚିତ । ଅଷ୍ଟବର୍ଷୀୟା କନ୍ୟାର ବିବାହକୁ ପୂର୍ବେ ସମସ୍ତେ ପ୍ରଶଂସା କରିଛନ୍ତି । ୨୧୫ ।

ବ୍ୟଞ୍ଜନଂ ହନ୍ତି ବୈ ପୂର୍ବଂ ପରଂ ଚୈବ ପୟୋଧରୌ ।
ରତିରିଷ୍ଟାଂସ୍ତଥା ଲୋକାନ୍ ହନ୍ୟାଚ୍ଚ ପିତରଂ ରଜଃ ।। ୨୧୬ ।।

ଯଦି କନ୍ୟା ପିତୃଗୃହରେ ଋତୁମତୀ ହୁଏ, ତେବେ ପିତାଙ୍କର ସମସ୍ତ ପୁଣ୍ୟ ନଷ୍ଟ ହୋଇଯାଏ । ପୟୋଧରର ଉଦ୍‌ଭବ ହେଲେ ଭାବୀ ପୁଣ୍ୟ ବିନଷ୍ଟ ହୁଏ । ପିତୃଗୃହରେ କନ୍ୟାର ପତିସମାଗମ ଇଚ୍ଛା ଜାତ ହେଲେ, ପିତାଙ୍କର ପରଲୋକ ମଧ୍ୟ ନଷ୍ଟ ହୋଇଯାଏ । ୨୧୬ ।

ଋତୁମତ୍ୟାଂ ତୁ ତିଷ୍ଠନ୍ତ୍ୟାଂ ସ୍ୱେଚ୍ଛାଦାନଂ ବିଧୀୟତେ ।
ତସ୍ମାଦୁଦ୍ୱାହୟେନ୍ନଗ୍ନାଂ ମନୁଃ ସ୍ୱାୟମ୍ଭୁବୋଽବ୍ରବୀତ୍ ।। ୨୧୭ ।।
ପିତୃବେଶ୍ମନି ଯା କନ୍ୟା ରଜଃ ପଶ୍ୟତ୍ୟସଂସ୍କୃତା ।
ଅବିବାହ୍ୟା ତୁ ସା କନ୍ୟା ଜଘନ୍ୟା ବୃଷଲୀ ମତା ।। ୨୧୮ ।।

ପିତୃଗୃହରେ ଥିବାବେଳେ ଅବିବାହିତା କନ୍ୟା ଯଦି ରଜୋବତୀ ହୁଏ, ତେବେ ତାକୁ ବୃଷଲୀ ଓ ଜଘନ୍ୟା କହନ୍ତି । ସେ କନ୍ୟା ବିବାହପାଇଁ ଅଯୋଗ୍ୟା । ୨୧୮ ।

ଶ୍ରେଷ୍ଠେଭ୍ୟଃ ସଦୃଶେଭ୍ୟଶ୍ଚ ଜଘନ୍ୟେଭ୍ୟୋ ରଜସ୍ୱଲା ।
ପିତ୍ରା ଦେୟା ବିନିଶ୍ଚିତ୍ୟ ଯତୋ ଦୋଷୋ ନ ବିଦ୍ୟତେ ।। ୨୧୯ ।।

ରଜୋବତୀ କନ୍ୟାକୁ ଶ୍ରେଷ୍ଠ ଓ ସଦୃଶ ପାତ୍ର ନ ମିଳିଲେ ନିମ୍ନସ୍ତରର ପାତ୍ର ସହିତ ବିବାହ ଦେବାରେ ପିତାଙ୍କର କୌଣସି ଦୋଷ ହୁଏ ନାହିଁ । ୨୧୯ ।

ଯୟୋରେବ ସମଂ ବିତ୍ତଂ ଯୟୋରେବ ସମଂ କୁଳମ୍ ।
ତୟୋର୍ବିବାହଃ ସଖ୍ୟଞ୍ଚ ନ ତୁ ପୁଷ୍ଟବିପୁଷ୍ଟୟୋଃ ।। ୨୨୦ ।।

ବିବାହ ଓ ମିତ୍ରତା ସମାନ କୁଳ ଓ ଧନସମ୍ପଦସମ୍ପନ୍ନଙ୍କ ମଧ୍ୟରେ ଅନୁଷ୍ଠିତ ହୁଏ । କିନ୍ତୁ କୁଳ ଓ ଧନର ନ୍ୟୂନତା ଓ ଆଧିକ୍ୟରେ ବିବାହ ଓ ମିତ୍ରତା ସ୍ଥାପନ କଲେ ତାହା ସଫଳ ହୁଏ ନାହିଁ ।। ୨୨୦ ।।

ବରଂ ବରୟତେ କନ୍ୟା ମାତା ବିତ୍ତଂ ପିତା ଶ୍ରୁତମ୍ ।
ବାନ୍ଧବାଃ କୁଳମିଚ୍ଛନ୍ତି ମିଷ୍ଟାନ୍ନମିତରେ ଜନାଃ ।। ୨୨୧ ।।

ବିବାହରେ କନ୍ୟା ଉତ୍ତମ ପତି କାମନା କରେ; ମାତା ବରର ଧନପ୍ରତି ଦୃଷ୍ଟି ଦିଏ; ପିତା ବରର ବିଦ୍ୟାପ୍ରତି ଧ୍ୟାନ ଦିଏ; ବାନ୍ଧବମାନେ ବରର କୁଳୀନତା ପ୍ରତି ଦୃଷ୍ଟି ଦିଅନ୍ତି; ଇତରଲୋକେ ଉତ୍ତମ ଭୋଜନ ଚାହିଁଥାନ୍ତି । ୨୨୧ । ଆହୁରି ମଧ୍ୟ—

କୁଳଞ୍ଚ ଶୀଳଞ୍ଚ ସନାଥତାଂ ଚ
ବିଦ୍ୟାଂ ଚ ବିତ୍ତଂ ଚ ବପୁର୍ବୟଶ୍ଚ
ଏତାନ୍ ଗୁଣାନ୍ ସପ୍ତ ପରୀକ୍ଷ୍ୟ ଦେୟା
କନ୍ୟା ବୁଧୈଃ ଶେଷମଚିନ୍ତନୀୟମ୍।। ୨୨୨ ।।

ଉତ୍ତମ କୁଳ, ସତ୍‌ସ୍ୱଭାବ, ପିତାମାତାଦି ରକ୍ଷକଙ୍କର ବିଦ୍ୟମାନତା, ବିଦ୍ୟା, ଧନସମ୍ପତ୍ତି, ସୁନ୍ଦର ରୂପ ଓ ବୟସ– ଏହି ସାତୋଟି ଗୁଣର ପରୀକ୍ଷା କରି ଜ୍ଞାନୀ ଲୋକେ କନ୍ୟାର ବିବାହ ଦେଇଥାନ୍ତି। ଏଗୁଡ଼ିକ ଛଡ଼ା ଅନ୍ୟ ବିଷୟରେ ଚିନ୍ତା କରିବା ଅନାବଶ୍ୟକ। ୨୨୨।

ତେଣୁ ଯଦି ଆମର ଏହି କନ୍ୟା ସ୍ୱୀକାର କରେ, ତେବେ ଭଗବାନ୍ ସୂର୍ଯ୍ୟଙ୍କୁ ଡକାଇ ତାଙ୍କ ହାତରେ ତାକୁ ଅର୍ପଣ କରିବି। କଥିତ ଅଛି–

ଅନିଷ୍ଟଃ କନ୍ୟକାୟା ଯୋ ବରୋ ରୂପାନ୍ୱିତୋଽପି ଯଃ।
ଯଦି ସ୍ୟାତ୍ତସ୍ୟ ନୋ ଦେୟା କନ୍ୟାଶ୍ରେୟୋଽଭିବାଞ୍ଛତା।। ୨୨୩।।

ଯେଉଁ ବରକୁ କନ୍ୟା ଅଭିଳାଷ କରେ ନାହିଁ, ସେ ସୁରୂପ ହୋଇଥିଲେହେଁ ତାକୁ କନ୍ୟା ଦାନ କରିବା ମଙ୍ଗଳକାମୀ ପୁରୁଷପକ୍ଷରେ ଉଚିତ ନୁହେଁ। ୨୨୩।

ମୁନିପତ୍ନୀ କହିଲେ, ''ଏଥିରେ ହାନି କଅଣ ? ତାହାହିଁ କର।''

ମୁନି ସୂର୍ଯ୍ୟଙ୍କୁ ଆହ୍ୱାନ କଲେ। ମୁନିଙ୍କର ବେଦମନ୍ତ୍ରଦ୍ୱାରା ଆମନ୍ତ୍ରଣ ହେତୁ ସୂର୍ଯ୍ୟଦେବତା ଉପସ୍ଥିତ ହୋଇ କହିଲେ, ''ଭଗବନ୍ ! ମୋତେ କାହିଁକି ଆହ୍ୱାନ କଲେ, ଶୀଘ୍ର କହନ୍ତୁ।'' ମୁନି କହିଲେ– ''ଏଇଟି ମୋର କନ୍ୟା। ଯଦି ସେ ତୁମକୁ ବରଣ କରେ, ତେବେ ତୁମେ ତାକୁ ବିବାହ କର।'' ଏହା କହି ସେ ଭଗବାନ୍ ସୂର୍ଯ୍ୟଙ୍କୁ ନେଇ କନ୍ୟାକୁ ଦେଖାଇଲେ ଓ କହିଲେ, ''ହେ ପୁତ୍ରି ! ତ୍ରିଲୋକର ପ୍ରଦୀପ ସ୍ୱରୂପ ଏ ଭଗବାନ୍ ସୂର୍ଯ୍ୟ ତୋର ପସନ୍ଦ ହେଉଛନ୍ତି କି ?'' ସେ କହିଲା, ''ପିତଃ ! ଏ ହେଉଛନ୍ତି ଅତ୍ୟନ୍ତ ଦହନଶୀଳ। ମୁଁ ଏହାଙ୍କୁ କାମନା କରୁନାହିଁ। ଏହାଙ୍କଠାରୁ ଯେ ଶ୍ରେଷ୍ଠତର, ତାଙ୍କୁ ଆହ୍ୱାନ କରନ୍ତୁ।'' ତାହାର ଏହି କଥା ଶୁଣି ଓ ସେ ଗୋଟିଏ ମୂଷିକା ଥିଲା ବୋଲି ଜାଣିପାରି ସୂର୍ଯ୍ୟ ନିଃସ୍ପୃହ ଭାବରେ ମୁନିଙ୍କୁ କହିଲେ, ''ଭଗବନ୍ ! ମୋଠାରୁ ବଡ଼ ହେଉଛନ୍ତି ମେଘ; ମୋତେ ସେ ଆଚ୍ଛାଦିତ କରିଦେଲେ କେହି ମୋର ନାମ ସୁଦ୍ଧା ଜାଣିପାରିବେ ନାହିଁ।''

ତତ୍ପରେ ମୁନି ମେଘକୁ ଆହ୍ୱାନ କରି କନ୍ୟାକୁ ପଚାରିଲେ, ''ବତ୍ସେ ! ଏ ତୋର ପସନ୍ଦ ହେଉଛନ୍ତି ?'' ସେ କହିଲା, ''ଏହାଙ୍କର ବର୍ଣ୍ଣ କଳା ଓ ଜଡ଼; ତେଣୁ ଏହାଙ୍କଠାରୁ ଶ୍ରେଷ୍ଠ କାହାରିକୁ ମୋତେ ପ୍ରଦାନ କରନ୍ତୁ।'' ମୁନି ମେଘକୁ ପଚାରିଲେ, ''ତୁମଠାରୁ ଶ୍ରେଷ୍ଠ କେହି ଅଛି କି ?'' ମେଘ କହିଲେ, ''ହଁ, ଅଛି। ମୋଠାରୁ ଶ୍ରେଷ୍ଠ ହେଉଛନ୍ତି ବାୟୁ। ବାୟୁର ଆଘାତରେ ମୁଁ ସହସ୍ର ଖଣ୍ଡ ହୋଇଯିବି।''

ତାହା ଶୁଣି ମୁନି ବାୟୁଙ୍କୁ ଡକାଇ କନ୍ୟାକୁ କହିଲେ, ''ବତ୍ସେ ! ଏ ବାୟୁଙ୍କୁ ବିବାହ ନିମନ୍ତେ ଉତ୍ତମ ବୋଲି ମନେକରୁଛୁ ?'' ସେ କହିଲା, ''ଏ ଖୁବ୍ ବଳବାନ୍

ହେଲେହେଁ ଚଞ୍ଚଳ। ଏହାଙ୍କଠାରୁ ଅଧିକ କାହାରିକୁ ଡକାନ୍ତୁ।'' ମୁନି ବାୟୁଙ୍କୁ କହିଲେ, ''ହେ ପ୍ରଭଞ୍ଜନ! ତୁମଠାରୁ ଶ୍ରେଷ୍ଠତର କେହି ଅଛି କି?'' ସେ କହିଲେ, ''ହଁ, ମୋଠାରୁ ଶ୍ରେଷ୍ଠ ହେଉଛନ୍ତି ପର୍ବତ। ମୁଁ ଏତେ ବଳବାନ୍ ହୋଇଥିଲେ ସୁଦ୍ଧା ସେ ମୋର ଗତିପଥ ରୁଦ୍ଧ କରିଦିଅନ୍ତି।''

ତହୁଁ ମୁନି ପର୍ବତଙ୍କୁ ଡକାଇ, କନ୍ୟାକୁ ଦେଖାଇ କହିଲେ, ''ପୁତ୍ରି! ମୁଁ ତୋତେ ଏହାଙ୍କ ହାତରେ ସମର୍ପଣ କରିବି କି?'' ସେ କହିଲା, ''ତାତ! ଏ ହେଉଛନ୍ତି କଠିନ ଓ ଜଡ଼; ତେଣୁ ମୋତେ ଅନ୍ୟ କାହାରି ହସ୍ତରେ ଅର୍ପଣ କରନ୍ତୁ।'' ମୁନି ପର୍ବତଙ୍କୁ ପଚାରିଲେ, ''ହେ ନଗରାଜ! ତୁମଠାରୁ ଶ୍ରେଷ୍ଠତର କେହି ଅଛି କି?'' ପର୍ବତ କହିଲେ, ''ହଁ, ମୋଠାରୁ ବଡ଼ ହେଉଛନ୍ତି ମୂଷିକମାନେ; କାରଣ ସେମାନେ ବଳପୂର୍ବକ ମୋ ଦେହର ଚାରିପାଖରେ ଛିଦ୍ର କରିପକାନ୍ତି।''

ମୁନି ଏହା ଶୁଣି ମୂଷିକକୁ ଡକାଇ କନ୍ୟା ଆଗରେ ଦେଖାଇଲେ। ମୁନି କହିଲେ, ''ବତ୍ସେ! ଏ ମୂଷିକରାଜ ଯଦି ତୋର ପସନ୍ଦ ହୁଅନ୍ତି, ତେବେ ଯଥୋଚିତ କାର୍ଯ୍ୟ ଅନୁଷ୍ଠାନ କରିବି (ଅର୍ଥାତ୍ ତୋତେ ପୁଣି ମୂଷିକା କରିଦେବି)।'' ସେ ମୂଷିକକୁ ଦେଖି ଓ ତାକୁ ସ୍ୱଜାତୀୟ ଜାଣି ରୋମାଞ୍ଚିତ ହୋଇ କହିଲା, ''ମୋତେ ମୂଷିକା କରିଦେଇ ଏହାଙ୍କ ହାତରେ ସମର୍ପଣ କରନ୍ତୁ, ତାହାହେଲେ ମୁଁ ସ୍ୱଜାତିର ବିହିତ ଗୃହଧର୍ମ ପାଳନ କରିବି?''

ମୁନି ଗୃହସ୍ଥ ଧର୍ମ ବିଷୟରେ ନିପୁଣ ହୋଇଥିବାରୁ ସେ କନ୍ୟାଟିକୁ ପୁଣି ମୂଷିକା କରିଦେଇ ମୂଷିକ ହସ୍ତରେ ପ୍ରଦାନ କଲେ। ଏହି ହେତୁରୁ ମୁଁ (ରକ୍ତାକ୍ଷ) କହୁଥିଲି– 'ସୂର୍ଯ୍ୟଂ ଭର୍ତାରମୁତ୍ସୃଜ୍ୟ...' –ଇତ୍ୟାଦି।

ଅନନ୍ତର ସେମାନେ ରକ୍ତାକ୍ଷର କଥାକୁ ନ ମାନି ନିଜର ସର୍ବନାଶର କାରଣ-ସ୍ୱରୂପ ସେହି ସ୍ଥିରଜୀବୀକୁ ଆପଣାର ଦୁର୍ଗକୁ ନେଇଗଲେ। ସେତେବେଳେ ସ୍ଥିରଜୀବୀ ମନ ଭିତରେ ହସି ହସି ବିଚାରକଲା–

ହନ୍ୟତାମିତି ଯେନୋକ୍ତଂ ସ୍ୱାମିନୋ ହିତବାଦିନା।
ସ ଏବୈକୋଽତ୍ର ସର୍ବେଷାଂ ନୀତିଶାସ୍ତ୍ରାର୍ଥତତ୍ତ୍ୱବିତ୍॥ ୨୨୪॥

ଯିଏ ପ୍ରଭୁର ହିତକର ପରାମର୍ଶ ଦେଇ କହିଥିଲା 'ଏହାକୁ ମାରିପକାଅ', ଏଠାରେ ଏକା ସେହି ରକ୍ତାକ୍ଷହିଁ ରାଜନୀତିଶାସ୍ତ୍ରରେ ବିଚକ୍ଷଣ ଅଟେ। ୨୨୪।

ଯଦି ଏମାନେ ରକ୍ତାକ୍ଷର ପରାମର୍ଶ ଅନୁସାରେ କାର୍ଯ୍ୟ କରିଥାନ୍ତେ, ତେବେ ଏମାନଙ୍କର ଲବମାତ୍ର କ୍ଷତି ହୋଇନଥାନ୍ତା।

ଦୁର୍ଗଦ୍ୱାରରେ ପହଞ୍ଚି ଅରିମର୍ଦ୍ଦନ କହିଲା, ''ଆହେ! ଏ ସ୍ଥିରଜୀବୀ ହେଉଛନ୍ତି ଆମର ହିତକାମୀ। ତାଙ୍କୁ ଉପଯୁକ୍ତ ସ୍ଥାନ ଦିଅ।'' ଏହା ଶୁଣି ସ୍ଥିରଜୀବୀ ମନେ ମନେ ଭାବିଲା, 'ମୋତେ ଏମାନଙ୍କ ବିନାଶର ଉପାୟ ଚିନ୍ତା କରିବାକୁ ହେବ। ଦୁର୍ଗର ମଧ୍ୟଭାଗରେ ରହିଲେ ତାହା କରିହେବ ନାହିଁ। କାରଣ, ମୋର ଇଙ୍ଗିତାଦି ଦେଖି ସେମାନେ ମଧ୍ୟ ସାବଧାନ ହୋଇଯିବେ। ତେଣୁ ଦୁର୍ଗର ଦ୍ୱାରଦେଶରେ ଆଶ୍ରୟ

ନେଇ ମୋର ଅଭିପ୍ରାୟ ସାଧନ କରିବି।'

ଏହିପରି ସ୍ଥିର କରି ସେ ଉଲୂକରାଜ ଅରିମର୍ଦ୍ଦନଙ୍କୁ କହିଲା, ''ମହାରାଜ! ଆପଣ ଯେଉଁ ଆଦେଶ ଦେଲେ ତାହା ଯଥାର୍ଥ; କିନ୍ତୁ ମୁଁ ମଧ୍ୟ ନୀତିଜ୍ଞ ଓ ଆପଣଙ୍କର ଶତ୍ରୁ। ଯଦ୍ୟପି ଏକଥା ଠିକ୍ ଯେ ମୁଁ ଆପଣଙ୍କର ଅନୁରକ୍ତ ଓ କୃତଜ୍ଞ, ତଥାପି ମୁଁ ଦୁର୍ଗ ମଧ୍ୟରେ ସ୍ଥାନ ପାଇବାର ଯୋଗ୍ୟ ନୁହେଁ। ତେଣୁ ମୋତେ ଏହି ଦୁର୍ଗର ଦ୍ୱାରଦେଶରେ ସ୍ଥାନ ଦିଅନ୍ତୁ। ତାହାହେଲେ ମୁଁ ଆପଣଙ୍କ ପାଦପଦ୍ମର ରଜରେ ନିଜ ଦେହକୁ ପବିତ୍ର କରି ଆପଣଙ୍କ ସେବା କରିପାରିବି।'' ଉଲୂକରାଜ 'ତାହାହିଁ ହେଉ' କହି ସ୍ୱୀକୃତି ଜଣାଇଲେ ଓ ରାଜଭୃତ୍ୟମାନେ ରାଜାଙ୍କ ଆଦେଶରେ ପ୍ରତିଦିନ ଉତ୍କୃଷ୍ଟ ମାଂସ ପ୍ରଭୃତି ଆହାର ପ୍ରସ୍ତୁତ କରି ସ୍ଥିରଜୀବୀକୁ ଦେବାକୁ ଲାଗିଲେ। ଅଳ୍ପ କେତେ ଦିନ ଭିତରେ ସେ ମୟୂର ପରି ବଳବାନ୍ ହୋଇଗଲା। ସ୍ଥିରଜୀବୀକୁ ପୁଷ୍ଟ ହୋଇଥିବାର ଦେଖି ରକ୍ତାକ୍ଷ ରାଜା ଓ ଅନ୍ୟ ମନ୍ତ୍ରୀମାନଙ୍କୁ କହିଲା, ''ଏ ମନ୍ତ୍ରୀମାନେ ହେଉଛନ୍ତି ମୂର୍ଖ; ଆଉ ମହାରାଜ! ଆପଣଙ୍କୁ ମଧ୍ୟ ମୁଁ ତାହାହିଁ ମନେକରୁଛି। କଥିତ ଅଛି—

ପୂର୍ବଂ ତାବଦହଂ ମୂର୍ଖୋ ଦ୍ୱିତୀୟଃ ପାଶବନ୍ଧକଃ
ତତୋ ରାଜା ଚ ମନ୍ତ୍ରୀ ଚ ସର୍ବେ ବୈ ମୂର୍ଖମଣ୍ଡଳମ୍॥ ୨୨୫॥

ପ୍ରଥମେ ମୁଁ ମୂର୍ଖ, ଦ୍ୱିତୀୟ ମୂର୍ଖ ହେଉଛି ବ୍ୟାଧ; ତତ୍ପରେ ରାଜା ଓ ମନ୍ତ୍ରୀ ମଧ୍ୟ ମୂର୍ଖ। ଏହିପରି ଏଠାରେ ସବୁ ମୂର୍ଖଙ୍କର ଗୋଟିଏ ମଣ୍ଡଳୀ ହୋଇଛି। ୨୨୫।

ସେମାନେ ପଚାରିଲେ, ''ଏ କଥା କଅଣ ?'' ରକ୍ତାକ୍ଷ କହିଲା—

ସ୍ୱର୍ଣ୍ଣପୁରୀଷ ପକ୍ଷୀ କଥା

କୌଣସି ପର୍ବତର ଏକ ପ୍ରଦେଶରେ ଗୋଟିଏ ପ୍ରକାଣ୍ଡ ବୃକ୍ଷ ଥିଲା। ସେହି ବୃକ୍ଷରେ ସିନ୍ଧୁକ ନାମରେ ଏକ ପକ୍ଷୀ ବାସକରୁଥିଲା। ତାହାର ବିଷ୍ଠାରୁ ସୁବର୍ଣ୍ଣ ଉତ୍ପନ୍ନ ହେଉଥିଲା। ଏକଦା ଗୋଟିଏ ବ୍ୟାଧ ତାହାକୁ ଦେଖି ଆସିଲା। ପକ୍ଷୀଟି ତାହା ଆଗରେ ବିଷ୍ଠା ତ୍ୟାଗ କଲା। ବିଷ୍ଠା ପଡ଼ିବା ସଙ୍ଗେ ସଙ୍ଗେ ତାହା ସ୍ୱର୍ଣ୍ଣରେ ପରିଣତ ହେବାର ଦେଖି ବ୍ୟାଧ ବିସ୍ମିତ ହୋଇ ଭାବିଲା, 'ଅହୋ! ଆଶ୍ଚର୍ଯ୍ୟର କଥା! ପିଲାଟିଦିନରୁ ପକ୍ଷୀ ଧରି ଧରି ମୋତେ ଅଶୀ ବର୍ଷ ହେଲାଣି; କିନ୍ତୁ କେବେହେଲେ ପକ୍ଷୀବିଷ୍ଠା ସୁବର୍ଣ୍ଣ ହେବାର ଦେଖି ନଥିଲି।'

ଏହିପରି ଚିନ୍ତା କରି ସେ ବ୍ୟାଧ ଗଛରେ ଜାଲ ପାତିଲା। ସେହି ମୂର୍ଖ ପକ୍ଷୀ ଯେତେବେଳେ ନିର୍ଭୟରେ ତାହା ଉପରେ ବସିପଡ଼ିଲା, ସେତେବେଳେ ହଠାତ୍ ଜାଲରେ ବାନ୍ଧିହୋଇଗଲା। ବ୍ୟାଧ ତାହାକୁ ଜାଲରୁ ମୁକ୍ତ କରି ଗୋଟିଏ ପିଞ୍ଜରାରେ ପୂରାଇ ନିଜ ଗୃହକୁ ନେଇଗଲା। ସେ ଚିନ୍ତାକଲା, 'ବିପଦର କାରଣ ସ୍ୱରୂପ ଏହି ପକ୍ଷୀକୁ ନେଇ ମୁଁ କଅଣ କରିବି? ଯଦି କେତେବେଳେ କେହି ଏହାର ଏଭଳି ଗୁଣ ଥିବାର (ଏହାର ବିଷ୍ଠାରୁ ସ୍ୱର୍ଣ୍ଣ ମିଳେ) ଜାଣିପାରି ରାଜାଙ୍କୁ ଜଣାଇଦିଏ, ତାହାହେଲେ ଅବଶ୍ୟ

ମୋର ପ୍ରାଣସଂଶୟ ଘଟିବ। ତେଣୁ ମୁଁ ନିଜେ ପକ୍ଷୀଟିକୁ ନେଇ ରାଜାଙ୍କୁ ଦେଇପକାଇବି।' ଏହିପରି ବିଚାରି ସେ ପକ୍ଷୀଟିକୁ ନେଇ ରାଜାଙ୍କୁ ଦେଲା।

ପକ୍ଷୀଟିକୁ ଦେଖି ରାଜାଙ୍କର ମଧ୍ୟ ନୟନ ଓ ବଦନକମଳ ପ୍ରସନ୍ନ ହୋଇଗଲା। ସେ ସନ୍ତୁଷ୍ଟ ହୋଇ କହିଲେ– ''ହେ ରକ୍ଷୀମାନେ, ଏ ପକ୍ଷୀଟିକୁ ଅତି ଯତ୍ନରେ ରଖ। ଏହାକୁ ଯଥେଚ୍ଛା ପରିମାଣରେ ଆହାର ଓ ପାନୀୟ ଦେବାକୁ ହେବ।''

ମନ୍ତ୍ରୀ କହିଲେ, ''କେବଳ ବିଶ୍ୱାସର ଅଯୋଗ୍ୟ ଏହି ବ୍ୟାଧର କଥାକୁ ବିଶ୍ୱାସ କରି ଏ ପକ୍ଷୀକୁ ରଖିବାର କି ଲାଭ? କେବେହେଲେ ପକ୍ଷୀର ବିଷ୍ଠାରୁ ସୁବର୍ଣ୍ଣ ଜନ୍ମିଥାଏ କି? ତେଣୁ ଏ ପକ୍ଷୀକୁ ପିଞ୍ଜରାରୁ ମୁକ୍ତ କରିଦିଅନ୍ତୁ।''

ମନ୍ତ୍ରୀଙ୍କ କଥାରେ ରାଜା ପକ୍ଷୀଟିକୁ ପିଞ୍ଜରାରୁ ବାହାର କରିଦେଲେ। ତହୁଁ ସେ ପକ୍ଷୀ ଅଟ୍ଟାଳିକ ଦ୍ୱାରର ତୋରଣ ଉପରେ ବସି ସୁବର୍ଣ୍ଣମୟ ବିଷ୍ଠା ତ୍ୟାଗ କରି କହିଲା– 'ପୂର୍ବଂ ତାବଦହଂ ମୂର୍ଖଃ . . .' ଇତ୍ୟାଦି।

ଅନନ୍ତର ଦୈବ ପ୍ରତିକୂଳ ହୋଇଥିବାରୁ ସେମାନେ ପୁନରାୟ ରକ୍ତାକ୍ଷର ହିତ କଥାକୁ ନ ମାନି ସ୍ଥିରଜୀବୀକୁ ପ୍ରଚୁର ମାଂସାଦି ଆହାର ଦେଇ ହୃଷ୍ଟପୁଷ୍ଟ କରିଦେଲେ। ତହୁଁ ରକ୍ତାକ୍ଷ ନିଜର ପରିଜନମାନଙ୍କୁ ଡାକି ଗୋପନରେ କହିଲା, ''କି ଦୁଃଖର କଥା! ଏପର୍ଯ୍ୟନ୍ତ ଆମ ରାଜାଙ୍କର କୁଶଳ ଥିଲା, ଦୁର୍ଗର ମଧ୍ୟ କୁଶଳ ଥିଲା। କୁଳକ୍ରମାଗତ ଜଣେ ମନ୍ତ୍ରୀର ଯାହା କହିବାର କଥା, ମୁଁ ତାହା କହିସାରିଛି। ଏବେ ଆମେ ଅନ୍ୟ କୌଣସି ଦୁର୍ଗରୂପୀ ପର୍ବତକୁ ଯାଇ ସେଠାରେ ରହିବା। କାରଣ କଥିତ ଅଛି–

ଅନାଗତଂ ଯଃ କୁରୁତେ ସ ଶୋଭତେ
ସ ଶୋଚ୍ୟତେ ଯୋ ନ କରୋତ୍ୟନାଗତମ୍।
ବନେଽତ୍ର ସଂସ୍ଥସ୍ୟ ସମାଗତା ଜରା
ବିଲସ୍ୟ ବାଣୀ ନ କଦାଽପି ମେ ଶ୍ରୁତା।। ୨୨୬।।

ଯେଉଁ ଲୋକ ଭବିଷ୍ୟତ ବିପଦର ପ୍ରତିକାର ଚିନ୍ତା କରେ, ସେ ସୁଖ ଭୋଗକରେ; ଯେ ଚିନ୍ତା ନ କରେ, ସେ ଅନୁତପ୍ତ ହୁଏ। ଏହି ବନରେ ରହି ମୋର ବୃଦ୍ଧାବସ୍ଥା ହେଲାଣି; କିନ୍ତୁ କେବେହେଲେ ବିଲ କଥା କହୁଥିବାର ଶୁଣି ନଥିଲି।''। ୨୨୬।

ସେମାନେ କହିଲେ, ''ସେ କଥା କଅଣ?'' ରକ୍ତାକ୍ଷ କହିଲା–

ସିଂହ-ଜମ୍ବୁକଗୁହା କଥା

କୌଣସି ଏକ ବନପ୍ରଦେଶରେ ଖର ନାମରେ ଗୋଟିଏ ସିଂହ ବାସକରୁଥିଲା। ଏକଦା ସେ ବନ ମଧ୍ୟରେ ଇତସ୍ତତଃ ଭ୍ରମଣ କରି କରି କ୍ଷୁଧାରେ ବ୍ୟାକୁଳ ହୋଇପଡ଼ିଲା; କିନ୍ତୁ କୌଣସି ଜୀବ ପାଇପାରିଲା ନାହିଁ। ତହୁଁ ସନ୍ଧ୍ୟାସମୟରେ ସେ ଗୋଟିଏ ପ୍ରକାଣ୍ଡ ପର୍ବତଗହ୍ୱର ନିକଟରେ ପହଞ୍ଚି, ସେଥିରେ ପ୍ରବେଶ କରି ଚିନ୍ତା କଲା– 'ରାତ୍ରିରେ ଏହି ଗୁହାକୁ କୌଣସି ପ୍ରାଣୀ ନିଶ୍ଚୟ ଆସିବ; ତେଣୁ ମୁଁ ତୁନି ହୋଇ ରହିଥିବି।'

ଇତ୍ୟବସରରେ ସେହି ଗହ୍ୱରର ସ୍ୱାମୀ ଦଧିପୁଚ୍ଛ ନାମକ ଶୃଗାଳ ଆସି ପହଞ୍ଚିଲା। ସେ ଦେଖିଲା ଯେ ସିଂହର ଭିତରକୁ ଯିବାର ପଦଚିହ୍ନ ପଡ଼ିଛି; କିନ୍ତୁ ବାହାରିବାର ପଦଚିହ୍ନ ନାହିଁ। ତହୁଁ ସେ ଚିନ୍ତା କଲା, 'ହାୟ! ମୋର ଜୀବନ ଗଲା! ନିଶ୍ଚୟ ଏହି ଗହ୍ୱର ମଧ୍ୟରେ ସିଂହ ରହିଛି। ଅତଏବ କଅଣ କରିବି? କିପରି ପ୍ରକୃତ କଥା ଜାଣିବି?'

ଏହିପରି ଚିନ୍ତାକରି ଦ୍ୱାରମୁହଁରେ ରହି ସେ ଉଚ୍ଚ ସ୍ୱରରେ ଡାକିବାକୁ ଆରମ୍ଭ କଲା, ''ଆରେ ବିଲ! ହେ ବିଲ!'' ଏହିପରି ଡାକି କିଛି ସମୟ ତୁନିରହି ପୁଣି ସେହିପରି ଡାକି କହିଲା, ''ଆରେ, ତୋର କଅଣ ମନେପଡୁନାହିଁ ଯେ ତୋର-ମୋର ସ୍ଥିର ହୋଇଥିଲା– ମୁଁ ବାହାରୁ ଆସିଲେ ତୋତେ ଡାକିବି; ତୁ ମଧ୍ୟ ମୋତେ ଡାକିନେବୁ। ତେଣୁ ତୁ ଯେବେ ମୋତେ ନ ଡାକିବୁ, ତେବେ ମୁଁ ଅନ୍ୟ ବିଲକୁ ଚାଲିଯିବି।''

ଏହି କଥା ଶୁଣି ସିଂହ ଚିନ୍ତାକଲା, 'ଏହି ଗୁହା ନିଶ୍ଚୟ ସେ ଆସିଲାବେଳକୁ ତାକୁ ପ୍ରତିଦିନ ଏହିପରି ଡାକୁଥିଲା, କିନ୍ତୁ ଆଜି ମୋତେ ଭୟ କରି କିଛି କହୁନାହିଁ। ଯଥାର୍ଥରେ କଥିତ ଅଛି–

ଭୟସନ୍ତ୍ରସ୍ତମନସାଂ ହସ୍ତପାଦାଦିକା କ୍ରିୟାଃ।
ପ୍ରବର୍ତ୍ତନ୍ତେ ନ ବାଣୀ ଚ ବେପଥୁଶ୍ଚାଧିକୋ ଭବେତ୍॥ ୨୨୭॥

ଯେଉଁ ପ୍ରାଣୀ ଭୟରେ ତ୍ରସ୍ତ ହୋଇଥାଏ, ତାହାର ହସ୍ତପଦ ପ୍ରଭୃତି କାର୍ଯ୍ୟ କରିପାରନ୍ତି ନାହିଁ; ମୁଖରୁ କଥା ବାହାରେ ନାହିଁ ଏବଂ ତାର ଶରୀର ଅତ୍ୟନ୍ତ କମ୍ପିତ ହୁଏ।

ଅତଏବ ମୁଁ ଏହାକୁ ଆହ୍ୱାନ କରିବି। ତାହାହେଲେ ସେ ଗହ୍ୱରରେ ପ୍ରବେଶ କରି ମୋର ଆହାର ହେବ। ଏହିପରି ସ୍ଥିରକରି ସିଂହ ଶୃଗାଳକୁ ଆହ୍ୱାନ କଲା।

ସିଂହର ଶବ୍ଦଯୋଗୁଁ ସେ ଗୁହା ପ୍ରତିଧ୍ୱନିରେ ପୂରିଯିବାରୁ ଦୂରରେ ଥିବା ଅରଣ୍ୟବାସୀ ଜୀବମାନେ ଭୟପ୍ରାପ୍ତ ହେଲେ। ଶୃଗାଳ ପଳାଇ ଯାଉ ଯାଉ 'ଅନାଗତଂ ଯଃ କୁରୁତେ...' ଇତ୍ୟାଦି ଶ୍ଲୋକଟି କହିଥିଲା। ଏଣୁ ଏ କଥା ବୁଝି ତୁମେମାନେ ମୋ ସହିତ ଚାଲିଯିବା ଉଚିତ।'' ଏହା କହି ରକ୍ତାକ୍ଷ ନିଜର ଅନୁଚର ଓ ପରିବାରବର୍ଗଙ୍କୁ ଘେନି ଅନ୍ୟ ଦୂରଦେଶକୁ ଚାଲିଗଲା। ୨୨୭।

ରକ୍ତାକ୍ଷ ଚାଲିଯିବାରୁ ସ୍ଥିରଜୀବୀ ଅତ୍ୟନ୍ତ ଆନନ୍ଦିତ ହୋଇ ବିଚାର କଲା– 'ରକ୍ତାକ୍ଷ ଚାଲିଯିବାଫଳରେ ଆମର ଖୁବ୍ ମଙ୍ଗଳ ହେଲା। କାରଣ ସେ ଥିଲା ଖୁବ୍ ଦୂରଦର୍ଶୀ। ଏମାନେ ସବୁ ହୀନବୁଦ୍ଧି, ମୂର୍ଖ। ଏବେ ମୁଁ ଏମାନଙ୍କୁ ସହଜରେ ବଧ କରିପାରିବି। କାରଣ କଥିତ ଅଛି–

ନ ଦୀର୍ଘଦର୍ଶିନୋ ଯସ୍ୟ ମନ୍ତ୍ରିଣଃ ସ୍ୟୁର୍ମହୀପତେଃ।
କ୍ରମାୟାତା ଧ୍ରୁବଂ ତସ୍ୟ ନ ଚିରାତ୍ସ୍ୟାତ୍ପରିକ୍ଷୟଃ॥ ୨୨୮॥
ମନ୍ତ୍ରିରୂପା ହି ରିପବଃ ସମ୍ଭାବ୍ୟନ୍ତେ ବିଚକ୍ଷଣୈଃ।
ଯେ ହିତଂ ବାକ୍ୟମୁତ୍ସୃଜ୍ୟ ବିପରୀତୋପସେବିନଃ॥ ୨୨୯॥

ଯେଉଁ ମନ୍ତ୍ରୀମାନେ ଉତ୍ତମ ନୀତିମାର୍ଗକୁ ତ୍ୟାଗକରି ବିପରୀତ ମାର୍ଗକୁ ଅନୁସରଣ କରନ୍ତି, ବିଦ୍ୱାନ୍ ଲୋକେ ସେମାନଙ୍କୁ ମନ୍ତ୍ରୀରୂପଧାରୀ ଶତ୍ରୁ ବୋଲି କହିଥାନ୍ତି। ୨୨୯।

ଏହିପରି ଚିନ୍ତା କରି ସ୍ଥିରଜୀବୀ ଗୁହାକୁ ଦଗ୍ଧ କରିବା ଉଦ୍ଦେଶ୍ୟରେ ପ୍ରତିଦିନ ବନରୁ ଖଣ୍ଡିଏ ଖଣ୍ଡିଏ କାଠ ନେଇ ନିଜ ବସାରେ ପକାଇବାକୁ ଲାଗିଲା। ମୂର୍ଖ ଉଲୂକମାନେ ବୁଝିପାରିଲେ ନାହିଁ ଯେ ଏ ବସାଟିକୁ କେବଳ ସେମାନଙ୍କୁ ଦଗ୍ଧ କରିବାପାଇଁ ବୃଦ୍ଧି କରାଯାଉଅଛି।

ଅଥବା ଯଥାର୍ଥରେ କୁହାଯାଇଅଛି –

ଅମିତ୍ରଂ କୁରୁତେ ମିତ୍ରଂ ମିତ୍ରଂ ଦ୍ୱେଷ୍ଟି ହିନସ୍ତି ଚ।
ଶୁଭଂ ବେତ୍ତ୍ୟଶୁଭଂ ପାପଂ ଭଦ୍ରଂ ଦୈବହତୋ ନରଃ।। ୨୩୦।।

ଯାହାକୁ ଦୈବ ମାରିବାକୁ ବସିଥାଏ, ସେ ଅମିତ୍ରକୁ ମିତ୍ର କରେ ଓ ମିତ୍ରପ୍ରତି ଦ୍ୱେଷ ଓ ହିଂସା କରେ; ସେ ଅଶୁଭକୁ ଶୁଭ ଓ ପାପକୁ ପୁଣ୍ୟ ବୋଲି ମନେକରେ। ୨୩୦।

ବସା-ନିର୍ମାଣଛଳରେ ଦୁର୍ଗଦ୍ୱାରରେ ଗୁଡ଼ିଏ କାଠ ସଂଗୃହୀତ ହେବା ପରେ ଦିନେ ସୂର୍ଯ୍ୟୋଦୟ ହୁଅନ୍ତେ, ଉଲୂକମାନେ ଦିବାନ୍ଧ ହୋଇଯିବାରୁ ସ୍ଥିରଜୀବୀ ଶୀଘ୍ର ଋଷ୍ୟମୂକ ପର୍ବତକୁ ଯାଇ ମେଘବର୍ଣ୍ଣକୁ କହିଲା – ‘‘ସ୍ୱାମିନ୍! ଶତ୍ରୁର ଗୁହା ଯେପରି ସହଜରେ ପୋଡ଼ିଯିବ ତା’ର ଉପାୟ କରିସାରିଛି। ଆପଣ ପରିବାର ସହିତ ଖଣ୍ଡିଏ ଖଣ୍ଡିଏ ଜଳନ୍ତା କାଠି ନେଇ ଗୁହାଦ୍ୱାରରେ ଥିବା ମୋର ବସା ଉପରେ ପକାଇବେ। ତାହାହେଲେ ସବୁ ଶତ୍ରୁ କୁମ୍ଭୀପାକ ନରକରେ ପଡ଼ିଲାପରି ଦୁଃଖରେ ପ୍ରାଣ ହରାଇବେ।’’

ଏହା ଶୁଣି ମେଘବର୍ଣ୍ଣ ଆନନ୍ଦିତ ହୋଇ କହିଲା, ‘‘ତାତ! ତୁମର ନିଜ ବୃତ୍ତାନ୍ତ କହ। ଅନେକ ଦିନପରେ ତୁମ ଦର୍ଶନ ମିଳିଛି।’’

ସେ କହିଲା, ‘‘ବତ୍ସ! ବର୍ତ୍ତମାନ କହିବାର ବେଳ ନୁହେଁ; କାରଣ ଅକସ୍ମାତ୍ ଶତ୍ରୁର ଗୁପ୍ତଚର ଯଦି ମୋର ଏଠାକୁ ଆସିବା କଥା ଜାଣିପାରେ, ସେ ତାହା ଶତ୍ରୁକୁ ଜଣାଇଦେବ। ଜାଣିପାରିଲେ ଦିବାନ୍ଧ ହୋଇଥିଲେ ମଧ୍ୟ ସେମାନେ ଅନ୍ୟତ୍ର ଚାଲିଯିବେ; ତେଣୁ ଶୀଘ୍ର କାର୍ଯ୍ୟ କର। କଥିତ ଅଛି –

ଶୀଘ୍ରକୃତ୍ୟେଷୁ କାର୍ଯେଷୁ ବିଲମ୍ବୟତି ଯୋ ନରଃ।
ତତ୍‌କୃତ୍ୟଂ ଦେବତାସ୍ତସ୍ୟ କୋପାଦ୍ୱିଘ୍ନନ୍ତ୍ୟସଂଶୟମ୍।। ୨୩୧।।
ଯସ୍ୟ ଯସ୍ୟ ହି କାର୍ଯସ୍ୟ ଫଳିତସ୍ୟ ବିଶେଷତଃ।
କ୍ଷିପ୍ରମକ୍ରିୟମାଣସ୍ୟ କାଳଃ ପିବତି ତଦ୍ରସମ୍।। ୨୩୨।।

ଯେଉଁ ଲୋକ ଶୀଘ୍ର କରଣୀୟ କାର୍ଯ୍ୟରେ ବିଳମ୍ବ କରେ, ତାହା ଉପରେ ଦେବତାମାନେ କୁପିତ ହୋଇ ତା’ର ସେହି କାର୍ଯ୍ୟକୁ ନଷ୍ଟ କରିଦିଅନ୍ତି। ୨୩୧। ପୁଣି ଯେଉଁ ଯେଉଁ କାର୍ଯ୍ୟ, ବିଶେଷତଃ ଯେଉଁ କାର୍ଯ୍ୟର ଫଳ ଆସନ୍ନ, ସେହି ସେହି କାର୍ଯ୍ୟକୁ ଶୀଘ୍ର କରା ନ ଗଲେ ସମୟ ତାହାର ଫଳକୁ ଖାଇଯାଏ (ଅର୍ଥାତ୍ ବିଳମ୍ବଦ୍ୱାରା ସକଳ କାର୍ଯ୍ୟ ନଷ୍ଟ ହୁଏ)। ୨୩୨। ତୁମେ ସେହି ଗୁହାକୁ ଆସି ଶତ୍ରୁମାନଙ୍କୁ ବିନାଶ କରିସାରିଲେ ମୁଁ ସବୁ କଥା ନିଃଶଙ୍କ ଭାବରେ ବିସ୍ତାର କରି କହିବି।’’

ମେଘବର୍ଣ୍ଣ ଏହି କଥା ଶୁଣି ପରିବାର ସହିତ ଖଣ୍ଡିଏ ଲେଖାଏଁ ଜଳନ୍ତା କାଠି ଚଞ୍ଚୁ ଅଗ୍ରରେ ଧରି ସେହି ଗୁହାଦ୍ୱାରରେ ପହଞ୍ଚି ସ୍ଥିରଜୀବୀର ବସା ଉପରେ ପକାଇଲେ। ତତ୍ପରେ ସେହି ଦିବାନ୍ଧ ଉଲୂକମାନେ ରକ୍ତାକ୍ଷର କଥା ମନେପକାଇଲେ; କିନ୍ତୁ ଦ୍ୱାର ବନ୍ଦ ଥିବାରୁ ବାହାରକୁ ଆସି ନପାରି କୁମ୍ଭୀପାକ ନରକସଦୃଶ ଯନ୍ତ୍ରଣା ଭୋଗି ମଲେ।

ଏହିପରି ଶତ୍ରୁମାନଙ୍କୁ ନିଃଶେଷ କରି ମେଘବର୍ଣ୍ଣ ପୁଣି ସେହି ବଟବୃକ୍ଷର ଦୁର୍ଗକୁ ଗଲା। ତତ୍ପରେ ସଭାମଧ୍ୟରେ ସିଂହାସନ ଉପରେ ବସି ସେ ଆନନ୍ଦିତ ମନରେ ସ୍ଥିରଜୀବୀକୁ ପଚାରିଲା, ''ତାତ! ତୁମେ ଶତ୍ରୁ ମଧ୍ୟକୁ ଯାଇ କାହିଁକି ଏତେ କାଳ ହେଲା ରହିଥିଲ? ଏ ବିଷୟରେ ଆମର କୌତୂହଳ ହେଉଅଛି। ସେ କଥା କହ। ଯେହେତୁ :

ବରମଗ୍ନୌ ପ୍ରଦୀପ୍ତେ ତୁ ପ୍ରପାତଃ ପୁଣ୍ୟକର୍ମଣାମ୍।
ନ ଚାରିଜନସଂସର୍ଗୋ ମୁହୂର୍ତମପି ସେବିତଃ॥ ୨୩୩॥

ପୁଣ୍ୟକର୍ମା ପୁରୁଷମାନଙ୍କ ପକ୍ଷରେ ଜ୍ୱଳନ୍ତ ଅଗ୍ନିରେ ଝାସଦେବା ବରଂ ଭଲ; କିନ୍ତୁ ମୁହୂର୍ତ୍ତକ ପାଇଁ ସୁଦ୍ଧା ଶତ୍ରୁମାନଙ୍କ ସହିତ ବାସକରିବା ଭଲ ନୁହେଁ। ୨୩୩।

ଏହା ଶୁଣି ସ୍ଥିରଜୀବୀ କହିଲା, ''ଭଦ୍ର! ଭବିଷ୍ୟତ ଫଳଲାଭ ଆଶାରେ ଭୃତ୍ୟ କଷ୍ଟକୁ ମଧ୍ୟ ଜାଣିପାରେନାହିଁ। ଯେହେତୁ କଥିତ ଅଛି –

ଉପନତଭୟେର୍ଯୋ ଯୋ ମାର୍ଗୋ ହିତାର୍ଥକରୋ ଭବେତ୍,
ସ ସ ନିପୁଣୟା ବୁଦ୍ଧ୍ୟା ସେବ୍ୟୋ ମହାନ୍କୃପଣୋଽପିବା।
କରି କରନିଭୌ ଜ୍ୟାଘାତାଙ୍କୌ ମହାସ୍ତ୍ରବିଶାରଦୌ,
ବଳୟରଣିତୌ ସ୍ତ୍ରୀବଦ୍‌ବାହୂ କୃତୌ ହି କିରୀଟିନା॥ ୨୩୪॥

ବିପଦଗ୍ରସ୍ତ ପୁରୁଷର କର୍ତ୍ତବ୍ୟ ହେଉଛି, ସେ ନିପୁଣ ବୁଦ୍ଧିଦ୍ୱାରା ନିଜର ମଙ୍ଗଳକର ଯେକୌଣସି ସତ୍ ବା ଅସତ୍ ପନ୍ଥା ଅନୁସରଣ କରିବ। ଅର୍ଜୁନଙ୍କର ଯେଉଁ ବାହୁଯୁଗଳ ହାତୀର ଶୁଣ୍ଢ ସଦୃଶ, ଧନୁର ଗୁଣକୁ ଆକର୍ଷଣ କରିବା ହେତୁ ଯହିଁରେ ଚିହ୍ନ ରହିଥିଲା ଓ ଯାହା ଶତ୍ରୁଦମନ କାର୍ଯ୍ୟରେ ମହାଶକ୍ତିଶାଳୀ, ସେହି ବାହୁଯୁଗଳକୁ ସେ ନାରୀଭଳି ବଳୟଦ୍ୱାରା ବନ୍ଧନ କରିଥିଲେ। (ଅର୍ଜୁନ ବିରାଟ-ରାଜପ୍ରାସାଦରେ ନପୁଂସକ ବୃହନ୍ନଳା ନାମ ଧାରଣ କରି ନୃତଗୀତ ଶିଖାଉଥିଲେ)। ୨୩୪।

ଶକ୍ତେନାପି ସଦା ଜନେନ ବିଦୁଷା କାଳାନ୍ତରାପେକ୍ଷିଣା,
ବାସ୍ତବ୍ୟଂ ଖଳୁ ବଜ୍ରବାକ୍ୟବିଷମେ କ୍ଷୁଦ୍ରେଽପି ପାତେ ଜନେ।
ଦର୍ବୀବ୍ୟଗ୍ରକରେଣ ଧୂମମଳିନେନାୟାସମୁକ୍ତେନ ଚ,
ଭୀମେନାତିବଳେନ ମତ୍ସ୍ୟଭବନେ କିଂ ନୋଷିତଂ ସୂଦବତ୍॥ ୨୩୫॥

ବିଦ୍ୱାନ୍ ଲୋକ ଶକ୍ତିଶାଳୀ ହୋଇଥିଲେ ମଧ୍ୟ ସେ ଉପଯୁକ୍ତ ସମୟକୁ ପ୍ରତୀକ୍ଷା କରି ବଜ୍ରତୁଲ୍ୟ କଠୋର ଭାଷାଭାଷୀ, ନୀଚ, ପାପୀ ପୁରୁଷ ନିକଟରେ ରହିବା ଉଚିତ। ଅତି ବିକ୍ରମଶାଳୀ ଭୀମ ମତ୍ସ୍ୟରାଜ ବିରାଟଙ୍କ ପ୍ରାସାଦରେ ହାତରେ ଚଟୁ ଧରି, ଧୂମରେ ମଳିନ ହୋଇ ଆୟାସସାଧ୍ୟ କାର୍ଯ୍ୟ କରି ସୂପକାରପରି ରହି ନ ଥିଲେ କି? (ଭୀମ ବିରାଟଭବନରେ ସୂପକାରରୂପେ ରହିଥିଲେ)। ୨୩୫।

ଯଦ୍‌ବା ତଦ୍‌ବା ବିଷମପତିତଃ ସାଧୁ ବା ଗର୍ହିତଂ ବା,
କାଳାପେକ୍ଷୀ ପିହିତନୟନୋ ବୁଦ୍ଧିମାନ୍ କର୍ମ କୁର୍ଯ୍ୟାତ୍ !
କିଂ ଗାଣ୍ଡୀବ ସ୍ଫୁରଦୁରୁଗୁଣାସ୍ଫାଳନକ୍ରୂରପାଣି-
ର୍ନାସୀଲ୍ଲୀଳାନଟନବିଳସନ୍ମେଖଳୀ ସବ୍ୟସାଚୀ ।। ୨୩୬ ।।

ବିପଦଗ୍ରସ୍ତ ବୁଦ୍ଧିମାନ୍ ପୁରୁଷ ଉତ୍ତମ ସମୟକୁ ଅପେକ୍ଷା କରି ନିଜର ଅନ୍ତର୍ନିହିତ କାର୍ଯ୍ୟକୁ କରିଥାନ୍ତି; ସେହି କାର୍ଯ୍ୟ ଭଲ ବା ମନ୍ଦ ବିଚାର କରନ୍ତି ନାହିଁ। (ଦୃଷ୍ଟାନ୍ତ ସ୍ୱରୂପ ଗାଣ୍ଡୀବ ଧନୁର ଗୁଣକୁ ବାରମ୍ବାର ଟଙ୍କାରିବାଦ୍ୱାରା ଯାହାଙ୍କର ହସ୍ତ କଠୋର ହୋଇଥିଲା, ସେହି ସବ୍ୟସାଚୀ (ଅର୍ଜୁନ) ବିରାଟଗୃହରେ ମେଖଳାକୁ ଚମକାଇ (ଅର୍ଥାତ୍ ନାରୀବେଶ ଧରି) ବିଳାସପୂର୍ଣ୍ଣ ନୃତ୍ୟ କରି ନ ଥିଲେ କି ? । ୨୩୬ ।

ସିଦ୍ଧିଂ ପ୍ରାର୍ଥୟତା ଜନେନ ବିଦୁଷା ତେଜୋ ନିଗୃହ୍ୟ ସ୍ୱକଂ
ସତ୍ତ୍ୱୋତ୍ସାହବତାପି ଦୈବବିଧିଷୁ ସ୍ଥୈର୍ଯ୍ୟଂ ପ୍ରକାର୍ଯ୍ୟଂ କ୍ରମାତ୍ ।
ଦେବେନ୍ଦ୍ର ଦ୍ରବିଣେଶ୍ୱରାନ୍ତକସମୈରପ୍ୟନ୍ୱିତୋ ଭ୍ରାତୃଭିଃ,
କିଂ କ୍ଲିଷ୍ଟଃ ସୁଚିରଂ ତ୍ରିଦଣ୍ଡମବହଚ୍ଛ୍ରୀମାନ୍ନ ଧର୍ମାତ୍ମଜଃ ।। ୨୩୭ ।।

ସାଫଲ୍ୟକାମୀ ବିଦ୍ୱାନ୍ ପୁରୁଷ ବଳଶାଳୀ ଓ ଉତ୍ସାହୀ ହୋଇଥିଲେ ସୁଦ୍ଧା ଦୈବ-ଦୁର୍ଦ୍ଦଶାରେ ପଡ଼ିଲେ ନିଜର ତେଜକୁ ଲୁକ୍‌କାୟିତ ରଖି ସ୍ଥୈର୍ଯ୍ୟ ପ୍ରକାଶ କରିବା ଉଚିତ। ଦେଖ ଧର୍ମପୁତ୍ର (ଯୁଧିଷ୍ଠିର) ଶ୍ରୀସମ୍ପନ୍ନ ଓ ଇନ୍ଦ୍ର-କୁବେର-ଯମ ସଦୃଶ ଭ୍ରାତାମାନଙ୍କ ସହିତ ରହି ମଧ୍ୟ ବିରାଟଭବନରେ ଦୀର୍ଘକାଳ ପର୍ଯ୍ୟନ୍ତ କ୍ଲେଶ ଭୋଗ କରି ନ ଥିଲେ କି ? । ୨୩୭ ।

ରୂପାଭିଜନସମ୍ପନ୍ନୌ କୁନ୍ତୀପୁତ୍ରୌ ବଳାନ୍ୱିତୌ ।
ଗୋକର୍ମରକ୍ଷାବ୍ୟାପାରେ ବିରାଟପ୍ରେଷ୍ୟତାଂ ଗତୌ ।। ୨୩୮ ।।

ରୂପବାନ୍, ଆଭିଜାତ୍ୟସମ୍ପନ୍ନ ଓ ବଳଶାଳୀ ମାଦ୍ରୀପୁତ୍ରଦ୍ୱୟ (ନକୁଳ ଓ ସହଦେବ) ଗୋସେବା ଓ ଗୋରକ୍ଷା କାର୍ଯ୍ୟରେ ବିରାଟଙ୍କର ଭୃତ୍ୟ ହୋଇ ଥିଲେ। ୨୩୮ ।

ରୂପେଣାପ୍ରତିମେନ ଯୌବନଗୁଣୈଃ ଶ୍ରେଷ୍ଠେ କୁଳେ ଜନ୍ମନା,
କାନ୍ତ୍ୟା ଶ୍ରୀରିବ ଯାତ୍ର ସାପି ବିଦଶାଂ କାଳକ୍ରମାଦାଗତା ।
ସୈରିନ୍ଧ୍ରୀତି ସଗର୍ବିତଂ ଯୁଗତିଭିଃ ସାକ୍ଷେପମାଜ୍ଞପ୍ତୟା,
ଦ୍ରୌପଦ୍ୟା ନନୁ ମତ୍ସ୍ୟରାଜଭବନେ ଘୃଷ୍ଟଂ ଚିରଂ ଚନ୍ଦନମ୍ ।। ୨୩୯ ।।

ଏ ସଂସାରରେ ଯେଉଁ ଦ୍ରୌପଦୀ ଅତୁଳ୍ୟ ସୌନ୍ଦର୍ଯ୍ୟ, ଯୌବନ, ସତ୍‌କୁଳରେ ଜନ୍ମ ଓ ଲାବଣ୍ୟ ହେତୁ ସ୍ୱୟଂ ଲକ୍ଷ୍ମୀସଦୃଶା ହୋଇଥିଲେ, ସେ ମଧ୍ୟ ଦୁର୍ଦ୍ଦଶାରେ ପଡ଼ି ମତ୍ସ୍ୟରାଜ ବିରାଟଙ୍କ ଯୁବତୀମାନଙ୍କଦ୍ୱାରା ତିରସ୍କୃତ ହୋଇ ସୈରିନ୍ଧ୍ରୀରୂପରେ ଚନ୍ଦନ ଘଷୁଥିଲେ। ୨୩୯ ।

ମେଘବର୍ଣ୍ଣ କହିଲା, ''ତାତ ! ଶତ୍ରୁମାନଙ୍କ ମଧ୍ୟରେ ବାସକରିବା ଯାହା, ଖଣ୍ଡାଧାରରେ ଚାଲିବା ତାହା ବୋଲି ମୋର ମନେହୁଏ।''

ସ୍ଥିରଜୀବୀ କହିଲା, ‘‘ଦେବ! ସେ କଥା ସତ। କିନ୍ତୁ ଏକା ମହାଜ୍ଞାନୀ, ବହୁଶାସ୍ତ୍ରରେ ଅତୁଳ ବୁଦ୍ଧିସମ୍ପନ୍ନ ରକ୍ତାକ୍ଷକୁ ଛାଡ଼ିଦେଲେ ଏପରି ଏକ ମୂର୍ଖଗୋଷ୍ଠୀ ମୁଁ କେଉଁଠି ଦେଖିନାହିଁ। ସେ ରକ୍ତାକ୍ଷ ମୋର ଅନ୍ତର୍ଗତ ଅଭିପ୍ରାୟକୁ ଜାଣିପାରିଥିଲା। ଅନ୍ୟ ଯେଉଁ ମନ୍ତ୍ରୀମାନେ ଥିଲେ, ସେମାନେ ସମସ୍ତେ ନିତାନ୍ତ ମୂର୍ଖ; କାରଣ କେବଳ ମନ୍ତ୍ରୀନାମ ଧାରଣ କରି ନିଜର ଜୀବନଯାପନ କରୁଥିଲେ; କାର୍ଯ୍ୟକୁଶଳତା ସେମାନଙ୍କର ନଥିଲା। ସେମାନେ ଏତିକି ସୁଦ୍ଧା ଜାଣି ନ ଥିଲେ ଯେ –

ଅରିତୋଽଭ୍ୟାଗତୋ ଭୃତ୍ୟୋ ଦୁଷ୍ଟସ୍ତତ୍ସଙ୍ଗତତ୍ପରଃ।
ଅପସର୍ପସଧର୍ମତ୍ୱାନ୍ନିତ୍ୟୋଦ୍ୱେଗୀ ଚ ଦୂଷିତଃ ॥ ୨୪୦ ॥

ଶତ୍ରୁଦେଶରୁ ଆଗତ ଭୃତ୍ୟ ଦୁଷ୍ଟ ହୋଇଥାଏ; ଶତ୍ରୁ ସହିତ ମିଳିବାପାଇଁ ତତ୍ପର ଥାଏ। ଶତ୍ରୁପକ୍ଷୀୟ ହୋଇଥିବାରୁ ସେ ଶତ୍ରୁପାଇଁ ଗୁପ୍ତଚର ବୃତ୍ତି କରିବାର ସମ୍ଭାବନା ସର୍ବଦା ରହିଥାଏ। ୨୪୦।

ଆସନେ ଶୟନେ ଯାନେ ପାନଭୋଜନବସ୍ତୁଷୁ।
ଦୃଷ୍ଟ୍ୱାନ୍ତରଂ ପ୍ରମତ୍ତେଷୁ ପ୍ରହରନ୍ତ୍ୟରୟୋଽରିଷୁ ॥ ୨୪୧ ॥

ଶତ୍ରୁ ନିଜ ଶତ୍ରୁର ବସିବା, ଶୋଇବା, ଯିବା ଓ ଖାଇବା-ପିଇବା ସମୟରେ ତାହାକୁ ଅସାବଧାନ ଦେଖିଲେ ତାହା ଉପରେ ଆକ୍ରମଣ କରେ। ୨୪୧।

ତସ୍ମାତ୍ସର୍ବଂ ପ୍ରୟତ୍ନେନ ତ୍ରିବର୍ଗନିଳୟଂ ବୁଧଃ।
ଆତ୍ମାନମାଦୃତୋ ରକ୍ଷେତ୍ପ୍ରମାଦାଦ୍ଧି ବିନଶ୍ୟତି ॥ ୨୪୨ ॥

ଏହି ହେତୁରୁ ବିଦ୍ୱାନ୍ ପୁରୁଷ ଧର୍ମାର୍ଥକାମର (ତ୍ରିବର୍ଗର ଆଧାର ସ୍ୱରୂପ) ନିଜକୁ ସର୍ବପ୍ରକାର ଯତ୍ନସହକାରେ ରକ୍ଷା କରିବା ଉଚିତ। ଅସାବଧାନ ହେଲେ ବିନାଶ ଘଟିଥାଏ। ୨୪୨।

ଯଥାର୍ଥରେ କୁହାଯାଏ –

ସନ୍ତାପୟନ୍ତି କମପଥ୍ୟଭୁଜଂ ନ ରୋଗା;
ଦୁର୍ମନ୍ତ୍ରିଣଂ କମୁପଯାନ୍ତି ନ ନୀତିଦୋଷାଃ।
କଂ ଶ୍ରୀର୍ନ ଦର୍ପୟତି କଂ ନ ନିହନ୍ତି ମୃତ୍ୟୁଃ,
କଂ ସ୍ତ୍ରୀକୃତା ନ ବିଷୟାଃ ପରିପୀଡ଼ୟନ୍ତି ॥ ୨୪୩ ॥

ଅପଥ୍ୟଭୋଜୀ କେଉଁ ଲୋକକୁ ରୋଗ ସନ୍ତାପ ଦିଏ ନାହିଁ? କେଉଁ କୁମନ୍ତ୍ରୀକୁ ନୀତିଶାସ୍ତ୍ରରେ ବିହିତ ଦୋଷ ଆଶ୍ରୟ ନ କରେ? ଐଶ୍ୱର୍ଯ୍ୟ କାହାକୁ ଗର୍ବିତ କରେ ନାହିଁ? ମୃତ୍ୟୁ କାହାକୁ ବିନାଶ କରେ ନାହିଁ? ଧନଜନାଦି ବିଷୟ କାହାକୁ ସନ୍ତପ୍ତ କରେ ନାହିଁ?। ୨୪୩।

ଲୁବ୍ଧସ୍ୟ ନଶ୍ୟତି ଯଶଃ ପିଶୁନସ୍ୟ ମୈତ୍ରୀ,
ନଷ୍ଟକ୍ରିୟସ୍ୟ କୁଳମର୍ଥପରସ୍ୟ ଧର୍ମଃ।
ବିଦ୍ୟା ଫଳଂ ବ୍ୟସନିନଃ କୃପଣସ୍ୟ ସୌଖ୍ୟଂ,
ରାଜ୍ୟଂ ପ୍ରମତ୍ତସଚିବସ୍ୟ ନରାଧିପସ୍ୟ ॥ ୨୪୪ ॥

ଲୋଭୀ ଲୋକର ଯଶ, ଖଳ ଲୋକର ମୈତ୍ରୀ, କ୍ରିୟାଭ୍ରଷ୍ଟ ଲୋକର କୁଳ, ଅର୍ଥପରାୟଣ ଲୋକର ଧର୍ମ, ବ୍ୟସନୀ ଲୋକର ବିଦ୍ୟା, କୃପଣର ସୌଖ୍ୟ ଓ ଅସାବଧାନ ମନ୍ତ୍ରୀ ରହିଥିବା ରାଜାଙ୍କର ରାଜ୍ୟ ନଷ୍ଟ ହୋଇଯାଏ । ୨୪୪ ।

ହେ ରାଜା ! ଶତ୍ରୁ ସହିତ ମୁଁ ଅସିଧାରବ୍ରତ ପାଳନ କରୁଥିଲି ବୋଲି ଆପଣ ଯାହା କହିଲେ, ତାହା ମୁଁ ସାକ୍ଷାତ୍ ଅନୁଭବ କରୁଥିଲି । କଥିତ ଅଛି –

ଅପମାନଂ ପୁରସ୍କୃତ୍ୟ ମାନଂ କୃତ୍ୱା ତୁ ପୃଷ୍ଠତଃ ।
ସ୍ୱାର୍ଥମଭ୍ୟୁଦ୍ଧରେତ୍ପ୍ରାଜ୍ଞଃ ସ୍ୱାର୍ଥଭ୍ରଂଶୋ ହି ମୂର୍ଖତା ।। ୨୪୫ ।।

ବୁଦ୍ଧିମାନ୍ ଲୋକ ସମ୍ମାନକୁ ପଛରେ ପକାଇ ଅପମାନକୁ ସ୍ୱୀକାର କରି ଆପଣାର ଉଦ୍ଦେଶ୍ୟସାଧନ କରିବା ଉଚିତ । ସ୍ୱାର୍ଥହାନି କରିବା ହେଉଛି ମୂର୍ଖତା । ୨୪୫ ।

ସ୍କନ୍ଧେନାପି ବହେଚ୍ଛତ୍ରୁଂ କାଳମାସାଦ୍ୟ ବୁଦ୍ଧିମାନ୍ ।
ବହତ୍ୟ କୃଷ୍ଣସର୍ପେଣ ମଣ୍ଡୂକା ବିନିପାତିତାଃ ।। ୨୪୬ ।।

ବେଳ ପଡ଼ିଲେ ବୁଦ୍ଧିମାନ୍ ଲୋକ ଶତ୍ରୁକୁ ସୁଦ୍ଧା କାନ୍ଧରେ ବସାଇବା ଉଚିତ । ମଣ୍ଡୂକ (ବେଙ୍ଗ)କୁ ନିଜ ମୁଣ୍ଡରେ ବସାଇ କୃଷ୍ଣସର୍ପ ଶତ ଶତ ମଣ୍ଡୂକ ବିନାଶ କରିପାରିଥିଲା । ୨୪୬ ।

ମେଘବର୍ଣ୍ଣ ପଚାରିଲା, ''ସେ ମଣ୍ଡୂକ-କୃଷ୍ଣସର୍ପ କଥା କଅଣ ?'' ସ୍ଥିରଜୀବୀ କହିଲା –

ମଣ୍ଡୂକ ଓ ମନ୍ଦବିଷ-ସର୍ପ କଥା

ବରୁଣପର୍ବତ ନିକଟରେ କୌଣସି ସ୍ଥାନରେ ମନ୍ଦବିଷ ନାମକ ଗୋଟିଏ ବୃଦ୍ଧ କୃଷ୍ଣସର୍ପ ବାସକରୁଥିଲା । ସେ ମନେ ମନେ ଚିନ୍ତା କଲା, 'ମୁଁ କେଉଁ ଉପାୟରେ ସୁଖରେ ଜୀବିକା ନିର୍ବାହ କରିପାରିବି ?' ତହୁଁ ସେ ବହୁମଣ୍ଡୂକପୂର୍ଣ୍ଣ ଗୋଟିଏ ପୁଷ୍କରିଣୀ ନିକଟକୁ ଯାଇ ନିଜକୁ ବୈରାଗ୍ୟଭାବରେ ନିମଗ୍ନ ଥିଲା ଭଳି ଦେଖାଇ ରହିଲା ।

ସେ ଏହିପରି ଥିବା ସମୟରେ ଗୋଟିଏ ମଣ୍ଡୂକ ଜଳର ପ୍ରାନ୍ତଭାଗକୁ ଆସି ପଚାରିଲା, ''ମାମୁ ! ଆଜି କାହିଁକି ଆଗପରି ଆହାର ଖୋଜି ବୁଲୁନାହଁ ?''

ସେ କୃଷ୍ଣସର୍ପ କହିଲା, ''ମୁଁ ହତଭାଗ୍ୟ; ମୋର ଖାଇବାପାଇଁ କାହୁଁ ଇଚ୍ଛା ହେବ ? ରାତିରେ ସନ୍ଧ୍ୟା ସମୟରେ ମୁଁ ଆହାର ଖୋଜି ବୁଲୁ ବୁଲୁ ଗୋଟିଏ ମଣ୍ଡୂକ ଦେଖିଲି । ତାହାକୁ ଧରିବାପାଇଁ ମୁଁ ପ୍ରସ୍ତୁତ ହେଲି । ସେ ମଧ୍ୟ ମୋତେ ଦେଖିପାରି ମୃତ୍ୟୁଭୟରେ ବେଦପାଠନିରତ ବ୍ରାହ୍ମଣମାନଙ୍କ ଭିତରକୁ ପଶିଗଲା । ସେ କୁଆଡ଼େ ଗଲା, ମୁଁ ଜାଣିପାରିଲି ନାହିଁ । ମଣ୍ଡୂକ ସହିତ ସାଦୃଶ୍ୟ ଥିବା ହେତୁରୁ ଭ୍ରମରେ ପଡ଼ି ମୁଁ ପୁଷ୍କରିଣୀର ତୀର ନିକଟସ୍ଥ ଜଳମଧ୍ୟରେ ଥିବା କୌଣସି ବ୍ରାହ୍ମଣପୁତ୍ରର ଅଙ୍ଗୁଷ୍ଠିକୁ ଦଂଶନ କଲି । ତହୁଁ ସେ ତତ୍କ୍ଷଣାତ୍ ପଞ୍ଚତ୍ୱପ୍ରାପ୍ତ ହେଲା ।

ତାହାର ପିତା ଦୁଃଖିତ ହୋଇ ମୋତେ ଅଭିଶାପ ଦେଲେ, 'ରେ ଦୁରାତ୍ମା ! ତୁ ମୋର ନିର୍ଦ୍ଦୋଷ ପୁଅକୁ ଦଂଶନ କଲୁ । ଏହି ଦୋଷ ନିମନ୍ତେ ତୁ ମଣ୍ଡୂକମାନଙ୍କର

ବାହନ ହେବୁ ଓ ସେହିମାନଙ୍କର କୃପାରୁ ତୋର ଜୀବନଯାତ୍ରା ଚଳିବ।' ଏହି କାରଣରୁ ମୁଁ ତୁମମାନଙ୍କର ବାହନ ହେବାପାଇଁ ଏଠାକୁ ଆସିଛି।''

ସେହି ମଣ୍ଡୂକଟି ଯାଇ ଅନ୍ୟ ସବୁ ମଣ୍ଡୂକଙ୍କୁ ଏହି କଥା ଜଣାଇଦେଲା। ତହୁଁ ସେମାନେ ସମସ୍ତେ ଆନନ୍ଦିତ ମନରେ ଯାଇ ଜଳପାଦ ନାମକ ମଣ୍ଡୂକରାଜକୁ ଏହା ଜଣାଇଲେ। ଏହା ଏକ ଅଦ୍ଭୁତ ବ୍ୟାପାର ବୋଲି ମନେକରି ମଣ୍ଡୂକରାଜ ନିଜର ମନ୍ତ୍ରୀମାନଙ୍କଦ୍ୱାରା ପରିବେଷ୍ଟିତ ହୋଇ ପୁଷ୍କରିଣୀରୁ ବିସ୍ମୟପୂର୍ବକ ବାହାରିଯାଇ ସେହି ମନ୍ଦବିଷର ଫଣାଉପରେ ଚଢ଼ି ବସିଲା। ଅନ୍ୟମାନେ ବଡ଼-ସାନ ଅନୁସାରେ ତାର ପିଠି ଉପରେ ବସିଲେ।

ଅଧିକ କହିବା କି ଆବଶ୍ୟକ? ଯେଉଁମାନେ ତା ଉପରେ ସ୍ଥାନ ପାଇପାରିଲେ ନାହିଁ, ସେମାନେ ତାର ପଛେ ପଛେ ଦୌଡ଼ିବାକୁ ଲାଗିଲେ। ମନ୍ଦବିଷ ମଧ୍ୟ ସେମାନଙ୍କ ସନ୍ତୋଷ ନିମନ୍ତେ ବିବିଧ ପ୍ରକାର ଗତିଭଙ୍ଗୀ ଦେଖାଇଲା। ଜଳପାଦ ସର୍ପର ଫଣାରେ ବସି ବୁଲିବାର ସୁଖ ଅନୁଭବ କରି ତାକୁ କହିଲା –

ନ ତଥା କରିଣା ଯାନଂ ତୁରଗେଣ ରଥେନ ବା।
ନରଯାନେନ ନାବା ବା ଯଥା ମନ୍ଦବିଷେଣ ମେ।। ୨୪୭।।

ମନ୍ଦବିଷ ଉପରେ ଚଢ଼ି ଯିବାରେ ମୋତେ ଯେଉଁ ସୁଖ ମିଳୁଛି, ହାତୀ ଉପରେ, କି ଘୋଡ଼ା ଉପରେ କି ରଥ ଉପରେ ବା ନୌକାରେ ଏପରିକି ମନୁଷ୍ୟ ଉପରେ ଚଢ଼ି ଯିବାରେ ସେ ସୁଖ ହେବ ନାହିଁ। ୨୪୭।

ତହୁଁ ଦିନକରେ ମନ୍ଦବିଷ ଛଳନାକରି ଧୀରେ ଧୀରେ ଚାଲିବାକୁ ଲାଗିଲା। ତାହା ଦେଖି ଜଳପାଦ ପଚାରିଲା, ''ଭଦ୍ର ମନ୍ଦବିଷ! ଆଜି କାହିଁକି ଅନ୍ୟ ଦିନପରି ଭଲରୂପେ ଚାଲୁନାହଁ?''

ମନ୍ଦବିଷ ଉତ୍ତର କଲା, ''ଆଜି ଆହାର ଅଭାବରୁ ବୋହିନେବାକୁ ମୋର ବଳ ନାହିଁ।'' ତହୁଁ ଜଳପାଦ କହିଲା, ''ଭଦ୍ର! କ୍ଷୁଦ୍ର ମଣ୍ଡୂକମାନଙ୍କୁ ଭକ୍ଷଣ କର।'' ତାହା ଶୁଣି ମନ୍ଦବିଷର ସମସ୍ତ ଶରୀର ପୁଲକିତ ହୋଇଗଲା। ସେ ପ୍ରସନ୍ନ ହୋଇ କହିଲା, ''ତାହାହିଁ ମୋ ପ୍ରତି ବ୍ରାହ୍ମଣଙ୍କର ଅଭିଶାପ ଥିଲା। ତୁମର ଏହି ଆଦେଶରେ ମୁଁ ପ୍ରୀତ ହେଲି।''

ତପ୍ରେ ସେ ସର୍ବଦା ମଣ୍ଡୂକମାନଙ୍କୁ ଆହାର କରି ଅଳ୍ପ ଦିନ ମଧ୍ୟରେ ଖୁବ୍ ବଳବାନ୍ ହୋଇଗଲା। ଅତ୍ୟନ୍ତ ଆନନ୍ଦିତ ହୋଇ ମନେ ମନେ ହସି ସେ କହିଲା –

ମଣ୍ଡୂକା ବିବିଧା ହ୍ୟେତେ ଛଳପୂର୍ବୋପସାଧିତାଃ
କିୟନ୍ତଂ କାଳମକ୍ଷୀଣା ଭବେୟୁଃ ଖାଦିତା ମମ।। ୨୪୮।।

କପଟ କରି ମୁଁ ନାନାପ୍ରକାର ମଣ୍ଡୂକ ଖାଉଛି। ଏହିପରି ଖାଇବା ହେତୁ କିଛିକାଳ ମଧ୍ୟରେ ଏମାନେ କଅଣ ଶେଷ ହୋଇଯିବେ ନାହିଁ?। ୨୪୮।

ମନ୍ଦବିଷ କପଟ ବଚନରେ ଜଳପାଦର ମନକୁ ଏପରି ଭୁଲାଇ ଦେଇଥିଲା ଯେ, ସେ କିଛିମାତ୍ର ବୁଝିପାରୁନଥିଲା। ଏହି ସମୟରେ ଅନ୍ୟ ଏକ ବୃହତ୍କାୟ

କୃଷ୍ଣସର୍ପ ସେଠାରେ ଉପସ୍ଥିତ ହେଲା। ମନ୍ଦବିଷ ମଣ୍ଡୂକମାନଙ୍କୁ ବହନ କରି ନେଉଥିବାର ଦେଖି ସେ ବିସ୍ମିତ ହୋଇ କହିଲା, ''ବନ୍ଧୁ! ଯେଉଁମାନେ ଆମର ଆହାର, ସେହି ମଣ୍ଡୂକମାନଙ୍କର ବାହନ ହୋଇଛ କାହିଁକି? ଏ ବିପରୀତ କଥା!'' ମନ୍ଦବିଷ କହିଲା –

ସର୍ବମେତଦ୍‌ବିଜାନାମି ଯଥା ବାହ୍ୟୋଽସ୍ମି ଦର୍ଦୂରୈଃ
କିଞ୍ଚିତ୍‌କାଳଂ ପ୍ରତୀକ୍ଷେଽହଂ ଘୃତାନ୍ଧୋ ବ୍ରାହ୍ମଣୋ ଯଥା ।। ୨୪୯ ।।

ମୁଁ ଭଲକରି ଜାଣେ ଯେ, କାହିଁକି ମୁଁ ମଣ୍ଡୂକମାନଙ୍କର ବାହନ ହୋଇଅଛି। ଘୃତଦ୍ୱାରା ଅନ୍ଧ ବ୍ରାହ୍ମଣ ଭଳି ମୁଁ କିଛି ସମୟ ଅପେକ୍ଷା କରି ରହିଛି। ୨୪୯।

ବୃହତ୍ କୃଷ୍ଣସର୍ପ କହିଲା, ''ସେ ଘୃତାନ୍ଧ ବ୍ରାହ୍ମଣ କଥା କଅଣ?'' ମନ୍ଦବିଷ କହିଲା –

ଘୃତାନ୍ଧ ବ୍ରାହ୍ମଣ କଥା

କୌଣସି ଏକ ନଗରରେ ବ୍ରହ୍ମଦତ୍ତ ନାମରେ ଜଣେ ବ୍ରାହ୍ମଣ ଥିଲା। ତା'ର ସ୍ତ୍ରୀ ବ୍ୟଭିଚାରିଣୀ ଓ ପରପୁରୁଷଠାରେ ଅନୁରକ୍ତା ଥିଲା। ସେ ପ୍ରତ୍ୟହ ଘିଅ ଓ ଗୁଡ଼ରେ ପିଠା ତିଆରି କରି ସ୍ୱାମୀକୁ ଲୁଚାଇ ତା'ର ଉପପତିକୁ ନେଇ ଦେଉଥିଲା। ଥରେ ସ୍ୱାମୀ ଦେଖିପାରି ପଚାରିଲା, ''ପ୍ରିୟେ, ଏ କଅଣ ତିଆରି କରିଛ? ପ୍ରତିଦିନ କେଉଁଠାକୁ ଅବା ନେଉଛ? ସତ କଥା କହ।'' ତା'ର ଉପସ୍ଥିତ ବୁଦ୍ଧି ଥିଲା। ସେ କପଟ ବାକ୍ୟରେ ସ୍ୱାମୀଙ୍କୁ କହିଲା, ''ଏଠାରୁ ଅଳ୍ପ ଦୂରରେ ଦେବୀ ଭଗବତୀଙ୍କର ମନ୍ଦିର ଅଛି। ମୁଁ ଉପବାସ କରି ପୂଜାଦ୍ରବ୍ୟ ଓ ବିଭିନ୍ନ ଖାଦ୍ୟଦ୍ରବ୍ୟ ନେଇ ସେଠାରେ ଦିଏଁ।''

ତତ୍ପରେ ବ୍ରାହ୍ମଣ ଆଗରେ ସେ ଭୋଜ୍ୟ ବସ୍ତୁଗୁଡ଼ିକ ଧରି ମନ୍ଦିର ଆଡ଼କୁ ଚାଲିଗଲା। ସେ ଭାବିଥିଲା ଯେ, ଦେବୀଙ୍କୁ ଭୋଗ ଦେଲେ ତାର ସ୍ୱାମୀ ମନେକରିବ 'ମୋ ସ୍ତ୍ରୀ ପ୍ରତିଦିନ ଭଗବତୀଙ୍କ ପାଇଁ ବିବିଧ ଭୋଜ୍ୟଦ୍ରବ୍ୟ ନେଉଛି।' ଏହାପରେ ସେ ମନ୍ଦିରକୁ ଯାଇ ସ୍ନାନ କରିବାକୁ ନଦୀରେ ପ୍ରବେଶ କଲା। ସେ ସ୍ନାନ କରୁଥିଲାବେଳେ ତାର ସ୍ୱାମୀ ଅନ୍ୟ ବାଟରେ ଆସି ଭଗବତୀଙ୍କ ପଛରେ ଲୁଚିବସିଲା।

ବ୍ରାହ୍ମଣୀ ସ୍ନାନ କରି ମନ୍ଦିରକୁ ଆସି ଦେବୀଙ୍କୁ ସ୍ନାନ କରାଇ, ମାଲ୍ୟ, ଧୂପ ଆଦି ପୂଜାଦ୍ରବ୍ୟ ଦେଇ ପ୍ରଣାମ କରି କହିଲା, ''ହେ ଭଗବତି! କେଉଁ ଉପାୟରେ ମୋର ସ୍ୱାମୀ ଅନ୍ଧ ହୋଇଯିବ?'' ଦେବୀଙ୍କ ପଛରେ ଥାଇ ବ୍ରାହ୍ମଣ ଏହା ଶୁଣିପାରି ସ୍ୱର ବଦଳାଇଦେଇ କହିଲା, ''ଯଦି ତୁ ପ୍ରତିଦିନ ଘିଅପିଠା ଆଦି ଭୋଜ୍ୟଦ୍ରବ୍ୟ ସ୍ୱାମୀକୁ ଖାଇବାକୁ ଦେବୁ, ତେବେ ସେ ଶୀଘ୍ର ଅନ୍ଧ ହୋଇଯିବ।''

ସେ କୁଳଟା ଏହି କପଟ ବାକ୍ୟରେ ଭୁଲିଯାଇ ପ୍ରତିଦିନ ବ୍ରାହ୍ମଣକୁ ସେହିପରି ଖାଇବାକୁ ଦେଲା। ଦିନେ ବ୍ରାହ୍ମଣ ତାର ସ୍ତ୍ରୀକୁ କହିଲା, ''ପ୍ରିୟେ! ମୁଁ ଆଦୌ ଦେଖିପାରୁନାହିଁ।'' ଏହା ଶୁଣି ସେ ଭାବିଲା, ଦେବୀଙ୍କ କୃପାରୁ ଫଳ ମିଳିଗଲା।''

ଅନନ୍ତର ସେହି ବ୍ରାହ୍ମଣୀର ପ୍ରିୟ ଉପପତି ଭାବିଲା, 'ବ୍ରାହ୍ମଣ ଅନ୍ଧ ହୋଇଗଲାଣି, ସେ ମୋର କଅଣ କରିପାରିବ ?' ଏହା ଭାବି ସେ ନିର୍ଭୟରେ ବ୍ରାହ୍ମଣୀ ପାଖକୁ ପ୍ରତିଦିନ ଆସିବାକୁ ଲାଗିଲା। ଦିନେ ବିଟପୁରୁଷ ଘରେ ପ୍ରବେଶ କରନ୍ତେ, ତାକୁ ପାଖରେ ଦେଖି ବ୍ରାହ୍ମଣ ତା'ର ଚୁଟି ଧରି ବାଡ଼ିରେ ପିଟିଲା, ଗୋଇଠା ମାରିଲା ଓ ନାନାପ୍ରକାରେ ଏପରି ମାଡ଼ ଦେଲା ଯେ, ସେ ମରିଗଲା। ଦୁଷ୍ଟା ଭାର୍ଯ୍ୟାର ନାକ କାଟିଦେଇ ସେ ତାକୁ ଘରୁ ବାହାରକରିଦେଲା। ଏହି ହେତୁରୁ ମୁଁ କହୁଥିଲି– 'ସର୍ବମେତଦ୍ ବିଜାନାମି . . .' ଇତ୍ୟାଦି।

ମନ୍ଦବିଷ ମନେ ମନେ ହସି 'ମଣ୍ଡୂକା ବିବିଧା ହ୍ୟେତେ' ଇତ୍ୟାଦି ତାକୁ ପୁଣି କହିଲା। ଏହା ଶୁଣି ଜଳପାଦ ନିତାନ୍ତ ଉଦ୍‌ବିଗ୍ନ ହୋଇ 'କଅଣ କହିଲା' ଠିକ୍ ବୁଝି ନ ପାରି ତାକୁ ପଚାରିଲା, ''ଭଦ୍ର! ତୁମେ ଏପରି ବିପରୀତ କଥା କଅଣ କହିଲ ?'' ସେ ପ୍ରକୃତ ଉଦ୍ଦେଶ୍ୟ ଲୁଚାଇବାପାଇଁ କହିଲା, ''କିଛି ନାହିଁ।'' ମନ୍ଦବିଷର କପଟ ବାକ୍ୟରେ ଜଳପାଦ ଏପରି ବୁଝିପାରୁନଥିଲା। ଅଧିକ କଅଣ କହିବା ? ମନ୍ଦବିଷ ସବୁ ମଣ୍ଡୂକ ଖାଇଦେଲା; ଗୋଟିଏ ସୁଦ୍ଧା ରହିଲା ନାହିଁ। ଏହି ହେତୁରୁ ମୁଁ 'ସ୍କନ୍ଧେନାଽପି ବହେଚ୍ଛତ୍ରୁମ୍ . . .' ଇତ୍ୟାଦି କହୁଥିଲି।

ହେ ରାଜନ୍! ମନ୍ଦବିଷ ଯେଉଁ ଉପାୟରେ ମଣ୍ଡୂକମାନଙ୍କୁ ମାରିଥିଲା, ସେହିପରି ଉପାୟରେ ସବୁ ଶତ୍ରୁଙ୍କୁ ମାରିଲି। ଯଥାର୍ଥରେ କୁହାଯାଇଅଛି–

ବନେ ପ୍ରଜ୍ୱଲିତୋ ବହ୍ନିର୍ଦହନ୍ମୂଳାନି ରକ୍ଷତି।
ସମୂଳୋନ୍ମୂଳନଂ କୁର୍ଯାଦ୍‌ବାୟୁର୍ଯୋ ମୃଦୁଶୀତଳଃ ।। ୨୫୦ ।।

ବନରେ ପ୍ରଜ୍ୱଳିତ ଅଗ୍ନି ବୃକ୍ଷକୁ ପୋଡ଼ିଦେଲେ ମଧ୍ୟ ମୂଳ ରହିଯାଏ; କିନ୍ତୁ ବାୟୁ ଶୀତଳ ଓ ଧୀର ହେଲେହେଁ ସେ ବୃକ୍ଷକୁ ମୂଳ ସହିତ ନଷ୍ଟ କରିଦିଏ। ୨୫୦।

ମେଘବର୍ଣ୍ଣ କହିଲା, ''ଆପଣ ଯାହା କହିଲେ, ତାହା ସତ। ଯେଉଁମାନେ ମହାପୁରୁଷ, ସେମାନେ ମହାବଳୀ; ସେମାନେ ବିପଦରେ ପଡ଼ିଲେ ମଧ୍ୟ ଆରବ୍ଧ କାର୍ଯ୍ୟକୁ ତ୍ୟାଗ କରନ୍ତି ନାହିଁ। ଯେହେତୁ କଥିତ ଅଛି–

ମହତ୍ତ୍ୱମେତନ୍ମହତାଂ ନୟାଲଙ୍କାରଧାରିଣାମ୍।
ନ ମୁଞ୍ଚନ୍ତି ଯଦାରବ୍ଧଂ କୃଚ୍ଛ୍ରେଽପି ବ୍ୟସନୋଦୟେ।। ୨୫୧ ।।

ନୀତିରୂପକ ଅଳଙ୍କାରଦ୍ୱାରା ବିଭୂଷିତ ମହାପୁରୁଷମାନେ ବିପଦରେ ପତିତ ହେଲେ ସୁଦ୍ଧା ଆରବ୍ଧ କାର୍ଯ୍ୟକୁ କେବେହେଁ ତ୍ୟାଗ କରନ୍ତି ନାହିଁ। ଏହାହିଁ ହେଉଛି ସେମାନଙ୍କର ମହତ୍ତ୍ୱର ପରିଚାୟକ। ୨୫୧। ପୁଣି–

ପ୍ରାରଭ୍ୟତେ ନ ଖଲୁ ବିଘ୍ନଭୟେନ ନୀଚୈଃ,
ପ୍ରାରଭ୍ୟ ବିଘ୍ନବିହତା ବିରମନ୍ତି ମଧ୍ୟାଃ।
ବିଘ୍ନୈଃ ସହସ୍ରଗୁଣିତୈରପି ହନ୍ୟମାନାଃ,
ପ୍ରାରବ୍ଧମୁତ୍ତମଗୁଣା ନ ପରିତ୍ୟଜନ୍ତି।। ୨୫୨ ।।

ଅଧମ ଶ୍ରେଣୀର ଲୋକେ ବିଘ୍ନଭୟରେ କାର୍ଯ୍ୟକୁ ଆରମ୍ଭ ସୁଦ୍ଧା କରନ୍ତି ନାହିଁ;

ମଧ୍ୟମ ଶ୍ରେଣୀର ଲୋକେ କାର୍ଯ୍ୟାରମ୍ଭ କରି ବିଘ୍ନ ଆସିଲେ ସେଥିରୁ ବିରତ ହୁଅନ୍ତି; କିନ୍ତୁ ଉତ୍ତମ ଶ୍ରେଣୀର ଲୋକେ ସହସ୍ର ସହସ୍ର ବିଘ୍ନଦ୍ୱାରା ବାଧାପ୍ରାପ୍ତ ହେଲେହେଁ ପ୍ରାରବ୍ଧ କର୍ମରୁ କଦାପି ବିରତ ହୁଅନ୍ତି ନାହିଁ। ୨୫୨।

ଏବେ ତୁମେ ଶତ୍ରୁକୁ ନିଃଶେଷ କରିବାଦ୍ୱାରା ମୋର ରାଜ୍ୟକୁ ନିଷ୍କଣ୍ଟକ କରିଅଛ; ଅଥବା ନୀତିଜ୍ଞମାନଙ୍କ ପକ୍ଷରେ ଏହା ବିଧେୟ। ଯେହେତୁ କଥିତ ଅଛି –

ଋଣଶେଷଂ ଚାଗ୍ନିଶେଷଂ ଶତ୍ରୁଶେଷଂ ତଥୈବ ଚ।
ବ୍ୟାଧିଶେଷଂ ଚ ନିଃଶେଷଂ କୃତ୍ୱା ପ୍ରାଜ୍ଞୋ ନ ସୀଦତି॥ ୨୫୩॥

ଋଣ, ଅଗ୍ନି, ଶତ୍ରୁ, ବ୍ୟାଧି ଏମାନଙ୍କୁ ସମୂଳେ ନାଶ କରି ବୁଦ୍ଧିମାନ୍ ଲୋକ ଦୁଃଖଭୋଗ କରେନାହିଁ।'' । ୨୫୩।

ସ୍ଥିରଜୀବୀ କହିଲା, ''ଦେବ, ତୁମେ ହେଉଛ ଭାଗ୍ୟବାନ୍। ତୁମର ସମସ୍ତ ପ୍ରାରବ୍ଧ କର୍ମ ସିଦ୍ଧ ହୋଇଅଛି। କେବଳ ଶୌର୍ଯ୍ୟଦ୍ୱାରା କାର୍ଯ୍ୟ ସାଧିତ ହୁଏ ନାହିଁ; କିନ୍ତୁ ବୁଦ୍ଧିଦ୍ୱାରା ଯେଉଁ କାର୍ଯ୍ୟ କରାଯାଇଥାଏ, ତାହା ବିଜୟର କାରଣ ହୋଇଥାଏ। କଥିତ ଅଛି –

ଶସ୍ତ୍ରୈର୍ହତା ନ ହି ହତା ରିପବୋ ଭବନ୍ତି,
ପ୍ରଜ୍ଞାହତାସ୍ତୁ ରିପବଃ ସୁହତା ଭବନ୍ତି।
ଶସ୍ତ୍ରଂ ନିହନ୍ତି ପୁରୁଷସ୍ୟ ଶରୀରମେକଂ,
ପ୍ରଜ୍ଞା କୁଳଞ୍ଚ ବିଭବଞ୍ଚ ଯଶଶ୍ଚ ହନ୍ତି॥ ୨୫୪॥

ଶସ୍ତ୍ରଦ୍ୱାରା ନିହତ ଶତ୍ରୁ ମରିନଥାଏ, ବୁଦ୍ଧିଦ୍ୱାରା ନିହତ ଶତ୍ରୁହିଁ ଯଥାର୍ଥରେ ମରିଥାଏ। କାରଣ, ଶସ୍ତ୍ର କେବଳ ଶତ୍ରୁର ଶରୀରକୁ ନଷ୍ଟ କରିଦିଏ, କିନ୍ତୁ ବୁଦ୍ଧିଦ୍ୱାରା ଶତ୍ରୁର କୁଳ, ଐଶ୍ୱର୍ଯ୍ୟ, ଯଶ ଆଦି ବିନଷ୍ଟ ହୋଇଥାଏ। ୨୫୪।

ଏହି ହେତୁରୁ ଯେଉଁ ଲୋକମାନେ ପ୍ରଜ୍ଞା ଓ ପୁରୁଷକାର (ବୁଦ୍ଧି ଓ ପରାକ୍ରମ) ଦ୍ୱାରା ବିମଣ୍ଡିତ, ବିନା ପ୍ରୟାସରେ ସେମାନଙ୍କର କାର୍ଯ୍ୟସିଦ୍ଧି ହୋଇଥାଏ। କଥିତ ଅଛି –

ପ୍ରସରତି ମତିଃ କାର୍ଯ୍ୟାରମ୍ଭେ ଦୃଢ଼ୀଭବତି ସ୍ମୃତିଃ,
ସ୍ୱୟମୁପନମନ୍ତ୍ୟର୍ଥା ମନ୍ତ୍ରୋ ନ ଗଚ୍ଛତି ବିପ୍ଳବମ୍।
ସ୍ଫୁରତି ସଫଳସ୍ତର୍କଶ୍ଚିତ୍ତଂ ସମୁନ୍ନତିମଶ୍ନୁତେ,
ଭବତି ଚ ରତିଃ ଶ୍ଳାଘ୍ୟେ କୃତ୍ୟେ ନରସ୍ୟ ଭବିଷ୍ୟତଃ॥ ୨୫୫॥

ଯେତେବେଳେ କୌଣସି ଲୋକର ଅଭ୍ୟୁଦୟ ଉପସ୍ଥିତ ହୁଏ, ସେତେବେଳେ କାର୍ଯ୍ୟାରମ୍ଭରେ ତା'ର ବୁଦ୍ଧି ବୃଦ୍ଧିପାଏ; ସ୍ମୃତି ଦୃଢ଼ୀଭୂତ ହୁଏ, ତା'ର ବିଚାର ଆପେ ଆପେ କାର୍ଯ୍ୟର ଫଳ ଦେଇଥାଏ, କଦାପି ନିଷ୍ଫଳ ହୁଏ ନାହିଁ; ସଫଳ ବିଚାର-ଶକ୍ତି ଚିତ୍ତରେ ଉତ୍ସାହ ଏବଂ ପ୍ରଶଂସନୀୟ କାର୍ଯ୍ୟରେ ଅନୁରାଗ ଜନ୍ମାଏ। ୨୫୫।

ଆହୁରି ମଧ୍ୟ ଯେଉଁ ପୁରୁଷ ନୀତି, ତ୍ୟାଗ ଓ ଶୌର୍ଯ୍ୟ ଗୁଣରେ ଯୁକ୍ତ ହୋଇଥାଏ, ସେ ରାଜ୍ୟ ଲାଭ କରେ। କଥିତ ଅଛି –

ତ୍ୟାଗିନି ଶୂରେ ବିଦୁଷି ଚ ସଂସର୍ଗରୁଚିର୍ଜନୋ ଗୁଣୋ ଭବତି ।
ଗୁଣବତି ଧନଂ ଧନାଚ୍ଛ୍ରୀଃ ଶ୍ରୀମତ୍ୟାଜ୍ଞା ତତୋ ରାଜ୍ୟମ୍ ।। ୨୫୬ ।।

ଦାନଶୀଳ, ବୀର ଓ ବିଦ୍ୱାନ୍ ପୁରୁଷର ସଂସର୍ଗରେ ଯାହାର ଅନୁରାଗ ଥାଏ, ସେ ଗୁଣୀ ହୋଇଥାଏ । ଗୁଣବାନ୍ ଲୋକ ଧନ ଲାଭ କରେ, ଧନରୁ ଐଶ୍ୱର୍ଯ୍ୟ ଓ ଐଶ୍ୱର୍ଯ୍ୟରୁ ପ୍ରଭୁତ୍ୱ ଲାଭ ହୁଏ । ପ୍ରଭୁତ୍ୱ ମିଳିବାରୁ ରାଜ୍ୟ ମିଳିଥାଏ ।'' । ୨୫୬ ।

ମେଘବର୍ଣ୍ଣ କହିଲା, ''ନୀତିଶାସ୍ତ୍ର ଯେ ସଦ୍ୟ ଫଳ ଦେଇଥାଏ, ଏଥିରେ ସନ୍ଦେହ ନାହିଁ । ଏହାରି ଯୋଗୁଁ ତୁମେ ଶତ୍ରୁର୍ ଅନୁଗତ ହୋଇ, ଅନୁପ୍ରବେଶ କରି ଅରିମର୍ଦ୍ଦନଙ୍କୁ ସପରିବାର ଧ୍ୱଂସ କରିପାରିଲ ।'' ଏହା ଶୁଣି ସ୍ଥିରଜୀବୀ କହିଲା –

ତୀକ୍ଷ୍ଣୋପାୟପ୍ରାପ୍ତିଗମ୍ୟୋଽପି ଯୋଽର୍ଥ-
ସ୍ତସ୍ୟାପ୍ୟାଦୌ ସଂଶ୍ରୟଃ ସାଧୁ ଯୁକ୍ତଃ ।
ଉତ୍ତୁଙ୍ଗାଗ୍ରଃ ସାରଭୂତୋ ବନାନାଂ
ନାନଭ୍ୟର୍ଚ୍ଚ୍ୟ ଛିଦ୍ୟତେ ପାଦପେନ୍ଦ୍ରଃ ।। ୨୫୭ ।।

ଯାହା କଠୋର ଉପାୟଦ୍ୱାରା ଲଭ୍ୟ, ତାହାକୁ ଲାଭ କରିବା ପାଇଁ ପ୍ରଥମେ ତାହା ସଙ୍ଗେ ସମ୍ବନ୍ଧ ସ୍ଥାପନ କରିବା ଆବଶ୍ୟକ (ଅର୍ଥାତ୍ ଶତ୍ରୁକୁ ବିନାଶ କରିବାପାଇଁ ପ୍ରଥମେ ଶତ୍ରୁକୁ ଆପଣାର କରିନେବା ଉଚିତ) । ଦେଖ, ଉନ୍ନତ ଶାଖାବିଶିଷ୍ଟ ବନର ଉତ୍କୃଷ୍ଟ ମହାଦ୍ରୁମକୁ କାଟିବାପୂର୍ବରୁ ତା'ର ପୂଜା କରିବାକୁ ହୋଇଥାଏ । ୨୫୭ ।

ହେ ରାଜନ୍ ! ଯାହା ଅନେକ କାଳ ପରେ କରାଯିବ ବା ଯାହା ଅନାୟାସରେ କରାଯାଇପାରିବ, ସେ କଥା କରିବାରେ କି ଲାଭ ? ଯଥାର୍ଥରେ କୁହାଯାଇଛି –

ଅନିଶ୍ଚିତୈରଧ୍ୟବସାୟଭୀରୁଭିଃ, ପଦେ ପଦେ ଦୋଷଶତାନୁଦର୍ଶିଭିଃ ।
ଫଳବିସଂବାଦମୁପାଗତା ଗିରଃ, ପ୍ରଯାନ୍ତି ଲୋକେ ପରିହାସବସ୍ତୁତାମ୍ ।। ୨୫୮ ।।

ଅସ୍ଥିରମନା ଓ ଅଧ୍ୟବସାୟକାତର ଲୋକେ ପଦେ ପଦେ ଶତ ଶତ ବିଘ୍ନ ଦେଖିଥାନ୍ତି । ସେମାନଙ୍କର ବଚନ ଅନୁସାରେ ଫଳ ହେଉନଥିବାରୁ ସେମାନେ ଉପହାସର ପାତ୍ର ହୋଇଥାନ୍ତି । ୨୫୮ ।

ବୁଦ୍ଧିମାନ୍ ଲୋକ ସାମାନ୍ୟ କାର୍ଯ୍ୟକୁ ସୁଦ୍ଧା ଅବହେଳା କରିବା ଉଚିତ ନୁହେଁ; କାରଣ –

ଶକ୍ଷ୍ୟାମି କର୍ତ୍ତୁମିଦମଳ୍ପମଯତ୍ନସାଧ –
ମତ୍ରାଦରଃ କ ଇତି କୃତ୍ୟମୁପେକ୍ଷମାଣାଃ ।
କେଚିତ୍ପ୍ରମତ୍ତମନସଃ ପରିତାପଦୁଃଖ –
ମାପତ୍ପ୍ରସଙ୍ଗସୁଲଭଂ ପୁରୁଷଂ ପ୍ରଯାନ୍ତି ।। ୨୫୯ ।।

'ଏ ସାମାନ୍ୟ କାର୍ଯ୍ୟକୁ ମୁଁ ଅକ୍ଳେଶରେ କରି ପାରିବି, ଏଥିପାଇଁ ଯତ୍ନ କରିବା କିଂ ଦରକାର ?' –ଏହିପରି ବିଚାରି ଯେଉଁ ଲୋକେ କାର୍ଯ୍ୟକୁ ଉପେକ୍ଷା କରନ୍ତି, ସେମାନଙ୍କର ବୁଦ୍ଧି ଭ୍ରାନ୍ତ । ବିପଦ ଉପସ୍ଥିତ ହେଲେ ସେମାନେ ସହଜରେ ଅନୁତାପଜନିତ ଦୁଃଖଭୋଗ କରିଥାନ୍ତି । ୨୫୯ ।

ଆଜି ମୋର ପ୍ରଭୁ ଶତ୍ରୁବିଜୟୀ ହୋଇଥିବାରୁ ପୂର୍ବ ପରି ନିଦ୍ରାସୁଖ ଅନୁଭବ କରିବେ । କୁହାଯାଇଅଛି –

ନିଃସର୍ପେ ହତସର୍ପେ ବା ଭବନେ ସୁପ୍ୟତେ ସୁଖମ୍ ।
ଦୃଷ୍ଟନଷ୍ଟଭୁଜଙ୍ଗେ ତୁ ନିଦ୍ରା ଦୁଃଖେନ ଲଭ୍ୟତେ ।। ୨୬୦ ।।

ଯେଉଁ ଗୃହରେ ସର୍ପ ନଥାଏ ବା ସର୍ପ ଆବଦ୍ଧ ହୋଇଥାଏ; ସେ ଗୃହରେ ଆନନ୍ଦରେ ଶୋଇହୁଏ; କିନ୍ତୁ ଯେଉଁ ଗୃହରେ ସର୍ବଦା ସର୍ପ ଦେଖିବାକୁ ମିଳେ, ସେଥିରେ ଅତି କଷ୍ଟରେ ନିଦ୍ରା ଆସିଥାଏ । ୨୬୦ । ପୁଣି –

ବିସ୍ତୀର୍ଣବ୍ୟବସାୟସାଧ୍ୟମହତାଂ ସ୍ନିଗ୍ଧୋପଯୁକ୍ତାଶିଷାଂ,
କାର୍ଯ୍ୟଣାଂ ନୟସାହସୋନ୍ନତିମତାମିଚ୍ଛାପଦାରୋହିଣାମ୍ ।
ମାନୋତ୍ସେକପରାକ୍ରମବ୍ୟସନିନଃ ପାରଂ ନ ଯାବଦ୍ ଗତାଃ,
ସାମର୍ଷେ ହୃଦୟେଽବକାଶବିଷୟା ତାବତ୍କଥଂ ନିର୍ବୃତିଃ ।। ୨୬୧ ।।

ଯେଉଁ ମହାପୁରୁଷମାନେ ଅଧ୍ୟବସାୟର ବୃଦ୍ଧିଦ୍ୱାରା ମହତ୍ତ୍ୱ ଲାଭ କରିଥାନ୍ତି, ସ୍ୱଜନମାନଙ୍କର ଆଶୀର୍ବାଦ ଲାଭ କରିଥାନ୍ତି, କାର୍ଯ୍ୟରେ ନୀତି ଓ ଉତ୍ସାହ ଦ୍ୱାରା ଉନ୍ନତି ଲାଭ କରିଥାନ୍ତି; ସେମାନେ ସମ୍ମାନ ଓ ପରାକ୍ରମ ନିମନ୍ତେ ସକଳ ବିପଦକୁ ଅତିକ୍ରମ ନ କରିବା ପର୍ଯ୍ୟନ୍ତ ହୃଦୟରେ କାହୁଁ ଶାନ୍ତି ପାଇପାରିବେ ? (ଅର୍ଥାତ୍ କାର୍ଯ୍ୟ ସମାପ୍ତି ପୂର୍ବରୁ ମହାନ୍ ପୁରୁଷ ଶାନ୍ତି ପାଇ ନ ପାରେ) । ୨୬୧ ।

ପ୍ରାରବ୍ଧ କାର୍ଯ୍ୟ ସମାପ୍ତ ହୋଇଥିବାରୁ ମୋର ହୃଦୟ ବିଶ୍ରାମ ଚାହୁଁଅଛି । ବର୍ତ୍ତମାନ ତୁମେ ପ୍ରଜାପାଳନରେ ନିରତ ରହି ଚିରକାଳ ନିଷ୍କଣ୍ଟକ ରାଜ୍ୟକୁ ପୁତ୍ର-ପୌତ୍ରାଦିକ୍ରମେ ଭୋଗକର । ତୁମର ରାଜଛତ୍ର, ରାଜସିଂହାସନ ଓ ରାଜଲକ୍ଷ୍ମୀ ଅଚଳ ରହୁ । ଆହୁରି ମଧ୍ୟ –

ପ୍ରଜା ନ ରଞ୍ଜୟେଦ୍ୟସ୍ତୁ ରାଜା ରକ୍ଷାଦିଭିର୍ଗୁଣୈଃ ।
ଅଜାଗଳସ୍ତନସ୍ୟେବ ତସ୍ୟ ରାଜ୍ୟଂ ନିରର୍ଥକମ୍ ।। ୨୬୨ ।।

ଯେଉଁ ରାଜା ପ୍ରଜାପାଳନ ପ୍ରଭୃତି ଗୁଣଦ୍ୱାରା ପ୍ରଜାମାନଙ୍କୁ ପ୍ରସନ୍ନ କରନ୍ତି ନାହିଁ, ତାଙ୍କର ରାଜ୍ୟ ଛାଗର ଗଳାରୁ ଲମ୍ବିଥିବା ସ୍ତନତୁଲ୍ୟ ନିରର୍ଥକ ଅଟେ । ୨୬୨ ।

ଗୁଣେଷୁ ରାଗୋ ବ୍ୟସନେଷ୍ୱନାଦରୋ,
ରତିଃ ସୁଭୃତ୍ୟେଷୁ ଚ ଯସ୍ୟ ଭୂପତେଃ ।
ଚିରଂ ସ ଭୁଙ୍କ୍ତେ ଚଳଚାମରାଂଶୁକାଂ,
ସିତାତପତ୍ରାଭରଣାଂ ନୃପଶ୍ରିୟମ୍ ।। ୨୬୩ ।।

ଯେଉଁ ରାଜା ଶୌର୍ଯ୍ୟାଦି ଗୁଣରେ ପ୍ରୀତି, ଦ୍ୟୁତକ୍ରୀଡ଼ାଦି ବ୍ୟସନରେ ଅନାଦର, ଉତ୍ତମ ଭୃତ୍ୟମାନଙ୍କଠାରେ ଅନୁରାଗ ପ୍ରଦର୍ଶନ କରିଥାନ୍ତି, ସେ ଚିରକାଳ ଚଳଚାମର-ରୂପକ ପଟ୍ଟବସ୍ତ୍ର ଧାରଣ ଓ ଶ୍ୱେତଛତ୍ରରୂପକ ଅଳଙ୍କାରଦ୍ୱାରା ସୁଶୋଭିତ ରାଜଲକ୍ଷ୍ମୀଙ୍କୁ ଭୋଗକରନ୍ତି । ୨୬୩ ।

'ମୋତେ ରାଜ୍ୟ ମିଳିଗଲାଣି' –ଏପରି ମନେ କରି ତୁମେ ଐଶ୍ୱର୍ଯ୍ୟମଦରେ

ମତ୍ତ ହୋଇ ମୃଗୟାଦି ବ୍ୟସନରେ ଆସକ୍ତ ହେବା ଉଚିତ ନୁହେଁ; କାରଣ ରାଜାଙ୍କର ଐଶ୍ୱର୍ଯ୍ୟ ଅତି ଚଞ୍ଚଳ, ଅସ୍ଥିର ।

ବାଉଁଶରେ ଆରୋହଣ କରିବା ଯେପରି କଷ୍ଟକର, ରାଜଲକ୍ଷ୍ମୀଙ୍କର ଉନ୍ନତି ମଧ୍ୟ ସେହିପରି କଷ୍ଟକର । କ୍ଷଣକରେ ସେ ଭୂପତିତ ହୋଇପାରନ୍ତି । ଶତ ଯତ୍ନରେ ଧରିରଖିଲେହେଁ ତାଙ୍କୁ ଧରିରଖିବା ଅତି କଠିନ । ଯେତେ ପ୍ରାର୍ଥନା କଲେ ମଧ୍ୟ ସେ ଠକିଦେଇ ଚାଲିଯାନ୍ତି । ଅସ୍ଥିରଚିତ୍ତ ବାନରଜାତିଙ୍କ ପରି ଲକ୍ଷ୍ମୀ ଅନେକ ଲୋକଙ୍କର ହୃଦୟକୁ ଆଶ୍ରୟ କରନ୍ତି; ପଦ୍ମପତ୍ରସ୍ଥିତ ଜଳବିନ୍ଦୁ ପରି ଲକ୍ଷ୍ମୀ କାହା ସହିତ ସଂଶ୍ଳିଷ୍ଟ ହୁଅନ୍ତି ନାହିଁ, ପବନର ଗତି ପରି ଲକ୍ଷ୍ମୀ ଅତି ଚଞ୍ଚଳା; ଅଶିଷ୍ଟ ଲୋକର ସଙ୍ଗ ପରି ଲକ୍ଷ୍ମୀ ଅସ୍ଥିରା; ସର୍ପପରି ଲକ୍ଷ୍ମୀଙ୍କର ମଧ୍ୟ ଉପଚାର ନାହିଁ; ସନ୍ଧ୍ୟାକାଳୀନ ଆକାଶର ରଙ୍ଗ ଯେପରି କ୍ଷଣସ୍ଥାୟୀ ଲକ୍ଷ୍ମୀଙ୍କର ଅନୁରାଗ ସେହିପରି କ୍ଷଣସ୍ଥାୟୀ, ଜଳର ବୁଦ୍‌ବୁଦ ପରି ଲକ୍ଷ୍ମୀ ମଧ୍ୟ କ୍ଷଣଭଙ୍ଗୁରା; ଶରୀରର ପ୍ରକୃତି ପରି ଲକ୍ଷ୍ମୀ ମଧ୍ୟ କୃତଘ୍ନା ।

ସ୍ୱପ୍ନରେ ପ୍ରାପ୍ତ ଧନରାଶି ଯେପରି ଦେଖାଦେଇ ସ୍ୱପ୍ନଭଙ୍ଗ ପରେ ନଷ୍ଟ ହୋଇଥାଏ, ସେହିପରି ଲକ୍ଷ୍ମୀ ଦେଖାଦେଇ ମୁହୂର୍ତ୍ତକେ ଉଭେଇଯାଆନ୍ତି । ପୁଣି –

ଯଦୈବ ରାଜ୍ୟେ କ୍ରିୟତେଽଭିଷେକସ୍ତଦୈବ ବୁଦ୍ଧିର୍ବ୍ୟସନେଷୁ ଯୋଜ୍ୟା ।
ଘଟା ହି ରାଜ୍ଞାମଭିଷେକକାଳେ ସହାମ୍ଭସୈବାପଦମୁଦ୍‌ଗିରନ୍ତି ।। ୨୬୪ ।।

ଯେତେବେଳେ ରାଜାଙ୍କର ଅଭିଷେକ କରାଯାଏ, ସେତିକିବେଳୁ ସେ ବୁଝିବା ଉଚିତ ଯେ 'ମୋ ଉପରେ ବିପତ୍ତି ପଡ଼ିବ' । ଅଭିଷେକ ସମୟରେ ତାଙ୍କ ଉପରେ ଯେଉଁ ଜଳ ଢଳାଯାଏ, ସେହି ଜଳ ସଙ୍ଗେ ସଙ୍ଗେ ବିପଦରାଶି ମଧ୍ୟ ଢଳାଯାଇଥାଏ । ୨୬୪ ।

ଏପରି କେହି ନାହିଁ, ଯାହା ଉପରେ କି ବିପଦ ପଡ଼ି ନଥାଏ । କଥିତ ଅଛି –

ରାମସ୍ୟ ବ୍ରଜନଂ ବଳେର୍ନିୟମନଂ ପାଣ୍ଡୋଃ ସୁତାନାଂ ବନଂ,
ବୃଷ୍ଣୀନାଂ ନିଧନଂ ନଳସ୍ୟ ନୃପତେ ରାଜ୍ୟାଦ୍ ପରିଭ୍ରଂଶନମ୍ ।
ନାଟ୍ୟାଚାର୍ଯ୍ୟକମର୍ଜ୍ଜୁନସ୍ୟ ପତନଂ ସଞ୍ଚିନ୍ତ୍ୟ ଲଙ୍କେଶ୍ୱରେ ।
ସର୍ବଂ କାଳବଶାଜ୍ଜନୋଽତ୍ର ସହତେ କଃ କଂ ପରିତ୍ରାୟତେ ।। ୨୬୫ ।।

ଶ୍ରୀରାମଚନ୍ଦ୍ରଙ୍କର ବନଗମନ, ବଳିଙ୍କର ବନ୍ଧନ, ପାଣ୍ଡବମାନଙ୍କର ଅରଣ୍ୟବାସ, ଯାଦବକୁଳର ବିନାଶ, ରାଜା ନଳଙ୍କର ରାଜ୍ୟଭ୍ରଂଶ, ଅର୍ଜୁନଙ୍କର ନାଟ୍ୟାଚାର୍ଯ୍ୟ କର୍ମଗ୍ରହଣ, ଲଙ୍କେଶ୍ୱର ରାବଣଙ୍କ ପତନ – ଏସବୁ ଚିନ୍ତା କଲେ ମନେହୁଏ ଯେ ମନୁଷ୍ୟ ସଂସାରରେ କାଳବଶ ହୋଇ ସବୁ ସହିଥାଏ; କେହି କାହାରିକୁ ରକ୍ଷା କରିପାରେ ନାହିଁ । ୨୬୫ ।

କ୍ୱ ସ ଦଶରଥଃ ସ୍ୱର୍ଗେ ଭୂତ୍ୱା ମହେନ୍ଦ୍ରସୁହୃଦ୍ ଗତଃ,
କ୍ୱ ସ ଜଳନିଧେର୍ବେଳାଂ ବଦ୍ଧ୍ୱା ନୃପ ସଗରସ୍ତଥା ।
କ୍ୱ ସ କରତଳାଜ୍ଜାତୋ ବୈନ୍ୟଃ ସୂର୍ଯ୍ୟତନୁର୍ମନୁ,
ନନୁ ବଳବତା କାଳେ ନୈତେ ପ୍ରବୋଧ୍ୟ ନିମୀଳିତାଃ ।। ୨୬୬ ।।

ଯେଉଁ ରାଜା ଦଶରଥ ଦେବରାଜ ଇନ୍ଦ୍ରଙ୍କର ମିତ୍ର ହୋଇ ସ୍ୱର୍ଗକୁ ଯାଉଥିଲେ, ସେ ଏବେ କୁଆଡ଼େ ଗଲେ? ଯେଉଁ ସଗରରାଜା ସମୁଦ୍ରବେଳାକୁ ବନ୍ଧନ କରିଥିଲେ, ସେ ଆଜି କାହାନ୍ତି? କରତଳର ଘର୍ଷଣରୁ ଯେଉଁ ବୈନ୍ୟଙ୍କର ଜନ୍ମ ହୋଇଥିଲା, ସେ କୁଆଡ଼େ ଗଲେ? ସୂର୍ଯ୍ୟତନୟ ମନୁ ଆଜି କାହାନ୍ତି? ବଳବାନ୍ କାଳ ଯେ ଏମାନଙ୍କୁ ଜନ୍ମ ଦେଇ ପୁଣି ବିନାଶ କରିଦେଇଅଛି, ଏଥିରେ ସନ୍ଦେହ ନାହିଁ। ୨୬୬।

ମାନ୍ଧାତା କ୍ୱ ଗତସ୍ତ୍ରିଲୋକବିଜୟୀ ରାଜା କ୍ୱ ସତ୍ୟବ୍ରତୋ,
ଦେବାନାଂ ନୃପତିର୍ଗତଃ କ୍ୱ ନହୁଷଃ ସଚ୍ଛାସ୍ତ୍ରବିତ୍କେଶବଃ।
ମନ୍ୟେ ତେ ସରଥାଃ ସକୁଞ୍ଜରବରାଃ ଶକ୍ରାସନାଧାସିନଃ,
କାଳେନୈବ ମହାତ୍ମନା ନନୁ କୃତାଃ କାଳେନ ନିର୍ବାସିତାଃ॥ ୨୬୭॥

ତ୍ରିଭୁବନବିଜୟୀ ରାଜା ମାନ୍ଧାତା କୁଆଡ଼େ ଗଲେ? ସତ୍ୟବ୍ରତ ଯୁଧିଷ୍ଠିର କୁଆଡ଼େ ଗଲେ? ଦେବତାମାନଙ୍କର ରାଜପଦ ପାଇଥିବା ନହୁଷ କୁଆଡ଼େ ଗଲେ? ସତ୍‌ଶାସ୍ତ୍ରନିପୁଣ ଶ୍ରୀକୃଷ୍ଣ ଏବେ କାହାନ୍ତି? ମନେହୁଏ, ମହାବଳଶାଳୀ କାଳ ଏମାନଙ୍କୁ ସୃଷ୍ଟି କରିଥିଲା ଏବଂ ରଥ, ହସ୍ତୀ ସହିତ ଇନ୍ଦ୍ରାସନରେ ଉପବିଷ୍ଟ ଏମାନଙ୍କୁ ବିନାଶ କରିଅଛି। ୨୬୭। ପୁଣି –

ସ ଚ ନୃପତିସ୍ତେ ସଚିବାସ୍ତା, ପ୍ରମଦାସ୍ତାନି କାନନବନାନି।
ସ ଚ ତେ ଚ ତାଶ୍ଚ ତାନି, ଚ କୃତାନ୍ତଦୃଷ୍ଟାନି ନଷ୍ଟାନି॥ ୨୬୮॥

ଏହି ରାଜା, ଏହି ମନ୍ତ୍ରୀ, ଏହି ରମଣୀ, ଏହି ବନଉପବନ– ସମସ୍ତେ କୃତାନ୍ତର ଦୃଷ୍ଟିରେ ପଡ଼ି ବିନଷ୍ଟ ହୋଇ ଯାଇଅଛନ୍ତି। ୨୬୮।

ହେ ମହାରାଜ! ରାଜଲକ୍ଷ୍ମୀ ମତ୍ତଗଜର କର୍ଣ୍ଣତୁଲ୍ୟ ଚଞ୍ଚଳ। ତାଙ୍କୁ ଲାଭ କରି ତୁମେ ନ୍ୟାୟନିଷ୍ଠ ରହି ରାଜ୍ୟକୁ ଉପଭୋଗ କର।

[ଇତି ଶ୍ରୀବିଷ୍ଣୁଶର୍ମବିରଚିତେ ପଞ୍ଚତନ୍ତ୍ରକେ କାକୋଲୂକୀୟଂ ନାମ ତୃତୀୟଂ ତନ୍ତ୍ରଂ ସମାପ୍ତମ୍।]

□ □ □

ଲବ୍ଧପ୍ରଣାଶ

କଥା-ପ୍ରସ୍ତାବନା

ବର୍ତ୍ତମାନ ଲବ୍ଧପ୍ରଣାଶ ନାମକ ଚତୁର୍ଥ ତନ୍ତ୍ର ଆରମ୍ଭ କରାଯାଉଅଛି। ତାହାର ପ୍ରଥମ ଶ୍ଳୋକ ହେଉଛି –

ସମୁତ୍ପନ୍ନେଷୁ କାର୍ଯ୍ୟେଷୁ ବୁଦ୍ଧିର୍ଯସ୍ୟ ନ ହୀୟତେ।
ସ ଏବ ଦୁର୍ଗଂ ତରତି ଜଳସ୍ଥୋ ବାନରୋ ଯଥା ॥ ୧ ॥

କାର୍ଯ୍ୟ ଉପସ୍ଥିତ ହେଲେ ଯାହାର ବୁଦ୍ଧି ଲୋପ ହୁଏ ନାହିଁ, ସେ ଜଳସ୍ଥିତ ବାନର ପରି ସଙ୍କଟରୁ ଉଦ୍ଧାର ପାଇଥାଏ। ୧ । ଏ ବିଷୟରେ ଏହି କାହାଣୀ ଶୁଣାଯାଏ –

ବାନର ଓ ମକର କଥା

କୌଣସି ସମୁଦ୍ରତଟରେ ଗୋଟିଏ ବୃହତ୍ ଜାମୁକୋଳି ଗଛ ଥିଲା। ସେଥିରେ ସର୍ବଦା ଫଳ ରହିଥାଏ। ଏହି ବୃକ୍ଷ ଉପରେ ରକ୍ତମୁଖ ନାମରେ ଗୋଟିଏ ବାନର ବାସକରୁଥିଲା। ଏକସମୟରେ କରାଳମୁଖ ନାମକ ଏକ କୁମ୍ଭୀର ସମୁଦ୍ରଜଳରୁ ଉଠିଆସି ଉକ୍ତ ବୃକ୍ଷର ନିମ୍ନଭାଗରେ ବାଲୁକାମୟ ତଟଦେଶରେ ବସିଲା। ରକ୍ତମୁଖ ତାହାକୁ ପଚାରିଲା, "ତୁମେ ହେଉଛ ମୋର ଅଭ୍ୟାଗତ ଅତିଥି; ତେଣୁ ମୁଁ ଯେଉଁ ଅମୃତତୁଲ୍ୟ ଜମ୍ବୁଫଳ ଦେଉଛି, ତାକୁ ଭୋଜନ କର। କଥିତ ଅଛି –

ପ୍ରିୟୋ ବା ଯଦି ବା ଦ୍ୱେଷ୍ୟୋ ମୂର୍ଖୋ ବା ଯଦି ପଣ୍ଡିତଃ।
ବୈଶ୍ୱଦେବାନ୍ତମାପନ୍ନଃ ସୋଽତିଥିଃ ସ୍ୱର୍ଗସଂକ୍ରମଃ ॥ ୨ ॥
ନ ପୃଚ୍ଛେଚ୍ଚରଣଂ ଗୋତ୍ରଂ ନ ଚ ବିଦ୍ୟାଂ କୁଳଂ ନ ଚ।
ଅତିଥିଂ ବୈଶ୍ୱଦେବାନ୍ତେ ଶ୍ରାଦ୍ଧେ ଚ ମନୁରବ୍ରବୀତ୍ ॥ ୩ ॥
ଦୂରମାର୍ଗଶ୍ରମଶ୍ରାନ୍ତଂ ବୈଶ୍ୱଦେବାନ୍ତମାଗତମ୍।
ଅତିଥିଂ ପୂଜୟେଦ୍ୟସ୍ତୁ ସ ଯାତି ପରମାଂ ଗତିମ୍ ॥ ୪ ॥

ଅତିଥି ପ୍ରିୟ ହୋଇଥାଉ ବା ଶତ୍ରୁ ହୋଇଥାଉ, ମୂର୍ଖ ହୋଇଥାଉ ବା ପଣ୍ଡିତ ହୋଇଥାଉ, ସେ ଯଦି ବୈଶ୍ୱଦେବ ଯଜ୍ଞର ଶେଷରେ ଉପସ୍ଥିତ ହୋଇଥାଏ, ତେବେ ସେ ଗୃହସ୍ଥକୁ ସ୍ୱର୍ଗଗାମୀ କରାଏ। ୨। (ବୈଶ୍ୱଦେବ ଯଜ୍ଞ – ଯହିଁରେ ସବୁ ଦେବତାଙ୍କୁ ଭକ୍ଷ୍ୟ ଦ୍ରବ୍ୟ ବଳି ଦିଆଯାଇଥାଏ।) ମହର୍ଷି ମନୁ କହିଅଛନ୍ତି – ବୈଶ୍ୱଦେବ ପରେ ତଥା ଶ୍ରାଦ୍ଧ ସମୟରେ ଉପସ୍ଥିତ ଅତିଥିଙ୍କୁ ତାଙ୍କର ଚରଣ (ଶାଖା), ଗୋତ୍ର,

ବିଦ୍ୟା, କୁଳ ଏସବୁ ପଚାରିବା ଉଚିତ ନୁହେଁ।୩। ଦୂର ପଥଗମନ ହେତୁ ଶ୍ରାନ୍ତ, ବୈଶ୍ୱଦେବ ପରେ ଉପସ୍ଥିତ ଅତିଥିଙ୍କୁ ଯେ ପୂଜା କରେ; ସେ ପରମ ଗତି ଲାଭ କରେ।୪।

ଅପୂଜିତୋଽତିଥିର୍ଯସ୍ୟ ଗୃହାଦ୍‌ଯାତି ବିନିଃଶ୍ୱସନ୍।
ଗଚ୍ଛନ୍ତି ବିମୁଖାସ୍ତସ୍ୟ ପିତୃଭିଃ ସହ ଦେବତାଃ॥୫॥

ଯେଉଁ ଲୋକର ଗୃହରୁ ଅତିଥି ପୂଜା ନ ପାଇ ଦୀର୍ଘନିଃଶ୍ୱାସ ପକାଇ ଫେରିଯାନ୍ତି, ସେହି ଲୋକର ପିତୃପୁରୁଷଙ୍କ ସହିତ ଦେବତାମାନେ ମଧ୍ୟ ତା ପ୍ରତି ବିମୁଖ ହୋଇଥାନ୍ତି।''।୫।

ରକ୍ତମୁଖ ଏହିପରି କହି ତାକୁ ଗୁଡ଼ିଏ ଜମ୍ବୁଫଳ ଦେଲା। ସେଗୁଡ଼ିକ ଖାଇ କରାଳମୁଖ ତାହା ସହିତ ବହୁକାଳ ପର୍ଯ୍ୟନ୍ତ ବାର୍ତ୍ତାଳାପ ସୁଖ ଅନୁଭବ କରି ନିଜ ଘରକୁ ଚାଲିଗଲା। ଏହିପରି ସେ ବାନର ଓ କୁମ୍ଭୀର ପ୍ରତିଦିନ ଜମ୍ବୁବୃକ୍ଷର ଛାୟାରେ ବସି ସୁଖରେ କାଳ କଟାଇଲେ। କୁମ୍ଭୀର ନିଜେ ଖାଇସାରିବା ପରେ ଅବଶିଷ୍ଟ ଜମ୍ବୁଫଳଗୁଡ଼ିକୁ ଗୃହକୁ ନେଇ ତା'ର ଭାର୍ଯ୍ୟାକୁ ଦେଉଥିଲା।

ଦିନେ ତା'ର ଭାର୍ଯ୍ୟା ପଚାରିଲା, ''ନାଥ, ଏଭଳି ଅମୃତତୁଲ୍ୟ ଫଳ ତୁମେ କେଉଁଠାରୁ ପାଉଛ?'' ସେ କହିଲା, ''ଭଦ୍ରେ! ରକ୍ତମୁଖ ନାମକ ଏକ ବାନର ମୋର ପରମ ବନ୍ଧୁ ଅଟନ୍ତି। ସେ ପ୍ରୀତିପୂର୍ବକ ଏହି ଫଳଗୁଡ଼ିକ ମୋତେ ଦିଅନ୍ତି।''

ତହୁଁ ଭାର୍ଯ୍ୟା କହିଲା, ''ଯିଏ ସବୁବେଳେ ଏପରି ଅମୃତତୁଲ୍ୟ ଫଳ ଖାଉଛି, ତା'ର କଲିଜା ନିଶ୍ଚୟ ଅମୃତମୟ ହୋଇଥିବ। ଏଣୁ ତୁମର ଯଦି ମୋଭଳି ପତ୍ନୀରେ ପ୍ରୟୋଜନ ଥାଏ, ତେବେ ତା'ର କଲିଜାଟି ଆଣି ମୋତେ ଦିଅ। ତାହାହେଲେ ମୁଁ ତାକୁ ଖାଇ ଜରା ଓ ମରଣରୁ ମୁକ୍ତ ହୋଇ ତୁମ ସହିତ ସୁଖଭୋଗ କରୁଥିବି।'' କୁମ୍ଭୀର କହିଲା, ''ପ୍ରିୟେ, ଏପରି କଥା କହ ନାହିଁ। କାରଣ, ସେ ମୋତେ ଭାଇ ବୋଲି ସ୍ୱୀକାର କରିନେଇଛନ୍ତି। ଦ୍ୱିତୀୟତଃ, ସେ ଏଇ ଫଳଗୁଡ଼ିକର ଦାତା। ତେଣୁ ମୁଁ ତାଙ୍କୁ ବଧ କରିପାରିବି ନାହିଁ। ଏ ବୃଥା ଆଗ୍ରହକୁ ତ୍ୟାଗ କର। କଥିତ ଅଛି –

ଏକଂ ପ୍ରସୂୟତେ ମାତା ଦ୍ୱିତୀୟଂ ବାକ୍ ପ୍ରସୂୟତେ।
ବାଗ୍‌ଜାତମଧିକଂ ପ୍ରୋଚୁଃ ସୋଦର୍ଯାଦପି ବାନ୍ଧବାତ୍॥୬॥

ଏକ ବନ୍ଧୁ ମାତାଠାରୁ ଜନ୍ମିଥାଏ, ଦ୍ୱିତୀୟ ବନ୍ଧୁ ହେଉଛି ସମ୍ଭାଷଣପ୍ରସୂତ। ପଣ୍ଡିତମାନେ ଏ ଦୁହିଁଙ୍କ ମଧ୍ୟରେ ସମ୍ଭାଷଣପ୍ରସୂତ ବନ୍ଧୁକୁ ସହୋଦର ବନ୍ଧୁଠାରୁ ଉଚ୍ଚତର ସ୍ଥାନ ଦେଇଥାନ୍ତି।''।୬।

ସାହ୍ଲାଦଂ ବଚନଂ ପ୍ରୟଚ୍ଛସି ନ ମେ ନୋ ବାଞ୍ଛିତଂ କିଞ୍ଚନ
ପ୍ରାୟଃ ପ୍ରୋଚ୍ଛ୍ୱସିଷି ଦ୍ରୁତଂ ହୁତବହଜ୍ୱାଲାସମଂ ରାତ୍ରିଷୁ।
କଣ୍ଠାଶ୍ଳେଷପରିଗ୍ରହେ ଶିଥିଳତା ଯନ୍ନାଦରାଚ୍ଚୁମ୍ବସେ,
ତତ୍ତେ ଧୂର୍ତ୍ତହୃଦିସ୍ଥିତା ପ୍ରିୟତମା କାଚିନ୍ମମେବାପରା॥୭॥

ତହୁଁ କୁମ୍ଭୀରର ଭାର୍ଯ୍ୟା କହିଲା, "ତୁମେ କେବେ ମୋ କଥାକୁ ଅନ୍ୟଥା କରିନାହଁ। ସେ ନିଶ୍ଚୟ ବାନରୀ ହୋଇଥିବ (ବାନର ହୋଇ ନ ଥିବ)। ତେଣୁ ତାହାରି ପ୍ରେମରୁ ପ୍ରତିଦିନ ସେଠାକୁ ଯାଉଛ। ତୁମକୁ ମୁଁ ଏବେ ଠିକ୍ ଚିହ୍ନିଲି। ଯେହେତୁ ତୁମେ ମୋ ସାଙ୍ଗରେ ପ୍ରସନ୍ନ ମନରେ କଥାବାର୍ତ୍ତା କରୁନାହଁ; ମୋର କୌଣସି ଇଚ୍ଛା ପୂରଣ କରୁନାହଁ। ରାତ୍ରିରେ ଅଗ୍ନିଶିଖା ପରି ଉଷ୍ଣ ଦୀର୍ଘଶ୍ୱାସ ପକାଉଛ। ମୋର କଣ୍ଠକୁ ଆଲିଙ୍ଗନ କରିବାରେ ତୁମର ଶିଥିଳତା ଆସିଛି। ଆଦରରେ ମୋତେ ଚୁମ୍ବନ କରୁନାହଁ। ତେଣୁ ହେ ଧୂର୍ତ୍ତ! ତୁମ ହୃଦୟରେ ମୋ ଛଡ଼ା ଅନ୍ୟ କୌଣସି ପ୍ରିୟତମା ବିରାଜମାନ କରିଛି।"।୭।

ମୟି ତେ ପାଦପତିତେ କିଙ୍କରତ୍ୱମୁପାଗତେ।
ତ୍ୱଂ ପ୍ରାଣବଲ୍ଲଭେ କସ୍ମାତ୍କୋପନେ କୋପମେଷ୍ୟସି ॥ ୮ ॥

କୁମ୍ଭୀର କୁପିତା ଭାର୍ଯ୍ୟାର ପାଦ ଧରି ତାକୁ କୋଳରେ ବସାଇ ଦୀନଭାବରେ କହିଲା, "ହେ କୋପନେ! ହେ ପ୍ରାଣପ୍ରିୟେ! ମୁଁ ତୁମର ପାଦତଳେ ପଡୁଛି; ତୁମର ଦାସତ୍ୱ ସ୍ୱୀକାର କରୁଛି। ତେବେ କେଉଁ କାରଣରୁ ତୁମେ ମୋ ଉପରେ କୋପ କରୁଛ?"।୮।

ସାର୍ଦ୍ଧଂ ମନୋରଥଶତୈସ୍ତବ ଧୂର୍ତ୍ତକାନ୍ତା
ସୈବ ସ୍ଥିତା ମନସି କୃତ୍ରିମଭାବରମ୍ୟା।
ଅସ୍ମାକମସ୍ତି ନ କଥଂଚିଦିହାବକାଶ,
ସ୍ତସ୍ମାତ୍କୃତଂ ଚରଣପାତବିଡ଼ମ୍ବନାଭିଃ ॥ ୯ ॥

କୁମ୍ଭୀରପତ୍ନୀ ଏହା ମଧ୍ୟ ଶୁଣି ଅଶ୍ରୁବିଗଳିତ ଚକ୍ଷୁରେ ସ୍ୱାମୀକୁ କହିଲା – ହେ ବଞ୍ଚକ! ତୁମ ମନଭିତରେ କପଟ ପ୍ରେମ ହେତୁ ମନୋହାରିଣୀ ବୋଧ ହେଉଥିବା ସେହି ପ୍ରେମିକା ଶତ ଶତ ମନୋରଥ ସହ ରହିଛି। ସେଠାରେ ମୋ ପାଇଁ ଟିକିଏ ହେଲେ ସ୍ଥାନ ନାହିଁ। ତେଣୁ ମୋ ପାଦତଳେ ପଡ଼ି ବିଡ଼ମ୍ବନା ଦେଖାଇବାରେ କି ଲାଭ?।୯।

ଦ୍ୱିତୀୟ କଥା ହେଉଛି, ଯଦି ସେ ମର୍କଟୀ ତୁମର ପ୍ରେୟସୀ ହୋଇନଥାନ୍ତା, ତେବେ ମୁଁ ଏତେ କହିଲେ ସୁଦ୍ଧା ତୁମେ ମାରିବାକୁ ରାଜି ହେଉନାହଁ କାହିଁକି? ଯଦି ସେ ବାନରୀ ନ ହୋଇ ବାନର ହୋଇଥାଏ, ତେବେ ତୁମର ତା ସଙ୍ଗରେ କିପରି ସ୍ନେହ ହୋଇପାରେ? ଆଉ ବେଶି କହିବି କଅଣ? ଯଦି ତା'ର କଲିଜା ଖାଇବାକୁ ନ ପାଏ, ତେବେ ଜାଣିଥାଅ, ଉପବାସରେ ରହି ପ୍ରାଣ ହରାଇଦେବି।"

ଭାର୍ଯ୍ୟାର ଏହି ନିଶ୍ଚୟ ଜାଣିପାରି କରାଳମୁଖ ବ୍ୟାକୁଳ ହୃଦୟରେ କହିଲା – "ଯଥାର୍ଥରେ କଥିତ ଅଛି ଯେ –

ବଜ୍ରଲେପସ୍ୟ ମୂର୍ଖସ୍ୟ ନାରୀଣାଂ କର୍କଟସ୍ୟ ଚ।
ଏକୋ ଗ୍ରହସ୍ତୁ ମୀନାନାଂ ନୀଲୀମଦ୍ୟପୟୋସ୍ତଥା ॥ ୧୦ ॥

'ବଜ୍ରଲେପର, ମୂର୍ଖର, ନାରୀର, କର୍କଟର, ମତ୍ସ୍ୟର, ନୀଳରଙ୍ଗର ଓ ମଦ୍ୟପର ପ୍ରକୃତି ସମାନ; ଅର୍ଥାତ୍ ଏମାନେ ଯାହା ଧରିଥାନ୍ତି, ତାହାକୁ ଛାଡ଼ନ୍ତି ନାହିଁ।୧୦।

ଏବେ କଅଣ କରିବି? କିପରି ତାକୁ ମାରିବି?' ଏହିପରି ଚିନ୍ତା କରି କରି କୁମ୍ଭୀର ବାନର ନିକଟକୁ ଗଲା। ବାନର ମଧ୍ୟ ବହୁକାଳ ପରେ କୁମ୍ଭୀରକୁ ଆସୁଥିବାର ଦେଖି ଉଦ୍‌ବିଗ୍ନ ହୋଇ କହିଲା, "ହେ ମିତ୍ର, ଆଜି ଏତେ ବିଳମ୍ବରେ ଆସିଲ କାହିଁକି? ହୃଷ୍ଟ ମନରେ କଥା କହୁନାହଁ କାହିଁକି? ଉତ୍ତମ ଉପଦେଶ ବାଣୀ ଶୁଣାଉନାହଁ କାହିଁକି?"

କୁମ୍ଭୀର କହିଲା, "ମିତ୍ର! ଆଜି ତୁମ ଭାଉଜ ଅତି କଠୋର ଭାଷାରେ ମୋତେ କହିଲା, 'ହେ କୃତଘ୍ନ! ମୋତେ ଆଉ ତୁମ ମୁହଁ ଦେଖାଇବ ନାହିଁ। କାରଣ, ତୁମେ ପ୍ରତିଦିନ ମିତ୍ରଙ୍କଠାରୁ ଫଳ ଆଣି ଖାଉଛ; କିନ୍ତୁ ତାଙ୍କୁ ଘର ଦେଖାଇ ସୁଦ୍ଧା ପ୍ରତ୍ୟୁପକାର କରିପାରୁନାହଁ। ତୁମର ଏ ପାପର ପ୍ରାୟଶ୍ଚିତ୍ତ ନାହିଁ। କଥିତ ଅଛି –

ବ୍ରହ୍ମଘ୍ନେ ଚ ସୁରାପେ ଚ ଚୌରେ ଭଗ୍ନବ୍ରତେ ଶଠେ।
ନିଷ୍କୃତିର୍ବିହିତା ସଦ୍‌ଭିଃ କୃତଘ୍ନେ ନାସ୍ତି ନିଷ୍କୃତିଃ॥ ୧୧॥

ସ୍ମୃତିକାରମାନେ ବ୍ରହ୍ମହତ୍ୟାକାରୀଙ୍କ ପାଇଁ, ମଦ୍ୟପଙ୍କ ପାଇଁ, ଚୋରଙ୍କ ପାଇଁ, ବ୍ରତଭଙ୍ଗକାରୀଙ୍କ ପାଇଁ, ଶଠମାନଙ୍କ ପାଇଁ ପ୍ରାୟଶ୍ଚିତ୍ତ ବିଧାନ କହିଅଛନ୍ତି; କିନ୍ତୁ କୃତଘ୍ନଙ୍କ ପାଇଁ କିଛି ପ୍ରାୟଶ୍ଚିତ୍ତ କହିନାହାନ୍ତି। ୧୧। ତେଣୁ ତୁମେ ଆଜି ପ୍ରତ୍ୟୁପକାର-ସ୍ୱରୂପ ଦିଅରଙ୍କୁ ଆମ ଘରକୁ ଆଣ। ନ ହେଲେ, ତୁମ ସଙ୍ଗେ ମୋର (ଏ ସଂସାରରେ ଦେଖାହେବ ନାହିଁ) ପରଲୋକରେ ସାକ୍ଷାତ ହେବ।' ସେ ଏପରି କହିବାରୁ ତୁମ ପାଖକୁ ମୁଁ ଆସିଛି। ଆଜି ତୁମ ବିଷୟରେ ତାହା ସଙ୍ଗେ ଏହିପରି କଳି ହେବାରୁ ମୋର ଏତେ ବିଳମ୍ବ ହୋଇଗଲା। ତୁମେ ଆମ ଘରକୁ ଆସ। ତୁମ ଭାଉଜ ଅଗଣାରେ ଚିତା ପକାଇ, ଉତ୍ତମ ବସ୍ତ୍ର ଓ ମଣିମାଣିକ୍ୟ ପ୍ରଭୃତି ଅଳଙ୍କାର ପିନ୍ଧି ଦୁଆରମୁହଁରେ ଫୁଲମାଳ ବାନ୍ଧି ଉତ୍କଣ୍ଠିତ ହୋଇ ତୁମକୁ ଚାହିଁ ବସିଛି।" ମର୍କଟ କହିଲା, "ହେ ମିତ୍ର! ଭାଉଜ ଯାହା କହିଛନ୍ତି, ତାହା ଠିକ୍। କଥିତ ଅଛି –

ବର୍ଜୟେତ୍କୌଳିକାକାରଂ ମିତ୍ରଂ ପ୍ରାଜ୍ଞତରୋ ନରଃ।
ଆତ୍ମନଃ ସଂମୁଖଂ ନିତ୍ୟଂ ଯ ଆକର୍ଷତି ଲୋଲୁପଃ॥ ୧୨॥
ଦଦାତି ପ୍ରତିଗୃହ୍ଣାତି ଗୁହ୍ୟମାଖ୍ୟାତି ପୃଚ୍ଛତି।
ଭୁଙ୍‌କ୍ତେ ଭୋଜୟତେ ଚୈବ ଷଡ୍‌ବିଧଂ ପ୍ରୀତିଲକ୍ଷଣମ୍॥ ୧୩॥

ଲୋଭାସକ୍ତ ମନୁଷ୍ୟ ମିତ୍ରର ଧନାଦି ନିଜ ଆଡ଼କୁ ଟାଣିଆଣିଥାଏ। ବୁଦ୍ଧିମାନ୍ ଲୋକ ତନ୍ତୁବାୟ ପରି ଏଭଳି ମିତ୍ରକୁ ତ୍ୟାଗ କରିବା ଉଚିତ। (ତନ୍ତୀ ସୂତାକୁ ନିଜ ଆଡ଼କୁ ଟାଣିଆଣିଥାଏ)। ୧୨। ପୁଣି– ମିତ୍ରକୁ ଦେବା ଓ ମିତ୍ରଠାରୁ ଆଣିବା, ମିତ୍ରକୁ ଗୁପ୍ତ କଥା କହିବା ଓ ମିତ୍ରଠାରୁ ଗୁପ୍ତ କଥା ଶୁଣିବା ଏବଂ ମିତ୍ରକୁ ଖାଇବାକୁ ଦେବା ଓ ମିତ୍ରଠାରୁ ଖାଇବା– ଏ ଛଅଟି ହେଉଛି ପ୍ରୀତିର ଲକ୍ଷଣ। ୧୩। କିନ୍ତୁ ମୁଁ ହେଉଛି ବନଚର; ତୁମର ଘର ହେଉଛି ଜଳମଧ୍ୟରେ। ମୁଁ କିପରି ତୁମ ଘରକୁ ଯାଇପାରିବି? ତେଣୁ ତୁମେ ଭାଉଜଙ୍କୁ ଏଠାକୁ ନେଇ ଆସିଲେ ମୁଁ ତାଙ୍କୁ ପ୍ରଣାମ କରି ତାଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିବି।"

କୁମ୍ଭୀର କହିଲା, ''ହେ ମିତ୍ର! ସମୁଦ୍ର ଭିତରେ ଗୋଟିଏ ମନୋହର ତଟ-ପ୍ରଦେଶରେ ଆମର ଘର। ତୁମେ ମୋ ପିଠି ଉପରେ ବସି ନିର୍ଭୟରେ ଅତି ସୁଖରେ ସେଠାକୁ ଚାଲିଯିବ।'' ଏହା ଶୁଣି ମର୍କଟ ଆନନ୍ଦରେ କହିଲା, ''ମିତ୍ର! ତାହାହେଲେ ଆଉ ବିଳମ୍ବ କାହିଁକି? ଶୀଘ୍ର ଚାଲ। ଏଇ, ମୁଁ ତୁମ ପିଠିରେ ବସିଲି।''

ତାହାହିଁ କରାଯିବା ପରେ କୁମ୍ଭୀରକୁ ଅଗାଧ ସମୁଦ୍ରରେ ଯାଉଥିବାର ଦେଖି ବାନର ଭୀତମନା ହୋଇ କହିଲା, ''ଭାଇ, ଧୀରେ ଧୀରେ ଚାଲ। ପାଣିର ଲହରୀରେ ମୋର ଦେହ ଓଦା ହୋଇଯାଉଅଛି।''

ଏହା ଶୁଣି କୁମ୍ଭୀର ଚିନ୍ତାକଲା– 'ଏ ମର୍କଟ ଅଗାଧ ଜଳରେ ପହଞ୍ଚିଥିବାରୁ ଏବେ ମୋର ଆୟତ୍ତ ହେଲାଣି। ମୋ ପିଠିଉପରେ ଥିବାଯୋଗୁଁ ତିଳେମାତ୍ର କୁଆଡ଼େ ଯାଇପାରିବ ନାହିଁ। ତାକୁ ମୋର ଉଦ୍ଦେଶ୍ୟ କହିଦିଏ; ତାହାହେଲେ ସେ ତାର ଇଷ୍ଟଦେବତାଙ୍କୁ ସ୍ମରଣ କରିବ।' ସେ ପ୍ରକାଶ୍ୟରେ କହିଲା, ''ମିତ୍ର! ମୁଁ ଭାର୍ଯ୍ୟାର କଥା ଅନୁସାରେ ବିଶ୍ୱାସ ଜନ୍ମାଇ ତୁମକୁ ମାରିବାକୁ ନେଇଯାଉଛି।''

ମର୍କଟ କହିଲା, ''ଭାଇ, ମୁଁ ତୁମର କି ହାନି କରିଛି ଯେ ତୁମେ ମୋତେ ମାରିବାକୁ ମନ କଲ?'' କୁମ୍ଭୀର କହିଲା, ''ଅମୃତମୟ ଫଳରସ ଖାଇବା ହେତୁ ତୁମର ମଧୁର କଳିଜାଟି ଖାଇବାକୁ ତା'ର ଦୋହଦ (ଗର୍ଭକାଳୀନ ଭୋଜନେଚ୍ଛା) ଜନ୍ମିଛି। ସେଥିପାଇଁ ଏହା କଲି।'' ପ୍ରତ୍ୟୁତ୍ପନ୍ନମତି (ଉପସ୍ଥିତବୁଦ୍ଧିସମ୍ପନ୍ନ) ବାନର କହିଲା, ''ମିତ୍ର! ଯେବେ ଏପରି କଥା, ତାହାହେଲେ ମୋତେ ସେହିଠାରେ କହିଲ ନାହିଁ କାହିଁକି? ମୁଁ ସବୁବେଳେ ମୋର କଳିଜାଟି ଜାମୁଗଛର କୋରଡ଼ରେ ଲୁଚାଇ ରଖିଥାଏ। ତାକୁ ଆଣିଥିଲେ ଭାଉଜଙ୍କୁ ଦେଇଥାନ୍ତି। ମୁଁ ବର୍ତ୍ତମାନ କଳିଜାଶୂନ୍ୟ। ମୋତେ ଆଣିବା ବୃଥା?''

ଏହା ଶୁଣି କୁମ୍ଭୀର ଆନନ୍ଦିତ ହୋଇ କହିଲା, ''ମିତ୍ର! ଯେବେ ଏପରି କଥା, ତେବେ କଳିଜାଟି ଆଣି ଦିଅ। ତାହାହେଲେ ମୋର ଦୁଷ୍ଟା ଭାର୍ଯ୍ୟା ତାହାକୁ ଖାଇ ଅନଶନ ଭଙ୍ଗ କରିବ। ମୁଁ ତୁମକୁ ଜାମୁଗଛ ପାଖେ ପହଞ୍ଚାଇ ଦେଉଛି।'' ଏହା କହି କୁମ୍ଭୀର ଫେରିଯାଇ ସେହି ଜାମୁଗଛ ନିକଟରେ ପହଞ୍ଚିଲା। ବାନର ମଧ୍ୟ ବିବିଧ ଦ୍ରବ୍ୟରେ ଇଷ୍ଟଦେବତାଙ୍କୁ ପୂଜା ଦେବାର ସଂକଳ୍ପ କରି କରି କୌଣସିମତେ ସେହି ସମୁଦ୍ରତଟରେ ପହଞ୍ଚିଲା। ତହୁଁ ସେ ଏକ ଦୀର୍ଘ ଲମ୍ଫରେ ଜାମୁଗଛ ଉପରକୁ ଉଠିଯାଇ ଚିନ୍ତାକଲା, 'ଓଃ ଜୀବନ ରହିଗଲା! ଅଥବା ଯଥାର୍ଥରେ କୁହାଯାଇଅଛି–

ନ ବିଶ୍ୱସେଦବିଶ୍ୱସ୍ତେ ବିଶ୍ୱସ୍ତେଽପି ନ ବିଶ୍ୱସେତ୍।
ବିଶ୍ୱାସାଦ୍‌ଭୟମୁତ୍ପନ୍ନଂ ମୂଳାନ୍ୟପି ନିକୃନ୍ତତି॥ ୧୪॥

ଅବିଶ୍ୱସ୍ତ ମନୁଷ୍ୟକୁ ବିଶ୍ୱାସ କରିବା ଉଚିତ ନୁହେଁ, ବିଶ୍ୱସ୍ତ ମନୁଷ୍ୟଠାରେ ମଧ୍ୟ ଅତ୍ୟଧିକ ବିଶ୍ୱାସ ସ୍ଥାପନ କରିବା ଉଚିତ ନୁହେଁ। ବିଶ୍ୱାସଜନିତ ଭୟ ସମୂଳେ ବିନାଶସାଧନ କରିଥାଏ। ୧୪।

ଆଜି ମୋର ଏହି ପୁନର୍ଜନ୍ମ ହେଲା।' ବାନର ଏହିପରି ଚିନ୍ତା କରୁଥିବାବେଳେ କୁମ୍ଭୀର ତାକୁ କହିଲା, ''ହେ ମିତ୍ର! ତୁମ କଳଜାଟି ଆଣିଦିଅ ଯେ ତାକୁ ଖାଇ

ତୁମ ଭାଉଜ ଅନଶନ ଭଙ୍ଗ କରିବ।'' ବାନର ହସି ହସି କୁମ୍ଭୀରକୁ ଭର୍ତ୍ସନା କରି କହିଲା, ''ଆରେ ମୂର୍ଖ, ବିଶ୍ୱାସଘାତକ! ତୋତେ ଧିକ୍। କାହାର କଅଣ ଦୁଇଟା କଳିଜା ଥାଏ? ଶୀଘ୍ର ଏ ଜାମୁଗଛର ତଳୁ ପଳାଇଯାଆ। ଆଉ କେବେ ଏଠାକୁ ଆସିବୁ ନାହିଁ। କାରଣ, କଥିତ ଅଛି–

ସକୃଦ୍‌ଦୃଷ୍ଟଂ ଚ ଯୋ ମିତ୍ରଂ ପୁନଃ ସନ୍ଧାତୁମିଚ୍ଛତି।
ସ ମୃତ୍ୟୁମୁପଗୃହ୍ଣାତି ଗର୍ଭମଶ୍ୱତରୀ ଯଥା।। ୧୫ ।।

ଯେଉଁ ଲୋକ ଥରେ ଦୁଷ୍ଟତା ପ୍ରକାଶ କରିଥିବା ମିତ୍ର ସହିତ ପୁଣି ମିଳିବାକୁ ଇଚ୍ଛା କରେ, ସେ ଖଚ୍‌ରୀ ଗର୍ଭଧାରଣ କରି ମୃତ୍ୟୁମୁଖରେ ପଡ଼ିଲା ପରି ମୃତ୍ୟୁ ଲାଭ କରେ।''। ୧୫।

ଏହା ଶୁଣି କୁମ୍ଭୀର ବିସ୍ମିତ ମନରେ ଚିନ୍ତା କଲା– 'ଓଃ, ମୁଁ ମୂର୍ଖ କାହିଁକି ତାକୁ ମୋ ମନକଥା ଜଣାଇଦେଲି। ଯେପରି ସେ ପୁଣି ମୋତେ କୌଣସିମତେ ବିଶ୍ୱାସ କରିବ, ସେହିପରି ବିଶ୍ୱାସ ଜନ୍ମାଏଁ। ସେ କହିଲା, ''ମିତ୍ର! ମୁଁ ପରିହାସରେ ତୁମ ମନକଥା ବୁଝୁଥିଲି। ତୁମ କଳିଜାରେ ମୋ ଭାର୍ଯ୍ୟାର କିଛି ଆବଶ୍ୟକ ନାହିଁ। ତେଣୁ ବୁଲିଗଲା ପରି ଆମ ଘରକୁ ଆସ। ତୁମ ଭାଉଜ ଉତ୍କଣ୍ଠିତା ହୋଇ ତୁମକୁ ଚାହିଁ ବସିଛି।''

ବାନର କହିଲା, ''ଆରେ ଦୁଷ୍ଟ! ଚାଲିଯାଆ। ଏବେ ମୁଁ ଆଉ ଯିବି ନାହିଁ। କଥିତ ଅଛି–

ବୁଭୁକ୍ଷିତଃ କିଂ ନ କରୋତି ପାପଂ କ୍ଷୀଣା ଜନା ନିଷ୍କରୁଣା ଭବନ୍ତି।
ଆଖ୍ୟାହି ଭଦ୍ରେ! ପ୍ରିୟଦର୍ଶନାୟ ନ ଗଙ୍ଗଦତ୍ତଃ ପୁନରେତି କୂପମ୍।। ୧୬ ।।

କ୍ଷୁଧାତୁର ମନୁଷ୍ୟ କେଉଁ ପାପ କରି ନ ପାରେ? ଦରିଦ୍ର ଲୋକେ ନିର୍ଦ୍ଦୟ ହୁଅନ୍ତି। ହେ ଭଦ୍ରେ! ପ୍ରିୟଦର୍ଶନକୁ କହିଦେବ ଯେ ଗଙ୍ଗଦତ୍ତ ଆଉ କୂପ ଭିତରେ ପ୍ରବେଶ କରିବ ନାହିଁ।''

କୁମ୍ଭୀର ପଚାରିଲା, ''ସେ କଥା କଅଣ?'' ବାନର କହିଲା–

ଗଙ୍ଗଦତ୍ତ ଓ ପ୍ରିୟଦର୍ଶନ କଥା

କୌଣସି କୂପ ମଧ୍ୟରେ ଗଙ୍ଗଦତ୍ତ ନାମରେ ମଣ୍ଡୂକରାଜ ବାସକରୁଥିଲା। ଏକସମୟରେ ସେ ନିଜର (ଦାୟାଦ) ବନ୍ଧୁ-ବାନ୍ଧବମାନଙ୍କ ଦ୍ୱାରା ଉତ୍ପୀଡ଼ିତ ହୋଇ ଶଗଡ଼ିରେ ଲାଗିଥିବା ରଜ୍ଜୁ ସାହାଯ୍ୟରେ କୂପରୁ ବାହାରକୁ ଚାଲିଆସିଲା। ସେ ଚିନ୍ତାକଲା, 'କେଉଁ ଉପାୟରେ ମୋର ଏହି ବନ୍ଧୁବାନ୍ଧବମାନଙ୍କର ଅନିଷ୍ଟସାଧନ କରିପାରିବି। କଥିତ ଅଛି–

ଆପଦି ଯେନାପକୃତଂ ଯେନ ଚ ହସିତଂ ଦଶାସୁ ବିଷମାସୁ।
ଅପକୃତ୍ୟ ତୟୋରୁଭୟୋଃ ପୁନରପି ଜାତଂ ନରଂ ମନ୍ୟେ।। ୧୭ ।।

ବିପଦବେଳେ ଯିଏ ଅପକାର କରିଥାଏ ଓ ଦୁରବସ୍ଥା ଉପସ୍ଥିତ ହେଲାବେଳେ ଯିଏ ଉପହାସ କରିଥାଏ, ଏ ଦୁହିଁଙ୍କର ଅପକାରସାଧନ କରିପାରିଲେ ମନୁଷ୍ୟ ପୁନର୍ଜନ୍ମ ପାଇଲା ବୋଲି ମନେକରେ । ୧୭ ।

ଏହିପରି ଚିନ୍ତା କରୁ କରୁ ସେ ଦେଖିଲା ଯେ ଗୋଟିଏ କୃଷ୍ଣସର୍ପ ଗର୍ତ୍ତମଧ୍ୟରେ ପ୍ରବେଶ କରୁଅଛି । ତାହାକୁ ଦେଖି ଗଙ୍ଗଦତ୍ତ ପୁଣି ଭାବିଲା, 'ଏହାକୁ ସେ କୂପ ଭିତରକୁ ନେଇ ସମସ୍ତ ବନ୍ଧୁବାନ୍ଧବମାନଙ୍କୁ ବିନାଶ କରାଇବି । କଥିତ ଅଛି—

ଶତ୍ରୁଣା ଯୋଜୟେଚ୍ଛତ୍ରୁଂ ବଳିନା ବଳବତ୍ତରମ୍ ।
ସ୍ୱକାର୍ଯ୍ୟାୟ ଯତୋ ନ ସ୍ୟାତ୍କାଚିତ୍ ପୀଡ଼ାତୟୋଃକ୍ଷୟେ ।। ୧୮ ।।

ନିଜର କାର୍ଯ୍ୟସିଦ୍ଧି ପାଇଁ ଶତ୍ରୁକୁ ଶତ୍ରୁ ସହିତ ଓ ବଳବାନ୍ ଲୋକକୁ ତାହାଠାରୁ ବଳବାନ୍ ଲୋକ ସହିତ ଲଗାଇଦେବା ଉଚିତ । କାରଣ; ସେ ଦୁହିଁଙ୍କର ବିନାଶ ହେଲେ କୌଣସି ଦୁଃଖ ହୁଏ ନାହିଁ । ୧୮ । ପୁଣି—

ଶତ୍ରୁମୁନ୍ମୂଳୟେତ୍ ପ୍ରାଜ୍ଞସ୍ତୀକ୍ଷ୍ଣଂ ତୀକ୍ଷେଣ୍ନ ଶତ୍ରୁଣା ।
ବ୍ୟଥାକରଂ ସୁଖାର୍ଥାୟ କଣ୍ଟକେନୈବ କଣ୍ଟକମ୍ ।। ୧୯ ।।

ନୀତିଜ୍ଞ ପୁରୁଷ ନିଜର ସୁଖ ନିମନ୍ତେ ଶରୀରର ଯନ୍ତ୍ରଣାଦାୟକ କଣ୍ଟାକୁ ଅନ୍ୟ କଣ୍ଟାଦ୍ୱାରା ବାହାର କଲା ପରି ବଳବାନ୍ ଶତ୍ରୁକୁ ବଳବାନ୍ ଶତ୍ରୁଦ୍ୱାରା ସମୂଳେ ବିନାଶ କରିଥାଏ । ୧୯ ।

ଏହିପରି ବିଚାର କରି ଗଙ୍ଗଦତ୍ତ ସର୍ପର ବିଳଦ୍ୱାରକୁ ଯାଇ ତାକୁ ଡାକି କହିଲା, "ହେ ପ୍ରିୟଦର୍ଶନ, ଆସ, ଆସ ।" ଏହା ଶୁଣି ସର୍ପ ମନେ ମନେ ଭାବିଲା— 'ଯିଏ ମୋତେ ଏପରି ଡାକୁଛି, ସେ ଆମ ଜାତୀୟ ନୁହେଁ; କାରଣ ଏହା ସର୍ପର ସ୍ୱର ନୁହେଁ । ଏ ସଂସାରରେ ମୋର ଅନ୍ୟ କାହାରି ସଙ୍ଗେ ସମ୍ବନ୍ଧ ନାହିଁ । ତେଣୁ ଏହି ବିଳଦୁର୍ଗ ମଧ୍ୟରେ ରହି ସେ କିଏ ଜାଣିନିଏ । କଥିତ ଅଛି—

ଯସ୍ୟ ନ ଜ୍ଞାୟତେ ଶୀଳଂ ନ କୁଳଂ ନ ଚ ସଂଶ୍ରୟଃ ।
ନ ତେନ ସଙ୍ଗତିଂ କୁର୍ଯ୍ୟାଦିତ୍ୟୁବାଚ ବୃହସ୍ପତିଃ ।। ୨୦ ।।

ବୃହସ୍ପତି କହିଅଛନ୍ତି ଯେ, ଯେଉଁ ଲୋକର ସ୍ୱଭାବ, କୁଳ ଓ ବାସସ୍ଥାନ ଜଣା- ନଥିବ, ତାହା ସଙ୍ଗେ ସଙ୍ଗତି କରିବା ଉଚିତ ନୁହେଁ । ୨୦ ।

ହୁଏତ କେହି ମନ୍ତ୍ରଜ୍ଞ ବା ବାଦ୍ୟକାର ବା ଭିଷକ୍ ମୋତେ ଡାକିନେଇ ବନ୍ଧନରେ ପକାଇଦେବ, ଅଥବା କେହି ଶତ୍ରୁତା କରି କାହାରି ଭୋଜନ ନିମନ୍ତେ ମୋତେ ଡାକୁଥିବ— ସେ (ପ୍ରିୟଦର୍ଶନ) ପଚାରିଲା, "ତୁମେ କିଏ ?" ମଣ୍ଡୂକରାଜ କହିଲା, "ମୁଁ ଗଙ୍ଗଦତ୍ତ ନାମକ ମଣ୍ଡୂକରାଜ । ମୈତ୍ରୀ ସ୍ଥାପନ କରିବାପାଇଁ ମୁଁ ତୁମ ନିକଟକୁ ଆସିଅଛି ।" ଏହା ଶୁଣି ସର୍ପ କହିଲା, "ତୃଣ ସହିତ ଅଗ୍ନିର ମିଳନ— ଏ ତ ବିଶ୍ୱାସ କରିବାର କଥା ନୁହେଁ । କଥିତ ଅଛି—

ଯୋ ଯସ୍ୟ ଜାୟତେ ବଧ୍ୟଃ ସ ସ୍ୱପ୍ନେଽପି କଥଞ୍ଚନ ।
ନ ତତ୍ସମୀପମଭ୍ୟେତି ତତ୍କିମେବଂ ପ୍ରଜଳ୍ପସି ।। ୨୧ ।।

ଯିଏ ଯାହାର ବଧ୍ୟ, ସେ ସ୍ୱପ୍ନରେ ସୁଦ୍ଧା କେବେହେଲେ ତାହା ପାଖକୁ ଯାଏ ନାହିଁ; ତେବେ ତୁମେ ଏପରି କହୁଛ କିପରି?''।୨୧।

ଗଙ୍ଗଦତ୍ତ କହିଲା, ''ହେ ପ୍ରିୟଦର୍ଶନ! ତୁମେ ଯାହା କହିଲ, ଏ କଥା ସତ ଯେ ତୁମେ ସ୍ୱଭାବତଃ ଆମର ଶତ୍ରୁ। କିନ୍ତୁ ଅନ୍ୟମାନଙ୍କଠାରୁ ଅପମାନ ପାଇ ମୁଁ ତୁମ ପାଖକୁ ଆସିଅଛି। କଥିତ ଅଛି–

ସର୍ବନାଶେ ଚ ସଂଜାତେ ପ୍ରାଣାନାମପି ସଂଶୟେ।
ଅପି ଶତ୍ରୁଂ ପ୍ରଣମ୍ୟାପି ରକ୍ଷେଦ୍ ପ୍ରାଣାନ୍‌ଧନାନି ଚ॥ ୨୨॥

ଯେତେବେଳେ ସର୍ବନାଶ ଉପସ୍ଥିତ ହୁଏ, ଏପରିକି ପ୍ରାଣସଂଶୟ ଉପସ୍ଥିତ ହୁଏ, ସେତେବେଳେ ଶତ୍ରୁକୁ ସୁଦ୍ଧା ପ୍ରଣାମ କରି ପ୍ରାଣ ଓ ଧନ ପ୍ରଭୃତି ରକ୍ଷା କରିବା ଉଚିତ।''।୨୨।

ସର୍ପ ପଚାରିଲା, ''ତୁମେ କାହାଠାରୁ ଅପମାନ ପାଇଅଛ କହ।'' ଗଙ୍ଗଦତ୍ତ କହିଲା, ''ମୋର ବନ୍ଧୁବାନ୍ଧବଙ୍କଠାରୁ।'' ସର୍ପ କହିଲା, ''ତୁମର ଅବସ୍ଥାନ କେଉଁଠାରେ? ବାପୀରେ କି କୂପରେ, ଛୋଟ ପୋଖରୀରେ ଅଥବା ବୃହତ୍ ସରୋବରରେ? ତୁମର ବାସସ୍ଥାନ କେଉଁଠି, କହ?'' ଗଙ୍ଗଦତ୍ତ କହିଲା, ''ପ୍ରସ୍ତରନିର୍ମିତ କୂପ ମଧ୍ୟରେ।'' ସର୍ପ କହିଲା, ''ଦୁଃଖର କଥା, ମୋର ପାଦ ନାହିଁ। ତେଣୁ ସେଠାରେ ମୋର ପ୍ରବେଶ ଅସମ୍ଭବ। ଯଦି ବା କୌଣସିମତେ ପ୍ରବେଶ କରେ, ତେବେ ସେଠାରେ ମୋର ବାସଯୋଗ୍ୟ ସ୍ଥାନ ନ ଥିବ। କେଉଁଠାରେ ରହି ମୁଁ ତୁମ ବନ୍ଧୁବାନ୍ଧବମାନଙ୍କୁ ବଧ କରିପାରିବି; ତେଣୁ ତୁମେ ଯାଅ। କଥିତ ଅଛି–

ଯଚ୍ଛକ୍ୟଂ ଗ୍ରସିତୁଂ ଶସ୍ତଂ ଗ୍ରସ୍ତଂ ପରିଣମେଚ୍ଚ ଯତ୍।
ହିତଂ ଚ ପରିଣାମେ ଯତ୍ତଦାଦ୍ୟଂ ଭୂତିମିଚ୍ଛତା॥ ୨୩॥

ଯେଉଁ ଖାଦ୍ୟବସ୍ତୁକୁ ଖିଆଯାଇପାରେ, ଖାଇବା ପରେ ଉତ୍ତମରୂପେ ପରିପାକ ହୁଏ, ପରିପାକ ପରେ ହିତକର ହୁଏ, ଆପଣାର ଶୁଭାକାଙ୍‌କ୍ଷୀ ଲୋକ ତାହାହିଁ ଖାଇବା ଉଚିତ।''।୨୩।

ଗଙ୍ଗଦତ୍ତ କହିଲା, ''ମୋ ସଙ୍ଗରେ ତୁମେ ଆସ। ମୁଁ ସୁନ୍ଦର ଉପାୟରେ ତୁମକୁ ସେଥିରେ ପ୍ରବେଶ କରାଇଦେବି; ଆହୁରି ମଧ୍ୟ କୂପମଧ୍ୟରେ ଜଳ ନିକଟରେ ଗୋଟିଏ ସୁନ୍ଦର କୋଟର ଅଛି। ସେହିଠାରେ ରହି ତୁମେ ଅତି ସହଜରେ ମୋର ବନ୍ଧୁବାନ୍ଧବମାନଙ୍କୁ ବିନାଶ କରିପାରିବ।''

ଏହା ଶୁଣି ସର୍ପ ମନେ ମନେ ଭାବିଲା– 'ମୁଁ ବୃଦ୍ଧ ହୋଇଗଲିଣି। କେବେ କେବେ ବହୁ କଷ୍ଟରେ ଗୋଟିଏ ଅବା ମୂଷା ମିଳୁଛି। ଏ କୁଳାଙ୍ଗାର ମୋତେ ବେଶ୍ ଗୋଟିଏ ସୁଖକର ଜୀବିକା-ନିର୍ବାହର ଉପାୟ ଦେଖାଇଲାଣି। ଅଥବା ଯଥାର୍ଥରେ କଥିତ ଅଛି–

ଯୋ ହି ପ୍ରାଣପରୀକ୍ଷିଣଃ ସହାୟପରିବର୍ଜିତଃ,
ସ ହି ସର୍ବସୁଖୋପାୟାଂ ବୃତ୍ତିମାରଚୟେଦ୍‌ବୁଧଃ॥ ୨୪॥

ଯେଉଁ ଲୋକ ଶକ୍ତିହୀନ ହୋଇଯାଇଥାଏ ଓ ଯାହାର କେହି ସହାୟ ନ ଥାନ୍ତି, ସେ ବୁଦ୍ଧିମାନ୍ ହୋଇଥିଲେ ସହଜସାଧ୍ୟ କୌଣସି ଜୀବିକାକୁ ଅବଲମ୍ବନ କରିବା ଉଚିତ। ୨୪।

ଏହିପରି ଚିନ୍ତା କରି ସେ କହିଲା, "ହେ ଗଙ୍ଗଦତ୍ତ! ଯଦି ଏପରି କଥା, ତେବେ ତୁମେ ଆଗେ ଆଗେ ଚାଲ ଯେ, ସେଠାରେ ପହଞ୍ଚିଯିବା।" ଗଙ୍ଗଦତ୍ତ କହିଲା, "ହେ ପ୍ରିୟଦର୍ଶନ, ମୁଁ ତୁମକୁ ଖୁବ୍ ସୁବିଧା ଉପାୟରେ ସେଠାକୁ ନେଇଯିବି; ସ୍ଥାନଟି ମଧ୍ୟ ଦେଖାଇଦେବି। କିନ୍ତୁ ତୁମେ ମୋର ପରିଜନମାନଙ୍କୁ ଛାଡ଼ିଦେବ (ଖାଇବ ନାହିଁ); ମୁଁ ଯେଉଁମାନଙ୍କୁ ଦେଖାଇଦେବି କେବଳ ସେହିମାନଙ୍କୁ ତୁମେ ଖାଇବ।" ତହୁଁ ସର୍ପ କହିଲା, "ଏବେ ତୁମେ ମୋର ମିତ୍ର ହେଲଣି। ତେଣୁ ମୋତେ ଭୟ କରିବା ଅନୁଚିତ। ତୁମରି କଥା ଅନୁସାରେ କେବଳ ତୁମର ବନ୍ଧୁବାନ୍ଧବମାନଙ୍କୁ ଖାଇବି।"

ଏହା କହି ଗର୍ତ୍ତରୁ ବାହାରି ସର୍ପ ଗଙ୍ଗଦତ୍ତକୁ ଆଲିଙ୍ଗନ କଲା ଓ ତାହା ସହିତ ଯିବାକୁ ଲାଗିଲା। ଅନନ୍ତର କୂପ ନିକଟରେ ପହଞ୍ଚି ଶଗଡ଼ିର ରଜ୍ଜୁ ସାହାଯ୍ୟରେ ଗଙ୍ଗଦତ୍ତ ସର୍ପକୁ କୂପ ଭିତରେ ଥିବା ନିଜର ଗୃହକୁ ନେଇଗଲା। ତପ୍ରେ ସେ ସେହି ସର୍ପକୁ ନିଜ ଘରେ ରଖାଇ ତାର ବନ୍ଧୁବାନ୍ଧବମାନଙ୍କୁ ଦେଖାଇଦେଲା। ସର୍ପ ସେମାନଙ୍କୁ ସବୁ ଆସ୍ତେ ଆସ୍ତେ ଖାଇଗଲା। ତହୁଁ ମଣ୍ଡୂକର ଅଭାବ ହେବାରୁ ସର୍ପ କହିଲା, "ମିତ୍ର, ତୁମର ଶତ୍ରୁମାନେ ଶେଷ ହୋଇଗଲେଣି। ତେଣୁ ମୋତେ ଅନ୍ୟ କିଛି ଭୋଜନ ଦିଅ। କାରଣ, ତୁମେ ମୋତେ ଏଠାକୁ ଆଣିଅଛ।" ଗଙ୍ଗଦତ୍ତ କହିଲା, "ଭଦ୍ର! ତୁମେ ବନ୍ଧୁର କାର୍ଯ୍ୟ କରିସାରିଛ; ତେଣୁ ଏବେ ସେହି ଶଗଡ଼ିର ରଜ୍ଜୁ ସାହାଯ୍ୟରେ ବାହାରିଯାଅ।" ସର୍ପ କହିଲା, "ହେ ଗଙ୍ଗଦତ୍ତ! ତୁମେ ଯେଉଁ କଥା କହୁଛ, ତାହା ଠିକ୍ ନୁହେଁ। ମୁଁ କାହିଁକି ବାହାରକୁ ଯିବି? ମୋର ବିଳଦୁର୍ଗକୁ ଅନ୍ୟ କେହି ଅଧିକାର କରିସାରିଥିବ। ତେଣୁ ମୁଁ ଏହିଠାରେ ରହିବି ଓ ତୁମେ ନିଜ କୁଟୁମ୍ବରୁ ଗୋଟିଏ ଗୋଟିଏ ମଣ୍ଡୂକ ମୋତେ ଦେଉଥିବ; ନୋଚେତ୍ ସମସ୍ତଙ୍କୁ ଖାଇବି।"

ତାହା ଶୁଣି ଗଙ୍ଗଦତ୍ତ ବ୍ୟାକୁଳ ମନରେ ଚିନ୍ତାକଲା– 'ଅହୋ, ସର୍ପଟିକୁ ଆଣି ମୁଁ କଅଣ କଲି! ଯଦି ଗୋଟିଏ ଗୋଟିଏ ଦେବାକୁ ମନାକରିଦିଏ, ତେବେ ସେ ସମସ୍ତଙ୍କୁ ଖାଇଦେବ। ଅଥବା ଯଥାର୍ଥରେ କୁହାଯାଇଅଛି–

ଯୋଽମିତ୍ରଂ କୁରୁତେ ମିତ୍ରଂ ବୀର୍ଯ୍ୟାଭ୍ୟଧିକମାତ୍ମନଃ।
ସ କରୋତି ନ ସନ୍ଦେହଃ ସ୍ୱୟଂ ହି ବିଷଭକ୍ଷଣମ୍॥ ୨୫॥

ଯେଉଁ ଲୋକ ନିଜଠାରୁ ଅଧିକ ବଳଶାଳୀ ଶତ୍ରୁକୁ ମିତ୍ର କରେ, ସେ ଯେ ନିଜ ହାତରେ ବିଷ ଖାଏ, ଏଥିରେ ସନ୍ଦେହ ନାହିଁ। ୨୫।

ତେଣୁ ଏହାକୁ ପ୍ରତିଦିନ କୁଟୁମ୍ବ ମଧ୍ୟରୁ ଗୋଟିଏ ଲେଖାଏଁ ଖାଇବାକୁ ଦେବି। କଥିତ ଅଛି–

ସର୍ବସ୍ୱହରଣେ ଶକ୍ତଂ ଶତ୍ରୁଂ ବୁଦ୍ଧିଯୁତା ନରାଃ।
ତୋଷୟନ୍ତ୍ୟଳ୍ପଦାନେନ ବାଡ଼ବଂ ସାଗରୋ ଯଥା॥ ୨୬॥

ଯେପରି ସମୁଦ୍ର ବଡ଼ବାନଳକୁ ଅଳ୍ପ ଜଳ ଦାନ କରି ନିଜକୁ ରକ୍ଷା କରିଥାଏ, ବୁଦ୍ଧିମାନ୍ ଲୋକ ସେହିପରି ସର୍ବସ୍ୱହରଣରେ ତତ୍ପର ଶତ୍ରୁକୁ ସାମାନ୍ୟ କିଛି ଦେଇ ସନ୍ତୁଷ୍ଟ କରିଥାଏ । ୨୬। ଆହୁରି ମଧ୍ୟ –

ଯୋ ଦୁର୍ବଲୋଽଣ୍ୱନପି ଯାଚ୍ୟମାନୋ
ବଲୀୟସା ଯଚ୍ଛତି ନୈବ ସାମ୍ନା ।
ପ୍ରୟଚ୍ଛତେ ନୈବ ଚ଼ କର୍ଷମାତ୍ରଂ
ଖାରୀଂ ଚ଼ ଚୂର୍ଣ୍ଣସ୍ୟ ପୁନର୍ଦ୍ଦଦାତି ।। ୨୭ ।।

ବଳବାନ୍ ଲୋକ ଶାନ୍ତିପୂର୍ବକ ମାଗିଲାବେଳେ ଯେଉଁ ଦୁର୍ବଳ ଲୋକ ଅଟାର କଣିକାଟିଏ ସୁଦ୍ଧା ଦେଇ ନ ଥାଏ, ସେହି ଲୋକ ପୁଣି ଜବରଦସ୍ତି କଲାବେଳେ ଦଶସେର ଅଟା ଦେଇଥାଏ । ୨୭। ପୁଣି –

ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତଃ ।
ଅର୍ଦ୍ଧେନ କୁରୁତେ କାର୍ଯ୍ୟଂ ସର୍ବନାଶୋ ହି ଦୁଃସହଃ ।। ୨୮ ।।

ସର୍ବନାଶ ଉପସ୍ଥିତ ହେଲେ ବୁଦ୍ଧିମାନ୍ ଲୋକ ସେଥିରୁ ଅଧେ ଛାଡ଼ିଦିଏ ଓ ଅନ୍ୟ ଅଧକରେ ନିଜର କାମ ଚଳାଏ; କାରଣ ସର୍ବନାଶ ଅସହ୍ୟ ହୋଇଥାଏ । ୨୮ ।

ନ ସ୍ୱଳ୍ପସ୍ୟ କୃତେ ଭୂରି ନାଶୟେନ୍ମତିମାନରଃ ।
ଏତଦେବ ହି ପାଣ୍ଡିତ୍ୟଂ ଯସ୍ୱଳ୍ପାଦ୍‌ଭୂରିରକ୍ଷଣମ୍ ।। ୨୯ ।।

ବୁଦ୍ଧିମାନ୍ ଲୋକର କର୍ତ୍ତବ୍ୟ ହେଉଛି, ସେ ଅଳ୍ପ ନିମନ୍ତେ ବେଶି ନାଶ କରିବ ନାହିଁ। ଅଳ୍ପ ଦେଇ ଅଧିକ ରକ୍ଷାକରିବା ହେଉଛି ପାଣ୍ଡିତ୍ୟର ପରିଚାୟକ । ୨୯ ।

ଏହିପରି ସ୍ଥିର କରି ଗଙ୍ଗଦତ୍ତ ପ୍ରତିଦିନ ସ୍ୱଜନ ମଧ୍ୟରୁ ଗୋଟିଏ ଗୋଟିଏ ସର୍ପକୁ ଖାଇବାକୁ ଦେଲା। ସେଇଟିକୁ ଖାଇସାରି ସେ ଗଙ୍ଗଦତ୍ତର ପରୋକ୍ଷରେ ଅନ୍ୟମାନଙ୍କୁ ମଧ୍ୟ ଖାଉଥିଲା । ଅଥବା ଯଥାର୍ଥରେ କୁହାଯାଇଛି –

ଯଥା ହି ମଳିନୈର୍ବସ୍ତ୍ରୈର୍ଯତ୍ର ତତ୍ରୋପବିଶ୍ୟତେ ।
ଏବଂ ଚଳିତବିତ୍ତସ୍ତୁ ବିତ୍ତଶେଷଂ ନ ରକ୍ଷତି ।। ୩୦ ।।

ମଳିନ ବସ୍ତ୍ର ପିନ୍ଧିଥିଲେ ମନୁଷ୍ୟ ଯେକୌଣସି ସ୍ଥାନରେ ବସିଯାଇପାରେ। ସେହିପରି ଆଚାର (ବିତ୍ତ) ଭ୍ରଷ୍ଟ ପୁରୁଷ ନିଜର ଅବଶିଷ୍ଟ ଚରିତ୍ରକୁ (ବିତ୍ତକୁ) ମଧ୍ୟ ରକ୍ଷାକରିପାରେ ନାହିଁ। (ଅର୍ଥାତ୍ ଯିଏ ଗୋଟିଏ ଅନ୍ୟାୟ କାର୍ଯ୍ୟ କରେ, ସେ ଅନ୍ୟ ଯେକୌଣସି ଅନ୍ୟାୟ କାର୍ଯ୍ୟ କରିବାକୁ କୁଣ୍ଠିତ ହୁଏ ନାହିଁ।) । ୩୦ ।

ଅନନ୍ତର ଆଉ ଦିନେ ଅନ୍ୟାନ୍ୟ ମଣ୍ଡୂକମାନଙ୍କୁ ଖାଇସାରିବା ପରେ ସେ ଗଙ୍ଗଦତ୍ତର ପୁଅ ଯମୁନାଦତ୍ତକୁ ମଧ୍ୟ ଖାଇଦେଲା। ସର୍ପ ପୁଅକୁ ଖାଇଥିବାର ଜାଣିପାରି ଗଙ୍ଗଦତ୍ତ ଉଚ୍ଚସ୍ୱରରେ ନିଜକୁ ଧିକ୍କାରପୂର୍ବକ ବିଳାପ କରିବାକୁ ଲାଗିଲା; କୌଣସିମତେ ସେଥିରୁ ବିରତ ହେଲାନାହିଁ। ତହୁଁ ତାହାର ପତ୍ନୀ ତାକୁ କହିଲା –

କିଂ କ୍ରନ୍ଦସି ଦୁରାକ୍ରନ୍ଦ ସ୍ୱପକ୍ଷକ୍ଷୟକାରକ ।
ସ୍ୱପକ୍ଷସ୍ୟ କ୍ଷୟେ ଜାତେ କୋ ନସ୍ତ୍ରାତା ଭବିଷ୍ୟତି ।। ୩୧ ।।

''ହେ ବୃଥାକ୍ରନ୍ଦନକାରି! ହେ ସ୍ୱପକ୍ଷବିନାଶକାରି! ଏବେ କାନ୍ଦୁଛ କାହିଁକି? ନିଜ ପକ୍ଷର ବିନାଶ ହେଲା ପରେ କିଏ ଆମକୁ ରକ୍ଷା କରିବ?।୩୧। ତେଣୁ ଏବେ ମଧ୍ୟ ନିଜେ କିପରି ପଳାଇବ ଓ ଏହି ସର୍ପକୁ ବଧ କରିବ, ତାହାର ଉପାୟ ଚିନ୍ତା କର।''

ସମୟକ୍ରମେ ସେ ସମସ୍ତ ମଣ୍ଡୂକବଂଶକୁ ଖାଇଦେଲା; ଏକମାତ୍ର ଗଙ୍ଗଦତ୍ତ ରହିଲା। ତହୁଁ ପ୍ରିୟଦର୍ଶନ ତାକୁ କହିଲା, ''ହେ ଗଙ୍ଗଦତ୍ତ, ମୁଁ କ୍ଷୁଧାର୍ତ୍ତ। ସକଳ ମଣ୍ଡୂକ ଶେଷ ହୋଇଗଲେଣି, ମୋତେ କିଛି ଭୋଜନ ଦିଅ; କାରଣ ତୁମେହିଁ ମୋତେ ଏଠାକୁ ଆଣିଛ।'' ଗଙ୍ଗଦତ୍ତ କହିଲା, ''ହେ ମିତ୍ର! ମୁଁ ଥିବା ପର୍ଯ୍ୟନ୍ତ ତୁମେ ସେ ବିଷୟରେ ଚିନ୍ତା କରିବା ଦରକାର ନାହିଁ। ତେଣୁ ତୁମେ ମୋତେ ପଠାଇଲେ ମୁଁ ଯାଇ ଅନ୍ୟ କୂପରେ ଥିବା ମଣ୍ଡୂକମାନଙ୍କର ବିଶ୍ୱାସ ଜନ୍ମାଇ ସେମାନଙ୍କୁ ଏଠାକୁ ନେଇ ଆସିବି।'' ସର୍ପ କହିଲା, ''ତୁମେ ମୋର ବନ୍ଧୁ; ତେଣୁ ମୋର ଅଭକ୍ଷ୍ୟ। ଯଦି ଏତକ କରିବ (ଅନ୍ୟ କୂପରୁ ମଣ୍ଡୂକ ଆଣି ଖାଇବାକୁ ଦେବ), ତେବେ ତୁମେ ମୋର ପିତୃସ୍ଥାନୀୟ ହେବ। ତାହାହିଁ କର।''

ତାହା ଶୁଣି ଗଙ୍ଗଦତ୍ତ ଶଗଡ଼ିର ରଜ୍ଜୁକୁ ଆଶ୍ରୟ କରି, ବିବିଧ ଦେବତାଙ୍କୁ ମନେ ମନେ ପୂଜା ମନାସି ସେହି କୂପରୁ ବାହାରି ଆସିଲା। ପ୍ରିୟଦର୍ଶନ ମଧ୍ୟ ଅନ୍ୟ କୂପର ମଣ୍ଡୂକ ଖାଇବା ଆଶାରେ ସେହି ସ୍ଥାନରେ ଗଙ୍ଗଦତ୍ତକୁ ଅପେକ୍ଷା କରି ରହିଲା। ଅନନ୍ତର ବହୁକାଳ ପରେ ମଧ୍ୟ ଗଙ୍ଗଦତ୍ତ ନ ଆସିବାରୁ ପ୍ରିୟଦର୍ଶନ ଅନ୍ୟ କୋଟରରେ ବାସକରୁଥିବା ଗୋଟିଏ ଗୋଧିକୁ କହିଲା, ''ଭଦ୍ରେ! ମୋତେ ସାମାନ୍ୟ ସାହାଯ୍ୟ କର। ତୁମେ ବହୁଦିନରୁ ଗଙ୍ଗଦତ୍ତ ସହିତ ପରିଚିତ। ତାହା ନିକଟକୁ ଯାଇ କୌଣସି ଜଳାଶୟରେ ତାକୁ ଅନ୍ୱେଷଣ କରି ମୋର ଏହି ସମ୍ବାଦଟି କହିବ– ଯଦି ଅନ୍ୟ ମଣ୍ଡୂକ ନ ଆସନ୍ତି, ତେବେ ତୁମେ ଏକାକୀ ଶୀଘ୍ର ଚାଲିଆସ। ତୁମ ବିନା ମୁଁ ଏଠାରେ ରହିପାରୁନାହିଁ। ଆଉ ମୁଁ ଯଦି ତୁମ ବିରୁଦ୍ଧରେ କିଛି କରେ, ତେବେ ମୋର ସବୁ ପୁଣ୍ୟ ନଷ୍ଟ ହୋଇଯିବ।''

ଗୋଧି ତାହାର କଥାରେ ଶୀଘ୍ର ଗଙ୍ଗଦତ୍ତର ଅନ୍ୱେଷଣ କରି ତାକୁ କହିଲା, ''ଭଦ୍ର ଗଙ୍ଗଦତ୍ତ! ତୁମର ବନ୍ଧୁ ପ୍ରିୟଦର୍ଶନ ତୁମର ପଥ ଚାହିଁ ବସିଛି। ତେଣୁ ଶୀଘ୍ର ତା ପାଖକୁ ଯାଅ। ଆହୁରି ମଧ୍ୟ ସେ ଶପଥ କରିଛି ଯେ ତୁମର କିଛି ବିରୋଧାଚରଣ କରିବ ନାହିଁ; ତେଣୁ ନିଃଶଙ୍କ ମନରେ ଚାଲିଯାଅ।''

ଏହା ଶୁଣି ଗଙ୍ଗଦତ୍ତ କହିଲା– ''କ୍ଷୁଧାତୁର ବ୍ୟକ୍ତି ଯେକୌଣସି ପ୍ରକାର ପାପକାର୍ଯ୍ୟ କରିପାରେ। ଏହା କହି ଗଙ୍ଗଦତ୍ତ ଗୋଧିକୁ ବିଦାୟ ଦେଲା। ତେଣୁ ହେ ଦୁଷ୍ଟ ଜଳଚର , ମୁଁ ମଧ୍ୟ ଗଙ୍ଗଦତ୍ତଭଳି କେବେହେଲେ ତୋ ଘରକୁ ଯିବି ନାହିଁ।''

ତାହା ଶୁଣି କୁମ୍ଭୀର କହିଲା, ''ହେ ମିତ୍ର, ଏକଥା ଠିକ୍ ନୁହେଁ। ମୋ ଘରକୁ ଯାଇ ମୋର କୃତଘ୍ନତା ଦୋଷ ଦୂର କର; ନୋହିଲେ ମୁଁ ଏହିଠାରେ ଅନଶନ କରି ପ୍ରାଣ ହରାଇଦେବି।''

ବାନର କହିଲା, ''ଆରେ ମୂର୍ଖ! ମୁଁ କଅଣ ଲମ୍ବକର୍ଣ୍ଣଭଳି ମୂର୍ଖ ଯେ ନିଜର

ବିପତ୍ତି ଦେଖି ସୁଦ୍ଧା ପୁଣି ସେଠାକୁ ଯାଇ ନିଜକୁ ମାରିବି ? କଥିତ ଅଛି –

ଆଗତଶ୍ଚ ଗତଶ୍ଚୈବ ଦୃଷ୍ଟ୍ୱା ସିଂହପରାକ୍ରମମ୍ ।
ଆକର୍ଣ୍ଣହୃଦୟୋ ମୂର୍ଖୋ ଯୋ ଗତ୍ୱା ପୁନରାଗତଃ ।। ୩୨ ।।

ସେ ମୂର୍ଖ ସିଂହପାଖକୁ ଆସିଥିଲା ଓ ସିଂହର ପରାକ୍ରମ ଦେଖି ପଳାଇଥିଲା; କିନ୍ତୁ ତା'ର କାନ ନ ଥିଲା କି ହୃଦୟ ନଥିଲା । ତେଣୁ ସେ ଚାଲିଯାଇ ମଧ୍ୟ ପୁଣି ଫେରିଆସି ମରିଥିଲା । ୩୨ ।

କୁମ୍ଭୀର କହିଲା, ''ସେ ଲମ୍ବକର୍ଣ୍ଣ କିଏ ? ବିପଦ ଦେଖି ମଧ୍ୟ ସେ କିପରି ମଲା ? ସେ କଥା ମୋତେ କୁହ ।'' ବାନର କହିଲା –

ସିଂହ ଓ ଲମ୍ବକର୍ଣ୍ଣ କଥା

କୌଣସି ବନପ୍ରଦେଶରେ କରାଳକେଶରୀ ନାମରେ ଗୋଟିଏ ସିଂହ ବାସକରୁଥିଲା । ଧୂସରକ ନାମରେ ଗୋଟିଏ ଶୃଗାଳ ସର୍ବଦା ତାହାର ଅନୁସରଣ କରି ସେବକ-ରୂପେ ରହିଥିଲା । ଏକସମୟରେ ଗୋଟିଏ ହସ୍ତୀ ସହିତ ଯୁଦ୍ଧ କରୁ କରୁ ସିଂହର ଶରୀରରେ ଗୁରୁତର ଆଘାତ ଲାଗିଲା । ସେଥିଯୋଗୁଁ ସେ ପାଦେ ସୁଦ୍ଧା ଚଳିପାରିଲା ନାହିଁ । ତାହାର ବଳହୀନତା ହେତୁରୁ ଧୂସରକ କ୍ଷୁଧାରେ ଶୁଷ୍କକଣ୍ଠ ହୋଇ ନିତାନ୍ତ ଦୁର୍ବଳ ହୋଇପଡ଼ିଲା । ଦିନେ ସେ ସିଂହକୁ କହିଲା, ''ପ୍ରଭୁ ! ମୁଁ କ୍ଷୁଧାରେ କାତର; ପାଦେ ସୁଦ୍ଧା ଯାଇପାରୁନାହିଁ । ତେଣୁ ମୁଁ କିପରି ଆପଣଙ୍କର ସେବା କରିପାରିବି ?'' ସିଂହ କହିଲା, ''ତୁମେ ଯାଅ; କୌଣସି ଜୀବର ଅନ୍ୱେଷଣ କର । ତାହାହେଲେ ଏପରି ଅବସ୍ଥାରେ ପଡ଼ିଥିଲେ ମଧ୍ୟ ତାକୁ ବଧ କରିବି ।''

ଏହା ଶୁଣି ଶୃଗାଳ ଅନ୍ୱେଷଣ କରୁ କରୁ ନିକଟବର୍ତ୍ତୀ ଗୋଟିଏ ଗ୍ରାମରେ ପହଞ୍ଚିଲା । ସେଠାରେ ସେ ଦେଖିଲା ଯେ ପୋଖରୀକୂଳରେ ଲମ୍ବକର୍ଣ୍ଣ ନାମରେ ଗୋଟିଏ ଗର୍ଦ୍ଦଭ କୋମଳ ଦୂବଘାସର ଅଙ୍କୁରକୁ ଅତି କଷ୍ଟରେ ଖାଉଛି । ତହୁଁ ଶୃଗାଳ ତାହାର ନିକଟକୁ ଯାଇ କହିଲା, ''ମାମୁ, ମୋର ନମସ୍କାର ଗ୍ରହଣ କର । ଅନେକ ଦିନ ପରେ ତୁମକୁ ଦେଖୁଛି । କହ, ତୁମେ ଏପରି ଦୁର୍ବଳ ହୋଇଯାଇଛ କାହିଁକି ?'' ଗର୍ଦ୍ଦଭ କହିଲା, ''ଆରେ ଭଣଜା, କଅଣ କରିବି ? ଅତି ନିଷ୍ଠୁର ରଜକ ମୋ ଉପରେ ଗୁରୁ ଭାର ଲଦି ମୋତେ କଷ୍ଟ ଦେଉଛି; ଘାସ ପୁଳାଏ ସୁଦ୍ଧା ଦେଉନାହିଁ । କେବଳ ଧୂଳିମିଶା ଦୂବଅଗ ଖାଉଛି । ସେଥିରେ କାହୁଁ ମୋ ଦେହ ପୁଷ୍ଟ ହେବ ?''

ଶୃଗାଳ କହିଲା, ''ମାମୁ ! ତାହା ହୋଇଥିଲେ ନଦୀ ନିକଟରେ ମରକତ ସଦୃଶ କୋମଳ ତୃଣପୂର୍ଣ୍ଣ ଗୋଟିଏ ସ୍ଥାନ ଅଛି । ଚାଲ, ସେଠାକୁ ଯାଇ ମୋ ସହିତ ଉତ୍ତମ ବିଷୟର ଆଲୋଚନାରେ ସୁଖଭୋଗ କରି ରହ ।'' ଲମ୍ବକର୍ଣ୍ଣ କହିଲା, ''ଭଣଜା, ତୁ ଯାହା କହିଲୁ ସେକଥା ଠିକ୍; କିନ୍ତୁ ଆମେ ହେଉଛୁ ଗ୍ରାମ୍ୟ ପଶୁ,

ବନର ପଶୁମାନେ ଆମକୁ ମାରିଥାନ୍ତି। ତେଣୁ ସେଭଳି ସୁନ୍ଦର ସ୍ଥାନ ଥିଲେ ମଧ୍ୟ ଆମର କି ଲାଭ ?''

ଶୃଗାଳ କହିଲା, ''ମାମୁ, ସେପରି କହ ନାହିଁ। ସେ ସ୍ଥାନଟି ମୋର ଭୁଜପଞ୍ଜରରେ ସୁରକ୍ଷିତ; ସେଠାରେ କୌଣସି ଶତ୍ରୁ ପ୍ରବେଶ କରିନପାରେ। ଆହୁରି ମଧ୍ୟ ଠିକ୍ ସେହି କାରଣରୁ (ଅର୍ଥାତ୍ ରଜକର ଅତ୍ୟାଚାର ହେତୁ) ତିନୋଟି ଗର୍ଦ୍ଦଭୀ ପତିହୀନ ହୋଇ ସେଠାରେ ରହିଅଛନ୍ତି। ସେମାନେ ଅତ୍ୟନ୍ତ ପୁଷ୍ଟ ଓ ଯୌବନରେ ଉନ୍ମତ୍ତ ହୋଇ ମୋତେ କହିଛନ୍ତି, 'ଯଦି ତୁମେ ସତକୁସତ ଆମର ଭଣଜା ହୋଇଥିବ, ତେବେ କୌଣସି ଗ୍ରାମକୁ ଯାଇ ଆମର ଯୋଗ୍ୟ ଗୋଟିଏ ସ୍ୱାମୀ ନେଇଆସ। ସେମାନଙ୍କ ପାଇଁ ମୁଁ ତୁମକୁ ନେଉଛି।''

ଶୃଗାଳର କଥା ଶୁଣି ଗର୍ଦ୍ଦଭ କାମପୀଡ଼ିତ ହୋଇ ତାହାକୁ କହିଲା, ''ଯଦି ଏପରି କଥା, ତେବେ ତୁ ଆଗ ଚାଲ; ମୁଁ ତୋ ସଙ୍ଗରେ ଯାଉଛି।'' ଅଥବା ଯଥାର୍ଥରେ କୁହାଯାଇଅଛି –

ନାମୃତଂ ନ ବିଷଂ କିଞ୍ଚିଦେକାଂ ମୁକ୍ତ୍ୱା ନିତମ୍ବିନୀମ୍।
ଯସ୍ୟାଃ ସଙ୍ଗେନ ଜୀବ୍ୟେତ ମ୍ରିୟତେ ଚ ବିୟୋଗତଃ ॥ ୩୩ ॥

ଯୁବତୀ ରମଣୀ ଛଡ଼ା ଏ ସଂସାରରେ ଅମୃତ ବା ବିଷ ବୋଲି ଅନ୍ୟ କୌଣସି ବସ୍ତୁ ନାହିଁ। ଯୁବତୀର ସଂସର୍ଗରେ ମନୁଷ୍ୟର ଜୀବନ ଓ ବିଚ୍ଛେଦରେ ମରଣ। ୩୩। ପୁଣି –

ଯାସାଂ ନାମ୍ନାପି କାମଃ ସ୍ୟାତ୍ସଙ୍ଗମଂ ଦର୍ଶନଂ ବିନା।
ତାସାଂ ଦୃକ୍‌ସଙ୍ଗମଂ ପ୍ରାପ୍ୟ ଯନ୍ନ ଦ୍ରବତି କୌତୁକମ୍ ॥ ୩୪ ॥

ଯେଉଁ ଯୁବତୀର ସଂସର୍ଗ ଓ ଦର୍ଶନ ବିନା ମଧ୍ୟ କେବଳ ନାମମାତ୍ର ଶ୍ରବଣରେ କାମପ୍ରବୃତ୍ତି ଜନ୍ମିଥାଏ, ତାହାର ଦୃଷ୍ଟିପଥରେ ପଡ଼ି ମନୁଷ୍ୟ ଯେ କାମରେ ଦ୍ରବୀଭୂତ ହୁଏ ନାହିଁ; ତାହାହିଁ ଆଶ୍ଚର୍ଯ୍ୟର ବିଷୟ। ୩୪।

ଗର୍ଦ୍ଦଭ ଶୃଗାଳ ସଙ୍ଗରେ ସିଂହର ନିକଟକୁ ଆସିଲା। ସିଂହ ଯନ୍ତ୍ରଣାରେ ଅଧୀର ହୋଇ ତାହାକୁ ଦେଖିବାମାତ୍ରେ ଉଠିବାକୁ ଚେଷ୍ଟାକଲା; ଗର୍ଦ୍ଦଭ ତତ୍‌କ୍ଷଣାତ୍ ପଳାଇବାକୁ ଆରମ୍ଭ କଲା। ସେ ପଳାଇଯାଉଥିବାବେଳେ ସିଂହ ତାର ପଞ୍ଝାରେ ତାକୁ ପ୍ରହାର କଲା। ହତଭାଗ୍ୟ ପୁରୁଷର ଉଦ୍ୟମ ବ୍ୟର୍ଥ ହେଲାପରି ଏହି ପ୍ରହାର ବିଫଳ ହେଲା। ତହୁଁ ଶୃଗାଳ କ୍ରୁଦ୍ଧ ହୋଇ କହିଲା, ''ତୁମ ପଞ୍ଝାର ପ୍ରହାର କଅଣ ଏହିପରି ? ସାମାନ୍ୟ ଗର୍ଦ୍ଦଭ ମଧ୍ୟ ତୁମ ଆଗରୁ ବଳ ଦେଖାଇ ଚାଲିଗଲା। ତୁମେ ହସ୍ତୀ ସଙ୍ଗରେ କିପରି ଯୁଦ୍ଧ କରିବ ? ତୁମର ବଳ ଦେଖାଗଲା !''

ସିଂହ ଲଜ୍ଜିତ ହୋଇ କହିଲା, ''ମୁଁ କଅଣ କରିବି ? ମୁଁ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇ ରହିନଥିଲି; ନୋହିଲେ ହସ୍ତୀ ମଧ୍ୟ ମୋର ଆକ୍ରମଣରୁ ପଳାଇ-ପାରିବ ନାହିଁ।'' ଶୃଗାଳ କହିଲା, ''ଏବେ ତାକୁ ଆଉ ଥରେ ତୁମ ପାଖକୁ ଆଣିବି; କିନ୍ତୁ ତୁମେ ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇ ରହିଥିବ।''

ସିଂହ କହିଲା, ''ଭଦ୍ର, ଯେଉଁ ଗର୍ଦ୍ଦଭ ଥରେ ମୋତେ ପ୍ରତ୍ୟକ୍ଷ ଦେଖି ପଳାଇ-ଯାଇଛି, ସେ କିପରି ପୁଣି ଏଠାକୁ ଆସିବ? ତେଣୁ ଅନ୍ୟ କୌଣସି ଜୀବର ସନ୍ଧାନ କର।'' ଶୃଗାଳ କହିଲା, ''ସେ କଥାରେ ତୁମର କଅଣ ଅଛି? ତୁମେ ଖାଲି ଆକ୍ରମଣ କରିବାକୁ ପ୍ରସ୍ତୁତ ହୋଇ ରହିଥାଅ।''

ସିଂହ ପ୍ରସ୍ତୁତ ହୋଇ ରହିଲା। ଗର୍ଦ୍ଦଭ ଯାଇଥିବା ବାଟରେ ଶୃଗାଳ ଯାଇ ଦେଖିଲା ଯେ, ଗର୍ଦ୍ଦଭ ସେହି ସ୍ଥାନରେ ଚରୁଛି। ଶୃଗାଳକୁ ଦେଖିପାରି ଗର୍ଦ୍ଦଭ କହିଲା, ''କିରେ ଭଣଜା, ତୁ ମୋତେ ଆଚ୍ଛା ଜାଗାକୁ ନେଇଥିଲୁ! ମୁଁ ମୃତ୍ୟୁମୁଖରେ ପଡ଼ିଥିଲି। କହ ଦେଖି, ସେଇଟି କି ଜୀବ! ତାର ବଜ୍ରତୁଲ୍ୟ କରତଳର ପ୍ରହାରରୁ ମୁଁ ମୁକ୍ତି ପାଇଗଲି।''

ଏହା ଶୁଣି ଶୃଗାଳ ହସି ହସି କହିଲା, ''ମାମୁ, ତୁମକୁ ଆସୁଥିବାର ଦେଖି ଗର୍ଦ୍ଦଭୀ ତୁମକୁ ପ୍ରେମରେ ଆଲିଙ୍ଗନ କରିବାକୁ ଉଠୁଥିଲା। ତୁମେ ତ ଭୟରେ ପଳାଇଆସିଲ; କିନ୍ତୁ ସେ ତୁମ ବିନା ରହିପାରିବ ନାହିଁ। ତୁମେ ପଳାଇଆସୁଥିବାବେଳେ ସେ ତୁମକୁ ଧରିବାପାଇଁ ହଠାତ୍ ହାତ ବଢ଼ାଉଥିଲା– ଏହାଛଡ଼ା ଅନ୍ୟ କୌଣସି କାରଣ ନାହିଁ; ତେଣୁ ଚାଲିଆସ। ତୁମ ସକାଶେ ସେ ଅନଶନ ବ୍ରତ କରି ବସି ରହିଛି। ସେ କହିଛି– 'ଲମ୍ବକର୍ଣ୍ଣ ଯେବେ ମୋର ପତି ନ ହୁଅନ୍ତି, ତେବେ ମୁଁ ଅଗ୍ନିରେ ବା ଜଳରେ ପ୍ରବେଶ କରିବି; କିନ୍ତୁ ତାଙ୍କର ବିଚ୍ଛେଦ ସହିପାରିବି ନାହିଁ।' ଅତଏବ ତୁମେ ଦୟାକରି ସେଠାକୁ ଚାଲ। ନୋହିଲେ ତୁମକୁ ସ୍ତ୍ରୀହତ୍ୟା ପାତକ ଲାଗିବ। ପୁଣି ଭଗବାନ୍ କାମଦେବ ତୁମ ଉପରେ କୋପ କରିବେ। କଥିତ ଅଛି–

ସ୍ତ୍ରୀମୁଦ୍ରାଂ ମକରଧ୍ୱଜସ୍ୟ ଜୟିନୀଂ ସର୍ବାର୍ଥସମ୍ପତ୍କରୀଂ
ତେ ମୂଢ଼ା ପ୍ରବିହାୟ ଯାନ୍ତି କୁଧିୟୋ ମିଥ୍ୟାଫଳାନ୍ୱେଷିଣଃ।
ତେ ତେନୈବ ନିହତ୍ୟ ନିର୍ଦ୍ଦୟତରଂ ନଗ୍ନୀକୃତା ମୁଣ୍ଡିତାଃ
କେଚିଦ୍ରକ୍ତପଟୀକୃତାଶ୍ଚ ଜଟିଳାଃ କାପାଳିକାଶ୍ଚାପରେ ॥ ୩୫ ॥

ଯେଉଁ ମୂର୍ଖ ମନ୍ଦବୁଦ୍ଧି ଲୋକମାନେ ସକଳ କାମନାପୂରଣକାରିଣୀ, ବିଜୟିନୀ, ନାରୀ-ରୂପିଣୀ କାମଦେବଙ୍କ ପତାକାକୁ ପରିତ୍ୟାଗ କରି ବୃଥା (ସ୍ୱର୍ଗଲାଭାଦି) ଫଳର ଅନ୍ୱେଷଣ କରୁଛନ୍ତି, କାମଦେବ ସେମାନଙ୍କୁ ନିର୍ଦ୍ଦୟଭାବରେ ପ୍ରହାର କରି ସେମାନଙ୍କ ମଧ୍ୟରୁ କେତେକଙ୍କୁ ଉଲଗ୍ନ କରି ଛାଡ଼ିଦିଏ, କେତେକଙ୍କର ମସ୍ତକ ମୁଣ୍ଡିତ କରିଦିଏ, କେତେକଙ୍କୁ କଷାୟ ବସ୍ତ୍ର ପିନ୍ଧାଏ, କେତେକଙ୍କ ମୁଣ୍ଡରେ ଜଟା ବାନ୍ଧାଏ ଓ ଆଉ କେତେକଙ୍କୁ କାପାଳିକ କରିଦିଏ।''।୩୫।

ଗର୍ଦ୍ଦଭ ଶ୍ରଦ୍ଧାସହକାରେ ଶୃଗାଳର ବାକ୍ୟ ଶୁଣି ପୁନରାୟ ତାହା ସଙ୍ଗେ ଗଲା। ଅଥବା ଯଥାର୍ଥରେ କଥିତ ଅଛି–

ଜାନନ୍ନପି ନରୋ ଦୈବାତ୍ ପ୍ରକରୋତି ବିଗର୍ହିତମ୍,
କର୍ମ କିଂ କସ୍ୟଚିଲ୍ଲୋକେ ଗର୍ହିତଂ ରୋଚତେ କୃତମ୍ ॥ ୩୬ ॥

ସବୁ ଜାଣିଥିଲେ ମଧ୍ୟ ମନୁଷ୍ୟ ଗର୍ହିତ କର୍ମ କରିଥାଏ। ଏହାର ଏକମାତ୍ର କାରଣ ଦୈବ। ତାହା ହୋଇ ନଥିଲେ ସଂସାରରେ କୌଣସି ନିନ୍ଦନୀୟ କାର୍ଯ୍ୟ

ଭଲ ଲାଗେ କି? । ୩୭ ।

ତତ୍ପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ରହିଥିବା ସିଂହ ତାହାକୁ ବଧ କଲା । ଗର୍ଦ୍ଦଭକୁ ବଧ କରିସାରି ସିଂହ ଶୃଗାଳକୁ ଜଗୁଆଳ ରଖି ନିଜେ ସ୍ନାନ କରିବାକୁ ନଦୀକୁ ଗଲା । ଶୃଗାଳ ଜିହ୍ୱାଲାଳସାର ବଶ ହୋଇ ଗର୍ଦ୍ଦଭର କର୍ଣ୍ଣ, ଓ ହୃଦୟ (କଲିଜା)କୁ ଖାଇଦେଲା । ଯେତେବେଳେ ସ୍ନାନ ଓ ଦେବାର୍ଚ୍ଚନ ସାରି ପିତୃପୁରୁଷଙ୍କୁ ତର୍ପଣ କରି ସିଂହ ଆସିଲା, ସେତେବେଳେ ଗର୍ଦ୍ଦଭର କର୍ଣ୍ଣ ଓ ହୃଦୟ ନ ଥିବାର ଦେଖିଲା । ସେ କ୍ରୁଦ୍ଧ ହୋଇ ଶୃଗାଳକୁ କହିଲା, ''ରେ ପାପିଷ୍ଠ ! ତୁ ଏପରି ଅନ୍ୟାୟ କାର୍ଯ୍ୟ କଲୁ କିପରି ? ତୁ ଏହାର କର୍ଣ୍ଣ ଓ ହୃଦୟ ଖାଇବା ହେତୁ ଏହା ତୋର ଉଚ୍ଛିଷ୍ଟ ହୋଇଗଲା ।''

ଶୃଗାଳ ବିନୀତଭାବରେ କହିଲା, ''ହେ ସ୍ୱାମି ! ଏପରି କହନ୍ତୁ ନାହିଁ । ଏ ଗର୍ଦ୍ଦଭଟିର ଆଦୌ କର୍ଣ୍ଣ ଓ ହୃଦୟ ନଥିଲା; ସେହି ହେତୁରୁ ସେ ଥରେ ଆସି ଆପଣଙ୍କୁ ଦେଖି ସୁଦ୍ଧା ପୁଣି ଥରେ ଆସିଲା । ଅନନ୍ତର ସିଂହ ଶୃଗାଳର କଥାକୁ ବିଶ୍ୱାସଯୋଗ୍ୟ ମନେକରି ଶୃଗାଳ ସହିତ ଗର୍ଦ୍ଦଭକୁ ନିର୍ଭୟରେ ଖାଇଲା । ଏହି ହେତୁରୁ ମୁଁ କହୁଥିଲି– 'ଆଗତଶ୍ଚ ଗତଶ୍ଚୈବ . . .' ଇତ୍ୟାଦି । ଅତଏବ ହେ ମୂର୍ଖ, ତୁ ମୋ ସଙ୍ଗେ କପଟ କରିଥିଲୁ; କିନ୍ତୁ ପରେ ଅବଶ୍ୟ ଯୁଧିଷ୍ଠିର ଭଳି ସତ୍ୟ କଥା କହି ତାହାକୁ ବିନାଶ କଲୁ । ଅଥବା ଯଥାର୍ଥରେ କୁହାଯାଇଅଛି–

ସ୍ୱାର୍ଥମୁତ୍ସୃଜ୍ୟ ଯୋ ଦମ୍ଭୀ ସତ୍ୟଂ ବ୍ରୂତେ ସୁମନ୍ଦଧୀଃ ।
ସ ସ୍ୱାର୍ଥାଦ୍ ଭ୍ରଶ୍ୟତେ ନୂନଂ ଯୁଧିଷ୍ଠିର ଇବାପରଃ ।। ୩୭ ।।

ଯେଉଁ କପଟୀ ଲୋକ ଆପଣାର ସ୍ୱାର୍ଥକୁ ତ୍ୟାଗ କରି ସତ୍ୟ କହିଥାଏ, ସେ ମହାମୂର୍ଖ ଅଟେ । କାରଣ ସେ ଦ୍ୱିତୀୟ ଯୁଧିଷ୍ଠିର ଭଳି ନିଜ ସ୍ୱାର୍ଥର ବିନାଶ କରେ । ୩୭ ।

କୁମ୍ଭୀର କହିଲା, ''ସେ ଯୁଧିଷ୍ଠିର କଥା କଅଣ ?'' ବାନର କହିଲା–

ଯୁଧିଷ୍ଠିର କୁମ୍ଭକାର କଥା

କୌଣସି ଏକ ଗ୍ରାମରେ ଜଣେ କୁମ୍ଭକାର ବାସକରୁଥିଲା । ଏକଦା ସେ ନିଶାରେ ଭୋଳ ହୋଇ ବେଗରେ ଦଉଡୁଥିଲାବେଳେ ଦରଭଙ୍ଗା ଖପରାର ତୀକ୍ଷ୍ଣ ଅଗ ଉପରେ ପଡ଼ିଗଲା । ଖପରାର ଧାରରେ ତା'ର ଲଲାଟ ଚିରିହୋଇଗଲା ଓ ଦେହଯାକ ରକ୍ତ-ଜରଜର ହୋଇ ସେ କୌଣସି ପ୍ରକାରେ ନିଜ ଘରକୁ ଗଲା । ତତ୍ପରେ ଅପଥ୍ୟ ଭୋଜନ ହେତୁରୁ ତାର ସେହି କ୍ଷତ ଭୀଷଣ ହୋଇଗଲା ଓ ବହୁକଷ୍ଟରେ ସେ ଆରୋଗ୍ୟ ଲାଭ କଲା ।

ଏକସମୟରେ ଦେଶରେ ଦୁର୍ଭିକ୍ଷ ଉପସ୍ଥିତ ହେବାରୁ ସେ କୁମ୍ଭାର କ୍ଷୁଧାରେ ନିତାନ୍ତ କାତର ହୋଇ, କେତେକ ରାଜସେବକଙ୍କ ସହିତ ଅନ୍ୟ ଏକ ଦେଶକୁ ଚାଲିଯାଇ ସେ ଦେଶର ରାଜାଙ୍କର ଭୃତ୍ୟ ହୋଇ ରହିଲା । ରାଜା ସେହି କୁମ୍ଭାରର

କପାଳରେ ଭୟଙ୍କର କ୍ଷତଚିହ୍ନ ଦେଖି ଭାବିଲେ– 'ଏ ନିଶ୍ଚୟ କେହି ଜଣେ ବୀର ପୁରୁଷ। ସମ୍ମୁଖ-ଯୁଦ୍ଧରେ କପାଳରେ ପ୍ରହାର ପାଇଅଛି।'

ଏହି କାରଣରୁ ରାଜା ସବୁ ରାଜପୁତ୍ରଙ୍କ ମଧ୍ୟରେ ତାହାକୁ ବିଶେଷ ଅନୁଗ୍ରହ ଦେଖାଉଥିଲେ। ସେ ରାଜାଙ୍କର ଅଧିକ ଅନୁଗ୍ରହର ପାତ୍ର ହୋଇଥିବାର ଦେଖି ଅନ୍ୟମାନେ ତାହାକୁ ଈର୍ଷା କରୁଥିଲେ; ମାତ୍ର ରାଜାଙ୍କ ଭୟରେ କିଛି କହିପାରୁନଥିଲେ।

ଅନନ୍ତର ଯୁଦ୍ଧ ଉପସ୍ଥିତ ହୁଅନ୍ତେ ଦିନେ ରାଜା ବୀରମାନଙ୍କୁ (ଅର୍ଥ ପଦବୀ ପ୍ରଭୃତି ଦ୍ୱାରା) ସମ୍ମାନିତ କଲାବେଳେ ହାତୀ, ଘୋଡ଼ା ଓ ଯୋଦ୍ଧାମାନେ ସଜ୍ଜିତ ହେଉଥିଲେ। ଏହି ସମୟରେ ରାଜା କୁମ୍ଭାରକୁ ନିର୍ଜନରେ ପଚାରିଲେ, "ହେ ରାଜପୁତ୍ର, ତୁମର ନାମ କଅଣ? ତୁମର କି ଜାତି? କେଉଁ ଯୁଦ୍ଧରେ ତୁମ କପାଳରେ ଆଘାତ ଲାଗିଥିଲା?"

ସେ ଉତ୍ତରକଲା, "ମହାରାଜ! ସେଇଟା ଅସ୍ତ୍ରପ୍ରହାର ହେତୁ ହୋଇନାହିଁ। ପ୍ରକୃତରେ ମୁଁ ହେଉଛି ଜଣେ କୁମ୍ଭାର ଓ ମୋର ନାମ ଯୁଧିଷ୍ଠିର। ମୋ ଘର ଆଗରେ ଅନେକ ଖପରା ପଡ଼ିଥିଲା। ଏକସମୟରେ ମଦ ପିଇ ଘରୁ ବାହାରି ଦଉଡୁ ଦଉଡୁ ଖପରା ଉପରେ ପଡ଼ିଗଲି। ସେହି ଖପରାର ଆଘାତ ହେତୁ ମୋର କପାଳ ଏପରି ବିକୃତ ଦିଶୁଅଛି।"

ଏହା ଶୁଣି ରାଜା ଲଜ୍ଜିତ ହୋଇ କହିଲେ, "ଓଃ! ଏ କୁମ୍ଭାର ରାଜପୁତ୍ରମାନଙ୍କୁ ଅନୁକରଣ କରୁଥିବାରୁ ତାହାଦ୍ୱାରା ମୁଁ ପ୍ରତାରିତ ହୋଇଅଛି। ତାକୁ ଏଇକ୍ଷଣି ଅର୍ଦ୍ଧଚନ୍ଦ୍ର ଦେଇ ବିଦାୟ କର।" ସେ ଏହା କହିବାରୁ କୁମ୍ଭାର କହିଲା, "ମହାରାଜ! ସେପରି କରନ୍ତୁ ନାହିଁ। ଯୁଦ୍ଧରେ ମୋର ହସ୍ତପଟୁତା ଦେଖନ୍ତୁ।" ରାଜା କହିଲେ, "ତାହାହେଲେ ତୁମଠାରେ ସବୁ ଗୁଣ ଅଛି; ତଥାପି ତୁମେ ବାହାରିଯାଅ। କଥିତ ଅଛି।–

ଶୂରଶ୍ଚ କୃତବିଦ୍ୟଶ୍ଚ ଦର୍ଶନୀୟୋଽସି ପୁତ୍ରକ!
ଯସ୍ମିନ୍ କୁଳେ ତ୍ୱମୁତ୍ପନ୍ନୋ ଗଜସ୍ତତ୍ର ନ ହନ୍ୟତେ ॥ ୩୮ ॥

ହେ ପୁତ୍ର! ତୁ ବୀର, କୃତବିଦ୍ୟ ଓ ଦେଖିବାକୁ ମଧ୍ୟ ସୁନ୍ଦର; କିନ୍ତୁ ଯେଉଁ କୁଳରେ ତୋର ଜନ୍ମ, ସେଥିରେ କେହି ହାତୀ ମାରି ନ ଥାନ୍ତି। ୩୮।

କୁମ୍ଭାର ପଚାରିଲା, "ଏ କଥା କିପରି?" ରାଜା କହିଲେ–

ସିଂହୀ ଓ ଶୃଗାଳପୁତ୍ର କଥା

କୌଣସି ଏକ ସ୍ଥାନରେ ଗୋଟିଏ ସିଂହ ଓ ତା'ର ସ୍ତ୍ରୀ ବାସକରୁଥିଲେ। ସିଂହୀ ଦୁଇଟି ପୁତ୍ରସନ୍ତାନ ପ୍ରସବ କଲା। ସିଂହ ପ୍ରତିଦିନ ପଶୁ ବଧ କରି ଆଣି ସିଂହୀକୁ ଦେଉଥିଲା। ଦିନେ ସିଂହକୁ କୌଣସି ପଶୁ ମିଳିଲା ନାହିଁ। ସେ ଭ୍ରମଣ କରୁ କରୁ ସୂର୍ଯ୍ୟ ଅସ୍ତ ହୋଇଗଲେ। ସେ ଘରକୁ ଆସିଲାବେଳକୁ ଗୋଟିଏ ଶୃଗାଳଶିଶୁ ପାଇଲା। ଏଇଟି ଶିଶୁଟିଏ– ଏହିପରି ବିଚାରି ସିଂହ ଅତି ଯତ୍ନରେ ତାକୁ ଦନ୍ତ

ମଧ୍ୟରେ ଧରି ଜୀବନ୍ତ ଅବସ୍ଥାରେ ଆଣି ସିଂହୀକୁ ଦେଲା। ତହୁଁ ସିଂହୀ କହିଲା, ''ହେ ପ୍ରିୟ! ଆମର ଭୋଜନପାଇଁ କିଛି ଆଣିଛ?'' ସିଂହ କହିଲା, ''ପ୍ରିୟେ! ଆଜି ଏଇ ଶୃଗାଳ-ଶିଶୁଟି ଛଡ଼ା ଆଉ କୌଣସି ଜୀବ ମିଳିଲା ନାହିଁ। ଛୁଆଟିଏ ବୋଲି ମନେକରି ତାକୁ ବଧ କରିନାହିଁ; ବିଶେଷତଃ ସେ ହେଉଛି ଆମର ସ୍ୱଜାତୀୟ। କଥିତ ଅଛି –

ସ୍ତ୍ରୀବିପ୍ରଲିଙ୍ଗିବାଳେଷୁ ପ୍ରହର୍ତ୍ତବ୍ୟଂ ନ କର୍ହିଚିତ୍।
ପ୍ରାଣାତ୍ୟଗେଽପି ସଂଜାତେ ବିଶ୍ୱସ୍ତେଷୁ ବିଶେଷତଃ॥ ୩୯ ॥

ଜୀବନ-ସଂଶୟରେ ପଡ଼ିଲେ ମଧ୍ୟ ସ୍ତ୍ରୀ, ବ୍ରାହ୍ମଣ, ସନ୍ନ୍ୟାସୀ ତଥା ବାଳକ ଓ ବିଶେଷତଃ ନିଜର ବିଶ୍ୱସ୍ତ ପ୍ରାଣୀକୁ ବିନାଶ କରିବା କଦାପି ଉଚିତ ନୁହେଁ। ୩୯।

ବର୍ତ୍ତମାନ ତୁମେ ଏହାରି ମାଂସରେ ପଥ୍ କର। ସକାଳେ ଅନ୍ୟ କୌଣସି ଜୀବ ଆଣିବି।'' ସିଂହୀ କହିଲା, ''ହେ କାନ୍ତ! ପିଲାଟିଏ ବୋଲି ବିଚାର କରି ଯେବେ ତୁମେ ତାକୁ ବଧ କଲ ନାହିଁ; ତେବେ ମୁଁ ନିଜର ଉଦର ପାଇଁ କିପରି ତାକୁ ବଧ କରିବି? କଥିତ ଅଛି –

ଅକୃତ୍ୟଂ ନୈବ କର୍ତ୍ତବ୍ୟଂ ପ୍ରାଣତ୍ୟାଗେଽପ୍ୟୁପସ୍ଥିତେ।
ନ ଚ କୃତ୍ୟଂ ପରିତ୍ୟାଜ୍ୟମେଷ ଧର୍ମଃ ସନାତନଃ॥ ୪୦ ॥

ଜୀବନ-ସଂଶୟ ଉପସ୍ଥିତ ହୋଇଥିଲେ ସୁଦ୍ଧା ଅକରଣୀୟ କାର୍ଯ୍ୟ କରିବା ଉଚିତ ନୁହେଁ। ଆହୁରି ମଧ୍ୟ କରଣୀୟ କାର୍ଯ୍ୟକୁ ତ୍ୟାଗ କରିବା ଅନୁଚିତ। ଏହାହିଁ ହେଉଛି ସନାତନ ଧର୍ମ। ୪୦।

ତେଣୁ ଏଇଟି ମୋର ତୃତୀୟ ପୁତ୍ର ହୋଇ ରହିବ।''

ଏହା କହି ସିଂହୀ ତାହାକୁ ନିଜ ସ୍ତନରୁ ଦୁଗ୍ଧ-ପାନ କରାଇ ବଢ଼ାଇବାକୁ ଲାଗିଲା। ଏହିପରି ତିନୋଟିଯାକ ଶିଶୁ ପରସ୍ପର ଜାତିଗତ ପ୍ରଭେଦ ନ ଜାଣି ଏକତ୍ର ଖେଳି ବୁଲି ବାଲ୍ୟକାଳ କଟାଉଥିଲେ। ଏକସମୟରେ ଗୋଟିଏ ବନ୍ୟହସ୍ତୀ ଭ୍ରମଣ କରୁ କରୁ ସେହି ବନରେ ଉପସ୍ଥିତ ହେଲା। ତାହାକୁ ଦେଖି ସିଂହପୁତ୍ର ଦୁହେଁ କ୍ରୋଧରେ ଯେତେବେଳେ ଆକ୍ରମଣ କରିବାକୁ ବାହାରିଲେ, ସେତେବେଳେ ସେ (ଶୃଗାଳପୁତ୍ର) କହିଲା, ''ଆରେ ଆରେ, ଏ ହେଉଛି ଗୋଟାଏ ହାତୀ; ତୁମ କୁଳର ଶତ୍ରୁ। ତେଣୁ ତା ଆଗକୁ ଯିବା ଉଚିତ ନୁହେଁ।'' ଏହା କହି ସେ ଘରକୁ ପଳାଇଗଲା। ସେ ଦୁହେଁ ମଧ୍ୟ ବଡ଼ଭାଇକୁ ଭୟତ୍ରସ୍ତ ଦେଖି ନିରୁତ୍ସାହ ହୋଇପଡ଼ିଲେ। ଅଥବା ଯଥାର୍ଥରେ କହାଯାଇଅଛି –

ଏକେନାପି ସୁଧୀରେଣ ସୋତ୍ସାହେନ ରଣଂ ପ୍ରତି।
ସୋତ୍ସାହଂ ଜାୟତେ ସୈନ୍ୟଂ ଭଗ୍ନେ ଭଙ୍ଗମବାପ୍ନୁୟାତ୍॥ ୪୧ ॥

ସୈନ୍ୟଦଳରେ ଜଣେ ସୈନ୍ୟ ଧୈର୍ଯ୍ୟଶାଳୀ ଓ ଉତ୍ସାହୀ ହୋଇଥିଲେ, ସମସ୍ତ ସୈନ୍ୟ ଯୁଦ୍ଧରେ ଉତ୍ସାହୀ ହୋଇଯାଆନ୍ତି। କିନ୍ତୁ ଜଣେହେଲେ ସୈନ୍ୟ ନିରୁତ୍ସାହିତ ହୋଇଗଲେ ସମସ୍ତ ସୈନ୍ୟ ସେହିପରି ଉତ୍ସାହହୀନ ହୋଇଯାଆନ୍ତି। ୪୧। ପୁଣି –

ଏତଦେବ ହି ବାଞ୍ଛନ୍ତି ଭୂପା ଯୋଧାନ୍ ମହାବଳାନ୍ ।
ଶୂରାନ୍ ବୀରାନ୍ କୃତୋତ୍ସାହାନ୍ବର୍ଜୟନ୍ତି ଚ କାତରାନ୍ ॥ ୪୨ ॥

ଏହି ହେତୁ ରାଜାମାନେ କେବଳ ବଳବାନ୍, ବୀର, ଉତ୍ସାହୀ ସୈନ୍ୟଙ୍କୁ ଚାହାନ୍ତି; ଭୀରୁ ସୈନ୍ୟମାନଙ୍କୁ ତ୍ୟାଗ କରନ୍ତି । ୪୨ ।

ଏହାପରେ ସେ ଦୁହେଁ ଘରକୁ ଯାଇ ବାପାଙ୍କ ଆଗରେ ବଡ଼ଭାଇର କାମ ବର୍ଣ୍ଣନା କରି କହିଲେ ଯେ, ସେ ହାତୀକୁ ଦୂରରୁ ଦେଖୁ ଦେଖୁ ପଳାଇଆସିଲେ । ସେ (ଶୃଗାଳପୁତ୍ର) ମଧ୍ୟ ଏହା ଶୁଣି ମନରେ କୋପ କଲା; ତା'ର ଅଧର କମ୍ପିଉଠିଲା; ଚକ୍ଷୁ ତାମ୍ରବର୍ଣ୍ଣ ଧାରଣ କଲା । ବକ୍ରନୟନରେ ଚାହିଁ ସେ ଅନ୍ୟ ଦୁହିଁଙ୍କୁ କଠୋର ବାକ୍ୟରେ ଭର୍ତ୍ସନା କରିବାକୁ ଲାଗିଲା । ତହୁଁ ସିଂହୀ ତାକୁ ଏକୁଟିଆ ଡାକି ନେଇ ପ୍ରବୋଧନା ଦେଇ କହିଲା, "ବତ୍ସ ! ଆଉ କେବେ ଏପରି କହିବୁ ନାହିଁ; ସେ ଦୁହେଁ ହେଉଛନ୍ତି ତୋର ସାନଭାଇ ।" କିନ୍ତୁ ସେ ନିତାନ୍ତ କ୍ରୁଦ୍ଧ ହୋଇ ସିଂହୀକୁ କହିଲା, "ମୁଁ କଅଣ ବୀରତ୍ୱରେ, ରୂପରେ, ପାଠପଢ଼ାରେ ବା କୌଶଳରେ ସେ ଦୁହିଁଙ୍କଠାରୁ ହୀନ ଯେ ମୋତେ ଉପହାସ କରିବେ ! ମୁଁ ନିଶ୍ଚୟ ସେ ଦୁହିଁଙ୍କୁ ମାରିପକାଇବି ।" ତାହା ଶୁଣି ସିଂହୀ ତାର ଜୀବନରକ୍ଷା କରିବାକୁ ଇଚ୍ଛା କରି ମନେ ମନେ ହସି କହିଲା – 'ଶୂରଶ୍ଚ କୃତବିଦ୍ୟଶ୍ଚ . . .' ଇତ୍ୟାଦି ।

ତେବେ ସବୁ କଥା ଶୁଣ । ବତ୍ସ ! ତୁ ହେଉଛୁ ଗୋଟିଏ ଶୃଗାଳୀର ପୁଅ । ମୁଁ ଦୟାକରି ନିଜ ସ୍ତନରୁ କ୍ଷୀର ଦେଇ ତୋତେ ବଢ଼ାଇଅଛି । ମୋ ପୁଅ ଦୁଇଟି ଏବେ ପିଲା ହୋଇଥିବାରୁ ତୁ ଶୃଗାଳ ବୋଲି ଜାଣିନାହାନ୍ତି । ସେମାନେ ତୋତେ ଚିହ୍ନିବା ଆଗରୁ ତୁ ପଳାଇଯାଇ ଆପଣା ଜାତି ଭିତରେ ରହ ।" ଏହା ଶୁଣି ସେ ମଧ୍ୟ ଭୟରେ ବ୍ୟାକୁଳ ହୋଇ ଧୀରେ ଧୀରେ ସେଠାରୁ ଅପସରିଗଲା ଓ ନିଜ ଜାତିରେ ମିଶିଗଲା ।

ତେଣୁ ରାଜାମାନେ ତୋତେ କୁମ୍ଭାର ବୋଲି ଜାଣିବା ପୂର୍ବରୁ ତୁ ମଧ୍ୟ ଶୀଘ୍ର ପଳାଇଯାଆ, ନୋଚେତ୍ ସେମାନଙ୍କ ଦ୍ୱାରା ବିଡ଼ମ୍ବିତ ହୋଇ ମରିବୁ । କୁମ୍ଭାର ମଧ୍ୟ ଏହା ଶୁଣି ଶୀଘ୍ର ଚାଲିଗଲା । ଏହି ହେତୁରୁ ମୁଁ କହୁଥିଲି – 'ସ୍ୱାର୍ଥମୁତ୍ସୃଜ୍ୟ ଯୋ ଦମ୍ଭୀ . . .' ଇତ୍ୟାଦି ।

ବାନର ପୁଣି କହିଲା – "ଆରେ ମୂର୍ଖ ! ତୋତେ ଧିକ୍ ଯେ ତୁ ସ୍ତ୍ରୀ ଲାଗି ଏପରି କୁକାର୍ଯ୍ୟ କରିବାକୁ ବସିଥିଲୁ । ସ୍ତ୍ରୀମାନଙ୍କୁ କେବେହେଲେ ବିଶ୍ୱାସ କରିବା ଉଚିତ ନୁହେଁ । କଥିତ ଅଛି –

ଯଦର୍ଥେ ସ୍ୱକୁଳଂ ତ୍ୟକ୍ତଂ ଜୀବିତାର୍ଥଂ ଚ ହାରିତମ୍ ।
ସା ମାଂ ତ୍ୟଜତି ନିଃସ୍ନେହା କଃ ସ୍ତ୍ରୀଣାଂ ବିଶ୍ୱସେନ୍ନରଃ ॥ ୪୩ ॥

ଯାହା ସକାଶେ ମୁଁ ନିଜର କୁଳ ତ୍ୟାଗ କଲି ଓ ଜୀବନର ଅର୍ଦ୍ଧେକ ହରାଇଲି, ସେହି ସ୍ତ୍ରୀ ସ୍ନେହହୀନା ହୋଇ ମୋତେ ତ୍ୟାଗ କରିଯାଉଛି । ତେଣୁ କେଉଁ ମନୁଷ୍ୟ ସ୍ତ୍ରୀମାନଙ୍କୁ ବିଶ୍ୱାସ କରିବ ? । ୪୩ ।

କୁମ୍ଭୀର ପଚାରିଲା, "ଏ କଥା କଅଣ ?" ବାନର କହିଲା –

ବ୍ରାହ୍ମଣଦମ୍ପତି କଥା

କୌଣସି ସ୍ଥାନରେ ଏକ ବ୍ରାହ୍ମଣ ବାସକରୁଥିଲା। ସେ ନିଜର ପ୍ରାଣଠାରୁ ବଳି ଭାର୍ଯ୍ୟାକୁ ପ୍ରିୟ ବୋଲି ମନେକରୁଥିଲା। ତା'ର ଭାର୍ଯ୍ୟା ପ୍ରତିଦିନ ପରିବାର ସହିତ କଳହ କରି ମଧ୍ୟ କେବେ ଶାନ୍ତ ହେଉ ନଥିଲା। ବ୍ରାହ୍ମଣ କଳହ ସହି ନ ପାରି ଭାର୍ଯ୍ୟା ପ୍ରତି ଆସକ୍ତି ହେତୁ ଆପଣାର ପରିବାରକୁ ଛାଡ଼ି ତାହା ସହିତ ଦୂର ଦେଶକୁ ଯିବାକୁ ବାହାରିଲା। ଗୋଟିଏ ଘନ ଅରଣ୍ୟ ମଧ୍ୟରେ ଯାଉଥିବାବେଳେ ବ୍ରାହ୍ମଣୀ କହିଲା, ''ହେ ଆର୍ଯ୍ୟପୁତ୍ର, ତୃଷାରେ ମୁଁ କଷ୍ଟ ପାଉଅଛି। କୌଣସିଠାରେ ଜଳ ଅନ୍ୱେଷଣ କର।''

ତା'ର କଥା ଅନୁସାରେ ବ୍ରାହ୍ମଣ ଜଳ ଆଣି ଆସି ଦେଖିଲା ଯେ ତା'ର ସ୍ତ୍ରୀ ମରି ପଡ଼ିଛି। ଭାର୍ଯ୍ୟାକୁ ଅତି ଭଲପାଉଥିବାରୁ ସେ ଯେତେବେଳେ ବିଳାପ କରୁଥିଲା, ସେତେବେଳେ ଆକାଶରୁ ଶୁଣାଗଲା– ''ହେ ବ୍ରାହ୍ମଣ! ଯଦି ତୁ ନିଜ ଆୟୁଷରୁ ଅଧେ ତାକୁ ଦେବୁ, ତାହାହେଲେ ତୋର ବ୍ରାହ୍ମଣୀ ବଞ୍ଚିଉଠିବ।'' ଏହା ଶୁଣି ବ୍ରାହ୍ମଣ ପବିତ୍ର ହୋଇ ତିନିଥର ସଂକଳ୍ପ କରି ନିଜ ଆୟୁଷରୁ ଅଧେ ତାକୁ ଦେଲା। ବ୍ରାହ୍ମଣ ସଂକଳ୍ପ କରି କହିବା ସଙ୍ଗେ ସଙ୍ଗେ ବ୍ରାହ୍ମଣୀ ଜିଇଉଠିଲା।

ଏହାପରେ ଦୁହେଁଯାକ ଜଳ ପିଇ, ଫଳମୂଳ ଖାଇ ପୁଣି ଚାଲିବାକୁ ଲାଗିଲେ। ଯାଉ ଯାଉ ସେମାନେ କୌଣସି ନଗରର ପୁଷ୍ପ-ଉପବନରେ ପ୍ରବେଶ କଲେ। ବ୍ରାହ୍ମଣ ତା'ର ସ୍ତ୍ରୀକୁ କହିଲା, ''ଭଦ୍ରେ! ମୁଁ ଯାଉଛି, କିଛି ଖାଦ୍ୟଦ୍ରବ୍ୟ ନେଇ ଆସିବି। ମୁଁ ଫେରିଆସିବା ପର୍ଯ୍ୟନ୍ତ ତୁମେ ଏହିଠାରେ ରହିଥିବ।'' ଏହା କହି ବ୍ରାହ୍ମଣ ନଗର ଭିତରକୁ ଗଲା। ସେହି ପୁଷ୍ପବାଟିକାରେ ଗୋଟିଏ କୂଅର ଶଗଡ଼ିକୁ ବୁଲାଇ ବୁଲାଇ ଜଣେ ପଙ୍ଗୁ ଲୋକ ଅତି ମଧୁର ସ୍ୱରରେ ଗୀତ ଗାଉଥିଲା। ତାହା ଶୁଣି ବ୍ରାହ୍ମଣୀ କାମବାଣରେ ବିଦ୍ଧ ହୋଇ, ତାହା ପାଖକୁ ଯାଇ କହିଲା, ''ଭଦ୍ର! ତୁମେ ଯଦି ମୋର କାମନା ପୂରଣ ନ କରିବ ତେବେ ତୁମର ସ୍ତ୍ରୀହତ୍ୟା ଦୋଷ ହେବ।''

ପଙ୍ଗୁ କହିଲା, ''ମୁଁ ବ୍ୟାଧିଗ୍ରସ୍ତ, ମୋ ଦ୍ୱାରା ତୁମର କଅଣ ହେବ?'' ବ୍ରାହ୍ମଣୀ କହିଲା, ''ସେପରି କହିଲେ କି ଲାଭ? ତୁମକୁ ନିଶ୍ଚୟ ମୋ ସହିତ ସଙ୍ଗମ କରିବାକୁ ହେବ।'' ଏହା ଶୁଣି ପଙ୍ଗୁ ତାହାହିଁ କଲା। ସୁରତକ୍ରିୟା ପରେ ବ୍ରାହ୍ମଣୀ କହିଲା, ''ଆଜିଠାରୁ ତୁମକୁ ମୁଁ ନିଜକୁ ଜୀବନଥିବା ପର୍ଯ୍ୟନ୍ତ ଅର୍ପଣ କଲି! ଏହା ମନେରଖି ତୁମେ ମଧ୍ୟ ଆମ ସହିତ ଆସ।'' ପଙ୍ଗୁ କହିଲା, ''ତାହାହିଁ ହେଉ!''

ବ୍ରାହ୍ମଣ ଭୋଜନ ଦ୍ରବ୍ୟସହ ଆସି ସ୍ତ୍ରୀ ସହିତ ଖାଇବାକୁ ଆରମ୍ଭ କଲା। ବ୍ରାହ୍ମଣୀ କହିଲା, ''ଏହି ପଙ୍ଗୁଟି କ୍ଷୁଧାରେ କାତର; ତେଣୁ ତାକୁ ମଧ୍ୟ ଏ ଆହାରରୁ କିଛି ଦିଅ।'' ବ୍ରାହ୍ମଣ ତାକୁ ଆହାର ଦେଲାପରେ ବ୍ରାହ୍ମଣୀ କହିଲା, ''ହେ ବ୍ରାହ୍ମଣ! ତୁମେ ଯେତେବେଳେ (ସହାୟହୀନ) ଏକାକୀ ଅନ୍ୟ ଗ୍ରାମକୁ ଚାଲିଯାଉଛ; ସେତେବେଳେ ମୋତେ କଥାରେ ମଧ୍ୟ ସାହାଯ୍ୟ କରିବାକୁ କେହି ନାହିଁ। ତେଣୁ ଏ ପଙ୍ଗୁକୁ

ସଙ୍ଗରେ ନେଇଯିବା।'' ବ୍ରାହ୍ମଣ କହିଲା, ''ନିଜେ ଚାଲିଯିବା ପାଇଁ ମୋର ବଳ ନାହିଁ, ସେଥିରେ ପୁଣି ଏ ପଙ୍ଗୁକୁ କିପରି ନେବି?'' ବ୍ରାହ୍ମଣୀ କହିଲା, ''ତାକୁ ପେଟରାରେ ପୂରାଇ ମୁଁ ବୋହିନେବି।'' ବ୍ରାହ୍ମଣ ସ୍ତ୍ରୀର କପଟ ବଚନରେ ମୋହିତ ହୋଇ ଏଥିରେ ସ୍ୱୀକୃତ ହେଲା। ତାହାହିଁ କରାଗଲା। ଅନନ୍ତର ଦିନେ ବ୍ରାହ୍ମଣ କୂପ ନିକଟରେ ବସି ବିଶ୍ରାମ କରୁଥିବା ସମୟରେ ପଙ୍ଗୁପ୍ରତି ଆସକ୍ତା ବ୍ରାହ୍ମଣୀ ତାକୁ ଠେଲିଦେଇ କୂପ ଭିତରେ ପକାଇଦେଲା ଓ ପଙ୍ଗୁକୁ ପେଟରାରେ ବୋହି ଗୋଟିଏ ନଗରରେ ପ୍ରବେଶ କଲା।

ସେଠାରେ ଶୁଳ୍କ ନଦେଇ ଠକୁଥିବା ଚୋରଙ୍କୁ ଧରିବା ପାଇଁ ନିଯୁକ୍ତ ଥିବା ରାଜକର୍ମଚାରୀମାନେ ଇତସ୍ତତଃ ଭ୍ରମଣ କରୁଥିଲେ। ବ୍ରାହ୍ମଣୀର ମୁଣ୍ଡରେ ଗୋଟିଏ ପେଟରା ଥିବାର ଦେଖି ସେମାନେ ବଳପୂର୍ବକ ପେଟରାଟିକୁ ରାଜାଙ୍କ ପାଖକୁ ନେଇଗଲେ। ରାଜା ପେଟରାକୁ ଖୋଲିବାରୁ ତହିଁରୁ ପଙ୍ଗୁ ବାହାରିଲା। ବ୍ରାହ୍ମଣୀ ରାଜକର୍ମଚାରୀମାନଙ୍କ ପଛେ ପଛେ ବିଳାପ କରି କରି ସେଠାକୁ ଆସିଲା। ରାଜା ପଚାରିଲେ– ''ଘଟଣା କଅଣ?'' ବ୍ରାହ୍ମଣୀ କହିଲା, 'ଏ ମୋର ସ୍ୱାମୀ। ସେ ବ୍ୟାଧିଗ୍ରସ୍ତ; ପରିବାରବର୍ଗଙ୍କ ଦ୍ୱାରା ଉତ୍ପୀଡ଼ିତ। ତେଣୁ ମୁଁ ପତିସ୍ନେହବଶତଃ ତାଙ୍କୁ ମୁଣ୍ଡରେ ବୋହି ବୋହି ଆପଣଙ୍କ ନଗରକୁ ଆଣିଛି।''

ତାହା ଶୁଣି ରାଜା କହିଲେ, ''ବ୍ରାହ୍ମଣି! ଆଜିଠାରୁ ତୁମେ ମୋର ଭଗିନୀ ହେଲ। ତୁମକୁ ଦୁଇଟି ଗ୍ରାମ ଦେଉଛି। ତାହାକୁ ନେଇ 'ସ୍ୱାମୀ ସହିତ ଭୋଗ କରି ସୁଖରେ ରୁହ।''

ଏଣେ ଦୈବବଶରୁ ଜଣେ ସାଧୁ କୂପ ମଧ୍ୟରୁ ବ୍ରାହ୍ମଣକୁ ଉଦ୍ଧାର କରିବାରୁ ସେ ଭ୍ରମଣ କରୁ କରୁ ସେହି ନଗରରେ ଉପସ୍ଥିତ ହେଲା। ତାର ଦୁଷ୍ଟା ଭାର୍ଯ୍ୟା ତାକୁ ଦେଖିପାରି ରାଜାଙ୍କୁ ଜଣାଇଲା, ''ହେ ମହାରାଜ, ଏ ଲୋକଟି ମୋ ସ୍ୱାମୀର ଶତ୍ରୁ।'' ରାଜା ତତ୍‌କ୍ଷଣାତ୍ ବ୍ରାହ୍ମଣର ମୃତ୍ୟୁଦଣ୍ଡ ଆଦେଶ ଦେଲେ। ବ୍ରାହ୍ମଣ କହିଲା, ''ମହାରାଜ, ଏ ସ୍ତ୍ରୀଲୋକଟି ମୋର କିଛି ଜିନିଷ ନେଇଛି। ଯଦି ଆପଣ ନ୍ୟାୟପରାୟଣ ରାଜା ହୋଇଥାନ୍ତି, ତେବେ ମୋର ସେ ଜିନିଷ ଦିଆଇଦିଅନ୍ତୁ।''

ରାଜା ବ୍ରାହ୍ମଣୀକୁ କହିଲେ, ''ଭଦ୍ରେ! ତୁମେ ଏହାଠାରୁ ଯଦି କିଛି ନେଇଥାଅ, ତେବେ ତାହା ଫେରାଇଦିଅ।'' ବ୍ରାହ୍ମଣୀ କହିଲା, ''ମୁଁ ଏହାଠାରୁ କିଛି ନେଇନାହିଁ।'' ବ୍ରାହ୍ମଣ କହିଲା, ''ମୁଁ ତିନିଥର ସଂକଳ୍ପ କରି ମୋର ଆୟୁଷର ଅଧେ ତୋତେ ଦେଇଥିଲି।'' ଏହା କହିବା ସଙ୍ଗେ ସଙ୍ଗେ ତା'ର ପ୍ରାଣବାୟୁ ବାହାରିଗଲା। ରାଜା ଅତ୍ୟନ୍ତ ବିସ୍ମିତ ହୋଇ କହିଲେ– 'ଯଦର୍ଥେ ସ୍ୱକୁଳଂ ତ୍ୟକ୍ତଂ ...' ଇତ୍ୟାଦି।

ବାନର ପୁଣି କହିଲା– ''ଏ ବିଷୟରେ ଗୋଟିଏ ଗଳ୍ପ ଅଛି–

ନ କିଂ ଦଦ୍ୟାନ୍ନ କିଂ କୁର୍ଯ୍ୟାଦ୍ ସ୍ତ୍ରୀଭିରଭ୍ୟର୍ଥିତୋ ନରଃ।
ଅନଶ୍ୱା ଯତ୍ର ହ୍ରେଷ୍ୟନ୍ତେ ଶିରଃ ପର୍ବଣି ମୁଣ୍ଡିତମ୍॥ ୪୪॥

ସ୍ତ୍ରୀମାନେ ପ୍ରାର୍ଥନା କଲେ ମନୁଷ୍ୟ କଅଣ ନ ଦିଏ ବା କଅଣ ନ କରେ!

ସ୍ତ୍ରୀର ପ୍ରାର୍ଥନାରେ ଘୋଡ଼ା ହୋଇ ମନୁଷ୍ୟ ହ୍ରେଷାରବ କରିପାରେ, ନିଷିଦ୍ଧ ଦିନରେ ମଧ୍ୟ ମୁଣ୍ଡିତ (ଲଣ୍ଡା) ହୋଇପାରେ।'' ।୪୪।

କୁମ୍ଭୀର କହିଲା, ''ସେ କଥାଟି କଅଣ?'' ବାନର କହିଲା –

ରାଜା ନନ୍ଦ ଓ ବରରୁଚି କଥା

କୌଣସି ଦେଶରେ ନନ୍ଦ ନାମରେ ଜଣେ ରାଜା ଥିଲେ। ତାଙ୍କର ବଳ ଓ ପରାକ୍ରମ ଜଗଦ୍‌ବିଖ୍ୟାତ ଥିଲା। ଅନେକ ରାଜାଙ୍କ ମସ୍ତକସ୍ଥିତ ମୁକୁଟମଣିର କିରଣରେ ତାହାଙ୍କର ପାଦପୀଠ ଉଜ୍ଜ୍ୱଳ ହେଉଥିଲା। ତାଙ୍କର ଯଶ ଶରତ୍‌କାଳୀନ ଚନ୍ଦ୍ରସଦୃଶ ନିର୍ମଳ ଥିଲା। ତାଙ୍କର ରାଜ୍ୟ ସମୁଦ୍ର ପର୍ଯ୍ୟନ୍ତ ବିସ୍ତୃତ ଥିଲା। ସେହି ରାଜାଙ୍କର ବିରରୁଚି ନାମକ ଜଣେ ମନ୍ତ୍ରୀ ଥିଲେ। ସେ ସକଳ ଶାସ୍ତ୍ରର ସମସ୍ତ ତତ୍ତ୍ୱ ଜାଣିଥିଲେ। ଏକଦା ବିରରୁଚିଙ୍କର ତାଙ୍କ ପତ୍ନୀଙ୍କ ସହିତ ପ୍ରଣୟକଳହ ହେବାରୁ ପତ୍ନୀ କୁପିତା ହେଲେ। ସେ ବରରୁଚିଙ୍କର ଏକାନ୍ତ ପ୍ରିୟ ଥିଲେ। ତାଙ୍କୁ ଯେତେ ପ୍ରକାରେ ସନ୍ତୋଷ କରିବାକୁ ଉଦ୍ୟମ କଲେହେଁ ସେ ପ୍ରସନ୍ନା ହେଲେ ନାହିଁ। ତହୁଁ ବରରୁଚି କହିଲେ, ''ଭଦ୍ରେ! ତୁମେ କିପରି ସନ୍ତୁଷ୍ଟ ହେବ, କହ। ତୁମେ ଯାହା କହିବ, ମୁଁ ନିଶ୍ଚୟ କରିବି।'' ତତ୍ପରେ ସେ ଅତି କଷ୍ଟରେ କହିଲେ, ''ଯଦି ତୁମେ ମସ୍ତକର କେଶ ମୁଣ୍ଡନ କରି ମୋର ପାଦତଳେ ପଡ଼ିବ, ତାହାହେଲେ ମୁଁ ପ୍ରସନ୍ନ ହେବି।'' ବରରୁଚି ସେହିପରି କରିବାରୁ ପତ୍ନୀଙ୍କର ସନ୍ତୋଷ ହେଲା।

ଏଣେ ରାଜା ନନ୍ଦଙ୍କର ପତ୍ନୀ ମଧ୍ୟ ସେହିପରି ରୁଷ୍ଟା ହୋଇ ଯେତେ ପ୍ରାର୍ଥନା କଲେହେଁ ସନ୍ତୁଷ୍ଟ ହେଲେ ନାହିଁ। ନନ୍ଦ ରାଜା କହିଲେ, ''ଭଦ୍ରେ, ତୁମ ବିନା ମୁଁ ମୁହୂର୍ତ୍ତେମାତ୍ର ବଞ୍ଚିପାରିବି ନାହିଁ। ତୁମର ପାଦତଳେ ପଡ଼ି ତୁମର ସନ୍ତୋଷବିଧାନ କରିବି।'' ରାଣୀ କହିଲେ, ''ଯଦି ତୁମ ମୁହଁରେ ଲଗାମ ଲଗାଇ ମୁଁ ତୁମ ପିଠିରେ ବସି ଦଉଡ଼ାଇବି, ପୁଣି ଦଉଡ଼ିବାବେଳେ ଯଦି ତୁମେ ଘୋଡ଼ା ପରି ହ୍ରେଷାରବ କରିବ, ତେବେ ମୁଁ ପ୍ରସନ୍ନ ହେବି।'' ରାଜା ମଧ୍ୟ ସେହିପରି କଲେ। ଅନନ୍ତର ପ୍ରଭାତରେ ରାଜସଭାରେ ବସିଥିବା ସମୟରେ ବରରୁଚି ରାଜାଙ୍କ ନିକଟରେ ଉପସ୍ଥିତ ହେଲେ। ତାଙ୍କୁ ଦେଖି ରାଜା ପଚାରିଲେ, ''ହେ ବରରୁଚି, ତୁମେ କେଉଁ ପର୍ବରେ ମସ୍ତକର କେଶ ମୁଣ୍ଡନ କଲ?'' ବରରୁଚି କହିଲେ– ''ସ୍ତ୍ରୀମାନଙ୍କ ପ୍ରାର୍ଥନାରେ ପୁରୁଷ ଯେକୌଣସି କାର୍ଯ୍ୟ କରିପାରେ।''

ତେଣୁ ରେ ଦୁଷ୍ଟ କୁମ୍ଭୀର! ତୁ ମଧ୍ୟ ସେହି ନନ୍ଦ ଓ ବରରୁଚିଙ୍କ ଭଳି ସ୍ତ୍ରୀର ବଶବର୍ତ୍ତୀ। ତୁ ଆସି ମୋତେ ମାରିବାର ଉପାୟ ଚିନ୍ତା କରୁଥିଲୁ; କିନ୍ତୁ ନିଜର କହିବା-ଦୋଷରୁ ପ୍ରକୃତ କଥା ପ୍ରକାଶ ପାଇଗଲା। ଅଥବା ଯଥାର୍ଥରେ କୁହାଯାଇଛି –

ଆତ୍ମନୋ ମୁଖଦୋଷେଣ ବଧ୍ୟନ୍ତେ ଶୁକସାରିକାଃ।
ବକାସ୍ତତ୍ର ନ ବଧ୍ୟନ୍ତେ ମୌନଂ ସର୍ବାର୍ଥସାଧକମ୍॥ ୪୫॥

ଶୁକ ଓ ଶାରିକା ନିଜ ମୁଖଦୋଷରୁ (ଅର୍ଥାତ୍ ମନୁଷ୍ୟ ପରି କଥା କହିପାରୁଥିବାରୁ) ଧରାହୁଅନ୍ତି; କିନ୍ତୁ (ମୌନ ରହୁଥିବାରୁ) ବକକୁ କେହି ଧରିବାକୁ ଯାଆନ୍ତି ନାହିଁ। ମୌନ ରହିବାଦ୍ୱାରା ସମସ୍ତ ଉଦ୍ଦେଶ୍ୟ ସାଧିତ ହୋଇଥାଏ। ୪୫। ପୁଣି –

ସୁଗୁପ୍ତଂ ରକ୍ଷ୍ୟମାଣୋଽପି ଦର୍ଶୟନ୍ଦାରୁଣଂ ବପୁଃ।
ବ୍ୟାଘ୍ରଚର୍ମପ୍ରତିଚ୍ଛନ୍ନୋ ବାକ୍‌କୃତେ ରାସଭୋ ହତଃ॥ ୪୬॥

ଉତ୍ତମରୂପେ ରକ୍ଷିତ, ବ୍ୟାଘ୍ରଚର୍ମଦ୍ୱାରା ଆଚ୍ଛାଦିତ ଗର୍ଦ୍ଦଭ ଭୟଙ୍କର ଶରୀର ଦେଖାଇଲେ ସୁଦ୍ଧା କଥା କହିବା ହେତୁରୁ ନିହତ ହୋଇଥିଲା। ୪୬।

କୁମ୍ଭୀର କହିଲା, "ସେ (ଗର୍ଦ୍ଦଭ) କଥା କ'ଣ?" ବାନର କହିଲା –

ବାଚାଳ ରାସଭ କଥା

କୌଣସି ସ୍ଥାନରେ ଶୁଦ୍ଧପଟ ନାମରେ ଜଣେ ରଜକ ବାସକରୁଥିଲା। ତାହାର ଗୋଟିଏ ଗର୍ଦ୍ଦଭ ଥିଲା। ସେ ଗର୍ଦ୍ଦଭଟି ଘାସର ଅଭାବରୁ ଅତି ଦୁର୍ବଳ ହୋଇଗଲା। ଥରେ ରଜକ ବନମଧ୍ୟରେ ଭ୍ରମଣ କରୁ କରୁ ଗୋଟିଏ ମୃତ ବ୍ୟାଘ୍ର ଦେଖି ମନେ ମନେ ବିଚାରିଲା, 'ବେଶ୍ ଭଲ ହେଲା। ଗର୍ଦ୍ଦଭକୁ ଏହି ବ୍ୟାଘ୍ରର ଚର୍ମରେ ଆବୃତ କରି ରାତ୍ରିରେ ଯବକ୍ଷେତ୍ରରେ ଛାଡ଼ିଦେବି। ତାହାହେଲେ ନିକଟବର୍ତ୍ତୀ କ୍ଷେତ୍ରପାଳମାନେ ତାକୁ ବ୍ୟାଘ୍ର ମନେକରି ତଡ଼ିଦେବେ ନାହିଁ।"

ସେହିପରି କରାଯିବାରୁ ଗର୍ଦ୍ଦଭ ରାତ୍ରିରେ ଯଥେଚ୍ଛା ଯବ ଭକ୍ଷଣ କରିବାକୁ ଲାଗିଲା। ପ୍ରତିଦିନ ସକାଳେ ରଜକ ତାକୁ ପୁଣି ନିଜ ଘରକୁ ନେଇଯାଉଥିଲା। ଏହିପରି କିଛିଦିନ ଭିତରେ ଗର୍ଦ୍ଦଭ ସ୍ଥୂଳଶରୀର ହୋଇଗଲା। ଅତି କଷ୍ଟରେ ତାକୁ ବନ୍ଧନସ୍ଥାନକୁ ନେବାକୁ ପଡୁଥିଲା।

ଦିନେ ସେହି ମଦମତ୍ତ ଗର୍ଦ୍ଦଭ ଦୂରରୁ ଗୋଟିଏ ଗର୍ଦ୍ଦଭୀର ରାବ ଶୁଣିଲା। ତାହା ଶୁଣିଲାମାତ୍ରେ ସେ ନିଜେ ରାବିବାକୁ ଆରମ୍ଭ କଲା। ତହୁଁ କ୍ଷେତ୍ରପାଳମାନେ ତାହାକୁ ଗୋଟିଏ ବ୍ୟାଘ୍ରଚର୍ମାଚ୍ଛାଦିତ ଗର୍ଦ୍ଦଭ ବୋଲି ଜାଣିପାରି ଯଷ୍ଟି, ଲୋଷ୍ଟ୍ର, ଶର ପ୍ରଭୃତି ଦ୍ୱାରା ପ୍ରହାର କରି ମାରିପକାଇଲେ। ତେଣୁ ମୁଁ କହୁଥିଲି ବ୍ୟାଘ୍ରଚର୍ମ ଦ୍ୱାରା ଆବୃତ ହୋଇ ମଧ୍ୟ ଗର୍ଦ୍ଦଭ କଥା କହିବାରୁ ମୃତ୍ୟୁବରଣ କରିଥିଲା।

ତେବେ ତୁ ଶ୍ୟାମଳକ ଭଳି ଅପମାନ ସହି ସହି ଅର୍ଦ୍ଧଚନ୍ଦ୍ର ଦ୍ୱାରା ହିଁ ଯିବୁ।"

କୁମ୍ଭୀର କହିଲା, "ସେ (ଶ୍ୟାମଳକ) କଥା କ'ଣ?" ବାନର କହିଲା –

"ଏ ଧରାତଳରେ ବିକଣ୍ଟକ ନାମରେ ଗୋଟିଏ ନଗର ଅଛି। ସେଠାରେ ଈଶ୍ୱର ନାମକ ଜଣେ ଅତି ଧନଶାଳୀ ବଣିକ ବାସକରୁଥିଲା। ଅବନ୍ତୀ ନଗରୀରୁ ତାହାର ଚାରିଜଣ ଜାମାତା ଅତିଥିରୂପେ ଆସି ବିକଣ୍ଟକ ପୁରରେ ଉପସ୍ଥିତ ହେଲେ। ବଣିକ ଭୋଜନ ବସ୍ତୁ ପ୍ରଭୃତି ନେଇ ସେମାନଙ୍କୁ ବିଶେଷ ଗୌରବସହକାରେ ଅଭ୍ୟର୍ଥନା କଲା। ସେମାନେ ଏହିପରି ସେଠାରେ ରହିବାର ଛଅ ମାସ ହୋଇଗଲା। ଈଶ୍ୱର ତା'ର

ଭାର୍ଯ୍ୟାକୁ କହିଲା, "ଏ ଜ୍ୱାଇଁମାନେ ଅତ୍ୟନ୍ତ ଗୌରବ ପାଇବାରୁ ଆଉ ନିଜ ଘରକୁ ଯିବାପାଇଁ ମନ କରୁନାହାନ୍ତି– ଏବେ କଅଣ କରିବା? ଅପମାନ ନ ପାଇଲେ ସେମାନେ ଯିବେ ନାହିଁ। ତେଣୁ ଆଜି ଭୋଜନବେଳେ ପାଦ ଧୋଇବାପାଇଁ ଜଳଦେବାନାହିଁ; ତାହାହେଲେ ଅପମାନ ପାଇ ସେମାନେ ସ୍ଥାନ ଛାଡ଼ି ଚାଲିଯିବେ।"

ସେହିପରି କରାଯିବାରେ ପାଦ ଧୋଇବା ପାଇଁ ଜଳ ନ ଦେବା ଅପମାନରୁ ଗର୍ଗ ଚାଲିଗଲା। ସେହିପରି ଛୋଟ ଆସନ ଦେବାରୁ ସୋମ ଓ କଦର୍ଯ୍ୟ ଭୋଜନ ଦେବାରୁ ଦତ୍ତ ମଧ୍ୟ ଚାଲିଗଲେ। କିନ୍ତୁ ଚତୁର୍ଥ ଜାମାତା ଶ୍ୟାମଳକ ଯେତେବେଳେ ନ ଗଲା, ସେତେବେଳେ ତାକୁ ଅର୍ଦ୍ଧଚନ୍ଦ୍ର ଦେଇ ବିତାଡ଼ିତ କରାଗଲା। ଏହି ହେତୁରୁ ମୁଁ କହୁଥିଲି–

ଗର୍ଗୋ ହି ପାଦଶୌଚାଲ୍ଲଘ୍ୱାସନଦାନତୋ ଗତଃ ସୋମଃ।
ନ ଦତ୍ତଃ କଦଶ ଭୋଜ୍ୟାଚ୍ଛ୍ୟାମଲକଷ୍ଟାର୍ଦ୍ଧଚନ୍ଦ୍ରେଣ ।। ୪୭ ।।

ପାଦ ଧୋଇବା ଜଳ ଅଭାବରୁ ଗର୍ଗ, କ୍ଷୁଦ୍ର ଆସନ ଦେବାରୁ ସୋମ, ଖରାପ ଭୋଜନ ହେତୁରୁ ଦତ୍ତ ଓ ଅର୍ଦ୍ଧଚନ୍ଦ୍ର (ଗଳାଧକ୍କା) ପାଇବାରୁ ଶ୍ୟାମଳକ ଚାଲିଗଲା। ୪୭।

ମୁଁ କଅଣ ରଥକାର ପରି ମୂର୍ଖ ହୋଇଛି ଯେ ତୋର କୁତ୍ସିତ କାର୍ଯ୍ୟକୁ ସ୍ୱୟଂ ଦେଖି ସୁଦ୍ଧା ପୁଣି ତୋତେ ବିଶ୍ୱାସ କରିବି? କଥିତ ଅଛି–

ପ୍ରତ୍ୟକ୍ଷେଽପି କୃତେ ପାପେ ମୂର୍ଖଃ ସାମ୍ନା ପ୍ରଶାମ୍ୟତି।
ରଥକାରଃ ସ୍ୱକାଂ ଭାର୍ଯ୍ୟାଂ ସଜାରାଂ ଶିରସାବହତ୍ ।। ୪୮ ।।

ମୂର୍ଖ ଲୋକ ତା' ଆଖିଆଗରେ କରାଯାଇଥିବା ପାପକର୍ମ ଦେଖି ମଧ୍ୟ ସନ୍ତୋଷଜନକ ବାକ୍ୟରେ ଶାନ୍ତ ହୋଇଯାଏ। (ଉଦାହରଣ ସ୍ୱରୂପ) ରଥକାର ଜାରପୁରୁଷ ସହିତ ନିଜ ଭାର୍ଯ୍ୟାକୁ ମସ୍ତକ ଉପରେ ଧାରଣ କରିଥିଲା। ୪୮।

କୁମ୍ଭୀର ପଚାରିଲା, "ସେ (ରଥକାର) କଥା କଅଣ? ବାନର କହିଲା–

କୌଣସି ସ୍ଥାନରେ ଜଣେ ରଥକାର (ବଢ଼େଇ) ବାସକରୁଥିଲା। ତାହାର ଭାର୍ଯ୍ୟା ବ୍ୟଭିଚାରିଣୀ ବୋଲି ଲୋକଙ୍କ ଭିତରେ ଅପବାଦ ଥିଲା। ସେ ମଧ୍ୟ ତାକୁ ପରୀକ୍ଷା କରିବାପାଇଁ ଚିନ୍ତାକଲା– କିପରି ମୁଁ ଏହାକୁ ପରୀକ୍ଷା କରିବି? ଏପରି କରିବା ଉଚିତ ନୁହେଁ। କାରଣ–

ନଦୀନାଂ ଚ କୁଳାନାଂ ଚ ମୁନୀନାଂ ଚ ମହାତ୍ମନାମ୍।
ପରୀକ୍ଷା ନ ପ୍ରକର୍ତ୍ତବ୍ୟା ସ୍ତ୍ରୀଣାଂ ଦୁଶ୍ଚରିତସ୍ୟ ଚ ।। ୪୯ ।।

ନଦୀର, ବଂଶର, ମୁନିଙ୍କର, ମହାପୁରୁଷଙ୍କର, ସ୍ତ୍ରୀର ଓ ଦୁରାତ୍ମାମାନଙ୍କର ପରୀକ୍ଷା କରିବା ଅନୁଚିତ। ୪୯।

ବସୋର୍ବୀର୍ଯ୍ୟୋତ୍ପନ୍ନାମଭଜତ ମୁନିର୍ମତ୍ସ୍ୟତନୟା-
ଉଥା ଜାତୋ ବ୍ୟାସ ଶତଗୁଣ ନିବାସଃ କିମପରମ୍।
ସ୍ୱୟଂ ବେଦାନ୍ ବ୍ୟସ୍ୟଂଚ୍ଛମିତକୁରୁବଂଶଃ ପ୍ରସରତା
ସ ଏବାଭୂଚ୍ଛ୍ରୀମାନହହ ବିଷମା କର୍ମଗତୟଃ ।। ୫୦ ।।

ପରାଶର ମୁନି ବସୁ (ଦେବତାବିଶେଷ)ଙ୍କ ବୀର୍ଯ୍ୟରୁ ଜାତ ମତ୍ସ କନ୍ୟା ସତ୍ୟବତୀଙ୍କୁ ସମ୍ଭୋଗ କରିଥିଲେ। ଏହା ଫଳରେ ଜନ୍ମିଥିବା ବ୍ୟାସଦେବ ଶତ ଶତ ଗୁଣର ଆଧାର ଥିଲେ। ଏହି ବ୍ୟାସଦେବ ବେଦମାନଙ୍କର ବିଭାଗ କରିଥିଲେ, କୁରୁବଂଶ ରକ୍ଷାକରିଥିଲେ ଓ ତେଜସ୍ୱୀ ହୋଇପାରିଥିଲେ। ଅହୋ ! କର୍ମର ଗତି ବିଚିତ୍ର। ୫୦।

ମହାପୁରୁଷ ପାଣ୍ଡବମାନଙ୍କ କୁଳର ପରୀକ୍ଷା କରିବା ଉଚିତ ନୁହେଁ। କାରଣ, ସେମାନେ ଥିଲେ କ୍ଷେତ୍ରଜ (ଅନ୍ୟ ପିତାର ଔରସରୁ ଜାତ)। ସ୍ତ୍ରୀମାନଙ୍କର ଚରିତ ଆଲୋଚନା କଲେ ମଧ୍ୟ ସେହିପରି ଦୋଷ ପ୍ରକଟିତ ହୁଏ। ଆହୁରି ମଧ୍ୟ—

ଯଦି ସ୍ୟାତ୍ପାବକଃ ଶୀତ ଉଷ୍ଣୋ ବା ଶଶଲାଞ୍ଛନଃ।
ସ୍ତ୍ରୀଣାଂ ତଦା ସତୀତ୍ୱଂ ସ୍ୟାଦ୍ୟଦି ସ୍ୟାଦ୍ଦୁର୍ଜନୋ ହିତଃ॥ ୫୧॥

ଯଦି ଅଗ୍ନି ଶୀତଳ ହୋଇପାରେ, ଚନ୍ଦ୍ର ଉଷ୍ଣ ହୋଇପାରନ୍ତି, ଯଦି ଦୁର୍ଜନ ହିତକର ହୋଇପାରେ, ତେବେ ଅବା ସ୍ତ୍ରୀ ସଚ୍ଚରିତ୍ରା ହୋଇପାରିବ। (ଅର୍ଥାତ୍ ସ୍ତ୍ରୀମାନେ କଦାପି ସଚ୍ଚରିତ୍ରା ହୋଇ ନ ପାରନ୍ତି)। ୫୨।

ତଥାପି ଲୋକମାନଙ୍କ କଥାରୁ ସେ ସତୀ କି ନା ଜାଣିପାରିବି। କଥିତ ଅଛି—

ଯଚ୍ଚ ବେଦେଷୁ ଶାସ୍ତ୍ରେଷୁ ନ ଦୃଷ୍ଟଂ ନ ଚ ସଂଶ୍ରୁତମ୍।
ତତ୍ସର୍ବଂ ବେତ୍ତି ଲୋକୋଽୟଂ ଯତ୍ସ୍ୟାଦ୍‌ବ୍ରହ୍ମାଣ୍ଡମଧ୍ୟଗମ୍॥ ୫୨॥

ଯେଉଁ କଥା ବେଦରେ ତଥା ଶାସ୍ତ୍ରରେ ଦେଖା ନ ଥାଏ କି ଶୁଣା ନଥାଏ, ତାହା ଯଦି ସଂସାରରେ ଘଟୁଥାଏ, ତେବେ ଲୋକେ ତାହା ଜାଣନ୍ତି। (ତେଣୁ ମୁଁ ଲୋକଙ୍କ କଥାର ସତ୍ୟତା ପରୀକ୍ଷା କରିବି)। ୫୨।

ଏହା ସ୍ଥିର କରି ରଥକାର ତାର ସ୍ତ୍ରୀକୁ କହିଲା, "ପ୍ରିୟେ ! କାଲି ସକାଳୁ ମୁଁ ଅନ୍ୟ ଏକ ଗ୍ରାମକୁ ଯିବି। ସେଠାରେ ମୋତେ କେତେକ ଦିନ ରହିବାକୁ ହେବ। ତେଣୁ ତୁମେ ମୋ ପାଇଁ କିଛି ପାଥେୟ (ବାଟରେ ଖାଇବା ପାଇଁ ଖାଦ୍ୟଦ୍ରବ୍ୟ) ପ୍ରସ୍ତୁତ କରି ଦିଅ।" ଏହା ଶୁଣି ତା'ର ସ୍ତ୍ରୀ ଆନନ୍ଦିତା ହୋଇ ଉତ୍ସୁକ ଭାବରେ ଅନ୍ୟ ସବୁ କାର୍ଯ୍ୟ ଛାଡ଼ି ଘିଅ, ଗୁଡ଼ ପ୍ରଭୃତିରେ କିଛି ମିଷ୍ଟାନ୍ନ ତିଆରି କଲା। ଯଥାର୍ଥରେ କଥିତ ଅଛି—

ଦୁର୍ଦ୍ଦିବସେ ଘନତିମିରେ ବର୍ଷତି ଜଳଦେ ମହାଟବୀପ୍ରଭୃତୌ।
ପତ୍ୟୁର୍ବିଦେଶଗମନେ ପରମସୁଖଂ ଜଘନଚପଳାୟାଃ॥ ୫୩॥

ଅନ୍ଧକାରମୟ ମେଘାଚ୍ଛନ୍ନ ଦିନରେ, ଦୁର୍ଗମ ସହରଗଳିରେ ଓ ପତିର ବିଦେଶ-ଗମନରେ ବ୍ୟଭିଚାରିଣୀ ସ୍ତ୍ରୀମାନେ ପରମ ସୁଖ ଲାଭ କରିଥାନ୍ତି। ୫୩।

ଅନନ୍ତର ପରଦିନ ପ୍ରତ୍ୟୁଷରୁ ରଥକାର ଶଯ୍ୟାରୁ ଉଠି ସ୍ୱଗୃହରୁ ବାହାରିଲା। ସେ ଚାଲିଯିବାର ଜାଣି ତା'ର ସ୍ତ୍ରୀ ହସହସ ମୁଖରେ ଶରୀରକୁ ସୁସଜ୍ଜିତ କରି କୌଣସିମତେ ଦିନବେଳାଟି ଅତିବାହିତ କଲା। ତତ୍ପରେ ପୂର୍ବପରିଚିତ ବିଟପୁରୁଷର ଗୃହକୁ ଯାଇ ତାକୁ ଅଭ୍ୟର୍ଥନା କରି କହିଲା, "ମୋର ସେ ଦୁଷ୍ଟ ସ୍ୱାମୀ ଅନ୍ୟ ଗୋଟିଏ ଗ୍ରାମକୁ ଗଲାଣି। ତେଣୁ ଲୋକେ ଶୋଇ ପଡ଼ିଲେ ତୁମେ ଆମ ଘରକୁ ଆସିବ।"

ଏଣେ ରଥକାର ମଧ୍ୟ ବନମଧ୍ୟରେ ଦିନଟି ଅତିବାହିତ କରି ସନ୍ଧ୍ୟା ସମୟରେ ଅନ୍ୟ ଦ୍ୱାରବାଟେ ନିଜ ଗୃହକୁ ପ୍ରବେଶ କରି ଖଟତଳେ ଲୁଚିରହିଲା । ଏଥିମଧ୍ୟରେ ସେ (ବିଟପୁରୁଷ) ଦେବଦତ୍ତ ଆସି ଖଟ ଉପରେ ବସିଲା । ତାକୁ ଦେଖି ରଥକାର କ୍ରୋଧାବିଷ୍ଟ ହୋଇ ଚିନ୍ତା କଲା– 'ଉଠିଯାଇ ଏହାକୁ ମାରିପକାଇବି କି? ଅଥବା ଦୁହେଁଯାକ ଶୋଇପଡ଼ିଲେ ଦୁହିଁଙ୍କୁ ହତ୍ୟା କରିବି? ଆଚ୍ଛା ସେ (ମୋର ସ୍ତ୍ରୀ) କଅଣ କରୁଛି, ଦେଖେ । ତା ସଙ୍ଗରେ କଅଣ କଥାବାର୍ତ୍ତା କରୁଛି, ଶୁଣେ ।'

ଏଥିମଧ୍ୟରେ ସେ ସ୍ତ୍ରୀ ଘରର କବାଟକୁ ଭଲରୂପେ ବନ୍ଦ କରି ବିଛଣା ଉପରକୁ ଗଲା । ବିଛଣାକୁ ଉଠିଲାବେଳେ ତା'ର ପାଦ ରଥକାରର ଦେହରେ ବାଜିଲା । ତହୁଁ ସେ ଭାବିଲା– 'ଏ ନିଶ୍ଚୟ ସେହି ଦୁଷ୍ଟ ରଥକାର, ମୋତେ ପରୀକ୍ଷା କରିବାପାଇଁ ଏଠାରେ ରହିଛି । ତେବେ ମୁଁ ତାକୁ କିଛି ସ୍ତ୍ରୀ-ଚରିତ୍ର (ନାରୀର ଚାତୁରୀ) ଦେଖାଇଦିଏ । ସେ ଏହିପରି ଚିନ୍ତାକରୁଥିବାବେଳେ ଦେବଦତ୍ତ ତାକୁ ସ୍ପର୍ଶ କରିବାକୁ ଉତ୍ସୁକ ହୋଇଉଠିଲା । ତହୁଁ ରଥକାରର ସ୍ତ୍ରୀ ଦୁଇ ହାତ ଯୋଡ଼ିକରି କହିଲା, "ହେ ମହାନୁଭବ, ମୋ କଥା ଶୁଣିବାପୂର୍ବରୁ ମୋର ଶରୀରକୁ ସ୍ପର୍ଶ କରନାହିଁ । ମୁଁ ପତିବ୍ରତା, ମହାସତୀ ! ନୋହେତ୍ ମୁଁ ତୁମକୁ ଅଭିଶାପ ଦେଇ ଭସ୍ମସାତ୍ କରିଦେବି ।"

ଦେବଦତ୍ତ କହିଲା, "ଯଦି ଏପରି କଥା, ତେବେ ମୋତେ ଡାକିଆଣିଲ କାହିଁକି?" ସେ କହିଲା, "ମନ ଦେଇ ମୋ କଥା ଶୁଣ । ଆଜି ସକାଳେ ଦେବୀ ଦର୍ଶନ ପାଇଁ ମୁଁ ଚଣ୍ଡୀଙ୍କ ମନ୍ଦିରକୁ ଯାଇଥିଲି? ସେଠାରେ ଅକସ୍ମାତ୍ ଆକାଶବାଣୀ ହେଲା– 'ପୁତ୍ରି, କଅଣ କରିବି? ତୁ ହେଉଛୁ ମୋର ଭକ୍ତ । ଦୈବଯୋଗରୁ ଛଅ ମାସ ମଧ୍ୟରେ ତୁ ବିଧବା ହେବୁ ।' ତହୁଁ ମୁଁ କହିଲି– 'ଦେବି ! ତୁମେ ଯେପରି ମୋର ଏହି ବିପଦ କଥା ଜାଣିଛ, ସେହିପରି ତାର ପ୍ରତିକାର ମଧ୍ୟ ଜାଣିଥିବ । ମୋର ପତି କିପରି ଶତାୟୁ ହେବେ, ସେ ଉପାୟ କିଛି ଅଛି କି?' ତପ୍ରେ ଦେବୀ କହିଲେ, 'ବତ୍ସେ ! ଉପାୟ ଥିଲେ ମଧ୍ୟ ନାହିଁ; କାରଣ ସେ ପ୍ରତିକାରଟି ତୋର ଅଧୀନ ।' ତାହା ଶୁଣି ମୁଁ କହିଲି, 'ଦେବି ! ମୋର ଜୀବନଦ୍ୱାରା ଯାହା କରିହେବ, ଆଦେଶ ଦେଲେ ତାହା ମୁଁ ନିଶ୍ଚୟ କରିବି ।'

ତହୁଁ ଦେବୀ କହିଲେ, 'ଯଦି ଆଜି ପରପୁରୁଷ ସହିତ ଏକଶଯ୍ୟାରେ ବସି ତାକୁ ଆଲିଙ୍ଗନ କରିବୁ, ତେବେ ତୋ ସ୍ୱାମୀର ଅପମୃତ୍ୟୁ ତା ଦେହକୁ ଯିବ; ତୋର ସ୍ୱାମୀ ଶହେ ବର୍ଷ ପର୍ଯ୍ୟନ୍ତ ବଞ୍ଚିରହିବ ।' ଏହି କାରଣରୁ ମୁଁ ତୁମକୁ ଡାକିଆଣିଛି । ଏବେ ତୁମର ଯାହା ଇଚ୍ଛା ତାହା କର ।" ତପ୍ରେ ଦେବଦତ୍ତ ମନେ ମନେ ହସି ପ୍ରସନ୍ନ ମୁଖରେ ଯାହା ଉଚିତ, ତାହା କଲା ।

ମୂର୍ଖ ରଥକାର ଭାର୍ଯ୍ୟାର ଏହି କଥାଗୁଡ଼ିକ ଶୁଣି ରୋମାଞ୍ଚିତ ଶରୀରରେ ଖଟତଳୁ ବାହାରିଆସି ତାକୁ କହିଲା, "ହେ ପତିବ୍ରତେ ! ତୁମେ ଧନ୍ୟ । ହେ କୁଳବତି ! ତୁମେ ଧନ୍ୟ । ମୁଁ ଦୁଷ୍ଟ ଲୋକଙ୍କ କଥାରେ ସନ୍ଦେହ କରି ତୁମକୁ ପରୀକ୍ଷା କରିବାପାଇଁ ଗ୍ରାମାନ୍ତରକୁ ଯିବାର ଛଳନା କରି ଚୁପ୍ କରି ଖଟତଳେ ଲୁଚିରହିଥିଲି । ଆସ, ମୋତେ ଆଲିଙ୍ଗନ କର । ପତିବ୍ରତା ନାରୀମାନଙ୍କ ମଧ୍ୟରେ ତୁମର ସ୍ଥାନ ପ୍ରଧାନ ।

କାରଣ, ପରପୁରୁଷ ସହିତ ରହି ମଧ୍ୟ ତୁମେ ଏହିପରି ବ୍ରହ୍ମବ୍ରତ ପାଳନ କରିଅଛ; ମୋର ଆୟୁବୃଦ୍ଧି ଓ ଅପମୃତ୍ୟୁ-ନିବାରଣ ନିମନ୍ତେ ତୁମେ ଏହା କରିଅଛ।''

ଏହା କହି ସେ ଅତି ସ୍ନେହରେ ଭାର୍ଯ୍ୟାକୁ ଆଲିଙ୍ଗନ କଲା। ତପ୍ରେ ତାକୁ ନିଜ କାନ୍ଧରେ ବସାଇ ଦେବଦତ୍ତକୁ କହିଲା, ''ହେ ମହାନୁଭବ! ମୋର ପୁଣ୍ୟବଳରୁ ତୁମେ ଏଠାକୁ ଆସିଛ। ତୁମ ପ୍ରସାଦରୁ ମୁଁ ଆଜି ଶତବର୍ଷ ପରମାୟୁ ପାଇଛି। ତେଣୁ ତୁମେ ମଧ୍ୟ ମୋତେ ଆଲିଙ୍ଗନ କରି ମୋର କାନ୍ଧରେ ବସ।'' ଦେବଦତ୍ତର ଅନିଚ୍ଛାସତ୍ତ୍ୱେ ସେ ବଳପୂର୍ବକ ତାକୁ ଆଲିଙ୍ଗନ କରି କାନ୍ଧରେ ବସାଇଲା। ତପ୍ରେ ତୂର୍ଯ୍ୟଧ୍ୱନିରେ ଛନ୍ଦରେ ନାଚି ନାଚି ସେ ସମସ୍ତଙ୍କ ଗୃହଦ୍ୱାରରେ ବୁଲିଲା। ଏହିହେତୁ ମୁଁ କହୁଥିଲି – 'ପ୍ରତ୍ୟକ୍ଷେଽପି କୃତେ ପାପେ . . .' ଇତ୍ୟାଦି।

ରେ ମୂର୍ଖ! ତୋର ଦୁଷ୍ଟ ବୁଦ୍ଧି ମୁଁ ଦେଖିସାରିଛି। ତେଣୁ ତୋର ଘରକୁ ପୁଣି ଯିବି କିପରି? ଅଥବା ତୁ ଯେ ମୋତେ ବିଶ୍ୱାସ ଦେଖାଉଛୁ, ସେଥିରେ ତୋର ଦୋଷ ନାହିଁ। କାରଣ, ତୋର ଜାତି ସ୍ୱଭାବତଃ ଦୁଷ୍ଟ; ଶିଷ୍ଟ-ସଂସର୍ଗରେ ମଧ୍ୟ ସେ ସ୍ୱଭାବ ଭଲ ହୁଏ ନାହିଁ; ଅଥବା ଏହାହିଁ ହେଉଛି ଦୁଷ୍ଟମାନଙ୍କର ସ୍ୱଭାବ। କଥିତ ଅଛି –

ସଦ୍‌ଭିଃ ସଂବୋଧମାନୋଽପି ଦୁରାତ୍ମା ପାପପୌରୁଷ।
ଘୃଷ୍ୟମାଣ ଇବାଙ୍ଗାରୋ ନିର୍ମଳତ୍ୱଂ ନ ଗଚ୍ଛତି ॥ ୫୪ ॥

ଅଙ୍ଗାରକୁ ଯେତେ ଘଷିଲେହେଁ ତାହା ଯେପରି ଶୁଭ୍ର ହୁଏ ନାହିଁ, ସେହିପରି ଦୁଷ୍ଟ ପ୍ରକୃତିର ଓ ପାପକର୍ମରେ ନିରତ ପୁରୁଷ ସାଧୁ ଲୋକଙ୍କଠାରୁ ଯେତେ ଉପଦେଶ ପାଇଲେହେଁ ଶିଷ୍ଟ ହୁଏ ନାହିଁ। ୫୪।

ତେଣୁ ହେ ମୂର୍ଖ! ରମଣୀ ବା ଭାର୍ଯ୍ୟାର ବଶବର୍ତ୍ତୀ ହୋଇ ଯେଉଁମାନେ ତୋହଭଳି ହୁଅନ୍ତି, ସେମାନେ ସେହି ନାରୀ ପାଇଁ ନିଜର କାର୍ଯ୍ୟ, ବିଭବ ଓ ମିତ୍ରକୁ ମଧ୍ୟ ତ୍ୟାଗ କରିଥାନ୍ତି। କଥିତ ଅଛି –

ଯା ମମୋଦ୍‌ବିଜତେ ନିତ୍ୟଂ ସାଽଦ୍ୟ ମାମବଗୂହତେ।
ପ୍ରିୟକାରକ! ଭଦ୍ରଂ ତେ ଯନ୍ମମାସ୍ତି ହରସ୍ୱ ତତ୍ ॥ ୫୫ ॥

ମୋର ଯେଉଁ ପତ୍ନୀ ମୋତେ ସର୍ବଦା ଘୃଣା କରିଆସୁଥିଲା, ଆଜି ସେ ମୋତେ ଆଲିଙ୍ଗନ କରୁଅଛି। ହେ ମୋର ହିତକାରକ! ତୁମର ମଙ୍ଗଳ ହେଉ, ମୋର ଯାହା କିଛି ଅଛି, ତାହା ହରଣ କରିନିଅ। ୫୫।

କୁମ୍ଭୀର କହିଲା; ''ସେ କଥା କଅଣ?'' ବାନର କହିଲା –

''କୌଣସି ନଗରରେ କାମାତୁର ନାମରେ ଜଣେ ବୃଦ୍ଧ ବଣିକ ବାସକରୁଥିଲା। ତାର ଭାର୍ଯ୍ୟାର ମୃତ୍ୟୁ ହେବାରୁ ସେ ମନେ ମନେ ଭୋଗବାସନାରେ ପୀଡ଼ିତ ହୋଇ ପ୍ରଭୂତ ଧନ ଦେଇ ଜଣେ ଦରିଦ୍ର ବଣିକର କନ୍ୟାକୁ ବିବାହ କଲା। କିନ୍ତୁ ସେ ଦୁଃଖାଭିଭୂତା ହୋଇ ସେହି ବୃଦ୍ଧ ବଣିକକୁ ଚାହିଁବା ପାଇଁ ସୁଦ୍ଧା ଇଚ୍ଛା କଲାନାହିଁ। ଯଥାର୍ଥରେ କୁହାଯାଇଅଛି –

ବର୍ଣ୍ଣଂ ସିତଂ ସମଭିବୀକ୍ଷ୍ୟ ଶିରୋରୁହାଣାଂ
ସ୍ଥାନଂ ଜରାପରିଭବସ୍ୟ ଯଦେବ ପୁଂସାମ୍।
ଆରୋପିତାସ୍ଥିଶକଳଂ ପରିହୃତ୍ୟ ଯାନ୍ତି,
ଚାଣ୍ଡାଳକୂପମିବ ଦୂରତରଂ ତରୁଣ୍ୟଃ ।। ୫୬ ।।

ମନୁଷ୍ୟର ମସ୍ତକସ୍ଥିତ କେଶର ଶୁକ୍ଳତା ହେଉଛି ତା'ର ଅପମାନର ଚିହ୍ନ। ଚାଣ୍ଡାଳର କୂପ ଉପରେ ଅସ୍ଥିଖଣ୍ଡ ଦେଖି ତାକୁ ତ୍ୟାଗ କଲାପରି ତରୁଣୀମାନେ ଶୁକ୍ଳ କେଶକୁ ଦେଖିଲେ ସେ ମନୁଷ୍ୟକୁ ତ୍ୟାଗକରି ଦୂରକୁ ଚାଲିଯାନ୍ତି। ୫୬। ପୁଣି –

ଗାତ୍ରଂ ସଂକୁଚିତଂ ଗତିର୍ବିଗଳିତା ଭ୍ରଷ୍ଟା ଚ଼ ଦନ୍ତାବଳୀ,
ଦୃଷ୍ଟିର୍ନଶ୍ୟତି ବର୍ଦ୍ଧତେ ବଧିରତା ବକ୍ତ୍ରଂ ଚ଼ ଲାଲାୟତେ।
ବାକ୍ୟଂ ନାଦ୍ରିୟତେ ଚ଼ ବାନ୍ଧବଜନୈର୍ଭାର୍ଯ୍ୟାନ ଶୁଶ୍ରୂଷତେ
ହା କଷ୍ଟଂ ପୁରୁଷସ୍ୟ ଜୀର୍ଣ୍ଣବୟସଃ ପୁତ୍ରୋଽପ୍ୟପତ୍ରାୟତେ ।। ୫୭ ।।

ଜରାଗ୍ରସ୍ତ ଲୋକର ଶରୀର ସଂକୁଚିତ ହୋଇଯାଏ, ଗତି ବିକଳ ହୁଏ, ଦାନ୍ତ ପଡ଼ିଯାଏ, ଦୃଷ୍ଟି ଅସ୍ଥିର ହୋଇଯାଏ, ·ରୂପ ତୁଟିଯାଏ, ମୁଖରୁ ଲାଳ ସ୍ରବେ। ବାନ୍ଧବମାନେ ତାକୁ କଥା କହନ୍ତି ନାହିଁ, ପତ୍ନୀ ତା'ର ଶୁଶ୍ରୂଷା କରେ ନାହିଁ; ପୁତ୍ରମାନେ ମଧ୍ୟ ତାକୁ ଘୃଣା କରନ୍ତି। ହାୟ! କି ଦୁଃଖର ବିଷୟ। ୫୭।

ଅନନ୍ତର ଏକସମୟରେ ସେ ବିମୁଖ ହୋଇ ପତି ସହିତ ଏକ ଶୟନରେ ଥିବା ସମୟରେ ତା'ର ଗୃହରେ ଚୋର ପ୍ରବେଶ କଲା। ସେ ଚୋରକୁ ଦେଖି ଭୟରେ ବ୍ୟାକୁଳ ହୋଇ ସେହି ବୃଦ୍ଧ ପତିକୁ ଗାଢ଼ଭାବରେ ଆଲିଙ୍ଗନ କଲା। ବଣିକ ମଧ୍ୟ ବିସ୍ମୟରେ ସର୍ବାଙ୍ଗରେ ରୋମାଞ୍ଚ ଲାଭ କରି ଚିନ୍ତା କଲା – 'ଅହୋ, ଏ ଆଜି କାହିଁକି ମୋତେ ଆଲିଙ୍ଗନ କରୁଛି? ଏ ତ ଆଶ୍ଚର୍ଯ୍ୟର କଥା।' ତପ୍ରେ ଗୃହର ଚତୁଃପାର୍ଶ୍ୱ ଉତ୍ତମରୂପେ ନିରୀକ୍ଷଣ କରି ଦେଖିଲା ଯେ ଚୋର ଗୃହମଧ୍ୟରେ ପ୍ରବେଶ କରି ଏକ କୋଣରେ ରହିଛି। ସେ ପୁନରାୟ ଚିନ୍ତା କଲା – 'ନିଶ୍ଚୟ ଚୋରଭୟରୁ ସେ ମୋତେ ଆଲିଙ୍ଗନ କରୁଛି।' ଏହା ଜାଣିପାରି ସେ ଚୋରକୁ କହିଲା, 'ଯା ମମୋଦ୍ୱିଜତେ ନିତ୍ୟଂ ସାଽଦ୍ୟ ମାମବଗୂହତେ ' ଇତ୍ୟାଦି।

ଚୋର ବାହାରିଯିବାବେଳକୁ ସେ ପୁଣି କହିଲା, "ହେ ଚୌର! ପ୍ରତିଦିନ ରାତ୍ରିରେ ତୁମେ ଏଠାକୁ ଆସିବ। ମୋର ଏ ବିଭବ ତୁମର।" ଏହି ହେତୁରୁ ମୁଁ 'ଯା ମମୋଦ୍ୱିଜେତ ନିତ୍ୟଂ...' ଇତ୍ୟାଦି କହୁଥିଲି – ଅଧିକ କଅଣ କହିବି? ସେହି ସ୍ତ୍ରୀବଶ ବଣିକ ଚୋରକୁ ତା'ର ସକଳ ସମ୍ପତ୍ତି ଦେଇପକାଇଲା। ରେ କୁମ୍ଭୀର! ତୁ ମଧ୍ୟ ସେହି ବଣିକ ପରି କାର୍ଯ୍ୟ କରିଛୁ।"

ବାନର କୁମ୍ଭୀରକୁ ଏହିପରି କହୁଥିବା ସମୟରେ ଗୋଟିଏ ଜଳଚ଼ର ଆସି କୁମ୍ଭୀରକୁ କହିଲା, "ହେ କୁମ୍ଭୀର! ତୁମର ଭାର୍ଯ୍ୟା ଅନଶନ କରି ରହିଥିଲା; ତୁମ ଯିବାରେ ବିଳମ୍ବ ହେବାରୁ ତୁମେ ତା'ର ପ୍ରେମକୁ ଅପମାନ କରିଛ ବୋଲି ଭାବି ସେ ମରିଯାଇଅଛି।" ତା'ର ବଜ୍ରତୁଲ୍ୟ ଏହି କଥା ଶୁଣି ନିତାନ୍ତ ବ୍ୟାକୁଳ

ହୃଦୟରେ ପ୍ରଳାପ କଲା ପରି କୁମ୍ଭୀର କହିଲା, "ଅହୋ! ମୁଁ ହତଭାଗ୍ୟ! ମୋର ଏ କଅଣ ହେଲା ? କଥିତ ଅଛି—

ନ ଗୃହଂ ଗୃହମିତ୍ୟାହୁର୍ଗୃହିଣୀ ଗୃହମୁଚ୍ୟତେ।
ଗୃହଂ ତୁ ଗୃହିଣୀହୀନଂ କାନ୍ତାରାଦତିରିଚ୍ୟତେ॥ ୫୮॥
ବୃକ୍ଷମୂଲେଽପି ଦୟିତା ଯତ୍ର ତିଷ୍ଠତି ତଦ୍‌ଗୃହମ୍।
ପ୍ରାସାଦୋଽପି ତୟା ହୀନୋ ହ୍ୟରଣ୍ୟସଦୃଶଃ ସ୍ମୃତଃ॥ ୫୯॥
ମାତା ଯସ୍ୟ ଗୃହେ ନାସ୍ତି ଭାର୍ଯ୍ୟା ଚାପ୍ରିୟଭାଷିଣୀ।
ଅରଣ୍ୟଂ ତେନ ଗନ୍ତବ୍ୟଂ ଯଥାରଣ୍ୟଂ ତଥା ଗୃହମ୍॥ ୬୦॥

ଗୃହକୁ ଗୃହ କୁହାଯାଏ ନାହିଁ; ଭାର୍ଯ୍ୟାହିଁ ହେଉଛି ଗୃହ। ଯେଉଁ ଗୃହରେ ଗୃହିଣୀ ନ୍ ଥାଏ, ତାହା ଅରଣ୍ୟଠାରୁ ମଧ୍ୟ ହୀନ।୫୮। ପୁଣି— ଯେଉଁ ସ୍ଥାନରେ ଗୃହିଣୀ ରହିଥାଏ, ଗଛମୂଳ ହୋଇଥିଲେହେଁ ତାହା ହେଉଛି ଗୃହ। କିନ୍ତୁ ଗୃହିଣୀ ହୀନ ରାଜପ୍ରାସାଦ ମଧ୍ୟ ଅରଣ୍ୟତୁଲ୍ୟ ବିବେଚିତ ହୁଏ।୫୯। ଯେଉଁ ଲୋକର ଗୃହରେ ମାତା ନ ଥାଏ ଓ ମଧୁରଭାଷିଣୀ ପତ୍ନୀ ନ ଥାଏ, ସେ ଲୋକ ଅରଣ୍ୟକୁ ଚାଲିଯିବା ଉଚିତ; କାରଣ ତା' ପକ୍ଷରେ ଗୃହ ଯାହା, ଅରଣ୍ୟ ମଧ୍ୟ ତାହା।୭୦। ଭୋ ମିତ୍ର! ମୁଁ ତୁମ ପ୍ରତି ଅପରାଧ କରିଛି; ମୋତେ କ୍ଷମା କର। ବର୍ତ୍ତମାନ ମୁଁ ସ୍ତ୍ରୀ-ବିୟୋଗ ହେତୁରୁ ଅଗ୍ନିରେ ପ୍ରବେଶ କରି ପ୍ରାଣତ୍ୟାଗ କରିବି।"

ତାହା ଶୁଣି ବାନର ଉଚ୍ଚହାସ୍ୟ କରି କହିଲା, "ମୁଁ ଆଗରୁ ଜାଣିଥିଲି. ଯେ ତୁ ସ୍ତ୍ରୀର ବଶବର୍ତ୍ତୀ। ତୋର ସ୍ତ୍ରୀ ତୋତେ ଜୟ କରିଛି। ଏବେ ଏଥିରେ ପୂର୍ଣ୍ଣ-ବିଶ୍ୱାସ ହେଲା। ଆରେ ମୂର୍ଖ! ତୋର ସୁଖ ସମୟରେ ମଧ୍ୟ ତୁ ଦୁଃଖ କରୁଛୁ? ସେଭଳି ଭାର୍ଯ୍ୟାର ମରଣରେ ତୋର ଆନନ୍ଦ ଉତ୍ସବ କରିବା ଉଚିତ। ଯେହେତୁ କଥିତ ଅଛି—

ଯା ଭାର୍ଯ୍ୟା ଦୁଷ୍ଟଚରିତ୍ରା ସତତଂ କଲହପ୍ରିୟା।
ଭାର୍ଯ୍ୟାରୂପେଣ ସା ଜ୍ଞେୟା ବିଦଗ୍‌ଧୈର୍ଦାରୁଣା ଜରା॥ ୬୧॥

ଯେଉଁ ଭାର୍ଯ୍ୟାର ଚରିତ୍ର ମନ୍ଦ ଓ ଯିଏ ସର୍ବଦା କଳହ କରିବାକୁ ପ୍ରସ୍ତୁତ, ତାହାକୁ ପଣ୍ଡିତମାନେ ଭାର୍ଯ୍ୟାରୂପଧାରୀ ଦାରୁଣ ବାର୍ଦ୍ଧକ୍ୟ ଅବସ୍ଥା ବୋଲି ମନେକରିଥାନ୍ତି।୬୧।

ତସ୍ମାତ୍ସର୍ବପ୍ରଯତ୍ନେନ ନାମାପି ପରିବର୍ଜୟେତ୍।
ସ୍ତ୍ରୀଣାମିହ ହି ସର୍ବାସାଂ ଯ ଇଚ୍ଛେତ୍ସୁଖମାତ୍ମନଃ॥ ୬୨॥

ଏହି ହେତୁରୁ ସଂସାରରେ ଯେଉଁ ଲୋକ ଆପଣାର ସୁଖ କାମନା କରେ, ସେ ସକଳ ପ୍ରକାର ନାରୀର ସଂସର୍ଗ ତ ଦୂରର କଥା, ନାମ ସୁଦ୍ଧା ପରିତ୍ୟାଗ କରିବା ଉଚିତ।୬୨।

ଯଦନ୍ତସ୍ତନ୍ନ ଜିହ୍ୱାୟାଂ ଯଜ୍ଜିହ୍ୱାୟାଂ ନ ତଦ୍‌ବହିଃ।
ଯଦ୍‌ବହିସ୍ତନ୍ନ କୁର୍ବନ୍ତି ବିଚିତ୍ରଚରିତାଃ ସ୍ତ୍ରିୟଃ॥ ୬୩॥

ସ୍ତ୍ରୀମାନଙ୍କର ଅନ୍ତରରେ ଯାହା ଥାଏ, ଜିହ୍ୱାରେ ତାହା ନ ଥାଏ; ଜିହ୍ୱାରେ ଯାହା ଥାଏ, ବାହାରେ ତାହା ନ ଥାଏ (ଅର୍ଥାତ୍ ଯାହା କହିବାକୁ ଇଚ୍ଛା ଥାଏ,

ତାହା କହନ୍ତି ନାହିଁ); ପୁଣି ଯାହା ବାହାରେ ଥାଏ (ଅର୍ଥାତ୍ ଯାହା କହନ୍ତି), ତାହା କାର୍ଯ୍ୟରେ ନ ଥାଏ। ଅର୍ଥାତ୍ ସେମାନଙ୍କର ମନ, ବାକ୍ୟ ଓ କର୍ମରେ ସମତା ନ ଥାଏ। ତେଣୁ ସ୍ତ୍ରୀମାନଙ୍କର ଚରିତ୍ର ବିଚିତ୍ର। ୬୩।

କେ ନାମ ନ ବିନଶ୍ୟନ୍ତି ମିଥ୍ୟାଜ୍ଞାନାନ୍ନିତମିନୀମ୍।
ରମ୍ୟାଂ ଯ ଉପସର୍ପନ୍ତି ଦୀପାଭାଂ ଶଲଭା ଯଥା॥ ୬୪॥

ଯେଉଁମାନେ ଭ୍ରାନ୍ତଧାରଣାର ବଶ ହୋଇ ନାରୀକୁ ମନୋହାରିଣୀ ବୋଲି ମନେ-କରନ୍ତି, ସେମାନେ ଅଗ୍ନିରେ ପତଙ୍ଗ ପଡ଼ି ବିନଷ୍ଟ ହେଲାପରି ନିଜେ ବିନଷ୍ଟ ହୁଅନ୍ତି। ୬୪।

ଅନ୍ତର୍ବିଷମୟା ହ୍ୟେତା ବହିଶ୍ଚୈବ ମନୋରମାଃ।
ଗୁଞ୍ଜାଫଳସମାକାରାଃ ସ୍ୱଭାବାଦେବ ଯୋଷିତଃ॥ ୬୫॥

ନାରୀମାନେ ସ୍ୱଭାବତଃ ଗୁଞ୍ଜାଫଳ ପରି। ସେମାନଙ୍କର ବାହାର ସୁନ୍ଦର; କିନ୍ତୁ ଭିତର ବିଷପୂର୍ଣ୍ଣ। ୬୫।

ତାଡ଼ିତା ଅପିଦଣ୍ଡେନ ଶସ୍ତ୍ରୈରପି ବିଖଣ୍ଡିତାଃ।
ନ ବଶଂ ଯୋଷିତୋ ଯାନ୍ତି ନ ଦାନୈର୍ନ ଚ ସଂସ୍ତବୈଃ॥ ୬୬॥

ଯଷ୍ଟିର ପ୍ରହାରଦ୍ୱାରା, ଶସ୍ତ୍ରର ଆଘାତଦ୍ୱାରା, ଦାନଦ୍ୱାରା ବା ସ୍ତୁତିଦ୍ୱାରା କାହିଁରେ ନାରୀମାନେ ବଶ ହୁଅନ୍ତି ନାହିଁ। ୬୬।

ଆସ୍ତାଂ ତାବତ୍କିମନ୍ୟେନ ଦୌରାତ୍ମ୍ୟେନେହ ଯୋଷିତାମ୍।
ବିଧୃତଂ ସ୍ୱୋଦରେଣାପି ଘ୍ନନ୍ତି ପୁତ୍ରଂ ସ୍ୱକଂ ରୁଷା॥ ୬୭॥

ସ୍ତ୍ରୀମାନଙ୍କର ଅନ୍ୟ ଦୁଷ୍ଟତା କଥା ପଛକୁ ଥାଉ, କ୍ରୋଧ ହେଲେ ଏମାନେ ଗର୍ଭରେ ଧାରଣ କରିଥିବା ନିଜର ପୁତ୍ରକୁ ମଧ ବଧ କରନ୍ତି। ୬୭।

ରୁକ୍ଷାୟାଂ ସ୍ନେହସଦ୍‌ଭାବଂ କଠୋରାୟାଂ ସୁମାର୍ଦବମ୍।
ନୀରସାୟାଂ ରସଂ ବାଲୋ ବାଲିକାୟାଂ ବିକଳ୍ପୟେତ୍॥ ୬୮॥

ମୂର୍ଖ ପୁରୁଷ ନାରୀର ରୁକ୍ଷତାରେ, ସ୍ନେହ-ସଦ୍‌ଭାବରେ, କଠୋରତାରେ, ମୃଦୁତାରେ ଓ ନୀରସତାରେ ରସର କଳ୍ପନା କରିଥାଏ। ୬୮।

କୁମ୍ଭୀର କହିଲା, ''ଭୋ ମିତ୍ର! ତାହାହିଁ ହେଉ; କିନ୍ତୁ ମୁଁ କଅଣ କରିବି? ମୋର ଦୁଇଟି ବିପଦ ଉପସ୍ଥିତ। ଗୋଟିଏ ହେଉଛି ପତ୍ନୀବିୟୋଗ, ଦ୍ୱିତୀୟତଃ ତୁମ ଭଳି ମିତ୍ରଙ୍କ ସହିତ ମନାନ୍ତର; ଅଥବା ଦୈବଯୋଗରୁ ଏପରି ହେଉଛି; ଯେହେତୁ କଥିତ ଅଛି—

ଯାଦୃଶଂ ମମ ପାଣ୍ଡିତ୍ୟଂ ତାଦୃଶଂ ଦ୍ୱିଗୁଣଂ ତବ।
ନାଭୂଜ୍ଜାରୋ ନ ଭର୍ତ୍ତା ଚ କିଂ ନିରୀକ୍ଷସି ନଗ୍ନିକେ॥ ୬୯॥

ମୋର ଯେପରି ପାଣ୍ଡିତ୍ୟ ଅଛି, ତୁମର ତା'ର ଦୁଇଗୁଣ ଅଛି। ତୁମର ସ୍ୱାମୀ ରହିଲା ନାହିଁ କି (ଜାର) ଉପପତି ରହିଲା ନାହିଁ। ହେ ନଗ୍ନିକେ (ବିବସ୍ତ୍ରା ନାରୀ) ତୁମେ କଅଣ ଦେଖୁଛ?''। ୬୯।

ବାନର ପଚାରିଲା, ''ସେ କଥା କଅଣ?'' କୁମ୍ଭୀର କହିଲା—

ହଳିକଦମ୍ପତି କଥା

କୌଣସି ଏକ ନଗରରେ ଜଣେ କୃଷକ ଓ ତାହାର ସ୍ତ୍ରୀ ବାସକରୁଥିଲେ। କୃଷକର ବୃଦ୍ଧାବସ୍ଥା ହେତୁରୁ ତା'ର ସ୍ତ୍ରୀ ସର୍ବଦା ଅନ୍ୟ ପୁରୁଷକୁ ମନକରି କେବେହେଲେ ଘରେ ସ୍ଥିର ହୋଇ ରହିପାରୁ ନ ଥିଲା; କେବଳ ପରପୁରୁଷ ଅନ୍ୱେଷଣ କରି କରି ବୁଲୁଥିଲା।

ଥରେ ଜଣେ ପରଧନାପହାରୀ ଧୂର୍ତ୍ତ ତାହାକୁ ଦେଖି ଏକାନ୍ତରେ କହିଲା, ''ହେ ସୁଭଗେ! ମୋର ଭାର୍ଯ୍ୟା ମରିଯାଇଛି। ତୋତେ ଦେଖି ମୁଁ କାମପୀଡ଼ିତ ହୋଇଅଛି। ତୁ ମୋତେ ସୁରତି ଦାନ କର।''

ତହୁଁ କୃଷକପତ୍ନୀ କହିଲା, ''ହେ ସୁଭଗ! ଯଦି ଏପରି କଥା, ତେବେ ମୋ ସ୍ୱାମୀର ପ୍ରଭୂତ ଧନ ଅଛି। ବାର୍ଦ୍ଧକ୍ୟ ହେତୁରୁ ସେ ଚାଲିବାକୁ ମଧ୍ୟ ଅସମର୍ଥ। ତେଣୁ ମୁଁ ସେହି ଧନକୁ ଆଣି ଆସିବି। ତାହାହେଲେ ତୁମ ସାଥିରେ ଅନ୍ୟ ସ୍ଥାନକୁ ଯାଇ ଯଥେଚ୍ଛା ରତିସୁଖ ଅନୁଭବ କରିପାରିବି।''

ଧୂର୍ତ୍ତ କହିଲା, ''ଏ କଥା ମୋତେ ମଧ୍ୟ ଉଚିତ୍ ବୋଧ ହେଉଅଛି। ତେଣୁ ପ୍ରଭାତ କାଳରେ ଶୀଘ୍ର ଏହି ସ୍ଥାନକୁ ଆସିବୁ। ଯେକୌଣସି ସୁଖକର ନଗରକୁ ଯାଇ ତୋର ସଙ୍ଗରେ ଜୀବନକୁ ସଫଳ କରିପାରିବି।''

କୃଷକପତ୍ନୀ ଆସିବ ବୋଲି ପ୍ରତିଜ୍ଞା କରି ହସହସ ମୁଖରେ ନିଜ ଘରକୁ ଗଲା ଓ ରାତ୍ରିରେ ସ୍ୱାମୀ ଶୋଇପଡ଼ନ୍ତେ ଘରୁ ସକଳ ଧନ ଆଣି ପ୍ରଭାତ କାଳରେ ପୂର୍ବୋକ୍ତ ସ୍ଥାନରେ ପହଞ୍ଚିଲା। ଧୂର୍ତ୍ତ ମଧ୍ୟ ତାହାକୁ ଆଗରେ ରଖି ଖୁବ୍ ବେଗରେ ଦକ୍ଷିଣ ଦିଗକୁ ଚାଲିଲା।

ଏହିପରି ସେ ଦୁହେଁ ଦୁଇ ଯୋଜନ ପଥ ଯିବା ପରେ ଗୋଟିଏ ନଦୀ ପଡ଼ିଲା। ନଦୀକୁ ଦେଖି ଧୂର୍ତ୍ତ ମନେ ମନେ ଚିନ୍ତାକଲା– 'ଏ ସ୍ତ୍ରୀ ତା'ର ଯୌବନର ଶେଷ ସୀମାରେ ଉପସ୍ଥିତ; ଏହାକୁ ନେଇ କଣ କରିବି? ପୁଣି ଯଦି କେବେ କେହି ଏହାର୍ ପଛେ ପଛେ ଆସେ, ତେବେ ମହାନ୍ ଅନର୍ଥ ହେବ। ତେଣୁ କେବଳ ଏହାର ଧନ ନେଇ ପଳାଇବି।' ଏହିପରି ସ୍ଥିରକରି ସେ ତାକୁ କହିଲା, ''ପ୍ରିୟେ! ଏ ବୃହଦ୍ ନଦୀକୁ ପାରହେବା ଅତି କଠିନ। ତେଣୁ ମୁଁ ଜିନିଷଗୁଡ଼ିକ ନେଇ ଆରପାରିରେ ରଖି ଫେରିଆସିବି। ତତ୍ପରେ ତୁମକୁ ପିଠିରେ ବସାଇ ସହଜରେ ପାରକରାଇନେବି।'' ସେ କହିଲା, ''ହେ ସୁଭଗ, ତାହାହିଁ କର।'' ଏହା କହି ସେ ସେହି ବିପୁଳ ଧନକୁ ତାକୁ ଦେଲା। ତତ୍ପରେ ଧୂର୍ତ୍ତ କହିଲା, ''ଭଦ୍ରେ! ତୁମର ପରିଧାନ ଓ ଆଚ୍ଛାଦନ ବସ୍ତ୍ର ମଧ୍ୟ ଦେଇପକାଅ, ତାହାହେଲେ ତୁମେ ନିର୍ଭୟରେ ଜଳମଧ୍ୟରେ ଯାଇପାରିବ।'' ସେ ତାହା କରନ୍ତେ ଧୂର୍ତ୍ତ ସମସ୍ତ ଧନ ଓ ବସ୍ତ୍ର ଦୁଇଟିକୁ ଘେନି ନିଜର ଅଭିଳଷିତ ସ୍ଥାନକୁ ଚାଲିଗଲା। ଏଣେ ହାତ ଦୁଇଟିକୁ ଗଳା ଉପରେ ରଖି ଉଦ୍‌ବେଗସହକାରେ ନଦୀ ତୀରରେ ସେ (କୃଷକପତ୍ନୀ) ବସିରହିଲା।

ଏହି ସମୟରେ ଗୋଟିଏ ଶୃଗାଳୀ ମୁହଁରେ ଖଣ୍ଡିଏ ମାଂସ ଧରି ସେଠାରେ ପହଞ୍ଚିଲା। ସେ ଆସି ଦେଖିଲା ଯେ ଗୋଟିଏ ବଡ଼ ମାଛ ପାଣିରୁ ଉଠିଆସି କୂଳରେ ପଡ଼ିଛି। ଏହାକୁ ଦେଖି ଶୃଗାଳୀ ମାଂସଖଣ୍ଡିକ ପକାଇଦେଇ ମାଛକୁ ଧରିବାପାଇଁ ତା' ଆଡ଼କୁ ଦୌଡ଼ିଲା। ଏହି ସମୟରେ ଗୋଟିଏ ଗୃଧ୍ର ଆକାଶରୁ ଖସିପଡ଼ି ମାଂସଖଣ୍ଡି ଧରି ପୁଣି ଆକାଶକୁ ଉଡ଼ିଗଲା। ମାଛଟି ମଧ୍ୟ ଶୃଗାଳୀକୁ ଦେଖି ନଦୀ ଭିତରକୁ ପଶିଗଲା। ଶୃଗାଳୀର ସବୁ ଶ୍ରମ ବୃଥା ହେଲା। ସେ ଗୃଧ୍ର ଆଡ଼କୁ ଚାହିଁରହିଲା। ଉଲଗ୍ନ ହୋଇ ବସିଥିବା କୃଷକପତ୍ନୀ ହସି ହସି ଶୃଗାଳୀକୁ କହିଲା –

ଗୃଧ୍ରେଣାପହୃତଂ ମାଂସଂ ମତ୍ସ୍ୟୋଽପି ସଲିଳଂ ଗତଃ।
ମତ୍ସ୍ୟମାଂସ ପରିଭ୍ରଷ୍ଟଂ କିଂ ନିରୀକ୍ଷସି ଜମ୍ବୁକେ॥ ୭୦॥

ଗୃଧ୍ର ମାଂସ ନେଇଗଲା, ମାଛଟି ପାଣିକୁ ଚାଲିଗଲା। ହେ ଶୃଗାଳି! ମାଂସ ମାଛ ଉଭୟରୁ ବଞ୍ଚିତ ହୋଇ ତୁ କାହାକୁ ଚାହୁଁଛୁ?।୭୦।''

ଏହା ଶୁଣି ଶୃଗାଳୀ ତାକୁ ପତି, ଧନ ଓ ଜାରପୁରୁଷ – ଏ ସବୁଥିରୁ ପରିଭ୍ରଷ୍ଟ ହୋଇଥିବାର ଦେଖି ଉପହାସ କରି କହିଲା, 'ଯାଦୃଶଂ ମମ ପାଣ୍ଡିତ୍ୟଂ...' ଇତ୍ୟାଦି।'' କୁମ୍ଭୀର ଏହି କଥା କହୁଥିବା ସମୟରେ ପୁଣି ଅନ୍ୟ ଗୋଟିଏ ଜଳଚର ଆସି ଜଣାଇଲା – ''ତୁମର ଘରକୁ ମଧ୍ୟ ଅନ୍ୟ ଏକ ବୃହତ୍ କୁମ୍ଭୀର ଆସି ଅଧିକାର କଲାଣି।'' ଏହା ଶୁଣି ସେ ନିତାନ୍ତ ଦୁଃଖିତ ହୋଇ ତାକୁ ନିଜ ଗୃହରୁ ବିତାଡ଼ିତ କରିବାର ଉପାୟ ଚିନ୍ତାକରି କହିଲା, ''ହାୟ! ମୋର ଦୁର୍ଭାଗ୍ୟକୁ ଦେଖ –

ମିତ୍ରଂ ହ୍ୟମିତ୍ରତାଂ ଯାତମପରଂ ମେ ପ୍ରିୟା ମୃତା।
ଗୃହମନ୍ୟେନ ଚ଼ କ୍ରାନ୍ତଂ କିମଦ୍ୟାପି ଭବିଷ୍ୟତି॥ ୭୧॥
କ୍ଷତେ ପ୍ରହାରା ନିପତନ୍ତ୍ୟଭିକ୍ଷ୍ଣ, ମନ୍ନକ୍ଷୟେ ଦୀପ୍ୟତି ଜାଠରାଗ୍ନିଃ।
ଆପସ୍ସୁ ବୈରାଣି ସମୁଦ୍‌ଭବନ୍ତି ବାମେ ବିଧୌ ସର୍ବମିଦଂ ନରାଣାମ୍॥ ୭୨॥

ମୋର ମିତ୍ର ଶତ୍ରୁ ହୋଇଗଲା, ମୋର ପତ୍ନୀର ମୃତ୍ୟୁ ହେଲା ଏବଂ ଘରଟିକୁ ମଧ୍ୟ ଅନ୍ୟ ଜଣେ ଅଧିକାର କଲା। ଏବେ ଆହୁରି କଅଣ ହେବ?।୭୧। ଅଥବା ଯଥାର୍ଥରେ କଥିତ ଅଛି – ଯେଉଁ ସ୍ଥାନରେ କ୍ଷତ ହୋଇଥାଏ, ସେହି ସ୍ଥାନ ଉପରେ ବାରମ୍ବାର ଆଘାତ ଲାଗିଥାଏ। ଖାଦ୍ୟର ଅଭାବବେଳେ ଜଠରାଗ୍ନି ପ୍ରଜ୍ଜ୍ୱଳିତ ହୁଏ। ବିପତ୍ତି ପଡ଼ିଲାବେଳେ ଶତ୍ରୁମାନେ ଦେଖାଦିଅନ୍ତି। ବିଧାତା ବାମ ହେଲେ ମନୁଷ୍ୟର ସବୁ ପ୍ରକାର ଅନର୍ଥ ଘଟିଥାଏ।୭୨।

ତେଣୁ ମୁଁ କଅଣ କରିବି? ତା ସଙ୍ଗେ ଯୁଦ୍ଧ କରିବି କି? ଅଥବା ଶାନ୍ତିରେ ତାକୁ ବୁଝାଇ ଗୃହରୁ ବାହାର କରାଇଦେବି? ଅଥବା ଭେଦ ବା ଦାନ ନୀତିର ଆଶ୍ରୟ ନେବି (ଅର୍ଥାତ୍ ଅନ୍ୟ ସଙ୍ଗେ ତା'ର ବିରୋଧ ସୃଷ୍ଟି କରି ତାକୁ ବିନାଶ କରିବି ବା ତାକୁ କିଛି ଧନ ଦେଇ ବିଦାୟ ଦେବି)? ଅଥବା ଏହି ମିତ୍ର ବାନରକୁ ପଚ଼ାରିବି? କଥିତ ଅଛି –

ଯଃ ପୃଷ୍ଟ୍ୱା କୁରୁତେ କାର୍ଯ୍ୟଂ ପ୍ରଷ୍ଟବ୍ୟାନ୍ ସ୍ୱହିତାନ୍ ଗୁରୂନ୍।
ନ ତସ୍ୟ ଜାୟତେ ବିଘ୍ନଃ କସ୍ମିଂଶ୍ଚିଦପି କର୍ମଣି ।। ୭୩ ।।

ଯେଉଁ ଲୋକ ନିଜଠାରୁ ବଡ଼, ହିତକାରୀ ଓ ପଚାରିବାର ଯୋଗ୍ୟ ଲୋକଙ୍କୁ ପଚାରି କାର୍ଯ୍ୟ କରେ, ତାର କୌଣସି କାର୍ଯ୍ୟରେ ବିଘ୍ନ ଘଟେ ନାହିଁ। ୭୩।

ଏହିପରି ବିଚାରି ସେ ଜମ୍ବୁବୃକ୍ଷରେ ବସିଥିବା ବାନରକୁ ପୁଣି ପଚାରିଲା – "ମିତ୍ର! ମୋର ଭାଗ୍ୟ କେଡ଼େ ଖରାପ। ଏବେ ମୋଠାରୁ ଅଧିକ ବଳବାନ୍ ଏକ କୁମ୍ଭୀର ମୋର ଘରକୁ ଅଧିକାର କଲାଣି। ସେଥିପାଇଁ ତୁମକୁ ପଚାରିବାକୁ ଆସିଛି। କହ, ମୁଁ କଅଣ କରିବି? ଏ ସ୍ଥଳରେ ସାମାଦି ନୀତିମାନଙ୍କ ମଧ୍ୟରୁ କେଉଁଟି ଉପଯୋଗୀ?"

ବାନର କହିଲା, "ଆରେ କୃତଘ୍ନ! ପାପି! ମୁଁ ତୋତେ ମନାକଲେ ସୁଦ୍ଧା ତୁ କାହିଁକି ମୋ ପାଖକୁ ପୁଣି ଆସୁଛୁ? ତୋ'ଭଳି ମୂର୍ଖକୁ ମୁଁ ଉପଦେଶ ସୁଦ୍ଧା ଦେବି ନାହିଁ।"

ତାହା ଶୁଣି କୁମ୍ଭୀର କହିଲା, "ହେ ମିତ୍ର, ମୁଁ ତୁମ ପାଖରେ ଅପରାଧ କରିଛି। ତଥାପି ପୂର୍ବ-ସ୍ନେହ ସ୍ମରଣ କରି ମୋତେ ହିତ ଉପଦେଶ ଦିଅ।"

ବାନର କହିଲା, "ନା, ମୁଁ ତୋତେ ଉପାୟ କହିବି ନାହିଁ। କାରଣ, ତୁ ଭାର୍ଯ୍ୟାର କଥାରେ ମୋତେ ସମୁଦ୍ରରେ ପକାଇ ମାରିବାକୁ ନେଉଥିଲୁ। ତୋର ଏପରି କରିବା ଉଚିତ ନଥିଲା। ଭାର୍ଯ୍ୟା ଅନ୍ୟ ସବୁ ଲୋକଙ୍କଠାରୁ ଅଧିକ ପ୍ରିୟ ହେଲେ ସୁଦ୍ଧା ନିଜର ମିତ୍ର ଓ ବନ୍ଧୁବାନ୍ଧବମାନଙ୍କୁ ଭାର୍ଯ୍ୟାର କଥାରେ ସମୁଦ୍ରରେ ପକାଯାଏ ନାହିଁ। ତେଣୁ ରେ ମୂର୍ଖ! ମୂର୍ଖତା ହେତୁରୁ ତୋର ସର୍ବନାଶ ହେବ ବୋଲି ମୁଁ ପ୍ରଥମରୁ କହିଥିଲି। କାରଣ –

ସତାଂ ବଚନମାଦିଷ୍ଟଂ ମଦେନ ନ କରୋତି ଯଃ।
ସ ବିନାଶମବାପ୍ନୋତି ଘଣ୍ଟୋଷ୍ଟ୍ର ଇବ ସତ୍ୱରମ୍ ।। ୭୪ ।।

ଯେଉଁ ଲୋକ ଅହଙ୍କାରବଶତଃ ସଜ୍ଜନମାନଙ୍କର ଉପଦେଶବାଣୀ ଅନୁସାରେ କାର୍ଯ୍ୟ ନ କରେ, ସେ ଘଣ୍ଟା ବନ୍ଧାହୋଇଥିବା ଉଷ୍ଟ୍ରପରି ଶୀଘ୍ର ବିନାଶପ୍ରାପ୍ତ ହୁଏ।" ୭୪।

କୁମ୍ଭୀର ପଚାରିଲା, "ସେ (ଘଣ୍ଟା ବନ୍ଧାହୋଇଥିବା ଉଷ୍ଟ୍ର) କଥା କଅଣ?" ବାନର କହିଲା –

ଘଣ୍ଟାବନ୍ଧା ଓଟ କଥା

କୌଣସି ନଗରରେ ଉଜ୍ଜ୍ୱଳକ ନାମରେ ଜଣେ ରଥକାର (ବଢ଼େଇ) ବାସ-କରୁଥିଲା। ନିତାନ୍ତ ଦାରିଦ୍ର୍ୟପୀଡ଼ିତ ହୋଇ ସେ ଚିନ୍ତାକଲା – 'ଅହୋ! ମୋ ଘରର ଦାରିଦ୍ର୍ୟକୁ ଧିକ୍। ସବୁ ଲୋକେ ନିଜ ନିଜ କାର୍ଯ୍ୟରେ ରତ ହୋଇ ଚଳୁଛନ୍ତି; କିନ୍ତୁ ମୋର ଏ ରଥକାର କାମରେ କି ଲାଭ?'

ଏହିପରି ବିଚାରି ସେ ଦେଶରୁ ବାହାରିଲା। ଯେତେବେଳେ ସେ ଗୋଟିଏ ବନରେ ପହଞ୍ଚିଲା, ସେତେବେଳେ ସେ ସନ୍ଧ୍ୟା ସମୟରେ ଗହ୍ୱର ସଦୃଶ ଘୋର ବନ ମଧ୍ୟରେ ଯୂଥରୁ ଭ୍ରଷ୍ଟ ଓ ପ୍ରସବବେଦନାରେ ପୀଡ଼ିତ ଗୋଟିଏ ଉଷ୍ଟ୍ରୀକୁ ଦେଖିଲା। ତହୁଁ ସେ ଶାବକ ସହିତ ଉଷ୍ଟ୍ରୀକୁ ନିଜ ଘରକୁ ନେଇଗଲା ଓ ଗୋଟିଏ ରଜ୍ଜୁରେ ତାକୁ ବାନ୍ଧିଦେଲା। ତତ୍ପରେ ଗୋଟିଏ ତୀକ୍ଷ୍ଣ କୁଠାର ଧରି ତାହାପାଇଁ ପତ୍ର ଆଣିବାକୁ ପର୍ବତ ନିକଟକୁ ଗଲା। ସେଠାରୁ ବହୁତ ନୂଆ କୋମଳ ପତ୍ର କାଟି, ମୁଣ୍ଡରେ ବୋହି ଘରକୁ ଆସିଲା ଓ ସେଗୁଡ଼ିକ ଉଷ୍ଟ୍ରୀ ଆଗରେ ପକାଇଲା। ଉଷ୍ଟ୍ରୀ ଧୀରେ ଧୀରେ ସେଗୁଡ଼ିକୁ ଖାଇବାକୁ ଲାଗିଲା।

ପ୍ରତିଦିନ ଏହିପରି ପତ୍ର ଖାଇବାଫଳରେ ଉଷ୍ଟ୍ରୀର ଶରୀର ମୋଟା ହୋଇଗଲା। ତାର ଶାବକ ମଧ୍ୟ ଗୋଟିଏ ବଡ଼ ଉଷ୍ଟ୍ର ହୋଇଗଲା। ରଥକାର ପ୍ରତିଦିନ ଉଷ୍ଟ୍ରୀର ଦୁଧ ବିକି କୁଟୁମ୍ବ ପୋଷିବାକୁ ଲାଗିଲା। ଅତି ଆଦରର ପାତ୍ର ହୋଇଥିବାରୁ ରଥକାର ସେହି ଉଷ୍ଟ୍ରର ବେକରେ ଗୋଟିଏ ପ୍ରକାଣ୍ଡ ଘଣ୍ଟା ବାନ୍ଧିଦେଲା। ପରେ ସେ ଚିନ୍ତା କଲା– 'ଅହୋ! ଅନ୍ୟ ମନ୍ଦ ବ୍ୟବସାୟରେ କି ଲାଭ? ଏ ଉଷ୍ଟ୍ରୀପାଳନଦ୍ୱାରା ମୋର କୁଟୁମ୍ବ ସୁନ୍ଦରରୂପେ ଚଳୁଛି। ମୋର ଅନ୍ୟ ବ୍ୟବସାୟରେ କି ପ୍ରୟୋଜନ?'

ଏହିପରି ବିଚାରି ରଥକାର ଗୃହକୁ ଆସି ଭାର୍ଯ୍ୟାକୁ କହିଲା, "ପ୍ରିୟେ! ଏଇ (ଉଷ୍ଟ୍ରପାଳନ) ବ୍ୟବସାୟଟି ଅତି ଉତ୍ତମ। ତୁମର ସମ୍ମତି ଥିଲେ କୌଣସି ଧନୀଲୋକଠାରୁ କିଛି ଧନ ନେଇ ଗୁର୍ଜର ଦେଶକୁ ଉଷ୍ଟ୍ରଶାବକ କିଣିବାକୁ ଯିବି। ମୁଁ ଗୋଟିଏ ଉଷ୍ଟ୍ରୀ ଘେନି ଫେରିଆସିବାଯାଏ ତୁମେ ଏହି ଦୁଇଟିକୁ ଯତ୍ନରେ ରଖିବ।

ତତ୍ପରେ ରଥକାର ଗୁର୍ଜର ଦେଶକୁ ଯାଇ ଗୋଟିଏ ଉଷ୍ଟ୍ରୀ ଘେନି ଘରକୁ ଆସିଲା। ଅଧିକ କହିବାର କି ପ୍ରୟୋଜନ? ସେ ଏହିପରି କରିବାରୁ ତାର ଅନେକ ଉଷ୍ଟ୍ର, ଉଷ୍ଟ୍ରୀ ଓ ଉଷ୍ଟ୍ରଶାବକ ହୋଇଗଲେ। ତହୁଁ ସେ ଗୋଟିଏ ପ୍ରକାଣ୍ଡ ଉଷ୍ଟ୍ରଯୂଥ କରି ଜଣେ ରକ୍ଷକ ନିଯୁକ୍ତ କଲା। ତାକୁ ସେ ବେତନସ୍ୱରୂପ ପ୍ରତିବର୍ଷ ଗୋଟିଏ ଲେଖାଏଁ ଉଷ୍ଟ୍ରଶାବକ ଦେଉଥିଲା ଓ ପ୍ରତିଦିନ କିଛି ଦୁଧ ମଧ୍ୟ ଦେଉଥିଲା। ଏହିପରି ଉଷ୍ଟ୍ର ଓ ଉଷ୍ଟ୍ରଶାବକ ବ୍ୟବସାୟ କରି ସେ ସୁଖରେ ରହିଲା।

ଉଷ୍ଟ୍ରଶାବକମାନେ ଆହାର ନିମନ୍ତେ ନଗରର ନିକଟବର୍ତ୍ତୀ ବନକୁ ଯାଉଥିଲେ। ସେମାନେ କୋମଳ ଲତାପତ୍ର ଖାଇ ଏକ ବୃହତ୍ ସରୋବରରେ ଜଳପାନ କରି ସନ୍ଧ୍ୟାବେଳକୁ ଧୀରେ ଧୀରେ ଖେଳି ଖେଳି ଘରକୁ ଆସୁଥିଲେ। ପ୍ରଥମ ଉଷ୍ଟ୍ରଶାବକଟି ଯୌବନମଦରେ ମତ୍ତ ହୋଇ ସମସ୍ତଙ୍କ ପଛରେ ଆସି ଅନ୍ୟମାନଙ୍କ ସହିତ ମିଶୁଥିଲା। ତହୁଁ ସେମାନେ କହିଲେ, "ଏ ଉଷ୍ଟ୍ରର ବୁଦ୍ଧି ଖରାପ। ଯୂଥ ମଧ୍ୟରୁ ବାହାରିଯାଇ ପଛରେ ରହୁଛି, ଘଣ୍ଟା ବଜାଇ ବଜାଇ ଆସୁଛି। ଯଦି କୌଣସି ହିଂସ୍ରଜନ୍ତୁର ହାବୁଡ଼ରେ ପଡ଼ିବ, ତେବେ ନିଶ୍ଚୟ ମରିବ।"

ଅନନ୍ତର ଦିନେ ସେ ବନ ମଧ୍ୟରେ ଚରୁଥିବାବେଳେ କୌଣସି ଗୋଟିଏ ସିଂହ ଘଣ୍ଟାର ଶବ୍ଦ ଶୁଣି ସେଠାକୁ ଆସିଲା। ସେ ଦେଖିଲା ଯେ ଉଷ୍ଟ୍ର ଓ ଉଷ୍ଟ୍ରୀମାନଙ୍କର

ଗୋଟିଏ ଦଳ ଯାଉଛନ୍ତି। ଗୋଟିଏ ଉଷ୍ଟ୍ର ପଛରେ ଥାଇ ଖେଳିକୁଦି ଲତାପତ୍ର ଖାଉଥିବାବେଳେ ଅନ୍ୟମାନେ ଜଳପାନ କରି ଗୃହକୁ ଚାଲିଗଲେ। ଉଷ୍ଟ୍ରଟି ବନମଧ୍ୟରୁ ବାହାରିପଡ଼ି ଚାରିଆଡ଼କୁ ଚାହିଁଲା; ମାତ୍ର କୌଣସି ପଥ ଦେଖିପାରିଲା ନାହିଁ। ଯୂଥରୁ ଭ୍ରଷ୍ଟ ହୋଇ ସେ ଘଣ୍ଟାର ଶବ୍ଦ କରି କରି କିଛି ଦୂର ଗଲାବେଳକୁ ସିଂହ ସେହି ଶବ୍ଦକୁ ଅନୁସରଣ କରି ଚାଲି-ଆସି ତା ଆଗରେ ଲୁଚି ରହିଲା। ଯେତେବେଳେ ଉଷ୍ଟ୍ର ତା' ନିକଟକୁ ଆସିଲା, ସେତେବେଳେ ସିଂହ ଡେଇଁପଡ଼ି ତାର ଗଳାକୁ ଧରି ମାରିପକାଇଲା।

ଏହି ହେତୁରୁ ମୁଁ କହୁଥିଲି – 'ସତାଂ ବଚନମାଦିଷ୍ଟଂ...' ଇତ୍ୟାଦି।"

ପ୍ରାହୁଃ ସାପ୍ତପଦଂ ମୈତ୍ରଂ ଜନାଃ ଶାସ୍ତ୍ରବିଚକ୍ଷଣାଃ।
ମିତ୍ରତାଂ ଚ ପୁରସ୍କୃତ୍ୟ କିଞ୍ଚିଦ୍‌ବକ୍ଷ୍ୟାମି ତଚ୍ଛୃଣୁ॥ ୭୫॥

ପଣ୍ଡିତମାନଙ୍କ କହିବା ଅନୁସାରେ ସାଙ୍ଗ ହୋଇ ସାତ ପାଦ ଯାତ୍ରା କଲେ ସଜ୍ଜନ ବ୍ୟକ୍ତି ଅପର ବ୍ୟକ୍ତିକୁ ମିତ୍ରରୂପେ ଗ୍ରହଣ କରିଥାନ୍ତି। ମୁଁ ତୁମ ସହିତ ଅନେକ ଦିନ ହେଲା ସାଙ୍ଗରେ ଅଛି; ତେଣୁ ସେହି ମିତ୍ରତାକୁ ସ୍ମରଣ କରି ତୁମକୁ ମୁଁ କିଛି କହିବାକୁ ଚାହୁଁଛି, ଶୁଣ। ୭୫। ପୁନଶ୍ଚ ଅନନ୍ତର କୁମ୍ଭୀର ଏହା ଶୁଣି କହିଲା –

ଉପଦେଶପ୍ରଦାତୃଣାଂ ନରାଣାଂ ହିତମିଚ୍ଛତାମ୍।
ପରସ୍ମିନ୍ନିହ ଲୋକେ ଚ ବ୍ୟସନଂ ନୋପପଦ୍ୟତେ॥ ୭୬॥

"ଭଦ୍ର! ଯେଉଁ ଲୋକ ଉପଦେଶ ଦିଏ ଓ ଅପରର ହିତ କାମନା କରେ, ସେ ଇହଲୋକ ତଥା ପରଲୋକରେ କଷ୍ଟ ପାଏ ନାହିଁ। ୭୬।

ଏଣୁ ମୁଁ କୃତଘ୍ନ ହୋଇଥିଲେ ମଧ୍ୟ ତୁମେ ମୋତେ ଉପଦେଶ ଦେଇ ଅନୁଗୃହୀତ କର। କଥିତ ଅଛି –

ଉପକାରିଷୁ ଯଃ ସାଧୁ ସାଧୁତ୍ୱେ ତସ୍ୟ କୋ ଗୁଣ।
ଅପକାରିଷୁ ଯଃ ସାଧୁଃ ସ ସାଧୁଃ ସଦ୍‌ଭିରୁଚ୍ୟତେ॥ ୭୭॥

ଯେଉଁ ଲୋକ ଉପକାରୀ ଲୋକପ୍ରତି ସାଧୁ ବ୍ୟବହାର କରେ, ତାର ସାଧୁତ୍ୱରେ କି ବିଶେଷତ୍ୱ ଅଛି? ଯିଏ ଅପକାରୀ ଲୋକ ପ୍ରତି ସଦ୍‌ବ୍ୟବହାର କରେ, ତାକୁହିଁ ସଜ୍ଜନମାନେ ଯଥାର୍ଥରେ ସତ୍‌ପୁରୁଷ କହିଥାନ୍ତି। ୭୭।

ଏହା ଶୁଣି ବାନର କହିଲା, "ଯଦି ଏପରି କଥା, ତେବେ ଯାଅ, ତାହା ସହିତ ଯୁଦ୍ଧ କର। କଥିତ ଅଛି –

ହତସ୍ତ୍ୱଂ ପ୍ରାପ୍ସ୍ୟସି ସ୍ୱର୍ଗଂ ଜୀବନ୍ ଗୃହମଥୋ ଯଶଃ।
ଯୁଧ୍ୟମାନସ୍ୟ ତେ ଭାବି ଗୁଣଦ୍ୱୟମନୁତ୍ତମମ୍॥ ୭୮॥

ତୁମେ ଯଦି ଯୁଦ୍ଧରେ ନିହତ ହେବ, ତେବେ ସ୍ୱର୍ଗପ୍ରାପ୍ତ ହେବ। ଯଦି (ବିଜୟୀ ହୋଇ) ଜୀବିତ ରହିବ, ତାହାହେଲେ ଗୃହ ଓ ଯଶ ଲାଭ କରିବ। ଏଣୁ ଯୁଦ୍ଧ କରିବା ଦ୍ୱାରା ତୁମେ ଦୁଇଟି ଅତ୍ୟୁତ୍ତମ ଗୁଣ ପ୍ରାପ୍ତ ହୋଇପାରିବ। ୭୮।

ଉତ୍ତମଂ ପ୍ରଣିପାତେନ ଶୂରଂ ଭେଦେନ ଯୋଜୟେତ୍ ।
ନୀଚମଳ୍ପପ୍ରଦାନେନ ସମଶକ୍ତିଂ ପରାକ୍ରମୈଃ ।। ୭୯ ।।

ଉତ୍ତମ ଲୋକକୁ ପ୍ରଣିପାତଦ୍ୱାରା (ନମ୍ରତାଦ୍ୱାରା), ବୀରକୁ ଭେଦଦ୍ୱାରା (ପରସ୍ପର ମଧ୍ୟରେ ବିରୋଧ ଜନ୍ମାଇବାଦ୍ୱାରା), ନୀଚକୁ କିଛି ଦେବାଦ୍ୱାରା ଓ ସମାନ ଶକ୍ତିବିଶିଷ୍ଟ ବ୍ୟକ୍ତିକୁ ପରାକ୍ରମଦ୍ୱାରା ବଶ କରିବା ଉଚିତ।'' । ୭୯ ।

କୁମ୍ଭୀର କହିଲା, ''ଏ କଥା କିପରି ?'' ବାନର କହିଲା –

ଚତୁରକ ଶୃଗାଳ କଥା

କୌଣସି ବନପ୍ରଦେଶରେ ମହାଚତୁରକ ନାମରେ ଗୋଟିଏ ଶୃଗାଳ ଥିଲା । ଏକଦା ସେ ଅରଣ୍ୟ ମଧ୍ୟରେ ଦେଖିଲା ଯେ ଗୋଟିଏ ହସ୍ତୀ ସ୍ୱତଃ ମରିପଡ଼ିଛି। ସେ ତାହାର ଚାରିପାଖ ବୁଲି ଦେଖିଲା; କିନ୍ତୁ କୌଣସିଠାରେ ତା'ର କଠିନ ଚର୍ମକୁ କାଟି ପାରିଲା ନାହିଁ। ଏହି ସମୟରେ ଗୋଟିଏ ସିଂହ ଇତସ୍ତତଃ ଭ୍ରମଣ କରୁ କରୁ ସେହି ସ୍ଥାନରେ ଉପସ୍ଥିତ ହେଲା ।

ସିଂହକୁ ଆସିବାର ଦେଖି ସେ ମସ୍ତକକୁ ଭୂମି ଉପରେ ସ୍ଥାପନ କରି, ହାତ ଦୁଇଟିକୁ ଯୋଡ଼ି ବିନୟସହକାରେ କହିଲା, ''ହେ ପ୍ରଭୁ, ମୁଁ ଆପଣଙ୍କର ରକ୍ଷାକାରୀ ଭୃତ୍ୟ; ଆପଣଙ୍କ ପାଇଁ ଏ ହସ୍ତୀଟିକୁ ଜଗି ରଖିଛି। ଏହାକୁ ଭୋଜନ କରନ୍ତୁ।'' ପ୍ରଣତ ହୋଇଥିବା ଶୃଗାଳକୁ ଚାହିଁ ସିଂହ କହିଲା, ''ଅନ୍ୟଦ୍ୱାରା ନିହତ ବା ସ୍ୱତଃ ହୋଇଥିବା ଜୀବକୁ ମୁଁ କେବେହେଲେ ଖାଏ ନାହିଁ।''

ବନେଽପି ସିଂହାଃ ମୃଗମାଂସଭକ୍ଷ୍ୟାଃ ବୁଭୁକ୍ଷିତା ନୈବ ତୃଣଂ ଚରନ୍ତି।
ଏବଂ କୁଳୀନା ବ୍ୟସନାଭିଭୂତା ନ ନୀତିମାର୍ଗଂ ପରିଲଂଘୟନ୍ତି।। ୮୦ ।।

କଥିତ ଅଛି– ବଣରେ ଥିବା ଓ ମୃଗମାଂସ ଭକ୍ଷଣ କରୁଥିବା ସିଂହ କ୍ଷୁଧାରେ ଆତୁର ହୋଇ କେବେହେଲେ ଘାସ ଯେପରି ଖାଏ ନାହିଁ, ସେହିପରି କୁଳୀନ ବ୍ୟକ୍ତି ବିପଦରେ ପଡ଼ିଲେ ମଧ୍ୟ ନୀତିମାର୍ଗ ଉଲ୍ଲଂଘନ କରେ ନାହିଁ। ୮୦ ।

ମୁଁ ତୋତେ ଏ ଗଜଟିକୁ ଦାନ କରୁଛି।''

ଏହା ଶୁଣି ଶୃଗାଳ ଆନନ୍ଦରେ କହିଲା, ଭୃତ୍ୟ ପ୍ରତି ଏପରି ଅନୁଗ୍ରହ ପ୍ରଭୁଙ୍କ ପକ୍ଷରେ ଉପଯୁକ୍ତ। ଯେହେତୁ କଥିତ ଅଛି–

ଅନ୍ତ୍ୟାବସ୍ଥୋଽପି ମହାନ୍ ସ୍ୱାମିଗୁଣାନ୍ନୋ ଜହାତି ଶୁଦ୍ଧତୟା।
ନ ଶ୍ୱେତଭାବମୁଜ୍ଝତି ଶଙ୍ଖଃ ଶିଖିଭୁକ୍ତମୁକ୍ତୋଽପି।। ୮୧ ।।

ମହାନ୍ ପୁରୁଷ ବିପଦର ସୀମାରେ ପହଞ୍ଚିଲେ ସୁଦ୍ଧା ପବିତ୍ରତା ହେତୁରୁ ପ୍ରଭୁଙ୍କର ଯୋଗ୍ୟ ଗୁଣକୁ ତ୍ୟାଗ କରନ୍ତି ନାହିଁ। ଶଙ୍ଖ ଅଗ୍ନିଦ୍ୱାରା ଭସ୍ମୀଭୂତ ହେଲା ପରେ ମଧ୍ୟ ତାର ଶୁକ୍ଳତା ଗୁଣକୁ ତ୍ୟାଗ କରି ନଥାଏ । ୮୧ ।

ସିଂହ ଚାଲିଯିବା ପରେ ଗୋଟିଏ ବ୍ୟାଘ୍ର ଆସି ପହଞ୍ଚିଲା। ତାହାକୁ ଦେଖି ଶୃଗାଳ ମନେ ମନେ ଚିନ୍ତାକଲା – 'ଗୋଟାଏ ଦୁଷ୍ଟକୁ ନମ୍ରତା ଦ୍ୱାରା ଦୂର କରିଦେଲି। ଏବେ ଏହାକୁ କିପରି ଦୂର କରିବି? ନିଶ୍ଚୟ ଏ ହେଉଛି ବୀର; ଭେଦ ବିନା ଏହାକୁ କେବେ ଆୟତ୍ତ କରିହେବ ନାହିଁ। କଥିତ ଅଛି –

ନ ଯତ୍ର ଶକ୍ୟତେ କର୍ତ୍ତୁଂ ସାମଦାନମଥାପି ବା।
ଭେଦସ୍ତତ୍ର ପ୍ରୟୋକ୍ତବ୍ୟୋ ଯତଃ ସ ବଶକାରକଃ।। ୮୨।।

ଯେଉଁଠାରେ ସାମ ଅଥବା ଦାନ ପ୍ରୟୋଗ କରାଯାଇପାରେ ନାହିଁ, ସେଠାରେ ଭେଦ ନୀତି ପ୍ରୟୋଗ କରିବା ଉଚିତ; କାରଣ ଭେଦଦ୍ୱାରା ସେ ସହଜରେ ବଶ ହୋଇପାରେ। ୮୨।

ସକଳ ଗୁଣରେ ପୂର୍ଣ୍ଣ ହୋଇଥିଲେ ସୁଦ୍ଧା ମନୁଷ୍ୟ ଭେଦଦ୍ୱାରା ବିନଷ୍ଟ ହୋଇପାରେ। କଥିତ ଅଛି –

ଅନ୍ତଃସ୍ଥେନ ବିଶୁଦ୍ଧେନ ସୁବୃତ୍ତେନାତିଚାରୁଣା।
ଅନ୍ତର୍ଭିନ୍ନେନ ସଂପ୍ରାପ୍ତଂ ମୌକ୍ତିକେନାଽପି ବନ୍ଧନମ୍।। ୮୩।।

ଶୁଭ୍ର, ଅଛିଦ୍ର, ଗୋଲାକାର ଓ ଅତି ମନୋହର ମୁକ୍ତାକୁ (ଛିଦ୍ର) କଲେ ତାହା (ହାର ମଧ୍ୟରେ) ବନ୍ଧନରେ ପଡ଼େ। ସେହିପରି ଶୁଦ୍ଧଚରିତ୍ର, ସଦାଚାରୀ, ସୁନ୍ଦର ମୁକ୍ତିକାମୀ ପୁରୁଷ (ପରମାତ୍ମାଙ୍କଠାରୁ ଭିନ୍ନ ହେବା) ହେତୁରୁ ସଂସାରବନ୍ଧନରେ ପଡ଼ିଥାନ୍ତି'। ୮୩।

ମନ ମଧ୍ୟରେ ଏହା ନିଶ୍ଚୟ କରି ଶୃଗାଳ ବ୍ୟାଘ୍ରର ସମ୍ମୁଖକୁ ଯାଇ, ସ୍କନ୍ଧକୁ ଉନ୍ନତ କରି ବ୍ୟଗ୍ରଭାବରେ କହିଲା, ''ମାମୁ, ତୁମେ କାହିଁକି ଏ ଯମମୁହଁକୁ ଆସିଲ? କାରଣ ସିଂହ ଏ ହସ୍ତୀଟିକୁ ବଧ କରିଅଛି। ମୋତେ ଏଠାରେ ରକ୍ଷକରୂପେ ନିଯୁକ୍ତ କରି ସେ ନଦୀକୁ ସ୍ନାନ କରିବାକୁ ଯାଇଅଛି। ସେ ଗଲାବେଳେ ମୋତେ କହିଯାଇଛି, ଯଦି କୌଣସି ବ୍ୟାଘ୍ର ଏଠାକୁ ଆସେ, ତୁ ଚୁପ୍ କରି ମୋତେ କହିଦେବୁ – ମୁଁ ଏ ବନକୁ ବ୍ୟାଘ୍ରଶୂନ୍ୟ କରିବି। କାରଣ ଥରେ ଗୋଟିଏ ବ୍ୟାଘ୍ର ମୁଁ ବଧ କରିଥିବା ଏକ ହସ୍ତୀକୁ ଖାଇ ଉଚ୍ଛିଷ୍ଟ କରି ଦେଇଥିଲା। ସେହିଦିନଠାରୁ ମୁଁ ବ୍ୟାଘ୍ରଜାତି ପ୍ରତି କ୍ରୁଦ୍ଧ ହୋଇଅଛି।'' ଏହା ଶୁଣି ବ୍ୟାଘ୍ର ନିତାନ୍ତ ତ୍ରସ୍ତ ହୋଇ କହିଲା – ''ଆରେ ଭଣଜା! ମୁଁ ପ୍ରାଣ ଘେନି ପଳାଏଁ। ସେ ଯେତେ ଡେରିରେ ଆସିଲେ ସୁଦ୍ଧା ତାକୁ ମୋ କଥା କିଛି କହିବୁ ନାହିଁ।'' – ଏହା କହି ସେ ଦ୍ରୁତବେଗରେ ପଳାଇଗଲା।

ବ୍ୟାଘ୍ର ଚାଲିଯିବା ପରେ ଗୋଟିଏ (ଦ୍ୱୀପ) ଚିତାବାଘ ଆସି ପହଞ୍ଚିଲା। ତାହାକୁ ଦେଖି ଶୃଗାଳ ଚିନ୍ତାକଲା, 'ଏହାର ଦାନ୍ତ ଖୁବ୍ ଶକ୍ତ; ତେଣୁ ଏ ଯେପରି ହାତୀର ଚମକୁ ଛିଣ୍ଡାଇବ, ତହିଁର ଉପାୟ କରିବି।' ଏହା ସ୍ଥିର କରି ସେ କହିଲା, ''ହେ ଭଣଜା, ବହୁଦିନପରେ ଦେଖାହେଲା। ବଡ଼ ଭୋକିଲା ଦିଶୁଛୁ କାହିଁକି? ଆଜି ତୁ ମୋର ଅତିଥି। ଏ ହାତୀଟିକୁ ସିଂହ ମାରିପକାଇ ସ୍ନାନ କରିବାକୁ ଯାଉଛି। ତା ହୁକୁମରେ ମୁଁ ଏହାକୁ ଜଗିରହିଛି। ତଥାପି ଯେତେବେଳଯାଏ ସିଂହ ଆସି ନଥିବ, ସେତେବେଳ

ପର୍ଯ୍ୟନ୍ତ ତୁ ହାତୀର ମାଂସ ଖାଇ ସନ୍ତୁଷ୍ଟ ହୋଇ ଶୀଘ୍ର ଚାଲିଯିବୁ।'' ଚିତାବାଘ କହିଲା, ''ଯେବେ ଏଭଳି କଥା, ତେବେ ମୋର ମାଂସ ଖାଇବାରେ ଦରକାର ନାହିଁ; କାରଣ ପ୍ରାଣ ରହିଥିଲେ ଶହ ଶହ ସୁଖ ମିଳିପାରିବ। କଥିତ ଅଛି–

ଯଚ୍ଛକ୍ୟଂ ଗ୍ରସିତୁଂ ଯସ୍ୟ ଗ୍ରସ୍ତଂ ପରିଣମେଚ୍ଚ ଯତ୍।
ହିତଂ ଚ୍ ପରିଣାମେ ଯତ୍ତଦଦ୍ୟଂ ଭୂତିମଚ୍ଛତା।।୮୪।

ଯାହା ଖିଆଯାଇପାରେ, ଯାହା ଖାଇଲେ ପରିପାକ ହୁଏ ଓ ପରିପାକ ହେଲେ ଯାହା ଦେହକୁ ହିତ କରେ, ନିଜର ଶୁଭ ଇଚ୍ଛା କରୁଥିବା ଲୋକ ତାକୁହିଁ ଖାଇବା ଉଚିତ।୮୪। ତେଣୁ ମୁଁ ଖାଉଛି।''

ଶୃଗାଳ କହିଲା, ''ହେ ଅସ୍ଥିର, ତୁ ନିର୍ଭୟ ହୋଇ ଖାଆ। ସେ ସିଂହର ଆସିବା ଖବର ମୁଁ ଦୂରରୁ ଦେଖି ତୋତେ ଜଣାଇଦେବି।''

ଚିତାବାଘ ହାତୀକୁ ଖାଇବାପାଇଁ ଗଲା। ସେ ହାତୀର ଚମକୁ ଛିଣ୍ଡାଇଥିବାର ଦେଖି ଶୃଗାଳ କହିଲା ''ଭଣଜା, ପଳାଇଯାଆ– ସେ ସିଂହ ଆସୁଛି।'' ତାହା ଶୁଣି ଚିତାବାଘ ଦୂରକୁ ପଳାଇଗଲା।

ଚିତାବାଘ ଯେଉଁଠାରେ ହାତୀ ଚମକୁ ଛିଣ୍ଡାଇଥିଲା, ସେହିଠାରୁ ଶୃଗାଳ କିଛି ମାଂସ ଖାଇଲାବେଳକୁ ଆଉ ଗୋଟିଏ ଶୃଗାଳ କ୍ରୁଦ୍ଧ ହୋଇ ସେଠାରେ ଉପସ୍ଥିତ ହେଲା। ମହାଚତୁରକ ଦେଖିଲା ଯେ ଏ ଶୃଗାଳଟି ବଳପରାକ୍ରମରେ ତାହାର ସମାନ ହେବ। ତହୁଁ 'ଉତ୍ତମଂ ପ୍ରଣିପାତେନ ଶୂରଂ ଭେଦ ନ ଯୋଜୟେତ୍'– ଏହା କହି ଆଗନ୍ତୁକ ଶୃଗାଳର ସମ୍ମୁଖୀନ ହୋଇ ନିଜର ଦନ୍ତରେ ତାକୁ ଖଣ୍ଡ ଖଣ୍ଡ କରି ଚାରିଆଡ଼େ ପକାଇଦେଲା ଓ ନିଜେ ଅନେକ ଦିନ ପର୍ଯ୍ୟନ୍ତ ସେହି ହାତୀର ମାଂସକୁ ଖାଇଲା। ହେ କୁମ୍ଭୀର, ଏହିପରି ତୁ ମଧ୍ୟ ତୋର ସ୍ୱଜାତୀୟ ଶତ୍ରୁକୁ ଯୁଦ୍ଧରେ ବଧ ପୂର୍ବକ ତାକୁ ଖଣ୍ଡ ଖଣ୍ଡ କରି ଚାରି ଦିଗକୁ ଫିଙ୍ଗିଦେ। ନୋଚେତ୍ ସେ ନିଜ ମୂଳକୁ ଦୃଢ଼ କରି ତୋତେ ବିନାଶ କରିବ। କାରଣ, କଥିତ ଅଛି–

ସମ୍ଭାବ୍ୟଂ ଗୋଷୁ ସମ୍ପନ୍ନଂ ସମ୍ଭାବ୍ୟଂ ବ୍ରାହ୍ମଣେ ତପଃ।
ସମ୍ଭାବ୍ୟଂ ସ୍ତ୍ରୀଷୁ ଚାପଲ୍ୟଂ, ସମ୍ଭାବ୍ୟଂ ଜାତିତୋ ଭୟମ୍।।୮୫।।

ଗୋରୁଠାରୁ ଐଶ୍ୱର୍ଯ୍ୟ, ବ୍ରାହ୍ମଣଠାରୁ ତପଃ, ସ୍ତ୍ରୀଠାରୁ ଚପଳତା ଓ ନିଜ ଜାତିଠାରୁ ଭୟର ସମ୍ଭାବନା କରାଯାଇଥାଏ।୮୫। ପୁଣି–

ସୁଭିକ୍ଷାଣି ବିଚିତ୍ରାଣି ଶିଥିଳାଃ ପୌରଯୋଷିତଃ।
ଏକୋ ଦୋଷୋ ବିଦେଶସ୍ୟ ସ୍ୱଜାତିର୍ଯଦ୍‌ବିରୁଧ୍ୟତେ।୮୬।

ବିଦେଶରେ ବିବିଧ ଉତ୍ତମ ଖାଦ୍ୟ ମିଳେ, ସ୍ତ୍ରୀମାନେ ଅସାବଧାନ ହୋଇଥାନ୍ତି। କିନ୍ତୁ ବିଦେଶରେ ଗୋଟିଏ ଦୋଷ ହେଉଛି, ନିଜ ଜାତିର ଲୋକେ ବିରୋଧୀ ହୁଅନ୍ତି।''।୮୬।

କୁମ୍ଭୀର କହିଲା, ''କିପରି ?'' ବାନର କହିଲା–

ସାରମେୟ କଥା

କୌଣସି ଏକ ସ୍ଥାନରେ ଚିତ୍ରାଙ୍ଗ ନାମରେ ଗୋଟିଏ କୁକୁର ଥିଲା । ସେଠାରେ ଅନେକ କାଳପର୍ଯ୍ୟନ୍ତ ଦୁର୍ଭିକ୍ଷ ପଡ଼ିଲା । ଖାଦ୍ୟର ଅଭାବରୁ କୁକୁରମାନଙ୍କର ବଂଶ ବୁଡ଼ିବାକୁ ବସିଲା । ଚିତ୍ରାଙ୍ଗ କ୍ଷୁଧାରେ ଶୁଷ୍କକଣ୍ଠ ହୋଇ ପ୍ରାଣଭୟରେ ଅନ୍ୟଏକ ଦେଶକୁ ଚାଲିଗଲା । ସେଠାରେ ଜଣକର ଘରେ ଗୃହିଣୀର ଅସାବଧାନତା ହେତୁ ଚିତ୍ରାଙ୍ଗ ପ୍ରତିଦିନ ଗୃହମଧ୍ୟରେ ପ୍ରବେଶ କରୁଥିଲା ଓ ନାନା ପ୍ରକାରର ଖାଦ୍ୟ ଖାଇ ମହାତୃପ୍ତି ଲାଭ କରୁଥିଲା । କିନ୍ତୁ ଦିନେ ସେ ଗୃହରୁ ବାହାରିଲାବେଳକୁ ଅନ୍ୟ ମଦୋନ୍ମତ୍ତ କୁକୁରମାନେ ତାକୁ ଚାରିଦିଗରୁ ବେଢ଼ିଯାଇ ତାର ସର୍ବାଙ୍ଗକୁ ଦନ୍ତରେ ବିଦାରିପକାଉଥିଲେ । ତହୁଁ ସେ ବିଚାର କଲା– 'ହାୟ ! ବରଂ ସ୍ୱଦେଶରେ ଦୁର୍ଭିକ୍ଷ ଭିତରେ ଶାନ୍ତିରେ ରହିବା ଭଲ । ସେଠାରେ କେହି ମୋତେ ଆକ୍ରମଣ କରୁ ନ ଥିଲେ । ତେଣୁ ନିଜ ନଗରକୁ ଫେରିଯିବି ।' ଏହା ସ୍ଥିର କରି ସେ ସ୍ୱଦେଶକୁ ଫେରିଗଲା ।

ବିଦେଶରୁ ଆସିବା ପରେ ତା'ର ସ୍ୱଜନମାନେ ତାକୁ ପଚାରିଲେ– "ହେ ଚିତ୍ରାଙ୍ଗ, ଆମକୁ ସେ ଦେଶର ଖବର କହ । ସେ ଦେଶ କିପରି ? ଲୋକଙ୍କର ଚେଷ୍ଟା କିପରି ? ଖାଇବାକୁ କଅଣ ମିଳୁଥିଲା ? ସେଠାରେ ଲୋକଙ୍କ ବ୍ୟବହାର କିପରି ?"

ସେ କହିଲା, "ବିଦେଶ ବିଷୟରେ କଅଣ କହିବି ? ସେଠାରେ ସବୁ ସୁବିଧା; ମାତ୍ର ନିଜର ଲୋକେହିଁ ବିରୋଧୀ ହୁଅନ୍ତି ।"

କୁମ୍ଭୀର ବାନରର ଉପଦେଶକୁ ଶୁଣି ଓ ମରଣକୁ ନିଶ୍ଚୟ କରି ବାନରର ଅନୁମତି ନେଇ ନିଜ ଘରକୁ ଗଲା । ସେଠାରେ ତା ଗୃହରେ ପ୍ରବେଶ କରିଥିବା ଆତତାୟୀ ସହିତ ଯୁଦ୍ଧ କରି ସବଳତା ହେତୁରୁ ସେ (କୁମ୍ଭୀର) ତାକୁ ବଧ କଲା ଓ ନିଜର ଗୃହକୁ ପୁନର୍ଲାଭ କରି ଚିରକାଳ ସୁଖରେ ବାସକଲା । ଯଥାର୍ଥରେ କଥିତ ଅଛି–

ଅକୃତ୍ୱା ପୌରୁଷଂ ଯା ଶ୍ରୀଃ କିଂ ତୟାପି ସୁଭୋଗ୍ୟୟା ।
ଜରଦ୍‌ଗବଃ ସମଶ୍ନାତି ଦୈବାଦୁପାଗତଂ ତୃଣମ୍ ।। ୮୭ ।।

ପୌରୁଷ ବିନା ସହଜଲବ୍ଧ ଲକ୍ଷ୍ମୀଙ୍କ ଦ୍ୱାରା କି ଫଳ ? ଦେଖ, ବୃଦ୍ଧ ବଳଦ ଦୈବାତ୍ ମିଳୁଥିବା ଘାସହିଁ ଖାଉଥାଏ । ୮୭ ।

[ଇତି ଶ୍ରୀବିଷ୍ଣୁଶର୍ମା ବିରଚିତେ ପଞ୍ଚତନ୍ତ୍ରେ ଲବ୍ଧପ୍ରଣାଶଂ
ନାମ ଚତୁର୍ଥଂ ତନ୍ତ୍ରଂ ସମାପ୍ତମ୍ ।]

□ □ □

ଅପରୀକ୍ଷିତକାରକ

କଥା-ପ୍ରସ୍ତାବନା

ବର୍ତ୍ତମାନ ଅପରୀକ୍ଷିତକାରକ ନାମକ ପଞ୍ଚମତନ୍ତ୍ର ଆରମ୍ଭ କରାଯାଉଅଛି। ଏହାର ପ୍ରଥମ ଶ୍ଳୋକ ହେଉଛି –

କୁଦୃଷ୍ଟଂ କୁପରିଜ୍ଞାତଂ କୁଶ୍ରୁତଂ କୁପରୀକ୍ଷିତମ୍।
ତନ୍ନରେଣ ନ କର୍ତ୍ତବ୍ୟଂ ନାପିତେନାପି ଯତ୍‌କୃତମ୍॥ ୧ ॥

ଯାହା ଉତ୍ତମରୂପେ ଦେଖାଯାଇନଥାଏ, ଯାହା ଉତ୍ତମରୂପେ ଜଣାଯାଇନଥାଏ, ଯାହା ଉତ୍ତମରୂପେ ଶୁଣାଯାଇନଥାଏ ଓ ଯାହା ଉତ୍ତମରୂପେ ପରୀକ୍ଷା କରାଯାଇ ନଥାଏ, ନାପିତ କଲାପରି ତାହା କୌଣସି ଲୋକ କରିବା ଉଚିତ ନୁହେଁ। ୧। ଏ ବିଷୟରେ ଗୋଟିଏ କଥା ଶୁଣାଯାଏ।

କ୍ଷପଣକ କଥା

ଦାକ୍ଷିଣାତ୍ୟ ଜନପଦରେ ପାଟଳୀପୁତ୍ର ବୋଲି ଗୋଟିଏ ନଗର ଅଛି। ସେଠାରେ ମଣିଭଦ୍ର ନାମକ ଜଣେ ଶ୍ରେଷ୍ଠୀ ବାସକରୁଥିଲା। ସେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଏହି ଚତୁର୍ବର୍ଗ ପ୍ରାପ୍ତି ନିମନ୍ତେ କର୍ମ କରୁଥିଲେହେଁ ଦୈବବଶରୁ ତାହାର ଧନକ୍ଷୟ ଘଟିଲା। ଧନକ୍ଷୟ ହେତୁରୁ ସେ ବାରମ୍ବାର ଅପମାନିତ ହୋଇ ନିତାନ୍ତ ଦୁଃଖିତ ହେଲା। ଦିନେ ରାତ୍ରିରେ ଶୋଇଥିବା ସମୟରେ ସେ ଚିନ୍ତା କଲା, 'ଅହୋ! ଏ ଦାରିଦ୍ର୍ୟକୁ ଧିକ୍। କଥିତ ଅଛି –

ଶୀଳଂ ଶୌଚଂ କ୍ଷାନ୍ତିର୍ଦାକ୍ଷିଣ୍ୟଂ ମଧୁରତା କୁଳେ ଜନ୍ମ।
ନୋ ରାଜନ୍ତେ ହି ସର୍ବେ ବିତ୍ତହୀନସ୍ୟ ପୁରୁଷସ୍ୟ॥୨॥

ସତ୍‌ଚରିତ୍ର, ପବିତ୍ରତା, ସହିଷ୍ଣୁତା, ଉଦାରତା, ମିଷ୍ଟତା, ଉଚ୍ଚ କୁଳରେ ଜନ୍ମ– ଏସବୁ ଧନୀହୀନ ପୁରୁଷଠାରେ ଶୋଭା ପାଆନ୍ତି ନାହିଁ। ୨।

ମାନୋ ବା ଦର୍ପୋ ବା ବିଜ୍ଞାନଂ ବିଭ୍ରମଃ ସୁବୁଦ୍ଧିର୍ବା।
ସର୍ବଂ ପ୍ରଣଶ୍ୟତି ସମଂ ବିତ୍ତହୀନୋ ଯଦା ପୁରୁଷଃ॥୩॥

ଯେତେବେଳେ ପୁରୁଷ ଧନହୀନ ହୋଇଯାଏ, ସେତେବେଳେ ତାର ମାନ, ଅଭିମାନ, ବିଜ୍ଞାନ, ବିଳାସ, ସୁନ୍ଦର ବୁଦ୍ଧି– ଏସବୁ ଏକସଙ୍ଗରେ ନଷ୍ଟ ହୋଇଯାନ୍ତି। ୩।

ପ୍ରତିଦିବସଂ ଯାତି ଲୟଂ ବସନ୍ତବାତାହତେବ ଶିଶିରଶ୍ରୀଃ।
ବୁଦ୍ଧିର୍ବୁଦ୍ଧିମତାମପି କୁଟୁମ୍ବଭରଚିନ୍ତୟା ସତତମ୍।। ୪ ।।

ବସନ୍ତକାଳୀନ ବାୟୁର ଆଘାତରେ ଶିଶିରଋତୁର ସୌନ୍ଦର୍ଯ୍ୟ ନଷ୍ଟ ହେଲାପରି ବିଦ୍ୱାନ୍ ଲୋକମାନଙ୍କର ମଧ୍ୟ ବୁଦ୍ଧି ସର୍ବଦା କୁଟୁମ୍ବପୋଷଣ ଚିନ୍ତାରେ ପ୍ରତିଦିନ କ୍ଷୟ ପାଇଯାଏ । ୪ ।

ନଶ୍ୟତି ବିପୁଲମତେରପି ବୁଦ୍ଧିଃ ପୁରୁଷସ୍ୟ ମନ୍ଦବିଭବସ୍ୟ।
ଘୃତଲବଣ ତୈଳତଣ୍ଡୁଳବସ୍ତ୍ରେନ୍ଧନଚିନ୍ତୟା ସତତମ୍।। ୫ ।।

ଧନହୀନ ହେଲେ ଅତି ବୁଦ୍ଧିମାନ୍ ଲୋକଙ୍କର ବୁଦ୍ଧି ମଧ୍ୟ ସର୍ବଦା ଘୃତ, ଲବଣ, ତୈଳ, ତଣ୍ଡୁଳ, ବସ୍ତ୍ର, କାଷ୍ଠ ପ୍ରଭୃତିର ଚିନ୍ତାରେ ବିନାଶ ପାଇଯାଏ । ୫ ।

ଗଗନମିବ ନଷ୍ଟତାରଂ ଶୁଷ୍କଂ ସରଃ ଶ୍ମଶାନମିବ ରୌଦ୍ରମ୍।
ପ୍ରିୟଦର୍ଶନମପି ରୁକ୍ଷଂ ଭବତି ଗୃହଂଧନବିହୀନସ୍ୟ।। ୬ ।।

ତାରାହୀନ ଆକାଶ, ଶୁଷ୍କ ସରୋବର ତଥା ଭୟଙ୍କର ଶ୍ମଶାନ ତୁଲ୍ୟ ଦରିଦ୍ର ବ୍ୟକ୍ତିର ଗୃହ ସୁଦୃଶ୍ୟ ହୋଇଥିଲେହେଁ ରୁକ୍ଷ ବୋଧହୁଏ । ୬ ।

ନ ବିଭାବ୍ୟତେ ଲଘବୋ ବିତ୍ତହୀନାଃ ପୁରୋଽପି ନିବସନ୍ତଃ।
ସତତଂ ଜାତବିନଷ୍ଟାଃ ପୟସାମିବ ବୁଦ୍‌ବୁଦାଃ ପୟସି।। ୭ ।।

ଜଳମଧ୍ୟରେ ଜାତ ହେଲାମାତ୍ରେ ନଷ୍ଟ ହେଉଥିବା ବୁଦ୍‌ବୁଦ ପରି ଧନହୀନ ଲୋକମାନଙ୍କୁ ଆଗରେ ଥିଲେ ମଧ୍ୟ କେହି ଚିନ୍ତା କରନ୍ତି ନାହିଁ। ୭ ।

ସୁକୁଳଂ କୁଶଳଂ ସୁଜନଂ ବିହାୟ କୁଳକୁଶଳଶୀଳବିକଳେଽପି।
ଆଢ୍ୟେ କଳ୍ପତରାବିବ ନିତ୍ୟଂ ରଜ୍ୟନ୍ତି ଜନନିବହାଃ।। ୮ ।।

କୁଳୀନ, ଚତୁର, ସାଧୁ ଲୋକଙ୍କୁ ତ୍ୟାଗ କରି ଜନସାଧାରଣ କୁଳହୀନ, ବୁଦ୍ଧିହୀନ ଓ ଚରିତ୍ରହୀନ ଧନୀଲୋକ ପ୍ରତି କଳ୍ପତରୁ ଭଳି ଅନୁରାଗ ପ୍ରକାଶ କରିଥାନ୍ତି। ୮ ।

ବିଫଳମିହ ପୂର୍ବସୁକୃତଂ ବିଦ୍ୟାବନ୍ତୋଽପି କୁଳସମୁଦ୍‌ଭୂତାଃ।
ଯସ୍ୟ ଯଦା ବିଭବଃ ସ୍ୟାତ୍ତସ୍ୟ ତଦା ଦାସତାଂ ଯାନ୍ତି।। ୯ ।।

ଏ ସଂସାରରେ ପୂର୍ବଜନ୍ମର ସୁକୃତ (ପୂର୍ବକୃତ ଉପକାର) ବିଫଳ ଅଟେ। ଉଚ୍ଚ କୁଳରେ ଜାତ ଓ ବିଦ୍ୟାବନ୍ତ ହୋଇଥିଲେହେଁ ମନୁଷ୍ୟ ଧନବନ୍ତ ଲୋକର ଦାସତ୍ୱ ସ୍ୱୀକାର କରେ। ୯ ।

ଲଘୁରୟମାହ ନ ଲୋକଃ କାମଂ ଗର୍ଜନ୍ତମପି ପତିଂ ପୟସାମ୍।
ସର୍ବମଲଜ୍ଜାକରମିହ ଯତ୍କୁର୍ବନ୍ତୀହ ପରିପୂର୍ଣ୍ଣାଃ।। ୧୦ ।।

ସମୁଦ୍ର ସର୍ବଦା ଗର୍ଜନ କରୁଥିଲେହେଁ 'ଏ ନୀଚ୍' ବୋଲି କେହି କହେନାହିଁ। ସେହିପରି ଧନାଢ୍ୟ ଲୋକ ଯାହା କିଛି କଲେ ସୁଦ୍ଧା ତାହା ଲଜ୍ଜାଜନକ ବୋଲି କେହି କହେନାହିଁ।' । ୧୦ ।

ଏହିପରି ନିଶ୍ଚୟ କରି ସେ ଶ୍ରେଷ୍ଠୀ ପୁଣି ଚିନ୍ତାକଲା– 'ମୁଁ ଅନଶନ କରି ପ୍ରାଣତ୍ୟାଗ କରିବି। ଏପରି ବ୍ୟର୍ଥ ଜୀବନର ଯନ୍ତ୍ରଣା ଭୋଗିବାରେ କି ଫଳ?' ଏହିପରି ଚିନ୍ତାକରି ସେ ଶୋଇପଡ଼ିଲେ। ସ୍ୱପ୍ନରେ ପଦ୍ମନାମକ ନିଧି ଏକ କ୍ଷପଣକ (୧) ସନ୍ନ୍ୟାସୀ ରୂପରେ ତାହା ପାଖକୁ ଯାଇ କହିଲେ, "ହେ ଶ୍ରେଷ୍ଠୀ, ତୁମେ ଏପରି ବୈରାଗ୍ୟକୁ ଛାଡ଼। ମୁଁ ହେଉଛି ତୁମର ପୂର୍ବପୁରୁଷଙ୍କ ଦ୍ୱାରା ଉପାର୍ଜିତ ପଦ୍ମ ନାମକ ନିଧି (୨)।

କାଲି ସକାଳେ ମୁଁ ଏହି ରୂପ ଧରି ତୁମ ଘରକୁ ଆସିବି। ତୁମେ ମୋ ମସ୍ତକ ଉପରେ ଯଷ୍ଟିଦ୍ୱାରା ପ୍ରହାର କରିବ। ତାହାହେଲେ ମୁଁ ସୁବର୍ଣ୍ଣମୟ ହୋଇଯିବି। ମୋର କ୍ଷୟ ହେବ ନାହିଁ।"

ଶ୍ରେଷ୍ଠୀ ସକାଳେ ନିଦ୍ରାରୁ ଉଠି ସ୍ୱପ୍ନ ବିଷୟ ସ୍ମରଣ କରି ଚିନ୍ତା-ଚକ୍ରରେ ପଡ଼ିଗଲା। ଏ ସ୍ୱପ୍ନ କ'ଣ ସତ୍ୟ ନା ମିଥ୍ୟା, ବୁଝିହେଉନାହିଁ। ନିଶ୍ଚୟ ମିଥ୍ୟା ହୋଇଥିବ; କାରଣ ମୁଁ କେବଳ ଧନକଥାହିଁ ଚିନ୍ତା କରିଛି। କଥିତ ଅଛି–

ବ୍ୟାଧିତେନ ସଶୋକେନ ଚିନ୍ତାଗ୍ରସ୍ତେନ ଜନ୍ତୁନା।
କାମାର୍ତ୍ତେନାଥ ମତ୍ତେନ ଦୃଷ୍ଟଃ ସ୍ୱପ୍ନୋ ନିରର୍ଥକଃ॥ ୧୧॥

ବ୍ୟାଧିଗ୍ରସ୍ତ, ଶୋକାକୁଳ, ଚିନ୍ତାଗ୍ରସ୍ତ, କାମାର୍ତ୍ତ ଉନ୍ମତ୍ତ ଲୋକର ସ୍ୱପ୍ନ ନିରର୍ଥକ ଅଟେ। ୧୧।

ଏହି ଅବସରରେ ତାର ସ୍ତ୍ରୀ ନିଜର ପାଦରେ ଅଳତା ଲଗାଇଦେବାପାଇଁ ଜଣେ ନାପିତକୁ ଡକାଇ ଆଣିଲା। ସେତିକିବେଳକୁ ପୂର୍ବନିର୍ଦ୍ଦିଷ୍ଟ କ୍ଷପଣକ ହଠାତ୍ ଆବିର୍ଭୂତ ହେଲା। ତାହାକୁ ଦେଖି ଶ୍ରେଷ୍ଠୀ ହୃଷ୍ଟ ମନରେ ନିକଟସ୍ଥିତ କାଷ୍ଠଦଣ୍ଡ ଧରି ତାର ମସ୍ତକ ଉପରେ ପ୍ରହାର କଲା। ସେ ମଧ୍ୟ ସୁବର୍ଣ୍ଣମୟ ହୋଇ ତତ୍କ୍ଷଣାତ୍ ଭୂମିରେ ପଡ଼ିଗଲା। ତହୁଁ ସେ ଶ୍ରେଷ୍ଠୀ ତାକୁ ଗୃହ ମଧ୍ୟରେ ଲୁଚାଇ ଦେଇ ନାପିତକୁ ସନ୍ତୋଷ କରି କହିଲା, "ମୁଁ ତୋତେ ଏତକ ଧନ ଓ ବସ୍ତ୍ର ଦେଉଛି, ନେଇଯାଆ; କିନ୍ତୁ ଏ ଘଟଣା ବିଷୟ କାହାରିକୁ ହେଲେ କହିବୁ ନାହିଁ।" ନାପିତ ନିଜ ଘରକୁ ଯାଇ ଚିନ୍ତା କରିବାକୁ ଲାଗିଲା– 'ଏ ଜୈନ ସନ୍ନ୍ୟାସୀ (ନଗ୍ନକ)ମାନଙ୍କ ମୁଣ୍ଡରେ ପ୍ରହାର ଦେଲେ ସେମାନେ ନିଶ୍ଚୟ ସୁନା ହୋଇଯାନ୍ତି। ତେଣୁ ମୁଁ ସକାଳେ ଅନେକ ସନ୍ନ୍ୟାସୀଙ୍କୁ ଡାକିଆଣି ଠେଙ୍ଗାରେ ସେମାନଙ୍କ ମୁଣ୍ଡକୁ ପିଟି ମାରିଦେବି। ତାହାହେଲେ ମୋର ବହୁତ ସୁନା ହୋଇଯିବ।'

ଏହିପରି ଚିନ୍ତା କରି ସେ ଅତି କଷ୍ଟରେ ରାତିଟି କଟାଇଲା। ପରଦିନ ପ୍ରଭାତରୁ ଉଠି ସେ ଗୋଟିଏ ବଡ଼ ଠେଙ୍ଗା ପ୍ରସ୍ତୁତ କରି ରଖିଲା ଓ ଜୈନ ସନ୍ନ୍ୟାସୀମାନଙ୍କ

---

(୧) କ୍ଷପଣକ– ବୌଦ୍ଧ ବା ଜୈନ ସନ୍ନ୍ୟାସୀ।
(୨) ନିଧି– ନବନିଧି: ପଦ୍ମ, ମହାପଦ୍ମ, ଶଙ୍ଖ, ମକର, କଚ୍ଛପ, ମୁକୁନ୍ଦ, କୁନ୍ଦ, ନୀଳ ଓ ଖର୍ବ ।

ବିହାର (ମଠ)କୁ ଯାଇ ଜିନେନ୍ଦ୍ର (ବିହାରର ଅଧ୍ୟକ୍ଷ ବା ଦଳପତି)ଙ୍କୁ ତିନିଥର ପ୍ରଦକ୍ଷିଣପୂର୍ବକ ଜାନୁପାତ କରି ମୁଖରେ ବସ୍ତ୍ରାଞ୍ଚଳ ଦେଇ ଉଚ୍ଚସ୍ୱରରେ କହିଲା –

ଜୟନ୍ତି ତେ ଜିନା ଯେଷାଂ କେବଳଂ ଜ୍ଞାନଶାଳିନାମ୍।
ଆଜନ୍ମନଃ ସ୍ମରୋତ୍ପତ୍ତୌ ମାନସେନୋଷରାୟିତମ୍॥ ୧୨॥

"କେବଳ ଜ୍ଞାନମୟ, ଯେଉଁ ଜିନମାନଙ୍କର ମନରେ ଆଜନ୍ମରୁ କାମଭାବର ଉଦ୍ରେକ ହୋଇନାହିଁ, ସେମାନଙ୍କର ଜୟ ହେଉ। ୧୨।

ସା ଜିହ୍ୱା ଜିନଂ ସ୍ତୌତି ତଚ୍ଚିତ୍ତଂ ଯଜ୍ଜିନେ ରତମ୍।
ତାବେବ ଚ କରୌ ଶ୍ଳାଘ୍ୟୌ ଯୌ ତତ୍ପୂଜାକରୌ କରୌ॥ ୧୩॥

ସେହି ହେଉଛି ଜିହ୍ୱା, ଯାହା ଜିନଙ୍କର କରେ; ସେହି ହେଉଛି ହୃଦୟ, ଯାହା ଜିନଙ୍କଠାରେ ଆସକ୍ତ; ସେହି ହେଉଛି ପ୍ରଶଂସନୀୟ କରଯୁଗଳ, ଯାହା ଜିନଙ୍କର ପୂଜାରେ ରତ ଥାଏ। ୧୩। ପୁଣି –

ଧ୍ୟାନବ୍ୟାଜମୁପେତ୍ୟ ଚିନ୍ତୟସି କାମୁନ୍ମୀଲ୍ୟ ଚକ୍ଷୁଃ କ୍ଷଣଂ
ପଶ୍ୟାନଙ୍ଗଶରାତୁରଂ ଜନମିମଂ ତ୍ରାତାପି ନୋ ରକ୍ଷସି।
ମିଥ୍ୟାକାରୁଣିକୋଽସି ନିର୍ଘୃଣତରସ୍ତ୍ୱତଃ କୁତୋଽନ୍ୟଃ ପୁମାନ୍
ସେର୍ଷ୍ୟଂ ମାରବଧୂଭିରିତ୍ୟଭିହିତୋ ବୌଦ୍ଧୋ ଜିନଃପାତୁ ବଃ॥ ୧୪॥

'ଧ୍ୟାନର ବାହାନା କରି କେଉଁ ସ୍ତ୍ରୀକୁ ଚିନ୍ତା କରୁଛ? କ୍ଷଣକ ପାଇଁ ଚକ୍ଷୁକୁ ଖୋଲି ଅନଙ୍ଗବାଣରେ ପୀଡ଼ିତ ଏହି ଲୋକଟିକୁ ଦେଖ। ତୁମେ ରକ୍ଷକ ହେଲେ ମଧ୍ୟ ତାକୁ ରକ୍ଷା କରିପାରିବ ନାହିଁ। ତୁମେ ମିଥ୍ୟାରେ ନିଜକୁ ଦୟାଳୁ ବୋଲି ଦେଖାଇ ହେଉଛ; ଠିକ୍ ତୁମଠାରୁ ବଳି ନିର୍ଦ୍ଦୟ ପୁରୁଷ ଆଉ କିଏ ଅଛି?' କାମଦେବଙ୍କ ସ୍ତ୍ରୀମାନେ ଈର୍ଷ୍ୟୁକ ଭାବରେ ଯେଉଁ ଜିନଙ୍କୁ ଏହିପରି କହିଥିଲେ, ସେ ତୁମକୁ ରକ୍ଷାକରନ୍ତୁ।" । ୧୪।

ନାପିତ ଏହିପରି ସ୍ତୁତି କରି ମୁଖ୍ୟ କ୍ଷପଣକଙ୍କ ନିକଟକୁ ଯାଇ ଭୂମି ଉପରେ ଜାନୁ ଓ ପାଦକୁ ଯୋଡ଼ି 'ଆପଣଙ୍କୁ ନମସ୍କାର, ମୁଁ ଆପଣଙ୍କର ବନ୍ଦନା କରୁଛି'– କହିଲା। ତତ୍ପରେ ପ୍ରଧାନ କ୍ଷପଣକଙ୍କଠାରୁ 'ତୁମର ଧର୍ମବୃଦ୍ଧି ହେଉ' ବୋଲି ଆଶୀର୍ବାଦ ଓ କଣ୍ଠି ପ୍ରଦାନଦ୍ୱାରା ବ୍ରତାଦେଶ ଲାଭ କରି ନାପିତ ଗଳାର ଉତ୍ତରୀୟରେ (୧) ଗଣ୍ଠି ପକାଇ ଅତି ବିନୟରେ କହିଲା, "ଭଗବନ୍, ଆଜି ସମସ୍ତ ସନ୍ନ୍ୟାସୀଙ୍କ ସହିତ ମୋ ଘରେ ଭୋଜନ କରିବାହେବେ।"

ପ୍ରଧାନ କ୍ଷପଣକ କହିଲେ, "ହେ ଶ୍ରାବକ (ଭକ୍ତ), ତୁମେ ଧର୍ମଜ୍ଞ ହୋଇ ସୁଦ୍ଧା ଏପରି କଅଣ କହୁଛ? ଆମେମାନେ କଅଣ ବ୍ରାହ୍ମଣଙ୍କ ପରି ହୋଇଛୁ ଯେ ନିମନ୍ତ୍ରଣ କରୁଛ? ଆମେମାନେ ସବୁବେଳେ ତାତ୍କାଳିକ ପରିଚର୍ଯ୍ୟା (ଆତିଥ୍ୟ) ନିମନ୍ତେ

---

(୧) ମନ୍ତ୍ରୋପଦେଶକ ଉପଦେଶ ଦେଲାବେଳେ ଶିଷ୍ୟର ଗଳାରେ କଣ୍ଠି ବାନ୍ଧି-ହେଉଥିଲେ ଓ ଶିଷ୍ୟ ଗଳାର ଉତ୍ତରୀୟରେ ଗଣ୍ଠି ପକାଇ ତାଙ୍କ ଉପଦେଶ ସ୍ୱୀକାର କରୁଥିଲେ।

ଭ୍ରମଣ କରୁଥାଉଁ ଓ ଭକ୍ତିମାନ୍ ଶ୍ରାବକଙ୍କୁ ଦେଖିଲେ ତା'ର ଘରକୁ ଚାଲୁଯାଉଁ। ବିଶେଷ ଅନୁରୋଧରେ ପ୍ରାଣଧାରଣ ପାଇଁ ଯେତିକି ଆବଶ୍ୟକ, ସେତିକି ମାତ୍ର ଭୋଜନ କରିଥାଉଁ; ତେଣୁ ଫେରିଯାଅ। ଆଉ ଏପରି କରିବ ନାହିଁ।''

ତାହା ଶୁଣି ନାପିତ କହିଲା, ''ମୁଁ ଆପଣମାନଙ୍କର ଧର୍ମ ଜାଣେ। କିନ୍ତୁ ଆପଣମାନଙ୍କୁ ଅନେକ ଶ୍ରାବକ ଡାକିଥାନ୍ତି। ବର୍ତ୍ତମାନ ପୁସ୍ତକର ଆଚ୍ଛାଦନଯୋଗ୍ୟ ମୂଲ୍ୟବାନ୍ ବସ୍ତ୍ର ବ୍ୟବସ୍ଥା କରାଯାଇଅଛି। ପୁଣି ପୁସ୍ତକ ଲେଖିବା ପାଇଁ ଲେଖକମାନଙ୍କର ଅର୍ଥ ସଞ୍ଚିତ ହୋଇଅଛି। ତେଣୁ ଆପଣମାନେ କାଳୋଚିତ କାର୍ଯ୍ୟ କରନ୍ତୁ।''

ଏହା କହି ନାପିତ ନିଜ ଗୃହକୁ ଫେରିଗଲା। ଘରକୁ ଯାଇ ସେ ପ୍ରସ୍ତୁତ କରିଥିବା ଖଇର କାଠର ଠେଙ୍ଗାଟିକୁ ଓ କବାଟକୁ ବନ୍ଦ କରି ଦେଢ଼ପହର ବେଳକୁ ପୁଣି ବିହାରଦ୍ୱାରରେ ଉପସ୍ଥିତ ହୋଇ ସମସ୍ତଙ୍କୁ ଜଣ ଜଣ କରି ବହୁତ ପ୍ରାର୍ଥନା କରି ନିଜ ଘରକୁ ଆଣିଲା। ସେମାନେ ମଧ୍ୟ ବସ୍ତ୍ର ଓ ଧନ ଲୋଭରେ ପରିଚିତ ଭକ୍ତିମାନ୍ ଶ୍ରାବକମାନଙ୍କ ଘରକୁ ନଯାଇ ଆନନ୍ଦ ମନରେ ତାହା ପଛେ ପଛେ ଆସିଲେ। ଅଥବା ଯଥାର୍ଥରେ କୁହାଯାଇଅଛି–

ଏକାକୀ ଗୃହସଂତ୍ୟକ୍ତଃ ପାଣିପାତ୍ରୋ ଦିଗମ୍ବରଃ।
ସୋଽପି ସଂବାହ୍ୟତେ ଲୋକେ ତୃଷ୍ଣୟା ପଶ୍ୟ କୌତୁକମ୍।। ୧୫ ।।

ଏକାକୀ, ଗୃହତ୍ୟାଗୀ, ଦିଗମ୍ବର, ଯାହାର ହାତହିଁ ହେଉଛି ପାତ୍ର– ଏପରି ଲୋକ ମଧ୍ୟ ଲୋଭଦ୍ୱାରା ଆକୃଷ୍ଟ ହୋଇଥାଏ; ଏହା ଆଶ୍ଚର୍ଯ୍ୟର ବିଷୟ। ୧୫।

ଜୀର୍ଯ୍ୟନ୍ତେ ଜୀର୍ଯ୍ୟତଃ କେଶା ଦନ୍ତା ଜୀର୍ଯ୍ୟନ୍ତି ଜୀର୍ଯ୍ୟତଃ।
ଚକ୍ଷୁଃଶ୍ରୋତ୍ରେ ଚ ଜୀର୍ଯ୍ୟେତେ ତୃଷ୍ଣୈକା ତରୁଣାୟତେ।। ୧୬ ।।

ଜରା ଆସିଲେ ମନୁଷ୍ୟର କେଶ ଶୁକ୍ଳ ହୋଇଯାଏ; ଦନ୍ତଗୁଡ଼ିକ ହଲି ପଡ଼ିଯାଏ, କର୍ଣ୍ଣକୁ ଶୁଣାଯାଏ ନାହିଁ। କେବଳ ତୃଷ୍ଣାହିଁ ତରୁଣ ହେଉଥାଏ। ୧୬।

ନାପିତ ସେମାନଙ୍କୁ ଗୃହ ମଧ୍ୟରେ ପ୍ରବେଶ କରାଇ, ଦ୍ୱାରକୁ ଦୃଢ଼ରୂପେ ବନ୍ଦ କରି, ସେମାନଙ୍କ ମୁଣ୍ଡକୁ ଠେଙ୍ଗାରେ ପ୍ରହାର କରିବାକୁ ଲାଗିଲା। ପ୍ରହାର ଖାଇ କେତେ ମଲେ ଅନ୍ୟ କେତେକଙ୍କର ମୁଣ୍ଡ ଫାଟିଲା ଓ ସେମାନେ ଚିତ୍କାର କରିବାକୁ ଲାଗିଲେ। ଏଥିମଧ୍ୟରେ ସେମାନଙ୍କର ବିଳାପଧ୍ୱନି ଶୁଣି କଟୁଆଳ ପ୍ରହରୀମାନଙ୍କୁ କହିଲେ, ''ସହର ମଧ୍ୟରେ ଏ କି ଭୀଷଣ କୋଳାହଳ? ଚାଲ, ଚାଲ, ଦେଖିବା।'' ପ୍ରହରୀମାନେ ଦେଖିଲେ ଯେ (କ୍ଷପଣକ) ସନ୍ନ୍ୟାସୀମାନେ ରକ୍ତଜର୍ଜର ହୋଇ ପଳାଉଅଛନ୍ତି।'' ଘଟନା କଅଣ? ବୋଲି ପଚାରିବାରୁ ସେମାନେ ନାପିତ ଯାହା ଯାହା କରିଥିଲା ସେସବୁ ଘଟନା କହିଗଲେ। ପ୍ରହରୀମାନେ ନାପିତକୁ ବାନ୍ଧି ମୃତାବଶିଷ୍ଟ କ୍ଷପଣକମାନଙ୍କ ସହିତ ବିଚାରାଳୟକୁ ନେଇଗଲେ। ବିଚାରକମାନେ ନାପିତକୁ ପଚାରିଲେ, ''ଆରେ, ଏଭଳି କୁକର୍ମ କାହିଁକି କଲୁ?'' ସେ କହିଲା, ''କଅଣ କରିବି? ଶ୍ରେଷ୍ଠୀ ମଣିଭଦ୍ରଙ୍କ ଘରେ ଏହିପରି ବ୍ୟାପାର ଦେଖିଥିଲି।'' ତପ୍ରରେ ସେ ମଣିଭଦ୍ରର ଘରେ ଯାହା ସବୁ ଦେଖିଥିଲା, ସେ ସକଳ ଘଟନା ବର୍ଣ୍ଣନା କରିଗଲା। ବିଚାରକମାନେ

ମଣିଭଦ୍ରକୁ ଡକାଇ କହିଲେ, ''ହେ ଶ୍ରେଷ୍ଠୀ! ତୁମେ ଜଣେ କ୍ଷପଣକ ସନ୍ନ୍ୟାସୀକୁ ବଧ କରିଥିଲ ?'' ତହୁଁ ଶ୍ରେଷ୍ଠୀ କ୍ଷପଣକ ବୃତ୍ତାନ୍ତ ସମସ୍ତ ସେମାନଙ୍କୁ ଜଣାଇଲା ।

ଅନନ୍ତର ସେମାନେ କହିଲେ, ''ଏ ନାପିତ ଦୁରାତ୍ମା, ଅପରୀକ୍ଷିତକାରକ (ଉତ୍ତମରୂପେ ପରୀକ୍ଷା ନ କରି କାର୍ଯ୍ୟ କରେ)। ଏହାକୁ ନେଇ ଶୂଳିରେ ଚଢ଼ାଇଦିଅ।'' ତପ୍ରେ ସେମାନେ ପୁଣି କହିଲେ – 'କୁଦୃଷ୍ଟଂ କୁପରିଜ୍ଞାତଂ କୁଶ୍ରୁତଂ କୁପରୀକ୍ଷିତମ୍... ଇତ୍ୟାଦି। ଅଥବା ଯଥାର୍ଥରେ କୁହାଯାଇଛି –

ଅପରୀକ୍ଷ୍ୟ ନ କର୍ତ୍ତବ୍ୟଂ କର୍ତ୍ତବ୍ୟଂ ସୁପରୀକ୍ଷିତମ୍।
ପଶ୍ଚାଦ୍‌ଭବତି ସନ୍ତାପୋ ବ୍ରାହ୍ମଣ୍ୟା ନକୁଲାଦ୍ୟଥା ।। ୧୭ ।।

ପରୀକ୍ଷା ନ କରି କୌଣସି କାର୍ଯ୍ୟ କରିବା ଉଚିତ ନୁହେଁ। ଉତ୍ତମରୂପେ ପରୀକ୍ଷା କରି କାର୍ଯ୍ୟ କରିବା ଉଚିତ। ଉତ୍ତମରୂପେ ପରୀକ୍ଷା ନ କରି କାର୍ଯ୍ୟ କଲେ ନେଉଳ ସକାଶେ ବ୍ରାହ୍ମଣୀ ଅନୁତାପ କଲାପରି ଅନୁତାପ କରିବାକୁ ହୋଇଥାଏ । ୧୭ ।

ମଣିଭଦ୍ର ପଚାରିଲା, ''ସେ ବ୍ରାହ୍ମଣୀ ଓ ନେଉଳ କଥା କ'ଣ ?''

ବିଚାରକମଣ୍ଡଳୀ କହିଲେ –

ବ୍ରାହ୍ମଣୀ-ନକୁଳ କଥା

କୌଣସି ଏକ ସ୍ଥାନରେ ଦେବଶର୍ମା ନାମରେ ଜଣେ ବ୍ରାହ୍ମଣ ବାସକରୁଥିଲା। ତାହାର ପତ୍ନୀ ଗୋଟିଏ ପୁତ୍ର ପ୍ରସବ କଲା। ସେହି ଦିନ ମାଈ ନେଉଳଟିଏ ମଧ୍ୟ ଗୋଟିଏ ଶାବକ ପ୍ରସବ କରି ମରିଗଲା। ବ୍ରାହ୍ମଣୀ ସନ୍ତାନବତ୍ସଳା ହୋଇଥିବାରୁ ସେ ନେଉଳଛୁଆଟିକୁ ମଧ୍ୟ ନିଜର ସନ୍ତାନ ଭଳି ସ୍ତନ୍ୟଦାନ, ତୈଳମର୍ଦ୍ଦନ ଆଦି କରି ପାଳିବାକୁ ଲାଗିଲା। କିନ୍ତୁ କାଳେ ଦିନେ ନିଜ ଜାତିର ସ୍ୱଭାବ ଦୋଷରୁ ପୁଅଟିର ଅନିଷ୍ଟ କରିଦେବ ବୋଲି ସେ ନେଉଳଛୁଆକୁ ବିଶ୍ୱାସ କରୁନଥିଲା। ସେ ମନ ଭିତରେ ଏହି କଥା ରଖିଥାଏ। କଥିତ ଅଛି –

କୁପୁତ୍ରୋଽପି ଭବେଦ୍‌ପୁଂସାଂ ହୃଦୟାନନ୍ଦକାରକଃ।
ଦୁର୍ବିନୀତଃ କୁରୂପୋଽପି ମୂର୍ଖୋଽତିବ୍ୟସନୀ ଖଳଃ ।। ୧୮ ।।

ନିଜର ପୁଅ ଦୁଷ୍ଟ, ଅଭଦ୍ର, କଦାକାର, ମୂର୍ଖ, ବ୍ୟସନାସକ୍ତ, ଖଳ, ଯାହା ହୋଇଥାଉ ପଛକେ ସେ ପିତାର ହୃଦୟରେ ଆନନ୍ଦ ଜନ୍ମାଇଥାଏ । ୧୮ ।

ଏବଂ ଚ ଭାଷତେ ଲୋକଶ୍ଚନ୍ଦନଂ କିଲ ଶୀତଳମ୍।
ପୁତ୍ରଗାତ୍ରସ୍ୟ ସଂସ୍ପର୍ଶଶ୍ଚନ୍ଦନାଦତିରିଚ୍ୟତେ ।। ୧୯ ।।

ଲୋକେ କହିଥାନ୍ତି ଯେ ଚନ୍ଦନ ଅତି ଶୀତଳ; କିନ୍ତୁ ପୁତ୍ରର ଶରୀରର ସ୍ପର୍ଶ ଚନ୍ଦନଠାରୁ ମଧ୍ୟ ଅଧିକ ଶୀତଳପ୍ରଦ ହୋଇଥାଏ । ୧୯ ।

ସୌହୃଦସ୍ୟ ନ ବାଞ୍ଛନ୍ତି ଜନକସ୍ୟ ହିତସ୍ୟ ଚ।
ଲୋକାଃ ପ୍ରପାଳକସ୍ୟାପି ଯଥା ପୁତ୍ରସ୍ୟ ବନ୍ଧନମ୍ ।। ୨୦ ।।

ଲୋକେ ପୁତ୍ରର ସ୍ନେହବନ୍ଧନକୁ ଯେପରି ଇଚ୍ଛା କରନ୍ତି, ମିତ୍ରର, ପିତାର, ହିତକାରୀ ଲୋକର ବା ପାଳକର ସ୍ନେହବନ୍ଧନକୁ ସେପରି ଇଚ୍ଛା କରନ୍ତି ନାହିଁ। ୨୦।

ଦିନେ ସେହି ବ୍ରାହ୍ମଣୀ ପୁଅଟିକୁ ଛାୟାରେ ଶୁଆଇଦେଇ, ଜଳଘଟ ନେଇ ସ୍ୱାମୀକୁ କହିଲା, ''ହେ ବ୍ରାହ୍ମଣ! ଜଳ ଆଣିବାପାଇଁ ମୁଁ ପୁଷ୍କରିଣୀକୁ ଯାଉଅଛି; ତୁମେ ନେଉଳଠାରୁ ପୁଅକୁ ରକ୍ଷାକରିବ।''

ବ୍ରାହ୍ମଣୀ ଯିବା ପରେ ପରେ ବ୍ରାହ୍ମଣ ଶୂନ୍ୟ ଗୃହକୁ ଛାଡ଼ି ଭିକ୍ଷା ନିମନ୍ତେ କୌଣସି ସ୍ଥାନକୁ ବାହାରିଗଲା। ଏଥିମଧ୍ୟରେ ଦୈବବଶରୁ ଗୋଟିଏ କୃଷ୍ଣସର୍ପ ଗର୍ତ୍ତମଧ୍ୟରୁ ବାହାରିଲା। ସ୍ୱଭାବ-ବୈରୀ ସର୍ପକୁ ଦେଖି ବ୍ରାହ୍ମଣପୁତ୍ରକୁ ରକ୍ଷାକରିବା ପାଇଁ ନକୁଳ ସର୍ପ ସହିତ ଯୁଦ୍ଧ କରି ତାହାକୁ ଖଣ୍ଡ ଖଣ୍ଡ କରିପକାଇଲା। ତତ୍ପରେ ଅତି ଆନନ୍ଦିତ ହୋଇ ସେ ରକ୍ତାକ୍ତ ମୁଖରେ ନିଜର କୃତିତ୍ୱ ପ୍ରକାଶ କରିବା ପାଇଁ ବ୍ରାହ୍ମଣୀର ଆଗକୁ ଗଲା।

ତାହାର ମୁଖ ରକ୍ତାକ୍ତ ହୋଇଥିବାର ଦେଖି ବ୍ରାହ୍ମଣୀ ଶଙ୍କାପୂର୍ଣ୍ଣ ହୃଦୟରେ 'ଏ ଦୁରାତ୍ମା ମୋର ପୁଅକୁ ଖାଇଛି' ବୋଲି ମନେକରି କ୍ରୋଧରେ ତାହା ଉପରକୁ ସେହି ଜଳକୁମ୍ଭକୁ ଫିଙ୍ଗିଦେଲା। ଏହିପରି ନେଉଳକୁ ମାରି ସେ ଯେତେବେଳେ ବିଳାପ କରି କରି ଘରକୁ ଆସିଲା, ସେତେବେଳେ ଦେଖିଲା ଯେ ପୁଅ ପୂର୍ବପରି ଉତ୍ତମରୂପେ ଶୋଇଛି। ପାଖରେ ଖଣ୍ଡ ଖଣ୍ଡ ହୋଇ ପଡ଼ିଥିବା କୃଷ୍ଣସର୍ପକୁ ଦେଖି ସେ ନକୁଳବଧଜନିତ ଶୋକରେ ନିଜର ମସ୍ତକ ଓ ବକ୍ଷସ୍ଥଳକୁ ଆଘାତ କରିବାକୁ ଲାଗିଲା।

ଏଥିମଧ୍ୟରେ ବ୍ରାହ୍ମଣ ଭିକ୍ଷା ଘେନି ଘରକୁ ଆସି ଦେଖିଲା ଯେ ବ୍ରାହ୍ମଣୀ ବିଳାପ କରି କହୁଛି— ଆରେ ଲୋଭୀ ବ୍ରାହ୍ମଣ! ଲୋଭାସକ୍ତ ହୋଇ ତୁ ମୋ କଥା କଲୁନାହିଁ। ଏବେ ପୁତ୍ରମରଣଜନିତ ଦୁଃଖ-ବୃକ୍ଷର ଫଳ ଭୋଗକର। ଅଥବା ଯଥାର୍ଥରେ କୁହାଯାଇଅଛି—

ଅତିଲୋଭୋ ନ କର୍ତ୍ତବ୍ୟଂ ଲୋଭଂ ନୈବ ପରିତ୍ୟଜେତ୍।
ଅତିଲୋଭାଭିଭୂତସ୍ୟ ଚକ୍ରଂ ଭ୍ରମତି ମସ୍ତକେ॥ ୨୧॥

ଅତି ଲୋଭ କରିବା ଉଚିତ ନୁହେଁ ତଥା ଲୋଭକୁ ଏକବାରେ ପରିତ୍ୟାଗ କରିବା ଉଚିତ ନୁହେଁ। ଯେଉଁ ଲୋକ ଅତ୍ୟନ୍ତ ଲୋଭାସକ୍ତ ହୁଏ, ତାହାର ମସ୍ତକରେ ଚକ୍ର ଘୂରୁଥାଏ। ୨୧।

ବ୍ରାହ୍ମଣ ପଚାରିଲା, ''ସେ କଥା କଅଣ?'' ବ୍ରାହ୍ମଣୀ କହିଲା—

ଚକ୍ରଧର କଥା

କୌଣସି ଏକ ନଗରରେ ଚାରିଜଣ ବ୍ରାହ୍ମଣପୁତ୍ର ପରସ୍ପରର ମିତ୍ର ହୋଇ ବାସକରୁଥିଲେ। ସେମାନେ ଦାରିଦ୍ର୍ୟପୀଡ଼ିତ ହୋଇ ପରସ୍ପର ମଧ୍ୟରେ ବିଚାର କଲେ, 'ଅହୋ! ଏ ଦରିଦ୍ରତାକୁ ଧିକ୍। କଥିତ ଅଛି—

ବରଂ ବନଂ ବ୍ୟାଘ୍ରଗଜାଦିସେବିତଂ ଜନେନ ହୀନଂ ବହୁକଣ୍ଟକାବୃତମ୍ ।
ତୃଣାନି ଶଯ୍ୟା ପରିଧାନବଲ୍‌କଲଂ ନ ବନ୍ଧୁମଧ୍ୟେ ଧନହୀନଜୀବିତମ୍ ।। ୨୨ ।।

ବ୍ୟାଘ୍ର, ଗଜ ପ୍ରଭୃତି ଭୀଷଣ ଜୀବରେ ପରିପୂର୍ଣ୍ଣ, ଜନଶୂନ୍ୟ, ବହୁକଣ୍ଟକାବୃତ ବନ ବରଂ ଭଲ । ଶୟନ ନିମନ୍ତେ ତୃଣ ଓ ପରିଧାନ ନିମନ୍ତେ ଗଛର ବଲ୍‌କଲ ଭଲ; କିନ୍ତୁ ବନ୍ଧୁମାନଙ୍କ ମଧ୍ୟରେ ଧନହୀନ ଜୀବନ ଭଲ ନୁହେଁ । ୨୨ ।

ସ୍ୱାମୀ ଦ୍ୱେଷ୍ଟି ସୁସେବିତୋଽପି ସହସା ପ୍ରୋଜ୍‌ଝନ୍ତି ସଦ୍‌ବାନ୍ଧବାଃ
ରାଜନ୍ତେ ନ ଗୁଣାସ୍ତ୍ୟଜନ୍ତି ତନୁଜାଃ ସ୍ଫାରୀଭବନ୍ତ୍ୟାପଦଃ ।
ଭାର୍ଯ୍ୟା ସାଧୁ ସୁବଂଶଜାପି ଭଜତେ ଯେ ଯାନ୍ତି ମିତ୍ରାଣି ଚ
ନ୍ୟାୟାରୋପିତବିକ୍ରମାଣ୍ୟପି ନୃଣାଂ ଯେଷାଂ ନହି ସ୍ୟାଦ୍ଧନମ୍ ।। ୨୩ ।।

ଯେଉଁ ଲୋକ ପାଖରେ ଧନ ନ ଥାଏ, ସେ ଉତ୍ତମରୂପେ ସେବା କରୁଥିଲେ ମଧ୍ୟ ପ୍ରଭୁ ତାହାପ୍ରତି ଦ୍ୱେଷ କରନ୍ତି, ହଠାତ୍ ବାନ୍ଧବମାନେ ତାକୁ ତ୍ୟାଗକରି ଚାଲିଯାଆନ୍ତି, ତା'ର ଯେତେ ଗୁଣ ଥିଲେହେଁ ସେସବୁ ଶୋଭାପାଏ ନାହିଁ, ପୁତ୍ରମାନେ ତାକୁ ତ୍ୟାଗ କରନ୍ତି । ତା'ର ବିପଦ ବୃଦ୍ଧିପାଏ । ଉଚ୍ଚକୁଳଜାତ ସ୍ତ୍ରୀ ମଧ୍ୟ ତାକୁ ସେବା କରେନାହିଁ; ନ୍ୟାୟମାର୍ଗରେ ଚଳୁଥିବା ମିତ୍ରମାନେ ମଧ୍ୟ ତାକୁ ଛାଡ଼ି ଚାଲିଯାନ୍ତି । ୨୩ ।

ଶୂରଃ ସୁରୂପଃ ସୁଭଗଶ୍ଚ ବାଗ୍ମୀ ଶସ୍ତ୍ରାଣି ଶାସ୍ତ୍ରାଣି ବିଦାଂକରୋତୁ ।
ଅର୍ଥଂ ବିନା ନୈବ ଯଶଶ୍ଚ ମାନଂ ପ୍ରାପ୍ନୋତି ମର୍ତ୍ତ୍ୟୋଽତ୍ର ମନୁଷ୍ୟଲୋକେ ।। ୨୪ ।।

ଏ ସଂସାରରେ ମନୁଷ୍ୟ ବୀର, ସୁନ୍ଦର, ବାଗ୍ମୀ, ରୂପବାନ୍, ଶସ୍ତ୍ରଶାସ୍ତ୍ରନିପୁଣ ହୋଇଥିଲେହେଁ ଧନ ବିନା ସମ୍ମାନ ବା ଯଶଲାଭ କରିପାରେ ନାହିଁ । ୨୪ ।

ତାନୀନ୍ଦ୍ରିୟାଣ୍ୟବିକଳାନି ତଦେବ ନାମ,
ସା ବୁଦ୍ଧିରପ୍ରତିହତା ବଚନଂ ତଦେବ ।
ଅର୍ଥୋଷ୍ମଣା ବିରହିତଃ ପୁରୁଷଃ ସ ଏବ,
ବାହ୍ୟଃ କ୍ଷଣେନ ଭବତୀତି ବିଚିତ୍ରମେତତ୍ ।। ୨୫ ।।

ସେହି କର୍ମକ୍ଷମ ଇନ୍ଦ୍ରିୟମାନେ ଥାଆନ୍ତୁ, ସେହି ନାମ ଥାଉ, ସେ ଅପ୍ରତିଭ ବୁଦ୍ଧି ଥାଉ, ସେହି ବଚନ ଥାଉ ପଛକେ ଲୋକ ଯଦି ଧନହୀନ ହୋଇଯାଏ, ତେବେ କ୍ଷଣକ ଭିତରେ ସେ ଅଲଗା ହୋଇଯାଏ । ଏହାହିଁ ଆଶ୍ଚର୍ଯ୍ୟର କଥା । ୨୫ ।

ଏହି ହେତୁରୁ କୌଣସି ସ୍ଥାନକୁ ଅର୍ଥ ଉପାର୍ଜନ ପାଇଁ ଯିବା ।''

ଏହିପରି ବିଚାର କରି ସେମାନେ ନିଜର ଦେଶ, ନିଜର ନଗର, ମିତ୍ର, ବନ୍ଧୁ ବାନ୍ଧବ ସମନ୍ୱିତ ନିଜର ଗୃହକୁ ତ୍ୟାଗକରି ଚାଲିଗଲେ । ଅଥବା ଯଥାର୍ଥରେ କଥିତ ଅଛି—

ସତ୍ୟଂ ପରିତ୍ୟଜତି ମୁଞ୍ଚତି ବନ୍ଧୁବର୍ଗଂ
ଶୀଘ୍ରଂ ବିହାୟ ଜନନୀମପି ଜନ୍ମଭୂମିମ୍ ।
ସନ୍ତ୍ୟଜ୍ୟ ଗଚ୍ଛତି ବିଦେଶମଭୀଷ୍ଟ ଲୋକଂ,
ଚିନ୍ତାକୁଳୀକୃତମତିଃ ପୁରୁଷୋଽତ୍ର ଲୋକେ ।। ୨୬ ।।

ଏ ସଂସାରରେ ଯାହାର ମନ ଚିନ୍ତାରେ ବ୍ୟାକୁଳ ହୋଇଥାଏ, ସେ ସତ୍ୟକୁ ତ୍ୟାଗ କରିଦିଏ, ବନ୍ଧୁବର୍ଗଙ୍କୁ ତ୍ୟାଗ କରେ, ନିଜର ଜନନୀ ତଥା ଜନ୍ମଭୂମିକୁ ମଧ୍ୟ ତ୍ୟାଗକରି ନିଜର ସିଦ୍ଧିଲାଗି ବିଦେଶକୁ ଚାଲିଯାଏ । ୨୬।

ଏହିପରି ଭ୍ରମଣ କରି କରି ସେମାନେ ଉଜ୍ଜୟିନୀ ନଗରୀରେ ପହଞ୍ଚିଲେ। ସେଠାରେ ସେମାନେ ଶିପ୍ରା ନଦୀରେ ସ୍ନାନକରି ଓ ମହାକାଳ ଶିବଙ୍କୁ ଦର୍ଶନ କରି ଆସିଲାବେଳକୁ ଭୈରବାନନ୍ଦ-ନାମକ ଜଣେ ଯୋଗୀଙ୍କୁ ଆଗରେ ଦେଖିଲେ। ବ୍ରାହ୍ମଣୋଚିତ ବିଧିରେ ତାହାଙ୍କୁ ଅର୍ଚ୍ଚନା କରି ସେମାନେ ତାହାଙ୍କ ସଙ୍ଗରେ ତାଙ୍କ ମଠକୁ ଗଲେ।

ଭୈରବାନନ୍ଦ ପଚାରିଲେ, ''ତୁମ୍ଭେମାନେ କେଉଁଠାରୁ ଆସିଛ ? କେଉଁଠାକୁ ଯାଉଛ ? କେଉଁ ଉଦ୍ଦେଶ୍ୟରେ ଯାଉଛ ?'' ସେମାନେ ଉତ୍ତର କଲେ, ''ଆମେମାନେ ହେଉଛୁ ସିଦ୍ଧିଯାତ୍ରିକ। ଆମେମାନେ ସ୍ଥିର କରିଛୁ ଯେ ଯେଉଁଠାରେ ଧନପ୍ରାପ୍ତି ହେବ ଅଥବା ମୃତ୍ୟୁ ହେବ, ସେହି ସ୍ଥାନ ପର୍ଯ୍ୟନ୍ତ ଯିବୁ। କଥିତ ଅଛି –

ଦୁଷ୍ପ୍ରାପ୍ୟାଣି ବହୂନି ଚ ଲଭ୍ୟନ୍ତେ ବାଞ୍ଛିତାନି ଦ୍ରବିଣାନି।
ଅବସରତୁଳିତାଭିରଲଂ ତନୁଭିଃ ସାହସିକପୁରୁଷାଣାମ୍ ।। ୨୭ ।।

ସୁଯୋଗ ଦେଖି କାର୍ଯ୍ୟ କାରିବାର ଶରୀର ଥିଲେ, ସାହସୀ ପୁରୁଷ ବହୁପରିମାଣରେ ବାଞ୍ଛିତ ଦୁଷ୍ପ୍ରାପ୍ୟ ଧନ ଲାଭ କରିପାରେ। ୨୭। ଆହୁରି ମଧ୍ୟ –

ପତତି କଦାଚିନ୍ନଭସଃ ଖାତେ ପାତାଳତୋଽପି ଜଳମେତି।
ଦୈବମଚିନ୍ତ୍ୟଂ ବଳବଦ୍‌ବଳବାନ୍ନ ତୁ ପୁରୁଷକାରୋଽପି ।। ୨୮ ।।

ଜଳ କେବେ ଆକାଶରୁ ତଳକୁ ପଡ଼ିଥାଏ, ପୁଣି କେବେ ଭୂଗର୍ଭରୁ ଉପରକୁ ଉଠିଥାଏ। ତେଣୁ ଅଚିନ୍ତନୀୟ ଦୈବହିଁ ହେଉଛି ବଳବାନ୍; ପୁରୁଷକାର ବଳବାନ୍ ନୁହେଁ। ୨୮।

ଅଭିମତସିଦ୍ଧିରଶେଷା ଭବତି ହି ପୁରୁଷସ୍ୟ ପୁରୁଷକାରେଣ।
ଦୈବମିତି ଯଦପି କଥୟସି ପୁରୁଷଗୁଣଃ ସୋଽପ୍ୟଦୃଷ୍ଟାଖ୍ୟଃ ।। ୨୯ ।।

ପୁରୁଷର ପୁରୁଷକାରଦ୍ୱାରା ଅଶେଷ ଅଭିଳଷିତ ସିଦ୍ଧିଲାଭ ହୋଇଥାଏ। ପୁଣି ଦୈବ ବୋଲି ଯାହାକୁ କହୁଛ, ତାହା ମଧ୍ୟ ପୁରୁଷର ଅଦୃଷ୍ଟ ନାମକ ଏକ ଗୁଣମାତ୍ର। ୨୯।

ଦ୍ୱୟମତୁଳ ଗୁରୁଲୋକାତ୍ତୃଣମିବ ତୁଳୟନ୍ତି ସାଧୁ ସାହସିକାଃ।
ପ୍ରାଣାନଦ୍‌ଭୁତମେତଚ୍ଚରିତଂ ଚରିତଂ ହ୍ୟୁଦାରାଣାମ୍ ।। ୩୦ ।।

ସାହସିକ ପୁରୁଷମାନେ ଗୁରୁଜନମାନଙ୍କଠାରୁ ଅସାଧାରଣ ଭୟ ପାଇଲେହେଁ ସେମାନେ ନିଜ ପ୍ରାଣକୁ ତୃଣବତ୍ ମନେକରିଥାନ୍ତି। ଉଦାରପୁରୁଷମାନଙ୍କର ଏହା ହେଉଛି ଅଦ୍ଭୁତ ଚରିତ୍ର। ୩୦।

କ୍ଲେଶସ୍ୟାଙ୍ଗମଦତ୍ତ୍ୱା ମୁଖମେବ ସୁଖାନି ନେହ ଲଭ୍ୟନ୍ତେ।
ମଧୁଭିନ୍ମଥନାୟସ୍ତୈରାଶ୍ଳିଷ୍ୟତି ବାହୁଭିର୍ଲକ୍ଷ୍ମୀମ୍ ।। ୩୧ ।।

ଏ ଜଗତରେ ଶରୀରକୁ କ୍ଲେଶ ନ ଦେଇ ସହଜରେ ସୁଖଲାଭ କରାଯାଇ-ନପାରେ। ମଧୁଦୈତ୍ୟର ବିନାଶକାରୀ ବିଷ୍ଣୁ ସମୁଦ୍ରମନ୍ଥନରେ କ୍ଳାନ୍ତ ବାହୁମାନଙ୍କଦ୍ୱାରା

ହିଁ ଲକ୍ଷ୍ମୀଙ୍କୁ ଆଲିଙ୍ଗନ କରିଥିଲେ; (ଅର୍ଥାତ୍ ସମୁଦ୍ରମନ୍ଥନରେ ବାହୁକୁ କ୍ଳେଶ ଦେଇଥିବାରୁ ଲକ୍ଷ୍ମୀଙ୍କୁ ଲାଭକରିଥିଲେ) । ୩୧ ।

ତସ୍ୟ କଥଂ ନଚଳା ସ୍ୟାତ୍ପତ୍ନୀ ବିଷ୍ଣୋର୍ନୃସିଂହକସ୍ୟାପି ।
ମାସାଂଷ୍ଚତୁରୋ ନିଦ୍ରାଂ ଯଃ ସେବତେ ଜଳଗତଃ ସତତମ୍ ।। ୩୨ ।।

ବିଷ୍ଣୁ ଚାରିମାସଯାଏ ସର୍ବଦା ଜଳମଧ୍ୟରେ ଶୟନ କରିଥାନ୍ତି। ତେଣୁ ନୃସିଂହ-ରୂପଧାରୀ ହେଲେ ମଧ୍ୟ ତାଙ୍କ ପତ୍ନୀ ଲକ୍ଷ୍ମୀ କାହିଁକି ଚଞ୍ଚଳା ନ ହେବେ ? । ୩୨ ।

ଦୁରଧିଗମପରଭାଗୋ ଯବାତ୍ପୁରୁଷେଣ ସାହସଂ ନ କୃତମ୍ ।
ଜୟତି ତୁଲାମଧିରୂଢ଼ୋ ଭାସ୍ୱାନିହ ଜଳଦପଟଳାନି ।। ୩୩ ।।

ଯେତେବେଳ ପର୍ଯ୍ୟନ୍ତ ପୁରୁଷ ସାହସ କରେ ନାହିଁ, ସେତେବେଳ ପର୍ଯ୍ୟନ୍ତ ସେ ଗୁଣର ଉତ୍କର୍ଷ ଲାଭ କରିପାରେ ନାହିଁ। ଦେଖ, ସୂର୍ଯ୍ୟ ତୁଳାରାଶିରେ ଆରୋହଣ ମେଘମାଳାକୁ ଜୟ କରିପାରିନଥାଏ । ୩୩ ।

ତେଣୁ ଆପଣ ଆମମାନଙ୍କୁ ଧନଲାଭର କୌଣସି ଉପାୟ କହନ୍ତୁ। ବିବର-ପ୍ରବେଶ (ପାତାଳକୁ ଯିବା), ଶାକିନୀସାଧନା (ମନ୍ତ୍ରଦ୍ୱାରା ଯକ୍ଷିଣୀକୁ ବଶକରିବା), ଶ୍ମଶାନସେବା (ଶ୍ମଶାନରେ ଉପାସନା), ମହାମାଂସ-ବିକ୍ରୟ (ଗୋରୁ ଓ ମନୁଷ୍ୟର ମାଂସ ବିକିବା), ସାଧକବର୍ତ୍ତିକା (ଅଭିଳାଷ ପୂରଣକାରୀ ବତି) ପ୍ରଭୃତି ଉପାୟ ମଧ୍ୟରୁ କୌଣସି ଗୋଟିଏ କହନ୍ତୁ। ଆପଣଙ୍କର ଅଦ୍ଭୁତ ଶକ୍ତି ଅଛି ବୋଲି ଶୁଣାଯାଏ। ଆମେମାନେ ଅତ୍ୟନ୍ତ ସାହସୀ। କଥିତ ଅଛି –

ମହାନ୍ତ ଏବ ମହତାମର୍ଥଂ ସାଧୟିତୁଂ କ୍ଷମାଃ ।
ଋତେ ସମୁଦ୍ରାଦନ୍ୟଃ କୋ ବିଭର୍ତ୍ତି ବଡ଼ବାନଳମ୍ ।। ୩୪ ।।

ମହାନ୍ ଲୋକହିଁ ମହତ୍ ଉଦ୍ଦେଶ୍ୟ ସାଧନ କରିବାକୁ ସମର୍ଥ ହୋଇଥାନ୍ତି। ସମୁଦ୍ର ବିନା ଅନ୍ୟ କିଏ ବଡବାନଳକୁ ଧାରଣ କରିପାରିବ ?'' । ୩୪ ।

ଭୈରବାନନ୍ଦ ମଧ୍ୟ ସେମାନଙ୍କର କାମନାସିଦ୍ଧି ନିମନ୍ତେ ବହୁ ଉପାୟରେ ଚାରୋଟି ସିଦ୍ଧିବର୍ତ୍ତିକା ପ୍ରସ୍ତୁତ କରି ସେମାନଙ୍କୁ ଦେଇ କହିଲେ, ''ହିମାଳୟ ଦିଗକୁ ଯାଅ। ସେଠାକୁ ଗଲାବେଳେ ଯେଉଁଠାରେ ବତି ଖସିପଡ଼ିବ, ସେଠାରେ ନିଶ୍ଚୟ ଭୂମିଗତ ଧନ ଲାଭ କରିପାରିବ। ସେ ସ୍ଥାନକୁ ଖୋଳି ଧନ ଆଣି ବାହୁଡ଼ି ଆସିବ।''

ସେମାନେ ସେହିପରି କଲେ। ଯାଉ ଯାଉ ସେମାନଙ୍କ ମଧ୍ୟରୁ ଜଣକର ବତି ହାତରୁ ଖସିପଡ଼ିଲା। ସେ ଉକ୍ତ ସ୍ଥାନଟି ଖୋଳିବାରୁ ତାହା ତାମ୍ରପୂର୍ଣ୍ଣ ଥିବାର ଦେଖାଗଲା। ତହୁଁ ସେ କହିଲା, ''ଯେତେ ଇଚ୍ଛା ସେତେ ତାମ୍ର ନିଅ।'' ଅନ୍ୟମାନେ କହିଲେ, ''ରେ ମୂର୍ଖ! ଏହାକୁ ନେଇ କଅଣ କରିବା ? ତାମ୍ର ଯେତେ ବେଶି ହେଲେହେଁ ଆମର ଦାରିଦ୍ର୍ୟ ବିନାଶ କରିବ ନାହିଁ। ଉଠ, ଆହୁରି ଆଗକୁ ଯିବା।''

ସେ କହିଲା, ''ତୁମେମାନେ ଯାଅ; କିନ୍ତୁ ମୁଁ ଆଉ ଆଗକୁ ଯିବି ନାହିଁ।'' ପ୍ରଥମ ବ୍ୟକ୍ତିଟି ଏହା କହି ଯଥେଚ୍ଛା ତାମ୍ର ଘେନି ଫେରିଗଲା। ଅନ୍ୟ ତିନି ଜଣ ଚାଲିବାକୁ ଲାଗିଲେ।

କିଛି ଦୂର ଯିବା ପରେ ଆଗରେ ଥିବା ଲୋକଟିର ବତି ଖସିପଡ଼ିଲା। ସେ ଖୋଳିବାକୁ ଆରମ୍ଭ କରିବାରୁ ଦେଖିଲା ଯେ ସ୍ଥାନଟି ରୌପ୍ୟମୟ। ତହୁଁ ସେ ଆନନ୍ଦିତ ହୋଇ କହିଲା, "ଆରେ ହେ, ଯେତେ ଇଚ୍ଛା ସେତେ ରୁପା ନିଅ। ଆଉ ଆଗକୁ ଯିବା ନାହିଁ।"

ଅନ୍ୟ ଦୁଇ ଜଣ କହିଲେ, "ଆରେ! ପ୍ରଥମେ ଦେଖାଗଲା ତାମ୍ରମୟୀ ଭୂମି, ତପ୍ରେ ରୌପ୍ୟମୟୀ ଭୂମି; ତେଣୁ ଏହାପରେ ଅବଶ୍ୟ ସ୍ୱର୍ଣ୍ଣମୟୀ ଭୂମି ପଡ଼ିବ। ତେଣୁ ପ୍ରଚୁର ରୌପ୍ୟଦ୍ୱାରା ମଧ୍ୟ ଆମର ଦାରିଦ୍ର୍ୟ ଦୂର ହେବ ନାହିଁ। ଚାଲ, ଆମେ ଦୁହେଁ ଆଗକୁ ଯିବା।"

ଏହା କହି ସେ ଦୁହେଁ ଚାଲିଗଲେ। ଦ୍ୱିତୀୟ ବ୍ୟକ୍ତି ନିଜ ଶକ୍ତି ଅନୁସାରେ ରୌପ୍ୟ ଘେନି ଫେରିଗଲା। ଦୁହେଁଯାକ ଯାଉଥିବା ସମୟରେ ଜଣକର ହାତରୁ ବତି ଖସିପଡ଼ିଲା। ସେ ଆନନ୍ଦିତ ହୋଇ ସେହି ସ୍ଥାନ ଖୋଳିବାରୁ ଦେଖିଲା ଯେ ସେଠାରେ ଭୂମି ସୁବର୍ଣ୍ଣମୟୀ। ସେ ଅପର ସାଙ୍ଗକୁ କହିଲା, "ହେ ମିତ୍ର, ଯେତେ ଇଚ୍ଛା ସେତେ ସୁବର୍ଣ୍ଣ ନେଇଯିବା। ସୁବର୍ଣ୍ଣଠାରୁ ଅନ୍ୟ କିଛି ଉତ୍କୃଷ୍ଟ ଦ୍ରବ୍ୟ ନାହିଁ।" ସେ କହିଲା, "ରେ ମୂର୍ଖ! ତୁ କିଛି ବୁଝିପାରୁନାହୁଁ। ପ୍ରଥମେ ତାମ୍ର, ତପ୍ରେ ରୌପ୍ୟ, ତପ୍ରେ ସୁବର୍ଣ୍ଣ; ଏହା ପରେ ନିଶ୍ଚୟ ରତ୍ନ ମିଳିବ। ସେଥିରୁ ଗୋଟିଏ ହେଲେ ଦାରିଦ୍ର୍ୟ ଘୁଞ୍ଚିଯିବ। ତେଣୁ ଉଠ, ଆଗକୁ ଯିବା। ଏଥିରୁ ପ୍ରଚୁର ପରିମାଣରେ ନେଲେ ମଧ୍ୟ କେବଳ ଭାରମାତ୍ର ହେବ।" ତୃତୀୟ ବ୍ୟକ୍ତି କହିଲା, "ତୁମେ ଯାଅ। ଏହିଠାରେ ତୁମକୁ ଅପେକ୍ଷା କରି ମୁଁ ରହୁଛି।"

ଆଗକୁ ଯାଉଥିବା ଲୋକଟି ଏକାକୀ ଯାଉ ଯାଉ ଗ୍ରୀଷ୍ମକାଳୀନ ସୂର୍ଯ୍ୟଙ୍କର ତା'ପରେ ତା'ର ଶରୀର ଉତପ୍ତ ହୋଇଗଲା। ସେ ପିପାସାରେ କାତର ହୋଇ, ସିଦ୍ଧିମାର୍ଗକୁ ଭୁଲିଯାଇ ଏଣେତେଣେ ଭ୍ରମଣ କରିବାକୁ ଲାଗିଲା। ଅନନ୍ତର ସେ ଦେଖିଲା ଯେ ଗୋଟିଏ ସ୍ଥାନରେ ଜଣେ ଲୋକ ବସିଛି। ତା'ର ସମସ୍ତ ଶରୀର ରକ୍ତରେ ଜରଜର ଓ ତା'ର ମସ୍ତକ ଉପରେ ଗୋଟିଏ ଚକ୍ର ଘୂରୁଅଛି। ସେ ଶୀଘ୍ର ତା' ନିକଟକୁ ଯାଇ ପଚାରିଲା, "ତୁମେ କିଏ? ତୁମ ମସ୍ତକରେ ଚକ୍ର ଘୂରୁଥିବା ଅବସ୍ଥାରେ ଏପରି ରହିଛ କାହିଁକି? ପାଖରେ ଯଦି କୌଣସିଠାରେ ଜଳ ଅଛି, ମୋତେ କହ।"

ସେ ଏହା କହିଲାମାତ୍ରେ ଚକ୍ରଟି ତତ୍‌କ୍ଷଣାତ୍ ଉକ୍ତ ଲୋକର ମସ୍ତକରୁ ଚାଲିଆସି ସେହି ବ୍ରାହ୍ମଣର ମସ୍ତକ ଉପରେ ଘୂରିବାକୁ ଲାଗିଲା। ବ୍ରାହ୍ମଣ କହିଲା, "ଭଦ୍ର! ଏ କଅଣ?" ସେ ଉତ୍ତର କଲା, "ଏଇଟି ମୋ ମସ୍ତକ ଉପରକୁ ମଧ୍ୟ ଠିକ୍ ଏହିପରି ଚାଲିଆସିଥିଲା।" ବ୍ରାହ୍ମଣ କହିଲା, "ତେବେ ଏହା କେବେ ମୋ ମସ୍ତକରୁ ଚାଲିଯିବ, କହ? ମୋତେ ଭୀଷଣ ଯନ୍ତ୍ରଣା ହେଉଅଛି।" ସେ କହିଲା, "ଯେତେବେଳେ ତୁମରି ପରି କେହି ସିଦ୍ଧିବର୍ତ୍ତିକା ଧରି ଏଠାକୁ ଆସି ତୁମକୁ ପଚାରିବ, ସେତେବେଳେ ଚକ୍ରଟି ତା'ର ମସ୍ତକକୁ ଚାଲିଯିବ।" ବ୍ରାହ୍ମଣ ପଚାରିଲା, "କେତେ କାଳ ହେଲା ତୁମେ ଏହିପରି ଥିଲ?" ସେ ପଚାରିଲା, "ବର୍ତ୍ତମାନ ପୃଥିବୀର ରାଜା କିଏ?"

ବ୍ରାହ୍ମଣ ଉତ୍ତରକଲା, ''ବର୍ତ୍ତମାନ ରାଜା ହେଉଛନ୍ତି ବୀଣାବତ୍ସ।''

ସେ କହିଲା, ''ମୁଁ ବର୍ଷସଂଖ୍ୟା ଜାଣେ ନାହିଁ। କିନ୍ତୁ ଯେତେବେଳେ ରାମଚନ୍ଦ୍ର ରାଜା ଥିଲେ, ସେତେବେଳେ ମୁଁ ଦାରିଦ୍ର୍ୟପ୍ରପୀଡ଼ିତ ହୋଇ ସିଦ୍ଧିବର୍ତ୍ତିକା ଧରି ଏହି ବାଟେ ଆସିଥିଲି। ମୁଁ ଜଣେ ଲୋକକୁ ଦେଖିଲି; ତାର ମସ୍ତକ ଉପରେ ଚକ୍ର ଘୂରୁଥିଲା। ମୁଁ ତାକୁ ଏଥିର କାରଣ ପଚାରିଲି; ତହୁଁ ଚକ୍ରଟି ମୋ ମସ୍ତକ ଉପରକୁ ଆସିଥିଲା।''

ବ୍ରାହ୍ମଣ ପଚାରିଲା, ''ଭଦ୍ର! ତୁମେ ଏପରି ଅବସ୍ଥାରେ ଥିଲାବେଳେ କିପରି ଖାଦ୍ୟ ଓ ଜଳ ପାଉଥିଲ?'' ସେ କହିଲା, ''ଭଦ୍ର! କୁବେର ତାଙ୍କର ଭୂଗର୍ଭସ୍ଥିତ ଧନର ହରଣଭୟରେ ସିଦ୍ଧପୁରୁଷଙ୍କୁ ଏପରି ଭୟ ଦେଖାଇ ଅଛନ୍ତି; ତେଣୁ କେହି ଏ ସ୍ଥାନକୁ ଆସନ୍ତି ନାହିଁ। ଯଦି ଦୈବାତ୍ କେହି ଆସେ, ତେବେ ସେ କ୍ଷୁଧା, ପିପାସା, ଜରା ଓ ମରଣରୁ ମୁକ୍ତି ପାଇ କେବଳ ଏହିପରି ଯନ୍ତ୍ରଣା ଭୋଗୁଥାଏ। ଏବେ ମୋତେ ନିଜ ଘରକୁ ଯିବାପାଇଁ ଅନୁମତି ଦିଅ।'' ଏହା କହି ସେ ଚାଲିଗଲା।

ଏଣେ ସୁବର୍ଣ୍ଣସିଦ୍ଧି (ତୃତୀୟ ବ୍ରାହ୍ମଣ) ଦେଖିଲା ଯେ ତାର ସଙ୍ଗୀ ଅନେକ ଦିନ ପର୍ଯ୍ୟନ୍ତ ଫେରିଲା ନାହିଁ। ତେଣୁ ସେ ଅନ୍ୱେଷଣ କରିବା ନିମନ୍ତେ ତା'ର ପଦଚିହ୍ନକୁ ଅନୁସରଣ କରି କିଛି ଦୂର ଆସିବାପରେ ଦେଖିଲା ଯେ ସେ ରୁଧିର ପ୍ଲାବିତ ଶରୀରରେ କରୁଣ କ୍ରନ୍ଦନ କରି ବସିଛି; ତା'ର ମସ୍ତକ ଉପରେ ଗୋଟିଏ ତୀକ୍ଷ୍ଣ ଚକ୍ର ଘୂରୁଛି। ସେ ତା'ର ନିକଟକୁ ଯାଇ ଲୋତକପୂର୍ଣ୍ଣ ଚକ୍ଷୁରେ ପଚାରିଲା, ''ଭଦ୍ର! ଏ କଅଣ?''

ଚକ୍ରଧର କହିଲା, ''ବିଧାତାଙ୍କ ନିର୍ଦ୍ଦେଶ।'' ସେ ପଚାରିଲା, ''ଏହା କିପରି ହେଲା? ଏଥିର କାରଣ କହ।'' ଏହିପରି ପଚାରିବାରୁ ସେ ଚକ୍ରଧର ଚକ୍ରସମ୍ବନ୍ଧୀ ସମସ୍ତ ବୃତ୍ତାନ୍ତ କହିଲା। ତାହା ଶୁଣି ସେ ଚକ୍ରଧରକୁ ଭର୍ତ୍ସନା କରି କହିଲା, ''ମୁଁ ଅନେକ ପ୍ରକାରେ ମନାକଲେ ସୁଦ୍ଧା ତୁମେ ମୋ କଥା ଶୁଣିଲ ନାହିଁ; ତେଣୁ କଅଣ କରାଯିବ? ତୁମେ ବିଦ୍ୱାନ୍, ଉଚ୍ଚ କୁଳରେ ଜାତ; କିନ୍ତୁ ବୁଦ୍ଧିହୀନ। ଅଥବା ଯଥାର୍ଥରେ କଥିତ ଅଛି—

ବରଂ ବୁଦ୍ଧିର୍ନସା ବିଦ୍ୟା ବିଦ୍ୟାୟା ବୁଦ୍ଧିରୁତ୍ତମା।
ବୁଦ୍ଧିହୀନା ବିନଶ୍ୟନ୍ତି ଯଥା ତେ ସିଂହକାରକାଃ॥୩୫॥

ବୁଦ୍ଧି ବରଂ ଭଲ; ବିଦ୍ୟା ଭଲ ନୁହେଁ। ବିଦ୍ୟାଠାରୁ ବୁଦ୍ଧି ଶ୍ରେଷ୍ଠ। ସିଂହକାରକମାନେ ଯେପରି ବିନାଶପ୍ରାପ୍ତ ହୋଇଥିଲେ, ବୁଦ୍ଧିହୀନ ଲୋକେ ସେହିପରି ବିନଷ୍ଟ ହୋଇଥାନ୍ତି। ୩୫।

ଚକ୍ରଧର ପଚାରିଲା— ''ସେ ସିଂହକାରକ କଥା କଅଣ?'' ସୁବର୍ଣ୍ଣସିଦ୍ଧି କହିଲା—

ସିଂହକାରକ ମୂର୍ଖ ବ୍ରାହ୍ମଣ କଥା

କୌଣସି ସ୍ଥାନରେ ଚାରିଜଣ ବ୍ରାହ୍ମଣ ପରସ୍ପର ମିତ୍ରଭାବରେ ବାସକରୁଥିଲେ। ସେମାନଙ୍କ ମଧ୍ୟରୁ ତିନି ଜଣ ଶାସ୍ତ୍ରମାନଙ୍କରେ ପାରଙ୍ଗମ ଥିଲେ; କିନ୍ତୁ ସେମାନଙ୍କର

ବୁଦ୍ଧି ନଥିଲା। ଅନ୍ୟ ଜଣକ ବୁଦ୍ଧିମାନ୍ ଥିଲା; କିନ୍ତୁ ତା'ର ଶାସ୍ତ୍ରଜ୍ଞାନ ନ ଥିଲା। ଏକଦା ସେମାନେ ବିଚାର କଲେ, "ଯଦି ଦେଶାନ୍ତର ଯାଇ ରାଜାମାନଙ୍କୁ ସନ୍ତୋଷ କରି ଅର୍ଥ ଉପାର୍ଜନ ନ କଲେ, ତେବେ ବିଦ୍ୟାରେ କି ଲାଭ? ତେଣୁ ଚାଲ, ପୂର୍ବ ଦେଶକୁ ଯିବା।"

ତାହାହିଁ କରି ସେମାନେ କିଛି ଦୂର ପଥ ଯିବାପରେ ସେମାନଙ୍କ ମଧ୍ୟରୁ ଜ୍ୟେଷ୍ଠ ଜଣକ କହିଲା, "ଅହୋ! ଆମ ଭିତରୁ ଚତୁର୍ଥ (କନିଷ୍ଠ) ଜଣକ ମୂର୍ଖ, କେବଳ ବୁଦ୍ଧିମାନ୍। ବିଦ୍ୟା ବିନା କେବଳ ବୁଦ୍ଧିଦ୍ୱାରା ରାଜାଙ୍କର ଅନୁଗ୍ରହ ମିଳି ନ ପାରେ। ତେଣୁ ଆମମାନଙ୍କର ଅର୍ଜିତ ଧନରୁ ଏହାକୁ କିଛି ଦେବା ନାହିଁ। ସେ ଘରକୁ ଫେରିଯାଉ।" ଦ୍ୱିତୀୟ ଜଣକ ମଧ୍ୟ କହିଲା, "ହେ ସୁବୁଦ୍ଧି! ତୁମେ ଘରକୁ ଚାଲିଯାଅ; କାରଣ ତୁମେ ବିଦ୍ୟାହୀନ।" ତହୁଁ ତୃତୀୟ ଜଣକ କହିଲା, "ଅହୋ! ଏପରି କରିବା ଉଚିତ ହେବ ନାହିଁ। କାରଣ ଆମେମାନେ ସମସ୍ତେ ବାଲ୍ୟକାଳରୁ ଏକସଙ୍ଗେ କ୍ରୀଡ଼ା କରିଆସିଛୁ; ତେଣୁ ସେ ମହାନୁଭବ ମଧ୍ୟ ଆମ ସାଙ୍ଗରେ ଚାଲୁ। ଆମର ଉପାର୍ଜିତ ଧନରେ ତାର ମଧ୍ୟ ସମାନ ଭାଗ ରହିବ। କଥିତ ଅଛି –

କିଂ ତୟା କ୍ରିୟତେ ଲକ୍ଷ୍ମ୍ୟା ଯା ବଧୂରିବ କେବଳା।
ଯା ନ ବେଶ୍ୟେବ ସାମାନ୍ୟା ପଥିକୈରୁପଭୁଜ୍ୟତେ।୩୬।

ଯେଉଁ ଲକ୍ଷ୍ମୀ କେବଳ ଗୃହର ବଧୂପରି ରହିଥାନ୍ତି ଓ ଯାହାଙ୍କୁ ସାଧାରଣ ବେଶ୍ୟାପରି ପଥିକମାନେ ସୁଦ୍ଧା ଉପଭୋଗ କରିପାରନ୍ତି ନାହିଁ, ସେପରି ଲକ୍ଷ୍ମୀଙ୍କଦ୍ୱାରା କି କାର୍ଯ୍ୟ?।୩୬। ପୁଣି –

ଅୟଂ ନିଜଃ ପରୋ ବେତି ଗଣନା ଲଘୁଚେତସାମ୍।
ଉଦାରଚରିତାନାଂ ତୁ ବସୁଧୈବ କୁଟୁମ୍ବକମ୍।୩୭।

ଏ ଆପଣା, ଏ ପର– ଏପରି ବିଚାର କେବଳ ନୀଚମନା ଲୋକେ କରିଥାନ୍ତି। କିନ୍ତୁ ଯେଉଁମାନଙ୍କର ମନ ଉଦାର, ସେମାନେ ସମଗ୍ର ପୃଥିବୀକୁ ନିଜର କୁଟୁମ୍ବ ବୋଲି ମନେକରିଥାନ୍ତି।୩୭। ତେଣୁ ସେ ମଧ୍ୟ ଆମ ସଙ୍ଗରେ ଆସୁ।"

ତାହାହିଁ କରାଗଲା। ସେମାନେ ପଥମଧ୍ୟରେ ଯାଉ ଯାଉ ବନ ମଧ୍ୟରେ ଗୋଟିଏ ମୃତ ସିଂହର ଅସ୍ଥିମାନ ଦେଖିବାକୁ ପାଇଲେ। ସେମାନଙ୍କ ମଧ୍ୟରୁ ଜଣେ କହିଲା, "ଆଜି ମୋ ବିଦ୍ୟାର ପରୀକ୍ଷା କରାଯାଉ। କୌଣସି ଗୋଟିଏ ଜୀବ ମରି ପଡ଼ିଛି। ତେଣୁ ଆମର ବିଦ୍ୟାବଳରେ ଏହାକୁ ସଜୀବ କରିବା। ମୁଁ ତା'ର ସବୁ ଅସ୍ଥି ଏକତ୍ର କରିଦେଉଛି।"

ତହୁଁ ଜଣେ ଆଗ୍ରହସହକାରେ ଅସ୍ଥିଗୁଡ଼ିକ ଏକତ୍ର କଲା। ଦ୍ୱିତୀୟ ଜଣକ ସେହି ଅସ୍ଥିରେ ଚର୍ମ, ମାଂସ ଓ ରକ୍ତ ସଂଯୋଗ କଲା। ଯେତେବେଳେ ତୃତୀୟ ଜଣକ ତହିଁରେ ଜୀବନ-ସଞ୍ଚାର କରିବାକୁ ଗଲା, ସେତେବେଳେ ସୁବୁଦ୍ଧି ବାରଣ କରି କହିଲା, "ଆରେ, ରହ, ରହ! ଏଇଟି ହେଉଛି ସିଂହ; ଯଦି ଏହାକୁ ସଜୀବ କରିଦେବା, ତେବେ ସେ ଆମ ସମସ୍ତଙ୍କୁ ବଧ କରିବ!" ସେ କହିଲା, "ଆରେ ମୂର୍ଖ!

ତୋତେ ଧିକ୍। ମୋର ବିଦ୍ୟାକୁ ବିଫଳ କରିବି ନାହିଁ।'' ତହୁଁ ସୁବୁଦ୍ଧି କହିଲା, ''ତାହାହେଲେ ମୁହୂର୍ତ୍ତେ ଅପେକ୍ଷା କର ଯେ ମୁଁ ଗଛ ଉପରେ ଚଢ଼ିଯିବି।'' ସେ ଗଛରେ ଚଢ଼ିଗଲାପରେ ଯେତେବେଳେ ସିଂହଟିକୁ ସଜୀବ କରାଗଲା, ସେତେବେଳେ ସେ ଉଠି ତିନିଜଣଯାକଙ୍କୁ ବଧ କଲା। ତପ୍ରେ ସୁବୁଦ୍ଧି ବୃକ୍ଷରୁ ଓହ୍ଲାଇ ଗୃହକୁ ଚାଲିଗଲା। ଏହି ହେତୁରୁ ମୁଁ କହୁଥିଲି, 'ବରଂ ବୁଦ୍ଧିର୍ନସା ବିଦ୍ୟା...' ଇତ୍ୟାଦି। (୩୫ ଶ୍ଲୋକ ଦେଖ)। ଏହାପରେ ଆହୁରି ମଧ୍ୟ କଥିତ ଅଛି –

ଅପି ଶାସ୍ତ୍ରେଷୁ କୁଶଳା ଲୋକାଚାରବିବର୍ଜିତାଃ।
ସର୍ବେ ତେ ହାସ୍ୟତାଂ ଯାନ୍ତି ଯଥା ତେ ମୂର୍ଖପଣ୍ଡିତାଃ।୩୮।

ଶାସ୍ତ୍ରରେ କୁଶଳ ହୋଇଥିଲେହେଁ ଯେଉଁମାନେ ଲୋକାଚାରବିବର୍ଜିତ, ସେମାନେ ମୂର୍ଖପଣ୍ଡିତଙ୍କ ପରି ଉପହାସର ପାତ୍ର ହୁଅନ୍ତି।୩୮।

ଚକ୍ରଧର ପଚାରିଲା, ''ମୂର୍ଖପଣ୍ଡିତ କଥା କଅଣ?'' ସେ କହିଲା –

ମୂର୍ଖପଣ୍ଡିତ କଥା

କୌଣସି ସ୍ଥାନରେ ଚାରିଜଣ ବ୍ରାହ୍ମଣ ପରସ୍ପର ମିତ୍ରଭାବରେ ବାସକରୁଥିଲେ। ବାଲ୍ୟବୟସରେ ସେମାନଙ୍କର ମନ ହେଲା– ଦେଶାନ୍ତର ଯାଇ ବିଦ୍ୟା ଉପାର୍ଜନ କରିବା। ଦିନେ ସେମାନେ ପରସ୍ପର ମଧ୍ୟରେ ସ୍ଥିରକରି ବିଦ୍ୟାର୍ଜନ ନିମନ୍ତେ କାନ୍ୟକୁବ୍ଜ ଚାଲିଗଲେ। ସେଠାରେ ସେମାନେ ବିଦ୍ୟାଳୟକୁ ଯାଇ ପଢ଼ିବାକୁ ଲାଗିଲେ। ଏହିପରି ବାରବର୍ଷ ପର୍ଯ୍ୟନ୍ତ ଏକାଗ୍ରମନରେ ଅଧ୍ୟୟନ କରି ସେମାନେ ସମସ୍ତେ ବହୁବିଦ୍ୟାରେ କୁଶଳ ହୋଇଗଲେ। ତପ୍ରେ ଚାରିଜଣଯାକ ମିଳି ବିଚାର କଲେ, ''ଆମେ ସକଳ ବିଦ୍ୟାରେ ପାରଙ୍ଗମ ହୋଇଅଛୁ। ଏବେ ଉପାଧ୍ୟାୟଙ୍କୁ ପଚାରି ତାଙ୍କ ଅନୁମତି ନେଇ ସ୍ୱଦେଶକୁ ଫେରିଯିବା।''

'ଏହାହିଁ କରାଯାଉ' କହି ସେମାନେ ଉପାଧ୍ୟାୟଙ୍କର ଅନୁମତି ନେଇ ପୁସ୍ତକଗୁଡ଼ିକ ସହିତ ସ୍ୱଗୃହ ଅଭିମୁଖରେ ଚାଲିଲେ। କିଛିଦୂର ଯିବାପରେ ସେମାନେ ଦୁଇଟି ବାଟ ଦେଖିଲେ। ଦେଖିଲାମାତ୍ରେ ସମସ୍ତେ ବସିଗଲେ। ଜଣେ କହିଲା, ''କେଉଁ ବାଟରେ ଯିବା?'' ଏହି ସମୟରେ ସେହି ନଗରର କୌଣସି ମହାଜନପୁତ୍ରର ମୃତ୍ୟୁ ହୋଇଥିଲା। ତାହାକୁ ଦାହ କରିବାପାଇଁ କେତେକ ମହାଜନ ଶ୍ମଶାନକୁ ଯାଉଥିଲେ। ତହୁଁ ସେ ଚାରିଜଣଙ୍କ ମଧ୍ୟରୁ ଜଣେ ପୁସ୍ତକକୁ ଖୋଲି କହିଲା, ''ମହାଜନୋ ଯେନ ଗତଃ ସ ପନ୍ଥା।''– ମହାଜନ ଯେଉଁ ବାଟରେ ଯାଆନ୍ତି, ତାହାହିଁ ବାଟ। ତେଣୁ ଆମେ ଏହି ମହାଜନମାନଙ୍କ ବାଟରେ ଯିବା।'

ଏହିପରି ମହାଜନମାନଙ୍କ ସହ ଯାଉଥିବାବେଳେ ସେମାନେ ଶ୍ମଶାନରେ ଗୋଟିଏ ଗର୍ଦ୍ଦଭ ଦେଖିଲେ। ଦ୍ୱିତୀୟ ପଣ୍ଡିତ ପୁସ୍ତକ ଖୋଲି କହିଲା –

ଉତ୍ସବେ ବ୍ୟସନେ ପ୍ରାପ୍ତେ ଦୁର୍ଭିକ୍ଷେ ଶତ୍ରୁସଙ୍କଟେ।
ରାଜଦ୍ୱାରେ ଶ୍ମଶାନେ ଚ଼ ଯସ୍ତିଷ୍ଠତି ସ ବାନ୍ଧବଃ।୩୯।

ଉତ୍ସବରେ, ବିପଦରେ, ଦୁର୍ଭିକ୍ଷରେ, ଶତ୍ରୁସଙ୍କଟରେ, ରାଜଦ୍ୱାରରେ ଓ ଶ୍ମଶାନରେ ଯେ ଥାଏ, ସେ ହେଉଛି ବାନ୍ଧବ।୩୯। ତେଣୁ ଏ ଗର୍ଦ୍ଦଭ ହେଉଛି ଆମର ବାନ୍ଧବ। ତତ୍ପରେ ବ୍ରାହ୍ମଣ ପଣ୍ଡିତମାନଙ୍କ ମଧ୍ୟରୁ କେହି ତା'ର ଗଳାକୁ ଆଲିଙ୍ଗନ କଲା, କେହି ତାର ପାଦ ଧୋଇଦେଲା। ଏହି ସମୟରେ ସେମାନେ ଗୋଟିଏ ଓଟ ଦେଖିପାରିଲେ। ସେମାନେ କହିଉଠିଲେ, ''ଏଇଟି କଅଣ ?''

ତହୁଁ ତୃତୀୟ ପଣ୍ଡିତ ଶାସ୍ତ୍ର ଫିଟାଇ କହିଲା, 'ଧର୍ମସ୍ୟ ତ୍ୱରିତା ଗତିଃ'– ଧର୍ମ ବେଗରେ ଗତି କରିଥାଏ। ତେଣୁ ବେଗରେ ଯାଉଥିବାରୁ ଏ ନିଶ୍ଚୟ ହେଉଛି ଧର୍ମ। ଚତୁର୍ଥ ପଣ୍ଡିତ କହିଲା, 'ଇଷ୍ଟଂ ଧର୍ମେଣ ଯୋଜୟେତ୍'– ମିତ୍ରକୁ ଧର୍ମ ସଙ୍ଗରେ ମିଳାଇଦେବା ଉଚିତ।

ତହୁଁ ସେମାନେ ଗଧକୁ ନେଇ ଓଟର ଗଳାରେ ବାନ୍ଧିଦେଲେ। କେହି ଜଣେ ରଜକ ଆଗରେ ଏହା କହିଦେବାରୁ ସେ ତାହା ଶୁଣି ସେହି ମୂର୍ଖ ପଣ୍ଡିତମାନଙ୍କୁ ପ୍ରହାର କରିବାକୁ ଆସିଲା। ତହୁଁ ସେମାନେ ପଳାଇବାକୁ ଲାଗିଲେ। କିଛି ବାଟ ଯିବାପରେ ସେମାନଙ୍କ ଆଗରେ ଗୋଟିଏ ନଦୀ ପଡ଼ିଲା। ନଦୀର ଜଳରେ ଗୋଟିଏ ପଲାଶପତ୍ର ଭାସିଆସୁଥିବାର ଦେଖି ଜଣେ ପଣ୍ଡିତ କହିଲା, 'ଆଗମିଷ୍ୟତି ଯତ୍ପତ୍ରଂ ତଦସ୍ମାଂସ୍ତାରୟିଷ୍ୟତି'– ଯେଉଁ ପତ୍ରଟି ଆସିବ, ସେଇ ଆମମାନଙ୍କୁ ତାରିବ। ଏହା କହି ସେ ସେହି ପତ୍ର ଉପରକୁ ଡେଇଁପଡ଼ିଲାକ୍ଷଣି ନଦୀର ସ୍ରୋତରେ ଭାସିଯାଆନ୍ତେ, ତାକୁ ଭାସିଯାଉଥିବାର ଦେଖି ଅନ୍ୟ ଜଣେ ପଣ୍ଡିତ ତାହାର କେଶର ଅଗ୍ରଭାଗକୁ ଧରି କହିଲା –

ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତଃ।
ଅର୍ଦ୍ଧେନ କୁରୁତେ କାର୍ଯ୍ୟଂ ସର୍ବନାଶୋ ହି ଦୁଃସହଃ।୪୦।

ସର୍ବନାଶ ଉପସ୍ଥିତ ହେଲାବେଳେ ପଣ୍ଡିତ ଲୋକ ଅଧେ ତ୍ୟାଗ କରିଦିଏ ଓ ଅନ୍ୟ ଅଧକରେ କାର୍ଯ୍ୟ କରିନିଏ; ସର୍ବନାଶ ହେଉଛି ଅସହ୍ୟ।୪୦।

ଏହା କହି ସେ ତାର ମୁଣ୍ଡଟି କାଟି ନେଇଗଲା। ତତ୍ପରେ ତିନିଜଣଯାକ ଫେରିଯାଇ ଗୋଟିଏ ଗ୍ରାମରେ ପହଞ୍ଚିଲେ। ଗ୍ରାମବାସୀମାନେ ସେମାନଙ୍କୁ ପୃଥକ୍ ପୃଥକ୍ ଗୃହକୁ ନେଇଗଲେ। ଜଣେ ପଣ୍ଡିତକୁ ଖାଇବାପାଇଁ ଘିଅ ଓ ଖଣ୍ଡରେ ତିଆରି (ସୂତ୍ରୀ) ସିମେଇ ଦିଆଗଲା। ତହୁଁ ପଣ୍ଡିତ ଚିନ୍ତା କରି କରି କହିଲା, ''ଦୀର୍ଘସୂତ୍ରୀ ବିନଶ୍ୟତି।'' ଦୀର୍ଘ ଅର୍ଥାତ୍ ଲମ୍ବା ସୂତ୍ରୀ ବା ସିମେଇ ଯେ ଖାଏ, ସେ ବିନାଶ ପାଏ (ପ୍ରକୃତ ଅର୍ଥ ହେଉଛି; ଦୀର୍ଘସୂତ୍ରୀ ଅର୍ଥାତ୍ ଆଳସ୍ୟପରାୟଣ ଲୋକର ବିନାଶ ହୁଏ)। ଏହିପରି ବିଚାରି ସେ ଭୋଜନ ତ୍ୟାଗକରି ଚାଲିଗଲା।

ଦ୍ୱିତୀୟ ପଣ୍ଡିତଙ୍କୁ ମଣ୍ଡାପିଠା ଦିଆହୋଇଥିଲା। ସେ ପିଠାକୁ ଦେଖି କହିଲା, ''ଅତିବିସ୍ତାରବିସ୍ତୀର୍ଣ୍ଣଂ ତଦ୍ଭବେନ୍ନ ଚିରାୟୁଷମ୍'– ଯାହାର ବିସ୍ତାର ଅଧିକ, ତାହା

ଆୟୁଷକୁ ବଢ଼ାଏ ନାହିଁ।'' ଏହା କହି ସେ ମଧ୍ୟ ଆହାର ତ୍ୟାଗକରି ଚାଲିଗଲା। ତୃତୀୟ ପଣ୍ଡିତକୁ ଭୋଜନ ନିମନ୍ତେ (ବଟିକା) ବରା ଦିଆଗଲା। ତାହାକୁ ଦେଖି ସେ ପଣ୍ଡିତ କହିଲା, ''ଛିଦ୍ରେଷ୍ୱନର୍ଥା ବହୁଲୀଭବନ୍ତି।''– ଛିଦ୍ର ଥିଲେ ଅନେକ ଅନର୍ଥ ଘଟେ; ତେଣୁ ସେ ମଧ୍ୟ ଖାଇଲା ନାହିଁ। ଏହିପରି ତିନିଜଣଯାକ ମୂର୍ଖପଣ୍ଡିତ କ୍ଷୁଧାରେ କାତର ହୋଇ, ଲୋକମାନଙ୍କ ଉପହାସ ସହି ସେଠାରୁ ନିଜ ଦେଶକୁ ଗଲେ।

ତହୁଁ ସୁବର୍ଣ୍ଣସିଦ୍ଧି କହିଲା, ''ତୁମେ ବ୍ୟବହାର ନ ଜାଣି ମୋର ବାରଣ ମାନି ନ ରହିବାରୁ ଏପରି ଦୁରବସ୍ଥାରେ ପଡ଼ିଲ। ଏହି ହେତୁରୁ ମୁଁ କହୁଥିଲି, 'ଅପି ଶାସ୍ତ୍ରେଷୁ କୁଶଳାଃ' ଇତ୍ୟାଦି।

ତାହା ଶୁଣି ଚକ୍ରଧର କହିଲା, ''ହାୟ! ଏହା ଅକାରଣ।

ସୁବୁଦ୍ଧୟୋଽପି ନଶ୍ୟନ୍ତି ଦୁଷ୍ଟଦୈବେନ ନାଶିତାଃ
ସ୍ୱଳ୍ପଧୀରପି ତସ୍ମିଂସ୍ତୁ କୁଳେ ନନ୍ଦତି ସନ୍ତତମ୍।୪୧।

ଅତି ବୁଦ୍ଧିମାନ୍ ଲୋକେ ମଧ୍ୟ ଦୁର୍ଦ୍ଦୈବବଶତଃ ବିନାଶପ୍ରାପ୍ତ ହୋଇଥାନ୍ତି; ସ୍ୱଳ୍ପବୁଦ୍ଧି-ବିଶିଷ୍ଟ ଲୋକେ ଏକସ୍ଥାନରେ ରହି ଆନନ୍ଦ ଭୋଗ କରୁଥାନ୍ତି।୪୧। କଥିତ ଅଛି–

ଅରକ୍ଷିତଂ ତିଷ୍ଠତି ଦୈବରକ୍ଷିତଂ ସୁରକ୍ଷିତଂ ଦୈବହତଂ ବିନଶ୍ୟତି।
ଜୀବତ୍ୟନାଥୋଽପି ବନଂ ବିସର୍ଜିତଃ କୃତପ୍ରୟତ୍ନୋଽପି ଗୃହେ ନ ଜୀବତି।୪୨।

ଦୈବ ଯାହାକୁ ରକ୍ଷାକରେ, ସେ ଅରକ୍ଷିତ ଥିଲେହେଁ ସୁରକ୍ଷିତ ରହେ; ଦୈବ ଯାହାକୁ ପ୍ରତିକୂଳ ହୁଏ, ସେ ବିନାଶପ୍ରାପ୍ତ ହୁଏ। ଅନାଥ ବନମଧ୍ୟରେ ବିସର୍ଜିତ ହୋଇ ମଧ୍ୟ ବଞ୍ଚିରହେ; କିନ୍ତୁ ଅନ୍ୟ ଜଣେ ଗୃହମଧ୍ୟରେ ଯତ୍ନରେ ରହିଥିଲେହେଁ ବିନଷ୍ଟ ହୁଏ।୪୨। ପୁଣି–

ଶତବୁଦ୍ଧି ଶିରଃସ୍ଥୋଽୟଂ ଲମ୍ବତେ ଚ ସହସ୍ରଧୀଃ।
ଏକବୁଦ୍ଧିରହଂ ଭଦ୍ରେ! କ୍ରୀଡ଼ାମି ବିମଳେ ଜଳେ।୪୩।

ଏ ଶତବୁଦ୍ଧି ମସ୍ତକ ଉପରେ ରହିଛି ଓ ଏ ସହସ୍ରବୁଦ୍ଧି ଲମ୍ବିରହିଛି। ହେ ଭଦ୍ରେ! ମୁଁ ଏକବୁଦ୍ଧି ନିର୍ମଳ ଜଳରେ କ୍ରୀଡ଼ା କରୁଅଛି।୪୩।

ସୁବର୍ଣ୍ଣସିଦ୍ଧି ପଚାରିଲା, ''ସେ କଥାଟି କଅଣ?'' ଚକ୍ରଧର କହିଲା–

ମତ୍ସ୍ୟ-ମଣ୍ଡୂକ କଥା

କୌଣସି ଗୋଟିଏ ଜଳାଶୟରେ ଶତବୁଦ୍ଧି ଓ ସହସ୍ରବୁଦ୍ଧି ନାମରେ ଦୁଇଟି ମତ୍ସ୍ୟ ବାସକରୁଥିଲେ। ଏକବୁଦ୍ଧି ନାମକ ଗୋଟିଏ ଭେକ ସେ ଦୁହିଁଙ୍କର ମିତ୍ର ହେଲା। ଏହିପରି ସେ ତିନିହେଁଯାକ ଜଳାଶୟର ତଟଦେଶରେ ସଦାଳାପ ସୁଖରେ କିଛି ସମୟ କଟାଇ ପୁନରାୟ ଜଳ ଭିତରକୁ ଚାଲିଯାଉଥିଲେ।

ଅନନ୍ତର ଏକଦା ସେମାନେ ଏକତ୍ର ଥିବା ସମୟରେ କେତେକ ଧୀବର ହସ୍ତରେ

ଜାଲ ଧରି, ପ୍ରଚୁର ମତ୍ସ୍ୟ ବଧକରି ଓ ସେଗୁଡ଼ିକୁ ମସ୍ତକ ଉପରେ ରଖି ସନ୍ଧ୍ୟାବେଳକୁ ସେହି ଜଳାଶୟ ନିକଟରେ ଉପସ୍ଥିତ ହେଲେ। ତତ୍ପରେ ଜଳାଶୟଟିକୁ ଦେଖି ସେମାନେ କଥାବାର୍ତ୍ତା ହେଲେ– ''ଅହୋ ! ଏ ସରୋବରରେ ବହୁତ ମତ୍ସ୍ୟ ଥିବାର ଜଣାଯାଉଅଛି; ଅଳ୍ପ ଜଳ ଅଛି। ତେଣୁ କାଲି ସକାଳେ ଏଠାକୁ ଆସିବା।''

ଏହା କହି ସେମାନେ ନିଜ ଗୃହକୁ ଚାଲିଗଲେ। ମତ୍ସ୍ୟମାନେ ମଧ୍ୟ ବିଷର୍ଣ୍ଣମୁଖରେ ମନ୍ତ୍ରଣା କରିବାକୁ ଲାଗିଲେ। ତହୁଁ ଭେକ (ଏକବୁଦ୍ଧି) କହିଲା, ''ହେ ଶତବୁଦ୍ଧି ! ଧୀବରମାନଙ୍କର କଥାବାର୍ତ୍ତା ଶୁଣିଲ ? ତେବେ କଅଣ କରିବା ଉଚିତ ହେବ ? ପଳାୟନ କରିବା ନା ଏହିଠାରେ ରହିବା ? ଯାହା କରିବାକୁ ହେବ, ଆଜି ତାହା ସ୍ଥିର କର।''

ଏହା ଶୁଣି ସହସ୍ରବୁଦ୍ଧି ହସି ହସି କହିଲା, ''ହେ ମିତ୍ର ! ଭୟ କର ନାହିଁ; କାରଣ କାହାରି କଥା ଶୁଣିବାମାତ୍ରେ ଭୟ କରିବା ଉଚିତ ନୁହେଁ। କଥିତ ଅଛି–

ସର୍ପାଣାଂ ଚ଼ ଖଳାନାଂ ଚ଼ ସର୍ବେଷାଂ ଦୁଷ୍ଟଚେତସାମ୍।
ଅଭିପ୍ରାୟା ନ ସିଦ୍ଧ୍ୟନ୍ତି ତେନେଦଂ ବର୍ତ୍ତତେ ଜଗତ୍।। ୪୪।।

ସର୍ପମାନଙ୍କର, ଖଳଲୋକମାନଙ୍କର ତଥା ଦୁରାତ୍ମାମାନଙ୍କର ଅଭିଳାଷ ସିଦ୍ଧି ହୁଏ ନାହିଁ। ତେଣୁ ଏ ସଂସାର ତିଷ୍ଠିରହିଛି। ୪୪।

ଅତଏବ ସେମାନଙ୍କର ଆସିବା ଆଦୌ ହେବନାହିଁ; ଯଦି ବା ଆସନ୍ତି ତେବେ ମୋର ବୁଦ୍ଧି ପ୍ରଭାବରେ ନିଜ ସହିତ ତୁମକୁ ରକ୍ଷା କରିବି; କାରଣ ମୁଁ ଜଳରେ ଅନେକ ପ୍ରକାରର ଗତି ଜାଣେ।''

ଶତବୁଦ୍ଧି କହିଲା, ''ମିତ୍ର, ତୁମେ ଯାହା କହିଲ, ତାହା ଯଥାର୍ଥ। ତୁମେ ପ୍ରକୃତରେ ସହସ୍ରବୁଦ୍ଧି। ଅଥବା ଯଥାର୍ଥରେ କଥିତ ଅଛି–

ବୁଦ୍ଧେର୍ବୁଦ୍ଧିମତା ଲୋକେ ନାସ୍ତ୍ୟଗମ୍ୟଂ ହି କିଞ୍ଚନ।
ବୁଦ୍ଧ୍ୟା ଯତୋ ହତା ନନ୍ଦାଶ୍ଚାଣକ୍ୟେନାସିପାଣୟଃ।। ୪୫।।

ଏ ସଂସାରରେ କିଛି ହେଲେ ବୁଦ୍ଧିମାନ୍ ଲୋକଙ୍କ ବୁଦ୍ଧିର ଅଗମ୍ୟ ନୁହେଁ। ଯେହେତୁ ହସ୍ତରେ ଅସି ଧାରଣ କରିଥିଲେହେଁ ନନ୍ଦମାନେ ଚାଣକ୍ୟର ବୁଦ୍ଧିଦ୍ୱାରା ନିହତ ହୋଇଥିଲେ। ୪୫। ପୁଣି–

ନ ଯତ୍ରାସ୍ତି ଗତିର୍ବାୟୋ ରଶ୍ମୀନାଂଚ଼ ବିବସ୍ୱତଃ।
ତତ୍ରାପି ପ୍ରବିଶତ୍ୟାଶୁ ବୁଦ୍ଧିର୍ବୁଦ୍ଧିମତାଂ ସଦା।। ୪୬।।

ଯେଉଁଠାରେ ବାୟୁର ଗମନ ନାହିଁ, ସୂର୍ଯ୍ୟଙ୍କ କିରଣର ପ୍ରବେଶ ନାହିଁ, ସେଠାରେ ମଧ୍ୟ ବୁଦ୍ଧିମାନ୍ ଲୋକମାନଙ୍କର ବୁଦ୍ଧି ଶୀଘ୍ର ପ୍ରବେଶ କରେ। ୪୬।

ତେଣୁ ଧୀବରମାନଙ୍କର କଥା ଶୁଣିବାମାତ୍ରେ ପିତୃପରମ୍ପରାଗତ ଜନ୍ମସ୍ଥାନକୁ ତ୍ୟାଗ କରିପାରିବା ନାହିଁ। କଥିତ ଅଛି–

ନ ତତ୍ସ୍ୱର୍ଗେଽପି ସୌଖ୍ୟଂ ସ୍ୟାଦ୍ଦିବ୍ୟସ୍ପର୍ଶନଶୋଭନେ।
କୁସ୍ଥାନେଽପି ଭବେତ୍ପୁଂସାଂ ଜନ୍ମନୋ ଯତ୍ର ସମ୍ଭବଃ।। ୪୭।।

ଖରାପ ସ୍ଥାନ ହୋଇଥିଲେହେଁ ଯେଉଁଠାରେ ମନୁଷ୍ୟ ଜନ୍ମିଥାଏ, ସେଠାରେ ସେ ଯେଉଁ ସୁଖଭୋଗ କରେ, ତାହା ଦିବ୍ୟବସ୍ତୁମାନଙ୍କ ସଂସ୍ଥାନ ହେତୁ ରମଣୀୟ ସ୍ୱର୍ଗରେ ମଧ୍ୟ ମିଳି ନ ପାରେ। ୪୭। ତେଣୁ ଅନ୍ୟ କୌଣସି ସ୍ଥାନକୁ ଯିବା ଆବଶ୍ୟକ ନାହିଁ। ମୁଁ ନିଜର ଉତ୍ତମ ବୁଦ୍ଧିବଳରେ ତୁମମାନଙ୍କୁ ରକ୍ଷାକରିବି।''

ମଣ୍ଡୂକ କହିଲା, ''ମିତ୍ର, ମୁଁ ହେଉଛି ଏକବୁଦ୍ଧି। ମୋର ଏକମାତ୍ର ବୁଦ୍ଧି ହେଉଛି, ଏ ସ୍ଥାନରୁ ପଳାୟନ। ତେଣୁ ମୁଁ ଆଜି ଭାର୍ଯ୍ୟାକୁ ସଙ୍ଗରେ ନେଇ ଅନ୍ୟ ଜଳାଶୟକୁ ଚାଲିଯିବି।'' ଏହା କହି ଏକବୁଦ୍ଧି ସେହି ରାତ୍ରିରେ ଅନ୍ୟ ଏକ ଜଳାଶୟକୁ ଚାଲିଗଲା। ପରଦିନ ପ୍ରାତଃକାଳରେ ଧୀବରମାନେ ଆସି କ୍ଷୁଦ୍ର, ମଧ୍ୟମ, ବୃହତ୍ ସବୁ ଆକାରର ମତ୍ସ୍ୟ, କୂର୍ମ, ମଣ୍ଡୂକ, କର୍କଟ ପ୍ରଭୃତି ଜଳଚର ଜୀବଙ୍କୁ ଧରିଲେ। ଶତବୁଦ୍ଧି ଓ ସହସ୍ରବୁଦ୍ଧି ନିଜ ନିଜ ଭାର୍ଯ୍ୟା ସହିତ ପଳାଇଯାଇ ଗତିକୌଶଳ ଓ କୁଟିଳ ଉପାୟରେ ଅନେକ ବେଳ ପର୍ଯ୍ୟନ୍ତ ନିଜନିଜକୁ ରକ୍ଷାକଲେହେଁ ଶେଷରେ ଜାଲରେ ପଡ଼ି ଧୀବରମାନଙ୍କଦ୍ୱାରା ନିହତ ହେଲେ।

ଅପରାହ୍ଣ ସମୟରେ ଧୀବରମାନେ ଆନନ୍ଦିତ ହୋଇ ନିଜ ନିଜ ଘରକୁ ଯିବାପାଇଁ ବାହାରିଲେ। ଶତବୁଦ୍ଧି ଖୁବ୍ ଭାରୀ ହୋଇଥିବାରୁ ଜଣେ ଧୀବର ତାକୁ ମୁଣ୍ଡ ଉପରେ ରଖିଲା ଓ ସହସ୍ରବୁଦ୍ଧିକୁ ଝୁଲାଇ ନେଲା। ବାମ୍ପୀ ନିକଟରେ ଥାଇ ମଣ୍ଡୂକ ସେ ଦୁହିଁଙ୍କୁ ଏପରି ନିଆଯାଉଥିବାର ଦେଖି ନିଜର ଭାର୍ଯ୍ୟାକୁ କହିଲା, ''ପ୍ରିୟେ, ଏଣୁ ମୁଁ 'ଶତବୁଦ୍ଧିଃ ଶିରଃସ୍ଥୋଽୟଂ . . .' ଇତ୍ୟାଦି କହୁଥିଲି।'' ଅତଏବ ବୁଦ୍ଧି ଯେ ଏକମାତ୍ର ବଳ, ତାହା ଠିକ୍ ନୁହେଁ।

ସୁବର୍ଣ୍ଣସିଦ୍ଧି କହିଲା, ''ଯଦ୍ୟପି ଏପରି ଅଛି, ତଥାପି ମିତ୍ରର ବାକ୍ୟକୁ ଉପେକ୍ଷା କରିବା ଅନୁଚିତ। କିନ୍ତୁ କଅଣ କରାଯିବ? ମୁଁ ବାରଣ କଲେ ସୁଦ୍ଧା ତୁମେ ଅତି ଲୋଭ ଓ ବିଦ୍ୟାର ଅହଙ୍କାର ହେତୁରୁ ରହିପାରିଲ ନାହିଁ। ଅଥବା ଯଥାର୍ଥରେ କୁହାଯାଇଅଛି –

ସାଧୁ ମାତୁଳ ! ଗୀତେନ ମୟା ପ୍ରୋକ୍ତୋଽପି ନ ସ୍ଥିତଃ।
ଅପୂର୍ବୋଽୟଂ ମଣିର୍ବଦ୍ଧଂ ସଂପ୍ରାପ୍ତଂ ଗୀତଲକ୍ଷଣମ୍।। ୪୮ ।।

ମାମୁ! ତୁମକୁ ଧନ୍ୟବାଦ! ମୁଁ ମନାକଲେ ସୁଦ୍ଧା ତୁମେ ଗୀତ ଗାଇବାରୁ ବିରତ ହେଲନାହିଁ। ତାହାର ପୁରସ୍କାରସ୍ୱରୂପ ଏହି ଅପୂର୍ବ ମଣିଟି ତୁମ ଗଳାରେ ବନ୍ଧାହୋଇଅଛି। ୪୮।

ଚକ୍ରଧର ପଚାରିଲା, ''ଏହା କିପରି ହେଲା ?'' ସୁବର୍ଣ୍ଣସିଦ୍ଧି କହିଲା –

ଗାୟକ, ଗର୍ଦ୍ଦଭ ଓ ଶୃଗାଳ କଥା

କୌଣସି ସ୍ଥାନରେ ଉଦ୍ଧତ ନାମରେ ଗୋଟିଏ ଗର୍ଦ୍ଦଭ ବାସକରୁଥିଲା। ସେ ରଜକ ଗୃହରେ ସର୍ବଦା ଭାରବହନ କରୁଥିଲା ଓ ରାତ୍ରିରେ ଇଚ୍ଛାନୁସାରେ ଭ୍ରମଣ କରୁଥିଲା। ତତ୍ପରେ ପ୍ରାତଃକାଳରେ ବନ୍ଧନଭୟରୁ ଆପେ ରଜକ ଗୃହକୁ ଫେରିଆସୁଥିଲା।

ରଜକ ମଧ୍ୟ ଏହାପରେ ତାକୁ ଆଉ ବାନ୍ଧୁ ନ ଥିଲା। ଏକଦା ସେ ରାତ୍ରିରେ କ୍ଷେତ୍ର ମଧ୍ୟରେ ଭ୍ରମଣ କରୁଥିବା ସମୟରେ ଏକ ଶୃଗାଳ ସହିତ ତାହାର ମିତ୍ରତା ହେଲା। ତାହାର ଶରୀର ସ୍ଥୂଳ ହୋଇଥିବାରୁ ସେ ବାଡ଼ ଭାଙ୍ଗି ଶୃଗାଳ ସହିତ କାକୁଡ଼ି କିଆରିରେ ପ୍ରବେଶ କଲା।

ଏହିପରି ସେ ଦୁହେଁ ପ୍ରତିଦିନ ଯେତେ ଇଚ୍ଛା ସେତେ କାକୁଡ଼ି ଖାଇ ସକାଳକୁ ନିଜ ନିଜ ସ୍ଥାନକୁ ଚାଲିଯାଉଥିଲେ। ଏକଦା କ୍ଷେତ୍ର ମଧ୍ୟରେ ଥିବା ସମୟରେ ଗର୍ଦ୍ଦଭ ମଦୋନ୍ମତ୍ତ ହୋଇ ଶୃଗାଳକୁ କହିଲା, ‘‘ଭଣଜା! ଦେଖ, ଦେଖ, କେଡ଼େ ନିର୍ମଳ ରାତ୍ରି! ତେଣୁ ମୁଁ ଗୀତ ଗାଇବି। କହ ଦେଖି, କେଉଁ ରାଗରେ ଗାଇବି।?’’

ଶୃଗାଳ କହିଲା, ‘‘ମାମୁ! ଏ ଅନର୍ଥକ ବ୍ୟାପାରରେ କି ଲାଭ? ଆମେ ଚୋରି କରୁଥାଏଁ। ଚୋର ଓ ବିଟପୁରୁଷମାନେ ମୌନ ରହିବା ଉଚିତ। କଥିତ ଅଛି–

କାସଯୁକ୍ତସ୍ତ୍ୟଜେଚ୍ଚୌର୍ଯ୍ୟଂ ନିଦ୍ରାଳୁଶ୍ଚେ ସ୍ୱଚୋରିକାମ୍।
ଜିହ୍ୱାଲୌଲ୍ୟଂ ରୁଜାକ୍ରାନ୍ତୋ ଜୀବିତଂ ଯୋଽତ୍ର ବାଞ୍ଛତି॥ ୪୯ ॥

କାଶରୋଗୀ ତଥା ଅତି ନିଦ୍ରାଳୁ ଲୋକ ଚୋରି ଛାଡ଼ିଦେବା ଉଚିତ। ସେହିପରି ରୋଗୀ ଯଦି ନିଜ ଜୀବନରକ୍ଷା କରିବାକୁ ଚାହେଁ, ତେବେ ସେ ଜିହ୍ୱାର ଲାଳସା ଛାଡ଼ିବା ଆବଶ୍ୟକ। ୪୯।

ଦ୍ୱିତୀୟତଃ ତୁମର ସ୍ୱର ମଧୁର ନୁହେଁ; ଦୂରରୁ ଶଙ୍ଖର ଶବ୍ଦପରି ଶୁଣାଯାଏ। ଏ କ୍ଷେତ୍ରର ରକ୍ଷକମାନେ ଶୋଇପଡ଼ିଛନ୍ତି। ତୁମେ ଗୀତ ଗାଇଲେ ସେମାନେ ଉଠି ଆସି ଆମକୁ ମାରିପକାଇବେ ଅଥବା ବାନ୍ଧିନେବେ। ତେଣୁ ଅମୃତ ପରି ଏ କାକୁଡ଼ି ଖାଉଥାଅ; କିନ୍ତୁ ଗୀତ ଗାଅ ନାହିଁ।’’ ତାହା ଶୁଣି ଗର୍ଦ୍ଦଭ କହିଲା, ‘‘ତୁମେ ବନକୁ ଆଶ୍ରୟ କରି ରହୁଥିବାରୁ ଗୀତରସ କିପରି ଜାଣନାହିଁ– ତେଣୁ ଏପରି କହୁଛ। କଥିତ ଅଛି–

ଶରଜ୍ଜ୍ୟୋସ୍ନାହତେ ଦୂରଂ ତମସି ପ୍ରିୟସନ୍ନିଧୌ।
ଧନ୍ୟାନାଂ ବିଶତି ଶ୍ରୋତ୍ରେ ଗୀତଝଙ୍କାରଜା ସୁଧା॥ ୫୦ ॥

ଶରତ୍‌କାଳର ଜ୍ୟୋସ୍ନାଦ୍ୱାରା ଅନ୍ଧକାର ଦୂର ହୋଇଗଲେ ପ୍ରିୟଜନଙ୍କ ନିକଟରେ ଯାହାଙ୍କ କର୍ଣ୍ଣରେ ଗୀତଝଙ୍କାରର ଅମୃତ ପ୍ରବେଶ କରେ, ସେ ଧନ୍ୟ।’’। ୫୦।

ଶୃଗାଳ କହିଲା, ‘‘ମାମୁ! ସେ କଥା ଠିକ୍। କିନ୍ତୁ ତୁମେ ଗୀତ ଗାଇଜାଣନା; କେବଳ ଉଚ୍ଚ ଶବ୍ଦ କର। ତେଣୁ ଆମର ସ୍ୱାର୍ଥବିରୋଧୀ ସେ ଗୀତରେ କି ଲାଭ?’’

ଗର୍ଦ୍ଦଭ କହିଲା, ‘‘ଆରେ ମୂର୍ଖ! ତୋତେ ଧିକ୍। କଅଣ– ମୁଁ ଗୀତ ଗାଇ-ଜାଣେନା? ତାହାହେଲେ ଗୀତର ଭେଦ କହୁଛି; ଶୁଣ୍।

ସପ୍ତସ୍ୱରାସ୍ତ୍ରୟୋ ଗ୍ରାମା ମୂର୍ଚ୍ଛନାଶ୍ଚୈକବିଂଶତିଃ।
ତାଳାସ୍ତ୍ୱେକୋନପଞ୍ଚାଶତ୍ତିସ୍ରୋ ମାତ୍ରା ଲୟାସ୍ତ୍ରୟଃ॥ ୫୧ ॥

ସ୍ୱର ହେଉଛି ସାତୋଟି, ଗ୍ରାମ ତିନୋଟି, ମୂର୍ଚ୍ଛନା ଏକୋଇଶ। ଅଣଞ୍ଚାଶ

ପ୍ରକାରର ତାନ, ତିନି ପ୍ରକାରର ମାତ୍ରା ଓ ତିନି ପ୍ରକାରର ଲୟ ଅଛି। ୫୧।

ସ୍ଥାନତ୍ରୟଂ ଯତୀନାଂ ଚ ଷଡ଼ାସ୍ୟାନି ରସା ନବ।
ରାଗାଃ ଷଟତ୍ରିଂଶତିର୍ଭାବାଶ୍ଚତ୍ୱାରିଂଶଉତଃ ସ୍ମୃତାଃ ।। ୫୨ ।।
ପଞ୍ଚାଶୀତ୍ୟଧିକଂ ହ୍ୟେତଦ୍‌ଗୀତାଙ୍ଗାନାଂ ଶତଂ ସ୍ମୃତମ୍।
ସ୍ୱୟମେବ ପୁରା ପ୍ରୋକ୍ତଂ ଭରତେନ ଶ୍ରୁତେଃ ପରମ୍।। ୫୩।।

ଯତିର ତିନୋଟି ସ୍ଥାନ ଅଛି। ରାଗର ଛଅଟି ମୁଖ। ରସ ନଅ ପ୍ରକାର। ଛତିଶଟି ରାଗ ଓ ଚାଳିଶଟି ଭାବ ବର୍ଣ୍ଣିତ ଅଛି। ଏହିପରି ଗୀତର ଏକଶହ ପଞ୍ଚାଅଶୀ ଗୀତାଙ୍ଗ ରହିଛି। ଭରତ ମୁନି ବେଦଠାରୁ ଉତ୍କୃଷ୍ଟ ଏହି ଗୀତାଙ୍ଗମାନଙ୍କ କଥା ନିଜେ କହିଅଛନ୍ତି। ୫୨-୫୩।

ନାନ୍ୟଦ୍‌ଗୀତାତ୍‌ପ୍ରିୟଂ ଲୋକେ ଦେବାନାମପି ଦୃଶ୍ୟତେ।
ଶୁଷ୍କସ୍ନାୟୁସ୍ୱରାହ୍ଲାଦାତ୍ ତ୍ର୍ୟକ୍ଷଂ ଜଗ୍ରାହ ରାବଣଃ।। ୫୪ ।।

ଏ ସଂସାରରେ ଦେବତାମାନଙ୍କର ମଧ୍ୟ ଗୀତଠାରୁ ଅଧିକ ପ୍ରିୟ ବସ୍ତୁ ଅନ୍ୟ କିଛି ଦେଖାଯାଏ ନାହିଁ। ଶୁଷ୍କ ସ୍ନାୟୁରେ ସ୍ୱର ଉତ୍ପାଦନ କରି ଆହ୍ଲାଦ ଦେବା-ଦ୍ୱାରା ରାବଣ ତ୍ରିଲୋଚନ ଶିବଙ୍କୁ ପ୍ରସନ୍ନ କରିପାରିଥିଲା। ୫୪।

ଭଣଜା! ତାହାହେଲେ ତୁ ମୋତେ ଅନଭିଜ୍ଞ ବୋଲି କହି ଗୀତ ଗାଇବାକୁ ବାରଣ କରୁଛୁ?''

ଶୃଗାଳ କହିଲା, ''ମାମୁ! ଯଦି ତାହାହିଁ ହୁଏ, ତେବେ ମୁଁ ବାଡ଼ର ଦୁଆର ପାଖରେ ରହି ଜଗୁଆଳମାନଙ୍କୁ ଦେଖୁଥାଏ, ତୁମେ ଇଚ୍ଛା ଅନୁସାରେ ଗୀତ ଗାଉଥାଅ।'' ଶୃଗାଳ ବାହାରିଗଲା ଓ ଗର୍ଦ୍ଦଭ ଗାଇବାକୁ ଆରମ୍ଭ କଲା। କ୍ଷେତର ରକ୍ଷକ ଗର୍ଦ୍ଦଭର ରାବ ଶୁଣି କ୍ରୋଧରେ ଦାନ୍ତ କାମୁଡ଼ି ଧାଇଁଲା। ଗର୍ଦ୍ଦଭକୁ ଦେଖିଲାମାତ୍ରେ ସେ ତାକୁ ଠେଙ୍ଗାରେ ଏପରି ପିଟିଲା ଯେ, ସେ ତଳେ ପଡ଼ିଗଲା। ତତ୍ପରେ ତା'ର ଗଳାରେ ଗୋଟିଏ ଛିଦ୍ରଯୁକ୍ତ ପଥରର ଚକି ବାନ୍ଧିଦେଇ ସେ ଶୋଇବାକୁ ଗଲା। ଗର୍ଦ୍ଦଭ ଜାତିସ୍ୱଭାବ-ବଶରୁ ଅଳ୍ପ ସମୟ ପରେ ଦେହର ବେଦନାକୁ ଭୁଲିଯାଇ ଉଠିପଡ଼ିଲା। କଥିତ ଅଛି–

ସାରମେୟସ୍ୟ ଚାଶ୍ୱସ୍ୟ ରାସଭସ୍ୟ ବିଶେଷତଃ।
ମୁହୂର୍ତ୍ତାତ୍ପରତୋ ନ ସ୍ୟାତ୍‌ପ୍ରହାରଜନିତା ବ୍ୟଥା।। ୫୫।।

କୁକ୍କୁରର, ଅଶ୍ୱର, ବିଶେଷତଃ ଗର୍ଦ୍ଦଭର ପ୍ରହାରଜନିତ ବ୍ୟଥା ମୁହୂର୍ତ୍ତକ ପରେ ରହେ ନାହିଁ। ୫୫।

ତତ୍ପରେ ସେ ଗଳାର ଚକି ସହିତ ବାଡ଼କୁ ଭାଙ୍ଗି ପଳାଇବାକୁ ଆରମ୍ଭ କଲା। ଶୃଗାଳ ଦୂରରୁ ତାକୁ ଦେଖି ହସି ହସି କହିଲା–

ସାଧୁ ମାତୁଳ! ଗୀତେନ ମୟା ପ୍ରୋକ୍ତୋଽପି ନ ସ୍ଥିତଃ।
ଅପୂର୍ବୋଽୟଂ ମଣିର୍ବଦ୍ଧଃ ସଂପ୍ରାପ୍ତଂ ଗୀତଲକ୍ଷଣମ୍।।୫୬।।

ତୁମକୁ ବାରଣ କଲେ ସୁଦ୍ଧା ତୁମେ ମାନିଲ ନାହିଁ।

ତାହା ଶୁଣି ଚକ୍ରଧର କହିଲା, ''ହେ ମିତ୍ର! ସେ କଥା ସତ୍ୟ। ଅଥବା ଯଥାର୍ଥରେ କୁହାଯାଇଅଛି–

ଯସ୍ୟ ନାସ୍ତି ସ୍ୱୟଂ ପ୍ରଜ୍ଞା ମିତ୍ରୋକ୍ତଂ ନ କରୋତି ଯଃ।
ସ ଏବ ନିଧନଂ ଯାତି ଯଥା ମନ୍ଥର-କୌଳିକଃ॥ ୫୭॥

ଯାହାର ନିଜର ବୁଦ୍ଧି ନାହିଁ ଓ ଯିଏ ମିତ୍ରର ବାକ୍ୟ ଶୁଣେ ନାହିଁ, ସେ କୌଳିକ (ତନ୍ତୀ) ମନ୍ଥର ଭଳି ବିନାଶପ୍ରାପ୍ତ ହୁଏ।''। ୫୭।

ସୁବର୍ଣ୍ଣସିଦ୍ଧି କହିଲା, ''ସେ ମନ୍ଥର ନାମକ କୌଳିକର କଥା କଅଣ?'' ସେ କହିଲା–

ମନ୍ଥର କୌଳିକ କଥା

କୌଣସି ସ୍ଥାନରେ ମନ୍ଥରକ ନାମରେ ଜଣେ କୌଳିକ (ତନ୍ତୀ) ବାସକରୁଥିଲା। ଦିନେ ସେ ବସ୍ତ୍ର ବୁଣୁଥିବା ସମୟରେ ତାହାର ତନ୍ତର ସବୁଗୁଡ଼ିକ କାଷ୍ଠ ଭାଙ୍ଗିଗଲା। ତହୁଁ କାଷ୍ଠ ଆଣିବାପାଇଁ ସେ କୁଠାର ଧରି ବନକୁ ଗଲା। ସେ ଭ୍ରମଣ କରୁ କରୁ ସମୁଦ୍ରତଟରେ ପହଞ୍ଚି ସେଠାରେ ଗୋଟିଏ ଶିଂଶପା ଗଛ ଦେଖିଲା। ତହୁଁ ସେ ଚିନ୍ତାକଲା– 'ଏ ବୃକ୍ଷଟି ଖୁବ୍ ବଡ଼ ଦେଖାଯାଉଅଛି। ଏହାକୁ କାଟିଲେ ଏଥିରୁ ତନ୍ତର ଆବଶ୍ୟକ ସବୁ କାଠ ମିଳିଯିବ।' ଏହିପରି ବିଚାର କରି ସେ ବୃକ୍ଷଟିକୁ ହାଣିବାପାଇଁ କୁଠାର ଉଠାଇଲା। ସେହି ବୃକ୍ଷରେ ଗୋଟିଏ ବ୍ରହ୍ମରାକ୍ଷସ ବାସକରୁଥିଲା। ସେ କହିଲା, ''ଏ ବୃକ୍ଷଟି ମୋର ଆଶ୍ରୟସ୍ଥାନ; ଏହାକୁ ରକ୍ଷାକରିବାକୁ ହେବ।''

କୌଳିକ କହିଲା, ''ମୁଁ କଅଣ କରିବି? କାଷ୍ଠ ଉପକରଣ ଅଭାବରୁ ମୋର କୁଟୁମ୍ବ ଖାଦ୍ୟାଭାବରେ କଷ୍ଟ ପାଉଅଛନ୍ତି। ତେଣୁ ତୁମେ ଶୀଘ୍ର ଅନ୍ୟ ସ୍ଥାନକୁ ଚାଲିଯାଅ; ମୁଁ ଏହି ବୃକ୍ଷକୁ କାଟିବି।'' ବ୍ରହ୍ମରାକ୍ଷସ କହିଲା, ''ମୁଁ ତୋ ଉପରେ ସନ୍ତୁଷ୍ଟ ହୋଇଅଛି; ତେଣୁ ତୋର ଯାହା ଇଚ୍ଛା, ମାଗ– ଏ ଗଛଟିକୁ ଛାଡ଼ିଯାଆ।''

କୌଳିକ କହିଲା, ''ଯଦି ଏପରି କଥା, ତେବେ ମୁଁ ନିଜ ଘରକୁ ଯାଇ ମୋର ମିତ୍ର ଓ ଭାର୍ଯ୍ୟାକୁ ପଚାରି ଆସେ। ତାହାହେଲେ ତୁମେ ତାହା ଦେବ।''

ବ୍ରହ୍ମରାକ୍ଷସ 'ତଥାସ୍ତୁ' କହି ପ୍ରତିଜ୍ଞା କରିବାରୁ କୌଳିକ ଆନନ୍ଦିତ ହୋଇ ନିଜ ଗୃହକୁ ଫେରିଗଲା। ଆଗକୁ ଯାଉ ଯାଉ ଗ୍ରାମରେ ପ୍ରବେଶ କଲାବେଳେ ସେ ନିଜର ପ୍ରିୟ ବନ୍ଧୁ ନାପିତକୁ ଦେଖିଲା। ତହୁଁ ସେ ନାପିତକୁ ବ୍ରହ୍ମରାକ୍ଷସର କଥା କହି ପଚାରିଲା, ''ହେ ମିତ୍ର! ମୁଁ ଗୋଟିଏ ବ୍ରହ୍ମରାକ୍ଷସକୁ ପ୍ରସନ୍ନ କରିଛି। ତେଣୁ ତାକୁ କଅଣ ମାଗିବି, କହ। ତୁମକୁ ଏହି କଥା ପଚାରିବା ପାଇଁ ମୁଁ ଆସିଛି।''

ନାପିତ କହିଲା– ''ମିତ୍ର! ଯେବେ ଏପରି ହୋଇଛି, ତେବେ ଗୋଟିଏ ରାଜ୍ୟ ମାଗ। ତାହାହେଲେ ତୁମେ ରାଜା ହେବ; ମୁଁ ତୁମର ମନ୍ତ୍ରୀ ହେବି। ଦୁହେଁଯାକ ଇହଲୋକରେ ସୁଖଭୋଗ କରି ପରଲୋକରେ ମଧ୍ୟ ସୁଖ ପାଇବା। କଥିତ ଅଛି–

ରାଜା ଦାନପରୋ ନିତ୍ୟମିହ କୀର୍ତ୍ତିମବାପ୍ୟ ଚ।
ତତ୍‌ପ୍ରଭାବାତ୍‌ପୁନଃ ସ୍ୱର୍ଗେ ସ୍ପର୍ଦ୍ଧତେ ତ୍ରିଦଶୈଃ ସହ ॥ ୫୮ ॥

ରାଜା ସର୍ବଦା ଦାନପରାୟଣ ହୋଇ ଓ ଇହଲୋକରେ କୀର୍ତ୍ତିଲାଭ କରି ତାହାରି ବଳରେ ସ୍ୱର୍ଗକୁ ଯାଇ ଦେବତାମାନଙ୍କ ସହିତ ସ୍ପର୍ଦ୍ଧା କରନ୍ତି। ୫୮।

କୌଳିକ କହିଲା, "ତାହା ଠିକ୍, ତଥାପି ଭାର୍ଯ୍ୟାକୁ ପଚାରିବି।" ନାପିତ କହିଲା, "ମିତ୍ର ! ସ୍ତ୍ରୀମାନଙ୍କ ସହିତ ମନ୍ତ୍ରଣା କରିବା ଶାସ୍ତ୍ରବିରୁଦ୍ଧ; କାରଣ ସେମାନଙ୍କର ବୁଦ୍ଧି ଅଳ୍ପ। କଥିତ ଅଛି–

ଭୋଜନାଚ୍ଛାଦନେ ଦଦ୍ୟାଦୃତୁକାଳେ ଚ ସଙ୍ଗମମ୍।
ଭୂଷଣାଦ୍ୟଂ ଚ ନାରୀଣାଂ ନ ତାଭିର୍ମନ୍ତ୍ରୟେତ୍ସୁଧୀଃ ॥ ୫୯ ॥

ସ୍ତ୍ରୀମାନଙ୍କୁ ଅନ୍ନ, ବସ୍ତ୍ର ଓ ଅଳଙ୍କାର ଦେବା ଓ ଋତୁକାଳରେ ସହବାସ କରିବା ଉଚିତ; କିନ୍ତୁ ବୁଦ୍ଧିମାନ୍ ଲୋକ ସେମାନଙ୍କ ସଙ୍ଗେ ପରାମର୍ଶ କରିବା ଉଚିତ ନୁହେଁ। ୫୯।

ଯତ୍ର ସ୍ତ୍ରୀ ଯତ୍ର କିତବୋ ବାଲୋ ଯତ୍ର ପ୍ରଶାସିତା।
ତଦ୍‌ଗୃହଂ କ୍ଷୟମାୟାତି ଭାର୍ଗବୋ ହୀଦମବ୍ରବୀତ୍ ॥ ୬୦ ॥

ଯେଉଁଠାରେ ସ୍ତ୍ରୀ ଧୂର୍ତ୍ତ ଓ ବାଳକ ଶିକ୍ଷାଦାତା ହୁଅନ୍ତି, ସେ ଘର ନଷ୍ଟ ହୁଏ; ଏହା ଭାର୍ଗବ ଋଷି କହିଅଛନ୍ତି। ୬୦।

ତାବସ୍ୟାସ୍ସୁପ୍ରସନ୍ନାସ୍ୟସ୍ତାବଦ୍‌ଗୁରୁଜନେ ରତଃ।
ପୁରୁଷୋ ଯୋଷିତାଂ ଯାବନ୍ନ ଶୃଣୋତି ବଚୋ ରହଃ ॥ ୬୧ ॥

ଯେତେବେଳ ପର୍ଯ୍ୟନ୍ତ ପୁରୁଷ ଏକାନ୍ତରେ ସ୍ତ୍ରୀର ବାକ୍ୟ ଶୁଣି ନଥାଏ, ସେତିକି ବେଳଯାଏ ତାର ମୁଖ ପ୍ରସନ୍ନ ଥାଏ ଓ ସେ ଗୁରୁଜନଙ୍କ ପ୍ରତି ଅନୁରକ୍ତ ଥାଏ। ୬୧।

ଏତାଃ ସ୍ୱାର୍ଥପରା ନାର୍ଯ୍ୟଃ କେବଳଂ ସ୍ୱସୁଖେ ରତାଃ।
ନ ତାସାଂ ବଲ୍ଲଭଃ କୋଽପି ସୁତୋଽପି ସ୍ୱସୁଖଂ ବିନା ॥ ୬୨ ॥

ନାରୀମାନେ ସ୍ୱାର୍ଥପର ହୋଇ କେବଳ ନିଜର ସୁଖରେ ରତ ଥାଆନ୍ତି। ଆତ୍ମସୁଖ ନିକଟରେ ସେମାନେ ନିଜର ପତି ଓ ପୁତ୍ରକୁ ମଧ୍ୟ ଚାହାନ୍ତି ନାହିଁ।" ୬୨।

କୌଳିକ କହିଲା, "ତଥାପି ତାକୁ ପଚାରିବା ଉଚିତ; କାରଣ ସେ ପତିବ୍ରତା। ଦ୍ୱିତୀୟଃ ତାକୁ ନ ପଚାରି ମୁଁ କୌଣସି କାର୍ଯ୍ୟ କରେ ନାହିଁ।" ନାପିତକୁ ଏହା କହି ସେ ଶୀଘ୍ର ଗୃହକୁ ଗଲା ଓ ଭାର୍ଯ୍ୟାକୁ କହିଲା, "ପ୍ରିୟେ ! ଆଜି ମୁଁ ଗୋଟିଏ ବ୍ରହ୍ମରାକ୍ଷସକୁ ପ୍ରସନ୍ନ କରିଛି। ସେ ମୋର ଇଚ୍ଛା ପୂରଣ କରିବ। ସେଥିପାଇଁ ମୁଁ ତୋତେ ପଚାରିବାକୁ ଆସିଛି। କହ, କଅଣ ମାଗିବି। ମୋର ପ୍ରିୟ ବନ୍ଧୁ ନାପିତ କହୁଛି– ଗୋଟିଏ ରାଜ୍ୟ ମାଗ।" ଭାର୍ଯ୍ୟା କହିଲା, "ଆର୍ଯ୍ୟପୁତ୍ର ! ନାପିତଙ୍କର କଅଣ ବୁଦ୍ଧି ଅଛି ? ତା' କଥା ଅନୁସାରେ କାମ କରିବା ଅନୁଚିତ। କଥିତ ଅଛି–

ଚାରଣୈର୍ବନ୍ଦିଭିର୍ନୀଚୈର୍ନାପିତୈର୍ବାଳକୈରପି।
ନ ମନ୍ତ୍ରଂ ମତିମାନ୍‌କୁର୍ଯ୍ୟାତ୍ସାର୍ଦ୍ଧଂ ଭିକ୍ଷୁଭିରେବ ଚ ॥ ୬୩ ॥

ବୁଦ୍ଧିମାନ୍ ଲୋକ ଚାରଣ, ଭାଟ, ଦୁଷ୍ଟଲୋକ, ନାପିତ, ବାଳକ ଓ ଭିକ୍ଷୁକ– ଏମାନଙ୍କ ସଙ୍ଗେ କଦାପି ମନ୍ତ୍ରଣା କରିବ ନାହିଁ। ୬୩।

ଆହୁରି ମଧ୍ୟ ରାଜ୍ୟ ମହାନ୍ କଷ୍ଟର କାରଣ। ରାଜ୍ୟର ରକ୍ଷା ନିମନ୍ତେ ସନ୍ଧି, ବିଗ୍ରହ, ଯାନ, ଆସନ, ସଂଶୟ, ଦ୍ୱୈଧଭାବ ପ୍ରଭୃତି କେବେହେଲେ ମନୁଷ୍ୟଙ୍କୁ ସୁଖ ଦିଅନ୍ତି ନାହିଁ। କାରଣ –

ଯଦୈବ ରାଜ୍ୟେ କ୍ରିୟତେଽଭିଷେକସ୍ତଦୈବ ଯାତି ବ୍ୟସନେଷୁ ବୁଦ୍ଧିଃ।
ଘଟା ନୃପାଣାମଭିଷେକକାଳେ ସହାମ୍ଭସୈବାପଦମୁଦ୍‌ଗିରନ୍ତି॥ ୬୪ ॥

ଯେତେବେଳେ ରାଜ୍ୟରେ ଅଭିଷେକ କରାଯାଏ, ସେତିକିବେଳୁ ବୁଦ୍ଧି ବିପଦଗ୍ରସ୍ତ ହୋଇଯାଏ। ଅଭିଷେକ ସମୟରେ ରାଜାମାନଙ୍କ ଉପରେ କଳସର ଜଳ ସହିତ ବିପଦହିଁ ଢଳାଯାଇଥାଏ। ୬୪। ପୁଣି –

ରାମସ୍ୟ ବ୍ରଜନଂ ବନେ ନିବସନଂ ପଣ୍ଡୋଃ ସୁତାନାଂ ବନେ
ବୃଷ୍ଣୀନାଂ ନିଧନଂ ନଳସ୍ୟ ନୃପତେ ରାଜ୍ୟାତ୍ପରିଭ୍ରଂଶନମ୍।
ସୌଦାସଂ ତଦବସ୍ଥମର୍ଜୁନବଧଂ ସଂଚିନ୍ତ୍ୟ ଲଙ୍କେଶ୍ୱରଂ
ଦୃଷ୍ଟ୍ୱା ରାଜ୍ୟକୃତେ ବିଡ଼ମ୍ବନଗତଂ ତସ୍ମାନ୍ନତଦ୍ ବାଞ୍ଛୟେତ୍॥ ୬୫ ॥

ରାମଚନ୍ଦ୍ରଙ୍କର ବନଗମନ, ପାଣ୍ଡୁପୁତ୍ରମାନଙ୍କର ବନବାସ, ଯାଦବମାନଙ୍କର ବିନାଶ, ନଳ ରାଜାଙ୍କର ରାଜ୍ୟଭ୍ରଂଶ, ସୌଦାସ ରାଜାଙ୍କର ଦୁରବସ୍ଥା, ସହସ୍ରାର୍ଜୁନଙ୍କ ନିଧନ ତଥା ରାବଣର ବିନାଶ– ଏ ସମସ୍ତଙ୍କ ରାଜ୍ୟ ହେତୁ ଯେଉଁ ବିଡ଼ମ୍ବନା ଘଟିଥିଲା, ତାହା ଚିନ୍ତା କରି ରାଜ୍ୟ କାମନା କରିବା ଉଚିତ ନୁହେଁ। ୬୫।

(ରାମଚନ୍ଦ୍ର କୈକେୟୀଙ୍କ କଥାରେ ପିତୃସତ୍ୟ ପାଳିବାକୁ ବନଗମନ କରିଥିଲେ। ପାଣ୍ଡବମାନେ ଦ୍ୟୂତକ୍ରୀଡ଼ାରେ ହାରି ବନବାସ ଓ ଅଜ୍ଞାତବାସ କରିଥିଲେ। ଯଦୁବଂଶୀୟ ରାଜାମାନେ ଶ୍ରୀକୃଷ୍ଣଙ୍କ ମାୟାରେ ପରସ୍ପର ଯୁଦ୍ଧ କରି ବିନାଶ ପାଇଥିଲେ। ରାଜା ନଳ ଭାଇଦ୍ୱାରା ପଶାଖେଳରେ ହାରି ବନକୁ ଯାଇଥିଲେ। ଈକ୍ଷ୍ୱାକୁ ବଂଶର ରାଜା ସୌଦାସ ଗୁରୁ ବଶିଷ୍ଠଙ୍କ ଅଭିଶାପରେ ରାକ୍ଷସତ୍ୱ ପ୍ରାପ୍ତ ହୋଇଥିଲେ। ସହସ୍ରାର୍ଜୁନ ପରଶୁରାମଙ୍କ ଦ୍ୱାରା ନିହତ ହୋଇଥିଲେ। ଲଙ୍କାର ରାଜା ରାବଣ ସୀତାଙ୍କୁ ହରଣକରି ରାମଙ୍କ ଦ୍ୱାରା ନିହତ ହୋଇଥିଲେ।)

ଯଦର୍ଥଂ ଭ୍ରାତରଃ ପୁତ୍ରା ଅପି ବାଞ୍ଛନ୍ତି ଯେ ନିଜାଃ।
ବଧଂ ରାଜ୍ୟକୃତାଂ ରାଜ୍ଞାଂ ତଦ୍ରାଜ୍ୟଂ ଦୂରତସ୍ତ୍ୟଜେତ୍॥ ୬୬॥

ଯେଉଁ ରାଜ୍ୟ ନିମନ୍ତେ ନିଜର ଭ୍ରାତା ଓ ପୁତ୍ର ମଧ୍ୟ ରାଜାଙ୍କର ବିନାଶ କାମନା କରନ୍ତି, ସେ ରାଜ୍ୟକୁ ଦୂରରୁ ତ୍ୟାଗ କରିବା ଉଚିତ।'' ।୬୬।

କୌଳିକ କହିଲା, ''ତୁମେ ଠିକ୍ କହିଛ ପ୍ରିୟେ! ତାହାହେଲେ କଅଣ ମାଗିବି କହ?'' ଭାର୍ଯ୍ୟା କହିଲା, ''ତୁମେ ଏବେ ପ୍ରତିଦିନ ଗୋଟିଏ ବସ୍ତ୍ର ବୁଣୁଛ। ସେଥିରେ ଆମର ସବୁ ଖର୍ଚ୍ଚ ଚଳୁଛି। ବର୍ତ୍ତମାନ ତୁମେ ନିଜ ପାଇଁ ଆଉ ଯୋଡ଼ିଏ ହାତ ଓ ଗୋଟିଏ ମୁଣ୍ଡ ମାଗ। ତାହାହେଲେ ତୁମେ ଆଗରେ ଗୋଟିଏ ଓ ପଛରେ

ଗୋଟିଏ ଏହିପରି ଦୁଇଟି ଲୁଗା ବୁଣିପାରିବ। ଗୋଟିକର ମୂଲ୍ୟରେ ଆମେ ପୂର୍ବପରି ଖର୍ଚ୍ଚ ତୁଲାଇବା ଓ ଅନ୍ୟଟିର ମୂଲ୍ୟରେ ବିଶେଷ କୃତ୍ୟ କରିବା। ଏହିପରି ସୁଖରେ ସ୍ୱଜାତି ମଧ୍ୟରେ ପ୍ରଶଂସା ପାଇ କାଳ କଟାଇବା। ତୁମେ ଏକାକୀ ଦୁଇ ଜଣକର ଉପାର୍ଜନ କରିପାରିବ।''

ଏହା ଶୁଣି କୌଳିକ ଅତି ଆନନ୍ଦିତ ହୋଇ କହିଲା, ''ପତିବ୍ରତେ! ତୁମେ ଧନ୍ୟ! ତୁମେ ଠିକ୍ କହିଛ। ମୁଁ ତାହାହିଁ କରିବି। ଏ କଥା ନିଶ୍ଚୟ।'' ତତ୍ପରେ ସେ ବନକୁ ଯାଇ ବ୍ରହ୍ମରାକ୍ଷସକୁ ପ୍ରାର୍ଥନା କଲା, ''ଯଦି ମୋର ଇଚ୍ଛା ଅନୁସାରେ ବର ଦେବ, ତେବେ ମୋତେ ଆଉ ଯୋଡ଼ିଏ ହାତ ଓ ଗୋଟିଏ ମୁଣ୍ଡ ଦିଅ।'' ଏହା କହିଲାମାତ୍ରେ ତତ୍‌କ୍ଷଣାତ୍ ତାର ଚାରିଟି ବାହୁ ଓ ଦୁଇଟି ମୁଣ୍ଡ ହୋଇଗଲା। ତତ୍ପରେ ସେ ଯେତେବେଳେ ଗୃହକୁ ଆସିଲା, ସେତେବେଳେ ଲୋକେ ତାହାକୁ ଗୋଟିଏ ରାକ୍ଷସ ମନେକରି ଠେଙ୍ଗା ପଥର ପ୍ରଭୃତିରେ ପ୍ରହାର କରି ମାରିପକାଇଲେ। ତେଣୁ ମୁଁ କହୁଥିଲି – 'ଯସ୍ୟ ନାସ୍ତି ସ୍ୱୟଂ ପ୍ରଜ୍ଞା . . .' ଇତ୍ୟାଦି।''

ଚକ୍ରଧର କହିଲା, ''ମିତ୍ର, ଏ କଥା ସତ୍ୟ। ଲୋକେ ଘୃଣ୍ୟ ଆଶା-ପିଶାଚୀର ବଶ ହୋଇ ଉପହାସର ପାତ୍ର ହୋଇଥାନ୍ତି। ଅଥବା କେହି ଜଣେ ଯଥାର୍ଥରେ କହିଅଛନ୍ତି –

ଅନାଗତବତୀଂ ଚିନ୍ତାମସମ୍ଭାବ୍ୟାଂ କରୋତି ଯଃ।
ସ ଏବ ପାଣ୍ଡୁରଃ ଶେତେ ସୋମଶର୍ମପିତା ଯଥା।। ୬୭ ।।

ଯେଉଁ ଲୋକ ଅସମ୍ଭବ ଭବିଷ୍ୟତ ଚିନ୍ତା କରେ, ସେ ସୋମଶର୍ମାଙ୍କ ପିତାପରି ପାଣ୍ଡୁର ବର୍ଣ୍ଣ ଧାରଣ କରି ଶୋଇରହେ। ୬୭।

ସୁବର୍ଣ୍ଣସିଦ୍ଧି ପଚାରିଲା, ''ସେ ସୋମଶର୍ମାଙ୍କ ପିତା କଥା କ'ଣ? ଚକ୍ରଧର କହିଲା –

ସୋମଶର୍ମାପିତା କଥା

କୌଣସି ନଗରରେ ଗୋଟିଏ ବ୍ରାହ୍ମଣ ବାସକରୁଥିଲା। ତାହାର ନାମ ସ୍ୱଭାବ-କୃପଣ। ସେ ଭିକ୍ଷା ମାଗି ଖାଇବା ପରେ ଅବଶିଷ୍ଟ ସକ୍ତୁ (ଛତୁଆ)କୁ ଗୋଟିଏ କଳଶରେ ପୂରାଇ ରଖୁଥିଲା। ସେ କଳଶଟିକୁ କାନ୍ଥର ଦିକାଠିରେ ଝୁଲାଇ ଦେଇ ତାହା ତଳେ ଖଟ ଉପରେ ଶୋଇ ସବୁବେଳେ ଏକଦୃଷ୍ଟିରେ ତାହାକୁ ଚାହିଁରହୁଥିଲା।

ଏକଦା ରାତ୍ରିରେ ସେ ଶୋଇରହି ଚିନ୍ତା କଲା – 'ଏ କଳଶଟି ଛତୁଆରେ ପୂରିଗଲାଣି। ତେଣୁ ଯଦି ଦୁର୍ଭିକ୍ଷ ହେବ, ତାହାହେଲେ ଏଥିରୁ ଶହେଟଙ୍କା ମିଳିବ। ମୁଁ ସେଥିରେ ଦୁଇଟି ଛେଳି କିଣି ଆଣିବି। ଛେଳି ପ୍ରତି ଛଅମାସରେ ଥରେ ଜନ୍ମ କରୁଥିବାରୁ ସେ ଯୋଡ଼ିକରୁ ପଲେ ଛେଳି ହୋଇଯିବେ। ତତ୍ପରେ ଛେଳି ମୂଲ୍ୟରେ ଅନେକ ଗାଈ ଆଣିବି। ତାହାପରେ ଗାଈ ଦେଇ ମଇଁଷି ଓ ମଇଁଷି

ଦେଇ ଘୋଡ଼ୀ ଆଣିବି । ଘୋଡ଼ୀମାନେ ଛୁଆ ଜନ୍ମ କଲେ ଅନେକ ଘୋଡ଼ା ହୋଇଯିବ । ସେମାନଙ୍କୁ ବିକିଦେଇ ପ୍ରଚୁର ସୁନା ପାଇବି । ସୁନା-ମୂଲ୍ୟରେ ଚାରିମହଲା ଘର ତିଆରି କରାଇବି ।

ତପ୍ରେ କୌଣସି ବ୍ରାହ୍ମଣ ମୋ ଘରକୁ ଆସି ତାର ଯୁବତୀ ରୂପବତୀ କନ୍ୟାକୁ ଆଣି ମୋତେ ସମର୍ପଣ କରିବ । ତାହାଠାରୁ ମୋର ଗୋଟିଏ ପୁତ୍ର ଜନ୍ମ ହେବ । ମୁଁ ତାର ନାମ ଦେବି ସୋମଶର୍ମା ।

ଘୁଷୁଡ଼ି ଘୁଷୁଡ଼ି ତା'ର ଚାଲିବାକୁ ବଳ ଆସିଗଲେ ମୁଁ ଯେତେବେଳେ ଘୋଡ଼ାଶାଳ ପଛରେ ପୋଥି ଧରି ତାର ବିଚାର କରୁଥିବି; ସେତେବେଳେ ସୋମାଶର୍ମା ମୋତେ ଦେଖି ମାଆ କୋଳରୁ ଓହ୍ଲାଇ ଘୁଷୁଡ଼ି ଘୁଷୁଡ଼ି ଘୋଡ଼ା ପାଦ ନିକଟରେ ମୋ ପାଖକୁ ଚାଲିଆସିବ । ତହୁଁ ମୁଁ କ୍ରୋଧାନ୍ୱିତ ହୋଇ ତାର ମାଆକୁ କହିବି– 'ପିଲାକୁ ନେଇଯାଆ ।' ସେ ଗୃହକାର୍ଯ୍ୟରେ ବ୍ୟସ୍ତ ରହି ମୋ କଥା ଶୁଣିବ ନାହିଁ । ତହୁଁ ମୁଁ ଉଠିଯାଇ ତାକୁ ଗୋଇଠା ମାରିବି ।' ଏହିପରି କଳ୍ପନାରେ ବୁଡ଼ି ରହି ସେ ଏପରି ଏକ ଗୋଇଠା ମାରିଲା ଯେ କଳଶଟି ଭାଙ୍ଗିଗଲା; ନିଜେ ଛତୁଆରେ ପାଣ୍ଡୁର ବର୍ଣ୍ଣ ହୋଇଗଲା । ଏହି ହେତୁରୁ ମୁଁ କହୁଥିଲି– 'ଅନାଗତବତୀଂ ଚିନ୍ତାମ୍...' ଇତ୍ୟାଦି ।

ସୁବର୍ଣ୍ଣସିଦ୍ଧି କହିଲା– ସେ କଥା ଯଥାର୍ଥ । ତୁମର ଦୋଷ କଅଣ ? ଲୋକେ ଲୋଭଗ୍ରସ୍ତ ହେଲେ ବିଡ଼ମ୍ବିତ ହୋଇ କଷ୍ଟଭୋଗ କରିଥାନ୍ତି । କଥିତ ଅଛି–

ଯୋ ଲୌଲ୍ୟାଦ୍ କୁରୁତେ କର୍ମ ନୈବୋଦର୍କମବେକ୍ଷତେ ।
ବିଡ଼ମ୍ବନାମବାପ୍ନୋତି ସ ଯଥା ଚନ୍ଦ୍ରଭୂପତିଃ ।। ୬୮ ।।

ଯେଉଁ ଲୋକ ଲୋଭପରବଶ ହୋଇ କାର୍ଯ୍ୟ କରେ ଓ ତା'ର ପରିଣାମ ବିଷୟରେ ଚିନ୍ତା କରେ ନାହିଁ, ସେ ଚନ୍ଦ୍ରଭୂପତି ପରି ବିଡ଼ମ୍ବନା ପ୍ରାପ୍ତ ହୁଏ । ୬୮ ।

ଚକ୍ରଧର ପଚାରିଲା– "ସେ ଚନ୍ଦ୍ରଭୂପତି କଥା କଅଣ ?" ସେ କହିଲା–

ଚନ୍ଦ୍ରଭୂପତି କଥା

ଗୋଟିଏ ନଗରରେ ଚନ୍ଦ୍ର ନାମକ ଜଣେ ରାଜା ବାସକରୁଥିଲେ । ତାଙ୍କର ପୁତ୍ରମାନେ ବାନରମାନଙ୍କ ସହିତ କ୍ରୀଡ଼ାରେ ରତ ରହୁଥିଲେ ଓ ସେମାନଙ୍କୁ ପ୍ରତିଦିନ ଅନେକ ପ୍ରକାରର ଖାଦ୍ୟଦ୍ରବ୍ୟ ଦେଇ ପୁଷ୍ଟ କରୁଥିଲେ । ଏହି ବାନରଯୂଥର ଅଧିପତି ଶୁକ୍ର, ବୃହସ୍ପତି ଓ ଚାଣକ୍ୟଙ୍କର ନୀତିଶାସ୍ତ୍ରମାନ ଜାଣିଥିଲା ଓ ତଦନୁସାରେ କାର୍ଯ୍ୟ କରୁଥିଲା । ସେ ବାନରମାନଙ୍କୁ ମଧ୍ୟ ଶିକ୍ଷା ଦେଉଥିଲା ।

ସେହି ରାଜପୁରୀରେ ଛୋଟ ରାଜକୁମାରମାନଙ୍କର ବାହନଯୋଗ୍ୟ ଗୋଟିଏ ମେଷପଲ ଥିଲା । ସେହି ମେଷପଲ ମଧ୍ୟରୁ ଗୋଟିଏ ମେଷ ଜିହ୍ୱାଲାଳସା ହେତୁରୁ ଦିବାରାତ୍ର ରନ୍ଧନଶାଳାରେ ପଶି ଯାହା କିଛି ଦେଖୁଥିଲା, ତାହା ଖାଇଯାଉଥିଲା । ପାଚକମାନେ

କାଷ୍ଠ, ମୃତ୍ତିକାନିର୍ମିତ ପାତ୍ର, କାଂସ୍ୟପାତ୍ର ବା ତାମ୍ରପାତ୍ର ଯାହା କିଛି ପାଉଥିଲେ, ସେଥିରେ ତାକୁ ପିଟୁଥିଲେ।

ବାନରଯୂଥର ଅଧିପତି ଏହା ଦେଖି ଚିନ୍ତା କରିବାକୁ ଲାଗିଲା – 'ଅହୋ, ମେଷ ଓ ପାଚକଙ୍କର ଏହି କଳହ ଶେଷରେ ବାନରମାନଙ୍କର ବିନାଶର କାରଣ ହେବ। ଏ ମେଷଟି ଅନ୍ନଭୋଜନ ପାଇଁ ଲୋଲୁପ ଓ ପାଚକମାନେ ନିତାନ୍ତ କ୍ରୁଦ୍ଧ ହୋଇ ଯାହା କିଛି ନିକଟରେ ଦେଖୁଛନ୍ତି, ସେଥିରେ ତାକୁ ପିଟୁଛନ୍ତି। ଯଦି କେବେ ପାଖରେ ଅନ୍ୟ କିଛି ନ ପାଇ ପାଚକମାନେ ଜଳନ୍ତା କାଷ୍ଠଖଣ୍ଡରେ ତାକୁ ପ୍ରହାର କରନ୍ତି, ତେବେ ମେଷର ଦେହରେ ଥିବା ପ୍ରଚୁର ଲୋମରେ ସାମାନ୍ୟ ଅଗ୍ନି ଲାଗିଲେ ମଧ୍ୟ ପ୍ରଜ୍ଜ୍ୱଳିତ ହୋଇ ଉଠିବ। ତପ୍ରରେ ସେ ପାର୍ଶ୍ୱବର୍ତ୍ତୀ ଅଶ୍ୱଶାଳାରେ ପ୍ରବେଶ କରିବ। ଅଶ୍ୱଶାଳାରେ ପ୍ରଚୁର ତୃଣ ଥିବାରୁ ତାହା ଜଳିଉଠିବ; ଫଳରେ ଅଶ୍ୱମାନେ ଅଗ୍ନିରେ ପୋଡ଼ିଯିବେ। ଶାଳିହୋତ୍ର ଅଶ୍ୱଶାସ୍ତ୍ରରେ କହିଅଛନ୍ତି – ବାନରର ଚର୍ବିଦ୍ୱାରା ଅଶ୍ୱମାନଙ୍କର ଅଗ୍ନିଦାହ ପ୍ରଶମିତ ହୁଏ। ଏହିପରି ଦିନେ ଅବଶ୍ୟ ଘଟିବ। ଏ କଥା ନିଶ୍ଚିତ।

ଏହିପରି ବିଚାର କରି ସେ ବାନରଯୂଥପତି ସବୁ ବାନରଙ୍କୁ ଡାକି ଏକାନ୍ତରେ କହିଲା –

ମେଷେ ସୂପକାରାଣାଂ କଳହୋ ଯତ୍ର ଜାୟତେ।
ସ ଭବିଷ୍ୟତ୍ୟସଂଦିଗ୍ଧଂ ବାନରାଣାଂ କ୍ଷୟାବହଃ ॥ ୬୯ ॥

ପାଚକମାନଙ୍କର ମେଷ ସହିତ ଯେଉଁ କଳହ ଚାଲିଛି, ତାହାର ପରିଣାମରେ ଆମ ବାନରମାନଙ୍କର ଯେ କ୍ଷୟସାଧନ କରିବ, ଏଥିରେ ସନ୍ଦେହ ନାହିଁ। ୬୯।

ତସ୍ମାଦ୍ୟସ୍ୟାକ୍ଳହୋ ଯତ୍ର ଗୃହେ ନିତ୍ୟମକାରଣଃ।
ତଦ୍‌ଗୃହଂ ଜୀବିତଂ ବାଞ୍ଛନ୍‌ଦୂରତଃ ପରିବର୍ଜୟେତ୍ ॥ ୭୦ ॥

ଯେଉଁ ଗୃହରେ ପ୍ରତିଦିନ ଅକାରଣରେ କଳହ ଲାଗିଥାଏ, ପ୍ରାଣ ରଖିବାକୁ ଇଚ୍ଛା ଥିଲେ, ସେ ଗୃହକୁ ତ୍ୟାଗକରି ଚାଲିଯିବା ଉଚିତ। ୭୦। ଆହୁରି ମଧ୍ୟ –

କଳହାନ୍ତାନି ହର୍ମ୍ୟାଣି କୁବାକ୍ୟାନ୍ତଂ ଚ ସୌହୃଦମ୍।
କୁରାଜାନ୍ତାନି ରାଷ୍ଟ୍ରାଣି କୁକର୍ମାନ୍ତଂ ଯଶୋନୃଣାମ୍ ॥ ୭୧ ॥

କଳହ ହେତୁ ଗୃହର, କୁବାକ୍ୟ ହେତୁରୁ ବନ୍ଧୁତ୍ୱର, ଦୁଷ୍ଟ ରାଜାଙ୍କ ହେତୁରୁ ରାଜ୍ୟର ଓ କୁକର୍ମ ହେତୁରୁ ମନୁଷ୍ୟର ଯଶର ବିନାଶ ଘଟିଥାଏ। ୭୧।

ଅତଏବ ଆମ ସମସ୍ତଙ୍କର ବିନାଶ ହେବା ପୂର୍ବରୁ ଏ ରାଜନବରକୁ ଛାଡ଼ି ବନକୁ ପଳାଇଯିବା।

ତାହାର ଏହି ଅପ୍ରିୟ ବଚନ ଶୁଣି ମଦୋଦ୍ଧତ ବାନରମାନେ ଉପହାସ୍ୟ କରି କହିଲେ, "ଓ! ବାର୍ଦ୍ଧକ୍ୟ ହେତୁରୁ ତୁମର ବୁଦ୍ଧି ବିଚଳିତ ହେଲାଣି। ସେଥିପାଇଁ ଏପରି କହୁଛ। କଥିତ ଅଛି –

ବଦନଂ ଦଶନୈର୍ହୀନଂ ଲାଳା ସ୍ରବତି ନିତ୍ୟଶଃ।
ନ ମତିଃ ସ୍ଫୁରତି କ୍ୱାପି ବାଲେ ବୃଦ୍ଧେ ବିଶେଷତଃ ॥ ୭୨ ॥

ବାଳକ ଓ ବୃଦ୍ଧ ଉଭୟଙ୍କର ମୁଖ ଦନ୍ତହୀନ; ଉଭୟଙ୍କ ମୁଖରୁ ସର୍ବଦା ଲାଳ ସ୍ରବୁଥାଏ। କୌଣସି ବିଷୟରେ ଏ ଦୁହିଁଙ୍କର ବିଶେଷତଃ ବୃଦ୍ଧର ବୁଦ୍ଧି ସ୍ଫୁରେ ନାହିଁ। ୭୨।

ଏଠାରେ ସ୍ୱର୍ଗସମାନ ସୁଖଭୋଗ, ରାଜପୁତ୍ରମାନଙ୍କ ସ୍ୱହସ୍ତରେ ପ୍ରଦତ୍ତ ବିବିଧ ଅମୃତତୁଲ୍ୟ ଭୋଜ୍ୟଦ୍ରବ୍ୟ ତ୍ୟାଗକରି ଆମେମାନେ ବନମଧ୍ୟରେ କଷାୟ, କଟୁ, ତିକ୍ତ, କ୍ଷାର, ରୁକ୍ଷ ଫଳ ଖାଇପାରିବୁ ନାହିଁ।''

ଏହା ଶୁଣି ବାନରପତି ଅଶ୍ରୁପ୍ଲାବିତ ନେତ୍ରରେ କହିଲା, ''ଆରେ ରେ ମୂର୍ଖ! ତୁମେମାନେ ଏ ସୁଖର ପରିଣାମ ଜାଣିପାରିନାହଁ। ପାପକର୍ମର ରସାସ୍ୱାଦନ ସଦୃଶ ଏ ସୁଖର ପରିଣାମ ବିଷମୟ ହେବ। କୁଳ ବିନାଶ ମୁଁ ନିଜେ ଦେଖିପାରିବି ନାହିଁ। ମୁଁ ବର୍ତ୍ତମାନ ବନକୁ ଚାଲିଯାଉଅଛି। କଥିତ ଅଛି –

ମିତ୍ରଂ ବ୍ୟସନସଂପ୍ରାପ୍ତଂ ସ୍ୱସ୍ଥାନଂ ପରପୀଡ଼ିତମ୍।
ଧନ୍ୟାସ୍ତେ ଯେ ନ ପଶ୍ୟନ୍ତି ଦେଶଭଙ୍ଗଂ କୁଳକ୍ଷୟମ୍॥ ୭୩॥

ମିତ୍ର ବିପଦଗ୍ରସ୍ତ ହେବା, ନିଜର ସ୍ଥାନ ଅନ୍ୟଦ୍ୱାରା ଉତ୍ପୀଡ଼ିତ ହେବା, ଦେଶଭଙ୍ଗ, କୁଳକ୍ଷୟ – ଏସବୁ ଯେଉଁମାନେ ଦେଖନ୍ତି ନାହିଁ, ସେମାନେ ଧନ୍ୟ। ୭୩।

ଯୂଥପତି ଏହା କହି, ସମସ୍ତ ବାନରଙ୍କୁ ତ୍ୟାଗକରି ବନକୁ ଚାଲିଗଲା।

ସେ ଯିବା ପରେ ଦିନେ ସେହି ମେଷଟି ରନ୍ଧନଶାଳାରେ ପ୍ରବେଶ କଲା। ପାଚ଼କ ଅନ୍ୟ କିଛି ନ ପାଇ ଜଳନ୍ତା କାଷ୍ଠଖଣ୍ଡରେ ତାକୁ ପ୍ରହାର କରିବାରୁ ସେ ଜ୍ୱଳନ୍ତ ଶରୀରରେ ଚିତ୍କାର କରି କରି ନିକଟବର୍ତ୍ତୀ ଅଶ୍ୱଶାଳାରେ ପ୍ରବେଶ କଲା। ସେଠାରେ ସେ ତୃଣପୂର୍ଣ୍ଣ ଭୂମିରେ ଲୋଟିବାରୁ ସର୍ବତ୍ର ଏପରି ବହ୍ନିଶିଖା ଉଠିଲା ଯେ କେତେକ ଅଶ୍ୱ ଚକ୍ଷୁ ହରାଇ ମୃତ୍ୟୁମୁଖରେ ପଡ଼ିଲେ, କେତେକ ଅଶ୍ୱ ବନ୍ଧନ ଛିନ୍ନ କରି ଅର୍ଦ୍ଧଦଗ୍ଧ ଶରୀରରେ ହ୍ରେଷାରବ କରି ଇତସ୍ତତଃ ଧାଇଁବାକୁ ଲାଗିଲେ।

ଏହା ଫଳରେ ଲୋକମାନେ ବ୍ୟାକୁଳ ହୋଇପଡ଼ିଲେ। ଏହି ଅବସରରେ ରାଜା ବିଷଣ୍ଣ ହୋଇ ଶାଳିହୋତ୍ରଶାସ୍ତ୍ରଜ୍ଞ ବୈଦ୍ୟମାନଙ୍କୁ ଡକାଇ ପଚାରିଲେ, ''ଏହି ଅଶ୍ୱମାନଙ୍କର ଦାହଜନିତ ବ୍ୟଥାର ଉପଶମ ପାଇଁ କୌଣସି ଉପାୟ କହ?''

ସେମାନେ ଶାସ୍ତ୍ର ଦେଖି କହିଲେ, ''ମହାରାଜ! ଏ ବିଷୟରେ ଭଗବାନ୍ ଶାଳିହୋତ୍ର କହିଅଛନ୍ତି –

କପୀନାଂ ମେଦସା ଦୋଷୋ ବହ୍ନିଦାହସମୁଦ୍ଭବଃ।
ଅଶ୍ୱାନାଂ ନାଶମଭ୍ୟେତି ତମଃ ସୂର୍ଯ୍ୟୋଦୟେ ଯଥା॥ ୭୪॥

ସୂର୍ଯ୍ୟୋଦୟ ହେଲେ ଅନ୍ଧକାର ଯେପରି ଦୂର ହୋଇଯାଏ, ବାନରମାନଙ୍କର ମେଦଦ୍ୱାରା ଅଶ୍ୱମାନଙ୍କର ଦାହଜନିତ ରୋଗ ସେହିପରି ବିନଷ୍ଟ ହୋଇଯାଏ। ୭୪। ତେଣୁ ଅତି ଶୀଘ୍ର ଏହି ଚିକିତ୍ସା କରାଯାଉ, ଯେପରିକି ଅଶ୍ୱମାନେ ଅଗ୍ନିଦାହଯୋଗୁଁ ମୃତ୍ୟୁମୁଖରେ ନ ପଡ଼ନ୍ତି।''

ରାଜା ଏହା ଶୁଣି ସମସ୍ତ ବାନରଙ୍କୁ ବଧ କରିବାପାଇଁ ଆଦେଶ ଦେଲେ। ଅଧିକା କହିବା ନିଷ୍ପ୍ରୟୋଜନ। ଯଷ୍ଟି, ପ୍ରସ୍ତର ପ୍ରଭୃତି ସାହାଯ୍ୟରେ ସମସ୍ତ ବାନର ନିହତ ହେଲେ।

ବାନରଯୂଥପତି ପୁତ୍ର, ପୌତ୍ର, ଭ୍ରାତୃଷ୍ପୁତ୍ର, ଭାଗିନେୟ ପ୍ରଭୃତିଙ୍କର ମରଣ ଦେଖି ଗଭୀର ବିଷାଦରେ ମଗ୍ନ ହୋଇ ଅନାହାରରେ ରହି ବନରୁ ବନାନ୍ତର ଭ୍ରମଣ କରିବାକୁ ଲାଗିଲା। ସେ ମନେ ମନେ ଚିନ୍ତାକଲା, 'ମୁଁ ଏ ଅଧମ ରାଜାର ପ୍ରତିଶୋଧ ନେଇ କିପରି ତାର ଅନିଷ୍ଟସାଧନ କରିବି। କଥିତ ଅଛି—

ମର୍ଷୟେଦ୍ଧର୍ଷଣାଂଯୋଽତ୍ର ବଶଜାଂ ପରନିର୍ମିତାମ୍।
ଭୟାଦ୍‌ବା ଯଦି ବା କାମାତ୍ସ ଜ୍ଞେୟଃ ପୁରୁଷାଧମଃ।। ୭୫।।

ଏ ସଂସାରରେ ଯେଉଁ ଲୋକ ଭୟ ହେତୁରୁ ଅଥବା ଲୋଭ ହେତୁରୁ ନିଜ ନିଜ କୁଳପ୍ରତି ଶତ୍ରୁର ଅତ୍ୟାଚାରକୁ ସହିଯାଏ, ସେ ପୁରୁଷମାନଙ୍କ ମଧ୍ୟରେ ନିତାନ୍ତ ଅଧମ ଅଟେ। ୭୫।

ଅନନ୍ତର ସେହି ବୃଦ୍ଧ ବାନର ପିପାସାକୁଳ ହୋଇ ଭ୍ରମଣ କରୁ କରୁ କମଳ-ପରିପୂର୍ଣ୍ଣ ଗୋଟିଏ ପୁଷ୍କରିଣୀ ନିକଟରେ ପହଞ୍ଚିଲା। ସେ ସୂକ୍ଷ୍ମଭାବରେ ନିରୀକ୍ଷଣ କରି ଦେଖିଲା ଯେ ବନବାସୀ ମନୁଷ୍ୟମାନଙ୍କର ସରୋବରରେ ପ୍ରବେଶ କରିବାର ପଦଚିହ୍ନମାନ ଅଛି; କିନ୍ତୁ ଫେରିଆସିବାର ପଦଚିହ୍ନ ନାହିଁ। ତହୁଁ ସେ ଚିନ୍ତା କଲା— ଏହି ପୁଷ୍କରିଣୀରେ ନିଶ୍ଚୟ ଗୋଟିଏ ଦୁଷ୍ଟ କୁମ୍ଭୀର ଅଛି। ତେଣୁ ପଦ୍ମନାଡ଼ ଆଣି ଦୂରରେ ରହି ସେହି ପଦ୍ମନାଡ଼ ସାହାଯ୍ୟରେ ଜଳପାନ କରିବି।

ସେହିପରି ଜଳପାନ କରନ୍ତେ ଗଳାରେ ରତ୍ନମାଳା ପରିଧାନ କରିଥିବା ଗୋଟିଏ ରାକ୍ଷସ ପୁଷ୍କରିଣୀ ମଧ୍ୟରୁ ବାହାରି ଆସି କହିଲା, "ଯେ କେହି ଏହି ପୁଷ୍କରିଣୀର ଜଳମଧ୍ୟରେ ପ୍ରବେଶ କରେ, ମୁଁ ତାକୁ ଭକ୍ଷଣ କରେ। କିନ୍ତୁ ଏପରି କୌଶଳୀ ଚତୁର ଲୋକ ନାହିଁ, ଯେ କି ତୁମଭଳି ଏ ଉପାୟରେ ଜଳପାନ କରିବ। ତେଣୁ ମୁଁ ତୁମ ଉପରେ ସନ୍ତୁଷ୍ଟ ହୋଇଅଛି। ମନର ଅଭିଳାଷ ଅନୁସାରେ ବର ପ୍ରାର୍ଥନା କର।"

ବାନର କହିଲା, "ତୁମର ଭୋଜନ କରିବାର ଶକ୍ତି କେତେ?" ରାକ୍ଷସ ଉତ୍ତର ଦେଲା, "ଜଳରେ ପ୍ରବେଶ କଲେ ଶତ, ସହସ୍ର, ଅୟୁତ, ଲକ୍ଷ ପ୍ରାଣୀଙ୍କୁ ମଧ୍ୟ ଭୋଜନ କରିପାରିବି। ବାହାରେ ଥିଲାବେଳେ ମୋତେ ସାମାନ୍ୟ ଶୃଗାଳ ମଧ୍ୟ ଅପମାନିତ କରିପାରେ।"

ବାନର କହିଲା, "ଜଣେ ରାଜା ସହିତ ମୋର ଘୋର ଶତ୍ରୁତା ଅଛି। ଯଦି ତୁମେ ମୋତେ ତୁମର ଏହି ରତ୍ନହାରଟି ଦେବ, ତାହାହେଲେ ମୁଁ ମୋର କଥା-ଚାତୁରୀରେ ଲୋଭ ଦେଖାଇ ସେ ରାଜାକୁ ତାର ପରିବାର ସହିତ ଏହି ପୁଷ୍କରିଣୀରେ ପ୍ରବେଶ କରାଇବି।" ରାକ୍ଷସ ତାହାର ଏହି ଶ୍ରଦ୍ଧେୟ ବାକ୍ୟ ଶୁଣି ରତ୍ନହାରଟି ଦେଇ କହିଲା, "ହେ ମିତ୍ର! ଯାହା ଉଚିତ ମନେକରୁଛ, ତାହା କର।"

ବାନର ମଧ୍ୟ ରତ୍ନହାରରେ ନିଜ କଣ୍ଠଦେଶକୁ ସୁଶୋଭିତ କରି ବୃକ୍ଷ ଓ

ରାଜପ୍ରାସାଦମାନଙ୍କ ଉପରେ ଭ୍ରମଣ କରିବାରୁ ଲୋକେ ତାହାକୁ ଦେଖି ପଚାରିଲେ, ''ହେ ବାନରଯୂଥପତି ! ତୁମେ ଏତେକାଳ ହେଲା କେଉଁଠାରେ ଥିଲ ? ଏଡ଼େ ସୁନ୍ଦର ରତ୍ନମାଳା କାହୁଁ ପାଇଲ ? ଏହାର ତେଜ ସୂର୍ଯ୍ୟକିରଣକୁ ମଧ୍ୟ ତିରସ୍କାର କରୁଅଛି ।''

ବାନର କହିଲା, ''ଗୋଟିଏ ଅରଣ୍ୟ ମଧ୍ୟରେ ଗୋଟିଏ ଅତି ଗୁପ୍ତ ସରୋବର ଅଛି। ତାହାକୁ ସ୍ୱୟଂ କୁବେର ନିର୍ମାଣ କରିଅଛନ୍ତି। ରବିବାର ଦିନ ସୂର୍ଯ୍ୟୋଦୟ ସମୟରେ ଯଦି କେହି ଉକ୍ତ ସରୋବରରେ ବୁଡ଼ପକାଏ, ତେବେ ସେ କୁବେରଙ୍କ ପ୍ରସାଦରୁ ଏହିପରି ରତ୍ନମାଳାରେ କଣ୍ଠକୁ ସୁଶୋଭିତ କରି ଜଳରୁ ବାହାରିଆସେ।''

ଅନନ୍ତର ରାଜା ଏହା ଶୁଣିପାରି ସେହି ବାନରକୁ ଡାକି ପଚାରିଲେ, ''ହେ ଯୂଥାଧିପ ! ଏ କଥା କଅଣ ସତ୍ୟ ? ରତ୍ନମାଳାରେ ପରିପୂର୍ଣ୍ଣ ପୁଷ୍କରିଣୀ କେଉଁଠାରେ ଅଛି ?''

ବାନର କହିଲା, ''ହେ ପ୍ରଭୁ ! ପ୍ରତ୍ୟକ୍ଷରେ ମୋ ଗଳାରେ ପଡ଼ିଥିବା ଏହି ରତ୍ନମାଳା ଦେଖି ଆପଣଙ୍କର ବିଶ୍ୱାସ ହେବ। ତେଣୁ ଯଦି ଆପଣଙ୍କର ରତ୍ନମାଳାର ପ୍ରୟୋଜନ ଥାଏ, ତାହାହେଲେ କାହାରିକୁ ମୋ ସଙ୍ଗେ ପଠାନ୍ତୁ ଯେ ଦେଖାଇଦେବି।''

ଏହା ଶୁଣି ରାଜା କହିଲେ, ''ସେପରି ହେଲେ ମୁଁ ନିଜେ ମୋର ସମସ୍ତ ପରିବାର ସହିତ ଯିବି, ତେବେ ଅନେକ ରତ୍ନମାଳା ପାଇପାରିବୁ।'' ବାନର କହିଲା, ''ତାହାହିଁ କରନ୍ତୁ।''

ସେହିପରି କରାଯିବାରୁ ରତ୍ନମାଳା ପାଇବା ଲୋଭରେ ରାଜାଙ୍କ ସହିତ ସବୁ ପତ୍ନୀ ଓ ଭୃତ୍ୟ ପ୍ରଭୃତି ଚାଲିଲେ। ରାଜା ଦୋଳାରେ ବସିଗଲେ। ବାନରକୁ ମଧ୍ୟ ରାଜାଙ୍କ କ୍ରୋଡ଼ରେ ବସାଇ ଅତି ସୁଖରେ ପ୍ରୀତିପୂର୍ବକ ନିଆଗଲା। ଅଥବା ଯଥାର୍ଥରେ କୁହାଯାଇଅଛି –

ତୃଷ୍ଣେ ଦେବି ନମସ୍ତୁଭ୍ୟଂ ଯଥା ବିତ୍ତାନ୍ୱିତା ଅପି।
ଅକୃତ୍ୟେଷୁ ନିଯୋଜ୍ୟନ୍ତେ ଭ୍ରାମ୍ୟନ୍ତେ ଦୁର୍ଗମେଷ୍ୱପି ।। ୭୬ ।।
ଇଚ୍ଛତି ଶତୀ ସହସ୍ରଂ ସହସ୍ରୀ ଲକ୍ଷମିଚ୍ଛତି।
ଲକ୍ଷାଧିପସ୍ତଥା ରାଜ୍ୟଂ ରାଜ୍ୟସ୍ଥଃ ସ୍ୱର୍ଗମୀହତେ ।। ୭୭ ।।
ଜୀର୍ଯ୍ୟନ୍ତେ ଜୀର୍ଯ୍ୟତଃ କେଶା ଦନ୍ତା ଜୀର୍ଯ୍ୟନ୍ତି ଜୀର୍ଯ୍ୟତଃ।
ଜୀର୍ଯ୍ୟତଶ୍ଚକ୍ଷୁଷୀ ଶ୍ରୋତ୍ରେ ତୃଷ୍ଣୈକା ତରୁଣାୟତେ ।। ୭୮ ।।

ହେ ତୃଷ୍ଣା ଦେବୀ ! ତୁମକୁ ନମସ୍କାର। ତୁମେ ଧନବନ୍ତ ଲୋକକୁ ମଧ୍ୟ ଅକରଣୀୟ କାର୍ଯ୍ୟରେ ନିୟୋଜିତ କରୁଛ; ଦୁର୍ଗମ ସ୍ଥାନରେ ମଧ୍ୟ ଭ୍ରମଣ କରାଉଅଛ। ୭୬। ପୁଣି– ଯେ ଶତମୁଦ୍ରାର ଅଧିକାରୀ, ସେ ସହସ୍ର ପାଇବାକୁ ଲାଳାୟିତ। ଯାହାର ସହସ୍ର ମୁଦ୍ରା ଅଛି ସେ ଲକ୍ଷମୁଦ୍ରା କାମନା କରୁଅଛି। ଯେ ଲକ୍ଷାଧିପତି, ସେ ରାଜ୍ୟ ଅଭିଳାଷ କରୁଅଛି ଓ ଯେ ରାଜପଦରେ ପ୍ରତିଷ୍ଠିତ ହୋଇଅଛି ଯେ ସ୍ୱର୍ଗକାମନା କରୁଅଛି। ୭୭। ଜରାକ୍ରାନ୍ତ ବ୍ୟକ୍ତିର କେଶ ଶୁକ୍ଳ ହୋଇଯାଏ, ଦନ୍ତଗୁଡ଼ିକ ଝଡ଼ିପଡ଼ନ୍ତି, ଚକ୍ଷୁ ଦୃଷ୍ଟିଶକ୍ତି ହରାଏ, କର୍ଣ୍ଣ ଶୁଣିପାରେ ନାହିଁ; କିନ୍ତୁ କେବଳ ତୃଷ୍ଣାହିଁ ତରୁଣ ହେଉଥାଏ ।। ୭୮ ।।

ସେହି ପୁଷ୍କରିଣୀ ନିକଟରେ ଉପସ୍ଥିତ ହୁଅନ୍ତେ ବାନର ପ୍ରଭାତକାଳରେ ରାଜାଙ୍କୁ କହିଲା, "ଏଠାରେ ଅର୍ଧେ ସୂର୍ଯ୍ୟୋଦୟ ହେଲାବେଳକୁ ଯେଉଁମାନେ ଏହି ପୁଷ୍କରିଣୀରେ ପ୍ରବେଶ କରନ୍ତି, ସେମାନେ ସିଦ୍ଧିଲାଭ କରନ୍ତି। ତେଣୁ ସମସ୍ତେ ଏକସଙ୍ଗରେ ଜଳରେ ପ୍ରବେଶ କରନ୍ତୁ। ଆପଣ ପରେ ମୋ ସହିତ ଜଳରେ ପ୍ରବେଶ କରିବେ। ତାହାହେଲେ ମୁଁ ଆପଣଙ୍କୁ ପୂର୍ବଦୃଷ୍ଟ ସ୍ଥାନକୁ ନେଇ ପ୍ରଚୁର ରତ୍ନମାଳା ଦେଖାଇଦେବି।"

ଲୋକମାନେ ଜଳରେ ପ୍ରବେଶ କରନ୍ତେ ରାକ୍ଷସ ସେ ସମସ୍ତଙ୍କୁ ଭକ୍ଷଣ କଲା। ସେମାନେ ଅନେକ ବେଳ ପର୍ଯ୍ୟନ୍ତ ଜଳରୁ ନ ବାହାରିବାରୁ ରାଜା ବାନରକୁ କହିଲେ, "ହେ ଯୂଥପତି, ମୋର ଲୋକମାନେ ଏତେ ବିଳମ୍ବ କରୁଛନ୍ତି କାହିଁକି?"

ଏହା ଶୁଣିଲାମାତ୍ରେ ବାନର ତତ୍‌କ୍ଷଣାତ୍ ଏକ ବୃକ୍ଷକୁ ଆରୋହଣ କରି ରାଜାଙ୍କୁ କହିଲା, "ଆରେ ଦୁଷ୍ଟ ରାଜା! ଜଳମଧ୍ୟରେ ଥିବା ରାକ୍ଷସ ତୋର ପରିଜନଙ୍କୁ ଖାଇସାରିଛି। କୁଳକ୍ଷୟଜନିତ ବୈରସାଧନ କରିଅଛି। ଏବେ ଯାଆ। ତୁ ମୋର ପ୍ରଭୁ ଥିଲୁ ବୋଲି ତୋତେ ଜଳରେ ପ୍ରବେଶ କରାଇଲି ନାହିଁ। କଥିତ ଅଛି—

କୃତେ ପ୍ରତିକୃତିଂ କୁର୍ଯ୍ୟାଦ୍ଧିଂସିତେ ପ୍ରତିହିଂସିତମ୍।
ନ ତତ୍ର ଦୋଷଂ ପଶ୍ୟାମି ଦୁଷ୍ଟେ ଦୌଷ୍ଟ୍ୟଂ ସମାଚରେତ୍॥ ୭୯॥

କେହି ଉପକାର କଲେ ତାର ପ୍ରତ୍ୟୁପକାର ଓ ଅପକାର କଲେ ତାର ପ୍ରତ୍ୟୁପକାର କରିବ; କେହି ହିଂସା କଲେ ତାର ପ୍ରତିହିଂସା କରିବ; ଦୁଷ୍ଟ ସହିତ ଦୁଷ୍ଟ ଆଚରଣ କରିବ। ଏଥିରେ ମୁଁ କୌଣସି ଦୋଷ ଦେଖିପାରୁନାହିଁ।୭୯। ତୁ ମୋର କୁଳକ୍ଷୟ କରିଥିଲୁ; ମୁଁ ସେହିପରି ତୋର କୁଳକ୍ଷୟ କଲି।"

ଏହା ଶୁଣି ରାଜା କୋପାବିଷ୍ଟ ହୋଇ ପାଦରେ ଚାଲି ଚାଲି ଯେଉଁ ମାର୍ଗରେ ଆସିଥିଲେ ସେହି ମାର୍ଗରେ ଫେରିଗଲେ। ରାଜା ଚାଲିଯିବା ପରେ ରାକ୍ଷସ ତୃପ୍ତ ହୋଇ ଜଳମଧ୍ୟରୁ ବାହାରି ଆନନ୍ଦରେ କହିଲା—

ହତଃ ଶତ୍ରୁଃ କୃତଂ ମିତ୍ରଂ ରତ୍ନମାଳା ନ ହାରିତା।
ନାଳେନ ପିବତାତୋୟଂ ଭବତା ସାଧୁ ବାନର॥ ୮୦॥

"ହେ ବାନର ତୁମେ ଧନ୍ୟ! ପଦ୍ମନାଡ଼ ସାହାଯ୍ୟରେ ଜଳ ପିଇ ତୁମ ଶତ୍ରୁକୁ ବିନାଶ କରିଅଛ; ମୋତେ ମିତ୍ର କରିପାରିଛ ଓ ରତ୍ନମାଳାକୁ ମଧ୍ୟ ହରାଇ ନାହଁ।"

ଏହି ହେତୁରୁ ମୁଁ (ସୁବର୍ଣ୍ଣସିଦ୍ଧି) କହୁଥିଲି— 'ଯୋ ଲୌଲ୍ୟାତ୍ କୁରୁତେ...' ଇତ୍ୟାଦି। ଏହା କହିବାପରେ ସେ ପୁଣି ଚକ୍ରଧରକୁ କହିଲା, "ହେ ମିତ୍ର! ମୋତେ ବିଦାୟ ଦିଅ; ମୁଁ ନିଜ ଘରକୁ ଯାଏଁ।"

ଚକ୍ରଧର କହିଲା, "ଭଦ୍ର! ବିପଦ ପାଇଁ ଧନ ଓ ମିତ୍ର ସଂଗ୍ରହ କରାଯାଇଥାଏ। ମୋତେ ଏପରି ଅବସ୍ଥାରେ ଛାଡ଼ି କୁଆଡ଼େ ଯିବ? କଥିତ ଅଛି—

ଯସ୍ତ୍ୟକ୍ତ୍ୱା ସାପଦଂ ମିତ୍ରଂ ଯାତି ନିଷ୍ଠୁରତାଂ ସୁହୃତ୍।
କୃତଘ୍ନସ୍ତେନ ପାପେନ ନରକେ ଯାତ୍ୟସଂଶୟମ୍॥ ୮୧॥

ଯେଉଁ ଲୋକ ବିପଦଗ୍ରସ୍ତ ମିତ୍ରକୁ ଛାଡ଼ି ଚାଲିଯାଏ, ସେ ନିଷ୍ଠୁର, କୃତଘ୍ନ ଓ ପାପିଷ୍ଠ। ସେ ଯେ ନରକକୁ ଯାଏ, ଏଥିରେ ସନ୍ଦେହ ନାହିଁ।'' । ୮୧ ।

ସୁବର୍ଣ୍ଣସିଦ୍ଧି କହିଲା, ''ଅହୋ ! ସେ କଥା ଠିକ୍, ଯଦି ଯିବାର ଯୋଗ୍ୟସ୍ଥାନ ଥାଏ ଓ ଶକ୍ତି ଥାଏ। କିନ୍ତୁ ଏ ହେଉଛି ମନୁଷ୍ୟମାନଙ୍କ ପକ୍ଷରେ ଅଗମ୍ୟ ସ୍ଥାନ; ତୁମକୁ ମୁକ୍ତ କରିବାକୁ ମଧ୍ୟ କାହାରି ଶକ୍ତି ନାହିଁ। ଦ୍ୱିତୀୟଃ ଚକ୍ରଘୂର୍ଣ୍ଣନଜନିତ ବେଦନାରେ ତୁମର ମୁଖବିକୃତି ଯେତିକି ଦେଖୁଛି, ସେତେ ଜାଣିପାରୁଛି– ଶୀଘ୍ର ଚାଲିଯାଏଁ, ନଚେତ୍ ମୋର ମଧ୍ୟ କୌଣସି ଅନର୍ଥ ଘଟିବ। କାରଣ–

ଯାଦୃଶୀ ବଦନଚ୍ଛାୟା ଦୃଶ୍ୟତେ ତବ ବାନର।
ବିକାଲେନ ଗୃହୀତୋଽସି ଯଃ ପରୈତି ସ ଜୀବତି॥୮୨॥

ହେ ବାନର ! ଯେପରି ତୋର ମୁଖର ଛାୟା ଦେଖାଯାଉଅଛି, ସେଥିରୁ ଜଣାପଡୁଛି ଯେ ତୁ ବିକାଳ (ଦୁଃସମୟ; ତନ୍ନାମକ ରାକ୍ଷସ) ଦ୍ୱାରା ଆକ୍ରାନ୍ତ ହୋଇଅଛୁ। ଏପରି ସ୍ଥଳେ ଯିଏ ପଳାଇବ, ତାର ପ୍ରାଣ ରହିବ।'' । ୮୨ ।

ଚକ୍ରଧର ପଚାରିଲା, ''ସେ କଥା କଅଣ ?'' ସୁବର୍ଣ୍ଣସିଦ୍ଧି କହିଲା–

ବିକାଳ ରାକ୍ଷସ ଓ ବାନର କଥା

କୌଣସି ନଗରରେ ଭଦ୍ରସେନ ନାମରେ ଜଣେ ରାଜା ଥିଲେ। ତାଙ୍କର ରତ୍ନବତୀ ବୋଲି ଗୋଟିଏ ସର୍ବସୁଲକ୍ଷଣଯୁକ୍ତା କନ୍ୟା ଥିଲା। ଗୋଟିଏ ରାକ୍ଷସ ସେହି କନ୍ୟାଟିକୁ ହରଣ କରି ନେବାକୁ ଇଚ୍ଛା କରୁଥିଲା। ସେ ରାତ୍ରିରେ ଆସି ତାହାକୁ ଉପଭୋଗ କରୁଥିଲା; କିନ୍ତୁ ମନ୍ତ୍ରଦ୍ୱାରା ତା'ର ଶରୀର ରକ୍ଷିତ ଥିବାରୁ ସେ ତାହାକୁ ହରଣ କରି ନେଇପାରୁନଥିଲା। ସେ ସମୟରେ କମ୍ପ ଇତ୍ୟାଦି ଦ୍ୱାରା ସେ କନ୍ୟା ରାକ୍ଷସର ସାନ୍ନିଧ୍ୟଜନିତ ଅବସ୍ଥା ଅନୁଭବ କରୁଥିଲା। ଏହିପରି କିଛିକାଳ ଗତ ହୁଅନ୍ତେ ଏକ-ସମୟରେ ସେ ରାକ୍ଷସ ରାତ୍ରିରେ ଆସି ଗୃହର ଏକ କୋଣରେ ରହିଥିଲା। ରାଜକନ୍ୟା ନିଜର ସଖୀକୁ କହିଲା, ''ସଖି ! ଦେଖ୍, ଏ ବିକାଳ ସମୟରେ ମୋତେ ପ୍ରତିଦିନ କଷ୍ଟ ଦେଉଅଛି। ଏ ଦୁରାତ୍ମାକୁ ନିବାରଣ କରିବାର କିଛି ଉପାୟ ଅଛି ?''

ଏହା ଶୁଣିପାରି ରାକ୍ଷସ ଚିନ୍ତାକଲା– 'ଏହାକୁ ହରଣ କରିବା ପାଇଁ ମୁଁ ଯେପରି ପ୍ରତିଦିନ ଆସୁଛି; ସେହିପରି ବିକାଳ ନାମକ କେହି ଜଣେ ମଧ୍ୟ ଆସୁଛି। କିନ୍ତୁ ସେ ମଧ୍ୟ ଏହାକୁ ହରଣ କରି ନେଇପାରୁନାହିଁ। ଅତଏବ ମୁଁ ଅଶ୍ୱରୂପ ଧରି ଅଶ୍ୱମାନଙ୍କ ମଧ୍ୟରେ ରହି ଦେଖିବି, ସେ ବିକାଳର ରୂପ କିପରି ? ତା'ର ଶକ୍ତି କେତେ ?'

ଏହିପରି ବିଚାରି ରାକ୍ଷସ ଅଶ୍ୱରୂପ ଧାରଣ କରି ଅଶ୍ୱମାନଙ୍କ ମଧ୍ୟରେ ଲୁଚିଲା। ସେ ଏହିପରି ରହିଲାବେଳକୁ ଜଣେ ଘୋଡ଼ାଚୋର ଆସି ରାଜପୁରୀରେ ପ୍ରବେଶ କଲା। ସେ ସବୁ ଅଶ୍ୱଙ୍କୁ ଦେଖି ସେହି ରାକ୍ଷସକୁ ଶ୍ରେଷ୍ଠ ଅଶ୍ୱ ମନେକରି ତାହା ଉପରେ ଆରୋହଣ କଲା। ଏଥିମଧ୍ୟରେ ରାକ୍ଷସ ଚିନ୍ତାକଲା– 'ନିଶ୍ଚୟ ଏଇ

ହେଉଛି ସେ ବିକାଳ; ମୋତେ ଚୋର ମନେକରି କ୍ରୋଧରେ ମାରିପକାଇବ ବୋଲି ଆସିଛି। ତେଣୁ କଅଣ କରିବି ?'

ରାକ୍ଷସ ଏହିପରି ଚିନ୍ତା କରୁଥିବା ସମୟରେ ସେହି ଚୋର ତା'ର ମୁହଁରେ ଲଗାମ ଲଗାଇ ଚାବୁକରେ ଏପରି ପ୍ରହାର କଲା ଯେ, ସେ ଭୟତ୍ରସ୍ତ ମନରେ ଦୌଡ଼ିବାକୁ ଆରମ୍ଭ କଲା। ଚୋର ମଧ୍ୟ ଅନେକ ଦୂର ଯାଇ ଲଗାମକୁ ଟାଣି ତାକୁ ସ୍ଥିର କରିବାକୁ ଉଦ୍ୟମ କଲା; କିନ୍ତୁ ସେ କେବଳ ଆହୁରି ଆହୁରି ବେଗରେ ଦୌଡୁଥାଏ। ଏ ଘୋଡ଼ା ଲଗାମଟଣାକୁ ଖାତିର କରେ ନାହିଁ ବୋଲି ମନେକରି ଚୋର ଭାବିଲା – 'ଅହୋ ! ଲଗାମ ଟାଣିଲେ ସ୍ଥିର ନ ରହିବା ଘୋଡ଼ା ମୁଁ ଦେଖିନାହିଁ। ଏ ନିଶ୍ଚୟ ଅଶ୍ୱରୂପଧାରୀ କୌଣସି ରାକ୍ଷସ ହୋଇଥିବ। ତେଣୁ ଯଦି କୌଣସିଠାରେ ପାଉଁଶପୂର୍ଣ୍ଣ କୋମଳ ସ୍ଥାନ ଦେଖିବି, ସେଠାରେ ଏହା ପିଠିରୁ ଡେଇଁପଡ଼ିବି। ଏହାଛଡ଼ା ଜୀବନରକ୍ଷାର ଅନ୍ୟ ଉପାୟ ନାହିଁ।' ଏହିପରି ବିଚାର କରି ସେ ଇଷ୍ଟଦେବତାଙ୍କୁ ସ୍ମରଣ କରୁଥିବାବେଳେ ସେ ଅଶ୍ୱ ଗୋଟିଏ ବଟ ବୃକ୍ଷମୂଳେ ପହଞ୍ଚିଲା। ଚୋର ବଟ ବୃକ୍ଷର ଏକ ଶାଖାକୁ ଧରି ଓହଳିପଡ଼ିଲା। ତହୁଁ ଚୋର ଓ ରାକ୍ଷସ ଦୁହେଁ ଯାକ ପରସ୍ପରଠାରୁ ପୃଥକ୍ ହୋଇ ବିଶେଷ ଆନନ୍ଦିତ ଓ ନିଜ ନିଜ ଜୀବନ ବିଷୟରେ ଆଶାନ୍ୱିତ ହେଲେ।

ସେହି ବଟ ବୃକ୍ଷରେ ରାକ୍ଷସର ବନ୍ଧୁ ଏକ ବାନର ରହୁଥିଲା। ସେ ରାକ୍ଷସକୁ ଏପରି ହୋଇଥିବାର ଦେଖି କହିଲା, ''ହେ ମିତ୍ର ! ମିଥ୍ୟାଭୟରେ ଏପରି ପଳାଉଛ କାହିଁକି ? ଏ ମନୁଷ୍ୟ ତୁମର ଭକ୍ଷ୍ୟ; ତାକୁ ଖାଇଯାଅ।'' ବାନର କଥା ଶୁଣି ସେ ନିଜର ରାକ୍ଷସ ରୂପ ଧରି ଶଙ୍କାକୁଳ ମନରେ ସ୍ଖଳିତ ଗତିରେ ଫେରିଲା। ଚୋର ମଧ୍ୟ ତାକୁ ବାନର ଡାକିବାର ଅର୍ଥ ବୁଝିପାରି କ୍ରୋଧରେ ତାର ଲମ୍ୱମାନ ଲାଙ୍ଗୁଳକୁ ମୁହଁରେ ପୂରାଇ ଚୋବାଇବାକୁ ଲାଗିଲା। ବାନର ମନେକଲା ଯେ, ଏ ରାକ୍ଷସଠାରୁ ଅଧିକ୍ ବଳବାନ୍ କେହି ଜଣେ ହେବ। ତେଣୁ ସେ ଭୟରେ କିଛି କହିଲା ନାହିଁ; କେବଳ ଯନ୍ତ୍ରଣାରେ ଅଧୀର ହୋଇ ଚକ୍ଷୁ ବୁଜି ସ୍ଥିର ହୋଇ ରହିଲା। ରାକ୍ଷସ ତାର ଏପରି ଅବସ୍ଥା ଦେଖି କହିଲା – 'ଯାଦୃଶୀ ବଦନ ଛାୟା . . .' ଇତ୍ୟାଦି।

ଏହା କହି ରାକ୍ଷସ ପଳାଇଲା। ତେଣୁ ହେ ମିତ୍ର ! ମୋତେ ବିଦାୟ ଦିଅ, ଗୃହକୁ ଯାଏଁ। ତୁମେ ଏହିଠାରେ ରହି ନିଜ ଲୋଭବୃକ୍ଷର ଫଳ ଭୋଗକରୁଥାଅ।

ଚକ୍ରଧର କହିଲା, ''ଅହୋ, ଏହା ବୃଥା। ଦୈବଯୋଗରୁ ମନୁଷ୍ୟମାନଙ୍କର ଶୁଭ ବା ଅଶୁଭ ହୋଇଥାଏ। କଥିତ ଅଛି –

ଦୁର୍ଗଂ ତ୍ରିକୂଟଃ ପରିଖା ସମୁଦ୍ରୋ ରକ୍ଷାସିଂ ଯୋଧା ଧନଦାଚ୍ଚ ବିତ୍ତମ୍।
ଶାସ୍ତ୍ରଂ ଚ଼ ଯସ୍ୟୋଶନସା ପ୍ରଣୀତଂ ସ ରାବଣୋ ଦୈବବଶାଦ୍ୱିପନ୍ନଃ ॥ ୮୩॥

ତ୍ରିକୂଟ ପର୍ବତ ହେଉଛି ଯାହାର ଦୁର୍ଗ, ସମୁଦ୍ର ହେଉଛି ପରିଖା, ରାକ୍ଷସମାନେ ହେଉଛନ୍ତି ଯୋଦ୍ଧା, କୁବେର ଦେଇଛନ୍ତି ଯାହାକୁ ଧନ, ଶୁକ୍ରାଚାର୍ଯ୍ୟ ଯାହାର ନୀତିଶାସ୍ତ୍ର ରଚନା କରିଅଛନ୍ତି, ସେହି ରାବଣ ଦୈବଯୋଗରୁ ବିପଦରେ ପଡ଼ିଥିଲା। ୮୩। ଆହୁରି ମଧ୍ୟ –

ଅନ୍ଧକଃ କୁବ୍‌ଜକଶ୍ଚୈବ ତ୍ରିସ୍ତନୀ ରାଜକନ୍ୟକା ।
ତ୍ରୟୋଽପ୍ୟନ୍ୟାୟତଃ ସିଦ୍ଧାଃ ସମ୍ମୁଖେ କର୍ମଣି ସ୍ଥିତେ ।। ୮୪ ।।

ଅନ୍ଧ, କୁଜା ଓ ତ୍ରିସ୍ତନୀ ରାଜକନ୍ୟା – ଏ ତିନି ଜଣଙ୍କର ଉଦ୍ଦେଶ୍ୟ ଅନୁକୂଳ ଭାଗ୍ୟବଶତଃ ସିଦ୍ଧ ହୋଇଥିଲେହେଁ ଅନ୍ୟାୟ ପନ୍ଥାରେ ହୋଇଥିଲା । ୮୪ ।

ସୁବର୍ଣ୍ଣସିଦ୍ଧି ପଚାରିଲା, ''ସେ ଅନ୍ଧ, କୁଜା, ତ୍ରିସ୍ତନୀ କଥା କଅଣ ?'' ଚକ୍ରଧର କହିଲା –

ଅନ୍ଧ, କୁଜା ଓ ତ୍ରିସ୍ତନୀ କଥା

ଉତ୍ତରାପଥରେ ମଧୁପୁର ନାମରେ ଗୋଟିଏ ନଗର ଅଛି । ସେଠାରେ ମଧୁସେନ ନାମକ ଜଣେ ରାଜା ଥିଲେ । ସେ ବିଷୟ-ସୁଖ ଭୋଗ କରି ଏକ ତ୍ରିସ୍ତନୀ କନ୍ୟା ଲାଭ କଲେ । ଏହାର ଜନ୍ମସମ୍ବାଦ ଶୁଣି ରାଜା କଞ୍ଚୁକୀକୁ କହିଲେ, ''ତୁ ଏ ତ୍ରିସ୍ତନୀ କନ୍ୟାକୁ ନେଇ ବଣ ଭିତରେ ଛାଡ଼ି ଦେଇ ଆ; ଯେପରିକି କେହି ଏହା ଜାଣିନପାରନ୍ତି ।''

ଏହା ଶୁଣି କଞ୍ଚୁକୀ କହିଲା, ''ମହାରାଜ ! ଯଦ୍ୟପି ତ୍ରିସ୍ତନୀ କନ୍ୟା ଅମଙ୍ଗଳକାରିଣୀ, ତଥାପି ବ୍ରାହ୍ମଣଙ୍କୁ ଡାକି ପଚାରିବା ଉଚିତ; ତାହାହେଲେ ପରଲୋକରେ ନିନ୍ଦା ହେବ ନାହିଁ । ଯେହେତୁ –

ଯଃ ସତତଂ ପରିପୃଚ୍ଛତି ଶୃଣୋତି ସନ୍ଧାରୟତ୍ୟନିଶମ୍ ।
ତସ୍ୟ ଦିବାକର କିରଣୈର୍ନଳିନୀବ ବିବର୍ଦ୍ଧତେ ବୁଦ୍ଧିଃ ।। ୮୫ ।।

ଯିଏ ସର୍ବଦା ଅନ୍ୟକୁ ପଚାରେ, ଅନ୍ୟର କଥା ଶୁଣେ ଓ ସର୍ବଦା ଅନ୍ୟକୁ ମନେପକାଏ, ତାହାର ବୁଦ୍ଧି ସୂର୍ଯ୍ୟକିରଣରେ ପଦ୍ମପରି ବିକଶିତ ହୋଇଥାଏ । ୮୫ । ଆହୁରି ମଧ୍ୟ –

ଜ୍ଞାନୀ ଲୋକ ମଧ୍ୟ ଅନ୍ୟକୁ ପଚାରିବା ଉଚିତ । ବିରାଟ ରାକ୍ଷସଦ୍ୱାରା ଧୃତ ହୋଇ ସୁଦ୍ଧା ବ୍ରାହ୍ମଣ ପରାମର୍ଶ ପାଇଁ ଧାଇଁଯାଇଥିଲା । ରାଜା ପଚାରିଲେ, ''ସେ ବ୍ରାହ୍ମଣ ଓ ରାକ୍ଷସ କଥା କଅଣ ?'' କଞ୍ଚୁକୀ କହିଲା –

ବ୍ରାହ୍ମଣ ଓ ରାକ୍ଷସ କଥା

''ମହାରାଜ ! କୌଣସି ବନମଧ୍ୟରେ ଚଣ୍ଡକର୍ମା ନାମରେ ଗୋଟିଏ ରାକ୍ଷସ ରହୁଥିଲା । ସେ ଥରେ ବନରେ ଭ୍ରମଣ କରୁ କରୁ ଜଣେ ବ୍ରାହ୍ମଣକୁ ଦେଖିଲା । ରାକ୍ଷସ ତା'ର କାନ୍ଧ ଉପରେ ଚଢ଼ିଯାଇ କହିଲା, ''ଆରେ ବ୍ରାହ୍ମଣ, ଆଗକୁ ଚାଲ ।'' ବ୍ରାହ୍ମଣ ମଧ୍ୟ ଭୟ ପାଇ ଆଗକୁ ଚାଲିଲା । ବ୍ରାହ୍ମଣ ରାକ୍ଷସର କମଳସଦୃଶ କୋମଳ ପାଦକୁ ଦେଖି ପଚାରିଲା, ''ତୁମର ପାଦ କିପରି ଏଡ଼େ କୋମଳ ହେଲା ?''

ରାକ୍ଷସ କହିଲା, "ମୋର ପ୍ରତିଜ୍ଞା ହେଉଛି, ଖାଲିପାଦରେ ଭୂଇଁ ଉପରେ ଚାଲିବି ନାହିଁ।"

ଏହା ଶୁଣି ବ୍ରାହ୍ମଣ ନିଜର ମୁକ୍ତିର ଉପାୟ ଚିନ୍ତା କରୁ କରୁ ଏକ ପୁଷ୍କରିଣୀ ନିକଟରେ ପହଞ୍ଚିଲା। ସେଠାରେ ରାକ୍ଷସ ବ୍ରାହ୍ମଣକୁ କହିଲା, "ମୁଁ ସ୍ନାନ ଓ ପୂଜାପାଠ ଶେଷ କରି ଲେଉଟି ନ ଆସିବାଯାଏ ତୁ କୁଆଡ଼େ ଯିବୁ ନାହିଁ।"

ରାକ୍ଷସ ଛାଡ଼ିଯିବା ପରେ ବ୍ରାହ୍ମଣ ଭାବିଲା, 'ପୂଜାପାଠ ଶେଷ କଲାପରେ ଏ ରାକ୍ଷସ ନିଶ୍ଚୟ ମୋତେ ଖାଇବ। ତେଣୁ ମୁଁ ଶୀଘ୍ର ପଳାଇଯାଏଁ; ଯେପରିକି ସେ ଖାଲିପାଦରେ ମୋ ପଛରେ ଯାଇପାରିବ ନାହିଁ।' ବ୍ରାହ୍ମଣ ତାହାହିଁ କଲା। ପ୍ରତିଜ୍ଞାଭଙ୍ଗ ହେବା ଭୟରେ ରାକ୍ଷସ ମଧ୍ୟ ତାହା ପଛରେ ଗଲାନାହିଁ।

ପୃଚ୍ଛକେନ ସଦା ଭାବ୍ୟଂ ପୁରୁଷେଣ ବିଜାନତା।
ରାକ୍ଷସେନ୍ଦ୍ର ଗୃହୀତୋଽପି ପ୍ରଶ୍ନାନ୍ମୁକ୍ତୋ ଦ୍ୱିଜଃ ପୁରା।। ୮୬।।

ଏହି ହେତୁରୁ କୁହାଯାଇଛି– ଜ୍ଞାନୀ ଲୋକ ମଧ୍ୟ ଅନ୍ୟକୁ ପଚାରିବା ଉଚିତ। ବ୍ରାହ୍ମଣ ମହାରାକ୍ଷସଦ୍ୱାରା ଧୃତ ହୋଇ ସୁଦ୍ଧା ପରାମର୍ଶ ପାଇଁ ଧାଇଁଯାଇଥିଲା।"।୮୬।

କଞ୍ଚୁକୀର କଥା ଶୁଣି ରାଜା ବ୍ରାହ୍ମଣମାନଙ୍କୁ ଡକାଇ ପଚାରିଲେ, "ହେ ବ୍ରାହ୍ମଣମାନେ, ମୋର ଏକ ତ୍ରିସ୍ତନୀ କନ୍ୟା ଜନ୍ମ ହୋଇଅଛି। ଏହି ଦୋଷର ଶାନ୍ତିପାଇଁ କୌଣସି ଉପାୟ ଥିଲେ କୁହ।" ବ୍ରାହ୍ମଣମାନେ କହିଲେ–

ହୀନାଙ୍ଗୀ ବାଧିକାଙ୍ଗୀ ବା ଯା ଭବେତ୍କନ୍ୟକା ନୃଣାମ୍।
ଭର୍ତ୍ତୁଃ ସ୍ୟାତ୍ସା ବିନାଶାୟ ସ୍ୱଶୀଳନିଧନାୟ ଚ।। ୮୭।।

"ମନୁଷ୍ୟର ଯେଉଁ କନ୍ୟା ଅଧିକ ବା ଊଣା ଅଙ୍ଗ ଘେନି ଜନ୍ମହୁଏ, ସେ ନିଜ ପତି ଓ ନିଜ ଚରିତ୍ରକୁ ନଷ୍ଟ କରେ।୮୭।

ଯା ପୁନସ୍ତ୍ରିସ୍ତନୀ କନ୍ୟା ଯାତି ଲୋଚନଗୋଚରମ୍।
ପିତରଂ ନାଶୟତ୍ୟେବ ସା ଦ୍ରୁତଂ ନାତ୍ର ସଂଶୟଃ।। ୮୮।।

ଏମାନଙ୍କ ମଧ୍ୟରେ ତିନି ସ୍ତନ ଘେନି ଜନ୍ମିଥିବା କନ୍ୟା ନିଜ ପିତାଙ୍କ ଦୃଷ୍ଟିରେ ପଡ଼ିଲେ ପିତା ବିନାଶପ୍ରାପ୍ତ ହୁଅନ୍ତି; ଏଥିରେ ସନ୍ଦେହ ନାହିଁ।୮୮।

ତେଣୁ ଆପଣ ଏହି କନ୍ୟାକୁ କେବେହେଲେ ଦେଖିବା ଉଚିତ ନୁହେଁ। କିନ୍ତୁ କୌଣସି ଲୋକ ଯେବେ ଏହି କନ୍ୟାକୁ ବିବାହ କରେ, ତେବେ ତାକୁ ଏହି କନ୍ୟା ଦେଇ ଦେଶରୁ ବାହାର କରିଦିଅନ୍ତୁ। ଏପରି କରିବାଦ୍ୱାରା ଆପଣଙ୍କର ଇହଲୋକ ଓ ପରଲୋକ ଉଭୟ ରକ୍ଷା ହେବ।"

ବ୍ରାହ୍ମଣମାନଙ୍କର ଏହି କଥା ଶୁଣି ରାଜା ଧେଣ୍ଡୁରା ଦେଇ ଜଣାଇଦେଲେ– "ଲୋକମାନେ ଶୁଣ! ଏହି ତ୍ରିସ୍ତନୀ କନ୍ୟାକୁ ଯେ କେହି ବିବାହ କଲେ, ତାକୁ ସଙ୍ଗେ ସଙ୍ଗେ ଏକଲକ୍ଷ ସ୍ୱର୍ଣ୍ଣମୁଦ୍ରା ଦିଆଯିବ; କିନ୍ତୁ ତାକୁ ଦେଶତ୍ୟାଗ କରି ଯିବାକୁ ହେବ।"

ଏହି ଘୋଷଣା ଦିଆଯିବାପରେ ଅନେକ କାଳ ବିତିଗଲା; କିନ୍ତୁ ତ୍ରିସ୍ତନୀକୁ

ନେବାପାଇଁ କେହି ଆସିଲେ ନାହିଁ। ଯୌବନପ୍ରାପ୍ତି ପର୍ଯ୍ୟନ୍ତ ତାକୁ ଏକ ଗୁପ୍ତ ସ୍ଥାନରେ ରଖାଯାଇ ପ୍ରତିପାଳନ କରାଗଲା।

ସେହି ନଗରରେ ଜଣେ ଅନ୍ଧ ରହୁଥିଲା। ତା'ର ଆଗେ ଆଗେ ବାଡ଼ି ଧରି ଯିବାପାଇଁ ଜଣେ କୁଜା ମଧ୍ୟ ଥିଲା। ଘୋଷଣା ଶୁଣି ସେ ଦୁହେଁ ଆପଣାମଧ୍ୟରେ ବିଚାର କଲେ– 'ଭାଗ୍ୟବଳରୁ ଯେବେ କନ୍ୟା ମିଳିବାକୁ ଥିବ, ତେବେ ଆମେ ଧେଣ୍ଡୁରା ବନ୍ଦ କରିଦେବା ଉଚିତ। ତାହାହେଲେ ସୁନା ମିଳିବ ଓ ସୁନା ମିଳିଲେ ଆମର ସାରାଜୀବନ ସୁଖରେ କଟିବ। ଆଉ ଏହି କନ୍ୟାର ଦୋଷରୁ ଯେବେ ମରଣ ହୁଏ, ତେବେ ମଧ୍ୟ ଏ ଦାରିଦ୍ର୍ୟ କଷ୍ଟରୁ ମୁକ୍ତି ମିଳିଯିବ। କଥିତ ଅଛି–

ଲଜ୍ଜା ସ୍ନେହଃ ସ୍ୱରମଧୁରତା ବୁଦ୍ଧୟୋ ଯୌବନଶ୍ରୀଃ
କାନ୍ତାସଙ୍ଗଃ ସ୍ୱଜନମମତା ଦୁଃଖହାନିର୍ବିଳାସଃ।
ଧର୍ମଂ ଶାସ୍ତ୍ରଂ ସୁରଗୁରୁମତିଃ ଶୌଚ଼ମାଚାରଚିନ୍ତା
ପୂର୍ଣ୍ଣେ ସର୍ବେ ଜଠରପିଠରେ ପ୍ରାଣିନାଂ ସମ୍ଭବନ୍ତି॥ ୮୯ ॥

ଲଜ୍ଜା, ସ୍ନେହ, ଭାଷାର ମଧୁରତା, ବୁଦ୍ଧି, ବଳ, ସ୍ତ୍ରୀସଂଗ, ନିଜର ପ୍ରିୟ, ଦୁଃଖର ହାନି, ବିଳାସ, ଧର୍ମ, ସ୍ୱାସ୍ଥ୍ୟ, ବୃହସ୍ପତିଙ୍କ ସଦୃଶ ଜ୍ଞାନ, ପବିତ୍ରତା ଓ ଆଚାରବିଚାର– ଏସବୁ କଥା ଉଦର ଅନ୍ନପୂର୍ଣ୍ଣ ଥିଲେହିଁ ସମ୍ଭବ ହୋଇଥାଏ। ୮୯। ଏହା ବିଚାରି ଅନ୍ଧ ଧେଣ୍ଡୁରାବାଲାକୁ ଅଟକାଇ କହିଲା, ''ରାଜା ଯେବେ ଦିଅନ୍ତି, ତେବେ ମୁଁ ରାଜକନ୍ୟା ତ୍ରିସ୍ତନୀକୁ ବିବାହ କରିବି।''

ତହୁଁ ରାଜକର୍ମଚାରୀମାନେ ଯାଇ ରାଜାଙ୍କୁ କହିଲେ, ''ମହାରାଜ, ଜଣେ କିଏ ଅନ୍ଧ ଧେଣ୍ଡୁରା ବନ୍ଦ କରାଇଅଛି। ଏ ବିଷୟରେ କଅଣ କରିବାକୁ ହେବ?'' ରାଜା କହିଲେ–

ଅନ୍ଧୋ ବା ବଧିରୋ ବାପି କୁଷ୍ଠୀ ବାପ୍ୟନ୍ତ୍ୟଜୋଽପି ବା।
ପ୍ରତିଗୃହ୍ଣାତୁ ତାଂ କନ୍ୟାଂ ସଲକ୍ଷାଂ ସ୍ୟାଦ୍ ବିଦେଶଜଃ॥ ୯୦ ॥

''ଅନ୍ଧ, ବଧିର, କୁଷ୍ଠୀ, ଅନ୍ତ୍ୟଜ ଯେ କେହି ହୋଇଥାଉ, ସେ ବିଦେଶ ଯିବାକୁ ପ୍ରସ୍ତୁତ ଥିଲେ, ଏକଲକ୍ଷ ସ୍ୱର୍ଣ୍ଣ ମୁଦ୍ରା ସହିତ ଏହି କନ୍ୟାକୁ ଗ୍ରହଣ କରିପାରେ। ୯୦।

ରାଜାଙ୍କ ଆଦେଶ ଅନୁସାରେ ରାଜପୁରୁଷମାନେ ତ୍ରିସ୍ତନୀ ନଦୀ କୂଳରେ ନେଇ, ଏକଲକ୍ଷ ସ୍ୱର୍ଣ୍ଣମୁଦ୍ରା ସହିତ ତାକୁ ଅନ୍ଧହସ୍ତରେ ଦେଇ ଓ ନୌକା ଉପରେ ବସାଇ ନାବିକମାନଙ୍କୁ କହିଲେ, ''ଆରେ, ଏ ସପତ୍ନୀକ ଅନ୍ଧ ଓ କୁଜାକୁ ଏ ଦେଶର ବାହାରକୁ ନେଇ କୌଣସି ନଗରରେ ଛାଡ଼ିଦେଇ ଆସ।''

ଏହା କରାଯିବା ପରେ ତିନିଜଣଯାକ ବିଦେଶରେ ପହଞ୍ଚି ନାବିକମାନଙ୍କ ଉପଦେଶମତେ କୌଣସି ନଗରରେ ଘର କ୍ରୟକରି ସୁଖରେ ବାସକରିବାକୁ ଲାଗିଲେ। ଅନ୍ଧ କେବଳ ପଲଙ୍କ ଉପରେ ପଡ଼ିରହିଥାଏ; କୁଜା ଘରର ସବୁ କାମ ଚଳାଉଥାଏ। କିଛି କାଳ ପରେ ତ୍ରିସ୍ତନୀର କୁଜା ସହିତ ସମ୍ବନ୍ଧ ଲାଗିଗଲା। ଅଥବା ଯଥାର୍ଥରେ କଥିତ ଅଛି–

ଯଦି ସ୍ୟାଚ୍ଛୀତଲୋ ବହ୍ନିଶ୍ଚନ୍ଦ୍ରମା ଦହନାତ୍ମକଃ।
ସୁସ୍ୱାଦଃ ସାଗରଃ ସ୍ତ୍ରୀଣାଂ ତତ୍ସତୀତ୍ୱଂ ପ୍ରଜାୟତେ।। ୯୧ ।।

ଅଗ୍ନି ଶୀତଳ ହେଲେ, ଚନ୍ଦ୍ରମା ଉଷ୍ଣ ହେଲେ ସମୁଦ୍ର ଜଳ ମଧୁର ହେଲେ ଅବା ସ୍ତ୍ରୀମାନଙ୍କର ସତୀତ୍ୱ ହୋଇପାରିବ। ୯୧।

ଦିନେ ତ୍ରିସ୍ତନୀ କୁଜାକୁ କହିଲା, ''ହେ ସୁଭଗ! ଯଦି କୌଣସି ଉପାୟରେ ଏ ଅନ୍ଧକୁ ମାରିଦିଅନ୍ତେ, ତେବେ ଆମେ ଦୁହେଁ ସୁଖରେ ଦିନ କଟାଇପାରନ୍ତେ। ତେଣୁ କୌଣସିଠାରୁ କିଛି ବିଷ ସନ୍ଧାନ କର ଯେ ତାକୁ ଖାଇବାକୁ ଦେଇ ସୁଖୀ ହେବା।''

କୁଜା ଏଣେତେଣେ ବୁଲି ବୁଲି ଗୋଟିଏ ମଲା ସାପ ଦେଖିଲା। ଏହାକୁ ଦେଖି କୁଜା ଖୁବ୍ ଆନନ୍ଦିତ ହୋଇ ଘରକୁ ଆଣି ତ୍ରିସ୍ତନୀକୁ କହିଲା, ''ହେ ସୁଭଗେ! ଏଇ କୃଷ୍ଣସର୍ପଟି ମିଳିଲା। ଏହାକୁ ଟିକିଟିକି କରି କାଟି, ଶୁଣ୍ଠି ପ୍ରଭୃତି ମସଲାଦେଇ ରାନ୍ଧି, ମାଛ ବୋଲି କହି ସେ ଅନ୍ଧକୁ ଖାଇବାକୁ ଦିଅ। ତାହାହେଲେ ସେ ତତ୍‌କ୍ଷଣାତ୍ ମରିଯିବ। ମାଛ ତାର ବଡ଼ ପ୍ରିୟ ଖାଦ୍ୟ।'' ଏହା କହି କୁଜା ବାହାରକୁ ଚାଲିଗଲା।

ଘରକାମରେ ବ୍ୟସ୍ତ ହୋଇ ତ୍ରିସ୍ତନୀ ଚୁଲି ଜାଳି ସାପକୁ ଖଣ୍ଡ ଖଣ୍ଡ କରି କାଟି ପାତ୍ରରେ ବସାଇ ଅନ୍ଧକୁ ଅତି ବିନୟରେ କହିଲା, ''ଆର୍ଯ୍ୟପୁତ୍ର! ତୁମେ ବରାବର ମାଛ ମାଗୁଥିଲ। ଆଜି ମୁଁ ତୁମର ମନଲାଖି ମାଛ ଆଣିଛି। ମାଛ ରାନ୍ଧିବାପାଇଁ ଚୁଲି ଉପରେ ବସାଇଛି। ମୁଁ ଘରକାମ କରୁଛି। ଏଥିଭିତରେ ତୁମେ ମାଛକୁ ଭାଜୁଥାଅ।''

ଏହା ଶୁଣି ଅନ୍ଧ ଅତି ଆନନ୍ଦରେ ଓଠକୁ ଜିଭରେ ଚାଟି ଚାଟି ଶୀଘ୍ର ଉଠି କଡ଼େଇରେ ଥିବା ସାପମାଂସକୁ ଭାଜିବାକୁ ଲାଗିଲା। ମାଛ ମନେକରି ସାପମାଂସକୁ ଭାଜିଲାବେଳେ ତାର ବିଷାକ୍ତ ବାଷ୍ପ ଆସି ଅନ୍ଧର ଆଖିରେ ବାଜିଲା ଓ ତା ଆଖିର ପରଳ ତରଳିଗଲା। ଏଥିରେ ତାର ବହୁତ ଉପକାର ହେଲା, ତାର ଦୃଷ୍ଟିଶକ୍ତି ଫେରିଆସିଲା। ଏବେ ସେ ଦେଖିପାରିଲା ଯେ ପାତ୍ରରେ କେବଳ ସାପ ଖଣ୍ଡ ଖଣ୍ଡ ହୋଇ ରହିଛି। ସେ ଭାବିଲା– 'ଆରେ ଏ କି କଥା! ସେ ମୋତେ ମାଛ ବୋଲି କହୁଥିଲା; କିନ୍ତୁ ଏ ତ ଖଣ୍ଡ ଖଣ୍ଡ ସାପ। ଅତଏବ ଏ ତ୍ରିସ୍ତନୀର ଚାଲିଚଳଣ ଉପରେ ଦୃଷ୍ଟି ରଖିବା ଦରକାର। ତାହାହେଲେ ଏ କୁଜା ମୋତେ ମାରିବାର ଚେଷ୍ଟା କରୁଥିଲା କି ଆଉ କେହି କରୁଥିଲା ?'

ଏହିପରି ବିଚାର କରି ଓ ନିଜ ମନକଥା ମନରେ ରଖି ସେ ପୂର୍ବପରି ଅନ୍ଧଭଳି କାମ କରିବାକୁ ଲାଗିଲା। ଏହି ସମୟରେ କୁଜା ନିର୍ଭୟରେ ଘରକୁ ଆସି ତ୍ରିସ୍ତନୀକୁ ଉପଭୋଗ କଲା। ଅନ୍ଧ ଏହା ଦେଖିଲା, କିନ୍ତୁ କୁଜାକୁ ବଧ କରିବାପାଇଁ କୌଣସି ଅସ୍ତ୍ର ପାଇଲା ନାହିଁ। କ୍ରୋଧରେ ଅଧୀର ହୋଇ ଅନ୍ଧ ଚୁଲିମୁଣ୍ଡା ନିଆଁ ପାଖରୁ ଉଠି କୁଜାର ଗୋଡ଼ଦୁଇଟି ଧରିପକାଇଲା ଓ ଖୁବ୍ ଜୋର୍‌ରେ ତାକୁ ନିଜ ମୁଣ୍ଡ ଉପରେ ଘୂରାଇ ଘୂରାଇ ତ୍ରିସ୍ତନୀର ଛାତି ଉପରକୁ ଫିଙ୍ଗିଦେଲା। କୁଜା ତ୍ରିସ୍ତନୀର

ଛାତିରୁ ତଳକୁ ଖସିପଡ଼ିଲାବେଳେ ତାର ତୃତୀୟ ସ୍ତନଟି ଖସିପଡ଼ିଲା। ଆହୁରି ମଧ୍ୟ ଜୋର୍‌ରେ ଘୂରାଇବା ଫଳରେ କୁଜାର କୁଜ ଚାଲିଗଲା।

ଏହି ହେତୁରୁ ମୁଁ କହୁଥିଲି ଅନ୍ଧ, କୁଜା ଓ ତ୍ରିସ୍ତନୀ ରାଜକନ୍ୟା – ଏ ତିନି ଜଣଙ୍କର ଉଦ୍ଦେଶ୍ୟ ଅନୁକୂଳ ଦୈବବଶତଃ ସିଦ୍ଧ ହୋଇଥିଲେହେଁ ଅନ୍ୟାୟ ପନ୍ଥାରେ ହୋଇଥିଲା।

ସୁବର୍ଣ୍ଣସିଦ୍ଧି କହିଲା, ''ମିତ୍ର! ସେକଥା ସତ। ଭାଗ୍ୟ ଅନୁକୂଳ ହୋଇଥିଲେ ସବୁ କାର୍ଯ୍ୟ ସଫଳ ହୁଏ; ତଥାପି ମନୁଷ୍ୟ ସାଧୁ ଲୋକଙ୍କ କଥା ମାନି କାର୍ଯ୍ୟ କରିବା ଉଚିତ। ଯେ ଏପରି କରେ ନାହିଁ, ତାର ତୁମଭଳି ବିନାଶ ହୁଏ। ଆହୁରି ମଧ୍ୟ –

ଏକୋଦରାଃ ପୃଥଗ୍‌ଗ୍ରୀବା ଅନ୍ୟୋନ୍ୟଫଳଭକ୍ଷିଣଃ।
ଅସଂହତା ବିନଶ୍ୟନ୍ତି ଭାରଣ୍ଡା ଇବ ପକ୍ଷିଣଃ॥ ୯୨॥

ଯେଉଁମାନଙ୍କର ଗୋଟିଏ ଉଦର ଓ ପୃଥକ୍ ଗ୍ରୀବା ଥାଏ, ଏବଂ ଗୋଟିଏ ଗ୍ରୀବା ଅନ୍ୟକୁ ଦେବା ଫଳ ଭକ୍ଷଣ କରନ୍ତି, ସେମାନେ ଏକତା ବିନା ଭାରଣ୍ଡପକ୍ଷୀପରି ବିନାଶପ୍ରାପ୍ତ ହୁଅନ୍ତି। ୯୨।

ଚକ୍ରଧର କହିଲା, ''ସେ ଭାରଣ୍ଡପକ୍ଷୀ କଥା କିପରି?'' ସୁବର୍ଣ୍ଣସିଦ୍ଧି କହିଲା –

ଭାରଣ୍ଡପକ୍ଷୀ କଥା

କୌଣସି ସରୋବରରେ ଭାରଣ୍ଡ ନାମରେ ଗୋଟିଏ ପକ୍ଷୀ ଥିଲା। ତାହାର ଗୋଟିଏ ଉଦର ଓ ଦୁଇଟି ମୁଖ ଥିଲା। ଏକଦା ସେ ସମୁଦ୍ରତଟରେ ଭ୍ରମଣ କରୁ କରୁ ତରଙ୍ଗଦ୍ୱାରା ଉତ୍‌କ୍ଷିପ୍ତ ଗୋଟିଏ ଅମୃତତୁଲ୍ୟ ଫଳ ପାଇଲା। ଗୋଟିଏ ମୁଖ ତାହାକୁ ଖାଇ କହିଲା, ''ଅହୋ! ସମୁଦ୍ର ତରଙ୍ଗରେ ଭାସିଆସିଥିବା ଅନେକ ଅମୃତତୁଲ୍ୟ ଫଳ ମୁଁ ଖାଇଅଛି; କିନ୍ତୁ ଏହାର ସ୍ୱାଦ ଅପୂର୍ବ! ଏ କ'ଣ ସ୍ୱର୍ଗର ପାରିଜାତ ବନରେ ହରିଚନ୍ଦନ ବୃକ୍ଷରେ ଫଳିଥିଲା? ଅଥବା ଅବ୍ୟକ୍ତ ବିଧି ଏ ଅମୃତମୟ ଫଳଟିକୁ ପକାଇଦେଇଥିଲେ?''

ସେ ଏହିପରି କହିବାରୁ ଦ୍ୱିତୀୟ ମୁଖଟି କହିଲା, ''ଯଦି ଏପରି ଫଳଟିଏ, ତେବେ ମୋତେ ସେଥିରୁ ଟିକିଏ ଦିଅ ଯେ ଜିହ୍ୱାସୁଖ ଅନୁଭବ କରିବି।'' ଏହା ଶୁଣି ପ୍ରଥମ ମୁଖ ହସି ହସି କହିଲା, ''ଆମ ଦୁହିଁଙ୍କର ଗୋଟିଏ ମାତ୍ର ଉଦର; ତୃପ୍ତି ମଧ୍ୟ ଏକ। ତେଣୁ ପୃଥକ୍ ଭାବରେ ଖାଇବାରେ କି ଲାଭ? ବରଂ ଅବଶିଷ୍ଟ ଅଂଶଦ୍ୱାରା ପ୍ରିୟାକୁ ସନ୍ତୁଷ୍ଟ କରିବା।'' ଏହା କହି ସେ ଅବଶିଷ୍ଟ ଖଣ୍ଡିଏ ଭାରଣ୍ଡୀକୁ ଦେଲା। ସେ ତାହା ଖାଇ ଅତ୍ୟନ୍ତ ଆନନ୍ଦିତ ହୋଇ ପ୍ରଥମ ମୁଖକୁ ଚୁମ୍ବନ ପ୍ରଭୃତି ଦ୍ୱାରା ସମ୍ବର୍ଦ୍ଧନା କରି ଅନେକ ଚାଟୁକଥା କହିଲା। ସେହିଦିନଠାରୁ ଦ୍ୱିତୀୟ ମୁଖ ବ୍ୟଥିତ ଓ ବିଷଣ୍ଣ ହୋଇ ରହିଲା।

ଅନନ୍ତର ଦ୍ୱିତୀୟ ମୁଖ ଦିନେ ଗୋଟିଏ ବିଷଫଳ ପାଇଲା। ତାହାକୁ ଦେଖି ସେ ପ୍ରଥମ ମୁଖକୁ କହିଲା, "ଆରେ ନିଷ୍ଠୁର, ଆରେ ପୁରୁଷାଧମ; ଆରେ ସ୍ୱାର୍ଥପର ! ମୁଁ ଗୋଟିଏ ବିଷଫଳ ପାଇଛି। ତୋ ଅପମାନଯୋଗୁଁ ମୁଁ ଏହାକୁ ଖାଇବି।" ଅପର ମୁଖ କହିଲା, "ଆରେ ମୂର୍ଖ, ତା କରନା। ସେପରି କଲେ ଆମ ଦୁହିଁଙ୍କର ମୃତ୍ୟୁ ଘଟିବ।"

ଅନନ୍ତର ଦ୍ୱିତୀୟ ମୁଖ ଅପମାନରେ ସେହି ଫଳଟିକୁ ଖାଇଦେଲା। ଦୁହିଁଙ୍କର ଯେ ମୃତ୍ୟୁ ଘଟିଲା, ତାହା କହିବା ଅନାବଶ୍ୟକ। ଏହି ହେତୁରୁ ମୁଁ କହୁଥିଲି – 'ଏକୋଦରାଃ ପୃଥଗ୍ରୀବା ଇତ୍ୟାଦି।"

ଚକ୍ରଧର କହିଲା, "ଏହା ସତ କଥା। ତେଣୁ ତୁମେ ଘରକୁ ଯାଅ। କିନ୍ତୁ ଏକାକୀ ଯିବ ନାହିଁ। କଥିତ ଅଛି –

ଏକଃ ସ୍ୱାଦୁ ନ ଭୁଞ୍ଜୀତ ନୈକଃ ସୁପ୍ତେଷୁ ଜାଗୃୟାତ୍।
ଏକୋ ନ ଗଚ୍ଛେଦଧ୍ୱାନଂ ନୈକଶ୍ଚାର୍ଥାନ୍ ପ୍ରଚିନ୍ତୟେତ୍॥ ୯୩॥

ସ୍ୱାଦୁ ପଦାର୍ଥ ଏକାକୀ ଖାଇବ ନାହିଁ, ସମସ୍ତେ ଶୋଇଥିଲେ ଏକାକୀ ଉଠିବ ନାହିଁ, ଏକାକୀ ବାଟ ଚାଲିବ ନାହିଁ ଓ ଏକାକୀ ଧନ ଅର୍ଜନ କରିବାର ଚେଷ୍ଟା କରିବ ନାହିଁ। ୯୩। ପୁଣି –

ଅପି କାପୁରୁଷୋ ମାର୍ଗେ ଦ୍ୱିତୀୟଃ କ୍ଷେମକାରକଃ।
କର୍କଟେନ ଦ୍ୱିତୀୟେନ ଜୀବିତଂ ପରିରକ୍ଷିତମ୍॥ ୯୪॥

ପଥରେ ଜଣେ କାପୁରୁଷ ମଧ୍ୟ ସଙ୍ଗରେ ଥିଲେ ସେ ହିତକାରକ ହୋଇଥାଏ। ଦେଖ, କର୍କଟଟିଏ ସଙ୍ଗରେ ଥିବାରୁ ବ୍ରାହ୍ମଣର ଜୀବନରକ୍ଷା ହୋଇପାରିଥିଲା। ୯୪।

ସୁବର୍ଣ୍ଣସିଦ୍ଧି ପଚାରିଲା – "ସେ ବ୍ରାହ୍ମଣ-କର୍କଟ କଥା କଅଣ ?" ଚକ୍ରଧର କହିଲା –

ବ୍ରାହ୍ମଣ-କର୍କଟକ କଥା

କୌଣସି ନଗରରେ ବ୍ରହ୍ମଦତ୍ତ ନାମରେ ଜଣେ ବ୍ରାହ୍ମଣ ବାସକରୁଥିଲା। କାର୍ଯ୍ୟବଶତଃ ସେ ଗ୍ରାମକୁ ଯିବାକୁ ବାହାରିବାରୁ ତାର ମାଆ କହିଲା, "ବତ୍ସ ! ଏକାକୀ ଯାଉଛୁ କିପରି ? ଜଣେ କେହି ସଙ୍ଗୀର ଅନ୍ୱେଷଣ କର।" ସେ କହିଲା, "ମାଆ, ଭୟ କରନା ! ପଥରେ କୌଣସି ଉପଦ୍ରବ ନାହିଁ। କାର୍ଯ୍ୟବଶରୁ ଏକାକୀ ଯାଉଛି।" ମାଆ ପୁଅର ଏହି ନିଶ୍ଚୟ ଜାଣିପାରି ନିକଟସ୍ଥ ବାପୀରୁ ଗୋଟିଏ କର୍କଟ ଆଣି କହିଲା, "ବତ୍ସ, ଯେବେ ଅବଶ୍ୟ ଯିବାକୁ ହେବ, ତେବେ ଏ କର୍କଟଟି ତୋର ସହାୟ ହେଉ। ତୁ ଏଇଟିକୁ ସଙ୍ଗରେ ନେଇ ଯାଆ।" ବ୍ରାହ୍ମଣ ମାଆର କଥାରେ ତାକୁ ଦୁଇ ହାତରେ ଧରି, କର୍ପୂର ପେଡ଼ିରେ ରଖି ଥଳିରେ ପୂରାଇ ଶୀଘ୍ର ଚାଲିଗଲା। ଯାଉ ଯାଉ ଗ୍ରୀଷ୍ମତାପରେ ସନ୍ତପ୍ତ ହୋଇ ସେ ମାର୍ଗସ୍ଥିତ କୌଣସି ବୃକ୍ଷ ନିକଟରେ

ପହଞ୍ଚି ସେଠାରେ ଶୋଇପଡ଼ିଲା। ଏଥିମଧ୍ୟରେ ଗୋଟିଏ ସର୍ପ ବୃକ୍ଷର କୋଟରରୁ ବାହାରି ତା ପାଖକୁ ଆସିଲା। କର୍ପୂର ଗନ୍ଧ ପ୍ରତି ସହଜାତ ଲୋଭ ହେତୁରୁ ସେ ବ୍ରାହ୍ମଣକୁ ତ୍ୟାଗକରି ବସ୍ତ୍ରକୁ ଚିରି ଭିତରେ ଥିବା କର୍ପୂର ପେଡ଼ିକୁ ଅତି ଲୋଭରେ ଖାଇବାକୁ ଲାଗିଲା। କର୍କଟ ସେହି ପେଡ଼ି ମଧ୍ୟରେ ଥାଇ ସର୍ପର ପ୍ରାଣହରଣ କଲା। ବ୍ରାହ୍ମଣ ଯେତେବେଳେ ନିଦରୁ ଉଠିଲା, ସେତେବେଳେ ଦେଖିଲା ଯେ ତାହା ପାଖରେ କର୍ପୂର ପେଡ଼ି ଉପରେ କୃଷ୍ଣସର୍ପ ମରି ରହିଛି। ତାହାକୁ ଦେଖି ସେ ଚିନ୍ତାକଲା – 'କର୍କଟ ଦ୍ୱାରା ଏହା ନିହତ ହୋଇଅଛି। ଆନନ୍ଦିତ ହୋଇ ସେ କହିଲା, "ଅହୋ ! ମୋର ମାଆ ଠିକ୍ କହିଥିଲା ଯେ ଏକାକୀ ଯିବା ଉଚିତ ନୁହେଁ; ଅନ୍ୟ କାହାରିକୁ ହେଲେ ସଙ୍ଗରେ ନେବା ଉଚିତ। ମୁଁ ଶ୍ରଦ୍ଧାପୂର୍ଣ୍ଣ ହୃଦୟରେ ମାଆର କଥା ମାନିବାରୁ କର୍କଟଦ୍ୱାରା ସର୍ପଦଂଶନଜନିତ ମୃତ୍ୟୁରୁ ରକ୍ଷା ପାଇଲି। ଅଥବା ଯଥାର୍ଥରେ କଥିତ ଅଛି –

କ୍ଷୀଣଃ ସ୍ରବତି ଶଶୀ ରବିବୃଦ୍ଧୌ ବର୍ଦ୍ଧୟତି ପାଥସାଂ ନାଥମ୍।
ଅନ୍ୟେ ବିପଦି ସହାୟା ଧନିନାଂ ଶ୍ରିୟମନୁଭବନ୍ତ୍ୟନ୍ୟେ ।। ୯୫ ।।

ଚନ୍ଦ୍ରର କଳା କ୍ଷୟ ହେଲେ ମଧ୍ୟ ସେ ଅମୃତ ବର୍ଷୁଥାଏ। ସୂର୍ଯ୍ୟଙ୍କ ହେତୁରୁ ତାର କଳା ବୃଦ୍ଧି ହେଲେ ସେ ସମୁଦ୍ରକୁ ବର୍ଦ୍ଧିତ କରାଏ। ନିଜର ବିପତ୍ତିବେଳେ ଅପରକୁ ସାହାଯ୍ୟ କରିବା ଲୋକ ବିରଳ। ଅନ୍ୟ ସାଧାରଣ ଲୋକ ଧନୀମାନଙ୍କର ଧନକୁ ଅନୁଭବ କରିଥାନ୍ତି। (ଅର୍ଥାତ୍ ଚନ୍ଦ୍ର କ୍ଷୀଣ ଅବସ୍ଥାରେ ମଧ୍ୟ ଅମୃତ ବର୍ଷି ଲୋକଙ୍କୁ ଆନନ୍ଦ ଦେଇଥାଏ। କଳାର ବୃଦ୍ଧି ହେଲେ ସେ ସମୁଦ୍ରକୁ ବଢ଼ାଏ। ସେହିପରି ନିଜର ସମ୍ପତ୍ତିରେ ତଥା ବିପତ୍ତିରେ ପରର ସହାୟ ହେବା ଲୋକ ବିରଳ। ଧନୀମାନଙ୍କ ଧନକୁ କେବଳ ଅନ୍ୟ ଲୋକେ ଭୋଗକରିଥାନ୍ତି)। ୯୫।

ମନ୍ତ୍ରେ ତୀର୍ଥେ ଦ୍ୱିଜେ ଦେବେ ଦୈବଜ୍ଞେ ଭେଷଜେ ଗୁରୌ।
ଯାଦୃଶୀ ଭାବନା ଯସ୍ୟ ସିଦ୍ଧିର୍ଭବତି ତାଦୃଶୀ ।। ୯୬ ।।

ମନ୍ତ୍ର, ତୀର୍ଥ, ଦ୍ୱିଜ, ଦେବତା, ଜ୍ୟୋତିଷୀ, ବୈଦ୍ୟ, ଗୁରୁ – ଏମାନଙ୍କଠାରେ ଯାହାର ଯେପରି ଭାବନା ଥାଏ, ସେ ସେହିପରି ସିଦ୍ଧିଲାଭ କରେ। ୯୬। ଏହା କହି ସେ ବ୍ରାହ୍ମଣ ନିଜର ଅଭିପ୍ରେତ ସ୍ଥାନକୁ ଗଲା।

ଏଣୁ ମୁଁ କହୁଥିଲି – 'ଅତିକାପୁରୁଷୋ ମାର୍ଗେ . . .' ଇତ୍ୟାଦି।

ଏହା ଶୁଣି ସୁବର୍ଣ୍ଣସିଦ୍ଧି ଚକ୍ରଧରଠାରୁ ବିଦାୟ ମାଗି ନିଜ ଘରକୁ ଫେରିଗଲା।

[ଇତି ଶ୍ରୀ ବିଷ୍ଣୁଶର୍ମାବିରଚିତେ ପଞ୍ଚତନ୍ତ୍ରେ ଅପରୀକ୍ଷିତକାରକଂ ନାମ ପଞ୍ଚମଂ ତନ୍ତ୍ରଂ ସମାପ୍ତମ୍।]

□ □ □